ମୋ ଜୀବନ କାହାଣୀ

ମୋରାରଜୀ ଦେସାଇ

(ପ୍ରଥମ ଭାଗ)

Digitized by srujanika@gmail.com

Vol. I : Rs.100
Vol. II : Rs.150
Set : Rs.250

© Navajivan Trust, 2003

MO JIBANA KAHANI
(An Autobiography)

Author
Morarji Desai
Oriya Translator
Bichitrananda Parida

First Edition, 750 Copies, November 2003

ISBN 81-7229-334-8 (set)

Printed and Published by
Jitendra T. Desai
Navajivan Mudranalaya
Ahmedabad-380 014
(INDIA)

Digitized by srujanika@gmail.com

Digitized by srujanika@gmail.com

ମୁଖବନ୍ଧ

ବ୍ରିଟିଶ ସରକାରଙ୍କ ଚାକିରୀରୁ ଇସ୍ତଫା ଦେଇ ମୁଁ ଯେତେବେଳେ କଂଗ୍ରେସରେ ଯୋଗଦେଲି, ସେତେବେଳେ ନିଷ୍ପତ୍ତି ନେଇଥିଲି ଯେ ଆଉ ପଇସା ରୋଜଗାର ପାଇଁ କୌଣସି ଚାକିରୀ କରିବି ନାହିଁ । ଦୀର୍ଘ ୧୨ ବର୍ଷ କାଳ ବିଦେଶୀ ସରକାର ଅଧୀନରେ କାମକରି ମୁଁ ଦେଶର ଯେଉଁ ଅପକାର କଲି ତାହାର ପ୍ରାୟଶ୍ଚିତ୍ତ ସ୍ୱରୂପ ଜୀବନର ଅବଶିଷ୍ଟ ସମୟ ଦେଶ ଓ ଦେଶବାସୀଙ୍କ ସେବାରେ କଟାଇବି । ମୁଁ ସଂକଳ୍ପ କଲି ଯେ ଏ ପୃଥିବୀରେ କେବଳ ନିଜ ସ୍ୱାର୍ଥ ପାଇଁ କୌଣସି କାମ କରିବି ନାହିଁ ।

ଭାରତରେ ସ୍ୱତନ୍ତ୍ରତା ଆନ୍ଦୋଳନ ପୂରା ଦମ୍‌ରେ ଚାଲୁଥିଲା । ଅତଃ ମୁଁ ସଂଗେ ସଂଗେ ଏଥିରେ ଯୋଗଦେଲି । ଏହି ପରିପ୍ରେକ୍ଷୀରେ ୧୯୩୨-୩୩ରେ ମୋତେ ନାସିକ୍ ଜେଲରେ ରହିବାକୁ ପଡିଲା । ଜେଲ୍‌ରେ ଥିବା ବେଳେ ମୁଁ ବହୁତ ଚିନ୍ତା କଲି -- ମୋତେ କ'ଣ କରିବାକୁ ହେବ, କ'ଣ ନ କରିବାକୁ ହେବ । ମୁଁ ହୃଦୟଙ୍ଗମ କଲି ଯେ ଆମ ଦେଶରେ ନାରୀ ଶିକ୍ଷାର ପ୍ରସାର ପାଇଁ ଏକ ଜାଗରଣର ଆବଶ୍ୟକତା ଅଛି । ତେଣୁ ମୁଁ ବିଚାର କଲି ଯେ ଏଥିପାଇଁ ଗୋଟିଏ ଅନୁଷ୍ଠାନ ସ୍ଥାପନ କରିବାକୁ ପଡିବ ଏବଂ ସେଥିରେ ମୋତେ କାମ କରିବାକୁ ପଡିବ । କିନ୍ତୁ ଜଣେ ଯେତେବେଳେ ନୂଆ ସଂସ୍ଥାଟିଏ ଗଠନ କରେ, ତା'କୁ ଚଳାଇବା ପାଇଁ ସମଭାବସମ୍ପନ୍ନ ବ୍ୟକ୍ତି ସଦାବେଳେ ମିଳିବା ସମ୍ଭବ ନୁହେଁ । ଏପରି ଅବସ୍ଥା ମୁଁ ଅନ୍ୟ ଅନୁଷ୍ଠାନମାନଙ୍କରେ ଆଗରୁ ଦେଖିଛି । ନିଜେ ଅନୁଷ୍ଠାନଟିଏ ଗଢ଼ିଲେ, ଏହା ସ୍ୱାଭାବିକ ଯେ ନିଜକୁ ସେଥିରେ ସମର୍ପଣ କରି ଏପରି ଅନୁଗତ ହୋଇଯିବି ଯେ ସେ ସଂସ୍ଥା ଛାଡି ଅନ୍ୟତ୍ର ଯିବା କଷ୍ଟକର ହୋଇପଡିବ । ସତ୍ୟ ସହିତ ମେଳ ଖାଉନଥିବା ଅନେକ ଗୁଡିଏ ବିଷୟରେ ନିଜକୁ ବୁଝାମଣା କରିବାକୁ ପଡିବ । ତେଣୁ ମୁଁ ଅନୁଭବ କଲି ଯେ, ଏପରି କାର୍ଯ୍ୟ କରିବି ଯେଉଁଥିରେ ଏପରି ଆନୁଗତ୍ୟ ଭାବ ଜାତହେବ ନାହିଁ । ମୁଁ ନିଷ୍ପତ୍ତି ନେଲି -- ନିଜେ ସଂସ୍ଥାଟିଏ ଗଢ଼ିବି ନାହିଁ । କିନ୍ତୁ ଗୋଟିଏ ସୁପ୍ରତିଷ୍ଠିତ ଅନୁଷ୍ଠାନକୁ ମୋର ସକ୍ଷମ ଅନୁସାରେ ସାହାଯ୍ୟ କରିବି । ଏହା କୌଣସି ନିର୍ଦ୍ଦିଷ୍ଟ ଅନୁଷ୍ଠାନ ସହିତ ସମ୍ପୂର୍ଣ୍ଣ ଆନୁଗତ୍ୟରୁ ଦୂରରେ ରହିବାକୁ ମୋତେ ସାହାଯ୍ୟ କରିବ ।

ସେହି ସମୟରେ ବହି ଓ ପ୍ରବନ୍ଧ ଲେଖିବା ବିଷୟରେ ମଧ୍ୟ ମୁଁ ଗଭୀର ଚିନ୍ତା କରିଥିଲି । ଅବଶ୍ୟ ସେ ପର୍ଯ୍ୟନ୍ତ ମୁଁ କେବେ ଲେଖାଲେଖି କରି ନଥିଲି । ଚାକିରୀ କାଳରେ କେବଳ ରିପୋର୍ଟ ଲେଖିବା ଓ ସରକାରୀ ଚିଠି ଲେଖିବାର ଅଭ୍ୟାସ ତଥା ଅଭିଜ୍ଞତା ମୋର ଥିଲା । ଏହାକୁ "ଲେଖାଲେଖି" କାର୍ଯ୍ୟ ବୋଲି କୁହାଯାଇ ନପାରେ । ମୋର ମଧ୍ୟ ଲେଖାଲେଖି କାର୍ଯ୍ୟ ପ୍ରତି ଆଗ୍ରହ ନଥିଲା । ମୁଁ କେବେ ଖବରକାଗଜ ବା ମାଗାଜିନ୍ ପାଇଁ ଲେଖି ନଥିଲି । କିନ୍ତୁ ଚାକିରୀ ଜୀବନରେ ବିଶେଷତଃ ପ୍ରାରମ୍ଭିକ ସମୟରେ ମୋର କେତେକ ଅଭିନବ ଅନୁଭୂତି ଥିଲା, ଯାହା ଏକ ସୁନ୍ଦର ଜୀବନଯାପନ ପାଇଁ ପ୍ରେରଣାର ଉତ୍ସ ହୋଇପାରେ । ମୁଁ ଭାବିଲି ସେହି ବିଷୟରେ ଯଦି କିଛି ଲେଖେ, ଅନ୍ୟମାନେ ସେଥିରୁ ଉପକୃତ ହୋଇ ପାରନ୍ତି । ତଥାପି ମଧ୍ୟ ଭୟ ଥିଲା ଯେ ଏପରି ଲେଖା ମନରେ ଅହଂ ଭାବ ସୃଷ୍ଟି କରିପାରେ । ଚିଠିପତ୍ର ନିୟମିତଭାବେ ସଜାଡି ରଖିବା ବା ଡାଇରୀ ଲେଖିବାରେ ମୁଁ ଅଭ୍ୟସ୍ତ ନଥିଲି । ଏତଦ୍‌ଭିନ୍ନ ମୋର ଧାରଣା ଥିଲା ଯେ ଏହା ଏକ ବନ୍ଧନ ସୃଷ୍ଟି ହୁଏ । ଏପରି ବନ୍ଧନରୁ ମୁକ୍ତ ରହିବା ପାଇଁ ମୁଁ କୌଣସି ଚିଠି ବା କାଗଜପତ୍ର ସାଇତି ରଖୁନଥିଲି । କାମ ଶେଷ ହେବା ସାଙ୍ଗେ ସାଙ୍ଗେ ସେସବୁ ମୁଁ ଚିରି ନଷ୍ଟ କରିଦେଉଥିଲି । ଯଦି ମୋତେ ସେ ବିଷୟରେ ପରେ କେବେ କିଛି ଲେଖିବାକୁ ପଡୁଥିଲା, ମୁଁ କେବଳ ମୋର ସ୍ମୃତି ଉପରେ ନିର୍ଭର କରୁଥିଲି ।

ଆଉ ଗୋଟିଏ କଥା । ନିଜର ଅନୁଭୂତିରେ ଆଧାରିତ ଲେଖା ଲେଖିଲେ ଅନ୍ୟ ବ୍ୟକ୍ତିବିଶେଷଙ୍କ ଉପରେ ମଧ୍ୟ ଲେଖିବାକୁ ପଡିବ । ଯଦି ତାହା କରେ, ଜାଣତରେ ବା ଅଜାଣତରେ, ମୁଁ ସେମାନଙ୍କ ପ୍ରତି

Digitized by srujanika@gmail.com

ଅନ୍ୟାୟ ବି କରିପାରେ । କାରଣ ମୁଁ ତାଙ୍କ ପ୍ରତି ମୋର ଆଦର ଓ ଅନାଦର ଭାବ ମଧ୍ୟ ପ୍ରକାଶ କରିବି । ତେଣୁ ମୁଁ ନିଜର ଜୀବନୀ ଲେଖିବି ନାହିଁ ବୋଲି ସ୍ଥିର କରିଥିଲି ।

ଏହାପରେ ମୁଁ ନାନାଦି ଅନୁଭୂତି ମଧ୍ୟଦେଇ ଗତିକଲି । ସାର୍ବଜନୀକ ଜୀବନରେ ମୁଁ ବିବାଦୀୟ ଚର୍ଚ୍ଚାର ବିଷୟ ମଧ୍ୟ ହେଲି । ଏହା ଆତ୍ମଜୀବନୀ ନଲେଖିବାର ନିଷ୍ପତ୍ତିକୁ ଆହୁରି ଦୃଢ଼ୀଭୂତ କଲା । ''କାମରାଜ ଯୋଜନା'' କାର୍ଯ୍ୟକାରୀ ହେବାପରେ, ଅନେକ ବଂଧୁ ମୋର ଅନୁଭୂତି ଉପରେ ଆଧାରିତ ଗୋଟିଏ ବହି ପ୍ରକାଶ କରିବାକୁ ମୋତେ ଉତ୍ସାହିତ କଲେ । କାରଣ, ସେମାନେ କହିଲେ, ଏପରି ବହି ଅନେକଙ୍କୁ ସାର୍ବଜନୀକ ଜୀବନରେ ସହାୟକ ହେବ । ସେପରି ପୁସ୍ତକ ଅନେକଙ୍କୁ ତଥ୍ୟ ତଥା ସୂଚନା ଯୋଗାଇ ଦେବ ଓ ତଦ୍ୱାରା ମୁଁ ବହୁତ ଲୋକଙ୍କ ସେବାରେ ଆସିବି । ମୋର ଅନେକ ବନ୍ଧୁ ମୋତେ ବାରମ୍ବାର କହି ମୋ ଉପରେ ଏକ ପ୍ରକାର ଚାପ ପକାଇଲେ । କିନ୍ତୁ ମୁଁ ଅଟଳ ରହିଲି ।

୧୯୬୬ ମସିହାରେ ପ୍ରଶାସନିକ ସୁଧାର କମିଟି (ଆଡ୍‌ମିନିଷ୍ଟ୍ରେଟିଭ୍ ରିଫର୍ମସ୍ କମିଟି) ଅଧ୍ୟକ୍ଷ ଭାବରେ ନିଯୁକ୍ତି ପାଇଲି । ସେତେବେଳେ ମୋର ଅନେକ ବଂଧୁ ଅଧିକ ଚାପ ପ୍ରୟୋଗ କଲେ । ସେମାନେ ଯୁକ୍ତି କଲେ ମୋ ଜୀବନରେ ଘଟଣା ଓ ଅନୁଭୂତି ଏପରି ଉପାଦେୟ ଯେ ଏହା ପ୍ରକାଶିତ ହେଲେ ଅନେକଙ୍କର କାମରେ ଆସିବ । ଯଦି ମୁଁ ସର୍ବସାଧାରଣଙ୍କ ପାଇଁ ଏହା ପ୍ରକାଶ ନକରେ, ତେବେ ଏହା ମୋର୍ ଜୀବନର ଆଦର୍ଶ ଜନସାଧାରଣଙ୍କ ସେବାର ଅନ୍ତରାୟ ହେବ । ଯଦିଓ ଏପରି ଯୁକ୍ତି କୌଣସି ବଳିଷ୍ଠ ନୀତି ଉପରେ ଆଧାରିତ ବୋଲି ମୁଁ ବିଚାର କରୁନଥିଲି, ମୋର ସଂକଳ୍ପ ସାମାନ୍ୟ ବାଧାପ୍ରାପ୍ତ ହୋଇଥିଲା; ମୁଁ ଏହା ମଧ୍ୟ ବିଚାର କରିବାକୁ ଲାଗିଲି ଯେ ମୋ ଅନୁଭୂତି ଅନେକଙ୍କୁ ସେମାନଙ୍କର କର୍ମ ଜୀବନରେ ନିଷ୍ପତ୍ତି ନେବାରେ ସହାୟକ ହେବ । ମୁଁ ମୋ ଲେଖା ଦ୍ୱାରା ଜନତାର ସେବା କରିପାରିବି । କିନ୍ତୁ ଏହା ଦ୍ୱାରା ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିବି ନାହିଁ । ଏପରି ପ୍ରକାଶନରୁ ଅର୍ଜିତ ଅର୍ଥ ଜନସେବାରେ ଖର୍ଚ୍ଚ ହେଲେ ମୁଁ ନିଜକୁ ଲୋଭରୁ ବଞ୍ଚାଇ ପାରିବି ।

ଦୀର୍ଘଦିନ ଧରି ଏ ବିଷୟରେ ଚିନ୍ତା କଲାପରେ, ମୁଁ ନିଷ୍ପତ୍ତି ନେଲି ଯେ ମୁଁ ଏ ପୁସ୍ତକରେ କେବଳ ସେହି ବିଷୟ, ଘଟଣା ଓ ଅନୁଭୂତିର ବର୍ଣ୍ଣନା କରିବି ଯାହା ମୋର ସଂପୂର୍ଣ୍ଣ ଭାବରେ ମନେଥିବ ଏବଂ ଯେଉଁ ବିଷୟରେ ସାମାନ୍ୟତମ ଭୁଲ ହେବାର ସମ୍ଭାବନା ନଥିବ । ଏପରି ବିଚାର କରିବାର ଆବଶ୍ୟକତା ଥିଲା -- କାରଣ ଅନ୍ୟଥା ମୁଁ କେବଳ ମୋ ନିଜର ପ୍ରଶଂସା ବୟାନ କରିବାରେ ଲାଗିଥାନ୍ତି ।

ଏପରି ନିର୍ଣ୍ଣୟ ନେଲାପରେ ୧୯୬୬ ସେପ୍ଟେମ୍ବର ମାସରୁ ମୁଁ ଲେଖା ଆରଂଭ କଲି । ଅନ୍ୟ କାର୍ଯ୍ୟକୁ ପଛରେ ପକାଇ କେବଳ ବହି ଲେଖିବାରେ ସମୟ ଦେବାକୁ ମୁଁ ଚାହୁଁ ନଥିଲି । ପ୍ରତ୍ୟେକ ଦିନ କେବଳ ଘଣ୍ଟାକରୁ ବେଶି ସମୟ ମୁଁ ଏଥିପାଇଁ ବିନିଯୋଗ କରିପାରୁ ନଥିଲି କାରଣ ଲେଖିବାର ମାତ୍ର ୧୫ ଦିନ ପରେ ମୁଁ ନିର୍ବାଚନ କାମରେ ଏପରି ବ୍ୟସ୍ତ ରହିଲି ଯେ ଏହି ଲେଖା କାର୍ଯ୍ୟ ପ୍ରାୟତଃ ବନ୍ଦ ହୋଇଗଲା । ନିର୍ବାଚନ ପରେ ମୁଁ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଯୋଗଦେଲି । କାମ ବଢ଼ିଲା ! ବହିଲେଖା ପାଇଁ ସମୟ ବାହାର କରିବା ଆହୁରି ଅଧିକ କଷ୍ଟକର ହେଲା । କିନ୍ତୁ ମୋତେ ଯେତେବେଳେ ସମୟ ମିଳୁଥିଲା ମୋ ଅନୁଭୂତି ମନେପକାଇ ମୁଁ ବହି ଲେଖିବା କାମକୁ ଚାଲୁ ରଖିଲି । ଫେବୃଆରୀ ୧୯୭୦ ମସିହାରେ ବହି ଲେଖା କାମ ଶେଷ ହେଲା ।

ଅନେକ ଲୋକ ମୋ ଅଭିଜ୍ଞତାର ଭାଗୀଦାର ହୋଇଛନ୍ତି । ଦୁଃସାହସିକ ପଦକ୍ଷେପ ନେଇ ସହଜରେ ନିର୍ଣ୍ଣୟ ନେବା ପଛରେ ରହିଛି ମୋର ପିଲାଦିନୁ ଈଶ୍ୱରଙ୍କ ଉପରେ ଦୃଢ଼ ବିଶ୍ୱାସ । ମୋତେ ୨୫-୨୬ ବର୍ଷ ହେଲାବେଳକୁ ଭଗବାନଙ୍କ ଉପରେ ବିଶ୍ୱାସ ମୋର ପ୍ରବୃତ୍ତିଗତ ହୋଇଯାଇଥିଲା । ପରେ ଜୀବନର ଅଭିଜ୍ଞତା ଦ୍ୱାରା ଏହା ଦୃଢ଼ୀଭୂତ ହେଲା । ଏଥିରୁ ମୋର ହୃଦବୋଧ ହୋଇଥିଲା ଯେ ଈଶ୍ୱରଙ୍କ ଆଇନାନୁସାରେ ଯାହା

Digitized by srujanika@gmail.com

ଘଟେ ତାକୁ କେହି ବନ୍ଦ କରି ପାରିବେ ନାହିଁ । ଜଣଙ୍କ ଜୀବନରେ, ଯାହା ଘଟେ ତାହା ତା'ର ପୂର୍ବ କର୍ମର ଫଳ । ନିଜର ପୂର୍ବ କର୍ମ ନିର୍ଦ୍ଧାରିତ ଫଳ ମଣିଷକୁ ଭୋଗିବାକୁ ହୁଏ । ଯେଉଁ ବ୍ୟକ୍ତି ନିଜର କର୍ମ ଫଳକୁ ଆନନ୍ଦର ସହିତ ଗ୍ରହଣ କରେ ସେ, ବିପଦରୁ ଖସିଯିବା ପାଇଁ କୌଣସି ଚେଷ୍ଟା କରିବା ଉଚିତ୍ ନୁହେଁ । ଭଗବାନଙ୍କ ଉପରେ ବିଶ୍ୱାସ ଥିଲେ ଜଣେ ଅତ୍ୟନ୍ତ ଦୁରୂହ ପରିସ୍ଥିତିରେ ପ୍ରଫୁଲ୍ଲ ଓ ଶାନ୍ତ ରହେ । ଏହାର ଫଳସ୍ୱରୂପ ସେ ଅଧିକ ଶକ୍ତି ଲାଭ କରେ ଓ ତା'ର ଜୀବନ ସମୃଦ୍ଧ ହୁଏ । ସେ ମଧ୍ୟ ଅନ୍ୟମାନଙ୍କର ସହାୟକ ହେବାକୁ ପ୍ରେରଣା ପାଏ ।

ମୋର ଅଭିଜ୍ଞତା ସମୂହରୁ ଜଣେ ବିଭ୍ରାନ୍ତ ପାଠକ କିଛି ଉପଦେଶ ପାଇପାରିବ ବୋଲି ଅନୁଭବ କରି, ଏହାକୁ ଲିପିବଦ୍ଧ କରିବା ମୋର କର୍ତ୍ତବ୍ୟ ଭାବି, ଆତ୍ମଜୀବନୀ ଲେଖିବାକୁ ମୁଁ ପ୍ରୟାସ କରିଛି ।

ବମ୍ବେ,

ଏପ୍ରିଲ ୧୯୭୨ ମୋରାରଜୀ ଦେସାଇ

Digitized by srujanika@gmail.com

Digitized by srujanika@gmail.com

ଲେଖକଙ୍କ ସହିତ ଅନୁବାଦକ
ତା ୦୮-୧୨-୧୯୮୫

ଭାଷାନ୍ତର

ଏହି ପୁସ୍ତକ ଓଡ଼ିଆରେ ଅନୁବାଦ କରିବାର ମୋର ଏକମାତ୍ର ଉଦ୍ଦେଶ୍ୟ ହେଲା ଭାରତମାତାଙ୍କର ଏହି ବରେଣ୍ୟ ବରପୁତ୍ର, ଜାତି ପିତା ମହାତ୍ମାଗାନ୍ଧୀଙ୍କର ଅହିଂସା ଓ ସତ୍ୟାଗ୍ରହର ପ୍ରକୃଷ୍ଟ ନିଷ୍ଠାପର ଉପାସକ ତଥା ଭାରତର ଜଣେ ପ୍ରଧାନମନ୍ତ୍ରୀଙ୍କର ମହନୀୟ ବ୍ୟକ୍ତିତ୍ୱ ଓଡ଼ିଆ ପାଠକ, ପାଠିକାମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବା ।

ଅନୁବାଦରେ ଅନେକ ତ୍ରୁଟି ଥାଇପାରେ । ଏଣୁ ପାଠକ, ପାଠିକାମାନଙ୍କୁ ସବିନୟ ଅନୁରୋଧ ଅନୁଗ୍ରହ ପୂର୍ବକ ସମସ୍ତ ଭୁଲ କ୍ଷମା କରିବେ ।

ବିଚିତ୍ରାନନ୍ଦ ପରିଡ଼ା
ଅନୁବାଦକ

Digitized by srujanika@gmail.com

Digitized by srujanika@gmail.com

ସୂଚୀପତ୍ର

୧.	ମୋ ବାଲ୍ୟ ଜୀବନ	1
୨.	କଲେଜ ଜୀବନ	11
୩.	ବିଶ୍ୱବିଦ୍ୟାଳୟ ପ୍ରଶିକ୍ଷଣ ବାହିନୀ	21
୪.	ଅହମଦାବାଦରେ ଡେପୁଟୀ କଲେକ୍ଟର	25
୫.	ଥାନାରେ ଡେପୁଟୀ କଲେକ୍ଟର	29
୬.	ବରୁଚରେ ତାଲୁକା ଅଫିସର୍	37
୭.	ପଞ୍ଚମହଲରେ	47
୮.	ସରକାରୀ ଚାକିରି ତ୍ୟାଗ	64
୯.	ସ୍ୱାଧୀନତା ସଂଗ୍ରାମରେ	74
୧୦.	ଗୁଜରାଟ କଂଗ୍ରେସ କମିଟିର ସମ୍ପାଦକ	80
୧୧.	ଦ୍ୱିତୀୟ ଓ ତୃତୀୟଥର ଜେଲ୍‌ରେ	89
୧୨.	ସୋସିଆଲିଷ୍ଟ ଗ୍ରୁପ୍‌ର ଜନ୍ମ	102
୧୩.	ଗୁଜରାଟ କଂଗ୍ରେସ ସଂଗଠନ	106
୧୪.	ଶ୍ରୀ ଅରବିନ୍ଦ ଓ ରମଣା ମହର୍ଷି	110
୧୫.	ବାପୁଙ୍କ ସହିତ ସୈଦ୍ଧାନ୍ତିକ ଚର୍ଚ୍ଚା	116
୧୬.	ଜବାହରଲାଲଜୀଙ୍କ ସହିତ ପ୍ରଥମ ପରିଚୟ	120
୧୭.	ପ୍ରଥମ ନିର୍ବାଚନ ଅଭିଯାନ	122
୧୮.	ଖେରଙ୍କ ମନ୍ତ୍ରୀମଣ୍ଡଳରେ	[illegible]7
୧୯.	ବାଜ୍ୟାପ୍ତ ହୋଇଥିବା ଜମିର ସମସ୍ୟା	137
୨୦.	ମଧ୍ୟବର୍ତ୍ତୀ ସମୟ	147
୨୧.	ବ୍ୟକ୍ତିଗତ ସତ୍ୟାଗ୍ରହ ଓ ଚତୁର୍ଥ ଜେଲ ଯାତ୍ରା	150
୨୨.	ଶେଷ ଲଢ଼ାଇ ପାଇଁ ପ୍ରସ୍ତୁତି	153
୨୩.	ଭାରତଛାଡ଼ ଆନ୍ଦୋଳନ	159
୨୪.	ଖେରଙ୍କ ଦ୍ୱିତୀୟ ମନ୍ତ୍ରୀମଣ୍ଡଳ	168
୨୫.	୧୯୪୬ ସେପ୍ଟେମ୍ବର ମାସରେ ସାମ୍ପ୍ରଦାୟିକ ଦଙ୍ଗା	176
୨୬.	ହୋମ ଗାର୍ଡର ଜନ୍ମ	183
୨୭.	ଗୁଜରାଟ ବିଦ୍ୟାପୀଠର ପୁନର୍ଗଠନ	186
୨୮.	ଭ୍ରଷ୍ଟାଚାର ବିରୋଧୀ ଅଭିଯାନ	189
୨୯.	ଗୁଜରାଟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା	199
୩୦.	ନିଶା ନିବାରଣ ଓ ଅସ୍ପୃଶ୍ୟତା ଅପସାରଣ	201
୩୧.	ବସ୍ ଜାତୀୟକରଣ	203
୩୨.	ଜନଜାତି କଲ୍ୟାଣ	205

Digitized by srujanika@gmail.com

୩୩. ସ୍ୱତନ୍ତ୍ରତାର ଉଦୟ ଓ ରାଜାମାନଙ୍କ ରାଜ୍ୟର ମିଶ୍ରଣ 207
୩୪. ଗାନ୍ଧିଜୀଙ୍କ ହତ୍ୟା 213
୩୫. ମୋ ଦୃଷ୍ଟିରେ ମହାତ୍ମାଗାନ୍ଧୀ 217
୩୬. ଦୁର୍ଭିକ୍ଷର ପ୍ରତିକାର ଏବଂ ଅନ୍ୟ ବିଷୟବସ୍ତୁ 222
୩୭. ଜନାଭିମୁଖୀ ପ୍ରଶାସନ 225
୩୮. ଭାରତୀୟ ଗଣତାନ୍ତ୍ରିକ ସମ୍ବିଧାନ 229
୩୯. ସର୍ଦ୍ଦାର ପଟେଲଙ୍କ ଶରୀର ତ୍ୟାଗ 232
୪୦. ମୁଁ ମୋଦୃଷ୍ଟିରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ 236

Digitized by srujanika@gmail.com

(୧) ମୋ ବାଲ୍ୟ ଜୀବନ

ମୁଁ, ୧୮୯୬ ମସିହା ଫେବୃୟାରୀ ମାସ ୨୯ ତାରିଖରେ ଭଦେଲୀ ନାମକ ଏକ ଛୋଟ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲି । ଏ ଗ୍ରାମଟି ବର୍ତ୍ତମାନ ଗୁଜରାଟ ରାଜ୍ୟର ଦକ୍ଷିଣତମ ଭାଗରେ ବଲସାର୍ ଜିଲାର ସଦର ମହକୁମାଠାରୁ ତିନି ମାଇଲ ଦୂରରେ ଅବସ୍ଥିତ । କିନ୍ତୁ ମୁଁ ଯେତେବେଳେ ଜନ୍ମ ହୋଇଥିଲି ଏହା ବିଶାଳ ସୁରତ ଜିଲା ଅନ୍ତର୍ଭୁକ୍ତ ଥିଲା । ଅନାବିଲ୍ ବ୍ରାହ୍ମଣମାନେ କେବଳ ଏଇ ବିଶାଳ ସୁରତ ଜିଲାରେ ରହୁଥିଲେ । ଅବଶ୍ୟ, ବର୍ତ୍ତମାନ ଅନେକ ଅନାବିଲ୍ ବ୍ରାହ୍ମଣ ବ୍ୟବସାୟ ବା ଅନ୍ୟାନ୍ୟ କାରଣ ଯୋଗୁ ଏଇ ଜିଲା ବାହାରେ ରହୁଛନ୍ତି । ଏଇ ଜାତିର ଲୋକମାନେ ଚାଷ କରନ୍ତି ବା ସରକାରୀ ଚାକିରି କରନ୍ତି । ଅନାବିଲ୍ ବ୍ରାହ୍ମଣମାନେ ସ୍ପଷ୍ଟବାଦୀତା, ସାମାନ୍ୟ ଉଗ୍ରସ୍ୱଭାବ ଓ ସ୍ୱତନ୍ତ୍ର ମନୋଭାବ ସକାଶେ ଜଣାଶୁଣାଥିଲେ । ଅନେକ ଦେସାଇ ହିସାବରେ ପେଶୱା ଶାସନରେ କାମ କରୁଥିଲେ ଓ ପେଶୱାଙ୍କ ଠାରୁ ଭତ୍ତା ପାଉଥିଲେ । ଏ ହେଲା ଦେସାଇ ସାଙ୍ଗା ଉତ୍ପତ୍ତିର କାହାଣୀ । ଅନ୍ୟଜାତି ଏପରିକି ମୁସଲମାନ ଓ ପାର୍ସିମାନଙ୍କ ମଧ୍ୟରେ ଦେସାଇ ଦେଖା ଯାଆନ୍ତି । ଅନାବିଲ୍ ବ୍ରାହ୍ମଣମାନଙ୍କ ମଧ୍ୟରେ ମେହଟ୍ଟା, ଏବଂ ନାୟକ ସାଙ୍ଗା ମଧ୍ୟ ଅଛି ।

ସେକାଳେ , ଗର୍ଭାବସ୍ଥା ସମୟରେ ମହିଳାମାନେ ବାପା-ମା'ଙ୍କ ଘରକୁ ଯାଉଥିଲେ । ତେଣୁ ମୁଁ ମୋ ଅଜାଙ୍କ ଘରେ ଜନ୍ମ ହୋଇଥିଲି । ତାଙ୍କର ମୁଖ୍ୟ ବ୍ୟବସାୟ ଥିଲା କୃଷି । ସେ ନିରତିଶୟ ମଧ୍ୟବିତ ପରିବାରର ଥିଲେ । ତାଙ୍କ ନାମ ଥିଲା ଗୋପାଲଜୀ ଭାସନଜୀ ଦେସାଇ । ସେ ସ୍ପଷ୍ଟବାଦୀ ଥିଲେ । ଥରେ କଥା ଦେଲେ, କେବେ ହେଲେ ସେଥିରୁ ଟଳୁ ନଥିଲେ । ତାଙ୍କର ବଡ଼ ପରିବାର ଥିଲା ଓ ମୋର ବାଲ୍ୟ ଜୀବନର ଅନେକ ବର୍ଷ ତାଙ୍କ ଭଦେଲାସ୍ଥ ଘରେ କଟିଛି । ସୌରାଷ୍ଟ୍ରର ଭାଭନଗର ରାଜ୍ୟରେ ମୋ ବାପା ଜଣେ ଶିକ୍ଷକ ଥିଲେ । ସମୟ ସମୟରେ ମୁଁ ତାଙ୍କ ସହିତ ଭାଭନଗର ବା କୁଣ୍ଡଲାରେ ରହୁଥିଲି । ତା' ମାନେ ହେଲା, ମୁଁ ବାରମ୍ବାର ସ୍କୁଲ ବଦଳାଉଥିଲି କିନ୍ତୁ ମୁଁ ଭାବୁନାହିଁ ଯେ ଏହାଦ୍ୱାରା ମୋ ଶିକ୍ଷା ଉପରେ କୌଣସି ପ୍ରତିକୂଳ ପ୍ରଭାବ ପଡୁଥିଲା ।

ପାଞ୍ଚବର୍ଷ ବୟସରେ ମୁଁ ଭଦେଲୀରେ ପଢ଼ା ଆରମ୍ଭ କରିଥିଲି । ମୋର ମନେ ଅଛି, ମୋ ଶିକ୍ଷକ ମୋତେ ଶିଶୁ ଶ୍ରେଣୀରେ ବହୁ ସ୍ନେହ ଓ ଶ୍ରଦ୍ଧାରେ ଗୁଜରାଟୀ ଅକ୍ଷର ଶିଖାଇଥିଲେ । ମୋ ମାମୁଁ ମୋର ବାଲ୍ୟସାଥି ଥିଲେ ଓ ମୁଁ ତାଙ୍କ ସହିତ ଖେଳୁଥିଲି । ସେ ମୋଠାରୁ ବଳୁଆ ଥିଲେ । କଳି ହେଲେ ମୁଁ ହାରୁଥିଲି । ସେ ସମୟରେ ମୁଁ ଭୟାଳୁ ଥିଲି ଏବଂ କାହା ସହିତ ଲଢ଼ିବାକୁ ସାହସ କରୁନଥିଲି । ମୋ ସହିତ କେହି କଳି କଲେ ମୁଁ ବିନା ଅଭିଯୋଗରେ ସହିଯାଉଥିଲି । କିନ୍ତୁ ଗାଁ ଖେଳରେ ମୁଁ ପ୍ରଥମ ହେଉଥିଲି, ସେଥିସକାଶେ ମୋ ସାଥିମାନେ ମୋତେ ମାନୁଥିଲେ ଏବଂ ମୋ ସହିତ ଆପାତତଃ ଭଲ ବ୍ୟବହାର କରୁଥିଲେ ।

ପ୍ରାଇମେରୀ ସ୍କୁଲର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଶ୍ରେଣୀରେ ପଢୁଥିବା ବେଳେ ମୁଁ ମୋ ବାପାଙ୍କ ପାଖରେ କୁଣ୍ଡଲା ଗାଁରେ ରହୁଥିଲି । ବାପା ସେଠାରେ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଥିଲେ । ଏଇ ସମୟର ଗୋଟିଏ ଘଟଣା ମୋର ମନେ ଅଛି । ଦିନେ ମୁଁ ସ୍କୁଲରୁ ଡେରିରେ ଫେରିଥିଲି । ଯେଉଁ ଲୋକଙ୍କୁ ମୋତେ ସ୍କୁଲରୁ ଆଣିବାକୁ କୁହାଯାଇଥିଲା ସେ ଡେରିରେ ସ୍କୁଲରେ ପହଞ୍ଚିଲେ । ମୁଁ ପ୍ରିନ୍ସିପାଲ୍‌ଙ୍କ ପାଖରେ ଥିଲି । ଲୋକ ଜଣକ ମୋତେ ମୋ ଜାଗାରେ ନ ଦେଖି, ସ୍କୁଲରେ କାହାରିଙ୍କୁ ନ ପଚାରି, ଘରକୁ ଫେରିଗଲେ । ନିଜେ ଡେରିରେ ଯାଇଥିବା କଥାଟି ଲୁଚାଇବାକୁ ଚେଷ୍ଟା କରି ବାପାଙ୍କୁ ଭୁଲ୍ ଖବର ଦେଲେ ଯେ ମୁଁ ସ୍କୁଲ ଛାଡି ଯାଡ଼େ ସାଡ଼େ ବୁଲିବାକୁ ଚାଲିଯାଇଛି, ସୁତରାଂ ସେ ମୋତେ ପାଇଲେ ନାହିଁ । ଏଣେ, ସ୍କୁଲ ପ୍ରିନ୍ସିପାଲ କିଛି ସମୟ ଅପେକ୍ଷା କରି, ନିଜ ଲୋକ ସହିତ ମୋତେ ଆମ ଘରକୁ ପଠାଇଦେଇଥିଲେ । ଲୋକଟିର ମିଛ କଥା ସକାଶେ ବାପା ମୋତେ କଠୋର ଶାରୀରିକ ଦଣ୍ଡ ଦେଲେ । ମୋତେ ଜ୍ୱର ହେଲା ଓ ପରଦିନ ମୁଁ ସ୍କୁଲ

Digitized by srujanika@gmail.com

ଯାଇପାରିଲି ନାହିଁ । କ'ଣ ହେଲା ବୁଝିବା ପାଇଁ ପ୍ରିନ୍ସିପାଲ ପରଦିନ ଆମ ଘରକୁ ଆସିଲେ । ବାପା ପୂର୍ବଦିନ ମୋର ସ୍କୁଲରୁ ଡେରିରେ ଫେରିବା ବିଷୟ ତାଙ୍କୁ କହିଲେ ଓ ପ୍ରିନ୍ସିପାଲ୍ ପ୍ରକୃତ ଘଟଣାଟି କହିଲେ । ପ୍ରକୃତ ଘଟଣା ଜାଣିବା ପରେ, ମୋତେ କଠୋର ଦଣ୍ଡ ଦେଇଥିବାରୁ ବାପା ଦୁଃଖିତ ହେଲେ । ସେ ଜଣେ ଦୃଢ଼ ଶୃଙ୍ଖଳାବିଶ୍ୱାସୀ ବ୍ୟକ୍ତି ଥିଲେ । ପିଲାମାନେ କିପରି ସଚ୍ଚୋଟ, ଚରିତ୍ରବାନ ହେବେ ଏବଂ ଖରାପ ସାଙ୍ଗ ବା ଖରାପ ଅଭ୍ୟାସର ବଶବର୍ତ୍ତୀ ନ ହେବେ ସେଥିପାଇଁ ପରୋକ୍ଷରେ ମଧ୍ୟ ଅଶେଷ ଯତ୍ନ ନେଉଥିଲେ । ସେ ଭାବିଲେ ଯେ ମୁଁ ଯାଡ଼େ ସାଡ଼େ ବୁଲୁଥିଲି, ତେଣୁ ମୋତେ ଦଣ୍ଡ ଦେଇଥିଲେ । ମୁଁ ଏକଥା ଜାଣିଥିଲି । ଯଦିଓ ମୁଁ ନିର୍ଦ୍ଦୋଷୀ ଥିଲି, ବାପାଙ୍କ ଭଲ ଉଦ୍ଦେଶ୍ୟ ସମ୍ବନ୍ଧରେ ମୋର ତିଳେ ମାତ୍ର ସନ୍ଦେହ ନଥିଲା । ତେଣୁ ସେ ଦେଇଥିବା ଦଣ୍ଡ ମୋ ମନରେ କୌଣସି ଖରାପ ଧାରଣା ସୃଷ୍ଟି କରିନଥିଲା । ବରଂ ଏହାର ଫଳ ସ୍ୱରୂପ ମୁଁ ତାଙ୍କୁ ଆହୁରି ଅଧିକ ସମ୍ମାନ ଦେଖାଇଥିଲି ।

ମୁଁ ଇଂରାଜୀ ଚତୁର୍ଥ ଶ୍ରେଣୀରେ ପ୍ରଥମ ଛ' ମାସ କୁଣ୍ଡଲାରେ ପଢ଼ିଥିଲି । ତାପରେ ବଲସାର୍ ଯାଇ ବାଇ ଆଭାବାଇ ହାଇସ୍କୁଲରେ ନାମ ଲେଖାଇଲି, ଏଠାରେ ପାଠ୍ୟକ୍ରମ ସମ୍ପୂର୍ଣ୍ଣ ଅଲଗା ଥିଲା । ଇଂରାଜୀରେ ଇତିହାସ ପଢ଼ା ହେଉଥିଲା, ମୋତେ ବହୁତ କଷ୍ଟ ଲାଗୁଥିଲା । ମୁଁ ଅନେକ ସମୟରେ କାନ୍ଦୁଥିଲି । ମୋ ଶିକ୍ଷକମାନେ ସହାନୁଭୂତିଶୀଳ ଥିଲେ । ସେମାନଙ୍କର ଅଶେଷ ଯତ୍ନରେ ମୁଁ ପରୀକ୍ଷାରେ ପାଶ କଲି । ମାଟ୍ରିକ ପାଶ କରିବା ପର୍ଯ୍ୟନ୍ତ ମୁଁ ଏହି ସ୍କୁଲରେ ପଢ଼ିଥିଲି ।

ବାପା ଭାଭନଗରରେ ଚାକିରି କରୁଥିବାରୁ ଆମ ବଲ୍‌ସାର୍ ଘର ବନ୍ଦଥିଲା । ମୁଁ ଭଦେଲୀରେ ରହି ସବୁଦିନେ ବଲ୍‌ସାର୍ ସ୍କୁଲକୁ ଯାଉଥିଲି । ସ୍କୁଲକୁ ଯିବା ପାଇଁ ଔରଙ୍ଗା ନଈ ପାରିହେବାକୁ ପଡୁଥିଲା । ସମୁଦ୍ର ନିକଟବର୍ତ୍ତୀ ହୋଇଥିବାରୁ ନଈରେ ପ୍ରତିଦିନ ବଡ ସାନ ଜୁଆର ଆସୁଥାଏ । ପ୍ରତିଦିନ ଅନ୍ତତଃ ଥରେ ଗାଉଁଲି ଡୁଲି ଡଙ୍ଗାରେ ନଈ ପାରି ହେବାକୁ ପଡୁଥିଲା । ସମୁଦ୍ର ପାଣି ଖସି ଯାଇଥିଲେ ମୁଁ ପ୍ରତିଦିନ ଦୁଇବେଳା ତିନିମାଇଲ ନଈ କାଦୁଅ ପାଣିରେ ଚାଲୁଥିଲି । ଘରେ ମୁଁ ଚାଷ କାମ ଏବଂ ଗାଈ, ବଳଦ, ମଇଁଷି ପ୍ରଭୃତି ଗୃହପାଳିତ ପଶୁମାନଙ୍କ କାମରେ ସାହାଯ୍ୟ କରୁଥିଲି । ଏଥିପାଇଁ ଶାରୀରିକ ପରିଶ୍ରମ କରିବାକୁ ପଡୁଥିଲା । ହାଲୁକା ଢେଉ ସମୟରେ ପାଣିରେ ପଶି ନଈ ପାରି ହେବା ବେଳେ ଲୁଗା ଯେପରି ଓଦା ନ ହୁଏ ସେ କାଇଦା ମୋତେ ଶିଖିବାକୁ ପଡିଥିଲା । ମୋତେ ମୋ ବହି, ଜୋତା ଓ ବର୍ଷାଦିନେ ଛତା ହାତରେ ଧରି ଯିବାକୁ ପଡୁଥିଲା । ଏହା ଥିଲା ଏକ କୌଶଳ୍ ବ୍ୟାପାର । କିନ୍ତୁ, ମୋର ଯାହା ମନେ ଅଛି, ଏଥିରେ ମୁଁ ଥକି ଯାଉନଥିଲି, ବରଂ ମୁଁ ଆନନ୍ଦ ଅନୁଭବ କରୁଥିଲି । ପିଲାଦିନର ଏଇ ଅଭିଜ୍ଞତା ଯୋଗୁଁ ବୋଧହୁଏ ପର ଜୀବନର ସମସ୍ତ ଅଭିଜ୍ଞତା ମୁଁ ଉପଭୋଗ କରିଥିଲି ।

ମୋତେ ଯେତେବେଳେ ପଚିଶ ବର୍ଷ ମୁଁ ଗୀତା ପଢ଼ିବା ଆରମ୍ଭ କରିଥିଲି । ସବୁ କ୍ଷେତ୍ରରେ ମଣିଷର ମାନସିକ ସ୍ଥିରତା ଆବଶ୍ୟକ, ଏହା ବୁଝିବା ସାଙ୍ଗେ ସାଙ୍ଗେ ମୁଁ ଏହାକୁ ଅଭ୍ୟାସ କରିବାକୁ ଚେଷ୍ଟା କଲି । ବର୍ତ୍ତମାନ ମୁଁ ଅନୁଭବ କରେ ଯେ ଏହି ଲକ୍ଷ୍ୟ ହାସଲ କରିବାକୁ ମୋର ପିଲାଦିନର ଅବସ୍ଥା ମୋତେ ଯଥେଷ୍ଟ ସାହାଯ୍ୟ କରିଥିଲା । ମୋ ସାଙ୍ଗରେ ଭଦେଲୀରୁ ବଲ୍‌ସାର୍ ସ୍କୁଲକୁ ସବୁଦିନେ ଯାଉଥିବା କେତେକ ସାଙ୍ଗ ସ୍କୁଲକୁ ନ ଯାଇ ଯାଡ଼େ ସାଡ଼େ ବୁଲୁଥିଲେ, କିନ୍ତୁ ମୁଁ ତାଙ୍କ ସହିତ କେବେହେଲେ ବୁଲି ଯିବାକୁ ମନ ବଳାଉ ନ ଥିଲି କି କେହି ଏପରି କାମ କରିବାକୁ ମୋତେ ପ୍ରବର୍ତ୍ତାଉ ନ ଥିଲେ । ବାପା, ମା ଓ ଅଜା ଆଈଙ୍କ ଜୀବନରୁ ପ୍ରେରଣା ପାଇ ମୋର ବାଲ୍ୟ ଜୀବନ ଶୃଙ୍ଖଳିତ ହୋଇଥିଲା । ଏଇ ପ୍ରେରଣା ଯୋଗୁ ହିଁ ମୁଁ ନିୟମିତ ଭାବେ ପଢୁଥିଲି ଓ ସ୍କୁଲ ଯାଉଥିଲି, ବିନା ଅନୁମତିରେ ସ୍କୁଲ ଛାଡ଼ିବାକୁ କେବେହେଲେ ଇଚ୍ଛା କରୁନଥିଲି । ମୋ ଠାରୁ ଛ' ମାସ ବଡ ମୋ ମାମୁଁ, ବେଳେ ବେଳେ ସ୍କୁଲରେ ଅନୁପସ୍ଥିତ ରହୁଥିଲେ । କିନ୍ତୁ ସେ ମୋତେ କେବେହେଲେ

Digitized by srujanika@gmail.com

ତାଙ୍କ ସାଙ୍ଗରେ ଯିବାକୁ ଶିଖାଉ ନଥିଲେ । ସେ ପକେଟ ଖର୍ଚ୍ଚ ପାଇଁ କିଛି ପଇସା ପାଉଥିଲେ । ମୁଁ କିଛି ପାଉ ନଥିଲି । ମୋର ତାଙ୍କ ପ୍ରତି କେବେ ହେଲେ ଈର୍ଷାଭାବ ନଥିଲା । ଦୋକାନରୁ କିଛି କିଣିବାକୁ ମୋର ସ୍ପୃହା ନ ଥିଲା । ଭାବୁଛି ଯେ ଏଇ ସମୟରେ ହିଁ ମୁଁ ଶିଖିଲି ଯେ ଯେତେ ଅସୁବିଧା ହେଲେ ମଧ୍ୟ କାହାଗିଠାରୁ କିଛି ସାହାଯ୍ୟ ମାଗିବି ନାହିଁ ।

ସ୍କୁଲରେ ନିୟମିତ ଭାବେ ଡ୍ରିଲ୍ ପିରିଅଡ୍ ଥାଏ । ମୁଁ ବେଳେ ବେଳେ ଏଇ ପିରିଅଡ୍‌ରେ ଯୋଗ ଦେଉ ନଥିଲି । ସେତେବେଳେ ଡ୍ରିଲ୍ ପ୍ରତି ମୋର ସ୍ପୃହା ନଥିଲା କି ସ୍କୁଲରେ ଖେଳ ପ୍ରତିଯୋଗିତାରେ ମୁଁ ଭାଗ ନେଉ ନଥିଲି । ମୋ ଖାଲି ସମୟରେ ମୁଁ ବିଭିନ୍ନ ଖେଳ ଖେଳୁଥିଲି । ଆଜି ମଧ୍ୟ କାହାସହିତ ପ୍ରତିଯୋଗିତାରେ ଯୋଗ ଦେବାକୁ ମୋତେ ଭଲଲାଗେ ନାହିଁ । ମୁଁ ଗଭୀର କୃତଜ୍ଞତାର ସହିତ ଅନୁଭବ କରେ ଯେ ଏ ଗୁଣ ମୁଁ ଭଗବାନଙ୍କ ଦୟାରୁ ପାଇଛି ।

କ୍ଲାସରେ ଯାହା ପଢ଼ାହୁଏ ମୁଁ ମନଦେଇ ଶୁଣେ । ଘରେ ପଢ଼ିବାକୁ ଦରକାର ପଡ଼େ ନାହିଁ । ସୁତରାଂ ଅବସର ସମୟ ଖେଳରେ କଟାଏ । ଷୋଳ ବର୍ଷ ବୟସରେ ମୁଁ ମାଟ୍ରିକୁଲେଶନ ପରୀକ୍ଷା ପାଶ୍ କରିଥିଲି । ଘର କାମ ଆଦି କରିବା ଦ୍ୱାରା ମୋର ଶରୀର ବେଶ୍ ବଢ଼ିଯାଇଥାଏ । କିନ୍ତୁ ମୁଁ ବଡ ଡରକୁରା ଥିଲି, ଏପରିକି ଦୋମହଲା ଘରକୁ ଏକା ଯାଉ ନଥିଲି । ଘରେ ଏକା ଶୋଉ ନଥିଲି । କାହା ସହିତ ଲଢ଼େଇ କରିବାକୁ ମୋର ସାହସ ନଥିଲା । ଯଦି ମୋତେ କିଏ ଧମକାଉଥିଲା, ମୁଁ ତା'ର ଶରଣ ପଶୁଥିଲି ।

ଭଦେଲୀ ଗାଁ ଦୁଇଭାଗରେ ବିଭକ୍ତ ହୋଇଥିଲା: ଭଦେଲୀ ଦେସାଇ ପାର୍ଟି ଓ ଭଦେଲୀ ଜଗା ଲାଲ । ଭଦେଲୀ ଦେସାଇ ପାର୍ଟିରେ ଥିଲେ ବିଶେଷତଃ ଅନାବିଲ୍ ବ୍ରାହ୍ମଣ, କୋଲି ଏବଂ ହଲପାଟି, ଓ ଚାରିଘର ଦରଜୀ, ଜଣେ ବଢ଼େଇ ଓ ଜଣେ କମାର । ଔରଙ୍ଗା ନଦୀ ମୁହାଁଣରେ ବିଶେଷତଃ ସମୁଦ୍ର କୂଳରେ ଅଠରଟି କେଉଟ ଘର ଥିଲା । ଗାଁରେ ଲୋକମାନଙ୍କର ସାଧାରଣ ପେଶା ଥିଲା ଚାଷ । ଅବଶ୍ୟ କେତେ ଜଣ ଭୂମିହୀନ ମୂଲିଆ ଥିଲେ, କେତେକ ଶିକ୍ଷକ ମଧ୍ୟ ଥିଲେ, ସେମାନେ ସବୁ ଦିନେ ପାଖ ଗାଁ ବଲ୍‌ସାରକୁ ପଢ଼ାଇବାକୁ ଯାଉଥିଲେ । ସେମାନଙ୍କ ମଧ୍ୟରେ ଅଧିକାଂଶ ପ୍ରାଇମେରୀ ଶିକ୍ଷକ ଥିଲେ । ଭଦେଲୀ ଧନୀ ଗାଁ ନଥିଲା କି ସେତେ ଗରିବ ବି ନଥିଲା । ଗାଁରେ ଘାଷ ଏବଂ କାଠ ବ୍ୟବସାୟୀ କେତେଜଣ ଥିଲେ । ଗାଁରେ ପ୍ରାୟ ଗଣ୍ଡଗୋଳ ହେଉନଥିଲା । ପଡୋଶୀମାନେ ଅନ୍ୟର ସୁଖ ଦୁଃଖରେ ଭାଗ ନେଉଥିଲେ । ମୋର ମନେ ଅଛି, ଗାଁରେ କାହାର ଦେହ୍‌ଖରାପ ହେଲେ ମୋ ଭଳି ପିଲାମାନେ ଯାଇ ସେ ପରିବାରକୁ ସାହାଯ୍ୟ ଓ ସେବା କରୁଥିଲେ ।

କୋଲି କେଉଟ ମାନେ ମଦ ପିଇବାରେ ଅଭ୍ୟସ୍ତ ଥିଲେ, ଫଳରେ ସେମାନେ ବେଶ୍ ରୋଜଗାର କରୁଥିଲେ ମଧ୍ୟ ଘରେ ଚଳିବାର ଅବସ୍ଥା ଖରାପ ଥିଲା । ପିଇବା କେତେ ବିପଜ୍ଜନକ ଏଇ ସମୟରେ ହିଁ ମୁଁ ଗଭୀର ଭାବେ ଅନୁଭବ କରିଥିଲି । ସେମାନେ ମୋତେ କହୁଥିଲେ ଯେ ଯେତେଦିନ ଯାଏ ଏଇ ମଦ ଦୋକାନ ଗୁଡିକ ଥିବ ସେତେଦିନ ଯାଏ ପିଇବା ବନ୍ଦ କରିବା ଅସମ୍ଭବ ।

ମୁଁ ତାଙ୍କ ସହିତ କଥାବାର୍ତ୍ତା ହେବାରୁ ଜାଣିଲି, ଯେ ସେମାନେ ଅସହାୟ ଅନୁଭବ କରୁଛନ୍ତି ।

ଭଦେଲୀ ଗାଁ ବମ୍ବେର ଉତ୍ତରରେ ୧୨୦ରୁ ୧୨୫ ମାଇଲ ଦୂରରେ । ବମ୍ବେ ପାଖରେ ହୋଇଥିବାରୁ କେତେ ଲୋକ ସେଠାକୁ କାମ କରିବାକୁ ଯାଉଥିଲେ । ଗାଁରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଥିଲା ଓ ବାଳିକା ବିଦ୍ୟାଳୟଟିଏ ଥିଲା । ଏଇ ସ୍କୁଲରୁ ପାଶ୍ କରୁଥିବା ଅନେକ ଲୋକ ମାଷ୍ଟର ଚାକିରି କରୁଥିଲେ । କେହି କେହି ଏଠି ସେଠି ସରକାରୀ ଚାକିରି କରୁଥିଲେ । ଲୋକଙ୍କ ପାଖରେ ସମ୍ବଳ ନଥିଲା ଓ ପ୍ରାୟ ଶହେ ମାଇଲଭିତରେ କଲେଜ ନ ଥିବାରୁ କ୍ୱଚିତ କେହି କଲେଜ ଶିକ୍ଷା ପାଉଥିଲେ । ମୋର ଯେତେଦୂର ମନେ ଅଛି, ମୋ ମାମୁଁ

Digitized by srujanika@gmail.com

ହରିଭାଇ ଗୋପାଳଜୀ ଦେସାଇ ହେଉଛନ୍ତି ଭଦେଲୀରୁ ପ୍ରଥମ ଗ୍ରାଜୁଏଟ୍ । ଆଜିଠାରୁ ଠିକ୍ ଦଶ ବର୍ଷ ପୂର୍ବେ, ସତାନବେ ବର୍ଷ ପରିପକ୍ୱ ବୟସରେ ସେ ଇହଲୀଳା ତ୍ୟାଗ କରିଛନ୍ତି ।

ବଲ୍‌ସାର୍ ଗୋଟିଏ ବନ୍ଦର ଓ ରେଳବାଇ ଷ୍ଟେସନ ମଧ୍ୟ । ବନ୍ଦରରୁ କାଠ ଗଡ଼, ଗୁଡ଼, ଖାଦ୍ୟ ସାମଗ୍ରୀ ଓ ଶୁଖୁଆ ବାହାରକୁ ରପ୍ତାନୀ ହେଉଥିଲା । ବାଇ ଆଭାବାଇ ହାଇସ୍କୁଲ, ଯେଉଁଠି ମୁଁ ପଢୁଥିଲି, ଏକ ମାତ୍ର ସ୍କୁଲଥିଲା । ଏଠାରେ ଚତୁର୍ଥ ଶ୍ରେଣୀରୁ ମାଟ୍ରିକ୍ ପର୍ଯ୍ୟନ୍ତ ପଢ଼ାଯାଉଥିଲା । ଏହି ସ୍କୁଲର ଶିକ୍ଷା ଓ ଶୃଙ୍ଖଳା ବେଶ୍ ଭଲ ଥିଲା । ବଲ୍‌ସାର୍‌ରେ ଗୋଟିଏ ମଧ୍ୟଇଂରାଜୀ ବିଦ୍ୟାଳୟ ଥିଲା । ଏହି ବିଦ୍ୟାଳୟରେ ମୁଁ ଦ୍ୱିତୀୟ ଶ୍ରେଣୀରେ ପ୍ରାୟ ଛ'ମାସ ପଢ଼ିଥିଲି ।

ଭଦେଲୀରୁ ଆମେ ଦଶବାର ଜଣ ପିଲା ବଲ୍‌ସାର୍ ସ୍କୁଲରେ ପଢୁଥିଲୁ । ଆମେ ସକାଳ ନଟା ବେଳେ ଘରୁ ବାହାରୁ ଥିଲୁ । ହାଇସ୍କୁଲରେ ଶିକ୍ଷକମାନେ ମୋତେ ଭଲ ପାଉଥିଲେ । ମୁଁ ପ୍ରାୟତଃ କ୍ଲାସରେ ପ୍ରଥମ ହେଉଥିଲି । କୌଣସି ଗଣ୍ଡଗୋଳରେ ଭାଗ ନେଉ ନଥିଲି । ତେଣୁ ଶିକ୍ଷକମାନଙ୍କର ପ୍ରିୟ ଥିଲି । ମୁଁ ମାଟ୍ରିକ ପଢ଼ିବା ବେଳେ କୌଣସି ଶିକ୍ଷକ ଅନୁପସ୍ଥିତ ଥିଲେ, ତାଙ୍କ ସ୍ଥାନରେ ଚତୁର୍ଥ ଓ ପଞ୍ଚମ ଶ୍ରେଣୀରେ ପଢ଼ାଉଥିଲି । ପ୍ରଧାନ ଶିକ୍ଷକ ଶ୍ରୀ ଯୋଶୀ ଜଣେ ପାର୍ସି ଭଦ୍ର ଲୋକ ଥିଲେ । ମୁଁ ମାଟ୍ରିକ ପଢ଼ିବା ବେଳେ ସେ ଆମ ସ୍କୁଲ ଛାଡି ବମ୍ବେ ଗଲେ ଓ ତାଙ୍କର ସହକାରୀ ଶ୍ରୀ ଏଦୁଲ୍‌ଜୀ ମେହେଟା ପ୍ରଧାନ ଶିକ୍ଷକ ହେଲେ । ପାଞ୍ଚ ବର୍ଷ ପୂର୍ବେ ମୋର ତାଙ୍କ ସହିତ ଦେଖା ହୋଇଥିଲା ଓ ଆମେ ଦୁହେଁ ଭାରି ଖୁସି ହୋଇଥିଲୁ । ଶ୍ରୀ ମେହଟାଙ୍କ ପାଠ ପଢ଼ାଇବା ଶୈଳୀ ଏତେ ଉଚ୍ଚକୋଟୀର ଥିଲା ଯେ, ଘରେ ଆଉ ପଢ଼ିବାର ଆବଶ୍ୟକତା ନ ଥିଲା । ଛାତ୍ରମାନଙ୍କ ପ୍ରତି ତାଙ୍କର ଅଗାଧ ସ୍ନେହ ଥିଲା । ରାଗୀ କରି କୌଣସି ଛାତ୍ରକୁ ଦଣ୍ଡ ଦେବାବେଳେ ସେ ଖରାପ ବା ଟାଣୁଆ ଭାଷାରେ କିଛି କହୁନଥିଲେ । ସେ ଧୈର୍ଯ୍ୟଚ୍ୟୁତ ହୋଇ କାହାକୁ ମାରିଲେ ହାଲୁକେଇ କରି ମାରୁଥିଲେ । ସମସ୍ତେ ତାଙ୍କୁ ସମ୍ମାନ ଦେଖାଉଥିଲେ । ସେ ତିରିଶ ମାଇଲ ଦୂର ନଭସାରୀରେ ରହୁଥିଲେ ଓ ସବୁଦିନ ଯିବା ଆସିବା କରୁଥିଲେ । ତାଙ୍କଠାରୁ ହିଁ ମୋର ଇଂରାଜୀରେ ଦୃଢ଼ ମୂଳଦୁଆ ବସିଥିଲା । ତାଙ୍କଠାରୁ ମୁଁ ବିନୟ, ସଂଯତ ଓ ଶୃଙ୍ଖଳା ଆଦି ସଦ୍‌ଗୁଣ ଶିଖିଥିଲି ।

ଅନ୍ୟାନ୍ୟ ଶିକ୍ଷକଙ୍କ ମଧ୍ୟରେ ଭଦେଲୀର ଶ୍ରୀ ଖଣ୍ଡୁଭାଇ ଦେଶାଇ ଅନ୍ୟତମ । ମୁଁ ଚତୁର୍ଥ ଶ୍ରେଣୀରେ ପଢୁଥିବା ବେଳେ ତାଙ୍କ ସଂସ୍ପର୍ଶରେ ଆସିଥିଲି । ସେ ଜଣେ ଆର୍ଯ୍ୟ ସମାଜୀ ଥିଲେ ଓ ଧର୍ମ ବିଷୟରେ ଅଧିକ ଆଗ୍ରହ ଦେଖାଉଥିଲେ । ପଢ଼ାଇବା ବେଳେ ସେ ସବୁବେଳେ ଧର୍ମ ଓ ନୀତି ଉପରେ ଜୋର ଦେଉଥିଲେ ।

ବଲ୍‌ସାର୍ ହାଇସ୍କୁଲରେ ମୋତେ ଡ୍ରଇଁ ପଢ଼ିବାକୁ ପଡିଥିଲା । ଥରେ ଡ୍ରଇଁ ଶିକ୍ଷକ ମୋ ଉପରେ ଖୁବ୍ ରାଗୀଥିଲେ । ମୋତେ କୌଣସି ଶିକ୍ଷକ ବା ଅଧ୍ୟାପକ କେବେହେଲେ ଗାଳି ଦେଇନଥିଲେ ଏବଂ ଡ୍ରଇଁ ଶିକ୍ଷକ ଦ୍ୱିତୀୟ ଥର ମୋ ଉପରେ ରାଗୀ ନଥିଲେ । ମୁଁ ପ୍ରଥମ ଥର ଡ୍ରଇଁରେ ଭୁଲ୍ କରିଥିଲି, ସେ ମୋତେ ଗୋଟିଏ ଚଟକଣା ମାରି ଥିଲେ । ସେଥିପାଇଁ ମୁ ବହୁତ ଦୁଃଖି ଥିଲି । ମୋର ମନେ ଅଛି, ଯଦିଓ ମୁଁ ଅଭିଯୋଗ କରି ନଥିଲି ପ୍ରଧାନ ଶିକ୍ଷକ ଡ୍ରଇଁ ଶିକ୍ଷକଙ୍କୁ ଗାଳି ଦେଇଥିଲେ । ଶ୍ରୀ ମୁକୁନ୍ଦ ରାୟ ପାଣ୍ଡ୍ୟା ମୋର ସଂସ୍କୃତ ଓ ଗଣିତ ଶିକ୍ଷକ ଥିଲେ । ତାଙ୍କ ଘର ସୌରାଷ୍ଟ୍ରରେ ଓ ସେ ଅବସର ନେବା ପର୍ଯ୍ୟନ୍ତ ଏହି ସ୍କୁଲରେ ଥିଲେ । ସେ ପଢ଼ାଇବାପାଇଁ ବହୁତ ପରିଶ୍ରମ କରୁଥିଲେ ଓ ଏପରି ପଢ଼ାଉଥିଲେ ଯେ ପିଲାମାନେ ସହଜରେ ବୁଝିପାରୁଥିଲେ । ସେ ପିଲାମାନଙ୍କ ସହିତ ସୁସମ୍ପର୍କ ରଖୁଥିଲେ ଏବଂ ସେମାନଙ୍କର ଉନ୍ନତି ପାଇଁ ଯତ୍ନ ନେଉଥିଲେ । ଶ୍ରୀ ପାଣ୍ଡ୍ୟା ଯେତେବେଳେ ଜାଣିଲେ ଯେ ମୁଁ କ୍ଲାସରେ ଫାଷ୍ଟ ହେଲେ ବି ଘରେ ପଢୁ ନଥିଲି, ସେ ମୋତେ ବୁଝାଇଲେ ଯେ ଘରେ ପଢ଼ିଲେ ମୁଁ ୟୁନିଭର୍‌ସିଟି ମାଟ୍ରିକ ପରୀକ୍ଷାରେ ଉଚ୍ଚ ସ୍ଥାନ ପାଇ ପାରିବି । କିନ୍ତୁ ଉଚ୍ଚ ସ୍ଥାନ ପାଇବା ବା ବଡ ନାମ କରିବା ପାଇଁ ସ୍ୱଭାବତଃ ମୁଁ ଇଚ୍ଛୁକ ନ ଥିଲି । ମୁଁ ତାଙ୍କ ଉପଦେଶ ଶୁଣିଲି

Digitized by srujanika@gmail.com

ନାହିଁ । ମାଟ୍ରିକ୍ ପାସ୍ କରିବା ଯାଏ ମୁଁ ଘରେ ଅଳ୍ପ ସମୟ ପଢୁଥିଲି । ମୁଁ ଖାଲି ଖେଳୁଥିଲି । କ୍ରିକେଟ୍, ଗୁଲି ଦଣ୍ଡା, ମାର୍ବଲ, ଲଟୁ, ଅଟାପଟା,ଏବଂ ହୁ ଡୁ ଡୁ ଖେଳରେ ମୋର ବେଶି ସମୟ ଯାଉଥିଲା । ଖେଳିକରି ମୁଁ ବେଶ୍ ହୃଷ୍ଟପୁଷ୍ଟ ହୋଇଥିଲି । ମୁଁ ଘରେ ପଢ଼ିବା ଅଭ୍ୟାସ କରିନଥିଲି ତେଣୁ କଲେଜରେ ମୋତେ କଷ୍ଟ କରିବାକୁ ପଡ଼ିଥିଲା ।

ଶ୍ରୀ ରାମଜୀ ଭାଇ ଜାନୀ ମୋର ଜଣେ ଶିକ୍ଷକ ଥିଲେ । ସେ ମୋତେ ଭାରି ଭଲ ପାଉଥିଲେ । ସେ କ୍ରିକେଟ୍ ଖେଳର ବେଶ୍ ଯତ୍ନ ନେଉଥିଲେ, ଫଳରେ ଆମ ସ୍କୁଲର କ୍ରିକେଟ୍‌ରେ ଭଲ ନାଁ ଥିଲା । ତାଙ୍କ ସମୟରେ ସେ ନିଜେ ଭଲ କ୍ରିକେଟ ଖେଳୁଥିଲେ । ଶ୍ରୀ ଜାହାଙ୍ଗିର ଭାଇ ଧାନବୁରା ଆଉ ଜଣେ ଶିକ୍ଷକ ଥିଲେ । ସେ ପଞ୍ଚମ ଶ୍ରେଣୀରେ ପଢାଉଥିଲେ କିନ୍ତୁ ସବୁ ପିଲାମାନେ ତାଙ୍କୁ ମାନୁଥିଲେ । ସେ ସ୍କୁଲ୍‌ର ନିୟମ ଓ ଶୃଙ୍ଖଳା ପ୍ରତି ଧ୍ୟାନ ଦେଉଥିଲେ । ପିଲାମାନେ ଇଂରାଜୀ ଭଲ ଭାବରେ ଶିଖିବାପାଇଁ ସେ ଗୋଟିଏ ନୂଆ ଉପାୟ ବାହାର କରିଥିଲେ । ସେ ଗୋଟିଏ ନିୟମ କଲେ ଯେ ପିଲାମାନେ ସ୍କୁଲରେ ଇଂରାଜୀରେ କଥାବାର୍ତ୍ତାହେବେ । ଅନ୍ୟ ଭାଷା କହିଲେ ଜୋରିମାନା ଗୋଟିଏ ପଇସା । ଜୋରିମାନା ପଇସାରେ ଶିକ୍ଷକ ଶ୍ରୀ ଧାନବୁରା ଆମ ପାଇଁ ପେନ୍‌ସିଲ୍ କିଣି ରଖୁଥିଲେ । ଏଇ ନିୟମଟି ସମସ୍ତଙ୍କ କାମରେ ଆସିଲା ଓ ଜୋରିମାନାକୁ କେହି ଦଣ୍ଡବୋଲି ଭାବୁ ନଥଲେ । ସେ ଏପରି ଭାବେ ଦଣ୍ଡ ଦେଉଥିଲେ ଯେ ସେପରି ଭୁଲ୍ କେହି ଆଉ କରୁନଥିଲେ । ସେଥିପାଇଁ ପିଲାମାନେ ତାଙ୍କୁ ଡରୁଥିଲେ । ସେ କଷ୍ଟ ସ୍ୱୀକାର କରି ପିଲାମାନଙ୍କୁ ପଢ଼ାଉଥିଲେ ଏବଂ ସେଥିପାଇଁ ତାଙ୍କର ବେଶ୍ ଖ୍ୟାତିଥିଲା । ସେ 'ଜୋକ୍' କହିବାକୁ ଭଲ ପାଉଥିଲେ; ଅବଶ୍ୟ କେତେକ 'ଜୋକ' ମୋତେ ଭଲ ଲାଗୁନଥିଲା, କିନ୍ତୁ ବହୁତ ପିଲାଙ୍କୁ ତାଙ୍କ 'ଜୋକ୍' ଭଲ ଲାଗୁଥିଲା । ମୋର ଜଣେ ବିଲେଇ ଆଖି ସହପାଠୀ ଥିଲେ । ଶ୍ରୀ ଧାନବୁରା ତାଙ୍କୁ ଛିଡ଼ା ହୋଇ ହିନ୍ଦି ଗୀତ ଗାଇବାକୁ କହୁଥିଲେ । ଗୀତଟି ଏହିପରି ଥିଲା:

ଅନ୍ଧର କଷ୍ଟ ଶହେଗୁଣ, କଣାର କଷ୍ଟ ହଜାରେ, ସବୁଠୁ କଷ୍ଟ ଟେରାର । ଟେରା ଜଣକ ପାଟିକରି କହେ ବିଲେଇ ଆଖିକୁ ଭଗବାନ ଡରନ୍ତି ।

ଯଦିଓ ସାଙ୍ଗମାନେ ବେଶ୍ ଉପଭୋଗ କରନ୍ତି,କିନ୍ତୁ ଯାହା ନାଁରେ କୁହାଯାଏ ସେ ବେଶ୍ ଦୁଃଖ ଅନୁଭବ କରୁଥିଲା ।

ମାଟ୍ରିକୁଲେଶନ କ୍ଲାସରେ ମୋତେ ଦୁଇବର୍ଷ କଟାଇବାକୁ ପଡିଥିଲା । ସେତେବେଳେ ନିୟମ ଥିଲା ଯେ ଷୋଳ ବର୍ଷ ବୟସ ହେଲେ ମାଟ୍ରିକ ପରୀକ୍ଷା ଦେଇ ହେବ । ପ୍ରଥମ ବର୍ଷ ମୋର ବୟସ ଥିଲା ପନ୍ଦର । ଏହି ବର୍ଷ ମୋର ବାପା ସ୍ୱର୍ଗ ପ୍ରାପ୍ତ ହୋଇଥିଲେ । ଗୋଟିଏ ଭୟଙ୍କର ପରିସ୍ଥିତିରେ ତାଙ୍କର ମୃତ୍ୟୁ ହୋଇଥିଲା । ପନ୍ଦର ବର୍ଷ ବୟସରେ ଅଜା ମୋର ମହାପ୍ରସାଦ ନିର୍ବନ୍ଧ ସ୍ଥିର କରିଥିଲେ । ସେ ସମୟରେ ଚଳିତ ପ୍ରଥାନୁସାରେ ମୋତେ କେହି ପଚାରି ନଥିଲେ ବା କହିନଥିଲେ । ଯେତେବେଳେ ମହାପ୍ରସାଦ ନିର୍ବନ୍ଧର କର୍ମ ଆରମ୍ଭ ହେଲା ସେତେବେଳେ, ମୁଁ ଏ ବିଷୟରେ ଜାଣିଲି । ବାପା, ବୋଉ ସୌରାଷ୍ଟ୍ରରେ ଥିଲେ । ତାଙ୍କୁ ଏ ଖବର ଦିଆ ଯାଇଥିଲା । ସେମାନେ ଆସିଥିଲେ ଓ ବଲ୍‌ସାର୍‌ସ୍ଥ ଆମ ପାରିବାରିକ ଘରେ ରହୁଥିଲେ । ବାହାଘରର ଦୁଇଦିନ ପୂର୍ବରୁ ମୁଁ ମୋର ସହପାଠୀ ସହିତ ତା ଘରେ ଥିଲି । ସଂନ୍ଧ୍ୟା ସାତ କି ସାଢ଼େସାତ ହେବ, ବାପା ଖାଇବାକୁ ମୋତେ ଡାକିଲେ, ମୁଁ ସାଙ୍ଗେ ସାଙ୍ଗେ ଗଲି । ମୁଁ ଆମଘର ପଛବାଟେ ଯାଉଥିଲି ହଠାତ୍ ଆମ ଘରଠାରୁ ପ୍ରାୟ ପଚାଶ ଖୋଜ ଦୂରରେ ଥିବା କୂଅରେ କେହି ଜଣେ ପଡିଯିବାର ଚିତ୍କାର ଶୁଣିଲି । ମୋତେ ଖାଇବାକୁ ଡାକି ବାପା ସେଇ ଆଡକୁ ଯାଇଥିଲେ । ବାପା କୂଅରେ ପଡିବା ଚିତ୍କାର ଶୁଣି ମା' ଅବାକ୍ ହୋଇଗଲେ । ଆମେ ସମସ୍ତେ କୂଅ ଆଡକୁ ଦଉଡ଼ିଲୁ । ଯଦିଓ ଆମଘର ଚାରିପାଖରେ ଅନେକ ମୂଲିଆ ଥାନ୍ତି, ସେତେବେଳେ

Digitized by srujanika@gmail.com

କିନ୍ତୁ ଦୁର୍ଯୋଗକୁ କେହି ଜଣେ ବି ମିଳିଲେନି । ତେଣୁ ବାପାଙ୍କୁ କୂଅ ଉପରକୁ ସାଙ୍ଗେ ସାଙ୍ଗେ ଟାଣି ଆଣିବାକୁ ସାହାଯ୍ୟ ମିଳିପାରିଲା ନାହିଁ । ଶେଷରେ ଯେତେବେଳେ ତାଙ୍କୁ ଉପରକୁ ଅଣାଗଲା ସେ ଆଉ ଏ ସଂସାରରେ ନଥିଲେ । ଏ ଘଟଣା ଆତ୍ମହତ୍ୟା ବୋଲି ସୁସ୍ପଷ୍ଟ କିନ୍ତୁ କାହିଁକି ସେ ଏ ପଦକ୍ଷେପ ନେଲେ କେହି ଚିନ୍ତାକରିପାରିଲେ ନାହିଁ ।

ମୋ ବାପା ଜଣେ ସ୍ୱାଭିମାନୀ ଓ ଶାନ୍ତିପ୍ରିୟ ଲୋକ ଥିଲେ । ସେ ଅନ୍ୟ କାହାରି କାମରେ ବା ଜୀବନରେ ହସ୍ତକ୍ଷେପ କରୁନଥିଲେ । ତାଙ୍କର କେହି ଶତ୍ରୁ ନଥିଲେ, କି ସେ କାହା ସହିତ ଝଗଡ଼ା କରୁ ନଥିଲେ । କିନ୍ତୁ ସେ ବର୍ଷେ କି ତାଠାରୁ ବେଶୀ ହେବ ସବୁବେଳେ ବିଷର୍ଣ୍ଣ ରହୁଥିଲେ ସତେ ଯେପରି ମନରେ କିଛି ଭୟ ଲାଗି ରହିଛି । ତେଣୁ ପ୍ରାୟ ସବୁବେଳେ ନୀରବ ଥିଲେ । ଅନୁମାନ କରାଯାଇ ପାରେ ଯେ ମାନସିକ ଦୁର୍ବଳତା ଯୋଗୁ ହିଁ ସେ ଏପରି ପଦକ୍ଷେପ ନେଇଥିଲେ । ଅନ୍ୟ କୌଣସି କାରଣ କେହି କହିପାରିଲେ ନାହିଁ କିନ୍ତୁ ଆମ ପରିବାର ବଡ ଅସୁବିଧାରେ ପଡିଲା । ମୋ ବାହାଘର ମାତ୍ର ଦୁଇଦିନ ଥାଏ; ଏହାହିଁ ହେଲା ବିରାଟ ସମସ୍ୟା । ମୋର ଭାବୀ ଶ୍ୱଶୁର ଖବର ଦେଲେ ଯେ ବିବାହର ଧର୍ମାନୁମୋଦିତ କର୍ମ ଆରମ୍ଭ ହୋଇଯାଇଛି ତେଣୁ ବାହାଘର ହେବ । ମୋ ଅଜା ନିଜେ ଦେଇଥିବା କଥା ରକ୍ଷା କରିବାରେ ଦୃଢ଼ । ତେଣୁ ସେ ବାହାଘର ହେବ ବୋଲି ସ୍ଥିର କଲେ । ଫଳରେ ବାପାଙ୍କର ମୃତ୍ୟୁର ତୃତୀୟ ଦିବସରେ ମୋର ବିବାହ ହେଲା ।

କୃତଜ୍ଞତାର ସହିତ ମୋ ବାପା ଶିଖାଇଥିବା ମୂଲ୍ୟବାନ ଉପଦେଶ ଗୁଡିକ ମୁଁ ମନେ ରଖିଥାଏ । ଆଗରୁ ବର୍ଣ୍ଣନା କରାଯାଇଥିବା ଘଟଣା ବ୍ୟତୀତ ସେ କେବେ ହେଲେ ମୋତେ ଦଣ୍ଡ ଦେଇ ନାହାନ୍ତି କି ଟାଣ କରି କହିନାହାନ୍ତି । ଲୋକ ଦେଖାଣିଆ ସ୍ନେହ ସେ ଦେଖାନ୍ତି ନାହିଁ । କିନ୍ତୁ ମୁଁ ସବୁବେଳେ ଅନୁଭବ କରୁଥିଲି ଯେ ତାଙ୍କର ମୋ ପ୍ରତି ଅଗାଧ ସ୍ନେହ ଥିଲା । ତାଙ୍କର ଭଗବାନଙ୍କ ଉପରେ ଅଶେଷ ବିଶ୍ୱାସ ଥିଲା । ସେ ଯାହା ପାଉଥିଲେ ସେଥିରେ ସନ୍ତୁଷ୍ଟ ଥିଲେ । ନିଜର ବିବେକାନୁମୋଦିତ କର୍ତ୍ତବ୍ୟ ପାଳନ କରୁଥିଲେ । ତାଙ୍କ ଛାତ୍ରଙ୍କୁ ସ୍ନେହ କରୁଥିଲେ ଏବଂ ସାଥିମାନଙ୍କୁ ସମ୍ମାନ ଦେଉଥିଲେ । କାହା ସାଙ୍ଗରେ କଳି କରିବା ମୁଁ ଜାଣିନାହିଁ । କର୍ତ୍ତବ୍ୟବୋଧ, ଧର୍ମ ବିଶ୍ୱାସ ଓ ସବୁ ଅବସ୍ଥାରେ ମାନସିକ ଭାରସାମ୍ୟ ରଖିବା ଗୁଣ ମୁଁ ତାଙ୍କଠାରୁ ଆଣିଛି । ଯାଠାରୁ ଅଧିକ ମୂଲ୍ୟବାନ ପୈତୃକ ଗୁଣ କିଛି ଅଛି ବୋଲି ମୁଁ ଭାବି ପାରୁନାହିଁ । ମୁଁ ତାଙ୍କଠାରୁ କିଛି ସମ୍ପତ୍ତି ପାଇନାହିଁ, ତେବେବି ତାହା ମୋ ପାଇଁ ଶୁଭସୂଚକ ।

ତୋଷାମଦ ବା ଧରାଧରି କରି ସୁବିଧା ସୁଯୋଗ ଲାଭ କରିବା ଲୋକଙ୍କ ମଧ୍ୟରେ ମୋ ବାପା ନ ଥିଲେ । ସେ ସାତ ଆଠ ବର୍ଷ ଧରି କୌଣସି ପ୍ରମୋଶନ ପାଇନଥିଲେ । ତାଙ୍କର ଜଣେ ଛାତ୍ର ଭାଭନଗର ମହାରାଜାଙ୍କର ପ୍ରାଇଭେଟ୍ ସେକ୍ରେଟେରୀ ଥିଲେ । ସେ ବାପାଙ୍କୁ ଥରେ ଭେଟି ତାଙ୍କୁ ଦିୱାନ୍‌ଙ୍କ ପାଖକୁ ନେଇ ଦରମା ବଢ଼ାଇବା ପାଇଁ ସୁପାରିଶ କରିବାକୁ କହିଲେ । ବାପା କାହାରିକୁ ଅନୁଗ୍ରହ ମାଗିବାକୁ ମନା କଲେ ଏବଂ କହିଲେ, ''ଭଗବାନ ହିଁ ଜଣେ ଯେ କି ଅନୁଗ୍ରହ ଦିଅନ୍ତି । ସେ ମୋତେ ଯାହା ଦେଇଛନ୍ତି ସେଥିରେ ମୁଁ ସନ୍ତୁଷ୍ଟ । ମୁଁ କୌଣସି ଲୋକ ଠାରୁ ଅନୁଗ୍ରହ ମାଗିବାରେ ବିଶ୍ୱାସ କରେ ନାହିଁ ।'' ବାପାଙ୍କର ଏହି ଉଦାହରଣ ମୋ ଜୀବନରେ ଅଶେଷ ଶକ୍ତି ଦେଇଛି । ଆଜି ମୁଁ ମାନସିକ ଭାରସାମ୍ୟ ରଖି ଶାନ୍ତି ଓ ନିଶ୍ଚିନ୍ତରେ ଜୀବନ ଯାପନ କରୁଛି ।

ମୁଁ ଗୋଟିଏ ଘଟଣା ଭୁଲି ପାରିବି ନାହିଁ । ସେହି ଘଟଣାରୁ ବାପାଙ୍କର ମୋ ପ୍ରତି କେତେ ଗଭୀର ସ୍ନେହ ଥିଲା ଜଣାପଡ଼େ । ମୋର ବ୍ରତ ହେବାର ଦଶଦିନ ପରେ ବାପା ବଲ୍‌ସାର୍‌ରୁ କୁଣ୍ଡଲା ଯାଉଥାନ୍ତି । ମୁଁ ତାଙ୍କୁ ବିଦାୟ ଦେବାକୁ ଷ୍ଟେସନ ପର୍ଯ୍ୟନ୍ତ ଯାଇଥାଏ । ଆଉ ସମସ୍ତେ ବଲ୍‌ସାର୍‌ରେ ଥାଆନ୍ତି । କିନ୍ତୁ ଶେଷ

Digitized by srujanika@gmail.com

ମୁହୂର୍ତ୍ତରେ ମୁଁ ତାଙ୍କ ସାଥିରେ ଯିବାପାଇଁ ଜିଦ୍ ଧରିଲି । ବିନା ଦ୍ୱିଧାରେ ସେ ମୋତେ ସାଙ୍ଗରେ ନେଲେ । ସେ ସେଠାରେ ଏକା ରହୁଥିଲେ । ମୁଁ ତାଙ୍କ ସହିତ ଅଢ଼େଇ ବର୍ଷ ରହିଲି, କିନ୍ତୁ ମା' କଥା ମୋର ମନେ ପଡିଲା ନାହିଁ । ସେତେବେଳେ କୁଣ୍ଡଲାରେ ରେଲଷ୍ଟେସନ ହୋଇ ନଥିଲା । ଆମକୁ ଲାଠିରେ ଓହ୍ଲାଇ ବଳଦ ଗାଡିରେ ପନ୍ଦର ମାଇଲ ଯିବାକୁ ପଡୁଥିଲା । ଭିରାମ୍‌ଗ୍ରାମରେ ଆମେ ରେଲଯାତ୍ରା ଶେଷ କଲୁ । ମୋର ଧାରଣା ଯେ ଏଇ ଷ୍ଟେସନରେ କଷ୍ଟମ୍ ଅଫିସରମାନେ ଲୋକମାନଙ୍କୁ ବହୁତ ହଇରାଣ କରୁଥିଲେ । ବଲ୍‌ସାର୍ ଓ କୁଣ୍ଡଲା ମଧ୍ୟରେ ମୁଁ ତିନି ଚାରି ଥର ଯିବା ଆସିବା କରିଛି । କେବଳ ବେଶୀ ଭିଡ଼ ଛଡ଼ା ମୁଁ କିଛି ଅସୁବିଧା ଭୋଗ କରିନାହିଁ । ବାପା ସବୁବେଳେ ଅଳ୍ପ ଜିନିଷ ନେଇ ଯାତ୍ରା କରୁଥିଲେ ଓ ବେଆଇନ ଜିନିଷ କିଛି ନେଉନଥିଲେ । ସେଇଥିପାଇଁ ଆମର କିଛି ଅସୁବିଧା ହେଉ ନଥିଲା ।

ମୋ ମାଆଙ୍କ ନାମ ଥିଲା ବାଜୀୟବେନ ବା ମଣିବେନ । ମୁଁ ତାଙ୍କୁ 'ବା' ବୋଲି ଡାକୁ ଥିଲି । ବାପାଙ୍କ ଅନେକ ଭଲଗୁଣ ତାଙ୍କଠାରେ ଥିଲା । ବାପାଙ୍କ ଅଳ୍ପ ଆୟରେ ସେ ଘର ଏପରି ଚଳାଉଥିଲେ ଯେ ସମସ୍ତେ ସନ୍ତୁଷ୍ଟ ଥିଲେ । ସେ ଟିକିଏ ରାଗୀଥିଲେ କିନ୍ତୁ କେବଳ କେହି ଭୁଲ କଲେ ସେ ରାଗୀ ଯାଉଥିବାର ଦେଖାଯାଉଥିଲା । ଅନ୍ୟଥା ସେ ଶାନ୍ତ ଥିଲେ । ବାପାଙ୍କ ମୃତ୍ୟୁପରେ ମୁଁ, 'ବା', ଭାଇ, ଭଉଣୀ ସମସ୍ତେ ଅଜାଘରେ ରହିଲୁ । ଦିନେ ଅଜାଙ୍କ ସହିତ ଝଗଡ଼ା ପରେ 'ବା' ଆମ ସମସ୍ତଙ୍କୁ ବଲ୍‌ସାର୍‌ରେ ଆମ ପୈତୃକ ଘରକୁ ନେଇ ଆସିଲେ ଓ ଆମେ ସେଠାରେ ରହିଲୁ । 'ବା' ବଡ଼ ସ୍ୱାଭିମାନି ଥିଲେ । ମୁଁ ସେତେବେଳେ କଲେଜରେ ପଢୁ ଥିଲି । ମୁଁ ଭାଭନଗର ଷ୍ଟେଟରୁ ଦଶଟଙ୍କା ବୃତ୍ତି ପାଉଥିଲି ଓ ଟିଉସନ୍ ମଧ୍ୟ କରୁଥିଲି । ମୁଁ ସେଇ ଟଙ୍କା 'ବା'ଙ୍କ ପାଖକୁ ପଠାଉଥିଲି ଓ ସେ ସେଥିରେ ଘର ଚଳାଉଥିଲେ । ମୋ ଅଜା ମଧ୍ୟ କିଛି ସାହାଯ୍ୟ କରୁଥିଲେ ।

ବାପାଙ୍କ ମୃତ୍ୟୁ ବେଳକୁ ଯଦିଓ ମୋତେ ମାତ୍ର ପନ୍ଦର ବର୍ଷ ହୋଇଥିଲା, ଘରର ବଡ଼ ପୁଅ ହିସାବରେ ଘରର ସମସ୍ତ ଭାର ମୁଁ ବହନ କରିଥିଲି । ଆମ ପରିବାରରେ ଥିଲେ ଜେଜୀମା, ବା, ତିନିଭାଇ, ଦୁଇ ଭଉଣୀ ଓ ମୋ ସ୍ତ୍ରୀ, ମୋତେ ମିଶାଇ ମୋଟ ନଅଜଣ । ବାପାଙ୍କ ମୃତ୍ୟୁର ପାଞ୍ଚ ଛଅମାସ ପରେ ମୋର ସାନ ଭଉଣୀ ଜନ୍ମ ହୋଇଥିଲା । ବାପା ଗୋଟିଏ ଛୋଟ ଘର ଓ ଚାରି ବିଘା ଜମି ମାତ୍ର ଛାଡି ଯାଇଥିଲେ । ଜମିରୁ ବାର୍ଷିକ ଆୟ ଥିଲା ମାତ୍ର ଦଶ ଟଙ୍କା । ତା' ବି ନିୟମିତ ଭାବେ ଆସୁ ନଥିଲା । ଅଜାଙ୍କ ପରିବାର ଆମକୁ ସାହାଯ୍ୟ କରୁ. ଥିଲେ ।

ମୋ ଅଜାଙ୍କର ଦୁଇ ପୁଅ ଥିଲେ । ବଡ ଥିଲେ ହରିଭାଇ, ସେ ଅଜାଙ୍କ ପ୍ରଥମ ସ୍ତ୍ରୀର ପୁଅ, ମୋ ବାପାଙ୍କ ବୟସର । ବାପା ଓ ସେ ମାମୁଁ ସାଙ୍ଗ ହୋଇ ସ୍କୁଲରେ ପଢୁଥିଲେ । ହରିଭାଇ ଜଣେ ମେଧାବୀ ଛାତ୍ର ଥିଲେ ଓ ବି.ଏ. ପାଶ କରି ରେଭିନ୍ୟୁ ବିଭାଗରେ କାମ କଲେ । ଅଳ୍ପ ବର୍ଷପରେ ମାମଲତ୍‌ଦାରକୁ ଉନ୍ନିତ ହୋଇଥିଲେ । ମାମଲତ୍‌ଦାର ହିସାବରେ ପ୍ରଶାସନିକ କାର୍ଯ୍ୟରେ ସେ ବେଶ୍ ଦକ୍ଷ ଥିଲେ । ମନରେ ଯାହା ଥାଏ ସେ ସିଧା ସିଧା କହି ପକାଉଥିଲେ । ଏହି ଅଭ୍ୟାସ ଯୋଗୁଁ ଉପରିସ୍ଥ କର୍ମଚାରୀଙ୍କ ସହିତ ଝଗଡ଼ା ହେଉଥିଲା । ତାଙ୍କ ବିରୁଦ୍ଧରେ ତଦନ୍ତ ଆଦେଶ ଦିଆ ଯାଇଥିଲା ଏବଂ ୧୯୧୧ରେ ସେ ସସ୍‌ପେଣ୍ଡ୍ ହୋଇଥିଲେ । ଦୀର୍ଘ ତଦନ୍ତ ପରେ ପଚାଶ ଟଙ୍କା ମାସିକ ପେନ୍‌ସନ୍ ସହ ତାଙ୍କୁ ଅବସର ନେବାକୁ ପଡିଥିଲା । ତାଙ୍କର ଦୁଇପୁଅ ଓ ଚାରି ଝିଅ ଥିଲେ । ସେମାନେ ମୋତେ ଭାରି ଭଲ ପାଉଥିଲେ । ତାଙ୍କର ଗୋଟିଏ ପୁଅ ମୋଠାରୁ ତିନି ଚାରିବର୍ଷ ବଡ, ଆଉ ପୁଅଟି ମୋ ଠାରୁ ଦୁଇବର୍ଷ ସାନ । ମୋ ସାବତ ମାମୁଁ ଯେତେବେଳେ ଭଦେଲୀରେ ଆସି ରହିଲେ ତାଙ୍କର ମୋ ପ୍ରତି ସ୍ନେହ ବଢ଼ିବାକୁ ଲାଗିଲା । ଅଳ୍ପ ଦିନ ପରେ ସେ ମୋତେ 'ଦେବ୍' ବୋଲି ଡାକିଲେ । ଗାଁର କେତେ ପିଲା ମାମୁଁଙ୍କ ସାଙ୍ଗରେ ପଢୁଥିଲେ । ସତାନବେ ବର୍ଷ ବୟସରେ ମରିବା ଯାଏ ସେ

Digitized by srujanika@gmail.com

ତାଙ୍କ କାମ କରୁଥିଲେ । ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କ ଶାରୀରିକ ଶକ୍ତି ବେଶ୍ ଥିଲା ଓ ଗାଁର ସବୁ କାମରେ ଭାଗ ନେଉଥିଲେ । ଦୃଢ଼ ମାନସିକ ଓ ଶାରୀରିକ ଶକ୍ତି ଯୋଗୁଁ ବେଳେ ବେଳେ ସେ ବିପଦର ସମ୍ମୁଖୀନ ହେଉଥିଲେ ।

ଥରେ ତାଙ୍କ ବାହାରେ ଗୋଟିଏ ବଥ ଉଠିଥିଲା । ସେଇଟା ପାଚିଲା । ଡାକ୍ତର ପାଖକୁ ନ ଯାଇ ସେ ବଜାରରୁ ବାରିକ ଜଣକୁ ଡାକିଲେ । ବାରିକ ଜଣକ ଘା'କୁ କାଟି ପ୍ରାୟ ଦେଢ଼ ପାଉଣ୍ଡ ଓଜନର ପୂଜ ଚିପି ଚାପି ବାହାର କଲା । ବଥ କାଟିଲାବେଳେ ମାମୁଁ ଟିକିଏ ବି ପାଟି କଲେ ନାହିଁ, ଚୁପ୍‌ଚାପ୍ ସବୁ ସହିଗଲେ । ତାଙ୍କର ଯନ୍ତ୍ରଣା ସହିବାର କ୍ଷମତା ମୋ ମନରେ ଗଭୀର ରେଖାପାତ କରିଥିଲା । ସେ ତାଙ୍କ ଦାଦାଙ୍କ ଠାରୁ ଏହି ଶିକ୍ଷା ପାଇଥିଲେ । ଶେଷ ପର୍ଯ୍ୟନ୍ତ ତାଙ୍କର ମୋ ପ୍ରତି ଅଗାଧ ସ୍ନେହ ଥିଲା ଓ ବେଳେ ବେଳେ ସେ ଅନ୍ୟ କାହାରି କଥା ନ ଶୁଣିଲେ ମଧ୍ୟ ମୁଁ ତାଙ୍କ ମନ ବଦଳାଇ ପାରୁଥିଲି । ସେ ଏଇ ଦଶ ବର୍ଷ ଆଗେ ମୃତ୍ୟୁ ବରଣ କରିଛନ୍ତି । ତାଙ୍କ ମୃତ୍ୟୁପର୍ଯ୍ୟନ୍ତ ବର୍ଷକୁ ଅନ୍ତତ ଥରେ ଦୁଇଥର ମୁଁ ତାଙ୍କୁ ସାକ୍ଷାତ କରୁଥିଲି । ତାଙ୍କ ସ୍ତ୍ରୀ, ଯାହାଙ୍କୁ ମୁଁ ''ବଡ଼ ମାଇଁ'' ଡାକୁଥିଲି, ମୋତେ ଭଲପାଉଥିଲେ । ମୁଁ ସରକାରୀ ଚାକିରିରୁ ଯେତେବେଳେ ଇସ୍ତଫା ଦେଲି, ସେତେବେଳେ ସେ ଅହମଦାବାଦରେ ରହୁଥିଲେ । ସେ ମୋତେ ବହୁତ ବାରଣ କରିଥିଲେ କିନ୍ତୁ ମୁଁ ତାଙ୍କ କଥା ଶୁଣି ନ ଥିଲି ।

ମାମୁଁ 'ନିଛାଭାଇ' ମୋଠାରୁ ଛ'ମାସ ବଡ଼ । ଆମେ ଏକାଠି ପିଲାଦିନୁ ବଢ଼ିଥିଲୁ, ତେଣୁ ଭାରୀ ସାଙ୍ଗ ଥିଲୁ । ତାଙ୍କର ଓ ଆମର ପରିବାର ପ୍ରାୟ ଏକା ପରିବାର ଭଳିଆ ରହୁଥିଲେ । ନିଛାଭାଇ ଭଲ ପଢୁ ନଥିଲେ ଏବଂ ଚତୁର୍ଥ ଶ୍ରେଣୀପରେ ପାଠ ଛାଡ଼ି ଦେଇଥିଲେ । ଏଇ ସାତବର୍ଷ ଆଗେ ସେ ମରିଯାଇଛନ୍ତି । ମୋର କେହି ଦାଦା ନ ଥଲେ ।

୧୯୦୫ରେ ଯେତେବେଳେ ବଙ୍ଗଳା ବିଭାଜନ ବିରୁଦ୍ଧରେ ଗଣ୍ଡଗୋଳ ଲାଗିଥିଲା, ମୋତେ ସେତେବେଳେ ୧୦ ବର୍ଷ ହୋଇଥିଲା । କିନ୍ତୁ ସେତେବେଳେ ଯେଉଁ ଜନ ଜାଗରଣ ହୋଇଥିଲା, ତାହା ମୋ ଉପରେ ପ୍ରଭାବ ପକାଇ ଥିଲା । ମୁଁ ସ୍ଥିର କଲି ଯେ ଆଉ ଚା ପିଇବି ନାହିଁ । ଚାରି ବର୍ଷ ପରେ ଲୋକମାନ୍ୟ ତିଳକ ଯେତେବେଳେ ଆରେଷ୍ଟ ହୋଇ ଜେଲ ଗଲେ ଆମ ସ୍କୁଲରେ ଧର୍ମଘଟ ହୋଇଥିଲା । ଆମେ ସଭାକଲୁ । ସେଇଠି ମୁଁ ସ୍ୱଦେଶୀ ପ୍ରତିଜ୍ଞା ନେଲି । ପିଲାଦିନୁ ମୁଁ ପକ୍ଷପାତୀ ଓ ଅସାଧୁତା ବିରୁଦ୍ଧରେ ଥିଲି ।

ଦିନେ, ମୋର ଜଣେ ଶିକ୍ଷକ, ସାପ୍ତାହିକ ପରୀକ୍ଷାରେ ତାଙ୍କର ଜଣେ ପ୍ରିୟ ଛାତ୍ରକୁ ଉତ୍ତର ଲେଖିବାରେ ସାହାଯ୍ୟ କରୁଥିବାର ମୁଁ ଦେଖିଲି । ମୁଁ ବି ସେଇ ଶିକ୍ଷକଙ୍କର ଜଣେ ପ୍ରିୟ ଛାତ୍ର ଥିଲି, କିନ୍ତୁ ସେଦିନ ଶିକ୍ଷକଙ୍କ ଏପରି କାର୍ଯ୍ୟକଳାପ ବିରୁଦ୍ଧରେ ମୁଁ ଓ ମୋର ସାଙ୍ଗମାନେ କ୍ଲାସ ତ୍ୟାଗ କରି ଚାଲିଆସିଲୁ । କ୍ଲାସ ଛାଡିବା କାମରେ ମୁଁ ଜଣେ ନେତା ଥିଲି । ଶିକ୍ଷକ ନିଜର ଦୋଷ ସ୍ୱୀକାର କଲେ ଓ ଆମେ ସେ ଘଟଣା ଭୁଲି ଗଲୁ, ଏ ଘଟଣା ଶିକ୍ଷକ ଓ ମୋ ମଧ୍ୟରେ ସଦ୍‌ଭାବକୁ ପ୍ରଭାବିତ କରିପାରି ନଥିଲା, ବରଂ ଆମ ସମ୍ବନ୍ଧ ବଢ଼ିବାକୁ ଲାଗିଲା ।

ଅଜାଙ୍କ ଘରେ ଥିବା ବେଳେ ପାଖରେ ଅନେକ ହାଲ୍‌ପାଟିସ୍ ରହୁଥିଲେ । ହାଲି ପ୍ରଥା କ୍ରୀତଦାସ ପ୍ରଥା ଭଳିଆ ଥିଲା, ଦେଶ ସ୍ୱାଧୀନ ହେବାପରେ ଏହି ପ୍ରଥା ଲୁପ୍ତ ହୋଇଗଲା । ଜଣେ ହାଲ୍‌ପାଟୀ ସେତେବେଳେ ନିଜର ବାହାଘର ପାଇଁ ତିରିଶ/ଚାଳିଶ ଟଙ୍କା ଧାର ନେଉଥିଲା । ଫଳରେ ପୂରା ପଇସା ନ ଫେରାଇବା ଯାଏ ସେ କରଜ ଦାତା ଘରେ କାମ କରିବାକୁ ହେବ ବୋଲି ରାଜି ହେଉଥିଲା । ଦିନକୁ ମଜୁରି ଦୁଇ ତିନି ଅଣା ଥିଲା । ତା ସ୍ତ୍ରୀ ଘରର ସବୁଲୁଗା ସଫା କରୁଥିଲା ଓ ଘରେ ଦରକାର ପାଣି ବୋହୁଥିଲା । ସେ ଦିନକୁ ଗୋଟାଏ ପାଉଁରୁଟି ପାଉଥିଲା, ଆଉ କିଛି ମୂଲ୍ଲ ଦିଆଯାଉ ନଥିଲା । ଦରକାର ପଡିଲେ ହାଲ୍‌ପାଟୀ ପୁଣି କରଜ କରୁଥିଲା । ଏହିପରି ଭାବରେ ସେ ସବୁବେଳେ କରଜରେ ବୁଡି ରହି ସାରା ଜୀବନ କରଜ ଦାତା ଘରେ କାମ କରୁଥିଲା ।

Digitized by srujanika@gmail.com

ଆମ ଗାଈ କ୍ଷୀର ଦେଉଥିଲା ଓ ସେଥିରୁ ଦହି ଓ ଘିଅ ତିଆରି ହେଉଥିଲା । ଖୁବ୍ କମ୍ ଦୁଧ ବିକ୍ରି ହେଉଥିଲା । ବଳକା କ୍ଷୀରରେ ଦହି ବସୁଥିଲା । ପ୍ରତି ତୃତୀୟ ଦିନ ଦହି ଗୋଳା ହୋଇ ଲହୁଣୀ ଓ ଘୋଳ ଦହି ବାହାରୁଥିଲା ଓ ଲହୁଣୀରୁ ଘିଅ ମରା ହେଉଥିଲା । ତେର ବର୍ଷ ବୟସରୁ ମୋ ଭାଗ କାମହିସାବରେ ମୁଁ ପ୍ରତି ତୃତୀୟ ଦିନ ଦହି ଗୋଳାଉଥିଲି । ଦୁଇ ଜଣ ଲୋକ ଏ କାମ ପାଇଁ ଦରକାର । ସାଧାରଣତଃ ହାଲ୍‌ପାତୀମାନେ ଏ କାମ କରୁଥିଲେ । ମୋ ମାମୁଁ ଓ ମୁଁ ଏହି କାମ କରୁଥିଲୁ । କିନ୍ତୁ ଅନେକ ସମୟରେ ମୁଁ ଓ ହାଲପାତୀ ଏ କାମ କରୁଥିଲୁ । ମୋ ଶରୀର ଟାଣ ଓ ଶକ୍ତ ହୋଇଗଲା । ମୋ ହାତ ଓ ଗୋଡ଼ର ମାଂସ ପେଶୀ ଶକ୍ତ ହୋଇଗଲା । ମୁଁ ହାତରେ କାମ କରିବା ଅଭ୍ୟାସ ରଖିଥିଲି, ଅବଶ୍ୟ ଆମେ କ୍ଷୀର, ଦହି, ଲହୁଣୀ ଆଦି ଖାଦ୍ୟ ଖାଉଥିଲୁ । ଏହିପରି ପ୍ରାକୃତିକ ଖାଦ୍ୟ ପିଲାଦିନୁ ଖାଇବାର ସୁବିଧା ଥିଲା ।

ପିଲାଦିନେ 'ହାଳି' ପ୍ରଥା ଖରାପ ବୋଲି ମୁଁ ଅନୁଭବ କରି ନ ଥିଲି । ବମ୍ବେରେ ଉଇଲ୍‌ସନ୍ କଲେଜରୁ ସ୍ନାତକ ପାଶ କରିଲା ପରେ ଏ ବିଷୟରେ ଚିନ୍ତାକଲି; ଏହା ଏକ ଅନ୍ୟାୟ ପ୍ରଥା ବୋଲି ହୃଦୟଙ୍ଗମ କଲି ଓ ଭାବିଲି ଏ ପ୍ରଥାର ଅବସାନ ହେବା ଉଚିତ । ମୁଁ ଥାନା ଜିଲାରେ ଡେପୁଟୀ କଲେକ୍ଟର ଭାବେ କାମ କରିବା ବେଳେ ଇଟାଭାଟିକୁ ହାଲ୍‌ପାତୀମାନେ କାମକୁ ଯାଉଥିବାର ଦେଖିଲି । ସେତିକିବେଳେ ତାଙ୍କର କୃଷକ ମାଲିକମାନେ ସେଠାକୁ ଯାଇ ତାଙ୍କ ପାଖରେ କାମକୁ ଫେରିଯିବାକୁ ବାଧ କରୁଥିଲେ । ମୁଁ ସେତିକି ବେଳେ ସେ ମାଲିକମାନଙ୍କୁ କହୁଥିଲି ଯେ ଆଇନତଃ ତାଙ୍କର ହାଲ୍‌ପାତୀଙ୍କ ଉପରେ କୌଣସି ଅଧିକାର ନାହିଁ । ତାଙ୍କର ଦାବୀ 'ହାଲ୍‌ପାତୀମାନେ ଚାଷକାମକୁ ଫେରି ଯିବା ଉଚିତ୍'କୁ ମୁଁ ଅଗ୍ରାହ୍ୟ କରୁଥିଲି । ୧୯୩୦ରେ କଂଗ୍ରେସରେ ଯୋଗ ଦେବା ପରେ ଏଇ କୁପ୍ରଥା ବିରୁଦ୍ଧରେ ମୁଁ ଖୁବ୍ ଜୋରରେ ଲାଗିଲି । ସ୍ୱାଧୀନତା ପରେ ଏହି ପ୍ରଥାର ଉଚ୍ଛେଦ ପାଇଁ ଉଦ୍ୟମ କଲି ।

ଆମ ଜାତିରେ ବିବାହ ବେଳେ ଗୋଟାଏ ଅତ୍ୟନ୍ତ ଆପତ୍ତିଜନକ ପ୍ରଥା ଥିଲା । ଝିଅର ବାପାଙ୍କୁ ଜ୍ୱାଇଁଙ୍କୁ ଯୌତୁକ ଦେବାକୁ ପଡୁଥିଲା । ଯୌତୁକ ଏକ ହଜାର ଟଙ୍କାରୁ ତିନିହଜାର ଟଙ୍କା ବା ତା' ଠାରୁ ଅଧିକ ହେଉଥିଲା । ଏ ଟଙ୍କା ବିବାହ ପୂର୍ବରୁ, ଏବଂ ପରେ ଅନେକ ଜିନିଷ ଦେବାକୁ ପଡୁଥିଲା । ବିବାହ ବେଳେ ବା ଝିଅର ପିଲାମାନଙ୍କ ଦୀକ୍ଷା ନେବା ସମୟରେ ବିଶେଷ ଉପହାର ଦେବାକୁ ପଡୁଥିଲା । ଏ ଉପହାର ବେଶ୍ ଦାମିକା । ଯଦି ଝିଅର ବାପା ଏ ଉପହାର ନ ଦିଅନ୍ତି ଝିଅକୁ ଶ୍ୱଶୁର ଘରେ ଲାଞ୍ଛିତ ହେବାକୁ ପଡୁଥିଲା । ୧୯୧୮ରୁ ମୁଁ ଏ ପ୍ରଥାର ବିରୋଧ କରିଆସୁଥିଲି । ମୁଁ ନିଜର ଗୋଟିଏ ନିୟମ କଲି ଯେ ମୁଁ ଏପରି ପ୍ରଥା ସହିତ ରାଜି ହେବି ନାହିଁ । ତେଣୁ ସ୍ଥିର କଲି ଯେ ଏ ପ୍ରଥା ପ୍ରଚଳିତ ବିବାହ ଉତ୍ସବରେ ମୁଁ ଯୋଗ ଦେବିନାହିଁ । ମୁଁ ଏ ନିଷ୍ପତ୍ତି ନେବାର ଠିକ୍ ପରେ ମୋର ଶଳାର ବାହାଘର ହେଲା । ମୋ ଶ୍ୱଶୁର ଯୌତୁକ ଗ୍ରହଣ କରିଥିଲେ । ତେଣୁ ମୁଁ ସେ ବିବାହକୁ ଗଲି ନାହିଁ, ବିବାହରେ ଅସହଯୋଗ କଲି; କିନ୍ତୁ ଏହା ଦ୍ୱାରା ଆମର ସମ୍ପର୍କରେ କୌଣସି ପରିବର୍ତ୍ତନ ଆସି ନ ଥିଲା । ମୋର ଅସହଯୋଗ ଯୋଗୁ ଅନ୍ୟ ଶଳାମାନଙ୍କର ବିବାହରେ ମୋ ଶ୍ୱଶୁର ଯୌତୁକ ନେଇ ନଥିଲେ । ଏହି ପରିବର୍ତ୍ତନ ଯୋଗୁ ମୁଁ ବହୁତ ଖୁସି ହୋଇଥିଲି ।

ମୋ ଭଳି ଅନ୍ୟ କେତେଜଣ ଯୌତୁକ ପ୍ରଥା ବିରୁଦ୍ଧରେ ଲାଗି ପଡିଲେ, ଫଳରେ ଏ କୁପ୍ରଥା ପ୍ରଚଳନ କମି ଆସିଲା । ମୁଁ ଦୁଃଖର ସହିତ ମାନୁଛି ଯେ ଏ କୁପ୍ରଥା ଲୋପ ପାଇନାହିଁ; ମୁଁ ଜାଣେ ଅନେକ ବିବାହ ଉତ୍ସବରେ ଏହି ପ୍ରଥାଯୋଗୁ କଳିଗୋଳ ହୁଏ ଓ ଆନନ୍ଦ ଉତ୍ସବ ନଷ୍ଟ ହୋଇଯାଏ । ଅନେକ ନବ ବିବାହିତା ସ୍ତ୍ରୀ ଏଇ କୁପ୍ରଥା ଯୋଗୁ ଶାଶୁଘରେ ଗଞ୍ଜଣା ସହ୍ୟ କରନ୍ତି ।

ବର୍ଷାଦିନେ ମୋ ଅଜାଘର ଗାଁର ଅନେକ ବୟସ୍କା ମହିଳାମାନେ ମୋତେ ରାମାୟଣ, ମହାଭାରତ ପଢ଼ି ତାଙ୍କୁ ଶୁଣାଇବାକୁ କୁହନ୍ତି । ଏଇ ଦୁଇ ତିନି ବର୍ଷରେ ମୁଁ ଏଇ ଦୁଇ ଗ୍ରନ୍ଥ ପ୍ରାୟ ଦୁଇ ତିନିଥର ପଢ଼ିଥିବି । ଏ

Digitized by srujanika@gmail.com

ବହି ଦୁଇଟି ଦ୍ୱାରା ମୋର ଧାର୍ମିକ ମନୋଭାବ ବଢ଼ିଲା । ସେ ବୟସରେ ଯେତେଦୂର ସମ୍ଭବ, ମୁଁ ହିନ୍ଦୁ ଧର୍ମରେ ଅନୁପ୍ରାଣିତ ହେଲି । କେତୋଟି ଉପନ୍ୟାସ ଛଡ଼ା ମୁଁ ଆଉ କିଛି ପଢ଼ି ନଥିଲି । ସଂସ୍କୃତ ପଢ଼ିବା ବେଳେ ମୁଁ ପଞ୍ଚତନ୍ତ୍ର ଗପ ପଢ଼ିବାକୁ ଭଲ ପାଉଥିଲି । ଏହି ବହିର ଗପରୁ ଜୀବନ ତତ୍ତ୍ୱ ଓ ସାଧନା ସମ୍ବନ୍ଧରେ କିଛି ଜ୍ଞାନ ଅର୍ଜନ କରିଥିଲି । ମୋର ନୈତିକ ଚିନ୍ତାଧାରା ଏହି ବହି ବିଷୟ ଗୁଡିକ ଉପରେ ଆଧାରିତ । ଆମ ପରିବାରରେ ଧର୍ମର ସବୁ ପ୍ରଥା ନିୟମିତ ଭାବରେ ପାଳନ କରାଯାଉଥିଲା । ଫଳରେ ପରିବାର ମଧ୍ୟରେ ଧର୍ମର ଗୋଟିଏ ବାତାବରଣ ସୃଷ୍ଟି ହୋଇଥାଏ । ଆମ ପରିବାରର ଇଷ୍ଟ ଦେବତା ହେଲେ ମହାଦେବ । ତେଣୁ କୁହାଯାଇ ପାରେ ଯେ ମୁଁ ଶୈବ ପରିବାରରେ ଜନ୍ମ ହୋଇଥିଲି । କିନ୍ତୁ ପିଲାଦିନେ ଏହାର କିଛି ପ୍ରଭାବ ମୋ ଉପରେ ନ ଥିଲା । ପୂରା ହିନ୍ଦୁ ଧର୍ମ ଦ୍ୱାରା ମୁଁ ଗଭୀର ଭାବରେ ପ୍ରଭାବିତ ହୋଇଥିଲି । ସବୁ ଧର୍ମର ମୂଳମନ୍ତ୍ର ଏକା ଥିବାରୁ ମୁଁ ସବୁ ଧର୍ମକୁ ସମ୍ମାନ ଦେଖାଏ ।

ମୋ ସାଙ୍ଗରେ ସେତେବେଳେ ପଢୁଥିବା ବଂଧୁ ମାନଙ୍କ ମଧ୍ୟରେ କେହି ସର୍ବଜନିକ ସେବାରେ ପ୍ରାଧାନ୍ୟତା ଅର୍ଜନ କରିଥିବା ମୋର ମନେ ହୁଏ ନାହିଁ । ପିଲାଦିନୁ ଭଲଗୁଣ ଶିଖିବା ସୌଭାଗ୍ୟ ମୋର ଥିଲା । ମୁଁ ଖରାପ ପିଲାଙ୍କ ସହିତ ସାଙ୍ଗ ହେଉ ନ ଥିଲି । ମୁଁ ଜାଣି ଶୁଣି ବା ବିଚାର କରି ଏପରି ବ୍ୟବହାର କରୁଥିଲି ବୋଲି କହି ପାରିବି ନାହିଁ । ସ୍ୱତଃ, ଅନ୍ତଃ ନିସୃତ ପ୍ରେରଣାରେ ମୁଁ ଭୁଲ ଓ ଖରାପ କାମଠାରୁ ଦୂରରେ ରହୁଥିଲି।

ମୁଁ ଭଦେଲୀରୁ ଯାଇ ବଲ୍‌ସାର୍ ସ୍କୁଲରେ ପଢ଼ିବା ବେଳେ ମୋ ମାଉସୀ ଜାମୁ ବେନ୍‌ଙ୍କ ଘରେ ଖରାବେଳେ ଖାଉଥିଲି । ସେ ମୋତେ ମୋ ମା' ଭଳି ସ୍ନେହ କରୁଥିଲେ । ମା'ଙ୍କ ମୃତ୍ୟୁ ପରେ ସେ ମୋ ମା'ଙ୍କ ସ୍ଥାନ ନେଇଥିଲେ ।

ମୁଁ ବାଇ ଆଭାବାଇ ହାଇସ୍କୁଲରେ ପଢୁଥିବା ବେଳେ ୧୯୧୧ ମସିହାରେ ପଞ୍ଚମ ଜର୍ଜଙ୍କ ରାଜ୍ୟାଭିଷେକ ହୋଇଥିଲା । ମାମୁଁ ଓ ଜଣେ ସାଙ୍ଗଙ୍କ ସହିତ ମୁଁ ସେ ଉତ୍ସବ ଦେଖିବାକୁ ବମ୍ବେ ଯାଇଥିଲି । ଆମେ ବମ୍ବେରେ ରାତିରେ ପହଞ୍ଚି ସିଧା ଡ୍ରାମା ଦେଖିବାକୁ ଗଲୁ । ଡ୍ରାମା ଦେଖିସାରି ଆମର ଜଣେ ଆତ୍ମୀୟ ଶ୍ରୀ ଭିଖାଭାଇ ଦେଶାଇଙ୍କ ଘରକୁ ଗଲୁ । ସେତେବେଳେ ସେ ରେଳବାଇରେ ଲଗେଜ୍ କ୍ଲର୍କ କାମ କରୁଥିଲେ । ସେ ଗ୍ରାଣ୍ଟ୍ ରୋଡ୍‌ରେ ରହୁଥିଲେ । ସହରରେ ଆଲୋକ ସଜା ହୋଇଥିଲା ଓ ଲୋକମାନେ ରାସ୍ତା ବୁଲି ଦେଖୁଥିଲେ । ଆଜିକାଲି ଆମେ ଯେଉଁ ଆଲୋକ ସଜା କରୁ ତାହା ବେଶ୍ ବଡ଼ ଧରଣର । ଆମେ ବମ୍ବେରେ ଆଠ ଦଶ ଦିନ ରହି ଭଦେଲୀକୁ ଫେରି ଆସିଲୁ । କୌଣସି ବଡ଼ ସହରକୁ ଏ ଥିଲା ମୋର ପ୍ରଥମ ଯାତ୍ରା । ସେତେବେଳେ ବମ୍ବେର ଲୋକସଂଖ୍ୟା, ମୋର ମନେ ହୁଏ, ସାତ ଆଠ ଲକ୍ଷ ଥିଲା ।

୧୯୧୨ରେ ମାଟ୍ରିକୁଲେଶନ ପରୀକ୍ଷା ଦେବାକୁ ମୁଁ ଅହମଦାବାଦ ଯାଇଥିଲି । ମୋର ଯାହା ମନେ ଅଛି ଏ ଥିଲା ଅଶିଣ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ, ଅର୍ଥାତ ଦୀପାବଳୀ ଅମାବାସ୍ୟାର ପୂର୍ବଦିନ । ଏ ଦିନ ବଡ଼ ଅଶୁଭ ଦିନ । କିନ୍ତୁ ମୋର ମନରେ ଭ୍ରମାତ୍ମକ ବିଶ୍ୱାସ ନ ଥିଲା କି ମୋତେ କେହି କହି ନଥିଲେ । ପରେ ଅନ୍ୟ ଜଣଙ୍କ ସହିତ କଥାବାର୍ତ୍ତା ବେଳେ ଜାଣିଲି ଯେ ଏପରି ଏକ ଅଶୁଭ ଦିନରେ ମୁଁ ମାଟ୍ରିକ ପରୀକ୍ଷା ଦେବାପାଇଁ ଯାଇଥିଲି । ୧୯୦୪ କିମ୍ବା ୧୯୦୫ରେ ମୋ ବାପାଙ୍କ ସହ କୁଣ୍ଡଲା ଯିବା ବାଟରେ ମୁଁ ପ୍ରଥମ ଥର ପାଇଁ ଅହମଦାବାଦ ଯାଇଥିଲି । ମୋ ମାମୁଁ ହରିଭାଇ ଗୋପାଳଜୀ ଦେସାଇ ସେଠାରେ ମାମଲତ୍‌ଦାର ଥିଲେ; ମୁଁ ତାଙ୍କ ଘରେ ରହିଲି ।

ଆଜିକାର ଅହମଦାବାଦ ଠାରୁ ସେବେକାର ଅହମଦାବାଦ ବହୁତ ଅଲଗା ଥିଲା । ବହୁତ ଧୂଳିଆ ସହର ଓ କୋଠା ଗୁଡ଼ିକ ବହୁତ ପୁରୁଣା ଥିଲା । ଲୋକମାନେ ମିତବ୍ୟୟୀ ଥିଲେ । ମୋର ପ୍ରଥମ ଯାତ୍ରାରେ ମୁଁ

Digitized by srujanika@gmail.com

ଏହା ଦେଖିଥିଲି ଓ ପର ଅଭିଜ୍ଞତାରେ ଏହି ଧାରଣା ଦୃଢ଼ ହୋଇଥିଲା । ସେ ସମୟରେ ସାବରମତୀ ନଈର ପଶ୍ଚିମ ପଟରେ କେହି ରହୁନଥିଲେ । ସେଠାରେ କେବଳ ଗୁଜରାଟ କଲେଜ ଓ ଖ୍ରୀଷ୍ଟ ଧର୍ମର କେତେକ କୋଠାଥିଲା । ତା' ଛଡ଼ା ଚାରି ପାଞ୍ଚଟି ଛୋଟ ଗାଁ ଥିଲା ।

ଦ୍ୱିତୀୟ ଥର ମୁଁ ଯେତେବେଳେ ଅହମଦାବାଦ ଗଲି, ଜଣେ ଆତ୍ମୀୟ ଶ୍ରୀ ଅମ୍ବାଲାଲ ଯୋଶୀଭାଇ ଦେସାଇଙ୍କ ଘରେ ରହିଲି । ଆମ ଭିତରୁ କେତେଜଣ ଲକ୍ଷ୍ମୀ ବିଳାସ ହୋଟେଲକୁ ଯାଉଥିଲେ । ସେଠାକୁ କେବଳ ହିନ୍ଦୁମାନଙ୍କୁ ଛାଡୁଥିଲେ । ଆମ ସାଙ୍ଗରେ ଜଣେ ପାର୍ସି ଭଦ୍ରଲୋକ ଥିଲେ କିନ୍ତୁ ଆମେ ତାଙ୍କୁ ପାର୍ସି ବୋଲି ପରିଚୟ ଦେଇ ନଥିଲୁ, ତେଣୁ କାହାରି କିଛି ଆପତ୍ତି ଉଠି ନଥିଲା । ସେତେବେଳେ ସମସ୍ତେ ହାସ୍ୟୋଦ୍ଦିପକ ପରିହାସ କରୁଥିଲେ । କେହି ଏହା ଖରାପ ବ୍ୟବହାର ବୋଲି ଭାବୁ ନ ଥିଲେ । ମୋର ବୁଦ୍ଧି ହେଲା ପରେ ମୁଁ ଜାଣିଲି ଏହା ଏକ ଠକାମୀ, ଅର୍ଥାତ୍ ଭୁଲ କାମ । ଧର୍ମ ଓ ନୀତି ସମ୍ବନ୍ଧରେ ଯେତେବେଳେ ମୋର ଜ୍ଞାନ ହେଲା ମୁଁ ଜାଣିଲି ଯେ ମୁଁ ଭୁଲ କାମ କରିଛି ।

ପରୀକ୍ଷା ଫଳ ବାହାରିବା ବେଳେ ମୁଁ ସୁରତରେ ଥିଲି । ମୋର ସହୋଦର ଭିନ୍ନ ଭାଇଙ୍କ ଶ୍ୱଶୁର ଘରେ ଜଣଙ୍କ ମୃତ୍ୟୁର ତେର ଦିନର ଜାତିଆଣ ଭୋଜନ ଥିଲା । ଏପରି ରାତ୍ର ଭୋଜନ ଭ୍ରମାତ୍ମକ ବୋଲି ମୁଁ ସେତେବେଳେ ଜାଣିନଥିଲି । ଏଇ ଜାତିଆଣ ଭୋଜନ ତିନି ଦିନ ଧରି ଚାଲିଲା । ଏପରି ସବୁ ଭୋଜନ ସାଧାରଣ ରାସ୍ତା ଉପରେ ହେଉଥିଲା । ଏ ପ୍ରଥା ଏତେ ଦୃଢ଼ଥିଲା ଯେ ଲୋକମାନଙ୍କୁ ସାଧାରଣତଃ ରାସ୍ତା କଡ଼ର ପାଇଖାନକୁ ପଛକରି ବସି ଖାଇବାକୁ ଖରାପ ଲାଗୁନଥିଲା । ମୁଁ ମଧ ଏଇ ଭଳି ଭୋଜନରେ ଭାଗ ନେଇଥିଲି । କିନ୍ତୁ ଏଥର ସୁରତରେ ଥିବା ବେଳେ ମୁଁ ଅନୁଭବକଲି ଯେ ଏ ପ୍ରଥା ଭଲ ନୁହେଁ ଏବଂ ଲୋକମାନେ ଏଭଳି ଅପରିଷ୍କାର ଜାଗାରେ ଖାଇବା ଉଚିତ୍ ନୁହେଁ । ତା' ପରଠାରୁ ଏଭଳି ଭୋଜନକୁ ଯିବା ବନ୍ଦ କରିଦେଲି । ଏହା ଥିଲା ଏକ ସ୍ୱାଗତ ଯୋଗ୍ୟ ପରିବର୍ତ୍ତନ ।

(୨) କଲେଜ ଜୀବନ

ମାଟ୍ରିକ୍ ପାଶ୍ କରିଥିବା ପ୍ରଥମ ପଚାଶ ଜଣ ଛାତ୍ରଙ୍କ ମଧ୍ୟରେ ମୋ ନାମ ଥିଲା । ଯେତେଦୂର ମନେ ଅଛି ମୋର ସ୍ଥାନ ଥିଲା ୪୫ । ସେ ସମୟରେ କଲେଜ ପଢ଼ା ଜାନୁୟାରୀ ମାସରେ ଆରମ୍ଭ ହେଉଥିଲା । ତେଣୁ ୧୯୧୩ ଜାନୁୟାରୀରେ ମୁଁ ବମ୍ବେରେ ପହଞ୍ଚିଲି । ବମ୍ବେରେ ପ୍ରଥମେ ମୁଁ, ମୋ ମାମୁଁଙ୍କର ଜଣାଶୁଣା ଗୋଟିଏ ବ୍ୟବସାୟ ପ୍ରତିଷ୍ଠାନକୁ ଗଲି । ତାପରେ ମୋ ଦାଦା ଖଣ୍ଡୁଭାଇ ଭୀମଭାଇ ଦେସାଇଙ୍କ ପାଖକୁ ଗଲି । ସେ ଜେନେରାଲ ପୋଷ୍ଟ ଅଫିସରେ ସୁପରିଣ୍ଟେଣ୍ଡେଣ୍ଟ ଥିଲେ । ଷ୍ଟେସନରୁ ଗିର୍‌ଗାଉଁ ଯିବାକୁ ବଗିଗାଡ଼ି ବାଲା ଏକ ଟଙ୍କା ଭଡ଼ା ମାଗିଲା । ଷ୍ଟେସନ କୁଲି ଛଅ ଅଣା ମାଗିଲା । ମୁଁ ମୋ ଟ୍ରଙ୍କକୁ ନେଇ ଚାଲି ଚାଲି ଗିର୍‌ଗାଉଁ ଗଲି । ଏ କଥା ନୁହେଁ ଯେ ଷ୍ଟେସନ କୁଲି ବା ବଗିଗାଡ଼ି ବାଲା ମୋତେ ବେଶୀ ପଇସା ମାଗିଲେ, କଥା ହେଲା ଯେ ସେତେବେଳେ ମୋ ଆର୍ଥିକ ଅବସ୍ଥା ଏତେ ସ୍ୱଚ୍ଛଳ ନ ଥିଲା । ପିଲାଦିନୁ ମୁଁ ସଚେତନ ଥିଲି ଯେ ଜଣେ ନିଜର ଆର୍ଥିକ ଅବସ୍ଥା ବାହାରେ ଖର୍ଚ୍ଚ କରିବା ଉଚିତ ନୁହେଁ । ମୁଁ ବାପାଙ୍କର ବଡ଼ ପୁଅ, ତେଣୁ ବାପାଙ୍କ ଅକାଳ ମୃତ୍ୟୁ ପରେ ପରିବାର ଚଳାଇବା ଦାୟିତ୍ୱ ମୋ ଉପରେ । ଆମର ଆୟ କମ୍‌ଥିଲା; ଅଜାଙ୍କ ସାହାଯ୍ୟ, ମୋର ସ୍କଲର୍ଶିପ୍, ଆଉ ଟିଉଶନରୁ ଯାହା କିଛି ଆୟ । ଭଗବାନଙ୍କ ଦୟାରୁ ମୁଁ ଗୋକୁଳଦାସ ତେଜପାଲ୍ ଫ୍ରି ବୋର୍ଡିଙ୍ଗ୍ ହାଉସ୍‌ରେ ସ୍ଥାନ ପାଇଲି । ସେଠାରେ ରହିବା, ଖାଇବା, ଲୁଗାପଟା, କଲେଜ ଫି ଓ ବହିପତ୍ର ମାଗଣାରେ ମିଳୁଥିଲା । ସେଥିପାଇଁ ମୋର କଲେଜ ଶିକ୍ଷା ସମ୍ଭବପର ହେଲା ।

Digitized by srujanika@gmail.com

ମୁଁ ଉଇଲ୍‌ସନ୍ କଲେଜରେ ପଢ଼ିଲି । ସାଧାରଣ ପରିବାରର ପିଲାଙ୍କ ପାଇଁ ଏହା ବେଶ୍ ଭଲ କଲେଜ । ବୋର୍ଡିଙ୍ଗ୍ ହାଉସ୍‌ରୁ ଆସୁଥିବା ପିଲାମାନଙ୍କ ପାଇଁ କଲେଜ ଫି' କମ୍‌ଥିଲା । ସେ ସମୟରେ ପ୍ରଥମ ଶ୍ରେଣୀ ପାଇଥିବା ଛାତ୍ରମାନେ ଏଲ୍‌ଫିନ୍‌ଷ୍ଟୋନ୍ କଲେଜରେ ନାମ ଲେଖାଉଥିଲେ । ଏହା ଏକ ଭଲ କଲେଜ ଥିଲା ଓ ଏଠାରେ ଅନ୍ୟ କଲେଜ ଅପେକ୍ଷା ବେଶି ସ୍କଲର୍ଶିପ୍ ମିଳୁଥିଲା । କିନ୍ତୁ ଏହା ବହୁତ ଦୂରରେ ଥିଲା । ମୋ ଭଳି ପିଲାମାନେ ଉଇଲ୍‌ସନ୍ କଲେଜ ଯିବାକୁ ପସନ୍ଦ କରୁଥିଲେ ।

ମୁଁ ଗୋକୁଳଦାସ ତେଜପାଲ ଫ୍ରି ବୋର୍ଡିଙ୍ଗ୍‌ରେ ସାଢ଼େ ଚାରିବର୍ଷ ରହିଲି । ଏ ଅନୁଷ୍ଠାନ ମୋ ଜୀବନ ତିଆରିରେ ସାହାଯ୍ୟ କରିଛି । ପ୍ରଶସ୍ତ ସ୍ଥାନରେ ବୋର୍ଡିଙ୍ଗ୍ ହାଉସ୍‌ଟି, ସେଠାରେ ଗୋଟିଏ ଟେନିସ୍ କୋର୍ଟ, ଜିମ୍ନାସିୟମ୍ ଓ କ୍ରିକେଟ୍ ପଡିଆ ଥିଲା । ଆମେ କୂଅ ମୂଳେ ଗାଧୋଉଥିଲୁ । ପ୍ରତ୍ୟେକ ବଖରାରେ ନଅଜଣ ରହୁଥିଲୁ । ବୋର୍ଡିଙ୍ଗ୍ ଘରେ ଚାଳିଶ ଜଣ ଛାତ୍ର ଥିଲେ ଏବଂ ସମସ୍ତେ ମାଗଣାଶିକ୍ଷା ପାଉଥିଲେ । ଏହି ଚାଳିଶ ଜଣଙ୍କ ମଧ୍ୟରୁ ପ୍ରାୟ ତିରିଶ ଜଣ କଲେଜରେ ଓ ବାକି ଆଠ ଦଶ ଜଣ ହାଇସ୍କୁଲରେ ପଢୁଥିଲେ ।

ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ, ବମ୍ବେରେ ଏପରି ପ୍ରଶସ୍ତ ସ୍ଥାନରେ ରହି ପଢ଼ିବାକୁ, ତା ମଧ୍ୟ ମାଗଣାରେ, ମିଳିଥାଏ । ମୋର ଶରୀର ବଳିଷ୍ଠ ହୋଇଗଲା ଓ ମୋର ମାନସିକ ବୃଦ୍ଧି ମଧ୍ୟ ହେଲା । ମୁଁ ଆତ୍ମବିଶ୍ୱାସୀ ଓ ସ୍ୱାଭିମାନୀ ହୋଇ ପଡିଲି । ପିଲାଦିନୁ ମୋ ଲୁଗାପଟା ନିଜେ ଧୋଉଥିଲି ଓ ପ୍ରତ୍ୟେକ କାମ ନିଜେ କରୁଥିଲି । ତେଣୁ ବୋର୍ଡିଙ୍ଗ୍‌ରେ ମୋର କୌଣସି ଅସୁବିଧା ହେଉ ନଥିଲା । କେବଳ ମେଧାବୀ ଛାତ୍ରମାନେ ଏଠାରେ ରହୁଥିଲେ । ମଧ୍ୟବିତ୍ତ ପରିବାରର ପିଲାମାନେ ଏଠାରେ ଥିଲେ । ତେଣୁ ସେମାନଙ୍କର କୌଣସି ଖରାପ ଅଭ୍ୟାସ ନଥିଲା । ସାଢ଼େଚାରିବର୍ଷ ଭଲ ପିଲାମାନଙ୍କ ସାଙ୍ଗରେ ରହିବାର ସୌଭାଗ୍ୟ ହୋଇଥିଲା । କଲେଜ ଜୀବନ ସୁଖକର ଥିଲା ଓ ଅଧ୍ୟାପକମାନେ ସାହାଯ୍ୟ କରୁଥିଲେ । ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନ ଜି.ଟି. ବୋର୍ଡିଙ୍ଗ୍ ହାଉସ୍ କମ୍ପାଉଣ୍ଡରେ ଥିବା ସଂସ୍କୃତ ପାଠଶାଳାରେ ହୋଇଥିଲା । ଏହି ଦୃଷ୍ଟିରୁ ଏହା ଏକ ଐତିହାସିକ ସ୍ଥାନ । ଏହି ଅନୁଷ୍ଠାନରେ ରହୁଥିବା ଅନେକ ଛାତ୍ର ବହୁତ ଉଚ୍ଚ ସ୍ଥାନରେ ଅଛନ୍ତି, କେତେ ଜଣ ବିଖ୍ୟାତ ହୋଇଛନ୍ତି । ମୋ ମାମୁଁ ମଧ୍ୟ ଏଇ ବୋର୍ଡିଙ୍ଗ୍ ହାଉସ୍‌ରେ ରହୁଥିଲେ । ମୁଁ ଥିବାବେଳେ ଶ୍ରୀ ଚନ୍ଦୁଲାଲ ତ୍ରିବେଦୀ ସେଠାରେ ରହୁଥିଲେ । ସେ ମୋଠାରୁ ତିନିବର୍ଷ ବଡ଼ ଥିଲେ । ସେ ପରେ ଆଇ.ସି.ଏସ୍ ପାଶ୍ କରି ଗଭର୍ଣ୍ଣର, ପ୍ଲାନିଂ କମିଶନ୍ ସଭ୍ୟ ସମେତ ବହୁତ ଉଚ୍ଚ ସ୍ଥାନରେ ଥିଲେ । ପ୍ରଫେସର ଭେଲାଙ୍କର ମୋ ଠାରୁ ବଡ଼ ଥିଲେ । ସେ ଉଇଲ୍‌ସନ୍ କଲେଜରେ ସଂସ୍କୃତ ଅଧ୍ୟାପକ ଥିଲେ । ଶ୍ରୀ ଏନ୍ ଏଚ୍ ଭଗବତୀ ସୁପ୍ରିମ କୋର୍ଟ ଜଜ ଓ ବନାରସ ହିନ୍ଦୁ ୟୁନିଭର୍‌ସିଟିର ଭାଇସ୍ ଚାନ୍‌ସେଲର୍ ହୋଇଥିଲେ । ସେ ମୋଠାରୁ ଦୁଇବର୍ଷ ବଡ଼ । ଜଣା ଶୁଣା ଅର୍ଥନିତିଜ୍ଞ ଓ ୟୁନିଭର୍‌ସିଟି ପ୍ରଫେସର ଶ୍ରୀ ସି.ଏନ୍. ଓକିଲ ମୋଠାରୁ ବର୍ଷେ ବଡ଼ଥିଲେ ଓ ସେ ଉଇଲ୍‌ସନ୍ କଲେଜରେ ପଢୁଥିଲେ । ମୋର ଆଉ ଦୁଇଜଣ ବନ୍ଧୁ ଶ୍ରୀ ସି.ଏମ୍.ପଟେଲ ଓ ଶ୍ରୀ ଏମ୍.ବି. ଅମୀନ୍ ମୋ ସାଙ୍ଗରେ ପଢୁଥିଲେ । ଦୁଇ ଜଣଯାକ ମାଟ୍ରିକ୍‌ରେ ମୋଠାରୁ ଅଧିକ ନମ୍ବର ରଖିଥିଲେ ଏବଂ ମୋ ଅପେକ୍ଷା ଭଲ ଛାତ୍ର ଥିଲେ । ଆଜିକାଲି ମଧ୍ୟ ଆମ ଭିତରେ ସୁସମ୍ପର୍କ ଅଛି ଓ ଆମେ ବେଳେବେଳେ ଏକାଠି ହେଉଛୁ । ମୋ ତଳ ଶ୍ରେଣୀରେ ପଢୁଥିବା ଛାତ୍ରଙ୍କ ମଧ୍ୟରେ ଶ୍ରୀ ଡି.ଭି. ଭ୍ୟାସ ଆଇ.ସି.ଏସ୍. ପାଶ୍ କରି ବମ୍ବେ ହାଇକୋର୍ଟରେ ଜଜ୍ ହୋଇଥିଲେ । ଏମିତି ଭଲ ଭଲ ଛାତ୍ରମାନଙ୍କ ସହିତ ସମ୍ପର୍କ ରଖିବାର ମୋର ସୌଭାଗ୍ୟ ହୋଇଥିଲା । ଫଳରେ ନିୟମିତ ଭାବରେ ପଢ଼ିବାର ଅଭ୍ୟାସ ମୋର ହେଲା । ଅନେକ ସାଙ୍ଗ ଭଲ ଖେଳାଳି ଥିଲେ । ମୁଁ ତାଙ୍କ ସହିତ ଟେନିସ୍ ଓ ଅନ୍ୟାନ୍ୟ ଖେଳ ଖେଳୁଥିଲି । ମୋ ସାଙ୍ଗ ମାନଙ୍କ ସହିତ ପ୍ରତିଦିନ ଦୁଇଟାବେଳେ ଟେନିସ୍ ଖେଳୁଥିଲି । ଗାଁରେ ବଢ଼ିଥିବାରୁ ଟେନିସ୍ ଖେଳ ମୋତେ କଷ୍ଟ ଲାଗୁନଥିଲା । ମୁଁ ଏ ଖେଳକୁ ଭାରୀ ଭଲ ପାଉଥିଲି । ଆମର କେହି ବଲ୍ ବୟ ନ ଥିଲେ । ଆମକୁ ବଲ୍ ବୟ କାମ କରିବାକୁ ପଡୁଥିଲା । ମୋର ଭଲ ବ୍ୟାୟାମ ହେଉଥିଲା, ଫଳରେ ମୁଁ ଖୁବ୍ ମଜବୁତ ହୋଇଗଲି ।

Digitized by srujanika@gmail.com

ସୁପରିଣ୍ଟେଣ୍ଡେଣ୍ଟଙ୍କ ବିନାନୁମତିରେ ବୋର୍ଡିଙ୍ଗ୍ ହାଉସ୍ ବାହାରେ ରାତି ନ'ଟା ପରେ ରହିବା ମନା ଥିଲା । ସେତେବେଳେ ଶ୍ରୀ ଘୋଡି ଆମର ତତ୍ତ୍ୱାବଧାରକ ଥିଲେ । ସେ ଆମ ସାଙ୍ଗରେ ମିଶୁ ନଥିଲେ । ତାଙ୍କର ପେଟ ଗୋଳମାଳ ରୋଗଥିଲା । ସେ ନିଷ୍ଠାବାନ ଥିଲେ ଓ ଭାରି କଡ଼ା କଥାବର୍ତ୍ତା କରୁଥିଲେ । ତେଣୁ ପିଲାମାନେ ତାଙ୍କ ଠାରୁ ଦୂରେଇ ରହୁଥିଲେ । ଯଦିଓ୍ ବିନାନୁମତିରେ ରାତିରେ ବାହାରକୁ ଯିବା ନିଷେଧ ଥିଲା, ମୁଁ ଦୁଇ ଜଣ ସାଙ୍ଗଙ୍କ ସହିତ ରାତିରେ ହାଙ୍ଗିଙ୍ଗ୍ ଗାର୍ଡେନ୍ ବୁଲି ଯାଇ ସାଙ୍ଗେ ସାଙ୍ଗେ ଫେରି ଆସୁଥିଲି । ଜଗୁଆଳି ଜଣକ ଉତ୍ତରପ୍ରଦେଶର ଲୋକ ଥିଲା । ତାକୁ ବୟସ ପ୍ରାୟ ତିରିଶ ହେବ ଓ ବେଶ୍ ବଳୁଆ ଥିଲା । ଆମେ ତା ସହିତ ବନ୍ଧୁତା ଜମେଇ ଦେଇଥିଲୁ । ସେ କେବେହେଲେ ଅଭିଯୋଗ କରୁନଥିଲା । ତତ୍ତ୍ୱାବଧାରକ ଆମ ସହିତ ଅଧିକ ମିଳାମିଶା କରି ଆଇନର କାରଣ ଆମକୁ ବୁଝାଇ ଦେଇଥିଲେ ଆମେ କେବେ ଆଇନ ଭାଙ୍ଗୁ ନ ଥାନ୍ତୁ । ମୋ କଲେଜ ପଢ଼ା ପରେ ମୁଁ ଅନୁଭବ କଲି ଯେ ଆମେ ଭୁଲ କାମ କରୁଥିଲୁ ।

ମୋର ମନେ ଅଛି, ମାଟ୍ରିକ ପାଶ କଲାବେଳେ ମୁଁ ମୋ କ୍ଲାସରେ ସମସ୍ତଙ୍କ ଠାରୁ ଉଚ୍ଚତାରେ ଛୋଟ ଓ ଭୟାଳୁ ଥିଲି । କଲେଜରେ ଯୋଗ ଦେବାପରେ ମୁଁ ଉଚ୍ଚତାରେ ବେଶ୍ ବଢ଼ିଲି ଓ ବଳୁଆ ହୋଇଗଲି । ମୁଁ ଜିମ୍ନାସିୟମରେ ଯୋଗ ଦେଲି, ଫଳରେ ମୋର ଶରୀର ବଳିଷ୍ଠ ହେଲା ଓ ସାହାସ ମଧ୍ୟ ବଢ଼ିଲା । ମୋର ଭୟାଳୁ କୁଗୁଣ ପ୍ରାୟ ଚାଲିଗଲା । ଥରେ ଟୋକା ଚୌକିଦାର ସହିତ ଲଢ଼ି ମୁଁ ତାକୁ ପରାସ୍ତ କରିଦେଲି । ସେହିଦିନଠାରୁ ସେ ମୋତେ ସମ୍ମାନ ଦେଖାଉଥିଲା । ଏହା ମଧ୍ୟ ଅନ୍ୟାନ୍ୟ ପିଲାମାନଙ୍କ ଉପରେ ପ୍ରଭାବ ପକାଇଲା । ଆମେ ଏକାଠି ରହୁଥିଲୁ ତଥାପି କମ୍ ଝଗଡ଼ା କରୁଥିଲୁ । ଥରେ ସବୁ ଛାତ୍ରମାନେ ମୁଖ୍ୟ ଟ୍ରଷ୍ଟିଙ୍କ ପାଖରେ ଖାଦ୍ୟ ଓ ଅନ୍ୟାନ୍ୟ ଅସୁବିଧା ବିଷୟରେ ଅଭିଯୋଗ କଲେ । ଟ୍ରଷ୍ଟିର ଚେୟାରମ୍ୟାନ୍ ଜଣେ ଓକିଲ ଓ ବଡ଼ କଡ଼ା ଲୋକ ଥିଲେ । ସେ କହିଲେ ଭିକାରିମାନେ ମନ ମୁତାବକ କିଛି ବାଛି ପାରିବେ ନାହିଁ । ଏତକ କହି ସାକ୍ଷାତ ଶେଷ କରିଦେଲେ । ମୋ ସାଥିମାନେ ବହୁତ ରାଗିଲେ କିନ୍ତୁ ଏ ରାଗଥିଲା ଦୁର୍ବଳମାନଙ୍କର । ଯେଉଁମାନେ ରାଗୁଥିଲେ ସେମାନଙ୍କର ମନକଷ୍ଟ ହେଉଥିଲା । ମୋତେ ଦୁଃଖ ଲାଗୁନଥିଲା କାରଣ ଚେୟାରମ୍ୟାନ୍ ସତ କଥା କହିଥିଲେ । ଆମେ କାହାର ଦୟାରୁ ମାଗଣା ଶିକ୍ଷା ପାଉଥିଲୁ । କୌଣସି ଗରିବ ଲୋକଙ୍କୁ ଗରିବ କହିଲେ ସେ କିଛି ଖରାପ ଭାବିବା ଉଚିତ ହେବ ନାହିଁ । ଏହା ଥିଲା ମୋ ମତ । ତଥାପି ମୁଁ ଭାବୁଥିଲି ଚେୟାରମ୍ୟାନ୍‌ଙ୍କର ଏପରି କଥା କହିବା ଉଚିତ ହୋଇନାହିଁ । ଏ ଉତ୍ତର ଠିକ୍ ହୋଇନାହିଁ । ଯେଉଁ ଭଦ୍ରବ୍ୟକ୍ତି ଏହି ବୋର୍ଡିଙ୍ଗ୍ ହାଉସ୍ ପାଇଁ ଅର୍ଥ ଦାନ କରିଛନ୍ତି ତାଙ୍କର ଇଚ୍ଛା ଯେ ଏହାର ସୁଯୋଗ ନେଉଥିବା ବ୍ୟକ୍ତିଙ୍କ ପ୍ରତି ଟ୍ରଷ୍ଟିମାନେ ମର୍ଯ୍ୟାଦାର ସହିତ ବ୍ୟବହାର କରିବେ । ଏ ସମ୍ବନ୍ଧରେ ମୋର ତିଳେମାତ୍ର ସନ୍ଦେହ ନ ଥିଲା । ଯଦି କୌଣସି ବ୍ୟକ୍ତି ଅନ୍ୟ କାହାକୁ ସାହାଯ୍ୟ କରନ୍ତି ସେ ଭାବିବା ଉଚିତ ନୁହେଁ କି ସେ କିଛି ଅନୁଗ୍ରହ କରୁଛନ୍ତି, ବରଂ ସେ ଖୁସି ହେବା ଉଚିତ ଯେ ତାଙ୍କୁ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ସୁଯୋଗ ମିଳୁଛି । ଅବଶ୍ୟ ଅନେକ ଅନୁଷ୍ଠାନରେ ଏପରି ମନୋଭାବ ନଥାଏ, ତେଣୁ ଯେଉଁମାନେ ସାହାଯ୍ୟ ପାଆନ୍ତି ସେମାନେ ଏପରି ବ୍ୟବହାରରେ ଦୁଃଖ ଅନୁଭବ କରନ୍ତି । ଗୋକୁଳ ଦାସ ତେଜପାଲ୍ ବୋର୍ଡିଙ୍ଗ୍ ହାଉସ୍‌ରେ ଗୋଟିଏ ଛୋଟ ଲାଇବ୍ରେରୀ ଥିଲା, ସେଥିରେ ମ୍ୟାକ୍ ଫେଡେନ୍‌ଙ୍କ ''ଫିଜିକାଲ୍ କଲ୍‌ଚର ଏନ୍‌ସାଇକ୍ଲୋପେଡିଆ''ର ପାଞ୍ଚଟା ଗ୍ରନ୍ଥ ଥିଲା । ତିନି ଚାରି ହଜାର ପୃଷ୍ଠା ବିଶିଷ୍ଟ ଏହି ବହି ମୁଁ ଆଇ.ଏ. ପଢ଼ିବା ବେଳେ ପଢ଼ିଥିଲି । ଏଇ ବହିରୁ ପ୍ରାକୃତିକ ଆରୋଗ୍ୟ ବିଷୟରେ ମୋର ବିଶ୍ୱାସ ବଢ଼ିଲା । ସେ ସମୟରେ ମୋର ମୁଣ୍ଡ ବିନ୍ଧୁଥିଲା । ମୁଁ ତେଣୁ ଏହାର ପଦ୍ଧତି ମୋରି ବେମାରି ପାଇଁ କାର୍ଯ୍ୟକାରି କଲି । ମୁଁ ଚାରି ପାଞ୍ଚଦିନ ଖାଲି ପାଣି ପିଇ ଉପାସ ରହିଲି ଓ ପ୍ରତିଦିନ 'ଏନିମା' ନେଲି । ମୋ ମୁଣ୍ଡ ବିନ୍ଧା ଭଲ ହୋଇଗଲା ଓ ଆଜିଯାଏ ମୋର ମୁଣ୍ଡ ଆଉ ବିନ୍ଧୁନାହିଁ । ସେଇଦିନଠାରୁ ମୋର ପରିବାରରେ ଆରୋଗ୍ୟ ପାଇଁ ମୁଁ ପ୍ରାକୃତିକ ଚିକିତ୍ସା ଗ୍ରହଣ କରୁଛି । ମ୍ୟାକ୍ ଫେଡେନ୍‌ଙ୍କ

Digitized by srujanika@gmail.com

ବହିଟି ସରଳ ଭାଷାରେ ଲେଖା ହୋଇଛି ଏବଂ ସେଥିରେ ଅନେକ ଚିତ୍ର ଓ ଚାର୍ଟ ଅଛି । ଯାହାର ଇଂରାଜୀରେ ସାଧାରଣଜ୍ଞାନ ଅଛି ସେ ଅତି ସହଜରେ ବୁଝିପାରିବ ।

ଆମ କଲେଜ ପ୍ରିନ୍ସିପାଲ୍ ଥିଲେ ଡ. ମ୍ୟାକିକନ୍ । ସେ ଥିଲେ ସମ୍ମାନାସ୍ପଦ ଓ ସୂକ୍ଷ୍ମ ବୁଦ୍ଧି ସମ୍ପନ୍ନ ବ୍ୟକ୍ତି । ସେ ଭଲ ଶିକ୍ଷକ ମଧ୍ୟ ଥିଲେ । ସେ ପଦାର୍ଥ ବିଜ୍ଞାନରେ ଅଧ୍ୟାପକ ଥିଲେ ଓ ମରାଠୀ ଭାଷା ଜାଣିଥିଲେ । ବମ୍ବେରେ ଶିକ୍ଷା ମହଲରେ ସେ ଅତି ସମ୍ମାନସ୍ପଦ ବ୍ୟକ୍ତି ଥିଲେ । ପରେ ସେ ବିଶ୍ୱବିଦ୍ୟାଳୟର କୁଳପତି ହୋଇଥିଲେ । ପଦାର୍ଥ ବିଜ୍ଞାନ ପ୍ରଫେସର ଶ୍ରୀ ଡି.ବି. ନାଏକ, ମୋଠାରୁ ମାତ୍ର ପାଞ୍ଚ ଛ'ବର୍ଷ ବଡ଼ଥିଲେ । ମୋର ତାଙ୍କ ସହିତ ବେଶ୍ ଘନିଷ୍ଠତା ଥିଲା, ମୋ ପାଇଁ ପ୍ରଫେସର ଅପେକ୍ଷା ବେଶୀ ବଡ଼ଭାଇ ଭଳି ଥିଲେ । ରସାୟନ ପ୍ରଫେସର ଥିଲେ ଡ. ନର୍ମାଣ୍ଡ, ସେ ଶୃଙ୍ଖଳାରେ ବହୁତ ବିଶ୍ୱାସ କରୁଥିଲେ । ବି.ଏ.ରେ ମୁଁ ପଦାର୍ଥ ଓ ରସାୟନ ବିଜ୍ଞାନ ନେଇଥିଲି । ମୁଁ ବି.ଏ. ଆରମ୍ଭ କଲାବେଳେ ପ୍ରଫେସର ହେମ୍‌ଲେ ପଦାର୍ଥ ବିଜ୍ଞାନ ପ୍ରଫେସର ଭାବେ ଯୋଗ ଦେଇଥିଲେ । ସେ ବେଶ୍ କ୍ଷମତା ସମ୍ପନ୍ନ ବ୍ୟକ୍ତି ଥିଲେ । ଆମେ ସମସ୍ତେ ତାଙ୍କୁ ସମ୍ମାନ ଦେଖାଉଥିଲୁ । ମୁଁ ତାଙ୍କର ପ୍ରିୟ ଛାତ୍ର ଥିଲି । ମୁଁ ବି.ଏ. ପାଶ୍ କଲା ବେଳେ ସେ ମୋତେ ଗୋଟିଏ ଉତ୍ତମ ପ୍ରମାଣ ପତ୍ର ଦେଇଥିଲେ । ଜୀବନରେ ସେ ଥିଲେ ସରଳ, ସ୍ପଷ୍ଟବାଦୀ ଓ ନିଷ୍ପାପର । ସେ ପିଲାମାନଙ୍କୁ ଏହି ଗୁଣ ଶିଖାଇବାକୁ ଚେଷ୍ଟା କରୁଥିଲେ । ସେ ଏତେ ଶୃଙ୍ଖଳିତ ଥିଲେ ଯେ ମୁଁ ତାଙ୍କର ପ୍ରିୟ ଛାତ୍ର ହୋଇଥିଲେ ମଧ୍ୟ ପରୀକ୍ଷା ଫଳ ବାହାରିବା ଦିନ ବି ମୋତେ ପରୀକ୍ଷା ଫଳ କହିନଥିଲେ । ମୋ ପ୍ରାକ୍ଟିକାଲ ପରୀକ୍ଷାରେ ସେ କଠିନ ପ୍ରଶ୍ନ ରଖିଥିଲେ । ସେ ମୋତେ ଭାରି କଠିନ ଭାବେ ପରୀକ୍ଷା କରିଥିଲେ । ସାଥୀ ପରୀକ୍ଷକଙ୍କ ମତ ଥିଲା ଯେ ମୋତେ ଦିଆ ହୋଇଥିବା ଏକ୍ସପେରିମେଣ୍ଟ୍ ହୋଇ ପାରିବ ନାହିଁ । ସେମାନଙ୍କ ମଧ୍ୟରେ ଲମ୍ବା ଆଲୋଚନା ହେଲା । ପ୍ରଫେସର୍ ହେମ୍‌ଲେ ଦୃଢ଼ତାର ସହିତ କହିଲେ ଯେ ଏ ଏକ୍ସପେରିମେଣ୍ଟ ହୋଇ ପାରିବ ଓ ସେଇ ପ୍ରଶ୍ନଟି ମୋତେ ଦିଆଯାଇଥିଲା । ଭାଗ୍ୟକୁ ମୁଁ ଏଥିରେ କୃତକାର୍ଯ୍ୟ ହେଲି, ଅନ୍ୟ ପରୀକ୍ଷକ ମୋତେ ଭଲ ପାଇଲେ । ଜଣେ ପାର୍ସି ଭଦ୍ରଲୋକ ଶ୍ରୀ କଟେଲୀ ଆମର ଗଣିତ ଅଧ୍ୟାପକ ଥିଲେ । କ୍ଲାସ୍‌ରେ ବ୍ଲାକ୍‌ବୋର୍ଡରେ ଲେଖି ପଢ଼ାଉଥିବା ବେଳେ ହୃଦଯନ୍ତ୍ରଣାରେ ତାଙ୍କର ମୃତ୍ୟୁ ସେଠାରେ ହିଁ ହୋଇଥିଲା । ମୋ ମନରେ ସେ ଘଟଣାଟି ଆଜିଯାଏ ସତେଜ ଅଛି । ଶ୍ରୀ ଟକାଖଓ୍ୱ ବୋଲି ଆଉ ଜଣେ ଅଧ୍ୟାପକ ଥିଲେ । ସେ ସବୁ ପରୀକ୍ଷାରେ ପ୍ରଥମ ହୋଇଥିଲେ । ସେ ଇତିହାସ ପଢ଼ାଉଥିଲେ । କିନ୍ତୁ ଶୃଙ୍ଖଳା ରଖି ପାରୁନଥିଲେ । ବେଳେବେଳେ ସେ ଖୁବ୍ କଡ଼ା ଚକ୍ଷୁରେ ଦେଖିବେ କିନ୍ତୁ ପର ମୁହୂର୍ତ୍ତରେ ହସି ଦେବେ । ଏଇଥି ପାଇଁ ସେ ଛାତ୍ର ପ୍ରିୟ ଥିଲେ । ତାଙ୍କ ଛାତ୍ରମାନେ ମନ ଯୋଗ ଦେଇ ପଢୁଥିଲେ । ଡ. ଭାଡ୍‌କାମ୍‌କର୍ ନାମରେ ଜଣେ ସଂସ୍କୃତ ପ୍ରଫେସର୍ ଥିଲେ । ସେ ମେଧାବୀ ଓ ସ୍ନେହୀ ଥିଲେ । ସେ ଆମକୁ ଆଇ.ଏ.ରେ ପଢ଼ାଉଥିଲେ । ସଂସ୍କୃତ ପଢ଼ିବାକୁ ପିଲାମାନଙ୍କ ମନରେ ପ୍ରେରଣା ଓ ଉତ୍ସାହ ଜନ୍ମାଇ ପାରିବାରେ ସେ ଥିଲେ ଦକ୍ଷ ।

କଲେଜରେ ବିଜ୍ଞାନ ବିଭାଗର ପ୍ରଫେସର୍ ଓ ଫେଲୋମାନଙ୍କର ଗୋଟିଏ କ୍ଲବ ଥିଲା । ପ୍ରଫେସର ଦୟାଭାଇ ନାୟକଙ୍କ ସୌଜନ୍ୟରୁ ମୁଁ ସେ କ୍ଲବ୍‌ରେ ଯୋଗ ଦେଇଥିଲି । ଏହିପରି ଭାବରେ ମୁଁ ମୋଠାରୁ ବଡ଼ ମାନଙ୍କ ସମ୍ପର୍କରେ ଆସିଲି । ଏହା ମୋ ପଢ଼ାରେ ବହୁତ ସାହାଯ୍ୟ କଲା ।

ଡ. ମ୍ୟାକିକନ୍‌ଙ୍କ ତଳକୁ ଥିଲେ ଡ. ସ୍କଟ୍ । ସେ ଥିଲେ ଉଚ୍ଚ ଗୁଣସମ୍ପନ୍ନ ଅଧ୍ୟାପକ । ସେ ଇଂରେଜୀ ପଢ଼ାଉଥିଲେ କିନ୍ତୁ ସେ ଦର୍ଶନଶାସ୍ତ୍ରର ଛାତ୍ର ମଧ୍ୟ ଥିଲେ । ଅନେକ ସମୟରେ ସେ ସମୁଦ୍ରକୂଳରେ ବସି ଦାର୍ଶନିକ ଚିନ୍ତାରେ ଏତେ ମଗ୍ନ ହୋଇ ଯାଆନ୍ତି ଯେ ସମୁଦ୍ର ଢେଉ ପାଣି ଛିଟିକାରେ ଓଦା ହୋଇଗଲେବି ଜାଣିପାରନ୍ତି ନାହିଁ । ସେତେବେଳେ ଉଇଲ୍‌ସନ୍ କଲେଜରେ ବାଇବଲ୍ କ୍ଲାସ୍ ହେଉଥିଲା ଏବଂ ଅଣଖ୍ରୀଷ୍ଟିୟାନ୍ ସମେତ ସବୁ ଛାତ୍ରଙ୍କ ପାଇଁ ଏଇ କ୍ଲାସ୍ ବାଧ୍ୟତାମୂଳକ ଥିଲା । ଡ. ସ୍କଟ୍ ଆମର ବାଇବଲ୍ କ୍ଲାସ୍ ନେଉଥିଲେ । ଏ କ୍ଲାସ୍ ପ୍ରଥମ

Digitized by srujanika@gmail.com

ପିରିୟଡ଼ରେ ହେଉଥିଲା ଓ ପ୍ରଥମେ ପିଲାମାନଙ୍କର ହାଜିରା ନିଆଯାଉଥିଲା । ତେଣୁ ସମସ୍ତଙ୍କୁ ଉପସ୍ଥିତ ହେବାକୁ ପଡୁଥିଲା । କ୍ଲାସ୍ ଆରମ୍ଭରେ ସମସ୍ତେ ଛିଡ଼ା ହୋଇ ଖ୍ରୀଷ୍ଟିୟାନ୍ ପ୍ରାର୍ଥନା କରୁଥିଲେ । ଡ. ସ୍କଟ୍ ଆଖିବନ୍ଦ କଲେ ମୁଁ କ୍ଲାସ୍‌ରୁ ଖସି ବାହାରକୁ ଚାଲିଯାଉଥିଲି । ଆଉ ଦୁଇ ତିନିଜଣ ଏୟା କରୁଥିଲେ । ଥରେ ଡ. ସ୍କଟ୍ ଆମେ ଲୁଚି ପଳାଇଯିବା ଦେଖିଲେ, ମୁଁ ଭାବିଲି ଯେ ପରଦିନ ସେ ବେଶ୍ ସତର୍କ ରହିବେ । ପ୍ରାର୍ଥନା ବେଳେ ସବୁଦିନ ଭଳି ସେ ଆଖିବନ୍ଦ କଲେ । କିନ୍ତୁ ମୁଁ ଯେମିତି ବାହାରକୁ ଗଲି ଡ. ସ୍କଟ୍ ପ୍ରାର୍ଥନା ବନ୍ଦ କଲେ, ପ୍ଲାଟ୍‌ଫର୍ମରୁ ତଳକୁ ଓହ୍ଲାଇ ଅନ୍ୟ ଦରଜାବାଟେ ବାହାରକୁ ଆସି ତଳ ମହଲାରେ ମୋତେ ଧରିବାକୁ ଗଲେ । ତଳକୁ ସେ ଅଲଗା ସିଡ଼ିରେ ଗଲେ । ସେ କ୍ଲାସ୍ ରୁମ୍ ଛାଡି ତଳକୁ ଯିବା ମୁଁ ଦେଖିଦେଲି । ତେଣୁ ମୁଁ ଚଟ୍ କରି ଫେରି ଆସି ଚୁପ୍‌ଚାପ୍ କ୍ଲାସ୍‌ରେ ବସିପଡିଲି । ଡ. ସ୍କଟ୍ ବୃଥାରେ ତଳେ ବୁଲି ଫେରିଲେ । ମୋତେ କ୍ଲାସରେ ଦେଖିଲେ ତେଣୁ କିଛି କହିଲେ ନାହିଁ, କିନ୍ତୁ ଘଟଣାଟିକୁ ମନେ ରଖିଥିଲେ । ପାଶ୍ କରି ସାରିବାପରେ ତାଙ୍କ ପାଖକୁ ସାର୍ଟିଫିକେଟ୍ ଆଣିବାକୁ ଯେତେବେଳେ ଗଲି, ସେ କହିଲେ "ତୁମେ ଜଣେ ଦୁଷ୍ଟ ଛାତ୍ର । ତୁମକୁ କେମିତି ସାର୍ଟିଫିକେଟ୍ ଦେବି ?" ମୁଁ କହିଲି "ଆପଣ ଇଛା ନ କଲେ ମୋତେ ସାର୍ଟିଫିକେଟ୍ ନ ଦେଇ ପାରନ୍ତି ।"

କଲେଜରେ ଫେଲୋ ଥିବାବେଳେ ମୁଁ ଓ ଡ. ସ୍କଟ୍ ଏକା ପାଚେରୀ ଭିତରେ ରହୁଥିଲୁ ଓ ଅନେକ ସମୟରେ ଆମ ଦୁଇଜଣଙ୍କର ଭେଟ ହେଉଥିଲା । ମୋତେ ସାର୍ଟିଫିକେଟ୍ ଦେବାକୁ ମନା କରିଦେବା ଦିନରୁ ତାଙ୍କ ସହିତ କଥାବାର୍ତ୍ତା ବନ୍ଦ କରିଦେଲି । ମୁହାଁ ମୁହିଁ ହୋଇଗଲେ ମୁଁ ମୁହଁ ଅନ୍ୟ ଆଡ଼କୁ କରି ଦେଉଥିଲି । ସେ କିନ୍ତୁ ଥିଲେ ବହୁତ ସ୍ନେହୀ ଓ ଉତ୍ତମ ପ୍ରକୃତିର ଲୋକ । ଥରେ ସେ ମୋତେ ଅଟକାଇ ମୋର ଏପରି ବ୍ୟବହାରର କାରଣ ପଚାରିଲେ । ମୁଁ କହିଲି "ଆପଣ ମୋତେ ଭଲ ପ୍ରକୃତିର ଲୋକ ବୋଲି ଭାବନ୍ତି ନାହିଁ । ତେଣୁ ମୋ ଛାଇ କାହିଁକି ଆପଣଙ୍କ ଉପରେ ପଡିବ ? ସେଇଥିପାଇଁ ଯେତେଦୂର ସମ୍ଭବ ଆପଣଙ୍କ ଠାରୁ ଦୂରରେ ରହିବାକୁ ଚେଷ୍ଟା କରୁଛି ।" ସେ ଠୋ ଠୋ ହୋଇ ହସିଲେ କହିଲେ " ତୁମେ କ'ଣ ଚାହଁ ?" ମୁଁ କହିଲି ମୁଁ ପ୍ରାଦେଶିକ ପ୍ରଶାସନିକ ସେବାରେ ଚାକିରି ପାଇଁ ଦରଖାସ୍ତ କରୁଥିଲି ଏବଂ ସେଥିପାଇଁ ସାର୍ଟିଫିକେଟ୍ ଚାହୁଁଥିଲି । ସେ କହିଲେ ମୁଁ ଗଭର୍ଣ୍ଣର୍‌ଙ୍କ ଏକ୍‌ଜିକ୍ୟୁଟିଭ୍ କାଉନ୍‌ସିଲର ରେଭିନ୍ୟୁ ସଭ୍ୟଙ୍କୁ ସୁପାରିଶ କରି ଚିଠିଟିଏ ଦେବି । ମୁଁ ନମ୍ରତାର ସହିତ ତାଙ୍କର ପ୍ରସ୍ତାବକୁ ମନା କଲି କାରଣ ମୋ ମତରେ ସୁପାରିଶ୍ [illegible] ପ୍ରଣାଳୀ ନୁହେଁ । ମୋତେ ଖଣ୍ଡେ ସାର୍ଟିଫିକେଟ୍ ଦେବାକୁ ମୁଁ ପୁଣି ଅନୁରୋଧ କଲି । ସେ ସାଙ୍ଗେ ସାଙ୍ଗେ ଖଣ୍ଡେ ଖୁବ୍ ଭଲ ସାର୍ଟିଫିକେଟ୍ ଦେଲେ । ମୋ ବାପାଙ୍କ ଠାରୁ କାହାରିଠାରୁ କୌଣସି ସୁପାରିଶ ଗ୍ରହଣ ନ କରିବା ଶିଖିଛି । ମୁଁ ଖୁସି ଯେ, ଭଗବାନଙ୍କ ଦୟାରୁ ମୁଁ ଏଇ ସିଦ୍ଧାନ୍ତକୁ ଆଜିଯାଏ ମାନି ଚଳି ଆସିଛି । ପିଲା ଦିନରୁ ମୁଁ ବିଶ୍ୱାସ କରି ଆସିଛି ଯେ ସୁପାରିଶ ଭ୍ରଷ୍ଟାଚାରର ଗୋଟିଏ ଅଙ୍ଗ । ଆଜି ମୁଁ ବିଶ୍ୱାସ କରେ ଯେ ଏହା ଭ୍ରଷ୍ଟାଚାରର ଏକ ବିଷାକ୍ତ ପଦ୍ଧତି । ଯେଉଁମାନଙ୍କର ଜଣାଶୁଣା ନ ଥାଏ ଏବଂ ସୁପାରିଶ କରିଆରେ କାମ କରାଇ ନ ପାରନ୍ତି ସେମାନେ ଉତ୍କୋଚ ଦେଇ କାମ କରାଇବା ପାଇଁ ଚେଷ୍ଟା କରନ୍ତି ।

ମୁଁ ବି.ଏ.ର ପ୍ରଥମ ବାର୍ଷିକ ଛାତ୍ର ଥିବା ବେଳେ କଲେଜର ଡିବେଟିଙ୍ଗ୍ ସୋସାଇଟିର ସେକ୍ରେଟେରୀ ଥିଲି କିନ୍ତୁ ଡିବେଟ୍ ରେ ମୁଁ ଖୁବ୍ କମ୍ ଅଂଶଗ୍ରହଣ କରୁଥିଲି । ମୋ ସହ-ଶଚିବ ଅଂଶଗ୍ରହଣ କରୁଥିଲେ । ମୁଁ ପୁସ୍ତକାଳୟ ଦେଖୁଥିଲି । କିନ୍ତୁ ସୋସାଇଟିର ସବୁ ମିଟିଂରେ ଯୋଗ ଦେଉଥିଲି । ଏଥିରୁ ଅନେକ କିଛି ଶିଖିଛି।

ଠିକ୍ ଏଇ ସମୟରେ ହୋମ୍ ରୁଲ୍ ଆନ୍ଦୋଳନ ଆରମ୍ଭ ହେଉଥାଏ । ଏହି ଆନୁକୂଲ୍ୟରେ ଅନୁଷ୍ଠିତ ସବୁ ସାଧାରଣ ସଭାରେ ମୁଁ ଯୋଗ ଦେଉଥିଲି । ମୁଁ ଖୁବ୍ ମନ ଦେଇ ଶ୍ରୀମତୀ ଆନୀ ବେସାନ୍ତଙ୍କର ଭାଷଣ ଶୁଣୁଥିଲି । ଆନୀ ବେସାନ୍ତଙ୍କର ମୋହିନୀ ଶକ୍ତି ସମ୍ପନ୍ନ, ମନ ମୁଗ୍‌ଧକର ବାଗ୍ମୀତାରେ ଅନେକ ଛାତ୍ର ପ୍ରଭାବିତ ହୋଇଥିଲେ । ମୁଁ ଆଇ.ଏ.ପାଶ୍ କରିବା ପରେ, ୧୯୧୫ର ଶେଷ ଆଡକୁ ସାର ସତ୍ୟେନ୍ଦ୍ର ପ୍ରଶନ୍ନ ସିହ୍ନାଙ୍କ

Digitized by srujanika@gmail.com

ପୌରହିତ୍ୟରେ ଭାରତୀୟ ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ମୁଁ ଏଇ ଅଧିବେଶନରେ ସ୍ୱେଚ୍ଛାସେବକ ଭାବେ କାମ କରିଥିଲି ଓ ମହାତ୍ମା ଗାନ୍ଧିଙ୍କ ଭାଷଣ ପ୍ରଥମ ଥର ପାଇଁ ଶୁଣିଥିଲି । ମୁଁ ତାଙ୍କ ବ୍ୟକ୍ତିତ୍ୱ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇଥିଲି । ଥରେ ବଙ୍ଗଳା ଓ ଉତ୍ତର ପ୍ରଦେଶର ପ୍ରତିନିଧିମାନେ କ୍ୟାମ୍ପରେ ମହାତ୍ମାଗାନ୍ଧିଙ୍କ ସହିତ କୌଣସି ଗମ୍ଭୀର ବିଚାର ବିମର୍ଷରେ ବ୍ୟସ୍ତ ଥାଆନ୍ତି । ମହାତ୍ମା ଗାନ୍ଧି ସେମାନଙ୍କୁ ସ୍ୱରାଜ ପାଇବା ପାଇଁ ଅହିଂସା-ଅସ୍ତ୍ର -ପ୍ରସଙ୍ଗ ବୁଝାଉଥାନ୍ତି । ବଙ୍ଗ ଓ ଉତ୍ତର ପ୍ରଦେଶର ଯୁବକମାନେ ବିଚାର କଲେ ଯେ ଅହିଂସା ଏକ ନରମ ଓ ପ୍ରଭାବହୀନ ପନ୍ଥା, ଓ ସେମାନେ ମହାତ୍ମାଗାନ୍ଧିଙ୍କୁ ଦୃଢ଼ତାର ସହିତ କହିଲେ ଯେ ଏ ଭଳି ଶାନ୍ତିପୂର୍ଣ୍ଣ ମାର୍ଗରେ ଗଲେ ସ୍ୱରାଜ ମିଳିବ ବୋଲି ସେମାନଙ୍କର ବିଶ୍ୱାସର ବହିର୍ଭୂତ । ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରୁ ଫେରିଥାନ୍ତି । ସେ ସେଠାରେ ନିଜର କାମ ପାଇଁ ସୁଖ୍ୟାତି ଅର୍ଜନ କରିଥାନ୍ତି । କିନ୍ତୁ ସେତେବେଳ ସେ ମହାତ୍ମା ହୋଇ ନଥାନ୍ତି କି ଜାତୀୟ ନେତା ହିସାବରେ ଗଣତି ହୋଇ ନଥାନ୍ତି । ମାନସିକ ସ୍ଥିରତା ନ ହରାଇ ସେ ଏହି ଯୁବସାଥିଙ୍କୁ କହିଲେ, ‘‘ଆପଣମାନେ ଆଜି ମୁଁ ଯାହା କହୁଛି ତା ସହିତ ଏକମତ ହୋଇ ନ ପାରନ୍ତି । କିନ୍ତୁ ମୋର ଦୃଢ଼ ବିଶ୍ୱାସ ଏଇ ମାର୍ଗ ଅନୁସରଣ କରି ପଚିଶ ତିରିଶ ବର୍ଷ ମଧ୍ୟରେ ଆମେ ସ୍ୱରାଜ୍ୟ ପାଇବା ।’’ ଏଇ ଭବିଷ୍ୟତବାଣୀ ସତ୍ୟରେ ପରିଣତ ହେଲା ଏବଂ ଠିକ୍ ଏକତିରିଶ ବର୍ଷ ପରେ ଭାରତ ସ୍ୱାଧୀନ ହେଲା ।

ଜାତୀୟ କଂଗ୍ରେସର ଏଇ ଅଧିବେଶନରେ ମୁଁ ଶ୍ରୀ ସୁରେନ୍ଦ୍ର ନାଥ ବାନାର୍ଜୀ ଓ ସାର୍ ଫିରୋଜ୍‌ସାହ ମେହେଟ୍ଟାଙ୍କ ଭାଷଣ ଶୁଣିଥିଲି । ମୁଁ ସେମାନଙ୍କର ବ୍ୟକ୍ତିତ୍ୱ ଓ ବାଗ୍ମୀତାରେ ଖୁବ୍ ପ୍ରଭାବିତ ହୋଇ ଥିଲି । ବିଶେଷ କରି ସାର୍ ଫିରୋଜ୍‌ସାହ ମେହେଟ୍ଟା ଥିଲେ ଜଣେ ବିରାଟ ବ୍ୟକ୍ତିତ୍ୱ । ସେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ । ଗୋଟିଏ ଘଟଣାରୁ ତାଙ୍କର କାମ କରିବାର ବୈଶିଷ୍ଟ୍ୟ ମୁଁ ମନେ ରଖିଛି । ଗୋପାଳ କୃଷ୍ଣ ଗୋଖଲେଙ୍କ ମୃତ୍ୟୁପରେ ଟାଉନ୍ ହଲ୍‌ରେ ଗଭର୍ଣ୍ଣରଙ୍କ ସଭାପତିତ୍ୱରେ ଏକ ଶୋକସଭା ଆହୂତ ହୋଇଥିଲା । ସାର ଫିରୋଜ୍‌ସାହ ମେହେଟ୍ଟା ଓ ସେତେବେଳର ବମ୍ବେ ପ୍ରେସିଡେନ୍ସିର ଏକ୍‌ଜିକ୍ୟୁଟଭ୍ କାଉନ୍‌ସିଲର୍ ସାର୍ ପ୍ରଭାକର ପଟ୍‌ନୀଙ୍କ ବ୍ୟତୀତ ଅନେକ ନେତା ଉପସ୍ଥିତ ଥିଲେ । ସାର୍ ପ୍ରଭାକର ପଟ୍‌ନୀ ଅତ୍ୟନ୍ତ ବୁଦ୍ଧିମାନ ବ୍ୟକ୍ତି ଥିଲେ କିନ୍ତୁ ଭଲ କହିପାରୁ ନଥିଲେ । ସେ ଯେତେବେଳେ କହିଲେ ତାଙ୍କ ଭାଷଣ ପଛରେ ବସିଥିବା ଲୋକମାନେ ଶୁଣି ପାରୁନଥିଲେ ଓ ସେମାନେ ଗୋଳମାଳ କଲେ । ସେତେବେଳେ ଲାଉଡ୍ ସ୍ପିକର୍ ନ ଥିଲା । ପଛରେ ଗଣ୍ଡଗୋଳ ସତ୍ତ୍ୱେ ସାର୍ ପଟ୍‌ନୀ କହି ଚାଲିଥାନ୍ତି । ଲୋକମାନେ ବିରକ୍ତ ହେଲେଣି । ସାର୍ ମେହେଟ୍ଟା ଅଧୈର୍ଯ୍ୟ ହୋଇ ଗଲେଣି । ସେ ହଠାତ୍ ଉଠି ଗର୍ଜନ କରି କହିଲେ ‘ବସିପଡ଼’ । ସଭାପତି ସାଙ୍ଗେ ସାଙ୍ଗେ ସାର୍ ପଟ୍‌ନୀଙ୍କୁ ତାଙ୍କ ଭାଷଣ ଶେଷ କରିବାକୁ କହିଲେ । ସାର୍ ମେହେଟ୍ଟାଙ୍କ ପ୍ରଭାବର ଏହା ଏକ ଉଦାହରଣ ।

ସାର୍ ଫିରୋଜ୍‌ସାହ ମେହେଟ୍ଟାଙ୍କର ବମ୍ବେ ଓ ବମ୍ବେ ବାହାରେ ବହୁତ ସମ୍ମାନ ଥିଲା । ସ୍ୱର୍ଗତ ଶ୍ରୀ ଗୋପାଳ କୃଷ୍ଣ ଗୋଖଲେଙ୍କୁ ବୁଦ୍ଧିଜୀବି ଓ ସାଧାରଣ ଲୋକେ ବହୁତ ସମ୍ମାନ କରୁଥିଲେ । ଲୋକମାନ୍ୟ ବାଲ ଗଙ୍ଗାଧର ତିଳକଙ୍କୁ ସାଧାରଣ ଜନତା ଆହୁରି ବେଶି ସମ୍ମାନ କରୁଥିଲେ । ସେ ସମୟରେ ବାଲ, ଲାଲ ଏବଂ ପାଲ -- ତ୍ରିମୂର୍ତ୍ତି ହିସାବରେ ଖ୍ୟାତି ଲାଭ କରିଥିଲେ । ସେମାନଙ୍କ ମଧ୍ୟରେ ଶ୍ରୀ ବାଲ ଗଙ୍ଗାଧର ତିଳକ ବେଶି ଖ୍ୟାତି ସମ୍ପନ୍ନ ବ୍ୟକ୍ତି ଥିଲେ । ତାଙ୍କର ବ୍ୟକ୍ତିତ୍ୱ ଓ କ୍ଷମତା ଲାଲାଲଜ୍‌ପତ୍ ରାୟ ଓ ବିପିନ ଚନ୍ଦ୍ର ପାଲଙ୍କଠାରୁ ବହୁ ଉଚ୍ଚରେ ଥିଲା । ଶ୍ରୀମତୀ ଆନୀ ବେସାନ୍ତ ନିଜର ନିପୁଣ ବାଗ୍ମୀତାଯୋଗୁ ଜନସାଧାରଣଙ୍କୁ ପ୍ରଭାବିତ କରିପାରୁଥିଲେ । ସେ କେବଳ ଇଂରାଜୀରେ କହୁଥିଲେ ଏବଂ ଆଧ୍ୟାତ୍ମିକ ନେତା ହିସାବରେ ଖ୍ୟାତ ଥିଲେ । ଭାରତ ଓ ଏହାର ସଂସ୍କୃତି ପ୍ରତି ତାଙ୍କର ବିଶେଷ ଅନୁରକ୍ତି ଥିଲା । ଯେତେବେଳେ ମହାତ୍ମାଗାନ୍ଧି ଅସହଯୋଗ ଆନ୍ଦୋଳନ ବିଷୟ ଆରମ୍ଭ କଲେ ସେ କଂଗ୍ରେସ ଛାଡି ଦେଇଥିଲେ କାରଣ ଏପରି ଲଢ଼େଇରେ ସେ ବିଶ୍ୱାସ କରୁ ନ ଥିଲେ । ସେ ମଡରେଟ୍ ପାର୍ଟିର ନେତ୍ରୀ ହୋଇଥିଲେ ।

Digitized by srujanika@gmail.com

ମୁଁ ଡିବେଟିଂଗ୍ ସୋସାଇଟିର ସେକ୍ରେଟେରୀ ଥିବା ବେଳେ ଶ୍ରୀମତୀ ସରୋଜିନୀ ନାଇଡୁ ବମ୍ବେ ଆସିଥିଲେ ଓ ତାଜମହଲ ହୋଟେଲରେ ରହୁଥିଲେ । ମୁଁ ତାଙ୍କୁ ଆମ କଲେଜରେ ଭାଷଣ ଦେବାକୁ ନିମନ୍ତ୍ରଣ କରିବାକୁ ଯାଇଥିଲି। ମୁଁ ତାଙ୍କୁ ଯେତେବେଳେ ଭେଟିଲି, ମୋର ତାଙ୍କ ସହିତ ଜଣାଶୁଣା ନଥିବା ସତ୍ତ୍ୱେ ସେ ମୋତେ ବହୁତ ଶ୍ରଦ୍ଧା ପ୍ରଦର୍ଶନ କରିଥିଲେ । ମୁଁ ତାଙ୍କର ସେହି ଦୟାର୍ଦ୍ର ବ୍ୟବହାର ଭୁଲି ପାରିବି ନାହିଁ । ସେ ଆମ ନିମନ୍ତ୍ରଣ ଗ୍ରହଣ କଲେ ଓ ଅପରାହ୍ନ ଦେଢ଼ଟାରେ କ୍ଲାସ୍ ଚାଲୁଥିବାବେଳେ ଭାଷଣ ଦେବାକୁ କହିଲେ । ଛାତ୍ରମାନଙ୍କର ତାଙ୍କ ଭାଷଣ ଶୁଣିବାକୁ ବହୁତ ଇଚ୍ଛା ଥିବାରୁ ମୁଁ ପ୍ରିନ୍‌ସିପାଲ୍‌ଙ୍କୁ ନ ପଚାରି ରାଜି ହୋଇଗଲି । ସେ ସମୟରେ ପ୍ରିନ୍‌ସିପାଲ୍ ଓ ପ୍ରଫେସର୍ ମାନେ ଛାତ୍ରମାନଙ୍କ ପ୍ରତି ସହାନୁଭୂତିଶୀଳ ଥିଲେ । ମୁଁ କହିବା ମାତ୍ରେ ପ୍ରିନ୍‌ସିପାଲ୍ ସାଙ୍ଗେ ସାଙ୍ଗେ ରାଜି ହୋଇ ଦେଢ଼ଟାରେ କଲେଜରେ କ୍ଲାସ ବନ୍ଦ କରିଦେଲେ । ଶ୍ରୀମତୀ ନାଇଡୁ ଅତି ସୁନ୍ଦର, ମଧୁର ଭାଷାରେ କହିଲେ ଓ ଆମେମାନେ ବେଶ୍ ପ୍ରଭାବିତ ହେଲୁ ।

ଥରେ ସଂଧ୍ୟାରେ ଆମ କଲେଜ ହତାରେ ଲୋକମାନ୍ୟ ତିଳକ ଭାଷଣ ଦେଇଥିଲେ । ମୁଁ ମନଦେଇ ଶୁଣିଥିଲି ଓ ତାଙ୍କ ବ୍ୟକ୍ତିତ୍ୱରେ ବିଶେଷ ପଭାବିତ ହୋଇଥିଲି । ମୋ ଭଳି ଛାତ୍ରମାନେ ମହାତ୍ମା ଗାନ୍ଧିଙ୍କ କାର୍ଯ୍ୟକ୍ରମରେ ଆଗ୍ରହ ପ୍ରକାଶ କରୁଥିଲେ । ମୋର ମନେ ଅଛି, ସବିଶେଷ ଅନୁଧ୍ୟାନ କରି ଆମେ ତାଙ୍କ ଆନ୍ଦୋଳନରେ ଆଗ୍ରହ ରଖିଥିଲୁ । ଏ ସବୁ ମୋର ଜାତୀୟତା ଭାବ ବଢ଼ାଇବାରେ ସାହଯ୍ୟ କରିଥିଲା । କାଳକ୍ରମେ ମୋର ଜାତୀୟତା ଭାବ ଦୃଢ଼ରୁ ଦୃଢ଼ତର ହେବାକୁ ଲାଗିଲା ।

ମୋର କଲେଜ ଜୀବନରେ ମୁଁ ତିନି ଚାରିଟା ଡ୍ରାମା ଓ ଛ' ସାତଟା ସିନେମାରୁ ବେଶି ଦେଖି ନଥିଲି । ଏ ସବୁ ମୁଁ ଅନ୍ୟମାନଙ୍କ ସାଙ୍ଗରେ ଦେଖିଥିଲି । ମୁଁ ମନକୁ ଏକା ଗୋଟିଏ ହେଲେ ଡ୍ରାମା ବା ସିନେମା ଦେଖିନାହିଁ । ମୋର ଏପରି ଆନନ୍ଦ ପ୍ରମୋଦ ପ୍ରତି ଇଚ୍ଛା ନ ଥିଲା । ସେ ସମୟରେ ସବାକ୍ ଚଳଚିତ୍ର ନ ଥଲା । ୧୯୩୦ ପରେ ସେ ସବୁ ଏ ଦେଶକୁ ଆସିଲା । କିନ୍ତୁ କ୍ରିକେଟ୍ ମ୍ୟାଚ୍ ଦେଖିବାକୁ ମୋତେ ଭଲ ଲାଗୁଥିଲା ଏବଂ ସହରର ଯେଉଁଠି ଖେଳ ହେଉଥିଲା ମୁଁ ଯାଉଥିଲି । ମୁଁ କେବେ ଟ୍ରାମରେ ଚଢୁନଥିଲି । ଯେତେ ଦୂର ହେଲେ ବି ପାଦରେ ଚାଲି ଚାଲି ଯାଉଥିଲି । ବେଳେ ବେଳେ ଉପକଣ୍ଠ ଟ୍ରେନ୍‌ରେ ଯାଉଥିଲି ।

ମୁଁ କଲେଜର ବାର୍ଷିକ ସାମାଜିକ ସମ୍ମିଳନୀରେ ଯୋଗ ଦେଉ ନଥିଲି କାରଣ ସେଥି ସକାଶେ ପଇସା ଦେବାକୁ ପଡୁଥିଲା ଓ ମୋ ପାଖରେ ସେଥିପାଇଁ ପଇସା ନ ଥିଲା । ଦୁର୍ବଳ ଆର୍ଥିକ କ୍ଷମତା ବ୍ୟତୀତ ଏପରି ଖର୍ଚ୍ଚ କରିବାକୁ ମୋର ଇଚ୍ଛା ବି ନଥିଲା । ମୋ ପିତା ମାତା ଓ ଶିକ୍ଷକ ମାନଙ୍କ ଆଦର୍ଶ ମୂଳକ ବ୍ୟବହାର ଯୋଗୁଁ ମୋର ଏପରି ମାନସିକ ଚିନ୍ତାଧାରା ଦୃଢ଼ିଭୂତ ହୋଇଥିଲା ।

କଲେଜରେ ଶ୍ରୀ ଯୁଧିଷ୍ଠିର ମେହେଟ୍ଟା ମୋର ପ୍ରିୟବନ୍ଧୁ ଥିଲେ । ସେ ଥିଲେ ସୁରତର ନଗର ବ୍ରାହ୍ମଣ । ବାପାଙ୍କର କେବଳ ମାତ୍ର ପୁଅ । ବାପା ତାଙ୍କର ବରୋଦା ଷ୍ଟେଟ୍‌ରେ ସିଭିଲ୍ ସର୍ଜନ୍ ଥିଲେ । ପୁଅର ଯେତେ ଟଙ୍କା ଦରକାର ପଠାଉଥିଲେ । ସେ ସମୟରେ ବି ଯୁଧିଷ୍ଠିର ମାସକୁ ଦେଢ଼ଶହ ଟଙ୍କାରୁ ବେଶୀ ଟଙ୍କା ଖର୍ଚ୍ଚ କରୁଥିଲେ । ସେ ବି.ଏ. ପଢୁଥିବାବେଳେ ହଠାତ୍ ତାଙ୍କ ବାପା ଇହଲୀଳା ସମ୍ବରଣ କଲେ ମାତ୍ର ସେ କିଛି ପୈତୃକ ସମ୍ପତ୍ତି ଛାଡି ଯାଇ ନଥିଲେ । ମୋ ବଂଧୁ ବେଶ୍ ଆଡ଼ମ୍ବରରେ ଚଳୁଥିଲେ, ତେଣୁ ତାଙ୍କୁ ବହୁତ ଅସୁବିଧା ହେଲା । ସେ ବି.ଏ. ପାଶ୍ କରିପାରିଲେ ନାହିଁ । ମାସିକ ୯୦ ଟଙ୍କାରେ ଖଣ୍ଡିଏ ଚାକିରି କଲେ । ଯେଉଁ ବ୍ୟକ୍ତି ଛାତ୍ର ଜୀବନରେ ମାସକୁ ୧୫୦ଟଙ୍କାରୁ ବେଶୀ ଖର୍ଚ୍ଚ କରୁଥିଲେ, ତାଙ୍କୁ ୯୦ଟଙ୍କାରେ ଚଳିବାକୁ ପଡିଲା । ତାଙ୍କ ଅସୁବିଧା ଦେଖି ମୋତେ ଦୁଃଖ ଲାଗୁଥିଲା । ଏହି ଘଟଣାରୁ ମୋର ଧାରଣା ଆହୁରି ଦୃଢ଼ୀଭୂତ ହେଲା ଯେ ଛାତ୍ରମାନେ ସାଧାରଣ ଭାବେ ଚଳିବା ଉଚିତ, ଯଦ୍ୱାରା କଠିନ ସମୟ ଆସିଲେ ଅସୁବିଧା ଲାଗିବ ନାହିଁ ।

Digitized by srujanika@gmail.com

ସେ ସମୟରେ, ବମ୍ବେରେ ତ୍ରୀକୋଣ କ୍ରିକେଟ୍ ମ୍ୟାଚ୍ ଖେଳା ଯାଉଥିଲା । ପରେ ଏହା ଚୌକଣ ମ୍ୟାଚ୍ ହେଲା, ହିନ୍ଦୁ, ମୁସ୍ଲିମ୍,ପାର୍ସି ଓ ୟୁରୋପିୟାନ୍ ଜିମ୍‌ଖାନାମାନେ ଏଥିରେ ଭାଗ ନେଉଥିଲେ । ମୋତେ କ୍ରିକେଟ୍ ଖେଳ ଭଲ ଲାଗୁଥିଲା, ତେଣୁ ମୁଁ ସବୁ ମ୍ୟାଚ୍, ଏପରିକି ପରୀକ୍ଷା ପାଖରେ ଥିଲେ ବି, ଯାଇ ଦେଖୁଥିଲି । ଖେଳ ଦେଖିବା ପାଇଁ ଟିକେଟ୍ ଲାଗୁଥିଲା । ଟିକେଟ୍ କିଣିବାକୁ ମୋ ପାଖରେ ପଇସା ନ ଥିଲା । ଓ୍ୱାଚ୍‌ମ୍ୟାନ୍ ମାନେ ହୁସିଆର ନ ଥିବା ବେଳେ ମୁଁ ଗଳି ଯାଉଥିଲି । ଏହିପରି ଭାବରେ ମୋର ଚାରି ବର୍ଷ କଲେଜ ଜୀବନରେ ସବୁ ମ୍ୟାଚ୍ ଦେଖିଥିଲି । ସେତେବେଳେ ଏମିତି ଲୁଚିକରି ଗଳିଯାଇ ଖେଳ ଦେଖିବା ଭୁଲ କାମବୋଲି ମୋର ଧାରଣା ନ ଥିଲା । ବର୍ତ୍ତମାନ ମୁଁ ଅନୁଭବ କରୁଛି ଯେ ସେତେବେଳ ମୁଁ ଠିକ୍ କାମ କରୁନଥିଲି ।

ଉଇଲ୍‌ସନ୍ କଲେଜ ଚୌପାଟିରେ ଥିଲା ଓ ଜି.ଟି. ବୋର୍ଡିଙ୍ଗ୍ ହାଉସ୍ ମାଲବାର୍‌ହିଲ୍ କେମ୍ପସ୍‌କର୍ଣ୍ଣର ପାଖ ହ୍ୟୁଜେସ୍ ରୋଡ୍ ଉପରେ ଥିଲା । ମୁଁ ସବୁଦିନେ ବୌର୍ଡିଙ୍ଗ୍ ହାଉସ୍‌ରୁ କଲେଜକୁ ଚାଲି କରି ଯାଉଥିଲି ଓ ଆସୁଥିଲି । ତା ଛଡ଼ା ସଂଧ୍ୟାରେ ଚର୍ଚ୍ଚଗେଟ୍ ଷ୍ଟେସନ୍ ଚାଲିକରି ଯାଉଥିଲି । କାମରେ ଗ୍ରାଣ୍ଟ୍ ରୋଡ୍‌ରୁ ଫୋର୍ଟ ପର୍ଯ୍ୟନ୍ତ ସପ୍ତାହରେ ଥରେ ଦୁଇଥର ଯିବାକୁ ପଡୁଥିଲା । ଏହାଦ୍ୱାରା ମୋର କସରତ ହୋଇ ଯାଉଥିଲା । ଟ୍ରାମ୍ ବା ଟ୍ରେନ୍‌ରେ ଯିବାକୁ ମୋର ପଇସା ନଥିଲା । ମୁଁ ପଇସାର ଅଭାବ କେବେ ଅନୁଭବ କରି ନ ଥିଲି ଏବଂ ମୋ ନିଜ ପରିସ୍ଥିତିରେ ରହିବାକୁ ଭଲ ପାଉଥିଲି ।

ଛୁଟି ଦିନ ମାନଙ୍କରେ ମୁଁ କଲେଜରେ ନଥିଲେ ମୋ ମାମୁଁଙ୍କ ଦ୍ୱିତୀୟ ପୁଅ ବଟୁ ଭାଇଙ୍କ ସହ ଭଦେଲୀରେ ସମୟ କଟାଉଥିଲି । ଥରେ ଏଇ ସମୟରେ ତାଙ୍କ ଦେହ ଖରାପ ହେଲା ଓ ସେ ବିଚଳିତ ହୋଇ ପଡିଲେ । ଆମେ ଦୁଇଜଣ ଦ୍ୱିତୀୟ ମହଲାରେ ଗୋଟିଏ ରୁମ୍‌ରେ ରହୁଥିଲୁ, ତେଣୁ, ତାଙ୍କୁ ରାତିରେ ଦେଖାଶୁଣା କରିବା ଭାର ମୋ ଉପରେ ଥିଲା । ତାଙ୍କୁ ଔଷଧ ଖୁଆଇବା ବଡ କଷ୍ଟକର ଥିଲା । ସେ ମୋ କଥା ଶୁଣୁ ନଥିଲେ କି ତାଙ୍କୁ ଜବରଦସ୍ତ କରି ଔଷଧ ଖୁଆଇବା ସମ୍ଭବ ହେଉନଥିଲା । ମୁଁ ତାଙ୍କୁ ଥରେ କହିଲି, ''ତୁମେ ଯଦି ଔଷଧ ଖାଇବାକୁ ଇଛା ନ କରୁଛ ମୁଁ ବାଧ କରିବି ନାହିଁ । ଯଦି ତୁମେ ମୋତେ ଡାକ, ମୁଁ ଶୁଣିବି ନାହିଁ କାରଣ ତୁମେ ଔଷଧ ଖାଇବାକୁ ମନା କରୁଛ ।'' ଗୋଟିଏ ରାତିରେ, ଆଲୁଅ ଲିଭିଯିବା ପରେ ଗୋଟିଏ ବିଲେଇର ମିଆଉଁ ମିଆଉଁ ଖୁବ୍ ଜୋରରେ ଶୁଣା ଗଲା । ବଟୁଭାଇ ଡରିକରି ମୋତେ ଡାକିଲେ କିନ୍ତୁ ମୁଁ ଶୁଣିଲି ନାହିଁ, ସେ ଡରି ଯାଇ ମୋତେ ଜବାବ ଦେବାକୁ ବାରମ୍ବାର ଅନୁରୋଧ କଲେ । ମୁଁ କହିଲି, ''ମୁଁ ତୁମ ସହିତ କଥାବାର୍ତ୍ତା କରିବି କେବଳ ଯଦି ତୁମେ ଔଷଧ ଖାଇବ ।'' ତାଙ୍କୁ ଏତେ ଡରଲାଗୁଥିଲା ଯେ, ସେ ମୋ ନିରବତା ବଦଳରେ ଔଷଧ ଖାଇବାକୁ ରାଜି ହେଲେ । ଆଜି ମଧ୍ୟ ମୁଁ କହିବି ଯେ ଅସହଯୋଗୀତାର ଏହା ଏକ ବିରାଟ ବିଜୟ । ତା' ପରେ ବଟୁଭାଇ ସବୁବେଳେ ମେ କଥା ମାନିଲେ, ଫଳରେ ତାଙ୍କର ଯତ୍ନ ନେବା ମୋ ପକ୍ଷରେ ସହଜ ହେଲା । ସେହି ସମୟଠାରୁ ଆମର ସମ୍ବନ୍ଧ ଆହୁରି ଘନିଷ୍ଠ ହେଲା । ଆମେ ଦୁଇ ଜଣ ଏକ ମା' ପେଟର ଭାଇ ଭଳି ଥିଲୁ । ସେ ଅହମଦାବାଦରେ ରହୁଥିଲେ ଓ ଅନେକ ବର୍ଷ ପର୍ଯ୍ୟନ୍ତ ସରକାରୀ ଓକିଲ ଥିଲେ । ଆଜିକାଲି ମଧ୍ୟ ଓକିଲାତି କରୁଛନ୍ତି । ସେ ଜଣେ ସର୍ବାଗ୍ରବର୍ତ୍ତୀ ଓକିଲ ଅଟନ୍ତି ଏବଂ ଉତ୍ତମ ରୂପେ ମୋକଦ୍ଦମା ଲଢ଼ନ୍ତି ।

କଲେଜରେ ପଢୁଥିବା ବେଳେ ମୁଁ ସପ୍ତାହରେ ଅନ୍ତତ ଥରେ ଭୁଲାଭାଇ ଦେସାଇଙ୍କ ଘରକୁ ଯାଉଥିଲି । ଶ୍ରୀ ଭୁଲାଭାଇ ସେତେବେଳେ ଜଣେ ଜଣାଶୁଣା ଓକିଲ ଥିଲେ ଏବଂ ଚୌପାଟିରେ ରହୁଥିଲେ । ତାଙ୍କ ମାମୁଁଙ୍କ ପରିବାର ଭଦେଲୀରେ ରହୁଥିଲେ ଓ ବଲସାର୍‌ରେ ମଧ୍ୟ ତାଙ୍କର ଗୋଟିଏ ଘରଥିଲା । ତାଙ୍କ ସ୍ତ୍ରୀ ମୋତେ ଭଲ ପାଉଥିଲେ ତେଣୁ ନିୟମିତ ଭାବେ ମୁଁ ତାଙ୍କ ଘରକୁ ଯାଉଥିଲି । ସାଧାରଣତଃ ମୁଁ ଅଫିସ ଦିନମାନଙ୍କରେ ଯାଉଥିଲି । ତେଣୁ କେବଳ ଶ୍ରୀମତୀ ଦେସାଇ ଇଚ୍ଛାବେନଙ୍କୁ ଭେଟୁଥିଲି । ଇଚ୍ଛାବେନଙ୍କ ସହୋଦର ଭିନ୍ନ ଭାଇ ରନ୍‌ଛୋଡ୍‌ଜୀ ଦେସାଇ ମୋର ସହପାଠୀ ଥିଲେ ଓ ସେ ତାଙ୍କ ଘରେ ରହୁଥିଲେ ।

Digitized by srujanika@gmail.com

୧୯୨୦ ମସିହା ପରେ ଛାତ୍ର ମାନଙ୍କର ଯେପରି ରାଜନୈତିକ ଚେତନାର ଜାଗରଣ ହୋଇଥିଲା, ସେ ସମୟରେ ସେପରି ନଥିଲା । ଧର୍ମଘଟ କଥା କେହି ଚିନ୍ତା କରୁ ନଥିଲେ । କିନ୍ତୁ ମୋ ଭଳି ଛାତ୍ରମାନେ ରାଜନୈତିକ ନେତାମାନଙ୍କ ସଭାରେ ଯୋଗ ଦେଉଥିଲେ ଏବଂ ଜାତୀୟତାର ପ୍ରେରଣା ପାଉଥିଲେ । ସେଥି ସକାଶେ, ମୁଁ ଆଗରୁ ଯେପରି କହିଛି, ୧୯୧୫ରେ ହୋଇଥିବା ଭାରତୀୟ ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନରେ ମୁଁ ସ୍ୱେଚ୍ଛାସେବକ ହିସାବରେ ଯୋଗ ଦେଇଥିଲି । ୧୯୧୬ରେ ଯେତେବେଳେ ସ୍ୱର୍ଗତଃ ଡକ୍ଟର ଦାଦାଭାଇ ନାଓରୋଜୀ ଇଂଲଣ୍ଡରୁ ବମ୍ବେ ଫେରିଲେ, ବମ୍ବେର ନାଗରିକମାନେ ତାଙ୍କୁ ଗଭୀର ସ୍ୱାଗତ ଜଣାଇଥିଲେ । ସେତେବେଳେ ମୁଁ ମଧ୍ୟ ସ୍ୱେଚ୍ଛାସେବକ ଭାବେ କାମ କରିଥିଲି । ମୋର ମନେ ଅଛି ମୁଁ ତାଙ୍କ ବଗି ଗାଡ଼ି କଡ଼େ କଡ଼େ ବୋରିବନ୍ଦର ଠାରୁ ନେପିୟନ୍‌ସି ରୋଡ୍ ପର୍ଯ୍ୟନ୍ତ ଚାଲିଥିଲି, ଏପରିକି ଦୌଡିଥିଲି ମଧ୍ୟ ।

ମୁଁ ଆଗରୁ କହିଛି ଯେ ଷୋଳ ବର୍ଷ ବୟସ ପର୍ଯ୍ୟନ୍ତ ମୁଁ ବହୁତ ଡରୁଆ ଓ ନରମା ପ୍ରକୃତିର ଥିଲି । କଲେଜ ଯିବା ପରେ ହିଁ ମୋର ଚରିତ୍ରରେ ସାହାସ ଓ ଶକ୍ତି ବଢ଼ିଲା । କଲେଜ ଛାଡିବା ବେଳକୁ ମୁଁ ପ୍ରାୟ ନିର୍ଭୟ ହୋଇ ଯାଇଥିଲି । ସ୍କୁଲରେ ପଢୁଥିବା ବେଳେ ଘରେ ପଢ଼ିବା ଅଭ୍ୟାସ ମୋର ନ ଥିଲା, କିନ୍ତୁ ସ୍କୁଲରେ ଶିକ୍ଷକ ପଢ଼ାଇବା ବେଳେ ମୁଁ ମନଦେଇ ଶୁଣୁଥିଲି । କ୍ଲାସ୍ ବାହାର ସମୟ ମୋର ଖେଳ ଓ ଶାରୀରିକ ବ୍ୟାୟାମରେ କଟୁଥିଲା । ଶିକ୍ଷକ ଯାହା ପଢ଼ାଉଥିଲେ ମୁଁ ଉପଯୁକ୍ତ ଶିକ୍ଷା ପାଉଥିଲି ତେଣୁ ପରୀକ୍ଷାରେ ଭଲ ନମ୍ବର ରଖିବା ମୋ ପକ୍ଷରେ କଷ୍ଟକର ନ ଥିଲା । କଲେଜରେ କିନ୍ତୁ ଅବସ୍ଥା ପୂରାପୂରି ଅଲଗା । ଆମେ କିପରି ପଢିବୁ ସେ ବିଷୟରେ ଲେକ୍‌ଚର୍‌ର ବା ଅଧ୍ୟାପକଙ୍କ ଠାରୁ ଉପଦେଶ ମାତ୍ର ପାଉଥିଲୁ କିନ୍ତୁ ଘରେ ପଢ଼ିବା ଅଭ୍ୟାସ ନ ଥିଲା । ଫଳରେ କଲେଜରେ ପ୍ରଥମ ବର୍ଷ ମୁଁ କମ୍ ପଢ଼ିଥିଲି । ପ୍ରଥମ ବର୍ଷ ଶେଷ ବାର୍ଷିକ ପରୀକ୍ଷାରେ ବହୁ କଷ୍ଟରେ ଦ୍ୱିତୀୟ ଶ୍ରେଣୀ ପାଇଥିଲି ।

ଆଇ.ଏ.ରେ ଦ୍ୱିତୀୟ ବର୍ଷପରେ ବିଶ୍ୱବିଦ୍ୟାଳୟ ପରୀକ୍ଷା ଦେବାକୁ ପଡିଥିଲା । ଏଥିପାଇଁ ଅଧିକ ପଢ଼ିବା ଦରକାର । କିନ୍ତୁ ପ୍ରଥମ ଆଠମାସରେ ମୋର ଇଚ୍ଛା ଥିବା ସତ୍ତ୍ୱେ ମୁଁ ଭଲକରି ପଢ଼ିପାରିଲି ନାହିଁ । ତେଣୁ ଏହି କ୍ଷତି ପୂରଣ କରିବାକୁ ଶେଷ ଦୁଇ ମାସ ବହୁତ ଚେଷ୍ଟାକଲି କାରଣ ମୋର ପ୍ରଥମ ଶ୍ରେଣୀ ପାଇବାକୁ ବହୁତ ଇଚ୍ଛା ଥିଲା । ମୁଁ କେବଳ ରାତିରେ ପଢ଼ିପାରୁଥିଲି । ମୁଁ ବୋର୍ଡିଙ୍ଗ୍ ହଷ୍ଟେଲରୁ ଯାଇ ଚୌପାଟିର ଶାନ୍ତିପୂର୍ଣ୍ଣ ବାତାବରଣରେ ରାତି ଅଧଯାଏ ପଢୁଥିଲି । ମୋତେ ପୋଲିସ ଜାଗା ଛାଡିବାକୁ କହିଲେ ମୁଁ ହଷ୍ଟେଲକୁ ଆସୁଥିଲି । ଏହିପରି ଭାବରେ ମୁଁ ନ ଶୋଇ, ବିଶ୍ରାମ ନ ନେଇ କଠୋର ପରିଶ୍ରମ କଲି ଯାହାର କୁଫଳ ମୋତେ ପରୀକ୍ଷା ସମୟରେ ଭୋଗିବାକୁ ପଡିଥିଲା । ସେପର୍ଯ୍ୟନ୍ତ ମୁଁ ପରୀକ୍ଷା ପାଇଁ ବ୍ୟସ୍ତ ହେଉନଥିଲି କି ପରୀକ୍ଷା ଆସୁଛି ବୋଲି ବିଷର୍ଣ୍ଣ ବା ବିଚଳିତ ହେଉ ନଥିଲି । ମୋର ଜଣେ ମହାରାଷ୍ଟ୍ରୀୟ ସହପାଠୀ ଥିଲେ । ସେ ପ୍ରଥମ ବାର୍ଷିକ ଛାତ୍ର ଥିବାବେଳେ ମୁଁ ଦେଖଛି ସେ ପରୀକ୍ଷାକୁ ବହୁତ ଡରୁଥିଲେ। ଆମ ବୋର୍ଡିଙ୍ଗ୍ ପାଖରେ ପରୀକ୍ଷା ପେଣ୍ଡାଲ ତିଆରି ହେଉଥିଲା । ପେଣ୍ଡାଲ ତିଆରି ହେବା ଆଖିରେ ପଡ଼ିଲେ ସେ ଡରି ବିଚଳିତ ହୋଇ ହତାଶ ହୋଇ ଯାଉଥିଲେ । ମୁଁ ତାଙ୍କୁ ସାହସ ଦେବାକୁ ଚେଷ୍ଟା କରୁଥିଲି । ମୁଁ ବୁଝି ପାରୁନଥିଲି ଯେ ଜଣେ ଏପରି ଅବସ୍ଥାକୁ କେମିତି ଆସିଲା ? ସେ ପର୍ଯ୍ୟନ୍ତ, ବିଶେଷ ଚେଷ୍ଟା ନ କରି ମୁଁ ବେଶ୍ ଭଲ ନମ୍ବର ରଖିପାରୁଥିଲି ।

ମୋ ମାମୁଁ ସେହି ସମୟରେ ମୋ ପାଖକୁ ଲେଖିଥିଲେ ଯେ ମୁଁ ପ୍ରଥମ ଶ୍ରେଣୀରେ ପାଶ୍ ନ କଲେ ସେ ମୋତେ କ୍ଷମା କରିବେ ନାହିଁ । ଦୁଇମାସ କାଳ, ବିନା ବିଶ୍ରାମରେ ପରିଶ୍ରମ କରି ମୁଁ କ୍ଲାନ୍ତ ହୋଇ ଯାଇଥିଲି । ମାମୁଁଙ୍କ ଏ ଚିଠିଟି ମୋ ଉପରେ ଅଧିକ ଚାପ ପକାଇଲା । ପରୀକ୍ଷାର ପ୍ରଥମ ଦିନ ଗଣିତ ଥିଲା । ଏହା ଆଇ.ଏ., ଆଇ.ଏସ୍.ସି. ସମସ୍ତଙ୍କ ପାଇଁ ଥିଲା । ଆଇ.ଏ. ପିଲାଙ୍କ ପାଇଁ ପୂର୍ଣ୍ଣସଂଖ୍ୟା ଥିଲା ୭୫ । କିନ୍ତୁ

Digitized by srujanika@gmail.com

ଆଇ.ଏସ୍.ସି. ଛାତ୍ରଙ୍କ ପାଇଁ ଥିଲା ୧୦୦ । ପ୍ରଶ୍ନ ଉପରେ ଲେଖାଥିଲା ୧୦୦, ମୋର ଭ୍ରମଧାରଣା ହେଲା ଯେ ମୁଁ ୭୫ ମାର୍କ ପର୍ଯ୍ୟନ୍ତ ପ୍ରଶ୍ନର ଉତ୍ତର ଲେଖିବି । ମୁଁ ଜାଣିନଥିଲି ଯେ ୧୦୦ ମାର୍କ ପ୍ରଶ୍ନର ଉତ୍ତର ଦେଲେ ୭୫ ମାର୍କ ମିଳିବ । ସୁପରଭାଇଜର ମଧ୍ୟ ମୋତେ ଠିକ୍ କଲେ ନାହିଁ । ତେଣୁ ମୁଁ ୨୫ ମାର୍କର ପ୍ରଶ୍ନ ଛାଡି ଦେଇ ଆସିଲି । ମୁଁ ପରୀକ୍ଷା ହଲ ଛାଡିବା ବେଳେ ମୋର ବୁଝିବା ଭୁଲ ହୋଇଛି ବୋଲି ମୋତେ କୁହାଗଲା । ଏହି ସବୁ ଘଟଣା ଯୋଗୁ ପରଦିନ ପରୀକ୍ଷା ପାଇଁ ଦୁର୍ଭାଗ୍ୟମୟ ପରିସ୍ଥିତି ଗଢ଼ିଉଠିଥିଲା ।

ଗଣିତର ଦ୍ୱିତୀୟ ପେପର ତହିଁ ଆର ଦିନ ଥିଲା । ମୋ ମନ ଏକବାରେ ଶୂନ୍ୟ ହୋଇ ଯାଇଥିଲା । ଦିଆଯାଇଥିବା ତିନିଘଣ୍ଟାରେ ମୁଁ କେବଳ ଦଶ ନମ୍ବର ବିଶିଷ୍ଟ ଖଣ୍ଡିଏ ଅଙ୍କ କରିଥିଲି । ଉପର ବେଳା ସଂସ୍କୃତ ଗୋଟିଏ ପେପର ଥିଲା । ଆମକୁ ମାଳତୀ ମାଧବ ଓ କାଦମ୍ବରୀ ପଢ଼ିବାକୁ ପଡିଥିଲା । ମୁଁ ମାଳତୀ ମାଧବ ପୂରାପୂରି ଭୁଲିଗଲି, ସତେ ଯେପରି ମୁଁ ସେ ବହି ପଢିନାହିଁ । ଗଣିତ ଓ ସଂସ୍କୃତ ପରୀକ୍ଷାରେ ଏକ ଉଦ୍‌ବେଗଜନକ ପରିସ୍ଥିତି ଉପୁଜିଲା । ଏ ପର୍ଯ୍ୟନ୍ତ ଏହା ପ୍ରଥମ ପରିସ୍ଥିତି ଯେଉଁଥିରେ ମୁଁ ଫେଲ ହେବି ବୋଲି ଆଶଙ୍କା କଲି ଓ ବିଷାଦ ପୂର୍ଣ୍ଣ ସମୟ କଟିଲା, ଏପରିକି ମୁଁ ଘରକୁ ଯିବାକୁ ଇଚ୍ଛା କଲି ନାହିଁ । ପରୀକ୍ଷା ଫଳ ବାହାରିବାବେଳେ ମୁଁ ଧରି ନେଇଥିଲି ଯେ ମୁଁ ଫେଲ ହୋଇଛି । ପରୀକ୍ଷା ଫଳ କାଗଜ ବି ପଢ଼ିଲି ନାହିଁ । ପାଶ୍ କରିଥିବା ଛାତ୍ରଙ୍କ ମଧ୍ୟରେ ମୋ ନାଁ ଦେଖି୍ ଜଣେ ବନ୍ଧୁ ମୋତେ କହିଲା । ମୁଁ ଟିକିଏ ଶାନ୍ତହେଲି, ତା'ପରେ ଯାଇ ପରୀକ୍ଷା ଫଳ କାଗଜ ପଢ଼ିଲି ।

ମୁଁ କେବଳ ପାଶ୍ କ୍ଲାସ ପାଇଲି । ମୋ ସହପାଠୀ ପରୀକ୍ଷା ପାଇଁ କାହିଁକି ବିଚଳିତ ହେଉଥିଲା, ବର୍ତ୍ତମାନ ମୁଁ ଜାଣି ପାରିଲି । ଆଇ.ଏ. ପରୀକ୍ଷା ବେଳର ବିଚଳିତ ମନୋଭାବ ମୋ ବି.ଏ. ପରୀକ୍ଷାରେ ପ୍ରଭାବ ପକାଇଥିଲା । ମୁଁ ବି.ଏ.ରେ ରସାୟନ ଓ ପଦାର୍ଥ ବିଜ୍ଞାନ ନେଇଥିଲି । ମୁଁ ପ୍ରାକ୍ଟିକାଲ୍ ଭଲକରି କରିଥିଲି ଓ ଦୁଇବର୍ଷ ବେଶ୍ ମନ ଦେଇ ପଢ଼ିଥିଲି । ଅବଶ୍ୟ ମୋର ଯେତେ ଇଚ୍ଛା ଥିଲା ସେତେ ପଢ଼ିପାରି ନଥିଲି । ପରୀକ୍ଷାର ଠିକ୍ ପନ୍ଦରଦିନ ପୂର୍ବରୁ, ମୋର ମରାଠୀ ବନ୍ଧୁଙ୍କ ଭଳି, ମନରେ ଅସ୍ଥିରତା ଓ ବିଚଳିତ ଭାବ ଅନୁଭବ କଲି । ମୁଁ ଭାବିଲି ଯେ ମୁଁ କିଛି ଜାଣି ନାହିଁ । ମୁଁ ଶେଷ ଦଶ ଦିନରେ ଗୋଟିଏ ଶବ୍ଦ ବି ପଢ଼ିପାରିଲି ନାହିଁ । ସାରାଦିନ ଭୟ ଓ ଅସ୍ଥିରତା ମଧ୍ୟରେ କଟି ଯାଉଥାଏ ।

ପରୀକ୍ଷା ଆରମ୍ଭ ଦିନ ସକାଳେ ମୁଁ ଖାଇ ପାରିଲି ନାହିଁ । ଖାଇବା ବେଳେ ବାନ୍ତି ମାଡ଼ିଲା । ମୁଁ ଭୋକରେ ପରୀକ୍ଷା ଦେବାକୁ ଗଲି । ମୁଁ ପରୀକ୍ଷା ହଲକୁ ଟିକିଏ ଆଗରୁ ଗଲି । ସବୁଦିନ ଭଳି ପିଲାମାନେ ବ୍ୟାକୁଳ ହୋଇ ଅନେକ ଆଲୋଚନାକରୁଥିଲେ । ସେମାନେ ପରସ୍ପରକୁ କହୁଥାନ୍ତି ଯେତେ ପଢ଼ିବା କଥା ସେତେ ପଢ଼ି ନାହାନ୍ତି । ଏହାର ପ୍ରଭାବ ମୋ ଉପରେ ପଡିଲା । ମୁଁ ଅନୁଭବ କଲି ମୋ ଅବସ୍ଥା ନୂଆ ନୁହେଁ । ଗତ ଦଶଦିନ ମୁଁ ପଢ଼ି ପାରି ନଥିଲି । ତେଣୁ ମୁଁ ବେଶ୍ ବିଶ୍ରାମ ନେଇ ଅନେକ ଶକ୍ତି ସଂଗ୍ରହ କରି ରଖିଥିଲି । ପ୍ରଶ୍ନପତ୍ର ପାଇବା ମାତ୍ରେ ମୁଁ ପ୍ରଥମ ପ୍ରଶ୍ନରୁହିଁ ଉତ୍ତର ଲେଖିବା ଆରମ୍ଭ କଲି ଏବଂ ଦିଆଯାଇ ଥିବା ତିନିଘଣ୍ଟା ମୁଁ ବେଶ୍ ଲେଖିପାରିଲି । ଏହା ଦ୍ୱାରା ମୋର ଅଧିକ ସନ୍ତୋଷ ଓ ସାହସ ହେଲା । ମୁଁ ବୋର୍ଡିଙ୍ଗ୍ ହାଉସ୍ ଯାଇ କିଛି ଜଳଖିଆ ଖାଇଲି । ପୁଣି ପରଦିନ ପରୀକ୍ଷା କଥା ମନେ ପକାଇବାରୁ ଅସ୍ଥିରତା ଭାବ ପୁଣି ଆସିଲା । ପରୀକ୍ଷା ପାଞ୍ଚ ଛ ଦିନ ହେଲା ଓ ସବୁଦିନେ ମୋର ଏଇ ଅନୁଭୂତି ହେଲା । କିନ୍ତୁ ମୁଁ ସବୁ ପେପରରେ ଭଲ କଲି । ଏପରିକି ପ୍ରାକ୍ଟିକାଲ୍ ଗୁଡ଼ିକ ଭଲ ହେଲା । ପ୍ରଫେସର୍ ହାମଲି ପଦାର୍ଥ ବିଜ୍ଞାନ ପରୀକ୍ଷକଙ୍କ ମଧ୍ୟରେ ଜଣେ ଥିଲେ । ସେ ମୋତେ ଭଲ ପାଉଥିଲେ କିନ୍ତୁ ପ୍ରାକ୍ଟିକାଲ୍ ପରୀକ୍ଷାରେ କଷ୍ଟ ପ୍ରଶ୍ନ ଦେଇଥିଲେ । ଏହି ପରୀକ୍ଷାର ମୁଁ ପ୍ରଥମ ଶ୍ରେଣୀ ପାଇଲି ଓ କଲେଜ ଫେଲୋସିପ୍ ପାଇଲି । ଫେଲୋସିପ୍ ମାନେ ମାସିକ ଟ ୫୦ ରୋଜଗାର । ମୋତେ ପ୍ରଥମ ବାର୍ଷିକ ଛାତ୍ରଙ୍କ ପାଇଁ ଡେମନ୍‌ଷ୍ଟ୍ରେଟର୍ ହିସାବରେ କାମ କରିବାକୁ ପଡିଲା । ବି.ଏସ୍.ସି. ପରେ ଏମ୍.ଏସ୍. ସି. ପଢ଼ିବା

Digitized by srujanika@gmail.com

ସ୍ଥିର କରି ମୁଁ ଗଣିତ ଓ ପଦାର୍ଥ ବିଜ୍ଞାନ ନେଇ ବି.ଏସ୍.ସି.ରେ ଯୋଗ ଦେଇଥିଲି । ମୁଁ ଅଧ୍ୟାପକ ହେବି ବୋଲି ଭାବୁଥିଲି । ସେ ସମୟରେ ଆଉକିଛି ବ୍ୟବସ୍ଥା ମୋ ମନରେ ନ ଥିଲା । କହିବାକୁ ଗଲେ ମୁଁ ମୋର ଭବିଷ୍ୟତ ପନ୍ଥା ବିଷୟରେ ଚିନ୍ତିତ ନ ଥିଲି ।

(୩) ବିଶ୍ୱବିଦ୍ୟାଳୟ ପ୍ରଶିକ୍ଷଣ ବାହିନୀ

ମୋ ପ୍ରଫେସର ଦୟାଭାଇ ନାଏକଙ୍କୁ ମୁଁ ବଡ଼ଭାଇ ଦୃଷ୍ଟିରେ ଦେଖୁଥିଲି । ସେ ମୋତେ ବମ୍ବେ ପ୍ରାଦେଶିକ ପ୍ରାଶାସନିକ କ୍ଷେତ୍ରରେ ଚାକିରି ଖାଲିଥିବା ବିଜ୍ଞାପନ ଦେଖାଇ ଦରଖାସ୍ତ କରିବାକୁ କହିଲେ । ମୁଁ ନିଜେ ଦରଖାସ୍ତ କରିବାକୁ ବ୍ୟଗ୍ର ନ ଥିଲି କାରଣ ମୋର ବିଶ୍ୱାସ ନ ଥିଲା ଯେ ମୁଁ ସେ ଚାକିରି ପାଇବି । ସେ ସମୟରେ, ଆଜିକାଲି ଭଳି, ସାଧାରଣ ବିଶ୍ୱାସ ଥିଲା ଯେ ଏପରି ଚାକିରି ଯାହାର ପ୍ରଭାବ ଥିବ ତାକୁ ହିଁ ମିଳିବ । ପରୀକ୍ଷା ଜରିଆରେ ନିଯୁକ୍ତି ଦିଆଯାଉ ନଥିଲା । ପ୍ରାର୍ଥୀମାନେ ସରକାରଙ୍କ ଦ୍ୱାରା ସିଧା ନିଯୁକ୍ତି ପାଉଥିଲେ । ସେ ସମୟରେ ସାଧାରଣ ସେବା ଆୟୁକ୍ତ ବୋଲି କିଛି ନଥିଲା । ମୋର ପଦାର୍ଥ ବିଜ୍ଞାନ ଅଧ୍ୟାପକ ଶ୍ରୀ ହାମ୍‌ଲେ ମୋ ମନରେ ଦୃଢ଼ ଧାରଣା ଜନ୍ମାଇ ଦେଇଥିଲେ ଯେ ପ୍ରଭାବ ପକାଇବା କଥା ଜଣେ କେବେହେଲେ ଚିନ୍ତା କରିବା ଉଚିତ୍ ନୁହେଁ ଏବଂ ପ୍ରଭାବ ଦ୍ୱାରା ଯେ କିଛି କାମ ହେବ ଏକଥା ବି ବିଶ୍ୱାସ କରିବା ଠିକ୍ ହେବ ନାହିଁ । ପରିଶେଷରେ ସତ୍ୟର ଜୟ ହୁଏ । କୌଣସି କାମ ପାଇଁ ପ୍ରଭାବର ଆବଶ୍ୟକତା ନାହିଁ । ସାରା ଜୀବନ ହେଉଛି ବିଶ୍ୱାସର ଏକ ମୂର୍ତ୍ତିମନ୍ତ ରୂପ । ମୋର ଏପରି ବିଶ୍ୱାସ ପିଲାଦିନୁ ଥିଲା । ସେ ମୋର ବିଶ୍ୱାସକୁ ଦୃଢ଼ୀଭୂତ କଲେ । ପ୍ରଫେସର ହାମ୍‌ଲେଙ୍କ ପ୍ରସ୍ତାବାନୁସାରେ ମୁଁ ଦରଖାସ୍ତ ଖଣ୍ଡେ ପଠାଇଲି । ସେ ମୋତେ ଖଣ୍ଡେ ସୁନ୍ଦର ପ୍ରମାଣପତ୍ର ଦେଇଥିଲେ ।

ଏ ଥିଲା ଜୁନ-ଜୁଲାଇ ୧୯୧୭ । ପ୍ରଥମ ବିଶ୍ୱ ମହାଯୁଦ୍ଧ ଶେଷ ହୋଇ ଆସୁଥାଏ । ଭାରତୀୟ ନେତାମାନେ ବ୍ରିଟିଶ ସରକାରଙ୍କ ଉପରେ ଚାପ ପକାଉ ଥାନ୍ତି ଯେ ଭାରତୀୟମାନଙ୍କୁ ସେନା ବାହିନୀରେ ଯୋଗ ଦେବାକୁ ସୁବିଧା ଦିଆଯାଉ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଦେଶରକ୍ଷା ସମ୍ବନ୍ଧରେ ଶିକ୍ଷା ଆରମ୍ଭ କରାଯାଉ । ଫଳରେ ବମ୍ବେ ୟୁନିଭର୍‌ସିଟିରେ 'ୟୁନିଭର୍‌ସିଟି ଟ୍ରେନିଂ କୋର' (ୟୁ.ଟି.ସି.) ବା ବିଶ୍ୱବିଦ୍ୟାଳୟ ପ୍ରଶିକ୍ଷଣ ବାହିନୀ ପ୍ରତିଷ୍ଠା କରାଗଲା । କଲେଜ ଛାତ୍ର, ଲେକ୍‌ଚରର୍ ଓ ଅଧ୍ୟାପକ ମାନେ ଏଥିରେ ଯୋଗ ଦେଇ ପାରିବେ । ମୋ ମା'ଙ୍କୁ ନ ପଚାରି ମୁଁ ଏଥିରେ ଯୋଗ ଦେଲି କାରଣ ମୁଁ ଜାଣିଥିଲି ସେ ମୋତେ ସୈନ୍ୟ ବିଭାଗରେ ଯୋଗ ଦେବାକୁ କେବେହେଲେ ଅନୁମତି ଦେବେ ନାହିଁ । ପ୍ରକୃତ ଲଢ଼େଇ କାର୍ଯ୍ୟରେ ଯିବାର ସମ୍ଭାବନା ବି ଥିଲା । ମୁଁ ଏଥିରେ ଯୋଗ ଦେଇ ସାରିବା ପରେ ମୋ ମା'ଙ୍କୁ କହିଲି । ସେ ମୋର ଏହି କର୍ମ ପସନ୍ଦ କଲେ ନାହିଁ ଓ ଆପତ୍ତି ଉଠାଇଲେ କାରଣ ପରିବାର ଚଳାଇବା ଦାୟିତ୍ୱ ମୋ ଉପରେ ଥିଲା । ମୁଁ କହିଲି ସେନାବାହିନୀର ଆଇନ ଅନୁସାରେ ମୁଁ ଆଉ ସେଥିରୁ ବାହାରି ପାରିବି ନାହିଁ । ମୁଁ ବାହାରି ଯିବାକୁ ଚେଷ୍ଟା କଲେ ମୋତେ ସୈନିକ ଦଣ୍ଡ ମିଳିବ । ତେଣୁ ସେ ଅନିଚ୍ଛା ସତ୍ତ୍ୱେ ପରିସ୍ଥିତିକୁ ଗ୍ରହଣ କରିଥିଲେ । ସପ୍ତାହରେ ଦୁଇ ତିନିଦିନ ଡ୍ରିଲ ମାଧ୍ୟମରେ ଟ୍ରେନିଂ ପ୍ରାୟ ଦୁଇମାସ ଦେବା ପରେ ସ୍ଥିର କରାଗଲା ଯେ ଆମମାନଙ୍କୁ ପୁନା ନିଆଯିବ । ଆମେ

Digitized by srujanika@gmail.com

କ୍ୟାମ୍ପକୁ ଯିବା ପାଇଁ ପ୍ରସ୍ତୁତ ହେଲୁ । ଏଇ ସୈନ୍ୟବାହିନୀ ଆରମ୍ଭ ହେବା ବେଳେ ସରକାର ଆମକୁ ଇଂରେଜୀମାନେ ପାଉଥିବା କ୍ଷମତା ଓ ସୁବିଧା ଦେବାକୁ ରାଜି ହୋଇଥିଲେ । ଅର୍ଥାତ୍ ସେତେବେଳ ବ୍ରିଟିଶ୍ ଆର୍ମିରେ ପ୍ରଚଳିତ ଥିବା 'ପ୍ରାଇଭେଟ୍', 'ସର୍ଜେଣ୍ଟ' ଇତ୍ୟାଦି ଉପାଧି ଆମେ ପାଇବା କଥା । ସେତେବେଳେ ଭାରତୀୟ ବାହିନୀରେ ଉପାଧି ଥିଲା 'ସିପାହୀ', 'ନାଏକ' , 'ହାବିଲଦାର', 'ସୁବାଦାର' ଇତ୍ୟାଦି । କିନ୍ତୁ ଆମେ ଯେତେବେଳେ କ୍ୟାମ୍ପକୁ ଗଲୁ ଆମେ ଭାରତୀୟ ବାହିନୀ ଉପାଧି ପାଇଲୁ, ବ୍ରିଟିଶ ଉପାଧି ପାଇଲୁ ନାହିଁ । ଆମକୁ ଭାରତୀୟ ବାହିନୀ ପୋଷାକ ଦିଆଗଲା । ଆମେ ତାକୁ ଗ୍ରହଣ କରିବାକୁ ମନା କଲୁ । ଆମ ବିରୁଦ୍ଧରେ କୌଣସି ପଦକ୍ଷେପ ନିଆଗଲା ନାହିଁ କାରଣ ଆମେ ସମସ୍ତେ ଏକତାବଦ୍ଧ ହୋଇଥିଲୁ ।

ବିନା ୟୁନିଫର୍ମରେ କ୍ୟାମ୍ପରେ ସୁସଂଗତ ଭାବେ ରହିବା ଅସୁବିଧା ହେଲା । ସରକାର ତାଙ୍କର ନିଜର ପଦ୍ଧତିରେ ଅସୁବିଧା ଦୂର କଲେ । ସେତେବେଳର ଗଭର୍ଣ୍ଣରଙ୍କ ପତ୍ନି ଥିଲେ ଲେଡି ଉଇଲିଂଡନ୍ । ସେ ଆମ ସମସ୍ତଙ୍କୁ ଗୋଟିଏ ଲେଖାଏଁ ଗିଫ୍ଟ ବ୍ୟାଗ ଦେଇଥିଲେ । ପ୍ରତ୍ୟେକ ପ୍ୟାକେଟ୍‌ରେ ଦୁଇଟି ଖାକି ସାର୍ଟ, ଦୁଇଟି ଖାକି ଅଧା ପ୍ୟାଣ୍ଟ, କ୍ଷୁର ହେବା ସରଞ୍ଜାମ ଓ କ୍ୟାମ୍ପରେ ଚଳିବା ପାଇଁ ଅନ୍ୟାନ୍ୟ ଛୋଟ ଜିନିଷ ଥିଲା । ଆମେ ସେଇ ସାର୍ଟ ଓ ଅଧା ପ୍ୟାଣ୍ଟ କ୍ୟାମ୍ପରେ ଥିବା ସମୟରେ ଆମର ୟୁନିଫର୍ମ ଭାବେ ବ୍ୟବହାର କଲୁ । କ୍ୟାମ୍ପରେ ପହଞ୍ଚିବା ପୂର୍ବରୁ ଆମଭିତରୁ କେତେକଙ୍କୁ ଅଫିସର ନିଯୁକ୍ତି ଦିଆଯାଇଥିଲା । କମିଶନ୍‌ଡ ଅଫିସର ପାଇଁ ଲେକ୍‌ଚରର୍, ଫେଲୋ ଓ ପ୍ରଫେସର୍‌ମାନେ ଯୋଗ୍ୟ ବିବେଚିତ ହେଉଥିଲେ । ଡ୍ରିଲ ବେଳେ ମୁଁ ଜଣେ ସୁଦକ୍ଷ ବ୍ୟକ୍ତି ବୋଲି ଜଣାପଡୁଥିଲି । ଶ୍ରୀ ସାରଙ୍ଗଧର ନାମକ ଆମ କଲେଜର ଜଣେ ସିନିୟର ଲେକ୍‌ଚରରଙ୍କୁ ପ୍ରଥମ ଅଗ୍ରାଧିକାର ଦିଆଯାଇ କମିଶନ୍‌ଡ ପୋଷ୍ଟରେ ନିଯୁକ୍ତ କରାଯାଇଥିଲା । ମୋତେ କ୍ୱାର୍ଟର ମାଷ୍ଟର ହାବିଲଦାର ପଦବୀ ଦିଆଗଲା । ମୋର ପ୍ରଧାନ କାମହେଲା ଷ୍ଟୋର ଦେଖିବା, କ୍ୟାମ୍ପରେ ପ୍ରଥମ ଦିନରୁ ଷ୍ଟୋର ଜଗିବା ଦାୟୀତ୍ୱ ମୋ ଉପରେ ପଡିଲା । ସକାଳ ଡ୍ରିଲ୍‌ରୁ ମୋତେ ଛୁଟି ମିଳିଲା । ପୂନାରେ ମୋତେ ମର୍ଣ୍ଣ ଡ୍ରିଲ୍‌ରେ ସାମାନ୍ୟ ପ୍ରଶିକ୍ଷଣ ଦିଆଯାଇଥିଲା ।

ଆମ କମ୍ପାନୀର କାପ୍ଟେନ୍ ଥିଲେ ଏଲଫିନ୍‌ଷ୍ଟୋନ କଲେଜର ଜଣେ ପ୍ରଫେସର ଶ୍ରୀ ସିସନ୍ । ଦିନେ ସେ ମୋତେ ପଚାରିଲେ "ଆପଣଙ୍କ କାମ ଆପଣଙ୍କୁ ଭଲ ଲାଗୁଛି ? ଆପଣ ପରିବର୍ତ୍ତନ ଚାହାନ୍ତି କି ?" ଏଇଥିରୁ ମୁଁ ଜାଣି ପାରିଲି ଯେ ସେ ମୋ କାମରେ ସନ୍ତୁଷ୍ଟ ଥିଲେ । ଅଧ୍ୟାପକ ଜଣକ କଡ଼ା ଶୃଙ୍ଖଳାବାଦୀ ହିସାବରେ ଜଣାଶୁଣା ଥିଲେ । ମୁଁ କହିଲି "ସୈନ୍ୟବାହିନୀରେ ଯୋଗ ଦେବା ପରେ କାମ ଭଲ ଲାଗିବା ନ ଲାଗିବାର ପ୍ରଶ୍ନ ଉଠେ ନାହିଁ । ମୋତେ ଦିଆଯାଇଥିବା କାମ କରିବାରେ ମୁଁ ଖୁସି ।" ଜଣେ ଶୃଙ୍ଖଳିତ ଯବାନ ହିସାବରେ କ୍ୟାପ୍ଟେନ୍ ସିସନ୍ ମୋ ଜବାବରେ ସନ୍ତୁଷ୍ଟ ହୋଇ ମୋତେ ପୁଣି ଜୋର ଦେଇ ପଚାରିଲେ ମୁଁ କି କାମ କରିବାକୁ ଚାହେଁ । ମୁଁ ଜବାବରେ କହିଲି ମୋତେ ଦିଆଯାଇଥିବା କାମ ଭଲ କିନ୍ତୁ ମୁଁ ଡ୍ରିଲ୍ ଟ୍ରେନିଂ ପାଇ ପାରୁନାହିଁ । ଆଉ ଡ୍ରିଲ୍ ଟ୍ରେନିଂ ନ ହେଲେ ଜଣେ ଅଫିସର ହେବାର ଯୋଗ୍ୟତା ଅର୍ଜନ କରିବା କଷ୍ଟକର ହେବ । ଏ ଥିଲା ଗୋଟିଏ ଅସୁବିଧା ।

କାପ୍ଟେନ୍ ସିସନ୍ ମୋତେ ଦୁଇଦିନ ପରେ ପ୍ୟାରେଡ୍‌ରେ ଯୋଗଦେଇ ଗୋଟିଏ ଗ୍ରୁପ୍‌କୁ କମାଣ୍ଡ କରିବାକୁ କହିଲେ । ମୁଁ ଅଫିସର ହେବା ପାଇଁ ଯୋଗ୍ୟ କି ନୁହେଁ, ମୋତେ କିଛି ନ ଜଣାଇ ସେ ପରୀକ୍ଷା କରିବାକୁ ଲାଗିଲେ । ମୁଁ ବମ୍ବେରେ ଭଲ ଭାବରେ ଟ୍ରେନିଂ ନେଇଥିଲି ତେଣୁ ଠିକ୍ ଅର୍ଡର ଦେଇ ଡ୍ରିଲ୍ କରାଇ ପାରିଲି । ଆମ କ୍ୟାପ୍ଟେନ୍ ବହୁତ ଖୁସି ହୋଇଗଲେ ଓ ମୁଁ ସେଇଦିନ ସଂଧ୍ୟାରେ କମିଶନ୍‌ଡ ଅଫିସର ପଦବୀ ପାଇଲି । ଆଗରୁ କହିଥିବା ଶ୍ରୀ ସାରଙ୍ଗଧର ସନ୍ତୋଷଜନକ କାମ କରି ନ ପାରିବାରୁ କ୍ୟାମ୍ପରେ ଯୋଗ ଦେବାର ଦୁଇ ତିନି ସପ୍ତାହ ମଧ୍ୟରେ ମୋତେ ତାଙ୍କ କାମ ଦିଆହେଲା । ବାସ୍ତବରେ ପ୍ରଥମରୁ ମୋତେ ସେ ପୋଷ୍ଟ

Digitized by srujanika@gmail.com

ମିଳିବାର ଥିଲା । ମୁଁ ସେଥିପାଇଁ ଦୁଃଖି ବା ଅସନ୍ତୁଷ୍ଟ ନ ଥିଲି । ଭାଗ୍ୟର ପଥ ରହସ୍ୟମୟ । ଏହା ହେଲା ମୋର ଭାଗ୍ୟ ବିଧାନର ପ୍ରଥମ ଅଭିଜ୍ଞତା ।

ମୁଁ ୟୁ.ଟି.ସି.ରେ ବହୁତ କିଛି ଶିଖିଲି ଏବଂ ଶୃଙ୍ଖଳା ସମ୍ବନ୍ଧରେ ଉତ୍ତମ ପ୍ରଶିକ୍ଷଣ ପାଇଲି । ଏହି ପ୍ରଶିକ୍ଷଣ ମୋତେ ନିୟମିତ, ଶୃଙ୍ଖଳିତ ଓ ଶକ୍ତିବାନ୍ ହେବାରେ ସାହାଯ୍ୟ କଲା । ମୁଁ ନିର୍ଭୟରେ ଓ ଉତ୍ସାହ ପୂର୍ବକ କାମ କରିବା ଗୁଣ ଶିଖିଲି ।

ୟୁ.ଟି.ସି.ରେ ବମ୍ବେରୁ ପ୍ରାୟ ଅଢ଼େଇ ଶହ ସ୍ନାତକ ଓ ସ୍ନାତକ ପୂର୍ବ ଛାତ୍ର ଯୋଗ ଦେଇଥିଲେ । ଆମ କ୍ୟାମ୍ପ୍ ଜୀବନର ପ୍ରଥମ ଦିନଟି ଅବିସ୍ମରଣୀୟ କାରଣ ବ୍ୟବସ୍ଥା ଅତି ନିମ୍ନମାନର ହୋଇଥିଲା । ଆମକୁ ସାଙ୍ଗରେ ବିଛଣା ନେବାକୁ ଅନୁମତି ଦିଆଯାଇ ନଥିଲା । ଆମେ ରାତିରେ ବମ୍ବେରୁ ଟ୍ରେନରେ ଯାଇ ସକାଳେ ପୁନାରେ ପହଞ୍ଚିଲୁ । ଭାରି ଥଣ୍ଡା ଥିଲା । ଆମ କ୍ୟାମ୍ପ୍ ପୁନାପାଖ ଭାନୋରୀ ରେଞ୍ଜ ରେ ଥିଲା । ଆମକୁ "ରୋଟିସ୍" କୁହାଯାଉଥିବା ଛୋଟ ତମ୍ବୁରେ ରହିବାକୁ ହେଲା । ମୁଁ ଯେତେବେଳେ ଅଫିସର ହେଲି ମୋତେ ଗୋଟିଏ ରୋଟିସ୍ ମିଳିଲା । ନିୟମ ଅନୁସାରେ ରୋଟିସ୍‌ର ଅଧା ଉପରକୁ ଉଠାଇବା କଥା, ଫଳରେ ଭିତରେ ସୂର୍ଯ୍ୟ କିରଣ ପଡିବ । କିନ୍ତୁ ଅଫିସର ମାନଙ୍କୁ ଏ କାମ କରିବାକୁ ପଡୁନଥିଲା । ନିମ୍ନ କର୍ମଚାରୀମାନେ ଏହି କାମ କରୁଥିଲେ । ପ୍ରତିଦିନ ରୋଟିସ୍ ଝଡ଼ାଝଡିହୋଇ ପରିଷ୍କାର ହେବା କଥା, ସେହିପରି ଜୋତା ପଲିଶ୍ ହେବା କଥା । ଦେଢ଼ଶହ ଦୁଇଶହ ଗଜ ଦୂରରେ ପାଣି ପାଇପ୍ ତଳେ ଖୋଲାରେ ଗାଧୋଇବା ସ୍ଥାନ ଥିଲା । ଶୀତଦିନେ ପାଣି ଭାରି ଥଣ୍ଡା । ମୁଁ ଓ ଆଉ କେତେଜଣ ବଡି ସକାଳୁ ଗାଧୋଉଥିଲୁ । ଏ ଅଭ୍ୟାସ ମୁଁ ସେଇଠାରୁ ଶିଖିଲି ।

ମୁଁ ଅଫିସର୍ ହେବା ପରେ ଦୁଇଜଣ କ୍ୟାଡେଟ୍ ପାଳିକରି ମୋ ତମ୍ବୁରେ କାମ କଲେ । ଥରେ ମେଡିକାଲ କଲେଜର ଦୁଇ ଜଣ ଛାତ୍ରଙ୍କର ଏ କାମ କରିବା ପାଳି ପଡିଲା । ସେମାନେ ଏକାମ କରିବାକୁ ମନା କଲେ, ଫଳରେ ଆମ କମ୍ପାନୀର କମାଣ୍ଡିଙ୍ଗ୍ ଅଫିସର୍ ମେଜର୍ ଷ୍ଟିଲ୍ ନାମକ ପ୍ରକୃତ ମିଲିଟାରୀ ଅଫିସରଙ୍କୁ ଏ ଘଟଣା ଜଣାଇବାକୁ ପଡିଲା । ଏଇ ଦୁଇ ବଂଧୁ ମେଜର୍ ଷ୍ଟିଲ୍‌ଙ୍କୁ କହିଲେ ଯେ ତାଙ୍କ ମତରେ ଏସବୁ ବ୍ୟକ୍ତିଗତ କାମ କରିବା ଦ୍ଵାରା ତାଙ୍କ ଆତ୍ମସମ୍ମାନରେ ଆଘାତ ହେଉଛି । କମାଣ୍ଡିଂ ଅଫିସର କହିଲେ ଯେ ଏ ଅଫିସରଙ୍କ ସାଧୁତା ପଣିଆ ଯେ ସେ ଆପଣମାନଙ୍କୁ ଜୋତା ପଲିଶ୍ କରିବାକୁ କହି ନାହାନ୍ତି । ଦଣ୍ଡ ସ୍ଵରୂପ ଏକ ସପ୍ତାହ ଏଇ କାମ ଦୁଇ ବନ୍ଧୁଙ୍କୁ କରିବାକୁ ମେଜର ଷ୍ଟିଲ୍ ଆଦେଶ ଦେଲେ । ଅନ୍ୟମାନଙ୍କଠାରୁ ଏ କାମ ନେବା ମୋର ବି ଇଚ୍ଛା ନଥିଲା । ଆଜି ମଧ ମୋତେ ଏହା ଭଲ ଲାଗୁନାହିଁ । ସେ ସମୟରେ ସୈନ୍ୟବାହିନୀ ନିୟମାନୁସାରେ ନିଜେ ସେ କାମ କରିବା ନିୟମବିରୁଦ୍ଧ ହୋଇଥାଆନ୍ତା । ସେଇପରି ଅନ୍ୟମାନଙ୍କ ଠାରୁ କାମ ଆଦାୟ କରିବା ଅଫିସରଙ୍କର କର୍ତ୍ତବ୍ୟ ମଧରେ ଗଣାଯାଉଥିଲା । ତେଣୁ ଏଇ ଦୁଇଜଣ ବଂଧୁଙ୍କ ଠାରୁ ସେବା ଗ୍ରହଣ କରିବାକୁ ବାଧ୍ୟ ଥିଲି ।

ଆମେ କ୍ୟାମ୍ପ୍‌ରେ ପହଞ୍ଚିଲା ପରେ ଆମକୁ ଗୋଟିଏ କତା ଦଉଡ଼ି ଖଟିଆ ଓ ଦୁଇଟି କମ୍ବଳ ମିଳିଥିଲା । ଗୋଟାଏ କମ୍ବଳକୁ ବିଛଣା କରି ଆରଟି ଘୋଡ଼େଇ ଶୋଇଲେ ପୁନାର ଭୀଷଣ ଶୀତ ସମ୍ଭାଳୁ ନ ଥିଲା । ତେଣୁ ଓଭର କୋଟ ସମେତ ସବୁ ପୋଷାକ ପିନ୍ଧି ମୁଁ ଶୋଉଥିଲି ।

ଖାଇବାର ଉପଯୁକ୍ତ ବନ୍ଦୋବସ୍ତ ହୋଇ ନଥିଲା । ରୋଷେଇ ଠିକ୍ ରୂପେ ହେଉନଥିଲା ଓ ରୋଷେୟାମାନେ ଭଲ ରାନ୍ଧୁ ନଥିଲେ । ଆମେ ବିଶ୍ଵବିଦ୍ୟାଳୟ ଭାଇସଚାନ୍ସେଲର୍‌ଙ୍କୁ ସାହାଯ୍ୟ ପାଇଁ ଲେଖିଲୁ ଓ ସେ ସେନା ଅଫିସରଙ୍କୁ କହିଲେ । ରୋଷେଇଶାଳା ଆମ ଅଧୀନରେ ରଖାଗଲା । ଆମେ ମାସକୁ ଦରମା ୧୧ଟଙ୍କା ପାଉଥିଲୁ ଓ ସେତିକି ଟଙ୍କାର ରେଶନ ଦିଆଯାଉଥିଲା । ଆମେ ଆମର ଦରମା ଖର୍ଚ୍ଚ କରି ଭଲ ଖାଦ୍ୟ ପାଇଲୁ ।

Digitized by srujanika@gmail.com

ଆମେ ଡ୍ରିଲ୍‌ରେ ଭଲ ପ୍ରଶିକ୍ଷଣ ପାଇଲୁ କିନ୍ତୁ ଲଢ଼େଇ କି ବନ୍ଧୁକ ବ୍ୟବହାର ବିଷୟରେ କିଛି ପ୍ରଶିକ୍ଷଣ ପାଇଲୁ ନାହିଁ । ଆଗ କୋରର ଛାତ୍ରମାନେ ପାଇଥିବା ଅଳ୍ପ ପ୍ରଶିକ୍ଷଣର ବେଶ୍ ସଦୁପଯୋଗ କରିଥିଲେ । ବୋଧହୁଏ ସେଇଥିପାଇଁ ଆମକୁ ଅଧିକା ଟ୍ରେନିଂ ଦିଆଯାଇ ନଥିଲା । ଆମର ସାଧାରଣ ଧାରଣା ଥିଲା ଯେ ସରକାର ଆମକୁ ଅଧିକ ଟ୍ରେନିଂ ଦେବାପାଇଁ ଆଗ୍ରହୀ ନ ଥିଲେ ।

ଦୁଇ ମାସ ଟ୍ରେନିଂ ଶେଷ କରି ଆମେ ବମ୍ବେ ଫେରି ଆସିଲୁ । କାପ୍ଟେନ୍ ସିସନ୍ ମୋତେ ଖଣ୍ଡେ ବଢ଼ିଆ ପ୍ରମାଣପତ୍ର ଦେଲେ । ସେ ଏକଥା ମଧ ଲେଖିଥିଲେ ଯେ ୟୁ.ଟି.ସି.ରେ କାର୍ଯ୍ୟକ୍ଷେତ୍ର ଯୋଜନାର ସଫଳତରେ ମୋର ଦାନ ଅଧିକ ଥିଲା । ଆହୁରି ଲେଖିଥିଲେ ଯେ ପ୍ରାଦେଶିକ ସେବାରେ ନିଯୁକ୍ତ ହେଲେ ସରକାର ଉପକୃତ ହେବେ । ମୁଁ ଦରଖାସ୍ତ କରିସାରିବା ପରେ ପ୍ରମାଣପତ୍ର ପାଇଲି, ତେଣୁ ମୋ ଦରଖାସ୍ତ ସହିତ ଏହା ଯୋଡ଼ା ଯାଇ ନଥିଲା । ୧୯୧୫ ମସିହା ଫେବୃୟାରୀ ଶେଷ ବା ମାର୍ଚ୍ଚ ଆରମ୍ଭରେ ଚାକିରି ପାଇଁ ବାରଜଣଙ୍କୁ ସାକ୍ଷାତକାର ପାଇଁ ଡକାଯାଇଥିଲା, ମୋ ନାମ ସେଥିରେ ନଥିଲା । ଆମ ହଷ୍ଟେଲରେ ରହୁଥିବା ଶ୍ରୀ ଶୀର୍ଭାନ୍ତେ ମୋତେ ଏ ଖବର ଦେଇଥିଲେ । ସେ ସମୟରେ ଉଇଲିଂଡନ୍ ବମ୍ବେର ଗଭର୍ଣ୍ଣର ଥିଲେ ଓ ଶ୍ରୀ ଶୀର୍ଭାନ୍ତେ ତାଙ୍କ ପୁଅକୁ ପଢ଼ାଉଥିଲେ । ଏମିତି ହେଲା ଯେ ସେଇଦିନ ଶ୍ରୀ ଶିର୍ଭାନ୍ତେ କାପ୍ଟେନ୍ ସିସିନ୍ ଦେଇଥିବା ପ୍ରମାଣପତ୍ର ଦେଖିଲେ ଏବଂ କହିଲେ ସମ୍ପୃକ୍ତ କର୍ତ୍ତାଙ୍କ ପାଖକୁ ପଠାଇବାକୁ । ଠିକ୍ ତା ପରଦିନ ମୋ ନାମ ଇଣ୍ଟରଭିୟୁ ତାଲିକାରେ ସ୍ଥାନ ପାଇଲା । ତେଣୁ ମୋ ନମ୍ବର ହେଲା ୧୩ । ମୋର ଭଲ ପୋଷାକ ନଥିଲା । ତେଣୁ ମୁଁ ଶ୍ରୀ ଶୀର୍ଭାନ୍ତେଙ୍କ ସୁଟ୍ ମାଗି ପିନ୍ଧି କରି ଗଲି ।

ଆଠ ଦଶ ମିନିଟ ସାକ୍ଷାତକାର ହେଲା । ତିନିଜଣ ଇଂରେଜୀ ସେକ୍ରେଟେରୀ ଇଣ୍ଟରଭିୟୁ ନେଉଥିଲେ । ଶେଷରେ ମୋତେ ପଚାରିଲେ, ''ମନେ କରନ୍ତୁ ଆପଣ ଏ ଚାକିରି ପାଇଲେ ନାହିଁ, କିପରି ଅନୁଭବ କରିବେ ଓ କ'ଣ କରିବେ ?'' ମୋର ଯାହା ମନେ ଅଛି ମୁଁ ସାଙ୍ଗେ ସାଙ୍ଗେ ଜବାବ ଦେଲି, '' ଏ ଚାକିରି ନ ପାଇଲେ ମୁଁ ହତୋତ୍ସାହ ହେବିନାହିଁ, ମୁଁ ଏହା ଉପରେ ପୂର୍ଣ୍ଣ ନିର୍ଭର କରୁନାହିଁ । ମୋର ଜୀବନ ଆରମ୍ଭ କରୁଛି ଓ ପୃଥିବୀ ବହୁତ ବଡ଼, ମୋର ଦୃଢ଼ ବିଶ୍ୱାସ ମୁଁ ଆଉ ଗୋଟିଏ ଉପଯୁକ୍ତ କାମ ପାଇବି ।''

ଏହି ସମୟରେ ଆମର କଲେଜ ଡେ' ଚାଲୁଥାଏ । ଟଗ୍ ଅଫ୍ ୱାର୍ ଖେଳ ଥିଲା ଓ ମୁଁ ୟୁ.ଟି.ସି. ଟିମ୍‌ର କାପ୍ଟେନ୍ ଥିଲି । ଅନ୍ୟ ଟିମ ବାକି ଛାତ୍ରମାନଙ୍କର ଥିଲା । ଆମେ ଜିତିଲୁ ଓ ମୁଁ ବମ୍ବେ ପ୍ରେସିଡେନ୍ସିର ଏକଜିକ୍ୟୁଟିଭ୍ କାଉନ୍‌ସିଲର୍‌ଙ୍କ ଠାରୁ କପ୍ ପାଇଲି । ଆମ ପ୍ରିନ୍ସିପାଲ୍ ଡ. ସ୍କଟ୍ ଏଇ ଭଦ୍ରଲୋକଙ୍କୁ ମୋ ପାଇଁ ସୁପାରିଶ ପତ୍ର ଦେବାକୁ କହୁଥିଲେ କିନ୍ତୁ ମୁଁ ମନା କରିଦେଇଥିଲି । ଜିତି ଥିବାରୁ ଜଣେ ଅଧାପକ ମୋତେ ଅଭିବାଦନ ଜଣାଇଲେ ଓ ମୁଁ ଛୋଟିଆ ଜବାବ ଦେଲି । ସେଦିନ ବହୁତ ଲମ୍ବା ଲମ୍ବା ଭାଷଣ ହୋଇଥିଲା । ମୋର ମନେ ଅଛି ମୋ ଛୋଟ ଜବାବକୁ ସମସ୍ତେ ବହୁତ ପ୍ରଶଂସା କରିଥିଲେ ।

କିଛି ଦିନ ପରେ ମୁଁ ଜାଣିଲି ଯେ ମୁଁ ଦରଖାସ୍ତ କରିଥିବା ସ୍ଥାନରେ ଶ୍ରୀ ପଣ୍ଡିତ ନାମକ ଜଣେ ବ୍ୟକ୍ତି ନିଯୁକ୍ତ ହୋଇଛନ୍ତି । ମୁଁ କିଛି ଆଶ୍ଚର୍ଯ୍ୟ ହେଲି ନାହିଁ, କାରଣ ମୁଁ ଶୁଣିଥିଲି ଯେ ଗଭର୍ଣ୍ଣରଙ୍କ ସହିତ ତାଙ୍କ ବାପାଙ୍କ ଭଲ ସମ୍ପର୍କ ଥିଲା । ଇଣ୍ଟରଭିୟୁ ଫଳ ଶୁଣିସାରି ମୁଁ ଗାଁକୁ ଛୁଟି କଟାଇବାକୁ ଗଲି । ମୁଁ ଭଦେଲୀରେ ଥିବା ବେଳେ ଅପ୍ରେଲ ୨/୩ ତାରିଖରେ ମୋର ଜଣାଶୁଣା ସେକ୍ରେଟେରୀଏଟର ଜଣେ କିରାନୀଠାରୁ ଟେଲିଗ୍ରାମ୍‌ଟାଏ ପାଇଲି । ଖବର ଥିଲା ଯେ ମୁଁ ପ୍ରାଦେଶିକ ସେବାରେ ନିଯୁକ୍ତ ପାଇଛି । ମୁଁ ଆଗରୁ ଶୁଣିଥିଲି ଯେ ଶ୍ରୀ ପଣ୍ଡିତ ନିଯୁକ୍ତି ହୋଇଛନ୍ତି ତେଣୁ ଟେଲିଗ୍ରାମ ଖବରକୁ ମୁଁ ବିଶ୍ୱାସ କଲିନାହିଁ । ମୁଁ ଭାବିଲି କେହି ଜଣେ ମୋତେ ଏପ୍ରିଲ ଫୁଲ୍ କରିବାକୁ ଯାଉଛି । ତଥାପି ଏଥିରେ କେତେ ସତ୍ୟତା ଅଛି ଜାଣିବାକୁ ବମ୍ବେ ଗଲି । ମୁଁ ପ୍ରଫେସର ଦୟାଭାଇ ନାଏକଙ୍କ ପାଖକୁ ଗଲି । ସେ ନିଯୁକ୍ତି ଆଦେଶ ପାଇ ସାରିଥିଲେ । ଅଳ୍ପଦିନ ଭିତରେ ମୋର ଡାକ୍ତରୀ ପରୀକ୍ଷା ହେଲା ଓ ୧୯୧୮ରେ ଅହମଦାବାଦରେ ପ୍ରୋବେଶନ୍‌ର ଡେପୁଟି କଲେକ୍ଟର୍ ପଦରେ ନିଯୁକ୍ତି ପାଇଲି ।

Digitized by srujanika@gmail.com

(୪) ଅହମଦାବାଦରେ ଡେପୁଟୀ କଲେକ୍ଟର

ମୁଁ ୟୁ.ଟି.ସି.ରେ ୧୯୧୭ ଜୁନ ବା ଜୁଲାଇରେ ଯୋଗ ଦେଇ ୧୯୧୮ ମଇ ମାସ ଯାଏ ସେଠାରେ କାମ କରୁଥିଲି । ସେତେବେଳକୁ ବିଶ୍ୱ ମହାସମର ଶେଷ ହୋଇ ଶାନ୍ତି ଚୁକ୍ତିନାମା ହୋଇ ସାରିଥିଲା । କ୍ୟାମ୍ପରେ ଦୁଇମାସ ମଧ୍ୟରେ ମୋତେ କେହି ଡିଉଟିରେ ହାଜିରା ଦେବାକୁ କହିଲେ ନାହିଁ । ତେଣୁ ମୁଁ ଭାବିଲି 'କୋର' ଭାଙ୍ଗି ଦିଆଗଲାଣି । କାରଣ ପ୍ରଥମ ବାହିନୀରେ ଯେଉଁମାନେ ଯୋଗ ଦେଇଥିଲେ, ସେମାନେ ଅନ୍ୟାୟ ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥିଲେ । ଆମେମାନେ ମଧ ମିଲିଟାରୀ ଆଇନରେ ଅନ୍ୟାୟ ଥିଲେ ତା'ର ବିରୋଧ କରୁଥିଲୁ । ଆମକୁ ଦିଆ ଯାଇଥିବା ଭାରତୀୟ ସେନାଙ୍କ ପଦବୀ ଆମେ ଗ୍ରହଣ କଲୁନାହିଁ । ପରବର୍ତ୍ତୀ 'ୟୁନିଭରସିଟି ଟ୍ରେନିଂ କୋର'ରେ ଯେଉଁମାନେ ଯୋଗ ଦେଲେ ତାଙ୍କୁ ବ୍ରିଟିଶ୍ ବାହିନୀର ପଦବୀ ଦିଆଗଲା । ଆମ ପରେ ଯୋଗ ଦେଇଥିବା ଛାତ୍ରମାନେ ଆମ ଆନ୍ଦୋଳନ ଦ୍ୱାରା ଉପକୃତ ହେଲେ । ମୁଁ ଖୁସି ହେଲି ।

ବିଶ୍ୱ ମହାସମର ସମୟରେ ଆଇ.ସି.ଏସ୍. ପରୀକ୍ଷା କରିବା କଷ୍ଟ ସାଧ ଥିଲା । ୧୯୧୭ ରୁ ୧୯୧୯ ଭିତରେ କେତେକ ବ୍ୟକ୍ତି ଆଇ.ସି.ଏସ୍. ପାଇଁ ମନୋନୀତ ହୋଇଥିଲେ । ସେମାନଙ୍କ ପରି ମୁଁ ମଧ ଆଇ.ସି.ଏସ. ପାଇଁ ମନୋନୀତ ହୋଇ ପାରିଥାଆନ୍ତି ବା ମୁଁ ସେନାବାହିନୀରେ ଯୋଗ ଦେବାପାଇଁ ଇଚ୍ଛା ପ୍ରକାଶ କରିଥିଲେ ମୋତେ କିଙ୍ଗସ୍ କମିଶନ ମିଳିଥାଆନ୍ତା । କିନ୍ତୁ ମୋ ପରିବାରଙ୍କୁ ହତାଶା ପରିସ୍ଥିତିରେ ଛାଡି ମୁଁ ଇଂଲଣ୍ଡକୁ ଦୁଇବର୍ଷ ପ୍ରଶିକ୍ଷଣ ପାଇଁ ଯିବା ଚିନ୍ତା କରିପାରିଲି ନାହିଁ । ସୁତରାଂ ଏ ଶ୍ରେଷ୍ଠ ସେବାରେ ଯୋଗଦେବା ଆକର୍ଷଣକୁ ମୁଁ ଗ୍ରହଣ କଲିନାହିଁ । ଇତି ମଧ୍ୟରେ ମୁଁ ପ୍ରାଦେଶିକ ପ୍ରାଶସନିକ ସେବାରେ ଯୋଗ ଦେଇ ଅହମଦାବାଦରେ ୧୯୧୮ ମେ ମାସ ତୃତୀୟ ସପ୍ତାହରେ କାମରେ ଯୋଗ ଦେଲି । ମୋ ଚାକିରିରେ ପରୀକ୍ଷା ମୂଳକ ସମୟ ଥିଲା ଦୁଇବର୍ଷ ।

ସେ ସମୟରେ ଶ୍ରୀ ଚାଟ୍ ଫିଲ୍ଡ ନାମକ ଜଣେ ବରିଷ୍ଠ ଆଇ.ସି.ଏସ. ଅଫିସର ଅହମଦାବାଦରେ କଲେକ୍ଟର ଥିଲେ । ମୋତେ ପ୍ରତି ଛ' ମାସରେ ଦୁଇଟି ବିଭାଗୀୟ ପରୀକ୍ଷାରେ ପାଶ କରିବାକୁ ପଡିଥିଲା । ପ୍ରଥମ ମାସରେ ନିମ୍ନ ଶ୍ରେଣୀ ଓ ପର ଛ' ମାସରେ ଉଚ୍ଚ ଶ୍ରେଣୀର ପରୀକ୍ଷାରେ ପାଶ କଲି । ଏଇ ସମୟରେ ଶ୍ରୀ ଚିମନ ଲାଲ ଦଲପତରାମ କବି ସେ ଜିଲାରେ ଜଣେ ସବ୍‌ଡିଭିଜନାଲ ଅଫିସର ଥିଲେ । ଅଭିଜ୍ଞତା ଅର୍ଜନ କରିବା ପାଇଁ ମୋତେ ତାଙ୍କ ସହିତ କାମ କରିବାକୁ ଦିଆଗଲା । ଶ୍ରୀ କବି ଜଣାଶୁଣା ଗୁଜରାଟୀ କବି ଦଲପତରାମ ଦୟାଭାଇଙ୍କ ପୁଅ । ଆଧୁନିକ ଗୁଜରାଟୀ କବି ଶ୍ରୀ ନାନାଲାଲଙ୍କ ସାନଭାଇ ଥିଲେ । ଶ୍ରୀ କବି ଜଣେ ସଚ୍ଚୋଟ ଓ ସୁଦକ୍ଷ ଅଫିସର ଥିଲେ । ତାଙ୍କ କାର୍ଯ୍ୟପଦ୍ଧତି ସୁସଂଗଠିତ ଥିଲା । ତେଣୁ ପ୍ରଥମରୁ ମୁଁ ସୁସଂଗଠିତ ପଦ୍ଧତିରେ କାମ କରିବାର ସୁଯୋଗ ପାଇଲି । ଅଭିଜ୍ଞତାରୁ ମୁଁ ଶିଖିଲି ଯେ ନିଜେ କାମ କରି ଜଣେ ପ୍ରକୃତ କାମ ଶିଖିପାରେ, ଅନ୍ୟ ଜଣଙ୍କ କଥା ଉପରେ ନିର୍ଭର କରି ନୁହେଁ । ମୁଁ ତଲାଟୀ, ସର୍କଲ ଇନ୍ସପେକ୍ଟର, କିରାନୀ, ମୁଖ୍ୟ କିରାନୀ ଏବଂ ମାମଲତଦାର କାମ ନିଜେ କରି ସେ କାମ ସବୁ ଶିଖିଲି । ଭବିଷ୍ୟତ କାର୍ଯ୍ୟପାଇଁ ମୁଁ ପ୍ରସ୍ତୁତ ହେଲି । ନିମ୍ନ ଶ୍ରେଣୀର ପରୀକ୍ଷା ପାଶ୍ କରିବା ପରେ ମୋତେ ତୃତୀୟ ଶ୍ରେଣୀ, ଉଚ୍ଚ ଶ୍ରେଣୀ ପରୀକ୍ଷାପରେ ଦ୍ୱିତୀୟ ଶ୍ରେଣୀ ମାଜିଷ୍ଟ୍ରେଟ୍‌ଙ୍କ କ୍ଷମତା ଦିଆଗଲା । ଆଉ ଛ' ମାସପରେ ମୋତେ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍‌ଙ୍କ କ୍ଷମତା ଦିଆଗଲା ।

ସହରର ଜଣାଶୁଣା ଓକିଲ ମୋ ଅଦାଲତରେ ମୋକଦମା ଲଢୁଥିଲେ । ତେଣୁ ମୋର ଆଇନଜ୍ଞାନ ବଢ଼ିଲା । ସେତେବେଳେ ଫୌଜଦାରୀ ଓକିଲାତିରେ ସର୍ବଶ୍ରୀ ଭୋଗୀଲାଲ ଓ ହରିଲାଲ ନାଥଭାଇ ପାରିଖ ଖୁବ୍ ଦକ୍ଷ ଓକିଲ ଥିଲେ । ବିଶେଷକରି ସେଇ ଦୁଇଜଣ ବାଦୀ ଓ ପ୍ରତିବାଦୀ ପକ୍ଷରେ ଲଢୁଥିଲେ । ଭୋଗୀଲାଲଙ୍କ

Digitized by srujanika@gmail.com

ଜେରା କରିବା କ୍ଷମତା ଉଚ୍ଚକୋଟୀର ଓ କୌଶଳପୂର୍ଣ୍ଣ ଥିଲା । ଏଇ ସୁଦକ୍ଷ କୌଶଳପୂର୍ଣ୍ଣ ଜେରା କ୍ଷମତା ଯୋଗୁଁ ସେ ଆଇନ୍ ବ୍ୟବସାୟରେ ସୁନାମ ଅର୍ଜନ କରିଥିଲେ । ୧୯୨୧ରେ ମହାତ୍ମାଗାନ୍ଧିଙ୍କ ଆହ୍ୱାନରେ ସେ ଆଇନ ବ୍ୟବସାୟ ଛାଡି ଦେଲେ । ଏହା ପରେ କୌଣସି ବ୍ୟବସାୟ ଜରିଆରେ ସେ ପଇସା ଅର୍ଜନ କରିବା ଛାଡ଼ିଦେଲେ । ସେ କଂଗ୍ରେସ ଓ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନ୍ ଜରିଆରେ ଜାତିର ସେବାରେ ନିଜର ସମସ୍ତ ଶକ୍ତି ବିନିଯୋଗ କଲେ । ୧୯୩୧ରୁ ସେ ଓ ମୁଁ ଦୁହେଁ ପ୍ରାଦେଶିକ କଂଗ୍ରେସ କମିଟିର ସଚିବ ହିସାବରେ ବହୁତ ବର୍ଷ କାମ କରିଛୁ । ସେ ତାଙ୍କ କାମ ଏକାଗ୍ର ଚିତ୍ତରେ କରୁଥିଲେ । ସବୁ କାମରେ ପ୍ରକାଶିତ ହେଉଥିଲା ତାଙ୍କର ବିଚକ୍ଷଣ ବୁଦ୍ଧି, ବିସ୍ତୃତ ବିବରଣୀ ପ୍ରତି ଅତ୍ୟନ୍ତ ଯତ୍ନଶୀଳତା, ଦରିଦ୍ର ମାନଙ୍କ ପାଇଁ ଉଦ୍‌ବେଗ ଓ ଦୟା । ମୁଁ ତାଙ୍କ ସହିତ କାମ କରିବା ଉପଭୋଗ କଲି ଓ ଅନେକ ଶିଖିଲି ମଧ୍ୟ ।

୧୯୧୯ରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଆଇନ ବ୍ୟବସାୟ ତ୍ୟାଗ କରିଥିଲେ । ତା' ପୂର୍ବରୁ ସେ ଜଣେ ସୁଦକ୍ଷ ଓ ସକ୍ଷମ ଓକିଲ ଥିଲେ ।

ମୁଁ ଉଚ୍ଚ ଶ୍ରେଣୀ ପରୀକ୍ଷା ପାଶ କରିବା ପୂର୍ବରୁ, ଟ୍ରେଜେରୀ କାମ ସମ୍ବନ୍ଧରେ ମୋତେ ଛ' ସପ୍ତାହ ପ୍ରଶିକ୍ଷଣ ଦିଆଯାଇଥିଲା । ୧୯୧୯ରେ ମୁଁ ଖେଡ଼ା ଜିଲାରେ ଅସ୍ଥାୟୀ ଭାବରେ ସବ୍‌ଡିଭିଜନାଲ ଅଫିସର ନିଯୁକ୍ତି ପାଇଥିଲି । ତା'ପରେ ପ୍ରାନ୍ତଜୀ ତାଲୁକାରେ ଏସ୍.ଡି.ଓ.ହୋଇଥିଲି । ୧୯୧୯ ଅକ୍ଟୋବର ରୁ ୧୯୨୦ ମେ ମାସ ମଧ୍ୟରେ ମୁଁ ଏଇ ତାଲୁକାର ପ୍ରତ୍ୟେକ ଗ୍ରାମକୁ ଦୁଇ ତିନିଥର ଯାଇଥିଲି । ମୁଁ ଥରେ ଆଗରୁ ଉଜୁଡି ଯାଇଥିବା ତାଲୋଡ଼ ଗାଁ ପାଖରେ ତମ୍ବୁ ପକାଇଥିଲି । କିନ୍ତୁ ଏଇ ଗାଁ ତିନି ପଟିଦାରଙ୍କ ଦ୍ୱାରା ପୁଣି ଆବାଦି କରା ହୋଇଥିଲା । ଛଅ ମାଇଲ ଦୂରରେ କଲେକ୍ଟର ଶ୍ରୀ ଚାଟ୍ ଫିଲ୍ଡ କ୍ୟାମ୍ପ ପକାଇଥିଲେ । ମୁଁ ତମ୍ବୁ ପକାଇଥିବା ଗାଁକୁ ଦେଖିବାକୁ ଆସିଲେ । ସେ ଯେତେବେଳେ ଲୋକମାନଙ୍କ ସହିତ କଥାବାର୍ତ୍ତା ହେଲେ ଲୋକେ ତାଙ୍କ ହିନ୍ଦୁସ୍ଥାନୀ ଭାଷା ବୁଝିପାରିଲେ ନାହିଁ କି ସେ ସେମାନଙ୍କର ଗୁଜରାଟୀ ବୁଝିପାରିଲେ ନାହିଁ । ମୁଁ ବ୍ୟାଖ୍ୟାକାର ହିସାବରେ ସେମାନଙ୍କୁ ସାହାଯ୍ୟ କଲି । କଲେକ୍ଟର ଭାବିଲେ ମୁଁ ବୃଥାରେ ହସ୍ତକ୍ଷେପ କରୁଛି ତେଣୁ ସେ ମୋତେ ତାଙ୍କ କଥାବାର୍ତ୍ତାରୁ ଦୂରରେ ରହିବାକୁ କହିଲେ । ସେ ସମୟରେ ମୁଁ ଗରମ ମିଜାସ ଓ ସମ୍ବେଦନଶୀଳ ଥିଲି । କଲେକ୍ଟରଙ୍କ ବ୍ୟବହାର ମୋତେ ଭଲ ଲାଗିଲା ନାହିଁ । ମୁଁ ସାଙ୍ଗେ ସାଙ୍ଗେ ଜବାବ ଦେଲି ଯଦି ମୋର କିଛି ଦରକାର ନାହିଁ ମୁଁ ମୋ କ୍ୟାମ୍ପକୁ ଫେରି ଯାଉଛି । ଏହା କହି ସାଙ୍ଗେ ସାଙ୍ଗେ କ୍ୟାମ୍ପକୁ ଫେରିଗଲି । କେତେ ସମୟ ପରେ କଲେକ୍ଟର ମୋତେ ଡକାଇ ପଠାଇଲେ । ମୁଁ ଗଲି । ସେ ମୋ ସାଙ୍ଗରେ ମୋ ତମ୍ବୁ ପାଖକୁ ଆସିଲେ । ମୁଁ ସିଧା କଥା କହିବାକୁ କେବେ ପଛାଉ ନଥିଲି -- ତେଣୁ ମୁଁ ତାଙ୍କୁ ମୋ ଉପରେ କାହିଁକି ରାଗିଲେ ବୋଲି ପଚାରିଲି । ସେ କହିଲେ ସେ ମୋତେ ନ କହିବା ପର୍ଯ୍ୟନ୍ତ ତାଙ୍କ କାମରେ ହସ୍ତକ୍ଷେପ କରିବାର ଅଧିକାର ମୋର ନଥିଲା । ମୁଁ କହିଲି, "ମୁଁ ଆପଣଙ୍କ କାମରେ ଆଦୌ ହସ୍ତକ୍ଷେପ କରୁ ନଥଲି । ମୁଁ ଦେଖିଲି ଲୋକମାନେ କ'ଣ କହୁଥିଲେ ଆପଣ ବୁଝିପାରୁ ନଥିଲେ ତେଣୁ ଭୁଲ୍ ବୁଝାମଣା ହେଉଥିଲା । ଏଇ ଭୁଲ୍ ବୁଝାମଣାକୁ ଦୂର କରିବାକୁ ଆପଣଙ୍କ କଥା ସେମାନଙ୍କୁ ବୁଝାଉଥିଲି । ମୁଁ ଭାବିଲି ଯେ ଏହା ମୋର କର୍ତ୍ତବ୍ୟ ।" କଲେକ୍ଟର ନିଜର ଭୁଲ୍ ଖୋଲାଖୋଲି ଭାବେ ମାନିବାକୁ ପ୍ରସ୍ତୁତ ନ ଥିଲେ । ତେବେ ତାଙ୍କର ଭୁଲ୍ ସେ ହୃଦୟଙ୍ଗମ କରିଥିଲେ । ତେଣୁ ସେ ହସିକରି କହିଲେ, "ଯୁବକ, ଏ ସବୁ ଭୁଲିଯାଅ, ମୁଁ ଯାକୁ ଖରାପ ଭାବରେ ନେଇନାହିଁ ।" ଘଟଣାର ଅବସାନ ସେଇଠି ହେଲା ।

ସେ ସମୟରେ ପୂରା ବାୟୁମଣ୍ଡଳ ତୋଷାମଦରେ ଭରପୂର ଥିଲା । ତେଣୁ ମୋ ବ୍ୟବହାର ଉପରସ୍ଥ ଅଫିସରଙ୍କୁ ମର୍ଯ୍ୟାଦାହାନିକାରକ ବା ଅପମାନ ଜନକ ହେବାର ସମ୍ଭାବନା ଥିଲା । ମୁଁ କିନ୍ତୁ ଏପରି ବାୟୁମଣ୍ଡଳରେ କାମ କରିବାକୁ ଡରିଲି ନାହିଁ । ପ୍ରଥମରୁ ମୋର ଦୃଢ଼ ମୌଳିକ ନିୟମ ଥିଲା ଯେ ମୁଁ କାହାରିକୁ ତୋଷାମଦ

Digitized by srujanika@gmail.com

କରିବି ନାହିଁ, ମିଛ କହିବି ନାହିଁ, ଭୁଲ୍ କାମ କରିବି ନାହିଁ ବା କାହାକୁ ଡରିବି ନାହିଁ । ମୁଁ ମନେ ମନେ ସ୍ଥିର କରିଥିଲି ଯେ ମୋ ଚାକିରି ପଛକେ ଯିବ ମୁଁ ଏହି ମୌଳିକ ନିୟମର ବାହାରକୁ ଯିବିନାହିଁ । ତେଣୁ ମୋର ପରୀକ୍ଷାମୂଳକ ଚାକିରି ସମୟରେ ମୁଁ କଲେକ୍ଟର, ସେ ପୁଣିଥିଲେ ଜଣେ ବରିଷ୍ଠ କଲେକ୍ଟରଙ୍କ ସହିତ ଖୋଲା ଖୋଲି ଭାବେ କଥା କହିପାରୁଥିଲି । ମୋ ସାଙ୍ଗମାନେ ଯେତେବେଳେ ଏ ଘଟଣା ବିଷୟ ଶୁଣିଲେ ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ ଓ ମୋତେ ଆଉ ସେ ଭୁଲ ନ କରିବାକୁ ଉପଦେଶ ଦେଲେ । ମୁଁ କହିଲି ଏହା ଭୁଲ ନଥିଲା, ଏହା ଥିଲା ମୋର କର୍ତ୍ତବ୍ୟ । କର୍ତ୍ତବ୍ୟକୁ ଭୁଲି, କିଛି ସୁବିଧା ଉଠାଇବାର ମୋର ଇଚ୍ଛାନଥିଲା । ମୁଁ ମିଛ ଭକ୍ତି ବା ଭୟକୁ ବିଶ୍ୱାସ କରେନାହିଁ । କଲେକ୍ଟର ଅବଶ୍ୟ ଜଣେ ବରିଷ୍ଠ ଅଧିକାରୀ, କିନ୍ତୁ ସେ ଭୁଲି ଯାଆନ୍ତି ଯେ ମୁଁ ଜଣେ ପରୀକ୍ଷାମୂଳକ ଡେପୁଟୀ କଲେକ୍ଟର । ବେଳେ ବେଳେ ସେ ମୋ ସହିତ ପରୀକ୍ଷାମୂଳକ ମାମଲତଦାର ଭଳି ବ୍ୟବହାର କରୁଥିଲେ । ଇଂରେଜୀ ଅଫିସରମାନଙ୍କର କେବଳ ଆଇ.ସି.ଏସ୍. ଅଫିସରମାନଙ୍କ ବ୍ୟତୀତ ଅନ୍ୟମାନଙ୍କ ପ୍ରତି ଉଦାସୀନତା, ଏପରି ପରିସ୍ଥିତି ପାଇଁ ଦାୟୀ ବୋଲି ମୁଁ ନିସନ୍ଦେହରେ ଜାଣିଥିଲି । ଶ୍ରୀ ଚାଟ୍‌ଫିଲ୍ଡ ଖୁବ୍ ଭଦ୍ର ଓ ଭଲ ମିଜାଜର ବ୍ୟକ୍ତି ଥିଲେ, କିନ୍ତୁ ଜଣାପଡୁଥିଲା ଯେ ସେ ଅନ୍ୟ ଆଇ.ସି.ଏସ. ଅଫିସରଙ୍କ ଭଳି ବଦରାଗୀ ଥିଲେ । ପରେ ସେ କମିଶନର ଓ ତାପରେ ବମ୍ବେ ପ୍ରେସିଡେନ୍ସିରେ ମୁଖ୍ୟ ଶାସନ ସଚିବ ହୋଇଥିଲେ ।

ଶ୍ରୀ ବାସୁଦେବ ନାମକ ଜଣେ ଆଡିସନାଲ ସେସନ୍ସ ଜଜ୍ ଅହମଦାବାଦରେ ଥିଲେ । ସେ ଡେପୁଟୀ କଲେକ୍ଟର ହିସାବରେ ଚାକିରି ଜୀବନ ଆରମ୍ଭ କରିଥିଲ । କିନ୍ତୁ ଅନେକ ପ୍ରଭାବ ଥିବାରୁ ସେ ସାଙ୍ଗେ ସାଙ୍ଗେ ଜୁଡିସିଆରୀକୁ ଯାଇ ଆଡିସନାଲ ସେସନ୍ସ ଜଜ ହୋଇଥିଲେ । ସେ ମୋର ଭଲ ବଂଧୁ ଥିଲେ ଓ ମୁଁ ତାଙ୍କୁ ଅନେକ ସମୟରେ ଭେଟୁଥିଲି ।

ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ହିସାବରେ ଥରେ ମୋ କୋର୍ଟକୁ ଗୋଟିଏ ମର୍ଡର କେଶ ଆସିଲା । ଗୋଟାଏ ପିଲାକୁ ହତ୍ୟା କରାଯାଇଥିଲା । କିନ୍ତୁ ମୋର ହୃଦବୋଧ ହୋଇ ଯାଇଥିଲା ଯେ ତାକୁ ମାରିଦେବାକୁ ଆଘାତ କରାଯାଇ ନଥିଲା । ଘଟଣାଟି ଏଇ ଭଳି ଥିଲା: ଖେଳିବାବେଳେ ଦୁଇଟି ପିଲା କଳି କଲେ, ତା' ଭିତରୁ ଜଣେ ତା ବାପାଙ୍କୁ ଯାଇ କହିଲା, ବାପା ଆସି ଅନ୍ୟ ପିଲାକୁ ଜୋରରେ ଚଟକଣାଟାଏ ମାରିଲେ । ଏ ଅତି ସାଧାରଣ ଘଟଣା ଏବଂ କେବେ ଏତେ ଗୁରୁତର ହୁଏନାହିଁ । କିନ୍ତୁ ଏ କେଶ୍‌ରେ ଚଟକଣାଟା ଅଜାଗାରେ ବାଜିଛି ତେଣୁ ପିଲାଟା ଚାରି ପାଞ୍ଚ ଘଣ୍ଟା ପରେ ମରିଗଲା । ବାପା ବିରୁଦ୍ଧରେ ହତ୍ୟା ଅଭିଯୋଗ ଅଣାଗଲା ।

ପ୍ରଚଳିତ ପ୍ରଥାନୁଯାୟୀ ଏ ହତ୍ୟା କେଶ୍ ସେସନ୍ସ କୋର୍ଟକୁ ଯିବା କଥା । କିନ୍ତୁ ମୁଁ ଯେତେବେଳେ ସାକ୍ଷୀମାନଙ୍କୁ ପରୀକ୍ଷା କଲି ଜାଣିପାରିଲି ଏହା ହତ୍ୟା କେଶ ନୁହେଁ କାରଣ ଅଭିଯୁକ୍ତ ବ୍ୟକ୍ତିଙ୍କର ଏ ଉଦ୍ଦେଶ୍ୟ ନ ଥିଲା, ମୁଁ ତାହା ସାଧାରଣ ଆଘାତ ବୋଲି ଧରି ଅଭିଯୁକ୍ତଙ୍କୁ ତିନିମାସ ଜେଲଦଣ୍ଡ ଦେଲି । ଶ୍ରୀ ବାସୁଦେବ ଯେତେବେଳେ ଜାଣିଲେ, ସେ ମୋତେ କହିଲେ ତୁମେ ଏହାକୁ ଏକ ହତ୍ୟା ମକଦ୍ଦମା ହିସାବରେ ସେସନ୍ସ କୋର୍ଟକୁ ପଠାଇ ଦେଇ ଥାଆନ୍ତ । ସେତେବେଳେ କେତେକ ଜଜ୍‌ମାନଙ୍କର ଏପରି ଧାରଣା ଥିଲା । ମୁଁ ତାଙ୍କୁ ସାଙ୍ଗେ ସାଙ୍ଗେ କହିଲି ଯେ ଯଦି ସେ ଭାବୁଛନ୍ତି ଅନ୍ୟାୟ ହୋଇଛି, ତେବେ ସେ କେଶ୍ କାଗଜପତ୍ର ମଗାଇ ପାରନ୍ତି । ହାଇକୋର୍ଟକୁ ଲେଖି ମୋ ରାୟକୁ ବଦଳାଇ ଆଉ ଥରେ କେଶ୍ ପରୀକ୍ଷା କରିବାର କ୍ଷମତା ତାଙ୍କର ଥିଲା । ସେ ମୋ ନିଷ୍ପତ୍ତି ପଢ଼ିଲେ କିନ୍ତୁ ହାଇକୋର୍ଟକୁ ଲେଖିଲେ ନାହିଁ । ମୋ ନିଷ୍ପତ୍ତି କାଏମ ରହିଲା ।

ରାଓଲାଟ୍ ଆକ୍ଟ ବିରୁଦ୍ଧରେ ଆନ୍ଦୋଳନ ସାଂଘାତିକ ମୋଡ ନେଉଥିଲା । ମହାତ୍ମା ଗାନ୍ଧୀଙ୍କୁ ପଞ୍ଜାବ ଯିବାକୁ ବାରଣ କରାଗଲା ଓ ତାଙ୍କୁ ହାଜତରେ ବନ୍ଦୀ କରାଗଲା । ଅହମଦାବାଦରେ ଦଙ୍ଗା ହଙ୍ଗାମା ଲାଗିଲା । ଭଦ୍ରାରେ ମୋ ଅଫିସ ଥିଲା । କଲେକ୍ଟର ଓ ଅନ୍ୟ ଅଫିସରଙ୍କ ଅଫିସ ମଧ୍ୟ ସେଠାରେ ଥିଲା । ଖୋଲା ପଡିଆରେ

Digitized by srujanika@gmail.com

ମ୍ୟାଟ୍ରିକୁଲେଶନ ପରୀକ୍ଷା ପାଇଁ ତମ୍ବୁ ପଡିଥିଲା । ମୁଁ ବାହାରକୁ ଯିବା ପରେ ଆମ ଅଫିସ ଓ ଏ ତମ୍ବୁରେ ନିଆଁ ଲଗାଇ ଦିଆଯାଇଥିଲା । ଅଫିସରୁ ରାୟପୁରରେ ଆମ ଘରକୁ ମୁଁ ସାଇକଲ୍‌ରେ ଯାଇଥିଲି । ସେ ସମୟରେ ମୁଁ ଲମ୍ବା କୋଟ, ଟ୍ରାଉଜର ଓ ପଗଡି ପିନ୍ଧୁଥିଲି । ଘରେ ପହଞ୍ଚି ଦେଖିଲି ଯେ ଲୋକମାନେ ଠେଙ୍ଗା ଓ ଟାଙ୍ଗିଆ ଧରି ସରକାରଙ୍କ ବିରୁଦ୍ଧରେ ପାଟିତୁଣ୍ଡ କରି ରାସ୍ତାରେ ଚାଲିଛନ୍ତି । ଏମାନଙ୍କ ମଧ୍ୟରେ ଅଧିକାଂଶ ଲୋକ ମୂଲିଆ ଭଳିଆ ଦେଖାଯାଉଥିଲେ, କିଛି ଶିକ୍ଷିତ ନାଗରିକ ଗୋଷ୍ଠି ଯଥା ଓକିଲ, ଡାକ୍ତର ଏବଂ ଯୁବ ବ୍ୟବସାୟୀମାନେ ତାଙ୍କୁ ଉତ୍ତେଜିତ କରୁଥାନ୍ତି । ମୋ ଘରର ପ୍ରଥମ ମହଲାରୁ ମୁଁ ଦେଖୁଥିଲି । ଏଇ ଗୋଳମାଳ ଦୁଇ ତିନି ଧରି ଲାଗିରହିଲା । ସମ୍ପତ୍ତି ନଷ୍ଟ ହେବାର ମଧ୍ୟ ଦେଖାଗଲା । ରିଚି ରୋଡ଼ରେ ଜଣେ ସର୍ଜେଣ୍ଟକୁ ହତ୍ୟା କରାଯାଇଥିଲା । ଭିରାମ୍‌ଗାମ୍‌ରେ ଜଣେ ଅଫିସର୍‌ଙ୍କୁ ତାଙ୍କରି ଅଫିସରେ ପୋଡି ମାରି ଦିଆଯାଇଥିଲା । ସରକାର ଦୁଇଦିନ ପରେ ଅବସ୍ଥାକୁ ଆୟତ୍ତ କରିଥିଲେ । ଇତି ମଧ୍ୟରେ ମହାତ୍ମା ଗାନ୍ଧି ଅହମ୍ମଦାବାଦରେ ପହଞ୍ଚିଲେ । ଗାନ୍ଧିଜୀ ଓ ସର୍ଦ୍ଦାର ପଟେଲ ସହରରେ ବୁଲି ବୁଲି ଲୋକମାନଙ୍କୁ ଶାନ୍ତ ହେବାକୁ କହୁଥାନ୍ତି ଓ ପ୍ରକୃତ ତଥ୍ୟ ସଂଗ୍ରହ କରୁଥାଆନ୍ତି । ଯଦି ଶିକ୍ଷିତ ଗୋଷ୍ଠି ଉତ୍ତେଜିତ କରି ନଥାନ୍ତେ ଗଣ୍ଡଗୋଳ ଏତେ ଭୀଷଣ ଆକାର ଧରି ନ ଥାନ୍ତା ।

ପ୍ରଥମାବସ୍ଥାରେ ସରକାର କୌଣସି ସାବଧାନମୂଳକ ପଦକ୍ଷେପ ନେଇ ନ ଥିଲେ । ସେଇଥିପାଇଁ ଗଣ୍ଡଗୋଳ ଭୟଙ୍କର ରୂପଧାରଣ କଲା । ଏପରି ଘଟଣା ଘଟିବ ବୋଲି ତାଙ୍କର ଧାରଣା ନଥିଲା । ସରକାରୀ ଚାକିରିଆମାନେ ଏତେ ଅବାକ୍ ହୋଇଗଲେ ଯେ ଢ଼ୋଲକାରେ ଥିବା ଆସିଷ୍ଟାଣ୍ଟ କଲେକ୍ଟର ଡରରେ ଜାଗାଛାଡି ପଳାଇ ଯାଇଥିଲେ । ସେ ଲୁଚି ଲୁଚି ଅହମଦାବାଦରେ ପହଞ୍ଚିଲେ । ସେ ଜଣେ ଇଂରେଜ ଅଫିସର ଥିଲେ ଓ ଭୟକରୁଥିଲେ କି ଲୋକେ ତାଙ୍କୁ ଆକ୍ରମଣ କରିବେ ।

ରାଓଲାଟ୍ ଆକ୍ଟ ପରେ ସରକାରଙ୍କ ଭୁଲ୍ ନୀତି ଯୋଗୁଁ ସ୍ୱାଧିନତା ପାଇଁ ପରେ ସଂଗଠିତ ହୋଇଥିବା ସତ୍ୟାଗ୍ରହ ଆନ୍ଦୋଳନ ବେଶ୍ ମଜଭୁତ ହୋଇପାରିଥିଲା । ଏ ସବୁ ଘଟଣାକୁ ଦେଖିଲେ ଏହା ଜଣାପଡେ । ମୋର ସହକର୍ମୀ ଓ ବନ୍ଧୁ ଶ୍ରୀ ମଣିଭାଇ ପ୍ରାରାଜୀ ଦେସାଇଙ୍କ ପୁଅ ଶ୍ରୀ ଠାକୁରଭାଇ ଦେସାଇ ଏଇ ଗଣ୍ଡଗୋଳ ବେଳେ ମ୍ୟାଟ୍ରିକୁଲେଶନ୍ ପରୀକ୍ଷା ଦେଇଥିଲେ । ପରୀକ୍ଷା ପେଣ୍ଡାଲ ପୋଡାଯିବା ପୂର୍ବରୁ ଓ ପରେ ସେ ମୋତେ ଭେଟିଥିଲେ । ସେ ସବୁ ଘଟଣା ମୋ ପାଖରେ ବର୍ଣ୍ଣନା କରିଥିଲେ । ୧୯୨୦ରେ ଯେତେବେଳେ ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଥିଲେ ପ୍ରଥମେ ଆନ୍ଦୋଳନରେ ଯୋଗ ନେଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଠାକୁରଭାଇ ଦେସାଇ ଅନ୍ୟତମ । ସେ ଗୁଜରାଟ ବିଦ୍ୟାପୀଠରେ ଯୋଗ ଦେଲେ । ସେଇଦିନ ଠାରୁ, ୧୯୭୦ ମସିହା ପର୍ଯ୍ୟନ୍ତ ସେ ନିଜକୁ ଜାତିର ସେବାରେ ଉତ୍ସର୍ଗ କରି ଦେଇଥିଲେ ।

Digitized by srujanika@gmail.com

(୫) ଥାନାରେ ଡେପୁଟୀ କଲେକ୍ଟର

ସେହି ବ୍ରିଟିସ ଶାସନ ସମୟରେ ମଧ କମିଶନରଙ୍କ ସହିତ ବା ସେକ୍ରେଟେରୀଏଟ୍‌ରେ କାହା ସହିତ ସମ୍ପର୍କଥିଲେ ଜଣେ ସୁବିଧା ଉଠାଇପାରୁଥିଲା । ମୁଁ ଦୁଇବର୍ଷ ପରୀକ୍ଷାମୂଳକ ଚାକିରି ଶେଷ କରିବା ବେଳକୁ ପାଖ ଜିଲାରେ ଗୋଟିଏ ପ୍ରାନ୍ତ ଅଫିସର ଜାଗା ଖାଲି ଥିଲା । କିନ୍ତୁ ମୋତେ ସେ ଡିଭିଜନର ଶେଷ ଭାଗରେ ଥିବା ଥାନା ଜିଲାକୁ ବଦଳି କରାଗଲା ଯେଉଁଠାରେ ଭାଷା ଥିଲା ମରାଠୀ । ମୁଁ ଯଦି ଟିକିଏ ତୋଷାମଦ କରିଥାନ୍ତି ତେବେ ମୋତେ ଖେଡ଼ା ଜିଲାକୁ ବଦଳି କରିଥାଆନ୍ତେ । କିନ୍ତୁ ପିଲାଦିନୁ ବାପା ଓ ମାଆଙ୍କ ଠାରୁ ହୃଦବୋଧ କରିଛି ଯେ ତୋଷାମଦ ଆତ୍ମସମ୍ମାନର ଧ୍ୱଂସକାରକ ଓ ଯେ ତୋଷାମଦ କରେ ଓ ଯାହାଙ୍କୁ କରାଯାଏ ଦୁହିଁଙ୍କ ପାଇଁ ହାନିକାରକ । ମୁଁ ତେଣୁ, ତୋଷାମଦ କରି କୌଣସି ଲାଭ ଉଠାଇବା ବିଷୟ ଚିନ୍ତା ସୁଦ୍ଧା କରିନଥିଲି ।

୧୯୨୦ରେ ମୁଁ ଅହମଦାବାଦରୁ ଥାନାକୁ ବଦଳି ହୋଇଥିଲି । ପ୍ରଥମ ଥର ପାଇଁ ଗୋଟିଏ ସବ୍‌ଡିଭିଜନ ମୋ ମାରଫତରେ ଦିଆଗଲା । ଏଇ ସବ୍‌ଡିଭିଜନରେ ୪ଟି ତାଲୁକା ଥିଲା ଯଥା: ଭିଓ୍ୱାଣ୍ଡି, ସାହାପୁର, ମୁର୍ବାଦ ଓ ମୋଖାଡ଼ା । ମୋର ପୂର୍ବ ଅଫିସର ଅସୁସ୍ଥ ଯୋଗୁ ଛୁଟିରେ ଥିଲେ ଓ ସ୍ଥାନଟି ଦୁଇମାସ ଖାଲିଥିଲା । କଲେକ୍ଟରଙ୍କ ତତ୍ତ୍ୱାବଧାନରେ ଶିରସ୍ତାଦାର (ମୁଖ୍ୟ କିରାନୀ) ଏସ.ଡି.ଓ ଙ୍କ କାମ ଦେଖୁଥିଲେ । ମୁଁ ଦାୟିତ୍ୱ ନେବାବେଳେ କଲେକ୍ଟର୍ ଶ୍ରୀ କମ୍ପବେଲ୍‌ଙ୍କୁ ଦେଖା କରିବାକୁ ଗଲି । ସେ ମୋତେ ମୁଖ୍ୟ କିରାନୀଙ୍କ ବିରୁଦ୍ଧରେ ସାବଧାନ କରାଇ ଦେଲେ । ସେ କହିଲେ ଯେ ମୁଖ୍ୟ କିରାନୀ ଜଣଙ୍କ ଅବୈଧ ଆଚରଣ ପ୍ରତି ଉନ୍ମୁଖ । ତାଙ୍କର ଏପରି ମତ ଥିବା ବେଳେ ସେ କାହିଁକି ମୁଖ୍ୟ କିରାନୀଙ୍କୁ କାମରେ ରଖିଛନ୍ତି ବୋଲି ମୁଁ କଲେକ୍ଟରଙ୍କୁ ପଚାରିଲି ନାହିଁ । ମୋର ଦୁଇ ବର୍ଷ ଅଭିଜ୍ଞତାରୁ ମୁଁ ଜାଣିଥିଲି ଯେ ସରକାରୀ ଚାକିରିରେ ଏପରି ଚରିତ୍ର ସାଧାରଣତଃ ଦେଖାଯାଏ । ପରୀକ୍ଷା ମୂଳକ ଚାକିରୀ କାଳରେ ଏସ୍.ଡି.ଓ.ଙ୍କ ସମସ୍ତ କାମ କରି ବେଶ ଅଭିଜ୍ଞତା ଅର୍ଜନ କରିଥିଲି । ତେଣୁ ମୁଖ୍ୟ କିରାନୀଙ୍କ ଉପରେ ନିର୍ଭର କରିବା ପ୍ରଶ୍ନ ଉଠୁନଥିଲା । ମୁଁ ତାଙ୍କୁ କିଛି କହିଲି ନାହିଁ । କିନ୍ତୁ ମୋ କାମର ପ୍ରଣାଳୀ ଏପରି ଥିଲା ଯେ ଯଦି କୌଣସି ବ୍ୟକ୍ତି କୁପ୍ରଥା ଅବଲମ୍ବନ କରେ, ମୁଁ ସାଙ୍ଗେ ସାଙ୍ଗେ ଜାଣିଯାଏ ।

ପ୍ରାୟ ମାସେ କାମ କଲାପରେ ସେ ମୋ ପାଖକୁ ପଠାଇଥିବା ଗୋଟିଏ ଫାଇଲରୁ ତାଙ୍କର ଅବୈଧ କର୍ମର ଆଭାସ ପାଇଲି । ଜଣେ ତଲାଟୀଙ୍କ ବଦଳି କାଗଜ, ସେଇ ସମ୍ପର୍କୀୟ ଅନେକ କାଗଜପତ୍ର ସହିତ ମୋ ଦସ୍ତଖତ ପାଇଁ ଆସିଥିଲା । ମୁଁ ଅନ୍ୟ କାଗଜରେ ଦସ୍ତଖତ କରି ଏଖଣ୍ଡକରେ ଦସ୍ତଖତ ନ କରି ଫାଇଲ୍‌ଟିକୁ ଫେରାଇ ଦେଲି । ପରଦିନ ପୁଣି ସେଇ କେଶ୍ ଅନ୍ୟାନ୍ୟ କେଶ୍ ସହିତ ମୋ ପାଖକୁ ଆସିଲା । ମୁଁ ମଧ ସେଇ ପରି ଦସ୍ତଖତ ନ କରି ଫାଇଲଟି ଫେରାଇ ଦେଲି । ତୃତୀୟ ଦିନ ମଧ ଏହାର ପୁନରାବୃତ୍ତି ହେଲା । ମୁଁ ଏଥର ଶିରସ୍ତାଦାରଙ୍କୁ ଡାକି କାରଣ ପଚାରିଲି । ସେ ଅବସ୍ଥା ବୁଝିପାରି ନୀରବ ରହିଲେ । ମୁଁ ପଚାରିଲି, "ମୋତେ କୁହନ୍ତୁ ଏଥିରେ ଆପଣଙ୍କର କି ସ୍ୱାର୍ଥ ଅଛି ।" ସେ ଅନୁଭବ କଲେ ଯେ ତାଙ୍କର ଖେଳ ସରିଯାଇଛି ଓ ନିଜର ଦୋଷ ସ୍ୱୀକାର କଲେ । ମୁଁ ତାଙ୍କୁ କହିଲି, "ଆପଣ ଯଦି ଏପରି ପରୋକ୍ଷ ଭାବେ କାମ କରାଇବାକୁ ଚେଷ୍ଟା କରିବେ ତେବେ ତାର କୁଫଳ ଆପଣଙ୍କୁ ଭୋଗିବାକୁ ପଡିବ । ତେଣୁ ଏପରି କୁକର୍ମର ପୁନରାବୃତ୍ତି କରନ୍ତୁ ନାହିଁ, କିଛି କହିବାକୁ ଥିଲେ ମୋ ପାଖକୁ ଆସି ସିଧା କୁହନ୍ତୁ । ଆପଣଙ୍କର ସୂଚନା ଠିକ୍ ଦେଖିଲେ ମୁଁ ଗ୍ରହଣ କରିବି ।" ମୁଁ ଏ ବିଷୟ କଲେକ୍ଟରଙ୍କୁ କହିଲି ନାହିଁ କି ଶିରସ୍ତାଦାରଙ୍କୁ କଲେକ୍ଟର ବିଶ୍ୱାସ କରୁନାହାନ୍ତି ବୋଲି କହିଲି ନାହିଁ ।

Digitized by srujanika@gmail.com

ଏହି ଘଟଣା ପରେ ଶିରସ୍ତାଦାର ବୁଝି ପାରିଲେ ଯେ ତାଙ୍କ ଚାଲାଖି ଆଉ ଚଳିବ ନାହିଁ ଏବଂ ନିଜର ଭଲ ଦୃଷ୍ଟିରୁ ସିଧା ସଳଖ ବ୍ୟବହାର କରିବା ଉଚିତ । ତା'ପରଠୁ ସେ ବେଶ୍ ଭଲ କାମ କଲେ । ମୁଁ ତାଙ୍କ କାମରେ ସନ୍ତୁଷ୍ଟ ହେଲି ଓ ବର୍ଷକ ପରେ ମୁଁ କଲେକ୍ଟରଙ୍କୁ ତାଙ୍କ ନିଜର ହେଡ୍ କ୍ଲର୍କ ପଦବୀରେ ରଖିବାକୁ କହିଲି । କଲେକ୍ଟର ମୋ ପ୍ରସ୍ତାବ ଗ୍ରହଣ କରି ତାଙ୍କୁ ନିଜ ଅଫିସରେ ନିଯୁକ୍ତ କଲେ । ମୁଁ ଦେଖିଲି ଯେ ଅଫିସ କାମରେ ପର୍ଯ୍ୟବେକ୍ଷଣ ଠିକ୍ ଭାବେ ହେଉ ନଥିଲା । ସୁତରାଂ ତାଙ୍କର ଚତୁରତାପୂର୍ଣ୍ଣ କେଶ୍ ପାଇବା ଆରମ୍ଭ ହୋଇଗଲା । କଲେକ୍ଟର ସବୁ ଜାଣିଥିଲେ ତେଣୁ ମୋତେ ସାବଧାନ କରି ଦେଇଥିଲେ କିନ୍ତୁ ସେ ପର୍ଯ୍ୟବେକ୍ଷଣ କରିପାରୁ ନଥିଲେ । ସରକାରୀ କଳରେ ଏହା କିଛି ଅପ୍ରାକୃତିକ ନଥିଲା । ଏଉ କାରଣରୁ ସରକାରୀ କାମକାର୍ଯ୍ୟରେ ଅପାରଗତା ଦେଖାଯାଏ ଓ କାର୍ଯ୍ୟ ଦୁର୍ନୀତିଗ୍ରସ୍ତ ହୁଏ । ଆଜି ଅବସ୍ଥାରେ ଉନ୍ନତି ଘଟିଛି ବୋଲି କହିପାରିବି ନାହିଁ, ବରଂ ସାଧାରଣ ଧାରଣା ଯେ ଅବସ୍ଥା ଆହୁରି ଖରାପ ଦିଗକୁ ଗତି କରିଛି ।

ମୁଁ ଯେତେବେଳେ ଥାନାରେ ପ୍ରଥମ ଶ୍ରେଣୀ ଏସ୍.ଡି.ଏମ୍. ଥିଲି । ମୋ ପାଖକୁ ଆସିଥିବା ଗୋଟାଏ ଦୁଇଟା କେଶ୍ ବେଶ୍ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ମୁଁ ଥାନାରେ କାର୍ଯ୍ୟଭାର ଗ୍ରହଣ କରିବାପରେ ପ୍ରଥମ ଚାଞ୍ଚଲ୍ୟକର କେଶ୍ ହେଲା ଜଣେ ନାଜିରଙ୍କର ତୋଷରପାତ । ଥାନାର ଜିଲା ଜଜ୍, ଅଭିଯୋଗ ପାଇବା ପରେ, ତାଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଏର କରିଥିଲେ । ପ୍ରତିବାଦୀ ତରଫରୁ ବମ୍ବେରୁ ଜଣେ ବଡ ଓକିଲ ଆସିଥିଲେ । ଦୁଇପକ୍ଷର ବକ୍ତବ୍ୟ ପରେ ଓ ଦୁଇପକ୍ଷ ତରଫରୁ ଯୁକ୍ତିତର୍କ ଶୁଣି ସାରିବାପରେ ମୋର ହୃଦବୋଧ ହେଲା ଯେ ଦୋଷୀ କିଛି ସରକାରୀ ଧନ ତୋଷରପାତ କରିଛି । କିନ୍ତୁ ରାୟ ଲେଖିବାବେଳେ ମୁଁ ଦେଖିଲି ଯେ ମୋ ଆଗରେ ରଖାଯାଇ ଥିବା ସାକ୍ଷୀ ପ୍ରମାଣରୁ ଏ ପ୍ରତିପାଦିତ ହୋଇ ପାରୁନାହିଁ ଯେ ଦୋଷୀ ସରକାରୀ ଧନ ତୋଷରପାତ କରିଛି ବା ଅନ୍ତତଃ କିଛି ସମୟ ପାଇଁ ନିଜ ସ୍ୱାର୍ଥରେ ଲଗାଇଛି । ତେଣୁ ମୁଁ ଦୋଷୀକୁ ଖଲାସ କରିଦେଲି । ଓକିଲମାନେ ଆଶ୍ଚର୍ଯ୍ୟାନ୍ୱିତ ହେଲେ । ପରେ ଯେତେବେଳେ ଜିଲା ଜଜ୍‌ଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲି ସେ ଏଉ କେଶ୍ ବିଷୟରେ କହିଲେ, ''ଆପଣ ଦୋଷୀଙ୍କୁ ଭୁଲରେ ଖଲାସ କରି ଦେଇଛନ୍ତି । ମୁଁ ନିଜେ ଏ କେଶ୍ ପରୀକ୍ଷା କରି ତାଙ୍କୁ ଦୋଷୀ ପାଇଥିଲି ।'' ମୁଁ ବହୁ ସମ୍ମାନ ସହକାରେ କହିଲି, ''ଆପଣ ଜଣେ ଅଭିଯୋଗକାରୀ ହିସାବରେ କେଶ୍ ଦେଖିଛନ୍ତି କିନ୍ତୁ ମୁଁ ଜଣେ ବିଚାରକ ହିସାବରେ କେଶ୍ ଦେଖିଛି । ତେଣୁ ଦୃଷ୍ଟିକୋଣରେ ପାର୍ଥକ୍ୟ ରହିବା ସ୍ୱାଭାବିକ । ଏହି ସକାଶେ ଲୋକେ ଚାହାଁନ୍ତି ଯେ 'ଶାସନ' ଓ 'ବିଚାର' ଅଲଗା ଅଲଗା ରହିବା ଉଚିତ୍ । ଆପଣ ଯଦି ଅନୁଭବ କରନ୍ତି ଯେ ମୋ ବିଚାର ଭ୍ରମାତ୍ମକ ଆପଣ ଅପିଲ କରିପାରନ୍ତି ।'' ମୋ ପଦବୀର ଅନ୍ୟ କୌଣସି ଅଫିସର ଜିଲା ଜଜ୍‌ଙ୍କୁ ଏପରି କହିବା ଉଚିତ ବୋଲି ମନେ କରିବେ ନାହିଁ । ମୋର କେତେକ ସହକର୍ମୀ କହିଲେ ଯେ ଜିଲା ଜଜଙ୍କ ସହିତ ଏପରି କଥାବାର୍ତ୍ତା କରିବା ଠିକ୍ ହୋଇ ନାହିଁ, ମୋର ଚାକିରି ଜୀବନର ଭବିଷ୍ୟତରେ ଏହା ବ୍ୟାଘାତ ଘଟାଇ ପାରେ । ଜିଲା ଜଜ ମୋ ବିରୁଦ୍ଧରେ ଲାଗିବେ । ମୁଁ କହିଲି ଯେ ସଚ୍ଚୋଟ ଭାବେ କାମକରି କୌଣସି ବାଧାବିଘ୍ନ ବିଷୟରେ ଚିନ୍ତା କରିବା ମୋ ପ୍ରକୃତି ନୁହେଁ । ମୁଁ ଯାହା ଠିକ୍ ଭାବିଛି ତାହାହିଁ କରିଛି । ଯଦି ସେଥି ସକାଶେ ମୋ ଚାକିରି ଯାଏ ତେବେ ଠିକ୍ ଅଛି, ଭବିଷ୍ୟତରେ ମଧ୍ୟ ମୁଁ ଏହିପରି କାମ କରିବି ।

ଜିଲା ଜଜ୍ ଉପରକୁ ମୋ ରାୟ ବିରୁଦ୍ଧରେ ଅପିଲ କରିବାକୁ ପ୍ରସ୍ତାବ ଦେଇ ଲେଖିଥିଲେ କିନ୍ତୁ ସାକ୍ଷୀ ପ୍ରମାଣ ଓ ମୋ ରାୟ ପଢ଼ି ସରକାରୀ ଆଇନ ପରାମର୍ଶଦାତା ମୋ ରାୟ ସହିତ ଏକମତ ହୋଇ ଜିଲା ଜଜ୍‌ଙ୍କ ପ୍ରସ୍ତାବ ଗ୍ରହଣ କରି ନଥିଲେ । ଜିଲା ଜଜ୍ ଜଣେ ସଚ୍ଚୋଟ ଭଦ୍ର ଲୋକ ଥିଲେ । ସେ ନିଜର ମତ ବଦଳାଇ ଥିଲେ । ପରେ ମୁଁ ଯେତେବେଳେ ତାଙ୍କୁ ଭେଟିଲି ସେ କହିଲେ ମାଜିଷ୍ଟ୍ରେଟ୍ ହିସାବରେ ମୋ ରାୟ ଠିକ୍ ଥିଲା ଏବଂ ଏଥିପାଇଁ ସେ ଖୁସି । ତାପରେ ମୁଁ ଦେଖିଲି ମୋ ରାୟ ଉପରେ ତାଙ୍କ ବିଶ୍ୱାସ ବଢ଼ିଛି । ସଚ୍ଚୋଟ ଓ ଠିକ୍

Digitized by srujanika@gmail.com

କାମ କରି କଠିନ ସମୟ ସମ୍ମୁଖୀନ କରିବା ଉଚିତ । ବେଳେବେଳେ କଷ୍ଟ ସ୍ୱୀକାର କରିବାକୁ ପଡିବ ମଧ୍ୟ । କିନ୍ତୁ ନ୍ୟାୟରେ କାମ କରିସାରି ଯେଉଁ ସନ୍ତୋଷ ମିଳେ ତାକୁ ବିଚାରକୁ ନେଇ ହସି ହସି କଷ୍ଟ ଓ ଅସୁବିଧାର ସମ୍ମୁଖୀନ କରିବା ଉଚିତ୍ ।

ଅନ୍ୟ ଗୋଟିଏ କେଶ୍‌ରେ ଜଣେ ବଂଧୁ ଆସି ମୋତେ କହିଲେ, ''ଜଣେ ଭଦ୍ରଲୋକଙ୍କ କେଶ୍ ଆପଣଙ୍କ ପାଖରେ ଅଛି । ଦୟାକରି ତା ପ୍ରତି ଅନ୍ୟାୟ କରିବେ ନାହିଁ । କାରଣ ଅନ୍ୟପକ୍ଷରୁ ବହୁତ ଚାପ ଆପଣଙ୍କ ଉପରେ ପଡିବ । ମୁଁ ଆଉ କିଛି କହିବାକୁ ଚାହେଁ ନାହିଁ ।'' ଏହି ବନ୍ଧୁଟି ମୋର ବିଶ୍ୱସନୀୟ ଓ ଅତ୍ୟନ୍ତ ଭଦ୍ର । ଚାପ ପକାଇବା ପାଇଁ ତାଙ୍କ ବଂଧୁ ଯେଉଁ ଦୁର୍ବୋଧ୍ୟ ରାସ୍ତା ଅବଲମ୍ବନ କରିଛନ୍ତି ମୋ ବଂଧୁ ବୁଝିପାରି ନଥିଲେ । ମୁଁ ତାଙ୍କୁ କହିଲି, ଅନ୍ୟ ପକ୍ଷରୁ ମୋ ଉପରେ କୌଣସି ଚାପ ପଡିନାହିଁ ଓ ବଂଧୁଙ୍କ ପାଇଁ ସୁପାରିଶ କରି, ଆପଣ ତାଙ୍କର ଅପକାର କଲେ । ସେ ବୁଝିଲେ ଯେ ତାଙ୍କ ବଂଧୁ ଚାପ ପକାଇବାକୁ ଏପରି ପରୋକ୍ଷ ବାଟ ଧରିଛନ୍ତି । ''ମୋର ଆପଣଙ୍କ ପାଖକୁ ଆସିବା ଉଚିତ ହୋଇ ନାହିଁ,'' ସେ କହିଲେ ''ଆପଣ ଯାହା ଠିକ୍ ଭାବୁଛନ୍ତି ତାହାହିଁ କରନ୍ତୁ ।'' ସାକ୍ଷୀ ପ୍ରମାଣ ଉପରେ ମୁଁ ସେ ଲୋକକୁ ଦୋଷୀ ସାବ୍ୟସ୍ତ କଲି । ହାଇକୋର୍ଟ ମୋ ରାୟ ସହିତ ଏକମତ ହେଲେ । ଅନେକ ଲୋକ ମୂଳ ଘଟଣା ଜାଣିପାରିଲେ ଏବଂ ସାଧାରଣ ଧାରଣା ହେଲା ଯେ ମୋ ଉପରେ ଚାପ ପକାଇଲେ ଫଳ ଓଲଟା ହେବ ।

ଏହିପରି ଗୋଟାଏ ଦୁଇଟା ଘଟଣା ପରେ ମୁଁ ଯେଉଁ ଆଡେ ଗଲି ଏ ସୁନାମ ମୋ ନାମରେ ଲାଗି ରହିଲା । ମୋ ଉପରେ ଚାପ ପକାଇବାକୁ କେହି ସାହସ କଲେ ନାହିଁ, ଫଳରେ ମୁଁ ସେଥିରୁ ମୁକ୍ତି ପାଇଲି । ମୁଁ ଥାନା ଜିଲାରେ ଅଢ଼େଇ ବର୍ଷ ରହିଲି । ପ୍ରଥମେ ମୋର ମୁଖ୍ୟ କାର୍ଯ୍ୟାଳୟ ଥାନାରେ ଥିଲା । ପରେ ଏହା କଲ୍ୟାଣକୁ ଉଠିଗଲା ଓ ମୋ ତତ୍ତ୍ୱାବଧାନରେ କଲ୍ୟାଣ, ଶାହପୁର ଓ ମୁର୍‌ବାଦ ତିନୋଟି ତାଲୁକା ରହିଲା । ମୁଁ କଲ୍ୟାଣରେ ରହୁଥିବା ଘର ରେଲ ଶଣ୍ଟିଙ୍ଗ୍ ୟାର୍ଡ ପାଖରେ, ରାସ୍ତାପଟେ ଥିଲା । ମୁଁ ବାରଣ୍ଡାରେ ଶୋଉଥିଲି । ମୋତେ କହିଲେ ଯେ ସେ ବଙ୍ଗଳାରେ ଗୋଟିଏ ଭୂତ ଅଛି ଓ ସେ ରାତିରେ ବୁଲେ । ମୁଁ କେବେହେଲେ ସେ ଭୂତ ଦେଖିନାହିଁ । ମୁଁ ମଧ୍ୟ ଟ୍ରେନ୍ ଶବ୍ଦ ସହିତ ଅଭ୍ୟସ୍ତ ହୋଇଗଲି । ମୋ ନିଦରେ ତାହା କେବେ ବ୍ୟାଘାତ ଦେଇ ନଥିଲା ।

ସେ ସମୟରେ ଏପରି ଦଳେ ଲୋକ ଥିଲେ ଯେ କି ସବୁବେଳେ ସରକାରୀ କର୍ମଚାରୀଙ୍କୁ ତୋଷାମଦ କରୁଥିଲେ । ସେମାନେ ସାଧାରଣତଃ କେତେକ ଅନୁପଯୁକ୍ତ ସୁବିଧା ପାଉଥିଲେ । ମୁଁ କଲ୍ୟାଣରେ ଥିବା ସମୟରେ ସେଇପରି ଗୋଟିଏ ଘଟଣା ଦେଖିଲି । ସେ ଘଟଣାଟି ତଳେ ଉଲ୍ଲେଖ କରୁଛି କାରଣ ଘଟଣାଟି ଅନ୍ୟ ଘଟଣାଠାରୁ ଭିନ୍ନ ।

ଥାନାରେ ଜଣେ ଅବୈତନିକ ମାଜିଷ୍ଟ୍ରେଟ ଥିଲେ । ସେ ବେଶି ପଢ଼ିନଥିଲେ କିନ୍ତୁ ବେଶ୍ ସୁବିଧା ଅବସ୍ଥାରେ ଥିଲେ । କଲ୍ୟାଣ ରେଲଷ୍ଟେଶନ ପାଖରେ ଖଣ୍ଡେ ସରକାରୀ ଜାଗା ତାଙ୍କୁ ବିକ୍ରି କରାଯାଇଥିଲା । ତାର ପ୍ରକୃତ ଦାମ ୨୫,୦୦୦ରୁ ୩୦,୦୦୦ ଟଙ୍କା ଭିତରେ ହୋଇଥାନ୍ତା କିନ୍ତୁ ସେ ଏ ଜମି ଖଣ୍ଡକ କେବଳ ୫୦୦୦ ଟଙ୍କାରେ ପାଇଲେ । ମୁଁ ଆପତ୍ତି କଲି ଓ କଲେକ୍ଟରଙ୍କୁ ଲେଖିଲି । କଲେକ୍ଟର ମୋ ଆପତ୍ତି ଗ୍ରହଣ ନ କରି ବିକ୍ରି ମଞ୍ଜୁର କଲେ । ତାପରେ ସେ ଭଦ୍ରଲୋକ ସେ ଜାଗାରେ କୋଠା ତିଆରି ଆରମ୍ଭ କଲେଏବଂ ଆଉ ଅଧିକ ସରକାରୀ ଜମି ଚାହିଁଲେ । କୋଠା ତିଆରି କାମ ଚାଲୁଥାଏ ମ୍ୟୁନିସିପାଲିଟି ନିୟମ ବିରୁଦ୍ଧରେ । ସେ ମଧ୍ୟ ସରକାରୀ ଜାଗା କିଛି ଜବର ଦଖଲ କଲେ । ମୁଁ ସରକାରଙ୍କ ଦ୍ୱାରା ମନୋନୀତ କଲ୍ୟାଣ ମ୍ୟୁନିସିପାଲିଟିରେ ଜଣେ ସଭ୍ୟ ଥିଲି । ଯେତେବେଳେ ଏହି ବେନିୟମ ଘର ତିଆରି ପ୍ରଶ୍ନ ଗୋଟିଏ ମିଟିଂରେ ଉଠିଲା ସେଇ

Digitized by srujanika@gmail.com

ଭଦ୍ରଲୋକଙ୍କ ଦ୍ୱାରା ପ୍ରଭାବିତ କେତେକ ସଭ୍ୟ ତାଙ୍କୁ ସମର୍ଥନ କଲେ । କିନ୍ତୁ ମୁଁ ଘଟଣାର ପୂର୍ଣ୍ଣ ବିବରଣୀ ଦେଲି ଓ ଦୃଢ଼ତାର ସହିତ ଦାବି କଲି ଯେ ଆଇନ ବିରୁଦ୍ଧ ନିର୍ମାଣ କାମ ଭାଙ୍ଗି ଦିଆଯିବା ପାଇଁ ଆଦେଶ ଜାରି କରାଯାଉ । ଲମ୍ବା ଆଲୋଚନା ପରେ ମୋ ପ୍ରସ୍ତାବ ଗ୍ରହଣ କରାଗଲା । ଜବର ଦଖଲ ସରକାରୀ ଜାଗାକୁ ଖାଲି କରିବା ପାଇଁ ପ୍ରସ୍ତାବ ନେଇ କଲେକ୍ଟରଙ୍କୁ ଲେଖିଲି । ମୁଁ ଆଗରୁ କହିଛି ଯେ ପାଖ ଜାଗା କଲେକ୍ଟରଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା । ସରକାରୀ ଜାଗାକୁ ଖାଲି କରିବା ପାଇଁ ଆଦେଶ ଦେବା ପରିବର୍ତ୍ତେ କଲେକ୍ଟର ଲେଖିଲେ ଯେ ବିବାଦୀୟ ଜମି ଖଣ୍ଡକ ମ୍ୟୁନିସିପାଲିଟିର ତେଣୁ ସେ କିଛି କହିପାରିବେ ନାହିଁ । ମୁଁ ପୁଣି କଲେକ୍ଟରଙ୍କୁ ଲେଖିଲି ଯଦି ଜବର ଦଖଲ ଜମି ମ୍ୟୁନିସିପାଲିଟିର, ତେବେ ପାଖ ଜମି ବିକ୍ରିକରିବାକୁ କଲେକ୍ଟର ଅନୁମୋଦନ ଦେଇଥିଲେ କିପରି? କଲେକ୍ଟର ଦେଇଥିବା ଅନୁମୋଦନ ନିୟମ ବିରୁଦ୍ଧ । ତେଣୁ କଲେକ୍ଟର ଦେଇଥିବା ଅନୁମୋଦନ ପ୍ରତ୍ୟାହାର କରିବା ଉଚିତ । କଲେକ୍ଟର ଦେଖିଲେ ଯେ ସେ ନିଜର ଭୁଲ ଯୁକ୍ତିରେ ଧରା ପଡିଛନ୍ତି ଏବଂ ଜବର ଦଖଲ ଜମି ଛାଡି ଦେବାକୁ ଆଦେଶ ଦେଲେ ।

କଲେକ୍ଟରଙ୍କ ଅଫିସରେ ଯେଉଁ ଅଫିସର ଅନୁମୋଦନ ଦେବାପାଇଁ ଦାୟୀ, ତାଙ୍କୁ ପଶ୍ଚାଦ୍‌ଗମନ ଭଲ ଲାଗିଲା ନାହିଁ । ସେ ମୋତେ ସମାଲୋଚନା କଲେ ଓ ଆଉ ଗୋଟିଏ ଘଟଣା ସମ୍ପର୍କିତ ଚିଠି ପତ୍ରରେ ମୋ ବିରୁଦ୍ଧରେ ଅଭିଯୋଗ କଲେ । ଚିଠିଟି ଅନ୍ୟ ଏକ ଭାଷାରେ ଲେଖାଥିବାରୁ କଲେକ୍ଟର କିଛି ବୁଝି ପାରି ନଥିଲେ ଓ ନ ବୁଝି ଦସ୍ତଖତ କରିଥିଲେ । ତେଣୁ ମୁଁ ସାଙ୍ଗେ ସାଙ୍ଗେ କଲେକ୍ଟରଙ୍କୁ ଲେଖିଲି ଯେ ତାଙ୍କର ଅନୁମୋଦନ ମାନେ ମୋ ବିରୁଦ୍ଧରେ ଅଭିଯୋଗ । ମୁଁ ସଂପୃକ୍ତ ଶବ୍ଦ ଗୁଡ଼ିକ ଇଂରେଜୀ ଅନୁବାଦ କଲି । ଏଥି ସହିତ ପୁଣି ଲେଖିଲି ଯେ ଯଦି ତାଙ୍କର ମୋ ବିରୁଦ୍ଧରେ ଅଭିଯୋଗ ସପକ୍ଷରେ କୌଣସି ଉପାଦାନ ଥାଏ ତେବେ ମୋତେ ଜଣାଇବା ଉଚିତ ସୁତରାଂ ମୁଁ ତାର ଜବାବ ଦେଇ ପାରିବି । ଯଦି କୌଣସି ଉପାଦାନ ନ ଥାଏ ତେବେ ଅଭିଯୋଗ ପ୍ରତ୍ୟାହାର କରାଯିବା ଉଚିତ ହେବ । ଇଂରେଜୀରେ ମୋ ନୋଟ ପଢ଼ି କଲେକ୍ଟର ସମସ୍ତ ବିଷୟ ବୁଝି ପାରିଲେ ଓ ମୋ ବିରୁଦ୍ଧରେ ନୋଟ ଲେଖକଙ୍କ ଉପରେ ରାଗିଲେ । ସେ ଆଦେଶ ଦେଲେ ତାଙ୍କ ପାଖକୁ ପଠାଯାଉଥିବା ସମସ୍ତ ନୋଟ ଇଂରେଜୀ ଭାଷାରେ ଲେଖା ହେବା ଉଚିତ । ମୋ ନୋଟ୍‌ର ଜବାବ ଦେବା ପରିବର୍ତ୍ତେ ସେ ଫାଇଲରୁ ସେ ଚିଠି କାଢ଼ି ଦେଲେ ସୁତରାଂ ମୋ ବିରୁଦ୍ଧରେ ବା ତାଙ୍କ ବିରୁଦ୍ଧରେ ବା କାହାରି ବିରୁଦ୍ଧରେ କୌଣସି ଲିଖିତ ବିବରଣୀ ରହିଲା ନାହିଁ । ମୁଁ ଏହା ଜାଣିବା ପରେ ମୋର ଅଭିଯୋଗ କରିବାର ଅବକାଶ ରହିଲା ନାହିଁ । ଏ ଘଟଣା ପରେ କଲେକ୍ଟରଙ୍କ ଅଫିସରୁ ମୋ ପାଖକୁ ଯେଉଁ କାଗଜପତ୍ର ଆସିଲା ତାହା ଅତ୍ୟନ୍ତ ଭଦ୍ରଭାଷାରେ ଲେଖାଯାଇଥିଲା ।

ଥାନାର ଜଳବାୟୁ ଖୁବ୍ ଭଲ ନ ଥିଲା । ମ୍ୟାଲେରିଆ ବ୍ୟାପକ ହେଉଥାଏ । ମୋତେ ମୋ ଅଧୀନରେ ଥିବା ଗ୍ରାମ ମାନଙ୍କୁ ଜଙ୍ଗଲ ରାସ୍ତା ଦେଇ ଯିବାକୁ ପଡୁଥିଲା । ଜଙ୍ଗଲ ଜାଗାରେ କ୍ୟାମ୍ପକରି ରହିବାକୁ ପଡୁଥିଲା । ସେ ସମୟରେ ଥାନାରେ ଅଟାର ଦୈନିକ ପ୍ରଚଳନ ନ ଥିଲା କାରଣ ସେଠାରେ ଖାଲି ଧାନ ଚାଷ ହେଉଥିଲା । ଆଜି ମଧ୍ୟ ସେଇ ଅବସ୍ଥା । ସେତେବେଳେ ପ୍ରଧାନ ଖାଦ୍ୟ ଥିଲା ଭାତ, ଚାଉଳ୍ ଚୁନାରେ ରୁଟି କରୁଥିଲେ । ମୋତେ ଏହା ନୂଆ ଲାଗିଲା । ମୁଁ କିନ୍ତୁ ଅଭ୍ୟସ୍ତ ହୋଇଗଲି । ସେ ସମୟରେ ସେ ଜାଗାରେ ବହୁତ ଡକାୟତ ଥିଲେ । ମୋ ପାଖରେ ମୁଁ ପିସ୍ତଲଟିଏ ରଖିଥିଲି କାରଣ ଅନେକ ସମୟରେ ମୋତେ ଘୋଡ଼ାରେ ଏକା ଘନଜଙ୍ଗଲ ଭିତରକୁ ଯିବାକୁ ପଡୁଥିଲା । ମୁଁ କୌଣସି ଡକାୟତର ମୁହାଁ ମୁହିଁ କେବେ ହୋଇ ନାହିଁ । ପିସ୍ତଲ ବ୍ୟବହାର କରିବାର ଦୁର୍ଯୋଗ ମୋର ଆସିନଥିଲା ।

ଥାନା ଜିଲ୍ଲାରେ ଖୁବ୍ ଚାଲାଖ ଚୋର ଥିଲେ । ଥରେ ଶାହାପୁରରେ କ୍ୟାମ୍ପ୍ କରୁଥିବା ବେଳେ ଚୋରମାନେ ମୋ ତମ୍ବୁ ଭିତରେ ପଶି ମୋର ଗୋପନୀୟ ବାକ୍ସ ଓ ଗୋଟିଏ ପିତଳ ବାକ୍ସ ନେଇଗଲେ । ପିତଳ

Digitized by srujanika@gmail.com

ବାକ୍ସରେ ମୁଁ ଖାଇବା ଜିନିଷ ଓ ପକେଟରୁ କାଢ଼ି ସୁନା ଘଡି ରଖୁଥିଲି । ଚୋରମାନେ ଖାଇବା ଜିନିଷ ଖାଇ ବାକ୍ସକୁ କିଛି ଦୂରରେ ଛାଡି ପଳାଇ ଯାଇଥିଲେ । ବାକ୍ସ ଖୋଲି ଖାଲି କାଗଜ ଦେଖି ତାକୁ ସେଇଠି ଛାଡ଼ିଦେଇ ପଳାଇ ଥିଲେ । କାଗଜ ଭିତରେ ମୁଁ କିଛି ନୋଟ ରଖିଥିଲି । ଚୋରମାନେ ତାକୁ ଦେଖି ନଥିଲେ । ସକାଳେ ପୋଲିସକୁ ଜଣାଇଲି କିନ୍ତୁ ଚୋରମାନେ ଧରା ପଡ଼ିଲେ ନାହିଁ । ମୋର ସୁନା ଘଡି ହରାଇଲି ।

କଲ୍ୟାଣ ଡାକ ବଙ୍ଗଳାରେ ସେତେବେଳେ ରୀତିମତ ଚୋରି ହେଉଥିଲା । ସେଠାରେ ଯେ ରହୁଥିଲା ତା'ର ନିଶ୍ଚୟ ଚୋରି ଯାଉଥିଲା । ମୁଁ ଥରେ ମୁରବାଦରେ ଥିଲି ଓ ମୋ ସାଙ୍ଗରେ ଥିଲେ ଶ୍ରୀ ଚିମନଲାଲ ଦଲପତରାମ କବି । ସେ ବି ଟୁରରେ ଥିଲେ ଓ ସେଠାରେ କ୍ୟାମ୍ପ ପକାଇଥିଲେ । ଚିମନଭାଇ ଯେ ସେ ଗତ କୋଡିଏ ବର୍ଷ ଧରି ଟୁର କରୁଥାନ୍ତି କିନ୍ତୁ ତାଙ୍କର ଥରେ ମାତ୍ର କିଛି ଚୋରି ଯାଇ ନାହିଁ । ବୋଧହୁଏ ଏଇ କଥାର ଜବାବରେ ଚୋରଟିଏ କବାଟ ନଖୋଲି ଝରକାବାଟେ ବଡ଼ କାଇଦାରେ ତାଙ୍କ ଲୁଗାପଟା ନେଇ ଯାଇଥିଲା । ତା' ପାଖ ରୁମରେ ଡିଷ୍ଟ୍ରିକ୍ଟ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ (ଡି.ଏସ୍.ପି) ରହୁଥିଲେ । ଚୋରର କିନ୍ତୁ ଟିକିଏ ଡର ନଥିଲା । ଧରା ବି ପଡିଲା ନାହିଁ । ଆହୁରି ମଜାଦାର ଚୋରି ଡି.ଏସ୍.ପି.ଙ୍କ ରୁମରୁ ହୋଇଥିଲା । ଡି.ଏସ୍.ପି. ତକିଆ ତଳେ ପିସ୍ତଲ ରଖି ଡାକ ବଙ୍ଗଳାରେ ଶୋଇଥିଲେ । ଚୋର ପିସ୍ତଲଟି ନେଇଗଲା । ଚୋର ତାଙ୍କ ମୁଣ୍ଡ ପାଖରେ ବୋଧହୁଏ ଅଧଘଣ୍ଟା ବସିଛି, ଡି.ଏସ୍.ପି. କର ଲେଉଟାଇଲା ପରେ ଆସ୍ତେ କରି ପିସ୍ତଲଟି କାଢ଼ି ନେଇଛି । ପରେ ଚୋର ଧରା ହେଲା ଓ କିପରି ଚୋରି କରିଥିଲା ପୂରା ବିବରଣୀ ଦେଇଥିଲା ।

ମୁଁ ଥାନା ଜିଲାରେ ଥିବା ସମୟରେ ପାହାଡ ଚଢ଼ିବା ମୋର ହବି ହୋଇଗଲା । ମୁଁ ଜିଲା ଓ ପାଖ ଅଞ୍ଚଳରେ ପାହାଡ ଚଢୁଥିଲି । ଦିନକୁ ୧୫/୨୦ ମାଇଲ ଚାଲିବା ମୋ ପକ୍ଷେ ସାଧାରଣ କଥା ଥିଲା । ମୁଁ ଘୋଡ଼ା ଚଢ଼ି ଦିନକୁ ଚାଳିଶ ପଚାଶ ମାଇଲ ଦ୍ରୁତ ଗତିରେ ଯାଇପାରୁଥିଲି ।

ପାହାଡ ଚଢ଼ିବା ଅବସରକାଳୀନ କାମ ମୋତେ ଥରେ ବିପଦରେ ପକାଇଥିଲା । ମୁରବାଦ ତାଲୁକାର ସୀମାରେଖାକୁ ପୂନା ଜିଲା ଲାଗିଥିଲା । ନାନା ଘାଟି ପାରି ହେଲେ ଜଣେ ପୂନା ଜିଲାରେ ପହଞ୍ଚିବ । ସେଥିପାଇଁ ଦୁଇହଜାର ଫୁଟ ଚଢ଼ିବାକୁ ହେବ । କିଛି ମାଇଲ ଛାଡି ହରିଶ୍ଚନ୍ଦ୍ର ନାମକ ଆହୁରି ଉଚ୍ଚ ପାହାଡ଼ଟିଏ ଅଛି । ତା ଉଚ୍ଚତା ୩୫୦୦ଫୁଟ । ମୁଁ ଦିନେ ନାନାଘାଟ ଓ ତା' ପରଦିନ ହରିଶ୍ଚନ୍ଦ୍ର ଘାଟ ଚଢ଼ିବାର ଯୋଜନା କଲି । ମୋ କ୍ୟାମ୍ପ ଠାରୁ ନାନାଘାଟ ଛଅ ମାଇଲ ଦୂର । ମୁଁ ଘୋଡ଼ାରେ ଚଢ଼ି ପ୍ରାୟ ସକାଳ ୫.୩୦ରେ ନାନାଘାଟ ପାଦ ଦେଶରେ ପହଞ୍ଚିଲି । ସାତଟା ସୁଦ୍ଧା ମୁଁ ନାନାଘାଟ ପାରିହୋଇ ପୂନା ଜିଲା ସୀମାରେ ପହଞ୍ଚିଗଲି । ହରିଶ୍ଚନ୍ଦ୍ର ପାଖରେ ଦେଖାଯାଉଥିଲା । ମୋ ଆଦିବାସୀ ଗାଇଡକୁ ପଚାରିଲି "ମୁଁ ହରିଶ୍ଚନ୍ଦ୍ର ଘାଟକୁ ଯାଇ ସଂଧ୍ୟା ସୁଦ୍ଧା ଫେରି ଆସିପାରିବି ତ ?" ସେ କହିଲେ "ଏ ବେଶୀ ଦୂର ନୁହେଁ, ଆପଣ ସଂଧ୍ୟା ସୁଦ୍ଧା ଫେରି ଆସି ପାରିବେ ।" ସେତେବେଳେ ମୋର ବୟସ ଥିଲା ୨୫ । ମୋର ଏ ବିଷୟରେ ଅଭିଜ୍ଞତା ନ ଥିଲା । ଯୌବନର ବେପରବାୟ ପଣିଆ ଗୁଣ ମା ଭିତରେ ଥିଲା । ମୁଁ ବେଶୀ ଚିନ୍ତା ନ କରି ମୋ ଲୋକମାନଙ୍କୁ କହିଲି "ତୁମ୍ଭେମାନେ ତମ୍ବୁ ଓ ଘୋଡ଼ା ନେଇ ସେଇ ପର୍ବତ ପାଦଦେଶକୁ ଯାଅ । ମୁଁ ହରିଶ୍ଚନ୍ଦ୍ର ପାହାଡ଼ ଚଢ଼ି ସଂଧ୍ୟା ବେଳକୁ ଫେରିବି ।" ମୁଁ ଏକାଦିନକେ ଏପରି ଦୁଃସାହସିକ ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ନେଇଛି ଯଦ୍ୱାରା ମୁଁ ପ୍ରାୟ ୨୦୦୦ ଫୁଟ କମ୍ ପାହାଡ଼ ଚଢ଼ିବି ।

ମୁଁ ଆଉ ପାହାଡ ଚଢ଼ିବାକୁ ଆରମ୍ଭ କଲି । ମୋର ଦୁଇଜଣ ଗାଇଡ୍ ଥାଆନ୍ତି । ମୋ ସାଙ୍ଗରେ ଖାଇବା ଓ ପିଇବା ପାଇଁ କିଛି ନେଇ ନ ଥିଲି । ଦ୍ୱିପହର ଅଢ଼େଇଟା ବେଳେ ଆମେ ହରିଶ୍ଚନ୍ଦ୍ର ପାହାଡ଼ ଉପରେ ପହଞ୍ଚିଲୁ । ମୋତେ ଟିକିଏ ଥଣ୍ଡା ଧରିଥାଏ ଏବଂ ମୁଁ ବାଟ ଝରଣାରୁ ପାଣି ପିଇ କରି ଚାଲୁଥାଏ । ମୁଁ ହରିଶଚନ୍ଦ୍ର ପାହାଡ଼ ଉପରେ ପହଞ୍ଚିଲା ବେଳକୁ ମୋତେ ସାମାନ୍ୟ ଜରୁଆ ଜରୁଆ ଲାଗିଲା । ସେଠାରେ କେହି ନଥିଲେ କିନ୍ତୁ ଗୁମ୍ଫା

Digitized by srujanika@gmail.com

ଭିତରେ ପାଣି ଘେରରେ ଗୋଟିଏ ଶିବ ଲିଙ୍ଗ ଥିଲା । ଛୋଟିଆ ମନ୍ଦିରଟିଏ ଥିଲା । ଆମେ ସେଠାରେ ଘଣ୍ଟାଏ ପାଖାପାଖି ବିଶ୍ରାମ ନେଇ ତଳକୁ ଓହ୍ଲାଇଲୁ । ଆମକୁ ୩୫୦୦ ଫୁଟ ତଳକୁ ଆସିବାର ଥିଲା । ରାସ୍ତା ଭଲ ନଥିଲା ପଥର ଭର୍ତ୍ତି ହୋଇଥାଏ । ଓହ୍ଲାଇବାକୁ ମୋତେ ସାଢ଼େ ତିନିଘଣ୍ଟା ଲାଗିଲା । ପାହାଡ଼ କଡ଼ ରାସ୍ତାରେ ଓହ୍ଲାଇ ଆସିବାବେଳେ ମାଙ୍କଡମାନେ ପାହାଡ ଧାରରେ ବସି ଖଣ୍ଡେ ଖଣ୍ଡେ ପଥର ଆମ ଆଡକୁ ତଳକୁ ଖସାଉଥାନ୍ତି । ଆମମାନଙ୍କୁ, ସେଥିପ୍ରତି ଦୃଷ୍ଟି ଦେଇ, ସାବଧାନ ସହକାରେ ଦୂରେଇ ଦୂରେଇ ଚାଲିବାକୁ ପଡୁଥାଏ । ପାହାଡ ତଳେ ପହଞ୍ଚିଲା ବେଳକୁ ସାତଟା ବାଜିଗଲା । ମୋ ଲୋକମାନେ ତମ୍ବୁ, ରୋଷେୟା ଓ ଘୋଡା ସହିତ ସେଠାରେ ପହଞ୍ଚି ଯାଇଥିଲେ । ମୁଁ ପଚାଶ ମାଇଲ ଚାଲିଥିଲି ଏକ କଷ୍ଟକର ବ୍ୟାୟାମ । ମୋର ଖାଇବାକୁ ଇଛା ନ ଥିଲା । ମୁଁ ନ ଖାଇ ଶୋଇଲି । ଜର ଓ କ୍ଳାନ୍ତି ଯୋଗୁ ମୁଣ୍ଡ ବିନ୍ଧୁଥାଏ ।

ପରଦିନ ମଧ ଜ୍ୱର କମିଲା ନାହିଁ ଏବଂ କଷ୍ଟରେ ମୁଣ୍ଡ ଫାଟି ଯାଉଥାଏ । ଏ ଜାଗାରୁ ମୋ କ୍ୟାମ୍ପ ବାର ମାଇଲ ଦୂରରେ । ଘୋଡ଼ା ଉପରେ ବା ପାଦରେ ଯିବା ଛଡା ଉପାୟ ନ ଥିଲା । ଚାଲିବା ମୋ ପକ୍ଷରେ ଆଦୌ ସମ୍ଭବ ନ ଥିଲା । ପାଖରେ ମାତ୍ର ଗୋଟିଏ ଘୋଡା ମୁଁ ସେ ଘୋଡ଼ାରେ ଗଲେ ଅନ୍ୟକେହି ମୋ ସାଙ୍ଗରେ ଯାଇପାରିବେ ନାହିଁ । ଚାଲିକରି ଯିବା ମୋ ପକ୍ଷରେ ଆଦୌ ସମ୍ଭବ ନ ଥିଲା । ତେଣୁ ମୁଁ କ୍ୟାମ୍ପକୁ ଘୋଡ଼ାଚଢ଼ି ଗଲି । ପରେ ମୁଁ ଅନୁଭବ କଲି ଯେ ଏହା ମୋର ଭୁଲ ଥିଲା । ଯେତେବେଳେ କ୍ୟାମ୍ପରେ ପହଞ୍ଚିଲି ମୁଁ ପୂରାପୂରି ହାଲିଆ ହୋଇଯାଇଥିଲି । ଘୋଡ଼ାର ଗତି ମୋର କ୍ଳାନ୍ତି ବଢ଼ାଇ ଦେଇଥିଲା । ମୋ ଚାକର ମାନେ ଡରିଗଲେ । ପାଖରେ କୌଣସି ଡାକ୍ତର ନଥିଲେ । ମୁଁ ପ୍ରାକୃତିକ ଚିକିତ୍ସାରେ ବିଶ୍ୱାସ କରୁଥିଲି । ତେଣୁ ଡାକ୍ତରଙ୍କର ଦରକାର ନ ଥିଲା । ମୋ ଦେହ ମାଲିସ କରି ଗରମ ପାଣିରେ ଗାଧୋଇଲି, ମୋତେ ବେଶ୍ ଆଶ୍ୱସ୍ତ ଲାଗିଲା । ଦୁର୍ବଳତା ପାଞ୍ଚ ସାତ ଦିନ ଯାଏ ରହିଲା । ମୁଁ କିନ୍ତୁ ପରଦିନଠାରୁ ମୋ କାମ ନିୟମିତ ଭାବେ କଲି ।

ପୂନାଜିଲା ପରିସର ମଧରେ ଭୀମଶଙ୍କର ନାମରେ ଆଉ ଗୋଟିଏ ପାହାଡ ଅଛି । ସେଇନାମରେ ପାହାଡ ଉପରେ ଗୋଟିଏ ମନ୍ଦିର ଅଛି । ବର୍ଷକୁ ଥରେ ଲୋକମାନେ ତୀର୍ଥ ଦର୍ଶନ ପାଇଁ ସେଠାକୁ ଯାଆନ୍ତି । ମୁଁ ସେ ପାହାଡ ଦୁଇଥର ଚଢ଼ିଛି । ମୁଁ ଉପରକୁ ଚଢ଼ିବା ବେଳେ ବମ୍ବେରୁ ଜଣେ ଆତ୍ମୀୟ ମୋ ସାଙ୍ଗରେ ଥିଲେ । ଏତେ ଉଚ୍ଚକୁ ଚଢ଼ିବା ତାଙ୍କ ପକ୍ଷରେ ସହଜ ନଥିଲା । ମୁଁ କିନ୍ତୁ ତାଙ୍କୁ ମୋ ସାଙ୍ଗରେ ଯିବାକୁ ମଙ୍ଗେଇ ନେଲି । ଫେରିବାପରେ ସେ ଏତେ କ୍ଳାନ୍ତ ହୋଇ ଯାଇଥିଲେ ଯେ ଆରୋଗ୍ୟ ହେବାପାଇଁ ସେ ପନ୍ଦରଦିନ ଛୁଟି ନେଇଥିଲେ ।

୧୯୨୧ରେ ଯେତେବେଳେ ମହାତ୍ମାଗାନ୍ଧି ଅହିଂସା ଆନ୍ଦୋଳନ ଆରମ୍ଭ କଲେ ମୋ ମନରେ ଟିକିଏ ଜାଗରଣ ଉଠିଥିଲା । ମୋ ଉପରେ ମୋ ଭାଇମାନଙ୍କର କଲେଜ ଶିକ୍ଷା ଓ ଦୁଇ ତିନିବର୍ଷ ମଧରେ ଗୋଟିଏ ଭଉଣୀ ବିବାହ ଦାୟିତ୍ୱ ଥିଲା । ସେତେବେଳେ ଏ କାର୍ଯ୍ୟ ଗୁଡିକ ମୋର ମୁଖ୍ୟ ଦାୟିତ୍ୱ ବୋଲି ମୁଁ ଧରି ନେଇଥିଲି । ଫଳତଃ ସ୍ୱାଧୀନତା ସଂଗ୍ରାମ ମୋ ମନକୁ ଟିକିଏ ଛୁଇଁ ଥିଲା କିନ୍ତୁ ମୋତେ ସେତେବେଳେ ବିଚଳିତ କରିନଥିଲା ।

ଏହି ସମୟରେ ମୁଁ ମୁରବାଦ ତାଲୁକାର ଦୂର ଗାଁ ସବୁ ଗସ୍ତ କରୁଥିବା ବେଳେ ବମ୍ବେରେ ଏଲଫିନ ଷ୍ଟୋନ୍ କଲେଜରେ ପଢୁଥିବା ମୋ ସାନଭାଇ ଠାରୁ ଖଣ୍ଡେ ଚିଠି ପାଇଲି । ସେ ବିଶେଷ ଭାବପ୍ରବଣ ହୋଇ ଲେଖିଥିଲା ଯେ ମହାତ୍ମା ଗାନ୍ଧିଙ୍କ ଆନ୍ଦୋଳନ ତା ଉପରେ ତୀବ୍ର ପ୍ରଭାବ ପକାଇଛି ଏବଂ ସେଥିଯୋଗୁ ପଢ଼ିବା ତା ପକ୍ଷରେ ଅସମ୍ଭବ ହେଉଛି । ତେଣୁ କଲେଜ ଛାଡିବା ପାଇଁ ମୋ ଅନୁମତି ମାଗିଥିଲା । ଆନ୍ଦୋଳନ ପାଇଁ ସେ ଏତେ ଗଭୀର ଭାବେ ପ୍ରଭାବିତ ହୋଇ ଥିଲେ ମଧ, ମୋ ପ୍ରତି ସମ୍ମାନ ତା' ଠାରୁ ବେଶୀ ହୋଇଥିବାରୁ ମୋ ବିନା ଅନୁମତିରେ କଲେଜ ଛାଡିବାକୁ ସେ ପ୍ରସ୍ତୁତ ନ ଥିଲା । ମୁଁ ଜବାବ ଦେଲି ''ବର୍ତ୍ତମାନ ମୁଁ ଚାକିରି ଛାଡିବାକୁ ଚିନ୍ତା କରୁନାହିଁ, ବରଂ ଚିନ୍ତା କରୁଛି ଯେ ଏଇ ଘଡିସନ୍ଧି ବେଳେ ମୁଁ ସରକାରୀ ଚାକିରିରେ ରହିବି ।

Digitized by srujanika@gmail.com

ତୁମେ ଯଦି ଆନ୍ଦୋଳନରେ ଯୋଗ ଦେବାକୁ ଚାହଁ ତାହା କରିବାର ସ୍ୱାଧୀନତା ତୁମର ଅଛି । ମୁଁ ତୁମକୁ ବାରଣ କରିବି ନାହିଁ । କିନ୍ତୁ ଆନ୍ଦୋଳନରେ ଯୋଗ ଦେଲେ ମୁଁ ତୁମକୁ ଅର୍ଥ ଦେଇପାରିବି ନାହିଁ କାରଣ ତୁମେ ଯେଉଁ ସରକାର ବିରୁଦ୍ଧରେ ଆନ୍ଦୋଳନ କରିବ ମୁଁ ସେଇ ସରକାରଙ୍କ ପାଖରେ କାମ କରୁଛି । ତେଣୁ ତୁମେ ଇଚ୍ଛାକଲେ କଲେଜ ଛାଡି ପାର କିନ୍ତୁ କୌଣସି ଆର୍ଥିକ ସାହାଯ୍ୟ ମୋଠାରୁ ଆଶା କରିବ ନାହିଁ ।'' ମୋର ଉପଦେଶ ଥିଲା ଯେ ସେ ଅନ୍ତତଃ ପ୍ରସ୍ତୁତ କରୁଥିବା ପ୍ରଥମ ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଉଚିତ ।

ମୁଁ ଜାନୁୟାରୀରେ ତା' ଠାରୁ ଜବାବ ପାଇଲି । ଅସହଯୋଗ ଆନ୍ଦୋଳନରେ ଯୋଗଦେବା ପାଇଁ ମୁଁ ତାକୁ ମନା କରି ନଥିଲି, କିନ୍ତୁ ସେ ମୋ ଉପଦେଶ ଗ୍ରହଣ କରି ଆନ୍ଦୋଳନରେ ଯୋଗ ନ ଦେଇ ପରୀକ୍ଷାରେ ପାଶ୍ କଲା । ମୁଁ ଦେଖିଲି ଯେ ସେ ଅସହଯୋଗ ଆନ୍ଦୋଳନରେ ଏତେ ପ୍ରଭାବିତ ଯେ ସରକାରୀ କଲେଜରେ ପଢ଼ିବା ତା ପକ୍ଷରେ ଅସମ୍ଭବ । ତା' ସହିତ କଥାବାର୍ତ୍ତା ହୋଇ ମୁଁ ତାକୁ ପଢ଼ା ବନ୍ଦ କରିବାକୁ ଉପଦେଶ ଦେଲି ଓ ବମ୍ବେରେ ଗୋଟିଏ ଲୁଗାକଳରେ ଉଇଭିଂ ମାଷ୍ଟର ପ୍ରଶିକ୍ଷଣରେ ଦାଖଲ କରାଇ ଦେଲି । ସେ ମିଲ୍‌ରେ ଉଇଭିଂ ମାଷ୍ଟର ମୋର ବନ୍ଧୁ ଥିଲେ, ସେ ମୋ ଭାଇକୁ କାମ ଶିଖାଇବାକୁ ରାଜିହେଲେ । ତେଣୁ ସେ ବିନା ଦରମାରେ ଆପ୍ରେଣ୍ଟିସ ଭାବେ ଯୋଗ ଦେଲା । କଲେଜରେ ପଢ଼ିବା ବେଳେ ଯାହା ଅର୍ଥ ଲାଗୁଥିଲା ତାହା ହିଁ ଲାଗିଲା ।

୧୯୨୨ ଡିସେମ୍ବରରେ ମୁଁ ଥାନାରୁ ବରୁଚ୍‌କୁ ବଦଳି ହେଲି । ମୁଁ କଲ୍ୟାଣ ଛାଡିବାବେଳେ ଲୋକମାନେ ମୋତେ ସସ୍ନେହ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ । ମୁଁ ଆଜି ମଧ ମନେ ରଖିଛି । ଅନେକଙ୍କ ଆଖିରେ ଲୁହ ଦେଖି ମୋ ଲୁହ ଅଟକାଇବା କଷ୍ଟକର ହେଲା । ମୁଁ ଭାବିଲି ଟ୍ରେନ ଯେତେ ଶୀଘ୍ର ପାରେ ଛାଡ଼ନ୍ତା କି । ପୂର୍ବ ରାତିରେ ମୋ ସମ୍ମାନରେ ଗୋଟିଏ ସଙ୍ଗୀତ ମେଳା ହୋଇଥିଲା । ଲୋକମାନେ ମୋତେ ଅତ୍ୟନ୍ତ ବାଧ କରିବାରୁ ମୁଁ ସେଠାରେ ପୂରା ରାତି କଟାଇଲି । ରାତି ଅନିଦ୍ରା ହେବା ମୋ ପକ୍ଷରେ କଷ୍ଟକର ଥିଲା, କିନ୍ତୁ ସଙ୍ଗୀତ ଏତେ ମଧୁର ଓ ଉଚ୍ଚକୋଟୀର ଥିଲା ଯେ ମୁଁ ସାରାରାତି ବେଶ୍ ଉପଭୋଗ କଲି । ସଙ୍ଗୀତ ମେଳାରେ ଏତେ ଡେରିଯାଏ ବସିବା ମୋ ଜୀବନରେ ଏହା ପ୍ରଥମ ଓ ଶେଷ ଘଟଣା ।

କଲ୍ୟାଣରେ ଶ୍ରୀ ଗୋବିନ୍ଦ କର୍ଷଣଙ୍କ ପରିବାର ମୋତେ ଆକର୍ଷିତ କରିଥିଲା । ସୌରାଷ୍ଟ୍ରର ଏଇ ପରିବାରଟି ବହୁବର୍ଷ ହେଲା ଏଠାରେ ରହିଛନ୍ତି । ଶ୍ରୀ କର୍ଷଣ ନିଜେ ନିରକ୍ଷର, ସେ ଗୋଟିଏ ଇଟା ତିଆରି କାରଖାନା ବସାଇଥିଲେ । ଯୁଦ୍ଧ ସମୟରେ ସେ ବହୁତ କଷ୍ଟ କାମ କରି ବେଶ୍ ପଇସା ରୋଜଗାର କରିଥିଲେ । କାଞ୍ଜିଭାଇ ଓ କାବୁଭାଇ ତାଙ୍କର ଦୁଇ ପୁଅ । କିଛି ବର୍ଷ ପୂର୍ବେ କାବୁ ଭାଇ ସ୍ୱର୍ଗ ପ୍ରାପ୍ତ ହୋଇଛନ୍ତି, କାଞ୍ଜିଭାଇ ବଞ୍ଚିଛନ୍ତି । ଆଜିକାଲି ତାଙ୍କ ଆର୍ଥିକ ଅବସ୍ଥା ଭଲ ନାହିଁ । ସେ କଲ୍ୟାଣ ଛାଡିଯାଇ ମୁଲୁନ୍ଦରେ ରହୁଛନ୍ତି । ବୟସରେ କାଞ୍ଜିଭାଇ ମୋଠାରୁ ସାନ । ସେ ନିଜ ବ୍ୟବସାୟରେ ବେଶ୍ ଚାଲାଖ ଥିଲେ । ତାଙ୍କ ବ୍ୟବସାୟ ପ୍ରତି ବିଶେଷତଃ ମେକାନିକାଲ ବିଷୟରେ ବେଶ୍ ଆଗ୍ରହ ଥିଲା । କିନ୍ତୁ ସେ ତାଙ୍କ ପଢ଼ା ଶେଷ କରି ନଥିଲେ । ମୁଁ ମଟର ଗାଡି ଚଳାଇବା ତାଙ୍କଠାରୁ ଶିଖିଥିଲି । ସେ ମୋଠାରୁ ସରକାରୀ ଅଫିସର ହିସାବରେ କୌଣସି ବେନିୟମ ଅନୁଗ୍ରହ ମାଗି ନାହାନ୍ତି ଏବଂ ଆମେ ଭାରୀ ଭଲ ସାଙ୍ଗ ଥିଲୁ ।

ମୋର ଆଉ ଜଣେ ବନ୍ଧୁ ଏଡ୍‌ଉଇନ୍ ଆଲ୍‌ଭାରେସ୍, ସେ ମାଙ୍ଗାଲୋରର ରୋମାନ୍ କାଥଲିକ୍ । ମାଙ୍ଗାଲୋରରେ ଥିବା ନିଜ ପରିବାରର ଟାଇଲ୍‌ଫାକ୍ଟ୍ରି ଛାଡି ଅଧିକ ସ୍ୱାବଲମ୍ବୀ ହେବା ପାଇଁ ସେ କଲ୍ୟାଣରେ ରହୁଥିଲେ । ୮୦୦ ଟଙ୍କା ବେତନରେ ଗୋଟିଏ କାରଖାନାରେ କାମ କରୁଥିଲେ । ତାଙ୍କ ସ୍ତ୍ରୀ ଥିଲେ ସୁଶିକ୍ଷିତା, ଅତି ଭଦ୍ର, ଦୟାଳୁ, ପରିଶ୍ରମୀ ଓ ଘର କାମରେ ସର୍ବଦା ବ୍ୟସ୍ତ ରହୁଥିଲେ । ମୋର ଏ ପରିବାର ସହିତ ଘନିଷ୍ଠ ସମ୍ପର୍କ ଥିଲା । ଏ ଭଦ୍ରଲୋକ ପିଇବାକୁ ଭଲ ପାଉଥିଲେ ଆଉ ଖ୍ରୀଷ୍ଟିୟାନ ପରିବାରରେଏହା ବିରୁଦ୍ଧରେ ପ୍ରତିବନ୍ଧକ

Digitized by srujanika@gmail.com

ନ ଥିଲା । ସେ ନିଜେ ପିଇବା ଅପେକ୍ଷା ଅନ୍ୟଙ୍କୁ ପିଆଇବାରେ ଆନନ୍ଦ ପାଉଥିଲେ । ଦରମାର ଅଧା ଏଥିରେ ଯାଉଥିଲା, ତେଣୁ ପରିବାର ଉପରେ ଏହାର ପ୍ରଭାବ ପଡିଲା । ସେ ମୋତେ ଭଲ ପାଉଥିଲେ ଓ ମୁଁ ତାଙ୍କୁ ଅନେକ ସମୟରେ ମାଦକ ଦ୍ରବ୍ୟର ଖରାପ ପ୍ରଭାବ ବିଷୟରେ କହିଥଲି । ସେ ମୋତେ ଏତେ ଭଲ ପାଉଥିଲେ ଯେ ପ୍ରତିଜ୍ଞା କରି ସେ ପିଆ ଛାଡି ଦେଲେ । ତାଙ୍କ ସ୍ତ୍ରୀ ଓ ପରିବାର ମୋତେ ଗଭୀର ଧନ୍ୟବାଦ ଦେଲେ । ମୁଁ କଲ୍ୟାଣ ଛାଡି ବରୁଚ ଆସିବାବେଳେ ସେ ସେଠାରେ ଥିଲେ । କିନ୍ତୁ କିଛି ବର୍ଷ ପରେ ମାଙ୍ଗାଲୋର ଫେରି ଯାଇଥିଲେ । ମୁଁ ୧୯୨୯ ରେ ମାଙ୍ଗାଲୋରରେ ଥିବାବେଳେ ଦଶ ପନ୍ଦର ଦିନ ତାଙ୍କ ଘରେ ରହିଥିଲି । ସେ ମୋତେ ଅତ୍ୟନ୍ତ ଶ୍ରଦ୍ଧା ସହକାରେ ତାଙ୍କ ଘରେ ରଖିଥିଲେ । ୧୯୩୩-୧୯୩୪ ରେ ମୁଁ ଜେଲରେ ଥିବାବେଳେ ସେ ଇହଲୀଳା ତ୍ୟାଗ କରିଥିଲେ -- ମୁଁ ଖବର ପାଇଲି । ଆଜିଯାଏ ମୁଁ ତାଙ୍କ ପୁଅଝିଅଙ୍କ ସହିତ ସମ୍ପର୍କ ରଖିଛି ।

୧୯୨୧ରେ କଲ୍ୟାଣରେ ଭୀଷଣ ବର୍ଷା ହୋଇଥିଲା । ଚବିଶ ଘଣ୍ଟାମଧ୍ୟରେ କୋଡିଏ ଇଞ୍ଚ ବର୍ଷା ହେଲା । କଲ୍ୟାଣ ପାଖରେ ସମୁଦ୍ର ଖାଡିରେ ଦୁଇଟି ନଦୀ ଏକାଠି ହୋଇଛନ୍ତି, ସହରରେ ପାଣି ପଶିଗଲା । ରେଳ ଲାଇନ ଉପରେ ପାଣି ମାଡିଗଲା ଫଳରେ ଲୋକାଲ ଟ୍ରେନ କିଛି ଦିନ ପାଇଁ ବନ୍ଦ ହୋଇଗଲା । ମୁଁ ମୋ ଘର ପ୍ରଥମ ମହଲାରେ ରହୁଥିଲି । ତଳ ମହଲାରେ ମୋ ଅଫିସ ଥିଲା । ବଢ଼ି ପାଣି କମ୍ପାଉଣ୍ଡ, ଏପରିକି ଘରେ ପଶିଗଲା । ପାଣି ଯେତେବେଳେ ଅଢ଼େଇ ଫୁଟ ହେଲା ମୁଁ ପ୍ରାୟ ମାଇଲିଏ ଦୂରରେ ରହୁଥିବା ଜଣେ ବନ୍ଧୁଙ୍କ ଘରକୁ ଗଲି । ପାଣି ବହୁତ ଲୋକଙ୍କ ଘରେ ପଶି ଯାଇଥିଲା ଓ ଅନେକ ପରିବାର ନିରୁପାୟ ହୋଇପଡିଥିଲେ । ମୁଁ ତାଙ୍କ ପାଇଁ ସାହାଯ୍ୟର ବନ୍ଦୋବସ୍ତ କଲି ଓ ପାଣି ଠିଆ ହୋଇଥିବା ସ୍ଥାନକୁ ବୋଟ୍ ପଠାଇଲି । ସମସ୍ତଙ୍କୁ ସାହାଯ୍ୟ ଦିଆଯାଇଥିଲା । ମୁଁ ବୋଟ୍‌ରେ ସହରର ଅନେକ ସ୍ଥାନ ବୁଲି କରି ଦେଖିଥଲି -- ସାହାଯ୍ୟ ସୁସଂଗଠିତଭାବେ ଦିଆଯାଇଥିଲା । ବଢ଼ିରେ ଜଣେ ହେଲେ କେହି ମରି ନ ଥିଲେ ଏବଂ ଅନ୍ଧାର ହେବା ଆଗରୁ ଅଟକି ଯାଇଥିବା ସମସ୍ତଙ୍କୁ ନିରାପଦ ସ୍ଥାନକୁ ନିଆଯାଇଥିଲା ।

Digitized by srujanika@gmail.com

(୬) ବରୁଚରେ ତାଲୁକା ଅଫିସର୍

ମୁଁ ଥାନାରୁ ଆସି ବରୁଚ ସବ୍‌ଡିଭିଜନରେ ଯୋଗ ଦେଲି । ଯାମ୍ବୁସର,ଭାଗ୍ରା ଓ ଅମୋଦ ୩ଟି ତାଲୁକା ଦାୟିତ୍ୱରେ ରହିଲି । ଏଠାରେ ୧୯୨୩ରୁ ୧୯୨୪ ପର୍ଯ୍ୟନ୍ତ ଥିଲି । ଅନେକ ଆଇନଜୀବିଙ୍କୁ ନେଇ ସେଠାରେ ଗୋଟିଏ ଆମୋଦ ପ୍ରମୋଦ କ୍ଲବ ଥିଲା । ଟେନିସ୍ ଓ ବ୍ରିଜ ଖେଳର ସୁବିଧା ଥିଲା । କେତେକ ସରକାରୀ ଅଫିସର କ୍ଲବକୁ ଆସୁଥିଲେ । ସେଠାରେ ଦୁଇଟା ଲୁଗା କଳ ଥିଲା । ଏଇ ମିଲ୍‌ରୁ ଦୁଇ ତିନିଜଣ ଇଂରେଜ ଲୋକ ମଧ୍ୟ କ୍ଲବକୁ ଆସୁଥିଲେ । ମୁଁ ଗସ୍ତରେ ନଥାଇ ବରୁଚରେ ଥିବା ବେଳେ ନିୟମିତ ଭାବେ କ୍ଲବକୁ ଯାଇ ଟେନିସ୍ ଓ ବ୍ରୀଜ ଖେଳୁଥିଲି । ମୁଁ ବାଜି ଲଗାଇ ଖେଳୁନଥିଲି । ତେଣୁ ମୋ ପାର୍ଟନର୍ ମୋ ପାଇଁ ବାଜି ଲାଗାଉଥିଲେ, ହାରିଲେ ଜିତିଲେ ସବୁ ତାଙ୍କର । କିନ୍ତୁ ମୁଁ ଖୁବ୍ କମ୍ ହାରୁଥିଲି ତେଣୁ ପ୍ରାୟ ସମସ୍ତେ ମୋ ପାର୍ଟନର ହୋଇ ଖେଳିବାକୁ ଖୁସି ହେଉଥିଲେ ।

ସେତିକିବେଳେ ମୁଁ ଜାଣିଲି ଯେ ସେଠାରେ କେତେକ ଦକ୍ଷ ଓକିଲ ଅଛନ୍ତି । ସେମାନଙ୍କ ମଧ୍ୟରେ ଜଣାଶୁଣା ଥିଲେ ଶ୍ରୀ ମଣିଲାଲ କରୁଣାକରମ୍ ଦେଶାଇ, ଶ୍ରୀ ହୀରାଲାଲ ଦୟାଭାଇ ଠାକୁର, ଶ୍ରୀ ଦିଙ୍କରରାଓ ନରହେରାମ ଦେଶାଇ । ମୁଁ ଶ୍ରୀ ମଣିଲାଲ କରୁଣାକରମ ଦେଶାଇ ଓ ଶ୍ରୀ ହୀରାଲାଲ ବନାମ ନାନୁଭାଇ ଠାକୁରଙ୍କ ନିକଟ ସମ୍ପର୍କରେ ଆସିଥିଲି । ଶ୍ରୀ ଦୀଙ୍କରରାଓ କ୍ଲବ ଯାଉ ନଥିଲେ । ଅନ୍ୟ ଦୁଇଜଣ କିନ୍ତୁ ନିୟମିତ ଭାବେ ଯାଉଥିଲେ । ସେମାନେ ଭଲ ଟେନିସ୍ ଓ ବ୍ରୀଜ ଖେଳୁଥିଲେ । ଶ୍ରୀ ମଣିଲାଲ କରୁଣାକରମ କେବଳ କ୍ରିମିନାଲ କେଶ୍ ଲଢୁଥିଲେ । ଅନ୍ୟ ଦୁଇଜଣ କ୍ରିମିନାଲ ଓ ସିଭିଲ କେଶ୍ ଲଢୁଥିଲେ । ଶ୍ରୀ ମଣିଲାଲ କରୁଣାକରମ ବଡ଼ ଦକ୍ଷ ଓକିଲ ଥିଲେ ଓ ତାଙ୍କର ଅନ୍ୟମାନଙ୍କ ଅପେକ୍ଷା ବେଶି ରୋଜଗାର ହେଉଥିଲା । ମୋର ମଧ୍ୟ ସେଇ ଧାରଣା ଥିଲା । ସେ ମାଜିଷ୍ଟ୍ରେଟ ବା ଜଜ୍‌ଙ୍କର ପ୍ରକୃତି, ସ୍ୱଭାବ ପ୍ରଥମେ ଅଧ୍ୟୟନ କରି ସେଇ ଅନୁସାରେ ସାବଧାନ ସହକାରେ ଯୁକ୍ତି କରି ମୋକଦ୍ଦମା ଜିତୁଥିଲେ । ତାଙ୍କ ସମ୍ବନ୍ଧରେ କୁହାଯାଉଥିଲା ଯେ ଅନ୍ୟମାନଙ୍କ ଉପରେ ପ୍ରଭାବ ବିସ୍ତାର କରିବାରେ ସେ ବହୁତ ଚତୁର ଥିଲେ । ସେ ପିଇବାକୁ ମଧ୍ୟ ଭଲ ପାଉଥିଲେ । କିନ୍ତୁ ମୁଁ କେବେ ସେ ପିଇବାର ଦେଖିନାହିଁ । ତେଣୁ ମୁଁ ଏଇ ସିଦ୍ଧାନ୍ତରେ ଉପନୀତ ହେଲି ଯେ ସେ ଅନ୍ୟମାନଙ୍କୁ ପିଆଇବା ପାଇଁ ନିଜେ ପିଇବାର ଛଳନା କରୁଥିଲେ ମାତ୍ର । ତାଙ୍କର ଏଇ ଛଳନା ପାଇଁ ତାଙ୍କ ପ୍ରତି ଗୋଟାଏ ବଡ ଭୁଲ ଧାରଣା ହୋଇଥିଲା ।

ଶ୍ରୀ ମଣିଲାଲ ଖୁବ୍ ଭଦ୍ର ଥିଲେ ଓ କାହାରି ସହିତ ଝଗଡା କରୁନଥିଲେ । ତାଙ୍କର ଇଂରେଜ ଲୋକମାନଙ୍କ ସହିତ ମଧ୍ୟ ଭଲ ସମ୍ପର୍କ ଥିଲା । ତେଣୁ ତାଙ୍କୁ ପିଇବାକୁ ବାଧ କଲେ ସେ ଗ୍ଲାସ ନେବେ କିନ୍ତୁ ଅନ୍ୟମାନଙ୍କ ଅଗୋଚରରେ ବାହାରେ ଢ଼ାଳିଦେବେ । ଇଂରେଜ ବନ୍ଧୁମାନେ ଜାଣୁଥିଲେ ସେ ପିଉଛନ୍ତି । କ୍ଲବ୍‌ରୁ ଆମେ ଟାଂଗାରେ ଘରକୁ ଫେରିବାବେଳେ ସେ ଟାଙ୍ଗା ଚାଳକ ସାଥିରେ ବସୁଥିଲେ । ସେ ପିଇଛନ୍ତି ବୋଲି ଛଳନା କରୁଥିଲେ ଓ ସେହିପରି କଥାବାର୍ତ୍ତା କରୁଥିଲେ । ସେ ଖୁବ୍ ହାସ୍ୟ ଉଦ୍ଦିପକ ବ୍ୟକ୍ତିଥିଲେ । ଘରକୁ ଚାଲିକରି ଯିବାବେଳେ ସେ ମଦୁଆଙ୍କ ଭଳି ଚାଲୁଥିଲେ । ମୋ ସହିତ କୌଣସି କେଶ୍ ବିଷୟ କଥା ହେଉ ନଥିଲେ । କେବେ ହେଲେ ମୋତେ ପ୍ରଭାବିତ କରିବାକୁ ଚେଷ୍ଟା କରିନଥିଲେ । ମୋ କୋର୍ଟରେ ସାଧାରଣତଃ ସେ କେବେ ଜିତୁ ନ ଥିଲେ । କିନ୍ତୁ ସେ ଥିଲେ ଜଣେ ସଚ୍ଚୋଟ ବନ୍ଧୁ, ମୁଁ ଚାକିରି ଛାଡିବା ବେଳେ ସେ ଭାରି ଦୁଃଖିତ ହେଲେ । ସେ ମୋତେ ଲେଖିଥିଲେ ଆର୍ଥିକ ଅସୁବିଧା ବେଳେ ମୁଁ ତାଙ୍କ ଉପରେ ନିର୍ଭର କରିପାରେ । ଉଦାରତା ପାଇଁ ମୁଁ ତାଙ୍କୁ ଧନ୍ୟବାଦ ଦେଇଥିଲି ଓ ତାଙ୍କଠାରୁ ଆର୍ଥିକ ସାହାଯ୍ୟ ଗ୍ରହଣ କରି ନ ଥିଲି । କେବଳ ମୋ ଭାଇମାନଙ୍କ ଛଡ଼ା ମୋତେ ଆଉ କେହି ଅର୍ଥ ଦେଉ ନଥିଲେ ।

Digitized by srujanika@gmail.com

ଅନେକ ସମୟରେ ଶ୍ରୀ ମଣିଲାଲ ବିପକ୍ଷ ଓକିଲଙ୍କୁ ନିଜର କୌଶଳ ପୂର୍ଣ୍ଣ ଯୁକ୍ତି ଓ ତର୍କରେ ବିଭ୍ରାନ୍ତ କରି ମୋକଦ୍ଦମା ଜିତିଯାଉଥିଲେ । ସେ ନୂଆ ବିଷୟ ଓ ଆଇନଗତ ପ୍ରସଂଗ ଉଠାଇବାରେ ଖୁବ୍ ଧୁରନ୍ଧର ଥିଲେ । ତାଙ୍କର ଗୋଟିଏ ଦୁର୍ବଳତା ଥଲା । ସେ ଝଗଡ଼ା କରୁଥିବା ଓକିଲଙ୍କ ପାଖରେ ହାର ମାନୁଥିଲେ । ସେ କୋର୍ଟରେ କେବେ କଳି କରୁ ନଥିଲେ । ସେ ଥରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଅଦାଲତରେ ଗୋଟିଏ ଅପିଲ କେଶ୍ ଲଢୁଥିଲେ ଏବଂ ଟିକିଏ ଦୂରରେ ଛିଡ଼ା ହୋଇ ଯୁକ୍ତି କରୁଥିଲେ । ଜିଲା ମାଜିଷ୍ଟ୍ରେଟ ତାଙ୍କୁ ଟିକିଏ ପାଖକୁ ଆସିବାକୁ କହିଲେ ଓ ସେ ପାଖକୁ ଆସିଲେ । ମାଜିଷ୍ଟ୍ରେଟ ତାଙ୍କୁ ପଚାରିଲେ ଆଉ କେତେ ସମୟ ସେ ଯୁକ୍ତି କରିବାକୁ ଚାହାନ୍ତି, ସେ ସାଙ୍ଗେ ସାଙ୍ଗେ ଚୁପ୍ ହୋଇ ଗଲେ । ଏପରି ବ୍ୟବହାର ଆତ୍ମସମ୍ମାନଜନକ ନୁହେଁ, କିନ୍ତୁ ସେ କେଶ୍ ଜିତିଲେ ।

ବରୁଚରେ ଗୋଟିଏ ଓକିଲ ଘରେ ଭଡ଼ାରେ ରହୁଥିଲି । ପାଖଘରେ ଓକିଲ ଜଣକ ରହୁଥିଲେ ଓ ମଝିରେ କବାଟଟିଏ ଥିଲା । ସେ ସମୟରେ ମୁଁ ଏକା ରହୁଥିଲି କାରଣ ମୋ ସ୍ତ୍ରୀ ତାଙ୍କ ବାପମା'ଙ୍କ ପାଖକୁ ଯାଇଥିଲେ । ମୋର ବଦଳି ହେଲେ ମୁଁ ପ୍ରାୟତଃ ମୋ ପରିବାରକୁ ଶ୍ୱଶୁର ଘରକୁ ପଠାଇ ଦେଉଥିଲି ତେଣୁ ସେମାନଙ୍କୁ କିଛି ଅସୁବିଧା ହେଉ ନଥିଲା । ନୂଆ ଜାଗାରେ ଥଇଥାନ ହେଲାପରେ ସେମାନଙ୍କୁ ଆଣୁଥିଲି ।

ଜମ୍ବୁସର ତାଲୁକାରେ ଭୋରା ଗୋଷ୍ଠିର କେତେ ଲୋକଙ୍କ ବିରୁଦ୍ଧରେ ଗୋଟାଏ କେଶ୍ ଥିଲା । ମୁଁ ଜାଣିବାକୁ ପାଇଲି ଯେ ମୋ ଘରର ଓକିଲ ମାଲିକ ମୋ ନାଁରେ କିଛି ଟଙ୍କା ନେଇଛନ୍ତି । ଲୋକମାନଙ୍କ ମଧ୍ୟରେ ମୋର ଖ୍ୟାତି ଥିଲା ଯେ ମୁଁ ଉତ୍କୋଚ ନେଉ ନ ଥିଲି କି ମୋତେ ପ୍ରଭାବିତ କରିବାକୁ କେହି ସାହସ କରୁନଥିଲେ । ତେଣୁ ଭୋରା ଗୋଷ୍ଠି ଲୋକମାନେ ଜିଦ୍ ଧରି କହିଲେ ଯେ ଓକିଲ ଜଣଙ୍କ ସେମାନଙ୍କ ଉପସ୍ଥିତିରେ ମୋତେ ଟଙ୍କା ଦେବେ ଓକିଲ ଜଣକ ବୁଦ୍ଧି କରି ମଝି କବାଟ ଦେଇ ମୋ ଘରକୁ ଆସିଲେ । ସେ ସେଠାରେ ଗୋଟିଏ ଯୁବତୀଙ୍କୁ ଆଗରୁ ଠିଆ କରାଇଥିଲେ । ଟଙ୍କା ତାଙ୍କୁ ଦେଇ ସେମାନଙ୍କୁ କହିଲେ ଯେ ଟଙ୍କା ତକ ମୋ ସ୍ତ୍ରୀଙ୍କୁ ଦେଇଛନ୍ତି । ମୁଁ ଶୁଣାଣୀ ବେଳେ ଯେତେବେଳେ ଏକଥା ଶୁଣିଲି ମୁଁ ଅଭିଯୁକ୍ତ ବ୍ୟକ୍ତିଙ୍କୁ କହିଲି "ମୁଁ ସେମିତିକା ଗୁଜବ ଶୁଣିଛି । ତୁମେ ଯଦି ସେଇ କାମ କରିଥାଅ ନିଶ୍ଚୟ ମୁଁ ତୁମ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିବି । ତେଣୁ ତୁମେ ଟଙ୍କା ଫେରାଇ ନିଅ ।" ଓକିଲଙ୍କ ଭାଇ ମୋର ଜଣେ ସାଙ୍ଗ । ମୁଁ ଓକିଲ, ତାଙ୍କ ଭାଇ ଓ ଆଉଜଣେ ଓକିଲଙ୍କୁ ମୋ ଅଫିସକୁ ଡାକିଲି । ତିନିଜଣଙ୍କ ଉପସ୍ଥିତିରେ ମୋ ଭଡାଘର ଓକିଲ ମାଲିକଙ୍କୁ ସବୁକଥା କହିଲି ଏବଂ ସାବଧାନ କରି ଦେଲି, ସେ ଯେପରି ଆଉ ଏଭଳି ପନ୍ଥା ଅବଲମ୍ବନ ନ କରନ୍ତି । ମୋର ଏପରି ପଦକ୍ଷେପ ନେବାର ଉଦ୍ଦେଶ୍ୟ ହେଲା ଯେ ସମସ୍ତେ ଘଟଣାଟା ଜାଣିଲେ ଓ ସେ ଓକିଲ ଜଣକ ଆଉ ଏପରି କର୍ମ କରିବେ ନାହିଁ । କୋର୍ଟରେ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ମୋ ପାଖରେ କିଛି ପ୍ରମାଣ ନଥିଲା । ଏହାପରେ ମୁଁ ସେ ଘର ଖାଲି କରି ଅନ୍ୟ ସ୍ଥାନକୁ ଗଲି । ଲୋକମାନେ ଏ ଘଟଣା ସମ୍ବନ୍ଧରେ ଜାଣିପାରିଲେ ଓ ସେମାନଙ୍କର ମୋ ଉପରେ ଭଲ ଧାରଣା ହେଲା ।

ବରୁଚ ଯିବାର ଦୁଇ ତିନିମାସ ପରେ ଶ୍ରୀ ଜୀଆଉଦ୍ଦିନ ଅହମଦ୍ ନାମକ ଜଣେ ପଞ୍ଜାବୀ ସେଠାରେ ଡି.ଏସ୍.ପି. ପଦରେ ଯୋଗ ଦେଲେ । ଆଇ.ସି.ଏସ୍. ଏବଂ ଆଇ.ପି.ଏସ୍. ଅଫିସର ମାନେ ସାଧାରଣତଃ ପ୍ରାଦେଶିକ ପ୍ରଶାସନିକ ଅଫିସରଙ୍କୁ ତାଙ୍କ ଠାରୁ ନିକୃଷ୍ଟ ବୋଲି ଭାବୁଥିଲେ । ଅଫିସରମାନେ ପରସ୍ପର ସହିତ ସାକ୍ଷାତ କରିବା ଅନୁମୋଦିତ ପ୍ରଥା । ଜଣେ ନୂଆ ଅଫିସର ସରକାରୀ ମୁଖ୍ୟ କାର୍ଯ୍ୟାଳୟକୁ ଆସିଲେ ସେ ସେଠାରେ ଥିବା ଅଫିସରଙ୍କ ସହିତ ସାକ୍ଷାତ କରନ୍ତି ଓ ପରେ ସେହି ଅଫିସରମାନେ ନୂଆ ଅଫିସରଙ୍କୁ ଫେରନ୍ତା ସାକ୍ଷାତ କରନ୍ତି । ମୋ ଚାକିରିର ପ୍ରଥମ ଅଳ୍ପ ବର୍ଷ ମଧ୍ୟରେ ମୁଁ ଦେଖିଛି ଯେ ସର୍ବ ଭାରତୀୟ କର୍ମଚାରୀ ଏବଂ ବିଶେଷତଃ ଆଇ.ସି.ଏସ୍. ଅଫିସରମାନେ ତାଙ୍କର ନିଜର ଗୋଷ୍ଠି ତିଆରି କରନ୍ତି । ସେମାନେ ପ୍ରାଦେଶିକ

Digitized by srujanika@gmail.com

ଅଫିସରଙ୍କୁ ସାକ୍ଷାତ କରନ୍ତି ନାହିଁ କି କେହି ସାଯାତ କଲେ ଫେରନ୍ତା ସାକ୍ଷାତ କରନ୍ତି ନାହିଁ । ମୁଁ ପ୍ରଥମରୁ ସ୍ଥିର କରିଥିଲି ଯେ ଯେଉଁମାନଙ୍କ ସହିତ ସମାନତା ନ ଥିବ ସେମାନଙ୍କ ସହିତ ସାମାଜିକ ସମ୍ପର୍କ ରଖିବି ନାହିଁ । ଶ୍ରୀ ଅହମଦ ବରୁଚ ଆସିବାର ଦୁଇ ତିନିମାସ ପର୍ଯ୍ୟନ୍ତ ମୁଁ ତାଙ୍କୁ ସାକ୍ଷାତ କରୁନଥିଲି । ଆମେ ଜଣକ ବିବାହ ଉତ୍ସବରେ ପରସ୍ପରକୁ ଭେଟିଲୁ ଏବଂ ମୁଁ ତାଙ୍କୁ କାହିଁକି ସାକ୍ଷାତ କରିନାହିଁ ବୋଲି ସେ ମୋତେ ପଚାରିଲେ । ମୁଁ ଜବାବରେ କହିଲି ଯେ ସେ ନୂଆ ଆସିଥିଲେ ତେଣୁ ସେ ମୋତେ ପ୍ରଥମେ ଦେଖାକରିବାର କଥା । ତାଙ୍କୁ ମୋ ଉତ୍ତର ଭଲ ଲାଗିଲା ନାହିଁ । ତାପରେ ଦୁଇ ତିନିଟି କେଶ୍‌ରେ ମୁଁ ସମ୍ପୃକ୍ତ ପୋଲିସ ଅଫିସରଙ୍କର କୈଫୟତ ମାଗିଥିଲି କାରଣ କେଶ୍‌ରେ ସେମାନଙ୍କର ଭୁଲ ଥିଲା । ଶ୍ରୀ ଅହମଦଙ୍କୁ ଏ କଥା ବି ଭଲ ଲାଗିଲା ନାହିଁ; କିନ୍ତୁ ମୁଁ ଠିକ୍ ଥିବାରୁ ସେ କିଛି କରିପାରିଲେ ନାହିଁ ।

କିଛି ମାସପରେ ଜିଲା କଲେକ୍ଟର ଶ୍ରୀ କୋଏନ୍ ଅବସର ପ୍ରସ୍ତୁତ ଛୁଟିରେ ଯାଉଥିଲେ । ତାଙ୍କ ସମ୍ମାନାର୍ଥେ ଜିମଖାନାରେ ଗୋଟିଏ ପାର୍ଟି ବନ୍ଦୋବସ୍ତ କରାଯାଉଥିଲା । ଶ୍ରୀ ଅହମଦ ଓ ଦୁଇ ତିନିଜଣ ଓକିଲ ବସିଥିବା ଟେବ୍‌ଲ ପାଖରେ ମୁଁ ବସିଥିଲି । ଶ୍ରୀ ଅହମଦ ପରୋକ୍ଷ ଭାବରେ ସୂଚନା ଦେଲେ ଯେ ପୋଲିସ ମାନଙ୍କର କ୍ଷମତା ବହୁ ବ୍ୟାପକ । ଏ କଥା ମୋତେ କୁହାଯାଉଥିଲା ଓ କେତେକ ଦୃଷ୍ଟିରୁ ମୋ ପାଇଁ ଏକ ଧମକ ଥିଲା । ତେଣୁ ମୁଁ ସାଙ୍ଗେ ସାଙ୍ଗେ ଜବାବ ଦେଲି ଯେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟଙ୍କ କ୍ଷମତା ପୋଲିସ ଅଫିସରଙ୍କ କ୍ଷମତା ଠାରୁ ବେଶି । ପୋଲିସ ଯେକୌଣସି ବ୍ୟକ୍ତିକୁ ଆରେଷ୍ଟ କରିପାରେ କିନ୍ତୁ ମାଜିଷ୍ଟ୍ରେଟଙ୍କ ବିନାନୁମତିରେ ଚବିଶ ଘଣ୍ଟାରୁ ଅଧିକ ଅଟକ ରଖି ପାରିବ ନାହିଁ । ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ଅଟକ ରଖିବାର କାରଣ ପଚାରି ପାରିବେ ଏବଂ ଦୁଇବର୍ଷ ସଶ୍ରମ କାରାଦଣ୍ଡ ବି ଦେଇ ପାରିବେ । ଏଇ ଉତ୍ତରରୁ ଶ୍ରୀ ଅହମଦ ଜାଣିପାରିଲେ ଯେ ସେ ଯେତେ କୌଶଳ କଲେ ବି ଜିତି ପାରିବେ ନାହିଁ, ଫଳରେ କଳି ହିଁ ସାର ହେବ । ସେ ମୋ ଠାରୁ ବୟସରେ ଦଶ ପନ୍ଦର ବର୍ଷ ବଡ଼ ଥିଲେ ତେଣୁ କହିଲେ "ଆଚ୍ଛା ଯୁବକ ତୁମେ କାଳକ୍ରମେ ଥଣ୍ଡା ପଡିଯିବ ।" ମୁଁ ସାଙ୍ଗେ ସାଙ୍ଗେ ଜବାବ ଦେଲି, "ମୋ ପକ୍ଷରେ ଥଣ୍ଡା ପଡିବାର ଅବକାଶ ଆସିବ ନାହିଁ କାରଣ ମୋର ଓ ମୋର ପରିବାରର ବଡ ଲୋକ ଭଳି ଜୀବନ ଯାପନ କରିବାର ଆବଶ୍ୟକତା ନାହିଁ । ମୋର ପୂର୍ଣ୍ଣ ବିଶ୍ୱାସ, ମୁଁ ମୋ ପରିବାରଙ୍କୁ ପଚାଶ ଟଙ୍କା ମାସିକ ଆୟରେ ଚଳାଇ ପାରିବି । ମୁଁ ସୁନିଶ୍ଚିତ ଯେ ମୁଁ ତା'ଠାରୁ ଅଧିକ ରୋଜଗାର, ଯେ କୌଣସି ଜାଗାରେ, କରିପାରିବି ।" ଡି.ଏସ୍.ପି. ମୋ କଥାର ମର୍ମ ବୁଝିପାରି ମୋ ସହିତ ବଂଧୁ ହିସାବରେ କଥାବାର୍ତ୍ତା କଲେ । ସେ ଚାଲିଯିବା ପରେ ଓକିଲ ବଂଧୁମାନେ କହିଲେ, ଡି.ଏସ୍.ପି.ଙ୍କ ସହ ଏପରି କଥାବାର୍ତ୍ତା କଲେ ଆପଣ ଅସୁବିଧାରେ ପଡିବେ । ନାମଜାଦା ଓକିଲମାନେ ଭୟ କରୁଥିଲେ ଏବଂ ଅଫିସର ଅସନ୍ତୁଷ୍ଟ ହେବା ଭଳିଆ କଥା କହୁ ନଥିଲେ । ସେମାନେ ବରଂ ଚାହୁଁଥିଲେ ଅଫିସରଙ୍କୁ କେମିତି ଖୁସିକରିପାରିବେ । ଓକିଲ ବଂଧୁମାନଙ୍କୁ କହିଲି "ତୁମର ଏଥିରେ ବ୍ୟସ୍ତ ହେବା ଦରକାର ନାହିଁ । ଯଦି ଜଣେ ସାବଧାନତାର ସହିତ ନିଜ କାମ କରେ କେହି ତାକୁ ଅସୁବିଧାରେ ପକାଇ ପାରିବେନାହିଁ । ଆଉ ଯଦି କିଏ ତାର କ୍ଷତି କରିବାକୁ ଚେଷ୍ଟା କରେ ସେ ସେଥିପାଇଁ ବିବ୍ରତ ହୁଏ ନାହିଁ ।"

ଶ୍ରୀ କୋଏନ୍ ପ୍ରଶସିନକ ସେବାରେ ପ୍ରାୟ କୋଡିଏ ବର୍ଷ ଥିଲେ । ସେଥିରୁ ପାଞ୍ଚବର୍ଷ କଲେକ୍ଟର ଥିଲେ । ସେ ସଚ୍ଚୋଟ,ପରିଶ୍ରମୀ, ନିଷ୍ପାପର ଓ ସ୍ୱାଧୀନ ପ୍ରକୃତିର ଲୋକ ଥିଲେ । ଇଂରେଜୀ ଆଇ.ସି.ଏସ୍. ମାନଙ୍କ ମଧ୍ୟରେ ଗୋଟାଏ ଗୋଷ୍ଠିଗତ ସଦ୍‌ଭାବ ଥିଲା କିନ୍ତୁ ସ୍ୱାଧୀନ ମନୋଭାବ ଓ ସରଳ ବ୍ୟକ୍ତିଙ୍କୁ ସେଥିରେ ଅସୁବିଧା ହେଉଥିଲା । ଯୋଗ୍ୟତା ଓ ବରିଷ୍ଠତା ଦୃଷ୍ଟିରୁ ତାଙ୍କର ଯାହା ପ୍ରମୋଶନ ପାଇବାର ଥିଲା ସେଥିରେ ତାଙ୍କର ଆଶା ନ ଥିଲା । ତେଣୁ ସେ ଅବସର ନେବା ଅଭିପ୍ରାୟରେ ଲମ୍ବା ଛୁଟିରେ ଯାଉଥିଲେ । ମୋର ତାଙ୍କ ସହିତ ଭଲ ସମ୍ପର୍କ ଥିଲା । ସେ ଭଲ କାମକୁ ସ୍ୱୀକାର କରୁଥିଲେ ଓ ତାଙ୍କୁ ତାଙ୍କ ଭୁଲ ଦେଖାଇଲେ ଅପ୍ରସ୍ତୁତି ବୋଧ କରୁନଥିଲେ । ଥରେ ଦୁଇଥର ମୋର ଏ ଅଭିଜ୍ଞତା ହୋଇଛି ।

Digitized by srujanika@gmail.com

ବରୁଚରେ ମୋ କାମ ଏତେ କଷ୍ଟକର ନ ଥିଲା । ମୋଟା ମୋଟି ଦେଖିବାକୁ ଗଲେ ଅଫିସରେ ତିନିଘଣ୍ଟାରୁ ବେଶି କାମ ନ ଥିଲା । ଯେଉଁ କେତେକ ଦିନ କ୍ରିମିନାଲ କେଶ୍ ଦେଖିବାକୁ ଥାଏ, ସେଦିନ ଅଫିସରେ ପାଞ୍ଚଟା ସାଢ଼େ ପାଞ୍ଚଟା ପର୍ଯ୍ୟନ୍ତ ରହିବାକୁପଡେ । କିନ୍ତୁ ଅନ୍ୟ ଦିନ ମାନଙ୍କରେ ଅପରାହ୍ନ ଦୁଇଟା ସୁଦ୍ଧା ମୋ କାମ ସରିଯାଏ । ମୋତେ କଲେକ୍ଟରଙ୍କ ଅଫିସ୍ ବାଟରେ ଘରକୁ ଆସିବାକୁ ହେଉଥିଲା । ସେ ଜାଣୁଥିଲେ ମୁଁ ଘରକୁ ଜଲଦି ଆସୁଥିଲି କିନ୍ତୁ ସେ ମୋତେ କିଛି ପଚାରୁ ନଥିଲେ ।

ମୁଁ ବରୁଚରେ ଯୋଗ ଦେବା ବର୍ଷ ସେଠାରେ କମ୍ ବର୍ଷା ହୋଇଥିଲା, ଫଳରେ କେତେକ ସ୍ଥାନରେ ଫସଲ ଖରାପ ହୋଇଥିଲା । ଭୂମି କର ଆଦାୟ କରାଯିବ କି ନାହିଁ, ଆମକୁ ସ୍ଥିର କରିବାର ଥିଲା । ପାରମ୍ପରିକ ପ୍ରଥାନୁସାରେ ରେଭିନ୍ୟୁ ବିଭାଗ କ୍ଷୟ କ୍ଷତି ଟଙ୍କାରେ କେତେ ଅଣା ହୋଇଛି ସ୍ଥିର କରୁଥିଲେ । ସାଧାରଣ ଫସଲକୁ ବାର ଅଣା ଧରା ଯାଉଥିଲା, ଫସଲ ଚାରିଅଣା ଓ ଛଅ ଅଣା ମଧ୍ୟରେ ହୋଇଥିଲେ ଅଧା ରିହାତି ଦିଆଯାଉଥିଲା । ଫସଲ ଚାରିଅଣାକୁ କମ ହେଲେ ଭୂମିକର ଆଦାୟ କରାଯାଉ ନ ଥିଲା । ଏ ପ୍ରଥାରେ ଲୋକମାନେ ସନ୍ତୁଷ୍ଟ ନ ଥିଲେ । ତେଣୁ ମୋତେ ଗୋଟାଏ ହିସାବ ବାହାର କରିବାକୁ ପଡିଲା ଯେଉଁଥିରେ ଲୋକମାନେ ସନ୍ତୁଷ୍ଟ ରହିବେ ଓ ସରକାରଙ୍କ ଆୟ ଠିକ୍ ରହିବ ।

ବର୍ଷା ଠିକ୍ ନହୋଇଥିବା ସ୍ଥାନ ମାନଙ୍କୁ ମୁଁ ସେପ୍ଟେମ୍ବର ମାସରେ ଯାଉଥିଲି ପୁଣି ସେଇପରି ଗାଁ ମାନଙ୍କ ମଧ୍ୟରେ ମୁଖ୍ୟ ଗାଁକୁ ଅକ୍ଟୋବର ନଭେମ୍ବରରେ ଯାଇ କୃଷକ ମାନଙ୍କ ସହିତ ଫସଲ ବିଷୟରେ ଆଲୋଚନା କରୁଥିଲି । ମୁଁ ଚାଷ ଜାଗାକୁ ଯାଇ କେତେ ଫସଲ ହୋଇଛି ଅନୁମାନ ଲଗାଉଥିଲି । ମୁଁ କୃଷକ ମାନଙ୍କୁ ବୁଝାଉଥିଲି ଯେ, ସେମାନଙ୍କର ସ୍ୱାର୍ଥ ଦୃଷ୍ଟିରୁ ଖଜଣା ଆଦାୟକୁ ଆସନ୍ତା ବର୍ଷକୁ ସ୍ଥଗିତ ରଖିବା ଭଲ ହେବ ନାହିଁ କାରଣ ଆସନ୍ତା ବର୍ଷ ଖଜଣା ଦୁଇଗୁଣ ବଢ଼ିବାର ସମ୍ଭାବନା ଅଛି ଫଳରେ ଖଜଣା ବୋଝ ବଢ଼ିଯିବ । ତେଣୁ ଚାଲୁ ବର୍ଷରେ ଯେତେ ପାରନ୍ତି ସେତେ ଖଜଣା ଦେବା ଠିକ୍ ହେବ । ଏ କଥା ତାଙ୍କର ପସନ୍ଦ ହୁଏ ଓ ମୁଁ ସେମାନଙ୍କ ସହିତ ଗୋଟିଏ ବୁଝାମଣାରେ ପହଞ୍ଚେ । ସେମାନେ ମୋର ଫଇସଲାର ଅନୁମାନରେ କିଛି ଆପତ୍ତି କରୁନଥିଲେ ।

ସେଇ ବର୍ଷ ଫସଲ ଛଅ ଅଣା ହୋଇଥିଲା ବୋଲି ମୁଁ ସ୍ଥିର କଲି । କଲେକ୍ଟର ହିସାବ କଲେ ଆଠ ଅଣା । ଫଳରେ କଲେକ୍ଟରଙ୍କ ହିସାବ ଅନୁସାରେ କୃଷକ ମାନେ ପୂରା ଖଜଣା ଦେବେ କିନ୍ତୁ ମୋ ହିସାବରେ ଅଧା ଖଜଣା ଆଦାୟ ଘୁଞ୍ଚାଇ ଦିଆଯିବ । ମୁଁ କଲେକ୍ଟରଙ୍କୁ ଲେଖିଲି ଯେ ତାଙ୍କ ହିସାବ ଠିକ୍ ନୁହେଁ । କିନ୍ତୁ ସେ ମୋ ହିସାବ ଗ୍ରହଣ କଲେ ନାହିଁ । ଖଜଣା ଆଦାୟ ସମୟ ଯେତେବେଳେ ଆସିଲା ଲୋକମାନେ ବହୁତ ଅଭିଯୋଗ କଲେ । ସେ ତାଙ୍କ ହିସାବ ଭୁଲ ବୋଲି ସ୍ୱୀକାର କରି ମୋ କଥା ଗ୍ରହଣ କଲେ । ଆଉ ଗୋଟିଏ ଘଟଣାରେ ମଧ୍ୟ ସେ ନିଜ ବିଚାରକୁ ବଦଳାଇ ମୋ ସହିତ ରାଜି ହୋଇଥିଲେ । ଏଇପରି ଭାବରେ ସେ ମୋ ମତକୁ ସମ୍ମାନ ଦେଖାଉଥିଲେ । ସେ ଜଣେ ଭଦ୍ର ଲୋକ ଥିଲେ, ଯେ କି ନିଜର ଭୁଲ ମାନିବାକୁ କୁଣ୍ଠାବୋଧ କରୁ ନଥିଲେ ।

ସେ ସମୟରେ ବରୁଚରେ ଦୁଇଟି ଦଳ ଗଣ୍ଡଗୋଳ ସୃଷ୍ଟି କରୁଥିଲେ । ସେମାନେ ଲୋକମାନଙ୍କୁ ଧମକାଇ ଟଙ୍କା ଆଦାୟ କରୁଥିଲେ । ସାଧାରଣ ଲୋକେ ଏତେ ଡରୁଥିଲେ ଯେ ସେମାନଙ୍କ ବିରୁଦ୍ଧରେ କେହି ଅଭିଯୋଗ କରୁନଥିଲେ । ଥରେ ଏଇ ଦୁଇ ଦଳଙ୍କ ମଧ୍ୟରେ ଝଗଡ଼ା ହେଲା ଓ ଜଣେ ଅନ୍ୟଜଣକ ବିରୁଦ୍ଧରେ କ୍ରିମିନାଲ କେସ୍ କଲା । ସିଟି ମାଜିଷ୍ଟ୍ରେଟ କୋର୍ଟରେ ଏଇ କେଶ୍ ପଡିଲା । ସେ ସେତେବେଳେ ଛୁଟିରେ ଥିବାରୁ କେଶ୍ ଦୁଇଟି ମୋ କୋର୍ଟକୁ ବଦଳି କରିଦିଆଗଲା । ସାଧାରଣ ଲୋକ ଏ କେଶ୍ ବିଷୟ ଜାଣିବାକୁ ଉଦ୍‌ବିଗ୍ନ

Digitized by srujanika@gmail.com

ଥିବାରୁ, କେଶ୍ ଶୁଣାଣି ଦିନ ମୋ କୋର୍ଟ ଆଗରେ ଶହ ଶହ ଲୋକ ରୁଣ୍ଡ ହୋଇଥିଲେ । ଏପରିକି ପୁଲିସ ଏହି ହିଂସ୍ରକ ଲୋକ ମାନଙ୍କୁ ଭୟ କରୁଥିଲେ । ମୁଁ କିନ୍ତୁ ମୋ କର୍ତ୍ତବ୍ୟ କରିବାବେଳେ ଆଦୌ ଭୟଭୀତ ହେଉନଥିଲି ।

ଛଅ ସପ୍ତାହରେ ମୁଁ ଦୁଇଟି ଯାକ କେଶ୍ ଶେଷ କରି ମୁଖ୍ୟ ଅଭିଯୁକ୍ତ ବ୍ୟକ୍ତିକୁ ଦୁଇବର୍ଷ ସଶ୍ରମ କାରାଦଣ୍ଡ ଦେଲି । ଦୁଇବର୍ଷ ଜେଲ ପରେ ପୁଣି ଦୁଇ ବର୍ଷ ପାଇଁ ତାଙ୍କର ଭଲ ବ୍ୟବହାର ପାଇଁ ଜାମିନ ଦେବେ । ସହରର ଦୁଇ ତିନିହଜାର ଲୋକ ରାୟ ଶୁଣିବାକୁ ରୁଣ୍ଡ ହୋଇଥିଲେ । ତାପରେ ସହରରେ ଚାରି ପାଞ୍ଚବର୍ଷ ଶାନ୍ତି ରହିଲା ଓ ଲୋକମାନେ ଆଶ୍ୱସ୍ତ ହେଲେ । ଦୋଷୀମାନଙ୍କୁ ଦଣ୍ଡ ସେମାନଙ୍କ ଓ ଅନ୍ୟାନ୍ୟମାନଙ୍କ ଉପରେ ଭଲ ପ୍ରଭାବ ପକାଇଲା ।

ଗୋଟାଏ ବଡ ମଜାଳିଆ କେଶ୍ ଥରେ ମୋ ପାଖକୁ ଆସିଥିଲା । ଗୋଟିଏ ମନ୍ଦିର ଓ ଧର୍ମଶାଳା ପାଖା ପାଖି ଲାଗି କରି ଥାଏ । ଦୁଇ ସଂସ୍ଥା ମଧ୍ୟରେ ଝଗଡ଼ା ହେଉଥାଏ । ଥରେ ମନ୍ଦିର ଲୋକମାନେ କୌଣସି ନିର୍ମାଣ କାମ ପାଇଁ ମୂଳଦୁଆ ଖୋଳିଲେ ଓ ଧର୍ମଶାଳା ଲୋକମାନେ ନିଜ ଜାଗା କହି ତାକୁ ନଷ୍ଟ କରି ଦେଲେ । ମନ୍ଦିରର ମ୍ୟାନେଜର ବରୁଚ ସହର ମାଜିଷ୍ଟ୍ରେଟଙ୍କୁ ଅଭିଯୋଗ କଲେ । ତାଙ୍କ ଓକିଲ ମାଜିଷ୍ଟ୍ରେଟଙ୍କୁ ଗଣ୍ଡଗୋଳିଆ ସ୍ଥାନକୁ ଯାଇ ତଦାରଖ କରିବାକୁ ଅନୁରୋଧ କଲେ, କାରଣ ତାହା ମଇ ମାସ ଶେଷ ସମୟ ଓ ବର୍ଷା ଆରମ୍ଭ ହେଲେ ଦେଖାଯାଉଥିବା ପ୍ରମାଣ ବର୍ଷାରେ ପୋତି ହୋଇଯିବ । ମାଜିଷ୍ଟ୍ରେଟ ଅପର ପକ୍ଷକୁ ନ ଜଣାଇ ସାଙ୍ଗେ ସାଙ୍ଗେ ସ୍ଥାନଟି ଦେଖିବାକୁ ଗଲେ । ସେ ଧର୍ମଶାଳା ବାଟେ ପ୍ରବେଶ କଲେ । ସେଠାରେ ଗୋଟିଏ ପଠାନ୍ ଜଗୁଆଳ ଥିଲା । ମାଜିଷ୍ଟ୍ରେଟ ପଠାନ୍‌କୁ ତାଙ୍କ ଯିବା ବିଷୟ ଜଣାଇ ନ ଥିଲେ କି ପଠାନ୍ ମାଜିଷ୍ଟ୍ରେଟଙ୍କୁ ଚିହ୍ନି ନଥିଲା । ତେଣୁ ପଠାନ୍ ମାଜିଷ୍ଟ୍ରେଟଙ୍କୁ ପ୍ରବେଶ କରିବାକୁ ବାରଣ କଲା । ବର୍ତ୍ତମାନ ମାଜିଷ୍ଟ୍ରେଟ ନିଜେ ଅଭିଯୋଗ କଲେ ଯେ ପଠାନ୍ ମାଜିଷ୍ଟ୍ରେଟଙ୍କୁ ତାଙ୍କ କର୍ତ୍ତବ୍ୟ କରିବାରେ ବାଧା ଦେଉଛି ଏବଂ ତାକୁ ବନ୍ଦି କରାଗଲା । ତା'ପରେ ସର୍‌ଜମିନ୍ ଦେଖି ସାରି ମାଜିଷ୍ଟ୍ରେଟ କୋର୍ଟକୁ ଫେରିଲେ ।

ସେ ନିଜେ ଅଭିଯୋଗ କରିଥିବାରୁ କେଶ୍‌ଟିକୁ ମୋ କୋର୍ଟକୁ ବିଚାର ପାଇଁ ପଠାଇଦେଲେ । ସୁରତର ଜଣେ ଜଣାଶୁଣା ଓକିଲ ସ୍ୱର୍ଗତ ଚୁନିଲାଲ ଗାନ୍ଧି ପ୍ରତିବାଦୀ ପକ୍ଷରୁ ଲଢୁଥିଲେ । ସେତେବେଳକୁ ସେ ଦିୱାନ ବାହାଦୂର ଉପାଧି ପାଇଥିଲେ ଓ ବମ୍ବେ ଷ୍ଟେଟର ବିଧାନ ସଭାରେ ସଭ୍ୟଥିଲେ । ପ୍ରଥମ ଦିନ ଅଭିଯୁକ୍ତ ଯେମିତି କୋର୍ଟରେ ପ୍ରବେଶ କରିଛି ଚୁନିଲାଲ ଗାନ୍ଧି ତାଙ୍କୁ ବସିବାକୁ କହିଲେ । କୋର୍ଟ ନିୟମାନୁସାରେ କେବଳ ପ୍ରିଜାଇଡ଼ିଙ୍ଗ୍ ଅଫିସର ଅଭିଯୁକ୍ତକୁ ବସିବାକୁ କହିପାରିବେ । ଏହା ଓକିଲଙ୍କ ଅଧିକାର ସୀମା ବାହାରେ । ମୁଁ ଭାବିଲି ନିଜର ପ୍ରାଧାନ୍ୟତା ଦେଖାଇବାକୁ ସେ ଏପରି କହିଲେ ତେଣୁ ମୁଁ ତାଙ୍କୁ କହିଲି ''ମିଷ୍ଟର ଗାନ୍ଧି, ଆପଣ ଅଭିଯୁକ୍ତଙ୍କୁ ଛିଡା ହେବାକୁ କୁହନ୍ତୁ ଓ ଆପଣ ଯେହେତୁ ଅଦାଲତ କାର୍ଯ୍ୟରେ ହସ୍ତକ୍ଷେପ କରିଛନ୍ତି ଆପଣ ଅନୁତାପ ପ୍ରକାଶ କରନ୍ତୁ ।'' କୋର୍ଟରେ ଅନେକ ଲୋକ ଉପସ୍ଥିତ ଥିଲେ । ସେମାନଙ୍କ ଉପସ୍ଥିତିରେ ତାଙ୍କୁ ନିଜ ଦୋଷ ସ୍ୱୀକାର କରି ଅନୁତାପ ପ୍ରକାଶ କରିବାକୁ ହୋଇଥିଲା । ସେ ଭାବିଲେ ମୁଁ ପକ୍ଷପାତ ବିଚାର କରି ତାଙ୍କ ମହକିଲଙ୍କୁ ଜେଲ୍ ଦେବି । ଅଭିଯୁକ୍ତ ଜଣକ ଥିଲା ପଠାନ୍ ଜଗୁଆଳ, ଅଭିଯୋଗ କରିଥିଲେ ସିଟି ମାଜିଷ୍ଟ୍ରେଟ୍ । ସୁତରାଂ ସମସ୍ତେ ଭାବିଥିଲେ ଯେ ପଠାନ୍ ଦୋଷୀ ସାବ୍ୟସ୍ତ ହେବ । ଦୁଇ ପକ୍ଷର ଯେତେବେଳେ ଯୁକ୍ତି ଚାଲିଥାଏ ମୁଁ ମି. ଗାନ୍ଧିଙ୍କ କେତେକ ଯୁକ୍ତି ବିରୁଦ୍ଧରେ ପ୍ରଶ୍ନ କରିଥିଲି । କିନ୍ତୁ ଯେତେବେଳେ ମୋର ନିଷ୍ପତ୍ତି ଲେଖିବାକୁ ବସିଲି ଦେଖିଲି ଯେ ସିଟି ମାଜିଷ୍ଟ୍ରେଟ୍ ନିଜ ସରଜମିନ ଗସ୍ତ ବିଷୟ ଧର୍ମଶାଳା ତତ୍ତ୍ୱାବଧାରକଙ୍କୁ ଆଗରୁ ଜଣାଇ ନଥିଲେ ଏବଂ ସେମାନଙ୍କ ବିନାନୁମତିରେ ପ୍ରବେଶ କରିଥିଲେ, ସୁତରାଂ ପଠାନ୍ ତାଙ୍କୁ ଭିତରକୁ ଯିବାକୁ ବାରଣ କରିବା ଭୁଲ ହୋଇନାହିଁ ବରଂ ଠିକ୍ ହୋଇଛି । ପ୍ରକୃତରେ ମାଜିଷ୍ଟ୍ରେଟଙ୍କୁ ବାଧା ଦିଆଯାଇନ ଥିଲା । ପଠାନକୁ ବନ୍ଦି କରିବା ପରେ ସେ ପ୍ରବେଶ କରିଥିଲେ । ମୁଁ ଏହି ସିଦ୍ଧାନ୍ତରେ ଉପନୀତ ହେଲି ଯେ ମାଜିଷ୍ଟ୍ରେଟ ତାଙ୍କ କ୍ଷମତା

Digitized by srujanika@gmail.com

ବାହାରେ କାମ କରିଛନ୍ତି ଓ ପଠାନ୍ ତା'ର କର୍ତ୍ତବ୍ୟ ମାତ୍ର କରିଛି । ତେଣୁ ମୁଁ ପଠାନ୍‌କୁ ନିର୍ଦ୍ଦୋଷ ଘୋଷଣା କରି ଖଲାସ କରିଦେଲି । ଓକିଲ ମାନଙ୍କ ମଧ୍ୟରେ ଚାଞ୍ଚଲ୍ୟ ଖେଳିଗଲା ଏବଂ ମୋର ବିଚାରଧାରା ସେମାନଙ୍କୁ ଭଲ ଲାଗିଲା । କିନ୍ତୁ ଜିଲା ମାଜିଷ୍ଟ୍ରେଟ ଭାବିଲେ ଯେ ମୋର ରାୟ ଲୋକମାନଙ୍କ ମନରେ ଭ୍ରମ ଧାରଣା ସୃଷ୍ଟି କରିବ । ତେଣୁ ସେ ସରକାରଙ୍କୁ ହାଇକୋର୍ଟରେ ଅପିଲ କରିବାକୁ ଅନୁରୋଧ କଲେ । କିଛି ଦିନ ପରେ ସରକାର ସେ ଅନୁରୋଧ ଅଗ୍ରାହ୍ୟ କରି ମୋର ସିଦ୍ଧାନ୍ତ ଠିକ୍ ବୋଲି ମତ ଦେଲେ ।

୧୯୧୯ ଓ ୧୯୨୦ ଭିତରେ ଏକ ହଜାର ପାଖାପାଖି କ୍ରିମିନାଲ କେଶ୍ ମୋ କୋର୍ଟରେ ବିଚାର ହୋଇଛି । ଅନେକ ଅପିଲ ମଧ୍ୟ ହୋଇଛି କିନ୍ତୁ କେବଳ ତିନୋଟି କେଶ୍‌ରେ ହାଇକୋର୍ଟ ମୋ ବିଚାରକୁ ଖାରଜ କରିଥିଲେ, ବାକିତକ ଠିକ୍ ବୋଲି ଗ୍ରହଣ କରାଯାଇଥିଲା । ଜଣେ ମାଜିଷ୍ଟ୍ରେଟ ପୂର୍ବ ଧାରଣାରୁ ମୁକ୍ତ ରହିବା ଉଚିତ । ସେ ଦେଖିବା କଥା ଯେ ଅଭିଯୁକ୍ତ ବ୍ୟକ୍ତିଙ୍କୁ ଅନ୍ୟାୟରେ ଦଣ୍ଡ ନ ମିଳୁ । ମୁଁ ଏଇ ଧାରା ସବୁବେଳେ ପ୍ରୟୋଗ କରୁଥିଲି । ମୁଁ ପୂରାପୂରି ନିରପକ୍ଷ ଭାବେ ପୂର୍ବଧାରଣା ମୁକ୍ତ ହୋଇ ବିଚାର କରୁଥିଲି ।

ଡେପୁଟୀ କଲେକ୍ଟର ହିସାବରେ ମୋର ଦୁଇ ପ୍ରକାର କର୍ତ୍ତବ୍ୟ ଥିଲା, ଏକ - ରେଭିନ୍ୟୁ ବିଭାଗ ସମ୍ପର୍କୀୟ, ଦୁଇ - ଏସ୍.ଡ଼ି.ଏମ୍. ତଥା ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ହିସାବରେ କ୍ରିମିନାଲ କେଶ୍ ବିଚାର କରିବା ଓ ଦ୍ୱିତୀୟ, ତୃତୀୟ ଶ୍ରେଣୀ ମାଜିଷ୍ଟ୍ରେଟଙ୍କ ବିଚାର ବିରୁଦ୍ଧରେ ଅପିଲ ଶୁଣିବା ।

ରେଭିନ୍ୟୁ କାମରେ ମୋ ଅଧୀନରେ ଥିବା ଗାଁ ସବୁ ମୁଁ ବୁଲି ଦେଖୁଥିଲି । ଏଇ ଟୁର ନଭେମ୍ବର ୧ରୁ ମେ ୩୧ ଯାଏ ଲାଗିଥାଏ, ଇତି ମଧ୍ୟରେ ମୁଁ ମୁଖ୍ୟ କାର୍ଯ୍ୟାଳୟକୁ ପାଞ୍ଚ ସାତଦିନ ପାଇଁ ଦୁଇ ତିନିଥର ଆସେ । ଯେତେ ଦୂର ସମ୍ଭବ ମୁଁ ଇନ୍‌ସପେକ୍‌ସନ୍ ବଙ୍ଗଳା ବା ଡାକ ବଙ୍ଗଳାରେ ରହୁଥିଲି, ନ ହେଲେ ମୁଁ ତମ୍ବୁପକାଇ ମୋ କାମ କରୁଥିଲି । ସାଧାରଣତଃ ମୁଁ ଗାଁ ଠାରୁ ଅଳ୍ପ ଦୂରରେ ତମ୍ବୁ ପକାଉଥିଲି, ଲୋକମାନେ ମୋତେ ସହଜରେ ଦେଖା କରିପାରିବେ ବୋଲି । ପ୍ରତିଦିନ ଦୁଇଟି, ତିନୋଟି ଗାଁ ବୁଲି ତଲାଟି ବା ଇନ୍‌ସପେକ୍ଟରଙ୍କ କାମ ନିରୀକ୍ଷଣ କରିବାକୁ ପଡୁଥିଲା । ତହସିଲଦାର ତାଙ୍କ କାମ ଠିକ୍ କରୁଛନ୍ତି କି ନାହିଁ ମୋତେ ଦେଖିବାକୁ ପଡୁଥିଲା । କାମ ସ୍ଥାନରେ ରେଜିଷ୍ଟରରେ ଠିକ୍ ଲେଖା ହେଉଛି କି ନାହିଁ ଚେକ୍ କରୁଥିଲି । ମୁଁ ପାଦରେ ଚାଲିକରି ବା ଘୋଡ଼ାରେ ଯାଇ ଏଇ କାମ ଦେଖୁଥିଲି । ତଦ୍ୱାରା ରାସ୍ତା ନ ଥିବା ଗାଁକୁ ଯାଇପାରୁଥିଲି ଓ ବିଲରେ ଫସଲ ମଧ୍ୟ ଦେଖୁଥିଲି । ପଢ଼ିବା ବେଳେ ଘୋଡ଼ା ଚଢ଼ିବା ପାଇଁ ମୋର ପ୍ରବଳ ଇଚ୍ଛା ଥିଲା । ସେତେବେଳେ ଆର୍ଥିକ ଦୃଷ୍ଟିରୁ ଏହା ସମ୍ଭବ ନ ଥିଲା । ମୁଁ ଶଗଡ଼ ଗାଡ଼ି ଚଳାଉଥିଲି ଓ ମୋତେ ଭଲ ଲାଗୁଥିଲା । ପାଖ ଗାଁକୁ କାହାକୁ ଯିବାକୁ ହେଲେ ଶଗଡିଆ ନ ଥିଲେ ମୁଁ ଶଗଡ ଚଳାଇ ନେବାପାଇଁ ସବୁବେଳେ ପ୍ରସ୍ତୁତ ଥିଲି ।

ମୋ ପ୍ରୋବେସନ୍ ସମୟରେ କଲେକ୍ଟର ମୋ ଘୋଡା ଚଢ଼ାର ପରୀକ୍ଷା ନେବାର ଥିଲା । ଘୋଡା ଚଢ଼ା ମୁଁ ପ୍ରଶାସନିକ ନିମ୍ନ ଶ୍ରେଣୀ ପରୀକ୍ଷାରେ ପାଶ୍ କରିବା ପରେ ଶିଖିଥିଲି । ମୁଁ କାହାରି ଠାରୁ ଶିଖେନାହିଁ । ସାଧାରଣତଃ ମୁଁ ନିଜେ ଶିଖେ । ଅହମଦାବାଦରେ ଚାକିରି ଆରମ୍ଭ ପରେପରେ ମୁଁ ସାଇକଲ ଶିଖିଲି । ମୁଁ ଦୁଇତିନି ଦିନରେ ଶିଖିଗଲି । ଉଚ୍ଚଶ୍ରେଣୀ ସର୍ଭିସ୍ ପରୀକ୍ଷା ଦେବାବେଳକୁ ଗୋଟିଏ ଘୋଡା କିଣିଲି । ସେତେବେଳ ଘୋଡ଼ା ବିଷୟରେ ଖୁବ୍ କମ୍ ଜାଣିଥିଲି । ମୁଁ ପ୍ରଶାସନିକ ସେବାର ଉଚ୍ଚ ଶ୍ରେଣୀ ପରୀକ୍ଷା ପାଶ୍ କରିସାରିବା ପରେ ଗୋଟିଏ ତାଲୁକା ତତ୍ତ୍ୱାବଧାନରେ ରହିଲି ଓ ପ୍ରଥମ ଦିନ ତହସିଲଦାରଙ୍କ ସହିତ ଘୋଡା ଚଢ଼ି ଗ୍ରାମମାନଙ୍କୁ ଗସ୍ତରେ ଯାଉଥିଲି । ତହସିଲଦାରଙ୍କ ଘୋଡାଟା ଛୋଟ ଓ ମୋ ଘୋଡା ବେଶ୍ ବଡ଼ । ଗାଁରେ ପହଞ୍ଚି ତହସିଲଦାର ଘୋଡ଼ାରୁ ଓହ୍ଲାଇଲେ । ଦୁଇଟି ଯାକ ଥିଲେ ଅଣ୍ଡିରା ଘୋଡ଼ା । ଅଣ୍ଡିରା ଘୋଡ଼ାମାନଙ୍କର ପ୍ରକୃତି ଯେ ସେମାନେ ଏକାଠି ହେଲେ ଲଢ଼େଇ କରିବେ । ତହସିଲଦାର ଘୋଡ଼ା ଖୋଲା ଛାଡି ଦିଆଯାଇ ଥିବାରୁ ମୋ ଘୋଡା ସହିତ ଲଢ଼େଇ କରିବାକୁ ଆରମ୍ଭ କଲା । ମୁଁ ଘୋଡ଼ାମାନଙ୍କ ଏ ଦୁର୍ବଳତା ସମ୍ବନ୍ଧରେ କିଛି ଜାଣି ନ ଥିଲି ।

Digitized by srujanika@gmail.com

ଘୋଡ଼ା ଦୁଇଟି ଯେମିତି ଲଢ଼ାଇ କରିବା ଆରମ୍ଭ କଲେ ତହସିଲଦାର ଡରିଗଲେ । ସେ ନିରାପଦ ଦୂରରେ ଛିଡ଼ା ହେଲେ । ମୁଁ ମୋ ଘୋଡାର ଲଗାମ ଟାଣି ଘୋଡ଼ାକୁ ଅନ୍ୟ ଆଡକୁ ନେବାକୁ ଚେଷ୍ଟା କଲି । ମୁଁ ଘୋଡ଼ାକୁ ଖୁବ୍ ଜୋରରେ ଟାଣିଲି । ଘୋଡ଼ା ତା ପଛ ଗୋଡ଼ରେ ଛିଡ଼ା ହୋଇଥାଏ । ମୁଁ ଲଗାମ ଛାଡି ନ ଥାଏ । ଘୋଡ଼ା କିଛି ସମୟପରେ ଭାରସାମ୍ୟ ହରାଇ ତଳେ ପଡିଗଲା, ଓ ମୁଁ ତା ଗୋଡ ମଝିରେ । ଲୋକମାନେ ନିଃସହାୟ ଭାବେ ଚାରିକଡ଼େ ଛିଡ଼ା ହୋଇ ଦେଖୁଥାନ୍ତି । ମୋର ସେତେବେଳେ ଶକ୍ତି ଥିଲା, ମୁଁ ଶୀଘ୍ର ଘୋଡ଼ା ଗୋଡ ଭିତରୁ ବାହାରି ଆସିଲି । ଖଣ୍ଡିଆ ଖାବରା ହେଲି ନାହିଁ । ବିବ୍ରତ ବି ହେଲିନାହିଁ । କାମ ସାରି ଘୋଡ଼ା ଚଢ଼ି କ୍ୟାମ୍ପକୁ ଫେରିଆସିଲି ।

ଏ ଘଟଣା ପରେ ଘୋଡ଼ା ଚଢ଼ାରେ ମୋ ମନ ବେଶି ଲାଗିଲା । ମୁଁ ସବୁ ଗାଁକୁ ଯିବାକୁ ମନସ୍ଥ କରିଥିଲି । ପ୍ରତିଦିନ ତିନି, ଚାରିଟି ଗାଁକୁ ଯାଉଥିଲି, ତେଣୁ ମୋତେ ବେଳେବେଳେ ତିରିଶି ଚାଳିଶି ମାଇଲ ଯିବାକୁ ପଡୁଥିଲା । ପ୍ରତି ଗାଁରେ ଘଣ୍ଟାଏ ସମୟ ନିରୀକ୍ଷଣରେ ଯାଉଥିଲା । ମୁଁ କିନ୍ତୁ ଘୋଡ଼ା ଯେତେ ଜୋରରେ ସମ୍ଭବ ଦଉଡ଼ାଉଥିଲି ।

ସକାଳ ଛ'ଟାରେ ବାହାରି ଏଗାରଟା ବେଳକୁ କ୍ୟାମ୍ପକୁ ଫେରି ଆସୁଥିଲି । ଉପର ବେଳା ମୁଁ ରେଭିନ୍ୟୁ ବିଷୟ ଓ ଫୌଜଦାରୀ ମୋକଦ୍ଦମା ଦେଖୁଥିଲି । ସଂଧ୍ୟାବେଳେ ଗାଁ ଲୋକମାନଙ୍କ ସହିତ ସାକ୍ଷାତ କରୁଥିଲି ଏବଂ ସେମାନଙ୍କ ସମସ୍ୟା ଆଲୋଚନା କରୁଥିଲି । ମୁଁ ସେମାନଙ୍କ ଠାରୁ ଅନେକ କଥା ଶିଖିଲି ।

ମୁଁ ପାଦରେ ଚାଲି ଅନେକ କାମ କରିଛି । କୌଣସି ଅଳସୁଆ ତଲାଟି ବା ଇନ୍ସପେକ୍ଟରଙ୍କୁ ଦେଖିଲେ ମୁଁ ଚାଲି କରି ଗାଁ ମାନଙ୍କୁ ଯାଏ ଓ ତାଙ୍କୁ ମୋ ସାଙ୍ଗରେ ଚଲାଏ । ମୋ ସାଙ୍ଗରେ ଦଶ ପନ୍ଦର ମାଇଲ ଚଲାଇ ସେମାନଙ୍କୁ ଦଣ୍ଡ ଦିଏ । ଏହାଦ୍ୱାରା ଲମ୍ବା ଚାଲିବା ମୋର ଅଭ୍ୟାସ ହୋଇଗଲା । ସେମାନେ ନିଜର ଭୁଲ ଜାଣିପାରିଲେ ଓ ସେମାନଙ୍କର ଅଳସୁଆମି ଦୂର ହୋଇଗଲା । ମୁଁ କାମ କଲାବେଳେ ମୋର ତଳ ଅଫିସର ଓ କର୍ମୀମାନେ ସର୍ବଦା ଯତ୍ନବାନ ଓ ସତର୍କ ରହୁଥିଲେ ।

ବରୁଚ ଜିଲାରେ କେତେକ ମାରପିଟ ଓ ତଦ୍‌ଜନିତ ସାଂଘାତିକ ଆହତ କେଶ୍ ବିଚାର କରିବାକୁ ପଡ଼ିଥିଲା । ଭୋରା ଗୋଷ୍ଠିର କେତକ ବ୍ୟକ୍ତି ଏପରି କେତେ କେଶ୍‌ରେ ସଂଶ୍ଳିଷ୍ଟ ଥିଲେ । ମୁଁ ନିୟମ ପାଳନ କରି ଯେ ପ୍ରତ୍ୟେକ ଫୌଜଦାରୀ ମୋକଦ୍ଦମା ଯେତେଶୀଘ୍ର ସମ୍ଭବ ଶେଷ କରୁଥିଲି, ଏବଂ ସାଧାରଣତଃ ଗୋଟିଏ କେଶ୍ ଛଅ ସପ୍ତାହରୁ ଦୁଇମାସ ମଧ୍ୟରେ ଶେଷ କରୁଥିଲି । ଫୌଜଦାରୀ କେଶ୍ ବେଶି ଡେରି ହେବାର ବହୁତ କାରଣ ଥିଲା । ତା ମଧ୍ୟରୁ ଗୋଟିଏ ହେଲା ମାଜିଷ୍ଟ୍ରେଟଙ୍କ ପକ୍ଷରେ ସାବଧାନତା ଓ ସଂକଳ୍ପର ଅଭାବ । ଏଗାର ବର୍ଷ ଏଇ ପଦରେ କାମ କରି ମୋର ଏହି ଅଭିଜ୍ଞତା ହୋଇଥିଲା ଯେ ମାଜିଷ୍ଟ୍ରେଟମାନେ ଯତ୍ନବାନ, ନିରପକ୍ଷ, କର୍ମନିଷ୍ଠ ଏବଂ ଦୃଢ଼ ହେବା ଉଚିତ । ସମୟ ସମୟରେ ଯେହେତୁ ଓକିଲମାନେ ଦିନ ହିସାବରେ ମହକିଲମାନଙ୍କ ଠାରୁ ପଇସା ପାଆନ୍ତି ସେମାନେ ନିଜ ଆର୍ଥିକ ସ୍ୱାର୍ଥ ଦୃଷ୍ଟିରୁ କେଶ୍‌କୁ ବହୁତ ଦିନ ଲମ୍ବାଇବାକୁ ଚେଷ୍ଟା କରନ୍ତି । ଏହା ମଧ୍ୟ ଦେଖା ଯାଇଛି ଯେ କେଶ୍ ଲମ୍ବାଇବାରେ କିଛି ସୁବିଧା ବି ହୁଏ । କେତେକ କେଶ୍‌ରେ ମାଜିଷ୍ଟ୍ରେଟ୍ ଓକିଲଙ୍କୁ ଅସନ୍ତୁଷ୍ଟ କରିବାକୁ ଭୟ କରନ୍ତି । ସେ କେଶ ଶୀଘ୍ର ଶେଷ କରନ୍ତି ନାହିଁ । ସାକ୍ଷୀମାନଙ୍କ ପାଖରେ ସମନ ଠି ୍ ଧମୟରେ ନ ପହଞ୍ଚିପାରିବାରୁ କେଶ୍ ବିଳମ୍ବ ହୁଏ । ମାଜିଷ୍ଟ୍ରେଟଙ୍କ ଅଳସୁଆମି ଯୋଗୁଁ ଡେରି ହୁଏ । ବେଳେ ବେଳେ ପକ୍ଷମାନେ ଭାବନ୍ତି ଡେରି ହେଲେ ତାଙ୍କୁ ଭଲ, ତେଣୁ ସେମାନେ ଡେରି କରନ୍ତି ।

ମୁଁ ଦୁଇ ପକ୍ଷର ଓକିଲଙ୍କୁ ପଚାରି ଯେତେଦୂର ସମ୍ଭବ ତାରିଖ ଦେଉଥିଲି ଓ ଦେଲାବେଳେ ପରିଷ୍କାର ଭାବେ କହୁଥିଲି ଯେ ଅସାଧାରଣ ପରିସ୍ଥିତି ଛଡ଼ା ତାରିଖ ବଦଳିବ ନାହିଁ । ସାକ୍ଷୀମାନଙ୍କୁ ସାବଧାନ କରାଇ ଦେଉଥିଲି ଯେ ତାଙ୍କ ବୟାନ ଏକାଦିନରେ ଶେଷ ନ ହେଲେ ପରଦିନ ଶେଷ କରିବାକୁ ହେବ । ମୁଁ ଅତି ସାବଧାନତା ଅବଲମ୍ବନ କରି ସମସ୍ତଙ୍କୁ ଜଣାଇ ତାରିଖ ନିର୍ଦ୍ଧାରଣ କରୁଥିଲି; ତା'ପରେ ଆଉ ତାରିଖ ବଦଳାଉ

Digitized by srujanika@gmail.com

ନଥିଲି ଓ ଶୁଣାଣି ନିର୍ଦ୍ଧାରିତ ତାରିଖରେ ହେଉଥିଲା । କେଶ୍ ଶେଷ ହେବା ଦିନ ହିଁ ଓକିଲ ମାନଙ୍କର ଯୁକ୍ତିତର୍କ ଶୁଣୁଥିଲୁ ଏବଂ ଯେତେଦୂର ସମ୍ଭବ ସେଇ ଦିନ ହିଁ ରାୟ ଶୁଣାଉଥିଲି ।

ଏଥିପାଇଁ ଓକିଲ ମାନଙ୍କୁ କଛି ଅସୁବିଧା ହେଉଥିଲା । ମୁଁ ଯେଉଁ ଜିଲାକୁ ଯାଉଥିଲି ସେଠାରେ ଓକିଲ ମାନେ ପ୍ରଥମେ ତିନିମାସ ଖଣ୍ଡେ ମୋ ଉପରେ ଅସନ୍ତୁଷ୍ଟ ରହୁଥିଲେ ଏବଂ ସେମାନେ ପରେ ଦେଖୁଥିଲେ ଯେ ମୁଁ ସମସ୍ତଙ୍କୁ ସମାନ ବ୍ୟବହାର ଦେଖାଉଛି, ବିନା ପୂର୍ବ ଧାରଣାରେ, ନିରପକ୍ଷଭାବେ ଓ ଯତ୍ନସହକାରେ ପରୀକ୍ଷା କରୁଛି ଏବଂ ମୁଖ୍ୟତଃ ସାକ୍ଷୀ ଓ ପ୍ରମାଣ ଉପରେ ନିର୍ଭର କରୁଛି । ସେମାନେ ଆଉ ଅସନ୍ତୁଷ୍ଟ ହେଉନଥିଲେ । ଓକିଲମାନେ ମୋର ଉପରୋକ୍ତ କାର୍ଯ୍ୟପ୍ରଣାଳିକୁ ପସନ୍ଦ କଲେ କାରଣ ସେମାନଙ୍କ ହୃଦ୍‌ବୋଧ ହେଲା ଯେ ସେମାନେ ମୋ ଠାରୁ ନ୍ୟାୟ ପାଇବେ । ମୁଁ ବହୁତ ସମୟ ପର୍ଯ୍ୟନ୍ତ ସାକ୍ଷୀମାନଙ୍କୁ ଜେରା କରିବାକୁ ଅନୁମତି ଦେଉନଥିଲି, କିନ୍ତୁ ଅତି ସାବଧାନ ସହକାରେ ଦେଖୁଥିଲି ଯେ କୌଣସି ଦରକାରୀ ତଥ୍ୟ ଅପ୍ରକାଶିତ ହୋଇ ରହି ଯାଉ ନଥିଲା । ମୁଁ ଦେଖୁଥିଲି ଯେ କୌଣସି ଅପ୍ରାସଙ୍ଗିକ ପ୍ରଶ୍ନ ଯେପରି ପଚରା ନ ଯାଏ । କୌଣସି କେଶ୍‌ରେ ଜେରା ତିନି ଚାରି ଘଣ୍ଟାରୁ ବେଶି ଡେରି ହେଉ ନଥିଲା । ମୁଁ ଯେଉଁପରି ଭାବରେ କେଶ୍ ପରିଚାଳନା କରୁଥିଲି, କେହି ଅସନ୍ତୁଷ୍ଟ ହେଉନଥିଲେ ।

ଓକିଲମାନେ ସାଧାରଣତଃ ଲମ୍ବା ଭାଷଣ ଦେବାରେ ଅଭ୍ୟସ୍ତ । କିନ୍ତୁ ମୋ କୋର୍ଟରେ ଏକ ଘଣ୍ଟାରୁ ଅଧିକ କେହି କହିଥିବାର ମୋର ମନ ହୁଏନାହିଁ । ମୁଁ ଓକିଲଙ୍କର କେଶ୍‌ର ବିଷୟବସ୍ତୁ ଉପରେ ଲମ୍ବା ବକ୍ତବ୍ୟ ବନ୍ଦ କରିଦିଏ କାରଣ ତଦ୍ଵାରା କେଶ୍ ବହୁତ ସମୟ ଲମ୍ବିଯାଏ । ମୁଁ ସାକ୍ଷୀମାନଙ୍କ ବୟାନ ଓକିଲମାନଙ୍କ ଅପେକ୍ଷା ଅଧିକ ଭଲ କରି ମନେ ରଖିଥାଏ । କାରଣ ତାଙ୍କ ବୟାନ ମୁଁ ଲେଖୁଥାଏ । ଏପରି ଲେଖିବା ଆଇନତଃ ବାଧତାମୂଳକ । ମୁଁ ସଂପୂର୍ଣ୍ଣ ରୂପେ ସଜାଗ ହୋଇ କେଶ୍ ଶୁଣେ ତେଣୁ ସମ୍ପୂର୍ଣ୍ଣ ବିବରଣୀ ମୋର ମନେ ଥାଏ । କେଶ୍ ଶୁଣାଣି ଶେଷ ହେଲା ମାତ୍ରେ ଓକିଲ ମାନଙ୍କୁ ବାଦାନୁବାଦ ଯୁକ୍ତି ଆରମ୍ଭ କରିବାକୁ ହେଉଥିବାରୁ, ଲମ୍ବା ଭାଷଣର ସୁଯୋଗ ନ ଥିଲା ।

ମୁଁ ଫୌଜଦାରୀ କେଶ୍‌ର ଅପିଲ ଶୁଣୁଥିଲି । କିନ୍ତୁ ଅପିଲ ମୋ କୋର୍ଟରେ ଘଣ୍ଟାକରୁ ଅଧିକ ସମୟ ନେବା ମୋର ମନେନାହିଁ । ମୁଁ ତଳ କୋର୍ଟର ରାୟ ସମେତ ଅପିଲ୍ ସମ୍ବନ୍ଧୀୟ କାଗଜପତ୍ର ପଢୁଥିଲି ଏବଂ ଅପିଲରେ ଉତ୍‌ଥାପିତ ବିଷୟ ସହିତ ସାବଧାନତା ସହକାରେ ଦେଖୁଥିଲି । ଏସବୁ କାମ କରିସାରିବା ପରେ ହିଁ ମୁଁ ଅପିଲ କରିଥିବା ପକ୍ଷର ଓକିଲଙ୍କୁ ଶୁଣିବା ଆରମ୍ଭ କରୁଥିଲି । ବାଦାନୁବାଦକୁ ବିବାଦୀୟ ବିଷୟ ଉପରେ ସୀମିତ ରଖୁଥିଲି, ତେଣୁ ଆଲୋଚନା ବେଶି ସମୟ ଯାଏ ହେଉ ନ ଥିଲା ।

ଥରେ ଜଣେ ଯୁବକ ଓକିଲ ଅପିଲ କେଶ୍ ଲମ୍ବା ମୁଖବନ୍ଧରେ ଆରମ୍ଭ କଲେ । ମୁଁ ଯେତେବେଳେ ତାଙ୍କୁ ତାଙ୍କ ବକ୍ତବ୍ୟ ବନ୍ଦକରି କେବଳ କେତେକ ବିଷୟ ଭିତରେ ସୀମିତ ରଖିବାକୁ କହିଲି, ସେ କହିଲେ ଯେ କୋର୍ଟରେ ଲମ୍ବା ବକ୍ତବ୍ୟ ଦେବାର ତାଙ୍କର ଅଧିକାର ଅଛି । ମୁଁ ତାଙ୍କୁ ପଚାରିଲି ସି.ପି.ସି.ର କେଉଁ ଧାରାରେ ତାଙ୍କର ଏ ଅଧିକାର ଅଛି । ସେ ମୋତେ ଆଇନର ଧାରା ଦେଖାଇ ପାରିଲେ ନାହିଁ ଏବଂ ଲମ୍ବା ଭାଷଣ ଦେବା ପାଇଁ ଜିଦ୍ ଧରିଲେ ଏବଂ କହିଲେ ତାଙ୍କୁ ବନ୍ଦ କରିବାକୁ କହିଲେ ସେ କୋର୍ଟ ଛାଡି ଚାଲି ଯିବେ । ମୁଁ ତାଙ୍କୁ କହିଲି ଆପଣ ଇଚ୍ଛାକଲେ କୋର୍ଟ ଛାଡି ଚାଲି ଯାଇପାରନ୍ତି, କିନ୍ତୁ ମୁଁ ଅପିଲ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବି ନାହିଁ । ତେଣୁ ସେ ଚାଲିଗଲେ; ମୁଁ ଅପର ପକ୍ଷ ଶୁଣି ରାୟ ଦେଲି । ରାୟ ବାହାରକୁ ଚାଲିଯାଇ ଥିବା ଓକିଲଙ୍କ ମହକିଲ ସପକ୍ଷରେ ଥିଲା । ସେ ତେଣୁ ବୁଝିପାରିଲେ ଯେ ଜିଦ୍ ଧରିବା ତାଙ୍କ ପକ୍ଷେ ଭୁଲ ଥିଲା ।

କେତେକ ଓକିଲ କୋର୍ଟ ଉପରେ ପ୍ରଭାବ ପକାଇବାକୁ ବା ମହକିଲକୁ ଖୁସି କରିବାକୁ ଲମ୍ବା ଭାଷଣ ଦିଅନ୍ତି । କେଶ୍ ବିଚାରରେ ଏହା ସାହାଯ୍ୟ କରେ ନାହିଁ, କିନ୍ତୁ ଲମ୍ବା ଭାଷଣ ନିଷ୍ପ୍ରୟୋଜନ ଥାଏ ଓ କୋର୍ଟର

Digitized by srujanika@gmail.com

ସମୟ ନଷ୍ଟ ହୁଏ । ତେଣୁ ସମୟର ସଦୁପଯୋଗ ଏବଂ ଠିକ୍ ବିଚାର କରିବା ଉଦ୍ଦେଶ୍ୟରେ ମୁଁ କେଶ୍ ଓ ଅପିଲ କେଶ୍‌ରେ ଉପରୋକ୍ତ କାର୍ଯ୍ୟପଦ୍ଧତି ଅନୁଶରଣ କରୁଥିଲି ।

କୌଣସି ଓକିଲ ମୋ କୋର୍ଟ କେଶ୍ ଅନ୍ୟ କୋର୍ଟକୁ ବଦଳାଇ ନେବାରେ କୃତକାର୍ଯ୍ୟ ହୋଇନାହାନ୍ତି । ମୋର ଏଗାର ବର୍ଷ କାର୍ଯ୍ୟକାଳ ଭିତରେ ଚାରି ପାଞ୍ଚଥରଏପରି ଉଦ୍ୟମ ଅବଶ୍ୟ ହୋଇଥିଲା ।

ବରୁଚରେ ଥିବା ବେଳେ ଆଉ ଗୋଟିଏ କେଶ୍‌ରୁ ବିଚାର୍ଯ୍ୟ ବିଷୟରେ ଅତି ସାବଧାନତା ଅବଲମ୍ବନ କରିବା ଓ ପୂର୍ବ ଧାରଣାରୁ ମୁକ୍ତ ରହିବାର ଆବଶ୍ୟକତା ପ୍ରତିପାଦିତ ହୁଏ । ଗୋଟିଏ ଡକେଇତି କେଶ୍ ମୋ ପାଖକୁ ଆସିଥିଲା । ଅଭିଯୁକ୍ତ ବ୍ୟକ୍ତି ଦୀର୍ଘକାୟ,ଶକ୍ତିଶାଳୀ ଓ ଗରମ ମିଜାଜର ଥିଲେ । ତାଙ୍କ ଚେହେରା ଏପରି ଥିଲା ଯେ, ଯେ ପ୍ରଥମେ ଦେଖିବ, ସେ କହିବ ନିଶ୍ଚୟ ଏ ଦୋଷୀ । ଏ କେଶ୍‌ରେ କୁହାଗଲା ଯେ ଚନ୍ଦ୍ର ଆଲୋକରେ ରାତି ଗୋଟାଏ ତିରିଶ ମିନିଟ୍‌ରେ ଡକେଇତି ହୋଇଥିଲା । ସ୍ୱଚକ୍ଷୁରେ ଦେଖିଥିବା ସାକ୍ଷୀମାନେ କହୁଥିଲେ ଯେ ସେଇ ବ୍ୟକ୍ତିଟି ଦୋଷୀ । କେଶ୍ ଶେଷ ହେବା ପରେ, ଓକିଲ ମାନଙ୍କୁ ଶୁଣିସାରିବା ପରେ, ସେ ବ୍ୟକ୍ତିକୁ ଦୋଷୀ ସାବ୍ୟସ୍ତ କରିବାକୁ ରାୟ ଲେଖିବା ଆରମ୍ଭ କଲି । କୋର୍ଟରେ କୁହାଯାଇଥିଲା ଶୁକ୍ଳପକ୍ଷ ଅଷ୍ଟମୀ ବା ନବମୀ ରାତି ଦେଢ଼ଟା ବେଳେ ଡକେଇତି ହୋଇଥିଲା । ସେଇ ଆଲୁଅରେ ଦୋଷୀକୁ ପରିଷ୍କାର ଭାବେ ଦେଖିବା କ'ଣ ସମ୍ଭବ ହୋଇଥିବ? ମୋ ମନରେ ସନ୍ଦେହ ହେବା ମାତ୍ରେ ମୁଁ ରାୟ ଲେଖିବା ବନ୍ଦ କରିଲି । ସାକ୍ଷୀମାନେ ବର୍ଣ୍ଣନା କରିଥିବା ତିଥି ଆଠଦିନ ଭିତରେ ଆସିବାର ଥିଲା । ତେଣୁ ମୋର ରାୟ ସେଇ ଦିନକୁ ସ୍ଥଗିତ ରଖିଲି । ମୁଁ ଦେଢ଼ଟା ବେଳେ ଉଠି ସାକ୍ଷୀମାନେ ବର୍ଣ୍ଣନା କରିଥିବା ଦୂରତ୍ୱରେ କେତେକ ଲୋକଙ୍କୁ ଛିଡା କରାଇଲି । ମୁଁ ତାଙ୍କୁ ଚିହ୍ନିପାରିବି କି ନାହିଁ ପରୀକ୍ଷା କଲି । ମୋର ହୃଦ୍‌ବୋଧ ହେଲା ଯେ ସେତିକି ଦୂରରୁ ସେଇ ତିଥିରେ ସେଇ ସମୟରେ ଜଣଙ୍କୁ ଚିହ୍ନଟ କରିବା ଅସମ୍ଭବ । ତେଣୁ ମୁଁ ଅଭିଯୁକ୍ତ ବ୍ୟକ୍ତିଙ୍କୁ ସନ୍ଦେହର ସୁଯୋଗ ଦେଇ ଖଲାସ୍ କଲି ।

ମାଜିଷ୍ଟ୍ରେଟ୍ ହିସାବରେ ମୁଁ ପୂର୍ବ ଧାରଣା ଠାରୁ ଦୂରରେ ରହି ସାବଧାନତା ସହକାରେ ନିଷ୍ପତ୍ତି ନେବାରେ ଉତ୍ତମ ପ୍ରଶିକ୍ଷଣ ପାଇଥିଲି । ଏଇ ଶିକ୍ଷା ମୋର ଜୀବନରେ ସମସ୍ତ ନିଷ୍ପତି ନେବା ସମୟରେ ମୁଁ ଉପଯୋଗ କରିଛି । ଏହା ମୋ ଜୀବନରେ ବିବେକାନୁମୋଦିତ କର୍ତ୍ତବ୍ୟ ସାଧନରେ ସହାୟକ ହୋଇଛି ।

ଥାନା ଛାଡିବାବେଳେ ମୋ ଘୋଡାଟି ଛୋଟୋଉ ଥିଲା, ତେଣୁ ତାକୁ ବିକ୍ରି କରିଥିଲି । ବରୁଚରେ କାର୍ଯ୍ୟରେ ଯୋଗ ଦେବାବେଳେ ମୋର ଘୋଡ଼ା ନ ଥିଲା, ମୋତେ ତେଣୁ ଆଉ ଗୋଟିଏ ଘୋଡା କିଣିବାକୁ ପଡିଥିଲା । କାଠିଆୱାର୍ଡର ଗୋଟିଏ ଭଲ ଜାତିର ଘୋଡ଼ା ଦେଖିଲି । ଏହା ଅତି ସୁନ୍ଦର ଘୋଡ଼ା ଥିଲା । ମୋତେ ଭଲ ଲାଗିଲା, ତେଣୁ ଘୋଡାମାଲିକ -- ଠାକୁର ସାଏବଙ୍କୁ ଏ ଘୋଡା ବିକିବେ କି ବୋଲି ପଚାରିଲି । ସେ ବିକିବାକୁ ହଁ କହିଲେ କିନ୍ତୁ ମୋତେ ସାବଧାନ କରି କହିଲେ ଘୋଡାଟି ଅତି ଦୁଷ୍ଟ ତେଣୁ କିଣିବା ଆଗରୁ ଘୋଡାକୁ ପରୀକ୍ଷା କରି ଦେଖିବାକୁ । ମୁଁ ସ୍ଥିର କଲି ଘୋଡାକୁ ଆଠଦିନ ପରୀକ୍ଷା କରିବି । ପ୍ରଥମ ଦିନ ଦେଖିଲି ଯେ ଘୋଡ଼ା କାହାକୁ ତା ଉପରେ ଚଢ଼ାଇ ଦେଉନାହିଁ । ମୁଁ ଚଢ଼ିବାକୁ ଚେଷ୍ଟା କରିବା ମାତ୍ରେ ଘୋଡ଼ା ସାଙ୍ଗେ ସାଙ୍ଗେ ପଛକୁ ଘୁଞ୍ଚି ପଛ ଦୁଇଗୋଡ଼ରେ ଛିଡ଼ା ହୋଇ ଯାଉଥିଲା । ଜଣେ ବଂଧୁ ଗୋଟିଏ ବାଟ ବତାଇଲେ ମୁଁ ତାହା ଚେଷ୍ଟା କଲି । ଦୁଇଟି କାନ୍ଥ ମଝିରେ ଘୋଡାକୁ କାନ୍ଥକୁ ପଛ ଛିଡାକରି ଚଢ଼ିଲି । ଘୋଡ଼ା ପଛକୁ ଯିବାକୁ ଚେଷ୍ଟା କଲା କିନ୍ତୁ କାନ୍ଥ ଚପି ଯାଇ ପାରିଲା ନାହିଁ । ମୁଁ ଗାଁ ବାହାରକୁ ନେଇ ଯେତେ ଜୋରରେ ପାରେ ସେ ହାଲିଆ ହେବା ପର୍ଯ୍ୟନ୍ତ ଦଉଡାଇଲି । ଏହାପରେ ଘୋଡାଟି ଟିକିଏ ଶାନ୍ତ ହେଲା । ଏହିପରି ମୁଁ ଘୋଡାକୁନିଜ ଅକ୍ତିଆରକୁ ଆଣିଲି । ତା'ପରେ ଆଉ ଚଢ଼ିବା କଷ୍ଟ ହେଲା ନାହିଁ, ଘୋଡା ଠିକ୍ ଭାବେ ମଣ ହୋଇ ସାରିବା ପରେ ମୁଁ ଠାକୁର ସାହେବଙ୍କୁ କହିଲି ମୁଁ ଘୋଡାଟି କିଣିବାକୁ ପ୍ରସ୍ତୁତ । ସେତିକିବେଳେ ମୁଁ ହୃଦୟଙ୍ଗମ କଲି ଯେ

Digitized by srujanika@gmail.com

ସେ ଘୋଡାଟିକୁ ତା'ର ଖରାପ ଗୁଣ ଯୋଗୁଁ ବିକିବାକୁ ପ୍ରସ୍ତୁତ ଥିଲେ । ସେ ଯେତେବେଳେ ଦେଖିଲେ ଘୋଡାଟି ପୋଷା ମାନିଗଲାଣି, ତାକୁ ବିକିବାକୁ ଅମଙ୍ଗ ହେଲେ । ମୁଁ କିଛି କହିଲି ନାହିଁ । ଘୋଡ଼ା ତାଙ୍କୁ ଫେରାଇ ଦେଲି, କାରଣ ମୁଁ ହୃଦୟଙ୍ଗମ କରିଥିଲି ଯେ ଚାପ ପକାଇ କୌଣସି କାମ କରିବା ଠିକ୍ ନୁହେଁ । ମୁଁ ସବୁବେଳେ ଏଇ ସିଦ୍ଧାନ୍ତରେ କାର୍ଯ୍ୟ କରିବାକୁ ଚେଷ୍ଟା କରିଛି । କିଛି ମାସ ପରେ ଶୁଣିଲି ଯେ ଘୋଡାର ପୁରୁଣା ପ୍ରକୃତି ବାହାରିଛି, କାରଣ ମୋ ଭଳି କେହି ସେ ଘୋଡ଼ା ଚଢ଼ିବାକୁ ଚେଷ୍ଟା କରି ନାହାନ୍ତି । ମୁଁ ସେ ଘୋଡ଼ା ନ କିଣିବାକୁ ସ୍ଥିର କରିଥିବାରୁ ସେ ବିଷୟରେ କିଛି ଖବର ରଖିଲି ନାହିଁ ।

କିନ୍ତୁ ପ୍ରତିଦିନ ଗାଁମାନଙ୍କୁ ଯିବା ମୋର ଦରକାର, ତେଣୁ ମୁଁ ଦୁଇଟି ପୋନି ଓ ଗୋଟିଏ ଟୋଙ୍ଗା କିଣିଲି; ବରୁଚ ଜିଲାରେ ଥିବା ପର୍ଯ୍ୟନ୍ତ ତାକୁ ବ୍ୟବହାର କଲି । ସାଧାରଣତଃ ମୁଁ ଏକା ଟୋଙ୍ଗାରେ ଯାଉଥିଲି କାରଣ ମୁଁ ଟୋଙ୍ଗା ଚଳାଉଥିଲି । ଥରେ ପୋନିମାନେ ପୂରା ଦମ୍‌ରେ ଦୌଡୁଥିବା ବେଳେ ହଠାତ୍ ଖରାପ ରାସ୍ତା ପଡିଲା ଓ ଟୋଙ୍ଗା ଓଲଟି ପଡିଲା । କିନ୍ତୁ ସୌଭାଗ୍ୟବଶତଃ ମୋର କିଛି କ୍ଷତି ହେଲା ନାହିଁ । ପାଖ ଗାଁରେ ମୋ ଟୋଙ୍ଗା ଛାଡି ଦେଇ ମୁଁ ଚାଲି ଚାଲି କାମ କରିବାକୁ ଗଲି । ଏଭଳି ଅଭିଜ୍ଞତା ମୋର ମନ ଓ ଶରୀର ଶକ୍ତ କରିବାରେ ଓ ଆତ୍ମବିଶ୍ୱାସ ବଢ଼ାଇବାରେ ସାହାଯ୍ୟ କଲା ।

ବରୁଚରେ ଥିବା ଶେଷ ଛ' ମାସ ମଧ୍ୟରେ କମିଶନର ଗସ୍ତରେ ଆସିଥିଲେ । ମୁଁ ତାଙ୍କୁ ସାକ୍ଷାତ କଲାବେଳେ ସେ ମୋତେ ମୋର କାର୍ଯ୍ୟର ପରିମାଣ ବିଷୟରେ ପଚାରିଲେ । ବିନା ଦ୍ୱିଧାରେ ମୁଁ କହିଲି ମୋର ପୂରା ଦିନର କାମ ନାହିଁ, ଦିନକୁ ହାରାହାରି ତିନିଚାରି ଘଣ୍ଟାରୁ ଅଧିକ କାମ କରୁନଥିଲି । କମିଶନର କହିଲେ "ଆପଣଙ୍କୁ ଅଧିକ କାମ ଦିଆଯିବା ଉଚିତ ।" ମୁଁ କହିଲି ସେତେକ ବନ୍ଦୋବସ୍ତ କରାଗଲେ ମୁଁ ଖୁସି ହେବି ! ତିନିମାସ ପରେ ୧୯୨୪ ଡିସେମ୍ବର ମାସରେ ମୁଁ ପଞ୍ଚମହଲ ଜିଲାକୁ ବଦଳି ହୋଇଗଲି ।

ବରୁଚ କ୍ଲବରେ ସେତେବେଳେ ମୋର ବିଦାୟ ସମ୍ବର୍ଦ୍ଧନା ଆୟୋଜନ କରାଯାଇଥିଲା । ଯେଉଁ ଡି.ଏସ୍.ପି. ଶ୍ରୀ ଅହମଦଙ୍କ ବିଷୟରେ ଆଗରୁ କହିଛି ସେ ପ୍ରଥମେ ଟିକିଏ କଡା ଥିଲେ କିନ୍ତୁ ପରେ ବୁଝିଲେ ଯେ ସେପରି ବ୍ୟବହାର ଦ୍ୱାରା ତାଙ୍କର କିଛି ଲାଭ ହେବ ନାହିଁ । ତେଣୁ କ୍ଲବରେ ସଭ୍ୟ ନ ଥିବା ସତ୍ତ୍ୱେ ବିଦାୟ ସମ୍ବର୍ଦ୍ଧନାକୁ ଆସିଥିଲେ । ସେ ନିଜେ ମନକୁ ମୋତେ ପ୍ରଶଂସା କରି ଭାଷଣ ଦେଇଥିଲେ । ମୁଁ ତାଙ୍କୁ ରୁକ୍ଷ ଭାବରେ କହିଥିଲି ଯେ ମୋର ତାଙ୍କ ପ୍ରତି କୌଣସି ଖରାପ ଧାରଣା ନାହିଁ, କିନ୍ତୁ ମୁଁ ତାଙ୍କ ବ୍ୟବହାରକୁ ପସନ୍ଦ କରେ ନାହିଁ । ମୁଁ ଯେତେ ପାରିଛି ତାଙ୍କୁ ସାହାଯ୍ୟ କରିଛି, ଏହା ଦ୍ୱାରା ତାଙ୍କ ବ୍ୟବହାର ବଦଳି ଗଲା ଓ ତା'ପରେ ଆମେ ଦୁଇଜଣ ବନ୍ଧୁ ହୋଇଗଲୁ ।

Digitized by srujanika@gmail.com

(୭) ପଞ୍ଚମହଲରେ

୧୯୨୪, ଡିସେମ୍ବର ଶେଷ ଭାଗରେ ବରୁଚରୁ ପଞ୍ଚମହଲକୁ ମୋର ବଦଳି ହେଲା । ପଞ୍ଚମହଲ ସଦର ମହକୁମା ଗୋଧ୍ରାରେ ଜିଲା ମାଜିଷ୍ଟ୍ରେଟ୍‌ଙ୍କ ପର୍ସନାଲ୍ ଆସିଷ୍ଟାଣ୍ଟ ଭାବେ ଯୋଗ ଦେଲି । ମୁଁ ଥାନା ଜିଲାରେ ଅଳ୍ପ ସମୟ ପାଇଁ ପି.ଏ. ଭାବରେ କାମ କରିଥିଲି କିନ୍ତୁ ବିଶେଷକିଛି ଅଭିଜ୍ଞତା ହୋଇ ନଥିଲା । ମୁଁ ଗୋଧ୍ରାରେ ଚାରିବର୍ଷ ରହିଲି ଏବଂ ଏଇ ସମୟରେ ମୋର ବହୁପ୍ରକାର ଅଭିଜ୍ଞତା ହେଲା । ମୁଁ ସେଠାରେ ଗଭୀର ଭାବେ ମୋ ଜୀବନ ଓ କାମ ବିଷୟରେ ଚିନ୍ତା କଲି । ଗ୍ରୋଧା ସେତେବେଳେ ଗୋଟିଏ ପଛୁଆ ଜିଲା ଥିଲା, ବର୍ତ୍ତମାନ ମଧ୍ୟ ସେଇପରି ଅଛି । ଜିଲାର ପୂର୍ବ ଡିଭିଜନରେ ଆଦିବାସୀ ମାନେ ଅଛନ୍ତି ଓ ଜିଲାଟି ଅତି ଗରିବ । ସେତେବେଳେ ଚାଷ ମଧ୍ୟ ନିକୃଷ୍ଟ ଧରଣର ହେଉଥିଲା ଓ ଚାଷରୁ ଉତ୍ପାଦନ ହାର ଅନ୍ୟାନ୍ୟ ଜିଲାମାନଙ୍କ ତୁଳନାରେ ଖୁବ୍ କମ୍ ଥିଲା । ତା'ଛଡ଼ା କଲେକ୍ଟରଙ୍କ ପି.ଏ. ହିସାବରେ ଗୋଧ୍ରା ତାଲୁକା ମୋ ତତ୍ତ୍ୱାବଧାନରେ ଥିଲା । ଅନ୍ୟ ତାଲୁକା ମାନଙ୍କଠାରୁ ଏହା ଖୁବ୍ ବଡ଼ । ମୋର ଯଦି ଠିକ୍ ମନେ ଥାଏ, ସେ ତାଲୁକାରେ ୨୫୦ଟି ଗାଁ ଥିଲା । ଅଧିକାଂଶ ଗାଁ ଛୋଟ ।

ପି.ଏ. ହିସାବରେ ମୋ କାମ ଅଧିକ ବେଶୀ ଥିଲା । ମୋତେ କ୍ରିମ୍‌ନାଲ୍ କେଶ୍ ଶୁଣିବାକୁ ପଡୁଥିଲା । ସପ୍ତାହର ଶେଷଦିନ ମାନଙ୍କରେ ଘୋଡ଼ା ଚଢ଼ି ବହୁତ ଗସ୍ତ କରି ମୋ ଅଧୀନ ସ୍ଥାନମାନଙ୍କୁ ଯାଉଥିଲି । ମୁଁ ଗୋଧ୍ରା ବଦଳି ହୋଇଆସି ମୋର ଜଣେ ବନ୍ଧୁଙ୍କ ସହିତ କିଛି ଦିନ ରହିଲି; ସେ ସେଠାରେ ଏକ ଇଲେକ୍‌ଟ୍ରିକ୍ କମ୍ପାନୀରେ ମ୍ୟାନେଜର ଥିଲେ । ସେଠାରେ ରହିବାବେଳେ ଜାଣିଲି ଯେ ଇଲେକ୍‌ଟ୍ରିକ୍ କମ୍ପାନୀ ଓ ମ୍ୟୁନିସିପାଲିଟି ମଧ୍ୟରେ ସମ୍ପର୍କ ଭଲ ନଥିଲା । ଝଗଡ଼ା ଏ ପରିସ୍ଥିତିରେ ପହଞ୍ଚିଥିଲା ଯେ ଇଲେକ୍ଟ୍ରିକ୍ କମ୍ପାନୀ ରାସ୍ତା କଡ଼ରେ ଯେଉଁଠି ଲାଇଟ ଦେଉଥିଲା ସେଠାରେ ମ୍ୟୁନିସିପାଲିଟି କିରାସିନି ବତୀ ମଧ୍ୟ ଜଳାଉଥିଲା । ଦୁହିଁଙ୍କ ମଧ୍ୟରେ କଣ୍ଟ୍ରାକ୍ଟ ସର୍ତ୍ତ ସମ୍ବନ୍ଧରେ ଝଗଡ଼ା ଥିଲା । ଦୁଇ ତିନିମାସ ମଧ୍ୟରେ ମୋର ନିରପକ୍ଷତା ଉପରେ ଲୋକଙ୍କର ବିଶ୍ୱାସ ବଢ଼ିଲା ଏବଂ ମ୍ୟୁନିସିପାଲିଟିର ଚେୟାର୍‌ମ୍ୟାନ୍ ଓ ସଭ୍ୟମାନେ ମୋତେ ଏ ସମ୍ବନ୍ଧରେ ମଧ୍ୟସ୍ଥତା କରିବାକୁ ଅନୁରୋଧ କଲେ । ଇଲେକ୍‌ଟ୍ରିକ୍ କମ୍ପାନୀ ମାଲିକ ମଧ୍ୟ ମୋତେ ସେଇ ଅନୁରୋଧ କଲେ । ଦୁଇପକ୍ଷ ମୋ ମିମାଂସାକୁ ବିନାସର୍ତ୍ତରେ ମାନିବାକୁ ରାଜି ହେଲେ ।

ଆଗରୁ ଜିଲା କଲେକ୍ଟର ମଧ୍ୟସ୍ଥତା କରିଥିଲେ କିନ୍ତୁ କୃତକାର୍ଯ୍ୟ ହୋଇ ନ ଥିଲେ । ମୁଁ ତେଣୁ ଭାବିଲି ଏ ଦାୟିତ୍ୱ ନେବାପୂର୍ବରୁ ତାଙ୍କ ଅନୁମତି ନେବା ଉଚିତ ହେବ । ମୁଁ ଦୁଇ ପକ୍ଷକୁ କହିଲି ଯେ ଜିଲା କଲେକ୍ଟର ରାଜି ହେଲେ ମୁଁ ସେ ଦାୟିତ୍ୱ ନେବି ।

ମୁଁ ଯେତେବେଳେ କଲେକ୍ଟରଙ୍କ ସହିତ ଏ ବିଷୟରେ କଥା ହେଲି ସେ କହିଲେ "ଉଭୟ ପକ୍ଷ ଜିଦ୍‌ଖୋର, ଏକ ବାଗିଆ ଓ ଦୁର୍ଦ୍ଦାନ୍ତ ଏବଂ ଆପଣଙ୍କ ନିଷ୍ପତ୍ତି ସେମାନେ ମାନିବେ ନାହିଁ । ତେଣୁ ଆପଣ ବିଫଳ ହୋଇ ବଦନାମ ପାଇବେ ।" ମୁଁ ଉତ୍ତର ଦେଲି "ସେମାନେ ଯେତେବେଳେ ମୋତେ ବିନା ପୂର୍ବସର୍ତ୍ତରେ ମଧ୍ୟସ୍ଥି ମାନିଛନ୍ତି ଏବଂ ଲେଖିକରି ସେମାନଙ୍କର ମତ ଦେଇଛନ୍ତି ମୁଁ ଯଦି ବିଫଳ ହେବା ଭୟରେ ତାହା ଗ୍ରହଣ ନ କରେ ତେବେ ଏ ଝଗଡ଼ାର ଅନ୍ତ ହେବ ନାହିଁ । ଏହି ଝଗଡ଼ା ଯୋଗୁ ସହରରେ ବାତାବରଣ ବଡ଼ ଦୂଷିତ ତେଣୁ ଏହାର ମିମାଂସା କରିବା ପାଇଁ ମୁଁ ଚେଷ୍ଟା କରିପାରେ ।" "ଆପଣ ଚାହିଁଲେ ବଦନାମର ସମ୍ମୁଖୀନ ହୋଇପାରନ୍ତି", କଲେକ୍ଟର କହିଲେ, "ମୋର କିଛି ଆପତ୍ତି ନାହିଁ"; ମୁଁ ମଧ୍ୟସ୍ଥତାରେ ଆଗେଇଲି । ସେ ପର୍ଯ୍ୟନ୍ତ ମୁଁ ଯେତେ ମଧ୍ୟସ୍ଥତା କରିଥିଲି, ସବୁକ୍ଷେତ୍ରରେ ଦୁଇପକ୍ଷଙ୍କୁ ଏକାଠି ବସାଇ ମିମାଂସା କରିବାକୁ ପ୍ରବର୍ତ୍ତାଇଥିଲି, ଏଥର ମଧ୍ୟ ମୁଁ ସେଇ ପନ୍ଥା ଅବଲମ୍ବନ କଲି । ଦୁଇପକ୍ଷଙ୍କୁ ଦୁଇଦିନ ଧରି ନିଜ ନିଜର ଯୁକ୍ତି

Digitized by srujanika@gmail.com

ସ୍ଥାପନା କରିବାକୁ ଦିଆଗଲା । କୌଣସି ପକ୍ଷ ସୌଜନ୍ୟତା ଅତିକ୍ରମ କଲେ ମୁଁ ତାଙ୍କୁ ସାଧାରଣ ଭଦ୍ରାମି ଅବଲମ୍ବନ କରିବାକୁ ଅନୁରୋଧ କରୁଥିଲି । ଏହିପରି ଭାବରେ ବାତାବରଣ ଖରାପ ହେବାକୁ ଦେଲି ନାହିଁ । ଦୁଇଦିନ ଯୁକ୍ତିତର୍କ ପରେ ସେମାନେ ଝଗଡ଼ା ଶେଷ କରିବାକୁ ରାଜି ହେଲେ । ସେମାନେ ଦୁହେଁ ଏକାଠି ରାଜିନାମାର ସର୍ତ୍ତସବୁ ଲେଖିଲେ ଓ ମୁଁ ଦସ୍ତଖତ କଲି । ଝଗଡ଼ା ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ସମାପ୍ତ ହେଲା ଏବଂ ସହରର ବାତାବରଣ ପରିବର୍ତ୍ତନ ହୋଇ ଭଲ ଆଡକୁ ଗତି କଲା । ମୋ ସଫଳତାରେ କଲେକ୍ଟର ଆଶ୍ଚର୍ଯ୍ୟ ହୋଇଗଲେ; ସେ ଭାରି ଖୁସି ହେଲେ ଓ ମୋ କାର୍ଯ୍ୟପ୍ରଣାଳୀକୁ ସମ୍ମାନ ଦେଖାଇଲେ ।

ମୁଁ ଗୋଧ୍ରାରେ ପହଞ୍ଚିବା ମାତ୍ରେ ପୁଲିସର ଜନସାଧାରଣଙ୍କ ପ୍ରତି ଦୁର୍ବ୍ୟବହାର ଓ ନିରଙ୍କୁଶ ଶାସନ ବିଷୟରେ ଶୁଣିଲି । ଦୁଇ ତିନିଦିନ ମଧ୍ୟର ମୁଁ ନିଜେ ଏହା ଭୋଗିଲି । ମୁଁ ଯୋଗ ଦେବାପରେ ଗୋଟିଏ ଡ୍ରାମା କମ୍ପାନି ସେଠାରେ ଡ୍ରାମା କରିବା ପାଇଁ ଅନୁମତି ମାଗିଲେ । କମ୍ପାନୀ ମ୍ୟାନେଜର ମୋତେ ଅନୁମତି ମାଗିଥିଲେ । ମୋ ପୂର୍ବ ଅଫିସର ତାଙ୍କ ଅନୁରୋଧର ଜବାବ ଦେଇ ନଥିଲେ । ମୁଁ ଡ୍ରାମା ପଢ଼ି ନଥିଲି କି ଦେଖି ନଥିଲି ତେଣୁ କୌଣସି ଆପତ୍ତିଜନକ ବସ୍ତୁ ସେଥିରେ ଅଛି କି ନାହିଁ ଜାଣି ନ ଥିଲି । ସେ ବିଷୟ ଉପଯୁକ୍ତ ତଦନ୍ତ ନ କରି ଅନୁମତି ଦେବା ଠିକ୍ ହେବ ନାହିଁ ବୋଲି ଭାବିଲି । କିନ୍ତୁ ମୁଁ ଯଦି ଅନୁମତି ନ ଦିଏ ଡ୍ରାମା ହୋଇ ପାରିବ ନାହିଁ ଫଳରେ କମ୍ପାନୀର ବହୁତ କ୍ଷତି ହେବ । ଏଥିରୁ ରକ୍ଷା ପାଇବା ପାଇଁ ମୁଁ ମ୍ୟାନେଜରଙ୍କୁ କହିଲି, ମୁଁ ଅନୁମତି ଦେଉଛି ଗୋଟିଏ ସର୍ତ୍ତରେ, ମୁଁ ଡ୍ରାମା ଦେଖିବି । ଆଉ ଯଦି କୌଣସି ଆପତ୍ତିଜନକ ଜିନିଷ ଦେଖେ, ମୁଁ କହିଲେ, ଆପଣଙ୍କୁ ସାଙ୍ଗେ ସାଙ୍ଗେ ଡ୍ରାମା ବନ୍ଦ କରିବାକୁ ହେବ । ମ୍ୟାନେଜର ମୋ ସର୍ତ୍ତର ରାଜି ହେଲେ ଓ ମୁଁ ଅନୁମତି ଦେଲି ।

ଯେତେବେଳେ ମୁଁ ଡ୍ରାମା ଦେଖିବାକୁ ଗଲି ଦେଖିଲି ଇନ୍ସପେକ୍ଟର, ସବ୍‌ଇନ୍ସପେକ୍ଟର ସମେତ ଅନେକ ପୁଲିସ ଅଫିସର ସାମ୍ନା ଧାଡିରେ ବସିଛନ୍ତି । ମ୍ୟାନେଜରଙ୍କ ଅନୁରୋଧ ସତ୍ତ୍ୱେ ମୋ ପାଇଁ ସ୍ଥାନ ଖାଲି ରଖି ନ ଥାନ୍ତି । ମ୍ୟାନେଜର କ୍ଷମା ପ୍ରାର୍ଥନା ମାଗି ପୁଲିସମାନଙ୍କ ଯଥେଚ୍ଛା ଆଚାର, ବ୍ୟବହାର ବିଷୟରେ କହିଲେ । ମୁଁ ବାହାରକୁ ଗଲି ପୁଲିସ ଇନ୍‌ସପେକ୍ଟର୍ ଓ ଫୌଜଦାରଙ୍କୁ ବାହାରକୁ ଡାକିଲି । ସେମାନଙ୍କୁ ଭର୍ତ୍ସନା କଲି ଏବଂ କହିଲି ମୋ ପାଖରେ ଏ ପ୍ରଥମ ଘଟଣା ହୋଇଥିବାରୁ ମୁଁ କିଛି କାର୍ଯ୍ୟାନୁଷ୍ଠାନ କରୁନାହିଁ । କିନ୍ତୁ ଭବିଷ୍ୟତରେ ଏପରି ସ୍ୱେଚ୍ଛାଚାରିତାକୁ ମୁଁ ପ୍ରଶ୍ରୟ ଦେବିନାହିଁ । ପୁଣି କହିଲି, ସେମାନଙ୍କ ମଧ୍ୟରୁ କେହି ବିନା ଟିକେଟରେ ଡ୍ରାମା ଦେଖିପାରିବେ ନାହିଁ ଓ ନିରୀକ୍ଷଣ ଛଳନାରେ ଏତେ ପୋଲିସ ଆସିବେ ନାହିଁ ।

ଏପର୍ଯ୍ୟନ୍ତ ସେମାନେ ମନଇଚ୍ଛା ବ୍ୟବହାର କରିବାରେ ଅଭ୍ୟସ୍ତ ଥିଲେ ଏବଂ ସେମାନେ ଜିଲା ପୋଲିସ ଅଧିକାରୀଙ୍କର ପ୍ରିୟ ଥିଲେ । ଶ୍ରୀ ଲିଭରେଟ୍ ନାମକ ଜଣେ ଅନଭିଜ୍ଞ ଇଂରେଜ ବ୍ୟକ୍ତି ଜିଲା ପୁଲିସ ଅଧିକାରୀ ଥିଲେ । ତାଙ୍କର ଏ ଲୋକମାନଙ୍କ ଉପରେ ପୂରା ଭରସା ଥିଲା ଓ ଏମାନେ ତାହାର ଅସଦ୍‌ବ୍ୟବହାର କରୁଥିଲେ । ଥାନା ବାବୁ (ଫୌଜଦାର)ଙ୍କ ନାମଥିଲା ସାହବୁଦ୍ଦିନ ଓ ଲୋକମାନେ ତାଙ୍କୁ ଡରୁଥିଲେ କାରଣ ସେତେବେଳେ ଲୋକମାନଙ୍କର ବିରୋଧ କରିବା ଶକ୍ତି ନଥିଲା ।

କିଛି ଦିନପରେ ଗୋଧ୍ରା ତାଲୁକାସ୍ଥ ଶେରା ଗସ୍ତରେ ଗଲି । ଜଣେ ହରିଜନ ମହିଳା ଅଭିଯୋଗ କରିଥିଲେ ଯେ ଫୌଜଦାର ତାଙ୍କ ସହିତ ବଳତ୍କାର କରିଥିଲେ । ଫୌଜଦାର ବିରୁଦ୍ଧରେ ଅଭିଯୋଗ ଥିବାରୁ ମୁଁ ପୁଲିସ ଦ୍ୱାରା ପ୍ରାଥମିକ ତଦନ୍ତ କରାଇବା ଠିକ୍ ମନେ କଲି ନାହିଁ । ଆଇନ ଅନୁସାରେ ମାଜିଷ୍ଟ୍ରେଟ୍‌ଙ୍କର ତଦନ୍ତ କରିବା ଅଧିକାର ଅଛି । ତେଣୁ ମୁଁ ନିଜେ ତଦନ୍ତ କରିବାକୁ ସ୍ଥିର କଲି । ମୁଁ ଗାଁକୁ ପରଦିନ ସକାଳେ ଗଲି । ଫୌଜଦାର ସହିତ ହେଡ୍ କନଷ୍ଟବଳ ଥିଲେ । ମୁଁ ତାଙ୍କ ଡାଇରୀ ବହି ହାତକୁ ନେଲି, ସେଥିରେ ଦେଖିଲି ଯେ ବଳାତ୍କାର ଦିନ

Digitized by srujanika@gmail.com

ଫୌଜଦାର ସେ ଗାଁକୁ ଯାଇଥିଲେ । ମୁଁ ସାବଧାନ ସହକାରେ ଅଭିଯୋକ୍ତା ଓ ସାକ୍ଷୀଙ୍କ ବୟାନ ପରୀକ୍ଷା କରି ଅଫିସକୁ ଫେରି ଆସିଲି । ସଂଧ୍ୟାବେଳେ ମୁଁ କଲେକ୍ଟର (ଯେ କି ଜିଲା ମାଜିଷ୍ଟ୍ରେଟ ଥିଲେ)ଙ୍କ ଠାରୁ ଗୋଟିଏ ନୋଟ୍ ପାଇଲି । ସେ ଡି.ଏସ୍.ପି.ଙ୍କ ଠାରୁ ଗୋଟିଏ ଅଭିଯୋଗ ପାଇଥିଲେ ଯେ ମୁଁ ଫୌଜଦାରକୁ ଏ କେଶ୍‌ରେ ଜଡିତ କରୁଛି । ସେ ସମ୍ବନ୍ଧରେ ମୋ ଠାରୁ ଘଟଣାଟି ବିଷୟରେ ଜାଣିବାକୁ ସେ ଚାହିଁଥିଲେ । ମୁଁ ଜବାବରେ କହିଲି ଯେ ମୁଁ ଗୋଧ୍ରା ଫେରୁଛି ଏବଂ ବ୍ୟକ୍ତିଗତ ଭାବେ ପରେ ସବୁ ବିଷୟ କହିବି ।

ଶ୍ରୀ ଟିଉଡର୍ ଓଏନ୍ କଲେକ୍ଟର୍ ଥିଲେ । ସେ ଜଣେ ଅଭିଜ୍ଞ ବରିଷ୍ଠ ଅଫିସର ଥିଲେ । ସେ ଭାଭନଗର ମହାରାଜା ନାବାଳକ ଥିବାବେଳେ ତାଙ୍କ ତତ୍ତ୍ୱାବଧାରକ ଭାବେ କାମ କରିଥିଲେ । ଶ୍ରୀ ଓଏନ ପ୍ରାୟ ଚାରିବର୍ଷ ପୂର୍ବେ ମୋ ପାଖକୁ ଦୁଇ ତିନି ଖଣ୍ଡ ଚିଠି ଲେଖିଥିଲେ । ମୁଁ ଗୋଧ୍ରାରେ ପହଞ୍ଚି ଘଟଣାର ବିବରଣୀ ତାଙ୍କୁ ଦେଲି । ସେ ମୋତେ କହିଲେ ‘‘ଡି.ଏସ୍.ପି. କୁହନ୍ତି କି ସେ, ସେ ସମୟରେ ଫୌଜଦାର ସହିତ ଥିଲେ ।’’ ମୁଁ ଜବାବରେ କହିଲି, ‘‘ଯଦି ତାହା ହୋଇଥାଏ ଆପଣ ଡି.ଏସ୍.ପି.ଙ୍କ ଠାରୁ ଲିଖିତ ବୟାନ ଆଣନ୍ତୁ, କାରଣ ମୋ ପାଖରେ ଥିବା ଡାଇରୀରେ ଅନ୍ୟ ପ୍ରମାଣ ଲେଖା ଅଛି । ଡି.ଏସ୍.ପି.ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନର ଦରକାର ପଡିପାରେ ।’’ ମୁଁ ପୁଣି ମଧ୍ୟ କହିଲି, ‘‘ଆପଣ ଯଦି ଚାହାନ୍ତି ମୁଁ ଏ କେଶ୍ ବିଚାର କରିବି ନାହିଁ, ଆପଣ ବର୍ତ୍ତମାନ ଅନ୍ୟ ଜଣେ ମାଜିଷ୍ଟ୍ରେଟ୍‌ଙ୍କୁ ଏ କେଶ୍ ବିଚାର ପାଇଁ ଦେଇପାରନ୍ତି । ମୋର କୌଣସି ଆପତ୍ତି ନାହିଁ, କିନ୍ତୁ ଆପଣ ଯଦି ଇଚ୍ଛା କରନ୍ତି ଯେ ମୁଁ ଏ କେଶ୍ ବିଚାର କରିବି, ମୋର ଆପଣଙ୍କୁ ଅନୁରୋଧ ଆପଣ ଏଥିରେ ହସ୍ତକ୍ଷେପ କରିବେ ନାହିଁ ।’’ ସେ କହିଲେ, ‘‘ଆପଣ ଏ କେଶ୍ ବିଚାର କରିପାରନ୍ତି ।’’ ସେ ଯେତେବେଳେ ଡି.ଏସ୍.ପି.ଙ୍କୁ ଲିଖିତ ବିବୃତ୍ତି ଦେବାକୁ କହିଲେ, ଡି.ଏସ୍.ପି. ଆଗରୁ କହିଥିବା କଥା ମୋଟେ କହିନାହାନ୍ତି ବୋଲି କହି, ନିଜକୁ ରକ୍ଷା କରିବା ପାଇଁ, ଆଉ ଗୋଟିଏ କଥା କହିଲେ -- ମୋର ଭୁଲ ବୁଝାମଣା ହୋଇଥିଲା । କଲେକ୍ଟରଙ୍କ ହୃଦବୋଧ ହୋଇଥିଲା ଯେ ତାଙ୍କ ଆଗ ବିବୃତ୍ତି ଠିକ୍ ନ ଥିଲା ।

ମୁଁ ପ୍ରାଥମିକ ତଦନ୍ତ ଶେଷ କରି ଫୌଜଦାରଙ୍କୁ ଆରେଷ୍ଟ କରି ଜିଲା ଜେଲକୁ ପଠାଇ ଦେଲି । ମୁଁ ଜାମିନ୍‌ରେ ଛାଡିଲି ନାହିଁ । ଫୌଜଦାର ମୋ ବିଚାର ବିରୁଦ୍ଧରେ ସେସନ୍ସ୍ କୋର୍ଟକୁ ଅପିଲ କଲେ କିନ୍ତୁ ଅପିଲ ନାମଞ୍ଜୁର ହୋଇଗଲା ଏବଂ କେଶ୍ ବିଚାର ଚାଲିଲା । ସେସନ୍ସ୍ କୋର୍ଟରେ କେଶ୍ ଶେଷ ହେବା ପର୍ଯ୍ୟନ୍ତ ଫୌଜଦାର ଜେଲରେ ରହିଲେ । ଫୌଜଦାର ଅତି କୁଖ୍ୟାତ ଓ ସାଂଘାତିକ ଲୋକ ଥିବାରୁ ତାଙ୍କୁ ଆରେଷ୍ଟ କରାଇଥିବା ବ୍ୟକ୍ତିକୁ ଦେଖିବାକୁ ଲୋକମାନେ ଗୋଧ୍ରା ଆସିଥିଲେ, ଏଇଥିରୁ ଜଣାଯାଏ ଯେ ଲୋକମାନେ ଏହି ବ୍ୟକ୍ତି ପାଇଁ କେତେ ଭୟଭୀତ ଥିଲେ ଓ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବାରୁ ସେମାନେ କେତେ ଖୁସି ହେଲେ ।

ମୁଁ ବିଚାର କରି ଦୋଷୀକୁ ସେସନ୍ସ୍ କୋର୍ଟକୁ ପଠାଇଲି । ସେସନ୍ସ୍ କୋର୍ଟରେ ମୋତେ ସାକ୍ଷୀ ଦେବାକୁ ହୋଇଥିଲା । ମୁଁ ଯାହା ଯାହା ଜାଣିଥିଲି ସବୁ ବର୍ଣ୍ଣନା କରି କହିଲି । ଦୋଷୀକୁ ପୂର୍ଣ୍ଣ ସୁବିଧା ମିଳିଲା । ପ୍ରତିପକ୍ଷ ଓକିଲ ଅଭିଯୋକ୍ତା ଓ ସାକ୍ଷୀଙ୍କୁ ଗୋଟିଏ ପ୍ରକାରରେ କହିବାକୁ ନିର୍ଦ୍ଦେଶ ଦେଇଥିଲେ, ତେଣୁ ମୁଁ କ'ଣ କହିଲି ଓ ସେମାନେ କ'ଣ କହିଲେ ସେଥିରେ ଅନ୍ତର ଦେଖାଗଲା । ଦୋଷୀ ଏହାର ସୁବିଧା ପାଇ ଖଲାସ ହେଲା, ବିଶ୍ୱାସ ଯୋଗ୍ୟ ପ୍ରମାଣ ଅଭାବରୁ । ମୁଁ ଫୌଜଦାରଙ୍କୁ ଦୋଷୀ କରିବା ପାଇଁ ସେଇପରି ଭାବରେ ସାକ୍ଷୀ ଦେଇ ପାରିଥାନ୍ତି ଯଦି ମୋର ଫୌଜଦାର ବିରୁଦ୍ଧରେ ଅନିଷ୍ଟ ସାଧନ ଇଚ୍ଛା ଥାଆନ୍ତା । କିନ୍ତୁ ମୋର ଦୃଢ଼ ସିଦ୍ଧାନ୍ତ ଥିଲା ଯେ ମୁଁ କାହାରି ଅନିଷ୍ଟ ଚିନ୍ତା କରିବି ନାହିଁ, କି ଯେକୌଣସି କାରଣ ହେଉନା କାହିଁକି ମିଥ୍ୟାର ପ୍ରଶ୍ରୟ ନେବି ନାହିଁ । ମୁଁ ଜାଣିଥିଲି ଯେ ଠିକ୍ ଠିକ୍ ଭାବେ ବିବୃତ୍ତି ଦେଲେ ଦୋଷୀ ଖଲାସ ହୋଇଯାଇ ପାରେ, ତଥାପି ମୁଁ ଜାଣିଥିବା ଘଟଣାର ପରିଷ୍କାର ବିବୃତି ଦେଇଥିଲି ।

Digitized by srujanika@gmail.com

କୌଣସି ବିବାଦ ହେଲେ, ମୋର ସାହାଯ୍ୟ ଚାହିଁଲେ, ମୁଁ ବିବାଦର ମିଂମାସା କରିବାକୁ ସାହାଯ୍ୟ କରୁଥିଲି । ମୁଁ ଯେତେବେଳେ ଫୌଜଦାର କେଶ୍ ବିଚାର କରି ସେସନ୍ସକୁ ପଠାଇ ଦେଲି, ଡି.ଏସ୍.ପି.ଙ୍କୁ ଭଲ ଲାଗିଲା ନାହିଁ । ସେ କଲେକ୍ଟରଙ୍କୁ କହିଥିଲେ ସବ୍‌ଇନ୍ସପେକ୍ଟରଙ୍କର କୌଣସି କ୍ଷତି ହେଲେ ମୁଁ ଶ୍ରୀ ଦେଶାଇଙ୍କର ସୁରକ୍ଷା ପାଇଁ ଦାୟିତ୍ୱ ନେବି ନାହିଁ । କଲେକ୍ଟର ମୋତେ ଏକଥା କହିଲେ ଓ ମୁଁ ଉତ୍ତର ଦେଲି, ''ଆପଣଙ୍କୁ, ଡି.ଏସ୍.ପି.ଙ୍କୁ ସାବଧାନ କରିବାକୁ ହେବ ଯେ ମୋ ସୁରକ୍ଷା ବିପଦାପନ୍ନ ହେଲେ ସେ ଦାୟୀ ହେବେ ।'' ଡି.ଏସ୍.ପି. ମୋ ଘରର ବିପରୀତ ଦିଗ ବଙ୍ଗଳାରେ ରହୁଥିଲେ । ମୁଁ ପୁଣି କହିଲି ''ଆପଣ ଡି.ଏସ୍.ପି.ଙ୍କୁ ଜଣାଇବା ଉଚିତ ହେବ ଯେ ମୋର କୌଣସି ପ୍ରକାର କ୍ଷତି ହେଲେ ମୁଁ ତାଙ୍କୁ ଦାୟୀ କରିବି ।'' ଏ ବିଷୟରେ ଜିଲା ମାଜିଷ୍ଟ୍ରେଟ୍ ଡି.ଏସ୍.ପି.ଙ୍କ ସହିତ କଥାବାର୍ତ୍ତା ହେଲେ, ଡି.ଏସ୍.ପି. ମୋ ପାଖକୁ ଲେଖିଲେ, ''ମୁଁ ଆପଣଙ୍କ ସୁରକ୍ଷାର ସମସ୍ତ ବନ୍ଦୋବସ୍ତ କରିବି, ମୁଁ ଆପଣଙ୍କ ବଙ୍ଗଳାକୁ ପୁଲିସ ପାର୍ଟି ପଠାଇବି ।'' ମୁଁ ଜବାବ ପଠାଇଲି ''ମୋର କୌଣସି ପୁଲିସ ପାର୍ଟି ଦରକାର ନାହିଁ । ମୋତେ ରକ୍ଷା କରିବା ଆପଣଙ୍କର ଦାୟିତ୍ୱ, ତେଣୁ ଆପଣ ଯାହା ଠିକ୍ ଭାବିବେ ତାହାହିଁ କରନ୍ତୁ ।'' ଏ ଖବର ସହରସାରା ଖେଳିଗଲା, ମୋ ପ୍ରତି ସେଠାରେ ଏତେ ଶୁଭେଚ୍ଛା ଥିଲା ଯେ କେତେକ ଲୋକ ମୋ ଅଜାଣତରେ ରାତିରେ ମୋ ଘର ଉପରେ ନଜର ରଖିଥିଲେ । ସେମାନଙ୍କ ମଧ୍ୟରେ ଅନେକ ଘାଞ୍ଚି ମୁସଲମାନ ଥିଲେ ।

ଡି.ଏସ୍.ପି. ମହୋଦୟ ମୋ ଉପରେ ଏତେ ବିରକ୍ତ ହୋଇଥିଲେ ଯେ ସେ ମୋତେ ହଇରାଣ କରିବାକୁ ସୁଯୋଗ ଉଣ୍ଡୁଥିଲେ । ସେ ଜିଲା ମାଜିଷ୍ଟ୍ରେଟ୍‌ଙ୍କୁ ଜଣାଇଲେ ଯେ ମୁଁ ମୋ ଘର ମାଲିକଙ୍କର ବହୁତ ଫର୍ଣ୍ଣିଚର, କିଛି ପଇସାପତ୍ର ନ ଦେଇ, ବ୍ୟବହାର କରୁଛି । ଜିଲା ମାଜିଷ୍ଟ୍ରେଟ୍ ମୋତେ ପଚାରିଲେ । ମୁଁ କହିଲି ମାଲିକଙ୍କର ମାତ୍ର ଗୋଟିଏ ଟେବୁଲ୍ ଓ ତିନୋଟି ଚେୟାର ଅଛି । ସେଗୁଡିକ ବହୁତ ପୁରୁଣା ଓ ବେଶୀ କିଛି କାର୍ଯ୍ୟର ନୁହେଁ, ସେଗୁଡିକ ମୋ ଉପରେ ବରଂ ବୋଝ । ମାଲିକଙ୍କର ଆଉ କିଛି ଫର୍ଣ୍ଣିଚର ନାହିଁ । ଆପଣଙ୍କୁ ଭୁଲ ତଥ୍ୟ ଦେବା ସକାଶେ ଡି.ଏସ୍.ପି.ଙ୍କୁ ଦୋଷାରୋପ କରନ୍ତୁ ବା ସେ କ୍ଷମା ମାଗିବା ଉଚିତ ହେବ । ଡି.ଏସ୍.ପି. ଭୁଲ କରିଥିବାରୁ ମୋତେ କ୍ଷମା ମାଗିଲେ ।

ଗୋଧ୍ରା ସହର ଲୋକସଂଖ୍ୟାର ଅଧାରୁ ଅଧିକ ମୁସଲମାନଙ୍କ ସଂଖ୍ୟା ଥିଲା, ଅଧିକାଂଶ ଘାଞ୍ଚି ଗୋଷ୍ଠିର ଥିଲେ । ଅନ୍ୟମାନେ ଥିଲେ ସିହା, ଦାଉଦୀ ଓ ଭୋରା ଗୋଷ୍ଠିର । ଅଧିକାଂଶ ଥିଲେ ଚାଷୀ, ଜଙ୍ଗଲ କଣ୍ଟ୍ରାକ୍ଟର ବା ଚାକିରିଆ । ସ୍ତ୍ରୀ ଲୋକମାନଙ୍କ ମଧ୍ୟରେ ଝଗଡ଼ା ଦିନରେ ନ ଛିଡିଲେ ସେମାନେ ଟୋକେଇ ମୁହଁ ମାଡି ରଖନ୍ତି, ସୂଚନା ଦିଅନ୍ତି କି କାଲି ପର୍ଯ୍ୟନ୍ତ ଝଗଡ଼ା ସ୍ଥଗିତ ରଖାଯାଇଛି । ପରଦିନ ସକାଳେ ପୁଣି ଝଗଡା ଆରମ୍ଭ ହୁଏ । ଦଶ ବର୍ଷ ଆଗରୁ ଗୋଟିଏ ମସ୍‌ଜିଦ୍ ତିଆରି କାମ ଆରମ୍ଭ ହୋଇଥିଲା । ଦୁଇଦଳ ମଧ୍ୟରେ ଝଗଡ଼ା ହେଉଥିବାରୁ ତିଆରି ଶେଷ ହେଉନଥିଲା । କେତେକ ଲୋକ ମୋ ପାଖକୁ ଆସି କହିଲେ, ''ଦୟାକରି ମସ୍‌ଜିଦ୍ କାମ ଶେଷ କରିବାରେ ଆମ୍ଭକୁ ସାହାଯ୍ୟ କରନ୍ତୁ ଓ ଆମ୍ଭମାନଙ୍କୁ ସୁରକ୍ଷାରେ ରଖନ୍ତୁ ।'' ମୁଁ ସେମାନଙ୍କ ସୁରକ୍ଷା ପ୍ରତିଜ୍ଞା ଦେଲି ଏବଂ କାମ ଆରମ୍ଭ କରିବାକୁ କହିଲି । ମୁଁ ପରେ ସେ ସ୍ଥାନ ପରିଦର୍ଶନ କରିଥିଲି । ତା ପରେ କୌଣସି ବାଧା ବିଘ୍ନ ଆସିଲା ନାହିଁ, କାମ ଶେଷ ହେଲା ।

ଗୋଧ୍ରା ଷ୍ଟେସନ ରେଲ୍‌ୱେୟାର୍ଡ ପାଖରେ ଗୋଟିଏ ଦର୍ଘା ଥିଲା, ସେଥିରେ ଜଣେ ଫକୀର ରହୁଥିଲେ । ରେଲଲାଇନ୍ ସେଠାରେ ପଡିବାର ବହୁ ଆଗରୁ ସେଠାରେ ସେ ଦର୍ଘା ଥିଲା । ହଠାତ୍ ଦିନେ ରେଲୱେ ଅଫିସରମାନେ ଦର୍ଘା ଉଠାଇ ନେବାପାଇଁ ଫକୀରଙ୍କୁ ନୋଟିସ ଦେଲେ । ମୁଁ ସେ ସ୍ଥାନ ଦେଖିଲି ଓ ପୁରୁଣା କାଗଜପତ୍ର ପରୀକ୍ଷା କରି ମୁଁ ଦେଖିଲି ଯେ ଦର୍ଘା ଓ ଫକୀରଙ୍କ ସେଠାରେ ରହିବା ଆଇନାନୁମୋଦିତ

Digitized by srujanika@gmail.com

କାରଣ ବହୁଦିନରୁ ଥିବା ଦୃଷ୍ଟିରୁ ବିଧିବ୍ୟବସ୍ଥିତ ଅଧିକାର ସ୍ଥାପିତ ହୋଇପାରିଛି । ମୁଁ ରେଲୱେ ଲୋକମାନଙ୍କୁ ତାହା ଲେଖି ଜଣାଇଲି । ସେମାନେ କହିଲେ ଦର୍ଘାର କୌଣସି କାନ୍ଥ ନ ଥିବାରୁ ସବୁବେଳେ ଟ୍ରେନ ଯାତାୟତ ହେତୁ ସେ ସ୍ଥାନରେ ବିପଦ ଅଛି । ମୁଁ ସେମାନଙ୍କୁ ଦର୍ଘା ଚାରିପଟେ କାନ୍ଥ ହେବାକୁ କହିଲି । ଦର୍ଘା ରହିଲା, କମ୍ପାଉଣ୍ଡ କାନ୍ଥ ହେଲା, ଲୋକମାନେ ଖୁସିହେଲେ ।

ମୁଁ ଥରେ ସର୍କଲ ଇନ୍ସପେକ୍ଟର ଓ ତଲାତିଙ୍କ କାମ ଦେଖିବାକୁ ଗୋଟିଏ ଗାଁକୁ ଗଲି । ମୁଁ ଲୋକମାନଙ୍କ ଠାରୁ ଅଭିଯୋଗ ପାଇଲି ଯେ ସେ ଗାଁ ମୁଣ୍ଡରେ ଖଣ୍ଡେ ଜମିଥିଲା, ସେଥିରେ ଗାଁର ଗୋରୁଗାଈ ଚରୁଥିଲେ । ସେ ଜମି ଖଣ୍ଡକ ସରକାର ଜଣେ ବ୍ୟକ୍ତିଙ୍କୁ ବିକ୍ରିକରି ଦେଇଥିବାରୁ ଲୋକମାନଙ୍କୁ ଅସୁବିଧା ହେଉଛି । ମୁଁ ସର୍କଲ ଇନ୍ସପେକ୍ଟର୍ ଓ ତଲାତିଙ୍କୁ ସେ ବିଷୟ ପଚାରିଲି ଓ କାଗଜପତ୍ର ପରୀକ୍ଷା କଲି । ଦେଖିଲି ଯେ ସେ ଜମି ନିଲାମରେ ବିକ୍ରି ହୋଇଛି ଏବଂ ମୁଁ ବିକ୍ରି ଅନୁମୋଦନ କରିଛି । ଗାଁ ବାଲାଙ୍କୁ ପଚାରିଲି ନିଲାମ ବେଳେ ସେମାନେ କାହିଁକି ଆପତ୍ତି କଲେ ନାହିଁ । ସେମାନେ କହିଲେ ସେମାନେ ନିଲାମ ବିଷୟ କିଛି ଜାଣିନାହାନ୍ତି, ତାଙ୍କୁ କେହି ଏ ଖବର ଦେଇ ନାହାନ୍ତି । ସର୍କଲ ଇନ୍ସପେକ୍ଟରଙ୍କୁ ପଚାରିବାରୁ ସେ ସନ୍ତୋଷ ଜନକ ଜବାବ ଦେଇ ପାରିଲେ ନାହିଁ । ମୋର ହୃଦବୋଧ ହେଲା ଯେ ସର୍କଲ ଇନ୍ସପେକ୍ଟର କେବଳ କାଗଜ ପତ୍ରରେ ନିଲାମ କରିଛନ୍ତି । ଏହା ପ୍ରିୟାପ୍ରୀତି ତୋଷଣ ଓ ଭ୍ରଷ୍ଟାଚାରର ଏକ ଦୃଷ୍ଟାନ୍ତ । ସ. ଇନ୍ସପେକ୍ଟର ବେଆଇନ ଭାବେ ସେ ଜମି ବିକ୍ରି କରିଥିଲେ ।

ମୁଁ କାଗଜପତ୍ରରେ ଜମିବିକ୍ରି ପାଇଁ ଅନୁମୋଦନ ଦେଇଥିଲି । ତାକୁ ବାତ୍ୟାପ୍ତି କରିବା ସମ୍ଭବ ନଥିଲା । ମୁଁ ଦେଖିଲି ଯେ ନିଲାମ ମିଛ । ସୁତରାଂ ଏହା କାର୍ଯ୍ୟକାରୀ ହୋଇ ପାରିବ ନାହିଁ । ଲୋକମାନେ ଅନ୍ୟାୟ ଭୋଗ କରିବା ଉଚିତ ନୁହେଁ ଏବଂ ସର୍କଲ ଇନ୍‌ସପେକ୍ଟରଙ୍କ ଭବିଷ୍ୟତରେ ଏଇ ଭ୍ରଷ୍ଟାଚାର କରିବାର ଔଦ୍ଧତ୍ୟ ରହିବା ଠିକ୍ ହେବ ନାହିଁ । ଏସବୁ ମନରେ ରଖି ପ୍ରତିକାର ମୂଳକ କାର୍ଯ୍ୟକ୍ରମ ବିଷୟରେ ଚିନ୍ତା କଲି । ମୁଁ କ୍ୟାମ୍ପକୁ ଯାଇ ସର୍କଲ ଇନ୍‌ସପେକ୍ଟରଙ୍କୁ ଡାକି କହିଲି, ‘‘ମୋର ହୃଦବୋଧ ହୋଇଛି ଯେ ଆପଣ ଭୁଲ କାମ କରିଛନ୍ତି ଏବଂ ଜମି ଖଣ୍ଡକୁ ଅନ୍ୟାୟ ଭାବେ ବିକ୍ରି କରିଛନ୍ତି । ଯଦି ଆପଣ ଚାକିରି ରଖିବାକୁ ଚାହାନ୍ତି, ତେବେ କାଲି ସକାଳ ସୁଦ୍ଧା ଜମି ମାଲିକଙ୍କ ଠାରୁ ତାର ମାଲିକନା ଫେରାଇବା କାଗପତ୍ର ଆଣି ମୋତେ ଦିଅନ୍ତୁ । ନ ହେଲେ ମୁଁ ଆପଣଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ କରି ଦଣ୍ଡ ଦେବି ।’’

ସର୍କଲ ଇନ୍ସପେକ୍ଟର ବୁଝିପାରିଲେ ଯେ ସେ ଧରା ପଡିଛନ୍ତି ଓ ତାଙ୍କ ଚାକିରି ଯିବା ଉପରେ । ପରଦିନ ଜମି ମାଲିକ ଜମି ଉପରୁ ନିଜର ମାଲିକନା ଉଠାଇ ଗ୍ରାମବାସୀଙ୍କ ସପକ୍ଷରେ ଜମିର ମାଲିକାନା କରିଦେଇଥିବାର କାଗଜପତ୍ର ଆଣି ମୋତେ ଦେଲେ । ମୁଁ ଆଦେଶ ଦେଲି ଯେ ସରକାରୀ କାଗଜପତ୍ରରେ ଜମି ଗ୍ରାମବାସୀଙ୍କ ନାମରେ ପଞ୍ଜିକରଣ ହେଉ । ଲୋକମାନେ ଖୁସି ହେଲେ । ତଲାତି ଓ ସର୍କଲ ଇନ୍ସପେକ୍ଟରକୁ ସାବଧାନ କରାଇ ଦିଆଗଲା । ଅନ୍ୟଗ୍ରାମର ଅଫିସରମାନେ ଘଟଣାଟି ଜାଣିଲେ ଓ ସଚୋଟଭାବେ କାମ କରିବା ଉଚିତ୍ ବୋଲି ଶିକ୍ଷା ପାଇଲେ ।

ପ୍ରଥମେ ମୁଁ ଜିଲା ଗସ୍ତ କଲାବେଳେ ତଳ ତଳିଆ ସରକାରୀ କର୍ମଚାରୀମାନେ ଘୁଷ୍ ନେଉଥିବାର ଅଭିଯୋଗ ଶୁଣୁଥିଲି । ମୁଁ ସାଙ୍ଗେ ସାଙ୍ଗେ ସେ ଘଟଣା ତଦନ୍ତ କରୁଥିଲି । ଯଦି ଅଭିଯୋଗର ସତ୍ୟତା ପ୍ରମାଣିତ ହେଉଥିଲା, ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରୁଥିଲି । ମୁଁ ଯେଉଁସବୁ ଜିଲାରେ କାମ କରୁଥିଲି ସେଠାକୁ ମୋ ଯିବାର ତିନି ଚାରି ମାସ ମଧ୍ୟରେ ଦୁଇ ତିନୋଟି ଏଇ ଭଳି କେଶ୍ ହୋଇଥିଲା । ଆନୁଷ୍ଠାନିକ ଭାବେ କାର୍ଯ୍ୟାନୁଷ୍ଠାନର ଏଇ ପ୍ରଭାବ ହେଉଥିଲା ଯେ ତଳ କର୍ମଚାରୀମାନେ ଲାଞ୍ଚ ନେବାକୁ ସାହାସ କରୁନଥିଲେ ।

Digitized by srujanika@gmail.com

ମୁଁ ଗାଁମାନ ଗସ୍ତ କଲାବେଳେ ତଲାତି କାଗଜପତ୍ର ବିକ୍ଷିପ୍ତ ଭାବରେ ତନଖି କରୁଥିଲି । ମୁଁ ପ୍ରକୃତ କ୍ଷେତ୍ରକୁ ଯାଇ କାଗଜପତ୍ର ଠିକ୍ ଅଛି କି ନାହିଁ ଦେଖୁଥିଲି । ତେଣୁ ମିଛ ରେକର୍ଡ ଧରା ପଡି ଯାଉଥିଲା । ମୁଁ ଧରିବା ଆଗରୁ କୌଣସି ସରକାରୀ କର୍ମଚାରୀ ନିଜର ଭୁଲ ମାନିଲେ ମୁଁ ତାକୁ କ୍ଷମାକରି ଦେଉଥିଲି, ଫଳରେ ଲୋକେ ଜାଣିଲେ ଯେ କାଗଜପତ୍ରରେ ଭୁଲ ଲେଖାଥିଲେ ମୋ ଦ୍ୱାରା ଧରା ପଡିବେ ଓ ଭୁଲ ନ ମାନିଲେ ଦଣ୍ଡ ପାଇବେ ।

ଗୋଟିଏ ଗାଁରେ ମାମଲତ୍‌ଦାର ଆଦେଶାନୁସାରେ ତଲାତି ଲେଖିଥିବା ବିଷୟଟି ଭୁଲ ଥିବାର ମୁଁ ଦେଖିଲି । ତଲାତି ମାମଲତଦାରଙ୍କୁ କହିଥିଲେ ଯେ ମୁଁ ସେ ଗାଁକୁ ଗଲେ ସେ ସାଙ୍ଗେ ସାଙ୍ଗେ ଭୁଲ ମାନିଯିବେ । ଗାଁରେ ପହଞ୍ଚି ରେକର୍ଡ ଖାତା ଖୋଲିବାମାତ୍ରେ ତଲାତି ଭୁଲ ସ୍ୱୀକାର କଲେ । ମୁଁ ତାଙ୍କୁ ସାବଧାନ କରାଇ ଠିକ୍ ପଞ୍ଜିକରଣ କରିବାକୁ କହିଲି ।

କୌଣସି ନିଷ୍ପତ୍ତି ପାଇଁ ମୁଁ କାହାରିଠାରୁ କୌଣସି ସୁପାରିଶ ଗ୍ରହଣ କରୁନଥିଲି । ମୋ ପାଖକୁ କେହି ସୁପାରିଶ ନେଇ ଆସିଲେ ମୁଁ ତାଙ୍କୁ କହୁଥିଲି କେବଳ ଏଇଥିପାଇଁ ମୋର ନିଷ୍ପତ୍ତି ତାଙ୍କ ବିରୁଦ୍ଧରେ ଯିବ । ମୁଁ ଥରେ ଦୁଇଥର ଏଇପରି କଲି ମଧ୍ୟ । ଲୋକମାନେ ଜାଣିପାରିଲେ ମୋ ପାଖରେ ବିନା ସୁପାରିଶରେ କାମ ଭଲ ହେବ । ମୋ ପାଖକୁ ସେ ଉଦ୍ଦେଶ୍ୟରେ କେହି ଆସୁନଥିଲେ ।

ଗସ୍ତରେ ଗଲାବେଳେ ସାଙ୍ଗରେ ଦରକାରୀ ଜିନିଷସବୁ ନେଇ ଯାଉଥିଲି, ମୁଁ କେଉଁଠାରୁ ଧାରରେ କୌଣସି ଜିନିଷ କିଣୁ ନଥିଲି । ଗୋଧ୍ରାରେ ଥିବାବେଳେ ମୋ ଘୋଡା ଖାଇଥିବା ଘାସର ବିଲ୍ ମାଗିଲି । ବେପାରୀ ଜଣକ ବିଲ୍ ଦେବାକୁ କୁଣ୍ଠ କୁଣ୍ଠ ହୋଇ କହିଲା "ଏମିତି ମୋର ଏତେ ଘାସ ନଷ୍ଟ ହେଉଛି, ମୁଁ ଦେଇଥିବା ଘାସ ପାଇଁ କିଛି ନେଇ ପାରିବି ନାହିଁ ।" ମୁଁ ତାଙ୍କୁ କହିଲି "ଏହା ଭୁଲ, ଆପଣ ବିଲ୍ ନ ଦେଲେ ମୁଁ ସାଧାରଣ ବିଚାର କରି ପଇସା ଦେବି ଓ ଆଉ ଆପଣଙ୍କଠାରୁ ଘାସ ନେବି ନାହିଁ ।" ବେପାରୀ ଜଣକ ଠିକ୍ ବୁଝି ପାରିଲା ଓ ସାଙ୍ଗେ ସାଙ୍ଗେ ବିଲ୍ ପଠାଇଲା ଓ ପରେ ବିଲ୍ ଦେବାକୁ କୁଣ୍ଠାବୋଧ କଲା ନାହିଁ ।

ଥରେ ଜଣେ ଭଦ୍ରବ୍ୟକ୍ତି ଟୋକେଇଏ ଆମ୍ବ ଧରି ମୋ ପାଖକୁ ଆସିଲେ । ମୁଁ ପଚାରିଲି, "ଆପଣ ଆମ୍ବ କାହିଁକି ଆଣିଛନ୍ତି ?", ସେ କହିଲେ, "ମହାଶୟ, ଏସବୁ ଆପଣଙ୍କ ପିଲାମାନଙ୍କ ପାଇଁ"; ମୁଁ ପଚାରିଲି "ହଠାତ୍ ଆଜି କାହିଁକି ମୋ ପିଲାମାନଙ୍କୁ ମନେ ପକାଇଲ ? ଗରିବ ପିଲାମାନଙ୍କୁ ଏ ଆମ୍ବ ଦେଲେ ଭଲ ହେବ ।" ସେ କହିଲେ "ଆପଣ ଯାହାକୁ ଇଚ୍ଛା ଏ ଆମ୍ବ ଦେଇ ପାରନ୍ତି ।" ମୁଁ ତେଣୁ ସଙ୍ଗେ ସଙ୍ଗେ ଆମ୍ବ ତକ ତାଙ୍କରି ଆଗରେ ମୋ କମ୍ପାଉଣ୍ଡ ସଫା କରୁଥିବା ହରିଜନ ପରିବାରଙ୍କ ପାଖକୁ ପଠାଇଦେଲି । ତା'ପରେ କୌଣସି ଉପହାର ଧରି ମୋ ପାଖକୁ ଆସିବାକୁ କେହି ସାହସ କଲେ ନାହିଁ ।

ଅନ୍ୟ ଜିଲା ମୁଖ୍ୟ କାର୍ଯ୍ୟାଳୟ ଭଳି ଗୋଧ୍ରାରେ ଗୋଟିଏ ଜିମ୍‌ଖାନା ଥିଲା । ସାଧାରଣତଃ ବେସାମରିକ ନାଗରିକ, ସର୍ବଭାରତୀୟ ସେବାର ସଭ୍ୟମାନେ ଏଥିରେ ସଭ୍ୟ ଥାଆନ୍ତି । ବଡ ବଡ ସହରରେ ଯେଉଁଠାରେ ଭାରତ ସରକାରଙ୍କ ଅଫିସର ଓ ଇଂରେଜୀ ଲୋକ ବେଶି ଥାଆନ୍ତି ସେଠାରେ ଜିମ୍‌ଖାନାରେ ପ୍ରାଦେଶିକ ସେବା ଅଫିସର ମାନଙ୍କୁ ନିଆଯାଉନଥିଲା । କିଛି ଗୋଧ୍ରାଭଳି ଛୋଟ ସହରରେ ଯେଉଁଠି ବଡ ଅଫିସରମାନଙ୍କ ସଂଖ୍ୟା କମ୍ ସେଠାରେ ରାଜ୍ୟ ସେବାର ମେମ୍ବର ମାନଙ୍କୁ କ୍ଲବରେ ସଭ୍ୟ ହିସାବରେ ଗ୍ରହଣ କରାଯାଉଥିଲା । ଏଭଳି ସ୍ୱତନ୍ତ୍ର ଭାବେ ନିର୍ଦ୍ଦିଷ୍ଟ କ୍ଲବରେ ମୁଁ ସଭ୍ୟ ହେବିନାହିଁ ବୋଲି ସ୍ଥିର କରିଥିଲି । ତେଣୁ ଗୋଧ୍ରାରେ ଜିମ୍‌ଖାନା କ୍ଲବ ମୋତେ ସଭ୍ୟହେବା ପାଇଁ ଯେତେବେଳେ ନିମନ୍ତ୍ରଣ କଲା, ମୁଁ ମନା କରିଥିଲି । ସହରରେ ଓକିଲ ଓ ଅନ୍ୟମାନଙ୍କର ଆଉ ଗୋଟିଏ କ୍ଲବ ଥିଲା । ମୁଁ ସେଥିରେ ଯୋଗ ଦେଲି ଓ ସବୁଦିନେ ଟେନିସ୍ ଖେଳିବାକୁ ଯାଉଥିଲି ।

Digitized by srujanika@gmail.com

ଏସ୍.ଡି.ଏମ., ଏସ.ଡି.ଓ. ହିସାବରେ କାମ କରିବା ପରେ ମୋର ହୃଦ୍‌ବୋଧ ହୋଇଥିଲା ଯେ ଏସ.ଡି.ଏମ., ଏସ.ଡି.ଓ. ଏବଂ କଲେକ୍ଟର୍ ଲୋକମାନଙ୍କ ସ୍ୱାର୍ଥ ପାଇଁ କ୍ଷମତା ପ୍ରୟୋଗ କଲେ ଶାସନ ନିର୍ମଳ ଓ ଉତ୍କୃଷ୍ଟ ଧରଣର ହେବ । ସେମାନେ ଲୋମାନଙ୍କ ସହିତ ସମ୍ପର୍କ ରଖିଲେ ଏବଂ ସମାଜରେ ଦୁଷ୍ଟ ଲୋକମାନଙ୍କ ସମ୍ବନ୍ଧରେ ଖବର ରଖିଲେ ସେଭଳି ଲୋକମାନଙ୍କୁ ନିୟନ୍ତ୍ରଣ କରିବା ସହଜ ହେବ ।

ଥରେ ଗୋଧ୍ରାରେ ଶିବାଜୀ ଜୟନ୍ତି ଉପଲକ୍ଷେ ବହୁତ ଲୋକ ହାତରେ ଟାଙ୍ଗିଆ ଧରି ରାସ୍ତାରେ ଏକାଠି ହେଉଥଲେ । ଦଂଗାହଙ୍ଗାମାର ଆଶଙ୍କା ଥିଲା । ଏ ବିଷୟରେ ଖବର ପାଇବା ମାତ୍ରେ ମୁଁ ସେ ସ୍ଥାନକୁ ଗଲି । ମୁଁ ସେତେବେଳେ ବ୍ୟବହାର କରୁଥିବା ଘୋଡ଼ା ଚାଲିଲା ବେଳେ ବହୁତ ଶବ୍ଦ ହେଉଥିଲା । ତେଣୁ ମୁଁ ପ୍ରକୃତସ୍ଥାନରେ ପହଞ୍ଚିବା ଆଗରୁ ଲୋକମାନେ ମୁଁ ଆସୁଛି ବୋଲି ଜାଣି ପାରିଲେ । ସେମାନେ ଜାଗା ଛାଡି ଦୌଡା ଦୌଡି କରି ଚାଲିଗଲେ ଏବଂ ସ୍ଥାନରେ ଶାନ୍ତି ଆସିଥିଲା । ଦଙ୍ଗାର ଆଶଙ୍କା ଦୂର ହୋଇଥିଲା । ଦୁଷ୍ଟ ବ୍ୟକ୍ତିମାନେ ମୋତେ ସାକ୍ଷାତ କରୁଥିଲେ । ମୁଁ ଏପରି ପରିସ୍ଥିତି ତିଆରି କରୁଥିଲି ଯେ ସେମାନେ ଭୁଲ୍ କାମ କରିବାକୁ ଭୟ କରୁଥିଲେ । ମୁଁ ମଧ୍ୟ ଶାନ୍ତିପୂର୍ଣ୍ଣ ଭାବରେ ରହିବାକୁ ସେମାନଙ୍କୁ ମତାଉଥିଲି । ସେମାନେ ମୋତେ ଦେଖା କରିବାକୁ ଆସିଲେ, ମୁଁ ସବୁବେଳେ ସାକ୍ଷାତ ଦେଉଥିଲି । ଏହାଦ୍ୱାରା ମୁଁ ସେମାନଙ୍କୁ ଅସାମାଜିକ ବା କୁକର୍ମରୁ ନିବୃତ୍ତ କରୁଥିଲି ।

ସରକାରଙ୍କର ଇଂରେଜୀ ଓ ଭାରତୀୟ ଅଫିସରମାନଙ୍କୁ ଭିନ୍ନ ଭିନ୍ନ ଭାବେ ବ୍ୟବହାର ମୋ ଚାକିରି ଜୀବନର ଏକ ଅତି ଦୁଃଖଦାୟକ ଅଭିଜ୍ଞତା । ଆଇ.ସି.ଏସ୍. ଓ ଅନ୍ୟାନ୍ୟ ସେବାରେ ଥିବା କର୍ମଚାରୀଙ୍କୁ ମଧ୍ୟ ଭିନ୍ନ ଭିନ୍ନ ଭାବରେ ଦେଖା ଯାଉଥିଲା । ଧଳା ଓ କଳା ଲୋକମାନଙ୍କୁ ଭିନ୍ନ ଭିନ୍ନ ଚକ୍ଷୁରେ ଦେଖାଯାଉଥିଲା । ଏଭଳି ଅବସ୍ଥା ମୋତେ ବ୍ୟତିବ୍ୟସ୍ତ କରି ପକାଉଥିଲା । ୧୯୨୭ ରୁ ମୁଁ ଅନୁଭବ କଲି ଯେ ଏଭଳି ସରକାର ପାଖରେ ବେଶିଦିନ କାମ କରିବା ମୋ ପକ୍ଷରେ ଠିକ୍ ହେବନାହିଁ । ଶ୍ୱେତକାୟ ଅଫିସରମାନେ ଚାହୁଁଥିଲେ ଯେ କୌଣସି ସରକାରୀ ଅଫିସର କଂଗ୍ରେସ କର୍ମୀ ବା ମହାତ୍ମାଗାନ୍ଧୀଙ୍କର ଅନୁଗାମୀଙ୍କ ସହିତ କୌଣସି ସମ୍ପର୍କ ରଖିବେ ନାହିଁ ।

ଥରେ ଦରବାର ସାହେବ (ଶ୍ରୀ ଦରବାର ଗୋପାଳ ଦାସ ଦେସାଇ) ଗୋଧ୍ରା ଆସି ତାଙ୍କ ବନ୍ଧୁ, ଡେପୁଟି ପଲିଟିକାଲ ଏଜେଣ୍ଟଙ୍କ ସହିତ ରହିବାର କାର୍ଯ୍ୟକ୍ରମ ଥିଲା । ଅଫିସର ଜଣକ କଲେକ୍ଟରଙ୍କୁ ଜଣାଇଲେ । ଦରବାର ସାହେବଙ୍କୁ ଘରେ ରହିବାକୁ ଅନୁମତି ନ ଦେବାକୁ କଲେକ୍ଟର ତାଙ୍କୁ ନିର୍ଦ୍ଦେଶ ଦେଲେ । ଏଇ ଡେପୁଟି ପଲିଟିକାଲ ଏଜେଣ୍ଟ୍ ଅତ୍ୟନ୍ତ ଭଦ୍ରଲୋକ ଥିଲେ । ଚାକିରିରେ ଅସୁବିଧା ଆଶଙ୍କା କରି ସେ ଦରବାର ସାହେବଙ୍କୁ ତାଙ୍କ ଅତିଥି ହେବାକୁ ମନା କରିଥିଲେ ।

କିଛିଦିନ ପରେ ଶ୍ରୀ ମହାଦେବ ଦେସାଇଙ୍କର ଗୋଧ୍ରା ଆସିବାର ଥିଲା । ମୋର ତାଙ୍କ ସହିତ ଖୁବ୍ ଭଲ ସମ୍ପର୍କ ଥିଲା । ତେଣୁ ମୁଁ ତାଙ୍କୁ ମୋ ଘରେ ରହିବାକୁ ନିମନ୍ତ୍ରଣ କଲି । ମୁଁ ଏଥିପାଇଁ କଲେକ୍ଟରଙ୍କର ଅନୁମତି ନେଲି ନାହିଁ ଓ ଶ୍ରୀ ଦେସାଇ ମୋର ଅତିଥି ହୋଇ ରହିଲେ । କଲେକ୍ଟର ମୋ ପ୍ରକୃତି ଜାଣିଥିଲେ, ତେଣୁ ମୋତେ ଏ ବିଷୟରେ କିଛି କହିଲେ ନାହିଁ । କିନ୍ତୁ ସାଧାରଣ ବାତାବରଣ ଏପରି ଥିଲା ଯେ ମୁଁ ଅନୁଭବ କରୁଥିଲି କି ଯଦି ସମ୍ଭବ ହୁଏ ମୁଁ ସରକାରୀ ଚାକିରି ଛାଡିଦେବି । ଏଇ ସମୟରେ ଅହମଦାବାଦ ମ୍ୟୁନିସିପାଲିଟିରେ ଚିଫ୍ ଅଫିସର୍ ସ୍ଥାନ ଖାଲି ଥିଲା ଓ ମୁଁ ସେଥିପାଇଁ ଆବେଦନ କଲି । ସେତେବେଳେ ମୁଁ ଭାବୁଥିଲି ଯେ ଯଦି ମୋତେ ସେ କାମ ଭଲ ଲାଗିବ ମୁଁ ସରକାରୀ ଚାକିରିରୁ ଇସ୍ତଫା ଦେଇ ମ୍ୟୁନିସ୍ପାଲିଟି ଚାକିରିରେ ସ୍ଥାୟୀ ଭାବେ କାମକରିବି । ଶ୍ରୀ ଭଗତ ସେତେବେଳେ ଅହମଦାବାଦ ମ୍ୟୁନିସିପାଲିଟିରେ ଅସ୍ଥାୟୀ ଚିଫ୍ ଅଫିସର ଭାବେ

Digitized by srujanika@gmail.com

କାମ କରୁଥିଲେ । ସେ ମଧ୍ୟ ଏ ଚାକିରି ପାଇଁ ଆବେଦନ କରିଥିଲେ । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ମ୍ୟୁନିସିପାଲିଟିର ପ୍ରେସିଡେଣ୍ଟ ଥିଲେ । ସେ ଶ୍ରୀ ଭଗତଙ୍କ କାମକୁ ପସନ୍ଦ ନ କରୁଥିବାରୁ ଆବେଦନ ଆହ୍ୱାନ କରିଥିଲେ, ମୁଖ୍ୟତ ତିନିଜଣ ପ୍ରାର୍ଥୀ ଥିଲେ -- ଶ୍ରୀ ଭଗତ, ଶ୍ରୀ ଦିୱାନ ଓ ମୁଁ । ମୋତେ ସାକ୍ଷାତକାରରେ ପଚରାଗଲା, "ଯଦି ଆପଣଙ୍କୁ ନିଯୁକ୍ତି ଦିଆଯାଏ, ଆପଣ ବର୍ଷକ ମଧ୍ୟରେ କ'ଣ କଲେ ତାର ହିସାବ ଦେଇ ପାରିବେ?" ମୁଁ ଜବାବ ଦେଲି, "ବର୍ଷକ ପରେ, ମୋ ରିପୋର୍ଟ ନ ଦେଖି, ଯଦି ପ୍ରେସିଡେଣ୍ଟ ଓ ଅନ୍ୟ ସଭ୍ୟମାନେ ଭାବନ୍ତି, ମୋ କାମ ସନ୍ତୋଷଜନକ ନୁହେଁ ମୁଁ ଧରିନେବି ଯେ ମୋ କାମ ପସନ୍ଦ ଯୋଗ୍ୟ ନୁହେଁ । ସଂପୃକ୍ତ କର୍ତୃପକ୍ଷ ମୋ ରିପୋର୍ଟ ନ ଦେଖି ମୋ କାମ ସନ୍ତୋଷଜନକ କହିଲେ ମୁଁ ସେଇ ମତ ପୋଷଣ କରିବି ।" ଅନ୍ୟ ପ୍ରଶ୍ନଟିଏ ପଚାରିଲେ, "ଆପଣ ସେ ଚାକିରି ଛାଡି ମ୍ୟୁନିସିପାଲ ଚାକିରି କଲେ ଭଲ ହେବ?" ମୁଁ କହିଲି, "ବର୍ଷକ ପରେ ଆପଣ ଯଦି ମୋ କାର୍ଯ୍ୟରେ ସନ୍ତୁଷ୍ଟ ହେବେ ଏବଂ ମୋତେ ସ୍ଥାୟୀ କରିବାକୁ ଚାହିଁବେ ମୁଁ ତାହା ଆନନ୍ଦର ସହିତ ଗ୍ରହଣ କରିବି ।"

ମ୍ୟୁନିସିପାଲଟି ସଭ୍ୟଙ୍କ ମଧ୍ୟରେ ଦୁଇଦଳ ଥିଲେ । ସର୍ଦ୍ଦାର ପଟେଲ ଅତ୍ୟନ୍ତ ଦକ୍ଷ ପ୍ରେସିଡେଣ୍ଟ ଥିଲେ ଏବଂ ସଭ୍ୟମାନେ ତାଙ୍କୁ ବହୁତ ସମ୍ମାନ ଦେଖାଉଥିଲେ । ଅନ୍ୟ ପ୍ରାର୍ଥୀ ଶ୍ରୀ ଦିୱାନ ଡେପୁଟୀ କଲେକ୍ଟର ଥିଲେ । ତାଙ୍କ ବଡ଼ ଭାଇ ସର୍ଦ୍ଦାରଙ୍କର ଭଲ ସାଙ୍ଗ ଓ କଂଗ୍ରେସରେ ସହକର୍ମୀ ଥିଲେ । ତେଣୁ ସର୍ଦ୍ଦାର ସାହେବ ଶ୍ରୀ ଦିୱାନଙ୍କ ଆଡକୁ ଟଳୁଥିଲେ । ବେଶୀ ସଭ୍ୟଙ୍କୁ ଦିୱାନ ଭଲ ଲାଗୁନଥିଲେ ତେଣୁ ସେମାନେ ମୋତେ ବାଛିଲେ । ସେମାନେ ଯେତେବେଳେ ଜାଣିଲେ ସର୍ଦ୍ଦାର ଶ୍ରୀ ଦିୱାନଙ୍କୁ ଅଧିକ ପସନ୍ଦ କରୁଛନ୍ତି ସେମାନେ ଶ୍ରୀ ଭଗତଙ୍କୁ ପସନ୍ଦ କଲେ କାରଣ ସେମାନେ ଇଚ୍ଛା କରୁଥିଲେ ଯେ ଏ ତ୍ରିକୋଣ ଲଢ଼େଇରେ ସର୍ଦ୍ଦାରଙ୍କ ଚତୁରତାର ପ୍ରାର୍ଥୀ ଶ୍ରୀ ଦିୱାନ ଏ କାମ ନ ପାଆନ୍ତୁ ।

ଏଇପରି ଭାବେ ଶ୍ରୀ ଭଗତ ନିଯୁକ୍ତି ପାଇଲେ । ଏଇସବୁ ଘଟଣା ଚାଲୁଥିବା ବେଳେ ମୁଁ ଶ୍ରୀ ଦିୱାନଙ୍କ ପାଖକୁ ଖବର ପଠାଇଲି ଯେ "ଆପଣ ଯଦି ନିଯୁକ୍ତି ପାଇବା ପାଇଁ ନିଶ୍ଚିନ୍ତ, ମୁଁ ଏ ପ୍ରତିଯୋଗିତାରୁ ମୋର ପ୍ରାର୍ଥୀ ଆବେଦନ ପ୍ରତ୍ୟାହାର କରିନେବି । କିନ୍ତୁ ମୁଁ ଠିକ୍ କରି ଜାଣେ ଯେ ଏକଥା କେବେହେଲେ ଘଟିବ ନାହିଁ ଏବଂ ଶ୍ରୀ ଭଗତ ନିଶ୍ଚିତ ଭାବେ ଆମ ଦୁଇଜଣଙ୍କ ପ୍ରତିଯୋଗିତାର ସୁବିଧା ଉଠାଇ ନିଯୁକ୍ତି ପାଇବେ, ତେଣୁ ଆପଣ ଆପଣଙ୍କ ଆବେଦନ ପ୍ରତ୍ୟାହାର କରିନେଲେ ମୁଁ ନିଶ୍ଚୟ ନିଯୁକ୍ତି ପାଇବି ଓ ଶ୍ରୀ ଭଗତ କୃତକାର୍ଯ୍ୟ ହେବେ ନାହିଁ । ଯଦି ଶ୍ରୀ ଭଗତ ନିଯୁକ୍ତି ପାଆନ୍ତି ସର୍ଦ୍ଦାର ଅପମାନ ବୋଧ କରିବେ ଓ ମ୍ୟୁନିସିପାଲିଟି ପ୍ରେସିଡେଣ୍ଟ ପଦରୁ ଇସ୍ତଫା ଦେବେ ଫଳରେ ମ୍ୟୁନିସିପାଲଟି ଜଣେ ଦକ୍ଷ କର୍ମୀ ହରାଇବ ।"

ଶ୍ରୀ ଦିୱାନ ମୋ ଯୁକ୍ତି ଗ୍ରହଣ କଲେନାହିଁ ତେଣୁ ମୋ ସୂଚନା ଅନୁଯାୟୀ କାମ କଲେନାହିଁ, ଫଳରେ ଶ୍ରୀ ଭଗତ ନିଯୁକ୍ତି ପାଇଲେ, ସର୍ଦ୍ଦାର ଇସ୍ତଫା ଦେଇ ସତ୍ୟାଗ୍ରହ ପ୍ରସ୍ତୁତ କରିବାକୁ ବର୍ଦ୍ଦୋଲି ଗଲେ । ଗୋଟାଏ ଦୃଷ୍ଟିରୁ ଘଟଣା ଭଲ ମୋଡ଼ ନେଲା । ସର୍ଦ୍ଦାର ମ୍ୟୁନିସିପାଲିଟିରେ ଥିଲେ ବର୍ଦ୍ଦୋଲି ସତ୍ୟାଗ୍ରହରେ ଯେତେ ଧ୍ୟାନ ଦେଇ କାମ କଲେ ତାହା ହୋଇ ପାରି ନଥାନ୍ତା । ବର୍ଦ୍ଦୋଲି ସତ୍ୟାଗ୍ରହର ସଫଳତା କେବଳ ସର୍ଦ୍ଦାରଙ୍କର କ୍ଷମତା ଓ କୌଶଳ ପୂର୍ଣ୍ଣ କାର୍ଯ୍ୟ ଯୋଗୁଁ ସମ୍ଭବ ହୋଇଥିଲା । ଏହାଦ୍ୱାରା ମୋର ମଧ୍ୟ ଭଲ ହେଲା, କାରଣ ମ୍ୟୁନିସିପାଲିଟିରେ ଯୋଗ ଦେଇଥିଲେ ମୁଁ ସେ ଚାକିରିରେ ସ୍ଥାୟୀ ହୋଇ ରହିଥାନ୍ତି ଓ ଚାକିରି ଛାଡି ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେବା ମୋ ପକ୍ଷରେ ସମ୍ଭବ ହୋଇ ନ ଥାନ୍ତା । ଯଦିଓ ସାଙ୍ଗେ ସାଙ୍ଗେ ଏହାର ପରିଣାମ ସେତେ ଭଲ ହୋଇ ନଥିଲା, ଶେଷ ପରିଣାମ ମୋ ପାଇଁ, ସର୍ଦ୍ଦାରଙ୍କ ପାଇଁ ଓ ଜନ ସମାଜ ପାଇଁ ଅତ୍ୟନ୍ତ ସୁଫଳଦାୟକ ହୋଇଥିଲା । ତେଣୁ ମୋ ସିଦ୍ଧାନ୍ତ ଯେ "ଭଗବାନ ଯାହା କରନ୍ତି ମଙ୍ଗଳ ପାଇଁ" ଆହୁରି ଦୃଢ଼ ହୋଇଗଲା ।

Digitized by srujanika@gmail.com

୧୯୨୭-୨୮ରେ ଗୋଧ୍ରାରେ ଗୋଟାଏ ଘଟଣା ଘଟିଥିଲା ଯାହାକି ମୋ ଜୀବନକୁ ବିସ୍ତୃତ ଭାବେ ପ୍ରଭାବିତ କଲା । ସେତେବେଳେ ସହରରେ ହିନ୍ଦୁ ଓ ମୁସ୍‌ଲିମ ଲୋକ ସଂଖ୍ୟା ପ୍ରାୟ ସମାନ ସମାନ ଥିଲା । ବୋଧହୁଏ ମୁସ୍‌ଲିମମାନେ ଅର୍ଦ୍ଧାଧିକ ଥିଲେ । ମୁସ୍ଲିମ୍‌ମାନେ ମସ୍‌ଜିଦ୍ ଆଗରେ ବାଦ୍ୟ ସଂଗୀତ ବିରୁଦ୍ଧରେ ଭୀଷଣ ଅଭିଯୋଗ କରୁଥିଲେ । ଫଳରେ ବେଳେବେଳେ ଦଙ୍ଗା ହେଉଥିଲା । ସେଇପରି ଗୋ ବଧ ଯୋଗୁଁ ମଧ୍ୟ ଦଙ୍ଗାହଙ୍ଗାମା ହେଉଥିଲା । ମୋ ସମୟରେ, ଯେଉଁ ଶ୍ରୀ ଜିଆଉଦ୍ଦିନ ଅହମ୍ମଦ ବରୁଚରେ ଡି.ଏସ୍.ପି. ଥିଲେ, ସେଇ ଭଦ୍ରବ୍ୟକ୍ତି ଗୋଧ୍ରାକୁ ବଦଳି ହୋଇ ଆସିଥାନ୍ତି । ଗଣେଶ ଚତୁର୍ଥୀ ଦିନ ହିନ୍ଦୁମାନେ ପୂରା ରାସ୍ତାରେ ବାଦକ ଦଳ ସହକାରେ ଶୋଭାଯାତ୍ରାରେ ଯିବାପାଇଁ ଜିଦି ଧରିଲେ । ସେମାନେ କହିଲେ ଯେ ମସ୍‌ଜୀଦ ଆଗରେ ମଂଜିରା ବଜାଇଲେ କୌଣସି ଆପତ୍ତି ଉଠିବା କଥା ନୁହେଁ । ଡି.ଏସ୍.ପି. ପୁଲିସ ସାହାଯ୍ୟ ଦେଲେ ତେଣୁ ମଂଜିରା ବଜାଇ ଶୋଭାଯାତ୍ରା ମସ୍‌ଜୀଦ ଆଗ ରାସ୍ତାରେ ଗଲା । ଡି.ଏସ୍.ପି. ପୁଲିସ ସାହାଯ୍ୟ ଦେଇଥିବାରୁ ମୁସ୍‌ଲିମ୍‌ମାନେ କିଛି ଆପତ୍ତି କଲେ ନାହିଁ । କିନ୍ତୁ ଯେତେବେଳେ ଶୋଭାଯାତ୍ରା ଶେଷ ହେଲା ସେମାନେ ମଂଜିରାରେ ଭାଗ ନେଇଥିବା ଲୋକମାନଙ୍କୁ ଆକ୍ରମଣ କଲେ । ଶୋଭାଯାତ୍ରାର ନେତା ଶ୍ରୀ ବାମନ ରାଓ ମକଦମଙ୍କୁ ବହୁତ ମାଡ଼ ମାରିଲେ । ସେ ଯେତେବେଳେ ମାଡ଼ ଖାଇ ପଡିଗଲେ ତାଙ୍କ ସାଙ୍ଗ ଶ୍ରୀ ପୁରୁଷୋତ୍ତମ ଦାସ୍‌ଶାହା ତାଙ୍କୁ ରକ୍ଷା କରିବାକୁ ହସ୍ତକ୍ଷେପ କଲେ । ସେ ଏତେ ମାଡ଼ ଖାଇଲେ ଯେ ମରିଗଲେ । ଶ୍ରୀ ବାମରାଓଙ୍କ ଗୋଟିଏ ହାତ ଭାଙ୍ଗିଗଲା । ଅନ୍ୟମାନେ ମଧ୍ୟ ଆଘାତ ପାଇଥିଲେ ।

ମୁଁ ସେତେବେଳେ କ୍ରିକେଟ ଖେଳୁଥିଲି, ମୁଁ ଘଟଣା ସମ୍ବନ୍ଧରେ ଜାଣିବା ସାଙ୍ଗେ ସାଙ୍ଗେ ସାଇକଲ୍‌ରେ ଘଟଣାସ୍ଥଳକୁ ଗଲି । କଲେକ୍ଟର ଆଗରୁ ସେଠାରେ ଥିଲେ । ମୁଁ ଅଳ୍ପ ସମୟ ପରେ ପହଞ୍ଚିଲି । ଶ୍ରୀ ହାର୍ଟଶୋନ କଲେକ୍ଟର ଓ ଜିଲା ମାଜିଷ୍ଟ୍ରେଟ ଥିଲେ । ସେ ଜଣେ ବିଚିତ୍ର ଧରଣର ଲୋକଥିଲେ । ସେ ସତ୍ୟକୁ ଭଲପାଉ ନଥିଲେ, କଂଗ୍ରେସ ଲୋକମାନଙ୍କ ପ୍ରତି ତାଙ୍କର ଘୃଣା ଥିଲା । ଯେଉଁମାନେ ମାଡ ଖାଇଥିଲେ ସେମାନେ ଥିଲେ ହିନ୍ଦୁ, କଂଗ୍ରେସ ଲୋକ । ହିନ୍ଦୁମାନେ ନିଜ ସୁରକ୍ଷା ପାଇଁ ମଧ୍ୟ ପ୍ରତିଶୋଧ ନେଇ ନ ଥିଲେ ଏବଂ ପୂରା ଗଣ୍ଡଗୋଳ ଗୋଟିଏ ତରଫା ହୋଇଥିଲା ।

ଜିଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟ ମୋତେ ଆଶ୍ଚର୍ଯ୍ୟ ଲାଗିଲା । ମୁଁ ଅନୁଭବ କଲି ଯେ ଆକ୍ରମଣକାରୀଙ୍କ ପ୍ରତି ତାଙ୍କର ବ୍ୟବହାର ଏକ ତରଫା ଥିଲା । ଏତେବେଳକୁ ପ୍ରାୟ ସଂଧ୍ୟା ସାତ, ସେ ମୋତେ ସାଙ୍ଗେ ସାଙ୍ଗେ ଆହତମାନେ ଚିକିତ୍ସିତ ହେଉଥିବା ହସ୍ପିଟାଲକୁ ଯାଇ ସେମାନଙ୍କର ବୟାନ ରେକର୍ଡ କରିବାକୁ କହିଲେ ।

ତାଙ୍କର ଆଦେଶ ଆଇନ ସମ୍ମତ ଥିଲା । କିନ୍ତୁ ଉଦ୍ଦେଶ୍ୟ ମହତ ନଥିଲା । ସେ ଚାହୁଁଥିଲେ ପ୍ରଥମରୁ ଏପରି ଅବସ୍ଥା ତିଆରି ହେଉ ଯଦ୍ଵାରା ସାକ୍ଷୀମାନଙ୍କର ବକ୍ତବ୍ୟ ପରସ୍ପର ବିରୋଧୀ ହେବ । କିନ୍ତୁ ଆଦେଶ ଆଇନଗତ ଥିବାରୁ ମୁଁ ସାଙ୍ଗେ ସାଙ୍ଗେ ସିଭିଲ ହସ୍ପିଟାଲ ଗଲି ଏବଂ ଆହତମାନଙ୍କ ବୟାନ ନେଲି । ମୁଁ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍‌ଙ୍କ ଉଦ୍ଦେଶ୍ୟ ପ୍ରତି ସନ୍ଦିହାନ ଥିଲି । ତେଣୁ ପ୍ରତ୍ୟେକ ବୟାନର ଆରମ୍ଭ ଓ ଶେଷ ସମୟ ଲେଖୁଥିଲି । ମୁଁ ମଧ୍ୟ ମୋର ହସ୍ପିଟାଲରେ ପହଞ୍ଚିବା ଓ ହସ୍ପିଟାଲ ଛାଡିବା ସମୟ ଲେଖିଥିଲି । ହସ୍ପିଟାଲରୁ ସିଧା ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟଙ୍କ ବଙ୍ଗଳାକୁ ଗଲି । ପହଞ୍ଚିବା ସମୟ ଲେଖିଲି ଓ ସମସ୍ତ ବୟାନ ତାଙ୍କୁ ଦେଲି ।

ଏଇ ଡି.ଏମ୍. ଗୋଧ୍ରାକୁ ଆସିବା ଦିନଠାରୁ ତାଙ୍କ ଓ ମୋ ଭିତରେ କିଛି ନା କିଛି ଦ୍ଵନ୍ଦ ଲାଗି ରହୁଥିଲା । ସେ ଷ୍ଟେସନରେ ଓହ୍ଲାଇ ପଡି ତାଙ୍କ ଜିନିଷସବୁ ବଙ୍ଗଳାରେ ପହୁଞ୍ଚାଇ ଦେବାକୁ ମୋତେ କହିଲେ, ମୁଁ କୁଲି ଖର୍ଚ୍ଚର ବିଲ୍ ତାଙ୍କ ପାଖକୁ ପଠାଇଦେଲି । ମୁଁ ପରେ ଅନୁଭବ କଲି ତାଙ୍କୁ ଏହା ଭଲ ଲାଗିଲା ନାହିଁ । ମୁଁ ବିଲ୍ ଦେବାରୁ ସେ ପଇସା ଦେଲେ । ତାପରେ ସେ ମୋତେ ଗୋଟିଏ ମାଈ ମଇଁଷି ଯୋଗାଡ଼ କରିବାକୁ କହିଥିଲେ । ମଇଁଷିଟି ବଙ୍ଗଳାର କମ୍ପାଉଣ୍ଡ ଭିତରେ ରହିବ । ତେଣୁ ସେ ନିୟମିତ ଭାବେ କ୍ଷୀର ପାଇବେ ।

Digitized by srujanika@gmail.com

ନିୟମାନୁସାରେ ସେ ମୋତେ ଏପରି ଆଦେଶ ଦେଇ ପାରିବେ ନାହିଁ । କିନ୍ତୁ ସେ ଯେତେବେଳେ ମୋତେ କହିଲେ, ମୁଁ କହିଲି ମଇଁଷିର ମୂଲ୍ୟ ଦେଲେ ଯୋଗାଡ଼ କରିବା ସମ୍ଭବ ହେବ । ଏକଥା ବି ତାଙ୍କୁ ଭଲ ଲାଗିଲା ନାହିଁ । ଫଳରେ ସେ ମୋତେ ଏ ବନ୍ଦୋବସ୍ତ କରିବାକୁ ଇଚ୍ଛା କଲେନାହିଁ ଓ ଅନ୍ୟ ବାଟରେ କାମଟି କରାଇଲେ ।

ସେ ଆଦେଶ ଦେଲେ ଯେ କଲେକ୍ଟରଙ୍କ ବଙ୍ଗଳା କମ୍ପାଉଣ୍ଡ ଓଳେଇ ସଫା ରଖିବା ପାଇଁ କଣ୍ଟିଜେନ୍‌ସି ଫଣ୍ଡରୁ ଖର୍ଚ୍ଚ କରାଯିବ । ମୁଁ ତାଙ୍କୁ କହିଲି ଏହା ଠିକ୍ ହେବ ନାହିଁ -- ସେ ବାବଦ ଖର୍ଚ୍ଚ ପଇସା ସେ ଦେବେ । ଏକଥା ମଧ ତାଙ୍କୁ ଭଲ ଲାଗିଲା ନାହିଁ । ମୋ ନାମରେ ନ୍ୟାୟୋଚିତ ଅଭିଯୋଗ ପାଇଁ ମୁଁ ବାଟ ରଖିଲି ନାହିଁ କିନ୍ତୁ ମୋର ଧାରଣା ସେ ମୋ ଉପରେ ପ୍ରସନ୍ନ ନ ଥିଲେ । ଏଇ ସବୁ କାରଣ ସକାଶେ ମୁଁ ହସ୍ପିଟାଲରେ ବୟାନ ନେବା ବେଳେ ସମସ୍ତ ସମୟ ଲେଖୁଥିଲି ।

ଏହା ପରେ ଡି.ଏସ୍.ପି. ଏଇ କେଶ୍‌ର ତଦନ୍ତ ପାଇଁ କିଛି ପଦକ୍ଷେପ ନେଲେ ଏବଂ ଶ୍ରୀ ବାମନ ରାଓ ମୁକଦମ ଆପତ୍ତି ଉଠାଇଲେ । ସେ ଏକଥା ଲୋକମାନଙ୍କ ଭିତରେ ପ୍ରଚାର କଲେ ଯେ ଡି.ଏସ୍.ପି. ନିଜେ କେତେକ ସ୍ଥାନରେ ଗଣ୍ଡଗୋଳ ପ୍ରରୋଚିତ କରୁଛନ୍ତି । ଶ୍ରୀ ଅହମ୍ମଦ ଜଣେ ସୁଦକ୍ଷ, ଆତ୍ମସମ୍ମାନ-ସମ୍ପନ୍ନ ଓ ଅତ୍ୟନ୍ତ ସମ୍ବେଦନଶୀଳ ଅଫିସର ଥିଲେ । ତାଙ୍କ ବିରୁଦ୍ଧରେ ଅଭିଯୋଗ ମିଥ୍ୟା ଥିଲା ଓ ସେ ରାଗୀ ଗଲେ । ସେ ଅଭିଯୋଗକାରୀଙ୍କ ବିରୁଦ୍ଧରେ ଲାଗିଲେ । ମୁଁ ଦେଖିଲି ଯେ ତଦନ୍ତ ଯେପରି ହେବା କଥା ସେପରି ହେଉନାହିଁ ।

ଏଇ ତଦନ୍ତ ଚାଲୁଥିବାବେଳେ,ବମ୍ବେ ବିଧାନସଭାର ଦୁଇଜଣ ସଭ୍ୟ -- ରାଓବାହାଦୂର କାଲେ ଓ ରାଓବାହାଦୂର ଭୀମଭାଇ ନାଏକ ତଦନ୍ତ କରିବାକୁ ଗୋଧ୍ରା ଆସିଥିଲେ । ସେମାନେ ଅନ୍ୟମାନଙ୍କୁ ଭେଟିଲେ । ମୋତେ ମଧ ଘଟଣା ବିଷୟରେ ପଚାରିଲେ । ସେମାନେ ଡି.ଏସ୍.ପି.ଙ୍କ ବିରୁଦ୍ଧରେ ଅଭିଯୋଗ ବିଷୟରେ ପଚାରିଲେ । ମୁଁ ସେମାନଙ୍କୁ କହିଲି ଯେ ମୋର ବିଶ୍ୱାସ ଏ ଅଭିଯୋଗ ଗୁଡିକ ମିଥ୍ୟା । ସେମାନେ ଯିବାପରେ ଡି.ଏସ୍.ପି.ଙ୍କ ଠାରୁ ଖଣ୍ଡେ ନୋଟ ପାଇଲି "ମୁଁ ଅସୁସ୍ଥ, ଟିକିଏ ଆସନ୍ତୁ ।" ଡି.ଏସ୍.ପି. ମୋ ଘର ଆଗ ବଙ୍ଗଳାରେ ରହୁଥିଲେ । ମୁଁ ସେଠାକୁ ଗଲି କିନ୍ତୁ ଦେଖିଲି ସେ ଅସୁସ୍ଥ ନାହାନ୍ତି । ସେ ସାଧାରଣ କଥାବାର୍ତ୍ତା ଆରମ୍ଭ କରି ପଚାରିଲେ ଏମ୍.ଏଲ୍.ଏ.ମାନେ କଣ ମୋତେ ପଚାରିଲେ ଓ ମୁଁ କଣ ଉତ୍ତର ଦେଲି । ମୁଁ କହିଲି, "ଏ କେଶ୍‌ରେ ମୁଁ ବୟାନ ସବୁ ଲେଖିଛି ତେଣୁ ମୋତେ ସାକ୍ଷୀ ଦେବାକୁ ହେବ । ଯେହେତୁ ଏ ସମସ୍ତ ପ୍ରଶ୍ନ ଅଦାଲତରେ ଉଠିବ, ବର୍ତ୍ତମାନ ଆପଣଙ୍କ ସହିତ ଏ ସମ୍ବନ୍ଧରେ କଥା ହେବା ମୋ ପକ୍ଷରେ ଠିକ୍ ହେବନାହିଁ । ତେଣୁ ଅନୁରୋଧ, ଆପଣ ଏ କେଶ୍ ସମ୍ବନ୍ଧରେ କୌଣସି ପ୍ରଶ୍ନ ମୋତେ ପଚାରନ୍ତୁ ନାହିଁ ।" କିନ୍ତୁ ସେ ବାରମ୍ବାର ପଚାରିଲେ ଓ ମୁଁ କହିଲି "ଏପରି ମୋ ଉପରେ ଚାପ ପକାଇବା ଠିକ୍ ନୁହେଁ, ଏବଂ ମୁଁ ସଭ୍ୟମାନଙ୍କୁ କ'ଣ କହିଛି ତାହା କହିପାରିବି ନାହିଁ କାରଣ ମୁଁ ସାକ୍ଷୀ ଭାବେ କୋର୍ଟରେ ବୟାନ ଦେବି ।" ଏକଥା ମଧ କହିଲି ଯେ ସେ ମୋ ସତ୍ୟନିଷ୍ଠତା ଉପରେ ଭରସା ରଖିବା ଉଚିତ୍, ମୁଁ ସତ କଥା ହିଁ କହିବି, ସେ ଆହୁରି ଜିଦି ଧରିଲେ ଓ ମୋ ଜବାବରେ ଅପମାନିତ ଅନୁଭବ କଲେ ବୋଲି କହିଲେ । ମୁଁ, ଅଧିକ କଥାବାର୍ତ୍ତା ହୋଇ ଅଧିକ ନିଷ୍ପ୍ରୟୋଜନ ବିଭ୍ରାନ୍ତ ସୃଷ୍ଟି ନ କରି, ମୋ ଘରକୁ ଫେରିଆସିଲି ।

ତିନିଦିନ ପରେ କଲେକ୍ଟର ଓ ଡି.ଏସ୍.ପି.ଙ୍କ ସହିତ ଆଲୋଚନା କରିବା ପାଇଁ ଡାକରା ଆସିଲା । ମୁଁ ଗଲି, ଡି.ଏମ୍. ସାଙ୍ଗେ ସାଙ୍ଗେ ତାଙ୍କର ଡି.ଏସ୍.ପି.ଙ୍କ ସହିତ ହୋଇଥିବା କଥା ସବୁ କହିଲେ । ସେ ମୋତେ ଘଟଣା ବର୍ଣ୍ଣନା କରିବାକୁ କହିଲେ । ମୁଁ ସାଙ୍ଗେ ସାଙ୍ଗେ କହିଲି "ମୁଁ ଏ ବିଷୟ ସବୁ ଆଲୋଚନା କରିପାରିବି ନାହିଁ କାରଣ ଏ କେଶ୍‌ରେ କୋର୍ଟରେ ମୋତେ ସାକ୍ଷୀ ରୂପେ ବୟାନ ଦେବାକୁ ହେବ । ମୁଁ ଏକଥା ଡି.ଏସ୍.ପି.ଙ୍କୁ

Digitized by srujanika@gmail.com

କହିସାରିଛି ।'' କିନ୍ତୁ ଡି.ଏମ୍. ମୋତେ ବାଧ କରି କହିଲେ, ''ଆପଣ ଆମମାନଙ୍କୁ ନିଶ୍ଚୟ କହିବେ,'' ମୁଁ ଜବାବ ଦେଲି ''ଏ ପ୍ରକାର ଚାପ ମୋ ଉପରେ ପକାଇବା ଆପଣଙ୍କ ପକ୍ଷେ ଠିକ୍ ନୁହେଁ । ମୁଁ କିନ୍ତୁ କହିବି ନାହିଁ । ଆଉ ଯଦି କିଛି କଥା ନଥାଏ ମୁଁ ଯାଉଛି,'' କହି ମୁଁ ଚାଲି ଆସିଲି ।

ତିନିଦିନପରେ ଡି.ଏମ. ପୁଣି ମୋତେ ଡକାଇଲେ, ଡି.ଏସ.ପି. ଏବଂ ଡିଭିଜନାଲ ଫରେଷ୍ଟ ଅଫିସର (ଡି.ଏଫ୍.ଓ) ମଧ୍ୟ ସେଠାରେ ଥିଲେ । ଡି.ଏସ.ପି. ଏବଂ ଡି.ଏଫ.ଓ. କହିଲେ ଯେ ଗୋଧ୍ରା ପାଖରେ କେତେକ ଗାଁର ହିନ୍ଦୁ ନେତାମାନେ ସେଠାରେ ରହୁଥିବା ଜଣେ ଦୁଇଜଣ ମୁସିଲିମ୍‌ଙ୍କୁ ହଇରାଣ କରୁଛନ୍ତି । ତେଣୁ ତାଙ୍କୁ ସେଠାରେ ଶାନ୍ତି ରକ୍ଷା ପାଇଁ ସେମାନଙ୍କୁ ଧରିବାକୁ ହେବ । ଡି.ଏମ. ସେମାନଙ୍କୁ ସମର୍ଥନ କରି କହିଲେ ଯେ ସେମାନଙ୍କବିରୁଦ୍ଧରେ ଗୋଟିଏ ଚାପ୍‌ଟର୍ କେଶ୍ କରିବାକୁ ହେବ ଓ ତାଙ୍କୁ ପଚାରିବାକୁ ହେବ ଯେ ସେମାନେ କାହିଁକି ଜମାନତ ଦେବେ ନାହିଁ । ମୁଁ ସାଙ୍ଗେ ସାଙ୍ଗେ ଜାଣି ପାରିଲି ଯେ ନିରୀହ ଲୋକଙ୍କୁ ଫସାଇ ଦଣ୍ଡ ଦେବାର ବନ୍ଦୋବସ୍ତ ହେଉଛି । ମୁଁ ଭାବିଲି ସେମାନଙ୍କ ସହିତ କୌଣସି ଆଲୋଚନା କରିବା ଠିକ୍ ହେବ ନାହିଁ । ଡି.ଏମ., ଡି.ଏସ.ପି. ଙ୍କୁ ସେଇ ଚାରିଜଣ ହିନ୍ଦୁ ନେତାଙ୍କ ନାମରେ ଚାପ୍‌ଟର୍ କେଶ୍ ମୋ କୋର୍ଟରେ ଦାଖଲ କରିବାକୁ କହିଲେ । ସେଥିରେ ସେମାନଙ୍କର ସୁବ୍ୟବହାର ପାଇଁ ଜମାନତ ଦାବି କରାଯିବ । ମୁଁ ଆପତ୍ତି କରିଲି ନାହିଁ କାରଣ କୌଣସି କେଶ୍ ମୋ କୋର୍ଟକୁ ଆସିବା ବିଷୟରେ ମୁଁ ଆପତ୍ତି କରି ପାରିବି ନାହିଁ, କିନ୍ତୁ ଏ କାର୍ଯ୍ୟାନୁଷ୍ଠାନ ପୂରାପୂରି ଭୁଲଥିଲା, ଏଥିରେ ମୋର ସନ୍ଦେହ ନ ଥିଲା । ସେ ସମୟରେ କେତେକ ଡି.ଏମ. ଏବଂ ଡି.ଏସ.ପି. ଏପରି କର୍ମ କରିବାରେ ଅଭ୍ୟସ୍ତ ଥିଲେ । ମୋର ବ୍ୟକ୍ତିଗତ ଅଭିଜ୍ଞତା ଅଛି । ଆଜିକାଲି ମଧ୍ୟ ଏପରି କାର୍ଯ୍ୟାନୁଷ୍ଠାନ କରାଯାଉନାହିଁ କହିବା ଠିକ୍ ହେବ ନାହିଁ ।

ଦୁଇଦିନ ପରେ ଚାରିଜଣ ହିନ୍ଦୁ ନେତାଙ୍କୁ ଆରେଷ୍ଟ କରାଯାଇ ମୋ କୋର୍ଟକୁ ଅଣା ଗଲା । ସେମାନଙ୍କୁ କୁହାଗଲା ଶାନ୍ତି ରକ୍ଷା ପାଇଁ ଓ ଉତ୍ତମ ଆଚରଣ ବ୍ୟବହାର ପାଇଁ ଜମାନତ ଦେବାକୁ ପଡିବ । ଜଣେ ଅଭିଯୁକ୍ତ ବ୍ୟକ୍ତିଙ୍କର ବାପା ସେଇଦିନ ବା ପୂର୍ବଦିନ ମରି ଯାଇଥିଲେ । ସେ କ୍ରିୟା କର୍ମ ଶେଷ କରିବାପାଇଁ ଓ ଓକିଲ ଯୋଗାଡ କରିବାପାଇଁ କେଶ୍ ଦଶ ବାର ଦିନ ସ୍ଥଗିତ ରଖିବାକୁ ଅନୁରୋଧ କଲେ । ମୁଁ ତାଙ୍କୁ କହିଲି ଆପଣ ଏ କେଶ ଶେଷ ପର୍ଯ୍ୟନ୍ତ ଉତ୍ତମ ଆଚରଣ ଓ ଶାନ୍ତି ରକ୍ଷା ପାଇଁ ଗ୍ୟାରେଣ୍ଟି ଓ ଜମାନତ ଦେଲେ ମୁଁ ଆପଣଙ୍କୁ ଜାମିନରେ ଛାଡିଦେବି । ଚାରିଜଣ ଯାକ ଗ୍ୟାରେଣ୍ଟି ଓ ଜମାନତ ଦେଲେ । ମୁଁ ତାଙ୍କୁ ଜାମିନରେ ଛାଡିଦେଲି । ଡି.ଏମ. ଯେତେବେଳେ ଏ କଥା ଶୁଣିଲେ ସେ ମୋତେ ଡକାଇ ଦୋଷୀମାନଙ୍କୁ ଛାଡିଦେଇ କେଶ୍ ସ୍ଥଗିତ ରଖିବା ପାଇଁ ମୋଠାରୁ ସ୍ପଷ୍ଟିକରଣ ଦାବି କଲେ । ମୁଁ ତାଙ୍କୁ କହିଲି ''ଆପଣ ଯାହା କରୁଛନ୍ତି ତାହା ଉଚିତ ନୁହେଁ । ମୁଁ ମାଜିଷ୍ଟ୍ରେଟ ହିସାବରେ ଯାହା ସବୁଠାରୁ ଭଲ ଭାବିଲି ତାହାହିଁ କରିଛି । ମୁଁ ଅଭିଯୁକ୍ତଙ୍କୁ ତାଙ୍କ ପିତାଙ୍କ ମୃତ୍ୟୁପରେ ଧର୍ମାନୁଗତ କ୍ରିୟାକର୍ମ କରିବା ଓ ଓକିଲ ଯୋଗାଡ଼ କରିବାକୁ ସମ୍ପୂର୍ଣ୍ଣ ସୁଯୋଗ ଦେବାର କଥା । ଆପଣଙ୍କର କୌଣସି ଆପତ୍ତି ଉଠାଇବା ଉଚିତ ନୁହେଁ କାରଣ ସେମାନଙ୍କଠାରୁ ଶାନ୍ତିରକ୍ଷା କରିବାପାଇଁ ସାମୟିକ ସିକ୍ୟୁରିଟି ନେଇସାରିଛି । ଯଦି କେଶ୍ ବେଶି ଦିନ ଗଡ଼େ ତେବେ ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇଯିବ । ଅଭିଯୁକ୍ତ ମାନେ ଏଥିରୁ କୌଣସି ସୁବିଧା ଉଠାଇ ପାରିବେ ନାହିଁ ।'' ଡି.ଏମ. କମିଶନରଙ୍କ ନାମ ନେଇ କହିଲେ ''ଆପଣ ଜାଣିବା ଉଚିତ କମିଶନର ଏ କେଶ୍‌ରେ କେତେ ତତ୍ତ୍ୱ ନେଉଛନ୍ତି ।'' ମୁଁ ତାଙ୍କୁ କହିଲି, ''ଏ କେଶ୍ ଏବଂ କମିଶନରଙ୍କ ଆଗ୍ରହ ମଧ୍ୟରେ କୌଣସି ସମ୍ପର୍କ ନାହିଁ । ଆପଣଙ୍କ ହସ୍ତକ୍ଷେପ ମଧ୍ୟ ଠିକ୍ ନୁହେଁ । ଆପଣଙ୍କ ଭଳି ଡି.ଏମ.ଙ୍କ ସହିତ ଆଗରୁ ମୋର ଅଭିଜ୍ଞତା ନାହିଁ । ଆପଣଙ୍କ ଅଧୀନରେ ସଚ୍ଚୋଟ ଭାବରେ କାମ କରିବା ମୋ ପକ୍ଷରେ ସମ୍ଭବ ବୋଲି ମୁଁ ଭାବୁନାହିଁ । ତେଣୁ ମୁଁ ଆପଣଙ୍କୁ ଅନୁରୋଧ କରିବି ଆପଣ ମୋତେ ଏଠାରୁ ବଦଳି କରିଦିଅନ୍ତୁ ।'' ମୁଁ ତାଙ୍କୁ ପରିଷ୍କାର ଭାବରେ ଓ ଦୃଢ଼ତାର ସହିତ ଏକଥା କହିବା ପରେ ଆଲୋଚନା ସମାପ୍ତ ହେଲା ଏବଂ ଆଉ କିଛି କହିବାର ତାଙ୍କର ସାହସ ହେଲା ନାହିଁ ।

Digitized by srujanika@gmail.com

ତା'ପରେ ମୁଁ କେଶ୍ ବିଚାର କଲି । ପ୍ରଥମଦିନ ମୁଁ ସାକ୍ଷୀମାନଙ୍କୁ ପରୀକ୍ଷା କରି ଦେଖିଲି ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ପ୍ରମାଣିକ ତଥ୍ୟ ନାହିଁ । ତେଣୁ ମୁଁ ରାୟ ଦେବାପାଇଁ ମୋକଦ୍ଦମା ମୁଲତବି ରଖିଲି । ଅଭିଯୁକ୍ତ ମାନଙ୍କୁ ଖଲାସ କରିବାରେ ମୋ ମନରେ କୌଣସି ସନ୍ଦେହ ନ ଥିଲା କିନ୍ତୁ, ଡି.ଏମ.ଙ୍କ ପ୍ରକୃତି ଜାଣି ସାବଧାନ ସହକାରେ ରାୟ ଲେଖିବାକୁ ସମୟ ନେଲି ।

ରାୟ ଦେବା ଆଗରୁ କେତେକ ଓକିଲ ବଂଧୁ ଓ ଅନ୍ୟମାନେ ଡି.ଏମ୍.ଙ୍କ ସହିତ ଝଗଡ଼ା ନ କରି ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଜମାନତ ମାଗି ରାୟ ଦେବାକୁ ମୋତେ କହିଲେ । ଏମାନେ ସମସ୍ତେ ମୋ ଶୁଭଚିନ୍ତକ । ଡି.ଏମ. ଏବଂ କମିଶନରଙ୍କ ରାଗର ଶିକାର ନହେବାପାଇଁ ମୋତେ ଏପରି ଉପଦେଶ ଦେଲେ । ମୁଁ ତାଙ୍କୁ କହିଲି ମୋ ବିଚାରରେ ଯାହା ସତ୍ୟ ତାହାରି ଉପରେ ହିଁ ମୁଁ ନ୍ୟାୟ ଦେବି, ଅନ୍ୟଥା ମୁଁ ଡି.ଏମ.ଙ୍କ ପରି ଅସତ୍ୟ ଲୋକ ହେବି ଏବଂ ଭଗବାନଙ୍କ ଆଖିରେ ଦୋଷୀ ହେବି । ମୋ ମନରେ ସନ୍ଦେହ ନ ଥଲା ଯେ ମୋର ଚାକିରି ପଛକେ ଯାଉ ବା ଅନ୍ୟ ଅସୁବିଧା ପଛକେ ଆସୁ, ମୁଁ ସଠିକ୍ ବିଚାର କରିବି । ମୁଁ ବିଶ୍ୱାସ କରୁଥିଲି ଯେ ସତ୍ୟ ସହିତ ଜଡିତ ରହିବାରେ ମୋର ମଙ୍ଗଳ । ଏ ବଂଧୁମାନେ ଭଲଲୋକ ଥିଲେ । କୌଣସି ସୁଯୋଗ ହାସଲ କରିବା ପାଇଁ ମୌଳିକ ସତ୍ୟର ଜଳାଞ୍ଜଳି ଦେବା ଭୁଲ ବୋଲି ସେମାନେ ଚିନ୍ତା କରୁନଥିଲେ । ମୁଁ ସେମାନଙ୍କ ସହିତ ଏକମତ ନ ଥଲି କାରଣ ମୋ ମନରେ ସନ୍ଦେହ ନଥିଲା ଯେ ଯଦି ମୁଁ ଏପରି କାମ କରେ ତେବେ ମୋ ସାରା ଜୀବନ ନୀରର୍ଥକ ହୋଇଯିବ ଆଉ ମୋର ଆତ୍ମସମ୍ମାନ ରହିବନାହିଁ ତେଣୁ ମୁଁ ଅଭିଯୁକ୍ତ ମାନଙ୍କୁ ଖଲାସ କରିଦେବାକୁ ଠିକ୍‌କଲି ଓ ତାହାହିଁ କଲି ।

ଡି.ଏମ. ଭୀଷଣ ରାଗିଲେ । ସେ ସେଇ ସଂଧ୍ୟାରେ ଗୋଟିଏ ପାର୍ଟି ଦେଲେ । ସେ ମୋତେ ଛାଡି ପୋଲିସ୍ ସବ୍‌ଇନ୍‌ସ୍‌ପେକ୍ଟର ପର୍ଯ୍ୟନ୍ତ ସବୁ ଅଫିସରଙ୍କୁ ନିମନ୍ତ୍ରଣ କଲେ, ନିଜର କ୍ରୋଧ ଏହିପରି ଦେଖାଇଲେ । ତଦ୍ୱାରା ମୋର କୌଣସି କ୍ଷତି ହେଲା ନାହିଁ ବରଂ ମୁଁ ଅଡୁଆ ପରିସ୍ଥିତିରୁ ରକ୍ଷା ପାଇଲି । ମୁଁ ଡି.ଏମ./କଲେକ୍ଟରଙ୍କ ପି.ଏ. ଥିବା ସତ୍ତ୍ୱେ ଏ ଘଟଣା ପରେ ଆମେ ଭେଟି ନ ଥିଲୁ । କେବଳ କାଗଜ ଆମ ଦୁହିଁଙ୍କ ମଧ୍ୟରେ ଚାଲୁଥିଲା । ମୁଁ ତାଙ୍କୁ ଆଗରୁ ମୋତେ ବଦଳି କରିବାକୁ କହିଥିଲି, ସେ କିଛି ଏ ସମ୍ବନ୍ଧରେ ନ କରିବାରୁ ବର୍ଷ ଶେଷରେ ମୁଁ ଚାରିମାସ ଛୁଟିରେ ଗଲି ।

ଏପରି ପ୍ରାମାଣିକ ତଥ୍ୟ ନିଆଯାଇଥିଲା ଯେ ଅଭିଯୁକ୍ତମାନଙ୍କ ବକ୍ତବ୍ୟ କିଛି ବିଚାରକୁ ନିଆଯାଇ ନଥିଲା । କେଶ୍ ବିଚାର କରିବାକୁ ଶ୍ରୀ ସି.ଏ. ମିଲାର୍ଡ଼ଙ୍କୁ ନିଯୁକ୍ତି କରାଗଲା । ସେ ଡି.ଏମ୍.ଙ୍କ ଆଧିପତ୍ୟରେ ଥିଲେ । ମୁଁ ସାକ୍ଷୀ ହିସାବରେ କୋର୍ଟରେ ଉପସ୍ଥିତ ହେଲି । ପ୍ରତିବାଦୀ ଓକିଲ ବହୁତ ଜେରା କଲେ ମୁଁ ଠିକ୍ ଯାହା ଯାହା ହୋଇଥିଲା ତାହାହିଁ ବୟାନ ଦେଲି । ମାଜିଷ୍ଟ୍ରେଟ ସେଥିରେ କିଛି ତ୍ରୁଟି ପାଇଲେ ନାହିଁ । ଶ୍ରୀ ତାରାପୋର୍‌ଭାଲା ନାମକ ଜଣେ ପାର୍ସି ଭଦ୍ରଲୋକ ଗୋଧ୍ରାରେ ଇମ୍ପେରିୟାଲ୍ ବ୍ୟାଙ୍କ୍‌ରେ ଏଜେଣ୍ଟ୍ ଥିଲେ । ମୁଁ ହସ୍ପିଟାଲ୍‌ରେ ଆହତ ମାନଙ୍କ ବୟାନ ଲେଖିବାବେଳେ ଶ୍ରୀ ତାରାପୋର୍‌ଭାଲା ତାଙ୍କ ବଂଧୁ, ଶ୍ରୀ ଆୟଙ୍ଗାର ଆଇ.ସି.ଏସ. ଯେ କି ଗୋଧ୍ରାରେ ଆସିଷ୍ଟାଣ୍ଟ କଲେକ୍ଟର ଥିଲେ, ସାଥିରେ ନେଇ ହସ୍ପିଟାଲ ଆସିଥିଲେ । ବ୍ୟାଙ୍କ୍ ଏଜେଣ୍ଟ୍ ସାକ୍ଷୀ ଦେଲେ ଯେ ମୁଁ ଯେଉଁ ଆହତ ବ୍ୟକ୍ତି ବୟାନ ଲେଖୁଥିଲି ତାଙ୍କ ସହିତ ଆଲୋଚନା କରି ଲେଖୁଥିଲି । ଶ୍ରୀ ଆୟଙ୍ଗାର ସାକ୍ଷୀ ଭାବେ କୋର୍ଟରେ କହିଲେ ଯେ ଏ ଅଭିଯୋଗ ମିଥ୍ୟା ଅଟେ । ମାଜିଷ୍ଟ୍ରେଟ ଅଭିଯୁକ୍ତ ମାନଙ୍କୁ ଛାଡିଦେଲେ କିନ୍ତୁ ବ୍ୟାଙ୍କ୍ ଏଜେଣ୍ଟ୍‌ଙ୍କ ବକ୍ତବ୍ୟ ଉପରେ, ଶ୍ରୀ ଆୟଙ୍ଗାରଙ୍କ ପ୍ରତିବାଦ ସତ୍ତ୍ୱେ ମୋ ବିରୁଦ୍ଧରେ ମନ୍ତବ୍ୟ ଦେଇଥିଲେ ।

ଅଭିଯୋଗକାରୀମାନେ ମାଜିଷ୍ଟ୍ରେଟ୍ ନେଇଥିବା ରାୟ ବିରୁଦ୍ଧରେ ସେସନ୍ସ୍ କୋର୍ଟ୍‌କୁ ଅପିଲ କଲେ । ଯଦିଓ ମୁଁ ଜଣେ ପକ୍ଷ ନ ଥିଲି, ସେସନ୍ସ୍ ଜଜ୍ ମୋର ବିରୁଦ୍ଧରେ ମନ୍ତବ୍ୟ ଅପସାରଣ କରିବାକୁ ଆଦେଶ

Digitized by srujanika@gmail.com

ଦେଲେ କାରଣ ତାହା ସତ୍ୟ ଉପରେ ନିର୍ଦ୍ଧାରିତ ହୋଇ ନଥିଲା । ଡି.ଏମ୍. ମୋ ବିଚାର ବିରୁଦ୍ଧରେ ରିଭିଜନ୍ ବା ପୁନର୍ବିଚାର ପାଇଁ ନିର୍ଣ୍ଣୟ ନେଇ ପାରିଥାନ୍ତେ ବା ଉପର ଅଦାଲତରେ ଅପିଲ୍ କରି ପାରିଥାନ୍ତେ କିନ୍ତୁ ମୋ ଅଦାଲତର ନିଷ୍ପତ୍ତି ଏତେ ସ୍ପଷ୍ଟ,ସନ୍ଦେହ ମୁକ୍ତ ଏବଂ ଏପରି ପ୍ରାମାଣିକ ମୂଳସୂତ୍ରରୁ ଉଦ୍ଭୂତ ହୋଇଥିଲା ଯେ ସେ ରିଭିଜନ ବା ଅପିଲ୍ ପାଇଁ ସାହସ କଲେନାହିଁ । ଯଦି ସେ ଏପରି ପଦକ୍ଷେପ ନେଇଥାନ୍ତେ ତେବେ ତାଙ୍କ ପାତର ଅନ୍ତର ଭାବନା ପଦାରେ ପଡିଥାଆନ୍ତା ।

ଅନେକ ବ୍ରିଟିଶ୍ ସିଭିଲ ସର୍ଭାଣ୍ଟ ଓ ପୋଲିସ ଅଫିସରମାନେ ଏପରି ଗଣ୍ଡଗୋଳ ବେଳେ ଗୋଟିଏ ପକ୍ଷକୁ ଅନ୍ୟପକ୍ଷ ବିରୁଦ୍ଧରେ ଉତ୍ସାହ କରୁଥାନ୍ତି ବୋଲି ମୋର ବିଶ୍ୱାସ, ଏଇ ଦଙ୍ଗା ଘଟଣାର ଅଭିଜ୍ଞତାରୁ ଦୃଢ଼ ହେଲା । ଏ ଘଟଣାରେ ପୂରାପୂରି ଗୋଟିଏ ତରଫରୁ ଆକ୍ରମଣ ହୋଇଥିଲା । ମୁସ୍ଲିମ୍‌ମାନେ କେତେକ ହିନ୍ଦୁମାନଙ୍କୁ ଆକ୍ରମଣ କରିଥିଲେ କିନ୍ତୁ ଡି.ଏମ. ଓ ଡି.ଏସ.ପି.ଙ୍କ ଭାବନା ହିନ୍ଦୁମାନଙ୍କ ବିରୁଦ୍ଧରେ । କେତେକ ହିନ୍ଦୁ ନେତାମାନଙ୍କୁ ହଇରାଣ କରିବାପାଇଁ, ସେମାନଙ୍କ ବିରୁଦ୍ଧରେ ଚାପ୍ପର କେଶ୍ ପାଇଁ ଅଭିଯୋଗ ଦାଖଲ କରିଥିଲେ । ମୁଁ ତାଙ୍କୁ ତାଙ୍କର ଅନ୍ୟାୟ ଓ ପକ୍ଷପାତ ନୀତିକୁ ସମର୍ଥନ ନ କରିବାରୁ ସେମାନେ ମୋର ଶତ୍ରୁ ହୋଇ ଉଠିଲେ ଏବଂ ଡି.ଏମ. ମୋ ବିରୁଦ୍ଧରେ ବିଭାଗୀୟ ତଦନ୍ତ କରିବାପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ । ମୁଁ ଏଇ ତଦନ୍ତର ଫଳାଫଳ ପରେ ଉଲ୍ଲେଖ କରିବି ।

ଗୋଧ୍ରାରେ ଚାରିବର୍ଷର ଅଭିଜ୍ଞତା ମୋର ଜୀବନର ପ୍ରକୃତ ଉଦ୍ଦେଶ୍ୟ ଓ ଅର୍ଥ ବୁଝିବା ପାଇଁ ଅନେକ ସୁଯୋଗ ଦେଇଥିଲା । ଜୀବନକୁ ଯେତେଦୂର ସମ୍ଭବ, ନିର୍ମଳ ଓ ମନଙ୍କୁ ନିୟନ୍ତ୍ରଣାଧୀନ ରଖିବା ପାଇଁ ମୋର ସିଦ୍ଧାନ୍ତ ଦୃଢ଼ୀଭୂତ ଏହିଠାରେ ହିଁ ହେଲା । ଶୀଘ୍ର ହେଉ ବା ଡେରିରେ ହେଉ, ଚାକିରି ଛାଡିବା ବିଷୟ ମୁଁ ଚିନ୍ତା କରିବା ଆରମ୍ଭ କଲି ।

ଗୋଧ୍ରା ଯିବା ଦିନରୁ ମୁଁ ଗୀତା ପଢ଼ିବା ଆରମ୍ଭ କରିଥିଲି । ମୋ ଖାଦ୍ୟ ଓ ବ୍ୟବହାର ଉପରେ କେତେକ କଠିନ କଟକଣା ଆରମ୍ଭ କରିଥିଲି । ଯେହେତୁ ଏହି କଟକଣା ଗୁଡିକ ମୁଁ ନିଜେ ସ୍ୱେଚ୍ଛାରେ ଭାବିଚିନ୍ତି ଗ୍ରହଣ କରିଥିଲି, ଏହା ଦ୍ୱାରା ମୋର ଶରୀର ଓ ମନ ଉପରେ ଅନେକ ସୁପ୍ରଭାବ ପଡିଥିଲା । ମୁଁ କାଠ ଖଟ ଉପରେ ଖଣ୍ଡେ ସତରଂଜି ପକାଇ ଶୋଉଥିଲି କାରଣ କଠିନ ବିଛଣାରେ ଶୋଇବା ସୁଫଳପ୍ରଦ ବୋଲି ମୁଁ ହୃଦୟଙ୍ଗମ କରିଥିଲି । ୧୯୨୭-୨୮ରେ ମୁଁ ପରୀକ୍ଷାମୂଳକ ଭାବେ ଲୁଣ ଖାଇବା ବନ୍ଦ କରିଥିଲି । ମୁଁ ମହାତ୍ମା ଗାନ୍ଧୀଙ୍କର ''ନବଜୀବନ'' ଓ ''ୟଙ୍ଗ୍ ଇଣ୍ଡିଆ'' ନିୟମିତଭାବେ ପଢୁଥିଲି ଓ ତାଙ୍କ ଲେଖାଗୁଡିକ ଉପରେ ଗଭୀର ଚିନ୍ତା କରୁଥିଲି । ସେ ପ୍ରଚାର କରୁଥିବା ଜୀବନର ଭାବ ଧାରାକୁ ଗ୍ରହଣ କରିଥିଲି । ଆଗରୁ ମୁଁ ନିଜେ ସେଥିରୁ ଅନେକ କଥା ଗ୍ରହଣ କରିଥିଲି । ମୋର ପଞ୍ଚମ ସନ୍ତାନ ପରେ ମୋ ସ୍ତ୍ରୀ ସହିତ ଯୌନ ସମ୍ପର୍କ ତ୍ୟାଗ କରିଥିଲି କାରଣ ମୁଁ ସ୍ଥିର କଲି ଯେ ଆତ୍ମସଂଯମ ଦ୍ୱାରା ପରିବାର ନିୟନ୍ତ୍ରଣ କରିବି ।

ଏଇ ସବୁ ତତ୍ତ୍ୱ ଗ୍ରହଣ ଓ ଅଭ୍ୟାସ କରିବା ଦ୍ୱାରା ମୋର ମନ ଉପରେ ନିୟନ୍ତ୍ରଣ ବଢିଲା ଓ ଶାରୀରିକ ଶକ୍ତି ମଧ୍ୟ । ଗାନ୍ଧିଜୀଙ୍କ ଲେଖାର ପ୍ରଭାବ ଯୋଗୁ ହିଁ ମୋର ଏ ପରିବର୍ତ୍ତନ ଘଟିଲା - ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ୧୯୨୭ରୁ ମୁଁ ଖଦଡ ପିନ୍ଧିବା ଆରମ୍ଭ କଲି । ମୋର ଉପରିସ୍ଥ କର୍ମଚାରୀଙ୍କୁ ଏହା ଭଲ ଲାଗୁ ନ ଥିଲା । କିନ୍ତୁ ସେମାନେ ଏ ବିଷୟରେ ମୋତେ କିଛି କହି ପାରୁନଥିଲେ, ମୁଁ ମଧ୍ୟ ସେଥିପାଇଁ ବ୍ୟସ୍ତ ହେଉନଥିଲି ।

ମୁଁ ପ୍ରାକୃତିକ ଚିକିତ୍ସାରେ ବିଶ୍ୱାସ ରଖୁଥିବାରୁ ଟୀକା, ଇଞ୍ଜେକ୍ସନ୍ ବା ଇନୋକୁଲେଶନ୍ ଉପରୁ ବିଶ୍ୱାସ ତୁଟାଇ ଦେଇଥିଲି । ଏହା ମୋର ଦୃଢ଼ ବିଶ୍ୱାସ ହୋଇଥିଲା ଏବଂ ବର୍ତ୍ତମାନ ବି ଅଛି ଯେ ଏ ଚିକିତ୍ସା ଯେ କେବଳ କୌଣସି କାମର ନୁହେଁ ତାହା ନୁହେଁ, ଏହା ନିଶ୍ଚୟ ରୂପେ କ୍ଷତିକାରକ ମଧ୍ୟ । ଫଳସ୍ୱରୂପ ମୋ ଝିଅକୁ ଯେତେବେଳେ ବସନ୍ତ ହୋଇଥିଲା ମୋର ଡାକ୍ତର ବନ୍ଧୁମାନେ ଦେଖିବାକୁ ଓ ଚିକିତ୍ସା କରିବାକୁ ଆସିଥିଲେ ।

Digitized by srujanika@gmail.com

ମୁଁ ସେମାନଙ୍କୁ ମନାକରି, ନିଜେ ଚିକିତ୍ସା କରିଥିଲି । ମୋ ଝିଅ ଭଲ ହୋଇ ଆସିଲାବେଳକୁ ପୁଅକୁ ବସନ୍ତ ହେଲା । ସେତେବେଳେ ଶ୍ରୀ ବ୍ରାହାମ୍ ଆଇ.ସି.ଏସ୍. ଗୋଧ୍ରାରେ କଲେକ୍ଟର୍ ଥିଲେ । ଜଣେ ମଣିଷ ଓ ଜଣେ ଅଫିସର ହିସାବରେ ସେ ଖୁବ୍ ନିଷ୍ଠାପର ଓ ଚରିତ୍ରବାନ ଥିଲେ । ପରିଶ୍ରମୀ ମଧ୍ୟ ଥିଲେ । ସେ ବିବାହର ତିନିମାସ ପରେ ଛୁଟିରେ ଥିବାବେଳେ ଆସିଥିଲେ । ତାଙ୍କର ପଲିଟିକାଲ ଆସିଷ୍ଟାଣ୍ଟ ମୋ ପରିବାରରେ 'ବସନ୍ତ' ସମ୍ବନ୍ଧରେ ତାଙ୍କୁ କହିଥିଲେ । ଇଂରେଜୀ ଲୋକମାନେ ବସନ୍ତକୁ ବହୁତ ଡରୁଥିଲେ । ଭଦ୍ରଲୋକଟି ଏବେ ବିବାହ କରିଥିଲେ, ତେଣୁ ସେ ଅତ୍ୟନ୍ତ ଭୟଭୀତ ହୋଇପଡିଲେ । ମୋ ପାଖକୁ ଖଣ୍ଡେ ଚିଠି ପଠାଇଲେ -- କେଉଁ ଡାକ୍ତର ଚିକିତ୍ସା କରୁଛି ବୋଲି ପଚାରିଥିଲେ । ମୁଁ ଜବାବ ଦେଲି ''ମୋ ଝିଅକୁ ବସନ୍ତ ହୋଇଥିଲା । ସେ ବର୍ତ୍ତମାନ ପୂର୍ଣ୍ଣ ଆରୋଗ୍ୟ, ମୋ ପୁଅକୁ ଏବେ ବସନ୍ତ ହୋଇଛି । ମୋର ଡାକ୍ତର ବନ୍ଧୁମାନେ ଆସୁଛନ୍ତି କିନ୍ତୁ ମୁଁ ତାଙ୍କ ଚିକିତ୍ସାରେ ବିଶ୍ୱାସ କରେ ନାହିଁ, ମୁଁ ନିଜେ ଚିକିତ୍ସା କରୁଛି ।'' କଲେକ୍ଟର ସାଙ୍ଗେ ସାଙ୍ଗେ ଆଦେଶ ଦେଲେ ଯେ ସେଠାରେ ରହୁଥିବା ସମସ୍ତ ଲୋକ ଓ ସରକାରୀ କର୍ମଚାରୀମାନେ ଟୀକା ନେବେ ଏବଂ ମୋତେ ଲେଖିକରି ଜଣାଇଲେ ଯେ ତାଙ୍କଠାରୁ ନଶୁଣିବା ପର୍ଯ୍ୟନ୍ତ ମୁଁ ଅଫିସ ଯିବିନାହିଁ । ଅନ୍ୟମାନଙ୍କୁ ରୋଗ ନ ଡେଇଁବା ପାଇଁ ଏହା ଜରୁରୀ ଥିଲା । ସେ ଆହୁରି ଲେଖିଥିଲେ ଯେ ଚିଠିରେ ମଧ୍ୟ ରୋଗ ସଂକ୍ରମଣ କରିପାରେ । ସିଭିଲ୍ ସର୍ଜନ୍ ଆସି ମୋ ପିଲାମାନଙ୍କୁ ଦେଖିବାକୁ ଅନୁରୋଧ କଲେ । ତାଙ୍କର ଉପଦେଶ ଦରକାର ନାହିଁ ବୋଲି ମୁଁ କହିଲି, ପୁଣି କହିଲି ମୋ ପିଲାଙ୍କୁ ପରୀକ୍ଷା କରିବା ଦରକାର ନାହିଁ ଏବଂ ତାଙ୍କର ଏ ପରୀକ୍ଷା କରିବାର କୌଣସି ଅଧିକାର ନାହିଁ । ବିନୟ ହୋଇ ସିଭିଲ୍ ସର୍ଜନ୍ କହିଲେ ସେ ପିଲାମାନଙ୍କୁ ପରୀକ୍ଷା କରି କଲେକ୍ଟର ଚାହୁଁଥିବା ରିପୋର୍ଟ ଦେବେ । ସେ ପ୍ରତିଜ୍ଞା କରି କହିଲେ ଯେ କିପରି ଚିକିତ୍ସା କରିବାକୁ ହେବ ସେ ସମ୍ବନ୍ଧରେ ସେ କିଛି ଉପଦେଶ ମୋତେ ଦେବେ ନାହିଁ । ତାପରେ ମୁଁ ପିଲାମାନଙ୍କୁ ପରୀକ୍ଷା କରିବାକୁ ଅନୁମତି ଦେଲି । ସେ ନିଶ୍ଚୟ କଲେକ୍ଟରଙ୍କୁ ରିପୋର୍ଟ ଦେଇଥିବେ । କଲେକ୍ଟର ମୋ ପାଖକୁ ଲେଖିଲେ ଯେ ''ବେମାରି ଲାଗି ରହିଥିବା ପର୍ଯ୍ୟନ୍ତ ମୁଁ ପିଲାମାନଙ୍କ ଠାରୁ ଅଲଗା ରହିବି, ସେମାନଙ୍କୁ ଦେଖିବି ନାହିଁ ଓ ନିଜେ ଟୀକା ନେବି । ଛୁଟି ପାଇଁ ଦରଖାସ୍ତ କରିବି ।'' ମୁଁ ସାଙ୍ଗେ ସାଙ୍ଗେ ଜବାବ ଦେଲି ''ମୁଁ ଟୀକାରେ ବିଶ୍ୱାସ କରେ ନାହିଁ, ବିଶ୍ୱାସ କଲେ ବି ପିଲାମାନଙ୍କ ଠାରୁ ତାଙ୍କର ସବୁଠୁ ବେଶୀ ଦରକାର ବେଳେ ଅଲଗା ରହିଲେ ମୁଁ ଜଣେ ଅତ୍ୟନ୍ତ ଅମାନୁଷିକ ବାପ ହେବି । ତେଣୁ ମୋ ପକ୍ଷରେ ଆପଣଙ୍କ ଦୁଇଟି ଯାକ ଆଦେଶ ମାନିବା ଅସମ୍ଭବ । ମୁଁ ଛୁଟି ଫର୍ମ ଦସ୍ତଖତ କରି ଏଥିସହିତ ପଠାଉଛି । ଆପଣ ଏଇ ଖାଲି ଫର୍ମ ଯେପରି ଚାହାନ୍ତି ପୂରଣକରି ପାରିବେ । ଛୁଟି ମାସକରୁ କମ୍ ହେବ ନାହିଁ । ଆପଣ ଯେହେତୁ ଭୟ କରୁଛନ୍ତି ଯେ ଚିଠି ମାଧ୍ୟମରେ ରୋଗ ସଂକ୍ରମିତ ହେବ, ମୁଁ ଆଉ ଆପଣଙ୍କ ପାଖକୁ କିଛି ଲେଖିବି ନାହିଁ ।'' ମୋର ଏକ ମାସ ଛୁଟି ମଂଜୁର ହେଲା ।

କିଛି ଦିନପରେ ମୋ ପୁଅର ସ୍ୱାସ୍ଥ୍ୟରେ ଉନ୍ନତି ହେଲା ଛୁଟି ବାକି ଦିନତକ ଗୋଧ୍ରା ବାହାରେ କଟାଇବାକୁ ଠିକ୍ କଲି । କଲେକ୍ଟର୍ ଏକଥା ଜାଣିବା ମାତ୍ରେ ମୋ ପାଖକୁ ଲେଖିଲେ, ''ମୁଁ ଶୁଣୁଚି ଆପଣ ଗୋଧ୍ରା ବାହାରକୁ ଯିବାକୁ ଚିନ୍ତା କରୁଛନ୍ତି । ଏହା ଯଦି ସତ୍ୟ ହୋଇ ଥାଏ, ତେବେ ମୋ ମତରେ ଆପଣ ଭୁଲ କାମ କରିବାକୁ ଯାଉଛନ୍ତି । ମୁଁ ମନେକରୁଛି ଆପଣ ତଦ୍ୱାରା ବସନ୍ତ ରୋଗ ବିସ୍ତାର କରିବେ । ସୁତରାଂ ଆପଣ ଗୋଧ୍ରା ବାହାରକୁ ଯିବେ ନାହିଁ ।'' ମୁଁ ସାଙ୍ଗେ ସାଙ୍ଗେ ଉତ୍ତର ଦେଲି, ''ଆପଣଙ୍କର ମୋତେ ସହର ବାହାରକୁ ଯିବାରେ ବାଧା ଦେବାର କୌଣସି ଅଧିକାର ନାହିଁ । ଏମିତି କୌଣସି ଆଇନ ନାହିଁ ଯାହାଦ୍ୱାରା ପରିବାରରେ ଜଣଙ୍କୁ ବସନ୍ତ ହୋଇଥିଲେ ଅନ୍ୟ କେହି ସହର ବାହାରକୁ ଯାଇ ପାରିବେ ନାହିଁ । ଆପଣଙ୍କର ମୋତେ ବାହାରକୁ ଯିବାକୁ ମନା କରିବାର ଅଧିକାର ନାହିଁ, ମୋ ପୁଅ ପୂରାପୂରି ଭଲ ହୋଇ ଗଲାଣି । ମୁଁ ଜଳବାୟୁ ପରିବର୍ତ୍ତନ ପାଇଁ ବାହାରକୁ ଯାଉଛି । ମୋ ଛୁଟି ବଢ଼ାଇ ଦେବେ ।''

Digitized by srujanika@gmail.com

ସେ ପୁଣି ମୋ ଘରକୁ ସିଭିଲ୍ ସର୍ଜନ୍‌ଙ୍କୁ ପଠାଇଲେ । ଏ ଥର ଜଣେ ସିଭିଲ୍ ସର୍ଜନ୍, ଜଣେ ଆଙ୍ଗ୍ଲୋଇଣ୍ଡିଆନ୍ ଏବଂ ଅତ୍ୟନ୍ତ ବନ୍ଧୁଜନୋଚିତ । ସେ ଅନୁମତି ନେଇ ମୋ ଘରକୁ ଆସିଲେ । ମୋ ପିଲାମାନଙ୍କୁ ଦେଖିବା ମାତ୍ରେ କହିଲେ ଯେ ସେମାନେ ପୂରାପୂରି ଭଲ ହୋଇଗଲେଣି । ମୋ ଘରକୁ ବିଶୋଧନ କରିବାକୁ କହିଲେ ମୁଁ କହିଲି ସେ ପଦକ୍ଷେପ ସବୁ ନେଇ ସାରିଛି । ସେ ହସି ହସି କହିଲେ "ମୁଁ ଆପଣଙ୍କ ପାଖକୁ ବିଶୋଧନକାରୀ ସାମଗ୍ରୀ ପଠାଉଛି । ଆପଣଙ୍କ ଯାହା ଇଛା ତାହା କରନ୍ତୁ । ମୁଁ କଲେକ୍ଟରଙ୍କୁ ଏ ସବୁ ଜଣାଉଛି ।" ସେ ନିଶ୍ଚୟ ଅନୁକୂଳ ରିପୋର୍ଟ ଦେଇଥିବେ । କଲେକ୍ଟର ମୋ ପାଖକୁ ଭଲ ଚିଠି ଖଣ୍ଡେ ଲେଖିଥିଲେ "ଆପଣଙ୍କର ସହର ବାହାରକୁ ଯିବାରେ ମୋ ଆପତ୍ତି ନାହିଁ । କିନ୍ତୁ ଆପଣ ଛୁଟି ବଢ଼ାଇବେ ନାହିଁ, ଯିବା ପୂର୍ବରୁ ମୋତେ ଦେଖା କରିବେ । ମୁଁ ତାଙ୍କୁ ଦେଖା କରିବାକୁ ଗଲାବେଳେ ସେ ମୋ ସହିତ କରମର୍ଦ୍ଦନ କଲେ । ମୋ ବିରୁଦ୍ଧରେ ତାଙ୍କର କୌଣସି ଖରାପ ଭାବନା ନାହିଁ ବୋଲି ସୂଚାଇଲେ ଏବଂ ହସି ହସି କହିଲେ, "ଆପଣ ଆମମାନଙ୍କୁ ବଡ଼ ବିପଦରେ ପକାଇଥିଲେ ।" ମୁଁ ହସି ହସି କହିଲି, "ଆପଣଙ୍କର ବର୍ତ୍ତମାନ ହୃଦବୋଧ ହୋଇଥିବ ଯେ ମୁଁ ଆପଣଙ୍କୁ ବିପଦରେ ପକାଇ ନ ଥିଲି । ଆପଣ ବେଶ୍ ସ୍ୱାସ୍ଥ୍ୟ ବାନ୍, ସେଇପରି ମୁଁ ମଧ ।" ସେ ଅନୁଭବ କଲେ ଯେ ଆଲୋଚନା ବଢ଼ାଇ କିଛି ଲାଭ ନାହିଁ, ତେଣୁ କହିଲେ, "ସେକଥା ଏତିକିରେ ଥାଉ, ଦୟାକରି ଛୁଟି ବଢ଼ାନ୍ତୁ ନାହିଁ । ଛୁଟି ଶେଷ ହେବା ସାଙ୍ଗେ ସାଙ୍ଗେ କାର୍ଯ୍ୟରେ ଯୋଗ ଦିଅନ୍ତୁ ।" ମୋ ଅନୁପସ୍ଥିତିରେ କାର୍ଯ୍ୟର ଚାପ ବହୁତ ବଢ଼ି ଯାଇଥିଲା । ଅସ୍ଥାୟୀ ବ୍ୟବସ୍ଥା ସନ୍ତୋଷଜନକ ହୋଇ ନଥିଲା । ତେଣୁ ସେ ଇଛା କରୁଥିଲେ ଯେ ମୁଁ ଯେତେ ଶୀଘ୍ର ପାରେ କାର୍ଯ୍ୟରେ ଯୋଗ ଦିଏ । ମୁଁ ତାଙ୍କ ଅନୁରୋଧ ରଖିଲି । ଛୁଟି ବଢ଼ାଇଲି ନାହିଁ । ବାହାରେ କିଛି ଦିନ କଟାଇ ଫେରି ଆସିଲି ।

ବ୍ରିଟିଶ ରାଜତ୍ୱ ବେଳେ ସରକାର ଦୃଢ଼ତାର ସହ କହୁ ଥିଲେ ଯେ, ସରକାର କୌଣସି ରାଜନୀତିରେ ଭାଗନେଇ ନ ଥିଲେ ଏବଂ ସମସ୍ତ ସରକାରୀ କର୍ମଚାରୀଙ୍କୁ ରାଜନୀତିରେ ଭାଗ ନ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ମୋ ଅଭିଜ୍ଞତାରୁ ମୁଁ ଦେଖିଲି ଯେ ସରକାରଙ୍କ ଆପତ୍ତି କେବଳ କଂଗ୍ରେସ ବା ସରକାରଙ୍କୁ ସମାଲୋଚନା କରୁଥିବା ରାଜନୈତିକ ଅନୁଷ୍ଠାନ ବିରୁଦ୍ଧରେ ଥିଲା । କିନ୍ତୁ ସରକାରଙ୍କ ଅନୁଗତ ବ୍ୟକ୍ତି ରାଜନୀତିରେ ଭାଗନେଲେ ତାକୁ ଅନିଷ୍ଟକର ଭାବୁନଥିଲେ ।

ମୁଁ ପଞ୍ଚମହଲ ଜିଲା ଲୋକାଲ ବୋର୍ଡରେ ଜଣେ ଏକ୍ସ-ଅଫିସିଓ ସଭ୍ୟ ଥିଲି । ଲୋକାଲ୍ ବୋର୍ଡ୍‌ର ଚେୟାରମାନ୍ ପଦପାଇଁ ନିର୍ବାଚନ ହେବାର ଥିଲା । ଦୁଇଜଣ ପ୍ରାର୍ଥୀଥିଲେ -- ଜଣେ କଂଗ୍ରେସ ନେତା ଓ ଅନ୍ୟଜଣଙ୍କ ଖାନ୍‌ବାହାଦୂର୍ ପଦଧାରୀ ସରକାର ଅନୁଗତ ବ୍ୟକ୍ତି । ଖାନ୍ ସାହେବ ପଦଧାରୀ ବ୍ୟକ୍ତି ମୋ ଭୋଟ୍ ମାଗିଥିଲେ, କିନ୍ତୁ ମୁଁ ପ୍ରତିଶୃତି ଦେଇ ନଥିଲି । ସେ ଗୋଟାଏ ଦୁଇଟା ଭୋଟ ପାଇଁ ହାରିଗଲେ । ସେ କଲେକ୍ଟରଙ୍କୁ ଏ ବିଷୟରେ କହିଥିବେ, ତେଣୁ ଦିନେ କଲେକ୍ଟର ମୋତେ ଡାକି କହିଲେ "ଆପଣ ଚେୟାରମ୍ୟାନ୍ ପଦପାଇଁ କଂଗ୍ରେସକୁ ଭୋଟ୍ ଦେଇଥିବାରୁ କମିଶନ୍‌ର ବହୁତ ରାଗିଛନ୍ତି । ସେ ଆପଣଙ୍କୁ ଏହା ଜଣାଇ ଆପଣଙ୍କ ଠାରୁ କୈଫିୟତ ମଗାଇଛନ୍ତି ।" ମୁଁ ଆପତ୍ତି ଉଠାଇ କହିଲି, "କମିଶନରଙ୍କ ମୋ ଉପରେ ରାଗିବାର କୌଣସି କାରଣ ନାହିଁ କାରଣ ମୁଁ କାହାକୁ ଭୋଟ୍‌ଦେବି ସେ ମୋତେ କହି ନ ଥିଲେ । ଯଦିଓ ମୁଁ ବୋର୍ଡରେ ସରକାର ମନୋନୀତ ସଭ୍ୟ, ଭୋଟ୍ କାହାକୁ ଦିଆଯିବ ତା' ପ୍ରତ୍ୟେକ ବ୍ୟକ୍ତିଙ୍କର ବିଚାର୍ଯ୍ୟ । ତେଣୁ ମୋର ଭୁଲ ଏପରି ବାହାର କରିବା ଉଚିତ ନୁହେଁ । ଏପରିକି ଆପଣ ଜାଣନ୍ତି ନାହିଁ ମୁଁ କାହାକୁ ଭୋଟ ଦେଇଛି । କେହି ଜଣେ ମୋ ବିରୁଦ୍ଧରେ ଅଭିଯୋଗ କରିଛି । ସେଇଥି ପାଇଁ ଆପଣ ମୋତେ ଏ କଥା ଶୁଣାଉଛନ୍ତି । ମୋ ମତରେ ଏପରି ଦୋଷାରୋପ ଉଚିତ ନୁହେଁ, କାରଣ ଏତଦ୍ୱାରା ମୋର ଆତ୍ମସମ୍ମାନ ପ୍ରତି ଆଞ୍ଚ ଆସିଛି ।" କଲେକ୍ଟର

Digitized by srujanika@gmail.com

ମୋ ପ୍ରକୃତି ଜାଣିଥିଲେ, କେତେ ସମୟ ପରେ ଘଟଣାଟିକୁ ଭୁଲିଯିବାକୁ କହିଲେ । ସେ କହିଲେ "କମିଶନରଙ୍କ ପାଖକୁ ପରିସ୍ଥିତି ବୁଝାଇ ଲେଖିବି ।" ବିଷୟଟିର ସମାପ୍ତି ଏଇଠାରେ ହେଲା ।

ଗୋଧ୍ରାରେ ରାମକୃଷ୍ଣ କଥାମୃତ ନାମକ ଏକ ବହି ପାଇଲି । ଶାସ୍ତ୍ର ସାହିତ୍ୟ ମଣ୍ଡଳ ଦ୍ୱାରା ଏହା ପ୍ରକାଶିତ ହୋଇଥିଲା । ମୁଁ ଧାର୍ମିକ ରୀତିରେ ପ୍ରକାଶିତ ସେ ବହିର ଗ୍ରାହକ ଥିଲି । ଏ ବହି ପଢ଼ିବା ଦ୍ୱାରା ମୋ ଧାର୍ମିକ ସଚେତନତା ଆହୁରି ସ୍ପଷ୍ଟ ହୋଇଗଲା ଏବଂ ଭଗବାନଙ୍କ ପ୍ରତି ବିଶ୍ୱାସ ଦୃଢ଼ତର ହୋଇଗଲା । ଜଣେ ସତ୍ୟ ଓ ବିଶ୍ୱାସ ଉପରେ ନିର୍ଭର କରି ଜୀବନରେ କାମ କରିବା ଉଚିତ ବୋଲି ମୋର ଯେଉଁ ବିଶ୍ୱାସ ଥିଲା ତାହା ଦୃଢ଼ୀଭୂତ ହେଲା । ସେଇଥି ପାଇଁ ମୁ କଲେକ୍ଟରଙ୍କୁ ମୋ ଘରେ ବସନ୍ତ ହେବା ଓ ଲୋକାଲ୍ ବୋର୍ଡ ଚେୟାରମାନ୍ ପଦ ପାଇଁ ଭୋଟ୍ ଦେବା ବିଷୟରେ ନିର୍ଭୟରେ ଜବାବ ଦେଇ ପାରିଲି । ମୋର କୌଣସି ପ୍ରକାରର ଭୟ ନ ଥିଲା । ମୋ ଚାକିରି ବା ନିଜ ସ୍ୱାର୍ଥ ପାଇଁ ମୁଁ ବ୍ୟସ୍ତ ହେଉ ନଥିଲି । ଅଭିଜ୍ଞତାରୁ ହିଁ ମୋର ଚାକିରି ଛାଡିବାର ସ୍ୱାଭାବିକ ଅନୁରାଗ ବଳବତ୍ତର ହେଲା । ପରିଶେଷରେ, ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ସ୍ୱରାଜ ପାଁଇ ସତ୍ୟାଗ୍ରହ ଆନ୍ଦୋଳନ ଯେତେବେଳେ ଆରମ୍ଭ ହେଲା, ମୁଁ ଚାକିରିରୁ ଇସ୍ତଫା ଦେଇଥିଲି ।

ଏହାପରେ ମୁଁ ରାମକୃଷ୍ଣ ପରମହଂସଙ୍କ ବିଷୟରେ ବହୁତ ପଢ଼ିଲି, ଓ ମୋର ହୃଦ୍‌ବୋଧ ହେଲା ଯେ ସେ ଜଣେ ସନ୍ଥ, ମହାପୁରଷ ଥିଲେ । ସବୁ ଧର୍ମ ସମାନ ଏବଂ ସମାନ ସମ୍ମାନୀୟ ଆଦର୍ଶରେ ନିଜର ଜୀବନକୁ ଉତ୍ସର୍ଗ କରିଥିଲେ, ସେ । ବିଭିନ୍ନ ଧର୍ମର ଭଗବାନଙ୍କ ସତ୍ତା ଅନୁଭବ କରିବା ନୀତି ଅଭ୍ୟାସ କରି ସାରା ପୃଥିବୀକୁ ପ୍ରମାଣ କରି ଦେଖାଇଦେଇଥିଲେ ଯେ ସବୁ ଧର୍ମର ଶିକ୍ଷା ଏକ । ଭଗବାନଙ୍କ ସତ୍ତା ଅନୁଭବ କରିବା ପାଇଁ ବିଭିନ୍ନ ଧର୍ମର ପନ୍ଥା ସାହାଯ୍ୟ କରିଥାଏ । ତାଙ୍କ ଜୀବନର ଘଟଣାବଳୀ ଓ ଶିକ୍ଷାନୀତି ପଢ଼ି ମୁଁ ଅନାଶକ୍ତ ଭାବେ କାର୍ଯ୍ୟ କରିବାର ଚିନ୍ତାଧାରା ଗ୍ରହଣ କରିଥିଲି । ଆଜି ମଧ୍ୟ ଏଇ ସମସ୍ତ ପ୍ରଭାବ ସର୍ବଦା ମୋତେ ମାନସିକ ଶକ୍ତି ଓ ସ୍ଥିରତା ଦେବାରେ ସାହାଯ୍ୟ କରୁଛି । ଆନ୍ଦୋଳନରେ ଯୋଗ ଦେବା ପରେ ମୁଁ ସାତବର୍ଷ ଜେଲରେ ରହିଲି । ମୁଁ ଜେଲରେ ସମୟ ଅନ୍ତର୍ନିରୀକ୍ଷଣରେ କଟାଇଥିଲି । ମୁଖ୍ୟତଃ ଉପରୋକ୍ତ ଧାର୍ମିକ ପ୍ରଭାବ ଯୋଗୁ ମୋର ଜୀବନ ସରସ ଓ କର୍ମକୁଶଳ ହୋଇପାରିଲା । ମୁଁ ଗୋଧ୍ରାରେ ଚାରିବର୍ଷ ରହିଥିଲି ଓ ସେଠାକାର ଅଭିଜ୍ଞତା ମୋ ଜୀବନକୁ ଶୃଙ୍ଖଳିତ କରିଥିଲା । ଚାକିରି ଛାଡିବା ପାଇଁ ମାନସିକ ଶକ୍ତି ମଧ୍ୟ ଦେଇଥିଲା । ମୁଁ ଯେଉଁଠି କାମ କରିଛି ଲୋକମାନେ ଅବାଧରେ ମୋ ସହିତ ସାକ୍ଷାତ କରୁଥିଲେ ଏବଂ ଅକୁଣ୍ଠିତ ଭାବେ ସାହାଯ୍ୟ ମାଗୁଥିଲେ । ଯେତେ ଦୂର ସମ୍ଭବ ମୁଁ ସେମାନଙ୍କୁ ମୋର କ୍ଷମତାନୁଯାୟୀ ସାହାଯ୍ୟ କରୁଥିଲି । କଂଗ୍ରେସ କର୍ମୀମାନେ ବିନାଦ୍ୱିଧାରେ ମୋ ପାଖକୁ ଆସୁଥିଲେ ଓ ମୁଁ ତାଙ୍କ ସହିତ ବେଶ୍ ଦୀର୍ଘ ଆଲୋଚନା କରୁଥିଲି, ମୋର କର୍ତ୍ତବ୍ୟ ଓ ନିୟମାନୁସାରେ ଯେତେଦୂର ସମ୍ଭବ ମୁଁ ତାଙ୍କୁ ସାହାଯ୍ୟ କରୁଥିଲି । ସରକାରଙ୍କ ବିଶ୍ୱସ୍ତ, କଂଗ୍ରେସର ବିପକ୍ଷ ଲୋକଙ୍କ ସହିତ ମୋର ଘନିଷ୍ଠ ସମ୍ପର୍କ ଥିଲା । ମୁଁ ଭୁଲ ରାସ୍ତାରେ ସେମାନଙ୍କୁ କେବେ ହେଁ ସାହାଯ୍ୟ କରୁନଥିଲି । ତାଙ୍କଠାରୁ କୌଣସି ସାହଯ୍ୟ ମାଗୁ ନଥିଲି । ଏଇ ସବୁ କାରଣରୁ ସମାଜର ବିଭିନ୍ନ ଦଳଙ୍କ ସହିତ ମୋର ସମ୍ପର୍କ କେବେହେଲେ ଖାଲି ସରକାରୀ କର୍ମଚାରୀଭାବେ ନ ଥିଲା, ବେଶି ସମାଜ ସେବକ ଭାବେ ଥିଲେ । ଏଇ କାରଣରୁ ମୁଁ ଚାକିରି ଛାଡିବାବେଳେ ଅନେକ ଲୋକ ମୋ ପାଖକୁ ଲେଖିଥିଲେ ଯେ ମୁଁ ଚାକିରି ଛାଡିବା ଉଚିତ୍ ହେବ ନାହିଁ । ସେମାନେ ଯୁକ୍ତି ଦର୍ଶାଇଥିଲେ କି ଏହା ସାଧାରଣ ଲୋକ ପ୍ରତି କ୍ଷତିକାରକ ହେବ । କିନ୍ତୁ ବାସ୍ତବରେ ମୁଁ ଚାକିରି ଛାଡିବା ଦ୍ୱାରା କୌଣସି ଲୋକର ଜୀବନ ବିପଦାପନ୍ନ ହେଉ ନଥିଲା, ବରଂ ମୁଁ ଭାବୁଥିଲି ତାଙ୍କର ଶକ୍ତି ବଢ଼ିଛି । ମୁଁ ଚାକିରି ଛାଡିବା ପରେ ମୋର ଏଇ ଚିନ୍ତାଧାରା ସତ୍ୟରେ ପ୍ରମାଣିତ ହେଲା । ୧୯୨୮ ମସିହା ଶେଷ ଆଡକୁ କଲେକ୍ଟର ଯେତେବେଳେ ମୋତେ ବଦଳି କରିବାପାଇଁ କିଛି ପଦକ୍ଷେପ

Digitized by srujanika@gmail.com

ନେଲେ ନାହିଁ, ମୁଁ ଚାରିମାସ ଛୁଟି ମାଗିଲି । ମୋର ଛୁଟି ଥିଲା ଏବଂ ଏଇ ଛୁଟି ମଂଜୁର କରିବାରେ କୌଣସି ଅସୁବିଧା ନ ଥିଲା । ମୁଁ ୧୯୨୯ ପ୍ରଥମ ଚାରିମାସ ଛୁଟିରେ ଗଲି ଓ ଗୋଧ୍ରା ଛାଡି ଆସିଲି ।

ଏଇ ଚାରିମାସର ଅଧିକାଂଶ ସମୟ ଦକ୍ଷିଣ ଭାରତରେ କଟାଇଲି । ଦାକ୍ଷିଣାତ୍ୟକୁ ଏହା ଥିଲା ମୋର ପ୍ରଥମ ଭ୍ରମଣ । ମୋର ଦୁଇ ଜଣ ବଂଧୁ ଥିଲେ । ଜଣେ ଥଲେ ମାଙ୍ଗାଲୋର୍‌ରେ ଓ ଅନ୍ୟଜଣକ ବାଙ୍ଗାଲୋରରେ । ପ୍ରଥମେ ସେଠାକୁ ଗଲି, ସେ ସମୟରେ ମୁଁ ଲୁଣ, ମସଲା ଓ ତେଲ ଖାଉନଥିଲି । ଦାକ୍ଷିଣାତ୍ୟ ଗସ୍ତରେ କୌଣସି ରନ୍ଧା ଜିନିଷ ଖାଇବି ନାହିଁ ବୋଲି ସ୍ଥିର କଲି । ତେଣୁ ମୋର ଖାଦ୍ୟ ସମସ୍ୟା କିଛି ରହିଲା ନାହିଁ । ମୁଁ ଗହମ ଭଜା, ଦୁଧ, ଦହି ବା ଘୋଳ ଦହି, ଫଳ, କଞ୍ଚା ପରିବା ଖାଉଥିଲି । ବାଙ୍ଗାଲୋର୍‌ରୁ ବାହାରି ମୁଁ ମହିଶୂର୍, ମାଙ୍ଗାଲୋର୍, ଉଟି, ତ୍ରିଚୁରାପଲ୍ଲୀ, ମଦୁରାଇ ଏବଂ ରାମେଶ୍ୱରମ୍ ଗଲି ।

ମୁଁ ଏକା ଏ ଗସ୍ତରେ ଯାଇଥିଲି । ମୋର ବିଛଣା ପତ୍ର ଗଣ୍ଠିଲି ନିଜେ ବୋହି ନେଇ ଯାଉଥିଲି । ଏହା ଓଜନିଆ ନଥିଲା । ସାଙ୍ଗରେ ବୋହି ନେବା ବେଶ୍ ସୁବିଧାଜନକ ଥିଲା । ମୁଁ ଅଧିକାଂଶ ସମୟ ଧର୍ମଶାଳାରେ ରହୁଥିଲି । ଅନେକ ସମୟରେ ରେଲଷ୍ଟେସନ ପାଇପ୍‌ରେ ଗାଧୋଉଥିଲି । ମୋ ଯୌବନ ପ୍ରାପ୍ତ ସମୟରୁ ମୁଁ କୌଣସି ଅଭ୍ୟାସ ରଖୁ ନଥିଲି । ମୋର ଏଇସବୁ ଅଭିଜ୍ଞତାକୁ ମୁଁ ଉପଭୋଗ କରୁଥିଲି ଏବଂ ମୋର ଭ୍ରମଣ ଆନନ୍ଦଦାୟକ ହୋଇଥିଲା । ମଦୁରାଇ ଧର୍ମଶାଳାରେ ଶୋଇବାକୁ ଗଲାବେଳେ ଛାରପୋକର ଗୋଟିଏ ଲମ୍ବାଲାଇନ୍ ମୋ ଚାରିପାଖ ବୁଲିବା ଦେଖିଲି । ସେ ଅବସ୍ଥାରେ ଶୋଇବା ମୋ ପାଇଁ କଷ୍ଟକର ହୋଇଥିଲା । ମୁଁ କେଉଁଠୁ ପଢ଼ିଥିଲି ଯେ ଛାରପୋକ ମାନେ ରଫ୍ ବ୍ଲାଙ୍କେଟ୍‌ରେ ଚାଲିପାରନ୍ତି ନାହିଁ । ତେଣୁ ମୁଁ ନେଇଥିବା ବ୍ଲାଙ୍କେଟ ପାରିଶୋଇଲି । ଗରମ ଦିନ ଥିଲା, କିନ୍ତୁ ମୁଁ ଭାବିଲି ଛାରପୋକ କାମୁଡ଼ାଠାରୁ ଗରମ ଶ୍ରେୟସ୍କର । ପୂରା ରାତି ନିଘୋଡ଼ ନିଦରେ ଶୋଇଲି । ମୁଁ ମଦୁରାଇରୁ ରାମେଶ୍ୱରମ୍ ଯାଇଥିଲି । ବାଟରେ ପଣ୍ଡାମାନେ ଆସି ମୋତେ କେତେ ପ୍ରଶ୍ନ ପଚାରିଲେ । ଯେମିତି ଜାଣିଲେ ଯେ ମୁଁ ଗୁଜରାଟୀ, ସେମାନେ ଆଗରୁ ରାମେଶ୍ୱରମ୍ ଆସିଥିବା ଗୁଜରାଟୀଙ୍କ କଥା କହିଲେ । ମୁଁ ମୋର ନାମ ଓ ଠିକଣା ଦେବାକୁ ମନାକଲି । ଦେଢ଼ ଦୁଇ ଘଣ୍ଟାପରେ ସେମାନେ ମୋତେ ଛାଡି ଗଲେ । ମୁଁ ଧର୍ମଶାଳାରେ ରହିଲି । ମନ୍ଦିରକୁ ଗଲି, ପୂଜାରୀ ମନ୍ଦିର ଭିତରେ ଠାକୁରଙ୍କ ମୂର୍ତ୍ତି ପାଖକୁ ଛାଡିବା ପାଇଁ ପାଞ୍ଚଟଙ୍କା ମାଗିଲେ । ମୁଁ ମନା କଲି ଓ ଯେଉଁଠି ଅଧିକାଂଶ ଲୋକ ମୂର୍ତ୍ତି ପାଖକୁ ନ ଯାଇ ପ୍ରାର୍ଥନା କରୁଥିଲେ, ସେଇଠି ପ୍ରାର୍ଥନା କଲି । ମାଙ୍ଗାଲୋର୍‌ରେ ଆଠଦଶ ଦିନ ମୋର କଲ୍ୟାଣର ବନ୍ଧୁ ଶ୍ରୀ ଆଲଭରେସ୍, ଯେକି କିଛି ବର୍ଷ ଆଗରୁ ନିଜ ଜାଗାକୁ ଫେରି ଆସିଥିଲେ, ତାଙ୍କ ସହିତ ରହିଲି । ତାଙ୍କ ଆର୍ଥିକ ଅବସ୍ଥା ସାମାନ୍ୟ କଷ୍ଟକର ଥିଲା । ଆମେ ଦୁହେଁ ଖୁବ୍ ଖୁସିହେଲୁ ଯେ ମୁଁ ତାଙ୍କ ଘରେ ରହିଲି । ମୋ ସହିତ ଏହା ଥିଲା ତାଙ୍କର ଶେଷ ସାକ୍ଷାତ । ସେ ଚାରି ପାଞ୍ଚବର୍ଷ ପରେ ସଂସାରତ୍ୟାଗ କରିଥିଲେ । ମୁଁ ମାଙ୍ଗାଲୋର୍‌ରୁ ସମୁଦ୍ରରେ ଷ୍ଟିମ ସିପ୍ ଯୋଗେ ବମ୍ବେ ଆସି, ଗାଁକୁ ଫେରିଲି । ଛୁଟି ଶେଷରେ ମୁଁ ଅହମଦାବାଦରେ କଲେକ୍ଟରଙ୍କ ବ୍ୟକ୍ତିଗତ ସହାୟକ ହିସାବରେ କାର୍ଯ୍ୟରେ ପୁନଃ ଯୋଗ ଦେଲି ।

Digitized by srujanika@gmail.com

(୮) ସରକାରୀ ଚାକିରି ତ୍ୟାଗ

୧୯୨୯, ମେ ମାସରେ ମୁଁ ଯେତେବେଳେ ଅହମଦାବାଦରେ କଲେକ୍ଟରଙ୍କ ପର୍ସନାଲ ଆସିଷ୍ଟାଣ୍ଟ ପଦରେ ଯୋଗ ଦେବାକୁ ଗଲି, ସେତେବେଳେ ରାଜନୈତିକ ପରିସ୍ଥିତି ଅଧିକ ସଙ୍କଟାପନ୍ନ ହୋଇ ଆସୁଥାଏ । କଲେକ୍ଟର ବଡ ଚତୁରତାର ସହ ମୋତେ ଏଲିସ୍‌ବ୍ରୀଜ୍ ଅଞ୍ଚଳରେ ନରହି ଶାହିବାଗରେ ରହିବାକୁ କହିଥିଲେ । ଏହାର ମୁଖ୍ୟ କାରଣ ଥିଲା ଏଲିସ୍‌ବ୍ରୀଜ୍ ଅଞ୍ଚଳରେ ଜଣାଶୁଣା କେତେଜଣ କଂଗ୍ରେସ ଲୋକ ରହୁଥିଲେ । କଲେକ୍ଟର, ସମ୍ଭବତଃ, ଭାବିଲେ ମୁଁ ଏଲିସ୍‌ବ୍ରୀଜ୍ ଅଞ୍ଚଳରେ ରହିଲେ ରାଜନୈତିକ ଲୋକମାନଙ୍କ ଦ୍ୱାରା ପ୍ରଭାବିତ ହେବି । ମୁଁ ତାଙ୍କ ପ୍ରସ୍ତାବ ଗ୍ରହଣ ନ କରି, ଏଲିସ୍‌ବ୍ରୀଜ୍ ଅଞ୍ଚଳରେ ପ୍ରିତମ୍ ନଗର ସୋସାଇଟିରେ ରହିଲି । ଶ୍ରୀ ଗଓ୍ୱାନ ଟେଲର ଜିଲା କଲେକ୍ଟର ଥିଲେ । ସେ ବଡଭଦ୍ର, ସ୍ପଷ୍ଟବାଦୀ ଓ କାମରେ ଦକ୍ଷ କିନ୍ତୁ ମନ୍ଥର ଥିଲେ । ସେ ସ୍ୱାଧୀନ ମିଜାଜର ଥିଲେ ଏବଂ କାହାରି ଆତ୍ମ ସମ୍ମାନରେ ଆଞ୍ଚ ଆସିବାଭଳି କଥା କହୁନଥିଲେ । ତେଣୁ ମୁଁ ତାଙ୍କ ସହିତ ସହଜରେ ଓ ବିଶ୍ୱାସର ସହିତ କାମ କରିପାରୁଥିଲି ।

ମୋତେ ତାଲୁକଦାରୀ ସେଟ୍‌ଲମେଣ୍ଟ ଅଫିସରଙ୍କ କାମ ଦିଆଯାଇଥିବାରୁ ମୁଁ ତାଲୁକଦାରୀ ଗ୍ରାମମାନଙ୍କୁ ଗସ୍ତରେ ଯାଉଥିଲି । ମୁଁ ଅହମଦାବାଦ୍ ଅଫିସରେ କାମ କରିବାର ଦୁଇ ତିନିଦିନ ମଧ୍ୟରେ ଜାଣି ପାରିଲି ଯେ କଲେକ୍ଟରଙ୍କ ଅଫିସରେ କାମ କରିବାର ଉପଯୁକ୍ତ ବ୍ୟବସ୍ଥା ନାହିଁ, ତେଣୁ ଅନେକ କାମ ବାକି ପଡିଥାଏ ।

ଏପରିକି କମିଶନର ବା ସରକାରୀ ଅନୁସନ୍ଧାନର ଜବାବ ଆଠ ବାରମାସ ପରେ ହିଁ ଦିଆଯାଉଥିଲା । କେତେକ ରେଭିନ୍ୟୁ ଅପିଲ ତିନିବର୍ଷ କାଳ ପଡିଥାଏ । ସମସ୍ତେ ଅଫିସକୁ ସକାଳ ଦଶଟାରେ ଆସୁଥିଲେ ଏବଂ ଅନେକ ରାତି ଆଠଟା ପରେ ଘରକୁ ଫେରୁଥିଲେ । ଅଫିସରେ ମୋ ପୂର୍ବର ଅଫିସର ଖୁବ୍ ପରିଶ୍ରମୀ ଓ ସଚ୍ଚୋଟ ଥିଲେ । ସେ ସକାଳ ସାଢ଼େନଅ-ଦଶଟାରେ ଅଫିସ କାମ ଆରମ୍ଭ କରି ସଂଧ୍ୟା ସାତଟାରେ ଘରକୁ ଫେରୁଥିଲେ । ଏତେ ସମୟ କାମ କରିବା ସତ୍ତ୍ୱେ ଦୈନିକ କାର୍ଯ୍ୟ ଶେଷ ହୋଇ ପାରୁନଥିଲା । ଅନେକ କାମ ଅତ୍ୟଧିକ ବିଳମ୍ବରେ ହେଉଥିଲା ଓ ବାକି ଥିଲା ମଧ୍ୟ । ମୁଁ ପରିସ୍ଥିତି ଯତ୍ନ ସହକାରେ ଅନୁଧ୍ୟାନ କରି ଦେଖିଲି ଯେ ଅଫିସରେ ଉପଯୁକ୍ତ କାର୍ଯ୍ୟ ପ୍ରଣାଳୀର ବ୍ୟବସ୍ଥା ନ ଥିଲା । ମୁଁ କାର୍ଯ୍ୟ କରିବାର ଉପଯୁକ୍ତ ନିର୍ଦ୍ଦେଶନାମା ଲେଖି ସମସ୍ତଙ୍କୁ ଜଣାଇ ଦେଲି ।

ମୁଁ ଅଫିସ୍‌ର ସବୁ କର୍ମଚାରୀଙ୍କୁ ଡାକି, ତାଙ୍କ ସମସ୍ୟା ଆଲୋଚନା କରି କାମକୁ ଏପରି ବାଣ୍ଟିଦେଲି ଯେ କୌଣସି ଚିଠିର ଆଦାନ ପ୍ରଦାନ କାମରେ ବହୁତ ଲୋକ ଜଡିତ ରହିଲେନାହିଁ । ମୋ ଚିଠି ଡକ ମୁଁ ନିଜେ ଦେଖିବା ସାଙ୍ଗେ ସାଙ୍ଗେ ନିଜର ନିଷ୍ପତ୍ତି ଲେଖି ଦେଉଥିଲି । ଫଳରେ କାମ ଶେଷ କରିବାରେ ବିଳମ୍ବ ହେଉ ନଥଲା । ଅଧିକ ତଥ୍ୟ ଦରକାରପଡିଲେ ମୁଁ ଚିଠିଟିକୁ ସଂପୃକ୍ତ ଅଫିସରଙ୍କ ପାଖକୁ, ଧାର୍ଯ୍ୟ ସମୟ ସୀମାଭିତରେ ସେଗୁଡିକ ଯୋଗାଇବାକୁ, ଲେଖି ପଠାଇ ଦେଉଥିଲି । କର୍ମଚାରୀମାନଙ୍କୁ କାର୍ଯ୍ୟ ପଦ୍ଧତି ବୁଝାଇ ଦେଇ, କୌଣସି ଅସୁବିଧା ହେଲେ ମୋ ପାଖକୁ ଆସିବାକୁ କହୁଥିଲି । ଯେକୌଣସି ସାହାଯ୍ୟ ପାଇଁ ସେମାନେ ମୋପାଖକୁ ଆସି ପାରନ୍ତି ଓ ଦୈନିକ କାମ ସଂଧ୍ୟା ସୁଦ୍ଧା ଶେଷ ହେବା ଉଚିତ ବୋଲି ବୁଝାଇ ଦେଲି । ସିଦ୍ଧାନ୍ତ ଦେବା ବିଷୟରେ ମୁଁ ଖୁବ୍ ଶୀଘ୍ର ମୋର ମତ ଦେଉଥିଲି । ତିନିବର୍ଷ ଧରି ବାକି ପଡିଥିବା ଅପିଲ କ୍ଷେତ୍ରରେ ମୁଁ ଘଟଣା ସ୍ଥଳକୁ ଯାଇ ପକ୍ଷମାନଙ୍କୁ ଶୁଣି ତିନିଚାରି ସପ୍ତାହ ମଧ୍ୟରେ ନିଷ୍ପତ୍ତି କରିଦେଉଥିଲି । କାର୍ଯ୍ୟ ପଦ୍ଧତି ସରଳ ହୋଇଯିବାରୁ ତିନି ଚାରିମାସ ମଧ୍ୟରେ ବାକିଥିବା କାମ ଶେଷ ହୋଇଗଲା । ଯେଉଁ କର୍ମଚାରୀମାନେ ରାତି ଆଠଟା ପର୍ଯ୍ୟନ୍ତ ଖଟି ମଧ୍ୟ କାମ ଶେଷ କରିପାରୁ ନଥିଲେ, ମୋର ସରଳୀକରଣ ଯୋଗୁ ସେମାନେ କାମ

Digitized by srujanika@gmail.com

ଶେଷ କରି ସଂଧ୍ୟା ପାଞ୍ଚଟା ଛଅଟା ବେଳେ ଘରକୁ ଫେରିଲେ । ମୁଁ ସକାଳ ଏଗାରଟାରୁ ସଂଧ୍ୟା ଛଅଟା ଯାଏ କାମ କରୁଥିଲି । ଘରକୁ କାମ ନେବା ଦରକାର ପଡୁନଥିଲା ।

୧୯୩୦, ମାର୍ଚ୍ଚ ୧୨ରେ ମହାତ୍ମା ଗାନ୍ଧୀ ଓ ତାଙ୍କ ଅଶିଜଣ ସାଥୀଙ୍କର ଦାଣ୍ଡିଯାତ୍ରା ଦେଖିବାକୁ ମୁଁ ଗଲି । ମୁଁ ଯାହା ଦେଖିଲି ତା ଥିଲା ଅତି ଚମତ୍କାର । ଲୋକମାନେ ନିଜର ଉତ୍ସାହ ସମ୍ଭାଳିବାକୁ କଷ୍ଟବୋଧ କରୁଥିଲେ । ଚାରିଆଡ଼େ ଆନନ୍ଦ ଏବଂ ସାହସର ବାତାବରଣ ଥିଲା । ଗାନ୍ଧିଜୀ ଲବଣ ସତ୍ୟାଗ୍ରହ ସ୍ଥିର କରିବା ସମୟରେ ଅନେକ ନେତା ଏହାକୁ ପସନ୍ଦ କରି ନଥିଲେ । କିନ୍ତୁ ଯେତେବେଳେ ଗାନ୍ଧିଜୀ ତାଙ୍କର ଅଭିଯାନ ଆରମ୍ଭ କରି ଦାଣ୍ଡିରେ ପହଞ୍ଚିଲେ, ଗୁଜରାଟ ତଥା ସାରାଦେଶରେ ଯେଉଁ ଉତ୍ସାହର ଉତ୍ସ ଉଠିଥିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା । ମହାତ୍ମା ଗାନ୍ଧୀଙ୍କର ଦୂରଦର୍ଶୀତାର ଏହା ଏକ ପ୍ରମାଣ । ଠିକ୍ ସେଇଦିନ ମୁଁ ଇସ୍ତଫାପତ୍ର ପଠାଇବାକୁ ସ୍ଥିର କଲି । କିନ୍ତୁ ମୋ ବିରୁଦ୍ଧରେ ଗୋଧ୍ରା ଘଟଣାର ବିଭାଗୀୟ ତଦନ୍ତ ଶେଷ ହୋଇ ନଥାଏ । ମୋର ସନ୍ଦେହ ହେଲା ଯେ, ବିଭାଗୀୟ ତଦନ୍ତ ଶେଷ ପୂର୍ବରୁ ମୁଁ ଇସ୍ତଫା ଦେଲେ ସରକାର ମୋତେ ବରଖାସ୍ତ କରିଦେବେ । ତେଣୁ ତଦନ୍ତର ଫଳାଫଳ ନ ଜାଣିବା ପର୍ଯ୍ୟନ୍ତ ମୁଁ ଇସ୍ତଫା ଦେବିନାହିଁ ବୋଲି ସ୍ଥିର କଲି ।

ମାର୍ଚ୍ଚ ଶେଷ ସୁଦ୍ଧା ଭୀରମ୍‌ଗାମ୍ ଗସ୍ତରେ ଯାଇଥିବାବେଳେ ମୁଁ ସେଠାରେ କ୍ୟାମ୍ପ କରୁଥିବା ଜଣେ ଭାରତୀୟ ବେସାମରିକ ଅଫିସରଙ୍କ ସହିତ ସେଠାକାର କଷ୍ଟମ୍ କଲେକ୍ଟରଙ୍କୁ ଦେଖାକଲି । କଥା ବାର୍ତ୍ତାରେ ଗାନ୍ଧିଜୀଙ୍କ ସତ୍ୟାଗ୍ରହ ଆନ୍ଦୋଳନ ବିଷୟ ପଡିଲା । କଲେକର୍ କହିଲେ ଶାନ୍ତି ଭାଙ୍ଗିବାର ସମ୍ଭାବନା ଅଛି । ଭାରତୀୟ ବେସାମରିକ ଜଣକ କହିଲେ, ଗାନ୍ଧିଜୀଙ୍କୁ ଗୁଳିକରି ମାରିଦେବା ଉଚିତ୍ ଏବଂ ତାଙ୍କର କ୍ଷମତା ଥିଲେ ସେ ତାହା କରିଥାନ୍ତେ । ମୁଁ କିଛି କହିଲି ନାହିଁ କିନ୍ତୁ କନିଷ୍ଠ ଭାରତୀୟ ଅଫିସରଙ୍କ ଏ ଚିନ୍ତାଧାରା ମୋତେ ବହୁତ ଯନ୍ତ୍ରଣା ଦେଲା । ଅଫିସର ଜଣକ ନିଜ କାମରେ ଦକ୍ଷ ଓ ସଚ୍ଚୋଟ ଥିଲେ, କିନ୍ତୁ ଏପରି ଏକ ବିଚିତ୍ର ଧାରଣା ଏକା ତାଙ୍କର ନଥିଲା । ଅନେକ ଭାରତୀୟ ଅଫିସର ମଧ୍ୟ ସେହିପରି ଭାବୁଥିଲେ । ମୁଁ ହୃଦୟଙ୍ଗମ କଲି ଯେ ଏଇ ଚାକିରିରେ ରହିଲେ ମୁଁ ନିଜକୁ ମୂଲ୍ୟହୀନରେ ପରିଣତ କରି, ମୋ ଦେଶର କ୍ଷତି କରିବି ।

୧୯୩୦, ମାର୍ଚ୍ଚ ୧୨ରେ ଦାଣ୍ଡି ଅଭିଯାନ ଆରମ୍ଭ ହୋଇଥିଲା । ସତ୍ୟାଗ୍ରହ ଆରମ୍ଭବେଳେ ଲୋକମାନଙ୍କ ହୃଦୟରେ ଉତ୍ସାହ ଓ ଉଦ୍ଦୀପନାର ଢେଉ ଖେଳି ଯାଇଥିଲା ।

ଜିଲା ମାଜିଷ୍ଟ୍ରେଟ୍ ଓ ଡି.ଏସ୍.ପି. ସତ୍ୟାଗ୍ରହ ବିରୁଦ୍ଧରେ ପ୍ରଚାର କରିବା ପାଇଁ ଇସ୍ତାହାର ବାହାର କରିଥିଲେ । ସତ୍ୟାଗ୍ରହ ସହିତ ମୋର ସମ୍ପୂର୍ଣ୍ଣ ସହାନୁଭୂତି ଥିଲା ଏବଂ ମୋ ମତରେ ଏହି ଆନ୍ଦୋଳନକୁ ଉତ୍ସାହିତ କରିବା ସମସ୍ତ ଭାରତୀୟଙ୍କର କର୍ତ୍ତବ୍ୟ ଥିଲା । ଇସ୍ତାହାର ପାଇଁ ଗୋଟିଏ ପ୍ରବନ୍ଧ ଲେଖିବାକୁ ଡି.ଏସ୍.ପି. ମୋତେ ପ୍ରସ୍ତାବ ଦେଲେ । ଜିଲା ମାଜିଷ୍ଟ୍ରେଟ୍ ମଧ୍ୟ ସେହିପରି ଗୋଟିଏ ପ୍ରବନ୍ଧ ଲେଖିବାକୁ ମୋତେ କହିଲେ । ମୁଁ ସେମାନଙ୍କୁ କହିଲି ଯେ ପ୍ରବନ୍ଧ ଲେଖିବା ପାଇଁ ମୋର ଯୋଗ୍ୟତା ନାହିଁ । ଆଗରୁ କୌଣସି ଖବରକାଗଜରେ ଗୋଟିଏ ହେଲେ ପ୍ରବନ୍ଧ ମୁଁ ଲେଖିନାହିଁ ଏବଂ ଏ ପ୍ରକାର ପ୍ରବନ୍ଧ ଲେଖିବାର ଦାୟିତ୍ୱ ମୁଁ ନେଇ ପାରିବି ନାହିଁ । ଜିଲା ମାଜିଷ୍ଟ୍ରେଟ ଆଉ କିଛି କହିଲେ ନାହିଁ କିନ୍ତୁ ସତ୍ୟାଗ୍ରହ ସମ୍ପର୍କୀୟ କୌଣସି କେଶ୍ ବା ଫାଇଲ ମୋ ପାଖକୁ ପଠାଇଲେ ନାହିଁ । ଫଳରେ ଚାକିରି ଛାଡିବାକୁ ପ୍ରସ୍ତୁତ ହେଉଥିବା ବେଳେ ମୁଁ ଅସୁବିଧାରୁ ରକ୍ଷା ପାଇଲି ।

ଅହମଦାବାଦ ଯିବାର କିଛି ମାସ ଭିତରେ କମିଶନରଙ୍କ ଠାରୁ ନୋଟିସ ପାଇଲି ଯେ ଗୋଧ୍ରା ଦଙ୍ଗା ମାମଲାରେ ମୁଁ ଜଡିତ ଥିବା ବିଷୟରେ ତଦନ୍ତ ପଞ୍ଚମହଲ ଜିଲା ମାଜିଷ୍ଟ୍ରେଟ୍ କରିବେ । କମିଶନର ତିଆରି କରିଥିବା ଅଭିଯୋଗ ହେଲା ଯେ ମୁଁ ଜଣେ ସାମ୍ପ୍ରଦାୟିକ, ଏବଂ ମୁଁ ମୁସଲମାନ୍‌ମାନଙ୍କ ବିରୁଦ୍ଧରେ ହିନ୍ଦୁମାନଙ୍କୁ

Digitized by srujanika@gmail.com

ମତାଉଥିଲି । ଏଇ ନୋଟିସ୍ ପାଇବାର ଛ' ସାତ ଦିନ ମଧ୍ୟରେ ମୁଁ ଜବାବ ଦେଲି । ଜବାବରେ ମୁଁ ଘଟଣାର ସମ୍ପୂର୍ଣ୍ଣ ବିବରଣୀ ଲେଖି ମୋତେ ବ୍ୟକ୍ତିଗତ ଭାବେ ଶୁଣିବାକୁ କମିଶନର୍‌ଙ୍କୁ ଅନୁରୋଧ କରିଥିଲି । କମିଶନର୍ ବ୍ୟକ୍ତିଗତ ଶୁଣାଣି ପାଇଁ ଯେତେବେଳେ ମୋତେ ଡକାଇଲେ, ସେତେବେଳେ ମୁଁ ତାଙ୍କ ଆଗରେ ଦଙ୍ଗା ଘଟଣାର ସମ୍ପୂର୍ଣ୍ଣ ବିବରଣୀ କ୍ରମାଗତ ଭାବେ କହିଲି ଓ ଜିଲା ମାଜିଷ୍ଟ୍ରେଟ୍‌ଙ୍କ ଖୋଲା ପକ୍ଷପାତ କାମ ମଧ୍ୟ ତାଙ୍କ ଆଗରେ ରଖିଲି । ମୁଁ କମିଶନରଙ୍କୁ କହିଲି "ମୁଁ ଆଜି ପର୍ଯ୍ୟନ୍ତ କେବେ ସାମ୍ପ୍ରଦାୟିକତା କାରଣ ଯୋଗୁଁ ହେଉ ବା ଅନ୍ୟ କୌଣସି କାରଣ ଯୋଗୁଁ ହେଉ,କୌଣସି କ୍ଷେତ୍ରରେ ପକ୍ଷପାତ କରିବା ଆପଣ ଯଦି ଜାଣିଛନ୍ତି ତେବେ ଆପଣ ମୋତେ ଯାହା ଦଣ୍ଡ ଦେବେ ମୁଁ ତାହା ଗ୍ରହଣ କରିବାକୁ ପ୍ରସ୍ତୁତ । କିନ୍ତୁ ଯଦି ଆପଣଙ୍କ ହୃଦବୋଧ ହୋଇଥାଏ ଯେ ଆଜିଯାଏ ମୁଁ କୌଣସି କ୍ଷେତ୍ରରେ ପକ୍ଷପାତ କରିନାହିଁ ଏବଂ ବିଶ୍ୱାସ କରନ୍ତି ଯେ ମୁଁ ଏ ଘଟଣାରେ ନିର୍ଦ୍ଦୋଷ, ତଥାପି ମଧ୍ୟ ମୁଁ ଆପଣଙ୍କୁ ଏ ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରିବାକୁ ଅନୁରୋଧ କରିବି ।"

କମିଶନର୍ ମୋତେ ସେତେବେଳେ କହିଲେ, "ଆପଣ ଯାହା ସବୁ କହିଲେ ମୁଁ ସେଥିରେ ସନ୍ତୁଷ୍ଟ । ଆଉ ଅଧିକ ତଦନ୍ତ ଦରକାର ବୋଲି ମୁଁ ଭାବୁନାହିଁ ।" ଏହା ସତ୍ତ୍ୱେ ସେ ସରକାରଙ୍କୁ ଗୋଟିଏ ସମ୍ପୂର୍ଣ୍ଣ ଅଲଗା ରିପୋର୍ଟ ପଠାଇଲେ । ମୁଁ ଏକଥା ପରେ ଜାଣିପାରିଲି । ସରକାରଙ୍କର ନିଷ୍ପତ୍ତି ମୁଁ ୧୯୩୦, ଅପ୍ରିଲରେ ପାଇଲି । ସମ୍ପ୍ରଦାୟ ମନୋବୃତ୍ତିରେ କାମ କରିଥିବା ଅଭିଯୋଗରେ ମୋତେ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ଏ ସିଦ୍ଧାନ୍ତରେ ପହଞ୍ଚିବାର କୌଣସି କାରଣ ଦର୍ଶାଯାଇ ନଥିଲା । କିନ୍ତୁ ମୋର ବାରବର୍ଷ ସରକାରୀ ଚାକିରିରେ ଖୁବ୍ ଭଲ ରେକର୍ଡ ଥିବାରୁ ସରକାର ମୋ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ କରିବା ଦରକାର ବୋଲି ଭାବୁ ନଥିଲେ; ତଥାପି ଦଣ୍ଡସ୍ୱରୂପ, ବରିଷ୍ଠତ୍ୱ ତାଲିକାରେ (ସିନିଅରଟି ଲିଷ୍ଟ) ମୋତେ ଚାରିଜଣଙ୍କ ତଳକୁ ଖସାଇ ଦିଆ ଯାଉଥିଲା ।

ଶ୍ୱେତକାୟ ଅଫିସରଙ୍କ ମର୍ଯ୍ୟଦା ରକ୍ଷା କରିବାପାଇଁ ସରକାର ଜାଣିଶୁଣି ଏପରି ଅନ୍ୟାୟ ନିଷ୍ପତ୍ତି ନେଇଥିଲେ । ଦଙ୍ଗା ମୋକଦ୍ଦମାର ଅପିଲରେ ସେସନ୍ସ ଜଜ୍ ପରିଷ୍କାର ଭାବରେ କହିଥିଲେ ଯେ ମୋ ବିରୁଦ୍ଧରେ ଦିଆଯାଉଥିବା ମନ୍ତବ୍ୟ ଭୁଲ ଅଟେ । ଚାପ୍ପତ୍ କେଶ୍‌ରେ ମୁଁ ହିନ୍ଦୁ ଅଭିଯୁକ୍ତଙ୍କୁ ଖଲାସ କରିଥିବା ବିରୁଦ୍ଧରେ ଜିଲା ମାଜିଷ୍ଟ୍ରେଟ୍ ଅପିଲ କରି ନଥିଲେ । ମୋ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ କରିବାକୁ ମଧ୍ୟ ତାଙ୍କର ସାହସ ନଥିଲା । ତଥାପି ନିଜର ସମ୍ପ୍ରଦାୟ ଆନୁଗତ୍ୟକୁ ଘଣ୍ଟ ଘୋଡ଼ାଇବା ପାଇଁ ମୋତେ ସାମ୍ପ୍ରଦାୟିକ ବୋଲି ଆଖ୍ୟା ଦେଉଥିଲେ ।

ଏ ପରିଣତିରେ ମୁଁ ଆଶ୍ଚର୍ଯ୍ୟ ହୋଇ ନଥିଲି କାରଣ ବ୍ରିଟିଶ୍ ସରକାରଙ୍କର ଏପରି କ୍ଷେତ୍ରରେ ସାମ୍ପ୍ରଦାୟିକତାକୁ ଉତ୍ସାହ କରିବାର ପରମ୍ପରା ଥିଲା । ସମୟ ସମୟରେ ଗୋଟିଏ ସମ୍ପ୍ରଦାୟକୁ ଅନ୍ୟ ଏକ ଗୋଷ୍ଠି ବିରୁଦ୍ଧରେ ଲଗାଇ ଦେଉଥିଲେ । ମହାତ୍ମା ଗାନ୍ଧୀ ଅହିଂସା ଓ ସତ୍ୟାଗ୍ରହ ଅଧ୍ୟାୟ ଆରମ୍ଭ କରିବା ଦିନଠାରୁ ଅନେକ ବିଟ୍ରିଶ ସିଭିଲ୍ ସର୍ଭାଣ୍ଟ୍ ମୁସ୍‌ଲିମ୍‌ମାନଙ୍କୁ କଂଗ୍ରେସ ଓ ହିନ୍ଦୁମାନଙ୍କ ବିରୁଦ୍ଧରେ ଉତ୍ତେଜିତ କରୁଥିଲେ ।

ସରକାରଙ୍କ ଠାରୁ ମନମୁଖି ଓ ଅନ୍ୟାୟ ନିଷ୍ପତ୍ତି ପାଇ ସାରିବାପରେ ମୁଁ ଚାକିରିରୁ ଇସ୍ତଫା ଦେବାକୁ ସ୍ଥିର କଲି । ଇସ୍ତଫା ଦେଇ ସାରିବାପରେ କ'ଣ କରିବି ସେଇ ଚିନ୍ତାରେ ବ୍ୟସ୍ତଥିଲି । ସେ ଯାହା ହେଉନା କାହିଁକି ମୋର ମନରେ ଗୋଟିଏ ପରିଷ୍କାର ସିଦ୍ଧାନ୍ତ ଥିଲା -- ବିଦେଶୀ ସରକାରଙ୍କ ସେବାରେ ବାରବର୍ଷ କାମକରି ମୁଁ ମୋ ଦେଶର କ୍ଷତି କରିଛି । ତେଣୁ ମୁଁ ସ୍ଥିର କଲି କେବଳ ପଇସା ରୋଜଗାର କରିବାରେ ମୋର ବାକି ଜୀବନ କଟାଇବି ନାହିଁ । ଏପରି ପାପର ପ୍ରାୟଶ୍ଚିତ କରିବାପାଇଁ ମୁଁ ବାକି ଜୀବନ ଲୋକମାନଙ୍କ ସେବାରେ କଟାଇବି । ସାର୍ବଜନୀନ ଜୀବନଯାପନ କରିବାକୁ ହେଲେ ଭାଷଣ ଦେବାକୁ, ପ୍ରବନ୍ଧ ଲେଖିବାକୁ ପଡ଼େ । ସେଥିରୁ କେଉଁଥିରେ

Digitized by srujanika@gmail.com

ହେଲେ ମୋର ଅଭିଜ୍ଞତା ନ ଥିଲା । ଭଲକରି କହି ପାରିବି କି ନାହିଁ ମୁଁ ଜାଣି ନ ଥିଲି, ଏଇ ଦ୍ୱନ୍ଦ ଏକ ମାସ ଧରି ଲାଗି ରହିଲା । ମୁଁ ସ୍ଥିର କଲି ଯେ ଅନ୍ୟ କୌଣସି କାମ କରିପାରେ ବା ନପାରେ, ଯେ କୌଣସିମତେ, ମୋତେ ସରକାରୀ ଚାକିରି ଛାଡ଼ିବାକୁ ହେବ । ମୁଁ ମନସ୍ଥ କଲି ଯେ, ଯେକୌଣସି କାମ ମୋ ପାଖକୁ ଆସିଲେ ମୁଁ ଭଗବାନଙ୍କ ଉପରେ ଭରସା ରଖି ଓ ତାଙ୍କ ନିୟମ ପାଳନ କରି ସେ କାମ କରିବି । ଏହି ସଙ୍କଳ୍ପ କରି ମୁଁ କଲେକ୍ଟର୍‌ଙ୍କ ପାଖକୁ ମୋ ଇସ୍ତଫା ପତ୍ର ପଠାଇଲି, ୧୯୩୦, ମେ ୧୯ ଶନିବାର ଦିନ । କଲେକ୍ଟର୍‌ଙ୍କୁ ମୋ ଇସ୍ତଫା ପତ୍ରରେ ଲେଖିଥିଲି ଯେ ସରକାରଙ୍କର ମୋ ବିରୁଦ୍ଧରେ ଭୁଲ ନିଷ୍ପତ୍ତି ଦେଖି ମୋର ହୃଦବୋଧ ହୋଇଛି ଯେ ଏ ସରକାର ନ୍ୟାୟ ନ ଦେଇ ମନମୁଖି ଓ ଅନ୍ୟାୟ ନିଷ୍ପତ୍ତି ନେଇଛନ୍ତି, ଏପରି ସରକାରଙ୍କ ସେବାରେ କାମକରିବା ମୋ ଆତ୍ମସମ୍ମାନର ଅନ୍ତରାୟ ମାତ୍ର । ପୁଣି ଲେଖିଥିଲି ଯେତେବେଳେ ସ୍ୱାଧୀନତା ପାଇଁ ଆନ୍ଦୋଳନ ସାରା ଦେଶରେ ବ୍ୟାପି ଯାଉଛି, ଯେଉଁଥିରେ ମୋ ଦେଶର ଲକ୍ଷ ଲକ୍ଷ ଅଧିବାସୀ ଅଶେଷ ତ୍ୟାଗ କରି ଯୋଗ ଦେଇଛନ୍ତି, ସେତେବେଳେ ମୁଁ ଦେଖଣାହାରି ଭାବେ ଠିଆ ହୋଇ ମୋ ଦେଶ ବିରୁଦ୍ଧରେ ସରକାରଙ୍କୁ ସାହାଯ୍ୟ କରିବା ମୋ ପକ୍ଷରେ ଉଚିତ ହେବ ନାହିଁ । ପରିଶେଷରେ ଲେଖିଥିଲି ଯେ ଏଉ ସବୁ କାରଣ ପାଇଁ ମୁଁ ଇସ୍ତଫା ଦେଉଛି । ଯେହେତୁ ମୁଁ ଆଉ କାମ କରିପାରିବି ନାହିଁ ମୋତେ ମେ ମାସ ୨୧ ତାରିଖରୁ ମୁକ୍ତିଦେବା ପାଇଁ ଅନୁରୋଧ କରୁଛି । କଲେକ୍ଟର୍‌ଙ୍କୁ ଜଣାଇ ଦେଇଥିଲି ଯେ ମୋ ପାଖରେ ବାକି କାମ କିଛି ନାହିଁ ସୁତରାଂ ମୋ ପର ଅଫିସରଙ୍କୁ କାର୍ଯ୍ୟଭାର ଦେବା ଦରକାର ନାହିଁ । ମୋ ଇସ୍ତଫା ସାଙ୍ଗେ ସାଙ୍ଗେ ଗ୍ରହଣ କରାଯାଇଥିଲା ।

ମୋର ଜଣେ ସହକର୍ମୀ ଶ୍ରୀ ଦୁର୍ଲଭଜୀ ପରାଗଜୀ ଦେସାଇ, ଯେ କି ଆକ୍ଟିଙ୍ଗ୍ ଡେପୁଟି କଲେକ୍ଟର୍ ଭାବେ କାମ କରୁଥିଲେ, ଇସ୍ତଫା ଦେବାକୁ ସ୍ଥିର କରିଥିଲେ। ତାଙ୍କ ସାନ ଭାଇ ମନିଭାଇ ପରାଗଜୀ ଦେସାଇ ସେତେବେଳେ ସିଟି ମାଜିଷ୍ଟ୍ରେଟ୍ ହିସାବରେ କାମ କରୁଥିଲେ । ଆମେ ତିନିଜଣ ଖୁବ୍ ସାଙ୍ଗ ଥିଲୁ ଓ ଅନେକ ସମୟରେ ଜାତୀୟ ଆନ୍ଦୋଳନ ଓ ଆମର କର୍ତ୍ତବ୍ୟ ବିଷୟରେ ଆଲୋଚନା କରୁଥିଲୁ । ଆମ ତିନିଜଣଙ୍କର ଏକା ମତ ଥିଲା । ଆମେ ଦୁଇଜଣ ଇସ୍ତଫା ଦେଲୁ କିନ୍ତୁ ମନିଭାଇ ସାହସ ହରାଇ ଚାକିରି ଛାଡି ନଥିଲେ ଯଦିଓ ସେ ଏ ବିଷୟରେ ବିଶେଷ ଦୁଃଖୀ ଥିଲେ । ଆମେ ତାଙ୍କ ଉପରେ ଚାପ ପକାଇଥିଲେ ସେ ହୁଏତ ଇସ୍ତଫା ଦେଇ ଥାଆନ୍ତେ କିନ୍ତୁ ଆମମାନଙ୍କର ଦୃଢ଼ ମତ ଥିଲା ଯେ ଏ ସବୁ ବିଷୟରେ ସମସ୍ତେ ନିଜର କ୍ଷମତା ଅନୁସାରେ ନିଷ୍ପତି ନେବା ଉଚିତ । କୌଣସି ବଂଧୁ ତାଙ୍କୁ ପ୍ରଭାବିତ କରିବା ଉଚିତ ହେବନାହିଁ । ଆମେ ମନିଭାଇଙ୍କୁ ଆଉ କିଛି କହିଲୁ ନାହିଁ, କିନ୍ତୁ ସେ ନିଜର ଦୁର୍ବଳତା ପାଇଁ ଅନେକ ଦିନ ପର୍ଯ୍ୟନ୍ତ ଦୁଃଖୀ ଥିଲେ ।

ମୁଁ ବାରବର୍ଷ ତଳେ ଯେଉଁ ମାସରେ ଓ ଯେଉଁ ସ୍ଥାନରେ ବ୍ରିଟିଶ ସରକାରଙ୍କ ପାଖରେ ଚାକିରି ଆରମ୍ଭ କରିଥିଲି ସେଇ ମାସ ଓ ସ୍ଥାନରେ ଚାକିରି ଛାଡିଲି । କେତେକ ବଂଧୁ ମୋତେ ବିଦାୟ ଅଭିବାଦନ ଜଣାଇବା ପାଇଁ ଇଚ୍ଛା କରୁଥିଲେ କିନ୍ତୁ ମୁଁ ରାଜି ହେଲିନାହିଁ କାରଣ ଚାକିରି କାଳରେ ମୋ ମତରେ ଯାହା ଠିକ୍ ତାହାହିଁ କରିଥିଲି -- ଅଧିକ କିଛି କରି ନ ଥିଲି । ତଥାପି ଗୋଟିଏ ସଭାରେ ଜଣେ ଭଦ୍ରଲୋକ କହିଲେ ମୁଁ ବିରାଟ ତ୍ୟାଗ କରିଛି । ମୋତେ ସେ କଥା ଭଲ ଲାଗିଲା ନାହିଁ । ତେଣୁ ମୁଁ ସାଙ୍ଗେ ସାଙ୍ଗେ ଠିଆ ହୋଇ କହିଲି ''ସରକାରୀ ଚାକିରି ଛାଡି ମୁଁ କିଛି ତ୍ୟାଗ କରିନାହିଁ । ବିଦେଶୀ ସରକାରଙ୍କ ଅଧୀନରୁ ଚାକିରି ଛାଡିବା କିଛି ତ୍ୟାଗ ନୁହେଁ । ମୋ ଦେଶ, ଯେକି ମୋତେ ଦରମା ଦେଉଥିଲା, ମୁଁ ତା ପ୍ରତି ବିଶ୍ୱାସଘାତକତା କରୁଥିଲି । ଯଦିଓ ବ୍ରିଟିଶ୍ ସରକାର୍ ମୋତେ ଦରମା ଦେଉଥିଲେ, ଟଙ୍କା ବା ଅର୍ଥ ଇଂଲଣ୍ଡରୁ ଆସୁ ନ ଥିଲା, ଅର୍ଥ ମୋ ଦେଶର ନାଗରିକମାନେ ଦେଉଥିଲେ । ମୁଁ ଆହୁରି ମଧ୍ୟ ଅନୁଭବ କଲି ଯେ ଜଣେ ଭାରତୀୟ ବ୍ରିଟିଶ ସରକାରଙ୍କ ପାଖରେ ନିଜ ଦେଶର ଲୋକମାନଙ୍କୁ ସାହାଯ୍ୟ କରି ନିଷ୍ଠାପର ଭାବରେ କାମକଲେ କାଳକ୍ରମେ ଲୋକମାନେ

Digitized by srujanika@gmail.com

ବିଦେଶୀ ସରକାରଙ୍କୁ ମାନିନେବେ ଓ ଦାସତ୍ୱରୁ ମୁକ୍ତ ହୋଇ ସ୍ୱାଧୀନତା ପାଇବାର ଉତ୍ସାହ ଦୁର୍ବଳ ହୋଇପଡିବ । ଏହା ଦେଶ ସ୍ୱାର୍ଥର ଅନ୍ତରାୟ ହେବ । ମୁଁ ଏ ବିଷୟରେ ବଦ୍ଧ ପରିକର ହୋଇ ବ୍ରିଟିଶ ସରକାରଙ୍କୁ ଇସ୍ତଫା ଦେଇ ମୋର କର୍ତ୍ତବ୍ୟ ମାତ୍ର ପାଳନ କରିଛି ।''

''ମୁଁ ଚାକିରି ଛାଡି ନଥିଲେ ମୋର ମାନସିକ ବେଦନା ବଢ଼ି ଯାଇଥାଆନ୍ତା । ଯଦି ଜଣେ ବ୍ୟକ୍ତି ଅନ୍ୟାୟ ଭାବେ ବହୁତ ଅର୍ଥ ଅର୍ଜନ କରେ ଏବଂ ଦିନେ ଅନୁଭବ କରେ ଯେ ଅନ୍ୟାୟ ଭାବେ ଅର୍ଥୋପାର୍ଜନ ପାପ ଏବଂ ଅର୍ଥୋପାର୍ଜନ ବନ୍ଦ କରିଦିଏ, ତା' ମାନେ ନୁହେଁ ଯେ ସେ ତ୍ୟାଗ କରିଛି । ଲୋକମାନେ କହିବେ ସେ ନିଜର ଭୁଲ ବୁଝିପାରି ନିଜକୁ ସୁଧାରି ନେଇଛି, ନିଜର ସଂସ୍କାର କରିଛି । ସେଇ କଥା ମୋ ସମ୍ବନ୍ଧରେ କୁହାଯାଇପାରେ । ମୁଁ ନିଜକୁ ସୁଧାରି ନେଉଛି, ସଂସ୍କାର କରୁଛି, କିଛି ତ୍ୟାଗ କରିନାହିଁ ।''

ସେତେବେଳେ ମୋ ସ୍ତ୍ରୀ ଓ ପିଲାମାନେ ସାଙ୍ଗରେ ନଥିଲେ । ସେମାନେ ମୋ ଶ୍ୱଶୁର ଘରେ ଥିଲେ । ମୁଁ ଇସ୍ତଫା ପତ୍ର ଦେବାବେଳେ ମୋ ସ୍ତ୍ରୀ ସହିତ ପରାମର୍ଶ କରି ନଥିଲି । କିନ୍ତୁ କିଛିଦିନ ପୂର୍ବରୁ ସେ ଅହମଦାବାଦରେ ଥିବାବେଳେ ମୁଁ ତାଙ୍କୁ କହିଥିଲି, ''ବର୍ତ୍ତମାନ ମୁଁ ଅନୁଭବ କରୁଛି ଯେ ମୋର ଆଉ ଚାକିରିରେ ରହିବା ଉଚିତ ହେବ ନାହିଁ । କିନ୍ତୁ ମୁଁ ଯେତେବେଳେ ତୁମ ସମସ୍ତଙ୍କ କଥା ଭାବେ, ମୁଁ ଇତସ୍ତତଃ ହୋଇଯାଏ ।'' ସେତେବେଳେ ସେ ମୋତେ ପରିଷ୍କାର ଭାବେ କହିଥିଲେ, ''ଆପଣଙ୍କର ଆମମାନଙ୍କ ପାଇଁ ବ୍ୟସ୍ତହେବା ଦରକାର ନାହିଁ । ଆପଣ ଯାହା ଠିକ୍ ଭାବୁଛନ୍ତି ତାହା କରିବା ଉଚିତ ।'' ଏଇପରି ମୁଁ ତାଙ୍କର ସ୍ୱୀକୃତି ପାଇଥିଲି । ମୋ ମାଇଁ,ଯେ ମୋତେ ଭାରୀ ଭଲ ପାଉଥିଲେ, ଅହମଦାବାଦରେ ଥିଲେ । ସେ ମୋତେ 'ଦେବ୍' ବୋଲି ଡାକୁଥିଲେ । ସେ ଏ ଖବର ଜାଣିବା ମାତ୍ରେ ମୋ ଅଫିସ୍‌କୁ ଆସିଲେ, ମୋତେ ପାଖରେ ଥିବା ଭଦ୍ରକାଳି ମନ୍ଦିରକୁ ନେଇ ଇସ୍ତଫା ନ ଦେବା ପାଇଁ ବହୁତ ବୁଝାଇଲେ । କିନ୍ତୁ ମୁଁ ଯେତେବେଳେ ତାଙ୍କୁ କହିଲି ଯେ ମୋ ସିଦ୍ଧାନ୍ତ ଅଟଳ, ବଦଳିବ ନାହିଁ ଓ ସେ ମୋତେ ମୋ କାର୍ଯ୍ୟରେ ଆଶୀର୍ବାଦ ଦେବା ଉଚିତ, ସେ ଆଉ କିଛି କହିଲେ ନାହିଁ ।

୧୯୩୦, ମେ ୨୧ରୁ ମୁଁ ସରକାରୀ ଚାକିରିରୁ ମୁକ୍ତି ପାଇଲି । ଯେଉଁ ଅଫିସରଙ୍କୁ ମୁଁ ଚାର୍ଜ ଦେଇଥିଲି ସେ ପରେ ମୋତେ କହିଲେ ଯେ ମୋ ଇସ୍ତଫା ପାଇଁ କଲେକ୍ଟର୍ ବଡ ମନ ଦୁଃଖ କରିଥିଲେ । ସେ ମୋ ପର ଅଫିସରଙ୍କୁ କହିଥିଲେ ଯେ ତାଙ୍କର ମୋ ପ୍ରତି ବହୁତ ସମ୍ମାନ ଥିଲା କାରଣ ମୁଁ ବାରବର୍ଷ ସରକାରୀ ଚାକିରିର ଶେଷ ଦିନ ପର୍ଯ୍ୟନ୍ତ ନିଷ୍ଠାପର ଭାବେ କାମ କରିଥିଲି ।

ମୋ ଚାକିରିର ଶେଷ କେତେଦିନ ଆଗରୁ କଲେକ୍ଟର୍ ମୋ ପାଖକୁ ସତ୍ୟାଗ୍ରହ ଆନ୍ଦୋଳନ ସମ୍ପର୍କୀୟ କୌଣସି କାଗଜ ପଠାଉନଥିଲେ କାରଣ ମୋର ସହାନୁଭୂତି କେଉଁଠି ତାଙ୍କୁ ଜଣାଥିଲା । ସେ ଜଣେ ବିବେକବାନ ବ୍ୟକ୍ତି ଥଲେ ଏବଂ ମୋ ବିରୁଦ୍ଧରେ କୌଣସି ମନ୍ତବ୍ୟ ପ୍ରକାଶ କରିନଥିଲେ ।

ମୁଁ ଚାକିରି ଛାଡିବା ପୂର୍ବରୁ ମୋ ତୃତୀୟ ଭାଇ ନାନୁଭାଇ, ଯେ ଏମ୍.ବି.ବି.ଏସ୍. ପାଶ୍ କରିଥିଲେ, ଲଣ୍ଡନରେ ଏଫ.ଆର.ସି.ଏସ୍. ପଢ଼ିବାକୁ ଯିବାକୁ ଇଛା କରୁଥିଲେ । ସେତେବେଳେ ମୁଁ ମୋ ଦରମାରୁ ଅଧା ତାଙ୍କୁ ଦେବାକୁ କଥା ଦେଇଥିଲି, ତେଣୁ ସେ ଇଂଲଣ୍ଡ ଯିବାକୁ ସ୍ଥିର କରିଥିଲେ । ସେ ଲଣ୍ଡନରେ ନାମ ଲେଖାଇ ସାରିଥିଲେ ଏବଂ ଜାହାଜରେ ଯିବାକୁ ଟିକେଟ୍ ଖରିଦ କରିସାରିଥିଲେ । ପରେ ଯେତେବେଳେ ମୁଁ ଇସ୍ତଫା ଦେଲି, ତାଙ୍କୁ ଲଣ୍ଡନ୍ ଯିବା ବନ୍ଦ କରିବାକୁ କହିଲି, ତାଙ୍କୁ ଲଣ୍ଡନ୍ ଯିବା ଯୋଜନା ବାତିଲ କରିବାକୁ ପଡିଥିଲା । ଦୁଇ ତିନିମାସରେ ସେ ବିକାନିରରେ ଚାକିରି ପାଇଲେ ।

ମୋ ତଳ ଭାଇ ଗୋଟିଏ ଲୁଗାକଲରେ ଉଇଭିଂ ମାଷ୍ଟର ଭାବେ କାମ କରୁଥିଲେ । କିନ୍ତୁ ସେ କଳଟି ବନ୍ଦ ହୋଇ ଯିବାରୁ ସେ ଚାକିରି ଖଣ୍ଡେ ଖୋଜୁଥିଲେ । ମୁଁ ଚାକିରି ଛାଡିବାବେଳେ ସେ ଅହମଦାବାଦରେ

Digitized by srujanika@gmail.com

ମାସିକ ୧୦୫ ଟଙ୍କା ଦରମାରେ ଆସିଷ୍ଟାଣ୍ଟ ଉଇଭିଂ ମାଷ୍ଟର ଚାକିରିଟିଏ ପାଇଥିଲେ । ଆକାଶେଠ୍ କୁଓ୍ୱାପୋଲଠାରେ ସେ ଗୋଟିଏ, ଦୁଇଟି ବେଡରୁମଥିବା, ଛୋଟିଆ ଘର ଭଡ଼ାରେ ନେଇଥିଲେ । ମୁଁ ଯାଇ ତାଙ୍କ ସାଥିରେ ରହିଲି । ମୋ ସବା ସାନଭାଇ ଛୋଟୁ ଭାଇ ସୁରତରେ ୨୦୦ଟଙ୍କା ମାସିକ ବେତନରେ ଆସିଷ୍ଟାଣ୍ଟ ଇଞ୍ଜିନିୟର୍ ଭାବେ ସରକାରୀ କାମରେ ଯୋଗ ଦେଇଥିଲେ ।

ମୋ ଭାଇମାନେ ଭାବୁଥିଲେ ମୁଁ ଚାକିରୀ ଛାଡିନଥିଲେ ଭଲ ହୋଇଥାନ୍ତା । ସେମାନେ କହୁଥିଲେ ଯେ ସେମାନେ ସମସ୍ତେ ସତ୍ୟାଗ୍ରହରେ ଯୋଗ ଦେବେ ଓ ମୁଁ ପରିବାର ଚଳାଇବି । ମୁଁ ତାଙ୍କୁ କହିଲି, ''ଦେଶର ସ୍ୱାଧୀନତା ପ୍ରଶ୍ନ ସମ୍ମୁଖରେ ପାରିବାରିକ ବା ଅନ୍ୟ ସମସ୍ୟା ଗୌଣସ୍ଥାନ ନେବା ଉଚିତ । ସେଇଥିପାଇଁ ମୁଁ ସତ୍ୟାଗ୍ରହରେ ଯୋଗ ଦେଇଛି । ତୁମେମାନେ ଏଥିରେ ଯୋଗ ଦେବାକୁ ଇଚ୍ଛା କଲେ, ତୁମମାନଙ୍କୁ ସ୍ୱାଗତ । ବାକି ଭଗବାନଙ୍କ ଉପରେ ଛାଡି ଦେବାକୁ ହେବ ।'' ମୋର କଂଗ୍ରେସ ଅନୁଷ୍ଠାନ ଉପରେ ପୂର୍ଣ୍ଣ ଭରସା ଥିଲା । ମୁଁ କଂଗ୍ରେସରେ ଯୋଗ ଦେବାକୁ ଇଚ୍ଛା କରୁଥିଲି । ଭାବୁଥିଲି, ଯେଉଁ ନେତାମାନଙ୍କ ଅଧୀନରେ କାମ କରିବି ସେମାନଙ୍କ ଉପରୁ ଯଦି ପରେ ବିଶ୍ୱାସ ତୁଟିଯିବ ତେବେ ଅଖାଡୁଆ ପରିସ୍ଥିତି ଉପୁଜିବ । ଏହି ଚିନ୍ତା ମୋତେ ବ୍ୟତିବ୍ୟସ୍ତ କରୁଥିଲା । ଏ ବିଷୟରେ ତିନି ଚାରିଦିନ ଭାବିବାପରେ ମୁଁ ଅନୁଭବ କଲି ଯେ ମୋର ଅନୁଷ୍ଠାନ ଉପରେ ପୂର୍ଣ୍ଣ ଭରସା ଥିବାବେଳେ କୌଣସି ବ୍ୟକ୍ତିଙ୍କ ସହିତ ସମ୍ପର୍କ ସମ୍ବନ୍ଧରେ ମୁଁ ଚିନ୍ତିତ ହେବା ଠିକ୍ ନୁହେଁ । ତେଣୁ କଂଗ୍ରେସରେ କାମ କରିବାରେ କୌଣସି ଅସୁବିଧା ହେବନାହିଁ । ମୁଁ ଏଇ ସିଦ୍ଧାନ୍ତରେ ପହଞ୍ଚି ମୋର ଇସ୍ତଫା ପତ୍ର ସାଙ୍ଗେ ସାଙ୍ଗେ ଦାଖଲ କରିଥିଲି ।

ମୁଁ ଯେତେବେଳେ ବ୍ରିଟିଶ୍ ସରକାର ଅଧୀନରେ ୧୯୧୮ରୁ ୧୯୩୦ଯାଏ ବାରବର୍ଷର ଚାକିରି କଥା ଭାବେ, ଏବଂ ଜୀବନର ସେଇ ଅଂଶ ବିଷୟ ପୁର୍ନବିଚାର କରେ ମୁଁ ସ୍ପଷ୍ଟ ଭାବେ ଦେଖିପାରେ ଯେ ସେଇ ବାରବର୍ଷ ଲୋକମାନଙ୍କ ସେବାରୁ ମୁଁ ଅନେକ ପ୍ରକାର ଅଭିଜ୍ଞତା ହାସଲ କରିଛି । ବ୍ରିଟିଶ୍ ସରକାରଙ୍କ ମୂଳତତ୍ତ୍ୱ ଥିଲା ଲୋକମାନଙ୍କ ଉପରେ କର୍ତ୍ତୃତ୍ୱ ବିସ୍ତାର କରି, ଭୟ ଦେଖାଇ, ଶାସନ କରିବା ସୁତରାଂ ଜଣେ ସାଧାରଣ ଲୋକ ପକ୍ଷରେ ସରକାରୀ କର୍ମଚାରୀଙ୍କୁ ସାକ୍ଷାତ କରିବା କଷ୍ଟକର ହେଉଥିଲା । ଅନେକ ଅଫିସର ସାଧାରଣ ଲୋକଙ୍କୁ ସାହାଯ୍ୟ କଲେ ତାଙ୍କୁ ଅନୁଗ୍ରହ ପୂର୍ବକ ଦୟା କରୁଛନ୍ତି ବୋଲି କହୁଥିଲେ । କିନ୍ତୁ ଚାକିରି ଆରମ୍ଭରୁ ମୋ ମନରେ ଏ ଧାରଣା ଆସିଥିଲା ଯେ ଲୋକମାନଙ୍କର ସେବା କରିବାର ସୌଭାଗ୍ୟ ମୋତେ ମିଳିଛି, ସୁତରାଂ ପ୍ରଥମରୁ ମୁଁ ଅଲଗା ଚିନ୍ତାଧାରା ବାଛି ନେଇଥିଲି । ମୋତେ ଦିଆଯାଇଥିବା କ୍ଷମତା ଲୋକମାନଙ୍କ ସେବାରେ ଲଗାଇବା ମୋର କର୍ତ୍ତବ୍ୟ ବୋଲି ମୁଁ ଭାବୁଥିଲି ।

ଡେପୁଟୀ କଲେକ୍ଟର୍ ହିସାବରେ ମୁଁ କିଛି ବର୍ଷ ତାଲୁକା ଅଫିସର ଏବଂ ପରେ କଲେକ୍ଟର ଓ ଜିଲା ମାଜିଷ୍ଟ୍ରେଟ୍‌ଙ୍କ ପର୍ସନାଲ୍ ଆସିଷ୍ଟାଣ୍ଟ୍ ହିସାବରେ କାମ କରିଥିଲି । ସବ୍‌ଡିଭିଜନାଲ୍ ଅଫିସ୍‌ର ହିସାବରେ ମୋତେ ଗାଁ, ସର୍କଲ୍ ଓ ତାଲୁକା ଅଫିସର୍‌ଙ୍କ କାମ ଦେଖିବାକୁ ପଡୁଥିଲା । ସେ ସମୟରେ ଏଇ ସ୍ତରରେ ଶାସନ ଓ ବିଚାର ବିଭାଗ ଅଲଗା ହୋଇ ନଥିବାରୁ ମୋତେ ସବ୍‌ଡିଭିଜନାଲ୍ ଅଫିସ୍‌ର ଓ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ଭାବେ କାମ କରିବାକୁ ହୋଇଥିଲା । ସବ୍‌ଡିଭିଜନାଲ୍ ଅଫିସ୍‌ର ହିସାବରେ ଜମିବାଡି ବିବାଦର ମିମାଂସା, ଜମି ମାପ, ଖଜଣା ଆଦାୟ ଏବଂ ଲୋକମାନଙ୍କ ଅସୁବିଧା ଦୂର କରିବା ଇତ୍ୟାଦି ସମ୍ବନ୍ଧୀୟ କାମ ଦେଖିବାକୁ ପଡୁଥିଲା ।

ମାଜିଷ୍ଟ୍ରେଟ୍ ହିସାବରେ ମୋ କାମ ଥିଲା ଦୋଷୀମାନଙ୍କୁ ଦଣ୍ଡ ଦେବା ଓ ଭଲ ଲୋକମାନଙ୍କୁ ରକ୍ଷା କରିବା । ସବ୍‌ଡିଭିଜନାଲ୍ ଅଫିସର୍ ହିସାବରେ ମୁଁ ଲୋକମାନଙ୍କ ସହିତ ନିକଟ ସମ୍ପର୍କ ରଖୁଥିଲି; ତେଣୁ ସେମାନେ ମୋ କାମ ଦ୍ୱାରା ଉପକୃତ ହେଉଥିଲେ । ବର୍ଷକରେ ସାତମାସ ମୁଁ ଗାଁ ମାନଙ୍କରେ ବୁଲୁଥିଲି । ମୁଁ

Digitized by srujanika@gmail.com

ଗାଁ ମୁଣ୍ଡରେ କ୍ୟାମ୍ପ କରି ଥରକୁ ତିନି ଚାରିଦିନ ରହୁଥିଲି । ଗ୍ରାମବାସୀ ମାନେ ସଂଧ୍ୟାବେଳେ ମୋ ପାଖକୁ ଆସୁଥିଲେ ଓ ମୁଁ ସେମାନଙ୍କର ସମସ୍ୟା ସମାଧାନ କରୁଥିଲି । ମୁଁ ତାଙ୍କ କାମ ଓ ଜୀବନ ଯାପନର ପ୍ରଣାଳୀ ଅନୁଧ୍ୟାନ କରୁଥିଲି । ତେଣୁ ସହଜରେ ସେମାନଙ୍କ ସମସ୍ୟା ବୁଝି ପାରୁଥିଲି ଓ କେଉଁଥିରେ ସେମାନଙ୍କ କଷ୍ଟ ଦୂର ହେବ ଜାଣି ପାରୁଥିଲି । ମୁଁ ତାଙ୍କର ଏତେ ପାଖ ହୋଇ ଯାଇଥିଲି ଯେ ସେମାନେ ତାଙ୍କର କଳିଝଗଡ଼ା ମୋ ପାଖକୁ ବିଚାର କରି ମିମାଂସା ପାଇଁ ଆଣୁଥିଲେ । ଏସବୁ କାମ ମୋର ସରକାରୀ କାମ ବାହାରେ ଥିଲା । ମୁଁ ଜଣେ ବଂଧୁ ଭାବରେ କାମ କରୁଥିଲି, ମୋ ଉପରେ ନ୍ୟସ୍ତ କ୍ଷମତା ଯୋଗୁ ନୁହେଁ, ମାନବିକତା ଦୃଷ୍ଟିରୁ । ଏହାଦ୍ୱାରା ମୁଁ ଲୋକମାନଙ୍କ ବିଶ୍ୱାସଭାଜନ ହୋଇପାରିଲି । ଲୋକମାନେ ଆବଶ୍ୟକ ସ୍ଥଳେ ମୋ ପାଖକୁ ଘରୋଇ ଭାବେ ଆଶା ନେଇ ଆସୁଥିଲେ । ଫଳରେ ମୋ ଦାୟିତ୍ୱରେ ଥିବା ସ୍ଥାନ ମାନଙ୍କରେ ଅପରାଧଜନକ ଘଟଣା କମିଗଲା ଓ ତା' ସଙ୍ଗେ ଭ୍ରଷ୍ଟାଚାର ମଧ୍ୟ । ଯଦି ମୋ ତଳ କର୍ମଚାରୀ ଭୁଲ କାମ କରୁଥିଲେ ବା ଉତ୍କୋଚ ନେଉଥିଲେ, ତଦନ୍ତ କରି ମୁଁ ସାଙ୍ଗେ ସାଙ୍ଗେ ସେତିକିବେଳେ ଓ ସେଇଠାରେ ଦୋଷୀକୁ ଦଣ୍ଡ ଦେଉଥିଲି । ପ୍ରତ୍ୟେକ ଥର ମୋର ବଦଳି ହେଲେ ଏଇ ଲୋକମାନେ ତିନିଚାରି ମାସ ବିରୋଧ କରୁଥିଲେ । ଅନେକ ଲୋକ ମୋ କାମରେ ଉପକୃତ ହେଉଥିଲେ ଏବଂ ମୁଁ ତାଙ୍କର ସମର୍ଥନ ପାଉଥିଲି । ଦଣ୍ଡିତ ହେଉଥିବା ଲୋକମାନଙ୍କ ସହିତ ମୁଁ ଭଦ୍ର ବ୍ୟବହାର କରୁଥିଲି । ସେମାନଙ୍କର ଶୁଭେଚ୍ଛା ଅର୍ଜନ କରୁଥିଲି ମଧ୍ୟ ।

ସରକାରୀ କାମରେ ବିଳମ୍ବ ନ ହୋଇ ଯଥା ଶୀଘ୍ର କାମ କିପରି ଶେଷ ହେବ, ସେଥିପ୍ରତି ମୁଁ ଖୁବ୍ ଯତ୍ନବାନ ଥିଲି । ମୋ ସହିତ ଦେଖା କରିବାକୁ ଆସୁଥିବା ଲୋକଙ୍କ ସହିତ ମୁଁ ଅବାଧରେ ସାକ୍ଷାତ କରୁଥିଲି ଏବଂ ତାଙ୍କୁ ମନଦେଇ ଶୁଣୁଥିଲି । ତଦନ୍ତ କିପରି ବିଳମ୍ବ ନ ହୁଏ ସେଥିପାଇଁ ମୁଁ ଯତ୍ନବାନ ଥିଲି । ଜମି ସମ୍ବନ୍ଧୀୟ ବିବାଦ ମାମଲାରେ ମୁଁ ଘଟଣା ସ୍ଥଳକୁ ଯାଇ, ପକ୍ଷମାନଙ୍କୁ ଶୁଣି ସାଙ୍ଗେ ସାଙ୍ଗେ ମୋର ନିଷ୍ପତ୍ତି ଦେଉଥିଲି । ଲୋକମାନଙ୍କର ସାଧାରଣତଃ ବିଶ୍ୱାସ ଥିଲା ଯେ ସେମାନେ ମୋ ଦ୍ୱାରା ନ୍ୟାୟ ପାଇବେ । ମୁଁ ମଧ୍ୟ ସନ୍ତୁଷ୍ଟ ହେଉଥିଲି ଯେ ବିବାଦର ମୂଳ ମଞ୍ଜିକୁ ମୁଁ ସହଜରେ ଧରି ପାରୁଥିଲି ।

ସରକାରୀ ଚାକିରିବେଳେ ମୁଁ ସବୁବେଳେ ଭାବୁଥିଲି କିପରି ମୋର କର୍ତ୍ତବ୍ୟ ଠିକ୍ ଭାବରେ ପାଳନ କରିବି । ନିୟମିତ ଭାବେ ମୁଁ "ୟଙ୍ଗ ଇଣ୍ଡିଆ" ଓ "ନବଜୀବନ" ପଢୁଥିଲି । ଗାନ୍ଧିଜୀଙ୍କ ବିଚାରଧାରା ସହିତ ମୁଁ ଏକମତ ଥିବାରୁ ତାଙ୍କ ଭାବନା ଗୁଡିକ ମୋତେ ଭଲ ଲାଗୁଥିଲା । ଚାକିରିର ପ୍ରଥମ କେତେବର୍ଷ ମୁଁ ଚାକିରି ଛାଡିବା ବିଷୟ ଚିନ୍ତା କରିନଥିଲି । କାରଣ ବୋଧହୁଏ ମୋ ଭାଇଙ୍କ ପଢ଼ା ଶେଷ କରିବା ଓ ଭଉଣୀର ବିବାହ ଦ୍ୱାୟିତ୍ୱ ମୋ ଉପରେ ଥିଲା । କିନ୍ତୁ ମୁଁ ପ୍ରଥମରୁ ଗୋଟିଏ ସିଦ୍ଧାନ୍ତ ଗ୍ରହଣ କରିଥିଲି -- ଯାହା ବିପଦ ଆସୁନା କାହିଁକି ମୁଁ କୌଣସି ଭୁଲ କାମ କରିବି ନାହିଁ । ଦରକାର ପଡିଲେ ଚାକିରି ଛାଡିବା ପାଇଁ ମୁଁ ସବୁବେଳେ ପ୍ରସ୍ତୁତ ଥିଲି । ଏହି ଦୃଢ଼ ସଂକଳ୍ପ ଯୋଗୁଁ ମୁଁ ଯେଉଁ କଲେକର୍ ମାନଙ୍କ ଅଧୀନରେ କାମ କରିଛି ତାଙ୍କୁ, ମୁଁ ଯାହା ଠିକ୍ ଭାବୁଥିଲି, କହିବାକୁ ଭୟ କରୁନଥିଲି । ମୋର ସ୍ୱାଧୀନ ମନୋଭାବ ପ୍ରଦର୍ଶନରେ ବାହାଦୁରୀର ପ୍ରଶ୍ନ ନ ଥିଲା । ଅନିବାର୍ଯ୍ୟ କ୍ଷେତ୍ରରେ ହିଁ ବିବାଦ ଲାଗୁଥିଲା । ବିବାଦୀୟ ଘଟଣାରେ ସବୁବେଳେ ମୋ ମତ ଗ୍ରହଣ କରାଯାଉ ଥିଲା, କାରଣ ମୁଁ ବିବାଦର ଉଚିତ ପକ୍ଷରେ ରହୁଥିଲି ।

ଏଠାରେ ମୁଁ ଗୋଟିଏ ବିଷୟ ଉଲ୍ଲେଖ କରିବାକୁ ଚାହେଁ । ୧୯୨୦-୨୧ରେ ମୁଁ ବୁଝିପାରିଲି ଯେ କ୍ରୋଧ ଦ୍ୱାରା ପରିଚାଳିତ ହେବା ଠିକ୍ ନୁହେଁ । କିନ୍ତୁ ୧୯୫୨ ପର୍ଯ୍ୟନ୍ତ ମୁଁ ହୃଦୟଙ୍ଗମ କରିନଥିଲି ଯେ କ୍ରୋଧ ହିଁ ସର୍ବଦା ମନ୍ଦ, ଅକାମ୍ୟ ଓ ଅନ୍ୟାୟ । ଫଳରେ ସେ ସମୟ ପର୍ଯ୍ୟନ୍ତ ମୁଁ କ୍ରୋଧକୁ ଦମନ କରିବାରେ ସଫଳ ହୋଇପାରିନଥିଲି । କେହି ମିଛ କହିବା ବା ଅନୈତିକ କର୍ମରେ ଜଡିତ ଥିବା ଜାଣିଲେ ମୁଁ ଶୀଘ୍ର ତାଙ୍କ ଉପରେ

Digitized by srujanika@gmail.com

ରାଗୀ ଯାଉଥିଲି । ମୁଁ ତାଙ୍କୁ ଖୁବ୍ କଡା କଥା କହୁଥିଲି ଓ ମୋ ବ୍ୟବହାର ନିଷ୍ଠୁର ହୋଇ ପଡୁଥିଲା । ପରିବାରରେ ମୋ ସାନ ଭାଇଭଉଣୀମାନେ ବା ମାମୁଁ ମାଈଁଙ୍କ ପିଲାମାନେ ଯଦି କୌଣସି ଅନୈତିକ ବା ଅଭଦ୍ର କାମ କରୁଥିଲେ ମୁଁ ସେମାନଙ୍କ ସହିତ କଠୋର ବ୍ୟବହାର କରୁଥିଲି । ସମୟ ସମୟରେ ମୁଁ ସେମାନଙ୍କୁ ଶାରୀରିକ ଦଣ୍ଡ ଦେଉଥିଲି । କିନ୍ତୁ ମୁଁ ବେଶ୍ ସଚେତନ ଥିଲି ଏବଂ ଅନୁଭବ କରୁଥିଲି ଯେ କ୍ରୋଧର ବଶବର୍ତ୍ତୀ ହେବି ନାହିଁ । ତତ୍‌ସହିତ ମୁଁ ଏହାବି ଅନୁଭବ କରୁଥିଲି ଯେ ଶୃଙ୍ଖଳା ଆଣିବାକୁ ହେଲେ ଅଶୁଦ୍ଧ କର୍ମ ବିରୁଦ୍ଧରେ କଠୋର ଆଚରଣ କରିବା ଉଚିତ । ମୁଁ ସେତେବେଳେ ଭାବି ନଥିଲି ଯେ ଭୁଲ ସଂଶୋଧନ କରିବା ପାଇଁ କ୍ରୋଧର ଆବଶ୍ୟକତା ନାହିଁ । ବାସ୍ତବରେ କ୍ରୋଧ ଫଳପ୍ରଦ କର୍ମସାଧନରେ ବାଧା ଦିଏ -- ମୁଁ ଏକଥା ୧୯୫୨ ପରେ ହିଁ ଅନୁଭବ କଲି । ମୋର ହୃଦବୋଧ ହେଲା ଯେ ଜଣେ ଲୋକ ଯୁକ୍ତି କରିବାକୁ ଆଉ କିଛି ନ ପାଇଲେ କ୍ରୋଧ କରେ ବା ଭୁଲ କାମଟିଏ କରି ଦୋଷ ମାନିବା ପରିବର୍ତ୍ତେ ତାକୁ ଘୋଡାଇବାକୁ ଚେଷ୍ଟା କରିବା ବେଳେ ରାଗିଯାଏ ।

କ୍ରୋଧ ପ୍ରତି ଉପରୋକ୍ତ ଚିନ୍ତାଧାରା ଗୀତାର ନିମ୍ନଲିଖିତରୁ ପଦ୍ୟାଶଂରୁ ନିସୃତ ।

ଇନ୍ଦ୍ରିୟ ଦ୍ୱାରା ଆକୃଷ୍ଟ ବସ୍ତୁ ବିଷୟ ଚିନ୍ତା କଲେ ତାହା ସହିତ ଆଶକ୍ତ ହେବ,

ଆସକ୍ତ ହୋଇ ଗଲେ କ୍ଷତିକାରକ ଅଭ୍ୟାସ ଆସିଯିବ;
ଅଭ୍ୟାସରେ ବାଧା ହେଲେ କ୍ରୋଧ ଜାତ ହେବ;

ରାଗିଲେ ମନ ଗୋଳମାଳିଆ ହେବ;
ମନ ଗୋଳମାଳିଆ ହେଲେ ଅଭିଜ୍ଞତାରୁ ଜାତ ଜ୍ଞାନ ଭୁଲିଯବ;

ଅଭିଜ୍ଞତା ଭୁଲିଗଲେ, ଭଲ-ମନ୍ଦ ବିଚାରଶକ୍ତି ନଷ୍ଟ ହେବ;
ଭଲମନ୍ଦ ବିଚାର ଶକ୍ତି ନଷ୍ଟ ହେଲେ ଜୀବନର ଏକମାତ୍ର ଉଦ୍ଦେଶ୍ୟ ବିଲୁପ୍ତ ହେବ । *

ଉପରୋକ୍ତ ପଦ୍ୟାଶଂ ପରିଷ୍କାର ଭାବେ ବୁଝାଇଛି ଯେ କ୍ରୋଧ କିପରି ଜାତ ହୁଏ ଏବଂ ପରିଶେଷରେ କିପରି ଜୀବନ ନଷ୍ଟ କରିଦିଏ । ୧୯୨୫ରୁ ମୁଁ ଅନେକ ଥର ଗୀତା ମୁଖସ୍ଥ କରିବାକୁ ଭାବିଛି । କିନ୍ତୁ ଶ୍ରମ କାତରତା ଯୋଗୁ ତାହା କରିପାରିନାହିଁ । ମୁଁ କିନ୍ତୁ ଜାଣି ପାରିନଥିଲି ଯେ ଶ୍ରମ କାତରତା ଗୀତା କଣ୍ଠସ୍ଥ ନ କରିବା ପାଇଁ ଦାୟୀ । ବରଂ ମୁଁ ଭାବୁଥିଲି ଯେ ଗୀତା କଣ୍ଠସ୍ଥ କରିବାର ଆବଶ୍ୟକତା ନାହିଁ କାରଣ ମୋ ମତରେ ଖାଲି କଣ୍ଠସ୍ଥ କରିଦେଲେ ଜ୍ଞାନ କୌଣସି ରକମର ବଢ଼େନାହିଁ । ଶୁକ ପକ୍ଷୀଟିଏ ଅନେକ କଥା ଅଭ୍ୟାସ କରିଥାଏ କିନ୍ତୁ ତା'ର ଅର୍ଥ କିଛି ବୁଝେ ନାହିଁ । ଯଦି ସମସ୍ତ ଧର୍ମଶାସ୍ତ୍ର କଣ୍ଠସ୍ଥ କରାଯାଏ କିନ୍ତୁ କିଛି କାର୍ଯ୍ୟକାରୀ କରାନଯାଏ ତା' ଅର୍ଥ ହେବ ସାଧୁତାର ଛଳନା ।

ଏଇ ସମ୍ପର୍କରେ ମୁଁ ଆଉ ଗୋଟିଏ ଘଟଣା ଉଲ୍ଲେଖ କରିବାକୁ ଚାହେଁ । ୧୯୩୪ ମସିହାର ପ୍ରଥମ ଛ' ମାସ, ମୁଁ ପୂନା ନିକଟସ୍ଥ 'ଏର୍‌ଭଦା' ଜେଲ୍‌ରେ ଥିଲି । ମୁଁ ଯେଉଁଠି ଥିଲି ସେଠାରେ କେବଳ ପାଞ୍ଚଜଣ ବନ୍ଦୀଥିଲେ । ସବୁଦିନେ ସଂଧ୍ୟା ସାଢ଼େ ଛଅଟାରେ ଘର ବାହାରେ ତାଲା ପଡୁଥିଲା ଓ ସକାଳ ଛ'ଟାରେ ଖୋଲୁଥିଲା । ରବିବାର ଦିନ ଆଗରୁ ଅର୍ଥାତ ଅପରାହ୍ନ ଦେଢ଼ଟାରେ ତାଲା ପଡୁଥିଲା । ପାଖରେ ଏତେ ସମୟ ଥିବାରୁ ମୁଁ ଭାବିଲି ଗୀତା କଣ୍ଠସ୍ଥ କରିବି । ପ୍ରତ୍ୟେକ ଦିନ ଗୋଟିଏ ଅଧ୍ୟାୟ ମୁଖସ୍ଥ କଲି, ଦେଢ଼ରୁ ଦୁଇ ଘଣ୍ଟା ଲାଗୁଥିଲା । ୧୮ ଦିନ ମଧ୍ୟରେ ପୂରା ଗୀତା ମୁଁ କଣ୍ଠସ୍ଥ କରିପାରିଲି । ତା'ପରେ ପ୍ରତିଦିନ ଅନ୍ତତଃ ଥରେ ପୂରା ଗୀତା ମୁଁ ଗାଉଥିଲି । ଏ ପର୍ଯ୍ୟନ୍ତ ମୁଁ ଗୀତା ଉପରେ ଅନେକ ବ୍ୟାଖ୍ୟା ଓ ସମାଲୋଚନା ପଢ଼ିସାରିଥିଲି । ତଥାପି ମୁଁ କେତେକ ପଦର ଅର୍ଥ ବୁଝି ପାରିନଥିଲି ଏବଂ କେତେ ବ୍ୟାଖ୍ୟାକାରଙ୍କ ମତ ସହିତ ଏକମତ ହୋଇ ପାରୁ ନ

Digitized by srujanika@gmail.com

ଥିଲି । କିନ୍ତୁ ଗୀତା ଗାନ କଲାବେଳେ ମୋର ଅଭିଜ୍ଞତା ସହିତ ତୁଳନା କରୁଥିଲି । ତା'ପରେ ମୁଁ ଗୀତା ଭଲ ଭାବରେ ବୁଝିଲି ଏବଂ କିଛି ବର୍ଷ ମଧ୍ୟରେ ପୂରା ବୁଝିପାରିଲି । ଗୀତାର କୌଣସି ପଦ ଅର୍ଥ ସମ୍ବନ୍ଧରେ ମୋର ଆଉ ସନ୍ଦେହ ରହିଲାନାହିଁ ।

ମୌଳିକତଃ ଗୀତା ସମସ୍ତ ମାନବ ସମାଜର ଧର୍ମ ପୁସ୍ତକ । ଏହା ସବୁ ସମୟ ଓ ପରିସ୍ଥିତିରେ ଏବଂ ସମସ୍ତ ମାନବ ସମାଜ ଓ ବ୍ୟକ୍ତି ପାଇଁ ପ୍ରଯୁଜ୍ୟ ଏବଂ ଉପାଦେୟ ଅଟେ । ମୁଁ ହୃଦୟଙ୍ଗମ କରିଛି ଯେ, ଯେକୌଣସି କଠିନ ସମୟରେ ଗୀତାରୁ ମନ ଶାନ୍ତି ପାଏ; ଏ ଏପରି ଏକ ଆଶ୍ଚର୍ଯ୍ୟଜନକ ପୁସ୍ତକ । ଏଇ ପଢ଼ାରୁ ହିଁ ମୁଁ କ୍ରୋଧର ପ୍ରକୃତି ବିଷୟରେ ଅବଗତ ହେଲି । ତା'ପରେ ହିଁ କ୍ରୋଧ ଉପରେ ମୋର ନିୟନ୍ତ୍ରଣ ଅଧିକ ହେଲା ।

ମୁଁ ବର୍ତ୍ତମାନ ଜାଣୁଛି ଯେ କ୍ରୋଧ କରିବା ଯେ କୌଣସି ପରିସ୍ଥିତିରେ, ଅକ୍ଷମଣୀୟ । କ୍ରୋଧ ମଣିଷର ଆଧ୍ୟାତ୍ମିକ ଉନ୍ନତି ରାସ୍ତାରେ ବାଧା ଦିଏ, କାରଣ ଏହା ମଣିଷକୁ ଖରାପ ଓ ଭୁଲ ରାସ୍ତାରେ ନିଏ । ମଣିଷ ରାଗିଗଲେ ସେ ନ କହିବା କଥା କୁହେ ଓ ନ କରିବା କାମ କରେ । ଏହା ସାର୍ବଜନୀନ ଅଭିଜ୍ଞତା । ଆମେ ନିଜ ଅପେକ୍ଷା ଅନ୍ୟମାନଙ୍କଠାରେ ଏହା ବେଶ୍ ପରିଷ୍କାରଭାବେ ଦେଖୁ । ଆମେ କ୍ରୋଧର ପ୍ରକୃତି ଜାଣିନାହୁଁ; ଏହା ସବୁ ଦୃଷ୍ଟିରୁ ଅମାର୍ଜନୀୟ ବୋଲି ଭାବୁ ନାହୁଁ । ଯଦି ଜଣେ ବ୍ୟକ୍ତି କ୍ରୋଧ ତ୍ୟାଗ କରି କାମ କରେ ସେ ସମାଜରେ ସଦ୍‌ଭାବ ସୃଷ୍ଟିକରେ ଏବଂ ତାର କାର୍ଯ୍ୟ ଦକ୍ଷତା ବଢ଼େ । ନିଜ ଅଭିଜ୍ଞତାରୁ ଏହା ସମ୍ପୂର୍ଣ୍ଣ ଭାବେ ମୋର ହୃଦବୋଧ ହୋଇଛି ।

୧୯୨୩-୨୪ରେ ମୁଁ ବରୁଚରେ ସବୁ ସଂଧ୍ୟାରେ ଯାଉଥିବା କ୍ଲବରେ ଜଣେ ବଟ୍‌ଲର୍ ଥିଲେ । ସେ ବହୁତ ମଦ ପିଉଥିଲେ । ତାଙ୍କ ସକାଶେ କ୍ଲବର ବହୁତ କ୍ଷତି ହେଉଥିଲା ଓ କ୍ଲବ ଅସୁବିଧାରେ ପଡୁଥିଲା । ଥରେ ମୁଁ ତାଙ୍କୁ ମାତାଲ ଅବସ୍ଥାରେ ଖୁବ୍ ମାରିଲି । ପରେ ମୁଁ ଅନୁଭବ କଲି ଯେ ମୁଁ ଯାହା କଲି ତାହା ଠିକ୍ ନୁହେଁ । ସେ ଲୋକ ଜଣକ ଭୁଲ୍ କାମ କରିଥିଲା କିନ୍ତୁ ମୋର ତାଙ୍କୁ ଶାରୀରିକ ଦଣ୍ଡ ଦେବାର କୌଣସି ଅଧିକାର ନ ଥିଲା । ରାଗରେ ମୁଁ ଏକଥା ଭାବି ନ ପାରି ଭୁଲ୍ କାମ କରିଥିଲି ।

ମୁଁ ଗୋଧ୍ରାରେ ଥିବା ବେଳେ ମୋ ପଡିଶା ଭାଇଙ୍କ ପୁଅ ମୋ ପାଖରେ ରହି ପଢୁଥିଲା । ଥରେ ସେ କିଛି ଟଙ୍କା ଚୋରି କରିଥିଲା । ମୁଁ ପରିସ୍ଥିତିକୁ ସାବଧାନ ସହକାରେ ବିଚାର କରି ଜାଣିଲି ଯେ ଚୋରି ପାଇଁ ସେ ଦାୟୀ । ମୁଁ ତାକୁ ବାରମ୍ବାର ଭୁଲ୍ ମାନିଯିବାକୁ କହିଲି, କିନ୍ତୁ ସେ ମନାକଲା । ମୋର ରାଗ ହେଲା ମୁଁ ତାକୁ ପିଟିଲି । ତାକୁ ଡର ଲାଗିବାରୁ ସେ ମାନିଲା ଓ ଲୁଚାଉଥିବା ଟଙ୍କା ବାହାର କଲା । ପରେ ମୁଁ ଭାବିଲି ଯେ ଏ ଘଟଣାରେ ମଧ୍ୟ ମୋର ବ୍ୟବହାର ଠିକ୍ ନଥିଲା । ମାଡ ଖାଇଲା ବୋଲି ସେ ମାନିଗଲା । କିନ୍ତୁ ଏପରି ଦୋଷ ମାନିବାରେ ଫଳ ଭଲ ହୁଏନାହିଁ । ଏ କଥା ମୁଁ ପରେ ଚିନ୍ତାକରି ଜାଣିଲି ।

ଗୋଧାରେ ଥିବା ସମୟରେ ମୋର ଜୀବନରେ ଅନେକ ପରୀକ୍ଷା କରିଥିଲି । ଏଇଠି ମୁଁ ମୋ ଖାଦ୍ୟ ସହିତ ପରୀକ୍ଷା କରିଥିଲି । ମୁଁ ଆତ୍ମସଂଯମ ଆରମ୍ଭ କରିଥିଲି । ଆଗରୁ କରିଥିବା ଦୋଷ ତ୍ରୁଟି ପରୀକ୍ଷା କରିଥିଲି । ଯଦି ଜଣେ ବ୍ୟକ୍ତି ନିଜର ସୀମା (ଅକ୍ଷମତା)କୁ ବିଚାର କରି ସ୍ୱଇଚ୍ଛାରେ ଆତ୍ମସଂଯମ ଅଭ୍ୟାସ କରେ ତେବେ ନିଜ ମନ ଉପରେ ଅଧିକ ନିୟନ୍ତ୍ରଣ ଆଣିପାରେ ଓ ଆତ୍ମବିଶ୍ୱାସୀ ହୋଇପାରେ । କିନ୍ତୁ ଯଦି ଅଭ୍ୟାସ କରୁଥିବା ନିୟନ୍ତ୍ରଣ ତା'ର ପ୍ରକୃତ କ୍ଷମତାର ବାହାରେ ବା ଅନ୍ୟ କାହାକୁ ଅନୁକରଣ କରି କରୁଥାଏ ତାହାହେଲେ ସେ

* The song of God Bhagvad - Gita (tr.) Swami Prabhavānanda and Christopher Isherwood; Phoenix House, 1967, PP. 48-9.

Digitized by srujanika@gmail.com

ଆତ୍ମସଂଯମର ଅର୍ଥ ହେଲା ପ୍ରତାରଣା, ସାଧୁତାର ଛଳନା ଏବଂ ତାହା ବ୍ୟକ୍ତିଙ୍କୁ ଦୁର୍ବଳ କରିଦିଏ । ମୁଁ ଏହା ଜାଣି ପାରି ମୋ ପାଇଁ ଆତ୍ମ ସଂଯମ ନିମନ୍ତେ ନିୟମାବଳୀ ମୁଁ ଖୁବ୍ ସାବଧାନ ସହକାରେ ତିଆରି କଲି ।

ମୁଁ ମାମୁଁ ଘରେ ମୋ ଆଈଙ୍କ ସହ ସହିତ ବହୁତ ବର୍ଷ କଟାଇଥିଲି । ମୋର ବାରମ୍ବାର ଅନୁରୋଧ କ୍ରମେ ଏବଂ ମୋତେ ବହୁତ ଭଲ ପାଉଥିବାରୁ, ସେ ମୋ ପାଖରେ ଗୋଧ୍ରାରେ ରହିଥିଲେ । ମୋ ମାମୁଁ (ନିଚ୍ଛାଭାଇ)ଙ୍କର ଆର୍ଥିକ ଅବସ୍ଥା ସେତେବେଳେ ଭଲ ନଥିବାରୁ ଏ ବନ୍ଦୋବସ୍ତ ବେଶ୍ ଭଲ ହୋଇଥିଲା । ମୋ ଆଈ ଅତି ଧର୍ମ ପରାୟଣା ଓ ବିନୟର ମୂର୍ତ୍ତି ଥିଲେ । କାହାରି ମନକଷ୍ଟ ହେବା ଭଳି କିଛି କାମ ସେ କରୁନଥିଲେ । ସେ ଅସ୍ପୃଶ୍ୟତାରେ ବିଶ୍ୱାସ କରୁଥିଲେ କିନ୍ତୁ ମୁଁ ନୁହେଁ । ଅଛୁଆଁ ଲୋକମାନେ ମୋ ଘରକୁ ଆସୁଥିଲେ । ତାଙ୍କର ଧର୍ମ ପାଳନରେ ବାଧା ନ ଆସିଲେ ସେ ଅଛୁଆଁ ଲୋକ ଆମ ଘରକୁ ଆସିବାରେ ଆପତ୍ତି କରିବେ ନାହିଁ ବୋଲି ରାଜି ହୋଇଥିଲେ । ସେ ଯାହାଙ୍କୁ ଚାହୁଁନଥିଲେ ସେମାନେ ତାଙ୍କ ପୂଜା ସ୍ଥାନକୁ ଯାଉନଥିଲେ । ସେ ଖୁବ୍ ସହିଷ୍ଣୁ ଥିଲେ ଓ ଅନ୍ୟର ସୁବିଧା ଅସୁବିଧା ସହିତ ଖାପଖୁଆଇ ଚଳିପାରୁଥିଲେ । ଆଈଙ୍କର ଏଇ ବୁଝାମଣା ମୋତେ ଅନେକ ଅସୁବିଧାରୁ ବଞ୍ଚାଇ ପାରିଥିଲା ।

୧୯୨୫ରୁ ତେଲ ଓ ମସଲା ବ୍ୟବହାର ଛାଡି ଦେଇଥିଲି ଓ ୧୯୨୬ ରୁ କୌଣସି ପ୍ରକାରର ଲୁଣ ନ ଖାଇବାକୁ ସ୍ଥିର କରିଥିଲି । ମୋ ଆଈ ତେଲ ଓ ମସଲା ଛାଡିବାରେ କୌଣସି ଆପତ୍ତି କରି ନଥିଲେ । କିନ୍ତୁ ଲୁଣ ଖାଇବା ଛାଡିବାରେ ବହୁତ ଆପତ୍ତି ଉଠାଇଥିଲେ । ସେ କହିଥିଲେ ମୋ ନିଷ୍ପତ୍ତିରେ ସେ ଅତ୍ୟନ୍ତ ଦୁଃଖୀ । ସେ ମୋତେ କହିଲେ ମୁଁ ଲୁଣ ଛାଡିଦେଲେ ସେ ମୋ ଘର ଛାଡିଦେବେ । ମୁଁ କିନ୍ତୁ ଆଈଙ୍କୁ ଛାଡିବା ଚିନ୍ତା କରିପାରୁନଥିଲି । ତେଣୁ ସେ ମୋ ପାଖରେ ରହିଥିବା ପର୍ଯ୍ୟନ୍ତ ମୁଁ ଲୁଣ ଖାଇବା ଛାଡିବି ନାହିଁ ବୋଲି ତାଙ୍କୁ କଥା ଦେଇଥିଲି ।

୧୯୨୭ରେ ଆଈ ପୃଥିବୀ ତ୍ୟାଗ କରିଥିଲେ, ୧୯୨୮ରେ ମୁଁ ଲୁଣ ଖାଇବା ଛାଡିଥିଲି । ଆତ୍ମ ସଂଯମ ଜରିଆରେ ପରିବାର ନିୟନ୍ତ୍ରଣ ପାଇଁ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ସ୍ଥିର କଲି । ଏଇ ନିଷ୍ପତ୍ତି ନେବାରେ ମହାତ୍ମା ଗାନ୍ଧୀଙ୍କ ଲେଖା ମୋ ଉପରେ ବହୁତ ପ୍ରଭାବ ପକାଇଥିଲା । ଯୌନ ସଂଯମତା ପାଇଁ ଅଲଣା ଖାଦ୍ୟ ବହୁତ ସାହାଯ୍ୟ କଲା । ମୁଁ ଅଲଣା ଖାଇବା ତିନିବର୍ଷ ଅଭ୍ୟାସ କଲି । ମୁଁ ତେଲ ଓ ମସଲା ଆଗରୁ ଛାଡିଥିଲି । ମୁଁ କଞ୍ଚାପରିବା (ନ ସିଝାଇ) ଖାଇଲି । ମୁଁ ପରିବାର ପ୍ରକୃତ ସ୍ୱାଦ ପାଇଲି ଓ ଆଗରୁ ସିଝାପରିବା ଖାଇବାବେଳେ ଯେଉଁ ଆନନ୍ଦ ପାଉଥିଲି ସେଇ ଆନନ୍ଦ କଞ୍ଚା ପରିବାରୁ ପାଇଲି । ୧୯୩୦ରେ ସତ୍ୟାଗ୍ରହ ଆନ୍ଦୋଳନରେଯୋଗ ଦେବା ପରେ କେତେକ ଲୋକ ମୁଁ ଲୁଣ ଖାଉନଥିବାରୁ ମୋତେ ମହାତ୍ମା କହିବାକୁ ଲାଗିଲେ । ମୁଁ ଦେଖିଲି ଯଦି ଖାଲି ଲୁଣ ଛାଡି ଦେଲେ ଜଣେ ମହାତ୍ମା ହୋଇପାରେ ତେବେ ମହାତ୍ମାର କିଛି ମୂଲ୍ୟ ରହିବ ନାହିଁ । ତେଣୁ ମୁଁ ପୁଣି ଲୁଣ ବ୍ୟବହାର ଆରମ୍ଭ କଲି ।

Digitized by srujanika@gmail.com

(୯) ସ୍ୱାଧୀନତା ସଂଗ୍ରାମରେ

୧୯୩୦, ମେ, ୨୧ରେ ସରକାରୀ ଚାକିରୀରୁ ଇସ୍ତଫା ଦେଇ ମୁଁ ଗୁଜରାଟ ପ୍ରଦେଶ କମିଟି ଅଫିସକୁ ଯାଇ ସଭ୍ୟ ପଞ୍ଜିକରଣ କରାଇଲି । ସେତେବେଳେ ସୁରତ ଜିଲାର ଧରାସନାରେ ଲବଣ ସତ୍ୟାଗ୍ରହ ଚାଲୁଥାଏ । ପ୍ରତ୍ୟେକ ଜିଲାରୁ ସତ୍ୟାଗ୍ରହୀମାନେ ଦଳ ଦଳ ହୋଇ ଯାଉଥାଆନ୍ତି । ସେତେବେଳେ ଧରାସନା ସୁରତ ଜିଲାରେ ଥିଲା । ବର୍ତ୍ତମାନ ଏହା ବଲ୍‌ସାର୍ ଜିଲାରେ ଅବସ୍ଥିତ । ବଲ୍‌ସାର୍‌ରେ ମୋ ଘର ସହରାଞ୍ଚଳଠାରୁ ପ୍ରାୟ ସାତ ମାଇଲ ଦୂରରେ । ଚାକିରି ଛାଡିବା ପରେ ପରେ ମୁଁ ସେଠାକୁ ଯାଇଥିଲି । ତା ପୂର୍ବରୁ ସୁରତରେ ଅନାବିଲ୍ ବୋର୍ଡିଂ ହାଉସରେ କିଛି ଦିନ ରହିଥିଲି । ଶ୍ରୀ ଦୟାଲଜୀଭାଇ ଦେଶାଇ ଏହି ଅନୁଷ୍ଠାନ ଆରମ୍ଭ କରି ଚଳାଉଥିଲେ । ଏହା ଏକ ଆଶ୍ରମ ଭଳି ଥିଲା । ସ୍କୁଲ କଲେଜରେ ପଢୁଥିବା କେବଳ ଅନାବିଲ୍ ବ୍ରାହ୍ମଣ ଛାତ୍ରମାନଙ୍କ ପାଇଁ ଏ ହଷ୍ଟେଲରେ ସ୍ଥାନ ଥିଲା । ଦୟାଲଜୀ ଭାଇ ଜିଲାରେ ସର୍ବ ପ୍ରଥମ ଓ ତ୍ୟାଗଶୀଳ କଂଗ୍ରେସ କର୍ମୀ ଥିଲେ । ତାଙ୍କ ସ୍ୱାସ୍ଥ୍ୟ ଭଲ ନ ଥିବାରୁ ସେ କଂଗ୍ରେସ କାମରେ ସକ୍ରୀୟ ଅଂଶଗ୍ରହଣ କରିପାରୁ ନଥିଲେ, ସେ କିନ୍ତୁ ଅନାବିଲ୍ ଆଶ୍ରମ ବିଷୟରେ ଖୁବ୍ ଆଗ୍ରହ ଦେଖାଉଥିଲେ ।

ଦୟାଲଜୀଭାଇ ପ୍ରସ୍ତାବ ଦେଲେ ଯେ ମୁଁ ଯଦି ଆଶ୍ରମ ଚଳାଇବା ଦାୟିତ୍ୱ ନିଏ ତେବେ ସେ ଆଶ୍ରମକୁ ମୋତେ ହସ୍ତାନ୍ତର କରିବେ । ମୋ ଉତ୍ତର ଥିଲା: "ମୁଁ ଦାୟିତ୍ୱ ନେଇ ପାରିବି ନାହିଁ କାରଣ ମୁଁ ଜାତିରେ ବିଶ୍ୱାସ କରେ ନାହିଁ । ତେଣୁ ମୁଁ ଜାତିଭିତ୍ତିକ ଅନୁଷ୍ଠାନରେ ବିଶ୍ୱାସ ରଖେ ନାହିଁ । ମୁଁ ଜାତିରେ ବିଶ୍ୱାସ କରେ ନାହିଁ କାରଣ ଏହି ଜାତି ପ୍ରଥା ହିନ୍ଦୁ ମାନଙ୍କର ଓ ଦେଶର ବହୁତ କ୍ଷତି କରିଛି । ଜାତି ପ୍ରଥାର ଏ ଭେଦଭାବ ନ ଉଠିଲେ ଦେଶର ଉନ୍ନତି ବାଧାପ୍ରାପ୍ତ ହେବ । ଯେଉଁମାନେ ଏଇ ଅନୁଷ୍ଠାନ ଗଠନରେ ସାହାଯ୍ୟ କରିଛନ୍ତି ସେମାନେ ଏ ଆଶ୍ରମରେ ଜାତି ଭେଦ ନ ଉଠାଇଲେ ମୁଁ ଏଠାରେ କାମ କରି ପାରିବିନାହିଁ ।" ଦୟାଲଜୀ ଦୁଃଖିତ ହେଲେ କିନ୍ତୁ ମୋ କଥା ବୁଝିପାରିଥିଲେ ।

ଦୟାଲଜୀ ଭାଇ ସ୍ୱାଧୀନତା ଆନ୍ଦୋଳନରେ ଉତ୍ସାହର ସହିତ ଯୋଗ ଦେଇଥିଲେ ଏବଂ ଗାନ୍ଧିଜୀ ଯେତେବେଳେ ପ୍ରଥମେ ଆନ୍ଦୋଳନ ଆରମ୍ଭ କରିଥିଲେ ଯେ ନିଜର ସମସ୍ତ ଶକ୍ତି ଦେଇ ଆନ୍ଦୋଳନରେ ଯୋଗ ଦେଇଥିଲେ । ଶ୍ରୀ କଲ୍ୟାଣଜୀ ମେହେଟ୍ଟା ଓ ସେ ସୁରତ ଜିଲାର ନେତୃତ୍ୱ ନେଇଥିଲେ । ଲୋକମାନଙ୍କ ଆଗରେ ସେମାନେ ଦାଲୁ ଓ କାଲୁ ନାମରେ ବିଦିତ ଥିଲେ । ଅନାବିଲ୍ ଆଶ୍ରମକୁ ଲାଗି ପଟିଦାର ଆଶ୍ରମ କଲ୍ୟାଣଜୀ ଆରମ୍ଭ କରିଥିଲେ । ଏଠାରେ ଉଭୟ ପଟିଦାର ଓ ଅନ୍ୟାନ୍ୟ ଛାତ୍ରମାନେ ରହୁଥିଲେ । ପରେ ଅନାବିଲ୍ ଆଶ୍ରମରେ ଅନ୍ୟ ଜାତିର ଛାତ୍ର ମାନେ ରହିଲେ ।

ସୁରତରୁ ମୁଁ ବଲ୍‌ସାର୍ ଗଲି । ବଲ୍‌ସାର୍ ରୁ ଧରାସନାରେ ଆନ୍ଦୋଳନ ନିୟନ୍ତ୍ରଣ କରାଯାଉଥିଲା । ମୁଁ ବଲ୍‌ସାର୍ କ୍ୟାମ୍ପ ଯିବା ପରେ ପରେ ମୋର ଦୁଇବର୍ଷର ପୁଅ ଚିନୁ ଚାରିଦିନ ଅସୁସ୍ଥ ପରେ ମରି ଯାଇଥିଲା । ବଲ୍‌ସାରରୁ ତିନିମାଇଲ ଦୂର ଭଦେଲୀରେ, ମୋ ସ୍ତ୍ରୀ ଓ ପିଲାମାନେ ମୋ ମାମୁଁ ଘରେ ଥିଲେ । ମୁଁ ଦୁଃଖ ଖବର ଶୁଣି ମୋ ସ୍ତ୍ରୀକୁ ଶାନ୍ତ୍ୱନା ଦେବାକୁ ଭଦେଲୀ ଯାଇଥିଲି । ମୋ ସ୍ତ୍ରୀକୁ କହିଲି ଯେ ଏ ଦୁଃଖ ଘଟଣାରେ ମଧ୍ୟ ଆମେ ଭଗବାନଙ୍କ କରୁଣା ଦେଖିବା ଉଚିତ୍ । ଏପରି ଆଘାତ, ସମୟ ଦ୍ୱାରାହିଁ, ଆରୋଗ୍ୟ ହୁଏ । କଷ୍ଟ ସହ୍ୟ କରିବା ପାଇଁ ଆମେ ଦୁଃଖିପରିବାରକୁ ଆଶ୍ୱାସନା ମାଧ୍ୟମରେ ସହାନୁଭୂତି ଦେଇଥାଉ ମାତ୍ର । ମୋ ସ୍ତ୍ରୀଙ୍କର ଭଗବାନଙ୍କ ଉପରେ ବହୁତ ବିଶ୍ୱାସ ଥିଲା, ତେଣୁ ସେ ଏ ଦୁଃଖକୁ ସାହାସର ସହିତ ପ୍ରତ୍ୟାଖାନ କରି, ଭଗବାନଙ୍କ ପାଖରେ ଆତ୍ମ ସମର୍ପଣ କରି, ମନକୁ ବୁଝାଇଥିଲେ ।

Digitized by srujanika@gmail.com

ସତ୍ୟାଗ୍ରହରେ ଯୋଗ ଦେବା କଥା ମୁଁ ଭାବି ନଥିଲି । ଯେକୌଣସି କାମ ମନକୁ ମୋ ପାଖକୁ ଆସିଲେ କରିବି ବୋଲି ସ୍ଥିର କରିଥିଲି । ମୁଁ କ୍ୟାମ୍ପରେ ରହିଲି ଏବଂ ଧରାସନାରେ ସତ୍ୟାଗ୍ରହୀ ମାନଙ୍କ ସମ୍ବନ୍ଧରେ କର୍ତ୍ତୃପକ୍ଷ କ'ଣ କରୁଛନ୍ତି ଓ ସତ୍ୟାଗ୍ରହ କିପରି ପରିଚାଳିତ ହେଉଛି ଦେଖିବାକୁ ଧରାସନା ଯାଇଥିଲି । ମୁଁ ଦେଖିଲି ପୋଲିସ ସତ୍ୟାଗ୍ରହୀମାନଙ୍କୁ ଖୁବ୍ ପିଟୁଛନ୍ତି ଓ ନିଜକୁ ରକ୍ଷା କରିବା ପାଇଁ ସତ୍ୟାଗ୍ରହୀମାନେ ଯାଡ଼େ ସାଡ଼େ ଦଉଡୁଛନ୍ତି । ଯେଉଁମାନେ ମାଡ଼ଖାଇ ପଡିଯାଉଛନ୍ତି, ସେମାନଙ୍କୁ ସ୍ୱେଚ୍ଛାସେବକମାନେ ଷ୍ଟ୍ରେଚରରେ ବଲ୍‌ସାର୍ କ୍ୟାମ୍ପକୁ ନେଉଛନ୍ତି । କେବଳ କେତେକ ସତ୍ୟାଗ୍ରହୀ ସାହସର ସହିତ କୁଆଡ଼େ ନ ଦୌଡି ପୋଲିସର ସବୁ ମାଡ ଖାଉଛନ୍ତି । ମୁଁ ଅନୁଭବ କଲି, ଯଦି ସବୁ ସତ୍ୟାଗ୍ରହୀମାନେ ଏଇ କେତେକଙ୍କ ଭଳି ମାଡ ସହି ପଡିରହନ୍ତେ ପୋଲିସ ଅଫିସରମାନେ ତାଙ୍କ ନିଷ୍ଠୁରତାରୁ ବିରତ ହୁଅନ୍ତେ ଏବଂ ସରକାର ମଧ୍ୟ ପରାସ୍ତ ହୁଅନ୍ତା । ଦର୍ଶନ ଓ ଆଦର୍ଶ ଦୃଷ୍ଟିରୁ ଏହା କୁହାଯାଇପାରେ ଯେ ସତ୍ୟାଗ୍ରହୀମାନେ ନିର୍ଭୟ ଓ ସଙ୍କଳ୍ପବଦ୍ଧ ହେବା ଉଚିତ୍ । କିନ୍ତୁ ପ୍ରକୃତ ଜୀବନରେ ଏହା ଦେଖାଯାଏ ନାହିଁ । ଏହା କିନ୍ତୁ ସତ୍ୟାଗ୍ରହୀ ମାନଙ୍କର କାମର ପ୍ରାଧାନ୍ୟତା କୌଣସି ପ୍ରକାରେ କମାଇ ପାରିବ ନାହିଁ । ଯେଉଁ ଦେଶର ସାଧାରଣ ଲୋକ ଏତେ ଦୁର୍ବଳ ଓ ଭୟାଳୁ ସେଇ ଲୋକମାନେ ଯେ ସତ୍ୟାଗ୍ରହରେ ଯୋଗ ଦେଲେ ତାହା ଗାନ୍ଧିଜୀଙ୍କ ଅନନ୍ୟ ନେତୃତ୍ୱର ଚମତ୍କାରିତା । ସେ ଅପଦାର୍ଥ ବ୍ୟକ୍ତିଙ୍କୁ ମଣିଷରେ ପରିଣତ କରିଥିଲେ । ସତ୍ୟାଗ୍ରହୀ ମାନଙ୍କ ସାହସ ଓ କଷ୍ଟ ସହିଷ୍ଣୁତା ଯୋଗୁ ବିଭିନ୍ନ ସ୍ଥାନ ଓ ସମୟରେ ସତ୍ୟାଗ୍ରହ ଆନ୍ଦୋଳନ କରାଯାଇ ପରିଶେଷରେ ଦେଶ ସ୍ୱାଧୀନତା ପାଇଲା ।

ମୁଁ ଯଦିଓ ଲବଣ ସତ୍ୟାଗ୍ରହରେ ଯୋଗ ଦେଇ ନ ଥିଲି, କର ଛାଡ ଆନ୍ଦୋଳନରେ ସକ୍ରିୟ ଭାଗ ନେଇଥିଲି । ଏ ଆନ୍ଦୋଳନ ଏହା ପରେ ପରେ ଆରମ୍ଭ ହୋଇଥିଲା । ୧୯୩୦ ଜୁନ-ଜୁଲାଇ ମାସରେ କଂଗ୍ରେସ କର୍ମୀମାନେ ଗାଁ ଗାଁ ବୁଲି ଏଇ ଆନ୍ଦୋଳନ ପାଇଁ କୃଷକମାନଙ୍କୁ ପ୍ରସ୍ତୁତ କରାଉଥିଲେ । ଆମେ ଭାବୁଥିଲୁ ଯେ କର ନ ଦେଇଥିବା କୃଷକ ମାନଙ୍କୁ କର୍ତ୍ତୃପକ୍ଷଙ୍କ ଅତ୍ୟାଚାରରୁ ରକ୍ଷା କରିବାପାଇଁ ବରୋଦା ବା ଅନ୍ୟ ରାଜ୍ୟକୁ ପଳାଇ ଯିବାକୁ ପ୍ରବର୍ତ୍ତାଇ ପାରିଲେ ଆନ୍ଦୋଳନ ସଫଳ ହେବ । ବରୋଦା ଭଳି ଭାରତୀୟ ରାଜ୍ୟମାନଙ୍କର ନିଜର ପୋଲିସ ଓ ବିଚାର ବିଭାଗ ଥିବାରୁ ବ୍ରିଟିଶ ପୋଲିସ ସେ ରାଜ୍ୟରେ କିଛି କରି ପାରୁ ନଥିଲେ । ବର୍ଦୋଲି ତାଲୁକାରେ ମୁଁ ଏ ଆନ୍ଦୋଳନରେ ସକ୍ରୀୟ ଥିଲି । ଏହା ଦ୍ୱାରା ବର୍ଦୋଲି ଲୋକମାନଙ୍କ ସହିତ ମୁଁ ପ୍ରଥମେ ପରିଚିତ ହେଲି । ଶ୍ରୀ କୁଅଁରଭାଇ ମେହେଟ୍ଟା ଏ ସମ୍ପର୍କରେ ବର୍ଦୋଲି ଗସ୍ତ କରୁଥିଲେ । ମୁଁ ତାଙ୍କ ସହିତ ଯୋଗ ଦେଲି ।

ବର୍ଷା ଯୋଗୁ ବର୍ଦୋଲିରେ ପାଦରେ ଚାଲିକରି ଯିବା ସହଜ ନ ଥିଲା । କିନ୍ତୁ ଆଗରୁ ଚାଲିବାର ଅଭ୍ୟାସ ଥିବାରୁ ମୋର କିଛି ଅସୁବିଧା ହୋଇ ନଥିଲା । କୁଅଁରଭାଇ ଭାବୁଥିଲେ ଯେ ମୁଁ ତାଙ୍କ ସହିତ କୃଷ୍ଣ ମୃତ୍ତିକା ଦେଇ ଗାଁ ଗାଁ ବୁଲି ପାରିବି ନାହିଁ । ମୁଁ ଯାଇ ପାରିବି କି ନାହିଁ ସେ ମୋତେ ପଚାରିଲେ । ମୁଁ କହିଲି, ''ମୁଁ ରାଜି'' ଏବଂ ସାଙ୍ଗ ହୋଇ ବୁଲିଲୁ । କାଦୁଆ ମାଟିରେ କୁଅଁରଭାଇ ଥକି ଯାଉଥିଲେ । ମୁଁ କିନ୍ତୁ ବିନା ବାଧାରେ ବେଶ୍ ବୁଲୁଥିଲି । ଆମେ ଖୁବ୍ ଭଲ ସାଙ୍ଗ ହୋଇଗଲୁ । ଖୁବ୍ ଉତ୍ସାହର ସହିତ କାମ କଲୁ । ବର୍ଦୋଲି ପରେ ଆମେ ବରୁଚ୍ ଓ ଖେଡ଼ା ଜିଲ୍ଲାରେ ବୁଲିଲୁ ।

୧୯୩୦, ଅକ୍ଟୋବରରେ ସରକାର କଂଗ୍ରେସକୁ ବେଆଇନ ଘୋଷଣା କଲେ । ଅହମଦାବାଦର ନେତା ଶ୍ରୀ ହରିପ୍ରସାଦ ମେହେଟ୍ଟା ପ୍ରଦେଶ କଂଗ୍ରେସ କମିଟିର ପ୍ରେସିଡେଣ୍ଟ୍ ଥିଲେ । ତାଙ୍କ ପରେ ସେ ମୋତେ ଡିକ୍ଟେଟର ହିସାବରେ ମନୋନୀତ କରିଥିଲେ । ଅନୁଷ୍ଠାନ ବେଆଇନ ଘୋଷଣା ହେବାପରେ କାମ ଏଇପରି ଭାବରେ ଚାଲିଥିଲା । ପ୍ରଦେଶ କଂଗ୍ରେସ କମିଟି କାମ ହାତକୁ ନେବାର ଦଶଦିନ ମଧ୍ୟରେ ମୁଁ ଆରେଷ୍ଟ ହୋଇଥିଲି ।

Digitized by srujanika@gmail.com

ଆଇନ ଅମାନ୍ୟ ଯୋଗୁ ମୋ ନାଁରେ ମକଦ୍ଦମା ହୋଇଥିଲା । ମୁଁ ପ୍ରତିବାଦ କରି ନଥିଲି ଏବଂ ଦୋଷୀ ବୋଲି ମାନିଥିଲି । ଫଳରେ ମୋତେ ତିନିମାସ କାରାଦଣ୍ଡ ଓ ତିନିଶହ ଟଙ୍କା ଜୋରିମାନାରେ ଦଣ୍ଡିତ କରାଯାଇଥିଲା । ଜୋରିମାନା ଦେଇ ନ ପାରି ଆଉ ମାସେ ଜେଲ ଭୋଗିବାକୁ ପଡିଥିଲା ।

ମୁଁ ଅହମଦାବାଦ ସାବରମତୀ ଜେଲରେ 'ବି' ଶ୍ରେଣୀ କଏଦୀ ହିସାବରେ ଥିଲି । ଆଉ କୋଡିଏ ତିରିଶ ଜଣ କଏଦୀଙ୍କ ସହିତ ଜେଲ ପ୍ରବେଶର ପ୍ରଥମ ବାରାକ୍‌ରେ ଥିଲି ।

୧୯୩୦ ପୂର୍ବରୁ ସତ୍ୟାଗ୍ରହୀ କୟେଦୀ ମାନଙ୍କ ମଧ୍ୟରେ କୌଣସି ବିଭାଗ ନ ଥିଲା । ପଞ୍ଜାବରେ ଏମାନଙ୍କୁ ଦିଆଯାଉଥିବା କଦର୍ଯ୍ୟ ବ୍ୟବହାରର ବିରୋଧ କରି ଲାହୋର ଜେଲରେ ଶ୍ରୀ ଜତୀନ ଦାସ ଆମରଣ ଅନଶନ କରିବା ଫଳରେ ସରକାର ରାଜନୈତିକ କୟେଦୀଙ୍କୁ ପୃଥକ ଭାବରେ ରଖିବା ଦାବୀକୁ ଗ୍ରହଣ କରିଥିଲେ ଓ ସେମାନଙ୍କୁ ଏ,ବି,ସି, ତିନଭାଗରେ ବିଭକ୍ତ କରିଥିଲେ । 'ଏ' ଶ୍ରେଣୀର ବନ୍ଦିମାନେ ନିଜର ପୋଷାକ ପିନ୍ଧିବାର ସ୍ୱାଧୀନତା, ବାହାରୁ ଖାଦ୍ୟ ମଗାଇ ଖାଇବାର ଅଧିକାର ପାଉଥିଲେ । ସେମାନଙ୍କୁ ଜେଲ ତରଫରୁ ଦୁଧ ଓ ଲହୁଣୀ, ଖଟ ଓ ବେଡିଂ ସୁବିଧା ମିଳୁଥିଲା । 'ବି' ଶ୍ରେଣୀର କଏଦୀମାନେ କେବଳ ବାହାର ଖାଦ୍ୟ ଛଡା 'ଏ' ଶ୍ରେଣୀର ସମସ୍ତ ସୁବିଧା ପାଉଥିଲେ । 'ସି' ଶ୍ରେଣୀ କଏଦୀକୁ ନିକୃଷ୍ଟ ଧରଣ ଖାଦ୍ୟ ମିଳୁଥିଲା, ଯାହାକି ଅପରାଧୀ ମାନଙ୍କୁ ଦିଆଯାଉଥିଲା ।

ମୋତେ ପ୍ରକୃତରେ 'ଏ' ଶ୍ରେଣୀରେ ନିଆ ଯାଇଥାନ୍ତା, କିନ୍ତୁ ସରକାରଙ୍କର ସେତେବେଳେ ସେପରି ଭାବନା ନଥିଲା, ମୁଁ କିଛି ଚିନ୍ତା କଲି ନାହିଁ । ମୋତେ 'ସି' ଶ୍ରେଣୀରେ ନେଇଥିଲେ ବି ମୁଁ କିଛି ଆପତ୍ତି କରିନଥାନ୍ତି । ମୁଁ ଜେଲ ଗଲାବେଳେ ଏ,ବି,ସି, ସବୁ ଶ୍ରେଣୀର କୟେଦୀମାନେ ନିଜ ଇଚ୍ଛାରେ 'ସି' ଶ୍ରେଣୀର ଖାଦ୍ୟ ଓ ଅଧିକାର ଗ୍ରହଣ କରୁଥିଲେ । ସର୍ଦ୍ଦାର ବଲ୍ଲଭଭାଇ ପଟେଲ ବନ୍ଦି ହୋଇଥିବା ସମୟରେ, ୧୯୩୦, ମାର୍ଚ୍ଚ ମାସରେ ତାଙ୍କ ଦ୍ୱାରା ଏହି ପ୍ରଥା ଆରମ୍ଭ କରାଯାଇଥିଲା । ସେତିକିବେଳେ ଶ୍ରେଣୀ ବିଭକ୍ତ ଆରମ୍ଭ ହୋଇଥିଲା ଏବଂ ରାଜନୈତିକ ବନ୍ଦିମାନେ ଏହାଦ୍ୱାରା ଅପମାନିତ ବୋଧ କଲେ ଓ ଅସନ୍ତୁଷ୍ଟ ଥିଲେ । ସର୍ଦ୍ଦାର ପଟେଲ ସବୁ ବନ୍ଦିମାନଙ୍କ ସହିତ ଜେଲ ଭିତରେ ଆଲୋଚନା କରି ସତ୍ୟାଗ୍ରହୀଙ୍କ ଭିତରେ ତିକ୍ତତା ଓ ଅସନ୍ତୋଷ ଦୂର କରିବା ପାଇଁ ସ୍ଥିର କରିଥିଲେ ଯେ ସବୁ ବନ୍ଦିମାନେ ଜେଲରେ ଦିଆଯାଉଥିବା ସବୁଠୁ କମ୍ ସୁବିଧା ଓ ଅଧିକାର ଗ୍ରହଣ କରିବେ । ଫଳରେ ସବୁ ବନ୍ଦିମାନେ 'ସି' ଶ୍ରେଣୀର ସୁବିଧା ଓ ଅଧିକାର ଗ୍ରହଣ କରୁଥିଲେ । ଏହାଦ୍ୱାରା ସତ୍ୟାଗ୍ରହୀଙ୍କ ମଧ୍ୟରେ ଅସନ୍ତୋଷ ଦୂର ହେଲା । ସବୁ ବନ୍ଦିମାନଙ୍କୁ ଗୋଟିଏ ଶ୍ରେଣୀର ବନ୍ଦି ହିସାବରେ ଦେଖିବାକୁ ସରକାରଙ୍କୁ ବାଧ କରିବା ସମ୍ଭବ ହେଲା ନାହିଁ । 'ଏ' ଏବଂ 'ବି' ଶ୍ରେଣୀ ବନ୍ଦିମାନେ ଯାଇ 'ସି' ଶ୍ରେଣୀ ବନ୍ଦିମାନଙ୍କ ସହିତ ରହିବା ବି ସମ୍ଭବ ହେଲା ନାହିଁ । ସର୍ଦ୍ଦାର ସାହେବଙ୍କ ସ୍ୱାସ୍ଥ୍ୟ ଦୃଷ୍ଟିରୁ 'ସି' ଶ୍ରେଣୀ ଖାଦ୍ୟ ଖାଇବା କଷ୍ଟକର ହେଲା କିନ୍ତୁ ଉଦାହରଣ ଦେଖାଇବା ଦୃଷ୍ଟିରୁ ସେ 'ସି' ଶ୍ରେଣୀ ଖାଦ୍ୟ ଖାଉଥିଲେ ।

'ସି'ଶ୍ରେଣୀ ଖାଦ୍ୟରେ ବାଜ୍ରା ରୁଟି ଓ ତରକାରିରେ ମୂଳା ଶାଗ ଓ କଖାରୁ ଦିଆ ଯାଉଥିଲା । ସବୁଦିନ ସକାଳେ ପ୍ରତ୍ୟେକ 'ସି'ଶ୍ରେଣୀ ବନ୍ଦିଙ୍କୁ ଜଓ୍ୱାର ଅଟା, ଲୁଣ ଓ ପାଣି ଫେଣ୍ଟା ହୋଇ ଦିଆଯାଉଥିଲା । ମଧ୍ୟାହ୍ନ ଓ ରାତ୍ର ଭୋଜନରେ ସେଇ ଏକା ଖାଦ୍ୟ ଦିଆଯାଉଥିଲା । ରବିବାର ଦିନ ନିରାମିଷ ବନ୍ଦି ମାନଙ୍କୁ ଏକ ପାଉଣ୍ଡର ଏକ ଚତୁର୍ଥାଂଶ ଓଜନ ଗୁଡ ଦିଆଯାଉଥିଲା ଓ ଆମିଷ ଖାଇବା ବନ୍ଦିମାନେ ମାଂସ ପାଉଥିଲେ । ଦୁଧ ବା ଲହୁଣୀ ଦିଆଯାଉନଥିଲା । ବାଜ୍ରାରୁଟିରେ ପଥର ରହୁଥିଲା । ବାଜରାକୁ ଚୂନା କରୁଥିବା ଅନ୍ୟ ବନ୍ଦିମାନେ ବେଶି ପେଶିବା ପାଇଁ ଚକିକୁ ପ୍ରତିଦିନ ଛେଣିରେ ଖୋଳି ଖଦଖଦରା କରୁଥିଲେ, ଫଳରେ ଅଟାରେ ବହୁତ ଗୋଡି ବାହାରୁ ଥିଲା । ସର୍ଦ୍ଦାରଙ୍କୁ ଏଭଳି ରୁଟି ଖାଇବାକୁ କଷ୍ଟ ହେଉଥିଲା । କିନ୍ତୁ ସେ ଗୋଟାଏ ବାଟ ବାହାର

Digitized by srujanika@gmail.com

କରିଥିଲେ । ସେ ରୁଟିକୁ ଗୁଣ୍ଡ କରି ପାଣିରେ ବତୁରାଇ ଦେଉଥିଲେ । ଫଳରେ ଗୋଡି ଗୁଡାକ ତଳେ ବସିଯାଉଥିଲା ଓ ରୁଟି ଗୁଣ୍ଡ ଉପରେ ଭାସୁଥିଲା । ସେ ଏହିପରି ରୁଟିରୁ ଗୋଡି ଅଲଗା କରି ଖାଉଥିଲେ । ସର୍ଦ୍ଦାରଙ୍କର ଏ ଉଦାହରଣ ସତ୍ୟାଗ୍ରହୀଙ୍କୁ ଜେଲର କଷ୍ଟ ସହିବାକୁ ଅଶେଷ ସାହସ ଓ ଉତ୍ସାହ ଦେଉଥିଲା ।

ସାବରମତୀ ଜେଲରେ ମୁଁ ରହୁଥିବା ବାରାକ୍ ପ୍ରକୃତରେ ଦୁଇଟିକୁ ମିଶାଇ ଗୋଟିଏ କରାଯାଇଥିଲା । ୧୯୨୨ରେ ଗାନ୍ଧିଜୀ ଜେଲରେ ଥିବାବେଳେ ମୂଳ ଦୁଇଟି ଅଗଣାରୁ ଗୋଟିକରେ ରହୁଥିଲେ । ସେଠାରେ ମୋ ସହିତ ଥିଲେ ଦକ୍ଷିଣ ଆଫ୍ରିକାର ଗାନ୍ଧିଜୀଙ୍କର ଜଣେ ସାଙ୍ଗ ଶ୍ରୀ ଇମାମ ସାହେବ ଏବଂ ଗାନ୍ଧିଜୀଙ୍କର ଦ୍ୱିତୀୟ ସନ୍ତାନ ଶ୍ରୀ ମଣିଲାଲ ଗାନ୍ଧୀ । ପରେ ଏଠାକୁ ଶ୍ରୀ ରାମଦାସ ଗାନ୍ଧୀ ଆସିଲେ । ଗାନ୍ଧିଜୀଙ୍କ ସାନପୁଅ ଶ୍ରୀ ଦେବଦାସ ଗାନ୍ଧୀ ଏଇ ଜେଲରେ 'ଏ' ଶ୍ରେଣୀ ବନ୍ଦି ହିସାବରେ ଥିଲେ । ସେ ସମୟରେ ଆଜୀବନ ଶିକ୍ଷାବିତ ଶ୍ରୀ ନାନାଭାଇ ଭଟ୍ଟ ମୋ ସହିତ ଥିଲେ ।

ଆମେ ସମସ୍ତେ ସେତେବେଳେ 'ସି' ଶ୍ରେଣୀ ଖାଦ୍ୟ ଖାଉଥିଲୁ । ସର୍ଦ୍ଦାରଙ୍କ ବନ୍ଦି ସମୟ ପୂରା ହୋଇ ସେ ଖଲାସ ହୋଇ ଯିବାପରେ ଲୋକମାନଙ୍କ ଉତ୍ସାହ ଶୀଘ୍ର ଶୀଘ୍ର କମିବାକୁ ଲାଗିଲା । କେତେଜଣ ଜେଲ ନିୟମ ବିରୁଦ୍ଧରେ ବାହାରୁ ଖାଦ୍ୟ ମଗାଇ ଖାଇଲେ । କେତେଜଣ ବିନାନୁମତିରେ ଖବର କାଗଜ ମଗାଇଲେ । ଏଇ ଚୋରା କାରବାରର ''ଟୀକଦାମ୍'' ନାମ ରଖାଯାଇଥିଲା । ଏଇ ସବୁ କାମ ବେଆଇନ ହୋଇଥିବାରୁ ମୁଁ କୌଣସି ଖବରକାଗଜ ପଢୁନଥିଲି କି ସେ ଖାଦ୍ୟ ଖାଉ ନଥିଲି । ଏ ବିଷୟ ଆଲୋଚନା ମାତ୍ରକେ ଉତ୍ତେଜନା ଦେଖା ଦେଉଥିଲା । ଏ କର୍ମରେ ଲିପ୍ତଥିବା ବ୍ୟକ୍ତିମାନେ ଏହାକୁ ଭୁଲ କର୍ମ ବୋଲି ମାନୁ ନ ଥିଲେ । ମୋ ମନକୁ ମୁଁ ଏଇ ବନ୍ଧୁମାନଙ୍କୁ କିଛି କହୁ ନଥିଲି । କିନ୍ତୁ ସେମାନେ ଏ ପ୍ରଶ୍ନ ଉଠାଇବା ବେଳେ ମୁଁ ତାଙ୍କର ବ୍ୟବହାର ସତ୍ୟାଗ୍ରହୀ ବ୍ୟବହାର ନୁହେଁ ବୋଲି କହୁଥିଲି । ମୁଁ ସେ ବଂଧୁମାନଙ୍କୁ ଏ ବେଆଇନ କାମ ନ କରି ସିଧା ସଳଖ ଭାବେ 'ବି' ଶ୍ରେଣୀ ଖାଦ୍ୟ ନେବାକୁ କହିଲି । କେତେଜଣ ଦୁଧ ଓ ଲହୁଣୀ ଖାଇବା ଜରୁରୀ ମନେକଲେ । ସେମାନେ ଜେଲ ଡାକ୍ତରଙ୍କୁ ତାଙ୍କ ଖାଦ୍ୟରେ ଏହା ଲେଖିବାକୁ କହୁଥିଲେ ।

ବାରମ୍ବାର ଏ ବିଷୟରେ ଆଲୋଚନା ଆମମାନଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି କରିଥିଲା । ଯେଉଁମାନେ 'ସି' ଶ୍ରେଣୀ ଖାଦ୍ୟ ଖାଇ ଖାଇ ବିରକ୍ତ ହୋଇ 'ବି' ଶ୍ରେଣୀ ଖାଦ୍ୟ ଖାଇବାକୁ ଇଚ୍ଛା କରୁଥିଲେ ସେମାନେ ମୋତେ ତାଙ୍କ ସାଙ୍ଗରେ ମିଶାଇବାକୁ ଚେଷ୍ଟା କଲେ । ମୁଁ କିନ୍ତୁ ମନାକରି କହିଲି ଯେ ମୋର 'ସି' ଶ୍ରେଣୀ ଖାଦ୍ୟ ଖାଇବା ଉଚିତ ତେଣୁ ମୁଁ ଏହାକୁ ବଦଳାଇ ପାରିବି ନାହିଁ । ସେ ଖାଦ୍ୟ ମୋତେ ଭଲ ଲାଗୁଥିଲା । ବିଚାର ବିମର୍ଷ ପରେ ମୋର ଅନେକ ସାଙ୍ଗ 'ବି' ଶ୍ରେଣୀ ଖାଦ୍ୟ ଖାଇବାକୁ ସ୍ଥିର କରି ଜେଲ ସୁପରିଟେଣ୍ଡେଣ୍ଟଙ୍କୁ କହିଲେ । ପ୍ରାୟ ୧୦ ଜଣ 'ସି' ଶ୍ରେଣୀ ଖାଦ୍ୟରେ ରହିଲେ । ସେମାନଙ୍କ ମଧ୍ୟରେ ଥିଲେ ଶ୍ରୀ ନାନାଭାଇ ଭଟ୍ଟ, ଶ୍ରୀ ଇମାମ୍ ସାହବ, ଶ୍ରୀ ମଣିଲାଲ ଗାନ୍ଧୀ ଓ ଶ୍ରୀ ରାମଦାସ ଗାନ୍ଧୀ ।

ମୁଁ 'ବି' ଶ୍ରେଣୀ ଖାଦ୍ୟ ନ ଖାଇବାରୁ ମୋ ସହିତ ଏକମତ ନ ହୋଇଥିବା ବଂଧୁମାନେ କହିଲେ ଯେ ମୁଁ ଜଣେ ମୁସ୍କିଲ ଲୋକ ଏବଂ ସେମାନଙ୍କୁ ହଇରାଣ କରୁଛି । ଏକଥା 'ଏ' ଶ୍ରେଣୀ ବନ୍ଦିମାନେ ଜାଣିଲେ । ଶ୍ରେଣୀ ପରିବର୍ତ୍ତନ ଯୋଗୁଁ, ଶ୍ରୀ ଦିନ୍‌କର ରାଓ ଦେସାଇ ଓ ଶ୍ରୀ ଭାଡି ଲାଲ ଲାଲୁଭାଇ ମେହେଟ୍ଟା ଦୁଇଜଣ ଏ ଶ୍ରେଣୀରୁ ଆମ ଅଗଣାକୁ ଆସି ଥିଲେ । ଆସିବା ଆଗରୁ ସେମାନେ ମୋ ବିରୁଦ୍ଧରେ ଯିବାକୁ ସ୍ଥିର କରିଥିଲେ । ଆସିବାର ଏକ ସପ୍ତାହ ମଧ୍ୟରେ ସେମାନେ ଜାଣିଲେ ଯେ ମୁଁ ଆଇନ ମାନି ଚଳୁଛି ଓ ଅନ୍ୟ କାହାରିକୁ ବାଧ୍ୟ କରୁନାହିଁ । ସେମାନେ ଦେଖିଲେ, ମୁଁ ଅନ୍ୟମାନଙ୍କୁ ଜେଲ ନିୟମ ନ ଭାଙ୍ଗିବାକୁ କହୁଛି । ନିଜେ ମନକୁ କାହାକୁ ଏ ବିଷୟରେ କିଛି କହୁନାହିଁ ବା କାହାକୁ ନିଜେ ମାନିଥିବା 'ସି' ଶ୍ରେଣୀ ଖାଦ୍ୟ ଖାଇବାକୁ କହୁନାହିଁ । ଏଇ

Digitized by srujanika@gmail.com

ବଂଧୁ ଦୁଇଜଣ ମୋତେ ପରିଷ୍କାର କହିଲେ ଯେ ମୋ ସମ୍ବନ୍ଧରେ ହୋଇଥିବା ତାଙ୍କର ଧାରଣା ପୂରାପୂରି ଭୁଲ । ସର୍ଦ୍ଦାର ବାହାରେ ଥାଇ ଯେତେବେଳେ ଆମମାନଙ୍କୁ ଦେଖିବାକୁ ଆସିଥିଲେ ସେତେବେଳେ ସେ ମୋତେ ଅନ୍ୟମାନଙ୍କର ଚକ୍ଷୁଶୀଳ ହେବା ବଦଳରେ 'ବି' ଶ୍ରେଣୀ ଖାଦ୍ୟ ଖାଇବାକୁ ଉପଦେଶ ଦେଇଥିଲେ । ମୁଁ ତାଙ୍କୁ କହିଲି ଯେ ସାଙ୍ଗମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ବା ତାଙ୍କ ରାଗ ଶାନ୍ତ କରିବା ପାଇଁ ମୁଁ ଆଇନ ଭାଙ୍ଗିବା ଉଚିତ ମନେ କରୁ ନାହିଁ । ମୁଁ କୌଣସି 'ବି' ଶ୍ରେଣୀ ବନ୍ଦୀଙ୍କୁ 'ସି'ଶ୍ରେଣୀ ଖାଦ୍ୟ ଖାଇବାକୁ କହିନାହିଁ ବା ଅନ୍ୟମାନେ ନିଜ ଇଚ୍ଛାରେ 'ବି' ଶ୍ରେଣୀ ଖାଦ୍ୟ ଖାଇବାରେ ମୁଁ କୌଣସି ଭୁଲ ଦେଖୁନାହିଁ । ସର୍ଦ୍ଦାରଙ୍କ ମୋ ବ୍ୟବହାର ବିଷୟରେ ଭୁଲ୍ ବୁଝାମଣା ଯୋଗୁଁ ମୋତେ ଏପରି ଉପଦେଶ ଦେଇଥିଲେ ।

ଏଇପରି ଭାବରେ ଏ ବିଷୟରେ ତିକ୍ତତା ଓ ମିଛରେ ଗଢ଼ିଉଠିଥିବା ଉତ୍ତେଜନା ଦୂର ହେଲା । ଏଇ ଅଭିଜ୍ଞତାରୁ ପ୍ରତ୍ୟୟ ହେଲା ଯେ ନିଜର କ୍ଷମତା ବାହାରେ କେହି ନିଜକୁ ନିୟନ୍ତ୍ରଣ କଲେ ନିଜ ପାଇଁ ଅସୁବିଧା ପରିସ୍ଥିତି ତିଆରି କରେ । ମୁଁ ମଧ୍ୟ ଶିଖିଲି ଯେ କେହି ଅନ୍ୟଜଣଙ୍କୁ ନିଜର ଶକ୍ତି ବାହାରେ ନିୟନ୍ତ୍ରଣ କରିବାକୁ ପ୍ରବର୍ତ୍ତାଇବା ଠିକ୍ ନୁହେଁ । ଆନନ୍ଦରେ ନିୟନ୍ତ୍ରଣ କଲେ ଜଣେ ତାହା ଉପଭୋଗ କରିପାରେ ଓ ସେଥିରୁ ଲାଭ ଉଠାଇପାରେ । ଅନ୍ୟର ଚାପରେ ବା ଅନ୍ୟକୁ ସମ୍ମାନ ଦେଖାଇବାକୁ ଆତ୍ମସଂଯମ କରିବା ଉଚିତ ନୁହେଁ ।

ଏ ପର୍ଯ୍ୟନ୍ତ ଭାତିଭାଇ ସଂଗେ ମୋର ସମ୍ପର୍କ ଘନିଷ୍ଠ ହୋଇନଥିଲା । ଆମେ ଜେଲରେ ହିଁ ଘନିଷ୍ଠ ସାଙ୍ଗ ହୋଇଗଲୁ । ମୋର ତାଙ୍କ ବାପାଙ୍କ ସହିତ ପରିଚୟ ଥିଲା । ଜେଲ୍‌ରେ ତାଙ୍କ ସହିତ ଘନିଷ୍ଠତା ହେବାରୁ ତାଙ୍କ ପରିବାର ସହିତ ସମ୍ପର୍କ ଗଢ଼ିଉଠିଲା ।

ସୁରତର ଶ୍ରୀ କହ୍ନାୟାଲାଲ ଦେସାଇଙ୍କୁ କାଞ୍ଜିଭାଇ ଡାକୁଥିଲେ । ଆମେ ସାବରମତୀ ଜେଲରେ ଥିବାବେଳେ ସେ ଆସି ଆମ ସହିତ ଯୋଗ ଦେଲେ । ଆମେ ପରସ୍ପରକୁ ଭଲ କରି ଜାଣି ଖୁବ୍ ସାଙ୍ଗ ହୋଇଗଲୁ । ଦଶବର୍ଷ ହେଲା ସେ ଆଉ ଏ ସଂସାରରେ ନାହାନ୍ତି । ଆମ ସମ୍ପର୍କ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ସେଇପରି ଘନିଷ୍ଠ ରହିଥିଲା । ସେ ମରିବା ପର୍ଯ୍ୟନ୍ତ ମୋତେ ସ୍ନେହ କରୁଥିଲେ । ଆଜି ସୁଦ୍ଧା ତାଙ୍କ ପରିବାର ସହିତ ମୋର ସମ୍ପର୍କ ଭଲ ଅଛି ।

କାଞ୍ଜିଭାଇ ଜଣେ ଜମିଦାର ଥିଲେ । ପ୍ରଜାମାନେ ଯାହା ନିଜ ଇଚ୍ଛାରେ ଦିଅନ୍ତି ତାଠାରୁ ଅଧିକ ସେ ନିଅନ୍ତି ନାହିଁ । ଲୋକମାନଙ୍କ ସେବାରେ ସେ ନିସ୍ୱାର୍ଥପରଭାବେ ସାରା ଜୀବନ କଟାଇଛନ୍ତି । ୧୯୨୯-୩୦ ପର୍ଯ୍ୟନ୍ତ ସେ କଂଗ୍ରେସରେ ଯୋଗ ଦେଇ ନଥିଲେ । ପଛୁଆ ବର୍ଗଙ୍କ ସେବାରେ ସମୟ କଟାଉଥିଲେ । ସୁରତର ଓଲ୍‌ପାଡ ତାଲୁକାରେ ସେ କେତେକ ବିଶିଷ୍ଟ କାର୍ଯ୍ୟ କରୁଥିଲେ । ସେ ଅତି ଲୋକପ୍ରିୟ ଥିଲେ । ସମସ୍ତେ ତାଙ୍କ ପାଖକୁ ଆସୁଥିଲେ, ବିଶେଷତଃ ସମାଜସେବକମାନଙ୍କୁ ସେ ସ୍ୱାଗତ କରୁଥିଲେ । ତାଙ୍କର ଆତିଥ୍ୟର ସୀମା ନ ଥିଲା । କାହାକୁ ସାହାଯ୍ୟ କଲେ ସେ ଅନୁଗୃହୀତ ଅନୁଭବ କରୁଥିଲେ । ନିଜର ଜମି ଥରକୁ ଥର ବିକ୍ରି କରି ସମାଜ ସେବାରେ ଲଗାଉଥିଲେ । ସେଥିରୁ ସେ କିଛି ଉପକାର ପାଉ ନଥିଲେ । ପୂରା ପରିବାର ଦେଶ ସେବାରେ ଲାଗିଥିଲେ ଏବଂ ଜାତୀୟ ସେବା ପାଇଁ ପରିବାରର ସମସ୍ତେ ଜେଲ ଯାଇଥିଲେ । ରାତ୍ର ଭୋଜନ ପରେ କେହି ଅତିଥି ଆସିଲେ ବିନା ଦ୍ୱିଧାରେ ତାଙ୍କ ପାଇଁ ଘରେ ପୁଣି ରୋଷେଇ ହେଉଥିଲା । ମାସକୁ ତାଙ୍କ ଘରେ ମହଣେ ଚିନି ଖର୍ଚ୍ଚ ହେଉଥିଲା । ଏଇଥିରୁ ଜଣାପଡେ ତାଙ୍କ ଅତିଥି ସତ୍କାରର ଗଭୀରତା । ମୁଁ ଆଉ କୌଣସି ପରିବାରରେ ଏତେ ସେବା ମନୋଭାବ ଦେଖିନାହିଁ ।

୧୯୭୦ ଆରମ୍ଭରେ କାଞ୍ଜିଭାଇଙ୍କ ବିଧବା ପତ୍ନୀ ରାଧାବେନ ସଂସାର ତ୍ୟାଗ କରିଥିଲେ । ସେ ରକ୍ତ ଚାପ ରୋଗରେ ପୀଡିତ ଥିଲେ । ମୃତ୍ୟୁର କିଛି ବର୍ଷ ପୂର୍ବରୁ ସେ ଶଯ୍ୟାଶାୟୀ ଥିଲେ କିନ୍ତୁ ମୃତ୍ୟୁ ପର୍ଯ୍ୟନ୍ତ

Digitized by srujanika@gmail.com

ଉତ୍‌ଫୁଲ୍ଲ ଥିଲେ । କେହି ତାଙ୍କ ସ୍ୱାସ୍ଥ୍ୟ ଖବର ପଚାରିବାକୁ ଗଲେ ସେ ହସିବେ ଓ ଅନ୍ୟଙ୍କୁ ହସାଇବେ । ତାଙ୍କୁ ସେବାର ଅବତାର ବୋଲି ବର୍ଣ୍ଣନା କରାଯାଇପାରେ । ସେ ପରିବାର ସହିତ ଟିକଟ ସମ୍ପର୍କ ଯୋଗୁ ମୁଁ ନିଜକୁ ଭାଗ୍ୟବାନ ମନେ କରେ । ଏଇ ସମ୍ପର୍କ ମାଧ୍ୟମରେ ମୁଁ ଅନେକ କିଛି ଶିଖିଛି ।

କାଞ୍ଜିଭାଇ ଜେଲର ସବୁ ନିୟମ ମାନୁଥିଲେ । ଗୁଣ୍ଡି ପାନ ଖାଇବା ତାଙ୍କ ନିଶା ଥିଲେ ମଧ୍ୟ ସେ ଜେଲରେ ପାନ ଛୁଉଁ ନଥିଲେ । ଅନ୍ୟ କେତେଜଣ ପାନ ଚୋରାରେ ଜେଲ ଭିତରକୁ ଆଣୁଥିଲେ । ଜେଲରେ ମିଳୁଥିବା ଦୁଧ ଓ ଲହୁଣୀ ତାଙ୍କର ଦରକାର ନାହିଁ ବୋଲି କହି ଯାହାର ଦରକାର ତାଙ୍କୁ ବିନା ଦ୍ୱିଧାରେ ଦେଇ ଦେଉଥିଲେ । ସର୍ଦ୍ଦାର ଗୁଜରାଟ ପ୍ରଦେଶ କଂଗ୍ରେସ କମିଟି ସଭାପତିତ୍ୱ ଛାଡିଲା ପରେ, କାଞ୍ଜିଭାଇ ସଭାପତି ହୋଇ ଗୁଜରାଟ କଂଗ୍ରେସକୁ ଦକ୍ଷତାର ସହିତ ପରିଚାଳନା କରି ସୁଦୃଢ଼ ଓ ସୁଦକ୍ଷ କରି ସୁନାମ ଅର୍ଜନ କରିଥିଲେ ।

୧୯୩୦ରେ ଜେଲରେ ପ୍ରଥମ ଦଫା ରହଣିରେ ମୋର ଅନେକ ନୂଆ ଅଭିଜ୍ଞତା ହେଲା । ଅନ୍ୟ ବଂଧୁମାନଙ୍କ ସହିତ କିପରି ଏକାଠି ରହିବାକୁ ହୁଏ ଏବଂ କିପରି ବ୍ୟବହାର କରିବାକୁ ହୁଏ ଯଦ୍ୱାରା ଅବୁଝାମଣା ହୁଏନାହିଁ ଓ ସମ୍ପର୍କ ମଜଭୁତ ହୁଏ ସବୁ ଶିଖିଲି । ଆମମାନଙ୍କୁ ସେତେବେଳେ ରାତିରେ ତାଲାବନ୍ଦ ଘରେ ରଖା ଯାଉନଥିଲା । ତେଣୁ ଆମେ ରାତିରେ ବାହାରେ ଶୋଉଥିଲୁ ।

ମହାତ୍ମା ଗାନ୍ଧୀ ବିନା ସାବୁନରେ ଖାଲି ପାଣିରେ ଖିଅର ହେବା କଥା ମୁଁ ଶୁଣିଥିଲି । ମୁଁ ଜାଣିଥିଲି ଯେ ଗାଁରେ ବାରିକମାନେ ବିନା ସାବୁନରେ ଖିଅର କରନ୍ତି । ଜେଲରେ ଖିଅର ହେବା ଓ ବାଳ କାଟିବା ପାଇଁ ବ୍ୟବସ୍ଥା, ମୋ ମତରେ, ସନ୍ତୋଷଜନକ ବା ସ୍ୱାସ୍ଥ୍ୟକର ନ ଥିଲା । ତେଣୁ ମୁଁ ଖାଲି ପାଣିରେ ଖିଅର ହେବା ଅଭ୍ୟାସ କଲି ଏବଂ ଆଜିଯାଏ ସେଇପରି ଖିଅର ହେଉଛି । ସାବୁନରେ ଖିଅର ହୋଇ ମୋ ଗାଲରେ ଯେଉଁ କଳା ରୁଢ଼ ଚିହ୍ନ ଥିଲା, ଖାଲି ପାଣିରେ ଖିଅର ହେବାଦ୍ୱାରା ତିନିଚାରି ମାସରେ ସେ ସବୁ ଉଭେଇ ଗଲା । ମୁଁ କ୍ଲିପିଙ୍ଗ ମେସିନରେ ନିଜର ବାଳ କାଟିବା ଆରମ୍ଭକଲି । ମୁଁ "କ୍ରୁପ୍‌କଟ୍" ରଖୁଥିବାରୁ ଏଥିରେ ବାଳକାଟିବା ସୁବିଧା ହେଲା; ସେଇଦିନୁ ଅଭ୍ୟାସ ମୋର ଅଛି ।

ଜେଲ ଖାଦ୍ୟ ବିଶେଷତଃ 'ସି' ଶ୍ରେଣୀ ଖାଦ୍ୟ ସ୍ୱାଦିଷ୍ଟ ନଥିଲା । ଧନୁଂଧନ ଏକାପରି । 'ସି' ଶ୍ରେଣୀ ଖାଦ୍ୟ ମୁଁ ଭଲକରି ଚୋବାଇ ଖୁସିରେ ଖାଇ ଖାଦ୍ୟର ସ୍ୱାଦ ଆସ୍ୱାଦନ କଲି । ଅନ୍ୟମାନଙ୍କର ଓଜନ କମିଯାଉଥିବା ବେଳେ ମୋ ଓଜନ ବଢ଼ିଲା । ମୋର ପ୍ରଥମ ଜେଲ ଜୀବନରେ ମୁଁ ମଣିଷ ପ୍ରକୃତି ବିଷୟରେ ଅନୁଧ୍ୟାନ କରିବାର ସୁଯୋଗ ପାଇଲି ଓ ପରେ ସେ ବିଷୟରେ ଚିନ୍ତା କରି ଉପକୃତ ହେଉଥିଲି । ଅନ୍ୟଜଣଙ୍କ ପାଇଁ କୌଣସି କାମ ଅନୁପଯୁକ୍ତ ବୋଲି ମୁଁ ଭାବିଲେ ତାହା ନ କରିବା ଏବଂ ଅନ୍ୟମାନେ ଚାହୁଁ ନ ଥିବା ବିଷୟ ତାଙ୍କ ସହିତ ଆଲୋଚନା ନ କରିବା କଥା ମୁଁ ଶିଖିଲି । ଅନ୍ୟମାନେ ସେ ବିଷୟ ଆଲୋଚନା କରିବାକୁ ଇଚ୍ଛାକଲେ, ଜଣେ କେବଳ ସେ ବିଷୟର ତୃଟି ବୁଝିବାକୁ ବା କାହାରି ଦୋଷ ନ ଦେଇ ବୁଝାଇବାକୁ ଆଲୋଚନା କରିପାରେ ବୋଲି ମୁଁ ଶିଖିଲି ।

ମୁଁ ସାବଧାନତା ସହକାରେ ଜେଲ ନିୟମ ପାଳନ କରୁଥିଲି ଏବଂ କୌଣସି ଅନୁଗ୍ରହ ପାଇଁ ଜେଲ କର୍ମଚାରୀଙ୍କୁ ଅନୁରୋଧ କରୁ ନଥିଲି । କଷ୍ଟ ଜୀବନ କଟାଇବା ଅଭ୍ୟାସ ମୋର ଥିବାରୁ ଜେଲ ଜୀବନ ମୋତେ କଷ୍ଟ ଦେଉ ନଥିଲା । ଜେଲ କର୍ମଚାରୀଙ୍କୁ ମୋର ଅଭିଯୋଗ ପରିଷ୍କାର ଭାବେ କହୁଥିଲି ଓ ସେମାନେ ଧର୍ଯ୍ୟର ସହିତ ଶୁଣୁଥିଲେ । ସେମାନେ ଜାଣି ପାରିଲେ ତାଙ୍କ ଭୁଲ ମାନୁଥିଲେ । ମୋର ସାଥିମାନେ ମୋତେ ତାଙ୍କର ପ୍ରତିନିଧି କରି ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହିତ ତାଙ୍କ ସମସ୍ୟା ଆଲୋଚନା କରିବାକୁ ଦେଉଥିଲେ ।

Digitized by srujanika@gmail.com

ସାଧାରଣ କଏଦୀ ମାନଙ୍କ ଅନେକ ସମ୍ପର୍କରେ ମଧ୍ୟ ମୁଁ ଆସିଲି । ତାଙ୍କ ବ୍ୟବହାରରୁ ମୁଁ ଜାଣି ପାରିଲି ଯେ ସେମାନଙ୍କର ସତ୍ୟାଗ୍ରହୀଙ୍କ ପ୍ରତି ଯଥେଷ୍ଟ ସମ୍ମାନ ଥିଲା । ସେମାନେ ମୋ ସହିତ ଖୋଲାଖୋଲି କଥା ବାର୍ତ୍ତା କରୁଥିଲେ ଏବଂ ନିଜର କୁକର୍ମ ମଧ୍ୟ ମାନୁଥିଲେ । ମୋ ସହିତ ଆଲୋଚନା କରି ଅନେକ ସୁଧୁରିଗଲେ ଏବଂ ଜେଲରୁ ଖଲାସ ହେଲାବେଳେ ଆଉ କୁକର୍ମ କରିବେ ନାହିଁ ବୋଲି ନିର୍ଣ୍ଣୟ ନେଇଥିଲେ ।

ଜଣେ ଓକିଲ ନିଜ ମନକୁ ମୋ କେଶ୍‌ରେ ସେସନ୍ସ୍ କୋର୍ଟକୁ ଅପିଲ କରିଥିଲେ । ସେ କୋର୍ଟରେ ତର୍କ ଉପସ୍ଥାପନା କରିଲେ ଯେ ମୁଁ ଭୂଲରେ ଦୋଷୀ ସାବ୍ୟସ୍ତ ହୋଇଛି । ସେସନ୍ସ୍ କୋର୍ଟ ଓକିଲଙ୍କ ତର୍କ ଓ କାଗଜପତ୍ର ପରୀକ୍ଷା କରି ମୋ ଦଣ୍ଡକୁ ବାତିଲ କରି ମୋତେ ଖଲାସ କରିବା ପାଇଁ ଆଦେଶ ଦେଲେ । କିନ୍ତୁ ସେତେବେଳକୁ ମୋର ତିନିମାସ ଜେଲ ଶେଷ ହୋଇ, ଜୋରିମାନା ବଦଳରେ ଆଉ ଏକ ମାସ ପ୍ରାୟ ଶେଷ ହୋଇଯାଇଥାଏ । ବେଆଇନ ଭାବେ ମୋତେ ଦିଆଯାଇଥିବା ଦଣ୍ଡ ମୁଁ ପ୍ରାୟ ସମ୍ପୂର୍ଣ୍ଣ ରୂପେ ଭୋଗ କରିଥିଲି ।

(୧୦) ଗୁଜରାଟ କଂଗ୍ରେସ କମିଟିର ସମ୍ପାଦକ

ସାବରମତୀ ଜେଲରୁ ଖଲାସ ହୋଇ ମୁଁ ଖେଡା, ସୁରତ ଓ ପଞ୍ଚମହଲ ଜିଲା ଗସ୍ତରେ ଗଲି କାରଣ ଏଇ ଜିଲା ଗୁଡିକରୁ ଅନେକ ଚାଷୀ ଖଜଣା ଛାଡ ଆନ୍ଦୋଳନରେ ଯୋଗ ଦେଇ ବରୋଦା ଟେରିଟୋରୀକୁ ପଳାଇ ଯାଇଥିଲେ । ମୁଁ ସେଠାକୁ ଯାଇଥିବାବେଳେ ସତ୍ୟାଗ୍ରହ ପାଇଁ ଜନସାଧାରଣଙ୍କର ଉତ୍ସାହ କମି ଯାଇଥିଲା । ଯେଉଁମାନେ ଜେଲରୁ ଆସିଥିଲେ ସେମାନେ କହୁଥିଲେ ଯେ ବନ୍ଦୀ ହିସାବରେ ସେମାନଙ୍କ ସହିତ କଠୋର ବ୍ୟବହାର କରାଯାଇଥିଲା । ଏପରି ଅଭିଯୋଗ କରିବାର ଉଦ୍ଦେଶ୍ୟ ହେଲା ବ୍ରିଟିଶ୍ ସରକାରଙ୍କ ପ୍ରତି ସର୍ବସାଧାରଣଙ୍କ ମନରେ ଘୃଣା ସୃଷ୍ଟି କରିବା । କେତେକ ପରିମାଣରେ ଏହା ଫଳପ୍ରଦ ହେଲା । କିନ୍ତୁ ସତ୍ୟାଗ୍ରହ ଆନ୍ଦୋଳନର ବହୁତ କ୍ଷତି ହେଲା । ସତ୍ୟାଗ୍ରହରେ ଯୋଗ ଦେବାକୁ ଇଚ୍ଛୁକ ଅନେକ ବ୍ୟକ୍ତି 'ଜେଲ' ସମ୍ବନ୍ଧରେ ଏ ଘଟଣା ଶୁଣି ପଛଘୁଞ୍ଚା ଦେଲେ ।

ଏଇ ସମୟରେ ଭାରତର ତତ୍‌କାଳୀନ ଭାଇସ୍‌ରୟ ଲର୍ଡ ଇର୍‌ଉଇନ୍ ସତ୍ୟାଗ୍ରହ ପ୍ରତ୍ୟାହାର କରିନେବା ପାଇଁ ମହାତ୍ମା ଗାନ୍ଧୀଙ୍କ ସହିତ କଥାବାର୍ତ୍ତା ଚଳାଇ ଥାଆନ୍ତି । ୧୯୩୧ ଫେବୃୟାରୀ ଶେଷ ପୂର୍ବରୁ ମହାତ୍ମା ଗାନ୍ଧୀ ଓ ଅନ୍ୟ ନେତାମାନେ ଜେଲରୁ ଖଲାସ ହୋଇ ଯାଇଥାନ୍ତି । ବିଚାର ବିନିମୟ ପାଇଁ ଗାନ୍ଧିଜୀ ଦିଲ୍ଲୀ ଗଲେ । କଂଗ୍ରେସ କାର୍ଯ୍ୟକାରୀ କମିଟିର ଅଧିବେଶନ ସେଠାରେ ବସିବାର ଥିଲା । ଅଧିକାଂଶ ନେତା ଡକ୍ଟର ଅନ୍‌ସାରୀଙ୍କ ସହିତ ରହୁଥିଲେ ଓ ମିଟିଂ ତାଙ୍କରି ଘରେ ହେବାର ଥିଲା । ଗାନ୍ଧିଜୀ ମୋ ପାଖକୁ ଖବର ପଠାଇ ଜାଣିବାକୁ ଚାହିଁଥିଲେ ଯେ ମୁଁ ସରକାରୀ ଚାକିରୀକୁ ଫେରିଯିବାକୁ ଇଚ୍ଛା କରୁଛି କି ? ତା'ହେଲେ ବିଚାର ବିନିମୟ ବେଳେ ସେ ଭାଇସ୍‌ରୟଙ୍କୁ ମୋତେ ସରକାରୀ ଚାକିରିକୁ ଫେରାଇ ନେବା ପାଇଁ କହିବେ ।

ଉତ୍ତରରେ ଚିଠି ନ ଲେଖି ମୁଁ ଦିଲ୍ଲୀ ଯାଇ ଗାନ୍ଧିଜୀଙ୍କ ସହିତ ସାକ୍ଷାତକଲି । ମୁଁ କହିଲି ''ନିକଟ ଭବିଷ୍ୟତରେ ସ୍ୱାଧୀନତା ମିଳିବାର ସମ୍ଭାବନା ନାହିଁ । ସତ୍ୟାଗ୍ରହ ଆନ୍ଦୋଳନ ସଫଳ ହେଲା ନାହିଁ । ଅପରିପକ୍ୱ ଅବସ୍ଥାରେ ପ୍ରତ୍ୟାହାର କରାଗଲା । ମୋର ସରକାରୀ ଚାକିରୀକୁ ଫେରିଯିବାର ଇଚ୍ଛା ନାହିଁ । ମୁଁ ଇସ୍ତଫା

Digitized by srujanika@gmail.com

ଦେଇଛି କାରଣ ମୋର ହୃଦବୋଧ ହୋଇଛି ଯେ ବିଦେଶୀ ସରକାରଙ୍କ ଅଧୀନରେ କାମ କରିବା ଦେଶ ପାଇଁ କ୍ଷତିକାରକ । ସ୍ୱରାଜ ନ ପାଇବା ପର୍ଯ୍ୟନ୍ତ ଚାକିରୀକୁ ଫେରିଯିବାର ପ୍ରଶ୍ନ ନାହିଁ । ତେଣୁ ମୋ ଚାକିରୀକୁ ଫେରିବା ପ୍ରଶ୍ନ ଭାଇସ୍‌ରୟଙ୍କ ସହିତ ଆଲୋଚନା କରିବାର ଆବଶ୍ୟକତା ନାହିଁ ଓ ଫଳପ୍ରସୂ ହେବନାହିଁ ମଧ୍ୟ ।'' ଗାନ୍ଧିଜୀ କହିଲେ ଯେ ସେ ଭାଇସରାୟଙ୍କୁ ପେନ୍‌ସନ୍ ଦେବା ପାଇଁ କହିବେ । ସେ ଭାଇସ୍‌ରୟଙ୍କ ସହିତ ସେ ପ୍ରସଙ୍ଗ ଆଲୋଚନା କରିଥିଲେ ଓ ଭାଇସ୍‌ରାୟ ପ୍ରସ୍ତାବଟିକୁ ଗ୍ରହଣ କରିଥିଲେ ।

ମୁଁ ବାରବର୍ଷ ଚାକିରୀ କରିଥିଲି । ସୁତରାଂ ମୋତେ ମାସିକ ୧୫୦ ଟଙ୍କା ପେନ୍‌ସନ୍ ଦିଆଯାଇଥାନ୍ତା । ଭାଇସ୍‌ରୟ ଗାନ୍ଧିଜୀଙ୍କ ପ୍ରସ୍ତାବ ଗ୍ରହଣ କରିଥିଲେ ମଧ୍ୟ, ବମ୍ବେ ଗଭର୍ଣ୍ଣର ତାହା କାର୍ଯ୍ୟକାରୀ କରିବାକୁ ସ୍ୱୀକୃତି ଦେଇ ନଥିଲେ । ପରେ ୧୯୩୭ରେ ମୁଁ ଯେତେବେଳେ ବାଲାସାହେବ ଖେର୍‌ଙ୍କ ଦ୍ୱାରା ଗଠିତ ମନ୍ତ୍ରିମଣ୍ଡଳରେ ରାଜସ୍ୱ ବିଭାଗ ମନ୍ତ୍ରୀଭାବେ ଯୋଗ ଦେଲି, ସେତେବେଳେ ଭାଇସ୍‌ରୟଙ୍କ ଦ୍ୱାରା ମୋତେ ଦିଆଯାଇଥିବା ପେନ୍‌ସନ୍ ତ୍ୟାଗ କରିଥିଲି କିନ୍ତୁ ଅନ୍ୟ ଯେଉଁମାନେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବାପାଇଁ ସରକାରୀ ଚାକିରୀ ଛାଡିଥିଲେ ସେମାନଙ୍କ ପେନ୍‌ସନ୍ ମଂଜୁର କରିଥିଲି । ଚାକିରୀ ଛାଡିବାବେଳେ ପେନ୍‌ସନ୍ ବିଷୟରେ ଧାରଣା ହିଁ ନ ଥିଲା । ଆହୁରି ମଧ୍ୟ ମୁଁ ଯେଉଁପରି ଭାବରେ ଇସ୍ତଫା ଦେଇଥିଲି ସେଥିରେ ମୋତେ ପେନ୍‌ସନ୍ ମିଳିବା କଥା ନୁହେଁ । ରାଜସ୍ୱ ମନ୍ତ୍ରୀ ହିସାବରେ ମୋ ନିଜର ପେନ୍‌ସନ୍ ମଂଜୁର କରିବା ଠିକ୍ ହେବ ନାହିଁ ବୋଲି ବିଚାର କଲି । ଭାଇସ୍‌ରୟ ବାପୁଙ୍କୁ ଦେଇଥିବା କଥା ପୂରଣ ହେଲା ।

ଗାନ୍ଧିଜୀ ଭାଇସ୍‌ରୟଙ୍କ ପାଖକୁ ସବୁଦିନେ ସକାଳ ଆଠଟାରେ ଯାଇ ରାତିରେ ଫେରୁଥିଲେ । ଦିନେ ସକାଳ ତିନିଟାରେ ଫେରିଲେ । ମୋର ଧାରଣା ହୋଇଥିଲା ଯେ ଏହି ବିଚାର ବିନିମୟ ଉଭୟ ପକ୍ଷଙ୍କ ତରଫରୁ ନିଷ୍କାପର ଓ ସମ୍ମାନ ସହକାରେ ଚାଲୁଥିଲା । ପ୍ରତିଦିନ ଭାଇସ୍‌ରୟଙ୍କ ପାଖରୁ ଫେରି ଗାନ୍ଧିଜୀ କଂଗ୍ରେସ କାର୍ଯ୍ୟକାରୀ କମିଟି ସଭ୍ୟମାନଙ୍କୁ କଥାବାର୍ତ୍ତାର ସଂକ୍ଷିପ୍ତ ବିବରଣୀ ଦେଇ ପରଦିନ ପାଇଁ କଥାବାର୍ତ୍ତା ବିଷୟ ସେମାନଙ୍କ ସହିତ ଆଲୋଚନା କରୁଥିଲେ । ବିଚାର ବିନିମୟ ଶେଷ ହେବାପରେ ଗାନ୍ଧିଜୀ କାର୍ଯ୍ୟକାରୀ କମିଟିର ପୂର୍ଣ୍ଣମତ ନେଇ ରାଜିନାମାରେ ହସ୍ତାକ୍ଷର କରିବାକୁ ରାଜି ହୋଇଥିଲେ ।

ଖଜଣା ଦିଆ ନ ହେବାରୁ ଜମିର ମାଲିକାନା ବାଜ୍ୟାପ୍ତ କରାଯାଇ ଖଜଣା ବାବଦକୁ ବିକ୍ରି କରାଯାଇଥିବା ଜମି କୃଷକକୁ ଫେରାଇ ଦେବାକୁ ଭାଇସ୍‌ରୟ ରାଜି ହୋଇ ନଥଲେ । ସମୁଦ୍ର କୂଳରୁ ବା ଅନ୍ୟ ଲୁଣିଆ ପାଣିରୁ ନିଜର ବ୍ୟବହାର ପାଇଁ ଲୁଣ ଉତ୍ପାଦନ କରିବା ପ୍ରତ୍ୟେକ ନାଗରିକର ଅଧିକାରକୁ ଭାଇସ୍‌ରୟ ମାନିଥିଲେ । ସତ୍ୟାଗ୍ରହୀମାନଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବାର ଅଧିକାର ଅଛି ବୋଲି ଭାଇସ୍‌ରୟ ମାନିଥିଲେ ।

ଏ ବିଷୟରେ ଆଲୋଚନା ବେଳେ ରାଜାଜୀ ଗାନ୍ଧିଜୀଙ୍କୁ କହିଥିଲେ ଯେ କୃଷକଙ୍କୁ ଜମି ଫେରାଇ ଦିଆ ନ ଗଲେ କଂଗ୍ରେସ ବହୁତ କ୍ଷତିରେ ପଡିବ । ସତ୍ୟାଗ୍ରହ ପୁଣି ଆରମ୍ଭ ହେଲେ ଖଜଣା ଛାଡ ଆନ୍ଦୋଳନରେ ଯୋଗ ଦେବାକୁ ଲୋକେ କୁଣ୍ଠାବୋଧ କରିବେ । ରାଜାଜୀଙ୍କ ମନ୍ତବ୍ୟ ଠିକ୍ ଥିଲା । କିନ୍ତୁ ଗାନ୍ଧିଜୀ କହିଲେ ନାଗରିକ ମାନଙ୍କର ଲୁଣ ମାରିବା ଓ ଶାନ୍ତିପୂର୍ଣ୍ଣ ପିକେଟିଂଗ୍ କରିବା ଅଧିକାର ସ୍ୱୀକାର କରାଯାଇଥିବାରୁ ଆମ ମାନଙ୍କର ଅଧିକାର ବୃଦ୍ଧି ପାଇଛି । ସେ ରାଜାଜୀଙ୍କ ଯୁକ୍ତି ଗ୍ରହଣ କରି ନ ଥିଲେ ।

ଗାନ୍ଧିଜୀ ରାଜିନାମାରେ ହସ୍ତାକ୍ଷର କରି ଫେରିବାପରେ ଏକ ଉଲ୍ଲେଖନୀୟ ଘଟଣା ଘଟିଲା । ସର୍ଦ୍ଦାର ଓ ଜବାହରଲାଲଜୀ ଡକ୍ଟର ଆନ୍‌ସରୀଙ୍କ ଘରେ ଗୋଟିଏ ରୁମ୍‌ରେ ରହୁଥିଲେ । ସର୍ଦ୍ଦାର ଆସି ଗାନ୍ଧିଜୀଙ୍କୁ କହିଲେ ଯେ ରାଜିନାମା ଯୋଗୁଁ ଜବାହରଲାଲଜୀ ଦୁଃଖିତ, ଏପରିକି ତାଙ୍କ ଆଖିରେ ଲୁହ ଆସିଯାଇଛି । ଶାନ୍ତ୍ୱନା ଦେବାକୁ ସେ ଗାନ୍ଧିଜୀଙ୍କୁ ଅନୁରୋଧ କଲେ । ଗାନ୍ଧିଜୀ ସାଙ୍ଗେ ସାଙ୍ଗେ ଯାଇ ଜବାହରଲାଲଜୀଙ୍କୁ ଦୁଃଖିତ

Digitized by srujanika@gmail.com

ହେବାର କାରଣ ପଚାରିଲେ । ଜବାହରଲାଲଜୀ କହିଲେ ଏ ସନ୍ଧି ଆମମାନଙ୍କ ଭଲ ପାଇଁ ହୋଇ ନାହିଁ ଓ ଆମର ବିଶ୍ୱାସ ବଢ଼ାଇବାରେ ସାହାଯ୍ୟ କରିବ ନାହିଁ । ଗାନ୍ଧିଜୀ କହିଲେ ଯେ ଯଦି ସେ (ଜବାହରଲାଲଜୀ) ଏତେ ଦୁଃଖିତ ଏବଂ ସନ୍ଧି ଠିକ୍ ହୋଇନାହିଁ ବୋଲି ଭାବୁଛନ୍ତି, ତେବେ ସାଙ୍ଗେ ସାଙ୍ଗେ ସେ (ଗାନ୍ଧିଜୀ) ଭାଇସ୍‌ରୟଙ୍କୁ ଏବିଷୟରେ ଲେଖିବେ, କିଛି ଡେରି ହୋଇନାହିଁ । ଜବାହରଲାଲଜୀ ସାଙ୍ଗେ ସାଙ୍ଗେ ତାଙ୍କୁ ଏପରି ଲେଖିବାକୁ ମନା କଲେ ଓ କହିଲେ ସେ ରାଜିନାମା ବିଷୟରେ ଆଉ ଏପରି କଥା କହିବେ ନାହିଁ । ଶେଷରେ ସେ ରାଜିନାମା ସହିତ ଏକମତ ହେଲେ ।

ଏଇ ଘଟଣାରୁ ମୁଁ ଜାଣିଲି ଯେ ଜବାହରଲାଲଜୀ ରାଜିନାମାର ସୁଫଳ ଗୁଡିକୁ ଉପେକ୍ଷା କରିବାକୁ ଇଛା କରୁନଥିବା ବେଳେ ତଜ୍ଜନିତ ଦୋଷ, ବଦନାମକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥିଲେ । ଗାନ୍ଧିଜୀଙ୍କର ସହକର୍ମୀଙ୍କ ସହିତ ଚମତ୍କାର, କୌଶଳ ଓ ଦକ୍ଷତା ସହ ବ୍ୟବହାରର ସୁସ୍ପଷ୍ଟ ଚିତ୍ର ମୁଁ ଏ ଘଟଣାରୁ ଦେଖିପାରିଲି । ଗାନ୍ଧିଜୀ ଜବାହରଲାଲଜୀଙ୍କ ସମେତ ସମସ୍ତଙ୍କର ମତ ନେଇ ରାଜିନାମାରେ ହସ୍ତାକ୍ଷର କରିଥିଲେ କିନ୍ତୁ ଜବାହରଲାଲଜୀ ଯେତେବେଳେ ସେଥିରେ ତ୍ରୁଟି ଦର୍ଶାଇଲେ ତାଙ୍କୁ ସେ ସନ୍ତୁଷ୍ଟ କରିବା ପାଇଁ ସାଙ୍ଗେ ସାଙ୍ଗେ ରାଜିନାମା ରଦ୍ଦ କରିଦେବାକୁ ନିଜର ପ୍ରସ୍ତୁତି ଦେଖାଇଥିଲେ । ସେ ଭାଇସ୍‌ରୟଙ୍କ ପାଖରେ ହଁ କହିଥିବା 'ହଁ' କୁ ''ନାହିଁ'' କହି ନିଜର ମୁହଁ ହରାଇବାକୁ ରାଜିଥିଲେ । ସେ ଖୁବ୍ ନିକଟ ସହକର୍ମୀଙ୍କୁ ସନ୍ତୁଷ୍ଟ କରିବାକୁ ଏହା କରିବାକୁ ପ୍ରସ୍ତୁତ ଥିଲେ । ନିଜର ବିଶାଳ ହୃଦୟ ଓ ମାନବୀୟ ପ୍ରକୃତିକୁ ଠିକ୍ ଭାବରେ ଚିହ୍ନିବାର କ୍ଷମତା ଯୋଗୁଁ ଏକ ଅସୁନ୍ଦର ପରିସ୍ଥିତିରୁ ରକ୍ଷା ପାଇଲେ । ଜବାହରଲାଲଜୀ ପରେ ରାଜି ହୋଇ କହିଲେ ଯେ ରାଜିନାମା ପ୍ରତ୍ୟାହାର କରାଯିବ ନାହିଁ । ଏଇ ଘଟଣାରେ ଦୁଇ ନେତାଙ୍କର ଆଦର୍ଶ, ମନୋଭାବ ଏବଂ କାର୍ଯ୍ୟ ପ୍ରଣାଳୀରେ ପାର୍ଥକ୍ୟ ପ୍ରତିଫଳିତ ହୁଏ ।

ଏହି ସମୟରେ ମହାଦେବଭାଇ ନିଜର ମନ ଓ ନିଜକୁ ବାପୁଙ୍କ ଜୀବନ ଏବଂ ଚିନ୍ତାରେ କିପରି ବୁଡାଇ ଦେଇଛନ୍ତି ତାହା ଦେଖିପାରିଲି । ସ୍ୱର୍ଗତ ରେଭରେଣ୍ଡ୍ ସି.ଏଫ୍. ଆଣ୍ଡ୍ରୁଜ୍ ଗାନ୍ଧିଜୀଙ୍କ ପାଖକୁ ଦିଲ୍ଲୀରେ କ'ଣ ହେଉଛି ଜଣାଇବାକୁ ଚିଠି ଲେଖିଥିଲେ । ସେ ଚିଠିରେ ଲେଖିଥିଲେ ଯେ ଗାନ୍ଧିଜୀକୁ ଉତ୍ତର ଦେବାକୁ ସମୟ ନ ଥିଲେ ମହାଦେବଭାଇଙ୍କୁ ଜବାବ ଲେଖିବାକୁ କହିବେ କାରଣ ସେ ଜାଣନ୍ତି ସେ ମହାଦେବଭାଇ ସବୁ ଜାଣନ୍ତି ଏବଂ ଗାନ୍ଧିଜୀଙ୍କ ଠାରୁ ଅଧିକ ସୁସ୍ପଷ୍ଟ ଚିଠି ଲେଖିପାରିବେ । ତା' ଅର୍ଥ ହେଲା ମହାଦେବଭାଇ ଗାନ୍ଧିଜୀଙ୍କୁ ପୂରାପୂରି ଭାବେ ଜାଣିଥିଲେ ।

୧୯୩୧ ମାର୍ଚ୍ଚରେ, ବିଚାର ବିନିମୟ ପରେ, ଗାନ୍ଧୀ ଇରଉଇନ୍ ରାଜିନାମାରେ ହସ୍ତାକ୍ଷର ପରେ, ମୁଁ ଅହମଦାବାଦ ଫେରି ଆସିଲି । ଏ ଘଟଣାର କିଛିଦିନ ପରେ ଗାନ୍ଧିଜୀ ଅହମଦାବାଦ ଆସିଲେ ଏବଂ ଗୁଜରାଟର କେତେକ ସ୍ଥାନ ପରିଦର୍ଶନ କଲେ । ସର୍ଦ୍ଦାର ସାହେବ ସମସ୍ତ ବନ୍ଦୋବସ୍ତ କରିବାକୁ ମୋତେ କହିଥିବାରୁ ମୁଁ ଗାନ୍ଧିଜୀଙ୍କ ସହିତ ଗସ୍ତରେ ଥିଲି । କରାଚୀରେ କଂଗ୍ରେସର ବାର୍ଷିକ ଅଧିବେଶନ କିଛିଦିନ ପରେ ବସିବାର ଥିଲା ଏବଂ କରାଚୀ ଯିବାକୁ ମୁଁ ପ୍ରସ୍ତୁତ ଥିଲି । ସର୍ଦ୍ଦାର ସାହବ ଏଇ ଗସ୍ତବେଳେ ତଲାତି (ଗ୍ରାମ ଅଫିସର)ଙ୍କ ଠାରୁ କିଛି ତଥ୍ୟ ଆଣିବାକୁ ମୋତେ କହିଥିଲେ । ଆଇନାନୁସାରେ ତଲାତି, ଅଣସରକାରୀ ଲୋକଙ୍କୁ ଏ ତଥ୍ୟ ଦେବା କଥା ନୁହେଁ । ଆଇନ ବିରୁଦ୍ଧ ହେଲେ ମଧ୍ୟ ତଲାତିଙ୍କୁ ପ୍ରଭାବିତ କରି, ପ୍ରବର୍ତ୍ତାଇ ମୁଁ ତଥ୍ୟ ଆଣି ପାରିଥାନ୍ତି । କିନ୍ତୁ ଏପରି କରିବା ଠିକ୍ ନୁହେଁ ବୋଲି ଭାବିଲି ଓ ସର୍ଦ୍ଦାରଙ୍କୁ ତାହା ହିଁ କହିଲି । ସର୍ଦ୍ଦାର ସାହେବ ଅସନ୍ତୁଷ୍ଟ ହେଲେ ଓ ତଥ୍ୟ ଆଣିବାକୁ ଆଉ କହିଲେ ନାହିଁ । ସେତେବେଳେ ମୁଁ ସର୍ଦ୍ଦାର ସାହେବଙ୍କ ଘନିଷ୍ଠ ବା ନିକଟସ୍ଥ ନଥିଲି । ସେଇଥିପାଇଁ ବୋଧ ହୁଏ ସେ ଆଉ ସେ କଥା ମୋତେ କହିନଥିଲେ । କହିଥିଲେ ବି ମୁଁ ମାନି ନଥାନ୍ତି ।

Digitized by srujanika@gmail.com

ନାଡିୟାଦରେ ଥିବାବେଳେ ଥରେ ବାପୁ ତାଙ୍କର ଦୈନିନ୍ଦିନ କାର୍ଯ୍ୟ ଶେଷ ପରେ ସଂଧ୍ୟା ବେଳେ ଦେଖା କରିବାକୁ ମୋତେ କହିଲେ । କରାଚୀ ଅଧିବେଶନରେ ଯୋଗ ଦେବାକୁ ମୋର ଇଛା ଅଛି କି ବୋଲି ପଚାରିଲେ । ମୁଁ ସାଙ୍ଗେ ସାଙ୍ଗେ ଧରିନେଲି ଯେ ବାପୁ ଏ ପ୍ରଶ୍ନ ମୋତେ ପଚାରୁଛନ୍ତି କାରଣ ନିଶ୍ଚୟ କିଏ ବାପୁଙ୍କୁ ଏକଥା କହିଛନ୍ତି । ମୁଁ ଜବାବ ଦେଲି ମୋର ଇଚ୍ଛା ଅଛି । ବାପୁ କହିଲେ ସେ ମୋତେ କରାଚୀ ନ ଯିବାକୁ କହିଥାନ୍ତେ । ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ପଚାରିଲି କାହିଁକି ସେ ଏପରି ଆଦେଶ ଦେବାକୁ ଇଚ୍ଛା କରୁଥିଲେ । ସେ କହିଲେ ଯେ ଗୁଜୁରାଟରେ କାମ ବାକି ରଖି କରାଚୀ ଯିବା ଉଚିତ ହେବନାହିଁ ବୋଲି ସେ ଅନୁଭବ କରୁଥିଲେ । ମୁଁ କହିଲି ସେ ସମୟରେ ଗୁଜୁରାଟରେ ମୋର କରିବାର କୌଣସି କାମ ନ ଥିଲା ତେଣୁ ଗୁଜୁରାଟରେ କାମ ଛାଡି କରାଚୀ ଯିବାର ପ୍ରଶ୍ନ ଉଠୁନଥିଲା । ମୁଁ ତାଙ୍କୁ ଆହୁରି କହିଲି ଯେ ମୋର ଚାକିରି ଛାଡିବାପରେ ଏହା ହେଉଛି ପ୍ରଥମ କଗ୍ରେଂସ ଅଧିବେଶନ ଏବଂ ଏଇ ଅଧିବେଶନରେ ଗାନ୍ଧୀ ଇର୍‌ୱଇନ୍ ରାଜିନାମା ଆଲୋଚନା ହେବ । ତେଣୁ ମୋର ଏଇ ଅଧିବେଶନରେ ଯୋଗ ଦେବାର ଇଚ୍ଛା ଥିଲା । ବାପୁ କହିଲେ ଏହାପରେ ସବୁ କଗ୍ରେଂସ ଅଧିବେଶନ ଗୁରୁତ୍ୱପୁର୍ଣ୍ଣ ହେବ ତେଣୁ ଏଇ ଅଧିବେଶନ ହରାଇ ଆରବର୍ଷ ଅଧିବେଶନରେ ମୁଁ ଯୋଗ ଦେଇପାରିବି । ମୁଁ କହିଲି ଆସନ୍ତା ବର୍ଷ ନ ଗଲେ ମୁଁ ହତାଶ ହେବି ନାହିଁ କିନ୍ତୁ ଏ ବର୍ଷ ଯିବାପାଇଁ ମୋର ପ୍ରବଳ ଇଚ୍ଛା ଅଛି । ମୁଁ ପରିଷ୍କାର କରିଦେଲି ଯେ ଯଦି ସେ ମୋତେ ନ ଯିବାକୁ ଆଦେଶ ଦଅନ୍ତି, ମୁଁ ସେ ଆଦେଶ ମାନିନେବି । ତା'ପରେ ବାପୁ ମୋତେ କଅଁଳେଇକରି କହିଲେ ଯେ ସେ ମୋତେ ଆଦେଶ ଦେବାକୁ ଇଚ୍ଛା କରନ୍ତି ନାହିଁ । ସେ କେବଳ ମୋ ହୃଦୟକୁ ଅନୁରୋଧ କରିବାକୁ ଚାହାନ୍ତି । ମୁଁ ତାଙ୍କୁ ବିନୟତାର ସହ ପରିଷ୍କାର କରି କହିଲି ଯେ ମୁଁ ତାଙ୍କ ଆଦେଶ ମାନିବାକୁ ପ୍ରସ୍ତୁତ କିନ୍ତୁ ସେ ଯେଉଁ କାରଣ ଦର୍ଶାଇଛନ୍ତି ତାହା ହୃଦବୋଧ ହେଉନାହିଁ । ମୋ ମନରେ ଆଘାତ ଓ ମୋ ପ୍ରତି ଅନ୍ୟାୟ ହେଉଛି ବୋଲି ଜାଣି ମଧ ମୁଁ ତାଙ୍କ ଆଦେଶ ପାଳନ କରିବି ବୋଲି କହିଲି । ମୁଁ ତାଙ୍କୁ କଥା ଦେଲି ଯେ ମୁଁ କାହାରି ପାଖରେ ଅଭିଯୋଗ କରିବି ନାହିଁ । ସବୁ ଶୁଣିସାରି ବାପୁ କହିଥିଲେ ଯେ ସେ ସବୁ କଥା ପ୍ରତ୍ୟାହାର କରି ମୋତେ କରାଚୀ ଯିବାକୁ କହୁଛନ୍ତି । ମୁଁ କିଛି ବୁଝି ପାରିଲି ନାହିଁ ଯେ ବାପୁ ଏପରି କାହିଁକି ମୋ ଉପରେ ଚାପ ପକାଉଥିଲେ, କିନ୍ତୁ ମୋର ଧାରଣା ଯେ ଗାଁରୁ ତଥ୍ୟ ସଂଗ୍ରହ କରି ଆଣିବା ପାଇଁ ସର୍ଦ୍ଦାର ସାହେବଙ୍କୁ ମନା କରିବାର ଫଳ ଏହା ଥିଲା ।

ମୁଁ ଷ୍ଟିମରରେ କରାଚୀ ଗଲି ଓ ଅହମଦାବାଦର ଶ୍ରୀ ଅମ୍ବାଲାଲ ସରାଭାଇଙ୍କ ପରିବାର ସହିତ ରହିଲି । ମୌଳିକ ଅଧିକାର ସମ୍ବନ୍ଧୀୟ ସିଦ୍ଧାନ୍ତ କରାଚୀ ଅଧିବେଶନରେ ଗୃହୀତ ହେଲା ଓ ଭଗତ ସିଂହଙ୍କ ମୃତ୍ୟୁ ଦଣ୍ଡ ଉପରେ ଗୁରୁତର ଆଲୋଚନା ହେଲା । ସର୍ଦ୍ଦାର ସାହେବ କଂଗ୍ରେସର ସଭାପତି ଥିଲେ ଓ ଅଧିବେଶନ ବେଶ ଦକ୍ଷତାର ସହିତ ଚଳାଉଥିଲେ । କରାଚୀରୁ ଫେରିବାର କିଛି ଦିନ ପରେ ଗୁଜରାଟ ପ୍ରଦେଶ କଂଗ୍ରେସ କମିଟିର କର୍ଣ୍ଣଧାରକଙ୍କ ନିର୍ବାଚନ ପାଇଁ ସଭା ବସିଲା । ସର୍ଦ୍ଦାର ସାହେବ ପ୍ରେସିଡେଣ୍ଟ ଭାବରେ ନିର୍ବାଚିତ ହେଲେ ଏବଂ ଶ୍ରୀ ଜୀବନ ଲାଲ ଦିୱାନ ଓ ଶ୍ରୀ ମଣିଲାଲ କୋଠାରୀ ସମ୍ପାଦକ ଭାବେ ନିର୍ବାଚିତ ହେଲେ । ପଞ୍ଚମହଲର ଶ୍ରୀ ବାମନରାଓ ମୁକଦମ ଓ ଅନ୍ୟ କେତେଜଣ ନେତା ସେକ୍ରେଟେରୀ ପଦ ପାଇଁ ମୋ ନାମ ମଧ ପ୍ରସ୍ତାବ କରିଥିଲେ । ସର୍ଦ୍ଦାର ସାହେବଙ୍କୁ ବିଶେଷ କରି ଏ ପ୍ରସ୍ତାବ ଭଲ ଲାଗିଲା ନାହିଁ ଏବଂ ସେ କହିଲେ ସମ୍ବିଧାନରେ ଦୁଇଜଣ ସେକ୍ରେଟେରୀ ପଦପାଇଁ ଉଲ୍ଲେଖ ଅଛି ଏବଂ ଦୁଇଜଣ ନିର୍ବାଚିତ ହୋଇଗଲେଣି । ମୋତେ ଲକ୍ଷ୍ୟ କରି କହିଲେ ଯେ ମୁଁ ଏବେ କଂଗ୍ରେସରେ ଯୋଗ ଦେଇଛି ତେଣୁ ଆଉ କିଛି ସମୟ ପରେ ନିର୍ବାଚିତ ହେଲେ ଭଲ ହେବ । ଯେଉଁମାନେ ମୋ ନାଁ ପ୍ରସ୍ତାବ କରିଥିଲେ ସେମାନେ କହିଲେ ସେଇ ମିଟିଂରେ ତିନିଜଣ ସେକ୍ରେଟେରୀ ପାଇଁ ସମ୍ବିଧାନ ବଦଳା ଯାଇପାରିବ । ସେ ସମୟରେ ପ୍ରାଦେଶିକ ସମ୍ବିଧାନ ପରିବର୍ତ୍ତନ ପାଇଁ ନିଖିଳ ଭାରତ କଂଗ୍ରେସ

Digitized by srujanika@gmail.com

କମିଟିର ସମ୍ମତି ନେବା ଦରକାର ନଥିଲା । ସେମାନେ କହିଲେ ସେକ୍ରେଟେରୀ ହିସାବରେ ମୁଁ ପୂରା ସମୟ ଦେଇ ପାରିବି ଓ ବେଶ ଫଳପ୍ରଦ ହେବି । ଏକଥା କହି ସଂଗେ ସଂଗେ ନିର୍ବାଚନ ପାଇଁ ସେମାନେ ଚାପ ପକାଇଲେ । ସର୍ଦ୍ଦାରଙ୍କ ଯୁକ୍ତିକୁ ବେଶୀ ସଭ୍ୟମାନଙ୍କର ସମ୍ମତି ନ ମିଳିବାରୁ ସେ ଏ ପ୍ରସ୍ତାବ ସହିତ ଏକମତ ହେଲେ ଏବଂ ମୁଁ ଗୁଜରାଟ କଂଗ୍ରେସ କମିଟିର ସେକ୍ରେଟେରୀ ହେଲି । ଶ୍ରୀ ଭୋଗୀଲାଲ ଲାଲା ମଧ ଜଣେ ସେକ୍ରେଟେରୀ ଭାବେ ନିଯୁକ୍ତ ହେଲେ ।

ଏ ମିଟିଙ୍ଗ୍ ପରେ ସର୍ଦ୍ଦାର ସାହେବ କିଛିଦିନ ଅହମଦାବାଦରେ ଡକ୍ଟର କାନୁଗାଙ୍କ ଘରେ ରହିଲେ । ମୁଁ ପ୍ରତି ଦ୍ୱିତୀୟ ବା ତୃତୀୟ ଦିନ ତାଙ୍କ ସହିତ ଦେଖା କରୁଥିଲି ଏବଂ କାମ ଶେଷ ହେଲେ ଚାଲି ଆସୁଥିଲି । ସର୍ଦ୍ଦାର ସାହେବ ଡ. କାନୁଗାଙ୍କ ଘରେ ସବୁବେଳେ ରହୁଥିଲେ ଓ ତାଙ୍କୁ ଦେଖା କରିବାକୁ ବହୁତ ଲୋକ ସେଠାକୁ ଆସୁଥିଲେ । ଏହି ମିଟିଙ୍ଗ୍ ଗୁଡିକ ପ୍ରାୟ ଦରବାର ଭଳି ହେଉଥିଲା, ତେଣୁ ମୁଁ ଦରକାର ଅପେକ୍ଷା ଅଧିକ ସମୟ ସେଠାରେ ବସୁ ନଥିଲି । କିଛିଦିନ ପରେ ମହାଦେବ ଦେଶାଇଙ୍କ ଠାରୁ ଚିଠି ଖଣ୍ଡେ ପାଇଲି । ସେଥିରେ ସେ ଅଭିଯୋଗ କରିଥିଲେ କି ମୁଁ ସର୍ଦ୍ଦାରଙ୍କ ସହିତ ଯେତେ ଲାଗ ଲାଗ ଦେଖା କରିବା କଥା ସେତେ କରୁନାହିଁ ଓ କାମରେ ତାଙ୍କ ପରାମର୍ଶ ନେଉନାହିଁ । ସେ ଚିଠିରେ ଲେଖିଥିଲେ ଯେ ମୁଁ ମୋର ମନୋଭାବ ପରିବର୍ତ୍ତନ କରିବା ଉଚିତ । ମୁଁ ଆଗରୁ ମହାଦେବ ଭାଇଙ୍କ ସହିତ ମୋର ସମ୍ପର୍କ ବିଷୟରେ କହିଛି । ସେଇ ଦୃଷ୍ଟିରୁ ବଡ଼ ଭାଇ ହିସାବରେ ସେ ମୋତେ ଏ ଉପଦେଶ ଦେଇଥିଲେ । ମୁଁ ଦେଖିଲି ଯେ କିଛି ଭୁଲ ବୁଝାମଣା ହୋଇଛି । ତେଣୁ ମୁଁ ଜବାବ ଦେଲି "ମୁଁ ଅଧିକାଂଶ ସମୟରେ ସର୍ଦ୍ଦାର ସାହେବଙ୍କ ସହିତ ସାକ୍ଷାତ କରେ କିନ୍ତୁ ଆବଶ୍ୟକତାରୁ ବେଶି ସମୟ ରହେନାହିଁ, କାରଣ ମୋ ମତରେ ବେଶି ସମୟ ରହିବା ସମୀଚୀନ ହେବ ନାହିଁ । ଯେଉଁ ବିଷୟରେ ସଭାପତିଙ୍କ ଠାରୁ ପରାମର୍ଶ ନେବା କଥା, ପରାମର୍ଶ ନିଏ । ତାଙ୍କ ବିନା ପରାମର୍ଶରେ ମୁଁ କୌଣସି କାମ କରେ ନାହିଁ । କିନ୍ତୁ ସେକ୍ରେଟେରୀ ହିସାବରେ ମୋର ଯେଉଁ କାମ କରିବା କଥା, ସେ ବିଷୟରେ ମୁଁ ତାଙ୍କୁ କଷ୍ଟ ଦିଏ ନାହିଁ । ମୋ ବିଚାରରେ ଏହା ଉପଯୁକ୍ତ କାର୍ଯ୍ୟ ପ୍ରଣାଳୀ । ଆପଣ ଯଦି ମୋତେ ଦରବାରରେ ବସିବାକୁ ଚାହାନ୍ତି ମୁଁ କହିବି ଏହା ଉପଯୁକ୍ତ ହେବ ନାହିଁ କାରଣ ମୁଁ ଗୋଟିଏ ଦାସତ୍ୱରୁ ମୁକ୍ତ ହୋଇ ଆଉ ଗୋଟିଏକୁ ଗ୍ରହଣ କରିବାକୁ ଇଚ୍ଛା କରେନାହିଁ । ଯଦି ସର୍ଦ୍ଦାରଙ୍କୁ ମୋ କାମ କରିବା ପଦ୍ଧତି ଭଲ ନ ଲାଗେ ବା ସେ କୌଣସି ପ୍ରକାର ସେଥିରେ ଅସନ୍ତୁଷ୍ଟ ଥାଆନ୍ତି, ମୁଁ ତାଙ୍କ ରାସ୍ତାରୁ ନିଜକୁ ହଟାଇ ନେବି ଓ ତାଙ୍କ ପାଇଁ ବା ଅନୁଷ୍ଠାନ ପାଇଁ କୌଣସି ଅସୁବିଧା କରିବି ନାହିଁ । ସେକ୍ରେଟେରୀ ପଦରେ ଥିବା ପର୍ଯ୍ୟନ୍ତ ମୁଁ ଉପଯୁକ୍ତ ମନେକରୁଥିବା ପଦ୍ଧତି ଅବଲମ୍ବନ କରି କାମ କରିବି ।" ମହାଦେବ ଭାଇ ମୋ ଚିଠିର ଜବାବ ଦେଇ ନଥିଲେ, ତେଣୁ ମୁଁ ଧରିନେଲି ଯେ ସେ ମୋର ଯୁକ୍ତିକୁ ଗ୍ରହଣ କରିଛନ୍ତି ।

ଚାକିରି ଛାଡିବା ପରେ ମୁଁ ଗାନ୍ଧିଜୀଙ୍କୁ ମୋତେ ଆଶ୍ରମରେ ନେବା ପାଇଁ ଅନୁରୋଧ କରି ଲେଖିଥିଲି । ମୋର ଖାଣ୍ଟି ରାଜନୀତିରେ ଭାଗ ନେବାପାଇଁ ବିଶେଷ ଇଚ୍ଛା ନଥିଲା । ଆଶ୍ରମ ଜୀବନ ମୋତେ ଭଲ ଲାଗିଥାଆନ୍ତା । ମୁଁ ରାଜନୈତିକ ଘଣ୍ଟାଚକଟାରୁ ଦୂରରେ ରହିବାକୁ ଭଲ ପାଇଥାଆନ୍ତି । ଆଶ୍ରମରୁ ଦେଶ ପାଇଁ ମୋ ଦ୍ୱାରା ସମ୍ଭବ ସେବା କରିଥାଆନ୍ତି । ଗାନ୍ଧିଜୀ ସେତେବେଳେ ଜେଲରେ ଥିଲେ । ମୋ ଚିଠି ସେ ପାଇଲେ କି ନାହିଁ ମୁଁ ଜାଣେ ନାହିଁ କିନ୍ତୁ ଆଶ୍ରମ ଲୋକମାନେ ଏକଥା ଜାଣି ଥିଲେ । ମୋ ଚିଠିର ଉତ୍ତର ନ ପାଇବାରୁ ମୁଁ ଭାବିଲି ମୋର ଅନୁରୋଧ ଗ୍ରହଣ କରାଯାଇନାହିଁ ଏବଂ ମୁଁ ପୁଣି ଆଉ ଲେଖିଲି ନାହିଁ । ମୁଁ ଏହି ନୀତି ଗ୍ରହଣ କରିଥିଲି ଯେ ମୋ ଭାଗରେ ଯାହା ଆସିବ ସେ କାମ କରିବି, କାମ ପାଇଁ କାହାକୁ କହିବି ନାହିଁ ଏବଂ କରୁଥିବା କାମ ଯେତେ କଷ୍ଟ ହେଲେ ମଧ କାମ ଛାଡି ପଳାଇବି ନାହିଁ, କୌଣସି କାମରୁ ପ୍ରାକୃତିକ ଭାବେ ଛୁଟି ପାଇଲେ ସେ କାମରେ ଲାଖି ରହିବି ନାହିଁ । ସ୍ଥୂଳତଃ ମୁଁ ଭଗବାନଙ୍କ ଇଚ୍ଛାନୁସାରେ ରହିବି । ମୋର ଏହି ନୀତିର ଫଳସ୍ୱରୂପ ମୋର ଜୀବନରେ ହତାଶ ହେବାର ଦୁର୍ଯୋଗ ଆସିନାହିଁ ।

Digitized by srujanika@gmail.com

ମୁଁ ଗୁଜରାଟ ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ହେବାର ଦୁଇ ତିନିମାସ ପରେ ଅହମଦାବାଦ ନଗରର ଅନେକ ଯୁବକ ଗୋଟିଏ ଯୁବ ଅନୁଷ୍ଠାନ ଆରମ୍ଭ କରିବାକୁ ଭାବିଲେ । ଅଲ୍ ଇଣ୍ଡିଆ ୟୁଥ୍ କଂଗ୍ରେସ ସେତେବେଳେ ଥିଲା କିନ୍ତୁ ଗୁଜରାଟରେ ତା'ର ଶାଖା ନ ଥିଲା । ପାଞ୍ଚ ଛଅ ଜଣ ଯୁବକ ମୋତେ ସାକ୍ଷାତ କରି ପ୍ରସ୍ତାବିତ ଯୁବ ଅନୁଷ୍ଠାନର ସଭାପତି ହେବାକୁ ଅନୁରୋଧ କଲେ । ମୁଁ ପରେ ଜାଣିଲି ଯେ ଏଇ ଯୁବକମାନେ ଜାଣିଥିଲେ ସର୍ଦ୍ଦାର ଏପରି ଏକ ଅନୁଷ୍ଠାନ ପସନ୍ଦ କରିବେ ନାହିଁ । ତେଣୁ ତାଙ୍କ ପାଖକୁ ଯିବା ସେମାନେ ଇଚ୍ଛା କରି ନଥିଲେ କାରଣ ଥରେ ସେ ନାପସନ୍ଦ କଲେ ଏ ଅନୁଷ୍ଠାନ ଆରମ୍ଭ କରିବା ସମ୍ଭବ ହେବନାହିଁ । ନୂଆ ଅନୁଷ୍ଠାନ କେତେ ଦୂର ସଫଳ ହେବ ଓ ଏ ଯୁବକମାନଙ୍କର କ'ଣ କରିବାକୁ ଇଚ୍ଛା ମୁଁ ଜାଣି ନଥିଲି । ମୋର ବିଶ୍ୱାସ ଥିଲା ଯେ ଏଇ ଯୁବକମାନେ ବାହାରେ ନୀରବରେ କାମ କରିବା ଓ ସଭାସମିତି, ସେମିନାର ଓ ପ୍ରଚାର ପ୍ରଭୃତି କାମ କରିବାରେ ମନ ଲଗାଇବେ । ମୁଁ ତାଙ୍କୁ ହତୋତ୍ସାହ କରିବାକୁ ଇଚ୍ଛା ନ କରି ସଭାପତିତ୍ୱ ଗ୍ରହଣ କଲି । କିଛିଦିନ ପରେ ପ୍ରଥମ ମିଟିଙ୍ଗ୍‌ରେ ସ୍ଥିର କରାଗଲା ଯେ ଗୁଜରାଟରେ ଯୁବ ସମ୍ମିଳନୀ ଆୟୋଜନ କରାଯିବ ତେଣୁ ରିସେପ୍‌ସନ୍ କମିଟି ଗଢ଼ାଗଲା । ମୋତେ ସେଇ କମିଟିର ପ୍ରେସିଡେଣ୍ଟ୍ ମନୋନୀତ କଲେ । ମୋ ଯୁବ ବଂଧୁମାନେ ସୁବାଷ ବୋଷଙ୍କୁ ନିମନ୍ତ୍ରଣ କରିବାକୁ ଇଚ୍ଛା ପ୍ରକାଶ କଲେ କିନ୍ତୁ ସୁବାଷ ବୋଷ ଗାନ୍ଧିଜୀଙ୍କ କର୍ମପନ୍ଥା ଓ ଧାରା ସହ ଏକମତ ନ ହୋଇଥିବାରୁ ମୁଁ ଜବାହରଲାଲଜୀଙ୍କ ନାମ ପ୍ରସ୍ତାବ କଲି । ମୋ ପ୍ରସ୍ତାବ ଗୃହିତ ହେଲା । ପୁଣି ସ୍ଥିର ହେଲା ଜବାହରଲାଲଜୀ ଆସି ନ ପାରିଲେ ସୁବାଷ ବୋଷଙ୍କୁ ନିମନ୍ତ୍ରଣ କରାଯିବ ।

ମୁଁ ଅନୁଭବ କଲି ସର୍ଦ୍ଦାର ସାହେବ ଜବାହରଲାଲଜୀଙ୍କ ପାଖକୁ ନ ଲେଖିଲେ ସେ ନିମନ୍ତ୍ରଣ ଗ୍ରହଣ କରିବେ ନାହିଁ । ତେଣୁ ମୁଁ ତାଙ୍କୁ ଲେଖିବାକୁ ଅନୁରୋଧ କଲି । ସେତେବେଳେ ଯାଇ ମୁଁ ଜାଣିଲି ଯେ ତାଙ୍କ ବିନା ପରାମର୍ଶରେ ଅନୁଷ୍ଠାନ ଆରମ୍ଭ ହୋଇଥିବାରୁ ତାଙ୍କୁ ଭଲ ଲାଗୁନଥିଲା । ସେ ଜବାହରଲାଲଜୀଙ୍କୁ ଲେଖିବାକୁ ମନା କରି କହିଲେ ଯେହେତୁ ମୁଁ ସବୁକାମ ଆରମ୍ଭ କରିଛି ମୋତେ ଲେଖିବାକୁ ହେବ । ମୁଁ ତାଙ୍କୁ କହିଲି ସେ ନ ଲେଖିଲେ ଜବାହରଲାଲଜୀ ନିମନ୍ତ୍ରଣ ଗ୍ରହଣ କରିବେ ନାହିଁ ତେଣୁ ତାଙ୍କ ଜାଗାରେ ସୁବାଷ ବାବୁଙ୍କୁ ସଭାପତିତ୍ୱ ପାଇଁ ନିମନ୍ତ୍ରଣ କରିବାକୁ ହେବ । ସର୍ଦ୍ଦାର ସାହେବ ଟିକିଏ ବିରକ୍ତ ହୋଇ କହିଲେ ମୋର ଯାହା ଇଚ୍ଛା ତାହା କରିବାକୁ ଏବଂ ସେ କିଛି କରିପାରିବେ ନାହିଁ । ଫଳ ହେଲା ଯେ ଆମେ ଜବାହରଲାଲଜୀ ଲେଖିଲୁ ଓ ସେ ମନାକଲେ । ସୁବାଷ ବାବୁଙ୍କୁ ଲେଖିଲୁ ସେ ସାଦରେ ଗ୍ରହଣ କଲେ । ସୁବାଷ ବାବୁ ଦେଇଥିବା ତାରିଖ ଆମକୁ ସୁବିଧା ନ ହେବାରୁ ଆମେ ପୁଣି ତାଙ୍କ ପାଖକୁ ଲେଖିଲୁ । ସେ କହିଲେ ଆମେ ଯେ କୌଣସି ତାରିଖ ଠିକ୍ କଲେ ସେ ଆସିବେ । ସର୍ଦ୍ଦାର ଯେତେବେଳେ ଏକଥା ଜାଣିଲେ, କହିଲେ ଯାହା ହୋଇଯାଇଛି ଅସୁବିଧା ପରିସ୍ଥିତି ସୃଷ୍ଟି କରିବ ।

କିଛିଦିନ ପରେ ଆମେ ଖବର ପାଇଲୁ ଯେ ୧୯୩୧ ସେପ୍ଟେମ୍ବର ମାସରେ ବ୍ରିଟିଶ ସରକାରଙ୍କ ଦ୍ୱାରା ଆହୁତ ରାଉଣ୍ଡ ଟେବୁଲ୍ କନଫରେନ୍ସ ବିଫଳ ହୋଇଛି ଏବଂ ବାପୁ ଲଣ୍ଡନରୁ ଖାଲି ହାତରେ ଭାରତ ଫେରୁଛନ୍ତି । ଆମେମାନେ ଭାବିଲୁ ଯେ ତା' ଅର୍ଥ ଆମମାନଙ୍କୁ ପୁଣି ଜେଲ ଯିବାକୁ ହେବ । ସର୍ଦ୍ଦାର ସାହେବ ମୋତେ କହିଲେ ଯୁବ ଅନୁଷ୍ଠାନ କନଫରେନ୍ସ ସମ୍ଭବ ନୁହେଁ ତେଣୁ ତାକୁ ବନ୍ଦ କରିବାକୁ ହେବ । ସେ ଭାବିଲେ ସୁବାଷ ବୋଷଙ୍କ ପ୍ରସ୍ତାବିତ ଗୁଜରାଟ ଗସ୍ତ ବନ୍ଦ କରିବାର ଏହା ସବୁଠୁ ଭଲ ବାଟ । ଏ କଥା ପରିଷ୍କାର ଭାବେ ମୋତେ କହିଲେ ।

ମୁଁ ମଧ୍ୟ ନିଶ୍ଚୟ ରୂପେ ଭାବିଥିଲି ଯେ ବାପୁ ଲଣ୍ଡନରୁ ଫେରିବା ପରେ ଆମେ ସମସ୍ତେ ଜେଲ ଯିବୁ ତେଣୁ ସର୍ଦ୍ଦାରଙ୍କ ପ୍ରସ୍ତାବ ସହିତ ଏକମତ ହେଲୁ । କିଛି ଦିନ ପରେ ରିସେପ୍‌ସନ୍ କମିଟି ମିଟିଙ୍ଗ୍ ଡାକି ଆମେ ଏହା କରିବୁ ବୋଲି ମୁଁ ସର୍ଦ୍ଦାରଙ୍କୁ କହିଲି । କନ୍‌ଫରେନ୍ସ ଏଇପରି ଭାବେ ବନ୍ଦ ହେଲା ।

Digitized by srujanika@gmail.com

ମୁଁ କନଫରେନ୍ସ ବନ୍ଦ ବିଷୟରେ ସିଦ୍ଧାନ୍ତ ନେବା ପାଇଁ କମିଟି ଅଧିବେଶନ ଡାକିବା ପୂର୍ବରୁ ଦୈବାତ ମୋର ସର୍ଦ୍ଦାରଙ୍କ ସହିତ ଶ୍ରୀ ଅମ୍ବାଲାଲ ସରାଭାଇଙ୍କ ଘରେ ଦେଖା ହୋଇଗଲା । ଶ୍ରୀମତୀ ସରଳାବେନ୍ ଅମ୍ବାଲାଲ ଘୋଡ଼ାରୁ ପଡିଯାଇ ଅସୁସ୍ଥ ଥିଲେ । ଆମେ ଦୁହେଁ ତାଙ୍କ ସ୍ୱାସ୍ଥ୍ୟ ବିଷୟ ପଚାରିବାକୁ ଯାଇଥିଲୁ । ଆମେ ଶ୍ରୀ ଅମ୍ବାଲାଲଙ୍କ ପିଲାମାନଙ୍କ ସହିତ ଡ୍ରଇଁ ରୁମରେ ବସିଥିଲୁ, ହଠାତ୍ ସର୍ଦ୍ଦାର ପଚାରିଲେ ମୁଁ କନ୍‌ଫରେନ୍ସ ବନ୍ଦ କରିବା ପାଇଁ କ'ଣ କଲି । ମୁଁ ତାଙ୍କୁ କହିଲି ରିସେପ୍‌ସନ୍ କମିଟିର ଅଧିବେଶନ କିଛି ଦିନରେ ବସିବ ଓ ସେଥିରେ ଆମ୍ଭେମାନେ ଏ ବିଷୟରେ ନିଷ୍ପତ୍ତି ଗ୍ରହଣ କରିବୁ । ସର୍ଦ୍ଦାର ବହୁତ ଅଧୈର୍ଯ୍ୟ ହୋଇ କହିଲେ ଏହା ବନ୍ଦ ନ ହେଲେ ଓ ସୁବାଷ ବାବୁ ଆସି କନ୍‌ଫରେନ୍ସରେ ସଭାପତିତ୍ୱ କଲେ ବଡ଼ ଅସୁବିଧା ପରିସ୍ଥିତି ସୃଷ୍ଟି ହେବ । ମୁଁ ତାଙ୍କୁ କହିଲି ସେପରି ଭୟ ମୋର ନାହିଁ । ଆଉ ସୁବାଷ ବାବୁ ଅସୁବିଧାଜନକ ଭାଷଣ ଦେଲେ ମୁଁ ତାଙ୍କୁ ଉପଯୁକ୍ତ ଜବାବ ଦେବି । ତା'ପରେ ସର୍ଦ୍ଦାର ମୋତେ କହିଲେ ତାହା ଭଲ ରାଜନୀତି ହେବନାହିଁ କି ଭଲ ଶିଷ୍ଟାଚାର ହେବ ନାହିଁ । ମୁଁ ବିଶେଷ ସମ୍ବେଦନଶୀଳ ଥିବାରୁ ମୋତେ ଆଘାତ ଲାଗିଲା । ମୁଁ ତାଙ୍କୁ କହିଲି ରାଜନୀତି କିପରି କରିବାକୁ ହୁଏ ମୁଁ ଜାଣିଛି ଏବଂ ସେହିପରି ସାଧନା କରିବି ଏବଂ ମୋର ଶୈଳୀ ମୁଁ ବଦଳାଇବି ନାହିଁ କାରଣ ମୁଁ ଜାଣେ ମୋର ରାସ୍ତା ଠିକ୍ ଅଛି ।

ମୂଳ କଥା ବଦଳାଇ ସର୍ଦ୍ଦାର ମୋତେ କହିଲେ ପ୍ରଦେଶ କଂଗ୍ରେସ କମିଟିର ସେକ୍ରେଟେରୀ ଥାଇ ଯୁବ ଅନୁଷ୍ଠାନର ସଭାପତି ହେବା ମୋ ପକ୍ଷରେ ଠିକ୍ ହୋଇନାହିଁ । ମୁଁ ଆଶ୍ଚର୍ଯ୍ୟ ହୋଇ କହିଲି ଯେତେବେଳେ ଜବାହରଲାଲଜୀ ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସମ୍ପାଦକଙ୍କ ମଧ୍ୟରେ ଜଣେ ଥାଇ ଅଲ ଇଣ୍ଡିଆ ଯୁଥ ଲିଗର ସଭାପତି ଅଛନ୍ତି ସେତେବେଳ ଆପଣଙ୍କ କଥା ମୁଁ ଠିକ୍ ବୁଝି ପାରୁନାହିଁ । ଏହା ଏକ ଉତ୍ତମ ଉଦାହରଣ । ଆପଣ ଯଦି ମୋର ଦୁଇଟି ପଦବୀରେ ରହିବା ପସନ୍ଦ ନ କରନ୍ତି ତେବେ ମୁଁ ଗୁଜରାଟ କଂଗ୍ରେସ କମିଟିର ସମ୍ପାଦକ ପଦରୁ ଇସ୍ତଫା ଦେବାକୁ ପ୍ରସ୍ତୁତ ଅଛି । ମୋ କଥା ନିଶ୍ଚୟ ତାଙ୍କୁ ଭଲ ଲାଗି ନଥିବ ତେଣୁ ସେ ସେତେବେଳେ ଆଉ କିଛି ନ କହି ଚାଲିଗଲେ । ଶ୍ରୀ ଅମ୍ବାଲାଲଙ୍କ ପିଲାମାନେ ଚିନ୍ତିତ ହେଲେ କାରଣ ସର୍ଦ୍ଦାର ରାଗିକରି ଚାଲିଗଲେ । ପରିଣାମ ଭଲ ହେବ ନାହିଁ । ମୁଁ ସେମାନଙ୍କୁ ଆଶ୍ୱସନା ଦେଲି ଯେ କିଛି ଅପ୍ରୀତିକର ଘଟଣା ଘଟିବ ନାହିଁ । କିଛି ଅପ୍ରୀତିକର ଘଟଣା ଘଟିଲା ନାହିଁ । ସର୍ଦ୍ଦାର ରାଗିଥିଲେ କିନ୍ତୁ ସେ କାହାକୁ ଏକଥା କହିଲେ ନାହିଁ, କାରଣ ସର୍ଦ୍ଦାରଙ୍କ ଏହା ଏକ ଚାରିତ୍ରିକ ବୈଶିଷ୍ଟ୍ୟ ଯାହାକି ତାଙ୍କ ନେତୃତ୍ୱରେ ଅଦ୍ୱିତୀୟ ଚମତ୍କାର ଗୁଣଥିଲା । ତାହା ହେଲା ଯେ ସେ ଜଣେ ନିଷ୍ଠାପର ସହକର୍ମୀଙ୍କ ସହିତ ଏକମତ ନ ହେଲେ ମଧ୍ୟ ତାଙ୍କ ବିରୁଦ୍ଧରେ କିଛି କରୁନଥିଲେ ।

ଦେଶର ବିଭିନ୍ନ ଭାଗରୁ ଅନେକ ଅଭିଯୋଗ ଆସୁଥିଲା ଯେ ୧୯୩୧ -- ଗାନ୍ଧି-ଇର୍‌ଉଇନ୍ ପ୍ୟାକ୍ଟର କେତେକ ସର୍ତ୍ତ କାର୍ଯ୍ୟକାରୀ ହେଉନାହିଁ । ୧୯୩୧ ଜୁଲାଇ ବା ଅଗଷ୍ଟ ମାସରେ ଗାନ୍ଧିଜୀ, ଜବାହରଲାଲଜୀ, ସର୍ଦ୍ଦାର ସାହେବ ଓ ଅନ୍ୟାନ୍ୟ ନେତାମାନଙ୍କର ଭାଇସ୍‌ରୟଙ୍କ ସହିତ ଏଇ ବିଷୟ ଆଲୋଚନା କରିବାପାଇଁ ଏକ ଅଧିବେଶନ ଆୟୋଜନ କରାଗଲା । ଜବାହରଲାଲଜୀ, ସର୍ଦ୍ଦାର ଏବଂ ଅନ୍ୟମାନେ ଅଧିବେଶନ ପାଇଁ ସିମ୍‌ଲା ଅଭିମୁଖେ ଫ୍ରଣ୍ଟିୟରମେଲ ଯୋଗେ ବମ୍ବେ ଛାଡିଲେ । କାଞ୍ଜିଭାଇ, ମୁଁ ଏବଂ ଅନ୍ୟମାନେ ତାଙ୍କୁ ସୁରତ ଷ୍ଟେସନରେ ଭେଟିବାକୁ ଯାଇଥିଲୁ । ଜବାହରଲାଲଜୀ ଷ୍ଟେସନ ରେଷ୍ଟୁରାଣ୍ଟରୁ ଚା ଆଣିବାକୁ ଜଣେ ୱେଟର୍‌ଙ୍କୁ କହିଲେ ଓ ସେ ତାଙ୍କ ଡବାକୁ ଗୋଟିଏ ଟ୍ରେ ଧରିଆସିଲେ । ଟ୍ରେରେ ଗୋଟିଏ କପ୍ ନ ଆଣି ଦୁଇଟି କପ୍ ଆଣିଥିବାରୁ ଜବାହରଲାଲଜୀ ୱେଟର ଉପରେ ବିରକ୍ତ ହେଲେ । ହୋଇପାରେ ଯେ କଥାବାର୍ତ୍ତା ବେଳେ ସେ ବିରକ୍ତ ହୋଇଥିଲେ । କିନ୍ତୁ ଗୋଟିଏ କପ୍ ନ ଆଣି ଦୁଇଟି କପ୍ ଆଣିଥିବାରୁ ୱେଟର୍ ଉପରେ ରାଗିଗଲେ ଓ ପ୍ଲାଟଫର୍ମ୍‌ରେ ଟ୍ରେ ରଖି ତାଙ୍କୁ ଗୋଡରେ ଫୋପାଡି ଦେଲେ । ଆମ୍ଭେମାନେ ଆଶ୍ଚର୍ଯ୍ୟ

Digitized by srujanika@gmail.com

ହୋଇଗଲୁ । ଭାଗ୍ୟବଶତଃ ଏହା ପରେ ପରେ ଟ୍ରେନ୍‌ଟି ଷ୍ଟେସନ ଛାଡ଼ିଦେଲା । ଆମେ ଖୁସି ହେଲୁ ଯେ ଟ୍ରେ ଉପରେ ରାଗ ପ୍ରଦର୍ଶନ ହୋଇଥିଲା, ୱେଟର୍ ଉପରେ ନୁହେଁ । ସିମ୍‌ଲାରେ ସର୍ଦ୍ଦାର ଅଭିଯୋଗ କଲେ ଯେ ସୁରତ ଜିଲାର ରେଭିନ୍ୟୁ ଅଫିସରମାନେ, ଖଜଣା ଛାଡ଼ ଆନ୍ଦୋଳନ ବେଳେ ଖଜଣା ନ ଦେଇଥିବା ବର୍ଦ୍ଦୋଲି ଚାଷୀମାନଙ୍କଠାରୁ ଜବରଦସ୍ତ ଖଜଣା ଆଦାୟ କରୁଛନ୍ତି । ଏହା ସନ୍ଧି-ସର୍ତ୍ତାବଳୀର ବିରୁଦ୍ଧ । ଏ ଅଭିଯୋଗ ଫଳରେ ଜଣେ ଜିଲା ଜଜ୍‌ଙ୍କୁ ଅଭିଯୋଗ ତଦନ୍ତ ନିମନ୍ତେ ନିଯୁକ୍ତ କରାଗଲା । ସର୍ଦ୍ଦାର ପ୍ରସ୍ତାବ ଦେଲେ ଯେ ମୁଁ ଏ କେଶ୍‌ରେ ତଦନ୍ତ ବେଳେ ସାକ୍ଷୀ ଯୋଗାଡ଼ କରିବି । ଏ କାମରେ ଅସତ୍ୟତା ଜଡ଼ିତ ହୋଇପାରେ ବୋଲି ମୁଁ ଏ କାମ କରିବାକୁ ନିଜର ଅକ୍ଷମତା ପ୍ରକାଶ କରିଲି । ସର୍ଦ୍ଦାର ସାହେବ ଟିକିଏ ଅସନ୍ତୁଷ୍ଟ ହେଲେ କିନ୍ତୁ ଆଉ କିଛି କହିଲେ ନାହିଁ । ପରେ ଏ କାମ ସେ ମୋର ସହକର୍ମୀ ଶ୍ରୀ ଭୋଗିଲାଲ ଲାଲାଙ୍କୁ ଯେ କି ଜଣେ ଓକିଲ ମଧ ଥିଲେ, ସମର୍ପି ଥିଲେ । ତଦନ୍ତରେ ସାହାଯ୍ୟ କରିବା ପାଇଁ ଶ୍ରୀ ଭୁଲାଭାଇ ଦେସାଇ ବମ୍ବେରୁ ଆସିଥିଲେ ।

ଏଇ ସମ୍ପର୍କରେ, ଥରେ ସର୍ଦ୍ଦାର ସାହେବ ବମ୍ବେରୁ ବର୍ଦ୍ଦୋଲି ଟ୍ରେନରେ ଯାଉଥିବାବେଳେ ମୁଁ ତାଙ୍କୁ ସୁରତ ଷ୍ଟେସନରେ ଦେଖା କରିବାକୁ ଯାଇଥିଲି । ସର୍ଦ୍ଦାର ତାଙ୍କ ସାଙ୍ଗରେ ବର୍ଦ୍ଦୋଲି ଯିବାକୁ ମୋତେ ଡାକିଲେ । ମୁଁ କହିଲି ସୁରତରେ ପରଦିନ ସକାଳେ ଗୁରୁତ୍ୱପୂର୍ଣ୍ଣ କାମ ଥିବାରୁ ତାଙ୍କ ସାଙ୍ଗରେ ଯିବା ମୋ ପକ୍ଷରେ କଷ୍ଟକର ହେବ, ଗଲେ ବି ବେଶି ସମୟ ରହି ହେବନାହିଁ । ସେଇଦିନ ସଂଧ୍ୟାରେ ସୁରତ ଫେରିଆସିବା ଅନୁମତି ଦେଇ, ସେ ତାଙ୍କ ସାଙ୍ଗରେ ବର୍ଦ୍ଦୋଲି ଯିବାକୁ ବାଧ କଲେ । ମୁଁ ତାଙ୍କ ସାଙ୍ଗରେ ଗଲି । ବର୍ଦ୍ଦୋଲିରୁ ସୁରତ ଟ୍ରେନ ଛାଡ଼ିବା ସମୟ ହେବାରୁ ମୁଁ ବିଦାୟ ପାଇଁ ଅନୁମତି ମାଗିବା ବେଳେ ଶ୍ରୀ ଭୁଲାଭାଇ ଦେଶାଇ ମୋତେ ସେ ଦିନକ ସେଠାରେ ରହିବାକୁ ଅନୁରୋଧ କଲେ । ଏତିକିବେଳେ ସର୍ବଦା କୌତୁକ ପ୍ରିୟ ସର୍ଦ୍ଦାର ସାହେବ ମୋତେ ସେଦିନ ବର୍ଦ୍ଦୋଲିରେ ରଖିନେବାପାଇଁ ଶ୍ରୀ ଭୁଲାଭାଇଙ୍କୁ ଆହ୍ୱାନ କଲେ । ସର୍ଦ୍ଦାର ସାହେବଙ୍କ ଆହ୍ୱାନ ଶ୍ରୀ ଭୁଲାଭାଇଙ୍କ ସମ୍ମାନରେ ଲାଗିଲା ତେଣୁ ସେ ମୋତେ ଦୃଢ଼ତାର ସହିତ ବାଧ କରି କହିଲେ, ''ଆପଣ ନ ରହିଲେ ଜଣାଯିବ ଯେ ଆପଣ ବର୍ଦ୍ଦୋଲି ତଦନ୍ତରେ ସାହାଯ୍ୟ କରିବାକୁ ଇଚ୍ଛା କରୁନାହାନ୍ତି । ଆପଣଙ୍କ ନାମ ତଦନ୍ତର ଇତିହାସରେ ଲିପିବଦ୍ଧ ହେବ ନାହିଁ ।'' ମୁଁ ଜବାବ ଦେଲି, ''ଇତିହାସରେ ମୋ ନାମ ଲେଖିବାକୁ ମୋର କୌଣସି ସ୍ପୃହାନାହିଁ; ଯେଉଁ ମାନେ ଚାହାନ୍ତି ସବୁ ଗୌରବ ସେମାନେ ନିଅନ୍ତୁ । ମୁଁ ଯଦି ରହିପାରିଥାନ୍ତି ମୁଁ ରହିଥାନ୍ତି । କିନ୍ତୁ ଏହା ମୋ ପକ୍ଷରେ ସମ୍ଭବ ନୁହେଁ ।'' ସର୍ଦ୍ଦାର ସାହେବଙ୍କ ଝିଅ ଓ ସେକ୍ରେଟେରୀ ମୋତେ ପଚାରିଲେ ଯଦି ମୋର ଏତେ ଶୀଘ୍ର ଫେରିଯିବାର ଥିଲା ତେବେ ମୁଁ କାହିଁକି ବର୍ଦ୍ଦୋଲି ଆସିଥିଲି । ମୁଁ କାହିଁକି ଓ କି ସର୍ତ୍ତରେ ଆସିଛି ସେ ବିଷୟ ତାଙ୍କ ବାପାଙ୍କୁ ପଚାରିବାକୁ ମୁଁ କହିଲି । ସର୍ଦ୍ଦାର ସାହେବ ଦେଖିଲେ ଯେ ଉତ୍ତେଜନା ବଢ଼ୁଛି ତେଣୁ ସେ ଅନ୍ୟମାନଙ୍କୁ ମୋତେ ଅଧିକ କିଛି କହିବାକୁ ମନାକଲେ ଓ ମୁଁ ସୁରତ ଫେରିଲି ।

ଆଗରୁ ଉଲ୍ଲେଖ କରିଛି ଯେ ୧୯୩୧ରେ ହୋଇଥିବା ଗୋଲ ଟେବୁଲ୍ କନ୍‌ଫରେନ୍ସକୁ ଗାନ୍ଧିଜୀ କଂଗ୍ରେସର ପ୍ରତିନିଧି ଭାବରେ ଯିବା କଥା ସ୍ଥିର କରିବା ପାଇଁ ଦିଲ୍ଲୀରେ ନିଖିଳ ଭାରତ କଂଗ୍ରେସ କମିଟିର ଏକ ଅଧିବେଶନ ବସିଥିଲା । ଗାନ୍ଧିଜୀ ସେତେବେଳେ ପ୍ରସ୍ତାବିତ କନ୍‌ଫରେନ୍ସର ଉପଯୋଗିତା ସମ୍ବନ୍ଧରେ ନିଜର ଅଭିମତ ଦେବା ବେଳେ ଗୋଟିଏ ବିଷାଦପୂର୍ଣ୍ଣ ଚିତ୍ର ଅଙ୍କନ କରିଥିଲେ । ଆମେ ସମସ୍ତେ ଉତ୍ସାହ ହରାଇ ବସିଲୁ । ବାପୁଙ୍କ ଅବସାଦପୂର୍ଣ୍ଣ ଭାଷାରେ ଆମେ ସମସ୍ତେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଲୁ । ବାପୁଙ୍କ ଭାଷଣ ଏତେ କରୁଣମୟ ଥିଲା ଅନେକ ସଭ୍ୟଙ୍କ ଆଖିରେ ଲୁହ ଆସିଗଲା । ଏଇ ଦୁଃଖ ଓ କାନ୍ଦଣା ମଧ୍ୟରେ ବାପୁ ଏପରି ଗୋଟିଏ କୌତୁହଳ ପୂର୍ଣ୍ଣ ଜୋକ୍ କହିଲେ ଯେ ବାପୁଙ୍କ ସହିତ ସମସ୍ତେ ହସି ହସି ଗଡ଼ିଗଲେ । ବାତାବରଣ ଶାନ୍ତି ଲାଗିଲା । ଏହା ବାପୁଙ୍କର ଗୋଟିଏ ବିଶେଷତା, ସେ ଉଦ୍‌ବେଗଜନକ ବାତାବରଣ ସୃଷ୍ଟି କରି ହଠାତ୍ ହାସ୍ୟଉଦ୍ଦୀପକ କଥାଟିଏ କହି, ସମସ୍ତଙ୍କୁ ହସାଇ, ପରିବେଶକୁ ହାଲୁକା କରିଦେବେ । ନିଜ କଥା ଆଦାୟ

Digitized by srujanika@gmail.com

କରିବା ପାଇଁ ଏ ପ୍ରକାର ବ୍ୟବହାର ତାଙ୍କୁ ବହୁତ ସାହାଯ୍ୟ କରୁଥିଲା । ଏ.ଆଇ. ସି.ସି. ସ୍ଥିରକଲା ଯେ ଗାନ୍ଧିଜୀ ଲଣ୍ଡନ ଯିବେ, ଏବଂ ସେ ଯାଇଥିଲେ ।

ଗୋଲ ଟେବୁଲ୍ କନଫରେନ୍ସରେ ଗାନ୍ଧିଜୀ ଦକ୍ଷତାର ସହ କଂଗ୍ରେସ ଓ ଦେଶର ପ୍ରତିନିଧିତ୍ୱ କରିଥିଲେ । କନଫରେନ୍ସରେ ସମସ୍ତେ ତାଙ୍କୁ ବହୁତ ସମ୍ମାନ ଦେଇଥିଲେ କିନ୍ତୁ କିଛି ଗୁରୁତ୍ୱ ପୂର୍ଣ୍ଣ ପରିଣାମ ହାସଲ ହେଲାନାହିଁ । ବାପୁଙ୍କୁ ଖାଲି ହାତରେ ଫେରି ଆସିବାକୁ ହୋଇଥିଲା । ବମ୍ବେକୁ ଫେରିବା ପରେ ସେ ଦୁଇ ତିନି ଦିନ ଜେଲରେ ରହିଲେ । ସେହି ଦିନ ଆମମାନଙ୍କ ମଧ୍ୟରୁ ଅନେକ ବିଭିନ୍ନ ସ୍ଥାନରେ ଆରେଷ୍ଟ ହୋଇ ଅଟକ ବନ୍ଦିରେ ରହିଲୁ । ମୋତେ ସାବରମତୀ ଜେଲକୁ ନିଆଯାଇଥିଲା । ଛଅ ସପ୍ତାହ ପରେ, ବାରଘଣ୍ଟା ମଧ୍ୟରେ ଅହମଦାବାଦ ଛାଡିବା ପାଇଁ କୁହାଯାଇ ମୋତେ ଛାଡିଦିଆ ଯାଇଥିଲା । ମୁଁ ସେ କଥା ମାନିଲି ନାହିଁ । ପୁଣି ଆରେଷ୍ଟ ହେଲି; ମୋ ନାମରେ ମକଦ୍ଦମା ଚାଲିଲା । ଶେଷରେ ଦୁଇବର୍ଷ ସଶ୍ରମ କାରାଦଣ୍ଡ ଓ ୩୦୦ଟଙ୍କା ଜୋରିମାନା -- ଜୋରିମାନା ନ ଦେଲେ ଆଉ ଛ'ମାସ ଜେଲ ଦଣ୍ଡ ଦିଆଯାଇଥିଲା ।

ଛ'ମାସ ଅଟକବନ୍ଦୀ ବେଳେ ଆମମାନଙ୍କ ମଧ୍ୟରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିଲା ଯାହାକି ଏକ ବିପଦଜନକ ପରିସ୍ଥିତି ସୃଷ୍ଟି କରିଥିଲା । ବହୁ କଷ୍ଟରେ ସେଥିରୁ ମୁକ୍ତି ପାଇଲୁ । ଶ୍ରୀ ଅବ୍ବାସ ତ୍ୟାବ୍‌ଜୀ ଓ ଶ୍ରୀ କନଓ୍ୱରଜୀ ମେହେଟ୍ଟା ଆମ ମାନଙ୍କ ସାଙ୍ଗରେ ସେତେବେଳେ ଜେଲରେ ଥିଲେ । ୧୯୨୧-୨୨ରେ ବର୍ଦୋଲିରେ ଏବଂ ୧୯୨୭-୨୮ ବର୍ଦୋଲି ସତ୍ୟାଗ୍ରହ ଆନ୍ଦୋଳନରେ ଶ୍ରୀ କନଓ୍ୱରଜୀ ଭାଇ ଓ ଶ୍ରୀ କଲ୍ୟାଣଜୀ ଭାଇ-ଦୁଇଭାଇ -- ବିଶେଷ ଭାଗ ନେଇଥିଲେ । ସେମାନେ ବହୁ କୌଶଳ ପ୍ରୟୋଗ କରି ଲୋକମାନଙ୍କ ସହଯୋଗ ହାସଲ କରିଥିଲେ । ସେଥିରୁ ଗୋଟିଏ ହେଲା ଆଦିବାସୀମାନେ ବିଶ୍ୱାସ କରୁଥିବା ଦେବୀଙ୍କ ନାମରେ ସେମାନେ ଆଦିବାସୀଙ୍କର ସହଯୋଗ ପାଇଥିଲେ । ଶ୍ରୀ ଅବ୍ବାସ ତ୍ୟାବ୍‌ଜୀଙ୍କ ଉପସ୍ଥିତିରେ କନଓ୍ୱାରଜୀ ଭାଇ ଏ ଘଟଣା ଏପରି ନାଟକୀୟ ଢ଼ଙ୍ଗରେ ବର୍ଣ୍ଣନା କରୁଥିଲେ, ଜଣା ଯାଉଥିଲା ଯେ ସେମାନେ ଆଦିବାସୀମାନଙ୍କୁ ସେମାନଙ୍କର ଦେବୀଙ୍କ ନାଁରେ ଠକିଛନ୍ତି । ଶ୍ରୀ ଅବ୍ବାସ ତ୍ୟାବ୍‌ଜୀ ବହୁତ ରାଗି ଗଲେ ଏବଂ ସାଙ୍ଗେ ସାଙ୍ଗେ କହିଲେ "ମୁଁ ଅନୁଭବ କରୁଛି ଆପଣମାନେ ମୋତେ ମିଛ କହି ଠକିଛନ୍ତି । ମୁଁ ଏହା ସରକାରଙ୍କୁ କହି ମୋତେ ଜେଲରୁ ଖଲାସ କରିବାକୁ ଅନୁରୋଧ କରିବି ।" ଏ ଘଟଣା ଆମମାନଙ୍କ ପାଇଁ ଭୟଙ୍କର ଅବସ୍ଥା ସୃଷ୍ଟି କଲା । ଆମେ ଅବ୍ବାସ ସାହେବଙ୍କୁ ବହୁତ ଯଥାସମ୍ଭବ ବୁଝେଇ କହିଲୁ କନଓ୍ୱାର ଭାଇଙ୍କର କଥାକୁ ଅତିରଞ୍ଜିତ କରି କୌତୁକପୂର୍ଣ୍ଣ ନାଟକୀୟ ଢ଼ଙ୍ଗରେ କହିବାର ଅଭ୍ୟାସ ଅଛି । ପରିଶେଷରେ କନଓ୍ୱାରଜୀ କ୍ଷମା ମାଗିବାରୁ ଅବ୍ବାସ ସାହେବଙ୍କ ମନ ବୁଝିଲା ଏବଂ ଆମେ ସଙ୍କଟରୁ ମୁକ୍ତି ପାଇଲୁ ।

Digitized by srujanika@gmail.com

(୧୧) ଦ୍ୱିତୀୟ ଓ ତୃତୀୟଥର ଜେଲ୍ ଯାତ୍ରା

୧୯୩୨ରେ ଦୁଇବର୍ଷ ଜେଲ ଦଣ୍ଡାଦେଶ ପରେ ପ୍ରଥମେ କିଛିଦିନ ମୋତେ ସାବରମତୀ ଜେଲରେ ରଖାଯାଇ ପରେ ନାସିକ ଜେଲକୁ ସ୍ଥାନାନ୍ତର କରାଗଲା । ନାସିକ ଜେଲରେ ମୁଁ ଅନେକ ବନ୍ଧୁ ଓ ସହକର୍ମୀଙ୍କୁ ଭେଟିଲି । ସେମାନଙ୍କ ମଧ୍ୟରେ ଥିଲେ ଶ୍ରୀ କାଞ୍ଜିଭାଇ ଦେସାଇ, ଡକ୍ଟର ଚନ୍ଦୁଲାଲ ଦେସାଇ, ଦରବାର ସାହେବ ଗୋପାଳଦାସ ଦେସାଇ, କାକା (ଏନ୍.ଭି.) ଗାଡଗିଲ୍ ଏବଂ ବାଲାସାହେବ ଖେର୍, ଭୁଲାଭାଇ ଦେସାଇ, ଜୟ ପ୍ରକାଶ ନାରାୟଣ, ମିନୁ ମାସାନୀ, କୁମାରପ୍ପା ଭାଇମାନେ, ମଙ୍ଗଳଦାସ ପକ୍ୱାସା, ମୂଲରାଜ କର୍ଷନଦାସ, ସୂରଜୀ ବଲ୍ଲଭଦାସ, ଅମୃତଲାଲ ସେଠ୍, ନାରାୟଣ ସ୍ୱାମୀ, ଅଶୋକ ମେହେଟ୍ଟା, ଯୋକିମ୍ ଆଲ୍‌ଭା, କେକୀ ଭାରୁଚା ଏବଂ ଅନ୍ୟ କେତେଜଣ ଆମ ସାଙ୍ଗରେ ପରେ ଯୋଗ ଦେଲେ । ଆମେ ପଇଁତିରିଶ ଜଣ ଗୋଟିଏ ବାରାକ୍‌ରେ ଥିଲୁ ।

ତିନି ଚାରିଦିନ ଆଗରୁ ଏଇ ଅଗଣାରେ ଆମ ସହକର୍ମୀଙ୍କ ମଧ୍ୟରେ ଲାଗିଥିବା ଝଗଡା ଖବର ଶୁଣିଲି । ଝଗଡ଼ାର କାରଣ ହେଲା ଜେଲ ଆଇନ ଅନୁସାରେ ବାହାରୁ ଖବର କାଗଜ ଆଣିବା ନିଷେଧ ଥିଲା । କିନ୍ତୁ କେତେକ ସତ୍ୟାଗ୍ରହୀ ଖବର କାଗଜ ଚୋରାରେ ଆଣୁଥିଲେ । କୁମାରପ୍ପା ଭାଇମାନେ କଠୋର ଆପତ୍ତି ଉଠାଇ କହୁଥିଲେ ଯେ ସତ୍ୟାଗ୍ରାହୀ ହିସାବରେ ଆମ୍ଭମାନଙ୍କର ଜେଲ ନିୟମ ଭାଙ୍ଗିବା ଉଚିତ ନୁହେଁ । ଆଉ କେତେଜଣ ଏହିପରି ଜେଲ ନିୟମ ନ ମାନି ନିଜକୁ ଭଲ ଲାଗୁଥିବା ସମ୍ବାଦପତ୍ର ଆଣି ପଢୁଥିଲେ । ଜ୍ୟେଷ୍ଠ କୁମାରପ୍ପା ଧମକାଇଲେ ଯେ ଚୋରାରେ ସମ୍ବାଦପତ୍ର ଆଣିବା ବନ୍ଦ ନ ହେଲେ ସେ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଜଣାଇଦେବେ । ଅନ୍ୟମାନେ ଏପରି ଚିନ୍ତାଧାରାକୁ ବିରୋଧ କରୁଥିଲେ । ମୁଁ ମଧ୍ୟ ଚୋରାରେ ଆଇନ ବିରୁଦ୍ଧ କାଗଜ ଆଣିବା ଓ ପଢ଼ିବା ପସନ୍ଦ କରୁନଥିଲି । ସେଭଳି କାଗଜ ଆସିଲେ ସୁଦ୍ଧା ମୁଁ ପଢୁ ନଥିଲି ଓ ଚୋରାରେ ଅଣାଯାଉଥିବା ଖାଦ୍ୟ ଖାଉନଥିଲି । କୁମାରପ୍ପାମାନେ ଯେପରି କଳି କରୁଥିଲେ ମୁଁ ସେପରି କଳି କରିବାକୁ ଇଚ୍ଛାକରୁନଥିଲି ।

ଝଗଡ଼ା ଯେତେବେଳେ ଉଦ୍‌ବେଗଜନକ ଓ ଉତ୍ତେଜନାପୂର୍ଣ୍ଣ ହେଲା ଫଳ ବିପଦ ଜନକ ଓ କ୍ଷତିକାରକ ହେବ ବୋଲି ଆଶଙ୍କା କରାଗଲା । ତେଣୁ ମୁଁ କୁମାରପ୍ପା ଭାଇମାନଙ୍କ ସହିତ ଆଲୋଚନା କଲି । ପ୍ରବର୍ତ୍ତାଇବାକୁ ଚେଷ୍ଟା କରି କହିଲି ଯେ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଏ ଖବର ଦେବା ଉଚିତ ହେବନାହିଁ । ମୁଁ କହିଲି "ଜେଲ ନିୟମ କିଏ ଭାଙ୍ଗୁଛି ତା'ର ସନ୍ଧାନ କରି କର୍ତ୍ତୃପକ୍ଷଙ୍କୁ ଜଣାଇବା ଆମ କର୍ତ୍ତବ୍ୟ ନୁହେଁ । ଅବଶ୍ୟ ଆମ ସହକର୍ମୀମାନେ ଏ କାମ କରିବା ଉଚିତ ନୁହେଁ, କର୍ତ୍ତୃପକ୍ଷଙ୍କୁ ଏ ବିଷୟ ଜଣାଇବା ମଧ୍ୟ ଆମ ପକ୍ଷରେ ଠିକ୍ ହେବ ନାହିଁ । ସତ୍ୟାଗ୍ରାହୀଙ୍କ ପକ୍ଷରେ ଏହା ଉଚିତ୍ ହେବନାହିଁ ।" ସେମାନେ ମୋତେ ପଚାରିଲେ ତାହା ହେଲେ ସୁପରିଣ୍ଟେଣ୍ଡେଣ୍ଟ୍ ପଚାରିଲେ ସେମାନେ କିପରି ମିଛ କହିବେ । ମୁଁ ଜବାବ ଦେଲି, "ଅସତ୍ୟ କହିବା ଦରକାର ନାହିଁ । ସୁପରିଣ୍ଟେଣ୍ଡେଣ୍ଟ୍ ପଚାରିଲେ ଆପଣମାନେ କହିବେ କୌଣସି ଖବର ଦେବାକୁ ଆମେ ବାଧ ନୋହୁଁ । ଏଣୁ ଆମେ ଆମ ସାଙ୍ଗମାନଙ୍କୁ ଅପ୍ରୀତିକର ପରିସ୍ଥିତିରେ ପକାଇବା ନାହିଁ କି ମିଛ ବି କହିବା ନାହିଁ । ଆମେମାନେ ସମସ୍ତେ ସହବନ୍ଦୀ ହିସାବରେ ଏଠାରେ ରହୁଛେ, ତେଣୁ ଆମ ଭିତରେ ଭଲ ସମ୍ପର୍କ ରଖିବା ଆବଶ୍ୟକ । ନିଷେଧ ସମ୍ବାଦପତ୍ର ଆମେ ପଢ଼ିବା ନାହିଁ, ଏହାହିଁ ଯଥେଷ୍ଟ । ଯଦି ଆମମାନଙ୍କ ମଧ୍ୟରେ କାହାରି କୌଣସି ଦୁର୍ବଳତା ଥାଏ ତାକୁ ଆହୁରି ଦୁର୍ବଳ କରିବା ଆମର ଠିକ୍ ହେବ ନାହିଁ, କି ଆମେ ଭୁଲ କାମକୁ ସମର୍ଥନ କରିବା ନାହିଁ, କି ସରକାରଙ୍କର ଗୁପ୍ତଚର ଭାବେ କାମ କରିବା ନାହିଁ ।" କୁମାରପ୍ପା ଭାଇଙ୍କ ସହିତ ମୋର ବେଶ୍ ସଦ୍‌ଭାବ ଥିଲା, ତେଣୁ ସେମାନଙ୍କୁ କର୍ତ୍ତୃପକ୍ଷଙ୍କୁ ଖବର ଦେବାରୁ ପ୍ରବର୍ତ୍ତାଇ ପାରିଲି ।

Digitized by srujanika@gmail.com

ମୁଁ ନାସିକ ଜେଲରେ ପାଞ୍ଚ, ଛ'ମାସ ରହିବା ପରେ ଥରେ 'ସି' ଶ୍ରେଣୀ ସତ୍ୟାଗ୍ରହୀ ବନ୍ଦୀ ଓ ଚିଫ୍ ଜେଲରଙ୍କ ମଧ୍ୟରେ ତୀବ୍ର ସଂଘର୍ଷ ଲାଗିଥିଲା । ଚିଫ୍ ଜେଲର୍ କେତେକ ସତ୍ୟାଗ୍ରହୀ ବନ୍ଦୀଙ୍କ ଉପରେ ଆକ୍ରମଣ କରିଥିଲେ ଓ କେତେଜଣଙ୍କୁ କଠୋର ଭାବେ ମାରିଥିଲେ । ଜଣେ ସତ୍ୟାଗ୍ରାହୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିଲା । ଏ ଘଟଣା ଯୋଗୁଁ ସାରା ଜେଲ୍‌ରେ ଉତ୍ତେଜନା ଖେଳିଗଲା । ଆମ ବାରାକ୍‌ରେ ମୋ ସହକର୍ମୀମାନେ ମଧ୍ୟ ଉତ୍ତେଜିତ ହୋଇ ପଡ଼ିଲେ । ମୁଁ ଯାଇ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହିତ ସମସ୍ତଙ୍କ ତରଫରୁ କଥା ହୋଇ କହିଲି ଯେ ଚିଫ୍ ଜେଲର୍‌ଙ୍କ ଏପରି ବ୍ୟବହାର ଧର୍ତ୍ତବ୍ୟ, ଫୌଜଦାରୀ, ଅପରାଧ ଅଟେ । ଘଟଣାର ତଦନ୍ତ କରିବାପାଇଁ ମୁଁ ଅନୁରୋଧ କଲି । ପୁଣି କହିଲି ଯେ ତାଙ୍କ କର୍ତ୍ତବ୍ୟ ହେଉଛି ସେ ଜିଲା ମାଜିଷ୍ଟ୍ରେଟ୍‌ଙ୍କୁ ଜଣାଇ ସିଭିଲ୍ ସର୍ଜନ୍‌ଙ୍କୁ ଡକାଇ ଆହତ ବ୍ୟକ୍ତିମାନଙ୍କର ଡାକ୍ତରି ପରୀକ୍ଷା କରାଇବା । ଚିଫ୍ ଜେଲର ଏହାର ବିରୁଦ୍ଧରେ ଥିଲେ, କିନ୍ତୁ ସୁପରିଣ୍ଟେଣ୍ଡେଣ୍ଟ୍ ନିଜର ସମ୍ମାନ ଓ ଚାକିରିର ନିରାପତ୍ତା ଦୃଷ୍ଟିରୁ ଜିଲା ମାଜିଷ୍ଟ୍ରେଟ୍ ଓ ସିଭଲ୍ ସର୍ଜନଙ୍କୁ ସାଙ୍ଗେ ସାଙ୍ଗେ ଜଣାଇଲେ । ଫଳରେ ସାଙ୍ଗେ ସାଙ୍ଗେ ତଦନ୍ତ କରାଗଲା, ଚିଫ୍ ଜେଲର୍‌ଙ୍କ ନାମରେ ଅଦାଲତରେ ମକଦମା କରାଯାଇ ଦଣ୍ଡ ଦିଆଗଲା । ଅନ୍ୟ ଜେଲର୍‌ମାନଙ୍କ ଉପରେ ଏହାର ବେଶ୍ ପ୍ରଭାବ ପଡିଲା ଓ 'ସି' ଶ୍ରେଣୀ ବନ୍ଦୀମାନଙ୍କୁ ହଇରାଣ କରିବା ପ୍ରାୟ ବନ୍ଦ ହୋଇଗଲା ।

ମୁଁ ଜେଲ ସୁପରିଣ୍ଟେଣ୍ଡେଣ୍ଟ୍‌ଙ୍କ ପାଖକୁ ଯିବା ପୂର୍ବରୁ କେତେକ ସହକର୍ମୀ ପ୍ରସ୍ତାବ ଦେଉଥିଲେ କି ଆମେ ଏହା ବିରୁଦ୍ଧରେ ଅନଶନ କରିବା । ମୁଁ କହିଲି ଆମ ଭିତରୁ ସମସ୍ତେ ଲମ୍ବା ଅନଶନ କରି ପାରିବେ ନାହିଁ । ଆଉ ଯଦି ଦୁଇ ଚାରି ଜଣ ଆମେ କରିପାରିଲୁ, ଆମକୁ ସେମାନେ ବିଭିନ୍ନ ଜେଲକୁ ସ୍ଥାନାନ୍ତର କରିଦେବେ । ତେଣୁ ଆମେ ଅନଶନ ନକରି ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ଅନୁରୋଧ କରିବା । ଯଦି ସେ ଆମ ଅନୁରୋଧ ନ ରଖନ୍ତି, ଆମେ ଅନ୍ୟ କଥା ଚିନ୍ତା କରିବା । ମୋ ସାଙ୍ଗମାନେ ମୋ କଥାରେ ରାଜି ହେଲେ ଓ ମୁଁ ଜେଲ ସୁପରିଣ୍ଟେଣ୍ଡେଣ୍ଟ୍‌ଙ୍କ ପାଖକୁ ଗଲି ।

ଏଇ ଘଟଣାର ଦୁଇ ତିନିମାସ ପରେ ଆମ ଭିତରୁ ଅନେକ ସେଇ ଜେଲର୍ ହସ୍‌ପିଟାଲ୍ ସାମ୍‌ନାରେ ଥିବା ବାରାକ୍‌କୁ ସ୍ଥାନାନ୍ତରିତ ହେଲୁ । ୧୯୩୩ରେ ହସ୍ପିଟାଲ ଅଗଣାରେ ଗୋଟିଏ ଉଦ୍‌ବେଗଜନକ ଘଟଣା ଘଟିଥିଲା, ଫଳରେ ଗଭୀର ଉତ୍ତେଜନା ସୃଷ୍ଟି ହୋଇଥିଲା । ପ୍ରତି ଜେଲ ଅଗଣା ଗୋଟିଏ ଜେଲ ସିପାହି ଅଧୀନରେ ଥାଏ । କେତେକ ସାଧାରଣ ବନ୍ଦୀ ମାନଙ୍କୁ ୱାଚମ୍ୟାନ ଓ ୱାର୍ଡର କରାଯାଇ ଥାଏ ଏବଂ ସେମାନେ ଜେଲ ସିପାହିଙ୍କୁ ସାହାଯ୍ୟ କରନ୍ତି । ଥରେ ଜଣେ ସିପାହିଙ୍କର ଜରୁରୀ କାମ ଥିବାରୁ ସେ ସାଙ୍ଗରେ କାମ କରୁଥିବା ବନ୍ଦିଙ୍କୁ ଚାବି ଦେଇ ବାହାରକୁଯାଇଥିଲେ । ସିପାହି ଜଣଙ୍କ ଫେରିବା ପରେ ବନ୍ଦି ଜଣକ ତାଙ୍କୁ କହିଲା କି ସେ ଚାବି ସବୁ ହଜି ଯାଇଛି । ସିପାହି ଜଣକ ଡରିଗଲେ । ଚାବି ନ ମିଳିଲେ ତାଙ୍କ ଚାକରି ଚାଲିଯିବ । ସେ ହସ୍ପିଟାଲ୍‌ରେ ଥିବା ଡାକ୍ତର ଦୁଇ ଜଣଙ୍କୁ କହିଲେ । ସେମାନେ ବନ୍ଦିଙ୍କୁ ଚାବି ଫେରାଇ ଦେବାକୁ ପ୍ରବର୍ତ୍ତାଇଲେ କିନ୍ତୁ ବନ୍ଦି ଜଣକ କହିଲା ଚାବି ହଜିଯାଇଛି । ଡାକ୍ତର ଦୁଇଜଣଙ୍କ ଉଦ୍ଦେଶ୍ୟ ଥିଲା ଦଣ୍ଡ ଡରରେ ସେ ମାନିଯିବ ଓ ଚାବି ଫେରାଇ ଦେବ । ସେ ବନ୍ଦିର ମୁଣ୍ଡ ତଳକୁ ଓ ଗୋଡ ଉପରକୁ କରି ଗଛ ଡାଳରେ ଟାଙ୍ଗିଦେଲେ । ଏହି ବେଆଇନ ଓ ଦମନମୂଳକ ଅତ୍ୟାଚାର କରି ଡାକ୍ତରମାନେ ମସ୍ତବଡ ଭୁଲ କଲେ । ଅବଶ୍ୟ ଜେଲ୍‌କର୍ମଚାରୀମାନେ କେବେ କେମିତି ଆଇନ ମାନୁଥିଲେ । ଯୋକିମ୍ ଆଲ୍‌ଭା ଓ ନାରାୟଣ ସ୍ୱାମୀଙ୍କ ଦେହ ଖରାପ ଯୋଗୁଁ, ସେ ସମୟରେ, ସେମାନେ ହସ୍ପିଟାଲ୍‌ରେ ଥିଲେ ଏବଂ ଏ ଅମାନୁଷିକ ଦଣ୍ଡ ପ୍ରତ୍ୟକ୍ଷରେ ଦେଖିଥିଲେ । ତଦନ୍ତ କରିବାକୁ ଓ ଡାକ୍ତର ଓ ଅନ୍ୟାନ୍ୟ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ଦେବାକୁ ଅନୁରୋଧ କରି ଶ୍ରୀ ଆଲ୍‌ଭା ଜେଲର୍‌ଙ୍କୁ ଲେଖିଲେ । ଜେଲର୍ ସାଙ୍ଗେ ସାଙ୍ଗେ ଯାଇ ଶ୍ରୀ ଆଲ୍‌ଭାଙ୍କ ସହିତ ଆଲୋଚନା କରି କହିଲେ

Digitized by srujanika@gmail.com

ଯେ ତଦନ୍ତ କଲେ ଜେଲରେ ଶୃଙ୍ଖଳା ରଖିବା କଷ୍ଟକର ହେବ । ତଦନ୍ତ ନ କରି କ'ଣ କଲେ ସେ ସନ୍ତୁଷ୍ଟ ହେବେ ବୋଲି ଜେଲର ଶ୍ରୀ ଆଲ୍‌ଭାଙ୍କୁ ପଚାରିଲେ । ସୁତରାଂ ସେ ତାହାହିଁ କରିବେ । ଶ୍ରୀ ଆଲ୍‌ଭା ଜେଲରଙ୍କୁ କହିଲେ ଆର ପାଖ ବାରାକ୍‌ରେ ଥିବା ଶ୍ରୀ କିଶୋରଲାଲ ମଶ୍ରୁଓ୍ୱାଲା ଓ ମୋତେ ପଚାରିବାକୁ ଏବଂ ଆମେ ଯାହା କହିବୁ ସେ ମାନିନେବେ । (ଶ୍ରୀ ମଶ୍ରୁଓ୍ୱାଲା ଗାନ୍ଧିଜୀଙ୍କ ଉପରେ ଜଣେ ସୁପ୍ରସିଦ୍ଧ ଦାର୍ଶନିକ ଓ ଲେଖକ ଥିଲେ) ।

ଆମକୁ ହସ୍‌ପିଟାଲ ଅଗଣାକୁ ଡାକି ଜେଲର୍ ଆମର ଉପଦେଶ ପଚାରିଲେ । ଶ୍ରୀ ଆଲ୍‌ଭା ଆମକୁ ଆଶ୍ୱସନା ଦେଇଥିଲେ ଯେ ଯାହା ଉପଦେଶ ଆମେ ଦେବୁ ସେ ଗ୍ରହଣ କରିବେ । କିଶୋରିଲାଲ ଓ ମୁଁ ଆଲୋଚନା କରିବା ପରେ ମୁଁ ଜେଲର୍‌ଙ୍କୁ କହିଲି ଯେ ଅଭିଯୁକ୍ତ ଡାକ୍ତର ଦ୍ୱୟ ଶ୍ରୀ ଆଲ୍‌ଭାଙ୍କ ଉପସ୍ଥିତିରେ ସେ ବନ୍ଦିଙ୍କୁ କ୍ଷମା ମାଗିବେ । ଏତକ ହେଲେ ତଦନ୍ତ କରିବା ଦରକାର ପଡିବ ନାହିଁ କି ଡାକ୍ତରଙ୍କୁ ଆଇନ ମୁତାବକ ଦଣ୍ଡ ଦେବାକୁ ପଡିବ ନାହିଁ କାରଣ ଆମେ କହିଥିବା ଦଣ୍ଡ ଯଥେଷ୍ଟ ହେବ । ଜେଲ୍‌ର କହିଲେ ଡାକ୍ତର ବନ୍ଦିଙ୍କୁ କ୍ଷମା ମାଗିଲେ ବନ୍ଦିମାନେ ଆଉ ଶୃଙ୍ଖଳିତ ରହିବେ ନାହିଁ, ତେଣୁ ଦଣ୍ଡ ବିଧାନର ଏ ପ୍ରସ୍ତାବ ସହିତ ସେ ଏକମତ ହୋଇପାରୁ ନାହାନ୍ତି । ମୁଁ ତାଙ୍କୁ କହିଲି ଅନ୍ୟ ପ୍ରକାର ଦଣ୍ଡ ବା କମ୍ ଦଣ୍ଡ ସହିତ ଆମେ ଏକମତ ହୋଇପାରିବୁ ନାହିଁ । ତେଣୁ ସେ ଆଇନ ରାସ୍ତାରେ ଚାଲନ୍ତୁ ଓ ଆଇନାନୁସାରେ ଘଟଣା ବିଚାର କରି ଦଣ୍ଡ ଦିଆଯାଉ । ଶେଷରେ ଜେଲର ଆମ ପ୍ରସ୍ତାବ ସହିତ ରାଜି ହେଲେ । ଶ୍ରୀ ଆଲ୍‌ଭା ବର୍ତ୍ତମାନ କହିଲେ ଡାକ୍ତର ଦୁଇଜଣ ତାଙ୍କ ଆଗରେ କ୍ଷମା ନ ମାଗି ଆମ ଆଗରେ କ୍ଷମା ମାଗନ୍ତୁ । ଜେଲର୍ ଡାକ୍ତରଙ୍କୁ ତାହାହିଁ କରିବାକୁ କହିଲେ । ଡାକ୍ତର ମାନେ ବହୁ ଅପମାନିତ ବୋଧ କଲେ, ତାଙ୍କ ଆଖିଲୁହରେ ଓଦା ହୋଇଗଲା । ମୁଁ ଏଠାରେ ଉଲ୍ଲେଖ କରିଥାଏ ଯେ ଯେଉଁ ଦୋଷୀମାନେ ଏକାଧିକବାର ଦଣ୍ଡିତ ହୋଇଥାନ୍ତି କେବଳ ସେଇମାନେ ନାସିକ ଜେଲରେ ଥାଆନ୍ତି । ତେଣୁ ସେମାନେ ସମସ୍ତେ କଳା ଟୋପି ପିନ୍ଧନ୍ତି ଓ ପକ୍କାଦେଷୀ ଭାବରେ ପରିଚିତ । ସେମାନେ ସାଧାରଣତଃ ଜେଲ୍ ଭିତରେ ଦବାଲିଆ ନାମରେ ପରିଚିତ । ଏଇଥିପାଇଁ ଜେଲର୍ ଆମ ଉପଦେଶ ମାନିବାକୁ କୁଣ୍ଠାବୋଧ କରୁଥିଲେ ଓ ଡାକ୍ତର ଦୁଇଜଣ ଏତେ ଅପମାନିତ ଅନୁଭବ କରୁଥିଲେ । ଘଟଣାରେ ଜଡିତ ଥିବା ସିପାହି ଜଣକ ଭଲ ଲୋକ ଥିଲା ତେଣୁ ଡାକ୍ତର ମାନଙ୍କର ତାଙ୍କ ପ୍ରତି ସହାନୁଭୂତି ଥିଲା । ସିପାହିଟିକୁ ସାହାଯ୍ୟ କରିବାକୁ ସେମାନେ ବନ୍ଦି ଜଣଙ୍କୁ ବେଆଇନଭାବେ ଏପରି ଦଣ୍ଡ ଦେଇଥିଲେ । ଆମ ମତରେ, ଆମେ ଦେଇଥିବା ଦଣ୍ଡ ଦ୍ୱାରା ବନ୍ଦିଜଣଙ୍କୁ ନ୍ୟାୟ ମିଳିଲା ଓ ଜେଲ ଅଫିସରମାନଙ୍କୁ ଚେତାବନୀ ଦିଆଗଲା ।

ଆମେ ଆମ ଅଗଣାକୁ ଫେରି ଆସିବା ଆଗରୁ ଆମ ବଂଧୁମାନେ ସବୁ ଖବର ଜାଣି ସାରିଥିଲେ । ଆମେ ଆସିବା ମାତ୍ରେ ଆମର କେତେକ ବଂଧୁ କଠୋର ବିରୋଧ କରି କହିଲେ ଯେ ଆମେ ଯାହା କହିଛୁ ଓ କରିଛୁ ସବୁ ଭୁଲ, ଆମେ ଅନ୍ୟାୟକୁ ସ୍ୱୀକୃତି ଦେଇ ଜେଲ ଅଫିସରଙ୍କୁ ଅବାଂଛିତ ଭାବରେ ଉତ୍ସାହିତ କରିଛୁ । ଆମେ ତାଙ୍କୁ ସବୁ କଥା କହିବା ପୂର୍ବରୁ ଜିଲା ମାଜିଷ୍ଟ୍ରେଟ୍ ଓ ସୁପରିଣ୍ଟେଣ୍ଡେଣ୍ଟ୍ ଆମ ଅଗଣାକୁ ରୁଟିନ ପରିଦର୍ଶନରେ ଆସିଥିଲେ । ସେମାନେ କୁମାରପ୍ପା କୋଠରୀ ପାଖରେ ପହଞ୍ଚିବା ମାତ୍ରେ କୁମାରପ୍ପା କହି ଲାଗିଲେ "ଏଠାରେ ସତ୍ୟର ହତ୍ୟା କରାଯାଉଛି, ଦୁଷ୍କର୍ମକୁ ଲୁଚାଇ ଦିଆଯାଉଛି । ଆପଣମାନେ ତେଣୁ ଏହାର ତଦନ୍ତ କରିବା ଉଚିତ୍ ।" ସୁପରିଣ୍ଟେଣ୍ଡେଣ୍ଟ୍ ତଦନ୍ତ କରି ଜିଲା ମାଜିଷ୍ଟ୍ରେଟ୍‌ଙ୍କୁ ରିପୋର୍ଟ ଦେବାକୁ କହି ଅବସ୍ଥା ସମ୍ଭାଳି ନେଲେ । ମାଜିଷ୍ଟ୍ରେଟ ତା'ପରେ ଚାଲିଗଲେ ।

ସେମାନେ ଯିବାପରେ ଜେଲର ଅଭିଯୋଗକାରୀଙ୍କୁ ଅଭିଯୋଗ ପ୍ରତ୍ୟାହାର କରିବାପାଇଁ ପ୍ରବର୍ତ୍ତାଇଲେ । ସେମାନେ ନ ମାନିବାରୁ ସେମାନଙ୍କୁ ବୁଝାଇବା ପାଇଁ ସେ ଶ୍ରୀ ଆଲ୍‌ଭାଙ୍କୁ ଆମ ଅଗଣାକୁ ଆଣିଲେ । କିନ୍ତୁ ଶ୍ରୀ ଆଲ୍‌ଭାଙ୍କୁ ଆମର କେତେକ ସହଯୋଗୀ ଉସୁକାଇ କରି କହିଲେ ଯେ ଏ ଘଟଣାର

Digitized by srujanika@gmail.com

ତଦନ୍ତ କରାଇଲେ ସେ ଜଣେ ବଡ଼ ନେତା ପାଲଟି ଯିବେ ଓ ସୁନାମ ଅର୍ଜନ କରିବେ । ଏ ସବୁ ଶୁଣି ଶ୍ରୀ ଆଲ୍‌ଭା ତଦନ୍ତ ପାଇଁ ଜୀଦ୍ ଧରିଲେ । ମୋତେ କହିଲେ ଯେ ସେ ମିଛ କହି ପାରିଲେ ନାହିଁ ତେଣୁ ତଦନ୍ତ କରିବା ପାଇଁ କହିଲେ । ମୁଁ ତାଙ୍କୁ କହିଲି ''ଆପଣ ସ୍ୱଇଚ୍ଛାରେ ଆମ ଉପଦେଶ ଓ ନିଷ୍ପତ୍ତି ମାନିନେଇଥିଲେ ଓ ଡାକ୍ତରଙ୍କୁ ଦଣ୍ଡ ଦିଆଯାଇଥିଲା । ବର୍ତ୍ତମାନ କେତେକ ବନ୍ଧୁମାନଙ୍କ ପ୍ରରୋଚନାରେ ପଡି ସେସବୁ ଅସ୍ୱୀକାର କରି ଯାହା କରୁଛନ୍ତି ତାହା ଠିକ୍ ନୁହେଁ, ତା'ଛଡ଼ା ଆପଣଙ୍କୁ ମିଛ କହିବାକୁ ହେବନାହିଁ । ଆପଣ ଖାଲି ଏକ ବ୍ୟାଖ୍ୟା ଦେବେ ଯେ ଆଗରୁ ମୁଁ ତଦନ୍ତ ପାଇଁ କହିଥିଲି ସତ, କିନ୍ତୁ ବର୍ତ୍ତମାନ ଆଉ ତାହା ସମୀଚୀନ ମନେ କରୁନାହିଁ । ଏଣୁ ଆପଣଙ୍କୁ ଅସତ୍ୟ କଥା କହିବାକୁ ପଡିବ ନାହିଁ ।'' କିନ୍ତୁ ଶ୍ରୀ ଆଲ୍‌ଭା ସୁନାମ ଅର୍ଜନ କରିବା ଲୋଭରେ ଘଟଣାର ତଦନ୍ତ ପାଇଁ ଚାପ ପକାଇ ସୁପରିଣ୍ଟେଣ୍ଡେଣ୍ଟ୍ ପାଖକୁ ଲେଖିଲେ । ମୁଁ ସେତେବେଳେ ଶ୍ରୀ ଆଲ୍‌ଭାଙ୍କୁ ସାବଧାନ କରି ଦେଇଥିଲି ଯେ ଏହା ଦ୍ୱାରା ତାଙ୍କର କିଛି ଉପକାର ବା ଲାଭ ହେବ ନାହିଁ । ଜେଲ୍ ବା ଅନ୍ୟ ଅଫିସର ତଦନ୍ତ କଲେ ତାଙ୍କ ଅଭିଯୋଗ ଦୁର୍ବଳ ହୋଇ ପଡିବ ଏବଂ ପ୍ରମାଣ କରିଦିଆଯିବ ଯେ ସେ (ଶ୍ରୀ ଆଲ୍‌ଭା) ଭୁଲ କହୁଛନ୍ତି । କିନ୍ତୁ ସେ ମୋ କଥା ଶୁଣିଲେ ନାହିଁ ।

ସୁପରିଣ୍ଟେଣ୍ଡେଣ୍ଟ୍ ବନ୍ଦି ଜଣଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ସିଭିଲ୍ ସର୍ଜନ୍‌ଙ୍କ ପାଖକୁ ପଠାଇଲେ । ସିଭିଲ୍ ସର୍ଜନ୍ ମତ ଦେଲେ ଯେ ବନ୍ଦିଙ୍କ ଶରୀରରେ କୌଣସି ହିଂସାତ୍ମକ ଦଣ୍ଡ ବା କ୍ଷତରେ ଚିହ୍ନ ନାହିଁ । ଶ୍ରୀ ଆଲ୍‌ଭା ଘଟଣାଟି ମିଛରେ ବଢ଼େଇ କୁଢ଼େଇ ବକ୍ତବ୍ୟ ଦେଇଛନ୍ତି କାରଣ ବନ୍ଦି ଜଣଙ୍କ ଶରୀରରେ ହିଂସାତ୍ମକ କାମର କୌଣସି ଚିହ୍ନ ନାହିଁ । ଶ୍ରୀ ଆଲ୍‌ଭାଙ୍କର ସାକ୍ଷ୍ୟ କେହି ବିଶ୍ୱାସ କଲେ ନାହିଁ । ଶ୍ରୀ ନାରାୟଣ ସ୍ୱାମୀ, ଯେ କି ଶ୍ରୀ ଆଲ୍‌ଭାଙ୍କ ସହିତ ଘଟଣାବେଳେ ହସ୍ପିଟାଲରେ ଥିଲେ, କହିଲେ ଯେ ସେ କିଛି ଦେଖିନାହାନ୍ତି, ତେଣୁ କିଛି କହିପାରିବେ ନାହିଁ । ଶ୍ରୀ ଆଲ୍‌ଭାଙ୍କ ସହକର୍ମୀ ତାଙ୍କ ସହ ଏକମତ ହୋଇ ପାରିଲେ ନାହିଁ ।

ଏଇ ଘଟଣାର କିଛିଦିନ ପରେ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ଆଲ୍‌ଭାଙ୍କ କୋଠରି ଖାନତଲାସ କରି ଫୁଲସ୍କେପ କାଗଜର ନୋଟ୍ ବହିମାନ ପାଇଲେ । ଏଇ ନୋଟ୍ ବହିରେ ସତ୍ୟାଗ୍ରାହୀ ବନ୍ଦିମାନେ କ'ଣ କରୁଛନ୍ତି, କିପରି ଜେଲ ଆଇନ ଭାଙ୍ଗୁଛନ୍ତି, ଇତ୍ୟାଦି ବିଷୟରେ ବିଶଦ ଭାବରେ ଲେଖାଥିଲା । ଲେଖାଥିଲା କିପରି ବନ୍ଦିମାନେ ଖବରକାଗଜ ଓ ଖାଇବା ଜିନିଷ ବାହାରୁ ଚୋରାରେ ଆଣୁଛନ୍ତି, କିଏ ଆଣୁଛନ୍ତି ଓ କିପରି ବନ୍ଦିମାନେ ଖୋଲାରେ ଗୋଟିଏ ଅଗଣାରୁ ଅନ୍ୟ ଅଗଣାକୁ ଅବାଧରେ ବୁଲୁଛନ୍ତି, ଇତ୍ୟାଦି । ମୋ ସମ୍ବନ୍ଧରେ ଲେଖିଥିଲେ ଯେ ସେ ମୋତେ ଡରନ୍ତି । ମୁଁ ଜେଲ ନିୟମ ବିରୁଦ୍ଧରେ କୌଣସି କାମ ମଂଜୁର କରୁନଥିଲି, ଏବଂ ଏ ସମ୍ବନ୍ଧରେ ଆଲୋଚନାବେଳେ ସହକର୍ମୀମାନଙ୍କୁ କଡ଼ା କଥା କହୁଥିଲି । ଦୁଇ ତିନିଟା ନୋଟ୍‌ବୁକ୍‌ରେ ଆଲ୍‌ଭା ଶ୍ରୀ ଭୁଲାଭାଇ ଏବଂ ଅନ୍ୟମାନଙ୍କ ଜୀବନୀ ଲେଖିଥିଲେ । ଏଗୁଡିକ ମଧ୍ୟ ସୁପରିଣ୍ଟେଣ୍ଡେଣ୍ଟ୍ ନେଇ ଗଲେ । ନୋଟ୍ ବହି ପଢ଼ିସାରି ସୁପରିଣ୍ଟେଣ୍ଡେଣ୍ଟ ମୋତେ ଡାକି ସମସ୍ତ କଥା କହିଲେ । ତା'ପରେ ସୁପରିଣ୍ଟେଣ୍ଡେଣ୍ଟ୍ କହିଲେ ଯେ ''ଶ୍ରୀ ଆଲ୍‌ଭା ମିଛ ଅଭିଯୋଗ କରିଥିଲେ । ଡାକ୍ତରମାନେ ଏପରି ଘଟଣା ଘଟିଥିବା ଅସ୍ୱୀକାର କଲେ । ଶ୍ରୀ ଆଲ୍‌ଭାଙ୍କ ସପକ୍ଷରେ କେହି ସାକ୍ଷୀ ଦେଲେନାହିଁ ।'' ଏହିପରି ସତ୍ୟଘଟଣାକୁ ଅସତ୍ୟ କୁହାଗଲା । ଶ୍ରୀ କୁମାରପ୍ପା ଅଭିଯୋଗ କରିଥିଲେ ଯେ ସତ୍ୟର ହତ୍ୟା ହୋଇଛି ତେଣୁ ତଦନ୍ତ କରାଯିବା ଦରକାର । ମୁଁ ଏବଂ କିଶୋରିଲାଲ ଭାଇ ନେଇଥିବା ନିଷ୍ପତ୍ତିରେ ସତ୍ୟକୁ ସମର୍ଥନ କରା ହୋଇଥିଲା । ଡାକ୍ତରମାନେ ଦୋଷ ମାନି ମୋ ଆଗରେ କ୍ଷମା ମାଗିଥିଲେ । କିନ୍ତୁ ପରିସ୍ଥିତି ନ ବୁଝି ଏବଂ ଆମମାନଙ୍କର ସୀମା ହୃଦୟଙ୍ଗମ ନ କରି କୁମାରପ୍ପା ସତ୍ୟ ଆବିଷ୍କାର କରିବାକୁ ତଦନ୍ତ ଦାବି କରିବା ଫଳରେ ସତ୍ୟର ହତ୍ୟା କରାଗଲା । ଶ୍ରୀ ଆଲ୍‌ଭାଙ୍କ ଅଭିଯୋଗ ଅସତ୍ୟ ବୋଲି ସିଦ୍ଧାନ୍ତ ହେବାର କାରଣମାନଙ୍କ ମଧ୍ୟରେ, ଶ୍ରୀ ଆଲ୍‌ଭାଙ୍କୁ ଉସୁକାଇଥିବା ବ୍ୟକ୍ତି ମାନଙ୍କର ସାକ୍ଷ୍ୟ ଅନ୍ୟତମ । ସୁପରିଣ୍ଟେଣ୍ଡେଣ୍ଟ୍ ଯେତେବେଳେ ଶ୍ରୀ ଆଲ୍‌ଭାଙ୍କ ନୋଟରେ ଲେଖାଥିବା ଜେଲ୍ ଆଇନ ଭାଙ୍ଗିବା ବିଷୟ

Digitized by srujanika@gmail.com

ପଚାରିଲେ, ସେମାନେ ଏହା ମିଥ୍ୟା ବୋଲି କହିଲେ, ଶ୍ରୀ ଆଲଭାଙ୍କୁ ପ୍ରରୋଚିତ କରିଥିବା ବଂଧୁମାନେ ସୁପରିଣ୍ଟେଣ୍ଡେଣ୍ଟ୍‌ଙ୍କ ପକ୍ଷ ନେଇ ପ୍ରମାଣ କରିଦେଲେ ଯେ ଶ୍ରୀ ଆଲ୍‌ଭା ମିଥ୍ୟାବାଦୀ । ଫଳରେ ଶ୍ରୀ ଆଲ୍‌ଭାଙ୍କୁ 'ବି' ଶ୍ରେଣୀରୁ 'ସି' ଶ୍ରେଣୀକୁ ଖସାଇ ଦିଆଯାଇ ନିବୃତ କୋଠରୀରେ ରଖାଗଲା ।

ଏଇ ଘଟଣାର ଦୁଇ ତିନିମାସ ପରେ ମୁଁ ମୋର ଦଣ୍ଡାଦେଶ ପୂରଣ କଲି । ଖଲାସ ହେବା ପୂର୍ବରୁ ମୁଁ ସୁପରିଣ୍ଟେଣ୍ଡେଣ୍ଟ୍‌ଙ୍କୁ ସମସ୍ତ ଘଟଣା ବୁଝାଇ କହିଲି ଯେ ଆଇନ ଅନୁସାରେ ଓ କାଗଜ କଲମରେ ହୋଇଥିବା ନିଷ୍ପତ୍ତି ଯଥାର୍ଥ ହୋଇନାହିଁ । କାରଣ ମୁଁ ଜାଣେ ଶ୍ରୀ ଆଲ୍‌ଭା ଠିକ୍ କଥା କହିଥିଲେ, ସେ କିଛି ଭୁଲ କରିନାହାନ୍ତି । ମୁଁ ତେଣୁ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ତାଙ୍କ ନିଷ୍ପତ୍ତି ବଦଳାଇବାକୁ ଅନୁରୋଧ କଲି । ସୁପରିଣ୍ଟେଣ୍ଡେଣ୍ଟ ମୋ ସହିତ ଏକମତ ହେଲେ ଓ ଶ୍ରୀ ଆଲ୍‌ଭାଙ୍କୁ ସାକ୍ଷାତ କରିବାକୁ ଅନୁମତି ଦେଲେ । ଏଇପରି ଭାବେ ମୁଁ ଜେଲରୁ ଖଲାସ ହେବା ପୂର୍ବରୁ ଆଲ୍‌ଭାଙ୍କ ଦଣ୍ଡ କମାଇ ପାରିଥିଲି ।

ଏ ଘଟଣା ଘଟିବାବେଳେ ଜଣେ ୟୁରୋପୀୟାନ୍ ସୁପରିଣ୍ଟେଣ୍ଡେଣ୍ଟ୍ ଥିଲେ । ପରେ ଜଣେ ଭାରତୀୟ ସୁପରିଣ୍ଟେଣ୍ଡେଣ୍ଟ୍ ଆସିଲେ ଓ ଆଲ୍‌ଭାଙ୍କ ବିରୁଦ୍ଧରେ ନିଷ୍ପତ୍ତି ନେଲେ । ସେ ଆମ ୱାର୍ଡକୁ ଦେଖିବାକୁ ଆସିବାବେଳେ ଜେଲ୍ ଆଇନ ଅନୁସାରେ ଆମମାନଙ୍କର ଏକା ଲାଇନରେ ଛିଡା ହେବା କଥା । ଥରେ ଆମ ବାଟ ଦେଇ ଯିବା ବେଳେ ବେମାର ଥିବା ଜଣେ ସହକର୍ମୀ ସୁପରିଣ୍ଟେଣ୍ଡେଣ୍ଟ୍‌ଙ୍କୁ ତାଙ୍କ ସ୍ୱାସ୍ଥ୍ୟ ବିଷୟ ଜଣାଇ ଚିକିତ୍ସା ପାଇଁ ଅନୁରୋଧ କରିଥିଲେ । ସୁପରିଣ୍ଟେଣ୍ଡେଣ୍ଟ୍ ଦୁଇ ତିନିଟି ବାଟ ବତାଇଥିଲେ । ସାଙ୍ଗ ଜଣଙ୍କ କହିଲେ ଯେ ସେ ସବୁ ଚେଷ୍ଟା କରି ବିଫଳ ହୋଇଛନ୍ତି । ସୁପରିଣ୍ଟେଣ୍ଡେଣ୍ଟ୍ ରାଗି ଯାଇ କହିଲେ ସେ ଆଉ କିଛି ଚିକିତ୍ସା ଜାଣନ୍ତି ନାହିଁ ଏବଂ ସେ ଯାହା ଇଚ୍ଛା ତାହା କରନ୍ତୁ । ତା'ପରେ ହଠାତ୍ ସୁପରିଣ୍ଟେଣ୍ଡେଣ୍ଟ୍ ଚାଲିଗଲେ ।

ମୁଁ ମୋ ଅଗଣା ବନ୍ଦିମାନଙ୍କର ପ୍ରତିନିଧିତ୍ୱ କରୁଥିଲି । ତେଣୁ ବାରମ୍ବାର ସୁପରିଣ୍ଟେଣ୍ଡେଣ୍ଟ୍‌ଙ୍କୁ ସାକ୍ଷାତ କରୁଥିଲି । ଉପରୋକ୍ତ ଘଟଣାର କିଛି ଦନି ପରେ ମୁଁ ତାଙ୍କୁ ଦେଖା କରିବାକୁ ଯାଇଥିଲି । ସେତିକି ବେଳେ ମୋ ସହବନ୍ଦିଙ୍କ ପ୍ରତି ତାଙ୍କର ଅଭଦ୍ର ବ୍ୟବହାର ବିଷୟ ତାଙ୍କ ପ୍ରତି ଦୃଷ୍ଟି ଆକର୍ଷଣ କରି କହିଲି ଯେ ସେ ମୋ ସହବନ୍ଦିଙ୍କ ସହିତ ଉପଯୁକ୍ତ ବ୍ୟବହାର ଦେଖାଇ ନାହାନ୍ତି । ସେ କହିଲେ ତାଙ୍କ ପାଖରେ ଆଉ ନୂଆ ଚିକିତ୍ସା କିଛି ନ ଥିଲା । ବନ୍ଦିଙ୍କର ଯଦି ସେ ଦେଇଥିବା ଚିକିତ୍ସା ଉପରେ ଆସ୍ଥା ନାହିଁ, ତେବେ ତାଙ୍କୁ ସାହାଯ୍ୟ କରିବାପାଇଁ ଆଉ କୌଣସି ଉପାୟ ନାହିଁ । ମୁଁ ତାଙ୍କୁ କହିଲି ଯେ ସେ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଓ ଜେଲ ଡାକ୍ତର (ଆଇ.ଏମ୍.ଏସ ଅଫିସର), ତେଣୁ ବନ୍ଦିଜଣକ ଆଉ ଜଣେ ଡାକ୍ତରଙ୍କୁ ଡାକି ପାରିବେ ନାହିଁ । ଏଇ ପରିସ୍ଥିତିରେ ସୁପରିଣ୍ଟେଣ୍ଡେଣ୍ଟ୍ ଯଦି ସହାନୁଭୂତି ନ ଦେଖାନ୍ତି ତେବେ ବନ୍ଦିଜଣକ ଆରୋଗ୍ୟ ହେବାର ସବୁ ଆଶା ଛାଡି ବସିବେ । ମୁଁ ତାଙ୍କୁ ପଚାରିଲି, ଜଣେ ବନ୍ଦିଙ୍କୁ ସୁସ୍ଥ କରି ନ ପାରିଲେ ସହାନୁଭୂତି ପ୍ରଦର୍ଶନ କରିବା କଣ ଜଣେ ସୁପରିଣ୍ଟେଣ୍ଡେଣ୍ଟ୍‌ଙ୍କ ଦାୟିତ୍ୱ ଓ ଜଣେ ଡାକ୍ତରଙ୍କ କର୍ତ୍ତବ୍ୟ ନୁହେଁ କି? ପରିଶେଷରେ ସୁପରିଣ୍ଟେଣ୍ଡେଣ୍ଟ୍ ଏହାର ସତ୍ୟତା ମାନିଲେ ।

ବାପୁ ନିର୍ଦ୍ଧାରଣ କରିଥିବା ସତ୍ୟାଗ୍ରହ ନିୟମାବଳୀରେ ମୁଁ ବିଶ୍ୱାସ ରଖିଥିଲି ଓ ବିଶ୍ୱାସ କରୁଥିଲି ଯେ ସତ୍ୟାଗ୍ରହୀ ହିସାବରେ ଜେଲ୍ ଯାଇଥିବାରୁ ଜେଲ୍‌ର ନିୟମ ଆମର ପାଳନ କରିବା ଉଚିତ । ମୁଁ ମଧ ଜାଣିଥିଲି ଯେ ଆଇନ ଅନୁସାରେ ଯାହା ମିଳିବା କଥା ତାଠାରୁ ଅଧିକା ମାଗିବା ଉଚିତ ନୁହେଁ । ତେଣୁ ମୁଁ ସୁପରିଣ୍ଟେଣ୍ଡେଣ୍ଟ୍‌ଙ୍କୁ କୌଣସି ଜିନିଷ ମାଗୁ ନଥିଲି । ଆମମାନଙ୍କ ମଧରେ ଅନେକ 'ବି' ଶ୍ରେଣୀ ବନ୍ଦି ସଶ୍ରମ କାରାଦଣ୍ଡ ଭୋଗୁଥିବାରୁ ଜେଲ କର୍ତ୍ତୃପକ୍ଷ ଦେଇଥିବା କାମ କରିବାକୁ ବାଧ୍ୟ । ଆମକୁ ଦିଆଯାଉଥିବା କାର୍ଯ୍ୟରେ ଅଭ୍ୟସ୍ତ ନ ଥବାରୁ ଆମର ସେ କାମ ପ୍ରତି ଆଗ୍ରହ ନଥିଲା ଓ କରିବାକୁ ମଧ ଇଚ୍ଛା ନ ଥିଲା । ମୁଁ ସୂତା କାଟୁଥିଲି । ଥରେ ଥରେ

Digitized by srujanika@gmail.com

ଦିନକୁ ସାତ ଆଠ ଘଣ୍ଟା ସୂତା କାଟୁଥିଲି । ସୂତା କାଟିବା କାମ ଆମକୁ ଜେଲରେ ଦିଆଯାଉଥିଲା । ଅନେକ ଆମ ଭିତରୁ ଅଳ୍ପ ଟିକିଏ ସୂତାକାଟି, ଦିଆଯାଇଥିବା ତୂଳା ନଷ୍ଟ କରୁଥିଲେ । ଏ ସମ୍ବନ୍ଧରେ ମୋ ସହକର୍ମୀ ଓ ନୂଆ ସୁପରିଣ୍ଟେଣ୍ଡେଣ୍ଟଙ୍କ ମଧ୍ୟରେ ଦ୍ୱନ୍ଦ ସୃଷ୍ଟି ହୋଇଥିଲା । ସୁପରିଣ୍ଟେଣ୍ଡେଣ୍ଟ୍ ମୋତେ ଥରେ କହିଲେ ସତ୍ୟାଗ୍ରାହୀ ବନ୍ଦିମାନେ କାମ କରିବା ଉଚିତ । କେତେ କାମ ସେମାନେ କରିବେ ତାହା ଠିକ୍ କରିବାକୁ ମୋତେ କହିଲେ । ମୁଁ ତାଙ୍କୁ କହିଲି କାମର ପରିମାଣ, ସେ, ନିର୍ଦ୍ଧାରଣ କରିବେ । ମୁଁ କରିପାରିବି ନାହିଁ । ସେ ପଚାରିଲେ ମୁଁ କେତେ ସୂତା କାଟୁଛି । ମୁଁ କହିଲି ସମସ୍ତେ ଏକା ଗତିରେ ଅରଟ ଚଲାଇ ପାରିବେ ନାହିଁ । ତେଣୁ ମୋ କାମ ଉପରେ ନିର୍ଭର କରି କାମର ପରିମାଣ ଠିକ୍ କରିବା ଉଚିତ ହେବନାହିଁ । ମୁଁ କହିଲି ମୋ ସାଙ୍ଗମାନଙ୍କ ସହିତ ପରାମର୍ଶ କରି କାମର ପରିମାଣ ମୁଁ ପରେ କହିବି ।

ମୁଁ ମୋ ସହକର୍ମୀଙ୍କ ସହିତ ଆଲୋଚନା କରି କହିଲି ଗୋଟାଏ ପରିମାଣ ଠିକ୍ କରିବାକୁ ହେବ ଏବଂ ସମସ୍ତେ ତାହା ପୂରଣ କରିବେ । ମୁଁ ମଧ୍ୟ କହିଲି ଯେ ଆମେ ଭଲ ସୂତା କାଟିବା ଓ ଆମକୁ ଦିଆଯାଇଥିବା ତୂଳା ନଷ୍ଟ କରିବା ନାହିଁ । ଆଲୋଚନା ପରେ ସ୍ଥିର ହେଲା ଯେ ପ୍ରତିଦିନ ଚାରିଶହ ଗଜ ସୂତା କାଟି ଜେଲ କର୍ତ୍ତୃପକ୍ଷଙ୍କୁ ଦେବେ । ସୁପରିଣ୍ଟେଣ୍ଡେଣ୍ଟ୍ କୋଟା ଗ୍ରହଣ କଲେ ଏବଂ କୋଟାନୁସାରେ କାମ ଦେଖିବା ଦାୟିତ୍ୱ ମୋତେ ଦେଲେ । ମୋ ସାଥିମାନଙ୍କୁ କହିଲି "ମୁଁ ଏ ଦାୟିତ୍ୱ ନେବି ଯଦି ଆପଣମାନେ ସ୍ୱଇଛାରେ ମୁଁ ଦେଇଥିବା କାମ କରିବାକୁ ରାଜି ହେବେ । ଆପଣମାନେ ତୂଳା ନଷ୍ଟ ନ କରି ପ୍ରତିଦିନ ଚାରିଶହ ଗଜ ସୂତା କାଟିବାକୁ କଥା ନ ଦେଲେ ମୁଁ ଦାୟିତ୍ୱ ନେବି ନାହିଁ ।" ମୋର ସମସ୍ତ ବଂଧୁ ରାଜି ହେଲେ ଓ କଥାନୁସାରେ କାମ କଲେ । ବିବାଦର ଏଇଠାରେ ସୁଖ ସମାପ୍ତି ହେଲା ।

ସୁପରିଣ୍ଟେଣ୍ଡେଣ୍ଟ୍ ମୋ ସହିତ ଏଇଭଳି ସମସ୍ୟା ବେଳେ ବେଳେ ଆଲୋଚନା କରୁଥିଲେ ଓ ମୋତେ ଜେଲ୍‌ର ସବୁ ସ୍ଥାନକୁ ଯିବାକୁ ଅନୁମତି ଦେଇଥିଲେ । ମୁଁ କିନ୍ତୁ ମୋ କାମ ପାଇଁ ଯେଉଁଠାକୁ ଯିବା କଥା କେବଳ ସେଠାକୁ ଯାଉଥିଲି । କିନ୍ତୁ ମୋର କେତେକ ସହକର୍ମୀ ଜେଲର ନିମ୍ନଶ୍ରେଣୀ କର୍ମଚାରୀଙ୍କ ସହଯୋଗରେ ଜେଲ ଚାରିଆଡ଼େ ବୁଲୁଥିଲେ, ଖାଦ୍ୟ ଓ ଖବର କାଗଜ ଚୋରାରେ ଭିତରକୁ ଆଣୁଥିଲେ । ସୁପରିଣ୍ଟେଣ୍ଡେଣ୍ଟ୍ ଥରେ ଏ ଘଟଣା ମୋ ସହିତ ଆଲୋଚନା କରିଥିଲେ ଏବଂ ବନ୍ଦିମାନଙ୍କ ଏପରି ଚାଲିଚଳନ ବିରୁଦ୍ଧରେ ଅଭିଯୋଗ କରି କହିଲେ ସତ୍ୟାଗ୍ରାହୀମାନେ ଜେଲର ସବୁ ନିୟମ ପାଳନ କରିବା ଉଚିତ । ସେ ପଚାରିଲେ ମୁଁ କିପରି ସେମାନଙ୍କୁ ନିୟମ ଭାଙ୍ଗିବା ଦୋଷରୁ ରକ୍ଷା କରିବି । ଏ ସମ୍ବନ୍ଧରେ ସେ ମୋର କେତେକ ବଂଧୁଙ୍କ ସହିତ ଅପମାନଜନକ ବ୍ୟବହାର କରିଥିଲେ । ଏଇ ଘଟଣାକୁ ଉଲ୍ଲେଖ କରି ମୁଁ କହିଲି, ସତ୍ୟାଗ୍ରାହୀମାନେ ମାନସିକ ଦୁର୍ବଳତା ବଶତଃ ଜେଲର କେତେକ ନିୟମ ଭାଙ୍ଗୁଛନ୍ତି । ମୁଁ ସେମାନଙ୍କୁ ସୁରକ୍ଷା ଦେଇ ପାରିବି ନାହିଁ । କିନ୍ତୁ ଏ କଣ ସତ ନୁହେଁ ଯେ ଏମାନେ ନିଜର ସ୍ୱାର୍ଥ ପାଇଁ ନୁହେଁ-ଦେଶର ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଛନ୍ତି ଏବଂ ଅଶେଷ ତ୍ୟାଗ କରି ଜେଲକୁ ଆସିଛନ୍ତି ? ଆମେ ସମସ୍ତେ ଅସମ୍ପୂର୍ଣ୍ଣ ମଣିଷ, କେହିହେଲେ ଦୋଷମୁକ୍ତ ନୋହୁଁ । ଫଳରେ ଯଦି ସେମାନେ ଦୁର୍ବଳତାର ବଶବର୍ତ୍ତୀ ହୋଇ କେବେ ଜେଲ ଆଇନ ଅମାନ୍ୟ କରନ୍ତି, ଆପଣ ଏ ସମସ୍ତ ପରିସ୍ଥିତି ବିଚାରକୁ ନେଇ ସେମାନଙ୍କ ସହିତ ଭଦ୍ର ବ୍ୟବହାର କରିବା ଉଚିତ୍ ।

ସେ ପୁଣି କହିଲେ ମହାତ୍ମା ଗାନ୍ଧି ଜେଲ ଆଇନ ପାଳନ୍ତି, ଆପଣ ମଧ୍ୟ । ତେବେ ଅନ୍ୟମାନେ କାହିଁକି ପାଳନ କରୁନାହାନ୍ତି ? ମୁଁ ତାଙ୍କୁ କହିଲି "ମୁଁ ଦୃଢ଼ତାର ସହିତ କେବେହେଲେ କହିପାରିବିନାହିଁ ଯେ ମୁଁ ଜେଲ ଆଇନ କେବେହେଁ ଭାଙ୍ଗି ନାହିଁ ।" ମୁଁ ଚେଷ୍ଟା କରୁଥିବା ପ୍ରକୃତ ସତକଥା ତାଙ୍କୁ ବୁଝାଇବା ପାଇଁ ତାଙ୍କ ନିଜ ବିଷୟ ଆଲୋଚନା କରି ପାରେକି ପଚାରିବାରୁ ସେ ହଁ କହିଲେ । ତା'ପରେ ତାଙ୍କୁ ପଚାରିଲି, "ଜେଲର ମୁଖ୍ୟ ଅଧିକାରୀ ହିସାବରେ ଆପଣଙ୍କୁ ଜେଲ୍‌ର ସମସ୍ତ ନିୟମ ପାଳନ କରି କାମ କରିବା କଥା । ଆପଣ

Digitized by srujanika@gmail.com

କ'ଣ ଦୃଢ଼ତାର ସହିତ କହିପାରିବେ ଯେ ଜେଲର କୌଣସି ଜିନିଷ ବେଆଇନ ଭାବେ ବ୍ୟବହାର କରି ନାହାନ୍ତି ? ଆଇନ ଅନୁସାରେ ଯେତିକି ଶ୍ରମିକ ଆପଣଙ୍କୁ ମିଳିବା କଥା ତାଠାରୁ କ'ଣ ଅଧିକ ବନ୍ଦି-ଶ୍ରମିକ ଆପଣ ନିଜ କାମରେ ଲଗାଇ ନାହାନ୍ତି ?'' ସେ ମୋ ଅଭିଯୋଗ ମନା କରି ପାରିଲେ ନାହିଁ । ମୁଁ କହିଲି ଯେ ନିଜେ ଏତେ ସୁବିଧା ଓ ଆରାମ ପଦବୀରେ ଥାଇ ମଧ୍ୟ ଆଇନ ଭାଙ୍ଗୁଛନ୍ତି । ଆଉ ତାଙ୍କୁ ସେଥିପାଇଁ କେହି କିଛି କହୁ ନାହାନ୍ତି ବା କେହି ଦଣ୍ଡ ଦେଉ ନାହାନ୍ତି ବା ସେ ନିଜେ ନିଜକୁ ଦଣ୍ଡିତ କରୁନାହାନ୍ତି । ସେ ଦୃଷ୍ଟିରୁ ଯେଉଁମାନେ ନିଜ ସ୍ୱାର୍ଥ ଦୃଷ୍ଟିରୁ ନୁହେଁ, ଦେଶର ସ୍ୱାଧୀନତା ପାଇଁ ଲଢ଼ି ଜେଲକୁ ଆସିଛନ୍ତି, ଆଉ ସେ ସ୍ୱାଧୀନତାରେ ତାଙ୍କର (ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ) ସ୍ୱାର୍ଥ ରହିଛି, ଯଦି ସେଇ ବନ୍ଦିମାନେ ଜେଲର କଠିନ ଜୀବନ କଟାଇବା ବେଳେ ମାନସିକ ଦୁର୍ବଳତା ବଶତଃ ଜେଲ ଆଇନ ଭାଙ୍ଗନ୍ତି, ସେମାନଙ୍କୁ ଏପରି ତୁଚ୍ଛ ବା ଘୃଣ୍ୟ ଦୃଷ୍ଟିରେ ଦେଖିବା ତାଙ୍କ ପକ୍ଷରେ ଉଚିତ ହେବନାହିଁ । ମୁଁ ତାଙ୍କୁ ପଚାରିଲି, ତାଙ୍କ ବିଚାରରେ ତାଙ୍କ ବ୍ୟବହାର ଠିକ୍ ହୋଇଛି କି ? ଆଲୋଚନା ପରେ ସେ ମାନିଲେ ଯେ ସତ୍ୟାଗ୍ରହୀ ବନ୍ଦିମାନଙ୍କୁ ଅସମ୍ମାନ ବା ତାଚ୍ଛଲ୍ୟ ବ୍ୟବହାର ଦେଖାଇବା ଭୁଲ ହୋଇଛି, ସେ ଆଉ ସେପରି ବ୍ୟବହାର କରିବେ ନାହିଁ ।

ନାସିକ ଜେଲରେ ଥିବା ବେଳେ ଆମେ ମାନେ ରାଜନୀତି, ଧର୍ମ, ଇତ୍ୟାଦି ବିଷୟରେ ଅନେକ ଆଲୋଚନା କରୁଥିଲୁ । ଫଳରେ ମୋର ଚିନ୍ତାଧାରା, ଧର୍ମ ବିଶ୍ୱାସ, ଇତ୍ୟାଦି ପରିଷ୍କାର ଭାବେ ପ୍ରତ୍ୟୟ ହେଲା । ଧର୍ମ ବିଶ୍ୱାସ ଓ ମୋ ଜୀବନର ଆଦର୍ଶ ଦୃଢ଼ୀଭୂତ ହେଲା । ମୋର ଭଗବାନଙ୍କ ପ୍ରତି ଦୃଢ଼ବିଶ୍ୱାସ, ସତ୍ୟନିଷ୍ଠ ଆଦର୍ଶରେ ବିଶ୍ୱାସ, ଅହିଂସାରେ ବିଶ୍ୱାସ ଓ ଅନାଶକ୍ତ ଜୀବନରେ ବିଶ୍ୱାସ ଅଧିକ ଶକ୍ତିଶାଳୀ ହେଲା ।

ଜେଲରେ ମୁଁ ବହୁତ ବହି ପଢ଼ିଥିଲି । ତନ୍ମଧ୍ୟରେ ଡକ୍ଟର ଆଲେକ୍ସ କାରୋଲ୍‌ଙ୍କ ବହି ଅନ୍ୟତମ । ଜୀବନର ପ୍ରଥମ ଭାଗରେ ସେ ନାସ୍ତିକ ଥିଲେ କିନ୍ତୁ ପରେ ଭଗବାନଙ୍କ ଉପରେ ଦୃଢ଼ ବିଶ୍ୱାସ ରଖୁଥିଲେ । ରେନ୍ ହୋଲ୍‌ଡଙ୍କ ମରାଲ୍ ମ୍ୟାନ୍ ଇନ୍ ଇମମରାଲ୍ ସୋସାଇଟି ପଢ଼ିଥିଲି । ସେ ବହିରେ ସେ ଜଣେ ବ୍ୟକ୍ତି ଓ ସମାଜର ନୈତିକତା ବିଷୟରେ ବିଶଦଭାବେ ଆଲୋଚନା କରିଛନ୍ତି । ସେଥିରେ ସେ ପ୍ରମାଣ କରିଛନ୍ତି ଯେ ଜଣେ ବ୍ୟକ୍ତି ନୈତିକତାର କେଉଁ ଉଚ୍ଚ ପାହାଚରେ ପହଞ୍ଚିପାରେ ତାର ସୀମା ନାହିଁ ଏବଂ ସେ ଆଦର୍ଶ ନୈତିକତା ହାସଲ କରିବା ଅବଶ୍ୟମ୍ଭାବୀ । କିନ୍ତୁ ପୂରା ସମାଜ ଆଦର୍ଶପୂର୍ଣ୍ଣ ନୀତିବାନ ହୋଇ ପାରିବ ନାହିଁ । ସମାଜର ଅବସ୍ଥା ଯାହା ହେଉନା କାହିଁକି ସୀମାବଦ୍ଧ ଭାବେ ନୀତିବାନ ହୋଇ ପାରେ, ଅନ୍ୟପକ୍ଷରେ ଜଣେ ବ୍ୟକ୍ତି ସମ୍ପୂର୍ଣ୍ଣ ରୂପେ ନୀତିବାନ ହୋଇପାରେ । ମୋର ଏଇ ବିଶ୍ୱାସ ଏ ବହି ଦ୍ୱାରା ଅନୁମୋଦିତ ହେଲା ।

ମୁଁ କମ୍ୟୁନିଜମ୍ ଓ ସୋସିଆଲିଜମ୍ ବିଷୟରେ କେତେକ ବହି ପଢ଼ିଲି ଓ ଜାଣିଲି ଯେ ଛପନ ସତାବନ ପ୍ରକାରର ସୋସିଆଲିଜମ୍ ଅଛି । ଏ ସମସ୍ତ ପଢ଼ିବା ଦ୍ୱାରା ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ଚିନ୍ତାଧାରା ଉପରେ ମୋର ବିଶ୍ୱାସ ବଳବତ୍ତର ହେଲା ।

ଆଗରୁ ଉଲ୍ଲେଖ କରିଛି ଯେ ୧୯୩୦ରେ କାଞ୍ଜିଭାଇଙ୍କ ସହିତ ଜେଲରେ ରହିବା ଫଳରେ ମୋର ତାଙ୍କ ସହିତ ସମ୍ପର୍କ ଆହୁରି ଘନିଷ୍ଠ ହୋଇଥିଲା । ଆମ ସମ୍ପର୍କ ନିଜ ରକ୍ତର ଭାଇଠାରୁ ଅଧିକ ଘନିଷ୍ଠ ଓ ନିକଟତର ହୋଇଥିଲା । ଆମେ ପାଖାପାଖି କୋଠରିରେ ରହୁଥିଲୁ କିନ୍ତୁ ପ୍ରାୟ ସବୁ ସମୟରେ ଆମେ ଦୁହେଁ ଗୋଟିଏ କୋଠରିରେ ଥିଲୁ । ଆମେ ପରସ୍ପରର ଚିନ୍ତାଧାରା ବେଶ୍ ଜାଣି, ବେଶି କଥାବାର୍ତ୍ତା ନ ହୋଇ ବା ଆଲୋଚନା ନ କରି ଅନ୍ୟର ମନ୍ତବ୍ୟ ଜାଣି ପାରୁଥିଲୁ । ଅନେକ ବିଷୟରେ ଦୁଇ ଜଣଙ୍କ ମତ ଏକ ଥିଲା ।

ନାସିକ ଜେଲରେ ଶ୍ରୀ ମଙ୍ଗଳଦାସ ପକ୍‌ବାସାଙ୍କ ସହିତ ଗୋଟିଏ ଘରେ ରହୁଥିଲି । ଆମେ ଅତି ସାଙ୍ଗ ହୋଇଗଲୁ । ଆମେ ଅନେକ ବିଷୟରେ ଭିନ୍ନ ଭିନ୍ନ ମତ ପୋଷଣ କରୁଥିଲୁ କିନ୍ତୁ ଆମେ ପରସ୍ପରକୁ ଏତେ

Digitized by srujanika@gmail.com

ଭଲ ଭାବରେ ଜାଣିଥିଲୁ ଯେ ଆମ ଦୁଇଜଣଙ୍କ ମନାନ୍ତର କେହି କରାଇ ପାରୁନଥିଲେ । ୧୯୪୬ ପର୍ଯ୍ୟନ୍ତ ମୁଁ ବମ୍ବେ ଗଲେ ତାଙ୍କ ଘରେ ରହୁଥିଲି । ୧୯୪୬ରେ ମନ୍ତ୍ରୀ ହେବାବେଳେ ବମ୍ବେରେ ଘର କିଣିବାରୁ ତାଙ୍କ ଘରକୁ ଯିବା ବନ୍ଦ କରିଦେଲି । ମୋ ପୁଅ ବମ୍ବେରେ ପଢ଼ିବା ବେଳେ ମଙ୍ଗଳଭାଇ ଘରେ ବର୍ଷେ ରହିଥିଲା ।

ଆଇନାନୁସାରେ ପାଇଥିବା ଦଣ୍ଡ ରିହାତି ହିସାବ କରି ଦଣ୍ଡାଦେଶ ପୂରଣ କରି ମୁଁ ୧୯୩୩ ଅକ୍ଟୋବର ପ୍ରାରମ୍ଭରେ ଜେଲରୁ ଖଲାସ ହେଲି । ସେତେବେଳକୁ ଗାନ୍ଧିଜୀ ସମୂହ ସତ୍ୟାଗ୍ରହ ଆନ୍ଦୋଳନକୁ ବ୍ୟକ୍ତିଗତ ସତ୍ୟାଗ୍ରହରେ ପରିଣତ କରିଥିଲେ । ଖଲାସ ହେବାର ଅଳ୍ପଦିନ ମଧ୍ୟରେ ବ୍ୟକ୍ତିଗତ ସତ୍ୟାଗ୍ରହ ପାଳନ କରି ପୁଣି ଜେଲ ଯିବାକୁ ମୁଁ ସ୍ଥିର କଲି ।

ମୋତେ ସ୍ନେହ କରୁଥିବା ଅନେକ ସମାନାସ୍ପଦ ବନ୍ଧୁ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ମୋତେ ଥରେ ପଚାରିଥିଲେ ଯେ ମୁଁ ପିଲା ଓ ପରିବାରର ଅନ୍ୟ ସଭ୍ୟମାନଙ୍କୁ ଅବହେଳା କରି ଦେଶ ସ୍ୱାର୍ଥରେ ଲାଗି ଠିକ୍ କାମ କରୁଛି କି ? ମୁଁ ଜବାବ ଦେଲି ମୋର କେବଳ ଗୋଟିଏ ଚିନ୍ତା ଯେ ଦେଶରେ ବିଦେଶୀ ସରକାର ଥିବା ପର୍ଯ୍ୟନ୍ତ କୌଣସି ନାଗରିକ ଆତ୍ମସମ୍ମାନ ସହିତ ବଞ୍ଚିପାରିବ ନାହିଁ କି ତା'ର ସମ୍ପୂର୍ଣ୍ଣ ଉନ୍ନତି ହେବନାହିଁ । ଏ ପରିସ୍ଥିତିରେ ଜଣେ ନାଗରିକର କର୍ତ୍ତବ୍ୟ ହେଉଛି ଦେଶକୁ ସ୍ୱାଧୀନ କରିବା । ଯଦି ଦେଶ ସୁଖୀ ହୁଏ, ମୋ ପିଲାମାନେ ସୁଖୀ ହେବେ । କିନ୍ତୁ ଦେଶ ଯଦି ଦାସତ୍ୱ ବନ୍ଧନରେ ଦୁଃଖୀ ରୁହେ ତେବେ ମୁଁ ପିଲାମାନଙ୍କୁ ଯେତେ ଶିକ୍ଷା ଦେଲେ ସେମାନେ କେବଳ ଦାସତ୍ୱର ଶିକାର ହେବେ । ଦେଶର ନବେ ପ୍ରତିଶତ ପିଲାମାନେ ଯାହା ଶିକ୍ଷା ପାଉଛନ୍ତି ମୋ ପିଲାମାନେ ତା' ଅପେକ୍ଷା ଭଲ ଶିକ୍ଷା ପାଉଛନ୍ତି । ମୋ ବାପା ସଂସାର ତ୍ୟାଗ କରିବାବେଳେ ମୋର କିଛି ସମ୍ବଳ ନ ଥିଲା । ମୁଁ ମୋ ମାମୁଁ ଘରେ ପଢ଼ିଲି, ଓ ମୋର ଶିକ୍ଷା ଏକ ମାଗଣା ବୋର୍ଡିଙ୍ଗ୍ ସ୍କୁଲ୍‌ରେ ହୋଇଥିଲା । ଭଗବାନଙ୍କ ଦୟାରୁ ମୁଁ ମୋ ଭାଇ ମାନଙ୍କର ଶିକ୍ଷାର ଭାର ନେଲି । ମୋ ମନରେ ତିଳେ ମାତ୍ର ସନ୍ଦେହ ନାହିଁ ଯେ ମୁଁ ସ୍ୱାଧୀନତା ସଂଗ୍ରାମରେ ସମ୍ପୂର୍ଣ୍ଣ ରୂପେ ଅଂଶ ଗ୍ରହଣ କରିବି, ଯଦି ତଦ୍ୱାରା ମୋର ପରିବାର ପ୍ରତି ଉଦାସୀନତା ପ୍ରଦର୍ଶନ କରେ, ମୋ ପାଖରେ ଦେଶପାଇଁ ପ୍ରଥମ କର୍ତ୍ତବ୍ୟ ଛଡ଼ା ଅନ୍ୟ ବାଟ ନାହିଁ ।" ମୋର ବକ୍ତବ୍ୟ ମୋର ବନ୍ଧୁଙ୍କର ହୃଦବୋଧ ହେଲା କି ନାହିଁ ମୁଁ ଜାଣି ନାହିଁ, କିନ୍ତୁ ସେ ଆଉ ସେ ବିଷୟ ଆଲୋଚନା କଲେ ନାହିଁ । ଶେଷରେ ଧରିନେଲି ଯେ ସେ ମୋ ଯୁକ୍ତିରେ କୌଣସି ଦୋଷ ବା ତ୍ରୁଟି ପାଇଲେ ନାହିଁ ।

୧୯୩୦ ଓ ୧୯୩୨ରେ ହୋଇଥିବା ସତ୍ୟାଗ୍ରହ ଆନ୍ଦୋଳନ ମନେ ପକାଇଲେ ଜଣାଯାଏ ଯେ ଆରମ୍ଭବେଳେ ଲୋକମାନଙ୍କର ଅପୂର୍ବ ଉତ୍ସାହ ଉଦ୍ଦୀପନା ସତ୍ତ୍ୱେ ଲକ୍ଷେ ଦୁଇଲକ୍ଷରୁ ଅଧିକ ଲୋକ ସ୍ୱଇଚ୍ଛାରେ କାରାବରଣ କରିନଥିଲେ । ତନ୍ମଧ୍ୟରୁ ଖୁବ୍ କମ୍ ଲୋକ ସ୍ୱରାଜ ହାସଲ ନ ହେବା ପର୍ଯ୍ୟନ୍ତ ଜେଲରେ ରହିବା ପାଇଁ ସ୍ଥିର କରିଥିଲେ । ଅନେକ ଜେଲ୍ ଯିବା ମାତ୍ରେ କେବେ ଖଲାସ ହେବେ ବୋଲି ବିକଳ ହେଉଥିଲେ ।

ମୋ ମତରେ ଏହା ଏକ ସାଧାରଣ କଥା । ଏକଥା ସତ୍ୟ ଯେ ଏହି ଶତାବ୍ଦୀର ପ୍ରଥମ ପଚିଶ ବର୍ଷ ମଧ୍ୟରେ କଂଗ୍ରେସର ପ୍ରଚାର, କଂଗ୍ରେସ ନେତାମାନଙ୍କର ଆଦର୍ଶ ଓ ସ୍ୱାଧୀନତା ପାଇଁ କାମ କରୁଥିବା ଆତଙ୍କବାଦୀମାନଙ୍କର ତ୍ୟାଗ ଲୋକମାନଙ୍କ ହୃଦୟରେ ସ୍ୱାଧୀନତା ପାଇଁ ପ୍ରବଳ ଇଚ୍ଛା ଜାଗ୍ରତ କରାଇଥିଲା । ବ୍ରିଟିଶ ସମୟ ପୂର୍ବରୁ ସାରା ଭାରତ ବର୍ଷ ପାଇଁ କୌଣସି ଗୋଟିଏ ସରକାର ନ ଥିଲା । ଫଳରେ ଅତୀତରେ ଆମ ଦେଶରେ ସାଂସ୍କୃତିକ ଏକତା ସତ୍ତ୍ୱେ ରାଜନୈତିକ ଏକତା ନଥିଲା । ସୁତରାଂ ଆମ ଦେଶରେ, ସ୍ୱାଧୀନ ଦେଶମାନଙ୍କରେ ଦେଖା ଯାଉଥିବା ପ୍ରଗାଢ଼ ଦେଶ ଭକ୍ତି ବା ଦେଶ ପ୍ରେମର ଅଭାବ ଅନୁଭୂତ ହେଉଥିଲା । ମହାତ୍ମାଗାନ୍ଧିଙ୍କ ସଂଗ୍ରାମର ଅଦ୍ୱିତୀୟ ପନ୍ଥା ଏବଂ ଦେଶ ପାଇଁ ନିଜକୁ ସମ୍ପୂର୍ଣ୍ଣ ରୂପେ ସମର୍ପଣ କରିବା, ଦେଶରେ ସ୍ୱାଧୀନତା ଆଣିବାପାଇଁ ସାମୂହିକ ଉତ୍ସାହ ସୃଷ୍ଟି କରିଥିଲା । କିନ୍ତୁ ସ୍ୱାଧୀନତା ପାଇଁ ଏହି ଉତ୍ସାହ ଜୀବନର

Digitized by srujanika@gmail.com

ମୁଖ୍ୟ ପ୍ରେରଣା ହୋଇନଥିଲା । ପ୍ରତ୍ୟେକ ସଂଗ୍ରାମର ପ୍ରାରମ୍ଭରେ ଲୋକମାନେ ଭାବପ୍ରବଣ ହୋଇ ଏଥିରେ ଉତ୍ସାହ ସହକାରେ ଯୋଗ ଦେଉଥିଲେ । କିନ୍ତୁ କଷ୍ଟ ସ୍ୱୀକାର କରିବା ପାଇଁ ଅଭ୍ୟସ୍ତ ନଥିବାରୁ କିଛି ମାସରେ ଉତ୍ସାହ କମି ଯାଇଥିଲା ।

୧୯୩୦ରେ ସତ୍ୟାଗ୍ରହର ପ୍ରଥମ ତିନି ଚାରିମାସରେ ହଜାର ହଜାର ଯୁବକ ଓ ବୃଦ୍ଧ, ପୁରୁଷ ଓ ସ୍ତ୍ରୀ ଏହି ଆନ୍ଦୋଳନରେ ଯୋଗ ଦେଇଥିଲେ । କିନ୍ତୁ କିଛି ମାସରେ ଉତ୍ସାହ କମିବାକୁ ଲାଗିଲା । ମୁଁ ଆନ୍ଦୋଳନରେ ଯୋଗ ଦେଇ ଚାରି ପାଞ୍ଚ ଜିଲାରେ ବୁଲି ବୁଲି ଲୋକମାନଙ୍କୁ 'କରଛାଡ' ଆନ୍ଦୋଳନରେ ଯୋଗ ଦେବାକୁ ମତାଉଥିଲି ଏବଂ ଖେଡ଼ା ଓ ସୁରତ ଜିଲାର ଅନେକ କୃଷକ ଆଗ୍ରହ ସହକାରେ ଯୋଗ ଦେଉଥିଲେ । କିନ୍ତୁ ୧୯୩୧ ଜାନୁୟାରୀ ଶେଷ ଆଡକୁ ମୁଁ ଯେତେବେଳେ ଜେଲରୁ ଖଲାସ ହୋଇଆସିଲି ସେତେବେଳକୁ ଲୋକମାନଙ୍କର ଉତ୍ସାହ କମ୍ ହୋଇଯାଇଥିଲା ଓ ଗାନ୍ଧୀ-ଇରଉଇନ୍ ସନ୍ଧି ପରେ ସେମାନେ ଆଶ୍ୱସ୍ତିର ନିଶ୍ୱାସ ନେଲେ । ଅନେକ ଭାବିଥିଲେ ଯେ ଗୋଲ ଟେବୁଲ କନ୍‌ଫରେନ୍ସରୁ କିଛି ବାସ୍ତବ ପରିଣାମ ମିଳିବ ଯଦିଓ ଯେଉଁମାନେ ଏଥିରେ ଯୋଗ ଦେଇଥିଲେ ସେମାନେ ଜାଣିଥିଲେ ଯେ କିଛି ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ମିଳିବ ନାହିଁ । କିନ୍ତୁ ସଂଗ୍ରାମ କରିବାର ସୀମିତ ଶକ୍ତିକୁ ବିଚାର କଲେ ମାନିବାକୁ ହେବ ଯେ ସନ୍ଧିଦ୍ୱାରା କଂଗ୍ରେସର ଶକ୍ତି ଓ ସମ୍ମାନ ବଢ଼ିଲା । ଆଗରୁ ଉଲ୍ଲେଖ କରିଛି ଯେ ଜବାହରଲାଲଜୀ ସନ୍ଧିରେ ସନ୍ତୁଷ୍ଟ ନ ଥିଲେ, ଆଉ ଅନେକ ନେତାମାନେ ମଧ୍ୟ । କିନ୍ତୁ ସେମାନଙ୍କର ହୃଦବୋଧ ହୋଇଥିଲା ଯେ ସେତେବେଳ ପରିସ୍ଥିତିରେ ଆଉ ଅଧିକା କିଛି ହାସଲ କରିବା ସମ୍ଭବ ନ ଥିଲା । ସନ୍ଧିରେ ହସ୍ତାକ୍ଷର ହୋଇ ନଥିଲେ ଲୋକମାନଙ୍କର ଉତ୍ସାହ ଆଉ ରହି ନଥାଆନ୍ତା । ଏହି ଚୁକ୍ତି ଯୋଗୁଁ ହିଁ କଂଗ୍ରେସର ଉତ୍ସାହ ଉଦ୍ଦୀପନା ସଂଗଠିତ ହୋଇ ଆଗକୁ ଲଢ଼ିବା ସାହସ ବଢ଼ିଲା ।

ତା'ସତ୍ତ୍ୱେ, ଯେତେବେଳେ ରାଉଣ୍ଡ ଟେବୁଲ୍ କନଫରେନ୍ସରେ ଆଶାଜନକ ଫଳ ହାସଲ ହୋଇ ପାରିଲା ନାହିଁ ଲୋକମାନେ ହତୋତ୍ସାହ ହୋଇପଡିଲେ । ଗାନ୍ଧିଜୀ ଖାଲି ହାତରେ ଇଣ୍ଡନରୁ ଫେରି ଆସିବା ଫଳରେ ସରକାରଙ୍କୁ ବିରୋଧ କରିବା ଭାବନା ପୁଣି ଲୋକମାନଙ୍କ ମଧ୍ୟରେ ଖେଳିଗଲା । କାର୍ଯ୍ୟକାରୀ କମିଟିର ବୈଠକ ବସିଲା ଓ ଗାନ୍ଧିଜୀ ତାଙ୍କ ସାଥିମାନଙ୍କ ସହିତ ପୁଣି ଜେଲ୍ ଗଲେ । ଅନେକ ଲୋକ ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗ ଦେଇ ଜେଲ୍ ଗଲେ କିନ୍ତୁ ଛ' ମାସ ମଧ୍ୟରେ ଏହା କ୍ରମେ କ୍ରମେ ହ୍ରାସ ପାଇଲା ।

ଜେଲରେ ଥାଇ ଆମେମାନେ ଶୁଣିଲୁ ଯେ ବାହାରେ ଲୋକମାନଙ୍କର ଉତ୍ସାହ କମିଗଲାଣି । ଫଳରେ କେତେକ ସହବନ୍ଦିମାନେ କିପରି ଜେଲର ବାହାରକୁ ଯିବେ ଓ କିପରି ସଂଗ୍ରାମ ଶେଷ ହେବ ସେଥିପାଇଁ ବ୍ୟସ୍ତ ହୋଇ ପଡିଲେ । ଏ ସବୁ ବିଷୟ ଆଲୋଚନା କଲାବେଳେ ନିରାଶା ଓ ହତୋତ୍ସାହର ଛାୟା ଖେଳି ଯାଉଥିଲା ଓ ଏପରି ଅବସ୍ଥାପାଇଁ କେତେ ଜଣ ଗାନ୍ଧିଜୀଙ୍କୁ ଦାୟୀ କରୁଥିଲେ । ଏହା ସାଧାରଣ କଥା ଯେ ଯେତେବେଳେ ଜଣେ କ୍ଲାନ୍ତ ହୋଇପଡେ ସେ ଅନ୍ୟମାନଙ୍କୁ ଦୋଷ ଦିଏ, ନିଜର ଦୁର୍ବଳତା ବା ଦୋଷ ସ୍ୱୀକାର କରେନାହିଁ । ସୁତରାଂ ଉତ୍ସାହର ନିମ୍ନଗତି ଆଶା କରାଯାଉଥିଲା ।

ଆଗରୁ ଉଲ୍ଲେଖ କରିଛି ଯେ ମୁଁ ୧୯୩୩ ଅକ୍ଟୋବରରେ ନାସିକ ଜେଲରୁ ଖଲାସ ହେଲି । ସେତେବେଳେ ବାପୁ ୱାର୍ଦ୍ଧାରେ ଥିଲେ । ସେ ମୋତେ ଡକାଇ ପଠାଇଥିବାରୁ ମୁଁ ଅକ୍ଟୋବର ମଝିରେ ୱାର୍ଦ୍ଧା ଗଲି । ସେ ଆନ୍ଦୋଳନ ବିଷୟ ମୋ ସହିତ ଆଲୋଚନା କରିବାକୁ ଓ କେତେକ ନିର୍ଦ୍ଦେଶ ଦେବାକୁ ଇଚ୍ଛା କରିଥିଲେ । ବାପୁଙ୍କ ସ୍ୱାସ୍ଥ୍ୟ ସେତେବେଳେ ଭଲ ନ ଥଲା । ଜମ୍‌ନାଲାଲ ତାଙ୍କର ଦେଖାଶୁଣା କରୁଥିଲେ ଓ ତାଙ୍କର ବିନାନୁମତିରେ କାହାରିକୁ ଦେଖା କରିବାକୁ ଛାଡୁନଥିଲେ । ସାକ୍ଷାତକାରମାନଙ୍କ ଦାଉରୁ ରକ୍ଷା ପାଇବା ପାଇଁ ବାପୁଙ୍କ ସମ୍ମତି କ୍ରମେ ଏ ବ୍ୟବସ୍ଥା କରାଯାଇଥିଲା । ତେଣୁ ମୁଁ ପ୍ରଥମେ ଜମ୍‌ନାଲାଲଙ୍କୁ ଦେଖାକଲି । ସେ

Digitized by srujanika@gmail.com

ମୋତେ କାହିଁକି ଆସିଛନ୍ତି ବୋଲି ପଚାରିଲେ, ଗାନ୍ଧିଜୀଙ୍କୁ ସେତେବେଳେ ବିରକ୍ତ କରିବା ଠିକ୍ ହେବନାହିଁ ବୋଲି କହିଲେ । ମୁଁ କହିଲି ଯେ ମୁଁ ମୋ ମନକୁ ଆସିନାହିଁ; ବାପୁଙ୍କ ନିର୍ଦ୍ଦେଶରେ ଆସିଛି । ଯଦି ସେ (ଜମ୍‌ନାଲାଲ) ଚାହାନ୍ତି ଯେ ମୁଁ ସାକ୍ଷାତ କରିବି ନାହିଁ, ତେବେ ମୁଁ ଫେରିଯିବି । ସେ କହିଲେ ବାପୁଙ୍କୁ ପଚାରି ଦେଖା କରିବାକୁ ଅନୁମତି ଦେବେ । ଜମୁନାଲାଲଜୀ ବାପୁଙ୍କୁ ଦେଖା କରି ଆସି ମୋତେ କହିଲେ ବାପୁ ମୋତେ ଦେଖିବାକୁ ଇଚ୍ଛା କରୁଛନ୍ତି, ତେଣୁ ମୁଁ ଭିତରକୁ ଯାଇପାରେ । ଘଣ୍ଟାକ ଭିତରେ ସମସ୍ତ କଥା ଶେଷ କରିବାକୁ ମୋତେ ନିର୍ଦ୍ଦେଶ ଦିଆଗଲା । ମୁଁ ଗାନ୍ଧିଜୀଙ୍କ ପାଖକୁ ଯିବାବେଳେ ସେଠାରେ ଜମ୍‌ନାଲାଲଜୀ ବି ଥିଲେ । ଘଣ୍ଟାଏ ହୋଇ ଯିବାରୁ ଜମ୍‌ନାଲାଲଜୀ ଏକ ଘଣ୍ଟା ଭିତରେ କାମ ସାରିବାକୁ କହିଛନ୍ତି କହି ମୁଁ କକ୍ଷ ତ୍ୟାଗ କରିବାକୁ ଅନୁମତି ମାଗିଲି । ତାଙ୍କର ଆଉ ଅନେକ କଥା ବାକି ଥିବାରୁ ଗାନ୍ଧିଜୀ ମୋତେ ରହିବାକୁ ବାଧ୍ୟ କଲେ । ଆମେ ଆଉ ଅଧଘଣ୍ଟା କଥାବାର୍ତ୍ତା ହେଲୁ । ତା'ପରେ ମୁଁ ୱାର୍ଦ୍ଧାରୁ ଫେରିଲି ।

ଜମ୍‌ନାଲାଲଜୀଙ୍କୁ ଏ କଥା ଚାରିବର୍ଷ ପରେ ମନେ ପକାଇବାକୁ ପଡିଥିଲା, ୧୯୩୭ ମଇ ମାସରେ । ଉପରୋକ୍ତ ଘଟଣାର ଚାରିବର୍ଷ ପରେ, ଗାନ୍ଧିଜୀଙ୍କ ଦେହ ପୁଣି ଅସୁସ୍ଥ ଥିଲା । ଗୁଜରାଟରେ ବଲ୍‌ସାର୍ ପାଖରେ ସମୁଦ୍ର କୂଳ 'ତିଥଲ'ରେ ରହିବା ବନ୍ଦୋବସ୍ତ କରାହୋଇଥିଲା । ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ମୋ ଉପରେ ସବୁ ବନ୍ଦୋବସ୍ତର ଭାର ଦେଇଥିଲେ । ଜମ୍‌ନାଲାଲଜୀ ଗାନ୍ଧିଜୀଙ୍କୁ ତିଥଲରେ ଦେଖା କରିବାକୁ ଆସିଥିଲେ । ଚାରିବର୍ଷ ତଳର କଥା ତାଙ୍କର ମନେ ଥିବ ଏବଂ ଗାନ୍ଧିଜୀ ସହିତ ସାକ୍ଷାତ କରିବେ ବୋଲି ମୋତେ କହିଥିଲେ । ମୁଁ ଚାରିବର୍ଷ ତଳର କଥା ମନେ ନ ପକାଇ କହିଲି ଗାନ୍ଧିଜୀଙ୍କୁ ଜଣାଇ ସମସ୍ତ ବନ୍ଦୋବସ୍ତ କରିବି । ବନ୍ଦୋବସ୍ତ କରି ଜମ୍‌ନାଲାଲଜୀଙ୍କୁ ଭିତରକୁ ପଠାଇ ସେମାନଙ୍କୁ ଏକାନ୍ତରେ କଥାବାର୍ତ୍ତା ହେବାକୁ ଦେଲି । କଥାବାର୍ତ୍ତା ପରେ ବାହାରକୁ ଆସି ଜମ୍‌ନାଲାଲଜୀ କହିଲେ କି ମୁଁ ତାଙ୍କୁ ବୁଦ୍ଧି ଶିଖାଇଲି । ମୁଁ କହିଲି ମୋର ଶିଖାଇବାର କିଛିନାହିଁ । ସେ ଯେପରି ଭଲ ଭାବିଲେ ସେପରି କରିଥିଲେ ଓ ମୁଁ ଯାହା ଭଲ ବୋଲି ଭାବିଲି ତାହା ହିଁ କରିଛି ।

ଗାନ୍ଧିଜୀଙ୍କୁ ୱାର୍ଦ୍ଧାରେ ସାକ୍ଷାତ କରି ଫେରି ମୁଁ ଅହମଦାବାଦରେ ପ୍ରାୟ ପନ୍ଦରଦିନ ରହିଲି । କର୍ତ୍ତୃପକ୍ଷ ଜାଣିଥିଲେ ମୁଁ ସତ୍ୟାଗ୍ରହ କରିବି ତେଣୁ ଚବିଶ ଘଣ୍ଟା ମଧ୍ୟରେ ଅହମଦାବାଦ ଛାଡିଯିବାକୁ ମୋତେ ନୋଟିସ ଦେଲେ । ମୁଁ ତାହା କଲି ନାହିଁ । ମୋତେ ଆରେଷ୍ଟ କରି ମୋ ନାମରେ ସିଟି ମାଜିଷ୍ଟ୍ରେଟ୍ କୋର୍ଟରେ ମୋକଦମା କଲେ । ମୁଁ ୧୯୨୯ରେ ଯେଉଁ ଅଫିସରଙ୍କୁ ପଦମୁକ୍ତ କରିଥିଲି ସେଇ ଥିଲେ ମାଜିଷ୍ଟ୍ରେଟ୍ । ସେ ମୋତେ ଦୁଇବର୍ଷ କାରାଦଣ୍ଡ ଆଦେଶ ଦେଇଥିଲେ । ମୋତେ ଦୋଷୀ ସାବ୍ୟସ୍ତ କରିବାକୁ ତାଙ୍କୁ କୌଣସି କଷ୍ଟ କରିବାକୁ ପଡି ନଥିଲା କାରଣ ମୁଁ ଦୋଷୀ ବୋଲି ଦାବି କରିଥିଲି । ମୋତେ ସାବରମତୀ ଜେଲକୁ ନିଆଗଲା ଓ ପନ୍ଦର କୋଡିଏ ଦିନପରେ ଏରାଭ୍‌ଦା ଜେଲକୁ ।

ଏରାଭ୍‌ଦା ବାରାକ୍‌ରେ ପୂନାରୁ ଚାରିଜଣ ସତ୍ୟାଗ୍ରହୀ ବନ୍ଦୀଥିଲେ । କର୍ଣ୍ଣେଲ ମାର୍ଟିନ ନାମକ ଜଣେ ଇଂରେଜୀ ଆଇ.ଏମ.ଏସ. ଅଫିସର ଏରଭ୍‌ଦା ଜେଲ୍‌ରେ ସୁପରିଣ୍ଟେଣ୍ଡେଣ୍ଟ୍ ଥିଲେ । ସେ ଖୁବ୍ କଥା କହୁଥିଲେ, କିନ୍ତୁ ସତ୍ୟାଗ୍ରାହୀ ମାନଙ୍କ ପ୍ରତି କଠୋର ବ୍ୟବହାର କରୁଥିଲେ ବୋଲି ଶୁଣା ଯାଉଥିଲା । ଏଠାରେ ଆମକୁ ସଂଧ୍ୟା ଛଅଟାରେ ତାଲା ପକାଇ ଦେଉଥିଲେ ଓ ସକାଳ ଛଅଟାରେ ତାଲା ଖୋଲୁଥିଲେ । ସେ ସମୟରେ ମୁଁ ରାତି ନଅଟାରେ ଶୋଉ ଥିଲି ଏବଂ ସକାଳ ଚାରିଟାରେ ଉଠୁଥିଲି । ତେଣୁ ସକାଳ ସମସ୍ତ ନିତ୍ୟକର୍ମ ସେଇ କୋଠରୀ ଭିତରେ କରିବାକୁ ପଡୁଥିଲା । ମଳମୂତ୍ର ପାଇଁ ଦୁଇଟି ହାଣ୍ଡି ଦିଆଯାଇଥିଲା । ହାଣ୍ଡି ଦୁଇଟି ଛୋଟ ଥିବାରୁ ସକାଳ କାମ ପାଇଁ ଯଥେଷ୍ଟ ନଥିଲା । ତେଣୁ ସେମାନେ ମୋତେ ବଡ ହାଣ୍ଡି ଦୁଇଟି ଦେଇଥିଲେ । ମୁଁ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଦୁଇଖଣ୍ଡ କାଠ ସିଟ୍ ବା ଇଟା ଦେବାକୁ କହିଲି କାରଣ ତା ଉପରେ ବସିବାକୁ ସୁବିଧା ହେବ । ସୁପରିଣ୍ଟେଣ୍ଡେଣ୍ଟ୍ ରୁକ୍ଷ ଭାବରେ ମୋତେ କାଠ ସିଟ୍ ବା ଇଟା ମିଳିବ ନାହିଁ କିନ୍ତୁ ତିନୋଟି ହାଣ୍ଡି

Digitized by srujanika@gmail.com

ମିଳିପାରେ ବୋଲି କହିଲେ । ମୁଁ ଏ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଆଉ କୌଣସି ଜିନିଷ ମାଗିବି ନାହିଁ ବୋଲି ସ୍ଥିର କଲି । ଏରାଭ୍ଦା ଜେଲରେ ଥିବା ସାତ ଆଠ ମାସରେ ମୋତେ ବେଳେ ବେଳେ ମାଲେରିୟା ଜ୍ୱର ହେଉଥିଲା । ଆଗଥର ସାବରମତୀ ଜେଲ୍‌ରେ ଥିବା ବେଳେ ମୋତେ ଏଇ ବେମାରି ଧରିଥିଲା । ମୁଁ ଏ ବିଷୟରେ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ବା ଅନ୍ୟ କୌଣସି ଅଫିସରଙ୍କୁ କହି ନଥିଲି । ଉପବାସ ରହି ଜ୍ୱର ଭଲ କଲି । ଏଠାରେ କେବଳ ଆମେ ପାଞ୍ଚ ଜଣ ଥିବାରୁ ଆମ ଭିତରେ ଶାନ୍ତିପୂର୍ଣ୍ଣ ଆଲୋଚନା ହେଉଥିଲା ଯଦ୍ୱାରା ମୁଁ ଅନେକ କଥା ବୁଝିଲି ଓ ଶିଖିଲି ।

ପୂର୍ବରୁ କହିଛି ଯେ ପୂରା ଗୀତା ମୁଖସ୍ଥ କରିବାକୁ କିଛିବର୍ଷ ପୂର୍ବରୁ ମୁଁ ସ୍ଥିର କରିଥିଲି । କିନ୍ତୁ ଅଭ୍ୟାସ କରି ପାରିନଥଲି । ମୋର ବିଫଳତାର କାରଣ ହେଲା ଅଳସୁଆମି ଓ ଦୃଢ଼ ସଂକଳ୍ପର ଅଭାବ । ଏରାଭ୍ଦାରେ ଥିବା ସମୟରେ ଗୀତା ମୁଖସ୍ଥ କରିବାର ସଂକଳ୍ପ ନେଲି । ପ୍ରତିଦିନ ଗୋଟିଏ ନୂଆ ଅଧ୍ୟାୟ ମୁଖସ୍ଥ କଲି ଏବଂ ପୂର୍ବରୁ ମନେ ରଖିଥିବା ଅଧ୍ୟାୟ ଗାନ କରୁଥିଲି । ଫଳରେ ଅଠରଦିନ ମଧ୍ୟରେ ପୂରା ଗୀତା କଣ୍ଠସ୍ଥ କରି ବିନା କଷ୍ଟରେ ଗୀତାର ଅଠର ଅଧ୍ୟାୟ ଗାନ କୁରଥିଲି । ସେଇଦିନଠାରୁ ଅନେକ ବର୍ଷ ପର୍ଯ୍ୟନ୍ତ ସବୁଦିନେ ଏଇ ଅଭ୍ୟାସ ରଖିଥିଲି । ଗୀତାର ବ୍ୟାଖ୍ୟା ଓ ସମାଲୋଚନା ମୁଁ ଅନେକ ପଢ଼ିଥିଲେ ମଧ୍ୟ କେତେକ ପଦ ମୁଁ ବୁଝିପାରିନଥିଲି । କିନ୍ତୁ ସବୁଦିନେ ଗୀତା ଅଭ୍ୟାସ କରି, ସେ ବିଷୟରେ ଏକାଗ୍ର ଚିତ୍ତରେ ଚିନ୍ତାକରି ଓ ଜୀବନରେ କାର୍ଯ୍ୟକାରୀ କରି ମୋର ସବୁ ସନ୍ଦେହ ଆସ୍ତେ ଆସ୍ତେ ଉଭେଇଗଲା, ଏବଂ ଗୀତା ଭଲ ଭାବରେ ବୁଝିପାରିଲି । ମୁଁ କଣ୍ଠସ୍ଥ ନ କରିଥିଲେ ଆଜି ଗୀତା ମୁଁ ଯେପରି ବୁଝିଛି ସେପରି ବୁଝି ପାରିନଥାନ୍ତି । ଯେତେବେଳେ କର୍ମ ଏବଂ ଜ୍ଞାନ ମଧ୍ୟରେ ପାର୍ଥକ୍ୟ ରହେ ନାହିଁ, ସେତେବେଳେ ସଂସ୍କୃତ ଭାଷାରେ ଲେଖାଥିବା ଜ୍ଞାନ ଶବ୍ଦର ଅର୍ଥ ଅନୁଭବ କରିବା ସମ୍ଭବ ହୁଏ । ଇଂରେଜୀରେ ଜ୍ଞାନ ଶବ୍ଦର ସମ୍ପୂର୍ଣ୍ଣ ଅର୍ଥ ବୁଝାଇବା ଭଳି କୌଣସି ଶବ୍ଦ ନାହିଁ । ଇଂରେଜୀ ଶବ୍ଦ 'ନଲେଜ'ର ପ୍ରକୃତ ମାନେ ହେଲା ସମ୍ପୂର୍ଣ୍ଣ ତଥ୍ୟ । 'ନଲେଜ' ଓ କର୍ମ ମଧ୍ୟରେ ଏକତ୍ରତା ନାହିଁ । ଯେତେବେଳେ 'ନଲେଜ' ଓ କର୍ମ ଦୁହେଁ ସମ୍ପୂର୍ଣ୍ଣ ଭାବେ ଏକ ହୋଇଯିବେ ସେତେବେଳେ ଜ୍ଞାନ ଲାଭ ହୋଇଛି ବୋଲି ଜଣେ ଦାବି କରିପାରିବ ।

ଆମେ ଏରଭ୍ଦା ଜେଲରେ ସାତ ଆଠମାସ ଥିବା ବେଳେ ଜେଲର୍ ଆମ ଅଗଣାକୁ ବାରମ୍ବାର ଆସୁଥିଲେ । ସେ ମୋ ସହିତ ଅନେକ ବିଷୟ ଆଲୋଚନା କରୁଥିଲେ । ଥରେ ମୋ ଯୁକ୍ତିର ଜବାବ ଦେଇ ନ ପାରି ସେ ମୋତେ କହିଲେ, ଆପଣ ବହୁତ ବେଶି ଯୁକ୍ତି କରୁଛନ୍ତି । ମୁଁ ଜବାବ ଦେଲି, ମୁଁ ବିଷୟବସ୍ତୁ ଆଲୋଚନା କରେ କାରଣ ଆପଣ ପ୍ରଶ୍ନ ଉଠାନ୍ତି । ଯଦି ଆପଣ ଜେଲର୍ ଓ ବନ୍ଦି ମଧ୍ୟରେ ଆଲୋଚନା କରିବାକୁ ଇଚ୍ଛା କରନ୍ତି, ତେବେ ଭଲ ହେବ ଆଦୌ ଆଲୋଚନା ନ କରିବା । ଦୁଇ ସମାନ ପକ୍ଷ ମଧ୍ୟରେ ଆଲୋଚନା ଭଳି କଥାବାର୍ତ୍ତା କରିବାକୁ ଇଚ୍ଛାକଲେ ଆପଣ ଉଠାଉଥିବା ଯେ କୌଣସି ବିଷୟରେ ମୁଁ ଆଲୋଚନା କରିବାକୁ ରାଜି ଅଛି । ଜେଲରଙ୍କ ସହିତ ମୋର ଆଲୋଚନାର ପୂର୍ଣ୍ଣଚ୍ଛେଦ ଏଇଠାରେ ପଡ଼ିଲା ।

୧୯୩୪ ଜୁନ୍ ସୁଦ୍ଧା ବ୍ୟକ୍ତିଗତ ସତ୍ୟାଗ୍ରହ ମୋଟାମୋଟି ସମାପ୍ତ ହୋଇଗଲା । ସେତେବେଳକୁ ଖୁବ୍ କମ୍ ଲୋକ ଏଥିରେ ଭାଗ ନେଉଥିଲେ । ସୁତରାଂ ମହାତ୍ମାଗାନ୍ଧୀ ଓ କଂଗ୍ରେସ ଏହାକୁ ପ୍ରତ୍ୟାହାର କଲେ ଏବଂ ମୋର ଜେଲ୍‌ରେ ସମ୍ପୂର୍ଣ୍ଣ ସମୟ ଶେଷ ହେବା ଆଗରୁ ମୁଁ ଜୁଲାଇରେ ଖଲାସ ହୋଇଥିଲି । ବାଟରେ ବମ୍ବେରେ ତିନିଦିନ ରହି ଅହମଦାବାଦ ଫେରିଥିଲି ।

ମୁଁ ଖଲାସ ହେବା ଆଗରୁ କ୍ୱେଟାରେ ହୋଇଥିବା ଭୂମିକମ୍ପ ପାଇଁ ଅନୁଦାନ ସଂଗ୍ରହ କରିବାନିମନ୍ତେ ଜମ୍‌ନାଲାଲଜୀ ଅଗଷ୍ଟ ମାସ ଆରମ୍ଭରେ ଅହମଦାବାଦ ଆସିଥିଲେ । ତାଙ୍କୁ ସାହାଯ୍ୟ କରିବାକୁ ମୋତେ ଅନୁରୋଧ କରିଥିଲେ । ମୁଁ ତାଙ୍କୁ କହିଲି ଏଥିପାଇଁ ବାତାବରଣ ଅନୁକୂଳ ନୁହେଁ । ଆଉ ମୁଁ ସାଥିରେ ଘଲେ

Digitized by srujanika@gmail.com

କୌଣସି ଧନୀ ବ୍ୟକ୍ତି ଅପମାନଜନକ ବ୍ୟବହାର କଲେ ମୁଁ ରୁକ୍ଷ ଜବାବ ଦେବି, ଫଳରେ ତାଙ୍କ କାମରେ ସହଯୋଗୀ ନହୋଇ ବାଧା ଦେବି । ତେଣୁ ମୋତେ ସାଙ୍ଗରେ ନ ନେଲେ ଭଲ ହେବ । କିନ୍ତୁ ସେ ମୋ କଥା ନ ଶୁଣି ମୋତେ ବାଧ କରିବାରୁ ମୁଁ ଅହମଦାବାଦରେ ଦୁଇ ତିନିଜଣ ପ୍ରସିଦ୍ଧ ବ୍ୟକ୍ତିଙ୍କ ପାଖକୁ ତାଙ୍କ ସାଙ୍ଗରେ ଗଲି । ସେ ଭଦ୍ରଲୋକମାନେ ଅନ୍ୟମାନଙ୍କର ନାଁ ଦେଇ ତାଙ୍କ ପାଖକୁ ଯିବାକୁ କହିଲେ । ପୂର୍ବଦିନ ଏକ ସାଧାରଣ ସଭାରେ ମୁଁ ସମବେତ ଜନତାଙ୍କୁ ଆହ୍ୱାନ ଦେଇ ନିଜର କର୍ତ୍ତବ୍ୟ ମନେକରି ଏହି ଫଣ୍ଡକୁ ମୁକ୍ତ ହସ୍ତରେ ଦାନ କରିବାକୁ ଅନୁରୋଧ କରି କହିଥିଲି ଯେ ଯେଉଁମାନେ ଅର୍ଥ ଆଦାୟ କରିବାକୁ ଯାଉଛନ୍ତି ସେମାନେ ଅର୍ଥଦାନ କରୁଥିବା ବ୍ୟକ୍ତିଙ୍କୁ ମଙ୍ଗଳ କାମରେ ସାହାଯ୍ୟ କରୁଛନ୍ତି ବୋଲି ମନେ କରିବା ଉଚିତ । ଏ କଥା ଖବରକାଗଜ ମାନଙ୍କରେ ମୁଖ୍ୟ ସମ୍ବାଦ ରୂପେ ବାହାରିଥିଲା ଏବଂ କୁହାଯାଇଥିଲା ଯେ ମୁଁ ଧନୀ ଲୋକମାନଙ୍କୁ ଚେତାବନୀ ଦେଉଛି । ବାସ୍ତବରେ ଏହା ସତ୍ୟ ନ ଥିଲା କି ମୋର ସେପରି ଉଦ୍ଦେଶ୍ୟ ନଥିଲା । ମୁଁ ଅର୍ଥ ସଂଗ୍ରହ କରୁଥିବା ଲୋକମାନଙ୍କୁ ଉତ୍ସାହିତ କରିବାପାଇଁ କହିଥିଲି । ଜମ୍‌ନାଲାଲଜୀଙ୍କ ସହିତ ଯାଇଥିବା ଧନୀ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ କହିଲେ ସେ ଆଶ୍ଚର୍ଯ୍ୟ ଯେ ମୁଁ ଧନୀ ମାନଙ୍କୁ ଚେତାବନୀ ଶୁଣାଇ ଅର୍ଥ ମାଗିବାକୁ ଆସିଛି ।

ମୁଁ ଉତ୍ତରରେ କହିଲି ‘‘ଆପଣ ଯଦି ପୂରା ରିପୋର୍ଟ ପଢ଼ିବେ ତେବେ ଜାଣି ପାରିବେ ଯେ ମୁଁ ସେପରି କିଛି କହିନାହିଁ । ମୁଁ କେବଳ ସେମାନଙ୍କୁ ନିଜର କର୍ତ୍ତବ୍ୟ ହିସାବରେ ଦାନ କରିବାକୁ ଅନୁରୋଧ କରିଥିଲି ।’’

ସେ କହିଲେ ‘‘ଆପଣଙ୍କୁ ସଭାରେ ଭାଷଣ ଦେବାକୁ ଯେପରି ଭଲ ଲାଗେ ଆମକୁ ଅର୍ଥ ଉପାର୍ଜନ କରିବାକୁ ସେଇପରି ଭଲ ଲାଗେ ।’’

ମୁଁ କହିଲି ‘‘ଆପଣଙ୍କ ଅର୍ଥୋପାର୍ଜନ ପ୍ରିୟତା ସହିତ ମୋର ଝଗଡ଼ା ନାହିଁ । ଆପଣ ଜାଣିବା ଉଚିତ ଯେ ସାଧାରଣ ସଭାରେ କହିବା ପ୍ରିୟ ମୁଁ ନୁହେଁ । ଦେଶରେ ବ୍ରିଟିଶ ରାଜତ୍ୱକୁ ହଟାଇବା ପାଇଁ ଜନମତ ଦୃଢ଼ କରିବାକୁ ମୁଁ କୁହେ । ମୁଁ ତାହା କରେ କାରଣ ଆପଣଙ୍କ ଭଳି ଲୋକମାନେ ସେ କାମ କରିବାକୁ ପସନ୍ଦ କରନ୍ତି ନାହିଁ । ସୁତରାଂ ଆପଣ ଯାହା କହିଲେ ତାହା ଯୁକ୍ତି ଯୁକ୍ତ ନୁହେଁ ।’’

ସେ ଭଦ୍ରବ୍ୟକ୍ତିଙ୍କ ପ୍ରତିକ୍ରିୟା ହେଲା ଯେ ସ୍ୱରାଜ୍ୟ ମିଳିଲେ ଏପରି କେହି କଥା ବାର୍ତ୍ତା କରିବେ ନାହିଁ । ଏବଂ ବର୍ତ୍ତମାନ ଲୋକମାନେ ମୋ ଭଳି ଲୋକଙ୍କୁ ଭୟ କରନ୍ତି ।

ମୁଁ ପ୍ରତ୍ୟୁତ୍ତରରେ କହିଲି ‘‘ସ୍ୱାଧିନତା ପାଇବା ପରେ ଆପଣଙ୍କ ପରି କହିବାକୁ କାହାର ସାହାସ ହେବ ନାହିଁ । ଆପଣ ମୋ ମୁହଁ ଉପରେ ମୋତେ ଅପମାନ ଦେଉଛନ୍ତି । ମୁଁ ଦୁଃଖିତ ନୁହେଁ କାରଣ ମୁଁ ଜାଣେ ଆପଣଙ୍କ ବୁଝିବାକୁ ଅନେକ ବାକି ଅଛି ।’’

ବାତାବରଣ ଗରମ ହେଇ ଆସୁଥିବାରୁ ଜମ୍‌ନାଲାଲଜୀ ଓ ମୁଁ କିଛି ଅର୍ଥ ନ ନେଇ ସେ ଜାଗା ଛାଡି ଚାଲି ଆସିଲୁ । ଜମ୍‌ନାଲାଲଜୀ ବର୍ତ୍ତମାନ ମାନିଲେ ଯେ ମୁଁ ଯାହା ଆଶଙ୍କା କରୁଥିଲି ତା’ ସତ । ତଥାପି ଯା’ ପରେ ଆମେ ଯାଇ ଅନ୍ୟ ସ୍ଥାନରୁ ଅର୍ଥ ସଂଗ୍ରହ କଲୁ ।

ମୁଁ ମୋ ସାନଭାଇ ଅମ୍ୱେଲାଲ ସହିତ ଅହମଦାବାଦରେ ରାୟପୁର ଅଞ୍ଚଳରେ ଭାଇଶଙ୍କର ନାନାଭାଇ ହାବେଲିରେ ରହୁଥିଲି । ୧୯୩୦ ଓ ୧୯୩୪ ମଝି ସମୟରେ ମୁଁ ହୁଏତ ଗସ୍ତରେ ଥିଲି ବା ଜେଲରେ ଥିଲି । ତେଣୁ ପିଲାମାନଙ୍କ ଖବର ନେଇପାରୁ ନ ଥିଲି । ସେତେବେଳେ ମୋର ତିନୋଟି ପିଲା ଥିଲେ । ମୋ ଭାଇଙ୍କର ଗୋଟିଏ ଝିଅ ଥିଲା । ଜେଲରୁ ଖଲାସ ହେବାପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିବାରୁ ପିଲାମାନଙ୍କ ସହିତ ରହିବାକୁ ମୋ ପାଖରେ ବହୁତ ସମୟ ଥିଲା । ମୁଁ ତାଙ୍କ ସହିତ ଖେଳୁଥିଲି, ପଢ଼ାଉଥିଲି ମଧ୍ୟ ।

Digitized by srujanika@gmail.com

ମୁଁ ଦେଖିଲି ଯେ ପିଲାମାନେ ଭୟରେ ଶାସିତ ହେଉଛନ୍ତି । ମୁଁ ପିଲାଦିନେ ସେଇ ବାତାବରଣରେ ବଢ଼ିଥିବାରୁ, ଭୟ କେତେ କ୍ଷତିକାରକ ଜାଣିଥିଲି । ତେଣୁ ସେମାନଙ୍କ ମନରୁ ଡର ଭାଙ୍ଗିବାକୁ ଗୋଟାଏ ଉପାୟ ପାଞ୍ଚିଲି । ଆମେ ପ୍ରଥମ ମହଲାରେ ଶୋଉଥିଲୁ । ମୁଁ ଦେଖିଲି ମୋ ପିଲାମାନେ ତୃତୀୟ ମହଲା କୋଠା ଉପରକୁ ରାତିରେ ଯିବାକୁ ଭୟ କରୁଛନ୍ତି । ମୁଁ ସେମାନଙ୍କୁ ସେଠାକୁ ରାତିରେ ଯିବାକୁ ବାଧ୍ୟ କଲି । କିଛିଦିନ ଏପରି କରିବାରୁ ତାଙ୍କ ମନରୁ ଡର ଚାଲିଗଲା । ମୁଁ ଖୁସି ହେଲି ।

ମୋ ଦୁଇଝିଅ ମ୍ୟୁନିସିପାଲ୍ ସ୍କୁଲରେ ପଢୁଥିଲେ । ସେମାନେ ଥରେ ସିନେମା ଯିବାପାଇଁ ମୋତେ ଟଙ୍କା ମାଗିଲେ । ମୋ ପିଲାମାନେ ଆଗରୁ କେବେହେଲେ ଏଭଳି ଇଚ୍ଛା ପ୍ରକାଶ କରି ନଥିଲେ । ମୁଁ ତାଙ୍କୁ ପଚାରିଲି କାହିଁକି ସିନେମା ଦେଖିବାକୁ ଯିବେ । ସେମାନେ କହିଲେ ଯେ ସ୍କୁଲ ପିଲାମାନଙ୍କୁ ସିନେମା ଦେଖାଇ ନେବାକୁ ବନ୍ଦୋବସ୍ତ କରି ସେମାନଙ୍କୁ ଟଙ୍କା ଆଣିବାକୁ କହିଛି । ସେମାନେ କହିଲେ ତାଙ୍କର ସିନେମା ଦେଖିବାକୁ ସ୍ପୃହା ନାହିଁ । ମୁଁ ସେମାନଙ୍କୁ କହିଲି ତାଙ୍କ ପାଖରେ ପଇସା ନାହିଁ ତେଣୁ ସେମାନେ ଶିକ୍ଷକଙ୍କୁ କହିବା ଉଚିତ ଯେ ସିନେମା ଦେଖିବାପାଇଁ ସେମାନେ ପଇସା ଆଣିପାରିବେ ନାହିଁ । ସେମାନେ କହିଲେ ଯେ ଶିକ୍ଷକ ମାନେ ତାଙ୍କୁ ଥଟ୍ଟା କରିବେ ଓ କହିବେ ଯେ ସେମାନେ ଭିକାରି, ତାଙ୍କୁ ଖରାପ ଲାଗିବ । ମୁଁ ତାଙ୍କୁ ବୁଝାଇବାକୁ ଚେଷ୍ଟାକରି କହିଲି ଯେ ସେପରି କହିବା ଶିକ୍ଷକଙ୍କର ଭୁଲ ହେବ ।

ଯଦି ସେ ଥଟ୍ଟା କରନ୍ତି ତୁମେ ତୁମ ଶିକ୍ଷକଙ୍କୁ ବିନୟ ସହକାରେ କହିବ ଯେ ଆମ୍ଭେମାନେ ଦରିଦ୍ର ଏବଂ ସିନେମା ପାଇଁ ଆମର ଟଙ୍କା ନାହିଁ । ମୁଁ ଝିଅମାନଙ୍କୁ ଉପଦେଶ ଦେଲି ଯେ ତୁମେ ପୁଣି କହିବ, ଆମେ ଏ ଖର୍ଚ୍ଚ କରିପାରିବୁ ନାହିଁ କାରଣ ବିଶେଷ କରି ଆମେ ଭିକାରି ହେବାକୁ ଇଚ୍ଛା କରୁନାହୁଁ । ଯଦି ଶିକ୍ଷକ ପୁଣି ମାଗନ୍ତି ମୁଁ ନିଜେ ତାଙ୍କ ସହିତ କଥାବାର୍ତ୍ତା କରିବି । ତୁମେ ନିଜେ ଗରିବ ବୋଲି ସ୍ୱୀକାର କରିବାକୁ ଅପ୍ରସ୍ତୁତ ମନେ କରିବ ନାହିଁ କାରଣ ଆମେ ପ୍ରକୃତରେ ଗରିବ ଓ ଆମର ଆୟ ଅନୁସାରେ ବ୍ୟୟ କରୁଛୁ । ଆତ୍ମସମ୍ମାନ ରକ୍ଷାକରି ବଞ୍ଚିବା ଓ ଆନନ୍ଦ ଉପଭୋଗ କରିବା ପାଇଁ ଏହା ଏକ ମାତ୍ର ପନ୍ଥା ।

ମୁଁ ଜାଣେନାହିଁ ପିଲାମାନେ ମୋ ଯୁକ୍ତି ଗ୍ରହଣ କଲେ କି ନାହିଁ, ସେମାନେ ଆଉ ମୋତେ ଟଙ୍କା ମାଗିଲେ ନାହିଁ ହୁଏତ ମୋତେ ବୁଝିପାରିଲେ ବା ହୁଏତ ମୋ ଉପରେ ଦୟାକରି । ଶିକ୍ଷକଙ୍କର ଏପରି ଭାବରେ ପିଲାମାନଙ୍କର ଆତ୍ମସମ୍ମାନରେ ଆଘାତ ଦେବା ଉଚିତ ନୁହେଁ, ଓ ପିଲାମାନଙ୍କୁ କ୍ଷମତା ବାହାର ଖର୍ଚ୍ଚରେ ପକାଇବା ଉଚିତ ନୁହେଁ । ଶିକ୍ଷକଙ୍କୁ ସାକ୍ଷାତ କରିବା ସୁଯୋଗରେ ମୁଁ ତାଙ୍କୁ ଏକଥା ବୁଝାଇଥିଲି ।

Digitized by srujanika@gmail.com

(୧୨) ସୋସିଆଲିଷ୍ଟ ଗ୍ରୁପ୍‌ର ଜନ୍ମ

ଆଗରୁ କହିସାରିଛି ଯେ ୧୯୩୩ର ପ୍ରଥମ ଛ'ମାସ ନାସିକ ଜେଲରେ ଶ୍ରୀ ଜୟ ପ୍ରକାଶ ନାରାୟଣ, ଶ୍ରୀ ମିନୁ ମାସାନି, ଶ୍ରୀ ଅଚ୍ୟୁତ ପଟବର୍ଦ୍ଧନ ମୋ ସାଙ୍ଗରେ ଥିଲେ । ଶ୍ରୀ ଜୟପ୍ରକାଶ ସେତେବେଳେ କମ୍ୟୁନିଷ୍ଟ ପାର୍ଟିରେ ନ ଥାଇ ମଧ୍ୟ କମ୍ୟୁନିଷ୍ଟ ଦର୍ଶନରେ ବିଶ୍ୱାସ କରୁଥିଲେ । ତାଙ୍କ ପରି ଅନୁଭବ କରୁଥିବା କେତେଜଣ କଂଗ୍ରେସରେ ଗୋଟିଏ ସୋସିଆଲିଷ୍ଟ ଗ୍ରୁପ୍ ଆରମ୍ଭ କରିବାକୁ ଭାବିଲେ । ଏମାନଙ୍କ ମଧ୍ୟରୁ ଅନେକ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ନୀତିରେ ବିଶ୍ୱାସ କରୁ ନଥିଲେ ଏବଂ ସେମାନେ ସାଧନ ଶୁଦ୍ଧତାରେ ବିଶ୍ୱାସ କରୁ ନଥିଲେ । ସେମାନଙ୍କ ଉପରେ ମାର୍କସିଷ୍ଟର ପରିଷ୍କାର ପ୍ରଭାବ ପଡିଥିଲା, କିନ୍ତୁ ସେମାନେ କମ୍ୟୁନିଜମ୍ ବିଶ୍ୱାସ କରୁନଥିଲେ । ସେମାନେ ସେତେବେଳେ ଭାବୁଥିଲେ ଯେ ଗାନ୍ଧିଜୀଙ୍କର ନୀତିରେ ସ୍ୱରାଜ ମିଳିପାରିବ ନାହିଁ ଏବଂ ଏହା ଏକ ପ୍ରତିକ୍ରୀୟାଶୀଳ ପନ୍ଥା ଅଟେ ।

କଂଗ୍ରେସକୁ ସୋସିଆଲିଷ୍ଟ ସମାଜ ଆଦର୍ଶରେ ବଦଳାଇବାକୁ ଏହି ଗ୍ରୁପ ତିଆରି ହୋଇଥିଲା । ଜବାହରଲାଲଜୀ ଆମ ସହିତ ନାସିକରେ ନ ଥିଲେ କିନ୍ତୁ କୁହାଯାଉଥିଲା ଯେ ସେ ମଧ୍ୟ ସେହିପରି ଭାବୁଥିଲେ । ମୁଁ ଶୁଣିଥିଲି ଯେ ସେ ଏହି ଗ୍ରୁପକୁ ସମର୍ଥନ କରୁଥିଲେ । ଏଇ ବନ୍ଧୁମାନେ ଏହି ଚିନ୍ତାଧାରା କିଛିଦିନ ଆଲୋଚନା କରି ଗୋଟିଏ ଯୋଜନା ତିଆରି କଲେ ଏବଂ ସ୍ଥିର କଲେ ଯେ ପ୍ରତ୍ୟେକ ପ୍ରଦେଶରୁ ସେମାନଙ୍କ ସହିତ ଯୋଗ ଦେବାକୁ ସକ୍ରିୟ କର୍ମୀ ଯୋଗାଡ଼ କରିବେ ।

ସେମାନଙ୍କ ମଧ୍ୟରୁ ଜଣେ ମୋ ସହିତ ଏହି ପ୍ରସ୍ତାବ ଆଲୋଚନା କରି ତାଙ୍କ ସହିତ ମିଶିଲେ, ଗୁଜରାଟରେ ସର୍ଦ୍ଦାର ପଟେଲଙ୍କ ସ୍ଥାନ ନେବାର ଲାଳସା ଦେଖାଇଥିଲେ । ମୁଁ ତାଙ୍କୁ କହିଲି ଏଭଳି ଲୋଭ ଦେଖାଇ ଯଦି ସେମାନେ ଗ୍ରୁପ ଗଢ଼ନ୍ତି ତାହା ବେଶିଦିନ ତିଷ୍ଠି ପାରିବ ନାହିଁ । ମହାତ୍ମାଗାନ୍ଧୀଙ୍କ ଆଦର୍ଶ ଓ ସାଧନ ଶୁଦ୍ଧତାରେ ମୁଁ ସମ୍ପୂର୍ଣ୍ଣ ବିଶ୍ୱାସ ରଖେ । ମୁଁ ସେମାନଙ୍କର ସୋସିଆଲିଷ୍ଟ ଚିନ୍ତାଧାରାରେ ବିଶ୍ୱାସ କରେ ନାହିଁ । ତେଣୁ ସେମାନଙ୍କ ସହିତ ଯୋଗ ଦେବାର ଅକ୍ଷମତା ପ୍ରକାଶ କରିଥିଲି । ତାଙ୍କୁ ପୁଣି ସୂଚାଇ ଦେଇଥିଲି ଯେ ଗୋଟିଏ ଅନୁଷ୍ଠାନ ମଧ୍ୟରେ ଏପରି ଗ୍ରୁପ ତିଆରି କରିବା ଦ୍ୱାରା ଦଳ ମଧ୍ୟରେ ଫାଟ ସୃଷ୍ଟି ହୋଇ ଅନୁଷ୍ଠାନକୁ ଦୁର୍ବଳ କରିପକାଇବ । କିନ୍ତୁ ମୁଁ ଦେଖିଲି ସେ ମୋ ସହିତ ଏକମତ ହେଲେନାହିଁ । ସେ ବିଷୟରେ ଆଉ ଆଲୋଚନା ହେଲାନାହିଁ ।'

୧୯୩୪ରେ ସତ୍ୟାଗ୍ରହ ଆନ୍ଦୋଳନ ପତ୍ୟାହାର ପରେ ଏଇ ଗ୍ରୁପ୍‌ର ସଦସ୍ୟ ଓ ଅନ୍ୟମାନେ କଂଗ୍ରେସ ଭିତରେ ଗୋଟିଏ ସୋସିଆଲିଷ୍ଟ ଗ୍ରୁପ ତିଆରି କରି, ଭିତରେ ଭିତରେ କଂଗ୍ରେସକୁ ଦଖଲ କରିବାକୁ ବାରମ୍ବାର ଚେଷ୍ଟା କରିଥିଲେ । ସେମାନେ ପ୍ରବୀଣ ନେତାମାନଙ୍କୁ ତୀବ୍ର ସମାଲୋଚନା କରୁଥଲେ ଏବଂ ତାଙ୍କ ଦ୍ୱାରା ଆଗତ ସମସ୍ତ ପ୍ରସ୍ତାବ ବିରୁଦ୍ଧରେ ଅଭିଯୋଗ ଉଠାଉଥିଲେ ।

୧୯୩୪ ଶେଷ ଭାଗରେ କଂଗ୍ରେସର ବାର୍ଷିକ ଅଧିବେଶନ ବମ୍ବେରେ ଅନୁଷ୍ଠିତ ହୋଇଥିଲା । ଶ୍ରୀ ରାଜେନ୍ଦ୍ର ପ୍ରସାଦ କଂଗ୍ରେସର ପ୍ରେସିଡେଣ୍ଟ ନିର୍ବାଚିତ ହେଲେ ଏବଂ ୧୯୩୨-୩୩ରେ ଆନ୍ଦୋଳନ ବିଷୟ ବିଚାର କରାଗଲା । ଗାନ୍ଧିଜୀ, କଂଗ୍ରେସର ଉଦ୍ଦେଶ୍ୟକୁ ସୁସ୍ପଷ୍ଟ କରିବା ପାଇଁ ''ଶାନ୍ତିପୂର୍ଣ୍ଣ ଓ ଆଇନ ସିଦ୍ଧ ପନ୍ଥା'' ବଦଳରେ ''ସତ୍ୟ ଓ ଅହିଂସା ପନ୍ଥା'' ଲେଖିବାକୁ ଏକ ପ୍ରସ୍ତାବ ଦେଲେ । ଏହାର ଉଦ୍ଦେଶ୍ୟ ହେଲା ଯେ ''ଶାନ୍ତିପୂର୍ଣ୍ଣ ଓ ଆଇନ୍ ସିଦ୍ଧ ପନ୍ଥା''ର ଅର୍ଥ ସୁସ୍ପଷ୍ଟ ନ ଥିବାରୁ କଂଗ୍ରେସ କର୍ମୀମାନେ ଏହାର ଭୁଲ ଅର୍ଥରେ ଭୁଲ ପନ୍ଥା ଅବଲମ୍ବନ କରି ପାରନ୍ତି । ତେଣୁ ଗାନ୍ଧିଜୀ ଏଇ ପରିବର୍ତ୍ତନ ଆଣିବା ଅତ୍ୟାବଶ୍ୟକ ବୋଲି ସ୍ଥିର

Digitized by srujanika@gmail.com

କରିଥିଲେ । ଅନେକ କଂଗ୍ରେସ ଲୋକ ଏଇ ପରିବର୍ତ୍ତନର ବିରୋଧ କଲେ, ଫଳରେ ଏହା ଗୃହୀତ ହେଲା ନାହିଁ । ଯେଉଁମାନେ ଏହାର ବିରୋଧ କଲେ ସେମାନେ ଖାଲି ମୁହଁରେ ସତ୍ୟ ଏବଂ ଅହିଁସାରେ ବିଶ୍ୱାସ କରୁଥିଲେ କିନ୍ତୁ ଏଇ ଆଦର୍ଶରେ ଚଳିବାକୁ ଅକ୍ଷମ ଥିଲେ । ସେମାନେ ସତ୍ୟ ଓ ଅହିଂସା ପଥରେ ଚାଲିବାକୁ ଚେଷ୍ଟା କରିବା ପାଇଁ ପ୍ରସ୍ତୁତ ନ ଥିଲେ । ଏ ପ୍ରସ୍ତାବ କଟିଯିବାରୁ ବାପୁ ହତାଶ ହୋଇ ଯାଇଥିଲେ । ସେ ଅନୁଭବ କଲେ ଯେ ଯେଉଁ ଦଳରେ ଅଶୁଦ୍ଧ ରାସ୍ତା ଅବଲମ୍ବନ କରିବାର ସମ୍ଭାବନା ଅଛି ସେ ଦଳରେ ସେ ସକ୍ରୀୟ ଭାଗ ନେବା ଉଚିତ ହେବନାହିଁ । ସେ ସମୟରୁ ସେ କଂଗ୍ରେସରେ ସଭ୍ୟ ରହିଲେନାହିଁ କି ଆଉ ଗୋଟିଏ ନୂଆ ଅନୁଷ୍ଠାନ ତିଆରି କରିବା କଥା ଚିନ୍ତା କରିଲେ ନାହିଁ । ଭାରତୀୟ ଜାତୀୟ କଂଗ୍ରେସ ଜରୀଆରେ ଦେଶର ସ୍ୱରାଜ ଲାଭ କରିବା ପାଇଁ ସେ ଚେଷ୍ଟା କଲେ ।

ଗାନ୍ଧିଜୀ ଭଲ କରି ଜାଣିଥିଲେ ଯେ ଦେଶରେ ଯେତେ ରାଜନୈତିକି ଦଳ କାମ କରୁଥିଲେ ସେଥିରୁ କେବଳ ଭାରତୀୟ ଜାତୀୟ କଂଗ୍ରେସର ସଭ୍ୟମାନେ ତାଙ୍କର ନୀତି ଅବଲମ୍ବନ କରିବେ, ଏବଂ ଅନୁଷ୍ଠାନ ସୁଦୃଢ଼ ନ ହେଲେ ସ୍ୱାଧୀନତା ହାସଲ କରି ହେବନାହିଁ । ସେଥିପାଇଁ ସେ କଂଗ୍ରେସ ଜରିଆରେ, କଂଗ୍ରେସ କାର୍ଯ୍ୟକାରୀ କମିଟିରେ ଏବଂ ଏ.ଆଇ.ସି.ସି. ରେ ଆଗେ ସଭ୍ୟ ଥିବା ଭଳି କାମ କରୁଥିଲେ ତେଣୁ ଭାରତୀୟ ଜାତୀୟ କଂଗ୍ରେସ ସହିତ ତାଙ୍କର ସମ୍ପର୍କରେ ପରିବର୍ତ୍ତନ ହୋଇ ନ ଥଲା ।

ଗାନ୍ଧିଜୀଙ୍କ ବିଚାରରେ ବ୍ୟକ୍ତି ଅପେକ୍ଷା ଅନୁଷ୍ଠାନର ପ୍ରାଧାନ୍ୟତା ଅଧିକ ଥିଲା । ତାଙ୍କର ଉପରୋକ୍ତ ବ୍ୟବହାର ଏଇ ବିଚାରର ପରିଚାୟକ । ନିଜେ କାମ କରୁଥିବା ଅନୁଷ୍ଠାନ ଜରିଆରେ ଜଣେ ବ୍ୟକ୍ତି କିପରି ନିଜର ଆନୁଗତ୍ୟ ରଖିପାରେ ତାହାର ଏକ ନିଚ୍ଛକ ଉଦାହରଣ ଦେଲେ ।

ଜବାହରଲାଲଜୀ ଆନୁଷ୍ଠାନିକ ଭାବେ ପୂର୍ବରୁ ଲିଖିତ ସୋସିଆଲିଷ୍ଟ ଗ୍ରୁପରେ ଯୋଗ ଦେଇ ନଥିଲେ କିନ୍ତୁ ସେ ଅନୁଷ୍ଠାନକୁ ପ୍ରେରଣା ଦେଉଥିଲେ ଓ ଉତ୍ସାହିତ କରୁଥିଲେ । କିନ୍ତୁ ସେ କଂଗ୍ରେସର ସମସ୍ତ ସଭ୍ୟଙ୍କୁ ଏକାଠି ରଖିବାକୁ ଚାହୁଁଥିଲେ, ତେଣୁ ମତ ପାର୍ଥକ୍ୟ ଥିବା ସତ୍ତ୍ୱେ ସେମାନଙ୍କ ସହିତ ବୁଝାମଣା କରୁଥିଲେ । ଯେଉଁ ନେତାମାନଙ୍କ ସହିତ ତାଙ୍କର ମତ ପାର୍ଥକ୍ୟ ଥିଲା ସେମାନେ ହେଲେ ବଲ୍ଲଭଭାଇ, ରାଜେନ୍ଦ୍ରବାବୁ, ରାଜାଜୀ ଏବଂ ଅନୁରୂପ ଅନ୍ୟ ନେତାମାନେ । ଏହା ସୁସ୍ପଷ୍ଟ ଥିଲା ଯେ ଯଦି ଏଇ ନେତାମାନେ ଏକାଠି କାମ ନ କରନ୍ତି ଏବଂ ପରସ୍ପର ପ୍ରତି ସହଯୋଗ ନ କରନ୍ତି ତେବେ ଜବାହରଲାଲଜୀଙ୍କ ନିଜ ଅବସ୍ଥା ବହୁତ ଦୁର୍ବଳ ହୋଇପଡିବ, ଅନୁଷ୍ଠାନ କଥା ଛାଡ । ଏହାକୁ ବିଚାର କରି ଏବଂ ଦେଶର ସ୍ୱାର୍ଥକୁ ଆଗରେ ରଖି ଏଇ ନେତାମାନେ ସମସ୍ତ ମତଭେଦକୁ ଭୁଲି କଂଗ୍ରେସରେ ଏକତ୍ରିତ ହୋଇ କାମ କଲେ ।

ଗୁଜରାଟରେ ଗୋଟିଏ ସୋସିଆଲିଷ୍ଟ ଗ୍ରୁପ୍ ତିଆରି ହୋଇଥିଲା । ୧୯୩୪ ଜୁଲାଇରେ ଜେଲ୍‌ରୁ ଖଲାସ ହେବା ପରେ କେତେକ ଯୁବ ବଂଧୁ ଏ ସମ୍ବନ୍ଧରେ ମୋତେ ଦେଖା କରିବାକୁ ଆସିଥିଲେ । ଏମାନେ ହେଲେ ୧୯୩୧ ରେ ମୋ ସଭାପତିତ୍ୱରେ ୟୁଥ ଅର୍ଗାନାଇଜେଶନ ଆରମ୍ଭ କରିଥିବା ଯୁବ ବଂଧୁ । ସେମାନଙ୍କ ମଧ୍ୟରୁ କେତେକ ମୋତେ ବଦଳାଇବାକୁ ବହୁତ ଚେଷ୍ଟା କଲେ । ତା ବଦଳରେ ମୁଁ କିନ୍ତୁ ସେମାନଙ୍କୁ ଅନୁଷ୍ଠାନ ଭିତରେ ଅଲଗା ଗୋଷ୍ଠୀ ତିଆରି ନ କରିବାକୁ ପ୍ରବର୍ତ୍ତାଇଲି । ଆଲୋଚନାରୁ ସ୍ପଷ୍ଟ ହେଲା ଯେ ଆମ୍ଭମାନଙ୍କ ଭିତରେ ଆଦର୍ଶ ଓ ସାଧନ ନେଇ ମତ ପାର୍ଥକ୍ୟ ଅଛି । ମୁଁ ସେମାନଙ୍କୁ କହିଲି କଂଗ୍ରେସ ଭିତରେ ଆଉ ଗୋଟିଏ ଗୋଷ୍ଠୀ ହେଲେ କଂଗ୍ରେସ ଅନୁଷ୍ଠାନକୁ ଦୁର୍ବଳ କରିବ, ମତଭେଦ ବଢ଼ିବ, ପ୍ରତ୍ୟେକ ଗୋଷ୍ଠୀ ଅନ୍ୟକୁ ଦୁର୍ବଳ କରିପକାଇବ । ଏହାଦ୍ୱାରା ଅନୁଷ୍ଠାନ ଲକ୍ଷ୍ୟ ହାସଲ ଦିଗରେ ଦୁର୍ବଳ ହୋଇପଡିବ ।

କିନ୍ତୁ ଏହି ଧୈର୍ଯ୍ୟଚ୍ୟୁତ୍ ଯୁବକମାନଙ୍କର ଗାନ୍ଧିଜୀଙ୍କର ଆଦର୍ଶ ଏବଂ ନୀତି ଉପରେ ବିଶ୍ୱାସ ନ ଥିଲା । ମୋତେ ଶୁଣିଲେ ନାହିଁ । ସେମାନେ ଗୁପ୍ତଭାବରେ ବେଆଇନ କାମ କରିବାରେ ବିଶ୍ୱାସ ରଖୁଥିଲେ ଏବଂ

Digitized by srujanika@gmail.com

ନିଜର ଉଦ୍ଦେଶ୍ୟ ସାଧନ ପାଇଁ କପଟ କୌଶଳ ପ୍ରୟୋଗ କରିବାକୁ ପ୍ରସ୍ତୁତ ଥିଲେ । ସେମାନଙ୍କର ଚିନ୍ତା ଓ ନୀତିରେ ପାର୍ଥକ୍ୟ ଦୃଷ୍ଟିରୁ ମୁଁ ସାହାଯ୍ୟ କରିପାରିବି ନାହିଁ ବୋଲି କହିଲି । ପୁଣି ଜଣାଇ ଦେଲି ଯେ କଂଗ୍ରେସ କମିଟିର କର୍ମକର୍ତ୍ତାଙ୍କ ନିର୍ବାଚନ ସମୟରେ ସେମାନଙ୍କୁ ସାହାଯ୍ୟ କରିପାରିବି ନାହିଁ । ମୁଁ ତାଙ୍କ ପକ୍ଷରେ ଗଲେ, ତାଙ୍କ ମନ୍ଦ କର୍ମରେ ମୋତେ ଭାଗୀ ହେବାକୁ ପଡିବ ଓ ସେ ମନ୍ଦ କର୍ମକୁ ମୁଁ ପଦାରେ ପକାଇ ପାରିବି ନାହିଁ । ମୁଁ ସତ୍ୟ ଓ ଅହିଂସାରେ ବିଶ୍ୱାସ କରେ ନାହିଁ ବୋଲି ଜନମତ ସୃଷ୍ଟି ହେବ, ଫଳରେ ଜନସାଧାରଣଙ୍କ ଆଖିରେ କଂଗ୍ରେସର ସମ୍ମାନ ତଳକୁ ଖସିବ ।

ସୋସିଆଲିଷ୍ଟ୍ ଗୋଷ୍ଠୀ କଂଗ୍ରେସ ଭିତରେ ରହି କାମ କରିବାକୁ ଇଚ୍ଛା କରୁଥିଲେ ଓ ବାସ୍ତବରେ କରୁଥିଲେ ମଧ୍ୟ । ମୁଁ ସେମାନଙ୍କୁ ସର୍ବ ସାଧାରଣରେ ବିରୋଧ କରୁନଥିଲି କିନ୍ତୁ ସହଯୋଗ କରୁନଥଲି ।

ଥରେ ଏହି ମାନଙ୍କ ମଧ୍ୟରୁ ଜଣେ ଯୁବ ବନ୍ଧୁ ୟୁଥ କନଫରେନ୍ସ୍‌ରେ କଂଗ୍ରେସର କାର୍ଯ୍ୟନୀତିକୁ ବିରୋଧ କରିଥିଲେ । ଅହମଦାବାଦରୁ ପ୍ରକାଶ ହେଉଥିବା ଗୁଜରାଟି କାଗଜରେ ମୋତେ କଂଗ୍ରେସର କର୍ମନୀତି ସମ୍ବନ୍ଧରେ ତିନି ଚାରଟି ପ୍ରବନ୍ଧ ଲେଖିବାକୁ ପଡିଲା । ଏହି ପ୍ରବନ୍ଧ ଗୁଡିକର ଜନସାଧାରଣଙ୍କ ଉପରେ ବେଶ୍ ପ୍ରଭାବ ପଡିଥିଲା । ଖବରକାଗଜରେ ପ୍ରକାଶିତ ଏହା ଥିଲା ମୋର ପ୍ରଥମ ପ୍ରବନ୍ଧ ।

ଗୋଷ୍ଠୀରେ ବୁଦ୍ଧିମାନ ଯୁବକ ଯୁବତୀମାନେ ଥିଲେ କିନ୍ତୁ ସେମାନେ ଗୋଟିଏ ସ୍ଥାନରେ ବେଶି ଦିନ କାମ କରିବାରେ ବିଶ୍ୱାସ କରୁନଥିଲେ । ସେମାନେ ବାସ୍ତବ କର୍ମ ଅପେକ୍ଷା ଚିନ୍ତା ବା ଭାବନାରେ ବେଶି ସମୟ କଟାଉଥିଲେ । ବାପୁ ଆମ୍ଭମାନଙ୍କୁ ଦେଇଥିବା ଗଠନମୂଳକ କାର୍ଯ୍ୟକ୍ରମରେ ତାଙ୍କର ଧୈର୍ଯ୍ୟ ନଥଲା । ସେମାନେ ଖବର କାଗଜ ଓ ସଭାସମିତି ଜରିଆରେ ବହୁତ ପ୍ରଚାର କରୁଥିଲେ । ସେମାନେ କଂଗ୍ରେସକୁ ଅଧିକ ଆକ୍ରମଣଶୀଳ ଅନୁଷ୍ଠାନରେ ପରିଣତ କରିବାକୁ ଚେଷ୍ଟା କରୁଥିଲେ । କିନ୍ତୁ ଜନତାର ପ୍ରତିକ୍ରୀୟା ନ ପାଇବାରୁ ସେମାନେ ଅଧୈର୍ଯ୍ୟ ହୋଇ ପଡିଲେ । ମୋ ମତରେ, ଜବାହରଲାଲଜୀଙ୍କ ଉତ୍ସାହ ପାଇ ନଥିଲେ, ଯାହା କିଛି ସଫଳତା ହାସଲ କରିଥିଲେ, ତା'ବି ପାଇ ନଥାନ୍ତେ ।

୧୯୩୫ରେ ଲକ୍ଷ୍ନୌରେ ହୋଇଥିବା କଂଗ୍ରେସର ବାର୍ଷିକ ଅଧିବେଶନରେ ଜବାହରଲାଲଜୀ ସଭାପତି ହୋଇଥିଲେ । ସେ କଂଗ୍ରେସ କାର୍ଯ୍ୟକାରୀ କମିଟିକୁ ଜୟପ୍ରକାଶ ନାରାୟଣଙ୍କ ସୋସିଆଲିଷ୍ଟ୍ ଗୋଷ୍ଠୀର କେତେକ ବଂଧୁଙ୍କୁ ମନୋନୀତ କରିବାକୁ ଇଚ୍ଛା କରିଥିଲେ । ଅନ୍ୟ କଂଗ୍ରେସ ନେତାମାନେ ପ୍ରସ୍ତାବର ବିରୋଧ କରିଥିଲେ । ପରେ ଗାନ୍ଧିଜୀ ଯେତେବେଳେ କହିଲେ ଯେ ଜବାହରଲାଲଜୀଙ୍କୁ ସନ୍ତୁଷ୍ଟ ରଖିବାର ଏହା ଏକ ବାଟ ସେତେବେଳେ ସେ ନେତାମାନେ ଅନିଚ୍ଛା ସତ୍ତ୍ୱେ ମୌନରେ ସମ୍ମତି ଜଣାଇଥିଲେ । ତଦନୁସାରେ ଜୟପ୍ରକାଶ ନାରାୟଣ, ଆଚାର୍ଯ୍ୟ ନରେନ୍ଦ୍ର ଦେବ, ମିନୁ ମାସାନି ଏବଂ କମଳା ଦେବୀ ଚଟ୍ଟୋପାଧ୍ୟାୟଙ୍କୁ କାର୍ଯ୍ୟକାରୀ କମିଟିରେ ନିଆ ଯାଇଥିଲା । ଭୁଲାଭାଇ ଦେଶାଇଙ୍କୁ କାର୍ଯ୍ୟକାରୀ କମିଟିରେ ନେବାପାଇଁ ସ୍ଥିର ହୋଇଥିଲା । କିନ୍ତୁ ଜବାହରଲାଲଜୀ ବାପୁଙ୍କୁ କହିଲେ ଯେ ନବନିଯୁକ୍ତ ଚାରି ସୋସିଆଲିଷ୍ଟ ବଂଧୁ ଭୁଲାଭାଇଙ୍କ ନିଯୁକ୍ତିକୁ କଠୋର ବିରୋଧ କରୁଛନ୍ତି । ବାପୁ, ଏ ବିଷୟ ସର୍ଦ୍ଦାର ସାହେବ, ରାଜେନ୍ଦ୍ରବାବୁ ଓ ଅନ୍ୟମାନଙ୍କ ସହିତ ପରାମର୍ଶ କରି ମିମାଂସା କରିବାକୁ ଜବାହରଲାଲଜୀଙ୍କୁ କହିଥିଲେ ।

ଜବାହରଲାଲଜୀ ଯେତେବେଳେ ଏଇ ସବୁ ବରିଷ୍ଠ ସହକର୍ମୀଙ୍କୁ ଏ କଥା କହିଲେ, ସେମାନେ ଭୟଙ୍କର ମାନସିକ ଅସ୍ଥିରତା ଅନୁଭବ କଲେ ଓ କହିଲେ ଯେ ଯଦି ଜବାହରଲାଲଜୀ ନବ ମନୋନୀତ ସହକର୍ମୀଙ୍କ ଉପଦେଶାନୁସାରେ କାମ କରିବାକୁ ଚାହାଁନ୍ତି -- ନିଶ୍ଚୟ ତା କରିପାରନ୍ତି, କିନ୍ତୁ ଯେତେବେଳେ ସେମାନେ ଅର୍ଥାତ ଜବାହରଲାଲଜୀଙ୍କ ବରିଷ୍ଠ ସହକର୍ମୀମାନେ ଓ ସେ (ଜବାହରଲାଲଜୀ) ନିଜେ ସୋସିଆଲିଷ୍ଟ ଗୋଷ୍ଠୀ

Digitized by srujanika@gmail.com

ସମେତ ଭୁଲାଭାଇ ଦେସାଇଙ୍କୁ ତାଲିକା ଭୁକ୍ତ କରିବାକୁ ଏକମତ ହୋଇସାରିଛନ୍ତି, ସେ କ୍ଷେତ୍ରରେ ବର୍ତ୍ତମାନ ଜବାହରଲାଲଜୀ ଭୁଲାଭାଇ ଦେସାଇଙ୍କୁ ତାଲିକାରୁ କାଟି ଦେବାକୁ ଇଚ୍ଛା କରିବା ସେମାନଙ୍କ ବିଚାରରେ ଏକ ସମ୍ପୂର୍ଣ୍ଣ ଅନୁଚିତ କାମ ହେବ ଏବଂ ସେମାନେ ଜବାହରଲାଲଜୀଙ୍କୁ ମୁକ୍ତ ହସ୍ତରେ ନିଯୁକ୍ତି ଦେବା ପାଇଁ ସୁବିଧା ଦେଇ କର୍ମଟିରୁ ନିଜକୁ ପ୍ରତ୍ୟାହାର କରିନେବେ ।

ଜବାହରଲାଲଜୀ ଯେତେବେଳେ ଦେଖିଲେ ତାଙ୍କ ପ୍ରସ୍ତାବ ସଙ୍କଟାବସ୍ଥାରେ ପହଞ୍ଚିଲାଣି, ସେ ଭୁଲାଭାଇ ଦେସାଇଙ୍କୁ ନିଯୁକ୍ତି ନ ଦେବା ପ୍ରଶ୍ନ ତ୍ୟାଗ କଲେ ଏବଂ ନୂଆ ଚାରିଜଣ ସଭ୍ୟ କାର୍ଯ୍ୟକାରୀ କମିଟିରେ କାମ କରିବାକୁ ରାଜି ହେଲେ ଓ ଭୁଲାଭାଇ ଦେସାଇଙ୍କ ମନୋନୟନ ପ୍ରତି ବିରୁଦ୍ଧାଚରଣ ପ୍ରତ୍ୟାହାର କଲେ । ଆସନ୍ନ ସଙ୍କଟ ଟଳି ଗଲା କିନ୍ତୁ ଭିତରେ ସୋସିଆଲିଷ୍ଟ ଗ୍ରୁପ ଓ କଂଗ୍ରେସ ନେତାମାନଙ୍କ ମଧ୍ୟରେ ସଂଘର୍ଷ ଲାଗିରହିଲା । ଏଇ ସଘର୍ଷରେ ଯଦିଓ ଜବାହରଲାଲଜୀ ବେଶୀ ସୋସିଆଲିଷ୍ଟ ବଂଧୁଙ୍କ ସପକ୍ଷରେ ଥିଲେ, ପରିଶେଷରେ ସଂଖ୍ୟାଗରିଷ୍ଠ ମିମାଂସାକୁ ଗ୍ରହଣ କରୁଥିଲେ । ଏହି ସଂଘର୍ଷ ଅଳ୍ପେ ବହୁତେ, ୧୯୫୦ରେ ସୋସିଆଲିଷ୍ଟ ଗୋଷ୍ଠୀ ଶେଷରେ କଂଗ୍ରେସରୁ ଅଲଗା ହେବା ପର୍ଯ୍ୟନ୍ତ, ଲାଗି ରହିଥିଲା । ସୋସିଆଲିଷ୍ଟ ଗୋଷ୍ଠୀର କାର୍ଯ୍ୟ କର୍ମାଦି ଯୋଗୁ କଂଗ୍ରେସରେ ଯେ ଗୋଷ୍ଠୀ କନ୍ଦଳ ତୀବ୍ର ହୋଇଥିଲା ସେଥିରେ ମୋର ସନ୍ଦେହ ନାହିଁ । ସୋସିଆଲିଜମ୍‌ର ମୁଖ୍ୟ ବା ମୌଳିକ ନୀତି ସବୁ, ୧୯୩୦ରେ କଂଗ୍ରେସର କରାଚୀ ଅଧିବେଶନରେ ଗୃହୀତ ହୋଇଥିବା ମୌଳିକ ଅଧିକାରର ଅନ୍ତର୍ଭୁକ୍ତ । କେବଳ ପ୍ରଭେଦ ଏତିକି, ଏଥିରେ 'ସୋସିଆଲିଜିମ୍' ଶବ୍ଦ ବ୍ୟବହାର ହୋଇ ନଥିଲା । ଏହାସତ୍ତ୍ୱେ ସୋସିଆଲିଷ୍ଟ ବନ୍ଧୁମାନେ ବାରମ୍ବାର ଅଭିଯୋଗ ଉଠାଇ କହୁଥିଲେ କି କଂଗ୍ରେସ କାର୍ଯ୍ୟକ୍ରମ ସୋସିଆଲିଷ୍ଟ ନୀତି ଅନୁଯାୟୀ ତିଆରି ହୋଇନାହିଁ । ସେମାନେ ଯେତେବେଳେ ଦେଖିଲେ ଯେ କଂଗ୍ରେସକୁ ଅଧିକାର କରିପାରିବେ ନାହିଁ, ୧୯୫୦ରେ ଶ୍ରୀ ଜୟ ପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ଅଲଗା ହୋଇ ଆଉ ଗୋଟିଏ ନୂଆ ରାଜନୈତିକ ଦଳ ଆରମ୍ଭ କଲେ । ୧୯୫୫ରେ କଂଗ୍ରେସ ଆଭାଡି ଅଧିବେଶନରେ ସୋସିଆଲିଷ୍ଟ ଆଦର୍ଶ ଗ୍ରହଣ କରିଥିଲା ।

Digitized by srujanika@gmail.com

(୧୩) ଗୁଜରାଟ କଂଗ୍ରେସ ସଂଗଠନ

୧୯୩୪ରେ ଏର୍‌ଭଦା ଜେଲରୁ ଖଲାସ ହୋଇ ଆସି ଗୁଜରାଟ ପ୍ରଦେଶ କଂଗ୍ରେସ କମିଟିକୁ ଶକ୍ତିଶାଳୀ କରିବାରେ ଲାଗିଲି । ସତ୍ୟାଗ୍ରହ ଆନ୍ଦୋଳନ ସଫଳ ହେଲାନାହିଁ ଏବଂ ପ୍ରତ୍ୟାହାର କରିବାକୁ ପଡିଲା । ଲୋକମାନଙ୍କ ମନରେ ବିଷାଦର ଛାୟା ଦେଖାଗଲା । ନିରାଶାବାଦର ବାତାବରଣ ଚାରିଆଡ଼େ ଖେଳିଯାଇଥିଲା ଏବଂ ସାଧାରଣ ସଭା କରିବା କଷ୍ଟକର ହେଉଥିଲା । ବହୁ ସଂଖ୍ୟାରେ ପୁଲିସମାନଙ୍କର ଉପସ୍ଥିତି ଯୋଗୁଁ ଲୋକମାନେ ସଭା ସମିତିକୁ ଆସୁନଥିଲେ । ବିଭିନ୍ନ ଜିଲାରେ କଂଗ୍ରେସ କର୍ମୀମାନେ ଏ ବିଷୟ ଆଲୋଚନା କରି କଂଗ୍ରେସ ପ୍ରତି ଲୋକମାନଙ୍କୁ ଆକୃଷ୍ଟ କରିବାପାଇଁ କଷ୍ଟ ସ୍ୱୀକାର କରୁଥିଲେ । ଏ ପର୍ଯ୍ୟନ୍ତ କଂଗ୍ରେସ ଲୋକାଲ ବୋର୍ଡ ଓ ମ୍ୟୁନିସିପାଲିଟି କ୍ଷେତ୍ରରେ ସଂଗଠିତ ଭାବେ ଅଂଶଗ୍ରହଣ କରିନଥିଲା କାରଣ ସ୍ୱାଧୀନତା ଆନ୍ଦୋଳନରେ ବ୍ୟସ୍ତଥିବା ବେଳେ ଏସବୁ କାମ କରିବାକୁ ଅଳ୍ପ ସମୟ ମିଳୁଥିଲା । କେତେକ କଂଗ୍ରେସ ଲୋକ ଏହି ଅନୁଷ୍ଠାନ ମାନଙ୍କର ସ୍ୱାଧୀନ ସଭ୍ୟ ଭାବରେ ନିର୍ବାଚିତ ହୋଇଥିଲେ । ୧୯୩୪ ଶେଷ ଆଡକୁ କେନ୍ଦ୍ର ବିଧାନସଭା ନିର୍ବାଚନ ପୂର୍ବରୁ ସୁରତ ଜିଲା ଲୋକାଲବୋର୍ଡ ପାଇଁ ନିର୍ବାଚନ ହେବାର ଥିଲା । କାଞ୍ଜିଭାଇ ଓ ମୁଁ ଅନ୍ୟ ସହକର୍ମୀଙ୍କ ସହ ଜାତୀୟ ମଞ୍ଚ ତିଆରି କରି ଏ ନିର୍ବାଚନରେ ଲଢ଼ିବା ପାଇଁ ଅଭିଯାନ ଆରମ୍ଭ କଲୁ ।

କଂଗ୍ରେସରେ ଦୃଢ଼ବିଶ୍ୱାସ ରଖୁଥିବା ଗ୍ରାମବାସୀମାନେ ସଭାରେ ଯୋଗ ଦେବାକୁ ଭୟ କରୁଥିଲେ । ସେହିପରି ଗୋଟିଏ ଗ୍ରାମରେ ଆମେ ଗୋଟିଏ ସଭାର ଆୟୋଜନ କରିଥିଲୁ କିନ୍ତୁ ଆଠ ଦଶଜଣ ପୁଲିସ ମାନଙ୍କ ଛଡ଼ା କେହି ସଭାକୁ ଆସିଲେ ନାହିଁ, କାଞ୍ଜିଭାଇ ଓ ମୁଁ ଆଉ ଗୋଟିଏ ଜାଗାରେ ସଫଳତାର ସହ ସଭା କରିବାକୁ ସ୍ଥିର କଲୁ । ଓଲ୍‌ପାଡ୍ ତାଲୁକାର ପ୍ରାୟ ପଚାଶ ଗାଁରୁ, ପ୍ରତି ଗାଁରୁ ପାଞ୍ଚ ସାତଜଣ ହିସାବରେ ପ୍ରତିନିଧିଙ୍କୁ, ଆଉ ଗୋଟିଏ ଗାଁରେ ମିଟିଙ୍ଗକୁ ନିମନ୍ତ୍ରଣ କଲୁ, ଏହିପରି ଭାବରେ ସଭା ପାଇଁ ତିନଶହ ଚାରିଶହ ଲୋକ ଯୋଗାଡ କଲୁ ।

ସତ୍ୟାଗ୍ରହ ଆନ୍ଦୋଳନ ସମୟରେ ଲୋକମାନଙ୍କୁ ଭୟଭୀତ କରାଉଥିବା ବିଶେଷ କରି ଗାନ୍ଧି ଟୋପି ପିନ୍ଧୁଥିବା ଲୋକମାନଙ୍କୁ ହଇରାଣ କରୁଥିବା ଜଣେ ପୁଲିସ ସବ୍‌ଇନ୍ସପେକ୍ଟର ଏଇ ମିଟିଙ୍ଗରେ ଉପସ୍ଥିତ ଥିଲେ । ତାଙ୍କ ସାଙ୍ଗରେ ଅନ୍ୟ କେତେଜଣ ପୁଲିସ ଥାଆନ୍ତି । ସେ ଏ ମିଟିଙ୍ଗକୁ ବ୍ୟକ୍ତିଗତ ଆହ୍ୱାନ ଭାବେ ଗ୍ରହଣ କରିଥିଲେ । ଭୟ ବଶତଃ, ସମ୍ମାନ ପ୍ରଦର୍ଶନ ଦୃଷ୍ଟିରୁ ନୁହେଁ, କେତେଜଣ ଲୋକ ପୁଲିସ ଅଫିସରଙ୍କୁ ବସିବା ପାଇଁ ଚେୟାର ଖାଲି କରି ଛିଡା ହୋଇ ପଡିଲେ । ମୁଁ ସେମାନଙ୍କୁ ଭର୍ତ୍ସନା କରି କହିଲି ଆପଣମାନଙ୍କୁ ନିଜ ଜାଗା ଛାଡି ପୁଲିସ ସବ୍‌ଇନ୍ସପେକ୍ଟରଙ୍କୁ ବସିବାକୁ ଚେୟାର ଦେବା ଦରକାର ନାହିଁ । ସେ ନିଜର କର୍ତ୍ତବ୍ୟ ପାଳନ କରିବାକୁ ଆସିଛନ୍ତି, ତେଣୁ ନିଜର ବନ୍ଦୋବସ୍ତ କରିବେ । ଏହା ସଫଳ ହେଲା ପୁଲିସ ଅଫିସରଙ୍କୁ ନିଜ ପାଇଁ ଚୌକି ଖୋଜିବାକୁ ହେଲା ।

ମୁଁ ସଭାରେ ଲୋକମାନଙ୍କୁ ବୁଝାଇଲି, ''ଆପଣମାନେ ପୁଲିସକୁ ଭୟ କରିବା ଉଚିତ ନୁହେଁ କାରଣ ଆମେ କୌଣସି ଆଇନ ଭାଙ୍ଗିନାହୁଁ । ପୁଲିସ ସବ୍‌ଇନ୍ସପେକ୍ଟର ବା ଅନ୍ୟ କୌଣସି ପୁଲିସ କର୍ମଚାରୀଙ୍କର ଆପଣମାନଙ୍କୁ ଆରେଷ୍ଟ କରିବାର କ୍ଷମତା ନାହିଁ, ଆଇନ ଅମାନ୍ୟ ଆନ୍ଦୋଳନ ପ୍ରତ୍ୟାହାର କରି ନିଆଯାଇଛି ଏବଂ ଆମେ ସମସ୍ତେ ଗଠନମୂଳକ, ଆଇନ ସମ୍ମତ କାମ କରିବାରେ ଲାଗିଛୁ । ଆମେ ଲୁଚାଇ କରି ବି କୌଣସି ଆଇନ ଅମାନ୍ୟ କରିନାହୁଁ, ତେଣୁ ସେମାନଙ୍କର ଆମ୍ଭମାନଙ୍କୁ ହଇରାଣ କରିବାର କୌଣସି ଅଧିକାର ନାହିଁ ।''

Digitized by srujanika@gmail.com

ପୁଲିସ ସବ୍‌ଇନ୍ସପେକ୍ଟର ଜଣକ ମୋ ଭାଷଣ ମନ ଦେଇ ଶୁଣିଲେ । ଲୋକମାନେ ଯେତେବେଳେ ଦେଖିଲେ ଯେ ପୁଲିସ ଅଫିସର କୌଣସି ଅଭିଯୋଗ କରୁନାହାନ୍ତି, ସେମାନଙ୍କ ସାହସ ବଢ଼ିଲା ଓ ମିଟିଙ୍ଗ୍ ପରେ ପୁଲିସ ଗାଡିକୁ ସେମାନଙ୍କୁ ଚପି ଆଗକୁ ଯିବାକୁ ଦେଲେ ନାହିଁ । ଏ ଘଟଣା ଦ୍ୱାରା ପୁଲିସ ଅଫିସର ଜଣକ ରାଗାନ୍ୱିତ ହୋଇଥିଲେ କିନ୍ତୁ କିଛି କରିପାରିଲେ ନାହିଁ କାରଣ କୌଣସି ମିଥ୍ୟା ପଦକ୍ଷେପ ନେଇଥିଲେ ମୁଁ, କାଞ୍ଜିଭାଇ ଓ ଅନ୍ୟାନ୍ୟ ମାନେ ତାଙ୍କ ବିରୁଦ୍ଧରେ ଆଇନ ସମତ କାର୍ଯ୍ୟାନୁଷ୍ଠାନ କରିଥାଆନ୍ତୁ । ସବ୍‌ଇନ୍ସପେକ୍ଟର ନୂଆ ପରିସ୍ଥିତି ବୁଝିପାରିଲେ ଏବଂ ତା'ପରେ ଠିକ୍ ଭାବରେ କାମ କରିବା ଆରମ୍ଭ କଲେ । ଲୋକମାନଙ୍କର ସାହସ ହେଲା ଏବଂ କଂଗ୍ରେସ ଆଗଭଳି କର୍ମ କଲା ।

ଲୋକାଲବୋର୍ଡ ନିର୍ବାଚନ ସକାଶେ କାଞ୍ଜିଭାଇ ଓ ମୁଁ ପୂରା ଜିଲା ବୁଲିଲୁ ଓ ଅନେକ ଗାଁକୁ ଗଲୁ । ଲୋକମାନଙ୍କ ମଧ୍ୟରେ ଉତ୍ସାହ ଆଣିବାକୁ ଆମେ କଠିନ ପରିଶ୍ରମ କଲୁ, ବେଶ୍ ସଫଳତା ମଧ୍ୟ ପାଇଲୁ । ଯଦିଓ ଆମେ ଜାତୀୟ ଦଳ ପାଇଁ ସଂଖ୍ୟା ଗରିଷ୍ଠତା ହାସଲ କରିପାରି ନ ଥିଲୁ, ଆମର ନିର୍ବାଚନ ପ୍ରଚାର ଜିଲାର ଲୋକମାନଙ୍କ ଉପରେ ସୁସ୍ଥ ପ୍ରଭାବ ପକାଇଥିଲା ଓ କଂଗ୍ରେସ କାମରେ ନୂତନ ଉତ୍ତେଜନା ଦେଖାଯାଇଥିଲା । ଏଇ ସମୟରେ ମୁଁ ପାଦରେ, ସାଇକଲ୍‌ରେ, ବଳଦ ଗାଡିରେ ବା ଟ୍ରେନ୍ ଯୋଗେ ଗୁଜରାଟର ବହୁତ ଜିଲା ବୁଲିଥିଲି ।

ଦିନେ ଆମେ ସାଇକଲ୍‌ରେ ମାଟାରରୁ ଖେଡା ବାଟେ ମେହମଦାବାଦ ଯାଉଥିଲୁ । ଖେଡା ଟାଉନ ବାହାରେ ଜଣେ ପୁଲିସ ଲୋକ ଆମକୁ ଅଟକାଇ କହିଲେ ଯେ ସେ ଆମ ଗଣ୍ଠିରୀ ପତ୍ର ଦେଖିବାକୁ ଚାହାଁନ୍ତି । ଜଣାଯାଉଥିଲା ଯେ ଏହି ପୁଲିସ ଜଣଙ୍କ ୧୯୩୩-୩୪ ଆନ୍ଦୋଳନ ବାତାବରଣ ମଧ୍ୟରେ କାମ କରୁଛନ୍ତି । ମୁଁ ତାଙ୍କୁ କହିଲି ସେ ନିଜେ ତଲାସ କରିପାରନ୍ତି କିନ୍ତୁ ମୁଁ ତାଙ୍କୁ ସେଥିରେ ସାହାଯ୍ୟ କରିପାରିବି ନାହିଁ । ପୁଲିସ ଜଣକ ଆମକୁ ତାଙ୍କ ସହିତ ପୁଲିସ ଚୌକି ବା ଥାନାକୁ ଯିବାକୁ କହିଲେ । ମୋର ଜଣେ ସାଙ୍ଗ ତାଙ୍କୁ ମୁଁ କିଏ ବୋଲି ଜଣାଇ ଦେବାରୁ ସେ ତଲାସ କଲା ନାହିଁ । ସେ ସମୟରେ ଅନେକ କଂଗ୍ରେସ କର୍ମୀଙ୍କର ଏପରି ଅଭିଜ୍ଞତା ଅଛି ।

ଅହମଦାବାଦକୁ ଫେରି ମୁଁ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ୍‌ଙ୍କ ପାଖକୁ ଘଟଣାଟି ବର୍ଣ୍ଣନା କରି ଲେଖିଲି ଏବଂ ଏପରି ଘଟଣା ଆଉ ନ ଘଟିବାପାଇଁ ଅନୁରୋଧ କଲି । ପୁଲିସ ସୁପରିଣ୍ଟେଣ୍ଡେଣ୍ଟ୍ ପୁଲିସ ଜଣଙ୍କ କର୍ମକୁ ସମର୍ଥନ କଲେ କିନ୍ତୁ ସେ ସମର୍ଥନ ଅତି ଦୁର୍ବଳ ଥିଲା । ସେ କିନ୍ତୁ ମୋତେ ଆଶ୍ୱାସନା ଦେଲେ ଯେ ଏପରି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

କାଳକ୍ରମେ ଲୋକମାନେ କଂଗ୍ରେସ କାମ ପାଇଁ ଅଧିକ ସାହସ ଓ ଉତ୍ସାହ ଦେଖାଇବାରୁ ସରକାରୀ କର୍ମଚାରୀଙ୍କଦ୍ୱାରା ହଇରାଣ କରିବା ବହୁତ କମ୍ ହୋଇଗଲା । ଇଂରେଜୀ କର୍ମଚାରୀମାନେ କହୁଥିଲେ ଯେ ସେମାନେ ଆଇନାନୁସାରେ କାମ କରୁଛନ୍ତି କିନ୍ତୁ ଉପରୋକ୍ତ ଘଟଣାରୁ ତାଙ୍କ ଆଇନ ଜ୍ଞାନ କେତେ ଭୁଲ ଓ ଫମ୍ପା ଜଣା ପଡୁଛି । ସ୍ୱାଧୀନତା ଆନ୍ଦୋଳନ ପାଇଁ କାମ କରୁଥିବା ଲୋକଙ୍କ ଉପରେ ନଜର ରଖାଯାଉଥିଲା ଓ ତାଙ୍କ ବିରୁଦ୍ଧରେ ତଦନ୍ତ କରାଯାଉଥିଲା । ତାଙ୍କର ଚଳପ୍ରଚଳନ ଓ ଭାଷଣ ଉପରେ ଟୀପ୍ପଣୀ ଲେଖାଯାଇ ଚତୁରତାର ସହ ହଇରାଣ କରାଯାଉଥିଲା । ସେତେବେଳେ କଂଗ୍ରେସ କାମ ସର୍ବଦା ଖୋଲା ଖୋଲି ଭାବେ ଓ ଆଇନାନୁସାରେ ହେଉଥିବାରୁ ସେମାନଙ୍କୁ ହଇରାଣ କରିବାର ଏପରି ଉଦ୍ୟମ ସଫଳ ହେଉ ନ ଥିଲା ।

ଯେଉଁ କୃଷକ ମାନେ ଖଜଣା ଛାଡ଼ ଆନ୍ଦୋଳନରେ ଯୋଗ ଦେଇ ନିଜର ଜମି ସବୁ ହରାଇଥିଲେ ସେମାନଙ୍କ ପାଇଁ କାମ ଯୋଗାଇବା ସମସ୍ୟା ମୋ ଆଗରେ ଥିଲା । କିନ୍ତୁ ସେମାନେ ସାହସୀ ଓ ସ୍ୱାର୍ଥତ୍ୟାଗୀ ଥିବାରୁ ଏ ସମସ୍ୟା ସମାଧାନ କଷ୍ଟକର ହୋଇନଥିଲା ।

Digitized by srujanika@gmail.com

ଖେଡା ଜିଲାର ବୋର୍‌ସାଦ ତାଲୁକାରେ ୧୯୩୩ରେ ପ୍ଲେଗ୍ ବେମାରି ବ୍ୟାପି ଯାଇଥିଲା । ୧୯୩୫ରେ ପୁଣି ସେଇ ରୋଗ ଦେଖା ଦେଇଥିଲା । ଏ ବେମାରି ନିରାକରଣ କରିବାକୁ ସରକାର କିଛି ପଦକ୍ଷେପ ନେଲେ ନାହିଁ କହିଲେ ଚଳେ । ସର୍ଦ୍ଦାର ସାହେବ ବୋର୍‌ସାଦରେ ପ୍ଲେଗ କ୍ୟାମ୍ପ କରି ସ୍ୱେଚ୍ଛାସେବକଙ୍କ ସାହାଯ୍ୟରେ ବୋର୍‌ସାଦ ଟାଉନ ସଫା କରାଇଲେ । ପରିଷ୍କାର ପରିଛନ୍ନ ରହି ସ୍ଥାନକୁ ରୋଗମୁକ୍ତ କରିବା ପାଇଁ ଲୋକମାନଙ୍କୁ ନିର୍ଦ୍ଦେଶ ଦିଆଗଲା । କ୍ୟାମ୍ପରେ କାମ କରୁଥିବା ଅଧିକାଂଶ ଲୋକେ ନିଜେ ପ୍ଲେଗ୍ ନିବାରକ ଟୀକାନେଲେ କିନ୍ତୁ ସର୍ଦ୍ଦାର ସାହେବ ନେଲେ ନାହିଁ । ମୁଁ ଟୀକା ଇଂଜେକସନର ବିରୁଦ୍ଧରେ ଥିବାରୁ ଟୀକା ନେଲି ନାହିଁ । ତିନି ମାସର କଠିନ ପରିଶ୍ରମ ଫଳରେ ଟାଉନ ପରିଷ୍କାର ହୋଇଗଲା ଓ ପ୍ଲେଗ୍ ମଧ ବନ୍ଦ ହୋଇଗଲା । ସେଦିନ ଠାରୁ ପ୍ଲେଗ ଆଉ ନାହିଁ । ଗାନ୍ଧିଜୀ ସେ ସ୍ଥାନକୁ ଆସି କର୍ମୀମାନଙ୍କୁ ଉତ୍ସାହ ଓ ଉପଦେଶ ଦେଇଗଲେ ।

ମୁଁ ୧୯୩୧ରୁ ୧୯୩୭ରେ ବମ୍ବେ ଷ୍ଟେଟ୍‌ରେ କଂଗ୍ରେସ ମନ୍ତ୍ରୀମଣ୍ଡଳରେ ଯୋଗଦେବା ପର୍ଯ୍ୟନ୍ତ ଗୁଜରାଟ କଂଗ୍ରେସ କମିଟିରେ ସେକ୍ରେଟେରୀ ହିସାବରେ କାମ କରିଥିଲି । କଂଗ୍ରେସ କମିଟିର କାର୍ଯ୍ୟକର୍ତ୍ତାମାନେ ପ୍ରତିବର୍ଷ ସର୍ବସମତି କ୍ରମେ ନିର୍ବାଚିତ ହେଉଥିଲେ । ନିର୍ବାଚନରେ ପ୍ରତିଯୋଗିତା ହେଉ ନଥିଲା । ଗୁଜରାଟର ଅନ୍ୟ ଅନେକ ଜିଲା ଓ ତାଲୁକାରେ ମଧ ଏହା ଚାଲିଥିଲା ।

ଗୁଜରାଟ କଂଗ୍ରେସ କର୍ମୀମାନେ ସାଧାରଣତଃ ଶୃଙ୍ଖଳିତ ଥିଲେ । ସର୍ଦ୍ଦାର ସାହେବ କଂଗ୍ରେସ ପ୍ରଦେଶ କମିଟିର ସଭାପତି ୧୯୪୬ ପର୍ଯ୍ୟନ୍ତ ଥିଲେ । କଂଗ୍ରେସ ଲୋକମାନଙ୍କର ତାଙ୍କ ପ୍ରତି ପ୍ରଗାଢ଼ ବିଶ୍ୱାସ ଓ ଗଭୀର ସମ୍ମାନ ଥିଲା । ଭୁଲ କରୁଥିବା ଲୋକମାନେ ତାଙ୍କୁ ଭୟ କରୁଥିଲେ । ଫଳରେ କଂଗ୍ରେସ କାମ ସବୁ ସହଯୋଗ ଓ ଶୃଙ୍ଖଳିତ ଭାବରେ ହେଉଥିଲା । ୧୯୩୪ରେ ଶ୍ରୀ ଭୋଗିଲାଲ ଓ ଶ୍ରୀ ଜୀବନଲାଲ ଦିୱାନ ଅନ୍ୟ ଦୁଇଜଣ ସେକ୍ରେଟେରୀ ଥିଲେ । ଆମେ ତିନିଜଣ ୧୯୩୭ ପର୍ଯ୍ୟନ୍ତ ସେକ୍ରେଟେରୀ ହିସାବରେ କାମ କରୁଥିଲୁ । ଶ୍ରୀ ଦିୱାନ ଗୋଟିଏ ପ୍ରୋପ୍ରାଇଟରୀ ହାଇସ୍କୁଲରେ ପ୍ରିନ୍ସିପାଲ ଥିଲେ । ସେ ଏବଂ ଶ୍ରୀ ଭୁଲାଭାଇ ଠାକୁର ସ୍କୁଲ ଚଳାଉଥିଲେ । ଦୁଇଜଣ ଯାକ ଏକନିଷ୍ଠ କଂଗ୍ରେସ ଲୋକ ଓ ସର୍ଦ୍ଦାରଙ୍କ ନିକଟ ବଂଧୁଥିଲେ ।

ସେ ସମୟରେ ଶ୍ରୀ ଜି.ଭି ମାଭ୍‌ଲଙ୍କର୍ ଗୁଜରାଟ କଂଗ୍ରେସର ଅର୍ଥ ବ୍ୟବସ୍ଥା ଦେଖୁଥିଲେ ଓ ସର୍ଦ୍ଦାର ତାଙ୍କୁ ଭଲ ପାଉଥିଲେ । ସର୍ଦ୍ଦାର ସାହେବ ସାରା ଦେଶ ବୁଲୁଥିଲେ । ଆମେ ତିନିଜଣ ପ୍ରଦେଶ କଂଗ୍ରେସ କମିଟିର ସମସ୍ତ ବିଷୟ ବୁଝୁଥିଲୁ । ଆମେ ସର୍ଦ୍ଦାରଙ୍କ ସହିତ ବେଶ୍ ମିଶୁଥିଲୁ ତେଣୁ କାମ କରିବା ସୁବିଧାଜନକ ଥିଲା । ସର୍ଦ୍ଦାରଙ୍କ ଅମଳିନ ଉତ୍ସାହରୁ ଆମେ ଅନେକ ଦକ୍ଷତା ଅର୍ଜନ କରିଥିଲୁ ।

ପୂରା ପ୍ରଦେଶରେ କଂଗ୍ରେସ ସଂଗଠନ କାମ ମୁଁ ଦେଖୁଥିଲି । ଲୋକ ମହଲରେ ଜଣାଶୁଣା ଲାଲା କାକା ଅର୍ଥାତ ଶ୍ରୀ ଭୋଗିଲାଲ ଅର୍ଥ ବ୍ୟବସ୍ଥା ଓ ଅହମଦାବାଦ ଜିଲା ଦେଖୁଥିଲେ । ଶ୍ରୀ ଦିୱାନ ସ୍କୁଲ କାମରେ ପୂରା ବ୍ୟସ୍ତ ଥାଇ ମଧ, ପ୍ରଦେଶ କଂଗ୍ରେସ ଅଫିସକୁ ସବୁ ଦିନ ସଂଧ୍ୟାରେ କିଛି ସମୟ ପାଇଁ ଆସୁଥିଲେ । ସେତେବେଳେ ଅଫିସରେ ଜଣେ ହେଡକ୍ଲର୍କ୍‌ଓ ଜଣେ ଆକାଉଣ୍ଟାଣ୍ଟ୍ ଥାଆନ୍ତି ଓ ଆମେ ସେମାନଙ୍କ ସାହାଯ୍ୟରେ ସମସ୍ତ କାମ କରୁଥିଲୁ ।

ଆଗରୁ କହିଛି ଯେ ଦିଲ୍ଲୀରେ କେନ୍ଦ୍ର ବିଧାନସଭା ପାଇଁ ୧୯୩୪ରେ ନିର୍ବାଚନ ହୋଇଥିଲା । ଗୁଜରାଟରେ କଂଗ୍ରେସ ପକ୍ଷରୁ ଶ୍ରୀ ଭୁଲାଭାଇ ଦେସାଇ ଜଣେ ପ୍ରାର୍ଥୀ ଥିଲେ । ଶ୍ରୀ ବଲ୍ଲଭଭାଇ ପଟେଲ ଏଇ ସ୍ଥାନରୁ ଆଗରୁ ନିର୍ବାଚିତ ହୋଇଥିଲେ ଓ ସେଣ୍ଟ୍ରାଲ ବିଧାନସଭାରେ ବାଚସ୍ପତି ଭାବେ ନିର୍ବାଚିତ ହୋଇଥିଲେ । ସେତେବେଳେ କେନ୍ଦ୍ରୀୟ ବିଧାନସଭାରେ ସରକାରଙ୍କ ସଂଖ୍ୟା ଗରିଷ୍ଠତା ଥିବା ସତ୍ତ୍ୱେ ଶ୍ରୀ ବଲ୍ଲଭଭାଇ ପଟେଲ ସ୍ୱାଧୀନ ଭାବେ ଓ ଆତ୍ମ ସମ୍ମାନ ସହକାରେ ଦେଶ ପାଇଁ ବହୁତ କାମ କରି ସୁଖ୍ୟାତି ଅର୍ଜନ କରିଥିଲେ ।

Digitized by srujanika@gmail.com

ମୁଁ ସୌରାଷ୍ଟ୍ର ଓ ବରୋଦା ଷ୍ଟେଟ୍‌କୁ ଛାଡି ଦେଇ ସମଗ୍ର ଗୁଜରାଟ ବୁଲିଥିଲି । ଶ୍ରୀ ଭୁଲାଭାଇ ସାରା ରାଜ୍ୟ ବୁଲିବା ବେଳେ ମୁଁ ତାଙ୍କ ସହିତ ଥିଲି । ଆମ୍ଭେମାନେ ନିର୍ବାଚନ ଜିତିଲୁ ।

ନିର୍ବାଚନଗସ୍ତ ବେଳେ ଆମେ ଡାକୋର୍ ଯାଇଥିଲୁ । ଏଠାରେ ଅସ୍ପୃଶ୍ୟତା ସମସ୍ୟାର ସମ୍ମୁଖୀନ ହୋଇଥିଲୁ । ସେଠାରେ ଗୋଟିଏ ପ୍ରସିଦ୍ଧ ମନ୍ଦିରରେ ହରିଜନମାନଙ୍କୁ ପ୍ରଭୁଙ୍କ ଦର୍ଶନ କରିବାକୁ ଅନୁମତି ଦିଆ ଯାଉନଥିଲା । ମୁଁ ମଧ ମନ୍ଦିର ଭିତରକୁ ଗଲିନାହିଁ କାରଣ ମୁଁ ଆଗରୁ ନିର୍ଣ୍ଣୟ ନେଇଥିଲି ଯେ ଯେଉଁ ମନ୍ଦିରରେ ହରିଜନ ପ୍ରବେଶ ନିଷେଧ ସେ ମନ୍ଦିରରେ ମୁଁ ପ୍ରବେଶ କରିବି ନାହିଁ । ଡାକୋରର କେତେକ ବିଖ୍ୟାତ ଲୋକ ଅସନ୍ତୁଷ୍ଟ ହେଲେ । ସେମାନଙ୍କ ଅସନ୍ତୁଷ୍ଟ ହେବା ନିର୍ବାଚନ ଉପରେ ପ୍ରତିକୂଳ ପ୍ରଭାବ ପକାଇବାର ଆଶଙ୍କା ଥିବା ସତ୍ତ୍ୱେ ମୋ ନିର୍ଣ୍ଣୟରେ ମୁଁ ଅଟଳ ରହିଲି । ନିର୍ବାଚନ ଉପରେ କିଛି ପ୍ରଭାବ ପଡିଲା ନାହିଁ । ଆମେ ଆଶା କରିଥିବା ଭୋଟ ପାଇଲୁ । ୧୯୩୫ରେ ବ୍ରିଟିଶ ସୀମାଧୀନ ଅଧିକାଂଶ ଜିଲା ଓ ବରୋଦା ଷ୍ଟେଟ୍ କେତେକ ଭାଗ ପୁଣି ବୁଲିଲି । ସେତେବେଳେ ସୌରାଷ୍ଟ୍ରରେ ରାଜକୋଟ୍ ଓ ଭାଭ୍‌ନଗର ବୁଲିବା କିଛି ଅସୁବିଧା ନ ଥିଲା କିନ୍ତୁ କଂଗ୍ରେସ କର୍ମୀଙ୍କ ପାଇଁ ଜାମନଗର, ଜୁନାଗଡ଼ ଭଳି ସ୍ଥାନ ବୁଲିବା ଅସୁବିଧାଜନକ ଥିଲା । ମୁଁ ଗୋଣ୍ଡାଲରେ ସାଧାରଣ ସଭା କରିପାରି ନଥିଲି । ଗୋଣ୍ଡାଲ ଷ୍ଟେଟ୍‌ର ଏଜୁକେଶନାଲ୍ ଅଫିସର ଶ୍ରୀ ଚନ୍ଦୁଲାଲଙ୍କ ସହିତ ରହିଲି କିନ୍ତୁ ଅଣକର୍ମଚାରୀ କାହାକୁ ଦେଖିବାକୁ ସକ୍ଷମ ହୋଇନଥିଲି ।

୧୯୩୫ରେ ରାଜକୋଟ୍‌ରେ ପ୍ରଥମଥର ଧେବରଭାଇ ମୋତେ ଭେଟିଥିଲେ । ସେ ସେତେବେଳେ ଓକିଲାତି କରୁଥିଲେ । କଂଗ୍ରେସ ପାଇଁ କିଛି କାମ କରୁନଥିଲେ, କିନ୍ତୁ ସେ କଂଗ୍ରେସରେ ବିଶ୍ୱାସ ରଖୁଥିଲେ ଓ ସର୍ବସାଧାରଣ କାମରେ ଭାଗ ନେଉଥିଲେ । ତାଙ୍କ ସହିତ ଅନେକ ବିଷୟ ଆଲୋଚନା ପରେ ମୁଁ କହିଲି ତାଙ୍କ ଭଳି ଲୋକମାନେ କଂଗ୍ରେସରେ ଯୋଗ ଦେଇ ସୌରାଷ୍ଟ୍ରରେ କଂଗ୍ରେସକୁ କାର୍ଯ୍ୟକ୍ଷମ କରିବା ପାଇଁ ପୂରା ସମୟ କାମ କରିବା ଦରକାର । ସେ ମୋ ପ୍ରସ୍ତାବ ଚିନ୍ତାକରି ବର୍ଷକ ଭିତରେ ଓକିଲାତି ଛାଡି କଂଗ୍ରେସରେ ପୂରା ସମୟ କର୍ମୀ ହିସାବରେ ଯୋଗ ଦେଲେ ।

ସେ ସମୟରେ ସୌରାଷ୍ଟ୍ରରେ ଶ୍ରୀ ଅମୃତଲୋଲ ସେଠ୍ ଜଣେ ଆଗୁଆ କର୍ମୀ ଥିଲେ । ସହକର୍ମୀ ସମେତ ତାଙ୍କର ଲୋକମାନଙ୍କ ଉପରେ ବେଶ୍ ପ୍ରଭାବ ଥିଲା । ଶ୍ରୀ ମଣିଲାଲ କୋଠାରୀ, ଯେ କି ଆଗେ ଗୁଜରାଟ ପ୍ରଦେଶ କମିଟିର ସେକ୍ରେଟେରୀ ଥିଲେ, ତାଙ୍କ ସହିତ ତାଙ୍କର ଭଲ ପଡୁନଥିଲା । ତା'ମାନେ ନୁହେଁ ଯେ ଯେତେବେଳେ ଦେଖା ହୋଇ ଯାଉଥିଲା ସେମାନେ ଝଗଡ଼ା କରୁଥିଲେ । ବରଂ ସେମାନଙ୍କର ପରସ୍ପର ପ୍ରତି ଆନ୍ତରିକତା ଓ ସ୍ନେହ ଥିଲା, କିନ୍ତୁ ସେମାନଙ୍କର କାମ କରିବା ନୀତି ଅଲଗା ଅଲଗା ଥିଲା ଓ ପରସ୍ପରକୁ ବିଶ୍ୱାସ କରୁନଥିଲେ । କର୍ମୀଙ୍କ ଭିତରେ ତାଙ୍କର ଅଲଗା ଅଲଗା ଗୋଷ୍ଠି ଥିଲା । ଧେବରଭାଇ କଂଗ୍ରେସରେ ଯୋଗ ଦେବା ପରେ ସର୍ଦ୍ଦାର ସାହେବ ତାଙ୍କୁ ସୌରାଷ୍ଟ୍ରର ନେତା ବୋଲି ଧରି ନେଇଥିଲେ । ଧେବରଭାଇ ସାଥିରେ ସବୁ କର୍ମୀଙ୍କୁ ନେଇ କାମ କରିବାକୁ ଚେଷ୍ଟା କଲେ ଓ ସୌରାଷ୍ଟ୍ରର ସମ୍ପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କଲେ ।

Digitized by srujanika@gmail.com

(୧୪) ଶ୍ରୀ ଅରବିନ୍ଦ ଓ ରମଣା ମହର୍ଷି

ଗୁଜରାଟର ଅନେକ କଂଗ୍ରେସ କର୍ମୀ ପଣ୍ଡିଚେରୀରେ ମହର୍ଷି ଅରବିନ୍ଦଙ୍କ ଆଶ୍ରମରେ ଯୋଗ ଦେଇଥିଲେ ଓ ସେଠାରେ ସବୁଦିନ ପାଇଁ ରହିଯାଇଥିଲେ । ଆମ କର୍ମୀଙ୍କ ପାଇଁ ଆକର୍ଷଣର ପ୍ରକୃତ କାରଣ ଜାଣିବା ପାଇଁ ମୁଁ ଓ ଡକ୍ଟର ଚନ୍ଦୁଲାଲ ଦେସାଇ ୧୯୩୫ ଅଗଷ୍ଟ ମାସରେ ପଣ୍ଡିଚେରୀ ଗଲୁ । ସେଠାରୁ ରମଣା ମହର୍ଷି ଆଶ୍ରମ ହୋଇ ଓ୍ୱାର୍ଦ୍ଧାରେ ଗାନ୍ଧିଜୀଙ୍କୁ ଦେଖି ଆମ ଗସ୍ତ ପୂର୍ଣ୍ଣ କରିବାକୁ ସ୍ଥିର କରିଥିଲୁ ।

୧୯୨୩-୨୪ରେ ଭାରୁଚରେ ସରକାରୀ ଅଫିସର ଭାବରେ କାମ କରୁଥିବା ବେଳେ ମୁଁ ଡ.ଚନ୍ଦୁଲାଲଙ୍କ ସହିତ ସାଙ୍ଗ ହୋଇଥିଲି । ମୁଁ କଂଗ୍ରେସରେ ଯୋଗ ଦେବା ପରେ ମିତ୍ରତା ଆହୁରି ବଢ଼ିଯାଇଥିଲା । ଡ. ଚନ୍ଦୁଲାଲଙ୍କୁ ଲୋକେ ଛୋଟା ସର୍ଦ୍ଦାର ବୋଲି ଜାଣୁଥିଲେ ଏବଂ ସେ ରୁକ୍ଷ ଅଥଚ ସ୍ପଷ୍ଟବାଦୀ ଥିଲେ । କେତେକ ବିଷୟରେ ସେ ସର୍ଦ୍ଦାର ସାହେବଙ୍କୁ ସମାଲୋଚନା କରୁଥିଲେ । ଜଣେ ଜଣାଶୁଣା ଦନ୍ତଚିକିତ୍ସକ, ଡ.ଚନ୍ଦୁଲାଲ, ଦନ୍ତଚିକିତ୍ସା ଛାଡି ଦେଇ ସନ୍ୟାସୀ ହୋଇଯିବେ ବୋଲି ଅନେକ ସମୟରେ ଭାବୁଥିଲେ । ଘଟଣା ଚକ୍ରରେ ପ୍ରାୟ ଏତିକି ବେଳେ ମହାତ୍ମା ଗାନ୍ଧୀ ଆଫ୍ରିକାରୁ ଭାରତ ଫେରିଥିଲେ । ସାବରମତୀ ଠାରେ ଆଶ୍ରମ ପ୍ରତିଷ୍ଠା କରିଥିଲେ ଏବଂ ୧୯୨୦ ସୁଦ୍ଧା କଂଗ୍ରେସର ଜଣେ ଜଣାଶୁଣା ନେତା ହୋଇଥିଲେ । ଚନ୍ଦୁଭାଇ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସନ୍ୟାସୀ ହେବା ଚିନ୍ତା ତ୍ୟାଗ କରି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ସେ ଯେ କେବଳ ଲୋଭନୀୟ ବ୍ୟବସାୟ ଛାଡି ଦେଇଥିଲେ ତାହା ନୁହେଁ, ସେ ନିଜର ସମସ୍ତ ସମ୍ପତ୍ତି ଜାତୀୟ ସେବାରେ ଲଗାଇବା ପାଇଁ ଗାନ୍ଧିଜୀଙ୍କୁ ଦାନ କରି ଦେଇଥିଲେ ।

ବରୁଚ ଜିଲାରେ କାମ କରି ସେ ଲୋକମାନଙ୍କୁ ସର୍ବ ସାଧାରଣ କାମରେ ଅନୁପ୍ରାଣିତ କରିଥିଲେ । ସେ ଖେଡ଼ା ଜିଲା ଲୋକଙ୍କ ସେବାରେ ନିସ୍ୱାର୍ଥପର ଭାବେ ଲାଗିପଡିଥିଲେ । ଲୋକମାନଙ୍କର ତାଙ୍କ ଉପରେ ଗଭୀର ବିଶ୍ୱାସ ଥିଲା । ଗୁଜୁରାଟ ରାଜ୍ୟ ପାଇଁ ମଧ୍ୟ ନିସ୍ୱାର୍ଥପର ସେବା କରିଥିଲେ ।

ପଣ୍ଡିଚେରୀରେ ମହର୍ଷି ଅରବିନ୍ଦଙ୍କର ତିନି ମୁଖ୍ୟ ଶିଷ୍ୟଙ୍କ ମଧ୍ୟରୁ ଜଣେ ଶ୍ରୀ ଅମ୍ବାଲାଲ ପୁରାନୀଙ୍କୁ ଭେଟିଲୁ । ଆମେ ଆଗରୁ ଶ୍ରୀ ଅମ୍ବାଲାଲଙ୍କୁ ଲେଖିଥିଲୁ ଏବଂ ସେ ଆମ ପାଇଁ ଭଡ଼ା ନେଇଥିବା ଘରେ ରହିଲୁ । ଖାଇବା ଜିନିଷ ଆଶ୍ରମରୁ ଆଣୁଥିଲୁ । ବେଶୀ ସମୟ ଆଶ୍ରମ ଅନ୍ତେବାସୀଙ୍କ ସହିତ କଥାବାର୍ତ୍ତାରେ କଟୁଥିଲା । ପଣ୍ଡିଚେରୀରେ ଆମେ ପନ୍ଦରଦିନ ରହିଲୁ ।

ଆମେ ସେଠାରେ ଯାଇ ଆମମାନଙ୍କର ପୂର୍ଣ୍ଣ ପରିଚୟ ଫ୍ରେଞ୍ଚ ପୁଲିସକୁ ଦେଲୁ ଯାହା ସେଠାକାର ଆଇନାନୁସାରେ ଦରକାର । ସେଠାରେ ଥିବା ସମୟରେ ଅଗଷ୍ଟ ୧୫ରେ ଶ୍ରୀ ଅରବିନ୍ଦଙ୍କୁ ଦର୍ଶନ କଲୁ । ଶ୍ରୀ ଅରବିନ୍ଦ ଶ୍ରୀମାଙ୍କ ଛଡ଼ା ସାଧାରଣତଃ କାହାରି ସହିତ ସାକ୍ଷାତ କରୁନଥିଲେ । କିନ୍ତୁ ଚାହୁଁଥିବା ସାଧାରଣ ଜନତାଙ୍କୁ ବର୍ଷରେ ଦୁଇ ବା ତିନିଥର ଦର୍ଶନ ଦେଉଥିଲେ । ଏହି ଦିନମାନଙ୍କ ମଧ୍ୟରେ ତାଙ୍କର ଜନ୍ମଦିନ ୧୫ ଅଗଷ୍ଟ ଅନ୍ତର୍ଭୁକ୍ତ । ସେ ଦିନ ତାଙ୍କୁ ଦର୍ଶନ କରିବାପାଇଁ ସାତ, ଆଠ ଶହ ଲୋକ ଆସିଥିଲେ । ଶ୍ରୀ ଅରବିନ୍ଦ ଶ୍ରୀମାଙ୍କ ସାଙ୍ଗରେ ଏକ ସୁସଜ୍ଜିତ ସୋଫା ଉପରେ ବସିଥାନ୍ତି ଏବଂ ଆଗନ୍ତୁକ ଜନତା ଜଣ ଜଣ କରି ଏକ ଧାଡିରେ ତାଙ୍କ ଆଗରେ ଯାଆନ୍ତି । ଆମେ ସମସ୍ତେ ଧାଡିରେ ଚାଲି ଚାଲି ତାଙ୍କୁ ତିନି ଚାରି ମିନିଟ ଦେଖି ପାରିଲୁ । ସମସ୍ତେ ଗୋଟିଏ ଗୋଟିଏ ଫୁଲମାଳ ନେଇଥାନ୍ତି କିନ୍ତୁ ସେ ଫୁଲମାଳ ଗୁଡିକ ଶ୍ରୀ ଅରବିନ୍ଦଙ୍କ ପାଦତଳେ ଦିଆଯାଉଥିଲା । ଯେଉଁ ବ୍ୟକ୍ତି ଯାଇ ତାଙ୍କୁ ପ୍ରଣାମ କରୁଥିଲେ, ସେ ତାଙ୍କୁ ଆଶୀର୍ବାଦ ଦେଉଥିଲେ କିନ୍ତୁ କାହାରି ସଙ୍ଗେ କଥା ହେଉନଥିଲେ । ମୁଁ ତାଙ୍କ ଆଗରେ ମୁଣ୍ଡ ନୁଆଇଁ ପ୍ରଣାମ କଲି ଏବଂ ତାଙ୍କ ଆଶୀର୍ବାଦ ପାଇବାର ସୌଭାଗ୍ୟ ମୋର ହେଲା । ଶ୍ରୀ ଅରବିନ୍ଦ ମୋଟା ହୋଇ ଯାଇଥିଲେ । ତାଙ୍କ ଯୁବକ ସମୟର ଫଟୋରୁ ମୋର

Digitized by srujanika@gmail.com

ଯାହା ମନେ ଥିଲା ସେ ପତଳା ଥିଲେ । ସିଲ୍କ ପରିଧାନ ମଧ୍ୟରେ ଚକ୍ଷୁରେ ଥିଲା ଅସାଧାରଣ ପ୍ରତିଭାର ଜ୍ୱଳନ୍ତ ଅଗ୍ନି । ମୁଁ କିନ୍ତୁ ତାଙ୍କ ମୁଖମଣ୍ଡଳ ବା ଶରୀରର ବିଚ୍ଛୁରିତ ଆଭା ବା ସୂକ୍ଷ୍ମଜ୍ୟୋତି ଦେଖିଲି ନାହିଁ । ଏହା ହୁଏତ, ମୋର ବିଶ୍ୱାସର ଅଭାବରୁ ହୋଇପାରିଥାଏ । ଏହା ସତ୍ୟ ଯେ ସେ ପରିସ୍ଫୁଟିତ ଆତ୍ମା ଥିଲେ । ମୁଁ ତାଙ୍କୁ ଜଣେ ମହାନ୍ ତପସ୍ୱୀ ଭାବରେ ଦେଖୁଥିଲି କିନ୍ତୁ ମୁଁ ଭାବୁ ନ ଥିଲି ଯେ ସେ ତାଙ୍କ ଅନ୍ୱେଷଣର ଶେଷ ବିନ୍ଦୁରେ ପହଞ୍ଚିଛନ୍ତି । ମୋର ସନ୍ଦେହର କାରଣ ହୋଇପାରେ ଯେ ମୁଁ ତାଙ୍କ ସାଧନାର ନୀତିକୁ ବିଶ୍ୱାସ କରୁନଥିଲି ବା ସେ ନୀତି ଗୁଡ଼ିକ ମୋତେ ସମୀଚୀନ ମନେ ହେଉ ନଥିଲା । ତାଙ୍କ ଲେଖାରୁ ଓ ଆଶ୍ରମରେ ଶିଷ୍ୟମାନଙ୍କ ସହ ଆଲୋଚନା କରି ମୁଁ ତାଙ୍କ ନୀତି ବୁଝିବାକୁ ଥରେ ଚେଷ୍ଟା କରିଥିଲି ।

ପ୍ରତିଦିନ ସକାଳ ୯ଟାରେ ଶ୍ରୀ ଅରବିନ୍ଦ ରହୁଥିବା କୋଠରୀ ତଳ ବାରଣ୍ଡାରେ ଆଶ୍ରମର ଅନ୍ତେବାସୀମାନେ ଧ୍ୟାନ କରିବା ପାଇଁ ଏକାଠି ହେଉଥିଲେ । କେତେଜଣ ଆଠଟା ବେଳେ ମଧ୍ୟ ଧ୍ୟାନ କରିବାକୁ ଆସୁଥିଲେ, କିନ୍ତୁ ମା' କେବଳ ୯ଟା ବେଳେ ଆସି ଗୋଟିଏ କାଠ ଆସନ ଉପରେ ଗୋଡଭାଙ୍ଗି ଚେକାମଉଳି ପକାଇ, କୋଳରେ ଖଣ୍ଡେ ସିଲ୍କ କନା ପକାଇ ବସୁଥିଲେ । ପନ୍ଦର ମିନିଟ୍ ଧ୍ୟାନରେ ବସିବା ପରେ ସେ ଆଖି ଖୋଲୁଥିଲେ ଓ ଅନ୍ୟମାନେ ସେୟା କରୁଥିଲେ । ମୁଖ୍ୟ ଶିଷ୍ୟ ଜଣକ ଛିଡାହେବେ, ମା'ଙ୍କ ପାଖକୁ ଯିବେ, ନଇଁ କରି ପ୍ରଣାମ କରିବେ ଓ ତା'ପରେ ସ୍ଥାନ ତ୍ୟାଗ କରିବେ । ତାପରେ ସମସ୍ତେ ଶୃଙ୍ଖଳିତ ଭାବେ ଜଣ ଜଣ କରି ମା'ଙ୍କୁ ନଇଁ ପ୍ରଣାମ କରି ବାହାରକୁ ଯିବେ ।

କେତେକ ଶିଷ୍ୟ ମା'ଙ୍କ ପାଦ ବୁଢ଼ା ଆଙ୍ଗୁଠି ଧରି ମାଙ୍କ କୋଳରେ କିଛି ସମୟ ପାଇଁ ମୁଣ୍ଡ ନୁଆଇଁ ରଖୁଥିଲେ । ମା' ସେମାନଙ୍କ ମୁଣ୍ଡ ଉପରେ ହାତ ରଖି ଆଶୀର୍ବାଦ କରି ବାହାରକୁ ପଠାଇ ଦେଉଥିଲେ । ଦିନେ ମୁଁ ଗୋଟିଏ ନୋଟିସ୍ ପଢ଼ିଲି, ସେଥିରେ ଲୋକମାନଙ୍କୁ କୋଳରେ ମୁଣ୍ଡ ନୁଆଇଁ ବହୁତ ସମୟ ନ ରହିବାକୁ କୁହାଯାଇ ଥିଲା କାରଣ ବହୁତ ଭକ୍ତ ଆସୁଥିଲେ । ମୁଁ ପ୍ରକୃତ ଘଟଣା ଦେଖିସାରିବା ପରେ ନୋଟିସର ଅର୍ଥ ବୁଝିପାରିଲି । ମା'ଙ୍କ ଆଗରେ ମୁଣ୍ଡ ନୁଆଇଁ ପ୍ରଣାମ କରିବାକୁ ମୋର ଆନ୍ତରିକ ଇଚ୍ଛା ନ ଥିଲା । କିନ୍ତୁ ସମସ୍ତେ ଯେମିତି କରୁଥିଲେ ମୁଁ ତାହାହିଁ କଲି ଏବଂ ମା' ମୋତେ ଆଶୀର୍ବାଦ କରିଲେ । ଆଶୀର୍ବାଦର ସ୍ମାରକ ରୂପେ ମୋତେ ଗୋଟିଏ ଫୁଲ ଦେଲେ । ମୋତେ ଲୋକେ କହିଲେ ଯେ ବଭିନ୍ନ ଫୁଲ ସହିତ ବଭିନ୍ନ ଅର୍ଥ ଜଡିତ ଥାଏ ।

ଭକ୍ତମାନେ ସେଇ ସ୍ଥାନରେ ସଂଧ୍ୟା ସାତଟାରେ ପ୍ରାର୍ଥନା କରିବାକୁ ଏକାଠି ହୁଅନ୍ତି । ସେତେବେଳେ ମା' ତାଙ୍କ ପାଖକୁ ନ ଆସି ଅଧା ପାହଚରେ ଛିଡାହୋଇ ସମସ୍ତଙ୍କୁ ହସ ମୁହଁରେ ଦେଖିବେ । ସବୁ ଭକ୍ତ ମା'ଙ୍କୁ ନିର୍ନିମେଷ ନୟନରେ ଦେଖି ପ୍ରଣାମ କରିବେ । ଉଭୟ ସମୟରେ ମା' ଦାମୀ ଶାଢ଼ୀ ପିନ୍ଧିଥିଲେ ଓ ଆଧୁନିକ ମେକପ୍ ବ୍ୟବହାର କରିଥିଲେ ।

ଆଶ୍ରମରେ ଦ୍ୱିତୀୟ ସକାଳେ ଔପଚାରିକ ପ୍ରଣାମ ପାଇଁ ମୋର ଇଚ୍ଛା ହେଲା ନାହିଁ କାରଣ ମୋର ସେ ପ୍ରଥା ପ୍ରତି ସ୍ପୃହା ଆସିଲା ନାହିଁ । ଏହା ମଧ୍ୟ ସମ୍ଭବ ହୋଇପାରେ ଯେ ମୋର ସେପରି ଲୌକିକତା ଉପରେ ବିଶ୍ୱାସ ନ ଥିଲା କାରଣ ମୁଁ ସେ ସବୁକୁ ନିତ୍ୟ ନୈମିତ୍ୟ ଆଚରଣ ବା ଉଦ୍ଦେଶ୍ୟମୂଳକ ପ୍ରଚାର ବୋଲି ଭାବୁଥିଲି । ମୋର ଏପରି ଧାରଣା ହୁଏତ ମୋର ଗର୍ବ ବା ବିଶ୍ୱାସର ଅଭାବ ଯୋଗୁଁ ହୋଇପାରିଥାଏ । ମୁଁ ଏକଥା ଚିନ୍ତା କରିବାର ବହୁ ଦୂରରେ ଅଛି ଯେ ଶ୍ରୀ ଅରବିନ୍ଦଙ୍କ ନିର୍ଦ୍ଦେଶରେ ଭକ୍ତମାନେ ପାଳନ କରୁଥିବା ପନ୍ଥା ସେମାନଙ୍କ ପାଇଁ ଠିକ୍ ନୁହେଁ । ମୁଁ କେବଳ ଏତିକି କହିପାରେ ଯେ ସେ ପନ୍ଥା ମୋତେ ସମୀଚୀନ ମନେ ହେଲା ନାହିଁ ବା ମୋର ହୃଦବୋଧ ହେଲା ନାହିଁ ।

Digitized by srujanika@gmail.com

ମୁଁ ମା'ଙ୍କ ସହିତ ଦେଖା କରିବାକୁ ଅନୁରୋଧ କରିଥିଲି, ମା' ଦୟା ପରବଶ ହୋଇ ତାହା ମଞ୍ଜୁର କରିଥିଲେ । ମୁଁ ମା'ଙ୍କ ସହିତ ପ୍ରାୟ ପନ୍ଦର ମିନିଟ୍ ଧର୍ମ ଓ ଭଗବାନଙ୍କୁ ଅନୁଭବ କରିବାର ପନ୍ଥା ସମ୍ବନ୍ଧରେ ଆଲୋଚନା କରିଥିଲି । ସେ ଦିନମାନଙ୍କରେ କେବଳ ମା'ଙ୍କ ଛଡା ଶ୍ରୀ ଅରବିନ୍ଦଙ୍କ ସହିତ ସାକ୍ଷାତ ଅନ୍ୟ କାହା ପକ୍ଷେ ସମ୍ଭବ ନଥିଲା । କିନ୍ତୁ ମୁଁ ଶୁଣିଲିଯେ ସେ ତାଙ୍କ ପାଖକୁ ଲେଖା ଚିଠିର ଉତ୍ତର ଦେଉଥିଲେ । ଭଗବାନଙ୍କୁ ଅନୁଭବ କରିବା ପାଇଁ ଆବଶ୍ୟକ ପନ୍ଥା ସମ୍ବନ୍ଧରେ ଉପଦେଶ ଦେବାକୁ ଅନୁରୋଧ କରି ଚିଠି ଲେଖିଥିଲି । ମୁଁ ଲେଖିଥିଲି ଯେ ମୁଁ ଗୀତାରେ ବର୍ଣ୍ଣିତ "ଅନାସକ୍ତ" ଭାବନାକୁ ବିଶ୍ୱାସ କରେ ଏବଂ ଏହାକୁ କର୍ମରେ ପରିଣତ କରିବାକୁ ଚେଷ୍ଟା କରୁଛି । ମୁଁ କିନ୍ତୁ ମୋର ପ୍ରଚେଷ୍ଟାରେ ସଫଳ ହୋଇ ପାରୁନାହିଁ କାରଣ ଗୋଟିଏ ଅଭିଳାଷରୁ ଆସକ୍ତ ହରାଇବା ସାଙ୍ଗେ ସାଙ୍ଗେ ଅନ୍ୟ ଏକ ଅଭିଳାଷ ପ୍ରତି ଆସକ୍ତ ହୋଇ ପଡୁଛି । ମୁଁ ତେଣୁ ଶ୍ରୀ ଅରବିନ୍ଦଙ୍କ ଠାରୁ ଜାଣିବାକୁ ଇଚ୍ଛା କରିଥିଲି ଯେ ମୋର ପନ୍ଥା ଠିକ୍ ଅଛି କି ଏବଂ କେଉଁ ପନ୍ଥା ମୋ ପାଇଁ ଉପଯୁକ୍ତ ହେବ ସେ ସମ୍ବନ୍ଧରେ ଉପଦେଶ ଦେବାକୁ ଅନୁରୋଧ କରିଥିଲି । ଠିକ୍ ପରଦିନ ଜବାବ ପାଇଲି । ସାଧୁ ମୋତେ କହିଲେ ଯେ ମୋ ରାସ୍ତା ବା ପନ୍ଥା ଠିକ୍ ଅଛି, ଆହୁରି ଅଧ୍ୟବସାୟ କଲେ ମୁଁ ସଫଳ ହେବି । ନିମ୍ନରେ ପୁରା ଚିଠିର ନକଲ ଦିଆଗଲା ।

ଶ୍ରୀ ମୋରାରଜୀ ଦେସାଇ,

ମୁଁ ଜାଣେନା, ଆପଣ ନେଇଥିବା ପନ୍ଥା ସମ୍ବନ୍ଧରେ ଉପଦେଶ ଦେବା ମୋ ପକ୍ଷରେ ସମ୍ଭବ କି ନା । ସେ ଯାହା ହେଉନା କାହିଁକି,ଆପଣଙ୍କ ଚିଠିରେ ଲେଖାଥିବା ତଥ୍ୟ ଛଡ଼ା ଆଉ ଅଧିକ ନିର୍ଭୁଲ ତଥ୍ୟ ନ ପାଇଲେ ମୋ ପକ୍ଷରେ କୌଣସି ନିଶ୍ଚିତ କଥା କହିବା କଷ୍ଟକର ଅଟେ ।

ଆପଣ ନିଜ ଜୀବନର ଧାରା ଓ କର୍ମ ବାଛି ନେଇଛନ୍ତି । ଯେତେ ଦିନ ଯାଏ ବା ଯେ ପର୍ଯ୍ୟନ୍ତ ଆପଣ ଅନୁଭବ କରୁଛନ୍ତି ଯେ ଏହା ଆପଣଙ୍କ ସ୍ୱଭାବ ବା ଆପଣଙ୍କର ଅନ୍ତରାତ୍ମାର ନିର୍ଦ୍ଦେଶ ବା କୌଣସି କାରଣରୁ ଏହା ଆପଣଙ୍କର ଉପଯୁକ୍ତ ଧର୍ମ ଅଟେ,ସେତେଦିନ ଯାଏ ବା ସେ ପର୍ଯ୍ୟନ୍ତ ଆପଣଙ୍କର ଧାରା ଓ କର୍ମ ପରିବର୍ତ୍ତନ କରିବାର କୌଣସି ଆବଶ୍ୟକତା ନାହିଁ । ଏ ହେଲା ପରୀକ୍ଷା କରିବାର ତିନୋଟି ରାସ୍ତା । ଏହା ଛଡା ମୁଁ ଭାବୁନାହିଁ ଯେ ଗୀତାରେ ଆଉ କିଛି ନିର୍ଦ୍ଦିଷ୍ଟ ପନ୍ଥା ବା କର୍ମଧାରା ବା ଜୀବନ ଧାରା ଯୋଗ ପାଇଁ ଉଲ୍ଲେଖ ଅଛି । କର୍ମ କେଉଁ ମନୋଭାବ ବା ଚେତନାର ସହିତ କରାଯାଏ ତା ପ୍ରଣିଧାନଯୋଗ୍ୟ । ବାହାରକୁ ଦେଖାଯାଉଥିବା ଦୃଶ୍ୟ ପ୍ରକୃତି ଉପରେ ନିର୍ଭର କରି ଭିନ୍ନ ଭିନ୍ନ ହୋଇପାରେ । ଯେତେଦିନ ଯାଏ ଜଣେ ବ୍ୟକ୍ତିର ଐଶ୍ୱରିକ ଶକ୍ତିର ସ୍ଥିର ଅନୁଭୂତି (ସ୍ଥିତପଜ୍ଞ) ନ ହୋଇଛି ସେ ନିଜର ପ୍ରକୃତି ଅନୁସାରେ କର୍ମ କରେ କିନ୍ତୁ ଏହି ଐଶ୍ୱରିକ ଶକ୍ତି ଅନୁଭୂତ ହେବାପରେ କ'ଣ କରିବାକୁ ହେବ ବା ନ କରିବାକୁ ହେବ ତାହା ସେହି ଶକ୍ତି ହିଁ ସ୍ଥିର କରେ ।

ସମସ୍ତ ଆସକ୍ତିକୁ କାବୁ କରିବା ନିଶ୍ଚୟ କଷ୍ଟସାଧ୍ୟ । ବିନା ଦୀର୍ଘ ସାଧନାରେ ଏହା ଆସିନଥାଏ । ନିଜର ଅନ୍ତଃ ଦେଶରେ ଆଧାତ୍ମିକ ଅନୁଭୂତିର ଉତ୍ତରୋତ୍ତର ଆଶୁ ବୃଦ୍ଧି ନ ହେଲେ ଏ ସାଧନା ଫଳପ୍ରସୂ ହୁଏନାହିଁ । ଏ ହେଲା ଗୀତାର ସାରାଂଶ । ଯଦି ମନୁଷ୍ୟ କରୁଥିବା କର୍ମ ପ୍ରତି ଆସକ୍ତ ନ ରୁହେ, ବା କରୁଥିବା କର୍ମର ଫଳ ପ୍ରତି କାମନା ନ ରଖେ, ତା ହୃଦୟରେ ସମସ୍ତ ମନୁଷ୍ୟ, ଘଟଣା, ସୁନାମ, ଦୁର୍ନାମ ପ୍ରତି ସମାନ ଭାବନା ଜାଗ୍ରତ ହୁଏ ଓ ସେ ଅହଂଭାବ ତ୍ୟାଗ କରେ -- ସେ ସମସ୍ତ ଆସକ୍ତିକୁ ପରାଜୟ କରିପାରିବ । ଅନାସକ୍ତ ଜୀବନ ପାଇଁ ଏ ଚିନ୍ତାଧାରା ଅତ୍ୟନ୍ତ ଆବଶ୍ୟକ । ଯେତେବେଳେ ମନୁଷ୍ୟର ସମସ୍ତ କର୍ମ ସ୍ୱତଃ ଈଶ୍ୱରଙ୍କୁ ସମର୍ପିତ ହୁଏ, ନିଜର ହୃଦୟକୁ ଈଶ୍ୱରଙ୍କୁ ଅର୍ପଣ କରିଦିଏ ଓ

Digitized by srujanika@gmail.com

ପ୍ରତ୍ୟେକ ସଜୀବ ନିର୍ଜୀବ ବସ୍ତୁରେ ଈଶ୍ୱରଙ୍କ ସତ୍ତା ଅନୁଭବ କରେ, ସେତେବେଳେ ସେ ସମସ୍ତ ଆସକ୍ତିକୁ ପରାଜୟ କରିଛି ବୋଲି ଜଣାଯିବ । ଏହି ଅଭିଜ୍ଞତା କେବଳ ମନରେ ବା ଚିନ୍ତାରେ ନୁହେଁ -- ସବୁ କ୍ଷେତ୍ରରେ, ସବୁ କର୍ମରେ ଉପଯୋଗ କରିପାରିଲେ ସମସ୍ତ ଆସକ୍ତି ତ୍ୟାଗ କରିବା ସହଜ ହୁଏ । ମୁଁ ଗୀତାରେ ବର୍ଣ୍ଣିତ ସାଧନା ବିଷୟ କୁହେ କାରଣ ସନ୍ୟାସ ଜୀବନରେ ଜଣେ ଆସକ୍ତ ଭାବନାକୁ ପ୍ରଶୟ ନ ଦେଇ, ସମସ୍ତ ଆସକ୍ତ ବସ୍ତୁ ଓ ଭାବନାକୁ ତ୍ୟାଗ କରି (ପରିଣାମ ସ୍ୱରୂପ ଅନାସକ୍ତ ଦ୍ୱାରା ସ୍ୱୟଂ ଆସକ୍ତିର ବିଲୋପ କରି) ସେହି ସାଧନା ପ୍ରାପ୍ତ ହୁଏ ।

(ସ୍ୱାକ୍ଷର)

ଶ୍ରୀ ଅରବିନ୍ଦ

ଅରବିନ୍ଦ ଆଶ୍ରମରେ ଅନେକ ପୁରୁଷ ଓ ମହିଳାମାନେ ରହୁଥିଲେ । ମୋର ଯାହା ମନେ ହୁଏ ସେମାନେ ପ୍ରାୟ ସାତଶହ ଆଠଶହ ହେବେ । ଏଥିରୁ ପ୍ରାୟ ଏକ ତୃତୀୟାଂଶ ଗୁଜୁରାଟରୁ ଆସିଥିଲେ । ମୋର ଧାରଣା ଦେଶର କୌଣସି ଗୋଟିଏ ସ୍ଥାନରୁ ଆସିଥିବା ଲୋକଙ୍କ ଅପେକ୍ଷା ଗୁଜୁରାଟରୁ ଆସିଥିବା ଲୋକ ବେଶି । ପୂର୍ବରୁ ଶ୍ରୀ ଅରବିନ୍ଦ ବରୋଦା ୧ ର ଜଣେ ପ୍ରଫେସର ହିସାବରେ କାମ କରିଥିଲେ । ଗୁଜୁରାଟୀଙ୍କର ତାଙ୍କ ପ୍ରତି ଆକର୍ଷଣର ଏହାର ଏକ କାରଣ ହୋଇପାରେ । ମୋର ଧାରଣା ଗୁଜୁରାଟୀମାନେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଭକ୍ତିରେ ଭାବପ୍ରବଣ ହୋଇ ଆକର୍ଷିତ ହୁଅନ୍ତି ।

ଅନ୍ତେବାସୀମାନଙ୍କ ମଧ୍ୟରେ, ସବୁ ପ୍ରାପ୍ତ ବୟସ୍କମାନଙ୍କୁ, ମା'ଙ୍କ ଦ୍ୱାରା ଆଶ୍ରମରେ ନିର୍ଦ୍ଦିଷ୍ଟ କାମ ଦିଆଯାଇଥାଏ ଓ ସେମାନେ ନିଷ୍ଠାର ସହିତ ନିୟମିତ ଭାବେ ତାହା ସମ୍ପାଦନ କରନ୍ତି । ଧର୍ମ ଅଧ୍ୟୟନ ଓ ଯୋଗ ସାଧନା ସହ ଏକାମ କରିବାକୁ ହୁଏ । ଶ୍ରୀ ଦିଲିପ କୁମାର ରାଏ ସେତେବେଳେ ଆଶ୍ରମରେ ଥିଲେ ଓ ସଂଗୀତ ପରିବେଷଣ କରିବା ତାଙ୍କ କାମ ଥିଲା । ଆଶ୍ରମରେ ଅତି ଶାନ୍ତିପୂର୍ଣ୍ଣ ବାତାବରଣ ଥିଲା । ମୋର ପନ୍ଦର ଦିନ ରହଣି ଭିତରେ ଧାରଣା ହେଲା ଯେ ପଣ୍ଡିଚେରୀ ଗୋଟିଏ ବିଶେଷ ଭାବେ ଶାନ୍ତ ସ୍ଥାନ । ସେଠାରେ ସମୁଦ୍ରକୂଳ ଶାନ୍ତ ଓ ଶାନ୍ତିପୂର୍ଣ୍ଣ ବାତାବରଣ ଲୋକଙ୍କୁ ଆକର୍ଷିତ କରିଛି । ଏସବୁ କିନ୍ତୁ ମୋର ଅନୁମାନ ମାତ୍ର ।

ଯେଉଁ ପୁରୁଷ ଓ ମହିଳାମାନେ ଆଶ୍ରମରେ ରହୁଥିଲେ ସେମାନଙ୍କର ଯେ ଶ୍ରୀ ଅରବିନ୍ଦଙ୍କ ଉପରେ ଗଭୀର ବିଶ୍ୱାସ ଓ ଭକ୍ତି ଥିଲା ଏଥିରେ ସନ୍ଦେହ ନାହିଁ । ମୁଁ ଶ୍ରୀ ଅରବିନ୍ଦଙ୍କ ଦର୍ଶନ ଓ ବିଶ୍ୱାସ ସମ୍ବନ୍ଧରେ ସେମାନଙ୍କ ସହିତ ଆଲୋଚନା କରିଥିଲି କିନ୍ତୁ ସେ ଦର୍ଶନରେ ମୋର ବିଶ୍ୱାସ ଜନ୍ମିଲା ନାହିଁ । ଆଶ୍ରମରେ ଶିଷ୍ୟ ହିସାବରେ କେତେଜଣ ବିଦେଶୀ ଲୋକ ରହୁଥିଲେ । ମା' ଜଣେ ବିଦେଶିନୀ ଥିଲେ । ସେ ନିଜ ସ୍ୱାମୀ ପଲ ରିଚାର୍ଡଙ୍କ ସହିତ କେତେବର୍ଷ ପୂର୍ବେ ଏଠାକୁ ଆସିଥିଲେ ଏବଂ ଏଠାରେ ସବୁଦିନ ପାଇଁ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ରିଚାର୍ଡ କିଛିଦିନ ପରେ ଫେରିଗଲେ । ଶ୍ରୀ ଅରବିନ୍ଦ ତାଙ୍କୁ ଆଶ୍ରମରେ ମା'ଙ୍କ ସ୍ଥାନ ଦେଲେ । ସେଇ ଦିନଠାରୁ ସେ ଆଶ୍ରମର ସମସ୍ତ ବିଷୟ ବୁଝୁଛନ୍ତି ଏବଂ ଶିଷ୍ୟମାନଙ୍କୁ ଉପଦେଶ ଦେଉଛନ୍ତି ।

ମୋର ଅବଧାରଣା ହେଲା ଯେ ସମାଜର ପ୍ରଭାବଶାଳୀ ବ୍ୟକ୍ତି ଆଶ୍ରମକୁ ଆସିଲେ ସେମାନଙ୍କର ପ୍ରତି ବିଶେଷ ଦୃଷ୍ଟି ଦିଆଯାଇ ବିଶେଷ ଯତ୍ନ ନିଆଯାଏ । ମୁଁ ସେଠାରେ ଥିବାବେଳେ ଶ୍ରୀ ହୁକ୍‌ମଚାନ୍ଦ୍ ପଣ୍ଡୀଚେରୀ ଆସିଥିଲେ । ତାଙ୍କୁ ସମ୍ମାନ ଓ ଉତ୍ସାହ ସହିତ ସ୍ୱାଗତ କରାଯାଇଥିଲା । ସେ ଧନଶାଳୀ ବ୍ୟକ୍ତି ଥିବାରୁ ତାଙ୍କୁ ଏପରି ସମ୍ବର୍ଦ୍ଧନା କରାଯାଇଥିଲା ବୋଲି ମୋର ବିଶ୍ୱାସ ହେଲା । ତାଙ୍କର ଧର୍ମ ଦର୍ଶନ ସମ୍ବନ୍ଧରେ ମୁଁ କିଛି କେବେ ଶୁଣି ନ ଥିଲି ।

Digitized by srujanika@gmail.com

ଶ୍ରୀ ଅମ୍ବାଲାଲ ପୁରାନୀ, ଯେ କି ଆଉ ଇହଧାମରେ ନାହାନ୍ତି, ଡକ୍ଟର୍ ଚନ୍ଦୁଲାଲ ଏବଂ ମୁଁ ବସ୍ତୁତ ପ୍ରତ୍ୟେକ ଦିନ ଆଲୋଚନା କରୁଥିଲୁ । ଏ ଆଲୋଚନା ସୌହାର୍ଦ୍ଦ୍ୟପୂର୍ଣ୍ଣ, ମନଖୋଲା ଏବଂ ସୁଫଳପ୍ରସୂ ଥିଲା । ଶ୍ରୀ ଅରବିନ୍ଦ ଭଗବାନଙ୍କ ମହାନ୍ ଭକ୍ତ ଥିଲେ । ଶ୍ରୀ ଅରବିନ୍ଦ ଭଗବାନଙ୍କୁ ଅନୁଭବ କରିବା ପାଇଁ 'ଯୋଗ' ପନ୍ଥା ଅବଲମ୍ବନ କରିଥିଲେ । ମୁଁ ଆଗରୁ ଯେପରି କହିଛି ମୋର ବିଶ୍ୱାସ ଅଭାବରୁ ମୁଁ ଆକର୍ଷିତ ହୋଇନଥିଲି । ଆଲୋଚନାବେଳେ କେତେକ ଶିଷ୍ୟ ଦାବି କଲେ ଯେ ସେ ମହାତ୍ମାଗାନ୍ଧୀ କରୁଥିବା କାମ ଏବଂ ଭାରତରେ ଚାଲୁଥିବା ସ୍ୱାଧୀନତା ଆନ୍ଦୋଳନକୁ ପ୍ରେରଣା ଦେଉଥିଲେ । ମୋ ବିଚାରରେ ତାଙ୍କର ଏ ଦାବୀ ଯୁକ୍ତିଯୁକ୍ତ ନଥିଲା । ମୋର ବିଶ୍ୱାସ ନ କରିବାର ଏ ଗୋଟିଏ କାରଣ ହୋଇପାରେ ।

ମୋଟ ଉପରେ, ପଣ୍ଡୀଚେରୀରେ ଆମ ରହଣି ଶାନ୍ତିପୂର୍ଣ୍ଣ ଥିଲା ଏବଂ ସେଠାରେ ଥିବାବେଳେ ଆମେ ଧର୍ମ ବିଷୟରେ ଗଭୀର ଭାବରେ ଚିନ୍ତା କରୁଥିଲୁ । ଶ୍ରୀ ଅରବିନ୍ଦଙ୍କ ଉତ୍ତର ଧର୍ମ ଉପରେ ଏବଂ ମୁଁ ମାନୁଥିବା ପନ୍ଥା ଉପରେ ମୋର ବିଶ୍ୱାସ ଦୃଢୀଭୂତ କଲା । ମହର୍ଷି ଅରବିନ୍ଦ ଧ୍ୟାନରେ ଶ୍ରୀର୍ଷ ସ୍ଥାନ ଲାଭ କରିଛନ୍ତି ବୋଲି ମୋର ବିଶ୍ୱାସ ହୋଇନଥିଲା । ସେଠାକାର କାରବାରରୁ ଅନେକ ଶିଖିବାର ଥିଲା ଏବଂ ମୋର ପନ୍ଦର ଦିନ ରହଣି ଭିତରେ ମୁଁ ବହୁତ ଲାଭବାନ ହେଲି । ଆଶ୍ରମର ଅନ୍ତେବାସୀମାନେ ଖୁବ୍ ସରଳ ଜୀବନଯାପନ କରୁଥିଲେ । ଦିଆଯାଉଥିବା ଖାଦ୍ୟଥିଲା ସାଦା, ପୁଷ୍ଟିକାରକ ଏବଂ ସୁଚିନ୍ତା ପାଇଁ ଅନୁକୂଳ ଥିଲା । ମସଲା ବା ଘିଅ ବ୍ୟବହାର ହେଉ ନ ଥିଲା । ରୋଷେଇଶାଳ ଓ ଖାଇବାଘର ଅତ୍ୟନ୍ତ ପରିଷ୍କାର ପରିଚ୍ଛନ୍ନ ଥିଲା । ସେଠାରେ ଖାଇବା ବ୍ୟକ୍ତି ନିଜେ ଖାଦ୍ୟ ପରିବେଷଣ କରୁଥିଲେ । ସମସ୍ତ ବ୍ୟବସ୍ଥା ଅତ୍ୟନ୍ତ ଉତ୍ତମ ଧରଣର ଥିଲା ଏବଂ ମୁଁ ଦେଖିପାରିଲି ଯେ ଆଶ୍ରମ ଦକ୍ଷତାର ସହିତ ଚାଲୁଥିଲା ।

ସେଠାରୁ ଚନ୍ଦୁଭାଇ ଓ ମୁଁ ରମଣା ମହର୍ଷି ଆଶ୍ରମକୁ ଗଲୁ । ତିରୁବନମଲାଇ ନାମକ ତୀର୍ଥ ସ୍ଥାନରେ ଆଶ୍ରମ । ଆମେ ସେଠାକୁ ଟ୍ରେନ୍‌ରେ ଗଲୁ ଏବଂ ଆଶ୍ରମରେ ଗୋଟିଏ ଦିନ ରହିଲୁ । ସେତେବେଳେ ଆଶ୍ରମରେ ଗୋଟିଏ କି ଦୁଇଟି ଅତିଥି ରୁମଥିଲା । ଚନ୍ଦୁଭାଇ ଓ ମୁଁ ସେଥିରୁ ଗୋଟିକରେ ରହିଲୁ । ଲୋକମାନଙ୍କ କହିବାନୁସାରେ ପାହାଡର ପାଦ ଦେଶରେ ଥିବା ଗୁମ୍ଫାମାନଙ୍କରେ ରହି ରମଣା ମହର୍ଷି ବହୁବର୍ଷଧରି ସାଧନା କରିବାପରେ ଈଶ୍ୱରଙ୍କୁ ଅନୁଭବ କରିଥିଲେ । ପିଲାଦିନେ ସେ ମଦୁରାଇରେ ବଡ଼ଭାଇ ସହିତ ରହୁଥିଲେ । ପଞ୍ଚମ କି ଷଷ୍ଠ ଶ୍ରେଣୀରେ ପଢୁ ଥିବାବେଳେ ଭଗବାନଙ୍କ ବିଷୟରେ ଜାଣିବାକୁ ତାଙ୍କର ପ୍ରବଳ ଇଚ୍ଛା ହେଲା ଏବଂ ଭଗବାନଙ୍କ ପରିଚୟ ପାଇବା ପାଇଁ ନିଜକୁ ନିଜେ ପ୍ରଶ୍ନ ପଚରିବାକୁ ଲାଗିଲେ । ପଢ଼ିବା ଅପେକ୍ଷା ଏଇ ଅନ୍ୱେଷଣରେ ସେ ବେଶୀ ସମୟ କଟାଇଲେ । ଦିନେ ତାଙ୍କ ଭାଇ ବିରକ୍ତ ହୋଇ ତାଙ୍କୁ କହିଲେ ଯେ ଏ ଅନ୍ୱେଷଣ କରିବାକୁ ଇଚ୍ଛା ଥିଲେ ସେ ପୂରା ସମୟ ସେଥିରେ କଟାଇବା ଉଚିତ । କିଛିଦିନପରେ ସେ ଏହାକୁ ଭାଇଙ୍କ ଅନୁମତି ଭାବି କାହାକୁ କିଛି ନ ଜଣାଇ ତିରୁବନମଲାଇ ଅଭିମୁଖେ ଯାତ୍ରା କଲେ । ସେ ତିରୁବନମଲାଇ କେଉଁଠି ଜାଣି ନଥିଲେ । କିନ୍ତୁ ମଝିରେ ଟ୍ରେନରୁ ଓହ୍ଲାଇ ଜଣେ ଅଜଣା ବ୍ୟକ୍ତିଙ୍କୁ ଭେଟିଲେ ଓ ସେ ତିରୁବନମଲାଇକୁ ରାସ୍ତା ବତାଇ ଦେଲେ । ତିରୁବନମଲାଇରେ ପ୍ରାଚୀନ ଅରୁଣାଚଳମ୍ ମନ୍ଦିରରେ ସେ ଧ୍ୟାନ କରିଥିଲେ ।

ଏଠାରେ ସେ ଗଭୀର ଧ୍ୟାନ କରି 'ମୁଁ କିଏ ?' -- ଏହାର ଆତ୍ମ ନିରୀକ୍ଷଣ କରୁଥିଲେ । ଧ୍ୟାନ କରିବା ସମୟରେ ସେ ଦର୍ଶକମାନଙ୍କ ଦ୍ୱାରା ବିବ୍ରତ ହୋଇ ପଡୁଥିଲେ । ତେଣୁ ସେଠାରୁ ଗୋଟିଏ ଗୁମ୍ଫାକୁ ଚାଲିଗଲେ । ସେ ଗୁମ୍ଫାକୁ କେହି ଯାଉ ନଥିଲେ ଓ ସେଠାରେ ଭଗବାନଙ୍କୁ ଅନୁଭବ କରିବା ପର୍ଯ୍ୟନ୍ତ ରହିଲେ ।

ଲୋକମାନେ କହୁଥିଲେ, ସେ ସେଠାରେ କେହି କିଛି ଖାଇବା ଜିନିଷ ଛାଡି ଦେଇ ଗଲେ ତାକୁ ହିଁ ଖାଉଥିଲେ । ଖାଇବା ପାଇଁ ତାଙ୍କର ଆଦୌ ଚିନ୍ତା ନଥିଲା । କେତେ ବର୍ଷପରେ ସେ ଯେତେବେଳେ ସେଠାରୁ ବାହାରିଲେ କେହି ଜଣେ ତାଙ୍କ ମା' ଓ ପରିବାରଙ୍କୁ ଖବର ଦେଲେ । ସେମାନେ ତାଙ୍କୁ ଦେଖିବାକୁ ଆସିଲେ ।

Digitized by srujanika@gmail.com

ଦେଖିକରି ସେମାନେ ଚିହ୍ନିଲେ ଓ ମଦୁରାଇ ଫେରି ଆସିବାକୁ କହିଲେ; ସେ କିନ୍ତୁ ଉତ୍ତର ଦେଲେ ଯେ ସେ ସଂସାର ତ୍ୟାଗ କରିଛନ୍ତି । ପାହାଡ଼ ତଳେ ଗୋଟିଏ ଆଶ୍ରମ କରି ସେଠାରେ ରହିଲେ ।

ଆମେ ଯାଉଥିବାବେଳେ ଆଶ୍ରମ ଘର ଅତି ସାଧାରଣ ଥିଲା । ଗୋଟିଏ ବଡ ହଲ ପାଖକୁ ରୋଷେଇଘର ଓ ଲାଗି କରି ଖାଇବାଘର । ଗୋଟିଏ ହତାଥିଲା ତା ଭିତରେ ଛୋଟ ମନ୍ଦିରଟିଏ, ବୋଧହୁଏ ତାଙ୍କ ମାଆଙ୍କର ସମାଧି । ହତାରେ ଗୋଟିଏ ବୋର୍ଡରେ ଦର୍ଶକମାନଙ୍କୁ ମାଙ୍କଡ, ତଡ଼େଇ ଓ ଅନ୍ୟାନ୍ୟ ଜନ୍ତୁଙ୍କଠାରୁ ହୁସିଆରୀ ରହିବାକୁ କୁହାଯାଇଥିଲା ଓ ସେମାନଙ୍କର କୌଣସି କ୍ଷତି ନ କରିବାକୁ ସାବଧାନ କରି ଦିଆ ଯାଇଥିଲା ।

ମୁଁ ଶୁଣିଲି ଯେ ଆରମ୍ଭବେଳେ ଥରେ ଆଶ୍ରମରେ ଚୋରପଶି ରମଣା ମହର୍ଷି ଓ ଅନ୍ୟମାନଙ୍କୁ ବାହାର କରିଦେଇଥିଲେ । ମହର୍ଷିଙ୍କୁ ମାଡ଼ ଦେଇଥିଲେ । ତାଙ୍କ ଜଙ୍ଘରେ ଆଘାତ ଲାଗିଥିଲା । ଅନେକ ଜିନିଷ ଚୋରି ଯାଇଥିଲା । ମହର୍ଷି ବାଧା ଦେଲେ ନାହିଁ । ଚୋରମାନେ ପଳାଇବା ବେଳେ ଶିଷ୍ୟମାନେ ଜାଣିଲେ ଯେ ସେମାନେ ମହର୍ଷିଙ୍କୁ ମାଡ ମାରିଛନ୍ତି, ତେଣୁ ଚୋରମାନଙ୍କୁ ଗୋଡ଼ାଇବାକୁ ଆରମ୍ଭ କଲେ । ମହର୍ଷି ସେମାନଙ୍କୁ ସେଥିରୁ ନିବୃତ୍ତ କରି କହିଲେ, ଚୋରମାନେ ତାଙ୍କ କାମ କରିଯାଇଛନ୍ତି ବର୍ତ୍ତମାନ ସେମାନେ (ଶିଷ୍ୟମାନେ) ଚୋର ପଛରେ ନ ଗୋଡ଼ାଇ ତାଙ୍କ କାମ କରିବା ଉଚିତ । ସେଇଦିନ ଠାରୁ ସେ ଗୋଟିଏ ନିୟମ କଲେ ଯେ ଦିନରେ ମିଳିଥିବା ସମସ୍ତ ଜିନିଷ ସେଇ ଦିନରେ ହିଁ ବ୍ୟବହାର କରି ଶେଷ କରିବାକୁ ହେବ ।

ରମଣା ମହର୍ଷିଙ୍କୁ ଦେଖିବାର ସୌଭାଗ୍ୟ ମୋର ହୋଇଥିଲା । ସେ ବଡ଼ ହଲରେ କୌପୀନ ପିନ୍ଧି ସୋଫା ଉପରେ ବସିଥିଲେ । ମୁଁ ତାଙ୍କ ମୁଖମଣ୍ଡଳରେ ଆଭା ଦେଖି ପାରିଲି ଏବଂ ସେ ଆଭା ଶାନ୍ତି ଓ ଆନନ୍ଦରେ ଉଜ୍ଜ୍ୱଳ ଦେଖାଯାଉଥିଲା । ମୁଁ ତାଙ୍କ ଆଗରେ ବସିଲି କିନ୍ତୁ କିଛି ପଚାରିଲି ନାହିଁ । ସେ ମଧ ମୋତେ କିଛି କହିଲେ ନାହିଁ । ମୁଁ ତାଙ୍କ ମୁହଁକୁ ଅନାଇ ଘଣ୍ଟାକରୁ ବେଶୀ ସମୟ ବସିଥିଲି । ଆଜି ପର୍ଯ୍ୟନ୍ତ ମୁଁ କାହା ମୁଖମଣ୍ଡଳରେ ସେ ଆଭା, ସେ ଆନନ୍ଦ, ସେ ଶାନ୍ତି ଦେଖି ନାହିଁ । ବସିଥିବାବେଳେ ମୋ ମନରେ କୌଣସି ପ୍ରଶ୍ନ ଉଠି ନ ଥିଲା ବା କୌଣସି ପ୍ରଶ୍ନ ପଚାରିବାର ମୋର ଅଭିଳାଷ ନ ଥିଲା । ମୁଁ ମୋ ଭିତରେ ସମ୍ପୂର୍ଣ୍ଣ ଶାନ୍ତିରେ ଥିଲି । ମୋର ଏଇ ଅଭିଜ୍ଞତାରୁ ମୁଁ ଜାଣିଲି ଯେ ରମଣା ମହର୍ଷି ଭଗବାନ ବା ସତ୍ୟକୁ ଅନୁଭବ କରିଛନ୍ତି । ଉପସ୍ଥିତ କେତେକ ଶିଷ୍ୟ ଧର୍ମ ବିଷୟରେ କିଛି ପ୍ରଶ୍ନ ପଚାରିଲେ ଓ ସେ ସେମାନଙ୍କୁ ଉତ୍ତର ଦେଉଥିଲେ । କିନ୍ତୁ ନିଜେ ମନକୁ କିଛି କହୁ ନଥିଲେ ।

ପରଦିନ ଏଗାରଟା ପାଖାପାଖି ଟ୍ରେନରେ ସେ ସ୍ଥାନ ଛାଡିବାକୁ ଥିଲା । ଛାଡିବା ସମୟର ପ୍ରାୟ ଦେଢ଼ଘଣ୍ଟା ପୂର୍ବରୁ ମୁଁ ରମଣା ମହର୍ଷିଙ୍କ ପାଖକୁ ଯାଇ ଯିବା ପାଇଁ ଅନୁମତି ମାଗିଲି । ସେ ଖାଇ ସାରି ଯିବାକୁ କହିଲେ । ପ୍ରାୟ ଦଶଟା ବେଳେ ଆମେ ଖାଇ ବସିଲୁ । ରମଣା ମହର୍ଷି ଆମ ସହିତ ଖାଇବାକୁ ବସିଲେ । ଅସ୍ପୃଶ୍ୟତାରେ ବିଶ୍ୱାସ କରୁଥିବା ଦୁଇ ତିନିଜଣ ଶିଷ୍ୟ ଟିକିଏ ଦୂରରେ ବସିଲେ । କିନ୍ତୁ ରମଣା ମହର୍ଷି ତାଙ୍କ ସହିତ ଯୁକ୍ତି କଲେ ନାହିଁ ଯଦିଓ ସେ ଅସ୍ପୃଶ୍ୟତାରେ ବିଶ୍ୱାସ କରୁନଥିଲେ । ସେ ସମସ୍ତଙ୍କ ସହିତ ବସି ଖାଉଥିଲେ । ସେ ଶିଷ୍ୟମାନେ କିନ୍ତୁ ତାଙ୍କ ଉଦାହରଣରୁ କିଛି ଶିଖି ନଥିଲେ । ଚନ୍ଦ୍ରଭାଇ ଓ ମୁଁ ତାଙ୍କୁ ପ୍ରଣାମ କରି ଫେରିଲୁ । ଟ୍ରେନରେ ଆମେ ୱାର୍ଦ୍ଧା ଗଲୁ । ସେତେବେଳେ ବାପୁଙ୍କ ଆଶ୍ରମ ସେଠାରେ ଥିଲା ।

ରମଣା ମହର୍ଷିଙ୍କ ଏହି ଦର୍ଶନ ମୋ ମନରେ ଏକ ସ୍ଥାୟୀ ଛାପ ପକାଇଥିଲା । ତାଙ୍କ ଉପସ୍ଥିତିରେ ବସି ମୁଁ ଶିଖିଲି ଯେ ଭଗବାନଙ୍କୁ ଅନୁଭବ କରିବାପାଇଁ ନିଜକୁ ଚେଷ୍ଟା ବା ଧ୍ୟାନ କରିବାକୁ ହେବ । ମୋର ସିଦ୍ଧାନ୍ତ ଯେ ରମଣା ମହର୍ଷି ଆତ୍ମା ବା ଭଗବାନଙ୍କୁ ଅନୁଭବ କରିଛନ୍ତି । ସେ ସମାଧି ପ୍ରାପ୍ତ ପୂର୍ବରୁ ଗୋଟିଏ ଘଟଣାରୁ ଦୃଢ଼ୀଭୂତ ହେଲା ।

Digitized by srujanika@gmail.com

ତାଙ୍କ ଶେଷ ଦିନ ଆଡକୁ ରମଣା ମହର୍ଷିଙ୍କୁ କ୍ୟାନସର ହୋଇଥିଲା ଏବଂ କାନ୍ଧ ପାଖରେ ଅପରେଶନ କରାଯାଇଥିଲା । ସେ ଡାକ୍ତର ଓ ତାଙ୍କ ଶିଷ୍ୟମାନଙ୍କୁ କହିଥିଲେ ଅପରେଶନ କରିବା ବୃଥା ହେବ । କିନ୍ତୁ ସେମାନେ ଚେଷ୍ଟା କରିବାକୁ ଅନୁମତି ଦେବାକୁ ଅନୁରୋଧ କରିବାରୁ ସେ ରାଜି ହେଲେ । କିନ୍ତୁ ଆନାସ୍ଥେସିସ (ବେହୋସ ଇଞ୍ଜେକସନ) ନେବାକୁ ରାଜି ହେଲେ ନାହିଁ ଏବଂ ବିନା ବେହୋସ ଇଂଜେକଶନରେ ଅପେରେଶନ କରିବାକୁ କହିଲେ । ସେ କହିଲେ ଯେ ତାଙ୍କ ଶରୀରରେ ଯେତେ ବଡ଼ କ୍ଷତ କଲେ ବି ତାଙ୍କୁ ଯନ୍ତ୍ରଣା ହେବ ନାହିଁ । ଅପରେଶନ ସମୟରେ ଉପସ୍ଥିତ ଥିବା ଜଣେ ଡାକ୍ତର ମୋତେ କହିଲେ ଯେ ମହର୍ଷି ବିନା ନିଶାରେ ଅପରେଶନ ହେଲା ବେଳେ ହସି ହସି ବସିଥିଲେ । ଆତ୍ମାପ୍ରାପ୍ତ ବା ଭଗବାନଙ୍କୁ ଅନୁଭବ କରି ନଥିବା ବ୍ୟକ୍ତି କେବେ ହେଲେ ଏତେ ମାନସିକ ଶାନ୍ତି ଓ ଶାରୀରିକ ଯନ୍ତ୍ରଣାରୁ ମୁକ୍ତି ପ୍ରଦର୍ଶନ କରିପାରିବେ ନାହିଁ, ଏଥିରେ ସନ୍ଦେହ ନାହିଁ ।

(୧୫) ବାପୁଙ୍କ ସହିତ ସୈଦ୍ଧାନ୍ତିକ ଚର୍ଚ୍ଚା

ଆମେ ଓ୍ୱାର୍ଦ୍ଧାରେ ବାପୁଙ୍କ ଆଶ୍ରମରେ ଦେଢ଼ ଦିନ ରହିଲୁ । ଏ ସାକ୍ଷାତରେ ମୁଁ ବାପୁଙ୍କ ସହିତ ଦୁଇଟି ବିଷୟରେ ଆଲୋଚନା କରିଥିବାର ମୋର ମନେ ଅଛି ।

ଦୁଇଜଣ ମହିଳାଙ୍କ କାନ୍ଧରେ ଭରା ଦେଇ ଗାନ୍ଧିଜୀ ବୁଲି ଯାଉଥିଲେ । ଯଦିଓ ମୁଁ ଜାଣିଥିଲି ଯେ ଗାନ୍ଧିଜୀ ଜଣେ ଅତ୍ୟନ୍ତ ଶୃଙ୍ଖଳିତ ଓ ମାନସିକ ଉତ୍ତେଜନା ବିହୀନ, ଉଦାସୀନ, ପ୍ରଗାଢ଼ ଆତ୍ମସଂଯମୀ ଥିଲେ ତଥାପି ମୁଁ ଅନୁଭବ କଲି ଯେ ସାଧାରଣ ଜନତାଙ୍କ ଦୃଷ୍ଟିକୋଣରୁ ବିଚାର କଲେ ଏପରି ଅଭ ୍ୟାସ ଏକ ସାମାଜିକ ସଂକଟ ଅଟେ । ଏହା ସମ୍ଭବ ହୋଇପାରେ ଯେ କୌଣସି ବ୍ୟକ୍ତି ସଂଯମଶୀଳତା ହାସଲ ନ କରି ବାପୁଙ୍କ ଉଦାହରଣ ଉଦ୍ଧାର କରି ଏପରି ଅଭ୍ୟାସ ଆଦର୍ଶ ଭାବେ ଅନୁକରଣ କରିପାରେ ।

ମୁଁ ବାପୁଙ୍କୁ ଏହି ଆଶଙ୍କା ଜଣାଇଲି । ସେ କହିଲେ ଏପରି ବୁଲି ଯିବାରେ ସେ ଚାଳିଶ ବର୍ଷ ହେବ ଅଭ୍ୟସ୍ତ, ଏହାଦ୍ୱାରା ତାଙ୍କ ନିଜ ଉପରେ ସଂଯମତା ବୃଦ୍ଧି ପାଇଛି ଏବଂ ମହିଳାମାନଙ୍କର ବିଶ୍ୱାସ ଦୃଢ଼ୀଭୂତ ହୋଇଛି । ମୁଁ କହିଲି ଗୋଟିଏ ଅନୁପଯୁକ୍ତ କର୍ମକୁ ଚାଳିଶ ବର୍ଷ ଅଭ୍ୟାସ କଲେ ଉଚିତ କର୍ମରେ ପରିଣତ ହୋଇ ପାରିବ ନାହିଁ । ବାପୁଙ୍କ ଦର୍ଶନ ଭଲ କରି ବୁଝିବାକୁ ମୁଁ ଏକଥା କହିଲି -- ତାଙ୍କ ଦୋଷ ବାଛିବାକୁ ନୁହେଁ । ମୁଁ ଗାନ୍ଧିଜୀଙ୍କୁ କହିଲି ଯେ କେହି ଦୁଷ୍ଟମତି ବ୍ୟକ୍ତି ଏଇ ଉଦାହରଣର ଅପବ୍ୟବହାର କରିପାରେ । ତେଣୁ ଜନସାଧାରଣଙ୍କ କୌତୁହଳ ଓ ସୁସ୍ଥ ନୈତିକତାର ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏଇ ଅଭ୍ୟାସର ଉପଯୋଗୀତା ବିଚାର କରିବା ଉଚିତ । ଆଗ୍ରହ କଲି ଯେ ଉପରୋକ୍ତ ବିଚାର ଦୃଷ୍ଟିରୁ ମୁଁ ଏ ପ୍ରଶ୍ନ ତାଙ୍କ ସମ୍ମୁଖକୁ ଆଣିଛି । ଗାନ୍ଧିଜୀ କିନ୍ତୁ ସନ୍ତୁଷ୍ଟ ହେଲେ ନାହିଁ ଓ ମୁଁ ଆଲୋଚନା ଏଇଠି ବନ୍ଦ କରିଥିଲି । ମୁଁ ସେଠାରେ ଏତିକି ବିନତି କଲି ଯେ ସେ ମୋ କଥାକୁ ବିଚାର କରିବେ ଓ ମୋ ସହିତ ଏକମତ ହେଲେ ନିଜର ମତ ବଦଳାଇବେ ।

ବାପୁ ମୋ କଥାରେ ସେତେବେଳେ ବିଶ୍ୱାସ କଲେ ନାହିଁ । କିନ୍ତୁ କିଛିଦିନ ପରେ "ହରିଜନ" ପତ୍ରିକାରେ ଏଇ କଥୋପକଥନକୁ ଉଦ୍ଧାର କରିଥିଲେ । ସେ ପ୍ରବନ୍ଧରେ ସେ ଲେଖିଥିଲେ ଯେ ଜଣେ ସହକର୍ମୀ ତାଙ୍କର ଦୁଇ ମହିଳାଙ୍କ କାନ୍ଧରେ ଭରା ଦେଇ ବୁଲିଯିବା ଅଭ୍ୟାସ ବିଷୟରେ ଆଲୋଚନା କରିଥିଲେ । ସେତେବେଳେ ତାଙ୍କର

Digitized by srujanika@gmail.com

ଅଭ୍ୟାସ ଯେ ଅନୁପଯୁକ୍ତ ସେ କଥା ସେ ହୃଦୟଙ୍ଗମ କରି ନଥିଲେ । ଗତ କିଛିଦିନ ଭିତରେ ଜଣେ ଯୁବକର୍ମୀଙ୍କ ଅଭିଜ୍ଞତାରୁ ତାଙ୍କର ହୃଦବୋଧ ହୋଇଛି ଯେ ସେଇ ସହକର୍ମୀଙ୍କ ଯୁକ୍ତି ଠିକ୍ ଥିଲା । ତାଙ୍କର ଏହି ଅଭ୍ୟାସ ସାଧାରଣ ଜନତାଙ୍କ ଭାବନାକୁ ଆଘାତ କରିଛି । ଗାନ୍ଧିଜୀ ସବୁବେଳେ ଯଥାର୍ଥ ଗୁରୁତ୍ୱ ସହକାରେ ସତ୍ୟର ଅନ୍ୱେଷଣ କରୁଥିଲେ ଏବଂ ନିଜର ମତ ଠିକ୍ ନ ଥିଲେ ତାହା ସମସ୍ତଙ୍କ ଆଗରେ ମାନୁଥିଲେ । ଏହାର ଜ୍ୱଳନ୍ତ ଉଦାହରଣ ଉପରୋକ୍ତ ଘଟଣା ଓ "ହରିଜନ"ରେ ପ୍ରକାଶିତ ପ୍ରବନ୍ଧରୁ ସୁସ୍ପଷ୍ଟ ।

ପଛ କଥାକୁ ମନେ ପକାଇବା ଓ ଅଲୋଚନା କରିବା ଅଭ୍ୟାସ ଖୁବ୍ କମ୍ ନେତାଙ୍କର ଥିବାର ଜଣାଯାଏ ଏବଂ ତା' ଠାରୁ କମ୍ ନେତା କର୍ମରେ ନିଜର ଦୋଷ ବା ଭୁଲ ମାନିବାକୁ ପ୍ରସ୍ତୁତ ଥାଆନ୍ତି । ବାପୁ ଭଗବାନଙ୍କୁ ଅନୁଭବ କରିବା ରାସ୍ତାରେ ଚାଲୁଥିଲେ । ତେଣୁ ଖୁବ୍ ସାହସର ସହିତ ସେ ଏହା କରୁଥିଲେ । ସେ ରାଜନୀତିରେ ଥିଲେ, କାରଣ ସେ କର୍ମବୀର ଥିଲେ । ତାଙ୍କ କର୍ମଯୋଗରେ ରାଜନୀତି ଥିଲା ଅପରିହାର୍ଯ୍ୟ କର୍ତ୍ତବ୍ୟ । ସତ୍ୟ ସହିତ ମେଳ ଖାଉନଥିବା କୌଣସି କାମ ନ କରିବାକୁ ସେ ସର୍ବଦା ଯତ୍ନଶୀଳ ଥିଲେ ।

ଆଉ ଗୋଟିଏ ବିଷୟରେ ମଧ ମୁଁ ବାପୁଙ୍କ ସହିତ ଆଲୋଚନା କରିଥିଲି । ଶ୍ରୀ ମହାଦେବ ଭାଇ ଓ ଜଣେ ଦୁଇଜଣ ଆଶ୍ରମ ଅନ୍ତେବାସୀ ଏ ଆଲୋଚନା ବେଳେ ଉପସ୍ଥିତ ଥିଲେ । ସେମାନେ ଆମ ଆଲୋଚନା ବେଳେ ମଧ ଉପସ୍ଥିତ ଥିଲେ । ମୁଁ ବାପୁଙ୍କୁ ପଚାରିଲି, ଯେ ସେ କାହିଁକି, ଯେଉଁମାନେ ତାଙ୍କ ଉପଦେଶ/ ପରାମର୍ଶ ମାନି ଚଳୁଥିଲେ, ତାଙ୍କ ପାଇଁ ଯଥେଷ୍ଟ ସମୟ ଦେଉନଥିଲେ ବା ଅବସର ସମୟରେ ତାଙ୍କ ସହିତ ଆଲୋଚନା କରୁନଥିଲେ । କିନ୍ତୁ ତାଙ୍କୁ ବିରୋଧ କରୁଥିବା ଲୋକମାନଙ୍କୁ ପୂରା ସମୟ ଦେଉଥିଲେ । ମୁଁ ମଧ କହିଲି, ଏହା ଫଳରେ ତାଙ୍କର ଅନେକ ଶିଷ୍ୟ ହତୋତ୍ସାହ ଓ ଦୁଃଖୀ ହେଉଛନ୍ତି । ଏଥିଯୋଗୁଁ ଅବଶ୍ୟ ସେମାନଙ୍କର ଆପଣଙ୍କ (ବାପୁଙ୍କ) ଉପରେ ଥିବା ବିଶ୍ୱାସ କମ୍ ହେଉନାହିଁ, କିନ୍ତୁ ସେମାନଙ୍କର କାର୍ଯ୍ୟକ୍ଷମତା କିଛି ପରିମାଣରେ କମିଯାଉଛି । ଏହା ପଛରେ ଥିବା ଦର୍ଶନ ତତ୍ତ୍ୱମୋତେ ବୁଝାଇବାକୁ ଅନୁରୋଧ କଲି, କାରଣ ମୁଁ ଜାଣିଥିଲି ଏହା ପଛରେ ବାପୁଙ୍କର କୌଣସି ନୀତି ନିଶ୍ଚୟ ଥିଲା । ବାପୁ କହିଲେ ସେ ଏପରି ବ୍ୟବହାର କରୁଛନ୍ତି ବୋଲି ଅନୁଭବ କରୁନାହାନ୍ତି । ମୋତେ ଗୋଟିଏ ଦୁଇଟି ଉଦାହରଣ ଦେବାକୁ କହିଲେ । ମୋ ଉପସ୍ଥିତିରେ ଘଟିଥିବା ଗୋଟିଏ ଦୁଇଟି ଘଟଣା ବର୍ଣ୍ଣନା କଲି । ଗୋଟିଏ ଘଟଣା ମହାଦେବଭାଇଙ୍କ ସହିତ ଅନ୍ୟଟି ରାଜାଜୀଙ୍କ ସହିତ ଘଟିଥିଲା । ଗାନ୍ଧିଜୀ ମହାଦେବଭାଇଙ୍କୁ ପଚାରିଲେ "କ'ଣ ଏହା ସତ କଥା" ଓ ମହାଦେବଭାଇ 'ହଁ' କହିଲେ । ବାପୁ ସାଙ୍ଗେ ସାଙ୍ଗେ ଟିକିଏ ବିରକ୍ତ ହୋଇ ପଚାରିଲେ ଯେ ସେ (ମହାଦେବଭାଇ) କାହିଁକି ତାଙ୍କୁ (ବାପୁଙ୍କୁ) ଛାଡି ଚାଲିଗଲେ ନାହିଁ । ମହାଦେବଭାଇ ମୁରୁକି ହସି କହିଲେ, ତାଙ୍କର ଗାନ୍ଧିଜୀଙ୍କ ସହିତ ସମ୍ବନ୍ଧ ଗୋଟିଏ ହିନ୍ଦୁ ସ୍ତ୍ରୀ ଓ ସ୍ୱାମୀ ସମ୍ବନ୍ଧ ସହିତ ସମାନ । ଯାହା ଘଟିଲେ ବି ଗୋଟିଏ ହିନ୍ଦୁ ସ୍ତ୍ରୀ ତା' ସ୍ୱାମୀଙ୍କୁ ଛାଡି କିପରି ପଳାଇବ ? ବାପୁ ହସିଲେ । ମୁଁ ଯାହା ବୁଝିଥିଲି ତାହା କହିବାକୁ ଚେଷ୍ଟା କଲି । ମୁଁ କହିଲି "ହୋଇ ପାରେ ଯେ ବିରୋଧ କରୁଥିବା ଲୋକମାନଙ୍କର ହୃଦୟ ପରିବର୍ତ୍ତନ କରିବାକୁ ଯଥେଷ୍ଟ ସମୟ ଓ ପୂର୍ଣ୍ଣ ଆଲୋଚନା ଦରକାର, କିନ୍ତୁ ଶିଷ୍ୟମାନଙ୍କ ହୃଦୟ ପରିବର୍ତ୍ତନ କରିବାର ଆବଶ୍ୟକତା ନାହିଁ ।" ମୋର ହୃଦବୋଧ ହେଲା ଯେ ଗାନ୍ଧିଜୀ ମୋର ମନ୍ତବ୍ୟ ଗ୍ରହଣ କଲେ କିନ୍ତୁ ସେ କିଛି କହିଲେ ନାହିଁ ।

ନୀତିଶାସ୍ତ୍ରର ମୌଳିକ ତତ୍ତ୍ୱ ଓ ଜୀବନରେ ତାହାର ପ୍ରୟୋଗ ସମ୍ବନ୍ଧରେ କେତେକ ସନ୍ଦେହ ମୋତେ ବ୍ୟସ୍ତ କରୁଥିଲା ଏବଂ ମୁଁ ସେଗୁଡିକର ସନ୍ତୋଷଜନକ ସମାଧାନ କରି ପାରୁନଥିଲି । ମୁଁ ତେଣୁ ବାପୁଙ୍କ ସାହାଯ୍ୟ ଚାହିଁଲି । ଏ ସବୁ ବିଷୟ ବାପୁଙ୍କ ସହିତ ଏକାନ୍ତରେ ଆଲୋଚନା କଲେ ମୁଁ ନିର୍ଭୟରେ ମୋ କଥା କହିପାରିବି ଓ ଅନ୍ୟମାନଙ୍କ ସହିତ ଅବୁଝାମଣାର ଅବକାଶ ରହିବ ନାହିଁ ଭାବି ଗାନ୍ଧିଜୀଙ୍କୁ ମୋ ସହିତ ଏକାନ୍ତରେ ଆଲୋଚନା କରିବା ପାଇଁ କିଛି ସମୟ ଦେବାକୁ ଅନୁରୋଧ କଲି । ମୋର ଅନୁରୋଧ ବାପୁଙ୍କୁ ଭଲ ଲାଗିଲା କି ନାହିଁ ମୁଁ

Digitized by srujanika@gmail.com

ଜାଣେନାହିଁ, କିନ୍ତୁ ସେ ତାଙ୍କ ପାଖକୁ ସକାଳ ଦୁଇଟା ୪୫ ମିନିଟରେ ଆସିବାକୁ କହିଲେ । ସେ ଦିନମାନଙ୍କରେ ବାପୁ ଶୀଘ୍ର ଶୋଇ ଦୁଇଟା ଅଢ଼େଇଟା ବେଳେ ଉଠି ଯାଉଥିଲେ । ବୋଧହୁଏ ସ୍ୱତନ୍ତ୍ର ଭାବେ ସମୟ ଦେବାକୁ ଚେଷ୍ଟା କରୁଥିବାରୁ ମୋତେ ରାତିରେ ଆସିବାକୁ କହିଥିଲେ । ମହାଦେବଭାଇଙ୍କ ଉପସ୍ଥିତି ମୋର କାମ୍ୟ ନ ଥିଲା । ମୁଁ ବୁଝିପାରିଲି ଯେ ମହାଦେବଭାଇ ଟିକିଏ ବିରକ୍ତ ହେଲେ କିନ୍ତୁ ସେ କିଛି କହି ନ ଥିଲେ ।

ବାପୁ ମୋତେ ଏଇ ସମୟ ଦେବା ପରେ ଚନ୍ଦୁଭାଇ ଆଲୋଚନା ବେଳେ ଉପସ୍ଥିତ ରହିବା ପାଇଁ ଅନୁମତି ମାଗିଲେ । ଗାନ୍ଧିଜୀ ତାଙ୍କୁ କହିଲେ ଯେ ତାଙ୍କର କିଛି ଆପତ୍ତି ନାହିଁ । ସେ ମୋତେ ପଚାରିବା ଉଚିତ କାରଣ ମୁଁ ଏକାନ୍ତରେ ସାକ୍ଷାତ କରିବାକୁ ଇଚ୍ଛା ପ୍ରକାଶ କରିଥିଲି । ଚନ୍ଦୁଭାଇ ମୋତେ ପଚାରିଲେ । ଆମେ ଯେହେତୁ ସାଙ୍ଗ ହୋଇ ବୁଲୁଥିଲୁ ମୁଁ ନାହିଁ କରିପାରିଲିନାହିଁ । ସାକ୍ଷାତକାର ପରେ ମୋର ହୃଦବୋଧ ହେଲା ଯେ ଚନ୍ଦୁଭାଇଙ୍କୁ 'ହଁ' କହି ଭୁଲ କରିଥିଲି ।

ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ସକାଳ ଦୁଇଟା ୪୫ ମିନିଟରେ ଆମେ ବାପୁଙ୍କ ପାଖକୁ ଗଲୁ । ମହାଦେବଭାଇ ଶୋଇଥିବା ଘରର ବାହାର ଘରେ ଆମେ ତାଙ୍କୁ ଭେଟିଲୁ । ମୌଳିକ ସତ୍ୟ ଏବଂ ସାଧନା ମଧ୍ୟରେ ସଂହତି ସ୍ଥାପନ କରିବାରେ ମୋର ସବୁ ସଂଶୟ ବାପୁଙ୍କ ଆଗରେ ରଖିଲି । ବାପୁ ସତ୍ୟରେ ବିଶ୍ୱାସ କରୁଥିଲେ ଏବଂ ଏକ ନୀତିନିଷ୍ଠ ଶୃଙ୍ଖଳା ପାଳନ କରିବା ଉପରେ ଗୁରୁତ୍ୱ ଆରୋପ କରୁଥିଲେ, କିନ୍ତୁ କେତେଜଣ ମୁଖ୍ୟ ସହକର୍ମୀମାନେ ଏଇ ଶୃଙ୍ଖଳା ପାଳନ କରୁ ନଥିବା ଜଣା ପଡୁଥିଲା । ମୁଁ ଜାଣିବାକୁ ଚାହିଁଲି ଯେ ବାପୁଜୀ କିପରି ଏ ପରିସ୍ଥିତି ସମାଧାନ କରୁଥିଲେ । କୌଣସି ବ୍ୟକ୍ତି ବିଶେଷଙ୍କୁ ମୁଁ ଦୃଷ୍ଟିରେ ରଖିନଥିଲି । ପ୍ରଶ୍ନଟି ସାଧାରଣ ବା ବ୍ୟାପକ ଥିଲା । ମୁଁ ଗାନ୍ଧିଜୀଙ୍କୁ ପଚାରିଲି ଯେ ସେ କିପରି ଏହି ନୈତିକ ତ୍ରୁଟି ସହ୍ୟ କରୁଥିଲେ ଏବଂ ଏହା କିପରି ତାଙ୍କର ସତ୍ୟ ଅନ୍ୱେଷଣରରେ ସହାୟକ ହେଉଥିଲା ।

ଗାନ୍ଧିଜୀ ଉତ୍ତର ଦେବା ଆଗରୁ ଚନ୍ଦୁଭାଇ ହସ୍ତକ୍ଷେପ କରି ସର୍ଦ୍ଦାର ସାହେବଙ୍କ ସମୟ ସମୟରେ ବ୍ୟବହାର ସତ୍ୟ ତଥ୍ୟାନୁସାରେ ନୁହେଁ ବୋଲି ସମାଲୋଚନା କଲେ ଏବଂ ଗାନ୍ଧିଜୀଙ୍କୁ ପଚାରିଲେ ସେ କିପରି ତାଙ୍କୁ ସହ୍ୟ କରୁଛନ୍ତି । ଗାନ୍ଧିଜୀ ସାଙ୍ଗେ ସାଙ୍ଗେ କହିଲେ ଯଦି ଚନ୍ଦୁଭାଇ ଏ ଅଭିଯୋଗ ପ୍ରମାଣ କରିପାରିବେ ସେ ତାର ତଦନ୍ତ କରିବେ ଓ ସେମାନଙ୍କ ସମ୍ବନ୍ଧରେ ସର୍ବସାଧାରଣରେ କହିବେ । ସେ ଆମକୁ ଦୃଢ଼ତାର ସହ କହିଲେ ଯେ ସେ ଅସତ୍ୟ ବ୍ୟବହାର କେବେହେଲେ ଅନୁମୋଦନ କରିବେ ନାହିଁ ଏବଂ ଆମମାନଙ୍କର ସେଥିରେ ସନ୍ଦେହ ରହିବା ଉଚିତ ହେବନାହିଁ ।

ଚନ୍ଦୁଭାଇ ଯେତେବେଳେ ଏକ ବ୍ୟକ୍ତିଗତ ଅଭିଯୋଗ ଆଣିଲେ ମୁଁ ବାପୁଙ୍କ କଣ୍ଠସ୍ୱରରୁ ଜାଣିପାରିଲି ଯେ ତାଙ୍କୁ ଏ କଥା ଭଲ ଲାଗିଲା ନାହିଁ । ଚନ୍ଦୁଭାଇଙ୍କ ପ୍ରଶ୍ନ ଶୁଣି ମୁଁ ବିବ୍ରତ ହୋଇ ପଡିଲି ଓ ଭାବିଲି ଏହାର ଫଳାଫଳ କ୍ଷତିକାରକ ହେବ । ସର୍ଦ୍ଦାର ସାଏବଙ୍କ ଉପରେ ଚନ୍ଦୁଭାଇଙ୍କ ସନ୍ଦେହ ମୋର ନଥିଲା କିନ୍ତୁ ସେ ଯେପରି ଭାବରେ ପ୍ରଶ୍ନ ପଚାରିଲେ ବାପୁ ନାଯ୍ୟତଃ ଭାବିଥିବେ ଯେ ଚନ୍ଦୁଭାଇଙ୍କ ଅଭିଯୋଗ ସହିତ ମୁଁ ଏକମତ । ମୁଁ ତେଣୁ ସଙ୍ଗେ ସଙ୍ଗେ ହସ୍ତକ୍ଷେପ କରି ମୋ ମତ ସ୍ୱଷ୍ଟ କରିଦେଲି । ମୁଁ ଦେଖିଲି ଚନ୍ଦୁଭାଇ ଉପସ୍ଥିତିରେ ଆଲୋଚନା କରିବା ବାଞ୍ଛନୀୟ ନୁହେଁ କି ଉପଯୁକ୍ତ ନୁହେଁ, ଶେଷ ପ୍ରଶ୍ନଟିଏ ପଚାରି ଆଲୋଚନା ସମାପ୍ତ କରିବାକୁ ସ୍ଥିର କଲି । ମୁଁ କହିଲି ଏ ଅନୁଷ୍ଠାନ ମଧ୍ୟରେ ନୀତିଗତ ପାର୍ଥକ୍ୟ ଦେଖାଗଲେ ମୁଁ ମୋର ନୀତି ସହିତ ବୁଝାମଣା କରିବି ନାହିଁ । ବାପୁଙ୍କ ମତରେ ସେ ଅବସ୍ଥାରେ ମୁଁ କ'ଣ କରିବି ବୋଲି ପଚାରିଲି । ଆଲୋଚନା ଆଉ ଲମ୍ବା ନ କରିବାକୁ ମୁଁ ବାପୁଙ୍କୁ ମୋ ମତ ଦେଲି । ଏଭଳି ଅବସ୍ଥାରେ କାହା ସହିତ ଝଗଡ଼ା ନକରି ଓ ଅନୁଷ୍ଠାନକୁ କୌଣସି ଅସୁବିଧାରେ ନ ପକାଇ ମୁଁ ଅନୁଷ୍ଠାନ ଛାଡି ଚାଲି ଯାଇ ସମାଜରେ ଅନ୍ୟ ବାଟରେ ସେବା କରିବାରେ ନିଜକୁ ନିୟୋଜିତ କରିବି ।

Digitized by srujanika@gmail.com

ବାପୁ ମୋ କଥା ଧୈର୍ଯ୍ୟ ସହକାରେ ଶୁଣିଲେ, ମୋ ସହିତ ଏକମତ ହୋଇ କହିଲେ ନମ୍ରତା ସହକାରେ ସମାଜ ସେବା କରିବାକୁ ଚାହୁଁଥିବା ବ୍ୟକ୍ତି ଠିକ୍ ଏହାହିଁ କରିବା ଉଚିତ୍ । ମନରେ ଥିବା ଅନ୍ୟ ପ୍ରଶ୍ନ ନପଚାରି ମୋର ବାପୁଙ୍କ ସହିତ ସାକ୍ଷାତକାର ଏଇଠାରେ ଶେଷ କଲି । ତାଙ୍କ ଅନୁମତି ନେଇ ବାହାରକୁ ଆସିଲି ।

ଆମେ ଦୁହେଁ ପରଦିନ ଗୁଜରାଟ ଫେରିଲୁ । ଚନ୍ଦୁଭାଇ ଭାରୁଚ ଗଲେ ଓ ମୁଁ ଅହମଦାବାଦ ଆସିଲି ।

ଏ ଘଟଣାର ଅଳ୍ପଦିନ ପରେ ମୁଁ ସର୍ଦ୍ଦାର ସାହେବଙ୍କ ଠାରୁ ବମ୍ବେରୁ ଖଣ୍ଡେ ଚିଠି ପାଇଲି । ସେଥିରେ ସେ ଲେଖିଥିଲେ "ମୁଁ ଅନୁଭବ କରୁଛି ଯେ ଆପଣଙ୍କର ମୋ ଉପରେ ପୂର୍ଣ୍ଣ ବିଶ୍ୱାସ ନାହିଁ । ମୁଁ ଗୁଜରାଟ କଂଗ୍ରେସ କମିଟି ସଭାପତି ପଦରୁ ଅବସର ନେବି ଓ ଆପଣ ସେ ଦାୟିତ୍ୱ ନେବେ । ସାରା ଦେଶରେ ମୋର ବହୁତ କାମ କରିବାର ଅଛି ।" ଚିଠି ପାଇ ମୁଁ ଓ୍ୱାର୍ଦ୍ଧାରେ ବାପୁଙ୍କ ସହିତ ଆଲୋଚନା ମନେ ପକାଇଲି ଏବଂ ଧରିନେଲି ଯେ ଆମ ଆଲୋଚନାର କୋଠରି ବାହାରେ ଶୋଇଥିବା ମହାଦେବଭାଇ ଆମକଥା ଶୁଣି ପାରିଥିବେ । ସେ ଭାବିଲେ ଯେ ମୁଁ ଚନ୍ଦୁଭାଇଙ୍କ ସହିତ ଏକମତ ଏବଂ ସେଇ ହିସାବରେ ସର୍ଦ୍ଦାର ସାହେବଙ୍କ ପାଖକୁ ଲେଖିଥିବେ । ତାହା ଯଦି ହୋଇଥାଏ ତେବେ ସର୍ଦ୍ଦାର ସାହେବଙ୍କ ସନ୍ଦେହ ମୁଁ ସହଜରେ ବୁଝିପାରିବି ।

ମୁଁ ଶୀଘ୍ର ଉତ୍ତର ଦେଲି "ଆପଣଙ୍କ ଚିଠି ପାଇଛି ଏବଂ ଗଭୀର ଯନ୍ତ୍ରଣା ଅନୁଭବ କରୁଛି । ମୁଁ ଏମିତି କିଛି କାମ କରିନାହିଁ ଯଦ୍ୱାରା ଜଣାଯିବ ଯେ ମୋର ଆପଣଙ୍କ ଉପରେ ବିଶ୍ୱାସ ନାହିଁ । ଆପଣଙ୍କୁ କେହି ଜଣେ କିଛି ଭୁଲ ଖବର ଦେଇଛନ୍ତି ଓ ତାରି ଉପରେ ଆପଣଙ୍କର ଏ ଭୁଲ ଧାରଣା ହୋଇଛି । ଆପଣଙ୍କୁ କିଏ ଏ ଖବର ଦେଇଛନ୍ତି ଓ ତାଙ୍କ ଉପସ୍ଥିତିରେ ଏ ବିଷୟ ମୋ ସହିତ ଆଲୋଚନା କଲେ, ଆପଣଙ୍କ ଏ ଅଭିଯୋଗ ଭିତିହୀନ ବୋଲି ପ୍ରମାଣ କରି ଦେଇ ପାରିବି ବୋଲି ମୋର ବିଶ୍ୱାସ । ଆପଣ ସଭାପତି ପଦ ତ୍ୟାଗ କରି ମୋତେ ଦାୟିତ୍ୱ ଦେବା ଅନୁଚିତ ହେବ କାରଣ ଯେଉଁ ପରିସ୍ଥିତିରେ କଂଗ୍ରେସ ବର୍ତ୍ତମାନ କାମ କରୁଛି ସେଥିରେ ସେ ଦାୟିତ୍ୱ ତୁଲାଇବା ମୋ ଶକ୍ତିର ବାହାରେ । କଂଗ୍ରେସର ବର୍ତ୍ତମାନ ପରିସ୍ଥିତିରେ ଆପଣଙ୍କ ବ୍ୟତୀତ ଆଉ କେହି ତାହାର କାର୍ଯ୍ୟକ୍ଷମତା ବଢ଼ାଇ ପାରିବେ ନାହିଁ । ତେଣୁ ମୁଁ ଦାୟିତ୍ୱ ନେଇ ପାରିବି ନାହିଁ ଏବଂ ନେବି ନାହିଁ । ଆପଣ ଗୁଜରାଟ କଂଗ୍ରେସକୁ ଦୃଢ଼ୀଭୂତ କରି ସେଥିରେ ଲୋକମାନଙ୍କର ଆସ୍ଥା ଓ ବିଶ୍ୱାସ ଜନ୍ମାଇଛନ୍ତି । ଆପଣଙ୍କ ଅନୁପସ୍ଥିତିରେ ଗୁଜରାଟ କଂଗ୍ରେସ ଦୁର୍ବଳ ହୋଇ ପଡିଲେ ଆପଣ ଦୁଃଖୀ ହେବେ ଏବଂ ସେଥିପାଇଁ ଆପଣ ହିଁ ଦାୟୀ ହେବେ । ମୁଁ କଂଗ୍ରେସରେ ଗତ ପାଞ୍ଚ ଛ'ବର୍ଷ ହେବ ରହିଛି ଏବଂ କଂଗ୍ରେସକୁ ସୁଦୃଢ଼ କରିବାପାଇଁ ବିଶେଷ କିଛି କରିନାହିଁ ତେଣୁ ମୁଁ କଂଗ୍ରେସକୁ ଛାଡି ଚାଲି ଗଲେ ଅନୁଷ୍ଠାନର କିଛି କ୍ଷତି ହେବନାହିଁ । ଆପଣ ଯଦି ସଭାପତି ପଦ ତ୍ୟାଗ କରନ୍ତି, ଆପଣଙ୍କ ପୂର୍ବରୁ ମୁଁ କଂଗ୍ରେସ ଛାଡିବି ।"

ସର୍ଦ୍ଦାର ସାହେବ ଏ ଚିଠିର ଉତ୍ତର ଦେଲେ ନାହିଁ । କିଛିଦିନ ପରେ ମୁଁ ଯେତେବେଳେ ତାଙ୍କୁ ବମ୍ବେରେ ସାକ୍ଷାତ କଲି ସେ କହିଲେ ଯେ ତାଙ୍କର ଧାରଣା ଭୁଲ ଥିଲା । ସେ ଅନୁଭବ କଲେ ଯେ ଓ୍ୱାର୍ଦ୍ଧା ଆଲୋଚନାରେ କେବଳ ଚନ୍ଦୁଭାଇଙ୍କ ଚିନ୍ତା ପ୍ରତିଫଳିତ ହୋଇଥିଲା, ମୋର ସେଥିରେ କୌଣସି ହାତ ନଥିଲା ଓ ଚନ୍ଦୁଭାଇ ମୋର ଅନୁମୋଦନ ନ ନେଇ କହିଥିଲେ । ଏ ଘଟଣା ଦ୍ୱାରା ସର୍ଦ୍ଦାରଙ୍କ ମୋ ଉପରେ ବିଶ୍ୱାସ ବଢ଼ିଗଲା । ମୋ ଚିଠିରେ ମୁଁ ଲେଖିଥିଲି ଯେ ମୋର ତାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ନ ଥିଲେ ମୁଁ ତାଙ୍କ ପାଖରେ କାମ କରିବାକୁ ରାଜି ହୋଇ ନ ଥାଆନ୍ତି । ଏହା ମଧ୍ୟ ଲେଖିଥିଲି ଯେ ଯଦିଓ ମୁଁ ଅନୁଭବ କରୁଥିଲି ଯେ ତାଙ୍କର ମୋ ଉପରେ ପୂର୍ଣ୍ଣ ବିଶ୍ୱାସ ନାହିଁ, ସେଥିରେ ତାଙ୍କର କୌଣସି ଦୋଷ ଥିବାର ମୁଁ ବିଚାର କରୁ ନଥିଲି କାରଣ ତାହା ତାଙ୍କ ସହିତ ମୋର ଘନିଷ୍ଠ ସମ୍ପର୍କ ନ ଥିବା ହେତୁ ହିଁ ଘଟିଥିଲା । ମୁଁ ବିଶ୍ୱାସ ହାସଲ କରିବା ଯୋଗ୍ୟତା ଅର୍ଜନ କରିବା ପୂର୍ବରୁ ସେ ମୋତେ ବିଶ୍ୱାସ କରିବେ ସେ ଆଶା କରୁନଥିଲି । ମୋ ମନରେ ସନ୍ଦେହ ନ ଥିଲା ଯେ ମୋତେ

Digitized by srujanika@gmail.com

ବିଶ୍ୱାସ ହାସଲ କରିବାକୁ ହେବ । ମୁଁ ସ୍ପଷ୍ଟ କରି ଦେଇଥିଲି ଯେ ମୋର ଅଭିଯୋଗ କରିବାର କିଛି ନାହିଁ ଏବଂ ଏହା ମୁଁ ଲେଖିଲି କେବଳ ମୋ ବିରୁଦ୍ଧରେ ଥିବା ଅଭିଯୋଗ ବିଷୟରେ ନିଜର ପରିସ୍ଥିତି ପରିଷ୍କାର କରିବାକୁ ।

୧୯୩୪ରେ ଜେଲରୁ ଖଲାସ ହୋଇ ଆସିବା ପରେ ବମ୍ବେ ଗଲେ ସେ ଭୁଲାଭାଇ ଦେସାଇ ପାଖରେ ରହୁଥିଲେ । ସେତେବେଳେ ମଧ୍ୟ ସେଠାରେ ଥିଲେ ।

୧୯୩୫ ଶେଷ ଭାଗରେ ସର୍ଦ୍ଦାର ସାହେବ ଭୁଲାଭାଇଙ୍କୁ କେତେକ ଲୋକମାନଙ୍କ ସହିତ ତାଙ୍କ ବ୍ୟବହାର ସମ୍ବନ୍ଧରେ କିଛି ଅସ୍ପୃହଣୀୟ ଉପଦେଶ ଦେଇଥିଲେ । ଭୁଲାଭାଇଙ୍କୁ ତାହା ଭଲ ଲାଗି ନ ଥିଲା ଫଳରେ କିଞ୍ଚିତ ମନମାଳିନ୍ୟ ଘଟିଥିଲା । ଶୁଣିବା ପରେ ମୁଁ ସର୍ଦ୍ଦାର ସାହେବକୁ ପରାମର୍ଶ ଦେଲି ଯେ ତାଙ୍କର ସେଠାରେ ଆଉ ରହିବା ଉଚିତ ହେବ ନାହିଁ କାରଣ ତଦ୍ଦ୍ୱାରା ସମ୍ପର୍କ ଆହୁରି ଖରାପ ହେବ । ଅନ୍ୟମାନେ ଏକଥା ଜାଣିଲେ ସର୍ବସାଧାରଣରେ ହୋଇଥିବା ତାଙ୍କ ଭାବମୂର୍ତ୍ତିରେ ଆଘାତ ଆସିବ ।

ସର୍ଦ୍ଦାର ସାହେବ ମୋ ପରାମର୍ଶ ଗ୍ରହଣ କରିଥିଲେ ଏବଂ ତା'ପରେ ବମ୍ବେ ଗଲେ ତାଙ୍କ ପୁଅ ଶ୍ରୀ ଦହ୍ୟାଭାଇଙ୍କ ସହିତ ରହୁଥିଲେ । ଭୂଲାଭାଇଙ୍କ ମୃତ୍ୟୁ ପର୍ଯ୍ୟନ୍ତ ସେ ମନୋମାଳିନ୍ୟ ରହିଥିଲା ।

(୧୬) ଜବାହରଲାଲଜୀଙ୍କ ସହିତ ପ୍ରଥମ ପରିଚୟ

୧୯୩୬ରେ ଜବାହରଲାଲଜୀ ଆଉଥରେ କଂଗ୍ରେସ ପ୍ରେସିଡେଣ୍ଟ୍ ହୋଇଥିଲେ । ସେତେବେଳେ ଦେଶର ରାଜନୀତିରେ ତାଙ୍କର ପ୍ରଭାବ ବଢୁଥାଏ । ସେଇବର୍ଷ ବମ୍ବେରେ ନିଖିଳ ଭାରତ କଂଗ୍ରେସ କମିଟି (ଏ.ଆଇ.ସି.ସି)ର ଏକ ଅଧିବେଶନ ବସିଥିଲା । କମିଟିର ସମସ୍ତ କାର୍ଯ୍ୟ ହିନ୍ଦିରେ କରିବାକୁ ନିର୍ଣ୍ଣୟ ନେବାପାଇଁ ମୁଁ ଗୋଟିଏ ପ୍ରସ୍ତାବ ପଠାଇଥିଲି । ମୁଁ ଯେତେବେଳେ ସଭାରେ ଏହି ପ୍ରସ୍ତାବ ରଖିବାକୁ ଜବାହରଲାଲଜୀଙ୍କ ଅନୁମତି ମାଗିଲି, ସେ ପ୍ରସ୍ତାବଟିକୁ ଦେଖି ମୋତେ ସାମାନ୍ୟ ନିରୁତ୍ସାହ କରି କହିଲେ ଯେ ପ୍ରସ୍ତାବର ଭାଷା ଠିକ୍ ହୋଇ ନାହିଁ । ମୌଲାନା ସାହେବ ସେତେବେଳେ ତାଙ୍କ ପାଖରେ ବସିଥିଲେ । ସେ ମୋତେ ଉତ୍ସାହିତ କରି କହିଲେ ପ୍ରସ୍ତାବର ଭାଷା ତାଙ୍କ (ଜବାହରଲାଲଜୀ) ଭାଷା ଅପେକ୍ଷା ଭଲ ହୋଇଛି । ତାପରେ ମୋତେ ଅନୁମତି ମିଳିଲା ଏବଂ ମିଟିଙ୍ଗ୍‌ରେ ପ୍ରସ୍ତାବ ଗୃହୀତ ହେଲା ।

ଗୁଜରାଟରୁ ଏ.ଆଇ.ସି.ସି.ର ସଭ୍ୟ ଶ୍ରୀ ଅମୃତଲାଲ ସେଠ ଜଣେ ସାମ୍ବାଦିକ ଥିଲେ ଓ ଭାରତୀୟ ରାଜ୍ୟରେ କାମ କରୁଥିଲେ । ସେ ଏକ ପ୍ରସ୍ତାବ ଉପରେ ସମାଲୋଚନାମୂଳକ ଭାଷଣ ଦେବାକୁ ଆରମ୍ଭ କଲେ । ଜବାହରଲାଲଜୀ ହସ୍ତକ୍ଷେପ କରି ଅପମାନଜନକ ଭାବରେ ତାଙ୍କୁ ବସିବାକୁ କହିଲେ । ମାଡ୍ରାସର ଶ୍ରୀ ସତ୍ୟମୂର୍ତ୍ତି ସାଙ୍ଗେ ସାଙ୍ଗେ ଛିଡ଼ାହୋଇ ସଭାପତି (ଜବାହରଲାଲଜୀ)ଙ୍କ ଆଚରଣକୁ ତୀବ୍ର ସମାଲୋଚନା କଲେ । ସେ କହିଲେ ଜଣେ ସହକର୍ମୀଙ୍କ ପ୍ରତି ଏପରି ଅପ୍ରାସଂଗିକ ବ୍ୟବହାର ଦେଖାଇବା ସଭାପତିଙ୍କ ପକ୍ଷରେ ଅଶୋଭନୀୟ ଏବଂ ସେ ନିଜର ବାଚନିକ ଉଦ୍‌ଗାରଣ ପାଇଁ ଲଜ୍ଜିତ ହୋଇ କ୍ଷମା ମାଗିବା ଉଚିତ ।

ଜବାହରଲାଲଜୀ ସ୍ୱଭାବସିଦ୍ଧ ଭାବରେ ସେ ନିଜର ଭୁଲ ମାନିଥିଲେ । ପରିଷ୍କାର ଭାବେ ସେ କହିଲେ "ଏହା ମୋର ଭୁଲ । ମୁଁ ସମସ୍ତଙ୍କ ଠାରୁ ଅତ୍ୟଧିକ ସ୍ନେହ ପାଉଛି ତେଣୁ ମୋର ଏ ବଦଭ୍ୟାସ ହୋଇଯାଇଛି, ମୋ ପିତାମାତା ମୋତେ ଗେହ୍ଲା କରନ୍ତି, ଗାନ୍ଧିଜୀ ମଧ୍ୟ ସେୟା କରନ୍ତି ଏବଂ ଏ ଦେଶର ଲୋକମାନେ ମୋତେ ଅଗାଧ ସ୍ନେହ ଦିଅନ୍ତି । ଏହି କାରଣରୁ ମୋର ବଦଭ୍ୟାସ ବା ଦୁର୍ବଳତା ବଢ଼ିଯାଇଛି । ମୋର ତ୍ରୁଟି ପାଇଁ

Digitized by srujanika@gmail.com

ଆନ୍ତରିକ କ୍ଷମା ଭିକ୍ଷା କରୁଛି ।'' ଏହା ଜବାହରଲାଲଜୀଙ୍କର ଅନନ୍ୟ ସୁଗୁଣ ଥିଲା, ସେ ଆଚାର ବ୍ୟବହାରରେ ସରଳ ଓ ସ୍ପଷ୍ଟବାଦୀ ଥିଲେ । ସେ କ୍ଷଣକୋପୀ ଥିଲେ କିନ୍ତୁ ତାଙ୍କ କ୍ରୋଧ ସାଙ୍ଗେ ସାଙ୍ଗେ ଉଭାଇ ଯାଉଥିଲା । ତାଙ୍କର ଏପରି ବ୍ୟବହାର କେତେ ଲୋକ ପ୍ରଶଂସା କରୁଥିଲେ । ଫଳରେ ପ୍ରାୟ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କ ପ୍ରକୃତିରେ ଏଇ ଦୁର୍ବଳତା ରହିଯାଇଥିଲା । ମୁଁ ଦେଖିଛି ଅନେକ ସମୟରେ ସେ ଅନ୍ୟଲୋକଙ୍କୁ ଡରାଇବାକୁ ନିଜେ ଜାଣିଶୁଣି ରାଗି ଯାଉଥିଲେ । ଖୁବ୍ କମ୍ ସମୟରେ ସେ ପ୍ରକୃତରେ ରାଗୁଥିଲେ । ଉପରୋକ୍ତ ଘଟଣା ମୋ ମନରେ ଜବାହରଲାଲଜୀଙ୍କ ସ୍ପଷ୍ଟବାଦିତା ସମ୍ବନ୍ଧରେ ଗଭୀର ରେଖାପାତ କରିଥିଲା ଏବଂ ତା'ର ମୂଳ କାରଣ ହେଲା ତାଙ୍କର ଧୀମତା ସମ୍ପନ୍ନ ନମ୍ରତା ।

ଭାରୁଚ ମ୍ୟୁନିସିପାଲିଟିର ମେହେନ୍ତର ମାନେ ମଜୁରି ବଢ଼ାଇବା ଦାବି କରି ଧର୍ମଘଟ କରିଥିଲେ । ସୋସିଆଲିଷ୍ଟ୍ ଗ୍ରୁପର କେତେ କର୍ମୀ ଧର୍ମଘଟକୁ ଉସୁକାଉଥିଲେ ଓ ଉତ୍ସାହିତ କରୁଥିଲେ । ମ୍ୟୁନିସିପାଲିଟିର ପ୍ରେସିଡେଣ୍ଟ୍ ଶ୍ରୀ ଦିଙ୍କର ରାଓ ଦେସାଇ ଓ ଭାରୁଚର ଜଣାଶୁଣା ନେତା, ଡ. ଚନ୍ଦୁଲାଲ ଭଲ କରି ଜାଣିଥିଲେ ଯେ ମେହେନ୍ତରମାନଙ୍କର ଦାବୀ ଯୁକ୍ତିଯୁକ୍ତ ନୁହେଁ, ଓ ଅନ୍ୟାୟ । ସେମାନେ ଦାବୀ ଗୁଡିକ ଗ୍ରହଣ କଲେ ନାହିଁ ଓ ଧର୍ମଘଟ କିଛିଦିନ ପରେ ବନ୍ଦ ହୋଇଗଲା । ସୋସିଆଲିଷ୍ଟ ଗ୍ରୁପ, ଧର୍ମଘଟ ସଫଳ ନ ହେବାରୁ, ଅପମାନିତବୋଧ କରି ଧର୍ମଘଟକୁ ଜୟଯୁକ୍ତ କରିବା ପାଇଁ ସାହାଯ୍ୟ ପ୍ରାର୍ଥନା କରି ଜବାହରଲାଲଜୀଙ୍କୁ ଲେଖିଲେ । ଜବାହରଲାଲଜୀ, ସମସ୍ତ ବିଷୟ, ସେ ନିକଟ ଭବିଷ୍ୟତରେ ବମ୍ବେ ଆସିବା ବେଳେ, ତାଙ୍କୁ କହିପାରିବି କି ବୋଲି ମୋତେ ପଚାରିଲେ । ସେ ଏହା ମଧ୍ୟ ଜଣାଇଥିଲେ ଯେ ବାସ୍ତବ ଘଟଣା ଉପରେ ମୋ ପରାମର୍ଶ ପାଇଲେ ସେ ଖୁସି ହେବେ । ମୁଁ ତାଙ୍କୁ ଜବାବ ଦେଲି ଯେ ଘଟଣାର ତଦନ୍ତ କରିବା ଅଧିକାର ତାଙ୍କର ଅଛି । ଆମେ ଅର୍ଥାତ ସଂପୃକ୍ତ ବ୍ୟକ୍ତି ଓ ମୋର ସହକର୍ମୀମାନେ ତାଙ୍କ ଆଗରେ ସମସ୍ତ ବିଷୟବସ୍ତୁ ରଖିବୁ । ସୁତରାଂ କିଏ ଠିକ୍ କିଏ ଭୁଲ ସେ ଠିକ୍ ଭାବରେ ଜାଣିପାରିବେ ।

ଜବାହରଲାଲଜୀ ଅଳ୍ପଦିନପରେ ବମ୍ବେ ଆସିଲେ । ସେ ସୋସିଆଲିଷ୍ଟ୍ ନେତା ଏବଂ ଦିଙ୍କରାଓ ଭାଇ, ଚନ୍ଦୁଭାଇ ଓ ମୋତେ ଡାକି ଥିଲେ । ସେ ଘଟଣା ବିଷୟ ମତେ ପଚାରିଲେ ଏବଂ ମୁଁ ଯାହା ଜାଣିଥିଲି ସବୁ କହିଲି । ଯେତେବେଳେ ଜବାହରଲାଲଜୀ ପ୍ରସ୍ତାବ ଦେଲେ ସେ ସୋସିଆଲିଷ୍ଟ ନେତା ଓ ଆମମାନଙ୍କ ସହିତ ଏକାଠି ଆଲୋଚନା କରିବେ, ମୁଁ ତାଙ୍କୁ କହିଲି, ''ଧର୍ମଘଟ ଭୁଲରେ ଆୟୋଜନ କରାଯାଇଥିଲା, ସେମାନଙ୍କର ବକ୍ତବ୍ୟ ଅନୁପଯୁକ୍ତ ଥିଲା, ତେଣୁ ଆମେମାନେ ପ୍ରଥମ ଦଫାରେ ଆପଣଙ୍କ ଉପସ୍ଥିତିରେ ଆଲୋଚନା କରିବାକୁ ପ୍ରସ୍ତୁତ ନୋହୁଁ । ଆପଣ ସେମାନଙ୍କ ସହିତ ଆଲୋଚନା କରି ଯଦି ଆମେ ଆପଣଙ୍କୁ କହିଥିବା ବିଷୟରେ କୌଣସି ପାର୍ଥକ୍ୟ ପାଆନ୍ତି ତେବେ ଆମେ ସମସ୍ତେ ଏକାଠି ବସିବାକୁ ପ୍ରସ୍ତୁତ ଅଛୁ । ଆପଣ ଆମମାନଙ୍କୁ ଜେରା କରି ସତ ଘଟଣା ଜାଣି ନିଜେ ନିର୍ଣ୍ଣୟ ନେଲେ ଭଲ ହେବ ।''

ଆମେ ଦେଇଥିବା ବିଷୟବସ୍ତୁ ଉପରେ ସେ ସେମାନଙ୍କ ସହିତ ଆଲୋଚନା କଲେ । ସେମାନେ ଯେହେତୁ ଆମର କୌଣସି କଥା କାଟିଲେ ନାହିଁ ଆମକୁ ଜେରା କରିବାର ପ୍ରଶ୍ନ ନାହିଁ ବୋଲି ଜବାହରଲାଲଜୀ ମୋତେ କହିଲେ । ସେ ପୁଣି କହିଲେ, ''ସେ ବନ୍ଧୁମାନଙ୍କର ଦୃଷ୍ଟିକୋଣ ଅନୁପଯୁକ୍ତ ଅଟେ । କିନ୍ତୁ ଯେହେତୁ ସେମାନେ ଦରିଦ୍ର ମେହେନ୍ତରମାନଙ୍କ ପାଇଁ କାମ କରୁଛନ୍ତି, ସେମାନଙ୍କ ମଧ୍ୟରେ ତିକ୍ତତା ଓ ଦୁଃଖ ଦୂର କରିବା ପାଇଁ କିଛି ରିହାତି ଦେବା ଉଚିତ ହେବ । ମୁଁ ସେଇ ସମ୍ବନ୍ଧରେ ଗୋଟିଏ ସର୍ବସାଧାରଣ ବିବୃତି ଦେବି ।'' ଏ ପ୍ରସ୍ତାବ ଉପରେ ମୁଁ କହିଲି, ''ଯଦି ଏହି ଭୁଲ କାମ କରି ସୁଦ୍ଧା, ସେମାନଙ୍କର ତିକ୍ତତା ଓ ମନ ଦୁଃଖ ଦୂର କରିବାକୁ ଆପଣ ସେମାନଙ୍କର ସମର୍ଥନ କରନ୍ତି ତାହାହେଲେ ସେମାନେ ଏପରି ଭୁଲ କାମ ଭବିଷ୍ୟତରେ କରିବାକୁ ଉତ୍ସାହିତ ହେବେ । ଆପଣ ଯଦି ଭାବୁଛନ୍ତି ସେମାନେ ଭୁଲ ବାଟରେ ଯାଇଛନ୍ତି, ଆପଣ ସେମାନଙ୍କୁ ପରିଷ୍କାର ସେୟା କହିବା ଉଚିତ । ଆପଣଙ୍କର ଯଦି ହୃଦବୋଧ ହୋଇନାହିଁ ଆପଣ ଆମକୁ ଆହୁରି ପଚାରନ୍ତୁ ।

Digitized by srujanika@gmail.com

ଆମେ ପୁଣି ଆପଣଙ୍କୁ ତଥ୍ୟ ଦେବାକୁ ପ୍ରସ୍ତୁତ ଅଛୁ । ଆପଣଙ୍କ ବିବୃତିରେ ଯଦି ଆପଣ ପରିଷ୍କାର କୁହନ୍ତି ଯେ ସେମାନେ ଯାହା କରିଛନ୍ତି ତାହା ପୂରାପୂରି ଭୁଲ । କିନ୍ତୁ ଯେହେତୁ ସେମାନେ ଗରିବ, ଆପଣ ତାଙ୍କ କଥା ବିଚାର କରି କିଛି ରିହାତି ଦେବାକୁ ଚାହାନ୍ତି -- ତେବେ ଆମେ ନିଶ୍ଚୟ ଆପଣଙ୍କ କଥା ମାନିବୁ । ଜବାହରଲାଲଜୀଙ୍କ ହୃଦୟ ସେମାନଙ୍କ ପାଇଁ ଟିକିଏ ନରମ ଥିଲା, ତେଣୁ ସର୍ବସାଧାରଣଙ୍କ ଆଗରେ ତାଙ୍କ ଭୁଲ ପଦାରେ ପକାଇବାକୁ ତାଙ୍କର ଇଚ୍ଛା ନ ଥିଲା । ସେ ଯେତେବେଳେ ପୁଣି କହିଲେ ଯେ ସେମାନଙ୍କୁ ଦୋଷ ନ ଦେଇ ସେ ସାଧାରଣରେ ବିବୃତି ଦେବେ, ମୁଁ କହିଲି ''ଆପଣ ସେପରି ବିବୃତି ଦେଲେ ମୁଁ ସର୍ବସାଧାରଣ ଆଗରେ ସମସ୍ତ ତଥ୍ୟ ରଖିବି ଏବଂ ସେମାନଙ୍କୁ ଜଣାଇ ଦେବି ଯେ ଆମେ ଆପଣଙ୍କ ପରାମର୍ଶ ଗ୍ରହଣ କରିପାରିବୁ ନାହିଁ, କାରଣ ଏ ଘଟଣାର ଅନୁପୋଯୋଗିତା ବିଷୟରେ ଆମେ ଆପଣଙ୍କର ହୃଦବୋଧ କରିସାରିଛୁ ।''

ଶେଷରେ ଜବାହରଲାଲଜୀ କୌଣସି ବିବୃତି ଦେଲେନାହିଁ କି ଆମକୁ କିଛି ପରାମର୍ଶ ନ ଦେଇ ଆଲୋଚନା ଶେଷ କଲେ । ସମସ୍ତ ଘଟଣାର ଉପଯୋଗିତା ବିଷୟ ହୃଦୟଙ୍ଗମ କରି ଆମମାନଙ୍କ ଦୃଷ୍ଟିଭଙ୍ଗୀରେ ସେ କୌଣସି ଦୋଷ ପାଇଲେ ନାହିଁ । ଶ୍ରମିକମାନଙ୍କ ବିଷୟରେ ମୋର ତାଙ୍କ ସହିତ ଏହିପରି ଘଟଣାର ପୁନରାବୃତ୍ତି ବହୁତ ଥର ହୋଇଥିଲା ।

(୧୭) ପ୍ରଥମ ନିର୍ବାଚନ ଅଭିଯାନ

୧୯୩୬ ଶେଷ ସୁଦ୍ଧା ଅହମଦାବାଦ ମ୍ୟୁନିସିପାଲିଟି (ବର୍ତ୍ତମାନ କର୍ପୋରେସନ)ର ନିୟମିତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସେତେବେଳେ ଶ୍ରୀ ଜି.ଭି . ମାଭ୍ଲଙ୍କର୍ ପ୍ରେସିଡେଣ୍ଟ୍ ଥିଲେ । ତାଙ୍କ ପୂର୍ବରୁ ପ୍ରେସିଡେଣ୍ଟ୍ ଥିଲେ ଶ୍ରୀ ବାଲୁଭାଇ ଠାକୁର । ପୂର୍ବରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ବାରବର୍ଷ କାଳ ଏହାର ପ୍ରେସିଡେଣ୍ଟ୍ ଥିଲେ । ସେ ନିଜକୁ ଜଣେ ଉଲ୍ଲେଖନୀୟ ଏବଂ ଦକ୍ଷ ପ୍ରେସିଡେଣ୍ଟ୍ ଭାବେ ପ୍ରମାଣିତ କରିଥିଲେ ଏବଂ ମ୍ୟୁନିସିପାଲିଟି ଓ ସହରର ଭବିଷ୍ୟତ ଉନ୍ନତିର ସୁଦୃଢ଼ ଭିତ୍ତି ସ୍ଥାପନ କରିଥିଲେ । ଅହମଦାବାଦ ମ୍ୟୁନିସିପାଲିଟି ଭଳି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନରେ କଂଗ୍ରେସ ସଂଖ୍ୟାଧିକ ଗରିଷ୍ଠତା ବହୁବର୍ଷ ପର୍ଯ୍ୟନ୍ତ ବଜାୟ ରଖିଥିଲା ।

୧୯୩୬ ନିର୍ବାଚନରେ ଶ୍ରୀ ମାଭ୍ଲଙ୍କରଙ୍କୁ ଅନେକ ବିରୁଦ୍ଧର ସମ୍ମୁଖୀନ ହେବାକୁ ପଡିଥିଲା କାରଣ ସେ 'ମୋର ସମୟ ନାହିଁ' କହି ଅନେକଙ୍କୁ ସାକ୍ଷାତକାର ନ ଦେଇ ଅସନ୍ତୁଷ୍ଟ କରାଇଥିଲେ । ସେ ଜଣେ ଦକ୍ଷ ଆଇନଜ୍ଞ ଥିଲେ । ସେ ଅନେକ ଶିଳ୍ପପତି ଓ ବ୍ୟବସାୟ ଆନୁଷ୍ଠାନର ଆଇନ ପରାମର୍ଶଦାତା ଥିଲେ । ୧୯୨୧ରେ ଯେତେବେଳେ ବାପୁ ସବୁ ଆଇନଜ୍ଞ ମାନଙ୍କୁ ଆଇନ ବ୍ୟବସାୟ ତ୍ୟାଗ କରି ଅସହଯୋଗ ଆନ୍ଦୋଳନରେ ଯୋଗ ଦେବାକୁ ଆହ୍ୱାନ କରିଥିଲେ ସେ ଓକିଲାତି ଛାଡି ଦେଇଥିଲେ । ବର୍ଷକ ପରେ ପୁଣି ଆଇନ ବ୍ୟବସାୟରେ ପଶିଲେ । ମ୍ୟୁନିସିପାଲିଟି ପ୍ରେସିଡେଣ୍ଟ୍ ହିସାବରେ ସେ କାମରେ ଭାରାକ୍ରାନ୍ତ ହୋଇ ପଡିଥିଲେ । କଠୋର ପରିଶ୍ରମ କରି ସେ ନିଜ କାମକୁ ଦକ୍ଷତାର ସହ ସୁପରିଚାଳନା କରିଥିଲେ । ଏକଥା ସତ ଯେ ସେ ଲୋକମାନଙ୍କ ସହିତ ସାକ୍ଷାତ କରିବାକୁ ସମୟ ପାଉନଥିଲେ । କିନ୍ତୁ ଏକଥା ଅନେକଙ୍କୁ ଅସନ୍ତୁଷ୍ଟ କରିଥିଲା ଓ ସେମାନେ କହି ବୁଲିଲେ ''ଆମ ପାଇଁ ତାଙ୍କର ସମୟ ନାହିଁ ।'' ସେଇଭଳି ଲୋକମାନେ ନିର୍ବାଚନରେ ତାଙ୍କ ବିରୋଧ କଲେ ଓ ସାଧାରଣ ସଭାରେ ଅସୁବିଧା ଜନକ ପ୍ରଶ୍ନ ପଚାରୁଥିଲେ । ମୁଁ ସେମାନଙ୍କୁ ଯଥାର୍ଥ ଉତ୍ତର ଦେଉଥିଲି । ଆମେ ସେମାନଙ୍କ ବିଫଳତା ପାଇଁ କଠୋର ପରିଶ୍ରମ କଲୁ, ସୁଫଳ ଲାଭ ହେଲା, କଂଗ୍ରେସ ସଂଖ୍ୟା ଗରିଷ୍ଠରେ

Digitized by srujanika@gmail.com

ନିର୍ବାଚିତ ହେଲା । ମୁଁ ଶ୍ରୀ ମାଭ୍ଲଙ୍କର୍‌ଙ୍କୁ କହିଲି ଯେ ସେ ମ୍ୟୁନିସିପାଲିଟିର ପ୍ରେସିଡ଼େଣ୍ଟ ହେବା ଉଚିତ ହେବ ନାହିଁ କାରଣ ସେ ବମ୍ବେ ବିଧାନ ସଭାକୁ ନିର୍ବାଚନ ପାଇଁ ଲଢୁଥିବାରୁ ତାଙ୍କୁ, ବାଲୁଭାଇ ଓ ଅନ୍ୟମାନଙ୍କୁ ମ୍ୟୁନିସିପାଲିଟି କାମ ପାଇଁ ସମୟ ମିଳିବ ନାହିଁ । ମୁଁ ପୁଣି କହିଲି ଯେ ବିଧାନସଭାକୁ ଯାଉଥିବା ସଭ୍ୟଙ୍କୁ ଆମେ ମ୍ୟୁନିସିପାଲିଟିର ପ୍ରେସିଡ଼େଣ୍ଟ କରିବୁ ନାହିଁ । ଶ୍ରୀ ମାଭ୍ଲଙ୍କର୍ ମୋ କଥାରେ ଅସନ୍ତୁଷ୍ଟ ହେଲେ । କିନ୍ତୁ ଅନ୍ୟ ସହକର୍ମୀମାନେ ଜିଦ୍ ଧରିଲେ ଓ ଶ୍ରୀ ମନିଲାଲ ଚତୁର୍ଭାଇ ସାହା ମ୍ୟୁନିସିପାଲିଟିର ପ୍ରେସିଡେଣ୍ଟ୍ ନିର୍ବାଚିତ ହେଲେ ।

ବମ୍ବେ ବିଧାନ ସଭା ନିର୍ବାଚନ ଆରମ୍ଭ ହେଲା ଏବଂ ଶ୍ରୀ ମାଭ୍ଲେଙ୍କର୍ ପ୍ରାର୍ଥୀମାନଙ୍କ ମଧ୍ୟରେ ଜଣେ ଥିଲେ । ବମ୍ବେ ଆସେମ୍ଲି ଓ କାଉନସିଲ ଦୁଇ ସଭା ପାଇଁ ନିର୍ବାଚନ ହେଲା । କାଉନସିଲ୍ ପାଇଁ ନିର୍ବାଚନ ଆମ ପାଇଁ ସହଜ ନ ଥଲା କାରଣ ଭୋଟର ମାନଙ୍କ ସଂଖ୍ୟା କମ୍ ଥିଲା ଓ ସେମାନେ ଥିଲେ ଧନୀ ଓ ଶିକ୍ଷିତ ଶ୍ରେଣୀର ଲୋକ । ଅପର ହାଉସ୍ ଅର୍ଥାତ କାଉନସିଲ୍ ପାଇଁ ନିର୍ବାଚନରେ ଜିତିଲେ ଆମେ ବମ୍ବେରେ ସରକାର ଗଢ଼ିବାକୁ କୌଣସି ଅସୁବିଧାର ସମ୍ମୁଖୀନ ହେବୁ ନାହିଁ । ମୁଁ ତେଣୁ ସର୍ଦ୍ଦାର ସାହେବଙ୍କୁ ପରାମର୍ଶ ଦେଲି ଯେ ଶ୍ରୀ ମାଭ୍ଲଙ୍କର୍ କାଉନସିଲ୍ ପାଇଁ ଛିଡ଼ା ହେଲେ ସହଜରେ ନିର୍ବାଚିତ ହେବେ । ଶ୍ରୀ ମାଭ୍ଲଙ୍କର୍ କିନ୍ତୁ ବିଧାନ ସଭା ନିର୍ବାଚନ ପାଇଁ ଆଗ୍ରହୀ ଥିଲେ । ଏ କଥାରେ ମଧ୍ୟ ସେ ଟିକିଏ ଅସନ୍ତୁଷ୍ଟ ହେଲେ । ନିର୍ବାଚନ ବେଳେ ଗୁଜବ ଉଠିଲା ଯେ ସେ ଜଣେ ମନ୍ତ୍ରୀ ହେବେ ବୋଲି ସର୍ଦ୍ଦାର ସାହେବଙ୍କ ଠାରୁ ଇଙ୍ଗିତ ପାଇଛନ୍ତି । ଅନେକ ପ୍ରସିଦ୍ଧ କଂଗ୍ରେସ ଲୋକଙ୍କୁ ଏକଥା ଭଲ ଲାଗିଲା ନାହିଁ ଏବଂ ସେମାନେ ଅସନ୍ତୁଷ୍ଟ ହେଲେ । ସେମାନେ ସର୍ଦ୍ଦାର ସାହେବଙ୍କୁ କହିଲେ ଯେ ଯଦି ଗୁଜବ ଠିକ୍ ତେବେ ସେମାନେ ନିର୍ବାଚନରେ ପ୍ରାର୍ଥୀ ହେବେ ନାହିଁ । ଯେଉଁମାନେ ଏକଥା କହିଲେ ସେମାନେ ବିଖ୍ୟାତ ଓ ବିଶିଷ୍ଟ କଂଗ୍ରେସ ଲୋକ । ସର୍ଦ୍ଦାର ସେମାନଙ୍କୁ ଆଶ୍ୱାସନା ଦେଲେ ଯେ ଗୁଜବ ଅସତ୍ୟ ଏବଂ ଏପରି କୌଣସି ପ୍ରସ୍ତାବ ତାଙ୍କ ମନରେ ନାହିଁ । ସେ କାହାକୁ ଏପରି କଥା କହିନାହାନ୍ତି । ଏ ଆଶ୍ୱାସନା ପାଇ ସେମାନେ ନିର୍ବାଚନରେ ଛିଡ଼ା ହେଲେ ।

ମୁଁ ମଧ୍ୟ ଏଇ ନିର୍ବାଚନରେ ସୁରତ ଜିଲାରୁ ଛିଡା ହୋଇଥିଲି । ପୂରା ସୁରତ ଜିଲା ଚାରି ଆସନ ବିଶିଷ୍ଟ ଏକ ଯୁଗ୍ମ ନିର୍ବାଚନ ମଣ୍ଡଳୀ । ଜଣେ ଅତି ପ୍ରଭାବଶାଳୀ ବ୍ୟକ୍ତି ରାୟ ବାହାଦୂର ଭୀମଭାଇ ନାଏକ ସ୍ୱାଧୀନ ପ୍ରାର୍ଥୀ ହିସାବରେ ନିର୍ବାଚନ ଲଢୁଥାଆନ୍ତି । ଆଗରୁ କଂଗ୍ରେସ ନିର୍ବାଚନରେ ଭାଗ ନେଇ ନ ଥିଲା । ତେଣୁ ଆଗରୁ ଏ ଭଦ୍ରଲୋକ କଂଗ୍ରେସର ଅନୁମୋଦନ ପାଉଥିଲେ । ସେ ଜିଲା ଲୋକାଲ ବୋର୍ଡରେ ଓ ଜିଲା ସ୍କୁଲ ବୋର୍ଡରେ ବହୁ ବର୍ଷ ଧରି ପ୍ରେସିଡେଣ୍ଟ୍ ଥିଲେ । ସେ ବହୁତ ଧନୀ ଥିଲେ ଓ ଲୋକମାନଙ୍କ ଉପରେ ତାଙ୍କର ପ୍ରଭାବ ଖୁବ୍ ବେଶୀ ଥିଲା । ଲୋକମାନଙ୍କର ସାଧାରଣ ବିଶ୍ୱାସ ଥିଲା ଯେ କେବଳ ମୁଁ ତାଙ୍କୁ ହରାଇ ପାରିବି । କେବଳ ଏଇ କାରଣ ଯୋଗୁଁ ମୁଁ ଏ ନିର୍ବାଚନରେ ଜଣେ ପାର୍ଥୀ ହେଲି । ଏ ପରିସ୍ଥିତି ନ ଥିଲେ ମୁଁ ନିର୍ବାଚନ ଲଢ଼ି ନ ଥାନ୍ତି । ନିର୍ବାଚନରେ ଲଢ଼େଇ ବେଶ୍ ତୀବ୍ର ଥିଲା । ଆମକୁ ଚାରୋଟି ଆସନ ପାଇଁ ଲଢ଼ିବାକୁ ପଡିଥିଲା ସେଥିରୁ ତିନୋଟି ଥିଲା ସାଧାରଣ ସ୍ଥାନ ଓ ଅନ୍ୟଟି ହରିଜନଙ୍କ ପାଇଁ ସଂରକ୍ଷିତ ଥିଲା । ଯୁଗ୍ମ ନିର୍ବାଚନ ମଣ୍ଡଳୀ ଯୋଗୁ ଜଣେ ପ୍ରାର୍ଥୀ ପ୍ରତ୍ୟେକ ଭୋଟଦାତାଙ୍କ ଠାରୁ ଚାରିଟି ଭୋଟ ପାଇ ପାରୁଥିଲେ । ତେଣୁ ରାଓବାହାଦୂର ଭୀମଭାଇଙ୍କୁ ହରାଇବା ବଡ଼ କଷ୍ଟ ଥିଲା । ସେ ହାରିବେ ବୋଲି ବହୁତ କମ୍ ଲୋକ ବିଶ୍ୱାସ କରୁଥିଲେ । କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ଆଉ ଅନ୍ୟ ବିରୋଧି ନେତା ଥିଲେ, କିନ୍ତୁ ସେମାନେ ଏତେ ବିଖ୍ୟାତ ନ ଥିଲେ । ମୋର ନିର୍ବାଚନ ଲଢ଼ିବା ଏ ଥିଲା ପ୍ରଥମ ।

ମୁଁ ଭାବୁଥିଲି ନିର୍ବାଚନରେ ଲଢ଼ିବା ବୃଥା ହେବ ଯଦି ମୁଁ ଏବଂ ଭୀମଭାଇ ଦୁଇଜଣ ଜୟଲାଭ କରୁ । କଂଗ୍ରେସ ସବୁ ଯାକ ସ୍ଥାନରେ ଜିତିଲେ ମୁଁ ସଫଳ ହୋଇଛି ବୋଲି ଭାବିବି । ଆମେ ସେଇ ହିସାବରେ ନିର୍ବାଚନରେ

Digitized by srujanika@gmail.com

ଲଢ଼ିଲୁ । ଭୋଟର ମାନଙ୍କୁ ତିନିଟି ଅଞ୍ଚଳରେ ଭାଗ କରିଲୁ । ଏଥିରୁ ଦୁଇଟି ଅଞ୍ଚଳରେ କଂଗ୍ରେସ ପାଇଁ ସୁଦୃଢ଼ ସ୍ଥାନ ଥିବା ବେଳେ ତୃତୀୟ ଅଞ୍ଚଳରେ ଭୀମଭାଇଙ୍କ ପ୍ରଭାବ ବେଶୀ ଥିଲା । ଚତୁର୍ଥ ପ୍ରାର୍ଥୀ ଜଣେ ହରିଜନ ଥିଲେ । ହରିଜନ ପ୍ରାର୍ଥୀଙ୍କୁ ସବୁଠାରୁ ବେଶୀ ଭୋଟ ଦେବାର ବନ୍ଦୋବସ୍ତ କରିଲୁ ଏବଂ ଏଇ ଭୋଟ ତିନି ଅଞ୍ଚଳରୁ ନେବା ପାଇଁ ସ୍ଥିର କଲୁ । କଂଗ୍ରେସ ପ୍ରାଧାନ୍ୟ ଦୁଇ ମଣ୍ଡଳୀରେ ମୋର ଦୁଇ ସହକର୍ମୀ ଶ୍ରୀ ରନ୍ଧିର ଦେସାଇ ଓ ଶ୍ରୀ ମୋରାରଭାଇ ପଟେଲଙ୍କୁ ଦିଆଯାଇଥିଲା । ତୃତୀୟ ଅଞ୍ଚଳ ଯେଉଁଠି ଶ୍ରୀ ଭୀମଭାଇ ଛିଡ଼ା ହୋଇଥିଲେ ମୋ ଭାଗରେ ପଡିଥିଲା । ଅନ୍ୟ ଦୁଇ ଅଞ୍ଚଳରୁ ଯେଉଁ ଭୋଟ ସବୁ ଶ୍ରୀ ଭୀମଭାଇଙ୍କ ପକ୍ଷରେ ଯିବା କଥା ସେ ଗୁଡିକ ମୋ ପାଇଁ ସ୍ଥିର କରାଗଲା । ଏଇପରି ଭାବରେ ଶ୍ରୀ ଭୀମଭାଇ ଓ ମୋ ମଧ୍ୟରେ ସିଧା ଲଢ଼େଇର ଆୟୋଜନ କରାଯାଇଥିଲା ଏବଂ ପରିସ୍ଥିତି ଏପରି ତିଆରି କରାଯାଇଥିଲା ଯେ ଭୋଟରମାନେ ମୋତେ ବା ଶ୍ରୀ ଭୀମଭାଇଙ୍କୁ ନିର୍ବାଚନ କରିବେ । ମୁଁ ଚାରିମାସ କାଳ ଜିଲାର ସବୁ ଗାଁକୁ ଯାଇଥିଲି ଏବଂ ଅନେକ ଲୋକଙ୍କୁ ବ୍ୟକ୍ତିଗତ ଭାବେ ବା ସଭାରେ ଭେଟିଥିଲି । ମୁଁ କଂଗ୍ରେସର ଆଦର୍ଶ ଓ ଯୋଜନା ଲୋକମାନଙ୍କୁ ବୁଝାଇ କଂଗ୍ରେସକୁ ଭୋଟ ଦେବାକୁ କହିଥିଲି ଏବଂ ଖୁବ ଭଲ ଫଳ ପାଇଲି । ନିର୍ବାଚନର ଦୁଇ ତିନି ସପ୍ତାହ ପୂର୍ବରୁ ଶ୍ରୀ ଭୀମଭାଇ ହାରିପାରିବେ ନାହିଁ -- ଏଇ ବାତାବରଣ ବଦଳିବାକୁ ଲାଗିଲା ଏବଂ ସେ ହାରିଯିବେ ବୋଲି ଜନମତ ଆମେ ତିଆରି କରି ପାରିଲୁ । ଏହା ନିର୍ବାଚନରେ ବହୁତ ସାହାଯ୍ୟ କଲା । ନିର୍ବାଚନ ଫଳ ବାହାରିବା ପରେ ଆମେ ଦେଖିଲୁ ଆମର ଅଟକଳ ଠିକ୍ । ଆମେ ଚାରିଜଣ ଜିତିଲୁ ଏବଂ ଶ୍ରୀ ଭୀମଭାଇ ଆମେ ଅଟକଳ କରିଥିବା ଭୋଟ ଗୁଡିକ କେବଳ ପାଇଲେ । ଶ୍ରୀ ଭୀମଭାଇ ଟଙ୍କା ବାଣ୍ଟି ଭୋଟ ପାଇବାକୁ ଚେଷ୍ଟା କରିଥିଲେ କିନ୍ତୁ ଆମେ ଯୁବ କର୍ମୀମାନଙ୍କ ସାହାଯ୍ୟରେ ଗ୍ରାମମାନଙ୍କରେ ଅର୍ଥ ବଣ୍ଟନ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥିଲୁ । ଏହି ଯୁବ କର୍ମୀମାନେ ଅର୍ଥ କାରବାରରେ ଲିପ୍ତଥିବା ଲୋକଙ୍କ ମୁଖା ଖୋଲି ଦେବା ଫଳରେ ଲାଞ୍ଚ ଦେବା ଉଦ୍ୟମ ବିଫଳ ହେଲା । ଫଳସ୍ୱରୂପ ଶ୍ରୀ ଭୀମଭାଇ ଅର୍ଥ ଖର୍ଚ୍ଚ କଲେ କିନ୍ତୁ ଲାଭବାନ ହେଲେ କର୍ମ ନିର୍ବାହକ ପ୍ରତିନିଧିମାନେ, ତାଙ୍କୁ ଭୋଟ ଆକାରରେ ଫଳ ମିଳିଲା ନାହିଁ ।

ବମ୍ବେ ବିଧାନସଭାର ୧୭୫ ଆସନ ମଧ୍ୟରୁ ଆମକୁ ୮୭ ଆସନ ମିଳିଲା -- ସଂଖ୍ୟା ଗରିଷ୍ଠତାରୁ ଗୋଟିଏ କମ୍ । ଗଭର୍ଣ୍ଣମେଣ୍ଟ ଅଫ ଇଣ୍ଡିଆ ଆକ୍ଟ ୧୯୩୫ ଅନୁସାରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହା ଦ୍ୱାରା ମନ୍ତ୍ରୀମଣ୍ଡଳ ଗଢ଼ିବାର ସମ୍ଭାବନା ଥିଲା । ମୁସ୍ଲିମଲିଗ୍ ଓ ଦଳିତ ଜାତିମାନଙ୍କର ନେତା ଡ. ଆମ୍ବେଦକର ସାମ୍ପ୍ରଦାୟିକ ମଞ୍ଚରୁ କଂଗ୍ରେସର ବିରୋଧ କରିଥିଲେ । ସଂରକ୍ଷିତ ଆସନରୁ ଅଧିକାଂଶ ଆସନ ସେମାନେ ଜିଣିଲେ, ସେଠାରୁ କଂଗ୍ରେସ ଖୁବ୍ କମ୍ ଆସନ ପାଇଥିଲା ।

ନିର୍ବାଚନ ପରେ କଂଗ୍ରେସ ବିଧାୟକମାନଙ୍କ ନେତା ବାଛିବା ଦରକାର ପଡିଲା । ଶ୍ରୀ କେ.ଏଫ୍. ନରିମାନ ସେତେବେଳେ ବମ୍ବେ ସହର କଂଗ୍ରେସ କମିଟିର ସଭାପତି ଥିଲେ । ସେ ବ୍ୟାକ୍‌ବେ ଘଟଣାରେ ଜୟଲାଭ କରି ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ ଏବଂ ଲୋକେ ତାଙ୍କୁ ବୀର ନରିମାନ ଭାବରେ ଜାଣୁଥିଲେ । ସେ ନେତା ହିସାବରେ ଦାବୀ ଉପସ୍ଥାପନ କରି ନିର୍ବାଚିତ ହେବାକୁ ଇଚ୍ଛା କଲେ । ନିର୍ବାଚନ ସମୟରେ ଓ ତା ପୂର୍ବରୁ ମଧ୍ୟ ଶ୍ରୀ ନରିମାନ କଂଗ୍ରେସ ପ୍ରାର୍ଥୀ ବିରୁଦ୍ଧରେ ଛିଡ଼ା ହୋଇଥିବା ସାର୍ କଓ୍ୱାସ୍‌ଜୀ ଜେହାଙ୍ଗୀରଙ୍କୁ ସାହାଯ୍ୟ କରୁଥିଲେ ବୋଲି ତାଙ୍କ (ଶ୍ରୀ ନରିମାନ) ବିରୁଦ୍ଧରେ ଅଭିଯୋଗ ଆସିଥିଲା । ସର୍ଦ୍ଦାର ସାହେବ ବୀର ନରିମାନଙ୍କ କାର୍ଯ୍ୟ ପଦ୍ଧତିରେ ସନ୍ତୁଷ୍ଟ ନ ଥିଲେ ଏବଂ ତାଙ୍କ ମତ ଥିଲା ଯେ ସେ ନେତା ନିର୍ବାଚିତ ହେଲେ କଂଗ୍ରେସ ଅସୁବିଧାରେ ପଡିବ ।

ସର୍ଦ୍ଦାର ସାହେବ ସେତେବେଳେ କଂଗ୍ରେସର ପାର୍ଲାମେଣ୍ଟାରୀ ବୋର୍ଡର ପ୍ରେସିଡେଣ୍ଟ୍ ଥିଲେ । ଶ୍ରୀ ନରିମାନଙ୍କ ବଦଳରେ ଶ୍ରୀ ବାଲ ଗଙ୍ଗାଧର ଖେରଙ୍କୁ ନେତା ବାଛିଲେ । ଶ୍ରୀ ଖେର୍ ଜଣେ ବିଶ୍ୱାସୀ ଚରିତ୍ରବାନ,

Digitized by srujanika@gmail.com

ବୁଦ୍ଧିମାନ କଂଗ୍ରେସ ଲୋକଥିଲେ । ନିଷ୍ଠାପର କର୍ମୀ ହିସାବରେ ତାଙ୍କର ସୁଖ୍ୟାତି ଥିଲା । କଂଗ୍ରେସ ବିଧାୟକ ନେତା ହେବା ତାଙ୍କର ଅଭିଳାଷ ନ ଥିଲା । ନିର୍ବାଚନ ପାଇଁ ଛିଡା ହେବାକୁ ସେ ମନା କଲେ । ଅନେକ ସହକର୍ମୀ ବାଧ କରିବାରୁ ସେ ସର୍ତ୍ତମୂଳକ ସମ୍ମତି ଦେଲେ -- ସର୍ତ୍ତ ହେଲା ସେ ସର୍ବସମ୍ମତି କ୍ରମେ ନିର୍ବାଚିତ ହେବେ ।

ଶ୍ରୀ ନରିମାନ ସର୍ଦ୍ଦାର ସାହେବଙ୍କ ମନୋନୟନରେ ଅପମାନିତ ମନେ କଲେ ଏବଂ ଦୃଢ଼ତାର ସହ ପ୍ରତିବାଦ କଲେ । ଦଳର ନେତା ନିର୍ବାଚନ ସଭାରେ ଶ୍ରୀ ନରିମାନଙ୍କୁ କେହି ଅନୁମୋଦନ କଲେ ନାହିଁ ଓ ଶ୍ରୀ ଖେର୍ ସର୍ବସମ୍ମତି କ୍ରମେ ନିର୍ବାଚିତ ହେଲେ । ୧୯୩୨-୩୩ ରେ ଆମେ ଜେଲ୍‌ରେ ଥିବା ବେଳେ ମୋର ଶ୍ରୀ ବାଲା ସାହେବଙ୍କ ସହିତ ପରିଚୟ ହୋଇଥିଲା । ତାଙ୍କର ଚରିତ୍ର, କ୍ଷମତା, ଉଚ୍ଚକୋଟୀର ବିଚାରବୋଧ ଓ ନମ୍ରତା ମୋ ହୃଦୟରେ ରେଖାପାତ କରିଥିଲା । ସେ ନେତା ନିର୍ବାଚିତ ହେବାଦ୍ୱାରା ମୁଁ ଖୁସି ହେଲି ଏବଂ ଦୃଢ଼ ଭାବରେ ଜାଣିଥିଲି ଯେ ସେ ଏହି କ୍ଷମତାରେ ରହି କଂଗ୍ରେସର ଖ୍ୟାତି ବଢ଼ାଇବେ ଓ କଂଗ୍ରେସକୁ ସୁଦୃଢ଼ କରିବେ ।

ପାର୍ଲାମେଣ୍ଟାରୀ ବୋର୍ଡରେ ନିଷ୍ପତ୍ତି ନିଆଯାଇଥିଲା ଯେ ମନ୍ତ୍ରୀମଣ୍ଡଳ ଗଢ଼ିବା ପାଇଁ ଗଭର୍ଣ୍ଣରଙ୍କ ନିମନ୍ତ୍ରଣ ଗ୍ରହଣ କରାଯିବ ଯଦି ଗଭର୍ଣ୍ଣର ପ୍ରତିଶ୍ରୁତି ଦିଅନ୍ତି ଯେ ସେ କେବଳ ମାତ୍ର ସାମ୍ବିଧାନିକ ମୁଖ୍ୟ ଭାବେ କାର୍ଯ୍ୟ କରିବେ ଓ ମନ୍ତ୍ରୀମଣ୍ଡଳର ପରାମର୍ଶ ମାନିବେ । ଗଭର୍ଣ୍ଣର ଏଭଳି ପ୍ରତିଶ୍ରୁତି ଦେବାକୁ ମନାକଲେ, ତେଣୁ ଶ୍ରୀ ଖେର ମନ୍ତ୍ରୀମଣ୍ଡଳ ଗଢ଼ିବାକୁ ମନା କଲେ ।

ନବ ନିର୍ବାଚିତ ବିଧାନସଭାରୁ ଚାରିଜଣ ସ୍ୱାଧୀନ ସଭ୍ୟଙ୍କୁ ନେଇ ଗଭର୍ଣ୍ଣର ମନ୍ତ୍ରୀମଣ୍ଡଳ ଗଢ଼ିଲେ । ଏଇ ଅସ୍ଥାୟୀ ମନ୍ତ୍ରୀମଣ୍ଡଳ ୧୯୩୭ ଅପ୍ରିଲରୁ ଜୁଲାଇ ପର୍ଯ୍ୟନ୍ତ କାମ କଲା । ବିଧାନସଭାରେ ସଂଖ୍ୟାଧିକ ସମର୍ଥନ ସେମାନଙ୍କୁ ମିଳିଲା ନାହିଁ । ସେମାନେ ବିଧାନ ପରିଷଦର ବୈଠକ ଆହ୍ୱାନ କରିପାରିଲେ ନାହିଁ, ତେଣୁ ସେମାନେ ଇସ୍ତଫା ଦେଲେ । ଫଳରେ ଗଭର୍ଣ୍ଣର ଶ୍ରୀ ଖେରଙ୍କୁ ପୁଣି ନିମନ୍ତ୍ରଣ କଲେ ଓ ପାର୍ଲିଆମେଣ୍ଟାରୀ ବୋର୍ଡର ସର୍ତ୍ତକୁ ଗ୍ରହଣ କଲେ । ସେତେବେଳେ ବମ୍ବେର ଗଭର୍ଣ୍ଣର ଥିଲେ ଲର୍ଡ ବ୍ରେବୋର୍ଣ୍ଣ । ସେ ଜଣେ ଦକ୍ଷ ବ୍ୟକ୍ତି ଥିଲେ । ଶ୍ରୀ ଖେର୍ ମନ୍ତ୍ରୀମଣ୍ଡଳ ଗଢ଼ିବାକୁ ପ୍ରତିଶ୍ରୁତି ଦେଲେ । କେଉଁ ମାନଙ୍କୁ ମନ୍ତ୍ରୀମଣ୍ଡଳରେ ନିଆଯିବ ସେ ବିଷୟରେ ସର୍ଦ୍ଦାର୍ ସାହେବ ଓ ଶ୍ରୀ ଖେରଙ୍କ ମଧ୍ୟରେ ଗୋଟିଏ ଆଲୋଚନା ହୋଇଥିଲା । ସେଇ ଆଲୋଚନା ବେଳେ ଶ୍ରୀ ଭୁଲାଭାଇ ଦେସାଇ ଓ ଶ୍ରୀ ମଙ୍ଗଳଦାସ ପକ୍ୱାସା ଉପସ୍ଥିତ ଥିଲେ । ଶ୍ରୀ ପକ୍ୱାସା ସୁରତ ଜିଲାରୁ କାଉନସିଲକୁ ନିର୍ବାଚିତ ହୋଇଥାଆନ୍ତି । ସେ, ସର୍ଦ୍ଦାର ସାହେବ ଓ ମୁଁ କହିବା ଦ୍ୱାରା ସେଠାରୁ ନିର୍ବାଚନ ଲଢ଼ିଥିଲେ ।

ମୁଁ ସେ ଆଲୋଚନା ବେଳେ ଉପସ୍ଥିତ ନଥଲି -- ସେତେବେଳେ ସୁରତରେ ଶ୍ରୀ କାଞ୍ଜିଭାଇ ସହିତ ଥିଲି । ଶୀଘ୍ର ବମ୍ବେ ଆସି ସର୍ଦ୍ଦାର ସାହବଙ୍କ ସହିତ ସାକ୍ଷାତ କରିବା ପାଇଁ ତାଙ୍କ (ସର୍ଦ୍ଦାର ସାହେବ) ଠାରୁ ଟେଲିଗ୍ରାମ ପାଇଲି । ମୁଁ ମନ୍ତ୍ରୀମଣ୍ଡଳରେ ଯୋଗ ଦେବାକୁ ଉତ୍ସୁକ ନ ଥିଲି କି ଇଚ୍ଛା ପ୍ରକାଶ କରି ନଥିଲି । ମୁଁ ବମ୍ବେ ଅଭିମୁଖେ ଯାତ୍ରା କଲି । କାଞ୍ଜିଭାଇ ମୋତେ କହିଥିଲେ ଯେ ମନ୍ତ୍ରୀମଣ୍ଡଳରେ ଯୋଗ ଦେବାକୁ କହିଲେ ମନା କରିବ ନାହିଁ । ଶ୍ରୀ ମଙ୍ଗଳଦାସ ପକ୍ୱାସା ବମ୍ବେ ସେଣ୍ଟ୍ରାଲ ଷ୍ଟେସନକୁ ମୋତେ ସ୍ୱାଗତ କରିବାକୁ ଆସିଥିଲେ । ସେ ମୋତେ କହିଲେ ଯେ ସର୍ଦ୍ଦାର, ବାଲାସାହେବ ଓ ଭୁଲାଭାଇଙ୍କ ମଧ୍ୟରେ ଆଲୋଚନା ବେଳେ ଶ୍ରୀ ବାଲାସାହେବ ମୋତେ ମନ୍ତ୍ରୀ ମଣ୍ଡଳରେ ନେବା ପାଇଁ ସୂଚନା ଦେଇଥିଲେ କିନ୍ତୁ ସର୍ଦ୍ଦାର ସାହବ ମୁଁ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟରେ ବ୍ୟସ୍ତ ରହିବି ବୋଲି କହି ଭାରୁଚର ଶ୍ରୀ ଦିଙ୍କର ରାଓ ଦେସାଇଙ୍କ ନାମ ପ୍ରସ୍ତାବ କରିଥିଲେ । ଶ୍ରୀ ଭୁଲାଭାଇ ବାଲାସାହେବଙ୍କୁ ସମର୍ଥନ କରିଥିଲେ । ତେଣୁ ସର୍ଦ୍ଦାର ସାହେବ କହିଲେ ଯେ ଏ

Digitized by srujanika@gmail.com

ବିଷୟରେ ମୋ ସହିତ ଆଲୋଚନା କରିସାରିବା ପରେ ନିର୍ଣ୍ଣୟ ନେବେ । ସେଇଥି ପାଇଁ ମୋତେ ବମ୍ବେ ଡକା ଯାଇଥିଲା ।

ଏତକ କହିସାରି ମଙ୍ଗଳଦାସ ଭାଇ କହିଲେ ମୋତେ ମନ୍ତ୍ରୀପଦ ଅର୍ପଣ କରାଗଲେ ମୁଁ ମନା କରିବି ନାହିଁ ଏବଂ ସର୍ଦ୍ଦାର ସାହେବ ପଚାରିଲେ ମୁଁ ମନା କରିବି ନାହିଁ । ମୁଁ କହିଲି ''ଯଦି ସର୍ଦ୍ଦାର ସାହେବ ଶ୍ରୀ ଦିଙ୍କରଭାଇ ଦେଶାଇଙ୍କୁ ମନ୍ତ୍ରୀ ପଦରେ ନିଅନ୍ତି ମୁଁ ତା ବିରୁଦ୍ଧରେ କିଛି କହିବି ନାହିଁ, ମୁଁ ପଦ ପଦବୀ ପାଇଁ କେବେ ଚେଷ୍ଟା କରି ନାହିଁ ଏବଂ ବିନା ଚେଷ୍ଟାରେ ଯେ କୌଣସି କାମ ମୋ ଭାଗରେ ପଡିଲେ ତାହା କରିବା ମୋର କର୍ତ୍ତବ୍ୟ ବୋଲି ସବୁବେଳେ ବିଚାର କରି ଆସିଛି । ବର୍ତ୍ତମାନ ମୁଁ ମୋର ନିର୍ଣ୍ଣୟ ବଦଳାଇବି ନାହିଁ ।

ସେଇଦିନ ରାତିରେ ସର୍ଦ୍ଦାର ସାହେବଙ୍କୁ ଜଣାଇ ଦିଆଗଲା ଯେ ମୁଁ ବମ୍ବେ ପହଞ୍ଚିଛି ଓ ପରଦିନ ସକାଳେ ତାଙ୍କ ସହିତ ସାକ୍ଷାତ କରିବି । କିନ୍ତୁ ସର୍ଦ୍ଦାର ସାହେବ ନିଜେ ସକାଳ ସାତଟାରେ ମଙ୍ଗଳଦାସ ଭାଇଙ୍କ ଘରକୁ ଆସିଲେ । ସେ ମୋତେ ମନ୍ତ୍ରୀମଣ୍ଡଳ ଗଠନ ବିଷୟ କହିଲେ ଓ ଦିଙ୍କରଭାଇଙ୍କ ମନ୍ତ୍ରୀ ପଦ ପାଇଁ ମନୋନୟନ ସମ୍ବନ୍ଧରେ ମୋ ମତ ପଚାରିଲେ । ମୁଁ ତାଙ୍କୁ କହିଲି ଯେ ତାଙ୍କ ନିର୍ଣ୍ଣୟ ସହିତ ମୁଁ ପୂରାପୂରି ଭାବେ ଏକମତ ଏବଂ ମୋର ଆଉ କିଛି କହିବାର ନାହିଁ । ସର୍ଦ୍ଦାର ସାହେବ ଦିଙ୍କରଭାଇଙ୍କର ମତ କ'ଣ ହେବ ବୋଲି ମୋତେ ପଚାରିଲେ । ମୁଁ ତାଙ୍କୁ କହିଲି ''ଯଦି ଦିଙ୍କରଭାଇ ମନା କରନ୍ତି ମୁଁ ତାଙ୍କୁ ଏ ପଦ ଗ୍ରହଣ କରିବାକୁ ପ୍ରବର୍ତ୍ତାଇବି । ଯେହେତୁ ଆମେ ଘନିଷ୍ଠ ବନ୍ଧୁ, ମୋତେ ଛାଡିଦେଇ ସେ ସମ୍ଭବତଃ ମନ୍ତ୍ରୀମଣ୍ଡଳରେ ଯୋଗ ଦେବାକୁ ରାଜି ହେବେ ନାହିଁ, ତଥାପି ମୁଁ ତାଙ୍କୁ ପ୍ରବର୍ତ୍ତାଇ ପାରିବି ।'' ତାପରେ ସର୍ଦ୍ଦାର ସାହେବ ମୋତେ ପଚାରିଲେ ଗୁଜରାଟ କଂଗ୍ରେସ ଲୋକମାନଙ୍କ ଉପରେ ଏ ମନୋୟନର ପରିଣାମ କ'ଣ ହେବ । ମୋତେ କହିବାକୁ ହେଲା ''ଯେହେତୁ ଆପଣଙ୍କୁ ଏ ବିଷୟରେ ନିର୍ଣ୍ଣୟ ନେବାକୁ ହେବ, ମାତେ ଏ ପ୍ରଶ୍ନ ପଚାରିବା ଆପଣଙ୍କ ପକ୍ଷେ ସଂଗତ ହେଉନାହିଁ । ଆପଣ ସହଜରେ ଲୋକମାନଙ୍କ ମତ ନିର୍ଦ୍ଧାରଣ କରିପାରିବେ । ମୁଁ ଯେଉଁ ମତ ଦେବି ତାହା ପୂର୍ଣ୍ଣ ଭାବରେ ଭୁଲ ଅର୍ଥରେ ଗ୍ରହଣ କରାଯିବ ।'' ସେ, ମୁଁ ଯାହା ଠିକ୍ ଭାବୁଛି ତାହା ଜଣାଇବା ପାଇଁ ବାଧକଲେ ।

ମୁଁ କହିଲି, ''ଏହା ସମ୍ଭବ, ଲୋକମାନେ ଭାବିବେ ଯେ ବ୍ୟକ୍ତିଗତ କାରଣ ଯୋଗୁ ଆପଣ ମୋତେ ମନ୍ତ୍ରୀମଣ୍ଡଳରେ ମିଶାଉ ନାହାନ୍ତି । କିନ୍ତୁ ଆପଣ ସେଥିପାଇଁ ବ୍ୟସ୍ତ ହେବା ଉଚିତ ନୁହେଁ । ମୁଁ ଲୋକମାନଙ୍କୁ ସେମାନଙ୍କର ଏପରି ଭାବିବା ଉଚିତ ନୁହେଁ ଏବଂ ଅନୁଷ୍ଠାନର କାମ ଦେଖିବା ପାଇଁ ମୋର ସରକାର ବାହାରେ ରହିବା ଉଚିତ ବୋଲି କହିବି ।''

ସର୍ଦ୍ଦାର ସାହେବ ସାଙ୍ଗେ ସାଙ୍ଗେ କହିଲେ ଯଦି ଲୋକମାନଙ୍କ ଏପରି ଭାବିବାର ସମ୍ଭାବନା ଥାଏ ତେବେ ସେ ମୋତେ ମନ୍ତ୍ରୀମଣ୍ଡଳ ବାହାରେ ରଖିବାକୁ ଚିନ୍ତା କରିପାରିବେ ନାହିଁ । ଏଇ ସୂତ୍ରରେ ସର୍ଦ୍ଦାର ସାହେବ ମୋତେ ମନ୍ତ୍ରୀମଣ୍ଡଳରେ ନେବା ପାଇଁ ବାଲା ସାହେବଙ୍କ ପ୍ରସ୍ତାବ ଗ୍ରହଣ କରିଥିଲେ ।

Digitized by srujanika@gmail.com

(୧୮) ଖେରଙ୍କ ମନ୍ତ୍ରୀମଣ୍ଡଳରେ

ଶ୍ରୀ ବାଲ ଗଙ୍ଗାଧର ଖେର (ବାଲାସାହେବ), ତାଙ୍କୁ ମିଶାଇ, ସାତଜଣିଆ ମନ୍ତ୍ରୀମଣ୍ଡଳ ଗଠନ କଲେ । ବମ୍ବେ ପ୍ରଦେଶରେ ଚାରି ଅଞ୍ଚଳରେ ଚାରିଟି ପ୍ରଦେଶ କଂଗ୍ରେସ କମିଟି ଥିଲା, ଯଥା ମହାରାଷ୍ଟ୍ର, କର୍ଣ୍ଣାଟକ, ବମ୍ବେ ସହର ଏବଂ ଗୁଜରାଟ । ମନ୍ତ୍ରୀମଣ୍ଡଳ ଗଠନ ବେଳେ ଏ ବିଷୟ ଧ୍ୟାନରେ ରଖିବା ଉଚିତ ଥିଲା । ବାଲାସାହେବ ସୁକ୍ଷ୍ମ ବିଚାର ସହିତ ମନ୍ତ୍ରୀମଣ୍ଡଳ ଗଢ଼ିଥିଲେ । ସେ କର୍ଣ୍ଣାଟକରୁ ଶ୍ରୀ ଆନ୍ନାସାହେବ ଲାଠେ, ମହାରାଷ୍ଟ୍ରରୁ ସେ ଶ୍ରୀ ଏଲ୍.ଏମ୍. ପଟିଲ ଓ ସେ ନିଜେ, ବମ୍ବେ ସହରର ଶ୍ରୀ କନ୍ହେୟାଲାଲ ମୁନ୍‌ସୀ, ଓ ଗୁଜରାଟରୁ ମୋତେ, ଜଣେ ପାର୍ସି -- ଡକ୍ଟର ଏମ୍.ଡି.ଡି. ଗୀଲ୍‌ଡର ଏବଂ ଅହମଦାବାଦ ସହରରୁ ଜଣେ ମୁସ୍ଲିମ ଶ୍ରୀ ଏମ୍, ୱାଇ. ନୁରୀଙ୍କୁ ମନ୍ତ୍ରୀମଣ୍ଡଳରେ ସାମିଲ କରିଥିଲେ । ଶ୍ରୀମତୀ ହଂସାବେନ ମେହେଟ୍ଟା ଓ ଶ୍ରୀ ଗୁଲଜାରିଲାଲ ନନ୍ଦା ପାର୍ଲିଆମେଣ୍ଟାରୀ ସେକ୍ରେଟେରୀ ରୂପେ ନିଯୁକ୍ତ ହୋଇଥିଲେ । ଶ୍ରୀ ଆନ୍ନାସାହେବ ଲାଠେ କୋହ୍ଲାପୁର ଷ୍ଟେଟରେ ଦିୱାନ ଥିଲେଏବଂ ଜଣେ ଦକ୍ଷ ପ୍ରଶାସକ ଥିଲେ । ଶ୍ରୀ ଏଲ.ଏମ. ପାଟିଲ, ଯୁବ କଂଗ୍ରେସ କର୍ମୀ ଓ ମହାରାଷ୍ଟ୍ରର ଅହମଦ ନଗରରେ ଆଇନ ବ୍ୟବସାୟ କରୁଥିଲେ । ଶ୍ରୀ ମୁନ୍‌ସୀ ଜଣେ ଆକର୍ଷଣୀୟ ବ୍ୟକ୍ତିତ୍ୱ ସମ୍ପନ୍ନ କଂଗ୍ରେସ ଲୋକ, ବମ୍ବେ ହାଇ କୋର୍ଟରେ ପ୍ରସିଦ୍ଧ ଓକିଲ ଥିଲେ । ତାଙ୍କର ଆଇନ ବ୍ୟବସାୟ ବିଶାଳ ଆକାରର ଥିଲା । ଡ. ଗୀଲ୍‌ଡର ଜଣେ ପ୍ରସିଦ୍ଧ ଡାକ୍ତର, ହୃଦରୋଗ ବିଶେଷଜ୍ଞ ଥିଲେ ଓ ତାଙ୍କର ବେଶ୍ ନାମ ଥିଲା । ଶ୍ରୀ ନୁରୀ ଜଣେ ବାରିଷ୍ଟର ଥିଲେ ଓ ଅହମଦାବାଦରେ ଆଇନ ବ୍ୟବସାୟ କରୁଥିଲେ । ତାଙ୍କର ଖ୍ୟାତି ବ୍ୟାପକ ଥିଲା ଓ ଜଣେ ଭଲ ବକ୍ତା ଥିଲେ । ଶ୍ରୀ ଗୁଲଜାରିଲାଲ ନନ୍ଦା ଅହମଦାବାଦରେ ଜଣେ କଂଗ୍ରେସ ନେତା ଥିଲେ । ସେ ଗାନ୍ଧିଜୀଙ୍କ ଆଦର୍ଶରେ ସଂଗଠିତ 'ମଜୁର ମହାଜନ' ନାମକ ଏକ ଟ୍ରେଡ ୟୁନିୟନର ପ୍ରମୁଖ କାର୍ଯ୍ୟକର୍ତ୍ତା ଥିଲେ । ଶ୍ରୀମତୀ ହଂସାବେନ ମେହେଟ୍ଟା ଉଚ୍ଚ ଧୀ ସମ୍ପନ୍ନା ସମାଜ ସେବୀ ଥିଲେ । ସେ ଶିକ୍ଷାରେ ବିଶେଷ ସ୍ପୃହା ଦେଖାଉଥିଲେ ।

ବାଲାସାହେବ ଚାରି ଅଞ୍ଚଳରୁ ପ୍ରତିନିଧି ତଥା ଦକ୍ଷ ବ୍ୟକ୍ତିମାନଙ୍କୁ ବାଛି ଛୋଟ ମନ୍ତ୍ରୀମଣ୍ଡଳ ଗଢ଼ିଲେ । ଶ୍ରୀ ଲାଠେଙ୍କୁ ଅର୍ଥ, ଶ୍ରୀ ମୁନସୀଙ୍କୁ ଘରୋଇ, ଶ୍ରୀ ପଟିଲଙ୍କୁ ସ୍ୱାୟତ୍ତଶାସନ, ଡ. ଗୀଲ୍‌ଡରଙ୍କୁ ସ୍ୱାସ୍ଥ୍ୟ ଓ ଅବକାରୀ ଓ ଶ୍ରୀ ନୁରୀଙ୍କୁ ପି.ଡବ୍ଲୁ.ଡି. ଦିଆଯାଇଥିଲା । ମୋତେ ରେଭିନ୍ୟୁ, କୃଷି, ଜଙ୍ଗଲ ଓ ସମବାୟ ବିଭାଗର ଦାୟିତ୍ୱ ଦିଆଯାଇଥିଲା । କିଛି ମାସପରେ ମୁଁ କୃଷି ଏବଂ ରୁରାଲ ଡେଭଲପମେଣ୍ଟ ବିଭାଗ ଶ୍ରୀ ଲାଠେଙ୍କୁ ହସ୍ତାନ୍ତର କରିଥିଲି କାରଣ ଅର୍ଥ ମନ୍ତ୍ରାଳୟରେ ବିଶେଷ କାମ ନଥିଲା ।

ଶ୍ରୀ ନନ୍ଦା ଥିଲେ ମୁଖ୍ୟ ପାର୍ଲାମେଣ୍ଟାରୀ ସେକ୍ରେଟେରୀ ଏବଂ ଶ୍ରମ ବିଭାଗ ଦେଖୁଥିଲେ । ଶ୍ରୀମତୀ ହଂସାବେନ ପାର୍ଲାମେଣ୍ଟାରୀ ସେକ୍ରେଟେରୀ ହିସାବରେ ଶିକ୍ଷା ବିଭାଗରେ କାମ କରୁଥିଲେ । ଉଭୟ ଶିକ୍ଷା ଏବଂ ଶ୍ରମ ବିଭାଗ ଶ୍ରୀ ବାଲା ସାହେବ ଖେରଙ୍କ ଅଧୀନରେ ଥିଲା । ଗାନ୍ଧିଜୀଙ୍କ ନିର୍ଦ୍ଦେଶାନୁସାରେ ଆମେ ସମସ୍ତେ ମାସିକ ପାଞ୍ଚଶହ ଟଙ୍କା ବେତନ ପାଉଥିଲୁ । ଶ୍ରୀ ପଟିଲ ଓ ମୋତେ ଛାଡିଦେଲେ ଅନ୍ୟସବୁ ମନ୍ତ୍ରୀମାନେ ବହୁତ ବେଶୀ ରୋଜଗାର କରୁଥିଲେ ଏବଂ ତାଙ୍କ ଘର ଖର୍ଚ୍ଚ ମଧ୍ୟ ବେଶୀ ଥିଲା । ମୁଁ ଓ ଶ୍ରୀ ପଟିଲ କଂଗ୍ରେସର ପୂରା ସମୟ କର୍ମଚାରୀ ଥିଲୁ ତେଣୁ ଆମେ ବେତନ ବିଷୟରେ ଗୁରୁତ୍ୱ ଦେଉନଥିଲୁ ।

ବାପୁ ମୋତେ କହିଲେ ଯେ ମୁଁ କମ୍ ଦରମା ନେଲେ ଭଲକଥା ହେବ । ମୁଁ ତାଙ୍କୁ କହିଲି "ଏହା ସମ୍ଭବ ହେବ ନାହିଁ କାରଣ ମୋର ବନ୍ଧୁମାନେ ଯେଉଁମାନେ ପାଞ୍ଚଶହ ଟଙ୍କାରୁ ଅଧିକ ଖର୍ଚ୍ଚ କରିବାରେ ଅଭ୍ୟସ୍ତ ସେମାନେ କମ୍ ଟଙ୍କାରେ ଚଳିବେ, ମୁଁ କମ୍ ଖର୍ଚ୍ଚ କରିବାରେ ଅଭ୍ୟସ୍ତ । କିନ୍ତୁ ମୁଁ କମ୍ ଦରମା ନେଲେ ମୋ ସହକର୍ମୀମାନେ ବୃଥାରେ ସମାଲୋଚନାର ଶିକାର ହେବେ, ତାହା ଭଲ ହେବ ନାହିଁ । ମୁଁ ସ୍ଥିର କରିଛି ଯେ

Digitized by srujanika@gmail.com

ଯାହା ମୋ ଦରମାରୁ ସଞ୍ଚୟ କରିବି ଓ ଯାହା ଅଚ୍ଛ କିଛି ସଞ୍ଚୟ କରିଛି ସେଥିରୁ କିଛି ମୋ ପିଲାମାନେ ପାଇବେ ନାହିଁ; ସର୍ବସାଧାରଣ ସେବା ନିମନ୍ତେ ଗଠିତ ଗୋଟିଏ ଟ୍ରଷ୍ଟକୁ ସମସ୍ତ ସଞ୍ଚୟ ଯିବ । ମୋର ପ୍ରୟୋଜନ ଠାରୁ ଅଧିକ ମୁଁ ଖର୍ଚ୍ଚ କରିବି ନାହିଁ ଏବଂ ଯାହା ବଳିବ ସବୁ ସର୍ବସାଧାରଣଙ୍କ ସ୍ୱାର୍ଥରେ ଖର୍ଚ୍ଚ ହେବ ।'' ଗାନ୍ଧିଜୀ ମୋର ଦୃଷ୍ଟିକୋଣର ବୈଧତା ଗ୍ରହଣ କଲେ ।

ଆମେ ସମସ୍ତେ ସରକାରୀ ଘରେ ରହୁଥିଲୁ । ମୁଁ ମେରୀନ ଲାଇନ୍ସ ଷ୍ଟେସନ ପଛରେ ଗୋଟିଏ ଛୋଟ ପୁରୁଣା ଘରେ ରହୁଥିଲି । ଏହି ଘରଟି ପ୍ରଥମ ବିଶ୍ୱ ମହାଯୁଦ୍ଧ ସମୟରେ ଅସ୍ଥାୟୀ ରୂପେ ତିଆରି ହୋଇଥିଲା ଏବଂ ଶୀଘ୍ର ଭାଙ୍ଗି ଦେବାର ଥିଲା । ୧୯୩୯ରେ ଆମ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେବା ପରେ ପରେ ଏହାକୁ ଭାଙ୍ଗି ଦିଆଯାଇଥିଲା । ମୋ ଘର ପାଖରେ ଏକ ଛୋଟ କ୍ୱାଟରରେ ମୋର ପି.ଏ. ଶ୍ରୀ ଠାକୋରଭାଇ ଦେସାଇ ରହୁଥିଲେ । ସବୁ ମନ୍ତ୍ରୀଙ୍କୁ ଗୋଟିଏ କରି କାର ଦିଆଯାଇଥିଲା ଓ ରକ୍ଷଣାବେକ୍ଷଣ ପାଇଁ ମାସିକ ଦେଢ଼ଶହ ଟଙ୍କା ଦିଆଯାଉଥିଲା । ଏଥିରୁ ଆମକୁ ଡ୍ରାଇଭର ଦରମା ଦେବାକୁ ହେଉଥିଲା ।

ଲର୍ଡ ବ୍ରେବୋର୍ଣ୍ଣ ବେଙ୍ଗଲର ଗଭର୍ଣ୍ଣର ପଦରେ ନିଯୁକ୍ତି ପାଇଥିଲେ ଏବଂ ଆମ ମନ୍ତ୍ରୀମଣ୍ଡଳ ଗଠନରେ ତିନିମାସ ପରେ ତାଙ୍କର ସେଠାକୁ ଯିବାର ଥିଲା । ୧୯୩୭ ଜୁଲାଇରେ ଆମେ ଶପଥ ନେଲାବେଳେ ବର୍ଷା ଋତୁର ସରକାରୀ ମୁଖ୍ୟ କାର୍ଯ୍ୟାଳୟ ପୁନାରେ ଥିଲା । ଆମେ ପୁନାରେ ଜୁଲାଇରୁ ଅକ୍ଟୋବର ଶେଷ ଯାଏ ରହିଲୁ । ଆମ ଭିତରୁ ତିନିଜଣ ଯଥା ଶ୍ରୀ ମାଭ୍‌ଲଙ୍କର ବିଧାନସଭା ବାଚସ୍ପତି, କାଉନ୍‌ସିଲ ଚେୟାରମ୍ୟାନ ଶ୍ରୀ ମଙ୍ଗଳଦାସ ପକ୍ୱାସା, ଏବଂ ମୁଁ ସାଙ୍ଗ ହୋଇ ପୁନାରେ ଗୋଟିଏ ବଙ୍ଗଳାରେ ରହୁଥିଲୁ -- ଆମର ଗୋଟିଏ ରୋଷେଇ ଘର ଥିଲା ।

ଏହା ପ୍ରଦେଶର ପ୍ରଥମ ଲୋକପ୍ରିୟ ମନ୍ତ୍ରୀମଣ୍ଡଳ ହୋଇଥିବାରୁ ଲୋକମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଖେଳିଯାଇଥିଲା । ଯେତେବେଳେ ପ୍ରଥମ ବିଧାନ ସଭା ବୈଠକ ବସିଲା, ଆମେ କଂଗ୍ରେସ ବିଧାୟକ ଦଳର ମୁଖ୍ୟ କାର୍ଯ୍ୟଳୟକୁ ଗୋଟିଏ ପ୍ରସେସନ୍‌ରେ ଯାଇ କଂଗ୍ରେସ ପତାକାକୁ ସାଲ୍ୟୁଟ୍ କରି ବିଧାନ ସଭାକୁ ଯାଇଥିଲୁ ।

୧୯୩୫ ସମ୍ବିଧାନ ଅନୁସାରେ ଆମେ ପ୍ରାଦେଶିକ ସ୍ୱତନ୍ତ୍ରତା ପାଇଥିଲୁ କିନ୍ତୁ ଆମେ ସ୍ୱରାଜ ଲାଭ କରିନଥିଲୁ କାରଣ ସାରା ଦେଶ ଭାଇସରୟଙ୍କ ଦ୍ୱାରା ଶାସିତ ହେଉଥିଲା । କଂଗ୍ରେସ ଦଳ ନିଷ୍ପତ୍ତି ଗ୍ରହଣ କରିଥିଲେ ଯେ ଗଭର୍ଣ୍ଣରଙ୍କ ସହିତ ଆମର ସମ୍ପର୍କ ଏପରି ରହିବ ଯେ ସେ ଆମ କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ସୁଯୋଗ ପାଇବେ ନାହିଁ ଏବଂ ତାଙ୍କୁ ଆମ ଭିତରେ ମନୋମାଳିନ୍ୟ ବା ଭିନ୍ନ ମତ ସୃଷ୍ଟି କରିବା ପାଇଁ ସୁଯୋଗ ଦିଆଯିବ ନାହିଁ । ପାର୍ଲାମେଣ୍ଟାରୀ ବୋର୍ଡ ସହିତ ପରାମର୍ଶ କରି ଆମେ ପ୍ରୟୋଜନୀୟ ନିୟମ ତିଆରି କଲୁ । ତଦନୁଯାୟୀ ଆମେ ଗଭର୍ଣ୍ଣରଙ୍କ ସହିତ ରାତ୍ର ଭୋଜନ ବା ଚା ପାନ ପାଇଁ ନିମନ୍ତ୍ରଣ ଗ୍ରହଣ କଲୁ ନାହିଁ । ଏବଂ ତାଙ୍କ ସହିତ କେବଳ କାର୍ଯ୍ୟକାରୀ ସମ୍ପର୍କ ରଖିଲୁ । ଆମେ ଗଭର୍ଣ୍ଣରଙ୍କୁ ଜଣାଇ ଦେଲୁ ଯେ ସେ ଯେତେବେଳେ ଇଚ୍ଛା କରିବେ ଆମେ ତାଙ୍କୁ ଦେଖା କରିବୁ କିନ୍ତୁ କୌଣସି ସାମାଜିକ କର୍ମରେ ଭାଗ ନେଇ ପାରିବୁ ନାହିଁ ଏହା ମଧ୍ୟ କହିଥିଲୁ ଯେ ଆମେ ଯେତେବେଳେ ଇଚ୍ଛା କରିବୁ ତାଙ୍କ ସହ ଦେଖା କରିବୁ । ଲର୍ଡ ବ୍ରେବୋର୍ଣ୍ଣ ଜଣେ ଗଭୀର ଅନ୍ତଃଦୃଷ୍ଟିସମ୍ପନ୍ନ ସୁଦକ୍ଷ ରାଜନୀତିଜ୍ଞ ଥିଲେ ତେଣୁ ଆମେ ତିଆରି କରିଥିବା ନିୟମ ପାଳନ କରିବାରେ ଆମମାନଙ୍କୁ କୌଣସି ଅସୁବିଧା ହୋଇ ନଥିଲା ।

୧୯୨୧ରୁ ବିଧାନସଭାରୁ ନିର୍ବାଚିତ ପ୍ରତିନିଧିମାନେ କେତେକ ଏକ୍‌ଜିକ୍ୟୁଟିଭ୍ କାଉନସିଲରଙ୍କ ସହିତ ମନ୍ତ୍ରୀ ନିଯୁକ୍ତି ହେଉଥିଲେ ଏବଂ ସେମାନଙ୍କୁ କେତେକ ବିଭାଗ ଦିଆ ଯାଉଥିଲା । କିନ୍ତୁ ସେମାନେ ଗଭର୍ଣ୍ଣରଙ୍କ ଅଧୀନରେ କାମ କରୁଥିଲେ । ମୁଖ୍ୟ ଶାସନ ସଚିବଙ୍କର ମନ୍ତ୍ରୀମାନଙ୍କ ଅପେକ୍ଷା ବେଶୀ ପ୍ରଭାବ ଥିଲା, ଏବଂ

Digitized by srujanika@gmail.com

କେତେକ ସମୟରେ ଅସ୍ୱାଭାବିକ ଭାବରେ କେତେଜଣ ମନ୍ତ୍ରୀ ବୟେ ବାହାରକୁ ଯିବା ପାଇଁ ଶାସନ ସଚିବଙ୍କ ଅନୁମତି ନେଉଥିଲେ । ଅଧିକାଂଶ ଶାସନ ସଚୀବ ଇଂରେଜୀ ଲୋକ ଥିଲେ ।

ଶପଥ ଗ୍ରହଣ ପରେ ଆମେ ଯେତେବେଳେ ଅଫିସ ଗଲୁ, ସଚିବମାନେ ଆମକୁ ଦେଖା କରିବାକୁ ଆସିଲେ । ଆମେ କହିଲୁ ଯେ ସେମାନଙ୍କୁ ଆମ ନିର୍ଦ୍ଦେଶାନୁସାରେ କାମ କରିବାକୁ ହେବ ଏବଂ ସେମାନେ କେବଳ ଆମମାନଙ୍କୁ ପରାମର୍ଶ ଦେବେ । ମୁଖ୍ୟ ଏବଂ ଅନ୍ୟ ଶାସନ ସଚିବ ନୂତନ ପରିସ୍ଥିତି ବୁଝି ପାରିଲେ । ମୁଖ୍ୟ ଶାସନ ସଚିବ ତଦନୁସାରେ କାର୍ଯ୍ୟ କରିବାକୁ ଅନ୍ୟ ସଚିବମାନଙ୍କୁ ନିର୍ଦ୍ଦେଶ ଦେଲେ ।

ରାଜସ୍ୱ ବିଭାଗ ମୋ ଦାୟିତ୍ୱରେ ଥିବାରୁ କଲେକ୍ଟର ମାନଙ୍କ ନିଯୁକ୍ତି ଓ ସ୍ଥାନାନ୍ତର ମୋ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଉଥିଲା । ପଲିଟିକାଲ ଏବଂ ସର୍ଭିସେସ୍ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବାରୁ ସେ ବରିଷ୍ଠ ଜିଲା ଅଫିସର ମାନଙ୍କର ବଦଳି ଓ ନିଯୁକ୍ତି ଦେଖୁଥିଲେ । ସମ୍ପୃକ୍ତ ବିଭାଗରୁ ପ୍ରସ୍ତାବ ଗୁଡିକ ବିଭାଗୀୟ ମନ୍ତ୍ରୀଙ୍କ ଠାରୁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଉଥିଲା ।

ମୁଖ୍ୟ ଶାସନ ସଚିବ, କଲେକ୍ଟରମାନଙ୍କ ବଦଳି ପ୍ରସ୍ତାବ ତିଆରି କଲାବେଳେ ମୋର ବା ମୁଖ୍ୟ ମନ୍ତ୍ରୀଙ୍କ ପରାମର୍ଶ ନେଉନଥିଲେ । ସେ ନିଜର ପସନ୍ଦ ନାପସନ୍ଦ ଅନୁସାରେ ବଦଳି ପ୍ରସ୍ତାବ ସୁପାରିଶ କରୁଥିଲେ । ଅଫିସର ବଦଳି ହେଉଥିବା ଜିଲା ପାଇଁ ଯୋଗ୍ୟ କି ନା ବିଚାରକୁ ସେତେ ନିଆଯାଉନଥିଲା । ଫଳରେ ମୁଖ୍ୟ ଶାସନ ସଚିବଙ୍କ ଶୁଭ ଦୃଷ୍ଟିରେ ଥିବା ବରିଷ୍ଠ ଅଫିସରମାନଙ୍କୁ ପ୍ରଧାନ ଜିଲା ମାନଙ୍କୁ ପଠାଯାଉଥିଲା ।

ମୁଁ ରେଭିନ୍ୟୁ ଡିପାର୍ଟମେଣ୍ଟରେ ଡେପୁଟୀ କଲେକ୍ଟର ଭାବରେ ୧୯୧୮ରୁ ୧୯୩୦ ପର୍ଯ୍ୟନ୍ତ କାମ କରିଥିଲି । ତେଣୁ ମୋର ଏ ବିଷୟରେ ଅଭିଜ୍ଞତା ଥିଲା । ମୁଖ୍ୟ ଶାସନ ସଚିବଙ୍କୁ ତାଙ୍କ ବଦଳି ପ୍ରସ୍ତାବ କାର୍ଯ୍ୟ ପ୍ରଣାଳୀ ବଦଳାଇବା ପାଇଁ ମୁଁ ଗୋଟିଏ ବିଶେଷ ପନ୍ଥା ଅବଲମ୍ବନ କଲି । ମୁଖ୍ୟ ଶାସନ ସଚିବଙ୍କ ସମସ୍ତ ବଦଳି ପ୍ରସ୍ତାବ କାଟି ସେଇ ଫାଇଲରେ ମୁଁ ଅନ୍ୟ ପ୍ରସ୍ତାବ ଦେଇ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଇ ଦେଉଥିଲି । ମୁଖ୍ୟମନ୍ତ୍ରୀ ମୋ ସହିତ ଆଲୋଚନା କରି ମୋ ପ୍ରସ୍ତାବ ଅନୁମୋଦନ କରୁଥିଲେ । ଏପରି ଦୁଇ ତିନିଥର ଘଟିବା ପରେ ମୁଖ୍ୟ ଶାସନ ସଚିବ ବୁଝିପାରିଲେ ଓ ମୋ ପାଖକୁ ସେଇ ସମ୍ପର୍କରେ ଆସିଲେ । ମୁଁ ତାଙ୍କୁ ବୁଝାଇଲି ଯେ ଏପରି ଗୋଟିଏ ପଦ୍ଧତି ହେବା ଉଚିତ ଯଦ୍ୱାରା ଜିଲାମାନଙ୍କୁ ଯୋଗ୍ୟତମ ବ୍ୟକ୍ତି ଯାଇପାରିବେ । ବରିଷ୍ଠତା ବା ବ୍ୟକ୍ତିଗତ ପ୍ରସନ୍ନତା-ଅପ୍ରସନ୍ନତା ଦୃଷ୍ଟିରୁ ନୁହେଁ । ମୁଁ ପୁଣି ତାଙ୍କୁ ବୁଝାଇଲି ଯେ ସମସ୍ତଙ୍କୁ ସମାନ ବ୍ୟବହାର ଦେଖାଇବା ଉଚିତ୍ । ଯଦି ସେ ଏଇ ନୀତି ଗୁଡିକ ମାନନ୍ତି ତେବେ ମୋର ପ୍ରସ୍ତାବ ପରିବର୍ତ୍ତନ କରିବାର ଆବଶ୍ୟକତା ରହିବ୍ ନାହିଁ । ମୁଖ୍ୟ ଶାସନ ସଚିବ ମୋର ପରାମର୍ଶ ଗ୍ରହଣ କଲେ ଓ ତା'ପରଠାରୁ ମୋତେ ପରାମର୍ଶ କରି ବଦଳି ପ୍ରସ୍ତାବ ଦେଲେ, ଏହା ଦ୍ୱାରା କାମ ସୁବିଧାରେ ଚାଲିଲା ।

ଆମେ ଦାୟିତ୍ୱ ନେବାବେଳେ ଥିବା ମୁଖ୍ୟ ଶାସନ ସଚିବ କିଛି ମାସ ପରେ ଅବସର ଗ୍ରହଣ କଲେ । ତାଙ୍କ ସ୍ଥାନରେ ଆଉ ଜଣେ ଇଂରେଜୀ ବ୍ୟକ୍ତି ଆସିଲେ, ସେ ପାଇପ୍ ମୁହଁରେ ଧରି ଧୂମ୍ରପାନ କରି ମୋତେ ଦେଖା କରିବାକୁ ଆସିଲେ । ମୁଁ ତାଙ୍କୁ ଗୋଟିଏ ଭଙ୍ଗୀରେ ଅନାଇଲି ସେଥିରୁ ସେ ସ୍ପଷ୍ଟ ଅନୁଭବ କଲେ ଯେ ମୋ ଉପସ୍ଥିତିରେ ଧୂମ୍ରପାନ ମୋତେ ଭଲ ଲାଗେ ନାହିଁ । ସେ ସାଙ୍ଗେ ସାଙ୍ଗେ ପାଇପକୁ ପକେଟରେ ରଖିଲେ ତାଙ୍କ ସହିତ କିଛି ସମୟ କଥାବାର୍ତ୍ତା ହୋଇ ସାରିବା ପରେ ମୁଁ ତାଙ୍କୁ ପଚାରିଲି, ଗଭର୍ଣ୍ଣର ପାଖକୁ ଯିବାବେଳେ ବା ତାଙ୍କ ସହିତ ଅଫିସରେ କଥାବାର୍ତ୍ତା କଲାବେଳେ ସେ ପାଇପ୍ ଟାଣନ୍ତି କି? ସେ ଯେତେବେଳେ ମନା କଲେ, ମୁଁ ତାଙ୍କୁ କହିଲି ଆମମାନଙ୍କ ସହିତ ତାଙ୍କର ବ୍ୟବହାର ଠିକ୍ ସେଇ ପରି ହେବା ଉଚିତ କାରଣ ମନ୍ତ୍ରୀମାନେ ସରକାର ଚଳାଉଛନ୍ତି, ଗଭର୍ଣ୍ଣର ନୁହେଁ । ମୋ କଥା ତାଙ୍କୁ ଭଲ ନ ଲାଗିଥାଇ ପାରେ କିନ୍ତୁ ଶୃଙ୍ଖଳିତ ବେସାମରିକ

Digitized by srujanika@gmail.com

ସରକାରୀ କର୍ମଚାରୀ ହିସାବରେ ବିନାଦ୍ୱିଧାରେ ମୋ ପରାମର୍ଶ ଗ୍ରହଣ କଲେ । ବେସାମରିକ ସରକାରୀ କର୍ମଚାରୀମାନେ ଅତିଶୀଘ୍ର ପରିସ୍ଥିତି ବୁଝି ନିଅନ୍ତି, ତାଙ୍କ ପାଇଁ କ'ଣ ଉପଯୁକ୍ତ ସେ ଭଲଭାବେ ଜାଣନ୍ତି । ସେମାନେ ଯେତେବେଳେ ଅନୁଭବ କରନ୍ତି ଯେ ନୂତନ ପରିସ୍ଥିତି ଅଲଗା ଓ ପୃଥକ ବ୍ୟବହାର ଦରକାର, ସେତେବେଳେ ତଦନୁଯାୟୀ ନିଜକୁ ବଦଳାଇ ନିଅନ୍ତି ।

ମନ୍ତ୍ରୀ ପରିଷଦ ଗଠନର କିଛି ମାସପରେ ମୁଁ ବର୍ଦୋଲି ଗସ୍ତରେ ଗଲି । ମୋ ଯିବାର ପୂର୍ବ ରାତିରେ, ପୋଲିସ ସବ୍‌ଇନ୍ସପେକ୍ଟର, ଯେ କି ସତ୍ୟାଗ୍ରହ ଆନ୍ଦୋଳନ ବେଳେ ଲୋକମାନଙ୍କୁ ନିଷ୍ଠୁର ଭାବେ ହଇରାଣ କରୁଥିଲେ, ଆତ୍ମହତ୍ୟା କରିଥିଲେ । କୁହାଯାଉଥିଲା ଯେ ମୋ ଭୟରେ ଆତ୍ମହତ୍ୟା କରିଥିଲେ । ଅନେକ ସରକାରୀ ଅଫିସର ସତ୍ୟାଗ୍ରହ ଆନ୍ଦୋଳନ ଦବେଇ ଦେବା ପାଇଁ ସତ୍ୟାଗ୍ରାହୀଙ୍କୁ ଭୟଭୀତ କରିବା କର୍ମରେ ଭାଗ ନେଇଥିଲେ କିନ୍ତୁ ଆମେ ସେମାନଙ୍କ ବିରୁଦ୍ଧରେ କୌଣସି ପଦକ୍ଷେପ ନେଲୁ ନାହିଁ କାରଣ ଆମମାନଙ୍କ ମନରେ ସନ୍ଦେହ ନ ଥିଲା ଯେ ସେମାନେ ସରକାରଙ୍କ ଆଦେଶ ପାଳନ କରୁଥିଲେ ମାତ୍ର । ଏଇ ଅଫିସରମାନେ ବର୍ତ୍ତମାନ ନୂଆମନ୍ତ୍ରୀ ପରିଷଦର ନୀତି ଅନୁସାରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଥିଲେ । ସେମାନଙ୍କର ପୂର୍ବ କର୍ମ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ କଲୁନାହିଁ । ତେଣୁ ମୁଁ ଜାଣିନାହିଁ କାହିଁକି ଏ ପୁଲିସ ସବ୍‌ଇନ୍ସପେକ୍ଟର ଜଣକ ମୋତେ ଏତେ ଭୟ କରୁଥିଲେ । ଏହା ସମ୍ଭବ ହୋଇପାରେ ଯେ ସେ ପ୍ରବଳ ଅନୁଶୋଚନା ଯୋଗୁଁ ଆତ୍ମହତ୍ୟା କରିଥିଲେ ।

ଖଜଣା ଛାଡ଼ ଆନ୍ଦୋଳନରେ ଯୋଗ ଦେଇ ହରାଇଥିବା ଜମିକୁ କୃଷକ ମାନଙ୍କୁ ଫେରାଇ ଦେବାପାଇଁ ଆମେ ପ୍ରଥମ ତିନିମାସ ମଧ୍ୟରେ ସ୍ଥିର କଲୁ । ଏ ଥିଲା ଆମର ନୈତିକ କର୍ତ୍ତବ୍ୟ, କାରଣ ଆମେ କୃଷକ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲୁ । ଆମେ, ତେଣୁ, ଗଭର୍ଣ୍ଣରଙ୍କ ସହିତ ଆଲୋଚନା କଲୁ । ସେ ଆମକୁ 'ନା' କହି ପାରିଲେ ନାହିଁ କିନ୍ତୁ ସେ ଏଥିପାଇଁ ଗୋଟିଏ ଆଇନ ପ୍ରଣୟନ କରି କରିବାକୁ କହିଲେ । ସେ କହିଲେ ଯାହାଙ୍କୁ ଜମି ବିକ୍ରି କରାଯାଇଛି ତାଙ୍କୁ ଜମି ଫେରାଇ ଦେବାକୁ କହିବା ତାଙ୍କ ପକ୍ଷେ କଷ୍ଟ ହେବ । ଆମେ ତାଙ୍କୁ ବୁଝାଇଲୁ ଯେ ଆମ ଉଦ୍ଦେଶ୍ୟ ବିଚାର ବିନିମୟ ଓ ବୁଝାମଣା ଦ୍ୱାରା ସହଜରେ ସାଧିତ ହେବ । ଅଫିସରମାନେ ଆମମାନଙ୍କୁ ଏଥିରେ ସାହାଯ୍ୟ କରି ନ ପାରିଲେ, ନିରପକ୍ଷତା ଅବଲମ୍ବନ କରିବା ଉଚିତ ହେବ । ତାହା ହେଲେ ଜମି କିଣିଥିବା ବ୍ୟକ୍ତିଙ୍କୁ ଜମି ଫେରାଇ ଦେବାକୁ ପ୍ରବର୍ତ୍ତାଇବା ସମ୍ଭବ ହେବ । ଗଭର୍ଣ୍ଣର କହିଲେ ଯେ ଅଫିସ କର୍ମୀମାନେ ଏଥିରେ କିଛି କରିପାରିବେ ନାହିଁ କାରଣ ରାଜନୈତିକ କର୍ମରେ ସେମାନେ କୌଣସି ପକ୍ଷ ନେଇ ପାରିବେ ନାହିଁ । ମୁଁ କହିଲି ଅଫିସରମାନେ କ୍ରେତାଙ୍କୁ ଜମି ଫେରାଇବା ପାଇଁ କହିବା ଆବଶ୍ୟକ ନାହିଁ । ସେମାନେ କ୍ରେତାଙ୍କୁ ଜମି ନ ଫେରାଇବା ପାଇଁ କହିବେ ନାହିଁ ।

ମୋ ପ୍ରସ୍ତାବ ଗ୍ରହଣ କରିସାରିବା ପରେ ଗଭର୍ଣ୍ଣର କହିଲେ ପ୍ରସ୍ତାବିତ କାର୍ଯ୍ୟ ଅପେକ୍ଷା ସେ ଆଗରୁ ଦେଇଥିବା ପରାମର୍ଶାନୁସାରେ କାମ କଲେ ଲକ୍ଷ୍ୟ ସହଜରେ ହାସଲ ହେବ । ମୁଁ ଭୟ କଲି ଯେ ଆମେ କୌଶଳରେ ପଡି ଭୁଲ ବାଟ ଧରିବୁ ତେଣୁ ମୁଁ ତାଙ୍କୁ ରୁକ୍ଷ କିନ୍ତୁ ପରିଷ୍କାର ଭାବେ କହିଲି ଯେ ମୁଁ ତାଙ୍କ ସହିତ ଏକମତ ହୋଇପାରୁ ନାହିଁ କାରଣ ମୁଁ ନିଶ୍ଚୟ ଭାବେ ଜାଣେ ଓ ସେ ବି ଜାଣନ୍ତି ଯେ ତାଙ୍କ ପରାମର୍ଶାନୁସାରେ ଗଲେ ଆମ ଲକ୍ଷ୍ୟ ସାଧନ ହୋଇ ପାରିବ ନାହିଁ । ଲର୍ଡ ବ୍ରେବୋର୍ଣ୍ଣ ସାଙ୍ଗେ ସାଙ୍ଗେ ବୁଝିପାରିଲେ । ସେ ଏତେ ଭଦ୍ର ଥିଲେ ଯେ ସେ ମୋ ରୁକ୍ଷ କଥାରେ ବିରକ୍ତ ହେଲେ ନାହିଁ । ତା'ପରଠାରୁ ଆମ ଭିତରେ ବେଶ୍ ବୁଝାମଣା ରହିଲା ଓ ଆମର ସମ୍ପର୍କ ବନ୍ଧୁତ୍ୱପୂର୍ଣ୍ଣ ହୋଇ ଉଠିଲା ।

Digitized by srujanika@gmail.com

ଆମେ ଅଫିସରେ ଯୋଗ ଦେବାର ପାଖାପାଖି ତିନିମାସ ପରେ ସାର୍ ରୋଗର୍ ଲ୍ୟୁମ୍ଲି ଲର୍ଡ ବ୍ରେବୋର୍ଣ୍ଣଙ୍କ ପରେ ବମ୍ବେର ଗଭର୍ଣ୍ଣର ହୋଇ ଆସିଲେ । ଆଗରୁ ପ୍ରଥା ଥିଲା ଯେ ନୂଆ ଗଭର୍ଣ୍ଣରଙ୍କୁ ବେଶ୍ ଜାକଜମକ ସହକାରେ ସ୍ୱାଗତ କରାଯାଉଥିଲା । ଆମ୍ଭମାନଙ୍କୁ ସ୍ଥିର କରିବାକୁ ପଡିଲା ଯେ ନୂଆ ଗଭର୍ଣ୍ଣର ପୂନା ଆସିଲେ ଆମେ ସମ୍ବର୍ଦ୍ଧନା ସଭାରେ ଯୋଗ ଦେବା କି ନାହିଁ । ଲର୍ଡ ବ୍ରେବୋର୍ଣ୍ଣ ଯିବା ପାଇଁ ଆମକୁ କହୁଥାନ୍ତି କିନ୍ତୁ ଆମେ ତିଆରି କରିଥିବା ନିୟମାନୁସାରେ ଯିବାକୁ ଇଚ୍ଛା କରୁନଥିଲୁ । ସେ ରାସ୍ତା ଖୋଜି ବାହାର କରି ଶ୍ରୀ ଖେରଙ୍କୁ କହିଲେ ପୂନା ଷ୍ଟେସନରେ ନୂଆ ଗଭର୍ଣ୍ଣର ଆସି ପହଞ୍ଚିଲେ ଆମେ ଗୋଟାଏ ଘରୋଇ ବାଟରେ ଯାଇ ନୂଆ ଗଭର୍ଣ୍ଣରଙ୍କୁ ପ୍ଲାଟ୍‌ଫର୍ମରେ ଦେଖାକରି ସମ୍ବର୍ଦ୍ଧନା ଉତ୍ସବ ଆରମ୍ଭ ପୂର୍ବରୁ ବାହାରି ଆସିବା । ସର୍ଦ୍ଦାର ସାହେବଙ୍କ ସହିତ ଆଲୋଚନା କରି ଶ୍ରୀ ଖେର ଏ ପ୍ରସ୍ତାବ ଗ୍ରହଣ କଲେ । ଆମେ ଘରୋଇ ଭାବରେ ଷ୍ଟେସନ ଗଲୁ, ନୂଆ ଗଭର୍ଣ୍ଣରଙ୍କ ସହିତ ଆମକୁ ପରିଚିତ କରାଗଲା । କରମର୍ଦ୍ଦନ କଲୁ ଏବଂ ଷ୍ଟେସନ ଛାଡି ଚାଲି ଆସିଲୁ ।

ଲର୍ଡ ବ୍ରେବୋର୍ଣ୍ଣ ଜାଣିଥିଲେ ଯେ ଆମେ ଅଭଦ୍ରାମି କରିବାକୁ ଇଚ୍ଛା କରୁନଥିଲୁ କିନ୍ତୁ ଜାକଜମକ ସମ୍ବର୍ଦ୍ଧନାରେ ଯୋଗ ଦେବାକୁ ଆମର ଇଚ୍ଛା ନ ଥିଲା । ସେ କର୍ମପ୍ରବଣ ହୋଇଥିବାରୁ ଆମକୁ ଏକ ଅସୁବିଧା ପରିସ୍ଥିତିରୁ ଉଦ୍ଧାର କରିଥିଲେ ।

କଂଗ୍ରେସ କାର୍ଯ୍ୟକାରୀ କମିଟି ଦ୍ୱାରା ନିଯୁକ୍ତ, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅଧ୍ୟକ୍ଷତାରେ ଗଠିତ ପାର୍ଲିଆମେଣ୍ଟାରୀ ବୋର୍ଡ ବିଭିନ୍ନ ରାଜ୍ୟରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ସହିତ ସମ୍ପର୍କ ରଖି ସେମାନଙ୍କୁ ନୀତି ଓ କର୍ମ ପ୍ରଣାଳୀ ବିଷୟରେ ପରାମର୍ଶ ଦେଉଥିଲେ । କିନ୍ତୁ ସର୍ଦ୍ଦାର ସାହେବ ମନ୍ତ୍ରୀମାନଙ୍କର ଦୈନନ୍ଦିନ କାମରେ ହସ୍ତକ୍ଷେପ କରୁନଥିଲେ । ସେ ବିଭିନ୍ନ ସମୟରେ ବହୁତ ସାହାଯ୍ୟ କରୁଥିଲେ ଏବଂ ମନ୍ତ୍ରୀ ପରିଷଦର ସମ୍ମାନ ବଢ଼ାଇବାରେ ସହାୟକ ହେଉଥିଲେ ।

ଆଗରୁ ଉଲ୍ଲେଖ କରିଛି ଯେ ବମ୍ବେ ପ୍ରଦେଶରେ ଚାରିଟି ପ୍ରଦେଶ କଂଗ୍ରେସ କମିଟି ଥିଲା । ମୁଖ୍ୟ ମନ୍ତ୍ରୀ ଚାରି ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ସହିତ ପରସ୍ପର ସହଯୋଗ ମାଧ୍ୟମରେ ନିକଟ ଓ ମଧୁର ସମ୍ପର୍କ ରଖିଥିଲେ ।

ବିଧାନସଭାରେ ବିପକ୍ଷ ଦଳମାନେ ହେଲେ ମୁସ୍ଲିମ ଲିଗ୍, କେତେଜଣ ୟୁରୋପିୟାନ ସଭ୍ୟ, ଡା. ଆମ୍ବେଦକାରଙ୍କ ଦଳ, କେତେ ଜଣ ସ୍ୱାଧୀନ ସଭ୍ୟ । ସ୍ୱାଧୀନ ସଭ୍ୟମାନେ ଶ୍ରୀ ଯମ୍ନାଦାସ ମେହେଟ୍ଟାଙ୍କ ନେତୃତ୍ୱରେ କାମ କରୁଥିଲେ । ଶ୍ରୀ ମେହେଟ୍ଟା ଆଗେ କଂଗ୍ରେସ ଲୋକ ଥିଲେ ଏବଂ କଂଗ୍ରେସ ସଭ୍ୟ ହିସାବରେ କେନ୍ଦ୍ର ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ପରେ କଂଗ୍ରେସ ତ୍ୟାଗ କରି ନିର୍ବାଚନ ପରେ ପରେ ବମ୍ବେ ପ୍ରଦେଶରେ ମଧ୍ୟବର୍ତ୍ତୀକାଳୀନ ମନ୍ତ୍ରୀମଣ୍ଡଳ ଗଢ଼ିଥିଲେ ।

କଂଗ୍ରେସ ମନ୍ତ୍ରୀମଣ୍ଡଳ କାର୍ଯ୍ୟ ଆରମ୍ଭ କଲାବେଳେ ବିଜାପୁର ଓ ପଞ୍ଚମହଲ ଜିଲାରେ ଅଭାବ ଦେଖା ଦେଇଥିଲା ଓ ସେ ଦୁଇଟି ଜିଲାକୁ ଅଭାବୀ ବା ନିଅଣ୍ଟିଆ ଅଞ୍ଚଳ ଘୋଷଣା କରାଯାଇଥିଲା । ଏହି ଜିଲାମାନଙ୍କରେ ପ୍ରତି ତୃତୀୟ ବା ଚତୁର୍ଥ ବର୍ଷରେ ଏହି ପରିସ୍ଥିତି ପଡିଥାଏ । ମଧ୍ୟବର୍ତ୍ତୀକାଳୀନ ମନ୍ତ୍ରୀମଣ୍ଡଳରେ ଶ୍ରୀ ଜମନାଦାସ ମେହେଟ୍ଟା ରେଭିନ୍ୟୁ ମନ୍ତ୍ରୀ ଥିଲେ । ସେ ଦୁଇ ସ୍ଥାନ ଗସ୍ତରେ ଯାଇ ଦେଖିଲେ ଯେ ମୂଲିଆମାନେ ଦିନକୁ ପାଞ୍ଚ ଛ' ପଇସା ମଜୁରି ପାଉଛନ୍ତି । ସେ ମଜୁରି ବଢ଼ାଇବାକୁ ଚେଷ୍ଟା କରିଥିଲେ କିନ୍ତୁ ରେଭିନ୍ୟୁ ସେକ୍ରେଟେରୀ ଦୁର୍ଭିକ୍ଷ ନିୟମାବଳୀ ଉଲ୍ଲେଖ କରି କହିଲେ ଯେ ଏଇ ନିୟମାବଳୀରେ ମଜୁରି ବଢ଼ାଇବା ପାଇଁ ବ୍ୟବସ୍ଥା ନାହିଁ । ଶ୍ରୀ ମେହେଟ୍ଟା ମଜୁରି ବଢ଼ାଇବାକୁ ଆଉ ବାଟ ପାଇଲେ ନାହିଁ । ଦାୟିତ୍ୱ ନେବା ପରେ ପରେ ମୁଁ ଯେତେବେଳେ

Digitized by srujanika@gmail.com

ସେଇ ଜିଲ୍ଲା ଗୁଡ଼ିକୁ ଗସ୍ତରେ ଗଲି ମୁଁ ମଧ ମୂଲିଆ ମାନଙ୍କ ଅବସ୍ଥା ଦେଖି ଆଶ୍ଚର୍ଯ୍ୟ ହୋଇଗଲି । ଶ୍ରୀ ମେହେଟ୍ଟାଙ୍କୁ ଯାହା କୁହାଯାଇଥିଲା ମୋତେ ସ୍ଥାନୀୟ ଅଫିସରମାନେ ସେଇ ଉତ୍ତର ଦେଇଥିଲେ । ମୁଁ ସେଠାରେ କିଛି ଆଲୋଚନା କରି ନଥିଲି କିନ୍ତୁ ବମ୍ବେ ଫେରି ମୁଁ ରେଭିନ୍ୟୁ ସେକ୍ରେଟେରୀଙ୍କ ସହିତ ଆଲୋଚନା କଲି ଏବଂ ସେ ଶ୍ରୀ ଜମନାଦାସ ମେହେଟ୍ଟାଙ୍କୁ କହିଥିବା କଥା ଦୋହରାଇଲେ ।

ମୁଁ ବାରବର୍ଷ ଡେପୁଟୀ କଲେକ୍ଟର ଭାବେ ଏହି କାମ କରିଥିବାରୁ ସମସ୍ୟାର ଜଟିଳତା ମୋତେ ଜଣାଥିଲା । ମୁଁ ସେକ୍ରେଟେରୀଙ୍କୁ ପରିବର୍ତ୍ତନ ଆଣିବା ପାଇଁ କହିଲି ଓ ସେଇ ସମ୍ବନ୍ଧରେ କିଛି ପ୍ରଶ୍ନ ପଚାରିଲି । ଦୁର୍ଭିକ୍ଷ ନିୟମ କିଏ ତିଆରି କରିଥିଲା -- ବିଧାନ ସଭାରେ ଆଇନ ହିସାବରେ ଅନୁମୋଦିତ ହୋଇଥିଲା ନା ଏହା ଏକ ପ୍ରଶାସନିକ ନିୟମ । କେଉଁ କର୍ତ୍ତୃପକ୍ଷ ଏଇ ନିୟମକୁ ବଦଳାଇ ପାରିବେ । ସେ ଯେତେବେଳେ କହିଲେ ଯେ ସରକାର ଏହାକୁ ବଦଳାଇ ପାରିବେ ମୁଁ ପଚାରିଲି ସରକାରମାନେ ନିର୍ଦ୍ଦିଷ୍ଟ ଭାବରେ କିଏ ? ସେ କହିଲେ ରେଭିନ୍ୟୁ ମିନିଷ୍ଟର । ମୁଁ ତାଙ୍କୁ କହିଲି ବର୍ତ୍ତମାନ ନିୟମକୁ ରଦ୍ଦ କରି ଆଉ ଗୋଟିଏ ନୂଆ ନିୟମ ତିଆରି କର ଯାହା ଫଳରେ ମଜୁରି ବଦଳାଇ ଯାଇପାରିବ । ରେଭିନ୍ୟୁ ସେକ୍ରେଟେରୀ ମୋ କଥାର ମର୍ମ ବୁଝି ପାରି କହିଲେ ଯେ ନୂଆ ନିୟମର ଆବଶ୍ୟକ ପଡିବ ନାହିଁ । ବର୍ତ୍ତମାନ ନିୟମାନୁସାରେ ପରିବର୍ତ୍ତନ ଆଣି ହେବ ବୋଲି ସେ ପୁନର୍ବିଚାର କରି ସ୍ଥିର କରିଛନ୍ତି । ମୁଁ କହିଲି ଏଇ କଥା ସେ ମୋତେ ଆଗରୁ କହିପାରିଥାନ୍ତେ । କିନ୍ତୁ ତାଙ୍କୁ ଅସୁବିଧାରେ ନ ପକାଇବାକୁ ମୁଁ କଥାକୁ ନ ବଢ଼ାଇ କହିଲି, ନିୟମ ରଦ୍ଦ କରିବା ଦରକାର ନାହିଁ ଏବଂ ସବୁ କଲେକ୍ଟର ମାନଙ୍କୁ କୌଣସି ମଜୁରିଆ ଦିନକୁ ତିନି ଅଣାରୁ କମ୍ ମଜୁରି ଯେପରି ନ ପାଏ ତା'ର ବନ୍ଦୋବସ୍ତ କରିବାକୁ ଆଦେଶ ଦିଅ । ରେଭିନିୟୁ ସେକ୍ରେଟେରୀ ନିଅଣ୍ଟିଆ ଦୁଇ ଜିଲାରେ ଏ ଆଦେଶ ଜାରି କଲେ । କୌଣସି ଲୋକ ଅଧିକ କାମ କଲେ ଓଭର ଟାଇମ୍ ମଜୁରି ପାଇବେ । ସେ ସମୟରେ ସାଧାରଣ ମୂଲିଆ ଦିନକୁ ତିନି ଚାରି ଅଣାରୁ ବେଶୀ ମଜୁରି ପାଉନଥିଲେ ତେଣୁ ନିଅଣ୍ଟ ଅଞ୍ଚଳରେ ଦୈନିକ ତିନିଅଣା ମଜୁରି ଠିକ୍ ହେବ ବୋଲି ବିଚାର କରାଯାଇଥିଲା ।

ମନ୍ତ୍ରୀ ହିସାବରେ ମୁଁ ପ୍ରଥମ ଛ' ମାସ ଟ୍ରେନରେ ତୃତୀୟ ଶ୍ରେଣୀରେ ଯାତ୍ରା କରୁଥିଲି । ଏହାଦ୍ୱାରା ସାଧାରଣ ଲୋକମାନେ କ'ଣ କଥାବାର୍ତ୍ତା ହେଉଥିଲେ ମୁଁ ଜାଣି ପାରୁଥିଲି; ଲୋକମାନଙ୍କର ମନ୍ତ୍ରୀମାନଙ୍କ ଉପରେ ବିଶ୍ୱାସ ବଢ଼ିଲା । ମୋ ସହିତ କମିଶନର ଯାତ୍ରା କଲାବେଳେ ସେ ଗତାନୁଗତିକ ଭାବେ ପ୍ରଥମ ଶ୍ରେଣୀରେ ଯାଉଥିଲେ, କିନ୍ତୁ ମୁଁ ତୃତୀୟ ଶ୍ରେଣୀରେ । ଷ୍ଟେସନରେ ପହଞ୍ଚିବା ମାତ୍ରେ ସେ ଆସି ମୋ କବାଟ ଖୋଲିଦେବେ । ସେ କିନ୍ତୁ ତୃତୀୟ ଶ୍ରେଣୀ ଯିବାକୁ ଠିକ୍ ବୋଲି ଭାବୁନଥିଲେ ମୁଁ ବି ତାଙ୍କୁ ତୃତୀୟ ଶ୍ରେଣୀରେ ଯାତ୍ରା କରିବାକୁ କହୁ ନଥିଲି ।

ମୁଁ ଦେଖିଲି ଯେ ବହୁତ ଲୋକ ମୋ ଡବାକୁ ଆସି ଭାରୀ ଭିଡ କଲେ । ଯେହେତୁ ଭିଡ ନ କରିବା ପାଇଁ ତାଙ୍କୁ କହିବା ମୋ ପକ୍ଷରେ କଷ୍ଟସାଧ ଥିଲା ଓ ତା' ସଙ୍ଗେ ସଙ୍ଗେ ସରକାରୀ କାଗଜପତ୍ର ହଜିବାର ଆଶଙ୍କା ଥିଲା ମୁଁ ଦ୍ୱିତୀୟ ଶ୍ରେଣୀରେ ଯାତ୍ରା କରିବା ପାଇଁ ସ୍ଥିର କଲି । ଏ ମନ୍ତ୍ରୀମଣ୍ଡଳ କାମ କରୁଥିବା ଯାଏ ମୁଁ ଦ୍ୱିତୀୟ ଶ୍ରେଣୀରେ ଯାତ୍ରା କରୁଥିଲି ।

୧୯୩୭ ଶେଷ ଓ ୧୯୩୮ ଆରମ୍ଭରେ କମ୍ ବର୍ଷା ଯୋଗୁଁ ଗୁଜରାଟରେ କେତେକ ଅଞ୍ଚଳରେ ଘାସର ଅଭାବ ଦେଖାଗଲା । ଥାନା ଜିଲାର ପାଲାଘର ଅଞ୍ଚଳରେ ବହୁତ ଘାସ ଉତ୍ପାଦନ ହେଉଥିଲା । ବମ୍ବେ ପ୍ରଦେଶର ଏଇ ଅଞ୍ଚଳ, ନିଅଣ୍ଟିଆ ସମୟରେ ସାହାଯ୍ୟରେ ଆସୁଥିଲା, ବମ୍ବେ ସହରକୁ ଏଠାରୁ ଘାସ ଯାଉଥିଲା । ସୌରାଷ୍ଟ୍ରରେ ମଧ ଘାସ ଅଭାବ ଦେଖା ଦେଇଥିଲା । ଭାଇସ୍‌ରାୟଙ୍କ ଏଜେଣ୍ଟ୍ ହିସାବରେ ରାଜକୋଟରେ

Digitized by srujanika@gmail.com

ଜଣେ ପଲିଟିକାଲ ରେସିଡେଣ୍ଟ ରହୁଥିଲେ । ସେ ପାଲାଘରରୁ ଅଧିକାଂଶ ଘାସ ଟ୍ରେନ ଦ୍ୱାରା ରାଜକୋଟ ନେଇଯାଉଥିଲେ । ଫଳରେ ଘାସର ଦାମ୍ ବଢ଼ିଗଲା ଓ ପାଲାଘରରୁ ଘାସ ନିଅଣ୍ଟିଆ ଅଞ୍ଚଳରେ ମିଳିବା କଷ୍ଟକର ହେଲା ।

ସେପରି କୌଣସି ଆଇନ ନଥିବାରୁ ବମ୍ବେ ସରକାର ପ୍ରଦେଶରୁ ବାହାରକୁ ଘାସ ଚାଲାଣ ବନ୍ଦ କରି ପାରୁନଥିଲେ । କେହି ଅଫିସର କୌଣସି ରାସ୍ତା ପାଉନଥିଲେ । ମୁଁ, ଯଦିଓ ସମ୍ପୂର୍ଣ୍ଣ ରୂପେ ଆଇନ ଅନୁମୋଦିତ ନୁହେଁ, ଗୋଟିଏ ବାଟ ବାହାର କଲି ଯଦ୍ୱାରା ସୌରାଷ୍ଟ୍ରକୁ ଘାସ ଯିବା ବନ୍ଦ ହୋଇଗଲା ଓ ବମ୍ବେରେ ନିଅଣ୍ଟିଆ ଅଞ୍ଚଳରେ ଘାସ ମିଳିଲା ।

ମୁଁ ଦେଖିଲି ଯେ ଅବସ୍ଥା ଅସହନୀୟ । ବମ୍ବେରୁ ଘାସ ବାହାରକୁ ଯିବ ଅଥଚ ବମ୍ବେରେ ଗୋରୁ ଗାଈ ଘାସ ନ ପାଇ ମରିବେ! ମୁଁ ଦେଖିଲି ଯେ ପ୍ରାଦେଶିକ ସରକାର ନିଜ ସୀମାରୁ ବାହାରକୁ ଯାଉଥିବା ରେଲ ୱାଗନ ପ୍ରାଦେଶିକ ସୀମା ମଧ୍ୟସ୍ଥ ଷ୍ଟେସନରେ ବନ୍ଦ କରି ପାରିବେ । ମୁଁ ଏଇ କ୍ଷମତା ପ୍ରୟୋଗ କରି ଅହମଦାବାଦ କଲେକ୍ଟରଙ୍କୁ ତାର ଯୋଗେ ନିର୍ଦ୍ଦେଶ ଦେଲି ଯେ ସୌରାଷ୍ଟ୍ରକୁ ଯାଉଥିବା ଘାସ ଗାଡି ଅହମଦାବାଦ ଷ୍ଟେସନରେ ବନ୍ଦ କରି ଘାସ ସବୁ ନେଇ ନିଅଣ୍ଟିଆ ଅଞ୍ଚଳରେ ଗୋରୁ, ମଇଁଷିଙ୍କ ପାଇଁ ଯୋଗାଇ ଦିଆଯାଉ । ମୁଁ ଏ ଆଦେଶ ରେଭିନ୍ୟୁ ସେକ୍ରେଟେରୀଙ୍କ ଜରୀଆରେ ନଦେଇ ସିଧା କଲେକ୍ଟରଙ୍କୁ ଦେଲି । ରେଭିନ୍ୟୁ ସେକ୍ରେଟେରୀଙ୍କୁ ଜଣାଇଲି ବି ନାହିଁ କାରଣ ମୁଁ ଜାଣେ ସେ ଆଇନଗତ ପ୍ରତିବାଦ କରିଥାନ୍ତେ ।

ଅହମଦାବାଦ କଲେକ୍ଟର ମୋ ଆଦେଶାନୁସାରେ ସାଙ୍ଗେ ସାଙ୍ଗେ କାମ କଲେ । ଅନେକ ୱାଗନ ଘାସ ନେଇ ବାଣ୍ଟିଲେ । ସୌରାଷ୍ଟ୍ରର ପଲିଟିକାଲ ରେସିଡେଣ୍ଟ ଏ ଖବର ପାଇ ବମ୍ବେ ପ୍ରଦେଶ ମୁଖ୍ୟ ଶାସନ ସଚୀବଙ୍କୁ ବମ୍ବେ ସରକାର ନେଇଥିବା ପଦକ୍ଷେପ ବେଆଇନ, ତେଣୁ ପ୍ରତ୍ୟାହାର କରିବା ପାଇଁ ଦାବି କରି ପ୍ରତିବାଦ କଲେ ।

ମୁଖ୍ୟ ଶାସନ ସଚିବ ଆସି ମୋତେ କହିଲେ ଯେ ମୋ ଆଦେଶ ବେଆଇନ ଏବଂ ରେସିଡେଣ୍ଟଙ୍କ ପ୍ରତିବାଦ ନ୍ୟାଯ୍ୟ ଅଟେ । ମୁଁ କହିଲି ଯେ ମୁଁ ଜାଣେ ସେ ଆଦେଶ ଆଇନ ସମ୍ମତ ନୁହେଁ କିନ୍ତୁ ପ୍ରଦେଶର ସ୍ୱାର୍ଥ ଦୃଷ୍ଟିରୁ ଏପରି ଆଦେଶ ଦେଇଥିଲି । ମୁଖ୍ୟ ଶାସନ ସଚିବ କାବା ହୋଇଗଲେ ଓ ରେସିଡେଣ୍ଟଙ୍କୁ କ'ଣ ଉତ୍ତର ଦେବେ ବୋଲି ପଚାରିଲେ । ମୁଁ ତାଙ୍କୁ କହିଲି ରେସିଡେଣ୍ଟଙ୍କର ଜଣେ ପ୍ରତିନିଧିଙ୍କୁ ବମ୍ବେ ଡକାନ୍ତୁ ଆମେ ସମସ୍ୟାର ଆଲୋଚନା କରିବା । ମିଟିଂରେ ଚିଫ୍ ସେକ୍ରେଟେରୀ ଓ ରେଭିନ୍ୟୁ ସେକ୍ରେଟେରୀ ଉପସ୍ଥିତ ଥିଲେ । ରେସିଡେଣ୍ଟଙ୍କ ସେକ୍ରେଟେରୀ କହିଲେ ଯେ ମୁଁ ବେଆଇନ ଭାବେ ଘାସ ରାସ୍ତାରେ ବନ୍ଦ କରି ନେଇଯାଇଛି ଏବଂ ତେଣୁ ମୋତେ କ୍ଷତିପୂରଣ ଦେବାକୁ ହେବ। ମୁଁ ଜବାବ ଦେଲି ଯେ ସେ ବମ୍ବେ ସରକାରଙ୍କ ବିରୁଦ୍ଧରେ ଆଇନ ଅଦାଲତରେ ମୋକଦ୍ଦମା କରିପାରନ୍ତି । ମୋକଦ୍ଦମାର ନିଷ୍ପତ୍ତି ହେବା ପାଇଁ ଦୁଇ ତିନିବର୍ଷ ଲାଗିବ । ଇତି ମଧ୍ୟରେ ମୁଁ ଘାସତକ ବ୍ୟବହାର କରିଥିବି । କୋର୍ଟ ଯାହା କ୍ଷତି ପୂରଣ କହିବେ ତାହା ଦିଆଯିବ । ତେବେ ସେ ଯଦି ଖାଲି ଆଇନ କଥା କୁହନ୍ତି ମୋର କିଛି କହିବାର ନାହିଁ । ମୁଁ ତାଙ୍କୁ କହିଲି, "ମୁଁ ଗୋଟିଏ ରାସ୍ତା ବତାଇବି ଯଦ୍ୱାରା ଦରକାର ଅନୁସାରେ ଆମେ ଉଭୟ ଘାସ ପାଇବୁ ।"

ସେ ମୋ ପ୍ରସ୍ତାବକୁ ମାନିଲେ । "ଆପଣ ରାଜି ହେଲେ," ମୁଁ କହିଲି, "ମିଳୁଥିବା ଘାସ ସବୁ ଆମ ଦରକାର ଅନୁସାରେ ବାଣ୍ଟିନେବା । ଏଇପରି ଆମେ ଦୁଇଜଣ ପାଲାଘର ଘାସ ବ୍ୟବହାର କରିପାରିବା । ଆପଣ, କିନ୍ତୁ ଆମେ ଘାସ ଅଟକାଇ ବ୍ୟବହାର କରିବା ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନ କରିବାକୁ ରାଜି ହେବେ । ଆପଣ ଯଦି ଏହା ସମର୍ଥନ କରନ୍ତି ଓ ଆପଣଙ୍କ ଆଇନଗତ ଅଧିକାର ପ୍ରସଂଗ ତ୍ୟାଗ କରନ୍ତି, ମୁଁ ସାଙ୍ଗେ ସାଙ୍ଗେ ମିଳାମିଶା କରିବାକୁ ରାଜି ହେବି ।"

Digitized by srujanika@gmail.com

ରେସିଡେଣ୍ଟଙ୍କ ସେକ୍ରେଟେରୀ ଦେଖିଲେ ଯେ ଯଦି ବିବାଦ ଲାଗି ରହେ ତେବେ ସେ ଆଦୌ ଘାସ ପାଇବେ ନାହିଁ । ଆଇନଗତ କାର୍ଯ୍ୟାନୁଷ୍ଠାନ କଲେ ତାଙ୍କର ଅସୁବିଧା ଦୂର ହେବ ନାହିଁ । ସେ ତେଣୁ ମୋ ପ୍ରସ୍ତାବ ସହିତ ଏକମତ ହେଲେ । ଆଲୋଚନା ଶୁଣୁଥିବା ଚିଫ୍ ସେକ୍ରେଟାରୀ ଓ ରେଭେନ୍ୟୁ ସେକ୍ରେଟାରୀ ମୋ ମିମାଂସରେ ଆଶ୍ଚର୍ଯ୍ୟ ହେଲେ । ସେମାନଙ୍କର ଚିନ୍ତା ଗଲା । ସେମାନେ ସମସ୍ୟାର ଏପରି ସମାଧାନ ହେବ ବୋଲି ଭାବିପାରି ନଥିଲେ ।

୧୯୩୮ରେ କଂଗ୍ରେସର ବାର୍ଷିକ ଅଧିବେଶନ ବର୍ଦୋଲି ତାଲୁକାର ହରିପୁରାଠାରେ ହେବାର ଥିଲା ଏବଂ ଶ୍ରୀ ସୁବାସ ଚନ୍ଦ୍ର ବୋଷ ଏହାର ସଭାପତି ରୂପେ ନିର୍ବାଚିତ ହୋଇ ଥାଆନ୍ତି । ସୁବାସବାବୁ ଗାନ୍ଧିଜୀଙ୍କର ଅହିଂସା ନୀତିରେ ବିଶ୍ୱାସ କରୁନଥିଲେ ଏବଂ ସାଧାରଣ ପରିସ୍ଥିତିରେ ସେ କଂଗ୍ରେସର ସଭାପତି ନିର୍ବାଚିତ ହୋଇ ନଥାନ୍ତେ । ତେଣୁ ବାପୁଙ୍କୁ ସାକ୍ଷାତ କରି ସେ ଆଶ୍ୱାସନା ଦେଇଥିଲେ ଯେ ସେ ତାଙ୍କ ନୀତି ଅନୁସାରେ କାମ କରିବେ ଏବଂ କଂଗ୍ରେସର ନୀତିନିୟମ ପାଳନ କରିବେ । ତା'ପରେ ବାପୁ ସୁବାସ ବୋଷଙ୍କ ସଭାପତି ପଦ ପାଇଁ ରାଜି ହେଲେ ଓ ସୁବାସବାବୁ ସଭାପତି ହେଲେ ।

ଯେଉଁ ଜମି ଉପରେ କଂଗ୍ରେସ ଅଧିବେଶନ ହେବାର ଥିଲା ତାହା ଜଣଙ୍କର ବ୍ୟକ୍ତିଗତ ସମ୍ପତ୍ତି ଏବଂ ସାଧାରଣତଃ ଚାଷ ପାଇଁ ବ୍ୟବହୃତ ହେଉଥିଲା । ଆଇନ ଅନୁସାରେ କଂଗ୍ରେସ ସରକାରଙ୍କୁ ସେ ଜମି ଉପରେ ଅଧିବେଶନ ଅନୁଷ୍ଠାନ କରିବା ପାଇଁ ଅଣ କୃଷି ଟିକସ ଦେବା କଥା । ସେତେବେଳେ ଅହମଦାବାଦର କମିଶନର ମି: ଗାରେଟ୍ ଜଣେ ସୁଦକ୍ଷ ଏବଂ ସାଧାରଣତଃ ସଚ୍ଚୋଟ ଅଫିସର ଥିଲେ, କିନ୍ତୁ କଂଗ୍ରେସ ପ୍ରତି ତାଙ୍କର ପକ୍ଷପାତ ବିଚାର ଥିଲା । ମୁଁ ଇସ୍ତଫା ଦେବା ସମୟରେ ସେ ଅହମଦାବାଦରେ କମିଶନର ଥିଲେ । ଆମେ ଉଭୟଙ୍କୁ ଜାଣିଥିଲୁ । ମୋର ସନ୍ଦେହ ହେଉଥିଲା ଯେ ସେ ବେଶ୍ ମୋଟା ଅଣ-କୃଷି ଟିକସ ବସାଇବେ । ଏ ବିଷୟ ସ୍ଥିର କରିବାର କ୍ଷମତା ତାଙ୍କର ଥିଲା । କିନ୍ତୁ ସରକାର ତାଙ୍କ କ୍ଷମତା ନିୟନ୍ତ୍ରଣ କରିବା ପାଇଁ ନିର୍ଦ୍ଦେଶ ଦେଇ ପାରିଥାଆନ୍ତେ । ତେଣୁ ମୁଁ ତାଙ୍କୁ ହରିପୁରା ଯାଇ ଦେଖିବାକୁ କହିଲି । ଆମେ ଏକାଠି ଗଲୁ ଓ ସ୍ଥିର କଲୁ ଯେ ଟାକ୍ସ ଠିକ୍ ଭାବରେ ନିର୍ଣ୍ଣୟ କରାଯିବ । ମୁଁ ଯେତେବେଳେ ଟାକ୍ସ ପରିମାଣ ସଂପୃକ୍ତ ଆଇନ ଦେଖାଇଲି ସେ ମାନିଲେ ଯେ ସେଠାରେ କେବଳ ଘାସ ଉତ୍ପାଦନ ହେଉଥିଲା । ନିକଟ ଭବିଷ୍ୟତରେ ଅଣ କୃଷି ବ୍ୟବହାର ପାଇଁ କିଛି ସୁଯୋଗ ବି ନଥିଲା । ତେଣୁ ସେ ରାଜି ହେଲେ ଯେ ଆଇନ ଅନୁସାରେ ଗୋଟିଏ ଚାଷର ଟିକସ ଅଣ କୃଷି ଟିକସ ଭାବେ ଧାର୍ଯ୍ୟ କରାଯିବ । ଆଲୋଚନା ପରେ ସେ ଅହମଦାବାଦ ଓ ମୁଁ ବମ୍ବେ ଫେରିଲୁ ।

ଏହି ସାକ୍ଷାତର କିଛି ଦିନ ଭିତରେ, ଆମ ଆଲୋଚନା ସତ୍ତ୍ୱେ ମି. ଗ୍ୟାରେଟ୍ କୃଷି ଟିକସର ଦୁଇ ତିନି ଗୁଣ ଅଣ-କୃଷି ଟିକସ ରୂପେ ଧାର୍ଯ୍ୟ କଲେ ଓ ମୋ ପାଖକୁ ସେ ଆଦେଶନାମାର ଗୋଟିଏ କପି ପଠାଇଥିଲେ । ମୁଁ କପି ପାଇବା ପରେ ତାଙ୍କୁ ପଚାରିଲି ସେ କାହିଁକି ଏପରି କଲେ । ସେ ଜବାବ ଦେଲେ ଯେ ଆଲୋଚନା ଆଗରୁ ଆଦେଶନାମା ଜାରି ହୋଇ ସାରିଥିଲା । କାଗଜପତ୍ର ଧରି ମୋତେ ଦେଖା କରିବାକୁ ମୁଁ ନିର୍ଦ୍ଦେଶ ଦେଲି । ସେ ଯେତେବେଳେ ମୋତେ ଦେଖା କଲେ, ସେଇ ଆଦେଶନାମା ପୁନରୁଦ୍ଧାର କଲେ । ମୁଁ ତାଙ୍କୁ ଆଦେଶନାମାର ତାରିଖ ଓ ହରିପୁରାଠାରେ ଆଲୋଚନାର ତାରିଖ ଦେଖିବାକୁ କହିଲି । ଏ କଥା ସ୍ପଷ୍ଟ ଯେ ହରିପୁରାଠାରେ ଆଲୋଚନା ଆଗ ହୋଇଥିଲା ଓ ଆଦେଶନାମା ପରେ ଜାରି ହୋଇଥିଲା । ନିଜର ଭୁଲ ଆଦେଶକୁ ଘୋଡାଇବା ପାଇଁ ସେ ମୋତେ ମିଛ କହିଥିଲେ । ମୁଁ ତାଙ୍କୁ କହିଲି ଯେ ସେ ମୋତେ ମିଛ କହିଛନ୍ତି ତେଣୁ ଏହା ପରେ ମୁଁ ତାଙ୍କୁ ବିଶ୍ୱାସ କରିପାରିବି ନାହିଁ ।

ସମସ୍ତ ତଥ୍ୟ ଦେଇ ଏଇ ଘଟଣାର ଗୋଟିଏ ନୋଟ୍ ତିଆରି କଲି । ସେଥିରେ ଲେଖିଲି ଯେ ଯଦି ଏତେ ଉଚ୍ଚପଦସ୍ଥ କର୍ମଚାରୀ ମନ୍ତ୍ରୀଙ୍କୁ ମିଥ୍ୟା କୁହନ୍ତି ତା' ମଧ୍ୟ ଉଦ୍ଦେଶ୍ୟମୂଳକ ଭାବେ, ସେ ବ୍ୟକ୍ତିଙ୍କୁ ଉଚ୍ଚ

Digitized by srujanika@gmail.com

ପଦରେ କାମ କରିବାକୁ ଅନୁମତି ଦିଆଯାଇ ପାରିବ ନାହିଁ ଏବଂ ତାଙ୍କୁ ଚାକିରୀରୁ ଅତି ଶୀଘ୍ର ଅବସର ଦିଆଯିବା ଉଚିତ୍ । ଗଭର୍ଣ୍ଣରଙ୍କ ପାଖକୁ ଏଇ ନୋଟ ପଠାଇବାକୁ ଅନୁରୋଧ କରି ମୁଁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଫାଇଲ ପଠାଇଦେଲି । ବାଲା ସାହେବ ଭାବିଲେ ମୁଁ ଏ ବିଷୟରେ ଅତି କଠୋର ରାସ୍ତା ଅବଲମ୍ବନ କରିଛି । କିନ୍ତୁ ମୁଁ ତାଙ୍କୁ ସ୍ପଷ୍ଟ କରି ଦେଲି ଯେ ଆମେ ଯଦି କୌଣସି ଅଫିସରଙ୍କ ଏପରି ଅପରାଧ ବିରୁଦ୍ଧରେ କଠୋର ପଦକ୍ଷେପ ନ ନେବା, ଏବଂ ତାଙ୍କୁ ଚାକିରୀରୁ ଅବ୍ୟାହତ ନ ଦେବା ତେବେ ଆମେ ସରକାର ଫଳପ୍ରଦ ଭାବରେ ଚଳାଇ ପାରିବା ନାହିଁ । ତାପରେ ବାଲା ସାହେବ ମୋ ସହିତ ଏକମତ ହୋଇ ଗଭର୍ଣ୍ଣରଙ୍କ ପାଖକୁ ମୋ ନୋଟ୍ ପଠାଇଲେ । ଗଭର୍ଣ୍ଣର ତାଙ୍କ ସହିତ ଏ ବିଷୟରେ କଥାବାର୍ତ୍ତା ହେଲାବେଳେ ସେ (ବାଲାସାହେବ) କହିଲେ ଉକ୍ତ ବିଷୟରେ ସେ ମୋ ସହିତ କଥାବର୍ତ୍ତା ହେଲେ ଭଲ ହେବ । କିଛି ଦିନପରେ ଗଭର୍ଣ୍ଣର ମୋ ସହିତ କଥାବାର୍ତ୍ତା ବେଳେ ଏ ନୋଟକୁ ବଦଳାଇବାକୁ କହିଲେ । ମୁଁ ତାଙ୍କ ଯୁକ୍ତିର ଯଥାଯଥ ଜବାବ ଦେଇ କହିଲି ଏପରି ଜଣେ ଅଫିସର ଚାକିରୀରେ ରହିବା ପ୍ରସ୍ତାବ ସହିତ ମୁଁ କେବେହେଲେ ଏକମତ ହେବି ନାହିଁ, ଏବଂ ତାଙ୍କୁ ଅବସର ଦିଆଯାଉ । ଗଭର୍ଣ୍ଣର ତାପରେ ମୋତେ କହିଲେ ସଂପୃକ୍ତ ଅଫିସର ମାସେ ଦି' ମାସ ଭିତରେ 'ସିନ୍ଧ୍'ର ଗଭର୍ଣ୍ଣର ହୋଇଯିବେ ଏବଂ ତା'ପରେ ବୋଧେ ଅବସର ନେବେ । ଯେହେତୁ ଗଭର୍ଣ୍ଣର ଆଲୋଚନା ମାଧ୍ୟମରେ ମାସେ ଦୁଇମାସ ବିଳମ୍ବ କରିପାରନ୍ତି, ମୁଁ ତାଙ୍କ ପ୍ରସ୍ତାବ ସହିତ ରାଜି ହେଲି । ଦୁଇମାସ ପରେ ଗଭର୍ଣ୍ଣର ମୋତେ କହିଲେ ଯେ 'ସିନ୍ଧ୍'ରେ ନିଯୁକ୍ତି ଆଉ ଦୁଇ ତିନି ମାସ ସମୟ ନେଇ ପାରେ । ସେତେବେଳେ ମୁଁ ତାଙ୍କୁ ଦୃଢ଼ତାର ସହିତ କହିଲି ଯେ ଆଉ ଅଧିକ ଅପେକ୍ଷା କରିବା ମୋ ପକ୍ଷରେ ସମ୍ଭବ ନୁହେଁ ଏବଂ ଅଫିସର ଜଣକୁ ଶୀଘ୍ର ଛୁଟିରେ ପଠାଇ ଦିଆଯାଉ । ମୁଁ ମଧ୍ୟ ସାବଧାନ କରାଇ ଦେଲି ଯେ ଏହା ନ ହେଲେ ମୁଁ ଅଚଳ ଅବସ୍ଥା ସୃଷ୍ଟି କରିବି ଏବଂ ଗୋଟିଏ ବିବୃତି ଦେବି । ଯେହେତୁ ଆଇନଗତ ଚୁକ୍ତି ଅନ୍ତର୍ଭୁକ୍ତ କମିଶନରଙ୍କୁ ଉପଯୁକ୍ତ ତଦନ୍ତ ବିନା ଅପରିପକ୍ୱ ଅବସର ଦିଆଯାଇ ପାରିବ ନାହିଁ, ଗଭର୍ଣ୍ଣର ରାଜି ହେଲେ ଯେ ତାଙ୍କୁ ଛୁଟିରେ ପଠାଇ ଦିଆଯିବ ଓ ଛୁଟି ଶେଷରେ ସେ ସିନ୍ଧ୍ ଯିବେ ।

ଆଉ ଜଣେ ୟୁରୋପିୟାନ କର୍ମଚାରୀ ସହିତ ପ୍ରାୟ ଏହିପରି ଅଭିଜ୍ଞତା ଆମର ହୋଇଥିଲା । ସେ ମଧ୍ୟ ଜଣେ ଡିଭିଜନାଲ କମିଶନର ଥିଲେ । ସେ ବାଲା ସାହେବ ଓ ମୋ ସହିତ ଗୁଜରାଟ ଗସ୍ତରେ ଯାଇଥିଲେ । ଏ ଅଫିସରଙ୍କ କଂଗ୍ରେସ ପ୍ରତି ଭୀଷଣ ଘୃଣା ଭାବ ଥିଲା । ଗସ୍ତ ସମୟରେ ତାଙ୍କର ବ୍ୟବହାର ଠିକ୍ ନ ଥିଲା । ଏ ସମ୍ବନ୍ଧରେ ବାଲାସାହେବ ଗଭର୍ଣ୍ଣରଙ୍କୁ ଗୋଟିଏ ନୋଟ ପଠାଇଲେ । ପରେ ଯେତେବେଳେ ବାଲା ସାହେବ ଗଭର୍ଣ୍ଣରଙ୍କ ସହିତ କଥା ବାର୍ତ୍ତା ହେଲେ, ଗଭର୍ଣ୍ଣର ସେଇ ଅଫିସର ନିଜର ଆଚରଣ ସମ୍ବନ୍ଧରେ ଦେଇଥିବା କୈଫୟତର ଭୁଲ ବିବୃତ୍ତି ଉପରେ ଭିତ୍ତି କରି ତାଙ୍କୁ ସମର୍ଥନ କଲେ । ବାଲା ସାହେବ ଗଭର୍ଣ୍ଣରଙ୍କୁ ପଠାଇଥିବା ନୋଟରେ ମୋ ନାମ ଉଲ୍ଲେଖ କରିଥିଲେ । ବାଲା ସାହେବ ଅତ୍ୟନ୍ତ ଭଦ୍ର ତେଣୁ ଝଗଡ଼ା କରିବାକୁ ଇଚ୍ଛା କଲେ ନାହିଁ । ସେ କିଛି ଯୁକ୍ତି କଲେ ନାହିଁ ଏବଂ ପ୍ରସଙ୍ଗ ସେଇଠାରେ ପରିତ୍ୟାଗ କରିବାକୁ ପ୍ରସ୍ତୁତ ଥିଲେ । କିନ୍ତୁ ଗଭର୍ଣ୍ଣର ଯେତେବେଳେ ତାଙ୍କୁ ଏ ସମ୍ବନ୍ଧରେ ମୋ ସହିତ ଆଲୋଚନା କରିବାକୁ କହିଲେ, ବାଲା ସାହେବ ନିଜେ ତାହା କରିପାରିବେ ନାହିଁ ବୋଲି କହି ତାଙ୍କୁ (ଗଭର୍ଣ୍ଣରଙ୍କୁ) ମୋ ସହିତ ସିଧା ଆଲୋଚନା କରିବାକୁ କହିଲେ ।

କିଛିଦିନ ପର୍ଯ୍ୟନ୍ତ ଗଭର୍ଣ୍ଣର ମୋ ସହିତ ଏ ପ୍ରସଙ୍ଗ ଆଲୋଚନା କରିନଥିଲେ । ମୁଁ ମଧ୍ୟ ତାଙ୍କୁ ମନେ ପକାଇ ନଥିଲି । ଶେଷରେ ଦିନେ ମୁଁ ତାଙ୍କ ପାଖକୁ ଯାଇଥିବା ସମୟରେ ମୋ ସହିତ ଏଇ ବିଷୟ ଆଲୋଚନା କରିବାକୁ ପଡ଼ିଥିଲା । ସେ ଅଫିସରଙ୍କ ବିବୃତି ଓ କୈଫୟତ ବିଷୟ ବର୍ଣ୍ଣନା କଲେ । ମୁଁ ତାଙ୍କୁ କହିଲି ବିବୃତି ସଠିକ୍ ନୁହେଁ ଏବଂ କୈଫୟତ ଅମୂଳକ ଅଟେ । ଅଫିସରଙ୍କ ବିରୁଦ୍ଧରେ ମୋ ଦୋଷାରୋପ ଗଭର୍ଣ୍ଣରଙ୍କୁ ଭଲ

Digitized by srujanika@gmail.com

ଲାଗିଲା ନାହିଁ । ସେ କହିଲେ ଅଫିସର ଜଣକ ସେକ୍ରେଟେରୀ ହିସାବରେ ତାଙ୍କୁ କେବେହେଲେ ମିଛ କହିନାହାନ୍ତି ତେଣୁ ତାଙ୍କ ବିବୃତି ଭୁଲ ବୋଲି ସେ ବିଶ୍ୱାସ କରି ପାରିବେ ନାହିଁ । ମୁଁ ସୂଚେଇ ଦେଲି ଯେ ଏଇ ବିବୃତିର ଅର୍ଥ ହେଲା ଯେ ଯାହା ବାଲା ସାହେବ ଓ ମୁଁ କହିଛୁ ତା ସମ୍ପୂର୍ଣ୍ଣ ମିଥ୍ୟା ଏବଂ ସେ କିପରି ଏକଥା କହିପାରିବେ ଯେ ଆମେ ମିଛ କହିଛୁ । ଗଭର୍ଣ୍ଣର ଦେଖିଲେ ଅସୁବିଧା ହୋଇଗଲା । ମୁଁ ତାଙ୍କୁ କହିଲି ମୁଁ କହିନାହିଁ କି ଅଫିସର ଜଣକ ମିଛ କହିଛନ୍ତି । ମୁଁ କେବଳ ଏତିକି କହିଛି ଯେ ଅଫିସର ଆତ୍ମରକ୍ଷା ପାଇଁ ଅମୂଳକ ବିବୃତି ଦେଇଛନ୍ତି । ଏ ପରିସ୍ଥିତିରେ ଆମେ ଭୁଲ ବୋଲି କହିବାର ତାଙ୍କର କୌଣସି କାରଣ ନାହିଁ । ଗଭର୍ଣ୍ଣର ନୀରବରେ ମୋ ଯୁକ୍ତି ଗ୍ରହଣ କଲେ କିନ୍ତୁ ମୋର କଥାବାର୍ତ୍ତାରେ କ୍ଷୁବ୍ଧ ହୋଇଥିଲେ । ସେ ପୁଣି କହିଲେ ଯେ ମୁଁ ସିଭିଲ ସର୍ଭାଣ୍ଟଙ୍କର ବିପକ୍ଷରେ ଥାଏ ଏବଂ ଏକଥା ତାଙ୍କୁ କେତେଜଣ ଅଫିସର କହିଛନ୍ତି । ମୁଁ ତାଙ୍କୁ ଉତ୍ତରରେ କହିଲି, ଆପଣ ଯାହା କହିଲେ ତାହା ଉଭୟ ଅନୁପଯୁକ୍ତ ଓ ଅସତ୍ୟ । ଆପଣ ମୋତେ ଜଣାଇବା ଉଚିତ ଯେ କେଉଁ ଅଫିସରମାନେ ସେମାନଙ୍କ ବିରୁଦ୍ଧରେ ମୋର ପକ୍ଷପାତ ବିଚାର ଅଛି ବୋଲି କହିଛନ୍ତି ଓ ସେଇ ଅଫିସରମାନଙ୍କ ଉପସ୍ଥିତିରେ ଏ ବିଷୟ ମୋ ସହିତ ଆଲୋଚନା କରିବା ଉଚିତ୍ । ଏପରି ଆଲୋଚନା ଦ୍ୱାରା ଆପଣଙ୍କ ହୃଦବୋଧ ହେବ ଯେ ଅଭିଯୋଗ ଭିତ୍ତିହୀନ ଅଟେ । ଏହା ବି ସମ୍ଭବ ହୋଇପାରେ, ଅଭିଯୋଗୀ ଅଫିସର ନିଜର ଆତ୍ମରକ୍ଷା ପାଇଁ ସେପରି କହି ପାରିଥାନ୍ତି । ଆଇ.ସି.ଏସ୍. ଅଫିସର ମାନେ ଆପଣଙ୍କ ପାଖରେ ସିଧା ଅଭିଯାଗ କରି ପାରନ୍ତି ତା ମାନେ ନୁହେଁ କୌଣସି ମନ୍ତ୍ରୀଙ୍କ ବିରୁଦ୍ଧରେ ଅଭିଯୋଗ ଶୁଣିଲେ ଆପଣ ସେ ମନ୍ତ୍ରୀଙ୍କୁ ସେ ସମ୍ବନ୍ଧରେ ଅନ୍ଧାରରେ ରଖିବେ । ଆପଣ ଯଦି ତାହା କରନ୍ତି ତା'ମାନେ ହେବ ଆପଣ ମନ୍ତ୍ରୀମାନଙ୍କୁ ଆପଣଙ୍କ ସହକର୍ମୀ ବୋଲି ବିଚାର କରନ୍ତି ନାହିଁ । ସେପରି ପରିସ୍ଥିତିରେ ଜଣେ ମନ୍ତ୍ରୀ ଆପଣଙ୍କୁ ଉପଯୁକ୍ତ ପରାମର୍ଶ ଦେଇପାରିବ ନାହିଁ । ଯଦି କୌଣସି ଅଫିସର କୌଣସି ମନ୍ତ୍ରୀଙ୍କ ବିରୁଦ୍ଧରେ ଅଭିଯୋଗ କରନ୍ତି ଆପଣ ଯଥା ଶୀଘ୍ର ମନ୍ତ୍ରୀଙ୍କୁ ଅଭିଯୋଗ ଜଣାଇବେ ତେଣୁ ମନ୍ତ୍ରୀ ଆପଣଙ୍କୁ ଠିକ୍ ତଥ୍ୟ ଯୋଗାଇ ଦେବେ । ମୋ ମତରେ ଆପଣଙ୍କ ଭାବନା ନା ଉପଯୁକ୍ତ ନା ନିରପକ୍ଷ । ଗଭର୍ଣ୍ଣର ଅନୁଭବ କଲେ ଯେ ସେ ଅଭିଯୋଗ ପ୍ରମାଣ କରିପାରିବେ ନାହିଁ ସୁତରାଂ ବୁଦ୍ଧିମାନର ପରିଚୟ ହେବ ଯଦି ସେ ଏ ପ୍ରସଂଗ ଏଇଠି ବନ୍ଦ କରନ୍ତି । ସେ ଏ ପରିସ୍ଥିତି ସହ ଏକମତ ହେଲେ ଯେ କୌଣସି ଅଫିସର ସିଧା ଅଭିଯୋଗ କଲେ ସେ ସଂପୃକ୍ତ ମନ୍ତ୍ରୀଙ୍କୁ ଅତି ଶୀଘ୍ର ଜଣାଇବେ । ଅଫିସରଙ୍କ ଭୁଲ ଥିଲେ ତାଙ୍କ ନାମରେ କାର୍ଯ୍ୟାନୁଷ୍ଠାନ କରାଯିବ ବା ମନ୍ତ୍ରୀ ଭୁଲ କରିଥିଲେ ତାଙ୍କୁ ସଂଶୋଧନ କରିବାକୁ ପଡିବ । ଗଭର୍ଣ୍ଣରଙ୍କ ସହିତ ଏପରି ଖୋଲା ଆଲୋଚନା ଦ୍ୱାରା ବିରୋଧୀ ଭାବାପନ୍ନ ଅଫିସରମାନେ ଜାଣିଲେ ଯେ ନିଜ ସ୍ୱାର୍ଥ ଦୃଷ୍ଟିରୁ ସେମାନେ ଉପଯୁକ୍ତ ବ୍ୟବହାର ଏବଂ କାମ କରିବା ଉଚିତ୍ ।

Digitized by srujanika@gmail.com

(୧୯) ବାଜ୍ୟାପ୍ତ ହୋଇଥିବା ଜମିର ସମସ୍ୟା

ସତ୍ୟାଗ୍ରହ ଆନ୍ଦୋଳନ ବେଳେ ବାଜ୍ୟାପ୍ତ ହୋଇଥିବା ଜମି ଫେରାଇ ଦେବା ପ୍ରସଙ୍ଗ ଲର୍ଡ ବ୍ରେବୋର୍ଣ୍ଣଙ୍କ ସହିତ ଆଲୋଚନା କଥା ଆଗରୁ ଉଲ୍ଲେଖ କରିଛି । କିଛି ମାସ ବିଚାର ବିମର୍ଶ ପରେ ଆମେ ଜାଣି ପାରିଲୁ ଯେ କମିଶନର ମାନେ ଏଥିରେ ଆମ ସହିତ ସହଯୋଗ କରିଲେ ନାହିଁ ଏବଂ ଜମି କିଣିଥିବା ବ୍ୟକ୍ତିଙ୍କୁ ମିଳାମିଶା ନ କରିବା ପାଇଁ ପ୍ରବର୍ତ୍ତାଉଥିଲେ ।

ନୂଆ ଗଭର୍ଣ୍ଣର ସାର ରୋଗର ଲ୍ୟୁମ୍‌ଲେ ଏ ବିଷୟରେ ସହାନୁଭୂତି ଦେଖାଉ ନଥିଲେ । ସେଥିପାଇଁ କମିଶନରମାନେ ସାହାଯ୍ୟ ନ କରିବାକୁ ଉତ୍ସାହିତ ହୋଇଥିଲେ । ଏ ସମସ୍ତ ସମସ୍ୟାର ସମ୍ମୁଖୀନ ହୋଇ ଆମେମାନେ ବିଚାର କଲୁ ଯେ ଗୋଟିଏ ଆଇନ ପ୍ରଣୟନ କରି ଜମିତକ ଫେରାଇ ଦେବୁ । ଆମେ ଆଇନର ଚିଠା ତିଆରି କରି ଗଭର୍ଣ୍ଣରଙ୍କୁ ଦେଲୁ । ୧୯୩୫ ଆକ୍ଟ ଅନୁସାରେ ଗଭର୍ଣ୍ଣର ଅନୁମୋଦନ କରିବା ପୂର୍ବରୁ ଭାଇସ ରାୟଙ୍କ ଅନୁମୋଦନ ଏବଂ ଭାଇସରାୟ, ଲଣ୍ଡନରେ ଥିବା ସେକ୍ରେଟେରୀ ଅପ୍ ଷ୍ଟେଟ୍‌ସ ଫର ଇଣ୍ଡିଆଙ୍କର ଅନୁମୋଦନ ନେବା ପ୍ରୟୋଜନ । ଆମେ ବିଧାନ ସଭାରେ ଆଇନ ପାସ କରିବା ପରେ ଯଦି ଗଭର୍ଣ୍ଣର ସମ୍ମତି ନ ଦିଅନ୍ତି ତେବେ ବହୁତ ଅସୁବିଧା ପରିସ୍ଥିତିରେ ପଡିଥାନ୍ତୁ । ଫଳରେ ଆମେ ମନ୍ତ୍ରୀମଣ୍ଡଳ କାର୍ଯ୍ୟ କରି ପାରି ନ ଥାଆନ୍ତା । ତେଣୁ ଆମେ ପ୍ରଥମରୁ ଗଭର୍ଣ୍ଣରଙ୍କୁ କହିଲୁ ଯେ ସେ ଭାଇସରାୟଙ୍କ ଠାରୁ ବୁଝିବେ ଯେ ସେ ଏ ଆଇନରେ ସମ୍ମତି ପ୍ରଦାନ କରିବେ କି ନାହିଁ । ଆମେ ପରିଷ୍କାର ଭାବେ କହିଲୁ ଯେ ଯଦି ସେ ସମ୍ମତି ନ ଦିଅନ୍ତି ଆମେ ମନ୍ତ୍ରୀ ପଦରେ ରହିବୁ ନାହିଁ । ଗଭର୍ଣ୍ଣରଙ୍କ ଯେତେବେଳେ ହୃଦବୋଧ ହେଲା ଯେ ଆମେ ଏ ବିଷୟରେ କିଛି ବୁଝାମଣା କରିବୁ ନାହିଁ, ସେ ଭାଇସରାୟଙ୍କୁ ଜଣାଇଲେ ।

ଲର୍ଡ ବ୍ରେବୋର୍ଣ୍ଣ ସେତେବେଳେ ଭାଇସରାୟଙ୍କ ସ୍ଥାନରେ କାର୍ଯ୍ୟ କରୁଥାନ୍ତି ଏବଂ ଗ୍ରୀଷ୍ମଋତୁ ସକାଶେ ସିମ୍‌ଲାରେ ରହୁଥାଆନ୍ତି । ମୁଁ କୃଷି ଓ ବିଜ୍ଞାନ ଗବେଷଣା ସମିତିର ସଭ୍ୟ ଥିଲି ଏବଂ ଏଇ ସମତିର ଏକ ଅଧିବେଶନ ସେତିକିବେଳେ ସିମ୍‌ଲାରେ ହେବାର ଥିଲା । ମୋତେ ସିମ୍‌ଲାରେ ଏଇ ଅଧିବେଶନରେ ଯୋଗ ଦେବାର ଥିଲା । ମୁଁ ସ୍ଥିର କଲି ଏଇ ସୁଯୋଗରେ ନୂଆ ଆଇନ ବିଷୟରେ ଭାଇସ୍‌ରାୟଙ୍କ ସହିତ ଆଲୋଚନା କରିବି ।

ଆମ ଆଚରଣ ବିଧି ପାଇଁ ଆମେ ତିଆରି କରିଥିବା ନିୟମାନୁସାରେ କେହି କଂଗ୍ରେସ ମନ୍ତ୍ରୀ ଭାଇସ୍‌ରାୟଙ୍କ ବିନା ନିମନ୍ତ୍ରଣରେ ତାଙ୍କ ସହିତ ଦେଖା କରିବେ ନାହିଁ । ଗଭର୍ଣ୍ଣର ଓ ଭାଇସ୍‌ରାୟ ଏ ନିୟମ ଜାଣିଥିଲେ । ତେଣୁ କୌଣସି ମନ୍ତ୍ରୀ ଦିଲ୍ଲୀ ବା ସିମ୍‌ଲା ଗଲେ ଗଭର୍ଣ୍ଣର ଭାଇସ୍‌ରାୟଙ୍କୁ ଜଣାଉଥିଲେ । ମୁଁ ଯେତେବେଳେ ସିମ୍‌ଲା ଗଲି ଭାଇସ୍‌ରାୟ ପରଦିନ ସନ୍ଧ୍ୟା ସାଢ଼େ ଛଅଟାରେ ତାଙ୍କୁ ଦେଖା କରିବାକୁ ନିମନ୍ତ୍ରଣ କଲେ ।

ସେ ସମୟରେ ଭାଇସ୍‌ରାୟଙ୍କ ବଙ୍ଗଳା ବା କମ୍ପାଉଣ୍ଡ ଭିତରକୁ କୌଣସି ଅଜଣା ଲୋକଙ୍କୁ ଯିବାକୁ ଅନୁମତି ଦିଆଯାଉ ନଥିଲା, ବିଶେଷ କରି ମୋ ପରି ଖଦୀ ଧୋତି କୁର୍ତ୍ତା ଓ ଧଳା ଟୋପୀ ପିନ୍ଧିଥିବା ବ୍ୟକ୍ତିମାନଙ୍କୁ । ଭାଇସ୍‌ରାୟ ଆଗରୁ ନିର୍ଦ୍ଦେଶ ଦେଇଥିଲେ, ଖଦି କୁର୍ତ୍ତା ଟୋପୀ ପିନ୍ଧା ବ୍ୟକ୍ତି ତାଙ୍କୁ ଦେଖା କରିବାକୁ ଆସିଲେ ମନା କରିବେ ନାହିଁ ।

ମୁଁ ଭାଇସ୍‌ରାୟଙ୍କ ବଙ୍ଗଳାରେ ପହଞ୍ଚିବା ମାତ୍ରେ ଗେଟ୍‌ରେ କର୍ତ୍ତବ୍ୟରତ ବ୍ୟକ୍ତି ମୋତେ ପାସ୍ ମାଗିଲେ । ମୁଁ କହିଲି ମୋ ପାଖରେ ପାସ ନାହିଁ ତେଣୁ ମୁଁ ଫେରିଯିବି । ସେ ସାଙ୍ଗେ ସାଙ୍ଗେ ମୋତେ ଜାଣିପାରି କହିଲେ

Digitized by srujanika@gmail.com

ପାସ୍ ଦରକାର ନାହିଁ ଏବଂ ସିଧା ବଙ୍ଗଳା ଭିତରକୁ ଯାଆନ୍ତୁ । ମୁଁ ତିନିଚାରି ମିନିଟ ଡେରିରେ ପହଞ୍ଚିଲି । ମୁଁ ତେଣୁ ଭାଇସ୍‌ରାୟକୁ କହିଲି ଗେଟ୍‌ରେ ଥିବା ବ୍ୟକ୍ତି ସକାଶେ ଏ ବିଳମ୍ବ ଘଟିଲା । ସେଇ କହିଲେ ଏହା କେବେହେଁ ଘଟିବା କଥା ନୁହେଁ, ମୋର ଆଗରୁ ସଂପୃକ୍ତ ବ୍ୟକ୍ତି ମାନଙ୍କୁ ନିର୍ଦ୍ଦେଶ ଥିଲା । ସେଥିରୁ ମୁଁ ଭାଇସ୍‌ରାୟଙ୍କ ନିର୍ଦ୍ଦେଶ ବିଷୟ ଜାଣିଲି । ଗୋଟିଏ ମଜା ଘଟଣା ଏଇ ନିର୍ଦ୍ଦେଶ ସକାଶେ ଘଟିଥିଲା । ମୋ ଅର୍ଦ୍ଦଳୀ ଯେ ମୋ ସାଥିରେ ଯାଇଥିଲା, ମ୍ୟୋ ଭଳି ପୋଷାକ ପିନ୍ଧିଥିଲା । ସେ ଭାଇସ୍‌ରାୟଙ୍କ ବଙ୍ଗଳା ଦେଖିବାକୁ ଯେତେବେଳେ ଯାଇଥିଲା ତାକୁ କେହି ମନା କଲେ ନାହିଁ ଓ ସେ ବଙ୍ଗଳା ଭିତରେ ଯାହା ଦେଖିବାର କଥା ବୁଲି ଦେଖିଲା ।

ମୁଁ ଲର୍ଡ ବ୍ରେବୋର୍ଣ୍ଣଙ୍କୁ ପରେ ପଚାରିଲି ତାଙ୍କ ନିରାପତ୍ତା ବନ୍ଦୋବସ୍ତ ଦୁରୁପଯୋଗର ସମ୍ଭାବନା ରହିତ ହୋଇଛି କି ? ମୁଁ ତାଙ୍କୁ କହିଲି, ମୋ ପାଖରେ ପିସ୍ତଲ ଥିଲେ ଏବଂ କିଛି ଅପ୍ରୀତିକର ଘଟଣା କରିଥିଲେ ମୋତେ କେହି ବନ୍ଦ କରିପାରି ନଥାନ୍ତେ । ସେ ହସିକରି କହିଲେ, ''ଆପଣ ଯାହା କହିଲେ ସତ, ତେବେ ନିରାପତ୍ତା ନିମନ୍ତେ କିଛି ପଦକ୍ଷେପ ନିଆଯାଇଛି । ମୁଁ ଜାଣେ ଦୁରୁପଯୋଗ ସମ୍ଭାବନା ରହିତ ନିରାପତ୍ତାର ଆବଶ୍ୟକ ଅଛି, ତେବେ ମୁଁ ଜାଣି ଶୁଣି ଏପରି ରହସ୍ୟପୂର୍ଣ୍ଣ ବନ୍ଦୋବସ୍ତ କରିଥିଲି କାରଣ ଆଲୋଚନା ପାଇଁ ହାଲୁକା ବାତାବରଣ ମୁଁ ଖୋଜୁଥିଲି ।'' ତାପରେ ଆମେ କଥାବାର୍ତ୍ତା ଆରମ୍ଭ କଲୁ ।

ବମ୍ବେ ଗଭର୍ଣ୍ଣର ବାଜ୍ୟାପ୍ତ ଜମି ଅଧିକାର କରିବା ପ୍ରସ୍ତାବିତ ବିଲ ଭାଇସରାୟଙ୍କ ପାଖକୁ ସମ୍ମତି ସକାଶେ ପଠାଇଥିଲେ । ତାଙ୍କୁ ସମସ୍ୟା ଜଣା ଥିଲା । କାରଣ ସେ ବମ୍ବେ ଗଭର୍ଣ୍ଣର ଥିବା ବେଳେ ମୁଁ ତାଙ୍କ ସହିତ ଆଲୋଚନା କରିଥିଲି । ଆମେ ତାଙ୍କୁ ଅନୁରୋଧ କରିଥିଲୁ ଯେ ସରକାରୀ ଅଫିସରମାନେ ସାହାଯ୍ୟ ନ କଲେ, ଅନ୍ତତଃ ନିରପକ୍ଷ ରହିବା ଉଚିତ; ତେଣୁ ସମସ୍ୟା ସମାଧାନ ସହଜରେ ସମ୍ଭବ ହେବ । ସେ ସେତେବେଳେ ଆମକୁ ପରାମର୍ଶ ଦେଇଥିଲେ ଏ ବିଷୟରେ ଗୋଟିଏ ଆଇନ ପ୍ରଣୟନ କରି ସମସ୍ୟାର ସମାଧାନ କରିବାକୁ । ଆମେ ସେ ପରାମର୍ଶ ଗ୍ରହଣ ନ କରି କହିଥିଲୁ ବିଚାର ବିମର୍ଶ ଜରିଆରେ ସମାଧାନ ହେଲେ ଉଭୟ ପକ୍ଷଙ୍କ ପାଇଁ ଭଲ ହେବ । ଯେହେତୁ ସଂପୃକ୍ତ ଅଫିସର ମାନେ ସହଯୋଗ କଲେ ନାହିଁ, ବରଂ ଆମ ବିରୁଦ୍ଧରେ କାମ କଲେ, ଆମେ ବୁଝାମଣା କରିପାରିଲୁ ନାହିଁ ।

ଏ ଆଇନ ପ୍ରତି ଭାଇସ୍‌ରାୟଙ୍କ ସମ୍ମତି ଦରକାର ବେଳେ ଲର୍ଡ ବ୍ରେବୋର୍ଣ୍ଣଙ୍କୁ ସମ୍ମତି ପ୍ରଦାନ କରିବାକୁ ଅସୁବିଧା ହେଲା । ସେ ମୋତେ ପୁଣି କଥାବାର୍ତ୍ତା କରି ସମସ୍ୟାର ସମାଧାନ ପାଇଁ କହିଲେ । ମୁଁ କହିଲି ବିଚାର ବିମର୍ଷ କରି ସମାଧାନ କରିବା ଆମର ପ୍ରଥମରୁ ଉଦ୍ଦେଶ୍ୟ ଥିଲା ଏବଂ ସେଥିପାଇଁ ଆମେ ତାଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲୁ । କିନ୍ତୁ ସେ ଅଫିସର ମାନଙ୍କୁ କୌଣସି ନିର୍ଦ୍ଦେଶ ଦେଲେ ନାହିଁ । ଆମେ ମଧ ତାଙ୍କୁ ବାଧ କରିବାକୁ ଇଚ୍ଛା କଲୁନାହିଁ ଓ ପରିଣାମ ହେଲା ଆମେ ବିଫଳ ହେଲୁ । ଏଇ ସବୁ କାରଣ ଯୋଗୁ ଆମେ ତାଙ୍କର ପୂର୍ବ ଉପଦେଶାନୁସାରେ ଆଇନ ପ୍ରଣୟନ କରିବାକୁ ବିଲ୍ ତିଆରି କରିଛୁ । ମୁଁ ଜୋର ଦେଇ କହିଲି, ଯେହେତୁ ଆମେ ତାଙ୍କ ପୂର୍ବ ଉପଦେଶାନୁସାରେ ବିଲ୍ ତିଆରି କରିଛୁ ସେ ବର୍ତ୍ତମାନ ଆମ ପ୍ରସ୍ତାବ ଗ୍ରହଣ କରିବା ଉଚିତ୍ । ମୁଁ ପୁଣି କହିଲି ଯେ ଯଦି ବର୍ତ୍ତମାନ ନିଜ ସମ୍ମତି ନ ଦିଅନ୍ତି ତାହା ହେଲେ ଜଣା ଯିବ ଯେ ପୂର୍ବ ଉପଦେଶରେ ତାଙ୍କର ଆନ୍ତରିକତା ନ ଥିଲା ଓ ସେ କେବଳ ବିଳମ୍ବ ଘଟାଇବାକୁ ଚାହୁଁଥିଲେ ।

ଏପରି ଭାବିବା ଆମ ପକ୍ଷରେ ଭୁଲ ହେବ କି ବୋଲି ତାଙ୍କୁ ପ୍ରଶ୍ନ କଲି । ଭାଇସ୍‌ରାୟ ହସିଲେ ଏବଂ କହିଲେ, ''ମୋ ପକ୍ଷରେ ଏ ଆଇନ ସହିତ ସମ୍ମତ ହେବା ଠିକ୍ ହେବ ନାହିଁ କାରଣ ଏଥିରେ ବିଟ୍ରିଶ ସରକାରଙ୍କର ସମ୍ମାନ ଜଡିତ ଅଛି । ଯେଉଁ ବ୍ୟକ୍ତିମାନେ ଜମି କିଣିଛନ୍ତି ଆମ ତାଙ୍କୁ କଥା ଦେଇଛୁ ଯେ ସେ ଜମି ତାଙ୍କଠାରୁ ଫେରାଇ ନିଆଯିବ ନାହିଁ । ଏପରି ସ୍ଥଳେ ମୁଁ କିପରି ଏ ବ୍ୟବସ୍ଥା ଗ୍ରହଣ କରିପାରିବି ?'' ''ଯେଉଁ କୃଷକମାନେ ଆମ କଥା ମାନି ଖଜଣା ଛାଡ ଆନ୍ଦୋଳନରେ ଯୋଗ ଦେଇଥିଲେ,'' ମୁଁ ଉତ୍ତରରେ କହିଲି, ''ଆମେ ତାଙ୍କୁ

Digitized by srujanika@gmail.com

ପ୍ରତିଶ୍ରୁତି ଦେଇଥିଲୁ ଯେ ଆମେ ସ୍ୱରାଜ ପାଇଲେ ତାଙ୍କ ଜମି ତାଙ୍କୁ ନ ଫେରାଇବା ପର୍ଯ୍ୟନ୍ତ ବିଶ୍ରାମ ନେବୁ ନାହିଁ । ଆପଣ ଆପଣଙ୍କ ପ୍ରତିଶ୍ରୁତି ଭାଙ୍ଗନ୍ତି ନାହିଁ, ସେଇପରି ଆମେ ମଧ୍ୟ । ଆପଣଙ୍କ ସରକାର ବିଲୀନମୁଖୀ, ଅନ୍ତର୍ଦ୍ଧାନମୁଖୀ, କିନ୍ତୁ ଆମର ସରକାର ଆଗନ୍ତୁକ । ତେବେ ଆଗନ୍ତୁକ ସରକାର ପ୍ରତିଶ୍ରୁତି ଭଗ୍ନକରି କିପରି ଶାସନ ଆରମ୍ଭ କରିବେ ? ଅନ୍ତର୍ଦ୍ଧାନମୁଖୀ ସରକାର ନିଜର ପ୍ରତିଶ୍ରୁତି ରକ୍ଷାକରି ନ ପାରିଲେ କୌଣସି ଅସୁବିଧା ହେବ ନାହିଁ । ବ୍ରିଟିଶ ସରକାର ପ୍ରତିଶ୍ରୁତି ଭାଙ୍ଗିବାରେ କୌଣସି କଷ୍ଟ ଅନୁଭବ କରନ୍ତି ନାହିଁ ଏବଂ ବ୍ରିଟେନର ବିଶ୍ୱାସଘାତକ ହିସାବରେ ନାମ ଅଛି । ଆପଣଙ୍କ ପକ୍ଷେ ପ୍ରତିଶ୍ରୁତି ଭୁଲିଯିବା ସହଜ କିନ୍ତୁ ଏହା ଆମ ପକ୍ଷେ ଅସମ୍ଭବ ।''

ଲର୍ଡ ବ୍ରେବୋର୍ଣ୍ଣ ଏଇ ହାଲୁକା ସମାଲୋଚନାର ମୂଳ ପରିସ୍ଥିତି ଠିକ୍ ବୁଝି ପାରିଥିଲେ । କାରଣ ସେ ଥିଲେ ଜଣେ ବୁଦ୍ଧିମାନ, କୌତୁହଳ ପ୍ରିୟ ଏବଂ ଅବସ୍ଥା ଓ ପରିସ୍ଥିତି ବୁଝିବାରେ ସୂକ୍ଷ୍ମ ବୁଦ୍ଧି ସମ୍ପନ୍ନ । ଅଧିକନ୍ତୁ ଆମ ସମ୍ବନ୍ଧ ଖୁବ୍ ବନ୍ଧୁତ୍ୱପୂର୍ଣ୍ଣ ଥିଲା । ତେଣୁ ସେ ମୋତେ ଭୁଲ ବୁଝିଲେ ନାହିଁ । ସେ କିନ୍ତୁ ମୋତେ ଆଇନ ପ୍ରଣୟନ ନ କରି ବିଚାର ବିମର୍ଷ ଦ୍ୱାରା ଜମି ଫେରି ପାଇବା ପାଇଁ ଚେଷ୍ଟା କରିବାକୁ ପୁଣି କହିଲେ । ମୁଁ କହିଲି ''ଆମେ ପ୍ରଥମେ ଯେତେବେଳେ ସେ ଚେଷ୍ଟା କଲୁ ଆପଣ ଆମମାନଙ୍କୁ ସାହାଯ୍ୟ କଲେ ନାହିଁ ଏବଂ ଆପଣଙ୍କ ଅଫିସରମାନେ ବାଧା ଦେଲେ । ଆମେ ତାଙ୍କୁ କିଛି କହିଲୁ ନାହିଁ । ବର୍ତ୍ତମାନ ସେଇ ଅଫିସରମାନେ କିପରି ସାହାଯ୍ୟ କରିବେ ? ଆମେ ଆଇନ ପାଇଁ ଚିଠା ଆପଣଙ୍କ ଆଦେଶାନୁସାରେ ତିଆରି କରିଛୁ ତେଣୁ ଆପଣ ଏହାକୁ ସମ୍ମତି ପ୍ରଦାନ କରନ୍ତୁ ।''

ଆମ ଆଲୋଚନା ସଂଧ୍ୟା ସାଢ଼େ ଆଠଟା ପର୍ଯ୍ୟନ୍ତ ଚାଲିଲା । ଫଳରେ ରାତ୍ର ଭୋଜନ ପାଇଁ ଅତିଥିମାନଙ୍କ ସହିତ ସାକ୍ଷାତ କରିବାକୁ ତାଙ୍କର ଡେରି ହେଉଥାଏ । କିନ୍ତୁ ଆମ ଆଲୋଚନା ତ୍ୱରାନ୍ୱିତ କରିବାକୁ ସେ ଚେଷ୍ଟାମଧ କରୁନଥାନ୍ତି ।

ଆମ ଆଲୋଚନା ଶେଷ ହେଲା ପରେ ମୁଁ କହିଲି, ''ମୁଁ ଆଶା କରୁଛି ଆପଣ ଆପଣଙ୍କ ସମ୍ମତି ଦେବେ । ଆମେ ପରିଷ୍କାର ଭାଷାରେ କହିବୁ ଯଦି ଏହା ନ ହୁଏ ଆମେମାନେ ମନ୍ତ୍ରୀମଣ୍ଡଳରେ ରହିବୁ ନାହିଁ । ମୋ ସହିତ ସେ ଲିଫ୍ଟ ପର୍ଯ୍ୟନ୍ତ ଆସିଲେ । ମୁଁ ଲିଫ୍ଟରେ ପ୍ରବେଶ କଲି ସେ ମଧୁର ଭାବରେ କହିଲେ ଯେ ଆଇନ ପ୍ରଣୟନ ନ କଲେ ଭଲ ହେବ ଏବଂ ଏ ବିଷୟରେ ପୁଣି ଚିନ୍ତା କରିବାକୁ ଅନୁରୋଧ କଲେ । ମୁଁ ପୁନରାବୃତ୍ତି କରି କହିଲି ଆମେମାନେ ଏ ବିଷୟରେ ଅସହାୟ, ଏବଂ ବିଲ୍‌ରେ ସମ୍ମତି ଦେବାକୁ ମୋର ବିନୀତ ଅନୁରୋଧ ।

ଲର୍ଡ ବ୍ରେବୋର୍ଣ୍ଣଙ୍କ ସଦ୍‌ଗୁଣ, ସହାନୁଭୂତି ଓ ଭଦ୍ରାମି ମୋ ମନରେ ଗଭୀର ରେଖାପାତ କଲା । ଉଚ୍ଚ ଦାୟୀତ୍ୱଶୀଳତା ବୁଝିପାରିଲି ଏବଂ ଆଲୋଚନାରୁ ତାଙ୍କର ଭାରତ ପ୍ରତି ଯେ ସମ୍ମାନ ଅଛି ତାହା ବୁଝିଲି । ଏଇ ଆଲୋଚନାର କେତେ ମାସ ପରେ ସେ ଅସୁସ୍ଥ ରହିଲେ । ଶଲ୍ୟ ଚିକିତ୍ସା ପରେ ସେ ମୃତ୍ୟୁବରଣ କରିଥିଲେ । ମୁଁ ସେତେବେଳେ ଅନୁଭବ କରିଥିଲି ଯେ ସେ ବଞ୍ଚିଥିଲେ ଭାଇସ୍‌ରାୟଙ୍କ ନିର୍ଦ୍ଦିଷ୍ଟ ସମୟ ଶେଷଯାଏ କାର୍ଯ୍ୟ କରିଥାନ୍ତେ ଏବଂ ତାଙ୍କ ସାହାଯ୍ୟରେ ଆହୁରି ଶୀଘ୍ର ଭାରତ ସ୍ୱାଧୀନତା ପାଇଥାଆନ୍ତା । କିନ୍ତୁ ଭଗବାନଙ୍କ ମାୟା ବଡ ବିଚିତ୍ର ।

ଆମ ଆଲୋଚନାର କିଛିଦିନ ପରେ ସେ ଆମ ବିଲ୍‌ରେ ସମ୍ମତି ପ୍ରଦାନ କରିଥିଲେ । ଏଥିରୁ ପ୍ରମାଣିତ ହୁଏ ଯେ ତାଙ୍କର ଭାରତ ପ୍ରତି ଓ ଆମମାନଙ୍କ ପ୍ରତି ଉତ୍ତମ, ସମ୍ବେଦନାପୂର୍ଣ୍ଣ ଭାବନା ଥିଲା । ନୂଆ ଆଇନ ବଳରେ ଆମେ ବର୍ଦ୍ଦୋଲି, ଖେଡା ଜିଲା, ବର୍‌ସାଦ ତାଲୁକାସ୍ଥ ରାସ ଏବଂ ରୁପିୟାପୁରା ଗାଁମାନଙ୍କରେ ଥିବା ଜମି ମୂଳ ମାଲିକ ମାନଙ୍କୁ ଫେରାଇ ଦେଲୁ ।

Digitized by srujanika@gmail.com

ଗବେଷଣା ସମିତି କାମ ସାରି ମୁଁ ବମ୍ବେ ଫେରି ଆସିଲି । ସେ ସମୟରେ ସିମଳାରେ କାର ଚାଲିବା ଅନୁମତି ନ ଥିଲା ଏବଂ ବହୁତ ସଂଖ୍ୟାରେ ରିକ୍ସା ଚାଲୁଥିଲା ପାହାଡିଆ ସ୍ଥାନ ଯୋଗୁ ରହିବା ସ୍ଥାନ ଗୁଡିକ ଦୂର ଦୂରରେ ଥିଲା ଓ ଲୋକମାନେ ରିକ୍ସାରେ ଯାତାୟାତ କରୁଥିଲେ । ମୋ ପ୍ରାପ୍ତ ବୟସ ସମୟରୁ ମୋତେ ଜଣେ ମଣିଷ ବୋହି ନେବାକୁ ମୁଁ ଅମାନୁଷିକତା ଭାବୁଥିଲି । ମୁଁ ସ୍ଥିର କରିଥିଲି ଯେ ସେପରି ଯାନ କେବେହେଲେ ବ୍ୟବହାର କରିବି ନାହିଁ । ଗବେଷଣାଗାର ମୋ ରହିବା ସ୍ଥାନଠାରୁ ଦଶମାଇଲ ଦୂରରେ ଥିଲା । ମୁଁ ସେଠାକୁ ପାଦରେ ଯାଉଥିଲି ଓ ଫେରୁଥିଲି । ମୁଁ କ୍ଲାନ୍ତ ଅନୁଭବ କରୁନଥିଲି । ପାଗ ଭଲ ଥିଲା ଏବଂ ଲମ୍ବା ରାସ୍ତା ଚାଲି ଚାଲି ଉପଭୋଗ କରିବାରେ ମୁଁ ଅଭ୍ୟସ୍ତ ଥିଲି ।

ଆମେ ଶାସନଭାର ନେଲାବେଳେ ଆମକୁ ଜଙ୍ଗଲ, ଜମି ଓ କୃଷକ ସମ୍ପର୍କୀୟ ଅନେକ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡିଥିଲା । ଜଙ୍ଗଲ ରକ୍ଷା କରିବା ଆଇନ ଏପରି ଥିଲା ଯେ ସେଠାରେ ରହୁଥିବା ଲୋକଙ୍କୁ ବହୁତ ଅସୁବିଧା ହେଉଥିଲା ଓ ସେମାନେ ଭୀଷଣ ବିରକ୍ତ ହେଉଥିଲେ । ଉତ୍ତର କାନରା ଜିଲାରେ ଭୀଷଣ ଘଞ୍ଚ ଜଙ୍ଗଲ ଥିଲା । ଜଙ୍ଗଲ ସଂରକ୍ଷଣ ଆଇନ ସେଠାରେ ଲାଗୁ ହୋଇଥିଲା । ଏହି ଦମନମୂଳକ ଆଇନ ତିଆରି ବେଳେ ସେମାନେ ଭୁଲି ଯାଇଥିଲେ ଯେ ଜଙ୍ଗଲ ସୁରକ୍ଷା କରିବାର ମୂଳ ଉଦ୍ଦେଶ୍ୟ ହେଲା ଜଙ୍ଗଲ ବଢାଇବା, ମନୁଷ୍ୟର ଆନନ୍ଦ ଓ ସୁଖ ବର୍ଦ୍ଧନ କରିବା: ଜଙ୍ଗଲର ସମୃଦ୍ଧି ସକାଶେ ସେ ସବୁରେ ଜଳାଞ୍ଜଳି ଦେବା ପାଇଁ ନୁହେଁ । ଜନଗଣନା ଅଙ୍କରୁ ମୁଁ ଦେଖିଲି ଯେ ଲୋକ ସଂଖ୍ୟା ସେ ସବୁ ସ୍ଥାନରେ କମ୍ ହେବାକୁ ଲାଗିଛି । ଜଙ୍ଗଲରେ ରହୁଥିବା ଲୋକମାନଙ୍କ ଅସୁବିଧା ବିଚାର କରିବା ପାଇଁ ମୁଁ କରୱାରର ଲୋକପ୍ରତିନିଧି, ବରିଷ୍ଠ ଜଙ୍ଗଲ ଅଧିକାରୀ, ରେଭିନ୍ୟୁ ଅଫିସର ମାନଙ୍କର ଗୋଟିଏ ମିଟିଂ ଡକାଇଲି, ମିଟିଂରେ ଲୋକ ପ୍ରତିନିଧିମାନଙ୍କୁ ସ୍ପଷ୍ଟ ଭାବେ କହିବାକୁ ଉତ୍ସାହିତ କଲି । ଏହା ଦ୍ୱାରା ଆମେ ଅନେକ ପ୍ରତିକାର ଅବଲମ୍ବନ କରି ପାରିଲୁ । ଜଙ୍ଗଲ ଅଫିସରମାନେ ବାଧା ଦେଲେ କିନ୍ତୁ ଅବାଧ ଓ ମୁକ୍ତ ଆଲୋଚନା ଫଳରେ ମୁଁ ତାଙ୍କର ଚିନ୍ତାଧାରା ବଦଳାଇବାରେ ସଫଳ ହୋଇଥିଲି ।

ମୁଁ ଦମନମୂଳକ ନିୟମ ସବୁ ବାତିଲ କରିଦେଲି । ଉକ୍ତ ସଭା ଯୋଗୁଁ ନିୟମ ବଦଳା ଗଲା । ଜଙ୍ଗଲ ସୁରକ୍ଷିତ ହେବା ବେଳେ ଲୋକମାନେ ସେଠାରେ ଅସୁବିଧାର ସମ୍ମୁଖୀନ ହେଲେ ନାହିଁ । ଜଙ୍ଗଲ ଲୋକମାନେ ଆଶ୍ୱସ୍ତ ବୋଧକଲେ ଏବଂ ସେମାନେ ଜଙ୍ଗଲ ସଂରକ୍ଷଣରେ ସହଯୋଗ କଲେ । ଜଙ୍ଗଲ ଅଫିସରମାନେ ଯେତେ ଦିନ ଯାଏ ସେମାନଙ୍କୁ ସହାନୁଭୂତି ଦେଖାଉ ନଥିଲେ ସେମାନେ ଲୁଚେଇ ଚୋରେଇ ଗଛ କାଟିବାରେ ମାତିଥିଲେ । ସେମାନେ ଜାଣିପାରିଲେଯେ ପରିବର୍ତ୍ତିତ ଆଇନ ସହିତ ସେମାନେ ସହଯୋଗ କଲେ ଜଙ୍ଗଲ ବଢ଼ିବ ଓ ସେମାନଙ୍କର ଉପକାର ହେବ । ଜଙ୍ଗଲ ବଢ଼ିବା କାର୍ଯ୍ୟକ୍ରମ ଆରମ୍ଭ ହେଲା ଓ ମଣିଷ ଜୀବନ ସୁରକ୍ଷିତ ବୋଧ ହେଲା ।

ଜମି ସଂକ୍ରାନ୍ତୀୟ ଆଇନ ସାମନ୍ତତନ୍ତ୍ରାନୁଯାୟୀ ହୋଇଥିଲା ଏବଂ ଏହା କୃଷକମାନଙ୍କ ପ୍ରକୃତ ସ୍ୱାର୍ଥ ଦୃଷ୍ଟିରୁ କାର୍ଯ୍ୟକାରୀ କରାଯାଉ ନଥିଲା । ଫଳରେ ବମ୍ବେ ପ୍ରଦେଶରେ ଅଧିକାଂଶ ଜମିରେ ରୟତୱାରୀ ଭୋଗଦଖଲ ପ୍ରଥା ଚାଲୁଥିବା ବେଳେ ଇନାମଦାର, ତାଲୁକଦାର ଓ ବଡ ଜମିଦାରମାନଙ୍କ ପାଖରେ ବହୁତ ଜମିଥିଲା । ଅଧିକାଂଶ ଚାଷୀମାନେ ଥିଲେ ଭଡାଟିଆ ପ୍ରଜା । ଇନାମଦାର, ତାଲୁକଦାର ଓ ଜମିଦାରମାନେ କିଛି ଖର୍ଚ୍ଚ ନ କରି ଫସଲର ଅଧେ ନେଇ ଯାଉଥିଲେ, ଏହାଦ୍ୱାରା ଭଡ଼ାଟିଆ ଚାଷୀର ଆର୍ଥିକ ଅବସ୍ଥା ଅତି ଖରାପ ଥିଲା ଏବଂ ନିଜର ଶୁଝିବା ଶକ୍ତି ଠାରୁ ଅଧିକ ଋଣ କରୁଥିଲେ । ମୁଁ ବିଚାର କଲି ଯେ ଜମିର ମାଲିକାନା

Digitized by srujanika@gmail.com

ଓ ଚାଷ କରିବା ସମ୍ବନ୍ଧରେ ଉପଯୁକ୍ତ ଆଇନ ହେବା ଉଚିତ । ଋଣୀ ଚାଷୀମାନଙ୍କୁ ଋଣର ଦାଉରୁ ରକ୍ଷାକରିବା ପାଇଁ ଆଇନ ପ୍ରଣୟନ ଆରମ୍ଭ କଲି । ଆଗରୁ ଥିବା ଋଣ ପରିଶୋଧ କରିବାର ସମୟ, ଆଇନ ଦ୍ୱାରା, ଋଣରୁ ମୁକ୍ତି ମିଳିବା ପାଇଁ ଆଇନ ପ୍ରଣୟନ ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା । ମୁଁ ଭାଗୀଦାର ଆଇନ ପ୍ରଣୟନ କଲି । ସ୍ୱାର୍ଥ୍ୟନ୍ୟସ୍ତ ବ୍ୟକ୍ତି ଅର୍ଥାତ ଅନୁପସ୍ଥିତ ଜମି ମାଲିକମାନେ ବହୁତ ବାଧା ଦେଲେ । ସେମାନଙ୍କ ମଧ୍ୟରେ କେତେକ ଜମିମାଲିକ କଂଗ୍ରେସ ଲୋକ ଥିଲେ । ସେମାନେ ସର୍ଦ୍ଦାର ସାହେବଙ୍କୁ ଅଭିଯୋଗ କଲେ । ସର୍ଦ୍ଦାର ସାହେବ ତଦନ୍ତ କରିବାକୁ ପୂନା ଆସିଲେ । ଆମେ ତାଙ୍କ ସହିତ ସମସ୍ୟା ଆମୂଳଚୂଳ ଆଲୋଚନା କଲୁ ।

ସର୍ଦ୍ଦାର ସାହେବ ଆମକୁ ବୁଝାଇଲେ ଯେ ଆମେ କାର୍ଯ୍ୟ ପ୍ରକ୍ରିୟା ଧୀରେ ଧୀରେ ଆରମ୍ଭ କରିବା ଉଚିତ କାରଣ ଆମେ ସମସ୍ୟା ସମାଧାନ କେବଳ ଆରମ୍ଭ କରିଛୁ ମାତ୍ର । ଏକଥା ସମସ୍ତେ ଜାଣିଥିଲେ ଯେ ପ୍ରକ୍ରିୟା ଯେତେ ଧୀରେ ସୁସ୍ଥେ ଆରମ୍ଭ କଲେ ବି ଭାଗଚାଷୀଙ୍କୁ ସୁରକ୍ଷା ପ୍ରଦାନ କଲେ ନିଜେ ଚାଷ କରୁନଥିବା ଜମି ମାଲିକମାନଙ୍କର ନିଶ୍ଚୟ କ୍ଷତି ହେବ । ସେମାନଙ୍କୁ ସନ୍ତୁଷ୍ଟ କରିବା ଅସମ୍ଭବ । ରାଜ୍ୟରେ ଏ କ୍ଷେତ୍ରରେ ଏ ପ୍ରଥମ ଆଇନ ହୋଇଥିବାରୁ ଆମେ ଟିକିଏ ନରମ ହୋଇଥିଲୁ । ମୁଁ ଅନେକ ଚିନ୍ତା କରିଥିଲି ଏବଂ ଏହି ଆଇନ ପାଇଁ କଠିନ ପରିଶ୍ରମ କରିଥିଲି । ଅଧିକାଂଶ ଭାଗ ମୁଁ ନିଜେ ଲେଖି ସରକାରଙ୍କ ନିୟମ ଉପଦେଷ୍ଟାଙ୍କୁ ତା'ର ଉପଯୁକ୍ତ ଆଇନ ରୂପ ଦେବାକୁ କହିଥିଲି । ଆମେ ସେଥିରେ ଏପରି ବ୍ୟବସ୍ଥା ରଖିଥିଲୁ ଯାହା ଫଳରେ ତାହା କାର୍ଯ୍ୟକାରୀ କରିବାକୁ ସୁବିଧା ହେବ ଏବଂ ଭବିଷ୍ୟତରେ ଦରକାର ପଡିଲେ ବା ଜରୁରୀ ଅନୁଭୂତ ହେଲେ ଚାଷୀମାନଙ୍କୁ ଅଧିକ ସୁବିଧା ଦେଇହେବ ।

ଭବିଷ୍ୟତ ପାଇଁ ରଖା ଯାଇଥିବା ସୂକ୍ଷ୍ମ ବ୍ୟବସ୍ଥା ଅନେକ ଲୋକ ବୁଝି ନ ଥିଲେ । ତଦ୍ୱାରା ବିଧାନ ସଭାରେ ବିରୋଧ କମ୍ ହେଲା ଏବଂ ବିନା କଷ୍ଟରେ ଆଇନ ମଞ୍ଜୁର ହୋଇଥିଲା । ଜମି ମାଲିକ ଫସଲର ଅଧାଭାଗ ନେଇ ଯାଉଥିବାରୁ ଚାଷୀ ପାଖରେ, ହଳ କରିବା, ପାଣି ମଡ଼ାଇବା, ବିହନ, ଖତ ଓ ପରିଶ୍ରମ ଆଦି ଖର୍ଚ୍ଚ ବାଦ ଦେଲେ, ବେଶି କିଛି ଅର୍ଥ ବଳୁ ନଥିଲା । ଆମେ ପ୍ରଥମ ଦଫାରେ ଜମି ମାଲିକର ଭାଗକୁ ଅଧାରୁ ଏକତୃତୀୟାଂଶକୁ କମ୍ କରିଥିଲୁ ।

ଏଇ ଆଇନ କାର୍ଯ୍ୟକାରୀ କରିବା ବେଳକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା ଏବଂ ଆମ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଲେ । ୧୯୪୬ରେ ଯେତେବେଳେ କଂଗ୍ରେସ ସରକାର ମନ୍ତ୍ରୀମଣ୍ଡଳ ଗଢ଼ିଲେ ଆମେ ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେ ଆଇନରେ ପୁଣି ପରିବର୍ତ୍ତନ କଲୁ ।

ଆଗରୁ ଉଲ୍ଲେଖ କରିଛି ଯେ ଗାନ୍ଧିଜୀ ୧୯୩୧ ସନ୍ଧି ବେଳେ, ଯେଉଁ ସରକାରୀ କର୍ମଚାରୀ ଆନ୍ଦୋଳନରେ ଯୋଗଦେବା ପାଇଁ ଚାକିରୀ ଛାଡିଥିଲେ, ସେମାନଙ୍କୁ ପେନ୍‌ସନ୍ ଦେବା ପାଇଁ ଭାଇସ୍‌ରାୟଙ୍କ ଉପରେ ଚାପ ପକାଇଥିଲେ । ଲର୍ଡ ଇର୍‌ଉଇନ୍ ଏ ଦାବୀ ଗ୍ରହଣ କରିଥିଲେ କିନ୍ତୁ ତାଙ୍କ ଉତ୍ତରାଧିକାରୀ ଲର୍ଡ ଉଇଲିଂଗ୍‌ଡନ୍ ରାଜି ହେଲେ ନାହିଁ । ସେ ସନ୍ଧିର ଏଇ ସର୍ତ୍ତ ମାନିଲେ ନାହିଁ । ସତ୍ୟାଗ୍ରହ ଆନ୍ଦୋଳନ ପୁଣି ୧୯୩୨ରେ ଆରମ୍ଭ ହେବାରୁ ଆମେ ସରକାରଙ୍କ ଦ୍ୱାରା ସନ୍ଧି ସର୍ତ୍ତ ସବୁ କାର୍ଯ୍ୟକାରୀ ହେଉଛି କି ନାହିଁ ସେଦିଗରେ କିଛି ପଦକ୍ଷେପ ନେଲୁ ନାହିଁ । ୧୯୩୭ ମନ୍ତ୍ରୀମଣ୍ଡଳରେ ମୁଁ ରେଭିନ୍ୟୁ ମନ୍ତ୍ରୀ ଥିବାବେଳେ, ୧୯୩୧ ଆନ୍ଦୋଳନରେ ଯୋଗ ଦେବା ପାଇଁ ଯେଉଁ ରେଭିନ୍ୟୁ ଅଫିସର ମାନେ ଇସ୍ତଫା ଦେଇଥିଲେ, ୧୯୩୧ ସର୍ତ୍ତ ଅନୁସାରେ ସେମାନଙ୍କୁ ପେନ୍‌ସନ ଦେବାର କାର୍ଯ୍ୟ ହାତକୁ ନେଇଥିଲି । ଏଇ ରାଜିନାମା ଅନୁସାରେ ମୋତେ ମାସକୁ ଦେଢ଼ଶହ ଟଙ୍କା ପେନ୍‌ସନ ମିଳିବା କଥା । ସ୍ୱଇଛାରେ ଓ ବିନା ସର୍ତ୍ତରେ ଇସ୍ତଫା ଦେଇଥିବାରୁ ମୁଁ ସ୍ଥିର କରିଥିଲି ଯେ ଆନ୍ଦୋଳନରେ ଯୋଗ ଦେବାର ସୁବିଧା ନେବି ନାହିଁ, ତେଣୁ ମୋର ପେନ୍‌ସନ୍ ନେବାର ଇଚ୍ଛା ନ ଥିଲା । ମୁଁ ଆଗରୁ ଉଲ୍ଲେଖ କରିଛି ଯେ ମୁଁ ସଂପୃକ୍ତ ଫାଇଲରେ ଲେଖି ଦେଇଥିଲି ଯେ ମୁଁ ପେନ୍‌ସନ୍ ପାଇଁ

Digitized by srujanika@gmail.com

ମୋର ଦାବୀ ତ୍ୟାଗ କରିଛି । ପେନ୍‌ସନ୍ ନ ନେବାର ଆଉ ଗୋଟିଏ କାରଣ ହେଲା -- କେହି କହିବେ ନାହିଁ ଯେ ଆନ୍ଦୋଳନ ସମୟରେ ସରକାରୀ ଚାକିରି ଛାଡିଥିବା ଲୋକମାନଙ୍କୁ ପେନ୍‌ସନ୍ ଦେବାରେ ମୋର ବ୍ୟକ୍ତିଗତ ସ୍ୱାର୍ଥ ଜଡିତ ଥିଲା ।

ଯେଉଁ ସରକାରୀ କର୍ମଚାରୀମାନେ ନୂଆ ସର୍ତ୍ତାନୁସାରେ କାମରେ ପୁଣି ଯୋଗ ନଦେଲେ ସେମାନଙ୍କୁ ପେନ୍‌ସନ୍ ଦେବାପାଇଁ ଆମେ ନିର୍ଦ୍ଦେଶ ଦେଲୁ । ଆଉ ଯେଉଁମାନେ ନୂଆ ସର୍ତ୍ତରେ ଚାକିରିରେ ପୁଣି ଯୋଗ ଦେଲେ ଆମେ ସେମାନଙ୍କୁ ମଧ୍ୟବର୍ତ୍ତୀ ସମୟରେ ତାଙ୍କର ପ୍ରାପ୍ୟ ପ୍ରମୋଶନ ଦେଲୁ, ସୁତରାଂ ଚାକିରି ତ୍ୟାଗ କରି ଆନ୍ଦୋଳନରେ ଯୋଗ ଦେଇ ଥିବାରୁ ତାଙ୍କର କିଛି କ୍ଷତି ହେଲା ନାହିଁ ।

୧୯୩୭ରେ ମନ୍ତ୍ରୀମଣ୍ଡଳ ଗଠନ ବେଳେ ଆମେ ରାଜି ହୋଇଥିଲୁ ଯେ ଗଭର୍ଣ୍ଣର ମନ୍ତ୍ରୀ ପରିଷଦ ସଭାରେ ସଭାପତିତ୍ୱ କରିବେ ଓ ଆଲୋଚନାରେ ପୂରା ଭାଗ ନେବେ । ଅନେକ ବିଷୟରେ ତାଙ୍କ ମତ ଆମ ମତଠାରୁ ଅଲଗା ହେଲା । ଆଉ ମଧ୍ୟ ଆଲୋଚନାବେଳେ ଆମମାନଙ୍କ ମଧ୍ୟରେ ମତଭେଦର ସୁବିଧା ଉଠାଇବାର ସୁଯୋଗ ତାଙ୍କର ଥିଲା ।

ତେଣୁ ଗଭର୍ଣ୍ଣର ଯେପରି ମନ୍ତ୍ରୀମାନଙ୍କ ମଧ୍ୟରେ ମତଭେଦର ସୁଯୋଗ ନ ନେଇ ପାରନ୍ତି, ତା'ର ବନ୍ଦୋବସ୍ତ କରିବାକୁ ପଡିଲା । ମୁଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଲି ଯେ ସଭାରେ ଆମମାନଙ୍କ ମଧ୍ୟରେ ମତଭେଦ ଦେଖିଲେ, ସେ ସଭାର କାର୍ଯ୍ୟ ସ୍ଥଗିତ ରଖିବେ । ତେଣୁ ଗଭର୍ଣ୍ଣରଙ୍କୁ ମତଭେଦର ସୁବିଧା ଉଠାଇବାକୁ ସୁଯୋଗ ମିଳିବ ନାହିଁ । ମନ୍ତ୍ରୀ ପରିଷଦର ବୈଠକ ପୂର୍ବରୁ ମନ୍ତ୍ରୀମାନେ ଅଣଔପଚାରିକ ଭାବେ ବସି ମତ ପାର୍ଥକ୍ୟର ସମାଧାନ କରିନେବେ ।

ଆମେ ବନ୍ଦୋବସ୍ତ କରିଥିଲୁ ଯେ ମନ୍ତ୍ରୀ ପରିଷଦର ଅଧିବେଶନ ପୂର୍ବରୁ ମନ୍ତ୍ରୀମାନେ ମିଳିତ ହୋଇ ଅଣଔପଚାରକ ଭାବେ ମତ ପାର୍ଥ୍ୟକର ସମାଧାନ କରିବେ । ସୁତରାଂ ଅଧିବେଶନର କାର୍ଯ୍ୟକ୍ରମ ଆଲୋଚନା ବେଳେ ଆମେ ଏକ ହୋଇ ସେଥିରେ ଯୋଗ ଦେଇ ପାରିବୁ । ଏହା ସତ୍ତ୍ୱେ ଯଦି ଗଭର୍ଣ୍ଣର ବିବାଦୀୟ ପ୍ରଶ୍ନ ଉଠାଇବାରେ କୃତକାର୍ଯ୍ୟ ହୁଅନ୍ତି ଓ ଆମ ମଧ୍ୟରୁ କେହି ମନ୍ତ୍ରୀ ତାଙ୍କ ସହିତ ଏକମତ ହେବାର ଦେଖାଯାଏ, ସେ କ୍ଷେତ୍ରରେ ଅସୁବିଧା ପରିସ୍ଥିତି ଏଡାଇବା ପାଇଁ ସଭାର କାର୍ଯ୍ୟକ୍ରମ ସ୍ଥଗିତ ରଖାଯିବ । ଏ ବ୍ୟବସ୍ଥା ଫଳରେ ମନ୍ତ୍ରୀ ପରିଷଦର ସଭା ଖୁବ୍ ଶୀଘ୍ର ଶେଷ ହୋଇ ଯାଉଥିଲା । କାରଣ ମନ୍ତ୍ରୀମାନେ ନିଜର ବକ୍ତବ୍ୟ ଆଗରୁ ପ୍ରସ୍ତୁତ କରିଥିଲେ ଏବଂ ଖୁବ୍ କମ୍ ଆଲୋଚନା ହେଉଥିଲା । ସଭାପତି ହସ୍ତକ୍ଷେପ କରିବାକୁ ସୁଯୋଗ ପାଉ ନଥିଲେ ଏବଂ ସାଧାରଣତଃ ସଭାର ମତ ସହିତ ଏକମତ ନ ହେବାର କାରଣ କିଛି ତାଙ୍କ ପାଖରେ ନଥିଲା ।

ମନ୍ତ୍ରୀମଣ୍ଡଳ ଗଠନ ପରେ ପରେ ଆମେ ନିଶା ନିବାରଣ ପ୍ରଶ୍ନ ହାତକୁ ନେଇଥିଲୁ । କଂଗ୍ରେସ କାର୍ଯ୍ୟକାରୀ କମିଟି ଆମକୁ ଏଥିପାଇଁ ନିର୍ଦ୍ଦେଶ ଦେଇଥିଲା । ବମ୍ବେ ମନ୍ତ୍ରୀପରିଷଦର ସମସ୍ତ ସଭ୍ୟ ନିଶା ନିବାରଣରେ ଦୃଢ଼ ବିଶ୍ୱାସ ରଖିଥିଲେ । ତେଣୁ ଏ ସମ୍ବନ୍ଧରେ ନିଷ୍ପତ୍ତି ନେବାରେ କୌଣସି ଅସୁବିଧା ହୋଇନଥିଲା । ଡ.ଗୀଲଡର ଯେ କି ଏହି ବିଭାଗ ଦାୟିତ୍ୱରେ ଥିଲେ, ବହୁବର୍ଷ ଧରି ଏ ସମସ୍ୟା ବିଚାର କରିଥିଲେ ଏବଂ ଏ କାର୍ଯ୍ୟକ୍ରମରେ ତାଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା । ସେ ପାର୍ସୀ ଥିବାରୁ ତାଙ୍କ ମତ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିଲା ।

ବେଳେ ବେଳେ ମନ୍ତ୍ରୀମଣ୍ଡଳ ଆଲୋଚନାର ଗୁପ୍ତ ତଥ୍ୟ ଗଭର୍ଣ୍ଣରଙ୍କ ପାଖରେ ପହଞ୍ଚୁଥିଲା । ଏବଂ ଗଭର୍ଣ୍ଣର ଆମ ମାନଙ୍କୁ କହୁଥିଲେ ଯେ ଏପରି ନିର୍ଗମନ ଶୁଭପ୍ରଦ ନୁହେଁ । ସେ କହୁଥିଲେ ଯେ ଏ ନିର୍ଗମନ ମନ୍ତ୍ରୀମାନଙ୍କ ଦ୍ୱାରା ହିଁ ହେଉଛି, ଯଦିଓ ସେ କୌଣସି ମନ୍ତ୍ରୀଙ୍କ ନାମ ନେଉନଥିଲେ । ଆମେମାନେ ବହୁ

Digitized by srujanika@gmail.com

ସାବଧାନତା ଅବଲମ୍ବନ କରୁଥିଲୁ, କିନ୍ତୁ ସାଙ୍ଗେ ସାଙ୍ଗେ ନିର୍ଗମନ ବନ୍ଦ କରିପାରିଲୁ ନାହିଁ । ଆମେ ତନ୍ନ ତନ୍ନ କରି ଅନୁସନ୍ଧାନ କରିବା ପରେ ଜାଣି ପାରିଲୁ ଯେ ଏହା ମୂଳରେ ଥିଲା ଗଭର୍ଣ୍ଣରଙ୍କ ବ୍ୟକ୍ତିଗତ ସଚୀବାଳୟ । ଆମେ ଏହା ପ୍ରମାଣ କରିବାକୁ ଗୋଟିଏ ଉପାୟ କଲୁ ।

ଆମେ ସ୍ଥିରକଲୁ ଯେ ନିଶା ନିବାରଣ ବମ୍ବେ ଓ ଅହମଦାବାଦ ସହରରେ ଆରମ୍ଭ କରିବୁ ଓ ସେଥିଯୋଗୁଁ ଉପୁଜିବା କ୍ଷତି ପୂରଣ କରିବାକୁ ଟ୍ୟାକ୍ସ ବସାଇବୁ । ଅର୍ଥ ସଚିବ କେବଳ ମନ୍ତ୍ରୀମାନଙ୍କ ମଧ୍ୟରେ ଆଲୋଚନା ବେଳେ ଉପସ୍ଥିତ ଥିଲେ । ଗଭର୍ଣ୍ଣର ଓ ତାଙ୍କ ସଚିବାଳୟ କର୍ମଚାରୀ ଏ ବିଷୟରେ କେହି କିଛି ଜାଣିନଥିଲେ । ଆମେ ଏ ବିଷୟରେ ପ୍ରାୟ ଏକ ସପ୍ତାହ ଆଲୋଚନା କରି ସ୍ଥିର କଲୁ ଯେ ଦୁଇ ସହରରେ ସମ୍ପତ୍ତି ଟ୍ୟାକ୍ସ ବସାଇବାକୁ ହେବ । ମନ୍ତ୍ରୀ ପରିଷଦ ସଭାର କାର୍ଯ୍ୟ ସୂଚୀରେ ଉଲ୍ଲେଖ କରିବା ଆଗରୁ କେହି ଏକଥା ଜାଣି ନଥିଲେ । କିନ୍ତୁ ଆମେ କାର୍ଯ୍ୟକ୍ରମରେ ଉଲ୍ଲେଖ କରିବା ମାତ୍ରେ, ଏ ଗୁପ୍ତ ଖବର ବାହାରକୁ ଗଲା । କାର୍ଯ୍ୟସୂଚୀ ଗଭର୍ଣ୍ଣରଙ୍କ ସଚିବାଳୟକୁ ଯାଏ । ଆମେ ତେଣୁ ଗଭର୍ଣ୍ଣରଙ୍କୁ କହିଲୁ ଏହା ମନ୍ତ୍ରୀମାନଙ୍କର ଦ୍ୱାରା ନିର୍ଗମନ ହୁଏ ନାହିଁ; ଏହା ତାଙ୍କ ସେକ୍ରେଟେରୀଏଟରୁ ହୁଏ । ଏ ବିଷୟଟି ମନ୍ତ୍ରୀମାନଙ୍କୁ ପ୍ରାୟ ଏକ ମାସ ହେବ ଜଣା ଥିଲା, କିନ୍ତୁ ବାହାରେ କେହି ଜାଣିନଥିଲେ । ଏବଂ ଶାସକୀୟ କାର୍ଯ୍ୟ ସୂଚୀରେ ଉଲ୍ଲେଖ ହେବା ମାତ୍ରେ ବାହାର ଲୋକେ ଜାଣିଲେ । ଏହା ଦ୍ୱାରା ପ୍ରମାଣିତ ହେଲା ଯେ ତାଙ୍କରି ସଚିବାଳୟରୁ ହିଁ ଖବର ବାହାରକୁ ଯାଉଛି । ଗଭର୍ଣ୍ଣର ଜାଣିପାରିଲେ ଏବଂ ପରେ ଆଉ ସେ କଥା ଆଲୋଚନା ବେଳେ କହିଲେ ନାହିଁ । ନିର୍ଗମନ ତା ପରଠାରୁ ବନ୍ଦ ହୋଇଗଲା ।

ନିଶା ନିବାରଣ ଲାଗୁ କରିବା ବେଳେ ମି: ନାଇଟ୍ ଅବକାରୀ କମିଶନର ଥିଲେ । ସେ ଦୃଢ଼ତାର ସହିତ ବିରୋଧକଲେ। ଆମେ ତାଙ୍କ କଥା ନ ଶୁଣି ବମ୍ବେ ଓ ଅହମଦାବାଦ ନଗରରେ ନିଶା ନିବାରଣ ଲାଗୁ କଲୁ । ୧୯୩୯ରେ ଆମେ ଇସ୍ତଫା ଦେବାବେଳେ ଏଇ ଅବକାରୀ କମିଶନର ଗଭର୍ଣ୍ଣରଙ୍କ ଉପଦେଷ୍ଟା ହୋଇଥିଲେ । ସେ ଯେତେବେଳେ ଅହମଦାବାଦ ନଗର ଗସ୍ତରେ ଗଲେ, ସେଠାରେ ନିଶା ନିବାରଣ ସମ୍ବନ୍ଧରେ ତନାଘନା ତଦନ୍ତ କରିଥଲେ ଏବଂ ସର୍ବସାଧାରଣରେ ମାନିଥିଲେ ଯେ ନିଶା ନିବାରଣ ସହରର ବହୁତ ଉପକାର କରିଛି, ବିଶେଷତଃ ଶ୍ରମିକ ଶ୍ରେଣୀ ଲୋକମାନେ ବହୁତ ଉପକୃତ ହୋଇଛନ୍ତି ଏବଂ ଏହା ଖୁବ ଭଲ ଭାବରେ କାର୍ଯ୍ୟକାରୀ କରାଯାଇଛି । ଏଇ ମନ୍ତବ୍ୟ ଦ୍ୱାରା ଆମେ ବହୁତ ସନ୍ତୋଷ ଲାଭ କଲୁ ଏବଂ ନିଶା ନିବାରଣର ବିରୋଧ୍ କମିଗଲା ।

ମୁଁ ସମବାୟ ବିଭାଗ ଦାୟିତ୍ୱରେ ଥିଲି । ବିଭାଗରେ କିଛି ପରିବର୍ତ୍ତନ ଦରକାର ଥିଲା । ସେ ପର୍ଯ୍ୟନ୍ତ ସମବାୟ ବିଭାଗ, ସମବାୟ ଆନ୍ଦୋଳନ ଏବଂ ସମବାୟ କାର୍ଯ୍ୟ ଉପରେ ସରକାରଙ୍କ ନିୟନ୍ତ୍ରଣ ଥିଲା । ସେ ନିୟନ୍ତ୍ରଣରେ ରହି ସମବାୟ କାର୍ଯ୍ୟରେ ଉନ୍ନତି ହୋଇ ପାରୁନଥିଲା । ମୁଁ ଏଇ ସିଦ୍ଧାନ୍ତରେ ପହଞ୍ଚିଥିଲି ଯେ ସମବାୟ ଆନ୍ଦୋଳନର ପୂର୍ଣ୍ଣାଙ୍ଗ ଉନ୍ନତି ସାଧନ ପାଇଁ, ଓ ସାଧାରଣ ଜୀବନରେ ଏହାର ସୁପ୍ରଭାବ ନିମନ୍ତେ, ସରକାରୀ ଅଫିସର ମାନଙ୍କର ନିୟନ୍ତ୍ରଣ କମାଇବାକୁ ହେବ ଏବଂ ନିୟନ୍ତ୍ରଣର ଦାୟିତ୍ୱ ବେସରକାରୀ ସମବାୟ କର୍ମଚାରୀଙ୍କ ହାତରେ ଅର୍ପଣ କରିବାକୁ ହେବ । ସମବାୟ ସମିତି ମାନେ କେବଳ ଋଣ ଦେବା ବିଷୟରେ ସଂଶ୍ଳିଷ୍ଟ ରହିଲେ ଆନ୍ଦୋଳନରୁ ସମ୍ପୂର୍ଣ୍ଣ ଲାଭ ଉଠାଯାଇ ପାରିବ ନାହିଁ । ଯଦି ଗାଁ ଗଣ୍ଡାରେ ଉତ୍ପାଦାନ ହେଉଥିବା ବସ୍ତୁ ଗୁଡିକ ସେମାନେ କିଣା ବିକା କରନ୍ତି ତେବେ ଗ୍ରାମ ଲୋକଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ହେବ, ସୋସାଇଟିରେ ସଭ୍ୟମାନେ ବେଶି ବେଶି ଡିପୋଜିଟ୍ କରିବେ । ଏହାଦ୍ୱାରା ସମବାୟ ଆନ୍ଦୋଳନର ସର୍ବାଙ୍ଗୀନ ଉନ୍ନତି ଘଟିବ ।

Digitized by srujanika@gmail.com

ମୁଁ, ଶ୍ରୀ ବୈକୁଣ୍ଠ ଲାଲ ମେହେଟ୍ଟାଙ୍କ ଅଧ୍ୟକ୍ଷତାରେ ଗୋଟିଏ ତିନି ସଭ୍ୟ ବିଶିଷ୍ଟ କମିଟି ନିଯୁକ୍ତ କଲି । ଅନ୍ୟ ଦୁଇଜଣ ସଭ୍ୟ ହେଲେ ଶ୍ରୀ ଡି.ଆର ଗାଡ୍‌ଗିଲ (ଯେ ୧୯୬୭ରୁ କେତେବର୍ଷ ପାଇଁ ଯୋଜନା କମିଶନ ର ଉପାଧକ୍ଷ ଥିଲେ ଏବଂ ଦୁର୍ଭାଗ୍ୟବଶତଃ ଆଜି ଆମ ଭିତରେ ନାହାନ୍ତି) ଓ ସମବାୟ ସମିତିର ରେଜିଷ୍ଟ୍ରାର । ଶ୍ରୀ ବୈକୁଣ୍ଠଲାଲ ମେହେଟ୍ଟା ସମବାୟ ଆନ୍ଦୋଳନ ସହିତ ନିଜକୁ ମିଶାଇ ଦେଇଥିଲେ ଏବଂ ସେଇ କ୍ଷେତ୍ରରେ ଅନେକ ବର୍ଷ କାମ କରି ଆସୁଥିଲେ । ସେ କୋଅପରେଟିଭ୍ ସେଣ୍ଟ୍ରାଲ ବ୍ୟାଙ୍କର ଅଧକ୍ଷ୍ୟ ଥିଲେ । ଏ କ୍ଷେତ୍ରରେ ତାଙ୍କଠାରୁ ଅଧିକ ଯୋଗ୍ୟ ବ୍ୟକ୍ତି ପାଇପାରିନଥାନ୍ତି । ଡ. ଗାଡଗିଲ ଜଣେ ଖ୍ୟାତନାମା ଅର୍ଥନୀତିଜ୍ଞ, ସମାଜସେବୀ, ଏବଂ ସମବାୟର ମୁଖ୍ୟ କର୍ମୀ ଥିଲେ । ଏହା ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଥିଲା ଓ ଅଳ୍ପମାସ ମଧ୍ୟରେ ଉପାଦେୟମୂଳକ ରିପୋର୍ଟ ଦେଇଥିଲେ । ତାଙ୍କ ସୁପାରିଶ କାର୍ଯ୍ୟରେ ପରିଣତ କରି ଆନ୍ଦୋଳନର ବେଶ୍ ଉନ୍ନତି ଘଟିଥିଲା । ଏହାର କିଛିଦିନପରେ ମୁଁ ବାଲା ସାହେବ ଖେର୍‌ଙ୍କୁ କହିଲି ଯେ ଅର୍ଥମନ୍ତ୍ରୀ ଶ୍ରୀ ଲାଠେଙ୍କୁ ସାରା ଦିନ କାର୍ଯ୍ୟବ୍ୟସ୍ତ ରଖିବାକୁ ତାଙ୍କ ପାଖରେ କାମ ନାହିଁ ଓ ତାଙ୍କୁ ଅଧିକ କାମ ଦିଆଯିବା ଉଚିତ । ତା'ପରେ ମୋ ପ୍ରସ୍ତାବ ଅନୁସାରେ ତାଙ୍କୁ କୃଷି ଏବଂ ସମବାୟ ବିଭାଗ ଦିଆଗଲା । ଏହାଦ୍ୱାରା ଗ୍ରାମୀଣ ଉନ୍ନତି ତ୍ୱରାନ୍ୱିତ ହେଲା ।

ମୁଁ କୃଷି ବିଭାଗ ଦାୟିତ୍ୱରେ ଥିବାବେଳେ ପୁନାରେ ଥିବା କୃଷି କଲେଜ ଦେଖିବାକୁ ଗଲି । ଏଇ ଗସ୍ତବେଳେ କଲେଜ କାର୍ଯ୍ୟରେ କେତେକ ତୃଟି ମୋ ଦୃଷ୍ଟିଗୋଚର ହେଲା ଓ ମୁଁ ତାହା ଦୂର କରିଥିଲି । ମୁଁ ଦେଖିଲି ଛାତ୍ରମାନେ କୃଷି କ୍ଷେତ୍ରରେ କାମ କରୁ ନାହାନ୍ତି, ତେଣୁ କାର୍ଯ୍ୟକ୍ଷେତ୍ରରେ ତାଙ୍କ ଜ୍ଞାନ ସିମୀତ ରହୁଛି । କାଗଜପତ୍ରରୁ ଜ୍ଞାନ ଅର୍ଜନ କରି କର୍ମକ୍ଷେତ୍ରରେ ତାର ଉପଯୁକ୍ତ ବ୍ୟବହାର କରିବା ପାଇଁ ସେମାନଙ୍କର କ୍ରିୟାତ୍ମକ ପ୍ରଶିକ୍ଷଣ ସମୟ ବଢ଼ାଇବା ପାଇଁ ପ୍ରିନ୍ସିପାଲଙ୍କୁ ନିର୍ଦ୍ଦେଶ ଦେଲି ଓ ସେ ତାହା କାର୍ଯ୍ରକାରୀ କଲେ । କ୍ଷେତ୍ର କାମ କରିବା ବେଳେ ଅନେକ ଛାତ୍ର ଟେନିସ ଜୋତା ମାଡିଥିବା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ସେଥିରୁ ଜଣା ପଡୁଥିଲା ଯେ ସେମାନେ କିପରି ଉପର ଠାଉରିଆ କାମ କରୁଥିଲେ । ବେଶି ସମୟ ଓ ବିଭିନ୍ନ ପ୍ରକାର କାମ କରିବା ପାଇଁ ମୁଁ ଦେଇଥିବା ନିର୍ଦ୍ଦେଶାବଳୀ ଛାତ୍ରମାନଙ୍କୁ ଭଲ ଲାଗିଲା ଓ ସେମାନେ ଭଲ ଶିକ୍ଷା ପାଇଲେ ।

କୃଷି ବଭାଗ ଚାଷୀମାନଙ୍କୁ ଉନ୍ନତ ଧରଣ ଚାଷ ଶିକ୍ଷା ଦେବା ପାଇଁ କେତେକ ଫାର୍ମରେ ପରୀକ୍ଷା ମୂଳକ ଭାବେ ଚାଷ କରୁଥିଲେ । କିନ୍ତୁ ଏ ଚାଷ ଖର୍ଚ୍ଚ ବହୁଳ ହୋଇଥିବାରୁ ଚାଷୀମାନେ ଆକର୍ଷିତ ହେଉନଥିଲେ । ଫସଲ ଭଲ ହେଉଥିଲା କିନ୍ତୁ ଖର୍ଚ୍ଚ ଏତେ ହେଉଥିଲା ଯେ କୌଣସି ଚାଷୀ ଏତେ ଖର୍ଚ୍ଚ କରିପାରିବ ନାହିଁ । ମୁଁ, ଏହାକୁ ବଦଳାଇ କେତେକ କୃଷକଙ୍କ ଚାଷ କ୍ଷେତକୁ ପ୍ରଦର୍ଶନ ଯୋଗ୍ୟ କ୍ଷେତ ବୋଲି ଘୋଷଣା କଲି । ପ୍ରଦର୍ଶନ କ୍ଷେତର ଦାୟିତ୍ୱ ସେଇ ଚାଷୀ ମାନଙ୍କୁ ଦେଲି, ଫଳରେ ଅନ୍ୟ କୃଷକମାନେ ଅନେକ କିଛି ଶିଖି ପାରିବେ । ଶ୍ରୀ ଲାଠେ କୃଷି ବିଭାଗ ନେବା ପରେ ଏହାର ଆହୁରି ପ୍ରସାରଣ କରିଥିଲେ । ଏହାଦ୍ୱାରା କୃଷି ବିଭାଗ କାମ କ୍ରିୟାତ୍ମକ ଓ ଫଳପ୍ରଦ ହେଲା ।

ପୁନା କୃଷି କଲେଜ ପିନ୍ସିପାଲଙ୍କ ସହିତ ଆଲୋଚନା କଲାବେଳେ ତାଙ୍କ ମତ ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ସେ କହିଲେ କୃଷିକୁ ଲାଭଦାୟକ କରିବା ସମ୍ଭବ ନୁହେଁ । ପ୍ରିନ୍ସିପାଲଙ୍କ ଏ ବିଶ୍ୱାସ ଥିବାବେଳେ ପିଲାମାନେ କିପରି କୃଷି ପ୍ରତି ଆକର୍ଷିତ ହେବେ ? ଏ ପରିସ୍ଥିତିରେ କୃଷି ଲାଭଦାୟକ ବ୍ୟବସାୟ ବୋଲି ସେମାନେ କିପରି ବୁଝିବେ? ମୁଁ ତାଙ୍କ ସହିତ ବହୁତ ଆଲୋଚନା କରି ଅନ୍ୟମାନଙ୍କୁ ଏ କଥା ନ କହିବାକୁ ପ୍ରବର୍ତ୍ତାଇଲି । ସେ ଅଳ୍ପଦିନ ପରେ ଅବସର ଗ୍ରହଣ କରି ନିଜେ ଚାଷରେ ଲାଗିଲେ ଓ କ୍ଷତି ମଧ୍ୟ ସହ୍ୟ କଲେ । ସେ ବିଶ୍ୱାସ କରୁଥିଲେ ଯେ ଚାଷରେ ଲାଭ ନାହିଁ, ତେଣୁ ସେ ଲାଭ ପାଉନଥିଲେ । କୃଷି ବିଭାଗରେ ଅନ୍ୟ

Digitized by srujanika@gmail.com

କେତେଜଣ ତଥାକଥିତ ଦକ୍ଷ ବ୍ୟକ୍ତି ଥିଲେ ସେମାନେ ମଧ୍ୟ ଏଇ କଥା କହୁଥିଲେ । ବିଭାଗ କାମରେ ଉନ୍ନତି ଆଣିବାରେ ଏହା ବହୁତ ବାଧା ଦେଉଥିଲା । ପରିବେଶ ପରିବର୍ତ୍ତନ କରିବାକୁ ଆମେ ବହୁତ ପରିଶ୍ରମ କଲୁ । କିନ୍ତୁ ପ୍ରକୃତ ଚାଷୀମାନଙ୍କ ପ୍ରତିନିଧିଙ୍କ ସହିତ ଆଲୋଚନା କରି ଆମେ ଏ ପରିବେଶ ପରିବ୍ର୍ତ୍ତନ କଲୁ, କାରଣ ସେମାନେ ପ୍ରକୃତ କର୍ମୀ ଥିଲେ, କାଗଜପତ୍ର କର୍ମୀ ନ ଥିଲେ ।

ମନ୍ତ୍ରୀମଣ୍ଡଳ କାମ ସନ୍ତୋଷଜନକ ଭାବେ ଚାଲିଲା । ଅବଶ୍ୟ ବେଳେ ବେଳେ ମନ୍ତ୍ରୀମାନଙ୍କ ମଧ୍ୟରେ ମତ ପାର୍ଥକ୍ୟ ଦେଖାଯାଉଥିଲା । ଶ୍ରୀ ଲାଠେ ଓ ଶ୍ରୀ ମୁନ୍‌ସୀଙ୍କ ଭିତରେ ମତ ପାର୍ଥକ୍ୟ ବେଶୀ ଥିଲା । ଦୁଇଜଣଯାକ ସୁଦକ୍ଷ ଓ ଶକ୍ତିଶାଳୀ ବ୍ୟକ୍ତିତ୍ୱ । ଶ୍ରୀ ବାଲା ସାହେବଙ୍କ ସୁଦକ୍ଷ ଓ ଚାତୁର୍ଯ୍ୟପୂର୍ଣ୍ଣ ପରିଚାଳନା ଯୋଗୁଁ ଏ ମତ ପାର୍ଥକ୍ୟ ମନ୍ତ୍ରୀମଣ୍ଡଳ କାମରେ କୌଣସି ବାଧା ଦେଉ ନଥିଲା । ଆମେ ଅମାୟିକ ଆଲୋଚନା ଜରିଆରେ ଆମର ପାର୍ଥକ୍ୟ ଦୂର କରୁଥିଲୁ । ସର୍ଦ୍ଦାର ସାହେବଙ୍କର ଶ୍ରୀ ମୁନ୍‌ସୀଙ୍କ ଉପରେ ସମସ୍ତଙ୍କ ଅପେକ୍ଷା ବେଶୀ ବିଶ୍ୱାସ ଥିଲା । ମୁନ୍‌ସୀଜୀ ସର୍ଦ୍ଦାର ସାହେବ ସହିତ ବେଶୀ ସାକ୍ଷାତ କରୁଥିଲେ ତେଣୁ ଆମ ଆଲୋଚନା ଓ ପାର୍ଥକ୍ୟ କଥା କହୁଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ଏକଥା ଭଲ ଲାଗୁନଥିଲା ସେ ଏଥିପାଇଁ ଦୁଃଖୀ ଓ ବ୍ୟସ୍ତ ଥିଲେ । ସେ ଅତ୍ୟନ୍ତ ଭଦ୍ର ଥିବାରୁ ଏ ବିଷୟରେ ସର୍ଦ୍ଦାର ସାହେବଙ୍କୁ ଅଭିଯୋଗ କରୁନଥିଲେ । ସେ ମୋତେ ଏଥିରେ ସାହାଯ୍ୟ କରିବାକୁ କହିଲେ ।

ମୁଁ ମନ୍ତ୍ରୀ ମଣ୍ଡଳରେ ଯୋଗ ଦେବା ବେଳେ ସର୍ଦ୍ଦାର ସାହବଙ୍କୁ ପରିଷ୍କାର ଭାବେ କହିଥିଲି, "ମନ୍ତ୍ରୀମଣ୍ଡଳରେ ମୁଁ ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କର ଅନୁଗତ, ବିଶ୍ୱାସ ଭାଜନ ହେବି । ତା'ପରେ ତାଙ୍କର (ସର୍ଦ୍ଦାର ସାହେବଙ୍କର) ଅନୁଗତ ବା ବିଶ୍ୱାସ ଭାଜନ ହେବି । ଏକଥା ପ୍ରତି ସେ ଏକମତ ହେଲେ ମୁଁ ମନ୍ତ୍ରୀମଣ୍ଡଳରେ ଯୋଗ ଦେବି ଅନ୍ୟଥା ଆମ ମଧ୍ୟରେ ଭୁଲ ବୁଝାମଣାର ଆଶଙ୍କା ରହିବ ।" ସର୍ଦ୍ଦାର ସାହେବ ମୋ ସହିତ ଏକମତ ହୋଇଥିଲେ, ଫଳରେ କାମ କରିବା ସୁବିଧା ହୋଇଥିଲା । ତେଣୁ ବିନା ଦ୍ୱିଧାରେ ମୁଁ ଶ୍ରୀ ଖେରଙ୍କ ସହିତ ସର୍ଦ୍ଦାରଙ୍କ ପାଖକୁ ଶ୍ରୀ ମୁନ୍‌ସୀଙ୍କ ବିଷୟରେ ଆଲୋଚନା କରିବାକୁ ଗଲି । ବାଲା ସାହେବ ସର୍ଦ୍ଦାରଙ୍କୁ ନିଜର ମତ ଜଣାଇଲେ, କିନ୍ତୁ ଆଲୋଚନା କରି ପାରିଲେ ନାହିଁ, ତେଣୁ ସେ ଦାୟିତ୍ୱ ମୋ ପାଖକୁ ଆସିଲା । ମୁଁ ସର୍ଦ୍ଦାର ସାହବଙ୍କୁ କହିଲି ଶ୍ରୀ ମୁନ୍‌ସୀ ମୁଖ୍ୟମନ୍ତ୍ରୀଙ୍କ ଅଗୋଚରରେ, ତାଙ୍କ ପଛରେ, ତାଙ୍କୁ ସବୁ ବିଷୟ କହିବା ମନ୍ତ୍ରୀମଣ୍ଡଳ ପାଇଁ କ୍ଷତିକାରକ । ମନ୍ତ୍ରୀମଣ୍ଡଳ ଭଲ କାମ କରି ସୁନାମ ରଖିପାରିବେ ଯଦି ସେମାନେ ଗୋଟିଏ ଟିମ ହିସାବରେ କାମ କରନ୍ତି । ତେଣୁ ଏହା ଏକାନ୍ତ ଆବଶ୍ୟକ ଯେ କୌଣସି ମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ଅଗୋଚରରେ ଆପଣଙ୍କୁ ବା ଅନ୍ୟ କାହାକୁ ମନ୍ତ୍ରୀମାନଙ୍କର ଆଲୋଚନା ବିଷୟ କହିବେ ନାହିଁ । ଯଦି କୌଣସି ମନ୍ତ୍ରୀ ତାଙ୍କୁ ଏ ବିଷୟ କିଛି କୁହନ୍ତି ସେ ସାଙ୍ଗେ ସାଙ୍ଗେ ମୁଖ୍ୟମନ୍ତ୍ରୀଙ୍କୁ ତାହା ଜଣାଇ ଦେବା ଉଚିତ ହେବ ।

ସର୍ଦ୍ଦାରଙ୍କୁ ଏକଥା ପ୍ରଥମେ ଭଲ ଲାଗିଲା ନାହିଁ । କିନ୍ତୁ ଶେଷରେ ସେ ଆମ ସହିତ ଏକମତ ହେଲେ ଏବଂ ସେଇପରି ବାତାବରଣ ତିଆରି କରିବାକୁ ରାଜି ହେଲେ । ପାର୍ଲାମେଣ୍ଟାରୀ ବୋର୍ଡରେ ରହି ସେ ଏପରି ଭାବରେ କାମ କରୁଥିଲେ ଯେ ମନ୍ତ୍ରୀମଣ୍ଡଳ ଦୃଢ଼ତର ହେବାରେ ଲାଗିଲା ଏବଂ ତା'ର ସୁନାମରେ ଆଘାତ ଆସିଲା ନାହିଁ । ସର୍ଦ୍ଦାର ସାହେବଙ୍କ କର୍ମ କୁଶଳତା ସମସ୍ତେ ଜାଣିଥିଲେ ଏବଂ ତାଙ୍କ କାମ କରିବା ନୀତି କଂଗ୍ରେସ ମନ୍ତ୍ରୀମଣ୍ଡଳ ମାନଙ୍କୁ ସୁଦୃଢ଼ କରି ପାରିଥିଲା । କଂଗ୍ରେସ ମନ୍ତ୍ରୀମଣ୍ଡଳକୁ ଯେପରି କୌଣସି ଅସୁବିଧା ନ ହୁଏ ସେଥି ପ୍ରତି ସେ ବିଶେଷ ଯତ୍ନବାନ ଥିଲେ ଏବଂ ଆବଶ୍ୟକ ସ୍ଥଳେ ସମସ୍ତ ଦୋଷ ନିଜ ମୁଣ୍ଡ ଉପରକୁ ନେଉଥିଲେ । ସର୍ଦ୍ଦାରଙ୍କର ଏ ଅନନ୍ୟ ନୀତି କଂଗ୍ରେସ ମନ୍ତ୍ରୀମଣ୍ଡଳ ଓ ଅନୁଷ୍ଠାନକୁ ସୁଦୃଢ଼ କରିବାରେ ବିଶେଷ ସହାୟକ ହୋଇଥିଲା ।

Digitized by srujanika@gmail.com

ଲୋକମାନଙ୍କର ବସ୍ତେରେ ଏଇ ପ୍ରଥମ ସରକାରଙ୍କ ଉପରେ ଯଥେଷ୍ଟ ବିଶ୍ୱାସ ଥିଲା । ମନ୍ତ୍ରୀ ପଦରେ ନିଯୁକ୍ତ ହୋଇଥିବା ବ୍ୟକ୍ତିମାନେ ସୁଦକ୍ଷ ଓ ବିଶ୍ୱସ୍ତ କଂଗ୍ରେସ କର୍ମୀଥିଲେ ଓ ସ୍ୱାଧିନତା ଆନ୍ଦୋଳନରେ କ୍ଷତିଗ୍ରସ୍ତ ହୋଇଥିଲେ । ଆମେ ଦୁଇବର୍ଷ ତିନିମାସ କାର୍ଯ୍ୟକାଳ ମଧ୍ୟରେ ଶାସନରେ ଦୁର୍ନୀତି ଅନେକାଂଶରେ ଦୂର କରିବାକୁ ସକ୍ଷମ ହୋଇଥିଲୁ ।

୧୯୩୯ ଜୁଲାଇ ଅଗଷ୍ଟ ମାସରେ ୟୁରୋପରେ ଯୁଦ୍ଧର ଆଶଙ୍କା ଦେଖାଦେଲା । ସେ କ୍ଷେତ୍ରରେ ଆମେ କ'ଣ କରିବୁ ବିଚାର କରିବାକୁ ଲାଗିଲୁ । ପ୍ରକୃତରେ ସେପ୍ଟେମ୍ବର ଆରମ୍ଭରେ ଯୁଦ୍ଧ ଆରମ୍ଭ ହେଲାଏବଂ ଭାରତ, ବ୍ରିଟିଶ ସରକାରଙ୍କ ଦ୍ୱାରା, ଏଥିରେ ସଂପୃକ୍ତ ରହିଲା । ସେତେବେଳେ ବେଶ୍ ଲୋକମତ ସୃଷ୍ଟି ହୋଇଥିଲା ଯେ ଆମ ଦେଶ ଲଢ଼େଇରେ ଯୋଗ ଦେବନାହିଁ । କଂଗ୍ରେସ କାର୍ଯ୍ୟକାରୀ କମିଟି ଗମ୍ଭୀରତାର ସହ ବିଚାର ପରେ ସ୍ଥିର କରିଥିଲା ଯେ ଯୁଦ୍ଧରେ ହାତ ନ ରହିଲେ ଓ ସ୍ୱାଧୀନତା ନ ପାଇଲେ ଭାରତ ଯୁଦ୍ଧରେ ଅଂଶଗ୍ରହଣ କରିବ ନାହିଁ । ବ୍ରିଟିଶ ସରକାରଙ୍କ ସହିତ ଏ ବିଷୟରେ ଆଲୋଚନା ହେଲା କିନ୍ତୁ ସେ ଆମ ସହିତ ରାଜି ହେଲେ ନାହିଁ । ଅନ୍ୟ କଂଗ୍ରେସ ମନ୍ତ୍ରୀମଣ୍ଡଳ ସହିତ ଆମ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଲେ । ମୋର ଠିକ୍ ମନେ ଅଛି ଆମେ ନଭେମ୍ବର ଚାରି ତାରିଖରେ ଇସ୍ତଫା ଦେଲୁ ।

ଗଭର୍ଣ୍ଣର କହିଥିଲେ ଯେ ଇସ୍ତଫାର ଏକ ମାସ ପର୍ଯ୍ୟନ୍ତ ଆମେ ସରକାରୀ ଘରେ ରହି ପାରିବୁ । ମୁଁ କିନ୍ତୁ ରହିବା ଠିକ୍ ମନେକଲି ନାହିଁ, ଏବଂ ସେଇଦିନ ଘର ଛାଡି ଦେଲି । ମୁଁ ମୋର କାମ ଶେଷ କରିଥିଲି, କୌଣସି କାମ ବାକି ନଥିଲା ।

ପ୍ରଥମ ମନ୍ତ୍ରୀମଣ୍ଡଳ ଆମେ ଏଇପରି ତ୍ୟାଗ କରିଥିଲୁ । ଗଭର୍ଣ୍ଣର ଆମେ ଇସ୍ତଫା ନ ଦେବାପାଇଁ ଚେଷ୍ଟା କରିଥିଲେ କିନ୍ତୁ ଆମ ସର୍ତ୍ତ ମାନିବାକୁ ତାଙ୍କର କ୍ଷମତା ନ ଥିଲା । କେବଳ ବ୍ରିଟିଶ୍ କ୍ୟାବିନେଟର କ୍ଷମତା ଥିଲା ଏବଂ ଗଭର୍ଣ୍ଣରଙ୍କ ଏତେ ପ୍ରଭାବ ନ ଥିଲା । ତେଣୁ ଆମେ ଇସ୍ତଫା ଦେଲୁ, କିନ୍ତୁ କୌଣସି ତିକ୍ତତାକୁ ପ୍ରଶ୍ରୟ ଦେଇନଥିଲୁ ।

Digitized by srujanika@gmail.com

(୨୦) ମଧ୍ୟବର୍ତ୍ତୀ ସମୟ

୧୯୩୯ ନଭେମ୍ବର ମାସରେ ଇସ୍ତଫା ଦେଇ ମୁଁ ଅହମଦାବାଦ ଫେରିଲି । ମୋ ତିନିଭାଇ ଅହମଦାବାଦରେ ରହୁଥିଲେ । ମୁଁ ସେମାନଙ୍କ ସହିତ ରହିଲି । ମୋ ଠାରୁ ଅଳ୍ପ ସାନ ଅମ୍ବେଲାଲ ଗୋଟିଏ ମିଲ୍‌ରେ ମାନେଜର ଥିଲେ । ତାଙ୍କ ତଳ ଭାଇ ନାନୁଭାଇ ଲଣ୍ଡନରୁ ଫେରି ଗୋଟିଏ ପ୍ରାଇଭେଟ୍ ହସ୍ପିଟାଲ୍ ଚଳାଉଥଲେ । ସାନଭାଇ ଛୋଟୁଲାଲ ସିନ୍ଧରୁ ବଦଳି ହୋଇ ଆସି ଅହମଦାବାଦ ମ୍ୟୁନିସିପାଲିଟିରେ ଚିଫ୍ ଇଂଜିନିୟର ଥିଲେ । ଭାଇମାନେ ନିଜ ନିଜ କାମ ଧରିବା ପରେ ପ୍ରଥମ ଥର ପାଇଁ ଏବେ ଆମେ ସମସ୍ତେ ଏକାଠି ହେଲୁ ।

ଭାଇମାନେ ବିଭିନ୍ନ ସ୍ଥାନରେ କାମ କରୁଥିବାରୁ ଆମେ ଏ ପର୍ଯ୍ୟନ୍ତ ଏକାଠି ହୋଇ ରହି ନଥିଲୁ । ଅମ୍ବୁଭାଇ ଅହମଦାବାଦରେ ୧୯୩୦ରୁ କାମ କରୁଥିଲେ । ନାନୁଭାଇ ୧୯୩୦ ପର୍ଯ୍ୟନ୍ତ ପଢୁଥିଲେ । ତାଙ୍କର ପଢ଼ିବାକୁ ଖୁବ୍ ଇଚ୍ଛା ଥିଲା । ଏମ.ବି.ବି.ଏସ. ପରେ ୧୯୨୮ରେ ଲଣ୍ଡନ ଯାଇ ଆଉ ପଢ଼ିବାକୁ ତାଙ୍କର ଖୁବ୍ ଇଚ୍ଛା ଥିଲା । ୧୯୩୦ ଆରମ୍ଭ ପାଖପାଖି ତାଙ୍କର ଲଣ୍ଡନ ଯିବାର ବନ୍ଦୋବସ୍ତ କରିବାକୁ ଓ ମୋ ଦରମାର ଅଧା ତାଙ୍କୁ ଲଣ୍ଡନରେ ଥିବା ପର୍ଯ୍ୟନ୍ତ ପଠାଇବାକୁ ମୁଁ ସ୍ଥିର କଲି । ସେ ଜାହାଜରେ ଯିବାକୁ ସବୁ ବନ୍ଦୋବସ୍ତ କରିଥିଲେ । କିନ୍ତୁ ଯିବାର ୧୫ ଦିନ ପୂର୍ବରୁ ମୁଁ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲି । ଆଗରୁ ଉଲ୍ଲେଖ କରିଛି, ମୁଁ ଅର୍ଥାଭାବରୁ ତାଙ୍କୁ ବାହାରକୁ ଯିବାକୁ ମନା କଲି । ସେ ନିରୁତ୍ସାହ ହେଲେ କିନ୍ତୁ ନୂତନ ପରିସ୍ଥିତି ବୁଝିଥିଲେ । ସେ ଯିବା ବନ୍ଦ କରି କିଛି ଦିନ ପରେ ବିକାନିର ମହାରାଜାଙ୍କ ପାଲେସ ଡାକ୍ତର ହିସାବରେ ନିଯୁକ୍ତି ପାଇଲେ । ସେ ୫ବର୍ଷ ଚାକିରି କରି ଚାରି ପାଞ୍ଚ ହଜାର ଟଙ୍କା ସଂଚୟ କରି ବାହାରକୁ ପଢ଼ିବାକୁ ଯିବାକୁ ଇଚ୍ଛାକଲେ । ସେ ମୋତେ ଯେତେବେଳେ ଏକଥା କହିଲେ ମୁଁ ଶ୍ରୀ ଭୁଲାଭାଇ ଦେଶାଇଙ୍କଠାରୁ ପାଞ୍ଚହଜାର ଟଙ୍କା ଧାର ଆଣି ତାଙ୍କୁ ଦେଲି । ଏଇପରିଭାବେ ସେ ଇଂଲଣ୍ଡ ଗଲେ ଓ ଅଢ଼େଇ ବର୍ଷ ପରେ ଏଫ୍.ଆର୍.ସି.ଏସ୍. ଶେଷ କରି ଆସି ଅହମଦାବାଦରେ ଘରୋଇ ପ୍ରାକ୍ଟିସ୍ କଲେ । ସେ ସେଇ ଘରେ ରହିଲେ ଓ ଡାକ୍ତରୀ ବ୍ୟବସାୟ କଲେ । ଆମେ ସମସ୍ତେ ଏକାଠି ରହିଲୁ । ୧୯୪୬-୪୭ରେ ଶ୍ରୀ ଭୁଲାଭାଇ ଦେଶାଇଙ୍କର ଋଣ ପରିଶୋଧ କଲି ।

ମୋ ଭାଇ ଡାକ୍ତରି କରୁଥିବା ଘରେ ୧୯୩୭ରୁ ୧୯୪୦ ଯାଏ ଆମେ ସ୍ୱସ୍ତିକ ସୋସାଇଟିରେ ରହିଥିଲୁ । ବଲ୍‌ସାର୍‌ର ଶ୍ରୀ ସୁବୋଧ ଦେଶାଇ ଆମର ବଂଧୁ ଓ ପଡୋଶୀ ଥିଲେ । ମୋ ସାନ ଭାଇ ଚିଫ୍ ଇଂଜିନିୟର ଥିଲେ ଓ ସେଠାରେ ସେ ଆସିଷ୍ଟାଣ୍ଟ୍ ଇଂଜିନିୟର ହିସାବରେ କାମ କରୁଥିଲେ । ଶ୍ରୀ ସୁବୋଧ ଦେଶାଇ ଭଲ ଇଂଜିନିୟର ଥିଲେ, ତା ଛଡ଼ା ଭଲ ଜ୍ୟୋତିଷ ବି ଥିଲେ । ସେ ଜ୍ୟୋତିଷ ବିଦ୍ୟା ଭଲ ପଢ଼ିଥିଲେ ।

ମୁଁ ମାସେ ଦି ମାସ ଦେଖିଲି ଯେ ଶ୍ରୀ ସୁବୋଧ ଭାଇ ନିହାତି ଦରକାର ନ ପଡିଲେ କାର ବା ସାଇକଲରେ ଯାଉନଥିଲେ, ଚାଲି କରି ଯିବାକୁ ପସନ୍ଦ କରୁଥିଲେ । ମୁଁ ତାଙ୍କୁ କାରଣ ପଚାରିବାରୁ ସେ କହିଲେ ଯେ ତାଙ୍କ ନକ୍ଷତ୍ର ମାନଙ୍କର ସ୍ଥିତି ଅନୁସାରେ ଆଠମାସ ମଧ୍ୟରେ ତାଙ୍କର ସାଂଘାତିକ ଦୁର୍ଘଟଣା ସମ୍ମୁଖୀନ ହେବାର ଆଶଙ୍କା ଅଛି । ସୁରକ୍ଷା ଦୃଷ୍ଟିରୁ ସେ ପାଦରେ ଚାଲି କରି ଯାଉଥିଲେ । ମୁଁ ତାଙ୍କୁ କହିଲି ଦୁର୍ଘଟଣା ହେବାର ଥିଲେ ସେ ଏଡେଇ ଦେଇ ପାରିବେ ନାହିଁ । ପଚାରିଲି, ପାଦରେ ଚାଲି କରି ଗଲେ କ'ଣ ଦୁର୍ଘଟଣା ଘଟିବ ନାହିଁ ? ମୁଁ ତାଙ୍କୁ ପ୍ରବର୍ତ୍ତାଇବା ପାଇଁ କହିଲି ଯେ ବ୍ୟସ୍ତ ହେବା ଓ ବେଶୀ ହୁସିଆର ହେବା ଦରକାର ନାହିଁ । ସେ କହିଲେ, ଦୁର୍ଘଟଣାରୁ ଦୂରରେ ରହିବାକୁ ହେଲେ ହୁସିଆର ରହିବା ଉଚିତ୍ । ମୁଁ ତାଙ୍କ ସହିତ ଏକମତ ହେଲି ନାହିଁ, କାରଣ ଦୁର୍ଘଟଣା ହେବାର ଥିଲେ ନିଶ୍ଚୟ ହେବ ସେଥିପାଇଁ ମୋ ମତରେ ବ୍ୟସ୍ତ ହେବା ଉଚିତ ନୁହେଁ । ମୁଁ କହିଲି, ଏ ସବୁ ବିଷୟରେ ବ୍ୟସ୍ତ ନ ହୋଇ କାମ କରିବା ଉଚିତ୍ । ଏହାର ପ୍ରାୟ ଏକମାସ ପରେ, ଜୁଲାଇ

Digitized by srujanika@gmail.com

ମାସରେ ଦିନେ ସଂଧ୍ୟା ବେଳେ ଆମେ ଚାରିଜଣ ଓ ସୁବୋଧ ଭାଇ ଆମଘରେ ବ୍ରିଜ ଖେଳୁଥିଲୁ । ରାତି ସାଢ଼େ ଏଗାରଟା ବେଳକୁ ଜୋରରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେଲା, କେତେ ଗଛ ତୋଫାନ ଯୋଗୁ ଉପୁଡ଼ି ପଡିଲା । ସୁବୋଧ ଭାଇ କହିଲେ ସେ ଓ ଛୋଟୁ ଭାଇ ବାହାରକୁ ଯାଇ କ'ଣ ହୋଇଛି ଦେଖିବେ ଓ ରାସ୍ତାରୁ ଗଛ ସବୁ ସଫା କରିବେ । ମୁଁ ତାଙ୍କୁ କହିଲି, ଏତେ ରାତିରେ ଓ ମୂଷଳ ଧାରା ବର୍ଷାରେ ସେମାନେ କିଛି କରିପାରିବେ ନାହିଁ । ସକାଳେ ଯାଇ ଯାହା କରିବେ । ମୋ କଥା ମାନି ସକାଳ ୬ଟାରେ ଦୁଇ ଜଣଯାକ ଯିବେ ବୋଲି ସ୍ଥିର କଲେ ।

କଥାବାର୍ତ୍ତା ଅନୁଯାୟୀ ଉଭୟ ସକାଳେ ବାହାରକୁ ଗଲେ । ମୋ ଭାଇ ଏଲିସ ବ୍ରିଜ ଏରିଆ ଯିବାକୁ କହିବାବେଳେ ସୁବୋଧ ଭାଇ ଗୁଜରାଟ ବିଦ୍ୟାପୀଠ ଆଡକୁ ଯିବାକୁ କହିଲେ । ତେଣୁ ଉଭୟ ବିଦ୍ୟାପୀଠ ଆଡକୁ ଗଲେ । ଆମ ଘରଠାରୁ ଅଳ୍ପ ଦୂରରେ ବିଦ୍ୟାପୀଠ ଦିଗରେ ଗୋଟିଏ ଛୋଟିଆ ପୋଲ ବା କଲଭର୍ଟ ଥିଲା । କଲଭର୍ଟ ପାଖରେ ଦେଖିଲେ ଯେ ତଳେ ପାଣି ପ୍ରାୟ ପାଞ୍ଚଫୁଟ ଗଭୀରରେ ଚାଲିଛି । ଛୋଟୁ ଭାଇ ଓ ସୁବୋଧ ଭାଇ କଲଭର୍ଟ ଉପରେ ଚାଲିବା ମାତ୍ରେ କଲଭର୍ଟ ଭୁସୁଡି ପଡିଲା ଏବଂ ଦୁଇଜଣ ଯାକ ନାଳିରେ ପଡିଗଲେ । ସତେ ଯେପରି କଲଭର୍ଟ ଭୁସୁଡି ପଡିବା ପାଇଁ ଦୁଇ ଜଣଙ୍କ ଚାଲିକୁ ଅପେକ୍ଷା କରିଥିଲା ?

ମୋ ଭାଇ, ପତଳା, ପହଁରା ଜାଣି ନଥିଲା କିନ୍ତୁ କୌଣସି ପ୍ରକାରେ ନାଳି ବାହାରକୁ ଚାଲି ଆସିଲା । କିନ୍ତୁ ସୁବୋଧ ଭାଇ ଇଟାମାଟି ତଳେ ପୋତି ହୋଇପଡିଲେ । ଛୋଟୁ ଭାଇ ଘରକୁ ଦୌଡି ଆସି ସବୁକଥା କହିଲେ । ସେ ଡରି ଯାଇଥିଲେ । ଠିକ୍ କରି ଦୁର୍ଘଟଣା ବିଷୟ କହି ପାରୁନଥିଲେ । ଆମେ ବୁଝିବା ସାଙ୍ଗେ ସାଙ୍ଗେ ମୁଁ ଓ ଅନ୍ୟ କେତେଜଣ ଦୁର୍ଘଟଣା ସ୍ଥଳକୁ ଗଲୁ । ସୁବୋଧ ଭାଇ ଶବ ଇଟାମାଟି ତଳୁ ଖୋଳି ବାହାର କରିବାକୁ ହେଲା । ଆମେ ପ୍ରାଥମିକ ଚିକିତ୍ସା କଲୁ । ପେଟ ଓ ଛାତିରୁ ପାଣି ବାହାର କଲୁ କିନ୍ତୁ ସେ ଆଗରୁ ପ୍ରାଣ ତ୍ୟାଗ କରିଥିଲେ । ତଥାପି ଆମେ ହସ୍ପିଟାଲ ନେଲୁ । ସେଠାରେ ଡାକ୍ତର ସେୟା କହିଲେ, ସୁବୋଧ ଭାଇଙ୍କ ଗ୍ରହ ନକ୍ଷତ୍ର ସ୍ଥିତି ଦ୍ୱାରା ଆଗରୁ ଜଣାଯାଇଥିବା ଦୁର୍ଘଟଣା ଏହିପରି ଘଟିଲା । କିନ୍ତୁ ସେ ଜାଣିକରି ମଧ ବଞ୍ଚି ପାରିଲେ ନାହିଁ । ଏଇ ଦୁର୍ଘଟଣାରେ ମୁଁ ମୋର ଜଣେ ଯୁବ, ଶକ୍ତିବାନ, ବିବେକୀ ଓ ଉଚ୍ଚ ଚରିତ୍ରର ବଂଧୁଙ୍କୁ ହରାଇଲି । ଏଇ ଘଟଣାରୁ ମୋର ଦୃଢ଼ ବିଶ୍ୱାସ ହେଲା ଯାହା ଘଟିବାର ଥିବ ତାହା ଘଟିବ, କେହି ତାକୁ ବନ୍ଦ ବା ବଦଳାଇ ପାରିବେ ନାହିଁ । ସମସ୍ତ କଥା ଭଗବାନଙ୍କ ଆଇନାନୁସାରେ ଚାଲେ ଏବଂ ମଣିଷ ତାକୁ ଉତ୍‌ଫୁଲ୍ଲ ସହକାରେ ଓ ନୀରବରେ ଗ୍ରହଣ କରିବା ଉଚିତ । ତା' ମାନେ ନୁହେଁ ଯେ ମଣିଷ କିଛି ଚେଷ୍ଟା କରିବ ନାହିଁ । ଭବିଷ୍ୟବାଣୀ ଯେତେ ଠିକ୍ ହୋଇଥିଲେ ବି ଆମେ ନିଶ୍ଚୟ ବୋଲି କହିପାରିବା ନାହିଁ । ଆମେ ତେଣୁ ଆମ ବୁଦ୍ଧି ଖଟାଇ ଯାହା କରିବା କଥା ତାହା କରିବା ଉଚିତ । ଫଳ ସବୁବେଳେ ତାଙ୍କରି ଆଇନଗତ ହେବ ଏବଂ ତାକୁ ଗ୍ରହଣ କରିବାକୁ ପଡିବ । ମଣିଷ ସେଇ ଆଇନାନୁସାରେ କାମ କରି ଫଳାଫଳରେ ସନ୍ତୁଷ୍ଟ ହେବା ଉଚିତ । ଯାହା ଘଟୁଛି ସେଥିରେଭଗବାନଙ୍କ କୃପା ଆମ ମାନଙ୍କୁ ଦେଖିବାକୁ ହେବ । ଏଥିରେ ବିଶ୍ୱାସ କରି ଗତି କଲେ ମଣିଷ ମନରେ ଶାନ୍ତି ଓ ଆନନ୍ଦ ପାଇପାରିବ ।

୧୯୩୭ ଶେଷଯାଏ ମୁଁ ପହଁରା ଜାଣିନଥିଲି । ଶିଖିବାକୁ ବହୁତ ଥର ଇଚ୍ଛା କରିଥିଲି, କିଛି ସୁବିଧା ଓ ସୁଯୋଗ ପାଇ ନଥିଲି । ବମ୍ବେରେ ଗୋଲୱାଲ ବାଥର ଶ୍ରୀ ଗୋଲୱାଲଙ୍କ ସହିତ ୧୯୩୮ ଆରମ୍ଭରେ ଦେଖା ହୋଇଥିଲା ଓ ମୁଁ ତାଙ୍କ ଗାଧୋଇବା ପୋଖରୀକୁ ଯିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ । ମୋ ସୁବିଧାରେ ମୋତେ ପହଁରା ଶିଖାଇବାକୁ ସେ କହିଲେ । ମୁଁ ସେଠାକୁ ସକାଳ ସାଢ଼େ ଛଅଟାରେ ଯାଏ ଓ ସେ ସାତ ଆଠ ଦିନରେ ମୋତେ ପହଁରା ଶିଖାଇଥିଲେ । ତାପରେ ମୁଁ ଅନ୍ୟ କାହାଠାରୁ କୌଣସି ସାହାଯ୍ୟ ଦରକାର କରିନଥିଲି ।

Digitized by srujanika@gmail.com

ବର୍ତ୍ତମାନ ମୁଁ ରହୁଥିବା ମେରିନ ଲାଇନ୍ସର ଷ୍ଟେସନର ବିପରୀତ ଦିଗରେ ସମୁଦ୍ରରେ ନିୟମିତ ଭାବେ ପହଁରୁଛି । ବ୍ୟବସାୟୀମାନେ ସେଠାରେ ପହଁରନ୍ତି । ମୁଁ ତାଙ୍କ ସାଙ୍ଗରେ ପହଁରେ । ମୋ ପି.ଏ. ଶ୍ରୀ ଠାକୁର ଭାଉ ଦେଶାଇ ଓ ମୋ ବଂଧୁ ଶ୍ରୀଏଲ.ଏମ. ପାଟିଲଙ୍କ ପିଏ ଶ୍ରୀ ଟୋନ୍‌ପେ ମୋ ସାଙ୍ଗରେ ଆସନ୍ତି । ଦୁଇ ତିନିମାସ ଏମିତି ପହଁରିବା ପରେ ମୁଁ ପୁନା ଗଲି, କାରଣ ସରକାରୀ ଅଫିସ ଜୁନ ମାସରେ ସେଠାକୁ ସ୍ଥାନାନ୍ତରିତ ହୁଏ । ସେଠାରେ ଆମେ ତିନିଜଣ ହର୍ଟିକଲଚରାଲ ଗାର୍ଡନ ପାଖ ମୁଲା ନଈରେ ପହଁରିଲୁ । ଶ୍ରୀ ପଟିଲ ମଧ ଯୋଗ ଦେଲେ । ଅକ୍ଟୋବର ମାସରେ ବମ୍ବେ ଆସି ପୁଣି ପହଁରିଲୁ । ପ୍ରତିଦିନ ପ୍ରାୟ ଏକଘଣ୍ଟା ପହଁରୁଥିଲୁ । ନିରାପଦ ଓ ପଥର ବା ପଙ୍କ ନ ଥିବା ସ୍ଥାନ ଆମେ ବାଛିଥାଉ । ପାଣି ବି ଗଭୀର ନଥାଏ । ଆସ୍ତେ ଆସ୍ତେ ଆମେ ଆଗକୁ ଯାଉ । ଦିନେ ମେରିନ ଲାଇନ୍ସରୁ ଆମେ ଚୌପାଟିରେ ପହଞ୍ଚି ପୁଣି ଫେରି ଆସିଲୁ । ବର୍ଷେ ମାତ୍ର ଅଭ୍ୟାସ କରି ମୁଁ ତିନି ମାଇଲ ପହଁରି ପାରିଲି । ମୋର ସାହସ ଓ ଉତ୍ସାହ ବଢ଼ିଲା । ବମ୍ବେରେ ଥିବା ଯାଏ ମୁଁ ଏଇ ଅଭ୍ୟାସ ରଖିଥିଲି । ମନ୍ତ୍ରୀମଣ୍ଡଳ ଛାଡିବା ପରେ ମୁଁ ଅଭ୍ୟାସ ରଖିପାରିଲି ନାହିଁ । କିନ୍ତୁ ସୁବିଧା ମିଳିଲେ ପହଁରେ ।

୧୯୪୬ରେ ଦ୍ୱିତୀୟ ମନ୍ତ୍ରୀମଣ୍ଡଳ ଗଠନ ବେଳେ ପୁଣି ଆରମ୍ଭ କରି ୧୯୫୦-୫୧ ଯାଏ ଏ ଅଭ୍ୟାସ ରଖିଲି । ରାଜଭବନ କମ୍ପାଉଣ୍ଡ ଭିତରେ ସମୁଦ୍ରକୁ ଗଲୁ । ପହଁରିବା ପାଇଁ ଏ ସ୍ଥାନ ସୁରକ୍ଷିତ ଥିଲା । କାମର ଭୀଷଣ ଚାପ ଯୋଗୁଁ ସକାଳେ ସମୟ ନ ପାଇବାରୁ ମୁଁ ୧୯୫୧ରୁ ପହଁରିବା ଅଭ୍ୟାସ ଛାଡିଲି । ମୁଁ ତଥାପି କେବେ କେବେ ପହଁରୁଥିଲି, କିନ୍ତୁ ନିୟମିତ ରୂପେ ନୁହେଁ ।

୧୯୩୯ ନଭେମ୍ବରରେ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇ ମୁଁ ଅହମଦାବାଦ ଫେରି ଆସିବା ପରେ କଂଗ୍ରେସ ପ୍ରଦେଶ କମିଟିରେ ସେକ୍ରେଟେରୀ ନିର୍ବାଚିତ ହେଲି । ସର୍ଦ୍ଦାର ସାହେବ ସଭାପତି ଥାଆନ୍ତି । କଂଗ୍ରେସ କାମରେ ଉତ୍ସାହ ଆଣିବା ପାଇଁ ଏବଂ କାର୍ଯ୍ୟକ୍ରମ ସକ୍ରୀୟ କରିବା ପାଇଁ ମୁଁ ସବୁ ଜିଲା ଗସ୍ତରେ ଗଲି । ଆମ ଇସ୍ତଫା ଲୋକମାନଙ୍କର ଖୁବ୍ ପସନ୍ଦ ହୋଇଥିଲା ଓ ସେମାନଙ୍କ କଂଗ୍ରେସକୁ ଉତ୍ସାହିତ କରୁଥିଲେ ।

ମୌଲାନା ସାହେବ ଅଧକ୍ଷ ଥିବାବେଳେ ୧୯୪୦ରେ କଂଗ୍ରେସର ବାର୍ଷିକ ଅଧିବେଶନ ବିହାରର ରାମଗଡ଼ ଠାରେ ଅନୁଷ୍ଠିତ ହୋଇଥିଲା । ୧୯୩୮ ରେ ସୁବାସ ବାବୁଙ୍କ ନିର୍ବାଚନ କଥା ଆଗରୁ ଉଲ୍ଲେଖ କରିଛି । ୧୯୩୯ରେ ତ୍ରିପୁରା କଂଗ୍ରେସ ଅଧିବେଶନରେ ଶ୍ରୀ ପଟାଭି ସୀତା ରାମୟାଙ୍କୁ ପରାସ୍ତ କରି ପୁଣି ସେ ଅଧକ୍ଷ ନିର୍ବାଚିତ ହୋଇଥିଲେ । ଆଗରୁ ଉଲ୍ଲେଖ କରିଛି ଯେ ଗାନ୍ଧିଜୀଙ୍କ ସମ୍ମତି କ୍ରମେ ୧୯୩୮ରେ ସେ ଅଧକ୍ଷ ହୋଇଥିଲେ । କିନ୍ତୁ ନିର୍ବାଚନ ପରେ ଗାନ୍ଧିଜୀଙ୍କ ନୀତି ଅନୁସାରେ ଚଳିବା ପ୍ରତିଜ୍ଞା ଭଙ୍ଗ କରିଥିଲେ ଏବଂ ଅନ୍ୟ ପନ୍ଥା ଅବଲମ୍ବନ କରିଥିଲେ । ଅହିଂସା ନୀତିରେ ତାଙ୍କର ବିଶ୍ୱାସ ନ ଥିଲା । ତେଣୁ ଗାନ୍ଧିଜୀ ୧୯୩୯ ନିର୍ବାଚନରେ ସୁବାସ ବାବୁ ସହିତ ସହଯୋଗ କଲେ ନାହିଁ । ଗାନ୍ଧିଜୀଙ୍କ ବିରୁଦ୍ଧତା ସତ୍ତ୍ୱେ ସେ ୧୯୩୯ରେ ନିର୍ବାଚିତ ହୋଇଥିଲେ । ଏଇ ସବୁ ନିର୍ବାଚନ ଯୋଗୁ ସୁଭାସ ବାବୁ ଓ ତାଙ୍କ ବନ୍ଧୁ ଏକ ପକ୍ଷରେ ଏବଂ ଅନ୍ୟ ପକ୍ଷରେ ଗାନ୍ଧିଜୀ ଓ ତାଙ୍କ ନୀତି ମାନୁଥିବା ନେତା ମାନଙ୍କ ମଧ୍ୟରେ ମତ ପାର୍ଥକ୍ୟ ଜନସାଧାରଣ ଜାଣି ପାରିଲେ । ତ୍ରିପୁରା ଅଧିବେଶନରେ ସୁବାସ ବାବୁ ଅସୁସ୍ଥ ଥିବା ସତ୍ତ୍ୱେ ଅଧକ୍ଷତା କରିଥିଲେ । ଏଇ ଅଧିବେଶନରେ ମତଭେଦ ତୀବ୍ର ହୋଇ ଉଠିଥିଲା । କଲିକତାରେ ଏ.ଆଇ.ସି.ସି.ର ପର ଅଧିବେଶନରେ ଅଧିକାଂଶ ସଭ୍ୟ ବିରୋଧ କରିବାରୁ ସୁବାସ ବାବୁଙ୍କୁ ଇସ୍ତଫା ଦେବାକୁ ପଡିଥିଲା । ସେ କଂଗ୍ରେସ ଛାଡି ଫରୱାର୍ଡ ବ୍ଲକ ଆରମ୍ଭ କରିଥିଲେ । ତେଣୁ ସେ ରାମଗଡ କଂଗ୍ରେସ ଅଧିବେଶନରେ ଉପସ୍ଥିତ ନ ଥିଲେ ।

ବାଲା ସାହେବ ଓ ମୁଁ ସାଙ୍ଗ ହୋଇ ରାମଗଡ଼ ଯାଇଥିଲୁ । ଭୀଷଣ ବର୍ଷା ଯୋଗୁ ପ୍ରତିନିଧିଙ୍କ ପାଇଁ ତିଆରି କୁଡିଆ ଘର ଭୁସୁଡି ପଡିଥିଲା । ପେଣ୍ଡାଲ ମଧ ଠିକ୍ ରହିପାରିଲା ନାହିଁ । ଅଧିବେଶନ କାମ ଠିକ ରୂପେ କରି ହେଲା ନାହିଁ । ପତାକା ସ୍ତମ୍ଭ ପାଖରେ ଘଣ୍ଟାଏ ଦିଘଣ୍ଟା ସଭା କରି ଅଧିବେଶନ ଶେଷ କରିଥିଲୁ । ତା'ପରେ

Digitized by srujanika@gmail.com

ମୁଁ ଓ ବାଲା ସାହେବ ବୁଦ୍ଧ ଗୟା, ବନାରସ, ଦୟାଲବାଗ, ଆଗ୍ରା, ଝାନ୍ସି ଏବଂ ଅନ୍ୟସ୍ଥାନ ଗଲୁ । ବୁଦ୍ଧ ଗୟାରେ ବୁଦ୍ଧ ମନ୍ଦିର ଆମ ମନରେ ରେଖାପାତ କରିଥିଲା । ବନାରସରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଓ ଅନ୍ୟାନ୍ୟ ସ୍ଥାନ ଦେଖିଲୁ । ଗଙ୍ଗାରେ ଅଧଘଣ୍ଟାଏ ପହଁରିଲୁ । ଆମ କ୍ଲାନ୍ତି ଦୂର ହୋଇଗଲା ।

ବନାରସରୁ ଆଗ୍ରା ଗଲୁ ଓ ସେଠାରେ ସତସଙ୍ଗୀ ଦ୍ୱାରା ପରିଚାଳିତ ଦୟାଲବାଗ୍‌ରେ ରହିଲୁ । ତାଙ୍କୁ ରାଧା ସ୍ୱାମୀ ସଂଘ କହୁଥିଲେ । କେତେକ ଶିଳ୍ପ କର୍ମ ଚାଲିଥାଏ ଏବଂ ଏଥିରେ ସତ୍‌ସଙ୍ଗୀମାନେ ଉତ୍ସାହର ସହିତ କାମ କରୁଥାନ୍ତି । ଏସବୁ କାମରେ ସତ୍‌ସଙ୍ଗୀଙ୍କ ବିଶ୍ୱାସ ଆମକୁ ଖୁବ୍ ଭଲ ଲାଗିଲା । ସେତେବେଳେ ଗୋଟିଏ ସୁନ୍ଦର ମନ୍ଦିର କାମ ଚାଲିଥାଏ । କେତେ ବର୍ଷ ଆଗରୁ ଦେଉଳ ତୋଳା କାମ ଆରମ୍ଭ ହୋଇଥିଲେ ମଧ କାମ ଶେଷ ହୋଇ ନଥାଏ । ଏଥିପାଇଁ ବହୁତ ଅର୍ଥର ଦରକାର ଥାଏ ଏବଂ ସତ୍‌ସଙ୍ଗୀମାନେ ଆନନ୍ଦରେ ଓ ମୁକ୍ତ ହସ୍ତରେ ଦାନ କରୁଥାନ୍ତି । ଆଗ୍ରାରୁ ଆମେ ଝାନ୍ସୀ ଗଲୁ, ପରେ ଆଉ ଉଲ୍ଲେଖ ଯୋଗ୍ୟ ସ୍ଥାନ ଦେଖି ବମ୍ବେ ଫେରିଲୁ ।

(୨୧) ବ୍ୟକ୍ତିଗତ ସତ୍ୟାଗ୍ରହ ଓ ଚତୁର୍ଥ ଜେଲ ଯାତ୍ରା

ବ୍ରିଟିଶ ସରକାର ଲୋକ ପ୍ରତିନିଧି ମାନଙ୍କର ସମ୍ମତି ନ ନେଇ ଭାରତକୁ ଦ୍ୱିତୀୟ ବିଶ୍ୱ ସମରରେ ସଂଶ୍ଳିଷ୍ଟ କରିଥିଲେ । ଫଳରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଇଥିଲେ । ଆମ ଇସ୍ତଫା ପତ୍ର ତାଙ୍କ ଉପରେ କୌଣସି ପ୍ରଭାବ ପକାଇଲା ପରି ଜଣାପଡିଲା ନାହିଁ । ଆଗକୁ କି ପଦକ୍ଷେପ ନେବୁ ତାହା ବିଚାର କରିବା ପାଇଁ ୧୯୪୦ ଜୁଲାଇ - ଅଗଷ୍ଟରେ ଏ.ଆଇ.ସି.ସି.ର ଗୋଟିଏ ଅଧିବେଶନ ପୁନାରେ ବସିଥିଲା ।

ସରକାର ଦେଶକୁ ସ୍ୱରାଜ ଦେବାକୁ ରାଜି ହେଲେ ଭାରତ ମିତ୍ର ଦେଶକୁ ସାହାଯ୍ୟ କରିବ ମର୍ମରେ ଗୋଟିଏ ପ୍ରସ୍ତାବ ରଖାଗଲା । ଗାନ୍ଧିଜୀ, ତିନି ଚାରିଜଣ ଉଚ୍ଚ ନେତାଙ୍କ ସମେତ, ଏ ପ୍ରସ୍ତାବର ପ୍ରତିରୋଧ କଲେ । କିନ୍ତୁ ସେମାନେ କମ୍ ଥିଲେ ଓ ପ୍ରସ୍ତାବଟି ସଂଖ୍ୟାଧିକ ଗରିଷ୍ଠତା ସହ ଅନୁମୋଦନ ପାଇଲା । ସର୍ଦ୍ଦାର ପଟେଲ ପ୍ରସ୍ତାବ ଅନୁମୋଦନ କରିଥିଲେ । ଗୁଜରାଟ ପ୍ରଦେଶ କଂଗ୍ରେସ କମିଟି ଏ ପ୍ରସ୍ତାବ ପୁନଃସମର୍ଥନ କରିବାବେଳେ ଗାନ୍ଧିଜୀଙ୍କ ପ୍ରତିରୋଧ ସତ୍ତ୍ୱେ, ସେ କାହିଁକି ସମର୍ଥନ କରିଥିଲେ ସେ ବିଷୟରେ କହିଲେ । ଗାନ୍ଧିଜୀଙ୍କ ପକ୍ଷରେ ପ୍ରତିରୋଧ କରିବା ତାଙ୍କ ଆଦର୍ଶ ଅନୁସାରେ ଯୁକ୍ତିଯୁକ୍ତ ଥିଲା । ଅନ୍ୟମାନେ, ଯେହେତୁ, ସେ ପ୍ରଚାର କରୁଥିବା ଆଦର୍ଶ ସ୍ତରରେ ପହଞ୍ଚି ନାହାନ୍ତି, ସେମାନେ ପ୍ରସ୍ତାବ ଅନ୍ତର୍ଗତ ସର୍ତ୍ତ ଅନୁସାରେ ଯୁଦ୍ଧରେ ଭାଗ ନେବାକୁ ଇଚ୍ଛା ପ୍ରକାଶ କଲେ । ସେମାନେ ଭାବିଲେ ସ୍ୱରାଜ ଶୀଘ୍ର ଆସିଲେ ସେମାନେ ତାହା ଗ୍ରହଣ କରିବେ । ଏଇ କାରଣ ଯୋଗୁଁ ସର୍ଦ୍ଦାର ସାହେବ ପ୍ରସ୍ତାବ ଅନୁମୋଦନ କରିଥିଲେ । ମୋର ଯେତେ ଦୂର ମନେ ହୁଏ, ଏହା ଥିଲା ପ୍ରଥମ ଘଟଣା ଯେଉଁଠି ସର୍ଦ୍ଦାର ସାହେବ କଂଗ୍ରେସର କୌଣସି ପ୍ରସ୍ତାବରେ ଗାନ୍ଧିଜୀଙ୍କ ଠାରୁ ଅଲଗା ମତ ପୋଷଣ କରିଥିଲେ ।

Digitized by srujanika@gmail.com

ସରକାର ଲୋକମାନଙ୍କ ବିନା ସମ୍ମତିରେ, ନିଜର କ୍ଷମତା ବଳରେ, ଦେଶକୁ ଯୁଦ୍ଧରେ ସାମିଲ କରିବା ପ୍ରତିବାଦରେ ବ୍ୟକ୍ତିଗତ ସତ୍ୟାଗ୍ରହ କରିବାପାଇଁ ଆଉଗୋଟିଏ ପ୍ରସ୍ତାବ ଗୃହୀତ ହୋଇଥିଲା । କାର୍ଯ୍ୟକ୍ରମ ଅନୁଯାୟୀ ଗାନ୍ଧିଜୀ ପ୍ରଥମ ସତ୍ୟାଗ୍ରହୀଙ୍କୁ ବାଛିବେ । ସେ ବିନୋଭାଭାଭେ ଓ ଜବାହରଲାଲ୍ ନେହେରୁଙ୍କୁ ବାଛିଲେ । ସେ ଦୁଇଜଣ ସତ୍ୟାଗ୍ରହ କରି ଜେଲ ଯିବା ପରେ ସର୍ଦ୍ଦାର ଏବଂ ଆମମାନଙ୍କ ମଧ୍ୟରୁ ଅନେକ ବ୍ୟକ୍ତିଗତ ସତ୍ୟାଗ୍ରହ କରିବା ନୋଟିସ ସରକାରଙ୍କୁ ଦେଲୁ । ନୋଟିସ ଦେଲା ପରେ ଆମକୁ ଆରେଷ୍ଟ କରି ଜେଲରେ ଅଟକ ବନ୍ଦୀ ହିସାବରେ ରଖାଗଲା ।

ନଭେମ୍ବର ଆରମ୍ଭ ପାଖା ପାଖି ମୁଁ ସତ୍ୟାଗ୍ରହ ପାଇଁ ନୋଟିସ ଦେଲି ଏବଂ ସାଙ୍ଗେ ସାଙ୍ଗେ ମୋତେ ସାବରମତୀ ଜେଲରେ ଅଟକ ବନ୍ଦି କରାଗଲା ଏବଂ ସେଠାରେ ମୁଁ ଅପ୍ରିଲ ୧୯୪୧ ପର୍ଯ୍ୟନ୍ତ ବନ୍ଦୀ ହୋଇ ରହିଲି । ଶ୍ରୀ ମାଭଲଙ୍କର୍ ଓ ମୁଁ ଏକା ଅଗଣାରେ ଥିଲୁ । ଆମେ ବହୁତ ବିଷୟ ଆଲୋଚନା କରି ଅନେକ ସନ୍ଦେହ ଦୂର କରିଥିଲୁ ।

ସେତେବେଳେ ମୁଁ ଦୁଧ ବା ଦହି ହଜମ କରିପାରୁ ନଥିଲି । ଶ୍ରୀ ମାଭଲଙ୍କର କହିଲେ ଅଳ୍ପ ଭାଗରେ ଦୁଇଟିକୁ ମିଶାଇଲେ ମୁଁ ହଜମ କରିପାରିବି । ମୁଁ ପ୍ରାକୃତିକ ଚିକିତ୍ସାରେ ବିଶ୍ୱାସ କରୁଥିବାରୁ ସେ କଥା ମୋ ମନକୁ ପାଇଲା ଏବଂ ମୁଁ ସାଙ୍ଗେ ସାଙ୍ଗେ ତାହା କଲି । ମୋର ହଜମ କରିବାରେ କୌଣସି ଅସୁବିଧା ହେଲା ନାହିଁ ଏବଂ କିଛି ପ୍ରତିକୂଳ ପ୍ରତିକ୍ରିୟା ବି ହେଲା ନାହିଁ । ଏପରି କିଛି ମାସ ଅଭ୍ୟାସ କଲାପରେ ମୁଁ ଦେଖିଲି ଦୁଧ ବା ଦହି ଅଲଗା ଅଲଗା ଖାଇଲେ ମୁଁ ହଜମ କରିପାରୁଛି । ମୋର ଅନ୍ତନଳୀ, ଯାହା ସକାଶେ ମୁଁ ଦୁଧ ଓ ଦହି ହଜମ କରିପାରୁ ନଥିଲି, ଆରୋଗ୍ୟ ହୋଇଗଲା ।

ଅପ୍ରିଲ ଶେଷ ଆଡକୁ ଗୋଟିଏ ସଂଧ୍ୟାରେ ଜେଲର ଆସି କହିଲେ ଯେ ମୋର ଏରଭ୍ଡା ଜେଲ୍‌କୁ ବଦଳି ହୋଇ ଯାଇଛି ଏବଂ ମୋତେ ସାଙ୍ଗେ ସାଙ୍ଗେ ଯିବାକୁ ହେବ । ସେଇ ରାତିରେ ମୋତେ ଦାଦର ପୂନା ହୋଇ ଏରଭ୍ଡା ଜେଲ୍‌କୁ ନିଆଗଲା । ଏର୍‌ଭଡା ଜେଲ୍‌ରେ ଯେଉଁ ବାରାକ୍‌କୁ ମୋତେ ନିଆଗଲା ସେଠାରେ ସର୍ଦ୍ଦାର ପଟେଲ, ବାଲା ସାହେବ ଖେର, ଭୁଲାଭାଇ ଦେଶାଇ, ଏଲ୍.ଏମ୍.ପଟିଲ ଓ ନୁରି ସାହେବ ଥିଲେ । କହ୍ନେୟାଲାଲ ମାଣିକ୍‌ଲାଲମୁନ୍‌ସୀ ସେଠାରେ ଥିଲେ କିନ୍ତୁ ମୁଁ ଯିବା ଆଗରୁ ସେ ଖଲାସ ହୋଇ ଯାଇଥିଲେ । ସର୍ଦ୍ଦାର ସାହେବଙ୍କ ସ୍ୱାସ୍ଥ୍ୟ ଭଲ ନଥଲା । ଅନ୍ତନଳୀ ସମ୍ପର୍କୀୟ ବେମାରିରେ ସେ ପୀଡିତ ଥିଲେ । ତା ସତ୍ତ୍ୱେ ସେ ଖୁବ୍ ସକାଳୁ ଉଠି ଚା'କରି ଚା' ପିଇବା ବାଲା ସମସ୍ତଙ୍କୁ ଖୁସିରେ ଚା' ଦେଉଥିଲେ । ଆମେ ତାଙ୍କ ସେବା କରିବା ପରିବର୍ତ୍ତେ ସେ ଆମ ସେବା ଏତେ ପ୍ରାକୃତିକ ଭାବେ କରୁଥିଲେ ଯେ ଆମେ କିଛି କହିପାରୁ ନଥିଲୁ ।

ଗାନ୍ଧିଜୀ ଏଠାରେ ୧୯୩୨-୩୩ ଥିଲେ ଏବଂ ଏଠାରେ ଗୋଟିଏ ଆମ୍ବ ଗଛ ଲଗାଇ ଥିଲେ । ସେ ଗଛ ବଡ ହୋଇଯାଇ ଥାଏ । ଆମେ ସେଇ ଆମ୍ବ ଗଛ ମୂଳେ ଆମର ସଂଧ୍ୟା ପ୍ରାର୍ଥନା କରୁଥିଲୁ । ସର୍ଦ୍ଦାର ସାହେବ ସେତେବେଳେ ଗୀତା ଓ ସଂସ୍କୃତ ପଢୁଥିଲେ । ସେ ତାଙ୍କ ପଢ଼ା ବିଷୟରେ ଅନେକ କଥା ଆମକୁ କହୁଥିଲେ । ଆମେ ଆମ ଦିନ ଗୁଡିକ ଭଲ ଓ ଉପାଦେୟ ସଂସର୍ଗରେ କଟାଇଲୁ ।

ସର୍ଦ୍ଦାର ସାହେବ ଜେଲ କର୍ତ୍ତୃପକ୍ଷଙ୍କୁ ଠକି କିପରି ସୁବିଧା ହାସଲ କରିଥିଲେ ସେ ବିଷୟ କୌତୁହଳ ସହକାରେ କହିଲେ । ଜେଲରେ ପହଞ୍ଚିବା ପରେ ସେ ଜେଲରଙ୍କୁ ଜଣାଇଲେ ଯେ ସେ ସାଙ୍ଗେ ସାଙ୍ଗେ ତାଙ୍କୁ ଆବଶ୍ୟକୀୟ ସୁବିଧା ଯୋଗାଇବାର ବନ୍ଦୋବସ୍ତ ନ କଲେ ସେ ଜେଲ ଛାଡି ଚାଲି ଯିବେ । ଏତକ ଧମକାଇ ସେ ଜେଲ ଗେଟ ଆଡକୁ ଚାଲିଲେ । ଜେଲର ଭାବିଲେ ଯେ ସତରେ ସର୍ଦ୍ଦାର ଜେଲ ଛାଡି ଚାଲିଯିବେ, ତେଣୁ ସେ ସାଙ୍ଗେ ସାଙ୍ଗେ ଗୋଟିଏ ଖଟ ଦେଲେ ଓ ଅନ୍ୟାନ୍ୟ ବନ୍ଦୋବସ୍ତ କଲେ ।

Digitized by srujanika@gmail.com

ପରଦିନ ସର୍ଦ୍ଦାର ଦେଖିଲେ ଯେ ଗାଧୋଇବା ପାଇଁ ଗରମ ପାଣି ନାହିଁ । ସେ ଜେଲରକୁ ଖବର ଦେଲେ ଯେ ଗାଧୋଇବା ପାଇଁ ଗରମ ପାଣି ସାଙ୍ଗେ ସାଙ୍ଗେ ନ ଦେଲେ ସେ କାଠ ଫର୍ଣ୍ଣିଚର ଜାଳି ପାଣି ଗରମ କରିବେ । ଜେଲର ପୁଣି ଡରି ଗଲେ ଓ ଗରମ ପାଣି ଯୋଗାଇଲେ । ଜେଲ କର୍ତ୍ତୃପକ୍ଷ ଏସବୁ ବିଷୟ ସର୍ଦ୍ଦାର ସାହେବଙ୍କ ଭଳି ଜଣେ ବ୍ୟକ୍ତିଙ୍କ ପାଇଁ ଆଗରୁ ଭାବି ଠିକ୍ କରିବାର ଥିଲା । ସେ ସବୁ କରିନଥିବାରୁ ସର୍ଦ୍ଦାର ସାହେବ ତାଙ୍କୁ ଏହିପରି ବାଧ କଲେ । ସମାଜରେ ସର୍ଦ୍ଦାର ସାହେବଙ୍କ ସ୍ଥାନ ଯୋଗୁଁ ଜେଲ କର୍ତ୍ତୃପକ୍ଷ ଏ ସବୁ ଯୋଗାଡ଼ କରିଥିଲେ । ସାଧାରଣ ଲୋକ ଏପରି କରିଥିଲେ କର୍ତ୍ତୃପକ୍ଷ ବୋଧେ ତାଙ୍କୁ ଦଣ୍ଡ ଦେଇଥାନ୍ତେ । ସେତେବେଳ ଜେଲ ସେହିପରି ଚାଲୁଥାଏ । ସର୍ଦ୍ଦାର ସାହେବ ଏକଥା ମନେ ପକାଇ ଖୁବ୍ ହସୁଥିଲେ ।

ସର୍ଦ୍ଦାର ଓ ଭୁଲାଭାଇଙ୍କ ମଧ୍ୟରେ ଆଲୋଚନା ଆମେ ମନ ଦେଇ ଶୁଣୁଥିଲୁ । ଭୁଲାଭାଇଙ୍କ ସହିତ ଜେଲରେ ରହିବା ଏହା ମୋର ଦ୍ବିତୀୟ ଥର । ଭୁଲାଭାଇ ଶାରୀରିକ ଭାବେ ଦୁର୍ବଳ ଥିଲେ ଓ ଜେଲରେ କଷ୍ଟ ସହ୍ୟ କରିପାରୁନଥିଲେ, କିନ୍ତୁ ସାହସର ସହିତ ଚଳାଇ ନେଉଥିଲେ, କାହାକୁ ତାଙ୍କ କଷ୍ଟ ଜାଣିବାକୁ ନ ଦେଇ ।

ଦିନେ ଶ୍ରୀ ଏଲ୍. ଏମ୍. ପଟିଲ ଘରୁ ଖଣ୍ଡେ ଚିଠି ପାଇଲେ । ନିଜ ପରିବାରରେ କେହି ଜଣେ ବେମାର ଥିବାରୁ ପାରୋଲ ଆବେଦନ କରିବା ପାଇଁ ଖଣ୍ଡେ ଚିଠି ଘରୁ ପାଇଲେ । ବମ୍ବେ ମନ୍ତ୍ରୀମଣ୍ଡଳରେ ସେ ମୋ ସହକର୍ମୀ ଥିଲେ, ଆମ ସମ୍ପର୍କ ଘନିଷ୍ଠ ଥିଲା । ଧାର୍ମିକ କର୍ମକାଣ୍ଡ ସୁବିଧା ତାଙ୍କୁ ଜେଲରେ ଦିଆଯାଉଥାଏ । ସମୟ ସମୟରେ ସେ ଭକ୍ତି ସଙ୍ଗୀତ, ଭଜନ ଗାଇ ଭାବ ପ୍ରବଣ ହୋଇ ଯାଉଥିଲେ । ଅପର ପକ୍ଷରେ ସେ ସାଂସରିକ ବିଷୟ, ସୁଖ ପ୍ରତି ଆକର୍ଷିତ ହେଉଥିଲେ । ଚିଠି ପାଇବାପରେ ସେ ସର୍ଦ୍ଦାର ସାହେବ ଓ ବାଲା ସାହେବ ଖେରଙ୍କ ଠାରୁ ପରାମର୍ଶ ନେଇଥିଲେ । ମୁଁ ଏ ବିଷୟରେ କିଛି ଜାଣି ନ ଥିଲି । ସର୍ଦ୍ଦାରସାହେବ ଓ ବାଲା ସାହେବ ଖେର ତାଙ୍କୁ ଯଦି ଇଚ୍ଛା କରୁଛ ଯାଇପାର ବୋଲି କହିଲେ ଏବଂ ସେ ପାରୋଲରେ ଗଲେ । ମୁଁ ପରେ ଜାଣି ସର୍ଦ୍ଦାର ଓ ବାଲା ସାହେବଙ୍କୁ ପଚାରିଲି ଯେ କାହିଁକି ତାଙ୍କୁ ପାରୋଲରେ ଯିବାକୁ କହିଲେ । ସେମାନେ କହିଲେ ଯେ ସେ ପାରୋଲରେ ଯିବାକୁ ଇଚ୍ଛା କଲେ ଏବଂ ଯାଇନଥିଲେ ଦୁଃଖୀ ହୋଇଥାନ୍ତେ । ମୁଁ କହିଲି ପାରୋଲରେ ଯିବା ଏକ ଦୁର୍ବଳତା । ସେ ପାଟିଲଙ୍କୁ ସେ ଦୁର୍ବଳତାରୁ ରକ୍ଷାକରିଥାନ୍ତେ ।

ଶ୍ରୀ ପଟିଲ ଜେଲକୁ ଫେରିବା ପରେ ସେ କାହିଁକି ପାରୋଲରେ ଯାଇଥିଲେ ମୋତେ କହିଲେ । ସେ କହିଲେ ସେ ମୋତେ ପଚାରି ନାହାନ୍ତି କିନ୍ତୁ ସର୍ଦ୍ଦାର ସାହେବ ଓ ବାଲା ସାହେବଙ୍କୁ ପରାମର୍ଶ କରିଥିଲେ । ମୁଁ କହିଲି ମୁଁ ମନା କରିବି ଜାଣି ମୋତେ ନ ପଚାରି ସର୍ଦ୍ଦାର ସାହେବ ଓ ବାଲା ସାହେବକୁ ପଚାରି ଯାଇଥିଲେ । ପଚାରିଲି ମୋ ଅନ୍ଦାଜ ଠିକ୍ କି ନୁହେଁ । ସେ ହଁ କହିଲେ । ମୁଁ କହିଲି ସେ ନିଜେ ସ୍ଥିର କରି ପାରୋଲରେ ଯାଇଥିଲେ ମୋର କିଛି କହିବାର ନଥିଲା । କିନ୍ତୁ ତାଙ୍କୁ ସୁବିଧା ହେଲା ଭଳି ସ୍ଥାନର ପରାମର୍ଶ ନେବା ଭୁଲ । ସମସ୍ତଙ୍କର କିଛି ନା କିଛି ଦୁର୍ବଳତା ଅଛି, ମୋର ନାହିଁ ବୋଲି ମୁଁ କହିପାରିବି ନାହିଁ । ମୁଁ କହିଲି, ତାଙ୍କ କାମର ନ୍ୟାୟ ବିଚାର ମୁଁ କରିପାରିବି ନାହିଁ । କିନ୍ତୁ ମୁଁ ବିଶ୍ବାସ କରେ ଯେ ପାରୋଲ ଯିବା ଉଚିତ ନୁହେଁ । ଶ୍ରୀ ପଟିଲ ମୋ କଥାର ସତ୍ୟତା ଅନୁଭବ କଲେ । ସେ ଜଣେ ଆଦର୍ଶ କଂଗ୍ରେସ ଲୋକ ଥିଲେ । ସମସ୍ତଙ୍କର ଦୁର୍ବଳତା ଅଛି ଓ ଏଇ ଘଟଣାରେ ସେ ସେଇ ଦୁର୍ବଳତାର ଶିକାର ହୋଇଥିଲେ ।

Digitized by srujanika@gmail.com

(୨୨) ଶେଷ ଲଢ଼ାଇ ପାଇଁ ପ୍ରସ୍ତୁତି

ଗାନ୍ଧିଜୀ ବ୍ୟକ୍ତିଗତ ଆଇନ ଅମାନ୍ୟ ଆନ୍ଦୋଳନ ପ୍ରତ୍ୟାହାର କଲା ବେଳେ ୧୯୪୧ ଅକ୍ଟୋବର ଶେଷ ଆଡକୁ ମୁଁ ଅନ୍ୟମାନଙ୍କ ସହିତ ଏରଭ୍‌ଦା ଜେଲରୁ ଖଲାସ ହେଲି ।

ମୁଁ ବମ୍ବେ ଯାଇ ଶ୍ରୀ ମଙ୍ଗଲଦାସ ପକ୍ୱାସାଙ୍କ ସହିତ କିଛିଦିନ ରହି ଅହମଦାବାଦ ଗଲି । ପ୍ରଦେଶ କଂଗ୍ରେସ କମିଟି କାମ ପୁଣି ହାତକୁ ନେଲି । ଜେଲରୁ ବାହାରି ସର୍ଦ୍ଦାର ସାହେବ ପୂନା ପ୍ରସ୍ତାବ ବିଷୟରେ ମନ ପରିବର୍ତ୍ତନ କରିଥିଲେ । ସର୍ଦ୍ଦାର ସାହେବ ବର୍ତ୍ତମାନ ଅନୁଭବ କଲେ କି ଆମ କାର୍ଯ୍ୟକ୍ରମରେ ପରିବର୍ତ୍ତନ ଦରକାର, କାରଣ ବ୍ରିଟିଶ ଗଭର୍ଣ୍ଣମେଣ୍ଟ କୌଣସି ପ୍ରକାର ମିଳାମିଶା ପ୍ରସ୍ତାବକୁ ପ୍ରତ୍ୟାଖାନ କରିଥିବାରୁ ଏ ପ୍ରସ୍ତାବର କିଛି ଆବଶ୍ୟକତା ନାହିଁ ।

ବର୍ତ୍ତମାନ ବାପୁ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟକ୍ରମ ବିଷୟରେ ଚିନ୍ତା କରୁଥିଲେ ଏବଂ ସର୍ଦ୍ଦାର ସାହେବ ତାଙ୍କ ସହିତ ଏକମତ ହେଲେ । ସେ ବରଂ ବ୍ୟାକୁଳ ହେଉଥିଲେ ଯେ ବାପୁ ତାଙ୍କ କାର୍ଯ୍ୟକ୍ରମ ଶୀଘ୍ର ଆରମ୍ଭ କରନ୍ତୁ । ଏଇ ପ୍ରଶ୍ନ ବିଚାର କରିବା ପାଇଁ କଂଗ୍ରେସ କାର୍ଯ୍ୟକାରୀ କମିଟିର ଏକ ଅଧିବେଶନ ଭର୍ଦୋଲିଠାରେ ଡିସେମ୍ବର ଶେଷ ଆଡକୁ ବସିଲା । ଗାନ୍ଧିଜୀ, ସର୍ଦ୍ଦାର ସାହେବ ଏବଂ ଅନ୍ୟ କେତେଜଣ ପୂନା ପ୍ରସ୍ତାବକୁ ବଦଳାଇବାକୁ ଇଚ୍ଛା କରୁଥିଲେ । କିନ୍ତୁ ବହୁତ ଆଲୋଚନା ପରେ ପୂନା ପ୍ରସ୍ତାବ ପୁଣି ଥରେ ଅନୁମୋଦନ ଲାଭ କଲା । ପାଞ୍ଚ ଭୋଟ ସପକ୍ଷରେ ଥିବାବେଳେ, ଚାରିଟି ବିପକ୍ଷରେ ଥିଲା ଓ ଚାରିଜଣ ଅନୁପସ୍ଥିତ ଥିଲେ । ସର୍ଦ୍ଦାର ସାହେବ ଏହି ପ୍ରସ୍ତାବକୁ ଗୁଜରାଟ ପ୍ରଦେଶ କଂଗ୍ରେସ କମିଟିରେ ବଦଳାଇବାକୁ ଇଚ୍ଛା କଲେ । ତଦନୁଯାୟୀ ଭର୍ଦୋଲିରେ ପ୍ରଦେଶ କଂଗ୍ରେସ କମିଟି ମିଟିଂ ବସିଲା । ମୁଁ ତାଙ୍କ ସହିତ ଆଲୋଚନା କରି କହିଲି ଯେ ପୂନା ପ୍ରସ୍ତାବ ଉପରେ ମୋ ମତ ବଦଳି ନାହିଁ । ଆମେ ସେ ପ୍ରସ୍ତାବ ଅନୁମୋଦନ କରିଥିଲୁ କାରଣ ଆମ ମତରେ ତାହା ଉପଯୁକ୍ତ ଥିଲା; ବିଟିଶ୍ ସରକାର ଆମ ପ୍ରସ୍ତାବ ଅନୁମୋଦନ କରିବା ଆଶାରେ ନୁହେଁ । ମୁଁ ପରିଷ୍କାର କରି କହିଥିଲି ଯେ ମୁଁ ପ୍ରସ୍ତାବ ସପକ୍ଷରେ ମତ ଦେଇଥିଲି କାରଣ ମୋ ମତରେ ଏହା ଏକ ଉପଯୁକ୍ତ ପ୍ରସ୍ତାବ ଥିଲା । ଆଜି ମଧ୍ୟ ମୁଁ ଏହି ମତ ପୋଷଣ କରୁଛି, ତେଣୁ ପ୍ରସ୍ତାବ ବିରୁଦ୍ଧରେ ମୁଁ ଭୋଟ ଦେଇ ପାରିବି ନାହିଁ ।

ପ୍ରଦେଶ କଂଗ୍ରେସ କମିଟି ବସିବା ଆଗରୁ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ କମିଟି ବସିଲା । ଆମେ ଏ ବିଷୟରେ ବହୁତ ଆଲୋଚନା କଲୁ । ସର୍ଦ୍ଦାର ସାହେବ ଦେଖିଲେ ଯେ ଏ ବିଷୟରେ ସଭ୍ୟମାନଙ୍କ ମଧ୍ୟରେ ବହୁ ମତ ପାର୍ଥକ୍ୟ ରହିଛି । ସଭାସ୍ଥଳର ପ୍ରଥମ ମହଲାରେ ଗାନ୍ଧିଜୀ ରହୁଥିଲେ । ସେ ଆମକୁ ତାଙ୍କ ପାଖକୁ ଡାକିଲେ । ଆମ ମତ ପାର୍ଥକ୍ୟ ବିଷୟ ଗାନ୍ଧିଜୀଙ୍କୁ ଜଣାଇ ଦିଆଯାଇଥିଲା । ଗାନ୍ଧିଜୀ ମୋତେ କହିଲେ ଯେ ଆମେମାନେ ଯାହା କରୁଛୁ ତାହା ଠିକ୍ ନୁହେଁ । ଚଢ଼ିଥିବା ସିଡିକୁ ମୁଁ ଗୋଡରେ ଫୋପାଡି ଦେଉଛି । ମୋତେ ଧୈର୍ଯ୍ୟ ସହକାରେ ଶୁଣିବାକୁ ମୁଁ ତାଙ୍କୁ ଅନୁରୋଧ କରି କହିଲି ଏବଂ ମୋ ବକ୍ତବ୍ୟ ଓ ଯୁକ୍ତି ଶୁଣି ସାରିବା ପରେ ସେ ଯାହା କହିବେ ତାହା କରିବି ବୋଲି ଜଣାଇଲି । ମୁଁ ତାଙ୍କ ଆଗରେ ମୋ ବକ୍ତବ୍ୟ ଓ ଯୁକ୍ତି ସବୁ ରଖିଲି । ମୁଁ ତାଙ୍କୁ ଆଶ୍ୱାସନା ଦେଲି ଯେ ସେ ଯାହା କହିବେ ତାହାହିଁ କରିବି, କାରଣ ତାଙ୍କ ଉପଦେଶ ମୋର କର୍ତ୍ତବ୍ୟ ଓ ନୈତିକତା ସହିତ ମେଳ ଖାଇବ - ଏଥିରେ ମୋର ସନ୍ଦେହ ନାହିଁ ।

ବାପୁ ସାଙ୍ଗେ ସାଙ୍ଗେ ମୋତେ କହିବାକୁ ଇଙ୍ଗିତ ଦେଲେ । ମୁଁ କହିଲି "ଆପଣ ଆମକୁ ଦେଇଥିବା ଆଦର୍ଶ - ଅହିଂସା ଓ ସତ୍ୟରେ ମୁଁ ସଂପୂର୍ଣ୍ଣ ଭାବେ ବିଶ୍ୱାସ କରେ, କିନ୍ତୁ ମୋ ଜୀବନରେ ଏହା ସମ୍ପୂର୍ଣ୍ଣ ଭାବେ ସାଧନ କରିପାରିନାହିଁ, ତେଣୁ ଆପଣଙ୍କ ସାଧନା ଶୀର୍ଷତା ମୁଁ ଲାଭକରି ପାରିନାହିଁ । ଏଇ ଦୁଇ ନୀତିର ଆଦର୍ଶରେ ପୂର୍ଣ୍ଣ ବିଶ୍ୱାସ ଥିବା ସତ୍ତ୍ୱେ ଏଇ ଦୁଇ ନୀତିର ଉପଯୁକ୍ତ ସାଧନା କରିବାର ମୋର କ୍ଷମତା ହୋଇନାହିଁ ।

Digitized by srujanika@gmail.com

ମୁଁ ତ୍ରୁଟିଯୁକ୍ତ ଓ ଦୁର୍ବଳ ଥିବାରୁ ଏହାକୁ ସମ୍ପୂର୍ଣ୍ଣ ଭାବେ ପାଳନ କରିପାରି ନାହିଁ । କ୍ଷମତା ନ ଥାଇ ମୁଁ ଯଦି କହେ ଯେ ଏ ଦୁଇ ନୀତିକୁ ଆକ୍ଷରିକ ଭାବେ ମୁଁ ମାନୁଛି ତା ସମ୍ପୂର୍ଣ୍ଣ ଅସତ୍ୟ ହେବ । ତେଣୁ ଆପଣ ଯେପରି କହୁଛନ୍ତି ସତ୍ୟ ଓ ଅହିଂସା ସମ୍ପୂର୍ଣ୍ଣ ରୂପେ ପାଳନ କରି ସ୍ୱରାଜ ନ ପାଇଲେ ମୋର ସ୍ୱରାଜ ଦରକାର ନାହିଁ - ମୁଁ ସେପରି କହିପାରିବି ନାହିଁ, ସେପରି କହିବାର ମୋର ଶକ୍ତି ନାହିଁ । ସେ ରାସ୍ତାରେ ଚାଲିବାର ମୋର ସାହସ ନାହିଁ । ମୋର ଏଇ ପରିସର ମଧ୍ୟରେ ମୋ ବିଚାରରେ ପୂନା ପ୍ରସ୍ତାବ ଠିକ୍ ଅଛି ।''

''ଆପଣ ଏ ପ୍ରସ୍ତାବକୁ ଅନୁପଯୁକ୍ତ ବୋଲି ଠିକ୍ କହିଛନ୍ତି, ମୁଁ ତାହା ମନା କରୁନାହିଁ । ଆପଣ ସବୁବେଳେ ଦୃଢ଼ତାର ସହିତ କହିଛନ୍ତି ଯେ ବିନା ସାମରିକ ସାହାଯ୍ୟରେ ସ୍ୱରାଜ ପାଇବେ କିନ୍ତୁ ମୁଁ ବିଶ୍ୱାସ କରେ ଯେ ଦେଶ ଆଜି ସ୍ୱାଧୀନ ହେଉ ବା ପଚିଶ ବର୍ଷ ପରେ ହେଉ, ସ୍ୱାଧୀନତା ପରେ ଦେଶ ସାମରିକ ଶକ୍ତି ପରିତ୍ୟାଗ କରିପାରିବ ନାହିଁ, ବିନା ସାମରିକ ଶକ୍ତିରେ ଦେଶର ଶାସନ ଚାଲିବ ନାହିଁ । ମୋର ମଧ୍ୟ ବିଶ୍ୱାସ ଯେ ଭାରତର ଅଧିକାଂଶ ନାଗରିକଙ୍କର ମଧ୍ୟ ଏହି ମତ । ସ୍ୱାଧୀନତା ପାଇବା ପରେ ଯଦି ଜନତା ଅହିଂସା ସାଧନାରେ ସୁଫଳ ଲାଭ କରନ୍ତି ତେବେ ସାମରିକ ବାହିନୀ ପରିତ୍ୟାଗ କରି ହେବ । କିନ୍ତୁ ବର୍ତ୍ତମାନ ଯେତିକି ପୁଲିସ ଅଛନ୍ତି, ଜନତା ତା' ଠାରୁ ବେଶୀ ପୁଲିସ ଦରକାର କରିବ । ତେଣୁ ଏ ପରିସ୍ଥିତିରେ ସାଧାରଣ ଜନତାଙ୍କ ପକ୍ଷରେ ସାମରିକ ବାହିନୀ ଛଡ଼ା ସରକାର ଚଳାଇବା ସମ୍ଭବ ନୁହେଁ । ମୋର ଉପରୋକ୍ତ ବକ୍ତବ୍ୟ ଓ ଭାରତୀୟ ଜନସମାଜର କ୍ଷମତାକୁ ବିଚାରକୁ ନେଇ ମୁଁ ଭାବୁଛି ଯେ ପୂନା ପ୍ରସ୍ତାବ ସମ୍ପୂର୍ଣ୍ଣ ରୂପେ ଯୁକ୍ତିଯୁକ୍ତ ଅଟେ । ବର୍ତ୍ତମାନ ମୁଁ ଆପଣଙ୍କୁ ଅନୁରୋଧ କରୁଛି ପୂନା ପ୍ରସ୍ତାବ ସପକ୍ଷରେ ବା ବିପକ୍ଷରେ ଭୋଟ ଦେବାକୁ ମୋତେ ଉପଦେଶ ଦିଅନ୍ତୁ ।''

ଗାନ୍ଧିଜୀ ସାଙ୍ଗେ ସାଙ୍ଗେ ଉତ୍ତର ଦେଲେ ମୋର ବିଚାରକୁ ଦୃଷ୍ଟିରେ ରଖି ମୁଁ ଯାହା ସ୍ଥିର କରିଛି ସେଇ ପରି ଭୋଟ ଦେବା ମୋ ପକ୍ଷରେ ଯୁକ୍ତିଯୁକ୍ତ ହେବ ଏବଂ ସେ ଅନ୍ୟଥା ପରାମର୍ଶ ଦେଇପାରିବେ ନାହିଁ । ମୁଁ ଗାନ୍ଧିଜୀଙ୍କ ସତ୍ୟ ପ୍ରତି ଅନୁରକ୍ତି ଜାଣିଥିଲି ଏବଂ ମୋ ମତ ବିପକ୍ଷରେ ସେ ପରାମର୍ଶ ଦେଇଥିଲେ ମୁଁ ତାହା ମାନିଥାନ୍ତି ବୋଲି ସ୍ଥିର କରିଥିଲି । ଗାନ୍ଧିଜୀ ନିଜର କ୍ଷମତା ଓ ସୀମା ବାହାରେ କୌଣସି କାମ କରିବାକୁ କାହାକୁ ଉପଦେଶ ଦେଉନଥିଲେ । ଏହା ଥିଲା ବାପୁଙ୍କ ପ୍ରକୃତ ମହାନତା । ଏଇ ଗୁଣ ଯୋଗୁଁ ତାଙ୍କ ସହିତ ଅସମ୍ମତ ଥିବା ବ୍ୟକ୍ତିମାନେ ତାଙ୍କୁ ସମ୍ମାନ କରୁଥିଲେ ଓ ତାଙ୍କର ଶିଷ୍ୟ ହୋଇଥିଲେ ।

ଏ କଥାବାର୍ତ୍ତା ପରେ ଆମେ ସର୍ଦ୍ଦାର ସାହେବଙ୍କ ରୁମରେ ବସି ପୁଣି ଆଲୋଚନା କଲୁ । ପରେ ପରେ ପ୍ରଦେଶ କଂଗ୍ରେସ କମିଟି ବସିବାର ଥିବାରୁ ମୁଁ ସର୍ଦ୍ଦାର ସାହେବଙ୍କୁ କହିଲି, ଆଲୋଚନାରେ ସମୟ ବିଳମ୍ବ ନ କରି ସେ ଇଛା କରୁଥିବା ଯେକୌଣସି ନିର୍ଣ୍ଣୟ ନିଅନ୍ତୁ କାରଣ ସଭ୍ୟମାନେ ନିଜର ମତ ଆଉ ବଦଳାଇବାର ସମ୍ଭାବନା ନାହିଁ । ସର୍ଦ୍ଦାର ସାହେବ ସଭ୍ୟମାନଙ୍କର ମତ ନେଲେ । ଦେଖାଗଲା ଯେ ଚାରିଜଣ ତାଙ୍କ ସପକ୍ଷରେ ଓ ତିନିଜଣ ବିପକ୍ଷରେ ଭୋଟ ଦେଲେ ଓ ତିନିଜଣ ନିରପେକ୍ଷ ରହିଲେ । ମୁଁ ଓ କାଞ୍ଜିଭାଇ ବିରୁଦ୍ଧରେ ଭୋଟ ଦେଇଥିଲୁ, ତିନିଚାରି ଜଣ ସଭ୍ୟ ଆଲୋଚନା ସ୍ଥଗିତ ରଖିବାକୁ କହୁଥିଲେ । ମୋର ଧାରଣା, ସାଙ୍ଗେ ସାଙ୍ଗେ ଭୋଟ ହୋଇ ଥିଲେ ସେମାନେ ବୋଧହୁଏ ଆମ ସହିତ ଭୋଟ ଦେଇଥାନ୍ତେ । ପରିସ୍ଥିତି ଉଦ୍‌ବେଗଜନକ ହୋଇଥିବାରୁ ମୁଁ ସ୍ଥଗିତ ପାଇଁ ପ୍ରସ୍ତାବ ଦେଲି ନାହିଁ । ସର୍ଦ୍ଦାର ସାହେବଙ୍କ ମତ ଗୃହୀତ ହୋଇନଥିଲେ, ମୁଁ ଅନୁଭବ କଲି, ସେ ପ୍ରଦେଶ କମିଟି ଅଧ୍ୟକ୍ଷ ପଦରେ ରହିନଥାନ୍ତେ । ତାଙ୍କ ମତାନୁସାରେ ନିର୍ଣ୍ଣୟ ନିଆଗଲେ କୌଣସି ଅସୁବିଧା ହେବନାହିଁ କିନ୍ତୁ ସେ ଅଧକ୍ଷ ପଦରୁ ଇସ୍ତଫା ଦେଲେ କମିଟିକୁ ବହୁତ କ୍ଷତି ସହିବାକୁ ପଡିଥାନ୍ତା । ସର୍ଦ୍ଦାର ସାହେବ ଯେତେବେଳେ ଘୋଷଣା କଲେ ଯେ ପ୍ରସ୍ତାବ ଗୃହୀତ ହେଲା, ଆମେ ଆଶ୍ୱସ୍ତ ଅନୁଭବ କଲୁ । ଏଇ ନିର୍ଣ୍ଣୟ ନେବାବେଳେ ମହାଦେବ ଭାଇ ଉପସ୍ଥିତ ଥିଲେ । ସମ୍ଭବତଃ ହୋଇପାରେ ଯେ ଅନ୍ୟ ସଭ୍ୟଙ୍କର ମତାମତ ଜାଣିବାକୁ ଗାନ୍ଧିଜୀ ତାଙ୍କୁ ଏଠାରେ ଉପସ୍ଥିତ ରହିବାକୁ କହିଥିଲେ ।

Digitized by srujanika@gmail.com

ଆମେ ସାଙ୍ଗେ ସାଙ୍ଗେ ପ୍ରଦେଶ କଂଗ୍ରେସ କମିଟି ମିଟିଙ୍ଗ୍‌କୁ ଗଲୁ । ଗାନ୍ଧିଜୀ ତିନିଚାରିଜଣ କାର୍ଯ୍ୟକାରୀ କମିଟି ସଭ୍ୟଙ୍କ ସହିତ ଆସିଲେ । ସର୍ଦ୍ଦାର ସାହେବ ଗାନ୍ଧିଜୀଙ୍କୁ ଅନୁରୋଧ କରି କହିଲେ, ସଭ୍ୟମାନଙ୍କୁ ସମ୍ବୋଧନ କରି ସେ ପୁନା ପ୍ରସ୍ତାବ କାହିଁକି ବଦଳାଇବାକୁ ଇଚ୍ଛା କରୁଥିଲେ ସେ ବିଷୟ ବୁଝାଇ ଦିଅନ୍ତୁ ।

ଗାନ୍ଧିଜୀ କହିଲେ, ସେ ପ୍ରଥମେ ଅତିଶୀଘ୍ର (ସ୍ନାପ୍) ଭୋଟ ଜରିଆରେ ସଭ୍ୟମାନଙ୍କ ମତ ଜାଣିବାକୁ ଚାହୁଁଥିଲେ । ସେ ଦୁଇଟି ପ୍ରଶ୍ନର ଉତ୍ତର ଚାହିଁଥିଲେ । (୧) ଯେଉଁମାନେ ସତ୍ୟ ଓ ଅହିଂସା ଜରିଆରେ ସ୍ୱରାଜ କାମନା କରୁଛନ୍ତି, ଏବଂ ଏଇ ନୀତି ଅମାନ୍ୟ କରି ସ୍ୱରାଜ କାମନା କରୁନାହାନ୍ତି, ଅର୍ଥାତ ଯେଉଁମାନେ ଲଢ଼ାଇରେ ମିତ୍ର ପକ୍ଷକୁ ସାହାଯ୍ୟ କରି ସ୍ୱରାଜ ପାଇବା ବିରୁଦ୍ଧରେ ଅଛନ୍ତି ସେମାନେ ହାତ ଟେକନ୍ତୁ । ୨୭ ବା ୨୮ ଜଣ ସଭ୍ୟ ହାତ ଟେକିଲେ । ବାପୁ ପୁଣି ପଚାରିଲେ, (୨) ଯେଉଁମାନେ ଏଇ ଦୁଇ ନୀତି (ସତ୍ୟ ଓ ଅହିଂସା)ର ରଫା କରି ଏବଂ ଯୁଦ୍ଧରେ ମିତ୍ର ପକ୍ଷଙ୍କୁ ସାହାଯ୍ୟ କରି ସ୍ୱରାଜ ପାଇବାକୁ ଇଚ୍ଛା କରନ୍ତି ସେମାନେ ହାତ ଟେକନ୍ତୁ । ମୋତେ ମିଶାଇ ୫୫ ସଭ୍ୟ ହାତ ଉଠାଇଥିଲେ । ବାକି ୨୭/୨୮ ସଭ୍ୟ ନିରପକ୍ଷ ରହିଲେ ।

ବାପୁ ତତ୍‌କ୍ଷଣାତ ନିଷ୍ପତ୍ତି ଦେଲେ, "ଏଇ ବିଶିଷ୍ଟ କମିଟିର ଯେଉଁ ସଭ୍ୟମାନେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉପରେ ନିଜର ସ୍ପଷ୍ଟ ମତ ଦେବାରେ ନିରପେକ୍ଷ ରହିଲେ, କାରଣ ସ୍ପଷ୍ଟ ମତ ଦେବାପାଇଁ ତାଙ୍କର ସାହସ ନାହିଁ, ମୋ ପାଇଁ ସେମାନଙ୍କର ମତର ମୂଲ୍ୟ ନାହିଁ । ଯେଉଁ ୫୫ ସଭ୍ୟ ବ୍ରିଟିଶ୍ ସରକାର ସହିତ ରଫାକରି ସ୍ୱରାଜ କାମନା କରନ୍ତି ବୋଲି ଭୋଟ ଦେଇଛନ୍ତି, ମୋ ବିଚାରରେ ସେମାନେ ନିର୍ଭୁଲ ଓ ଠିକ୍ ଭାବରେ ସେମାନଙ୍କର ଭୋଟ ଦେଇଛନ୍ତି । ଯେଉଁମାନେ ପୂନା ପ୍ରସ୍ତାବ ବଦଳାଇବା ସପକ୍ଷରେ ଭୋଟ ଦେଇଛନ୍ତି ସେମାନେ ନିଜର ପ୍ରକୃତ ମତ ଦେଇଛନ୍ତି କି ମୁଁ ସେଇ ମତ ପୋଷଣ କରିଥିବାରୁ ସେମାନେ ହାତ ଟେକିଛନ୍ତି ମୁଁ ଠିକ୍ କରି କହିପାରିବି ନାହିଁ । ମୁଁ ପଞ୍ଚାବନ ଜଣଙ୍କ ଭୋଟକୁ କମିଟିର ଭୋଟ ରୂପେ ଗ୍ରହଣ କରୁଛି ଏବଂ ମୋର ବିଶ୍ୱାସ ସେମାନେ କଂଗ୍ରେସ ପ୍ରତି ଅନୁରକ୍ତ । ତେଣୁ ପୂନା ପ୍ରସ୍ତାବର ପରିବର୍ତ୍ତନ ପାଇଁ ଆଲୋଚନାର ପ୍ରଶ୍ନ ଉଠୁନାହିଁ ।" ଏଇପରି ସମସ୍ୟାର ସମାଧାନ ହେଲା ।

ବର୍ଦ୍ଦୋଲି ମିଟିଙ୍ଗ୍ ବେଳେ ବିଶ୍ୱ ଯୁଦ୍ଧ ପୁରାମାତ୍ରାରେ ଚାଲିଥାଏ । ପ୍ରଥମ ଦୁଇ ବର୍ଷରେ ଜର୍ମାନୀ ଏବଂ ଅନ୍ୟ ଶକ୍ତିମାନେ ମିତ୍ରପକ୍ଷଙ୍କ ଉପରେ ବିଜୟ ଲାଭ କରିଥିଲେ । ଏହା ଦ୍ୱାରା ଭାରତର ଚିନ୍ତା ଓ ଉଦ୍‌ବେଗ ବଢ଼ିଗଲା । ଅନେକ ଭୟକଲେ ଯେ ଜର୍ମାନୀ ଓ ଜାପାନ ଯୁଦ୍ଧରେ ବିଜୟ ଲାଭ କରି ବ୍ରିଟିଶଙ୍କୁ ଭାରତରୁ ତଡିଦେବେ । ସୁବାସ ବାବୁ ପୁଲିସର କଡ଼ା ନଜରବନ୍ଦୀକୁ ଏଡାଇ ଜର୍ମାନୀ ପଳାଇଲେ । ମୋତେ କୁହାଯାଇଛି ଯେ ସେ ଜଣେ ପଠାଣ ମହିଳା ବେଶରେ ଆଫଗାନିସ୍ଥାନ ହୋଇ ଜର୍ମାନୀ ଯାଇଥିଲେ ଏବଂ ସେଠାରୁ ଜାପାନ ଯାଇ ସେଠାର କର୍ତ୍ତୃପକ୍ଷଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ । ତା'ପରେ ସେ ଗୋଟିଏ ସେନା ବାହିନୀ ଗଢ଼ିଥିଲେ ତାହା ହେଲା: ଭାରତୀୟ ଜାତୀୟ ସେନା । ସେ ଦକ୍ଷିଣପୂର୍ବ ଏସିଆରେ ରହୁଥିବା ଭାରତୀୟ ଓ ଜାପାନୀମାନେ ଯୁଦ୍ଧରେ ବନ୍ଦି କରିଥିବା ଭାରତୀୟ ସେନା ମାନଙ୍କୁ ନିଯୁକ୍ତ କରି ଏହା ଗଢ଼ିଥିଲେ । ସେ ଇଂରେଜଙ୍କ ବିରୁଦ୍ଧରେ ବ୍ରିଟିଶ ଭାରତ ଉପରେ ଚଢ଼ାଉ କରିଥିଲେ କିନ୍ତୁ କୋହିମା ଆଗକୁ ଆସିପାରିଲେ ନାହିଁ । ଯଦି ଜର୍ମାନୀ ଓ ଜାପାନ ଯୁଦ୍ଧରେ ବିଜୟୀ ହୋଇଥାନ୍ତେ ସୁବାସ ବାବୁ ଆଶା କରୁଥିଲେ ଭାରତକୁ ଆସି ସ୍ୱାଧୀନତା ଘୋଷଣା କରିଥାନ୍ତେ । ପରିସ୍ଥିତି କ'ଣ ହୋଇଥାଆନ୍ତା ଆଜି କହିବା କଷ୍ଟକର । କିନ୍ତୁ ବ୍ରିଟିଶ ସରକାରଙ୍କ ଅପେକ୍ଷା ଜାପାନ ଆଧିପତ୍ୟରେ ଭାରତର ଅବସ୍ଥା ହୁଏତ ବେଶୀ ଖରାପ ହୋଇଥାଆନ୍ତା କିନ୍ତୁ ଲଢ଼େଇର ସୁଅ ବଦଳିଲା । ଜାପାନର ଶକ୍ତି ହ୍ରାସ ପାଇଲା ଏବଂ ତା'ର ପରାଜୟ ନିଶ୍ଚିତ ବୋଲି ଜଣାପଡିଲା ।

୧୯୪୫ରେ ଯେତେବେଳେ ଜାପାନର ସାମରିକ ଶକ୍ତି ଛାରଖାର ହୋଇଗଲା, ସୁବାସ ବାବୁ ଗୋଟିଏ ଉଡ଼ାଜାହାଜରେ ଅଜଣା ଲକ୍ଷ୍ୟ ସ୍ଥଳକୁ ଯାଉଥିବା ବେଳେ ଫର୍ମୋଜା (ଟାଇୱାନ)ରେ ଦୁର୍ଘଟଣା ଗ୍ରସ୍ତ ହୋଇ

Digitized by srujanika@gmail.com

ପ୍ରାଣ ହରାଇଲେ । ତାଙ୍କ ସହିତ କାମ କରୁଥିବା ତାଙ୍କର ଦୁଇଜଣ ସହକର୍ମୀ ଦୃଢ଼ତାର ସହ କହିଲେ ଯେ ସୁବାସ ବାବୁ ସେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ ଓ ତାଙ୍କର ମରଶରୀରର ଅସ୍ଥି (ପାଉଁଶ) ନିଆଯାଇ ଜାପାନରେ ରଖାଯାଇଛି । ମୁଁ ବିଶ୍ୱାସ କରେ ଯେ ସୁବାସବାବୁଙ୍କ ସ୍ୱଭାବର ଅଦମ୍ୟ ସାହସୀ ବ୍ୟକ୍ତି ଭାରତ ସ୍ୱାଧୀନତା ପରେ ଲୁଚିକରି ବା ଛଦ୍ମବେଶରେ ରହିପାରିବେ ନାହିଁ । ଏବଂ ସେ ନିଶ୍ଚୟ ତତ୍‌କ୍ଷଣ ଭାରତ ଆସିଥାନ୍ତେ । ତେଣୁ ସେ ଜୀବିତ ଥିବା ଗପ ମୁଁ ବିଶ୍ୱାସ କରେ ନାହିଁ ।

ଯେତେବେଳେ ଜାପାନ ବର୍ମାରେ ପହଞ୍ଚିଗଲା ଏବଂ ଦକ୍ଷିଣ ପୂର୍ବ ଏସିଆ ଅଞ୍ଚଳ ଅଧିକାର କଲା, ଭାରତରେ ବ୍ରିଟିଶ୍ ମାନେ ଚିନ୍ତିତ ହେଲେ ଏବଂ ଭାରତର କେତେକ ଭାଗ ଖାଲି କରିବା ପ୍ରସ୍ତୁତିରେ ଲାଗିପଡ଼ିଲେ । ଭାରତର ଲୋକମାନେ ଏଥିରେ ବହୁ ବ୍ୟଥିତ ଓ ଚିନ୍ତିତ ହେଲେ । ଗାନ୍ଧିଜୀଙ୍କ ହୃଦବୋଧ ହେଲା ଯେ ଭାରତ ସ୍ୱାଧୀନ ହେବା ଉଚିତ କାରଣ ଜାପାନ ବିରୁଦ୍ଧରେ ସ୍ୱାଧୀନ ଭାରତ ନିଜକୁ ରକ୍ଷା କରିପାରିବ । ସେ ତେଣୁ ବ୍ରିଟିଶ୍ ଭାରତ ଛାଡ ଆହ୍ୱାନ ଦେଲେ ଏବଂ କଂଗ୍ରେସ ଆଗରେ ଭାରତ ଛାଡ଼ ଆନ୍ଦୋଳନର ପ୍ରସ୍ତାବ ରଖିଲେ । ସେତେବେଳେ ଯେଉଁ ପରିସ୍ଥିତି ଥିଲା ସେଥିରେ ଲୋକମାନଙ୍କ ମଧ୍ୟରେ ବହୁତ ହତୋତ୍ସାହ ଏବଂ ବ୍ୟର୍ଥ ମନୋଭାବ ଦେଖାଯାଉଥିଲା । ଗାନ୍ଧିଜୀ ବିଚାର କଲେ ଯେ ଏଇ ବ୍ୟର୍ଥ ମନୋଭାବ ଏବଂ ହତୋତ୍ସାହ ଦୂର କରି ଲୋକଙ୍କ ମନରେ ଆଶା ଓ ଉତ୍ସାହ ଜାଗରଣ କରିବା ପାଇଁ ଏକ ଆନ୍ଦୋଳନର ନିହାତି ପ୍ରୟୋଜନ ଅଛି ।

ସର୍ଦ୍ଦାର ସାହେବ ତାଙ୍କ ସହିତ ଏକମତ ଥିଲେ । ମୋର କିନ୍ତୁ ସନ୍ଦେହ ଥିଲା । ବ୍ରିଟିଶ ବିରୁଦ୍ଧରେ 'ଭାରତ ଛାଡ' ଆନ୍ଦୋଳନ ଶେଷ ଲଢ଼େଇ ବୋଲି ନିଜର ଦୃଢ଼ ସଙ୍କଳ୍ପ ଘୋଷଣା କରି ସେ କହିଥିଲେ ଯେଉଁମାନେ ଏଇ ଆନ୍ଦୋଳନରେ ଯୋଗ ଦେବେ ସେମାନେ ନିଜେ ନିଜର ନେତା ଭାବି ଯାହା ଠିକ୍ ବିଚାର କରିବେ ତାହା କରିବେ । ସୋସାଲିଷ୍ଟ ଗୋଷ୍ଠୀ ଏ ଆନ୍ଦୋଳନ ପ୍ରତି ବଡ ଉତ୍ସାହୀ ଥିଲେ, କିନ୍ତୁ ସେମାନେ ଅହିଂସାରେ ବିଶ୍ୱାସ କରୁନଥିଲେ; ତେଣୁ ସେମାନେ ଗୋପନରେ ରହି ଧ୍ୱଂସାତ୍ମକ ଆନ୍ଦୋଳନ ଆହ୍ୱାନ କରିବା ଯୋଜନା କରୁଥିଲେ । ବାପୁ ଓ ଅନ୍ୟମାନେ ଭାବୁଥିଲେ ଯେ ତତ୍‌କାଳୀନ ପରିସ୍ଥିତି ଦୃଷ୍ଟିରୁ ଲୋକମାନେ ଭାରତ ଛାଡ ଆନ୍ଦୋଳନରେ ଯୋଗ ଦେଇ ବ୍ରିଟିଶକୁ ଶାସନ ଚଳାଇବାରେ ବାଧା ଦେବେ ଓ ବ୍ରିଟିଶ ରାଜତ୍ୱର ପରିସମାପ୍ତି କରିବେ ।

କମ୍ୟୁନିଷ୍ଟ ଏବଂ ହିନ୍ଦୁ ମହାସଭା ବିଶ୍ୱଯୁଦ୍ଧରେ ବ୍ରିଟିଶକୁ ସାହାଯ୍ୟ କରୁଥିଲା । ସେମାନଙ୍କର ନୀତି ହେଲା ବ୍ରିଟିଶ ବିରୁଦ୍ଧରେ କଂଗ୍ରେସର କାର୍ଯ୍ୟକ୍ରମକୁ ଉତ୍ସାହିତ ନକରି ତା'ର ବିରୁଦ୍ଧାଚରଣ କରିବା । ବିଶ୍ୱଯୁଦ୍ଧ ପ୍ରାରମ୍ଭରେ ଋଷିଆ ଓ ଜର୍ମାନୀ ମଧ୍ୟରେ ରାଜିନାମା ହୋଇଥିଲା ଯେ ଋଷିଆ ଲଢ଼େଇରେ ନିରପକ୍ଷ ରହିବ; ତେଣୁ ଭାରତରେ କମ୍ୟୁନିଷ୍ଟମାନେ ଲଢ଼େଇରେ ମିତ୍ରପକ୍ଷକୁ ବିରୋଧ କଲେ । କିନ୍ତୁ ହିଟଲର ଯୁଦ୍ଧରେ ଜିତିବା ଆରମ୍ଭ କରିବାରୁ ସେ ଋଷିଆ ସହିତ ହିସାବ ଛିଡାଇବା ପାଇଁ ସ୍ଥିର କଲେ । ଋଷିଆ ତେଣୁ ଜର୍ମାନୀ ବିରୁଦ୍ଧରେ ମିତ୍ରପକ୍ଷ ସହିତ ଯୋଗ ଦେଲା । ଭାରତରେ କମ୍ୟୁନିଷ୍ଟ ମାନେ ତତ୍‌କ୍ଷଣାତ ନିଜର ନୀତି ବଦଳାଇ ମିତ୍ରପକ୍ଷଙ୍କୁ ସମର୍ଥନ କଲେ । ସେମାନେ କଂଗ୍ରେସ ଆନ୍ଦୋଳନର ବିରୋଧ କଲେ ଏବଂ କଂଗ୍ରେସକୁ ଦେଶଦ୍ରୋହୀ କହିବାକୁ କୁଣ୍ଠାବୋଧ କଲେ ନାହିଁ ।

ମୁଁ ଅନୁଭବ କଲି ଯେ ଭାରତ ଛାଡ ଆନ୍ଦୋଳନରେ ସତ୍ୟ ଓ ଅହିଂସା ନୀତିରେ ଜଳାଞ୍ଜଳି ଦିଆହେବ କାରଣ ପ୍ରତ୍ୟେକ ନିଜର ନେତା ହୋଇ ନିଜର କୌଶଳ ପ୍ରୟୋଗ କରିବେ । ମୁଁ ଆହୁରି ମଧ୍ୟ ଅନୁଭବ କଲି ଯେ ଏଇ ଆନ୍ଦୋଳନ କଂଗ୍ରେସକୁ ଦୁର୍ବଳ କରିପକାଇବ ଓ ବାପୁ ନିଜର ଅଦମ୍ୟ ଉଦ୍ୟମ ଦ୍ୱାରା ଭାରତ ପୁନଃନିର୍ମାଣ ପାଇଁ ଆଦରି ନେଇଥିବା ନୀତିକୁ ଦେଶ ଭୁଲିଯିବ । ମୁଁ ଭୟ କରୁଥିଲି ଯେ ହିଂସା ଲୋକପ୍ରିୟ ହୋଇ ଉଠିବ । ସର୍ଦ୍ଦାର ସାହେବ ମୋ ସନ୍ଦେହ ବିଷୟ ଜାଣିଥିଲେ ଓ ଆମ ଦୁଇଜଣଙ୍କ ମତ ଅଲଗା ଅଲଗା ଥିଲା । ସର୍ଦ୍ଦାର ସାହେବ ୧୯୪୦ରେ ଗ୍ରହଣ କରିଥିବା ନୀତିକୁ ମାନୁଥିଲି ଏବଂ ପୁନା ପ୍ରସ୍ତାବ ସପକ୍ଷରେ ମୁଁ

Digitized by srujanika@gmail.com

ତାଙ୍କ ଯୁକ୍ତି ସହିତ ଏକମତ ଥିଲି । ସେଗୁଡିକୁ ସେ ସହଜରେ କାଟି ପାରୁନଥିଲେ ତେଣୁ ଏ ବିଷୟ ମୋ ସହିତ ଆଲୋଚନା କରୁନଥଲେ । ମୁଁ ମଧ ତାଙ୍କ ସହିତ ଗୋଳମାଳିଆରେ ପଡିବାକୁ ଇଚ୍ଛା କରୁନଥିଲି ।

ଏହା ମଧ ସମ୍ଭବ ହୋଇପାରେ ଯେ ଭାରତ ଛାଡ ଆନ୍ଦୋଳନରେ ମୋର ଯୋଗ ଦେବା ସମ୍ବନ୍ଧରେ ସର୍ଦ୍ଦାର ସାହେବଙ୍କର ସନ୍ଦେହ ଥିଲା । ଏପରି ସନ୍ଦେହ ଆଶ୍ଚର୍ଯ୍ୟଜନକ ଓ ଅମୂଳକ ଥିଲା, କାରଣ ମୁଁ ସେପରି କିଛି କହିନଥିଲି ।

ଗାନ୍ଧିଜୀ ମେ ମାସରେ ବମ୍ବେ ଆସିଥିଲେ । ବମ୍ବେ ଯାଇ ମୁଁ ବାପୁଙ୍କ ସହିତ ଏଇ ବିଷୟ ଆଲୋଚନା କରିବାକୁ ସର୍ଦ୍ଦାର ସାହେବ ମୋତେ ଖଣ୍ଡେ ଚିଠିରେ ଲେଖିଥିଲେ । ତଦନୁଯାୟୀ ଶ୍ରୀ କାଞ୍ଜିଭାଇ ଓ ମୁଁ ବାପୁଙ୍କୁ ସାକ୍ଷାତ କରିବାକୁ ବମ୍ବେ ଗଲୁ । ମୋର ସନ୍ଦେହ ଉପରେ ତାଙ୍କ ସହିତ ମୁକ୍ତ ଓ ସ୍ୱଷ୍ଟ ଆଲୋଚନା ହୋଇଥିଲା । ସେ ଧୈର୍ଯ୍ୟ ଓ ମନ ଯୋଗ ସହକାରେ ମୋତେ ଶୁଣିଲେ ଏବଂ ମୋତେ ମୋ ଯୁକ୍ତି ବାଢ଼ିବାକୁ ଉତ୍ସାହିତ କଲେ । ବାପୁ କେବେ କୌଣସି ଆଲୋଚନା ବିରୁଦ୍ଧରେ ନଥିଲେ ଓ ସେ ଯୁକ୍ତି ସାହାଯ୍ୟରେ ବୁଝାଉ ଥିଲେ । ସେ ଯଦି ଅପରପକ୍ଷ ଯୁକ୍ତିରେ ସନ୍ତୁଷ୍ଟ ହେଉଥିଲେ, ସାଙ୍ଗେ ସାଙ୍ଗେ ତା' ଗ୍ରହଣ କରୁଥିଲେ । ତେଣୁ ବାପୁଙ୍କ ସହିତ ଯୁକ୍ତି କରିବାକୁ ମୁଁ କୌଣସି କୁଣ୍ଠାବୋଧ କରୁନଥିଲି । ତାଙ୍କ ଆଲୋଚନା ପ୍ରତି ମନୋଭାବ ଓ ଆଲୋଚନାର ନୀତି ଅହିଂସାରୁ ହିଁ ଜନ୍ମ ହୋଇଛି । ସତ୍ୟର ଅନ୍ୱେଷଣରେ ଗଭୀର ଭାବେ ଜଡିତ ହୋଇ ସେ ସମସ୍ତ ଯୁକ୍ତିତର୍କ ଯତ୍ନ ଓ ବିନୟ ସହକାରେ ଶୁଣୁଥିଲେ ।

ବାପୁ ଯେତେବେଳେ ପ୍ରସ୍ତାବିତ ଭାରତ ଛାଡ଼ ଆନ୍ଦୋଳନ ବିଷୟରେ ମୋ ମତ ପଚାରିଲେ, ମୁଁ କହିଲି, ''ମୁଁ ବାପୁଙ୍କ ବିଶ୍ୱାସ ସହିତ ଏକମତ ହୋଇପାରୁ ନାହିଁ ଯେ ଆନ୍ଦୋଳନ ଆରମ୍ଭ ହେଲେ ଭାରତସାରା ଶ୍ରମିକ ମାନେ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଧର୍ମଘଟ କରିବେ, ସରକାରୀ କର୍ମଚାରୀମାନେ ଇସ୍ତଫା ଦେବେ ଓ ଖଜଣା ଛାଡ ଆନ୍ଦୋଳନ ବିଶାଳ ରୂପ ଧାରଣ କରିବ । ମୁଁ କହିଲି ଯେ ଅହମଦାବାଦ ସହରରେ ଯେଉଁଠାରେ ସେ ଦୃଢ଼ ଏବଂ ଦକ୍ଷ ୟୁନିୟନ ତିଆରି କରିଛନ୍ତି ସେଠାରେ ଶ୍ରମିକମାନେ ତିନିମାସରୁ ଅଧିକ ସମୟ ଧର୍ମଘଟ କରିପାରିବେ ନାହିଁ । ପୁଣି କହିଲି, ବିଶ୍ୱଯୁଦ୍ଧରେ ଜୀବନ ମୃତ୍ୟୁର ପ୍ରଶ୍ନ ରହିଛି । ଯଦି ବ୍ରିଟିଶ ଯୁଦ୍ଧରେ ହାରିଯାଏ ତେବେ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯିବ ତେଣୁ ସେମାନେ ଯଥାସାଧ ସାହସର ସହିତ ଲଢୁଛନ୍ତି । ଏ ପରିସ୍ଥିତିରେ ସେମାନେ ଭାରତର ସାହାଯ୍ୟ ନ ନେଇ ରହିପାରିବେ ନାହିଁ । କଂଗ୍ରେସ ବିଶ୍ୱଯୁଦ୍ଧ ସମ୍ବନ୍ଧରେ ସର୍ତ୍ତମୂଳକ ପ୍ରସ୍ତାବ ଗ୍ରହଣ କରିବା ବେଳେ ଏପରି ସମର୍ଥନ ମିଳିବ ବୋଲି ବ୍ରିଟିଶ ସରକାରଙ୍କର ଆଶା ନଥିଲା । କାରଣ ବାପୁ ସେ ପ୍ରସ୍ତାବକୁ ବିରୋଧ କରିଥିଲେ ଓ ଅନ୍ୟକୌଣସି ବ୍ୟକ୍ତି ଅପେକ୍ଷା ତାଙ୍କ ଦ୍ୱାରା ବେଶିଲୋକ ପ୍ରଭାବିତ ହେଉଥିଲେ । ମୁଁ ବିଶ୍ୱାସ କରିନଥିଲି ଯେ ବ୍ରିଟିଶ ସରକାର, ଏଇ ଘଡିସନ୍ଧି ବେଳେ ଭାରତ ଉପରୁ ତା'ର କ୍ଷମତା କୋହଳ କରିବ । ସୁତରାଂ ପୂନା ପ୍ରସ୍ତାବ ଗ୍ରହଣ ନ ହେବାରୁ ମୁଁ ଆଶ୍ଚର୍ଯ୍ୟ ହୋଇନଥିଲି । ଆମେ କ୍ରୋଧରେ କୌଣସି ପଦକ୍ଷେପ ନେବା ଉଚିତ ହେବ ନାହିଁ, ଯଦ୍ୱାରା ଆମର କ୍ଷତି ହେବ ଓ ଆମ ଆଦର୍ଶରେ ଆଘାତ ଆସିବ ।''

ମୁଁ ବାପୁଙ୍କୁ ସୂଚାଇ ଦେଲି ଯେ ଯେଉଁମାନେ ଆପଣଙ୍କ ପ୍ରସ୍ତାବିତ ଆନ୍ଦୋଳନକୁ ସମର୍ଥନ କରୁଛନ୍ତି ସେମାନେ ଅହିଂସାରେ ବିଶ୍ୱାସ କରନ୍ତି ନାହିଁ ଏବଂ ଭୂଗର୍ଭ (ଅଣ୍ଡର ଗ୍ରାଉଣ୍ଡ)ରେ ରହି ହିଂସାତ୍ମକ ଘଟଣା ଘଟାଇବାକୁ କୁଣ୍ଠିତ ହେବେ ନାହିଁ । ଯଦି ହିଂସାତ୍ମକ ଆନ୍ଦୋଳନ ଲୋକମାନେ ଆଦରି ନିଅନ୍ତି ତେବେ ବାପୁଙ୍କର କୋଡିଏ ପଚିଶ ବର୍ଷର ଅହିଂସା ସାଧନା ବୃଥା ହୋଇଯିବ । ବାପୁଙ୍କ ସତ୍ୟାଗ୍ରହରେ ଅସତ୍ୟର ସ୍ଥାନ ନାହିଁ ଏବଂ ଆନ୍ଦୋଳନରେ ସତ୍ୟ ପାଳନ କରାଯାଇ ପାରିବ ନାହିଁ । ସତ୍ୟାଗ୍ରହରେ ଗୋପନୀୟ ଆନ୍ଦୋଳନର ସ୍ଥାନ ନାହିଁ । ବାପୁ ଏ ଦେଶର ଘଟଣା ସବୁ ଭଲକରି ଅନୁଧ୍ୟାନ କରିଛନ୍ତି ଓ ଅଣନିଶ୍ୱାସ ବୋଧକରି ହତାଶରେଏଇ ନୀତି ଧରିଛନ୍ତି । ମୁଁ ଯାହା ଅନୁଭବ କଲି ତାହାହିଁ କହିଲି ।

Digitized by srujanika@gmail.com

ବାପୁ କହିଲେ ଏ ଆନ୍ଦୋଳନରେ ସମ୍ଭବତଃ ବିଭ୍ରାଟ ଘଟିପାରେ, କିନ୍ତୁ ଆମେ ସେଥିପାଇଁ ଚିନ୍ତା କରିବା ଉଚିତ ହେବ ନାହିଁ । ମୁଁ ତେଣୁ ତାଙ୍କୁ ପ୍ରଶ୍ନ କଲି ଯେ ପରିସ୍ଥିତିକୁ ସେ କିପରି ସହ୍ୟ କରିବେ ଯେତେବେଳେ ସେ ମଣିଷର ସଦ୍‌ଗୁଣ ଓ ତାର ଉତ୍ତରୋତ୍ତର ଉନ୍ନତି ଉପରେ ବିଶ୍ୱାସ କରନ୍ତି । ଉତ୍ତରରେ ସେ କହିଲେ, ଯଦି ସେପରି ପ୍ରତିକୂଳ ଅବସ୍ଥା ଆସେ, ତେବେ ମଣିଷକୁ ବିଶୃଙ୍ଖଳା ଓ ବିଭ୍ରାଟ ସହ୍ୟ କରିବାକୁ ହେବ ଏବଂ ଆବଶ୍ୟକ ହେଲେ ନିଜର ପ୍ରାଣ ମଧ୍ୟ ବଳି ଦେବାକୁ ହେବ ।

ସେ ଯୀଶୁଖ୍ରୀଷ୍ଟଙ୍କ ଉଦାହରଣ ଦେଲାବେଳେ ମୁଁ କହିଲି, ଯୀଶୁ ନିଜେ ପ୍ରାଣବଳୀ ଦେଇ ନଥିଲେ; ସେ ନିଜର କର୍ତ୍ତବ୍ୟ କଲାବେଳେ, କର୍ତ୍ତୃପକ୍ଷ ତାଙ୍କ ପ୍ରାଣ ନେଇଥିଲେ । ଯଦି ଯୀଶୁ ସମ୍ପୂର୍ଣ୍ଣ ବିଚାର ସମ୍ମତ ଜୀବନ ଉତ୍ସର୍ଗ କରିଥାନ୍ତେ କ୍ରୁଶ ବିଦ୍ଧ ସମୟରେ ସେ କହିନଥାନ୍ତେ ''ହେ ଭଗବାନ, ମୁଁ ଆପଣଙ୍କର କ'ଣ କରିଛି ?'' ଅବଶ୍ୟ ଯୀଶୁଖ୍ରୀଷ୍ଟ ତତ୍‌କ୍ଷଣାତ ନିଜର ଭୁଲ ବୁଝିପାରି କହିଥିଲେ ''ଆପଣଙ୍କ ଇଚ୍ଛାପୂରଣ ହେବ, ହେ ଭଗବାନ ।'' ତାଙ୍କର ବାକ୍ୟ ସୂଚାଇ ଦିଏ ଯେ ସେ ସ୍ୱଇଚ୍ଛାରେ ପ୍ରାଣ ତ୍ୟାଗ କରୁନଥିଲେ । କିନ୍ତୁ ଅନ୍ୟମାନେ ତାଙ୍କ ପ୍ରାଣ ନେଲାବେଳେ ସେ ବ୍ୟସ୍ତ ନଥିଲେ ବା କଷ୍ଟ ଭୋଗୁନଥିଲେ କାରଣ ସେ ସମ୍ପୂର୍ଣ୍ଣ ରୂପେ ନିର୍ଭୟ ଥିଲେ । ମୁଁ ତେଣୁ ବାପୁଙ୍କୁ କହିଲି ଯେ ଜଣେ ମଣିଷ ଦ୍ୱାରା ଯେଉଁ ତ୍ୟାଗ ସେ ଚିନ୍ତା କରୁଛନ୍ତି ତାହା ମୋ ଆଖିରେ ପ୍ରକୃତ ତ୍ୟାଗ ନୁହେଁ । ଚତୁର୍ଦ୍ଦିଗ ଅନ୍ଧକାର ଓ ଶ୍ୱାସରୁଦ୍ଧ ପରିସ୍ଥିତିରେ ଏହା ଆତ୍ମହତ୍ୟା; ମାନସିକ ସ୍ତରର ଏକ ଉଦ୍‌ବେଗ ମାତ୍ର । ଆମେ ସମ୍ପୂର୍ଣ୍ଣ ବିଷୟ ସ୍ପଷ୍ଟଭାବେ ଆଲୋଚନା କଲୁ; ମୋ ମତ ସବୁ ବାପୁଙ୍କ ଆଗରେ ସଦାଚାର ଓ ବିନୟ ସହକାରେ ରଖିଥିଲି । ମୁଁ ଯାହା ସବୁ କହିଲି ତା ମୋପକ୍ଷରେ ବିବେକହୀନତାର ପରିଚୟ ମାତ୍ର, ତଥାପି ପରିସ୍ଥିତି ଦୃଷ୍ଟିରୁ ମୋର ଏପରି କହିବାର ଉଚିତ ହୋଇଛି ବୋଲି ଅନୁଭବ କଲି ।

ବାପୁ ମୋ କଥା ଧୈର୍ଯ୍ୟ ଓ ମନଯୋଗ ସହକାରେ ଶୁଣିଲେ ଏବଂ କହିଲେ, ସେ ମୋର ଯୁକ୍ତିସବୁ ମାନୁଛନ୍ତି, କାରଣ ମୋ ମନ୍ତବ୍ୟ ଅନେକାଂଶରେ ସତ୍ୟ । କିନ୍ତୁ ସେ ଅନୁଭବ କଲେ ଯେ ଏପରି ଶ୍ୱାସରୁଦ୍ଧ ସମୟରେ ଆମେ କିଛି ନ କଲେ ଏବଂ ଦାୟିତ୍ୱ ନ ନେଲେ ଲୋକମାନେ ହତାଶ ହେବେ, ନୀତିଭ୍ରଷ୍ଟ ହେବେ । କିଛି ପଦକ୍ଷେପ ନେବା ଆବଶ୍ୟକ ବୋଲି ମୁଁ ଏକ ମତ ହେଲି । ସେ ତତକ୍ଷଣାତ ମୋତେ ପଚାରିଲେ ଭାରତ ଛାଡ ଆନ୍ଦୋଳନ ଯଦି ଯଥୋପଚିତ ପଦକ୍ଷେପ ନୁହେଁ ତେବେ ମୋ ମତରେ ଆଉ କି ପଦକ୍ଷେପ ନିଆଯିବା ଉଚିତ୍ । ମୁଁ ସ୍ପଷ୍ଟଭାବରେ କହିଲି ଯେ ଅନ୍ୟ କୌଣସି ପ୍ରସ୍ତାବ ମୁଁ ଦେଇପାରି ଥିଲେ ମୁଁ ସେ ପ୍ରସ୍ତାବ ଦେଇଥାଆନ୍ତି କିନ୍ତୁ ତାହା ମୋ କ୍ଷମତାର ବାହାରେ । ସେ (ବାପୁଜୀ) ଅନ୍ୟ ପଦକ୍ଷେପ ବିଷୟ ଚିନ୍ତାକରି ନିର୍ଣ୍ଣୟ ନେବେ । ମୁଁ ମଧ୍ୟ ସ୍ପଷ୍ଟ କରିଦେଲି ଯେ ପରିଶେଷରେ ଭାରତ ଛାଡ ଆନ୍ଦୋଳନ ଆରମ୍ଭ କରାଗଲେ ମୁଁ ସେଥିରେ ଭାଗ ନେବିନାହିଁ ବୋଲି ଯଦି ସେ ଭାବୁଥାନ୍ତି ତେବେ ମୋତେ ସମ୍ପୂର୍ଣ୍ଣ ଭୁଲ ବୁଝିଛନ୍ତି । ମୁଁ ତାଙ୍କୁ ଆଶ୍ୱାସନା ଦେଲି ଯେ ଯେକୌଣସି ଆନ୍ଦୋଳନ ଆରମ୍ଭ କଲେ ମୁଁ ମୁକ୍ତ ପ୍ରାଣରେ ସେଥିରେ ଯୋଗ ଦେବି ଏବଂ ଯାହା ମୂଲ୍ୟ ଦେବାକୁ ପଡିବ ଦେବି ।

ବାପୁ ମୋତେ ତାଙ୍କ ସହିତ ୱାର୍ଦ୍ଧା ଯିବାକୁ କହିଲେ, ସୁତରାଂ ସେ ଏ ବିଷୟ ଅନ୍ୟ ସହକର୍ମୀଙ୍କ ସହ ଆଲୋଚନା କରିବେ । ମୁଁ କହିଲି, ମୁଁ ଯାହା କହିଲି ତା'ଛଡା ଅଧିକ କିଛି ମୋର କହିବାର ନାହିଁ । ତେଣୁ ସେବାଗ୍ରାମ ମୁଁ ଗଲେ କିଛି ଉଦ୍ଦେଶ୍ୟ ସାଧନ ହେବ ନାହିଁ । ସେ ଯାହା ନିର୍ଣ୍ଣୟ ନେବେ ମୁଁ ତାହା ମାନିବି ।

ମୁଁ ସେତେବେଳେ ଯାହା ବୁଝିଥିଲି, ସେ ଆନ୍ଦୋଳନ ଜୁନ ମାସରେ ଆରମ୍ଭ କରିବାକୁ ଭାବୁଥିଲେ କିନ୍ତୁ ମୋ ସହିତ ଆଲୋଚନା କରିବା ପରେ ସେ ଆନ୍ଦୋଳନ ଦୁଇମାସ ସ୍ଥଗିତ ରଖିଲେ । ୧୯୪୨ ଅଗଷ୍ଟ ୮ ତାରିଖ ଦିନ ବମ୍ବେରେ ଅନୁଷ୍ଠିତ ଏ.ଆଇ.ସି.ସି.ରେ ବାପୁ ଏହି ପ୍ରସ୍ତାବ ରଖିଲେ । ସମ୍ପୂର୍ଣ୍ଣ ଆଲୋଚନା ପରେ ତାଙ୍କ ପ୍ରସ୍ତାବ ଗୃହିତ ହୋଇଥିଲା । ବ୍ରିଟିଶ୍ ସରକାର ଏଥିପାଇଁ ପ୍ରସ୍ତୁତ ଥିଲେ ଏବଂ ଏ ପ୍ରସ୍ତାବର ପ୍ରକୃତ ଅର୍ଥ

Digitized by srujanika@gmail.com

ଜାଣିଥିଲେ । ୯ ତାରିଖ ବଡ଼ି ଭୋରରେ ଗାନ୍ଧିଜୀ ଆରେଷ୍ଟ ହେଲେ ଏବଂ ମୋ ଭଳି ଅନେକ କର୍ମୀ ଆରେଷ୍ଟ ହେଲେ । ଆଠ ତାରିଖ ରାତିରେ କେହିଜଣେ ଖବର ଦେଇଥିଲା ଯେ ସରକାର ଗାନ୍ଧିଜୀଙ୍କୁ ବନ୍ଦି କରିବାକୁ ପ୍ରସ୍ତୁତ ଅଛନ୍ତି । ବାପୁ କିନ୍ତୁ ଭାବୁଥିଲେ ସରକାର ଏପରି ପଦକ୍ଷେପ ନେବା ଆଗରୁ ତାଙ୍କ ସହିତ ଆଲୋଚନା କରିବେ । କିନ୍ତୁ ତାହା ଭୁଲ ପରିଣତ ହେଲା । ସରକାରଏ ଆନ୍ଦୋଳନକୁ ଦୃଢ଼ଭାବେ ଦମନ କରିବାକୁ ସ୍ଥିର କରି ସମସ୍ତ ଯୋଜନା କରିଥିଲେ । ତଦନୁଯାୟୀ ନ' ତାରିଖ ସକାଳେ ସମସ୍ତ ନେତାଙ୍କୁ ଆରେଷ୍ଟ କଲେ । ମୁଁ ଶ୍ରୀ ମଙ୍ଗଲ ଦାସ ପକ୍ୱାସାଙ୍କ ସହିତ ରହୁଥିଲି । ସେଠାକୁ ଜଣେ ପୋଲିସ ଅଫିସର ଆସିଲେ । ସେମାନେ ସକାଳ ପାଞ୍ଚଟାରେ ମୋତେ ଉଠାଇ ଆରେଷ୍ଟ କଲେ ଓ ବୋରିବନ୍ଦର ଷ୍ଟେସନକୁ ନେଲେ । ସେଠାରେ ଆମକୁ ଜେଲକୁ ନେବାକୁ ସ୍ପେଶାଲ ଟ୍ରେନ ଅପେକ୍ଷା କରିଥିଲା ।

(୨୩) ଭାରତଛାଡ଼ ଆନ୍ଦୋଳନ

ଆରେଷ୍ଟ କରି ମୋତେ ବୋରିବନ୍ଦର ଯେଉଁ ଟ୍ରେନକୁ ନେଲେ ସେଥିରେ ବାପୁ, ମହାଦେବ ଦେଶାଇ ଓ ବାଲାସାହେବ ଖେର ଆଗରୁ ବସିଥିଲେ । ସେ ଟ୍ରେନରେ ଆମେ ପ୍ରାୟ ପଚାଶ ଷାଠିଏ ଜଣ ବନ୍ଦୀ ଥିଲୁ । କାର୍ଯ୍ୟକାରୀ କମିଟିର ସଭ୍ୟମାନେ ସେଇଦିନ ଆରେଷ୍ଟ ହୋଇଥିଲେ ଏବଂ ଅହମଦନଗର ଫୋର୍ଟକୁ ନିଆଯାଇଥିଲେ ଓ ସେଠାରେ ୧୯୪୫ ପର୍ଯ୍ୟନ୍ତ ରଖାଯାଇଥିଲେ । ଶ୍ରୀ ଗୋବିନ୍ଦ ବଲ୍ଲଭ ପଂଥ ପୁଲିସ କହିବାନୁସାରେ ପ୍ରସ୍ତୁତ ହେବାକୁ ମନାକରି ପୁଲିସଙ୍କୁ କହିଥିଲେ ସେ ନିଜ ସୁବିଧାରେ ପ୍ରସ୍ତୁତ ହେବେ । ପୁଲିସ ଅଫିସର ତେଣୁ ଦଶଟା ବେଳେ, ଆଉ ଗୋଟିଏ ଟ୍ରେନ୍‌ରେ, ତାଙ୍କୁ ନେଲେ ।

ପୂନାରେ ପହଞ୍ଚି ଆମମାନଙ୍କୁ ଏରଭଡ଼ା ଜେଲକୁ ନିଆଯାଇଥିଲା ଏବଂ ମହାଦେବ ଭାଇଙ୍କୁ ଆଗାଖାଁ ପାଲେସକୁ ନିଆଯାଇଥିଲା । ଆମକୁ ପ୍ରଥମେ ଏରଭଡା ଜେଲରେ ପ୍ରଥମେ ଗୋଟିଏ ବାରାକ୍‌କୁ ନିଆଗଲା ଏବଂ ଆମକୁ କୁହାଗଲା ଯେ ଆମେ ସେଠାରେ ରହିବୁ । ମୁଁ ଯେତେବେଳେ ଦେଖିଲି ଯେ ଆମ ସମସ୍ତଙ୍କୁ ସେଇ ବାରାକ୍‌ରେ ରଖିବାକୁ ବନ୍ଦୋବସ୍ତ କରୁଛନ୍ତି, ମୁଁ ବାରାକ୍‌ରେ ରହିବାକୁ ମନାକଲି ଏବଂ କହିଲି ମୋତେ ଅଲଗା କୋଠରୀ ନ ଦେଲେ ମୁଁ କିଛି ଖାଇବି ନାହିଁ । ଏ ଖବର ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଦିଆଗଲା ଓ ଆମେମାନଙ୍କୁ ପାଖ ଅଗଣାକୁ ନିଆଗଲା । ସେଠାରେ ଅଲଗା ଅଲଗା କୋଠରୀ ଥିଲା । ମୁଁ ଏଇ ଅଗଣାରେ ୧୯୪୦-୪୧ରେ ରହିଥିଲି । ସେଠାରେ ପ୍ରତିଧାଡ଼ିରେ ସାତ ବା ଆଠ କୋଠରୀ ହିସାବରେ ଦୁଇଧାଡ଼ି କୋଠରୀ ଥିଲା । ସଲିମ୍ , ବାବାସାହେବ ଖେର, ନୁରି, ମେହେରାଲୀ,ଏସ୍.କେ.ପଟିଲ, ଭଗବାନଜୀ ଭାଇ, ଜି.ଜି.ମେହେଟା ଏବଂ ଅନ୍ୟମାନେ ସେତେବେଳେ ମୋ ସହିତ ଥିଲେ । ଜି.ଜି. ମେହେଟା ପ୍ରଥମରୁ ସତ୍ୟାଗ୍ରହ ଆରମ୍ଭ କଲେ । ସେ ପ୍ରଥମେ ଟ୍ରେନରେ ଚଢ଼ିବାକୁ ଓ ପୂନାରେ ଟ୍ରେନରୁ ଓହ୍ଲାଇବାକୁ ମନାକରୁଥିଲେ । ତାଙ୍କୁ, ତେଣୁ , ଜବରଦସ୍ତୀ ଟେକିକରି ଟ୍ରେନଭିତରକୁ ଓ ବାହାରକୁ ଆଣିଥିଲେ । ଯେଉଁ ବସ୍ ଏରଭଡା ଜେଲକୁ ଆମକୁ ଆଣିଲା ସେଥିରେ ମଧ୍ୟ ସେ ପୁଲିସକୁ ବାଧା ଦେଲେ । ଅନେକ ଶକ୍ତି ଲଗାଇ ପୁଲିସ ତାଙ୍କୁ ବସ ଭିତରକୁ ଫୋପାଡି ଦେଇଥିଲେ । ଜି.ଜି. ମେହେଟାଏବଂ ଅନ୍ୟମାନେ ଭାବୁଥିଲେ ବାପୁ ପ୍ରତ୍ୟେକଙ୍କୁ ସରକାରଙ୍କୁ ଅମାନ୍ୟ କରିବାକୁ କହିଥିବାରୁ ସେମାନେ ଜେଲ ନିୟମ ମାନିବେ ନାହିଁ । ମୁଁ ଜି.ଜି. ମେହେଟାଙ୍କୁ ବୁଝାଇଲି

Digitized by srujanika@gmail.com

ଯେ ଏପରି ବାଧା ଦେଲେ କିଛି ଉଦ୍ଦେଶ୍ୟ ସାଧିତ ହେବ ନାହିଁ ଏବଂ ଏଠାକୁ ଆସି ଜେଲ ନିୟମ ମାନିବା ହେଉଛି ଆମର କର୍ତ୍ତବ୍ୟ । ମୁଁ ତାଙ୍କୁ କହିଲି ଏପରି ବାଧା ଦେଇ ନିଜର ଶକ୍ତି ନଷ୍ଟକଲେ ଶେଷରେ ସେ ହତାଶ ହେବେ । ମୋ ଉପଦେଶ ମାନି ସେ ବାଧା ଦେବା ଛାଡିଦେଲେ ।

ଜେଲରେ ପ୍ରଥମ ରାତିରେ ଆମକୁ କୋଠରୀରେ ତାଲା ପକାଇ ବନ୍ଦ କରି ରଖିଥିଲେ । ମୁଁ ଜେଲ କର୍ତ୍ତୃପକ୍ଷଙ୍କୁ ନୋଟିସ ଦେଲି ଯେ ପରଦିନ ଠାରୁ ଆମକୁ ବିନା ତାଲାରେ ଖୋଲା ନ ରଖିଲେ, ମୁଁ ତାଲା ବନ୍ଦ ହେବାକୁ ମନାକରିବି ଏବଂ ଯାହା ଫଳ ହେବ ତା ପାଇଁ ପ୍ରସ୍ତୁତ ରହିବି । ସୁପରିଟେଣ୍ଡେଣ୍ଟ୍ କହିଲେ ଯେ ସମସ୍ତେ ଜାଣନ୍ତି ଯେ ଭାରତଛାଡ଼ ଆନ୍ଦୋଳନରେ ବନ୍ଦୀମାନେ ନିଜର ଇଚ୍ଛାରେ ଯାହା କରିପାରିବେ । ତେଣୁ ତାଲା ନ ଦେଲେ ଏବଂ କେହି ପଳାଇଗଲେ ସେ ଅସୁବିଧାରେ ପଡିବେ । ତେଣୁ ସେ ସେପରି ବିପଦରେ ନ ପଡିବାକୁ ତାଲା ପକାଉଛନ୍ତି । ମୁଁ କହିଲି ସେ ଯାହା କହୁଛନ୍ତି ଠିକ୍ ନୁହେଁ । ଆମ ଭିତରୁ କେହି ପଳାଇବେ ନାହିଁ, ଆମ ଉପରେ ବିଶ୍ୱାସ ରଖିବାକୁ କହିଲି ।

କର୍ଣ୍ଣେଲ ଭଣ୍ଡାରୀ ସେତେବେଳେ ସୁପରିଣ୍ଟେଣ୍ଡେଣ୍ଟ୍ ଥିଲେ । ସେ ପରେ ବମ୍ବେ ଷ୍ଟେଟ୍‌ରେ ଆଇ.ଜି. ଅଫ୍ ପ୍ରିଜନ୍ସ ହୋଇଥିଲେ । ୧୯୩୨-୩୩ରେ ମୁଁ ନାସିକ ଜେଲରେ ଥିବା ବେଳେ ସେ ସୁପରିଣ୍ଟେଣ୍ଡେଣ୍ଟ୍ ଥିଲେ । ମୋର ତାଙ୍କ ସହିତ ପରିଚୟ ଥିଲା ଏବଂ ମୁଁ ମନ୍ତ୍ରୀ ହେବା ପରେ ଭଲକରି ତାଙ୍କୁ ଜାଣିଲି । ସେ ମୋ ପ୍ରସ୍ତାବ ମାନିଲେ ଓ ରାତିରେ ତାଲା ପକାଇବା ବନ୍ଦକଲେ । ଶ୍ରୀ ମେହରଲ୍ଲୀ ଓ ସୋସାଲିଷ୍ଟ ଗ୍ରୁପର ଅନ୍ୟ ସଭ୍ୟମାନେ ଏରଭ୍‌ଦା ଜେଲ ଗଲାବେଳେ ଆମ ସହିତ ଥିଲେ । ସେମାନେ ବାପୁଙ୍କ ଅହିଂସା ନୀତିରେ ବିଶ୍ୱାସ କରୁନଥିଲେ ଏବଂ ଗୋପନରେ ସରକାର ବିରୁଦ୍ଧରେ ଆନ୍ଦୋଳନ କରିବାରେ ବିଶ୍ୱାସ ରଖୁଥିଲେ । ବାପୁ ଆମମାନଙ୍କୁ ଦେଇଥିବା ନିର୍ଦ୍ଦେଶ ମୁଁ ତାଙ୍କୁ କହିଲି; ବାପୁଙ୍କ ନୀତିରେ ବିଶ୍ୱାସ ରଖିଥିବା ଲୋକଙ୍କର ସତ୍ୟାଗ୍ରହ ଛଡ଼ା ଅନ୍ୟ ରାସ୍ତା ନାହିଁ । ଏବଂ ମୋର ଦୃଢ଼ ବିଶ୍ୱାସ ଯେ ଯଦି ସତ୍ୟାଗ୍ରାହୀ ହିସାବରେ ଚଳିବୁ ତେବେ ଆମେ ସରକାରଙ୍କୁ ପରାସ୍ତ କରିପାରିବୁ; ତଦ୍ୱାରା ଆମେ ଦୃଢ଼ ହେବୁ ଓ ଆମ ଆନ୍ଦୋଳନ ଦୃଢ଼ ହେବ । ସେମାନେ ମୋ ଯୁକ୍ତି ଗ୍ରହଣ କଲେ ନାହିଁ ।

ଟ୍ରେନରେ ଯାଉଥିବା ବେଳେ ଶ୍ରୀ ମେହେରଲ୍ଲୀ ଏବଂ ତାଙ୍କ ସହକର୍ମୀ ମାନେ ମୋତେ କହିଥିଲେ ଯେ ଇଂରେଜୀମାନଙ୍କୁ ଭାରତ ଛାଡ଼ିଯିବାକୁ ହେବ କାରଣ ଆମେ ଆମ ଆନ୍ଦୋଳନରେ ଶହେଦିନ ମଧ୍ୟରେ କୃତକାର୍ଯ୍ୟ ହେବୁ । ମୁଁ ତାଙ୍କୁ କହିଥିଲି ଯେ ମୁଁ ତାଙ୍କ ସହିତ ଏକମତ ନୁହେଁ କାରଣ ପରିସ୍ଥିତି ତାହା ଇଙ୍ଗିତ କରୁନାହିଁ । ମୁଁ ତାଙ୍କୁ କହିଲି ଯେ ସରକାରଙ୍କ ନୀତି ଓ ଦୃଢ଼ତା, ଆମ ଲୋକମାନଙ୍କର ଶକ୍ତି, ଲଢ଼ାଇ କରିବା ପଦ୍ଧତି ବିଶେଷତଃ ଗୋପନ ଆନ୍ଦୋଳନକୁ ଦେଖିଲେ ଆନ୍ଦୋଳନ ବେଶୀଦିନ ରହିବ ନାହିଁ ଏବଂ ଆମେ ନିଜକୁ ଭାଗ୍ୟବାନ ମନେକରିବା ଯଦି ହଜାର ଦିନରେ ଜେଲରୁ ବାହାରକୁ ଯାଇପାରିବା । ମୁଁ କହିଲି ଏହା ପ୍ରକୃତ କଥା କିନ୍ତୁ ସେମାନେ ମୋ ସହ ଏକମତ ହେଲେ ନାହିଁ ।

ଜେଲକୁ ଯିବା ପରେ ପରେ ଆମେ ଖବର ପାଇଲୁ ଯେ ଲୋକମାନେ ଅନେକ ସ୍ଥାନରେ ସରକାରଙ୍କ ବିରୁଦ୍ଧରେ ଲଢ଼େଇ କରୁଛନ୍ତି । କେଉଁଠି ବୋମା ଆକ୍ରମଣ ତ, କେଉଁଠି ଡକାୟତି ଓ ଅନ୍ୟକେଉଁଠି ଲୁଟତରାଜ । ସୋସାଲିଷ୍ଟ ଗ୍ରୁପର ଲୋକମାନେ ଏ ଖବର ପାଇ ବେଶ୍ ଖୁସି ହେଉଥାନ୍ତି, ଓ ମୋତେ କହିଲେ ତାଙ୍କ କହିବା କଥା ସତ ହେବ ଏବଂ ମୋ କଥା ମିଛରେ ପରିଣତ ହେବ । କିନ୍ତୁ ଏଇସବୁ ଦଙ୍ଗା ଘଟଣା ତିନିମାସ ମଧ୍ୟରେ ବନ୍ଦ ହୋଇଗଲା, ଆନ୍ଦୋଳନ ଖାଲି ନାମକୁ ମାତ୍ର ରହିଲା । ମୋ ସହକର୍ମୀଙ୍କର ଉତ୍ସାହ ଉଭେଇ ଗଲା । ସେମାନେ ଏତେ ହତାଶ ଓ ହତୋତ୍ସାହ ହୋଇପଡିଲେ ଯେ ଥରେ ଆଲୋଚନା ବେଳେ କହିଲେ ଯେ ଆମେ

Digitized by srujanika@gmail.com

ପଚାଶ ବର୍ଷ ପଛକୁ ଚାଲିଯାଇଛୁ । ମୁଁ କହିଲି ସେମାନେ ହତାଶ ହୋଇ ଯାଇଥିବାରୁ ଏପରି କହୁଛନ୍ତି; ଏହା ସତ୍ୟନୁହେଁ । ଆମେ ଯଦି ସତ୍ୟାଗ୍ରାହୀ ହିସାବରେ ବାପୁଙ୍କ ବାଣୀ ମାନି ଚଳିଥାନ୍ତେ ତେବେ ଲୋକମାନଙ୍କର ଉତ୍ସାହ, ଉଦ୍ଦୀପନା କମି ନଥାନ୍ତା ଏବଂ ସରକାରଙ୍କୁ ଆମ ଦାବୀ ମାନିବାକୁ ପଡିଥାନ୍ତା । ସରକାରଙ୍କୁ ହିଂସା କାଣ୍ଡ ପାଇଁ ହିଂସାତ୍ମକ ପଦକ୍ଷେପନେଇ ଲୋକମାନଙ୍କୁ ଦବାଇବା ସହଜ ହେଲା । ମୁଁ ବିଶ୍ୱାସ କରୁନଥିଲି ଯେ ଆମେ ପଛକୁ ଚାଲିଯାଉଛୁ ବରଂ ବ୍ରିଟିଶ ସରକାର ଭାବିବ ଯେ ସେ ଆଉ ବେଶିଦିନ ଶାସନ କରି ପାରିବ ନାହିଁ ଏବଂ ଆମେ ସ୍ୱାଧୀନତା ଶୀଘ୍ର ପାଇବା । ଏ ଆନ୍ଦୋଳନରେ ହିଂସାକୁ ଲୋକପ୍ରିୟ କରାଯାଇଥିବାରୁ ଏଣିକି ରାଜନୀତିରେ ହିଂସା ବେଶି ଦେଖାଯିବ । ମୁଁ ବାପୁଙ୍କୁ କହିଥିବା ଏ ବିପଦ ବଢ଼ିଛି । ମୁଁ କିନ୍ତୁ କହିଲି, ଏ ପରିସ୍ଥିତିରେ ଅନ୍ୟକିଛି ରାସ୍ତା ମୁଁ ଦେଖି ପାରୁନି ।

ବନ୍ଧୁମାନଙ୍କର ଓ ମୋ ମଧ୍ୟରେ ଏହି ମତଭେଦ ରହିଲା । ସେମାନେ ଯୁବ ସ୍ୱାଧୀନତା ସଂଗ୍ରାମୀଙ୍କୁ ମୋ ସହିତ ସାକ୍ଷାତ କରିବାକୁ ବାରଣ କରୁଥିଲେ, କିନ୍ତୁ ଗୋଟିଏ ଅଗଣାରେ ଏକାଠି ରହି ଏହା କରିବା ଅସମ୍ଭବ ଥିଲା । ମୁଁ ଯେତେବେଳେ ଏଇ ଯୁବ ବନ୍ଦୀମାନଙ୍କୁ ଦେଖୁଥିଲି, ବାପୁଙ୍କ ଦର୍ଶନ, ନୀତିର ପରାକାଷ୍ଠା ସେମାନଙ୍କୁ କହୁଥିଲି । ମୋର ମନେହୁଏ ମୋର ଯୁକ୍ତି ତାଙ୍କ ମନରେ ଅନୁକୂଳ ପ୍ରତିକ୍ରୟା ସୃଷ୍ଟି କରିଥିଲା ।

ଆମେ ଏରଭଦା ଜେଲ ପହଞ୍ଚିବାର ଠିକ୍ ଛଅଦିନ ପରେ ମହାଦେବ ଭାଇ ଗାନ୍ଧିଜୀଙ୍କ କୋଳରେ ଆଗା ଖାଁ ପାଲେସ୍‌ରେ ଦେହତ୍ୟାଗ କରିଥିଲେ । ଏ ଖବର ଆମକୁ ଦାରୁଣ ଧକ୍କା ଦେଲା । ମହାଦେବ ଭାଇ ବାପୁଙ୍କ ସହିତ ୧୯୧୬ରେ ଯୋଗ ଦେଇଥିଲେ । ସେ ସମ୍ପୂର୍ଣ୍ଣ ରୂପେ ନିଜକୁ ବାପୁ ଓ ତାଙ୍କ ଆଦର୍ଶ ସହିତ ମିଶାଇ ଦେଇଥିଲେ । ଏପରିକି ସେ ବାପୁଙ୍କ ଆଦର୍ଶ ବାପୁଙ୍କ ଅପେକ୍ଷା ଅଧିକ ପ୍ରାଞ୍ଜଳ ଓ ସ୍ପଷ୍ଟ ଭାବେ ବୁଝାଇ ଦେଉଥିଲେ । ସେ ବାପୁଙ୍କ ଭାଷାଶୈଳୀ ଶିଖି ଯାଇଥିଲେ ଏବଂ ବାପୁଙ୍କ ଚିନ୍ତା ଉଭୟ ଗୁଜରାତି ଓ ଇଂରେଜୀରେ ବୁଝାଇ ପାରୁଥିଲେ । ସେ ବହୁତ ଦାୟିତ୍ୱ ନେଇ ବାପୁଙ୍କ କାମ ହାଲୁକା କରିଥିଲେ ।

ଭାରତ ଛାଡ଼ ଆନ୍ଦୋଳନର ଫଳାଫଳ ବିଷୟରେ ମହାଦେବ ଭାଇ ଉଦ୍‌ବୀଗ୍ନ ଥିଲେ । ସେ ବୁଝିଥିଲେ ଯେ ସରକାର ଏହାକୁ ଦମନ କରିବାକୁ ବଦ୍ଧପରିକର ଏବଂ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନ କରି ବାପୁଜୀଙ୍କ ମୃତ୍ୟୁର ଆଶଙ୍କା ଥିଲେ ମଧ୍ୟ ସରକାର ତାଙ୍କୁ ଜେଲରୁ ଖଲାସ କରିବେ ନାହିଁ । ମୋର ମଧ୍ୟ ସେହି ଭୟ ଥିଲା । ଆମ ଭିତରେ କଥାବାର୍ତ୍ତା ବେଳେ ଆମେ ସେଇ ଉଦ୍‌ବୀଗ୍ନତା ପ୍ରକାଶ କରିଥିଲୁ । ସେ ବାପୁଙ୍କ ପରେ ମରିବାକୁ ଚାହୁଁନଥିଲେ କାରଣ ବାପୁଙ୍କ ବ୍ୟତୀତ ବଞ୍ଚିବା ସେ ଚିନ୍ତା କରିପାରୁ ନଥିଲେ । ସେ ବାପୁଙ୍କ ବ୍ୟକ୍ତିତ୍ୱରେ କେତେ ଲୀନ ହୋଇଯାଇଥିଲେ ଏହା ତାହାର ଏକ ନିଛକ ଉଦାହରଣ । ଏଇ ଦୁଶ୍ଚିନ୍ତା ଓ ଉଦ୍‌ବେଗ ଯୋଗୁଁ ତାଙ୍କର ହୃଦୟର ପ୍ରକ୍ରିୟା ବନ୍ଦ ହୋଇଯାଇ କିଛି କ୍ଷଣ ମଧ୍ୟରେ ବାପୁଙ୍କ କୋଳରେ, ତାଙ୍କ ଆଗରୁ ପ୍ରାଣତ୍ୟାଗ କରିବା ଇଚ୍ଛାପୂରଣ କରି, ଦେହତ୍ୟାଗ କରିଥିଲେ ।

ମୋର ଧାରଣା ଥିଲା ଯେ ମହାଦେବ ଭାଇଙ୍କ ମୃତ୍ୟୁ ଯୋଗୁ ବାପୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଅନଶନ କରିବା ଇଚ୍ଛା ତ୍ୟାଗ କରିଛନ୍ତି । ପରେ ସେ ଆଗା ଖାଁ ପାଲେସ୍‌ରେ ଏକୋଇଶ ଦିନ ଅନଶନ କରିଥିଲେ । ତାଙ୍କ ଅବସ୍ଥା ଉଦ୍‌ବେଗଜନକ ହୋଇ ପଡିଥିଲା କିନ୍ତୁ ସେ ନିରାପଦରେ ଶେଷ ପର୍ଯ୍ୟନ୍ତ ଅନଶନ କରିଥିଲେ । ଡ. ଗୀଲ୍‌ଡର୍, ଯେ ଆମ ସହିତ ଥିଲେ, ବାପୁଙ୍କୁ ଦେଖାଶୁଣା କରିବା ପାଇଁ ତାଙ୍କୁ ଆଗାଖାଁ ପାଲେସ୍‌କୁ ନିଆଯାଇଥିଲା ।

ଆଗରୁ ୧୯୪୦-୪୧ରେ ଡ. ଗୀଲ୍‌ଡର୍ ମୋ ସହିତ ଏରଭଦା ଜେଲରେ ଥିଲେ । ସେତେବେଳର ଗୋଟିଏ ଘଟଣା ମୋର ମନେ ଅଛି । ଥରେ ଗୋଟିଏ ପାରା ଛୁଆ ବସାରୁ ତଳକୁ ଖସିପଡିଲା । ଆମେ ତାକୁ

Digitized by srujanika@gmail.com

ରକ୍ଷା କରି ତାର ଯତ୍ନ ନେଲୁ । ଡ. ଗୀଲ୍‌ଡର୍ ତା ଗୋଡରେ ଟିଣ ପଟିଟାଏ ବାନ୍ଧି ଦେଲେ ସୁତରାଂ ସେ ପାରା ଛୁଆଟି ଉଡି ଯାଇପାରିବ ନାହିଁ ଓ ସେ ତାର ସ୍ୱାସ୍ଥ୍ୟର ଉନ୍ନତି ନିରୀକ୍ଷଣ କରିବେ । ଆମେ ଦେଖିଲୁ ଯେ ଟିଣପଟି ସକାଶେ ପାରାଛୁଆ ଗୋଡ ଭଲ ହେଉନାହିଁ । ଆମକୁ ଏହା ନିଷ୍ଠୁରତା ଜଣାପଡିଲା, ଆମେ ଦିନେ ଟିଣପଟି କାଢ଼ିଦେଲୁ ଓ ପାରାଛୁଆଟି ଉଡି ଚାଲିଗଲା । ଡ. ଗୀଲ୍‌ଡର ଯେତେବେଳେ ଜାଣିଲେ ବହୁତ ବିରକ୍ତ ହେଲେ ଏବଂ କହିଲେ ବୁଝିବା ଶକ୍ତି ନଥିବାରୁ ଆମେ ବିଜ୍ଞାନର ଶତ୍ରୁ ହୋଇଯାଇଛୁ । ଆମେ ବୁଝି ପାରିଲୁନାହିଁ ଯେ ଏଇ ପାରାଛୁଆଠାରୁ କି ବିରାଟ ବୈଜ୍ଞାନିକ ଆବିଷ୍କାର ହୋଇଥାନ୍ତା । ଆମର ବିଶ୍ୱାସ, ବୈଜ୍ଞାନିକ ଗବେଷଣା ନିରୀହ ଚଢ଼େଇକୁ କଷ୍ଟ ଦେଇ କରାଯିବା ଉଚିତ ନୁହେଁ । ଆମେ ଡ. ଗୀଲ୍‌ଡରଙ୍କ କଟୁବାଣୀ ଧୈର୍ଯ୍ୟ ସହକାରେ ଶୁଣିଲୁ ଏବଂ କିଛି ଦିନପରେ ଭୁଲିଗଲୁ ।

ଏରଭଦା ଜେଲର ମୋର ଆଉ ଗୋଟିଏ ଅଭିଜ୍ଞତା ମନେପଡେ । ବାଲାସାହେବ ଓ ମୁଁ ଶାକାହାରୀ ଥିଲୁ । ଡ. ଗୀଲ୍‌ଡର୍ ଓ ନୁରୀ ମାଂସାହାରୀ । ଖାଇବା ବେଳେ ମୁଁ ମଝିରେ ବସିଥିଲେ ମଧ ସେମାନେ ତାଙ୍କ ମାଂସ ତରକାରୀ ଏପଟ ସେପଟ କରୁଥିଲେ । ମୁଁ କିନ୍ତୁ କିଛି ଆପତ୍ତି କରୁନଥିଲି । ଏହା ଦ୍ୱାରା ଧର୍ମବିଶ୍ୱାସରେ ମୋର ସହନଶୀଳତା ବଢ଼ିଲା । ସବୁ ରବିବାର ସକାଳେ ସେମାନେ ଗୋଟିଏ କୁକୁଡା ଆଣୁଥିଲେ । ଆମେ ତାକୁ ଦିନଯାକ ଖାଇବାକୁ ପିଇବାକୁ ଦେଉଥିଲୁ ଓ ସଂଧ୍ୟାରେ ତାକୁ ମାରିବା ଦେଖୁଥିଲୁ । ଆମ ମତ ଛଡା ଅନ୍ୟମତ ଏପରିକି ବିରୋଧ ମତ ପୋଷଣ କରୁଥିବା ବ୍ୟକ୍ତି ମାନଙ୍କ ସହିତ ସ୍ନେହ ଓ ଶ୍ରଦ୍ଧାର ସହିତ ରହିବା ମୁଁ ଏଇ ଅଭିଜ୍ଞତାରୁ ଶିଖିଲି ।

ବାଲା ସାହେବଙ୍କୁ ରୋଷେଇ କରିବାକୁ ଭଲ ଲାଗୁଥିଲା, ତେଣୁ ସେ ଆମ ରୋଷେଇ ଘରଦାୟିତ୍ୱରେ ଥିଲେ । ଜେଲରେ ଅନ୍ୟ ସାଧାରଣ ବନ୍ଦୀମାନେ ପ୍ରକୃତରେ ରୋଷେଇ କରୁଥିଲେ କିନ୍ତୁ ବାଲାସାହେବ ସ୍ପେଶାଲ ଖାଇବା ତିଆରି କରୁଥିଲେ ।

ଏଇପରି ଖୁସିରେ ଆମେ ଦିନ କଟାଇଲୁ । ଆମର ଭଲ ସାଙ୍ଗଥିଲେ, ଆମର ପ୍ରତ୍ୟେକଙ୍କ ପ୍ରତି ବେଶ ସମ୍ମାନ ଥିଲା, କିନ୍ତୁ ଆମ ଆଲୋଚନା ସବୁବେଳେ ମାନସିକ ଉତ୍ତେଜନା ପ୍ରଣୋଦିତ ଥିଲା ।

ଶ୍ରୀ କହ୍ନେୟାଲାଲ ମୁନ୍‌ସୀ କଂଗ୍ରେସ ଛାଡି ଦେଇଥିବାରୁ ଏଥର ଆରେଷ୍ଟ ହୋଇନଥିଲେ । ତାଙ୍କ ବିଷୟରେ ଆମର କିଛି ଆଲୋଚନା ହୋଇଥିଲା । କେତେଜଣ କହିଲେ ଆନ୍ଦୋଳନ ପରେ ମୁନସୀ କଂଗ୍ରେସକୁ ଫେରି ଆସି ପୁଣି ମନ୍ତ୍ରୀ ହେବେ । ମୁଁ କହିଲି ତାହା ଅସମ୍ଭବ । ଅନ୍ୟମାନେ କିନ୍ତୁ ବାରମ୍ବାର କହିବାରୁ ମୁଁ କହିଲି ସେ ମନ୍ତ୍ରୀ ହେଲେ ମୁଁ ମନ୍ତ୍ରୀମଣ୍ଡଳରେ ଯୋଗଦେବି ନାହିଁ ।

ଜେଲରେ ମୋର ନିତି ଦିନିଆ କାମ ଥିଲା: ମୁଁ ସକାଳ ଚାରିଟାରେ ଉଠେ ଏବଂ ୧୯୩୪ରେ ମୁଖସ୍ତ କରିଥିବା ଗୀତା ଗାଏ । ଏହା ପ୍ରାୟ ଏକଘଣ୍ଟା ସମୟ ନିଏ । ତା'ପରେ ମୁଁ ଗାଧାଏ ଓ ଲୁଗାସଫା କରିବା, ଇତ୍ୟାଦି ସକାଳ କାମ ଶେଷକରେ । ଏ ସବୁ କାମ ଛଅଟା ସାଢ଼େଛଅଟାରେ ଶେଷ ହୋଇଯାଏ । ତା'ପରେ ମୋର କିଛି ପଢ଼ିବାର ଅଭ୍ୟାସ ଥାଏ । ବାଲା ସାହେବ ମୋ ପାଖ କୋଠରୀରେ ଥାନ୍ତି; ମୁଁ ତାଙ୍କ କୋଠରୀରେ ପ୍ରାୟ ଥାଏ ଏବଂ ଆମେ ସୂତା କାଟୁ । ବେଳେ ବେଳେ ତାଙ୍କୁ ଗୀତା ଗାଇବାକୁ ଭଲଲାଗେ । ମୁଁ ପୁଣି ଆଉଥରେ ତାଙ୍କ ସହିତ ଗୀତାଗାନ କରେ ।

ଜେଲରେ ବହୁତ ଅବସର ସମୟ ଥାଏ । ଆମେ କୋରାନ ପଢ଼ି ତା'ର ସଦୁପଯୋଗ କରୁଥିଲୁ । କୋରାନ ପଢ଼ିସାରିବା ପରେ ମୁଁ ଅନୁଭବ କଲି ଯେ ଆମ ମୁସ୍ଲିମ ଭାଇଙ୍କଠାରୁ ଇସଲାମ ବିଷୟରେ ହୋଇଥିବା ଧାରଣା ସବୁ ଭୁଲ । ମୁଁ ଅତି ସମ୍ମାନ ସହକାରେ କୋରାନ ପଢ଼ିଲି ଏବଂ ଦେଖିଲି ଯେ ଏହା ହିନ୍ଦୁଧର୍ମ ସହିତ

Digitized by srujanika@gmail.com

ମିଶି ଯାଉଛି । ମହାପୁରୁଷ (ପ୍ରଫେଟ୍) ମହମ୍ମଦଙ୍କ ଜୀବନ ବିଷୟରେ ବହୁତ ପଢ଼ିଲି ଏବଂ ଅନେକ କଥା ଶିଖିଲି । ମୋର ଦୃଢ଼ ବିଶ୍ୱାସ ହେଲା ଯେ ସେ ମହାପୁରୁଷ ଅହିଂସାରେ ବିଶ୍ୱାସ କରୁଥିଲେ । ମକ୍କାରେ ଥାଇ ସେ ଭଗବାନଙ୍କ ବାଣୀ ଶୁଣିଲେ । ତାଙ୍କର ଅନେକ ଶିଷ୍ୟ ହେଲେ । ସେମାନେ ସତ୍ୟ ଓ ଅହିଂସାରେ ଚଳୁଥିବାରୁ ମକ୍କାର ଲୋକମାନେ ତାଙ୍କୁ ହଇରାଣ କରୁଥିଲେ । ମହାପୁରଷ ସେ ସବୁ ଧୈର୍ଯ୍ୟ ଏବଂ ଅହିଂସା ସହକାରେ ସହ୍ୟକରିବାକୁ ଉପଦେଶ ଦେଉଥିଲେ । କିନ୍ତୁ ଅତ୍ୟାଚାର ଅସହ୍ୟ ହୋଇପଡିଲା । ସେମାନେ ମକ୍କାରୁ ମଦିନା ଗଲେ । ମଦିନାର ଲୋକମାନେ ତାଙ୍କୁ ସ୍ୱାଗତ କଲେ ଓ ଇସ୍ଲାମ ଧର୍ମ ପ୍ରଚାରରେ ସାହାଯ୍ୟ କଲେ । ମକ୍କାର ଲୋକମାନେ ମଦିନା ଆକ୍ରମଣ କଲେ, ପ୍ରଫେଟଙ୍କୁ ମଧ୍ୟ । କିନ୍ତୁ ପ୍ରଫେଟ୍‌ଙ୍କର ଲଢ଼େଇ କରିବାର ଇଚ୍ଛା ନଥିଲା । କୋରାନର ଏକ ପଦ୍ୟ ଅନୁସାରେ, ସେତେବେଳେ ତାଙ୍କୁ ନିଜକୁ ରକ୍ଷା ଓ ଶତ୍ରୁକୁ ପରାସ୍ତ କରିବା ପାଇଁ ହିଂସାତ୍ମକ କାର୍ଯ୍ୟରେ ଭାଗ ନେବାକୁ ନିର୍ଦ୍ଦେଶ ଆସିଥିଲା । ସେ ନିଜର ଲୋକମାନଙ୍କ ସାହାଯ୍ୟରେ ମକ୍କାର ଲୋକମାନଙ୍କ ବିରୁଦ୍ଧରେ ଲଢ଼େଇ କରିଥିଲେ, କିନ୍ତୁ କିଛି ଅସ୍ତ୍ର ବ୍ୟବହାର କରିନଥିଲେ । ମୁଁ ପ୍ରଫେଟ୍‌ଙ୍କ ଜୀବନୀରୁ ଏହା ସବୁ ଜାଣିଲି । ସେ ଖୁବ୍ ସାଧାରଣ ଜୀବନ ଯାପନ କରୁଥିଲେ । ନିଜ ଖଜୁରି ଗଛ ଆୟରୁ ନିଜେ ଓ ପରିବାର ଚଳୁଥିଲେ । ଅନ୍ୟମାନଙ୍କ ପାଇଁ ସାଧାରଣ ଜୀବନର ସେ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ଥିଲେ ।

ଏରଭଦା ଜେଲରେ ଶ୍ରୀ ନୁରୀଙ୍କ ସାହାଯ୍ୟରେ ମୁଁ ଉର୍ଦ୍ଦୁ ପଢ଼ିଲି । ତାଙ୍କ ସାହାଯ୍ୟରେ ଗାଲିବଙ୍କ କବିତା ପଢ଼ିଲି ଓ ବୁଝିଲି ।

ଜେଲରେ ଥିବା ସମୟରେ ମଣିଷ ପ୍ରକୃତି ନିରୀକ୍ଷଣ କରିବା ପାଇଁ ବହୁତ ସମୟ ପାଇଥିଲି । ବାଧହୋଇ ଏକା ରହିବା ଦ୍ୱାରା ପୂର୍ବ ଘଟଣା ସବୁ ଭଲ ଭାବରେ ଭାବିପାରିଲି, କାରଣ ମୁଁ ଯେ କେବେଳ ଭୁଲ କେଉଁଠି ଥିଲା ତାହା ଜାଣିପାରିଲି ତା ନୁହେଁ, ସେ ଭୁଲ ଦୂରକରିବାକୁ ଚେଷ୍ଟା କଲି । ଫଳରେ ମୋ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ କରିପାରିଲି । ମୋ ଅଭିଜ୍ଞତାରୁ ମୁଁ କହିପାରେ ଯେ ପ୍ରତ୍ୟେକ ବନ୍ଦୀର ପ୍ରକୃତ ପ୍ରକୃତି ପୂର୍ଣ୍ଣମାତ୍ରାରେ ବାହାରକୁ ଆସିଥାଏ । ଚାରିକାନ୍ଥ ମଧ୍ୟରେ ବିନା ବାଧା ଏବଂ ବିନା କୃତ୍ରିମତାରେ ଆମେମାନେ ଚଳୁ । ଉଦାର ଲୋକର ଉଦାରତା ସ୍ପଷ୍ଟ ଦେଖାଯାଏ । ଧୈର୍ଯ୍ୟ ଏବଂ ଉତ୍ସାହର ଉଦାହରଣ ବି ଆମମାନଙ୍କ ମଧ୍ୟରେ ଥିବା ଆମେ ଦେଖିଲୁ କିନ୍ତୁ ଯେଉଁ ବ୍ୟକ୍ତି ବାହାରେ ଉଦାରମନରେ ଦାନ ଦେଉଥିଲେ ସେମାନେ ଜେଲରେ ଚିନି ବା ଲୁଣ ପାଇଁ ଅନ୍ୟମାନଙ୍କ ସହିତ କଳିକରୁଥାନ୍ତି । ଅନ୍ୟପକ୍ଷରେ ଅତି ଜଘନ୍ୟ କୁକର୍ମରେ ଅଭିଯୁକ୍ତ ବ୍ୟକ୍ତିମାନେ ନିଜର ବ୍ୟବହାରରେ ଉଦାରତା ଓ ସହୃଦୟତାର ପରିଚୟ ଦେଉଥାଆନ୍ତି । ଜେଲରେ ମଣିଷ ପ୍ରକୃତି ଏତେ ସ୍ପଷ୍ଟ ଭାବରେ ପ୍ରଦର୍ଶିତ ହେଉଥାଏ ଯେ ଜଣାପଡ଼େ ବାହାର ଦୁନିଆରେ ତା' ପ୍ରତି ଧାରଣା ତା'ର ପ୍ରକୃତ ପ୍ରକୃତିର ବହୁ ଦୂରରେ । ସାଧାରଣ ଚୁପ୍‌ଚାପ୍ ବ୍ୟକ୍ତି ଜେଲଭିତରେ ଆଲୋଚନା ବେଳେ ଅଧୈର୍ଯ୍ୟ ଓ ଉଚ୍ଛନ୍ନ ହୋଇ ନିଜର ମତ ସ୍ପଷ୍ଟକରେ । ଖୁବ୍ କମ୍ ବନ୍ଦୀ କୌଣସି ବିରକ୍ତି ଭାବ ପ୍ରକାଶ ନ କରି ସବୁବେଳେ ମନସ୍ଥିର କରି ରହିଥାଆନ୍ତି । ଏ ବିରକ୍ତି ଭାବ ଜେଲରେ ଏତେ ସାଧାରଣ ଯେ ଆମେ ତା'ର ନାମ ରଖିଥିଲୁ ଜେଲତିଜ୍ । ଅନେକ ସହବନ୍ଦୀମାନେ ବାହାରୁ ଚୋରାରେ ଜେଲରେ ନ ମିଳୁଥିବା ଜିନିଷ ଆଣୁଥିଲେ । ବାହାରୁ ଆଣୁଥିବା ଜିନିଷ ହେଲା ଖବରକାଗଜ, ଖାଦ୍ୟ ପଦାର୍ଥ, ସିଗ୍ରେଟ ଓ ବିଡି । ଖୁବ୍ କମ୍ ଲୋକ ସହଜରେ ଆଣିପାରୁଥିଲେ, ଅନ୍ୟମାନେ ସନ୍ଦେହଜନକ ଉପାୟରେ ଏ ଜିନିଷ ପାଉଥିଲେ ।

ମୋ ଦାନ୍ତ ଚିକିତ୍ସା ପାଇଁ ମୋତେ ଥରେ ସହର ହସ୍ପିଟାଲକୁ ଯିବାକୁ ପଡିଥିଲା । ସେଠାରେ ମୋର ସହବନ୍ଦୀମାନଙ୍କ ବ୍ୟବହାର ଦେଖି ମୁଁ ଚିକିତ୍ସା ପାଇଁ ଜେଲ ଛାଡିନଯିବାକୁ ସ୍ଥିରକଲି । ତା ପରେ ଦାନ୍ତ ପାଇଁ ବଡ଼ ଦାରୁଣ ଯନ୍ତ୍ରଣା ପାଇଲି । ମୁଁ ଜେଲ ନିୟନ୍ତ୍ରକଙ୍କୁ କହିଲି ସେ ଯଦି ଜଣେ ଦନ୍ତ ଚିସକଙ୍କୁ ଜେଲ ଭିତରକୁ ଆଣିପାରିବେ, ତେବେ ମୁଁ ଦାନ୍ତ ଚିକିତ୍ସା କରିବି । ସେ ନ ଆଣି ପାରିଲେ ମୁଁ କଷ୍ଟସହି ରହିବି । ମୋ ନୀତି

Digitized by srujanika@gmail.com

ବିଷୟରେ ନିୟନ୍ତକଙ୍କୁ କହିବାରୁ ସେ ଡା. ଦେଶାଇ ବୋଲି ଜଣେ ଭଲ ଦନ୍ତ ଚିକିତ୍ସକକୁ ଡକାଇ ଥିଲେ । ଡା. ଦେଶାଇ ମୋ ଦାନ୍ତ ଯତ୍ନ ସହକାରେ ଉପାଡିଲେ କିନ୍ତୁ ପାରିଶ୍ରମିକ ନେବାକୁ ମନା କଲେ । ସେ କହିଲେ ସେ ସତ୍ୟାଗ୍ରାହୀମାନଙ୍କ ସେବା କରୁଛନ୍ତି । ସେବା ମନୋଭାବରେ ସେବା କରିଥିବା ଡାକ୍ତରଙ୍କ ଉପକାର ମୁଁ କେବେ ଭୁଲି ପାରିବି ନାହିଁ ।

ବାହାରେ ଆମ ବଂଧୁମାନଙ୍କର ଧାରଣା ଥିଲା ଯେ ଆମକୁ ଖାଇବାରେ ବହୁତ ଅସୁବିଧା ହେଉଥିବ ତେଣୁ ଜେଲ ଆଇନ ଅନୁସାରେ ଯେତିକି ସମ୍ଭବ ସେତିକି ଖାଦ୍ୟ ଭିତରକୁ ପଠାଉଥାନ୍ତି । ଆମେ ସାଧାରଣତଃ ସେଖାଦ୍ୟ ବାଣ୍ଟିକରି ଖାଉ । ଖରାଦିନେ ବେଶ୍ ବଢ଼ିଆ ଆମ୍ବ ପାଉଥିଲୁ; ଅପ୍ରିଲ ଆରମ୍ଭରୁ ଜୁନ ଶେଷ ଯାଏ ମୁଁ ଅମ୍ବ ଖାଉଥିଲି । ମୁଁ ଜେଲରେ ତିନିବର୍ଷ ଭିତରେ ଯେତେ ଆମ୍ବଖାଇଛି ବାହାରେ ବୋଧେ ଅନେକ ବର୍ଷରେ ସେତେ ଆମ୍ବ ଖାଇନାହିଁ । ଜେଲରେ ରହିଲେ ମୋ ଓଜନ ସବୁବେଳେ ବଢ଼ିଯାଏ । ୧୯୩୦ରେ ଜେଲରେ ମୋ ଓଜନ ୧୩୦ ରୁ ୧୩୫ ପାଉଣ୍ଡକୁ ବଢ଼ିଥିଲା । ୧୯୩୨ରେ ୧୩୨ରୁ ୧୫୦ ପାଉଣ୍ଡକୁ ବଢ଼ିଥିଲା ୧୯୩୪ରେ ମୁଁ ତୃତୀୟ ଥର ପାଇଁ ଜେଲ ଯାଇଥିଲି । ସେ ସମୟରେ ମୋତେ ବାରମ୍ବାର ମ୍ୟାଲେରିଆ ଜ୍ୱର ହେବା ସତ୍ତ୍ୱେ ମୋର ଓଜନ ସମାନ ରଖିଥିଲି । ମୋର ୧୯୪୦ ପାଳି ଏଗାର ମାସ ମଧ୍ୟରେ ଓଜନ ୧୪୨ରୁ ୧୫୫ ପାଉଣ୍ଡ ବଢ଼ିଥିଲା ଏବଂ ମୋର ଶେଷ ଜେଲ ପାଳିରେ ଅଗଷ୍ଟ ୧୯୪୨ରୁ ଫେବୃଆରୀ ୧୯୪୩ ମଧ୍ୟରେ ଓଜନ ୧୬୩ ପାଉଣ୍ଡକୁ ବଢ଼ିଥିଲା । ମୁଁ ତେଣୁ ଠିକ୍ କଲି ଯେ ମୋ ଓଜନ ଆଉ ବଢ଼ିବା ଉଚିତ ହେବ ନାହିଁ ଏବଂ ରାତି ଭୋଜନ ବନ୍ଦକରି ଦୁଧ ଓ ଫଳ ଖାଇଲି । ସେଇଦିନ ଠାରୁ ଏଇ ଅଭ୍ୟାସ ଅଛି । ଫଳରେ ମୋ ଓଜନ ପ୍ରାୟ ସମାନ ରଖିବାରେ ମୁଁ ସମର୍ଥ ହୋଇଛି ।

ଶେଷ ଜେଲ ପାଳିରେ ମୁଁ ଗୀତା ଉପରେ ଶ୍ରୀ ଅରବିନ୍ଦଙ୍କଟିପ୍ପଣୀ ସହିତ ବହୁତ ଗୀତା ସମାଲୋଚନା ମୂଳକ ଓ ସୋସାଲିଜମ ଉପରେ ଅନେକ ବହି ପଢ଼ିଲି । ଡ. ଅଲେକ୍ସିସ୍ କାରେଲ୍‌ଙ୍କ ବହି ପଢ଼ିବାର ସୁଯୋଗ ପାଇଥିଲି । ଏହା, ମୁଁ ବିଶ୍ୱାସ କରୁଥିବା ଜୀବନର ମୂଲ୍ୟବୋଧ ସହିତ ଏକମତ ଥିଲା ।

ଜେଲରେ ଥିବା ସମୟରେ ବଂଧୁମାନଙ୍କ ସହିତ ରାଜନୀତି, ଅର୍ଥନୀତି ଏବଂ ସାମାଜିକ ସମସ୍ୟା ସମ୍ବନ୍ଧରେ ଆଲୋଚନା କରି ଆମମାନଙ୍କର ସନ୍ଦେହ ଦୂରକରିବାର ସୁଯୋଗ ମିଳିଥିଲା । ମୋର ଧର୍ମରେ ଓ ଗାନ୍ଧିଜୀଙ୍କ ନୀତିରେ ବିଶ୍ୱାସ, ଏସବୁ ଆଲୋଚନା ଦ୍ୱାରା ସ୍ପଷ୍ଟ ଏବଂ ସୁନିର୍ଦ୍ଦିଷ୍ଟ ହୋଇଥିଲା । ମୁଁ ଗୀତା ଦିନକୁ ଥରେ ବା ଦୁଇଥର ଗାଉଥିଲି ଏବଂ ସେ ବିଷୟରେ ଚିନ୍ତା କରୁଥିଲି । ଫଳରେ ଜୀବନର ଅନେକ ପରୀକ୍ଷା ସମୟରେ ମୋ ଜୀବନ ସହଜସାଧ ହୋଇପାରିଛି । ଏହା ଦ୍ୱାରା ମୁଁ ଗୀତା ସମ୍ପୂର୍ଣ୍ଣ ଭାବେ ବୁଝିପାରିଲି । ଜେଲ ନ ଯାଇଥିଲେ ମୁଁ ଏ ସବୁ ବୁଝି ପାରି ନଥାନ୍ତି କି ଜୀବନରେ କାର୍ଯ୍ୟରେ ଲଗାଇ ପାରି ନଥାନ୍ତି ।

୧୯୩୨-୩୩ ରେ ଜେଲରେ ଥିବା ବେଳେ ମୁଁ ରାଜନୀତି ଓ ଧର୍ମ ବିଷୟରେ କେତେକ ବହି ପଢ଼ିଥିଲି । ସେଥିରେ କମ୍ୟୁନିଜ୍‌ମ ଓ ସୋସାଲିଜ୍‌ମ୍ ଉପରେ କେତେକ ବହିଥିଲା । କମ୍ୟୁନିଜ୍‌ମ୍ ପ୍ରତି ମୋର କୌଣସି ଆକର୍ଷଣ ନଥିଲା । ଗାନ୍ଧିଜୀଙ୍କ ନୀତି ସହିତ ମେଳ ଖାଉଥିବା ସୋସାଲିଜ୍‌ମ୍ ଦାରିଦ୍ର୍ୟ ଦୂର କରିବାର ଏକ ପନ୍ଥା ବୋଲି ମୁଁ ବିଚାର କରୁଥିଲି । ମୋ ମନରେ ସନ୍ଦେହ ନାହିଁ ଯେ ଗାନ୍ଧିଜୀଙ୍କ 'ସର୍ବୋଦୟ' ଗୋଟିଏ ଉପଯୁକ୍ତ ଆଦର୍ଶ । ଏହା ହାସଲ କରିବା ବଡ କଷ୍ଟକର, କାରଣ ସେଥିପାଇଁ ସମାଜର ପ୍ରତ୍ୟେକ ବ୍ୟକ୍ତିର ସହଯୋଗ ଦରକାର । ମଣିଷ ସଚ୍ଚୋଟ ହୋଇ ନିଜର ଉନ୍ନତି କରି ପାରିଲେ ସର୍ବୋଦୟ ଆଦର୍ଶର ଫଳ ମିଳିପାରିବ । ମାତ୍ର କେତେକ ବ୍ୟକ୍ତି ମଣିଷ ସମାଜରେ ସଚ୍ଚୋଟ ହେବେ ବୋଲି ଜଣେ ଆଶା କରିପାରେ । ମଣିଷ ପ୍ରକୃତିରେ ସାଧାରଣତଃ ଦେଖାଯାଇ ଥିବା ସ୍ୱାର୍ଥପରତା, ହିଂସା, କ୍ରୋଧ, ଅଶାନ୍ତି, ଅମାନୁଷିକତା,

Digitized by srujanika@gmail.com

ଇତ୍ୟାଦି ଦୁର୍ଗୁଣ ବାରମ୍ବାର ଏବଂ ସର୍ବଦା ଉଦ୍ୟମ ଦ୍ୱାରା ଦୂର ନ ହେଲେ ସର୍ବୋଦୟ ଆଦର୍ଶ କାର୍ଯ୍ୟରେ ପରିଣତ ହେବା ଅସମ୍ଭବ । କେବଳ ବାପୁଜୀଙ୍କ ନୀତି ମାନି ଚଳିଲେ ଜଣେ ଏଇ ଆଦର୍ଶରେ ପହଞ୍ଚିପାରିବ, ଏଥିରେ ମୋର ସନ୍ଦେହ ନାହିଁ । ସାମାଜିକ ସମାନତା ଓ ସମାନ ସୁଯୋଗ ନ ମିଳିଲେ କୌଣସି ବ୍ୟକ୍ତି ପକ୍ଷରେ ଏ ପରିବର୍ତ୍ତନ ଆସିବା ସହଜ ନୁହେଁ । ତେଣୁ ମୋର ବିଶ୍ୱାସ, କଂଗ୍ରେସ ଆଦର୍ଶ ରୂପେ ଗ୍ରହଣ କରିଥିବା ଗଣତାନ୍ତ୍ରିକ ସାମାଜବାଦ ଦିଗରେ ସମାଜ କାମ କଲେ 'ସର୍ବୋଦୟ' ଆଦର୍ଶ ପାଇଁ ଭିତ୍ତିଭୂମି ପ୍ରସ୍ତୁତ ହୋଇ ପାରିବ ।

ମୋର ହୃଦବୋଧ ହୋଇଛି ଯେ ମଣିଷ ସବୁବେଳେ ଚେଷ୍ଟାକରି ନିଜର ଭୁଲ ବୁଝି ତାକୁ ପରିତ୍ୟାଗକଲେ ସର୍ବୋଦୟର ଆଦର୍ଶ ପ୍ରାପ୍ତ ହେବାରେ ସମ୍ଭାବନା ରହିଛି । ୧୯୫୫ରେ କଂଗ୍ରେସର ଆଭାଡି ଅଧିବେଶନରେ ସମାଜବାଦ ଆଦର୍ଶ ଗୃହୀତ ହୋଇଥିବାରୁ ଆମେ ଖୁସି । ମୋର ବିଶ୍ୱାସ କଂଗ୍ରେସ ନିଜର ସୀମିତ କ୍ଷମତା ଭିତରେ ଏଇ ରାସ୍ତାରେ ଚାଲିବାକୁ ଚେଷ୍ଟାକରୁଛି । ଅଧିକ ଉଦ୍ୟମ ଦ୍ୱାରା ଏ କ୍ଷମତା ବଢ଼ିବ । ଏହାର ସାଫଲ୍ୟ ପାଇଁ, ବନ୍ଧୁତ୍ୱ, ସହାନୁଭୂତି, ଲକ୍ଷ୍ୟର ସଂହତି, ସହଯୋଗ ଏବଂ ଉପଯୁକ୍ତ ଅନୁଷ୍ଠାନ ଏକାନ୍ତ ଆବଶ୍ୟକ ।

ମୁଁ ଉଲ୍ଲେଖ କରିଛି ଯେ ୧୯୩୨-୩୩ରେ ରେନହୋଲ୍ଡ ନେବର୍‌ଙ୍କ 'ମରାଲ୍ ମ୍ୟାନ୍ ଆଣ୍ଡ ଇମରାଲ୍ ସୋସାଇଟି' ବହି ପଢ଼ିଥିଲି । ବହି ଅନୁସାରେ ମଣିଷ ନୈତିକତାର ଶୀର୍ଷ ତୁଙ୍ଗରେ ପହଞ୍ଚିପାରେ କିନ୍ତୁ ପୂରା ସମାଜ ନୁହେଁ । ମୁଁ ମଧ ସେୟା ବିଶ୍ୱାସ କରୁଥିଲି । ଅଧିକ ଭଲ ଲୋକ ଥିଲେ ସମାଜ ଭଲ ହେବ; ବେଶି ଖରାପ ଥିଲେ ସମାଜ ଖରାପ ହେବ । ସେହପରି ମଣିଷର ଗୁଣରେ ସେ ଭଲ ଓ ମନ୍ଦର ପରିମାଣରେ ଭଲ ଓ ମନ୍ଦ ମଣିଷରେ ପରିଚିତ ହେବ । ଯେଉଁ ବ୍ୟକ୍ତି ଭଗବତ ଲାଭ କରିଛି ବା ଭଗବାନଙ୍କୁ ଅନୁଭବ କରିଛି ସେହି ହିଁ ସମ୍ପୂର୍ଣ୍ଣ, ଏବଂ ଅନ୍ୟ ସମସ୍ତଙ୍କଠାରେ ଭଲ ଓ ମନ୍ଦ-ଗୁଣ ରହିଛି । ଯେଉଁ ବ୍ୟକ୍ତି ନିଜର ସୁଗୁଣକୁ ସୁଦୃଢ଼ କରିବାକୁ ଗଠନମୂଳକ ନୀତି ଅବଲମ୍ବନ କରେ ତାର ଭଲ ଗୁଣ କୁକର୍ମ କରିବାକୁ ଦେବନାହିଁ ଏବଂ ସେ ମନ୍ଦ କର୍ମ ତ୍ୟାଗ କରିବ । ଯେଉଁ ବ୍ୟକ୍ତି ଏ ସବୁ ପ୍ରତି ଉଦାସୀନ ଓ ଅମନଯୋଗୀ ତାର ମନ୍ଦଗୁଣ ବଢ଼ିବ ଏବଂ ସୁଗୁଣ କମିଯିବ । ତେଣୁ ମଣିଷ ସମାଜରେ ପ୍ରତ୍ୟେକ ବ୍ୟକ୍ତି ଠିକ୍ କାମ କରିବା ଓ କୁକର୍ମ ତ୍ୟାଗ କରିବା ଦରକାର । ମୋ ମତରେ, ଶିକ୍ଷା ଏ ନୀତି ମଣିଷକୁ ଶିଖାଇବା ପାଇଁ ସବୁଠାରୁ ଭଲ; ସମ୍ଭବତଃ ଏକମାତ୍ର ମାଧମ । ସେହି ଶିକ୍ଷା ହେଉଛି ପ୍ରକୃତ ଶିକ୍ଷା ଯାହା ମଣିଷକୁ ବିବେକ ଶିଖାଏ ଅର୍ଥାତ ଭୁଲ ଓ ଠିକ୍ ମଧରେ ପାର୍ଥକ୍ୟ ଶିଖାଏ ଏବଂ ଠିକ୍‌କୁ ମାନି ଚଳିବା ଶିଖାଏ । ଯେଉଁ ଶିକ୍ଷା ଏହି ପାର୍ଥକ୍ୟ ଶିଖାଏ ନାହିଁ ସେ ଶିକ୍ଷା ତୃଟିପୂର୍ଣ୍ଣ ଏବଂ ନିଷ୍ପ୍ରୟୋଜନୀୟ । ଏ ସବୁ ବିଚାର କରି ମୋର ହୃଦୟଙ୍ଗମ ହୋଇଛି ଯେ ମଣିଷ ସୁଖୀ ହେବାକୁ ଇଚ୍ଛାକଲେ ଅନ୍ୟର ଦୋଷ ତୃଟି ଉପରେ ରାୟ ନ ଦେଇ ନିଜର ନୀତି ଅନୁସାରେ ଚଳିବା ଉଚିତ୍; ନିଜର ବିକାଶରେ ସମସ୍ତ ଶକ୍ତି ବିନିଯୋଗ କରିବା ଉଚିତ୍ ।

ମୁଁ ଜେଲକୁ ଯିବା ବହୁଦିନ ଆଗରୁ ବୁଝିଥିଲି ଯେ ଜାତି ଓ ସାମ୍ପ୍ରଦାୟିକତା ଦୂର ନହେବା ପର୍ଯ୍ୟନ୍ତ ଭାରତ ଉନ୍ନତି କରିପାରିବ ନାହିଁ । ଦେଶର ଉନ୍ନତିରେ ବିଶ୍ୱାସ କରୁଥିବା ବ୍ୟକ୍ତିମାନଙ୍କ କର୍ତ୍ତବ୍ୟ ହେଉଛି ଜାତି ଭେଦ ପରିତ୍ୟାଗ କରିବା । ମୁଁ ୧୯୩୨ରେ ଜେଲରେ ଥିବାବେଳେ ମୋ ପଇତା ଓ ଜାତି ବିଶ୍ୱାସ ପରିତ୍ୟାଗ କରିଥିଲି । ଅସ୍ପୃଶ୍ୟତା ବିରୁଦ୍ଧରେ ଗାନ୍ଧିଜୀଙ୍କ ଜନଆନ୍ଦୋଳନ ଅସ୍ପୃଶ୍ୟତା ଦୂରୀକରଣ ଦିଗରେ ବହୁତ ସହାୟ ହୋଇଛି; କିନ୍ତୁ ମୁଁ ଅନୁଭବ କରେ ଯେ ଅସ୍ପୃଶ୍ୟତାର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ନ ହେଲେ ଜାତିପ୍ରଥା ଯିବ ନାହିଁ । ଅନେକ ଲୋକ ଅସ୍ପୃଶ୍ୟତା ନିରାକରଣ ମାନନ୍ତି କିନ୍ତୁ କାର୍ଯ୍ୟରେ ପରିଣତ କରିବାକୁ ତାଙ୍କର ସାହସ ନଥାଏ । ତାଙ୍କର କର୍ମ ବିଶ୍ୱାସର ବିପରୀତ ଦିଗରେ ଯାଏ । ଏଇଥି ପାଇଁ ବିନା ଆଇନରେ ସାମାଜିକ ପରିବର୍ତ୍ତନ ଓ ସଂସ୍କାର ଆଶାନୁରୂପ ପ୍ରଗତି କରେ ନାହିଁ ।

Digitized by srujanika@gmail.com

ଲୋକମାନଙ୍କର ଭାରତ ଛାଡ଼ ଆନ୍ଦୋଳନ ପ୍ରତି ଉତ୍ସାହ ଚାରି ପାଞ୍ଚମାସରେ କମ୍ ହୋଇଗଲା । କେତେକ ସ୍ଥାନରେ ଆନ୍ଦୋଳନ ସତ୍ୟାଗ୍ରହ ନୀତି ଅନୁସାରେ ହେଉନଥିଲା । ଏପରିକି ହିଂସାତ୍ମକ କାଣ୍ଡ ଘଟୁଥିଲା । ସେତୁ ଓ ରେଲଲାଇନ ନଷ୍ଟ କରିବା, ବୋମା ଫୋପାଡିବା, ଟ୍ରେଜେରୀ ଲୁଟତରାଜ କରିବା, ଇତ୍ୟାଦି ହିଂସାତ୍ମକ କାମ ଯୋଗୁ ସରକାରଙ୍କୁ ଆନ୍ଦୋଳନ ଦବାଇବା ସହଜ ହେଲା । ସ୍ୱାଧୀନତା ଲାଭ ପାଇଁ ଏ ସବୁ କାମର ଦରକାର ନ ଥିଲା । ଏଇ ନୀତିକୁ ଉତ୍ସାହର ସହ ଗ୍ରହଣ କରିଥିବାରୁ ସ୍ୱାଧୀନତା ପ୍ରାପ୍ତିପରେ ସାଧାରଣ ଜୀବନରେ ହିଂସାତ୍ମକ କର୍ମର କ୍ରମବୃଦ୍ଧି ଆମେ ଦେଖୁଛୁ । ୧୯୪୪ରେ ବାପୁଜୀ ଯେତେବେଳେ ଜେଲରୁ ଆସିଲେ ସେ ଜାଣିଥିଲେ ଯେ ଫଳାଫଳ ଏହା ହିଁ ହେବ । ବାପୁ କହିଥିବା ସତ୍ୟାଗ୍ରହ ନିୟମାନୁସାରେ ଯଦି ୧୯୪୨ରେ ସତ୍ୟାଗ୍ରହ ପାଳନ କରାଯାଇଥାନ୍ତା, ତେବେ ଲୋକମାନଙ୍କର ଉତ୍ସାହ ନ କମି ଆସ୍ତେ ଆସ୍ତ ବଢ଼ିଥାନ୍ତା ଏବଂ ବ୍ରିଟିଶ ସରକାରକୁ, ଆମକୁ କ୍ଷମତା ଦେଇ, ଛାଡ଼ି ଚାଲି ଯିବାକୁ ପଡିଥାଆନ୍ତା । ଆଜି ମଧ ଏହା ମୋର ମତ । କିନ୍ତୁ ଯଦି କେହି ମୋତେ କୁହେ ଯେ ମୋ ମତ ଠିକ୍ ନୁହେଁ, ମୁଁ ତାଙ୍କ ସହିତ କଳି କରିବି ନାହିଁ କାରଣ ବିଷୟଟି କେବଳ ତର୍କମୂଳକ ହେବ ।

୧୯୪୨ ଆନ୍ଦୋଳନର ପ୍ରଥମ ପାଦରେ କେତେକ ଆନ୍ଦୋଳନକାରୀମାନେ ଦେଶର ବିଭିନ୍ନ ସ୍ଥାନରେ ଜେଲ ଭାଙ୍ଗି ବାହାରକୁ ଚାଲିଯାଇଥିଲେ । ଏରଭଦା ଜେଲ ମଧ ଏଥିରୁ ବାକି ପଡିନଥିଲା । ଏହାକୁ ଭାରତ ଛାଡ ଆନ୍ଦୋଳନର ଅଙ୍ଗ ବୋଲି କୁହାଯାଉଥିଲା । ଏ ପ୍ରକାର କର୍ମ ଆସ୍ତେ ଆସ୍ତେ କମିଗଲା ।

୧୯୪୪ ପ୍ରାରମ୍ଭରେ ଜେଲର ଇନ୍‌ସପେକ୍ଟର ଜେନେରାଲ ମୋତେ ନିୟନ୍ତ୍ରକଙ୍କ ଅଫିସକୁ ଡାକି ଶ୍ରୀ ମଙ୍ଗଳଦାସ ପକ୍ୱାସା ଉଦ୍‌ବେଗଜନକଭାବେ ଅସୁସ୍ଥ ଅଛନ୍ତି ବୋଲି କହିଲେ । ମୋର ଆରେଷ୍ଟ ହେବାର ସପ୍ତାହକ ପରେ ସେ ଆରେଷ୍ଟ ହୋଇ ନାସିକ ଜେଲକୁ ଯାଇଥିଲେ । ୧୯୪୩ରେ ସେ ଭୀଷଣ ଅସୁସ୍ଥ ହେବାରୁ ତାଙ୍କୁ ଖଲାସ କରି ସିଧା ବମ୍ବେରେ ହରିକିଷନ ଦାସ ହସ୍ପିଟାଲକୁ ନିଆଯାଇଥିଲା । ଡାକ୍ତର ଓ ଅନ୍ୟମାନେ ଆଶଙ୍କା କରୁଥିଲେ ଯେ ସେ ଆଉ ବଞ୍ଚିବେ ନାହିଁ । ଆଇ.ଜି. ମୋତେ କହିଲେ ଶ୍ରୀ ପକ୍ୱାସା ମୃତ୍ୟୁପୂର୍ବରୁ ମତେ ଦେଖିବାକୁ ଇଚ୍ଛା କରୁଥିବାରୁ ମୁଁ ପାରୋଲ୍‌ରେ ଯାଇ ତାଙ୍କୁ ଦେଖା କରିବା ଉଚିତ ।

ମୁଁ ଜେଲକୁ ଯିବାପୂର୍ବରୁ ନିର୍ଣ୍ଣୟ ନେଇଥିଲି ଯେ ଜେଲରୁ ମୁଁ ପାରୋଲ୍‌ରେ କେବେ ଯିବି ନାହିଁ କାରଣ ପାରୋଲ୍ ପାଇଁ ସରକାରଙ୍କୁ ଯାହା ଲେଖି ଦେବାକୁ ହୁଏ ତାହା ପାରୋଲ ଆବେଦନକାରୀର ଆତ୍ମସମ୍ମାନ କ୍ଷୁର୍ଣ୍ଣକରେ । ସେଥିରେ ଲେଖାଯାଏ ଯେ ଆବେଦନକାରୀ ରାଜନୈତିକ କାମରେ ଯୋଗ ଦେବେ ନାହିଁ ଏବଂ ଠିକ୍ ସମୟରେ ଜେଲକୁ ଫେରିବେ । ମୁଁ ଆଇ.ଜି.ପି.ଙ୍କୁ କହିଲି ଯେ ମୁଁ ପାରୋଲ୍‌ରେ ଯାଇପାରିବି ନାହିଁ କାରଣ ମୁଁ ଏସବୁ ସର୍ତ୍ତ ସହିତ ଏକମତ ନୁହେଁ । ଆଇ.ଜି.ପି କହିଲେ ମୋର ଯିବା ଉଚିତ କାରଣ ସେଥିରେ ମୋର କିଛି ଉପକାର ହେବ ନାହିଁ ସତ, କିନ୍ତୁ ଜଣେ ବନ୍ଧୁଙ୍କର ଶେଷ ଇଚ୍ଛା ପୂରଣ ହେବ । ମୁଁ ଯେତେବେଳେ ପୁଣି ମନା କଲି ସେ ମୋତେ ମୋ ବନ୍ଧୁମାନଙ୍କ ସହିତ ପରାମର୍ଶକରି ନିର୍ଣ୍ଣୟ ନେବାକୁ କହିଲେ । ସେ କହିଲେ ସର୍ତ୍ତ କାଗଜ ନ ଦେଇ ମୁଁ ତିନିଦିନ ପାଇଁ ବାହାରକୁ ଯାଇପାରେ । ମୁଁ ବାଲାସାହେବଙ୍କ ସହିତ ପରାମର୍ଶ କଲି ଏବଂ ଆମେ ଦୁଇଜଣ ଠିକ୍ କଲୁ ଯେ ମୋର ଯିବା ଦରକାର କାରଣ ଏହା ମୋ ବନ୍ଧୁଙ୍କର ଶେଷ ଇଚ୍ଛା । ମୋତେ କିଛି ଲେଖି ଦେବାକୁ ପଡିଲା ନାହିଁ, ମୁଁ ଆଇ.ଜି.ପି.ଙ୍କର କଥା ରଖିଲି ।

ଆଇ.ଜି.ପି. ତାଙ୍କ କାରରେ ମୋତେ ଷ୍ଟେସନରେ ଛାଡିଦେଲେ । ମୁଁ ସଂଧ୍ୟା ଟ୍ରେନ ଯୋଗେ ବମ୍ବେରେ ପହଞ୍ଚି ସିଧା ହରିକିଷନ ଦାସ ହସ୍ପିଟାଲକୁ ଗଲି । ମୁଁ ଯିବା ଦ୍ୱାରା ମଙ୍ଗଲ ଦାସ ଭାଇଙ୍କ ପୁଅ ଅରବିନ୍ଦଭାଇ ବହୁତ ଖୁସିହେଲେ । ସେ ମୋ ପାଇଁ ବ୍ୟାକୁଳ ଥିଲେ କାରଣ ସେ ଭାବୁଥିଲେ ମୋତେ ଦେଖି ମଙ୍ଗଳ ଦାସ

Digitized by srujanika@gmail.com

ଭାଇ ଭଲ ହୋଇଯିବେ । ଅପରେଶନ କରିଥିବା ଡାକ୍ତର ମୋତେ କହିଲେ ତାଙ୍କ ବଞ୍ଚିବାର ଆଶାନାହିଁ ଏବଂ ଏକଥା ସେ ଅରବିନ୍ଦ ଭାଇଙ୍କୁ କହିଛନ୍ତି । ମୁଁ ଯେତେବେଳେ ତାଙ୍କୁ ପଚାରିଲି ଏପରି ପରିସ୍ଥିତିରେ କ'ଣ କେହି ବଞ୍ଚନ୍ତି ନାହିଁ ସେ କହିଲେ ହଜାରରେ ଜଣେ । ମୁଁ କହିଲି ଏ କେଶ କାହିଁକି ସେଇ ଜଣକ ହୋଇପାରିବ ନାହିଁ; ଡାକ୍ତର କିଛି ଉତ୍ତର ଦେଲେ ନାହିଁ ।

ଶଲ୍ୟ ଡାକ୍ତର ଭାବିଥିଲେ ଗଲ୍‌ବ୍ଲାଡର୍‌ରେ କୋଣସି ଅସୁସ୍ଥତା ଅଛି । ତଦନୁଯାୟୀ ଅପରେଶନ କରିଥିଲେ । ତଳ ପେଟ ଖୋଲି ଦେଖିଲେ ଯେ ଗଲବ୍ଲାଡର୍‌ରେ କିଛି ଅସୁବିଧା ନାହିଁ କିନ୍ତୁ ପାନ୍‌କ୍ରିୟାଜ୍ ଆଉ ଭଲ ହେବା ଅବସ୍ଥାରେ ନାହିଁ । ତେଣୁ ସେ ସିଲାଇ କରି ଔଷଧ ଦେଇ ଚିକିତ୍ସା କରୁଥିଲେ ।

ମୁଁ ମଙ୍ଗଳ ଭାଇଙ୍କ ରୁମକୁ ଗଲି । ସେ ଆଖିବୁଜି ଶୋଇଥିଲେ । ସେ ଅତି ଦୁର୍ବଳ ହୋଇ ଯାଇଥିଲେ ଓ ବହୁତ ଝଡି ଯାଇଥିଲେ । ମୁଁ ବିଛଣା ପାଖରେ ଛିଡ଼ା ହୋଇ ତାଙ୍କୁ କିଛି କହିବା ବେଳକୁ ସେ ମୋତେ କୁଣ୍ଢାଇବାକୁ ଚେଷ୍ଟାକଲେ । ମୁଁ ତାଙ୍କୁ କୁଣ୍ଢାଇଲା ବେଳେ ସେ ବେଶ୍ ଉତ୍‌ଫୁଲ୍ଲ ହୋଇଗଲେ ଏବଂ କହିଲେ ସେ ବେମାରି ସହିତ ଲଢୁନାହାନ୍ତି କାରଣ ତାଙ୍କର ଆଉ ବଞ୍ଚିବାର ଆବଶ୍ୟକତା ନାହିଁ । ମୁଁ କହିଲି ବେମାରିର ଶରଣ ନ ନେଇ ତା ବିରୁଦ୍ଧରେ ଲଢ଼େଇ କରିବା ଦରକାର । ସେ କହିଲେ ତାଙ୍କରି ଘରେ ମୋର ଆରେଷ୍ଟ ହୋଇଯିବା ବେଳେ ସେ ଘରେ ମୁକ୍ତ ରହିଲେ ଏଇ କଥା ତାଙ୍କ ମନରେ ଭୀଷଣ ଧକ୍‌କା ଦେଲା, ତେଣୁ ତାଙ୍କର ଆଉ ବଞ୍ଚିବାର ଇଚ୍ଛା ରହିଲା ନାହିଁ । ମୁଁ କହିଲି ତାଙ୍କର ଏ ଅନୁଭୂତି ମୋ ପ୍ରତି ଗଭୀର ସ୍ନେହ ଯୋଗୁ ହେଲା, ମୋର ଆରେଷ୍ଟରେ ବା ତାଙ୍କର ଘରେ ରହିବାରେ ତାଙ୍କର କୌଣସି ଦୋଷ ନଥିଲା । ସେ ସବୁ ଭାବିବା ଛାଡି ରୋଗ ସଙ୍ଗରେ ଲଢ଼େଇ କରିବାକୁ ମୁଁ ତାଙ୍କୁ କହିଲି । ସେ ରାଜି ହେଲେ ।

ରାତିରେ ନର୍ସକୁ ଔଷଧ ଖାଇବାକୁ ମନାକଲେ ନର୍ସ ମୋତେ ଡାକୁଥିଲେ; ମୋ ଅନୁରୋଧରେ ତତ୍‌କ୍ଷଣାତ ଔଷଧ ଖାଉଥିଲେ । ସର୍ଜନ ପରଦିନ ସକାଳେ ପରୀକ୍ଷା କରି ଦେଖିଲେ ତାଙ୍କ ଅବସ୍ଥାରେ ଉନ୍ନତି ହୋଇଛି । ସେ ଅବସ୍ଥା ସାରାଦିନ ରହିଲା । ବଞ୍ଚିବାର ଆଶା ଆମର ସଞ୍ଚାର ହେଲା । ସର୍ଜନ କହିଲେ ସେ ବଞ୍ଚିବେ କିନ୍ତୁ ଛଅମାସରୁ ବେଶୀ ନୁହେଁ । ସୁଖର କଥା ତାଙ୍କ ଭବିଷ୍ୟବାଣୀ ଭୁଲରେ ପରିଣତ ହେଲା । ଏହି ବେମାରି ପରେ ସେ ପଚିଶ ବର୍ଷରୁ ବେଶୀ ବଞ୍ଚିଲେ କିନ୍ତୁ ତାଙ୍କଠାରୁ ବହୁତ ସାନ ଯୁବ ଡାକ୍ତର ଜଣକ ଛ'ମାସ ଭିତରେ ସଂସାର ତ୍ୟାଗ କରିଥିଲେ । ବିଧିର ବିଧାନ ରହସ୍ୟମୟ ।

ଯେଉଁ ତିନିଦିନ ମୁଁ ବମ୍ବେରେ ଥିଲି ପ୍ରାୟତଃ ହସ୍‌ପିଟାଲରେ ଥିଲି, ସେଠାରେ ଶୋଉଥିଲି ।

ମୁଁ ମଙ୍ଗଳ ଭାଇ ଘରକୁ ଖାଇବାକୁ ଯାଇ ସାଙ୍ଗେ ସାଙ୍ଗେ ଫେରିଆସୁଥିଲି । ସେଠାରେ ଲୋକମାନଙ୍କ ସହିତ ଚିକିତ୍ସା ଛଡା ଆଉକିଛି ବିଷୟରେ ଆଲୋଚନା କରୁନଥିଲି । ତୃତୀୟ ଦିନ ମୁଁ ମଙ୍ଗଳ ଭାଇଙ୍କ ଠାରୁ ବିଦାୟ ନେବାକୁ ବସିଲା ବେଳକୁ ସେ ଆଉ କିଛି ଦିନ ରହିବାକୁ ମୋତେ କହିଲେ । ମୁଁ ତାଙ୍କୁ ବୁଝାଇଲି ଯେ ଏହା ଠିକ୍ ହେବ ନାହିଁ ଏବଂ ଉଭୟଙ୍କ ଆତ୍ମସମ୍ମାନର ଅନ୍ତରାୟ ହେବ । ସେ ମୋ କଥା ବୁଝି ପାରିଲେ ଓ ଜେଲ ଫେରିଯିବାକୁ ମୋତେ ଅନୁମତି ଦେଲେ ।

ମୁଁ ପରଦିନ ସକାଳେ ଜେଲ ଫେରିଲି ଏବଂ ଦେଖିଲି ମୋ ଯିବା କଥା ରେଜିଷ୍ଟରରେ କିଛି ଲେଖା ହୋଇନାହିଁ । ମୋ ପାରୋଲ ପୂରା ଅଣଆନୁଷ୍ଠାନିକ ଥିଲା । ପରେ ମୁଁ ଜାଣିଲି ଯେ କେତେକ ପୋଲିସ୍ ଅଫିସର ମୋତେ ପୂନାରୁ ବମ୍ବେ ଯିବାର ଦେଖି ଭାବିଲେ ମୁଁ ଜେଲରୁ ପଳାଇ ଯାଉଛି ଏବଂ ସେମାନେ ଆଶ୍ଚର୍ଯ୍ୟ ହୋଇଥିଲେ । ପରେ ଜାଣିଲେ ଆଇ.ଜି.ପି ସାହେବ ମୋତେ ନେଇ ଷ୍ଟେସନରେ ଛାଡିଛନ୍ତି । ସେମାନେ କିଛି ପଦକ୍ଷେପ ନେଲେ ନାହିଁ ।

Digitized by srujanika@gmail.com

୧୯୪୫ ମଧ୍ୟ ଭାଗରେ ବିଶ୍ୱଯୁଦ୍ଧ ଶେଷ ହେଲା । ବ୍ରିଟିଶ ସରକାର ଆମ ସମସ୍ତଙ୍କୁ ଛାଡି ଦେଲେ, କାରଣ ନୂଆକରି ପୁଣି ବିଚାର ବିମର୍ଶ ଆରମ୍ଭ କରିବା ତାଙ୍କର ଇଚ୍ଛାଥିଲା । ଏତେବେଳେକୁ ଭାରତ ଛାଡ ଆନ୍ଦୋଳନର ପୂର୍ଣ୍ଣ ଉପସଂହାର ହୋଇଥାଏ ।

(୨୪) ଖେରଙ୍କ ଦ୍ୱିତୀୟ ମନ୍ତ୍ରୀମଣ୍ଡଳ

ଆଗରୁ ଉଲ୍ଲେଖ କରିଛି ଯେ ମୋର ବାଲା ସାହେବଙ୍କ ସହ ସମ୍ପର୍କ ୧୯୩୨-୩୩ରେ ଆରମ୍ଭ ହୋଇଥିଲା ଏବଂ ତାଙ୍କ ଇଚ୍ଛାନୁଯାୟୀ ମୁଁ ୧୯୩୭ରେ ତାଙ୍କ ମନ୍ତ୍ରୀ ପରିଷଦରେ ଯୋଗ ଦେଇଥିଲି । ୧୯୪୧-୪୪ ମଧ୍ୟରେ ଜେଲରେ ପ୍ରାୟ ଆମେ ଏକାଠି ଥିଲୁ । ବହୁତ ସମୟ ଆମେ ଏକାଠି ବସି ସୂତା କାଟୁଥିଲୁ, ପଢୁଥିଲୁ ଓ ଗପ କରୁଥିଲୁ । ଆମ ଭିତରେ କିଛି ଗୋପନ ନଥିଲା । ଆମର ନୈତିକ ମୂଲ୍ୟବୋଧ ସମାନ ଥିବାରୁ, ସମସ୍ୟା ବେଳେ ଆମେ ପରସ୍ପର ଠାରୁ ପରାମର୍ଶ ନେଉଥିଲୁ ।

୧୯୪୫ରେ ଜେଲରୁ ଖଲାସ ହେବାପରେ, ବ୍ରିଟିଶ ସରକାରଙ୍କ ସହିତ ବିଚାର ବିମର୍ଷ ପରେ ୧୯୪୬ରେ କେନ୍ଦ୍ରରେ ଓ ରାଜ୍ୟମାନଙ୍କରେ ଲୋକପ୍ରିୟ ସରକାର ଗଠନ ହେଲା । ୧୯୪୬ରେ ଶ୍ରୀ ବାଲା ସାହେବ ବମ୍ବେରେ ଦ୍ୱିତୀୟ ମନ୍ତ୍ରୀମଣ୍ଡଳ ଗଢ଼ିଲେ । ମନ୍ତ୍ରୀ ମଣ୍ଡଳରେ ମୋତେ ଦ୍ୱିତୀୟ ସ୍ଥାନ ଦିଆଯାଇ ଘରୋଇ ବିଭାଗ ଦାୟିତ୍ୱ ଦିଆଯାଇଥିଲା । ଯଦିଓ ଉପ ମୁଖ୍ୟମନ୍ତ୍ରୀ ପଦ ମୋତେ ଦିଆଯାଇ ନଥିଲା ମୋତେ କିନ୍ତୁ ସେଇପରି ଲୋକମାନେ ଜାଣୁଥିଲେ । ଆମେ ପଡୋଶୀ ଭାବେ ରହୁଥିଲୁ । ସକାଳେ, ସଂଧ୍ୟାରେ ଭେଟ ହେଉଥିଲା । ପ୍ରାୟ ସବୁ ବିଷୟ ଦୁହେଁ ଆଲୋଚନା କରୁଥିଲୁ । ଶ୍ରୀ ବାଲା ସାହେବ ଜଣେ ସତ୍ୟନିଷ୍ଠ, ବିନୟୀ ଓ ସ୍ୱାର୍ଥହୀନ ସମାଜସେବୀ ଥିଲେ । ତାଙ୍କର ଆଦର୍ଶ ଅତି ଉଚ୍ଚ ଥିଲା, କିନ୍ତୁ ସେ ସାଧାରଣ ଜୀବନ ଯାପନ କରୁଥିଲେ । ତାଙ୍କର ତଫସିଲ ଭୁକ୍ତ ଜାତି ଓ ଉପଜାତି ପ୍ରତି ଗଭୀର ବିଚାର ଭାବନା ଥିଲା ଏବଂ ସେମାନଙ୍କ ଉନ୍ନତି ପାଇଁ ଅନେକ ଯୋଜନା ଆରମ୍ଭ କରିଥିଲେ । ତାଙ୍କ ସାଧାରଣ ଜୀବନ ଅତ୍ୟନ୍ତ ନିର୍ମଳ, ସତ୍ୟନିଷ୍ଠ ଥିଲା; ତାଙ୍କ ଆଡକୁ କେହି ଆଙ୍ଗୁଠି ଦେଖାଇ ପାରୁନଥିଲେ ।

ସେ ଗୋଟିଏ ଆଇନଜୀବି କମ୍ପାନୀରେ ଅଂଶୀଦାର ଥିଲେ । ବମ୍ବେ ମୁଖ୍ୟମନ୍ତ୍ରୀ ହେବା ପରେ ସେ କମ୍ପାନୀ ଛାଡି ଦେଇଥିଲେ ଓ ତାଙ୍କର ବଡ଼ ପୁଅ, ଶ୍ରୀକୃଷ୍ଣ ଖେର, ଯେକି ଜଣେ ଓକିଲ ଥିଲେ ସେ କମ୍ପାନୀର ଅଂଶୀଦାର ଭାବେ ଯୋଗଦେଲେ । ବାଲାସାହେବ ଏହା ନିୟମ କରିଥିଲେ ଯେ ତାଙ୍କ କମ୍ପାନୀ ସରକାରଙ୍କ କାମ କରିବ ନାହିଁ, ତାଙ୍କ ପୁଅ ମଧ୍ୟ ସେ କଥା ମାନୁଥିଲେ । କେହି କହିପାରିବେ ନାହିଁ ଯେ କେହି ଜଣେ ତାଙ୍କୁ, ଏପରକି ପରୋକ୍ଷ ଭାବରେ, ପ୍ରଭାବିତ କରିଛନ୍ତି । —

ବାଲା ସାହେବଙ୍କ ଦ୍ୱିତୀୟ ପୁତ୍ର ଗୋଟିଏ ପେଟ୍ରୋଲ ପମ୍ପ ପାଇଁ ଖଣ୍ଡେ ଜାଗା ନେବାକୁ ଅନ୍ୟ ଯେ କୌଣସି ନାଗରିକ ଭଳି ଆବେଦନ କରିଥିଲେ । ବାଲା ସାହେବ ମୋତେ କହିଲେ ଯେ ତାଙ୍କ ପୁଅ ସରକାରଙ୍କ ଠାରୁ କୌଣସି ଜାଗା ପାଇବେ ନାହିଁ ଏବଂ ମୋତେ ମଞ୍ଜୁର କରିବାକୁ ମନା କରିଦେଲେ, କାରଣ ସେ ବିଶ୍ୱାସ

Digitized by srujanika@gmail.com

କରୁଥିଲେ ଯେ ''ସିଜରଙ୍କ ସ୍ତ୍ରୀ ସନ୍ଦେହର ଦୂରରେ ରହିବା ଉଚିତ।'' ଏ ସବୁ ବିଷୟରେ ଜନସାଧାରଣଙ୍କ ସମାଲୋଚନାରୁ ଦୂରରେ ରହିବାକୁ ସେ ବିଶେଷ ଯତ୍ନବାନ ଥିଲେ । ତାଙ୍କ ପୁଅ, ସୁତରାଂ,ସରକାରୀ ଜାଗା ନ ନେଇ ପ୍ରାଇଭେଟ ଜମି କିଣିଥିଲେ ।

ଶ୍ରୀ ବାଲାସାହେବ ପ୍ରକୃତ ଅର୍ଥରେ ଧର୍ମ ପରାୟଣ ଥିଲେ ଏବଂ ତାଙ୍କର ସବୁ କାମ ନୈତିକତାର ଅତି ଉଚ୍ଚ ମାନଦଣ୍ଡରେ ପରିଚାଳିତ ହେଉଥିଲା । ସେ ଲୋକପ୍ରିୟତାକୁ ଭଲ ପାଉଥିଲେ ଏବଂ ଲୋକମାନଙ୍କୁ ଅସନ୍ତୁଷ୍ଟ କରିବା ଭଳି କାମ କରିବାକୁ କୁଣ୍ଠାବୋଧ କରୁଥିଲେ । ଆମ ଭିତରେ ବୁଝାମଣା ଥିଲା ଯେ ଜନତା ସହିତ ଅପ୍ରିୟ ହେବା ଭଳି କାମର ଦାୟିତ୍ୱ ମୁଁ ନେବି ଏବଂ ତାଙ୍କୁ ସେସବୁ କାମର ଦୂରରେ ରଖିବି । ମୁଁ ସେତେବେଳେ ବିଶ୍ୱାସ କରୁଥିଲି, ଏବଂ ବର୍ତ୍ତମାନ ମଧ, ଯେ ସରକାରଙ୍କ ମୁଖ୍ୟଙ୍କୁ ସହକର୍ମୀମାନେ ଜନତାର ଅପ୍ରିୟ ନ ହେବାକୁ ଯଥା ସମ୍ଭବ ଯତ୍ନବାନ ହେବା ଉଚିତ୍ । ନିଜ ଭିତରେ ବିଶ୍ୱାସ ଏପରି ଥିଲା ଯେ ମୁଁ କୌଣସି ଅପ୍ରୀତିକର ପଦକ୍ଷେପ ନେଲେ ସେ ମୋତେ ସମର୍ଥନ କରୁଥିଲେ । ଆମେ ପରସ୍ପର ସହିତ ଏତେ ମିଶିଯାଇଥିଲୁ ଯେ ବିଚାର, ପରାମର୍ଶ ନ କରି, କେବେ କେବେ ନିର୍ଣ୍ଣୟ ନେଉଥିଲେ ମଧ କୌଣସି ମତଭେଦ ହେଉନଥିଲା କାରଣ ଆମେ ପରସ୍ପରର ଚିନ୍ତାଧାରା ଭଲରୂପେ ଜାଣିଥିଲୁ । କଠିନ ନିର୍ଣ୍ଣୟ ନେବା ବେଳେ ଆମେ ବେଳେ ବେଳେ ଭିନ୍ନ ଭିନ୍ନ ମତପୋଷଣ କରୁଥିଲୁ କିନ୍ତୁ ତାଙ୍କ ଉପରେ ଯେପରି ଦାୟିତ୍ୱ ନ ପଡେ ସେଥିପ୍ରତି ମୁଁ ଯତ୍ନବାନ ଥିଲି । ସେ ପରିସ୍ଥିତିରେ ସେ ମୋତେ ସମର୍ଥନ କରୁଥିଲେ । ଆମର ବିନାସର୍ତ୍ତମୂଳକ ବିଶ୍ୱାସ ଓ ବନ୍ଧୁତ୍ୱ, ଦ୍ୱିତୀୟ ମନ୍ତ୍ରୀମଣ୍ଡଳରେ ଭ୍ରାତୃତ୍ୱ ପରିବେଶ ସୃଷ୍ଟି କରିଥିଲା ।

ବ୍ୟବସ୍ଥାନୁସାରେ ମନ୍ତ୍ରୀ ପରିଷଦର ସଭ୍ୟମାନେ ସବୁ ବୁଧବାର ଅଣଆନୁଷ୍ଠନିକ ଭାବେ ମିଳିତ ହୋଇ ସରକାରଙ୍କ ବିଚାରାଧୀନ ବିଷୟ ପ୍ରତି ନୀତି ନିର୍ଣ୍ଣୟ କରୁଥିଲେ । ପାଳି କରି ଆମେ ପ୍ରତିମନ୍ତ୍ରୀଙ୍କ ଘରକୁ ମଧ୍ୟାହ୍ନ ଭୋଜନ ପାଇଁ ଯାଉଥିଲୁ ଏବଂ ଭୋଜନ ପୂର୍ବରୁ ସରକାରୀ ବ୍ୟାପାର ସମ୍ବନ୍ଧରେ ଆଲୋଚନା କରୁଥିଲୁ । ଆଲୋଚନା ପରେ ମନ୍ତ୍ରୀମାନଙ୍କର ସହଧର୍ମିଣୀ,ବିଧାନ ସଭା ବାଚସ୍ପତି, ଏବଂ କାଉନସିଲ ଅଧ୍ୟକ୍ଷ ଭୋଜନରେ ଯୋଗ ଦେଉଥିଲେ । ଆମେ ଇଚ୍ଛା କରି ବାଚସ୍ପତି ଓ କାଉନସିଲ ଅଧ୍ୟକ୍ଷଙ୍କୁ ଆମ ଆଲୋଚନା ବାହାରେ ରଖୁଥିଲୁ କାରଣ ସେମାନଙ୍କୁ ପାର୍ଟି ରାଜନୀତିର ଦୂରରେ ରହିବାକୁ ହେଉଥିଲା । ମନ୍ତ୍ରୀ ଓ ଉପମନ୍ତ୍ରୀମାନେ ବ୍ୟାପାର ସମ୍ବନ୍ଧରେ ଆଲୋଚନା କରିବାକୁ ଭେଟୁଥିଲେ । ଏଇ ଆଲୋଚନା ଖୋଲାଖୋଲି ଭାବେ ହେଉଥିଲା ଏବଂ ବାହାର ଲୋକ କେହି ଉପସ୍ଥିତ ରହୁନଥିଲେ । ଅଣଆନୁଷ୍ଠାନିକ ଭାବେ ସବୁ ବିଷୟ ଆଲେଚନା ହୋଇଯାଉଥିବାରୁ ମନ୍ତ୍ରୀ ପରିଷଦ ସଭା ଶୀଘ୍ର ଶେଷ ହୋଇଯାଉଥିଲା । ଆମର ପ୍ରଥା ଥିଲା ଯେ ମତ ପାର୍ଥକ୍ୟ ହେଲେ, ପୂର୍ଣ୍ଣ ଆଲୋଚନା ପରେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଣ୍ଣୟ ସମସ୍ତେ ମାନି ନେବେ । ଭୋଟ ନେବାର ଅବକାଶ ନଥିଲା । ଯୁକ୍ତି ଛଳରେ ଯୁକ୍ତି ହେଉନଥିଲା । ଆମେ ଗୋଟିଏ ପରିବାର ଭଳି ଚଳୁଥିଲୁ । ଏହାର ଅନୁକୂଳ ପ୍ରଭାବ ଶାସନ ଓ ଲୋକମାନଙ୍କ ଉପରେ ପଡିଥିଲା ।

୧୯୪୬ରୁ ୧୯୫୬ ମଧ୍ୟରେ ବମ୍ବେ ମନ୍ତ୍ରୀ ପରିଷଦରେ ଥିବା ସମୟରେ କୌଣସି ମନ୍ତ୍ରୀ ବା ଉପମନ୍ତ୍ରୀଙ୍କ ଖରାପ ବ୍ୟବହାର ଅଭିଯୋଗ ଶୁଣି ନଥିଲି । ଆମଭିତରୁ କିଏ କାହାର ଜ୍ଞାତି କୁଟୁମ୍ବଙ୍କୁ ଚାକିରି ଦେବାରେ ସାହାଯ୍ୟ କରିଥିବା ଅଭିଯୋଗ ମୁଁ ଶୁଣି ନ ଥିଲି । ବମ୍ବେରେ ପବ୍ଲିକ ସର୍ଭିସ କମିଶନଙ୍କୁ ମଧ କେହି ପ୍ରଭାବିତ କରୁନଥିଲେ ।

ଥରେ ପବ୍ଲିକ ସର୍ଭିସ କମିଶନ ଚେୟାରମ୍ୟାନ୍ କୌଣସି ଗୋଟିଏ ପଦବୀ ପାଇଁ ସମାନ ଯୋଗ୍ୟ ବିଶିଷ୍ଟ ଦୁଇଜଣ ଆବେଦନକାରୀ ମଧ୍ୟରୁ କାହାକୁ ବାଛିବେ ଠିକ୍ କରିପାରୁ ନଥିଲେ । ସେ ମୋତେ ପଚାରିଲେ ମୁଁ ମନା କରି କହିଲି ଯେ ଏ ବିଷୟରେ ସେ ନିଜେ ନିର୍ଣ୍ଣୟ ନେବା ଉଚିତ ଏବଂ ମୁଁ ଏଭଳି ବିଷୟରେ ମତ ଦେବି

Digitized by srujanika@gmail.com

ନାହିଁ । ମୁଁ କହିଲି, ଥରେ ମତ ଦେଲେ ପରେ ଅନ୍ୟ କେଶ୍‌ରେ ଏପରି ମତ ଦେବାକୁ ଇଚ୍ଛା ହେବ । ମୁଁ ତାଙ୍କ କାମରୁ ପୂରାପୂରି ଦୂରେଇ ରହିଲି । ସେ ମୋ କଥା ବୁଝି ଗ୍ରହଣ କଲେ ।

ଆମେ ସଚିବାଳୟ ଠିକ୍ ସମୟରେ ଯାଉଥିଲୁ । ଆମେ ୧୧ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ କାମ କରୁଥିଲୁ । ଅଫିସର ଏବଂ କ୍ଲର୍କମାନେ ଠିକ୍ ସମୟରେ ଆସୁଥିଲେ । ଆମକୁ ଆମ କାମରେ କେହି ପ୍ରଭାଭିତ ଯେପରି ନକରିନ୍ତି ସେଥିପ୍ରତି ଆମେ ଯତ୍ନବାନ ଓ ସାବଧାନ ଥିଲୁ । ଆମ ସହିତ ଦେଖା କରିବାକୁ ଆସୁଥିବା ବ୍ୟକ୍ତିଙ୍କୁ ଆମେ ଭେଟି ତାଙ୍କ କଥା ଧୈର୍ଯ୍ୟର ସହିତ ଶୁଣୁଥିଲୁ । ଅଫିସର ଏବଂ କିରାଣୀମାନେ ସେଇପରି ବ୍ୟବହାର କରୁଥିଲେ ଏବଂ ବିନା ବିଳମ୍ବରେ ସାଧାରଣ ଲୋକଙ୍କୁ ସାକ୍ଷାତ ଦେଉଥିଲେ । ଦାୟିତ୍ୱରେ ଥିବା କର୍ମଚାରୀମାନେ ତଳ କର୍ମଚାରୀଙ୍କ ସହିତ କେହି ଯେପରି ଦେଖା ନ କରନ୍ତି ତା'ର ବ୍ୟବସ୍ଥା କରୁଥିଲେ । ସେକ୍ରେଟେରୀଏଟର ବାତାବରଣ ଏହିପରି ଭାବେ ସନ୍ଦେହ ମୁକ୍ତ ଥିଲା ଏବଂ କାହାରି କିଛି ଅଭିଯୋଗ ନ ଥିଲା ।

୧୯୪୬ରେ ମନ୍ତ୍ରିମଣ୍ଡଳ ଗଠନ ବେଳେ ମୋତେ ନାରାୟଣ ଧାବୋଲ୍‌କର୍ ରୋଡରେ ଗୋଟିଏ ଘର ମିଳିଥିଲା । ପରେ ରିଜ୍ ରୋଡରେ ଶ୍ରୀ ବାଲା ସାହେବଙ୍କ ପାଖଘର ଖାଲି ହେବାରୁ ମୁଁ ସେଠାରେ ରହିଲି ।

ନାରାୟଣ ଧାବୋଲ୍‌କର୍ ରୋଡ୍‌ରେ ରହୁଥିବା ବେଳେ ଗୋଟିଏ ଘଟଣା ଘଟିଲା ଯଦ୍ୱାରା ଅଫିସରଙ୍କର ସ୍ୱାଧୀନତା ଓ କର୍ମରେ ନେତୃତ୍ୱ ବଜାୟ ରଖିବା ପାଇଁ ଆମେ କେତେ ତତ୍ପର ଥିଲୁ ଜଣାପଡେ । ମୋ ଘର ଆଗରେ ବାହାର ଲୋକ କେତେଜଣ ଝଗଡା କରୁଥିଲେ । କୋଡିଏ ବର୍ଷ ବୟସ୍କ ମୋ ପୁଅ କାନ୍ତିଲାଲ ପୁଲିସ କମିଶନରଙ୍କୁ ସୂଚନା ଦେଇ ପୁଲିସ ବନ୍ଦୋବସ୍ତ କରିବାକୁ କହିଲେ । ମୋ ପୁଅ ସେତେବେଳେ କଲେଜରେ ପଢୁଥିଲେ । ପୁଲିସ୍ କମିଶନର ମୋ ପୁଅ ଟେଲିଫୋନରେ କହିବା ପସନ୍ଦ କଲେ ନାହିଁ ଏବଂ ମୋତେ କହିଲେ ଏପରି ଅନୁରୋଧ ବେଳେ ବେଳେ ଅସୁବିଧାରେ ପକାଇପାରେ ।

କମିଶନରଙ୍କ ଅଭିଯୋଗ ଉପଯୁକ୍ତ ବୋଲି ମୋର ମନେହେଲା ନାହିଁ କାରଣ କୌଣସିଠାରେ ଗଣ୍ଡଗୋଳ ହେଲେ, ମାରପିଟ୍ ହେଉଥିବାର ଦେଖିଲେ ପ୍ରତ୍ୟେକ ନାଗରିକର ପୁଲିସ କମିଶନରଙ୍କୁ ଜଣାଇବାର ଅଧିକାର ଅଛି । ୟୁରୋପିଆନ ଅଫିସରମାନେ ସାଧାରଣ ଲୋକମାନଙ୍କ ଠାରୁ ଅଲଗା ରହୁଥିଲେ ଏବଂ କେହି କିଛି ତାଙ୍କ ଧ୍ୟାନକୁ ଆଣିଲେ ସେ ତାଙ୍କ କାମରେ ହସ୍ତକ୍ଷେପ ବୋଲି ଭାବୁଥିଲେ । ମୁଁ ପୁଲିସ କମିଶନରଙ୍କୁ କିଛି କହିଲି ନାହିଁ । କୌଣସି ବିଷୟରେ କୌଣସି ଅଫିସର ବା ପୁଲିସକୁ କିଛି ନ କହି ମୋତେ କହିବାକୁ ମୋ ପୁଅକୁ କହିଲି । ମୁଁ ପରିବାରର ସମସ୍ତଙ୍କୁ ଏଇ ନିର୍ଦ୍ଦେଶ ଦେଲି । ସେମାନେ ଏହା ଠିକ୍ ମାନିଲେ । ମୁଁ ପରେ ଜାଣିଲି ପୁଲିସ କମିଶନର ଜଣେ ସୁଦକ୍ଷ ଅଫିସର ଥିଲେ କିନ୍ତୁ ଇଂରେଜୀ ପ୍ରଭାବିତ ସ୍ୱଭାବ ଛାଡି ନଥିଲେ ।

୧୯୩୭-୩୯ ମଧ୍ୟରେ ଆମେ ଯେଉଁ ସମାଜ ଜନ ମଙ୍ଗଳ କାର୍ଯ୍ୟକ୍ରମ ଆରମ୍ଭ କରିଥିଲୁ ତାହା ତ୍ୱରାନ୍ୱିତ କଲୁ । ଆମ ଅନୁପସ୍ଥିତିରେ କେତେକ ଯୋଜନାର ଗତି ଶିଥିଳ ହୋଇ ଯାଇଥିଲା ।

ଯେଉଁ କୃଷକମାନେ ପନ୍ଦର ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ନେଇଥିଲେ ସେମାନଙ୍କ ପାଇଁ ଋଣ ଛାଡ଼ ଆଇନ ପ୍ରଣୟନ କରିଥିଲୁ । ଏଇ ଋଣ ମିମାଂସା କରିବା ପାଇଁ ଟ୍ରାଇବୁନାଲ ନିଯୁକ୍ତି କରାଯାଇ ଥିଲା ଏବଂ ମିମାଂସିତ ଋଣର ଅଙ୍କ ପନ୍ଦର କୋଟି ଟଙ୍କା ହୋଇଥିଲା । କେଶ ସଂଖ୍ୟା, ମୋର ଯାହା ମନେହୁଏ, ଥିଲା ତିନିଲକ୍ଷ । ଆବେଦନ ପତ୍ରର ଶୀଘ୍ର ଶୀଘ୍ର ନିଷ୍ପତ୍ତି ପାଇଁ ଆମେ ଆହୁରି ଟ୍ରାଇବୁନାଲ ନିଯୁକ୍ତି କରିଲୁ । ସାଙ୍ଗେ ସାଙ୍ଗେ କୃଷି ଉତ୍ପାଦନ ବଢ଼ାଇବା ପାଇଁ ଏବଂ ଜମିର ଉନ୍ନତି କରିବା ପାଇଁ ଚାଷୀମାନଙ୍କୁ ଋଣ ଦେବାର ବନ୍ଦୋବସ୍ତ କରାଗଲା । ସମବାୟ ସମିତି ଜରିଆରେ ଟଙ୍କା ଋଣ ଓ ଗ୍ରେନ ବ୍ୟାଙ୍କ ତିଆରି କରାଯାଇ ତା' ଜରିଆରେ ଅନ୍ୟ

Digitized by srujanika@gmail.com

ଋଣ ଦିଆଗଲା । ଅଭାବଗ୍ରସ୍ତ ଚାଷୀମାନେ ବିଶେଷତଃ ଆଦିବାସୀ ଅଂଚଳରେ ଏଇ ଗ୍ରେନ ବ୍ୟାଙ୍କରୁ ଶସ୍ୟ ଋଣ ନେଇ ଶସ୍ୟ ଆକାରରେ ଶୁଝୁଥିଲେ ।

ଆମେ ଭାଗ ଚାଷ ଆଇନ ଠିକ୍ କରି ଲାଗୁ କରିବାକୁ କେତେକ ପଦକ୍ଷେପ ନେଲୁ ଏବଂ ୧୯୪୬ରେ ଆଇନରେ କେତେକ ପରିବର୍ତ୍ତନ କଲୁ । ଚାଷୀ ଦେଉଥିବା ଉତ୍ପାଦନ ଏକ ତୃତୀୟାଂଶ ଭାଗକୁ ଆମେ ଏକ ଚତୁର୍ଥାଂଶ କଲୁ ଏବଂ ପରେ ତାକୁ ଟଙ୍କାରେ ପରିବର୍ତ୍ତନ କରି ସେ ଜମି ଖଜଣାର ପାଞ୍ଚଗୁଣ ବା ୨୦ ଟଙ୍କା ଯାହା କମ ତାହା ଚାଷୀର ଦେୟ ବୋଲି ଧାର୍ଯ୍ୟ କଲୁ । ପରେ, ଜମିମାଲିକଙ୍କୁ ଆଇନ ନିର୍ଦ୍ଧାରିତ ମୂଲ୍ୟ ଦେଇ ଚାଷୀ ଚାଷ କରୁଥିବା ଜମି କିଣିବା ପାଇଁ ଆଇନ ତିଆରି କଲୁ । ଆଇନରେ ବିଧାନ ଥିବା ଉଦ୍ଦେଶ୍ୟ ବ୍ୟତୀତ ଅନ୍ୟ କୌଣସି କାମ ସକାଶେ ଚାଷୀଠାରୁ ଚାଷ କରୁଥିବା ଜମି ଛଡ଼ାଇ ନେବା ପାଇଁ ଜମି ମାଲିକଙ୍କୁ ଅନୁମତି ଦିଆଗଲା ନାହିଁ । ବହୁ ସଂଖ୍ୟକ ଭାଗଚାଷୀଙ୍କୁ ଭଲ ରିହାତି ମିଳିଲା ଏବଂ ସେମାନେ ଉତ୍ପାଦନ ବଢ଼ାଇ ପାରିଲେ । ଭାଗଚାଷୀଙ୍କୁ ନ୍ୟାୟ ଦେବା ପାଇଁ ଓ ଜମିମାଲିକଙ୍କ ଦାଉରୁ ରକ୍ଷା କରିବା ପାଇଁ କୋର୍ଟକୁ ଯିବାକୁ ହେଲେ ତାଙ୍କୁ ଆଇନଗତ ସାହାଯ୍ୟ ଦେବାକୁ ସରକାର ବନ୍ଦୋବସ୍ତ କଲେ । ଆମେ ଭାଗଚାଷୀ ମାନଙ୍କୁ ଭାଗଚାଷ ଆଇନ ଠିକ୍ ଭାବେ ଲାଗୁକରିବାକୁ ନିର୍ଦ୍ଦେଶ ଦେଲୁ ଓ ଜମି ମାଲିକଙ୍କୁ ଆଇନାନୁସାରେ କାମ କରିବାକୁ ସତର୍କ କରି ଦେଲୁ । ଭାଗ ଚାଷୀମାନଙ୍କୁ ଆଗୁଆ ଟଙ୍କା ଋଣ ଦିଆଯିବାର ବନ୍ଦୋବସ୍ତ କରାଗଲା । ଅନ୍ୟ ଭାରତୀୟ ରାଜ୍ୟରେ ଖଜଣା ହାର ବମ୍ବେ ପ୍ରଦେଶ ଅପେକ୍ଷା ବେଶିଥିଲା । ସେ ରାଜ୍ୟ ମିଶିଯିବା ପରେ ସେଠାକାର ଖଜଣା କମାଇ ଦିଆଗଲା । ଯେଉଁ ଭାଗଚାଷୀମାନେ ଏତେ ରିହାତି ସତ୍ତ୍ୱେ ଆଇନ ମୁତାବକ ଜମି ମାଲିକଙ୍କୁ ତାଙ୍କ ପ୍ରାପ୍ୟ ଦେଉ ନଥିଲେ ତାଙ୍କ ଠାରୁ ଜମି ଛଡ଼ାଇ ନେବା ପାଇଁ ନିୟମ ତିଆରି କଲୁ ।

ଜଳସେଚନ ପାଇଁ କୂଅ ଖୋଳିବାକୁ ଟଙ୍କା ଋଣ ଦିଆଯାଉଥିଲା । ଆହୁରି ବେଶି କୂଅ ଖୋଳିବା ପାଇଁ ଏଇ ଋଣର କେତେକାଂଶ ଆମେ ଅନୁଦାନରେ ପରିଣତ କରିଲୁ । ଭୂମି ସଂରକ୍ଷଣର ବ୍ୟବସ୍ଥା କରିବା ଦ୍ୱାରା ଭଲ ଜମିରକ୍ଷା ହୋଇ ପାରିଲା ।

'ହାଲିସ୍' ପ୍ରଥା ସୁରତ ଓ ଅନ୍ୟାନ୍ୟ ଜିଲାରେ ଚାଲୁଥିଲା । ଏ ପ୍ରଥା କ୍ରୀତଦାସ ପ୍ରଥାଭଳି ଥିବାର ମୁଁ ଆଗରୁ ଉଲ୍ଲେଖ କରିଛି । ଏହା ଏକ ଅତ୍ୟନ୍ତ ଅନ୍ୟାୟ ପ୍ରଥା ଥିଲା ଏବଂ ଆମେ ଏହାକୁ ଶୀଘ୍ର ଉଠାଇବା ପାଇଁ ସ୍ଥିରକଲୁ । ମନ୍ତ୍ରୀମଣ୍ଡଳ ଗଠନ ପରେ ପରେ ପ୍ରଫେସର ଏମ୍.ଏଲ୍. ଦାନ୍ତୱାଲାଙ୍କ ଅଧ୍ୟକ୍ଷତାରେ ଏଇ ପ୍ରଥା ବିଷୟ ଅନୁଧ୍ୟାନ କରିବାକୁ ଏକ କମିଟି ନିଯୁକ୍ତ କରାଗଲା । ଏଇ କମିଟିର ସୁପାରିଶ କାର୍ଯ୍ୟକାରୀ କରି ଦାସ ପ୍ରଥା ଶେଷ କରିବାକୁ ପଦକ୍ଷେପ ନିଆଗଲା । ବର୍ତ୍ତମାନ ଏ ପ୍ରଥାର ଉଚ୍ଛେଦ ଘଟିଛି, ସ୍ୱଇଚ୍ଛା ବ୍ୟତୀତ କାହାରିକୁ ସେ ସର୍ତ୍ତରେ କାମ କରିବାକୁ ହେଉନାହିଁ ।

ଭାଗଚାଷ ଓ ଜମି ମାଲିକାନା ସମ୍ବନ୍ଧୀୟ ଆଇନ ବ୍ୟତୀତ, ଚାଷୀ ଅବସ୍ଥାର ଉନ୍ନତି ପାଇଁ ଆମେ ଅନ୍ୟ କେତେ ପଦକ୍ଷେପ ନେଲୁ । ନୂଆ ଭୋଗାଧୀକାର ଆଇନ୍ ଅନୁସାରେ ପଛୁଆବର୍ଗ ଚାଷୀମାନଙ୍କ ଜମି ସରକାରଙ୍କ ବିନାନୁମତିରେ ହସ୍ତାନ୍ତର, ବିକ୍ରୀ, ବନ୍ଧକ ବା ଭଡ଼ା ଦିଆଯାଇ ପାରୁ ନଥିଲା । ପୁରୁଣା ଜମି ଭୋଗାଧୀକାର ଆଇନ ଅନୁସାରେ ଜମିମାଲିକମାନେ ନିଜ ଇଚ୍ଛାରେ ଜମି ବିକ୍ରିବଟା କରିପାରୁଥିଲେ । ଆମେ ଦେଖିଲୁ ଯେ ନୂଆ ଭୋଗାଧୀକାରୀ କେତେଜମି ପଛୁଆ ବର୍ଗ ଚାଷୀମାନଙ୍କ ହାତରେ ନାହିଁ । ଆମେ ଆଇନ କଡ଼ା କରି ଜମି, ବିଶେଷ କ୍ଷେତ୍ରରେ ବର୍ଣ୍ଣିତ ଉଦ୍ଦେଶ୍ୟ ଛଡ଼ା, ବିକ୍ରିବଟାରେ କଡ଼ା କଟକଣା ଜାରି କରି ଜିଲା ଅଫିସରମାନଙ୍କୁ ଠିକ୍ ଭାବରେ ଆଇନ ଲାଗୁ କରିବାକୁ ଆଦେଶ ଦେଲୁ । ଜମି ହସ୍ତାନ୍ତର ପାଇଁ ଅନୁମତି ନେବା କ୍ଷେତ୍ରରେ ଆଗୁଆ ସରକାରଙ୍କ ସ୍ୱୀକୃତି ନେବାକୁ ନିର୍ଦ୍ଦେଶ ଦେଲୁ । ତହସିଲଦାରୀ ଓ ଇନାମଦାରୀ

Digitized by srujanika@gmail.com

ଗାଁରେ ଚାଷୀଙ୍କ ଠାରୁ ଭାଗଛଡ଼ା ଅନ୍ୟାନ୍ୟ କର ଓ ଟିକସ ଇତ୍ୟାଦି ଉଠାଇ ଦେଲୁ । ଡେଟ୍ ରିଲିଫ୍ ଆକ୍ଟ ଦ୍ୱାରା ଋଣରୁ ରିହାତି ପାଇ ସାରି ପୁଣି କରଜ ଦେଉଥିବା ସାହୁକାରଙ୍କ ଦାଉରୁ ଚାଷୀଙ୍କୁ ରକ୍ଷା କରିବା ପାଇଁ ଆମେ ୧୯୪୭ରେ ମନି ଲେଣ୍ଡର୍ସ ଆକ୍ଟ ପାସ କଲୁ । ତା ସହିତ ଟଙ୍କା ଋଣର ସର୍ତ୍ତ କୋହଳକଲୁ । ଅନାବାଦୀ ଜମି ପ୍ରଥମେ ପଛୁଆବର୍ଗଙ୍କୁ ଚାଷ କରିବାକୁ ବାଣ୍ଟିବା ପାଇଁ ନିୟମ ତିଆରି ହେଲା । ଲୁଣି ଜମି ଚାଷୋପଯୋଗୀ କରିବା ପାଇଁ ପଦକ୍ଷେପ ନିଆଗଲା । ଅନେକ ସ୍ଥାନରେ ସମବାୟ ସମିତି ଜରିଆରେ ଏହା କରାଗଲା । ଫଳରେ ନିଅଣ୍ଟିଆ ଜାଗାରେ ଚାଷୋପଯୋଗୀ ଜମି ପରିମାଣ ବଢ଼ିଲା । ୧୯୪୭ ପ୍ରାରମ୍ଭରେ ଏଇସବୁ ପଦକ୍ଷେପ ନିଆଯାଇଥିଲା ।

ଉତ୍ତରାଧିକାରୀମାନଙ୍କ ମଧ୍ୟରେ ଜମି ବଣ୍ଟା ଯାଉଥିବାରୁ ଜମିର ଆକାର ଛୋଟ ଛୋଟ ହୋଇ ଯାଉଥାଏ । ଅନେକ କ୍ଷେତ୍ରରେ କ୍ଷେତର ଆକାର ଏତେ ଛୋଟ ହୋଇଯାଉଥାଏ ଯେ ଚାଷ କରିବା ଲାଭପ୍ରଦ ହେଉନଥାଏ । ଏହାକୁ ଲୋପ କରିବାକୁ ଆମେ ପ୍ରିଭେନ୍‌ଶନ୍ ଅଫ୍ ଫ୍ରାଗମେଣ୍ଟେଶନ ଏବଂ କନ୍‌ସୋଲିଡେଶନ ଅଫ୍ ହୋଲ୍ଡିଂ ଆକ୍ଟ ପାଶ କଲୁ; ଫଳରେ ଜମି ଭାଗ ଭାଗ ହେବା ବନ୍ଦକରାଯାଇ, ଭାଗ ଭାଗ ହୋଇଥିବା ଜମିକୁ ଏକାଠି କରାଯାଇ ପାରିଲା । ଚାଷ ଲାଭ ଜନକ ହୋଇ ପାରିଲା । ପ୍ରଦେଶର ବିଭିନ୍ନ ସ୍ଥାନରେ ଏ ଆଇନ ସାଙ୍ଗେ ସାଙ୍ଗେ ଲାଗୁ କରାଗଲା । ୧୯୪୬ରେ ଜମିର ଉନ୍ନତି ପାଇଁ ଶ୍ରୀ ଏମ୍. ଆର୍. ଭିଡେଙ୍କ ଅଧ୍ୟକ୍ଷତାରେ ଗୋଟିଏ କମିଟି ନିଯୁକ୍ତ ହେଲା । ୧୯୪୮ ମଧ୍ୟ ଭାଗରେ ସରକାରଙ୍କୁ ଦିଆଯାଇଥିବା ଏହାର ସବୁ ସୁପାରିଶ ସାଙ୍ଗେ ସାଙ୍ଗେ କାର୍ଯ୍ୟକାରୀ କରାଗଲା । ଆମେ ବନ୍ଧ ତିଆରି କରି ଜମି ସଂରକ୍ଷଣ କଲୁ ଏବଂ ଜଳାଭାବ ଜାଗାରେ ପାଣି ସଂରକ୍ଷଣ ମଧ୍ୟ କଲୁ । ଜଳସେଚନ ସୁବିଧା ନ ଥାଇ କେବଳ ବର୍ଷାପାଣି ଉପରେ ନିର୍ଭର କରୁଥିବା ଜମିରେ ଉତ୍ପାଦନ ବୃଦ୍ଧି ପାଇଁ ବିଶେଷ ଦୃଷ୍ଟି ଦେଲୁ । ଗୋଚର ଜମିର ଉନ୍ନତି ପାଇଁ ଯୋଜନା ତିଆରି ହୋଇ କାର୍ଯ୍ୟକାରୀ କରାଗଲା । ଜଙ୍ଗଲର ସୁରକ୍ଷା ଓ ଉନ୍ନତି ପାଇଁ ବୃକ୍ଷରୋପଣ ବନ୍ଦୋବସ୍ତ କରାଗଲା । ଶସ୍ୟ ଉତ୍ପାଦନର ବୃଦ୍ଧି, ଚାଷୀମାନଙ୍କର ନାଯ୍ୟ ଅଧିକାର ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା ।

ଭାରତରେ ବହୁପତ୍ନୀ ବିବାହ ଏକ ଚିରାଚରିତ ପ୍ରଥା । ଏଇ ପ୍ରଥା ଦୂରକରିବା ଉଚିତ ବୋଲି ଆମେ ଅନୁଭବ କଲୁ । ଆମେ ଏକ ପତ୍ନୀ ବିବାହ ଲାଗୁ କରିବାକୁ ୧୯୪୭ରେ ଆଇନ କଲୁ ଏବଂ ସ୍ୱାମୀ ଓ ସ୍ତ୍ରୀ ସେଇ ଆଇନାନୁସାରେ ଚଳି ନପାରିଲେ ଛାଡ ପତ୍ର ଆଇନ ମଧ୍ୟ ପ୍ରଣୟନ କଲୁ । ଏଇ ଦୁଇ ଆଇନ ତିଆରି କରିବା ବେଳେ ବହୁତ ବିରୋଧ ହୋଇଥିଲା; କେତେକ ମହିଳା ସମାଜସେବିକା ବିରୋଧ କରୁଥିଲେ । ସେମାନଙ୍କ ମଧ୍ୟରୁ ଅନେକ ଥିଲେ ଆଧୁନିକା ଓ ଅନେକ ଥିଲେ ରକ୍ଷଣଶୀଳ ପରିବାରର । ସେମାନେ ଏକ ପତ୍ନୀ ବିବାହ ଆଇନର ବିରୁଦ୍ଧ କରୁଥିଲେ କାରଣ ସେ କ୍ଷେତ୍ରରେ ଅନେକ ପୁରୁଷ ରକ୍ଷୀତା ସ୍ତ୍ରୀ ରଖିବା ପାଇଁ ଉତ୍ସାହିତ ହେବେ । ମୁଁ ସେଇ ମହିଳାମାନଙ୍କୁ ଜବାବରେ କହିଲି ଯେ ବର୍ତ୍ତମାନ ପୁରୁଷମାନଙ୍କର ରକ୍ଷୀତା ଅଛନ୍ତି କିନ୍ତୁ ଏଇ ଆଇନ ମହିଳାମାନଙ୍କୁ ସୁରକ୍ଷା ଓ ଲିଙ୍ଗ ଭିତିକ ସମାନତା ପ୍ରଦାନ କରିବ ।

ରାଜାଜୀ ସେତେବେଳେ ବମ୍ବେ ଆସିଥିଲେ । ସେ ବାବାସାହେବ ଓ ମୋ ସହିତ ଆଲୋଚନା କରି କହିଥିଲେ ଚଳାଇ ପାରିବା କ୍ଷମତା ଥିଲେ ଜଣେ ଦୁଇଟି ସ୍ତ୍ରୀ ବିବାହ କରିବା ଉଚିତ୍ । 'ଏକପତ୍ନୀ' ଆଇନ ପ୍ରଣୟନ ନ ହେବା ଉଚିତ ବୋଲି ସେ କହିଥିଲେ । ମୁଁ ତାଙ୍କୁ ପଚାରିଲି ଯେ ଜଣେ କ୍ଷମତାଶାଳୀ ମହିଳା ଦୁଇଜଣ ସ୍ୱାମୀଙ୍କୁ ବିବାହ କରିବାପାଇଁ ସେ ରାଜି ହେବେ କି ? ସେ ସେ ପ୍ରସ୍ତାବରେ ଏକମତ ହେଲେ ନାହିଁ କିନ୍ତୁ ଏକାଧିକ ପତ୍ନୀ ବିବାହ ନୀତି ପରିତ୍ୟାଗ କରିବାକୁ ରାଜି ହେଲେ ନାହିଁ ।

ମୁଁ ସବୁବେଳେ ବିଶ୍ୱାସ କରିଛି ଯେ ପୁରୁଷ ଓ ସ୍ତ୍ରୀ ପରସ୍ପର ପରିପୂରକ ଏବଂ ସେମାନଙ୍କ ମଧ୍ୟରେ ସମାନ ସୂଚକ ସମ୍ବନ୍ଧ ରହିବା ଉଚିତ । ଭବିଷ୍ୟତରେ ମହିଳା ମାନେ ନିର୍ଭିକା ଓ ସଂସ୍କୃତି ସମ୍ପନ୍ନା ନ ହେଲେ

Digitized by srujanika@gmail.com

ଭବିଷ୍ୟତ ଯୁବପୀଢ଼ି ନିର୍ଭିକ ଓ ସଂସ୍କୃତି ସମ୍ପନ୍ନ ହେବେ ନାହିଁ । ବାପାମାନେ ବାହାରେ କାମ କରୁଥିବାରୁ ପିଲାମାନଙ୍କ ସମ୍ପର୍କରେ ଖୁବ୍ କମ୍ ଆସନ୍ତି, ତେଣୁ ଅଧିକାଂଶ ପିଲାମାନେ ଦଶ ବାରବର୍ଷ ପର୍ଯ୍ୟନ୍ତ ମା' ଦ୍ୱାରା ପ୍ରଭାବିତ ହୁଅନ୍ତି । ତେଣୁ ମା' ଭୟାଳୁ ଓ ସଂସ୍କୃତି ବିହୀନା ହେଲେ ପିଲାମାନେ ସାହସୀ ଓ ସଂସ୍କୃତିଶୀଳ ହୋଇପାରିବେ ନାହିଁ । ପୁରୁଷ ଓ ସ୍ତ୍ରୀ ପରସ୍ପରକୁ ସମାନ ସମ୍ମାନ ଦେଖାଇ ବ୍ୟବହାର କଲେ ପାରିବାରିକ ଜୀବନ ଉନ୍ନତ ହେବ । ଏଇ ବିଚାର ଯୋଗୁ ବିବାହ ପ୍ରଥା ସମାଜରେ ଅଛି । ସ୍ତ୍ରୀ ଲୋକମାନଙ୍କର ଅନେକ ଗୁଣ ପୁରୁଷ ମାନଙ୍କର ନାହିଁ । ତାର ବିପରୀତ ମଧ ସତ୍ୟ । କିନ୍ତୁ ଉଭୟଙ୍କର ସମାନ ପ୍ରାଧାନ୍ୟ ରହିଛି ଏବଂ ସମାନ ଭାବେ ସମ୍ମାନିତ ହେବା ଉଚିତ । ମହିଳାମାନଙ୍କର ଦୁର୍ବଳତା ଏବଂ ଅବନତିର ପ୍ରଧାନ କାରଣ ହେଲା ସମାଜରେ ତାଙ୍କୁ ନିମ୍ନସ୍ତର ଦିଆଯାଇଛି । ମଣିଷ ସମାଜର ଶୀଘ୍ର ଓ ସର୍ବାଙ୍ଗୀନ ଉନ୍ନତି ହେବ ଯେତେବେଳେ ପୁରୁଷ ସ୍ତ୍ରୀ ପରସ୍ପରକୁ ସମାନ ଦୃଷ୍ଟିରେ ଦେଖିବେ । ଗାନ୍ଧିଜୀ ଜୀବନରେ ଖୁବ୍ ଶୀଘ୍ର ଏ କଥା ଅନୁଭବ କରିଥଲେ ଏବଂ ସତ୍ୟାଗ୍ରହରେ ମହିଳାମାନଙ୍କୁ ପ୍ରମୁଖ ସ୍ଥାନ ଦେଇଥିଲେ । ଆନ୍ଦୋଳନରେ ଅନେକ ମହିଳା କାମ କରିବାର ଅଶେଷ ସାହସ ଓ କ୍ଷମତା ପ୍ରଦର୍ଶନ କରିଥିଲେ । କସ୍ତୁରବାଙ୍କ ନିର୍ଭିକ ସହଯୋଗ ଯୋଗୁଁ ବାପୁଙ୍କ ବ୍ୟକ୍ତିତ୍ୱ ଉନ୍ନତ ହୋଇଥିଲା, ଏବଂ ଆମେ ବାପୁଙ୍କ ଆତ୍ମଜୀବନୀରୁ ଜାଣିଲୁ ଯେ ସେ ପ୍ରଥମେ ବାପୁଙ୍କୁ ସତ୍ୟାଗ୍ରହ ଶିଖାଇଥିଲେ । ବାପୁ ତେଣୁ ମହିଳାମାନଙ୍କ ମଧ୍ୟରେ ନିର୍ଭିକତା ଓ ଶକ୍ତି ବଢ଼ାଇବା ପାଇଁ ପ୍ରାଧାନ୍ୟତା ଦେଇଥିଲେ ।

ସ୍ୱାଧୀନ ଭାରତର ସମ୍ବିଧାନରେ ମହିଳାମାନଙ୍କୁ ପୁରୁଷମାନଙ୍କ ସହିତ ସମାନ ଅଧିକାର ଦିଆଯାଇଛି ଏବଂ ଆଇନ ଦ୍ୱାରା ସମସ୍ତ ଅସାମର୍ଥ୍ୟତା ଦୂର କରାଯାଇଛି । ସେମାନେ ଭୋଟ ଦେଇ ପାରିବେ ଏବଂ ବିଧାନ ସଭା ଓ ସଂସଦକୁ ନିର୍ବାଚିତ ହୋଇପାରିବେ । ଆମ୍ଭେମାନେ ଉଦ୍ୟମ କରୁଛୁ ଯେପରି ସେମାନେ ବେଶି ସଂଖ୍ୟାରେ ନିର୍ବାଚିତ ହୋଇ ଆସି ପାରିବେ । ଯଦିଓ ଆମେମାନେ କହିପାରିବୁ ନାହିଁ ଯେ ଆମେ ଯେତେଦୂର ସଫଳ ହାସଲ କରିବା କଥା ସେତେଦୂର ଯାଇ ପାରିଛୁ । ତଥାପି ପୃଥିବୀର ଅନ୍ୟ ଦେଶ ପାର୍ଲାମେଣ୍ଟ ତୁଳନାରେ ଆମଦେଶର ବିଭିନ୍ନ ଅନୁଷ୍ଠାନରେ ଅଧିକ ମହିଳା ପ୍ରତିନିଧି ଅଛନ୍ତି । ଏଇ ଚିନ୍ତାଧାରାକୁ ବିଚାର କରି ଆମେ ଏକ ସ୍ତ୍ରୀ ବିବାହ ଓ ଛାଡ଼ପତ୍ର ଆଇନ ବମ୍ବେ ପ୍ରଦେଶରେ ପ୍ରଣୟନ କରିଥିଲୁ । କେନ୍ଦ୍ରରେ ଏ ସମ୍ବନ୍ଧୀୟ ଆଇନ ବମ୍ବେ ଆଇନର ଦଶବର୍ଷ ପରେ ପ୍ରଣୟନ ହୋଇଥିଲା ।

ଦ କ୍ରିମିନାଲ୍ ଟ୍ରାଇବ୍‌ସ ଆକ୍ଟ ବ୍ରିଟିଶ୍ ସାମ୍ରାଜ୍ୟ ଅମଳର ଏକ ଆଇନ ଥିଲା । ଏହି ଆଇନାନୁସାରେ ଅନେକ ଜାତି ଓ ଉପଜାତିର ଲୋକମାନଙ୍କୁ ଜନ୍ମରୁ ଅପରାଧୀ ବୋଲି କୁହାଯାଇ ତାଙ୍କ ଦୈନିକ ଗମନାଗମନ ଉପରେ ନିୟନ୍ତ୍ରଣ ରଖାଯାଉଥିଲା । ଗୋଟିଏ ଗୋଷ୍ଠୀକୁ ଏପରି ଅପରାଧୀ ବୋଲି କହିବା ଅତ୍ୟନ୍ତ ଅନ୍ୟାୟ । ଏହି ଅନ୍ୟାୟକୁ ହୃଦୟଙ୍ଗମ କରି ଆମେ ହେଲୁ ପ୍ରଥମ ଲୋକ ପ୍ରତିନିଧି ମନ୍ତ୍ରୀମଣ୍ଡଳ ଯେକି ସର୍ବପ୍ରଥମେ ଏ ଆଇନକୁ ବାତିଲ କରିଥିଲା । ଏହି ନିୟନ୍ତ୍ରଣ ଦ୍ୱାରା ଲୋକମାନଙ୍କ ଚରିତ୍ର ଓ ଅଭ୍ୟାସରେ ଦେଖା ଦେଇଥିବା ତ୍ରୁଟି ସବୁ ଦୂର କରି ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଆମେ ଅନେକ ପଦକ୍ଷେପ ନେଲୁ ।

ଆମେ ମନ୍ତ୍ରୀମଣ୍ଡଳ ଗଢିବା ବେଳେ ଅନେକ ରାଜନୈତିକ ବନ୍ଦୀ ଜେଲରେ ଥିଲେ । କେତେକ ବିନା ମକଦ୍ଦମାରେ ଥିଲେ ଓ କେତେକଙ୍କୁ ଲମ୍ବା ଜେଲ ଦଣ୍ଡ ଦିଆଯାଇଥିଲା । ଭାରତଛାଡ ଆନ୍ଦୋଳନ ସତାରା ଜିଲାରେ ବେଶ୍ ଜନଜାଗରଣ ସୃଷ୍ଟି କରିଥିଲା ଓ ସେଠାରେ ପତ୍ରି ସରକାର ନାମରେ ଗୋଟିଏ ଅନୁଷ୍ଠାନ ଗଢ଼ି ଉଠିଥିଲା । ଏହାର ପ୍ରକୃତ ଅର୍ଥ ହେଲା ବ୍ରିଟିଶ୍ ସରକାର ବିରୁଦ୍ଧରେ ଏକ ଲୋକପ୍ରିୟ ସମାନ୍ତର ସରକାର । ଏହି ଅନୁଷ୍ଠାନ ହିଂସାତ୍ମକ କର୍ମରେ ବିଶ୍ୱାସ କରୁଥିଲା । ଯେଉଁମାନେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଉନଥିଲେ ସେମାନଙ୍କୁ ଏମାନେ ଭୟଭୀତ କରାଉଥିଲେ । ଡରାଇବାର ଅନେକ ବାଟରୁ ଗୋଟିଏ ହେଲା ପରାଜିତ ଲୋକର ପାଦରେ ଗୋଟିଏ ଟିଣ ପଟି ଲଗାଇ ଦେବାଥିଲେ । ସେଥି ଯୋଗୁ ଏହାର ନାମ ଥିଲା ପତ୍ରି

Digitized by srujanika@gmail.com

ସରକାର । ଏହି ଅନୁଷ୍ଠାନର କାର୍ଯ୍ୟକ୍ରମ କେତେକ ସ୍ଥାନରେ ଆତଙ୍କ ସୃଷ୍ଟି କରୁଥିଲା । ସତାରାର ଲୋକମାନେ ସାଧାରଣତଃ ଉତ୍ସାହୀ, ଚାଲାଖ, ପରିଶ୍ରମୀ ଓ ସାହସୀ । ଏଭଳି ଲୋକମାନଙ୍କୁ ଉପାଦେୟ କାମରେ ନ ଲଗାଇଲେ ସେମାନେ ପଥ ଭ୍ରଷ୍ଟ ହୋଇ ହିଂସାତ୍ମକ କାମ କରିବାର ସମ୍ଭାବନା ଅଧିକ ।

ମୁଁ ସେ ଜିଲାରେ ବୁଲି ବହୁତ କଂଗ୍ରେସ କର୍ମୀଙ୍କ ସହିତ ସାକ୍ଷାତ କଲି । ତାଙ୍କ ସହିତ ଆଲୋଚନା କଲି । ମୋ ଦୃଷ୍ଟିକୋଣ ସେମାନଙ୍କୁ ବୁଝାଇଲି । ସେମାନଙ୍କୁ ପ୍ରବର୍ତ୍ତାଇ ମୋ ସହିତ ରାଜି କରାଇଲି । କାର୍ଯ୍ୟଭାର ଗ୍ରହଣ ପରେ ପରେ ଯେଉଁ ରାଜନୈତିକ ବନ୍ଦୀଙ୍କ ନାମରେ ହିଂସାର ଅଭିଯୋଗ ନଥିଲା ସେମାନଙ୍କୁ ଜେଲରୁ ଖଲାସ କରି ଦେଲୁ ।

ଭାରତଛାଡ଼ ଆନ୍ଦୋଳନ ବେଳେ, ପତ୍ରି ସରକାର ଗଢ଼ିଥିବା ଜଣେ ନେତା ଶ୍ରୀ ନାନା ପଟିଲଙ୍କୁ କେତେକ ବ୍ୟକ୍ତି ଶିବାଜୀ ମହାରାଜଙ୍କ ସହିତ ତୁଳନା କରୁଥିଲେ । ଥରେ ସାଧାରଣ ସଭାରେ ଜଣେ କଂଗ୍ରେସ କର୍ମୀ ଉପରୋକ୍ତ ତୁଳନାତ୍ମକ ଭାଷଣ ଦେଲାବେଳେ ମୁଁ ବୁଝାଇଥିଲି ଯେ ଶିବାଜୀ ମହାରାଜ ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଏବଂ ତାଙ୍କ ସହିତ ଶ୍ରୀ ନାନା ପଟିଲଙ୍କୁ ତୁଳନା କଲେ ପଟିଲଙ୍କ ନାମ ଉଚ୍ଚା ହେବ ସତ, କିନ୍ତୁ ଶିବାଜୀ ମହାରାଜଙ୍କ ବ୍ୟକ୍ତିତ୍ୱ ପ୍ରତି ଅବମାନନା କରାଯିବ । ମୁଁ କହିଲି ଏପରି ତୁଳନା କରାଯିବା ଉଚିତ ନୁହେଁ । ଲୋକମାନେ ମୋ କଥା ପ୍ରତି ଆଗ୍ରହ ପ୍ରକାଶ କଲେ ଏବଂ ତୁଳନାତ୍ମକ ବର୍ଣ୍ଣନା ବନ୍ଦ କରାଗଲା । ସତାରା ଜିଲାର ଲୋକମାନଙ୍କର ମୁଁ ବିଶ୍ୱାସ ଭାଜନ ହୋଇ ପାରିଲି ଓ ଲୋକମାନେ ଅବାଧରେ ମୋ ସହିତ ଆଲୋଚନା ଓ ପରାମର୍ଶ କରୁଥିଲେ । ମୁଁ ସେମାନଙ୍କର ଅତି ନିକଟସ୍ଥ ହୋଇପାରିଲି ।

୧୯୪୮ ଜାନୁୟାରୀ ୩୦ରେ ଯେତେବେଳେ ଗଡ଼ସେ ବାପୁଜୀଙ୍କୁ ହତ୍ୟା କରିଥିଲେ, ମହାରାଷ୍ଟ୍ରରେ ଖବର ବ୍ୟାପିଗଲା ଏବଂ ଅନେକ ସ୍ଥାନରେ କେତେକ ବ୍ରାହ୍ମଣ ଗୋଷ୍ଠୀଙ୍କ ବିରୁଦ୍ଧରେ ପ୍ରତିଶୋଧମୂଳକ ହିଂସାକାଣ୍ଡ ଦେଖାଦେଇଥିଲା । କେତେକ ଅଣ ବ୍ରାହ୍ମଣମାନେ ଏ କର୍ମ ଆରମ୍ଭ କରିଥିଲେ । ମୁଁ ଜାଣିବା ସାଙ୍ଗେ ସାଙ୍ଗେ ଦୃଢ଼ ପଦକ୍ଷେପ ନେଲି ଓ କଂଗ୍ରେସ କର୍ମୀମାନଙ୍କୁ ସାହାଯ୍ୟ କରିବାକୁ ନିର୍ଦ୍ଦେଶ ଦେଲି । ଲୋକମାନଙ୍କର ମୋ ଉପରେ ବିଶ୍ୱାସ ଥିବାରୁ ମୁଁ ସାଙ୍ଗେ ସାଙ୍ଗେ ହିଂସାତ୍ମକ କାଣ୍ଡ ବନ୍ଦ କରି ଶାନ୍ତି ପ୍ରତିଷ୍ଠା କରିପାରିଲି । ସତାରାର କେତେକ ବ୍ୟକ୍ତି, ବିଶେଷ କରି ଶ୍ରୀ ଭାଉରାଓ ପଟିଲ, ମୋର ଏହି ପଦକ୍ଷେପକୁ ପସନ୍ଦ କଲେନାହିଁ ଏବଂ ମତେ ସତରା ଜିଲା ଯାଇ ସାଧାରଣ ସଭାରେ ଉଦ୍‌ବୋଧନ ଦେବାକୁ ଆହ୍ୱାନ କଲେ । ମୁଁ ସେ ଆହ୍ୱାନ ଗ୍ରହଣ କରି, ମୋର ଅନେକ ବଂଧୁଙ୍କ ବାରଣ ସତ୍ତ୍ୱେ, ସେଠାକୁ ଯାଇ ବିରାଟ ସଭାରେ ଭାଷଣ ଦେଲି । ଯେଉଁ ଲୋକମାନେ ମତେ ଆହ୍ୱାନ ଦେଇଥିଲେ ବା ଲୋକମାନଙ୍କୁ ମତାଉଥିଲେ ସେମାନେ ସଭାରେ ବା ସଭାପାଖରେ ଉପସ୍ଥିତ ଥାଆନ୍ତି । ମୁଁ ହିନ୍ଦିରେ କହିବା ଆରମ୍ଭ କରିବାରୁ କେତେକ ଶ୍ରୋତା ମତେ ମରାଠିରେ କହିବାକୁ କହିଲେ । ମୁଁ ମରାଠିରେ ହିଂସାତ୍ମକ କାଣ୍ଡ ବିରୁଦ୍ଧରେ ଘଣ୍ଟାଏ କାଳ କହିଲି । ଏ କୁକର୍ମରେ ବାଧା ଦେବାକୁ ଲୋକମାନଙ୍କୁ ଉଦ୍‌ବୋଧନ ଦେଲି ଏବଂ ଏଥିପାଇଁ ଦାୟୀ ଲୋକମାନଙ୍କୁ ତୀବ୍ର ନିନ୍ଦାକଲି । ମୁଁ ସିଧାସଳଖ ଆକ୍ରମଣ କରି କହିଲି ଯେ ଶିକ୍ଷାଅନୁଷ୍ଠାନ ସହିତ ଜଡିତ କୌଣସି ବ୍ୟକ୍ତି ଏ କୁକର୍ମରେ ଲିପ୍ତ ରହିଲେ, ତାଙ୍କୁ ଶିକ୍ଷାର ଶତ୍ରୁବୋଲି ଧରିବାକୁ ହେବ କାରଣ ସେମାନେ ଲୋକମାନଙ୍କୁ ଭୁଲ ମୂଲ୍ୟବୋଧ ଶିଖାଇବେ । ଲୋକମାନେ ମୋ ଭାଷଣ ଧୈର୍ଯ୍ୟ ଧରି, ମନଦେଇ ଶୁଣିଲେ ଏବଂ ତାଙ୍କ ଉପରେ ଉତ୍ତମ ପ୍ରଭାବ ପଡ଼ିଲା । ଯେଉଁମାନେ ଆହ୍ୱାନ ଦେଇଥିଲେ ଓ ଲୋକମାନଙ୍କୁ ମତାଉଥିଲେ ସେମାନେ ହତାଶ ହୋଇ ଭୟରେ ଛାଡି ପଳାଇଲେ । ଏହାଦ୍ୱାରା ଜିଲାରେ ଶାନ୍ତି ସ୍ଥାପିତ ହେଲା । ଜିଲା ଲୋକମାନଙ୍କର ମୋ ଉପରେ ଥିବା ବିଶ୍ୱାସ ବୃଦ୍ଧି ପାଇଲା ।

ମୁଁ ଜେଲରେ ଥିବାବେଳେ ଜେଲ କର୍ତ୍ତୃପକ୍ଷ ବନ୍ଦୀମାନଙ୍କୁ କିପରି ହଇରାଣ କରୁଥିଲେ ମୁଁ ଅନୁଧାନ କରୁଥିଲି ଓ କେତେକ ବ୍ୟର୍ଥ ଆଇନ ଥିଲା ଯାହା ସାହାଯ୍ୟରେ ବନ୍ଦୀମାନେ ସେଥିରୁ ଖସିବାକୁ ଚେଷ୍ଟା କରୁଥିଲେ ।

Digitized by srujanika@gmail.com

ମୋ ଦାୟିତ୍ୱରେ ଘରୋଇ ମନ୍ତ୍ରାଳୟ ଆସିବା ପରେ ଜେଲ ପରିଚାଳନାରେସଂସ୍କାର ଆଣିବାକୁ ସ୍ଥିରକଲି । ଶ୍ରୀ ମଙ୍ଗଲ ଦାସ ପକ୍ୱାସାଙ୍କ ଅଧ୍ୟକ୍ଷତାରେ ଗୋଟିଏ କମିଟି ଗଠନ କଲି । କମିଟି ଅତିଶୀଘ୍ର ଏହାର ସୁପାରିଶ ଦେଲା । ସୁପାରିଶ ପାଇବା ଆଗରୁ ମୁଁ କେତେକ ସଂସ୍କାର ଆରମ୍ଭ କରିଦେଇଥିଲି ।

ଜେଲ କର୍ମଚାରୀମାନଙ୍କୁ ବନ୍ଦୀମାନଙ୍କ ସହିତ ମାନବୀୟ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଲି ଏବଂ ଏହା ଅମାନ୍ୟ କଲେ ଦଣ୍ଡ ଦିଆଯିବ ବୋଲି ସାବଧାନ କରାଇଦେଲି । ଜେଲରେ ଧୂମପାନ ନିଷେଧ ଥିଲା; ଫଳରେ ନିମ୍ନ କର୍ମଚାରୀଙ୍କ ସହଯୋଗରେ ଟବାକୋ ବହୁତ ଚୋରାରେ ଜେଲ ଭିତରକୁ ଯାଉଥିଲା । ଏହି ନିଷେଧାଜ୍ଞା ଫଳରେ ଅନେକ ବନ୍ଦୀ ଅବାଞ୍ଛନୀୟ ଅଭ୍ୟାସର ବଶବର୍ତ୍ତୀ ହେଉଥିଲେ । ସମସ୍ତଙ୍କୁ ବାଧ୍ୟକରି ଧୂମପାନ ବନ୍ଦ କରାଇବା ସମ୍ଭବ ନ ଥିଲା । ଜେଲଭିତରେ ଧୂମପାନ ତ୍ୟାଗ କରିବା ଜଣକ ପକ୍ଷରେ ଆହୁରି କଷ୍ଟକର । ଆମେ ବନ୍ଦୀମାନଙ୍କୁ ନିଜ ପଇସାରେ କିଣି ଜେଲ ଭିତରେ ବିଡ଼ି ଟାଣିବାକୁ ଅନୁମତି ଦେଲୁ । ଜେଲ ଖାଇବା ସାଙ୍ଗରେ ବନ୍ଦୀମାନେ ଅନ୍ୟ ଖାଇବା କିଣି ପାରିବାର ବନ୍ଦୋବସ୍ତ କରାଗଲା । ସେମାନେ ଜେଲରେ କାମ କରି ରୋଜଗାର କରୁଥିବା ଅର୍ଥର ଏକ ଚତୁର୍ଥାଂଶ ତାଙ୍କ ହିସାବରେ ଜମା କରିବାର ବନ୍ଦୋବସ୍ତ କରାଗଲା । ଏହି ହିସାବରୁ ସେ ଖାଦ୍ୟ ଓ ବିଡି କିଣି ପାରିଲେ । ଏହାର ଏକ ସୁସ୍ଥ ପ୍ରଭାବ ପଡିଲା ଏବଂ ଜେଲ ଭିତରେ ଅପରାଧ ସଂଖ୍ୟା ବହୁତ କମିଗଲା । ଜେଲ ବାହାରେ କାମ କରିବାର ଆୟୋଜନ କରାଗଲା, ସୁତରାଂ ସେମାନେ ସ୍ୱଇଚ୍ଛାରେ ନିୟମ ପାଳନ କରି ରୋଜଗାର କରି ପାରିବେ । ଦୀର୍ଘ ମିଆଦ ଯୁକ୍ତ ବନ୍ଦୀମାନେ ନିଜର ଆତ୍ମୀୟଙ୍କୁ ବର୍ଷ ବର୍ଷ ଧରି ଦେଖୁ ନଥିବାରୁ ଦୋଷପୂର୍ଣ୍ଣ ପନ୍ଥା ଅବଲମ୍ବନ କରୁଥିଲେ । ଆମେ ନିୟମ କଲୁ ଯେ ପ୍ରତି ଦୁଇବର୍ଷରେ ଥରେ ସେମାନେ ପନ୍ଦର ଦିନ ପାରୋଲରେ ଘରକୁ ଯାଇପାରିବେ । ଯିବାକୁ ପଇସା ନ ଥିଲେ ସରକାରୀ ପଇସାରେ ଯିବେ ଏବଂ ଫେରିଆସିବେ । ଏହା ଦ୍ୱାରା ଜେଲରେ ବନ୍ଦୀମାନଙ୍କର ଆଚାର ବ୍ୟବହାରରେ ବହୁତ ଉନ୍ନତି ହୋଇ ପାରିଲା ଏବଂ ଜେଲ ପରିଚାଳନା ନିର୍ମଳ ହୋଇପାରିଲା ।

ପକ୍ୱାସା କମିଟିର ପ୍ରାୟ ସବୁ ସୁପାରିଶ କାର୍ଯ୍ୟକାରୀ କରାଗଲା । ବନ୍ଦୀମାନଙ୍କର ମନୋରଞ୍ଜନ ପାଇଁ ସୁବିଧା ଦିଆଗଲା ଏବଂ ଛୁଟି ଦିନରେ ସେମାନେ ପରସ୍ପର ସହିତ ମିଳାମିଶା କରିପାରିଲେ । ଏହାର ଉଦ୍ଦେଶ୍ୟ ହେଲା ବନ୍ଦୀମାନଙ୍କୁ ଅବିଶ୍ୱାସ ପରିବର୍ତ୍ତେ ବିଶ୍ୱାସ ସହିତ ବ୍ୟବହାର କରାଗଲେ ସେମାନେ ନିଜେ ନିଜକୁ ବଦଳାଇ ପାରିବେ ଓ ଖଲାସ ହୋଇ ବାହାରକୁ ଗଲେ ସମାଜରେ ହିତମୂଳକ ଜୀବନଯାପନ କରିପାରିବେ । ଏଇ ସବୁ ସଂସ୍କାରକୁ କାର୍ଯ୍ୟରେ ପରିଣତ କରିବାକୁ ଜେଲ କର୍ମଚାରୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ମଧ୍ୟ ଦିଆଗଲା ।

Digitized by srujanika@gmail.com

(୨୫) ୧୯୪୬ ସେପ୍ଟେମ୍ବର ମାସରେ ସାମ୍ପ୍ରଦାୟିକ ଦଙ୍ଗା

ଅହମଦାବାଦ, ବମ୍ବେ ଏବଂ ବେଙ୍ଗଲରେ ସାମ୍ପ୍ରଦାୟକ ଦଙ୍ଗା ହାଙ୍ଗାମା ଦେଖାଦେଲା । ମୁସ୍ଲିମ୍ ଲିଗ୍ ଅଧକ୍ଷଙ୍କର ପାକିସ୍ଥାନ ପାଇଁ ଦାବୀ ସପକ୍ଷରେ ପ୍ରତ୍ୟକ୍ଷ ପଦକ୍ଷେପ ପାଇଁ ଆହ୍ୱାନ ଫଳରେ ଦଙ୍ଗା ଆରମ୍ଭ ହେଲା । ଅହମଦାବାଦରେ ଗଣ୍ଡଗୋଳ ଆରମ୍ଭ ବେଳେ ମୁଁ ସରକାରଗେଁ ଥିଲି ଓ ପୂନାରେ ଅବସ୍ଥାନ କରୁଥିଲି । ଗାନ୍ଧିଜୀ ମଧ୍ୟ ସେଠାରେ ଥିଲେ । ଖବର ପାଇ ତାଙ୍କ ସହିତ ଦେଖା କରିବାକୁ ସେ ଖଣ୍ଡେ ଚିଠି ମୋ ପାଖକୁ ପଠାଇଥିଲେ । ମୁଁ ତାଙ୍କ ଉପଦେଶ କାମନା କରି ତାଙ୍କୁ ସାକ୍ଷାତ କରିବାକୁ ବାହାରୁଥିବା ବେଳେ ତାଙ୍କ ଚିଠି ପାଇଲି । ବିନା ପୁଲିସ ଓ ସାମରିକ ବାହିନୀର ସହାୟତାରେ, ଦରକାର ପଡ଼ିଲେ ନିଜକୁ ଜଳାଞ୍ଜଳି ଦେଇ ଅହମଦାବାଦରେ ଏ ସାମ୍ପ୍ରଦାୟକତାର ଅଗ୍ନି ଲିଭାଇବାକୁ ବାପୁ ମୋତେ କହିଲେ । ସେ ଅନୁଭବ କରୁଥିଲେ ଯେ ଏହା କେବଳ ମାତ୍ର ପନ୍ଥା, କିନ୍ତୁ ପରିଶେଷରେ ସେ କହିଲେ ଯେ ମୁଁ ଯେପରି ଉପଯୁକ୍ତ ଭାବିବି ସେପରି କରିପାରିବି ।

ମୁଁ ବାପୁଙ୍କୁ ଉତ୍ତର ଦେଲି ନାହିଁ କାରଣ ମୁଁ ଜାଣିଥିଲି ଯେ ଆଦର୍ଶ ଦୃଷ୍ଟିରୁ ବାପୁଙ୍କ ଉପଦେଶ ଗୁଡିକ ଉପଯୁକ୍ତ ଓ ନିର୍ଭୁଲ । କିନ୍ତୁ ମୋ ମନରେ ସନ୍ଦେହ ହେଉଥିଲା ଯେ ସମାଜ, ସରକାର, ମୋ ସହକର୍ମୀ ଏବଂ ମୋର ଅକ୍ଷମତା ବା କ୍ଷମତାର ସୀମା ଦୃଷ୍ଟିରୁ କେତେଦୂର ଏତାଦୃଶ ପରାମର୍ଶ ଫଳପ୍ରଦ ହେବ । ବାପୁଙ୍କ ସହିତ ପରାମର୍ଶ ପରେ ମୁଁ ଉଡ଼ାଜାହାଜରେ ଅହମଦାବାଦ ଗଲି । ରାସ୍ତାରେ ବାପୁଙ୍କ ଉପଦେଶ ଗମ୍ଭୀରତାର ସହ ବିଚାର କରି ଏଇ ସିଦ୍ଧାନ୍ତରେ ପହଞ୍ଚିଲି ଯେ ଯଦି ମୁଁ ବ୍ୟକ୍ତିଗତ ଭାବେ ଦୁଇ ଦଳଙ୍କ ମଧ୍ୟରେ ଯାଇ ପ୍ରାଣତ୍ୟାଗ କରେ ତେବେ ଫଳାଫଳ ଭଲ ଅପେକ୍ଷା ଅଧିକ କ୍ଷତିକାରକ ହେବ । ମୋ ମନରେ ସନ୍ଦେହ ନ ଥିଲା ଯେ ଦୁଇ ଦଳ ମଧ୍ୟରେ ଅମାନୁଷିକ ଲଢ଼େଇ ଚାଲୁଥିବା ବେଳେ ସେମାନେ (ଦୁଇପକ୍ଷ) ନୃଶଂସ ହୋଇଯାଆନ୍ତି ଏବଂ ସେତିକିବେଳେ କେହି ବ୍ୟକ୍ତି ହସ୍ତକ୍ଷେପ କଲେ ସେହି ବ୍ୟକ୍ତିଟି ନୃଶଂସତାର ଶିକାର ହୋଇ ପ୍ରାଣତ୍ୟାଗ କରେ । ଯଦି ଘରୋଇ ମନ୍ତ୍ରୀ ଏପରି ପ୍ରାଣତ୍ୟାଗ କରନ୍ତି ତେବେ ସମାଜରେ ଅଧିକ ହତାଶ, ହିଂସା, କ୍ରୋଧ ବଢ଼ିବ ଏବଂ ସରକାରଙ୍କ ପ୍ରତି ସମ୍ମାନ ଓ ଭରସା ଆଉ ରହିବ ନାହିଁ । ସେପରି ପଦକ୍ଷେପ ଦଙ୍ଗା ବନ୍ଦ କରିବ ନାହିଁ, ବରଂ ଆହୁରି ଉତ୍ତେଜନା ବଢ଼ାଇବା ପାଇଁ ଗୋଟିଏ ହତିଆର ମିଳିଯିବ ।

ତଥାପି ମୁଁ ଭାବିଲି ଯଦି ଅନ୍ୟ କୌଣସି ଫଳପ୍ରଦ ରାସ୍ତା ନ ପାଇ ମୁଁ ନିଜକୁ ଉତ୍ସାହର ସହିତ ଜଳାଞ୍ଜଳି ଦିଏ ତେବେ ପରିସ୍ଥିତି ଉପରେ ଏହାର ଗୋଟିଏ ସମ୍ମାନଜନକ ପ୍ରଭାବ ପଡିବ । ନିଜକୁ ପରୀକ୍ଷା କରି ମୁଁ ଏ ଜଳାଞ୍ଜଳିରେ ଖୁସି ହେବାର କୌଣସି କାରଣ ଦେଖିଲି ନାହିଁ । ମୁଁ ମୃତ୍ୟୁକୁ କେବେ ହେଁ ଭୟ କରିନାହିଁ ଏବଂ ମୋ ମତରେ ଜଣେ ଜୀବନକୁ ଆନନ୍ଦର ସହିତ ସମ୍ମୁଖୀନ କରିବା ଭଳି ମୃତ୍ୟୁକୁ ମଧ୍ୟ ଖୁସିର ସହିତ ସମ୍ମୁଖୀନ କରିବା ଉଚିତ୍ । ଜୀବନ ଓ ମୃତ୍ୟୁକୁ ସମାନ ଭାବରେ ବିଚାର କରିବା ଉଚିତ । ମୁଁ କିନ୍ତୁ ବିଶ୍ୱାସ କରୁଥିଲି ଯେ ଯଦି ଜଣେ ହସି ହସି ପ୍ରାଣଦାନ ନ ଦିଏ ତେବେ ତାହା କର୍ତ୍ତବ୍ୟ ପାଳନ ପାଇଁ ବାଧ୍ୟତାମୂଳକ କର୍ମରେ ଗଣାଯିବ । ଜଣେ ବ୍ୟକ୍ତି ଅନିଚ୍ଛାରେ ବା ବାଧ୍ୟରେ ନିଜର କର୍ତ୍ତବ୍ୟ ଶେଷ କଲେ ତା'ର କିଛି ଶକ୍ତି ବା ପ୍ରଭାବ ନଥାଏ । ତେଣୁ ପରିଶେଷରେ ମୁଁ ବାପୁଙ୍କ ପ୍ରସ୍ତାବ ଆଦର୍ଶ ଦୃଷ୍ଟିରୁ ଉପଯୁକ୍ତ କିନ୍ତୁ ପ୍ରକୃତ କାର୍ଯ୍ୟକାରୀତା ଦୃଷ୍ଟିରୁ ଅନୁପଯୁକ୍ତ ବା ଫଳପ୍ରଦ ନୁହେଁ ବୋଲି ବିଚାର କଲି ।

ତେବେ ମୁଁ ଅନୁଭବ କଲି ଯେ ସାମ୍ପ୍ରଦାୟିକ ଅଗ୍ନିକୁ ନିର୍ବାପିତ କରି, ଲୋକଙ୍କ ମନରୁ ଆତଙ୍କ ଓ ଭୟ ଦୂର କରିବା ଦିଗରେ କେତେକ ପଦକ୍ଷେପ ମୋତେ ନେବାକୁ ହେବ । କେବଳ ପୁଲିସ ମାନଙ୍କ ଜରିଆରେ ଏହା ଲାଭକରିବା ଅସମ୍ଭବ । ଏ ସମସ୍ତ ସମସ୍ୟା ବିଚାର କରି ମୁଁ ଅହମଦାବାଦରେ ପହଞ୍ଚିବା ପରେ ଆଉ ଗୋଟିଏ କର୍ମପନ୍ଥା ସ୍ଥିର କଲି । ମୁଁ ପରଦିନ ସକାଳେ ୧୯୪୪ ଧାରା ଜାରି ନକରିବାକୁ ପୁଲିସକୁ ନିର୍ଦ୍ଦେଶ

Digitized by srujanika@gmail.com

ଦେଲି । ଲୋକମାନଙ୍କର ଏକାଠି ହେବାରେ ଓ ଅବାଧରେ ବୁଲିବାରେ ବାଧା ନଦେବାକୁ କହିଲି । ଆଦେଶ ଦିଆଗଲା ଯେ ପୁଲିସମାନେ ନିଜ ସ୍ଥାନରେ ରହିବେ କିନ୍ତୁ କାହାରିକୁ ଅବାଧରେ ବୁଲିବାରେ ମୋଠାରୁ ନିର୍ଦ୍ଦେଶ ନ ପାଇବା ପର୍ଯ୍ୟନ୍ତ ବାଧା ଦେବେ ନାହିଁ । ପୁଣି ନିର୍ଦ୍ଦେଶ ଦେଲି ଯେ ସମସ୍ତଙ୍କୁ ଜଣାଇ ଦିଆଯାଉ ଯେ ମୁଁ କାଲି ସହରରେ ବୁଲିବି ଓ ସାରାଦିନ ମୋ ସହିତ ଯେତେଲୋକ ପାରନ୍ତି ସାକ୍ଷାତ କରିପାରିବେ ।

ତଦନୁଯାୟୀ ମୁଁ ସହରରେ ପରଦିନ ସକାଳେ ବୁଲିଲି । ସମାଜସେବକ ଓ ସରକାରୀ ଅଫିସର ମୋ ସହିତ ଥିଲେ । ମୁଁ ପାଞ୍ଚ ଛଅ ଘଣ୍ଟା ବିଭିନ୍ନ ଅଞ୍ଚଳରେ ବୁଲିଲି ଏବଂ ହଜାର ହଜାର ଲୋକଙ୍କ ସହିତ ସେମାନଙ୍କ ସମସ୍ୟା ଆଲୋଚନା କଲି । ମୁଁ ସେମାନଙ୍କୁ ଲୋକମାନଙ୍କୁ ଉତ୍ତେଜିତ ନ କରିବା ପାଇଁ ଏବଂ ହିଂସାକାଣ୍ଡରେ ଯୋଗ ନ ଦେବା ପାଇଁ ବୁଝାଇ ପ୍ରବର୍ତ୍ତାଇବା ପାଇଁ କହିଲି । ଲୋକମାନେ ଅବାଧରେ ମୋ ସହିତ ସେମାନଙ୍କର ସମସ୍ୟା ଆଲୋଚନା କଲେ । ହିନ୍ଦୁ ମୁସଲମାନ ଉଭୟ ବହୁ ସଂଖ୍ୟାରେ ମୋତେ ସାକ୍ଷାତ କରିଥିଲେ । ସହରରେ ଆତଙ୍କ କମ୍ ହୋଇଗଲା ଏବଂ ସାରାଦିନ ଦଙ୍ଗା ହୋଇ ନଥିଲା । ପରଦିନ ଠାରୁ ପୁଲିସ ସାଧାରଣ ଭାବରେ କାମ କଲେ ।

ପୂନା ଫେରି ମୁଁ ବାପୁଙ୍କୁ ସମସ୍ୟାର ସମ୍ମୁଖୀନ ହୋଇଥିବା ସମସ୍ତ ବିଷୟ ବର୍ଣ୍ଣନା କଲି । ମୁଁ ଯାହା କରି ପାରିଥିଲି ସବୁ କହିଲି । ସେ ମତେ ସଙ୍ଗେ ସଙ୍ଗେ କହିଲେ ଯେ ସେ ପରିସ୍ଥିତିରେ ମୁଁ ଯାହା କରିଛି ସେ ସେଥିରେ ସନ୍ତୁଷ୍ଟ ।

ଅହମଦାବାଦରୁ ଆସିବାର ଆଠ ଦଶଦିନ ପରେ ଦିନେ ବାପୁ ମତେ ଡାକି ପଚାରିଲେ ଯେ ସେ ଦେଇଥିବା ନିର୍ଦ୍ଦେଶ ମତେ ଦେଇ ନଥାନ୍ତେ ବୋଲି ମୁଁ ଅନୁଭବ କରିଥିଲି କି ? ସେଇ ନିର୍ଦ୍ଦେଶ ସକାଶେ ମୁଁ ମୋର ସାହସ ହରାଇଥିଲି କି ? ମୁଁ ବାପୁଙ୍କୁ ଯେତେବେଳେ ପଚାରିଲି ସେ କାହିଁକି ମୋତେ ଏ ପ୍ରଶ୍ନକଲେ ସେ କହିଲେ ଶ୍ରୀ ମାଭ୍‌ଲଙ୍କର୍‌ଙ୍କ ସମେତ କେତେକ ସହକର୍ମୀ ମୁଁ ଦେଇଥିବା ନିର୍ଦ୍ଦେଶରେ ତ୍ରୁଟି ବାହାର କରିଥିଲେ । ସେମାନେ ଜୋରରେ ଯୁକ୍ତି କରିଥିଲେ ଯେ ମୋର ଉପଦେଶ ରାଜ୍ୟର ଘରୋଇ ମନ୍ତ୍ରୀଙ୍କ ମନକୁ ଦୁର୍ବଳ କରିଦେଇଛି ଏବଂ ଜନସାଧାରଣଙ୍କ କ୍ଷତି ଘଟାଇଛି । ମୁଁ ବାପୁଙ୍କୁ କହିଲି ଯେ ମୁଁ ଏହି ସହକର୍ମୀଙ୍କ ମତ ସହିତ ଏକମତ ନୁହେଁ । ଆପଣ ମୋତେ ଉପଯୁକ୍ତ ଉପଦେଶ ଦିଅନ୍ତୁ ବୋଲି ମୋର ଇଚ୍ଛା, ବିଶେଷତଃ ଯେତେବେଳେ ମୁଁ ଆପଣଙ୍କୁ ଅନୁରୋଧ କରେ । ମୁଁ ଯଦି ସେଇ ଉପଦେଶାନୁସାରେ କାମ କରିବାକୁ ଅକ୍ଷମ ହେବି, ତେବେ ଆପଣଙ୍କୁ ସେ କଥା କହିବା ମୋର କର୍ତ୍ତବ୍ୟ । ମୁଁ ଭଲକରି ଜାଣେ ଯେଉଁ କାମ କରିବା ମୋ ବିଚାରରେ ଅସମ୍ଭବ ଆପଣ ସେ କାମ କରିବାକୁ ମୋତେ ବାଧ କରିବେ ନାହିଁ । ଆପଣ ଯଦି ମୋତେ ଆପଣଙ୍କର ସୁବିଚାର ଉପଦେଶ ନ ଦିଅନ୍ତି ତା ହେଲେ ଆପଣଙ୍କ ପରାମର୍ଶ ପାଇଁ ଅନୁରୋଧ କରିବା ନିରର୍ଥକ ହେବ । ମୁଁ ଆପଣଙ୍କୁ ମୋ ଉପଦେଶଦାତା ଓ ପଥ ନିର୍ଦ୍ଦେଶକ ରୂପେ ଦେଖେ ଏବଂ ଆପଣ ଅକୁଣ୍ଠିତ ମନରେ ମତେ ଉପଦେଶ ଦେବେ । ଆପଣ ମୋତେ ଉପଦେଶ ଦେବା ବନ୍ଦ କଲେ, ମୋ ପ୍ରତି ଅନ୍ୟାୟ ହେବ । ବାପୁ ସନ୍ତୁଷ୍ଟ ହେଲେ ଓ ବଂଧୁମାନଙ୍କ ଦ୍ୱାରା ଜାତ ହୋଇଥିବା ସନ୍ଦେହ ଦୂର ହେଲା ।

ଗୋଷ୍ଠୀ କଳହ ଦୁଇଦିନରେ ବନ୍ଦ ହୋଇଗଲା କିନ୍ତୁ ତା ପରେ ଅନେକ ଦିନ ଯାଏ କାଁ ଭାଁ ଛୁରିକାଘାତ ଘଟଣା ଲାଗିରହିଥିଲା । କେତେକ ହିନ୍ଦୁ ମୋ କୁଶ ପୁତୁଳା ଦାହ କରିଥିଲେ । ଅନେକ କଂଗ୍ରେସ କର୍ମୀ ଅସନ୍ତୁଷ୍ଟ ହୋଇଥିଲେ ଯେ ମୁଁ ମୁସଲମାନଙ୍କ ବିରୁଦ୍ଧରେ କିଛି କାର୍ଯ୍ୟାନୁଷ୍ଠାନ କରିଲି ନାହିଁ । ଦୁଇ ସମ୍ପ୍ରଦାୟଙ୍କ ବିରୁଦ୍ଧରେ ସମାନ ଭାବରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବା ତାଙ୍କୁ ଭଲ ଲାଗିଲା ନାହିଁ । ସେମାନେ ନିଶ୍ଚୟ ସର୍ଦ୍ଦାର ସାହେବଙ୍କୁ ଅଭିଯୋଗ କରିଥିଲେ, ତେଣୁ ସେ ଚିନ୍ତିତ ଓ ଦୁଃଖିତ ଥିଲେ । ଏ ବିଷୟରେ ମୋ ସହିତ ଆଲୋଚନା କରି ସେ କହିଲେ ଯେ ଏପରିସ୍ଥିତିରେ ଶକ୍ତ ପଦକ୍ଷେପ ନେବା ଉଚିତ୍ ।

Digitized by srujanika@gmail.com

ସର୍ଦ୍ଦାର ସାହେବଙ୍କୁ ମୁଁ ନିଜେ ବୁଝାଇ କହିଲି, ''ଯେତେବେଳେ ଦୁଇ ସମ୍ପ୍ରଦାୟ ପରସ୍ପରକୁ ଆକ୍ରମଣ କରନ୍ତି ଦୁହିଁଙ୍କୁ ଶକ୍ତିର ସହିତ ଶାସନ କରିବା ଉଚିତ । ସେପରି ସ୍ଥଳେ କିଏ ବାଦୀ ଓ କିଏ ପ୍ରତିବାଦୀ ସ୍ଥିର କରିବା ଅସମ୍ଭବ । ଯଦି ସେମାନଙ୍କ ମଧ୍ୟରୁ ଜଣେ ପ୍ରତିଶୋଧ ନେବା ମନୋବୃତ୍ତି ଛାଡିଦିଏ ତେବେ ସରକାରଙ୍କ ପକ୍ଷରେ ଶାନ୍ତି ପ୍ରତିଷ୍ଠା କରିବା ସହଜ ହେବ କିନ୍ତୁ ଲୋକମାନେ ଆଇନ ନିଜ ହାତକୁ ନେଲେ ସରକାର ସେଥିରେ ଯୋଗଦେଇ ପାରିବେ ନାହିଁ । ଏ କ୍ଷେତ୍ରରେ ମୁଁ କଂଗ୍ରେସ ପଲିସି ଯାହା ବୁଝିଛି ସେହି ହିସାବରେ ପଦକ୍ଷେପ ନେଉଛି । ହୋଇପାରେ ମୋ କାମରେ ତ୍ରୁଟି ଥାଇପାରେ ବା ସମସ୍ୟା ବୁଝିବାରେ ଭୁଲ ହୋଇପାରେ । ମୁଁ ଆପଣଙ୍କୁ ଅନୁରୋଧ କରୁଛି ଆପଣ ଅହମଦାବାଦ ଯାଆନ୍ତୁ, ମୁଁ ଜିଲା ମାଜିଷ୍ଟ୍ରେଟ ଓ ଡି.ଏସ୍.ପି.ଙ୍କୁ କହିବି ଆପଣଙ୍କ ଆଦେଶ ମାନିବାକୁ । ଆପଣ ପ୍ରକୃତ ଅବସ୍ଥା ଜାଣିପାରିବେ ଓ ମୋ କାମରେ ଦୋଷ ବାହାର କରିବେ ନାହିଁ ।''

ସର୍ଦ୍ଦାର ସାହେବ ମୋ ପ୍ରସ୍ତାବ ଗ୍ରହଣ କଲେ ନାହିଁ । ତା'ପରେ ମୁଁ ପୁଣି ଅହମଦାବାଦ ଯାଇ କଂଗ୍ରେସ ହାଉସରେ ସମସ୍ତ ବିଷୟ ମୋ ସହକର୍ମୀଙ୍କ ସହ ଭଲଭାବେ ଆଲୋଚନା କଲି । ମୋ ବକ୍ତବ୍ୟ ବୁଝାଇବାକୁ ଯାଇ କହିଲି, ''ମୁଁ ଏକାମ ଅନ୍ୟ କୌଣସି ପ୍ରକାର କରିପାରି ନଥାନ୍ତି । ଯଦି ଆପଣମାନେ ଭାବୁଛନ୍ତି ମୁଁ କର୍ତ୍ତବ୍ୟ ଠିକ୍ ଭାବେ କରିବାରେ ଅବହେଳା କରିଛି ଏବଂ ମୁଁ ଦୁର୍ବଳ, ତେବେ ମୁଁ ଇସ୍ତଫା ଦେଉଛି ଓ ବମ୍ବେ ଫେରିଯିବି ନାହିଁ । ଆପଣ ଚାହିଁଲେ ମୁଁ ଇସ୍ତଫା ସାଙ୍ଗେ ସାଙ୍ଗେ ଦେବି କିନ୍ତୁ ଯଦି ଆପଣମାନେ ଚାହାନ୍ତି ମୁଁ ମନ୍ତ୍ରୀମଣ୍ଡଳରେ ରହେ ତେବେ ମତେ ବିଶ୍ୱାସ ଓ ସାହାଯ୍ୟ କରନ୍ତୁ । ଭବିଷ୍ୟତରେ ଯଦି ଆପଣମାନେ ଅମୂଳକ ସମାଲୋଚନା କରନ୍ତି,ତେବେ ଆପଣମାନେ ମତେ ବାଧ୍ୟ କଲେ ମଧ୍ୟ ମୁଁ ମନ୍ତ୍ରୀମଣ୍ଡଳରେ ରହବି ନାହିଁ ।''

ମୋର କେହି ସାଙ୍ଗ ଓ ସହକର୍ମୀଙ୍କର ମୋ ପ୍ରତି ବୈରଭାବ ନ ଥିଲା । କିନ୍ତୁ ସେମାନେ ଯାହା କହିଲେ ସେଥିରେ ନିରାଶାବାଦ ଦେଖାଯାଉଥିଲା । ସେମାନେ ମତେ ଆଶ୍ୱାସନା ଦେଲେ ଯେ ସେହି ଦିନ ଠାରୁ ମୋ ନିର୍ଦ୍ଦେଶାନୁସାରେ କାମ କରିବେ । ମୁଁ ଉଭୟ ହିନ୍ଦୁ ଓ ମୁସଲମାନମାନଙ୍କୁ କହିଲି ସେମାନଙ୍କୁ କେହି ଆକ୍ରମଣ କଲେ ସେମାନେ ପ୍ରତିଶୋଧମୂଳକ ଆକ୍ରମଣ ନ କଲେ ମୁଁ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ତୁରନ୍ତ ବନ୍ଦୋବସ୍ତ କରିବି । କିନ୍ତୁ କୌଣସି ପକ୍ଷ ପ୍ରତିଶୋଧ ବନ୍ଦ କରିବା ପାଇଁ ମତେ ଆଶ୍ୱାସନା ଦେଲେ ନାହିଁ । ମୁଁ ମୋ ଅହମଦାବାଦ ଘରକୁ ଯାଇ ପାଞ୍ଚଜଣ ବିଶିଷ୍ଟ କଂଗ୍ରେସ କର୍ମୀଙ୍କୁ ଡକାଇ ସ୍ପଷ୍ଟଭାବେ କହିଲି, ''ଆପଣମାନେ ପ୍ରତିଶୋଧ ମୂଳକ କାମ ବନ୍ଦୋବସ୍ତ କରିବାକୁ କେତେଜଣଙ୍କୁ ଟଙ୍କା ଦେଉଛନ୍ତି । ତଦ୍ୱାରା ଶାନ୍ତି ଫେରାଇ ଆଣିବାରେ ବାଧା ସୃଷ୍ଟି ହେଉଛି । ଆପଣମାନେ ଯାହା କରୁଛନ୍ତି ତା ନିହାତି ଭୁଲ କାମ, କାରଣ ଅନ୍ୟ ସ୍ଥାନରେ ଜଣେ ହିନ୍ଦୁକୁ ଜଣେ ମୁସଲମାନ ଆକ୍ରମଣ କଲେ ଆପଣଙ୍କ ଏଠାରେ ମୁସଲମାନଙ୍କୁ ଆକ୍ରମଣ କରିବା କେହି ନ୍ୟାୟୋଚିତ ବୋଲି କହିବେ ନାହିଁ । ଆପଣମାନେ ପ୍ରତିଶୋଧମୂଳକ ଆକ୍ରମଣ ବନ୍ଦ କରିବା ଉଚିତ । ଆପଣମାନେ ଏ କାମ ବନ୍ଦ କରିବାକୁ ପ୍ରତିଜ୍ଞା ନ କଲେ ମୁଁ ଆପଣମାନଙ୍କୁ ଜେଲ ପଠାଇବି କିନ୍ତୁ ଯଦି ଆପଣମାନେ ଆଶ୍ୱାସନା ଦିଅନ୍ତି ଯେ ପ୍ରତିଶୋଧମୂଳକ କାମ ଆୟୋଜନ କରିବା ବନ୍ଦ କରିବେ ଓ କାହାକୁ ଏପରି କାମ କରିବାକୁ ଉତ୍ସାହ କରିବେ ନାହିଁ ତେବେ ମୁଁ ଅହମଦାବାଦ ନଗରରେ ସାତ ଆଠ ଦିନ ମଧ୍ୟରେ ଶାନ୍ତି ଫେରାଇ ଆଣିବି ।'' ଏଇ ବନ୍ଧୁମାନେ ମୋ ଉପଦେଶ ଗ୍ରହଣ କଲେ ଓ ତଦନୁଯାୟୀ କାମ କଲେ । ମୋ ଯିବାର ସାତଦିନ ମଧ୍ୟରେ ଦଙ୍ଗା ବନ୍ଦ ହୋଇଗଲା ଓ କାଁ ଭାଁ ହିସାତ୍ମକ ଘଟଣା ଆଉ ଘଟିଲା ନାହିଁ ।

ଅହମଦାବାଦରେ ଘଟିଥିବା ସାମ୍ପ୍ରଦାୟକ ଗଣ୍ଡଗୋଳ ବେଳେ ସବୁଠାରୁ ଗୋଟିଏ ମର୍ମନ୍ତୁଦ ଘଟଣା ୧୯୪୬ ଜୁଲାଇ ୧ରେ ଘଟିଥିଲା । ବସନ୍ତ ରାଓ ହେଗିଷ୍ଟେ ଓ ରଜାବ ଅଲୀ ଆମର ଦୁଇଜଣ ଉତ୍ସାହୀ ଯୁବ କର୍ମୀ, ସେବାଦଳ ସ୍ୱେଚ୍ଛାସେବୀ, ହିନ୍ଦୁ ମୁସଲମାନ ଏକତା ପାଇଁ ନିଜକୁ ଉତ୍ସର୍ଗ କରି ଦେଇଥିଲେ । ସେମାନେ

Digitized by srujanika@gmail.com

ସତ୍ୟାଗ୍ରହୀ ହିସାବରେ ଜମାଲପୁର ଅଞ୍ଚଳରେ ଦଙ୍ଗାରେ ହସ୍ତକ୍ଷେପ କରି ଗୋଳମାଳ ବନ୍ଦ କରିବାକୁ ଯାଇଥିଲେ କିନ୍ତୁ ସେଠାରେ ସେମାନଙ୍କୁ ହତ୍ୟା କରାଯାଇଥିଲା । ହିନ୍ଦୁ ମୁସଲମାନ ଏକତା ପାଇଁ ସେମାନେ ପ୍ରାଣବଳୀ ଦେଇଥିଲେ । ଏହା ଶାନ୍ତି ପ୍ରତିଷ୍ଠା ଦିଗରେ କିଛି ସାହାଯ୍ୟ କରିଥିଲା । କିଛିବର୍ଷ ପରେ ଆମେ ସେଇ ଦୁଇ ଜଣ ଶହୀଦଙ୍କ ସ୍ମୃତିରେ ଅହମଦାବାଦ ନଗରରେ ସେବାଦଳ ସ୍ୱେଚ୍ଛାସେବକଙ୍କ ପାଇଁ ବସନ୍ତ ରଜାବ ଆକାଡେମୀ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କଲୁ ।

ଏଇ ସମୟରେ ବମ୍ବେ ସହରରେ ମଧ୍ୟ ଗଣ୍ଡଗୋଳ ହୋଇଥିଲା । ମୁଁ ସେଠାରେ ମଧ୍ୟ ଶକ୍ତ ପଦକ୍ଷେପ ନେଇଥିଲି, ତଥାପି ଛୁରୀକାଘାତ ଘଟଣା ଘଟୁଥିଲା । ଏହି କାଁ ଭାଁ ଘଟଣା ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବା ଉଚିତ ବୋଲି ମୋ ମନରେ ସନ୍ଦେହ ନ ଥିଲା । ମୁଁ ପୁଲିସ କମିଶନରଙ୍କୁ ଡକାଇ କହିଲି ଯେ ଦଙ୍ଗା ବନ୍ଦ କରିବା ତାଙ୍କର ଦାୟିତ୍ୱ । ତେଣୁ ଏ ଘଟଣା ସମ୍ପୂର୍ଣ୍ଣ ରୂପେ ବନ୍ଦ ନ ହେଲେ ମୁଁ ଏହା ତାଙ୍କର କର୍ତ୍ତବ୍ୟରେ ବିଫଳତା ଓ ଦୁର୍ବଳତା ବୋଲି ଭାବିବି । ପୁଲିସ କମିଶନର କହିଲେ ଯେ ଏତେ ବଡ ସହରରେ ଏତେ ଶୀଘ୍ର ଏହା ବନ୍ଦ କରିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ । ସେ ଉତ୍ତରରେ ମୁଁ ବିରକ୍ତ ହେଲି, କହିଲି ଯେ ସହରରେ ଶାନ୍ତି ପ୍ରତିଷ୍ଠା ପାଇଁ ସେ ସମ୍ପୂର୍ଣ୍ଣ ବନ୍ଦୋବସ୍ତ କରି ନ ଥିବାରୁ ଏପରି ଦୁର୍ଘଟଣା ଘଟୁଛି ବୋଲି ମୋର ହୃଦବୋଧ ହୋଇଛି । ତା'ପରେ ମୁଁ ଗଭର୍ଣ୍ଣରଙ୍କ ସହିତ ସାକ୍ଷାତ କରି କହିଲି ଯେ ଏହି ପୁଲିସ କମିଶନରଙ୍କ ସାହାଯ୍ୟରେ ସହରରେ ଶାନ୍ତି ପ୍ରତିଷ୍ଠା କରିବା କଷ୍ଟସାଧ୍ୟ । ତେଣୁ ତାଙ୍କୁ ଏ ପଦବୀରୁ ଦୂର କରିବା ଉଚିତ । ଗଭର୍ଣ୍ଣର ମୋତେ କମିଶନର ଜଣକ ସୁଦକ୍ଷ ଏବଂ ଉତ୍ତମ ପୋଲିସ ଅଫିସର ଏବଂ ତାଙ୍କୁ ବାହାର କରିଲେ କିଛି ଲାଭ ହେବ ନାହିଁ କହି ତାଙ୍କୁ ନ ବଦଳାଇବା ପାଇଁ ମୋତେ ପ୍ରବର୍ତ୍ତାଇଲେ । ମୁଁ ତାଙ୍କୁ ବାଧ୍ୟ କରିବାରୁ ସେ କିଛି ଉତ୍ତର ଦେଲେ ନାହିଁ । ତାର ତୁରନ୍ତ ପରେ, ଘରେ କାମଥିବାରୁ ସେ ଛୁଟିରେ ଗଲେ । ତାଙ୍କ ପରେ ଅସ୍ଥାୟୀ ଗଭର୍ଣ୍ଣର ମୋତେ କହିଲେ ଯେ ଅସ୍ଥାୟୀ ଗଭର୍ଣ୍ଣର ହିସାବରେ ଏତେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ତାଙ୍କ ପକ୍ଷରେ ଠିକ୍ ହେବ ନାହିଁ । ତେଣୁ ସ୍ଥାୟୀ ଗଭର୍ଣ୍ଣର ଛୁଟିରୁ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ । ଛୁଟିରୁ ଫେରିବା ଦିନ ମୁଁ ସ୍ଥାୟୀ ଗଭର୍ଣ୍ଣରଙ୍କ ସହିତ ସାକ୍ଷାତ କରି କହିଲି "ମୁଁ ଆଉ ଧୈର୍ଯ୍ୟ ଧରି ରହିପାରିବି ନାହିଁ ଏବଂ ସରକାରଙ୍କୁ ଅତିଶୀଘ୍ର କଠିନ ପଦକ୍ଷେପ ନେବାକୁ ହେବ । ଆପଣଙ୍କୁ ତୁରନ୍ତ ନିଷ୍ପତ୍ତି ନେବାକୁ ହେବ ଓ ନିଷ୍ପତ୍ତି ନେବା ପାଇଁ ଆପଣଙ୍କ ଆଗରେ ଦୁଇଟି ପ୍ରସ୍ତାବ ଅଛି । ତାହାହେଲା କମିଶନର ଯାଆନ୍ତୁ ନତୁବା ମୁଁ ମନ୍ତ୍ରୀପଦରୁ ଇସ୍ତଫା ଦେବି । ମୁଁ ଏହି ପୁଲିସ କମିଶନଙ୍କ ସହିତ କାମ କରିପାରିବି ନାହିଁ ।" ସେ ସମୟରେ ଏପରି ପରିସ୍ଥିତିରେ ଗଭର୍ଣ୍ଣରଙ୍କର ବିଶେଷ କ୍ଷମତା ଥିଲା । ସେଇଥି ପାଇଁ ତାଙ୍କର ମତ ନେବା ମୋର ଦରକାର ଥିଲା । ଗଭର୍ଣ୍ଣରଙ୍କୁ ମୋ ସହିତ ଏକମତ ହେବାକୁ ପଡିଲା ଓ ପୋଲିସ କମିଶନରଙ୍କୁ ଅବସର ଦିଆଗଲା । ବରିଷ୍ଠତା ଅନୁସାରେ ମୁଁ ଆଉଜଣେ ଇଂରେଜୀ ବ୍ୟକ୍ତିଙ୍କୁ କମିଶନର ପଦରେ ନିଯୁକ୍ତି ଦେଲି । ମୁଁ ତାଙ୍କୁ ସାବଧାନ କରାଇଦେଲି ଯେ ଏଇ କାଁ ଭାଁ ଦୁର୍ଘଟଣା ବନ୍ଦ ନ ହେଲେ ତାଙ୍କୁ ମଧ୍ୟ ଅବସର ନେବାକୁ ହେବ । ନୂଆ କମିଶନର ମୋତେ କହିଲେ ଯେ ସେ ସାତଦିନ ମଧ୍ୟରେ ବନ୍ଦକରି ନପାରିଲେ ସେ ନିଜେ ସ୍ୱଇଚ୍ଛାରେ ଅବସର ନେବେ ଏବଂ ସାତଦିନରେ ଏପରି ଘଟଣା ସଂପୂର୍ଣ୍ଣ ଭାବେ ବନ୍ଦ କରିବାକୁ ସେ ସକ୍ଷମ ହୋଇଥିଲେ ।

ବମ୍ବେ କ୍ୟାଡରର ଜଣେ ବେଶ୍ ବରିଷ୍ଠ ପୁଲିସ ଅଫିସର କେନ୍ଦ୍ରରେ କାମ୍ କରୁଥିଲେ । ଅବସର ନେଇଥିବା ପୁଲିସ ଅଫିସରଙ୍କ ସେ ବଂଧୁଥିଲେ । ତେଣୁ ତାଙ୍କୁ ସୁରକ୍ଷା ଦେଉଥିଲେ । ସେ ସର୍ଦ୍ଦାରଙ୍କୁ କହିଥିଲେ ଯେ ମୁଁ ଗୃହ ମନ୍ତ୍ରୀ ଥିବା ପର୍ଯ୍ୟନ୍ତ ଦଙ୍ଗା ବନ୍ଦ ହେବ ନାହିଁ । ମୁଁ ସର୍ଦ୍ଦାର ସାହେବଙ୍କ ଠାରୁ ଏକଥା ଜାଣିଲି । ମୁଁ ଏ ଖବର ପାଇବାର ପରଦିନ ଏଇ ପୁଲିସ ଅଫିସର ମତେ ସାକ୍ଷାତ କରିବାକୁ ଆସିଥିଲେ । ସେ ବେଶ୍ ବିନୟ ଭାବ ଦେଖାଉଥିଲେ । ମୁଁ ପଚାରିଲି ସେ ମୋ ବିଷୟରେ ସର୍ଦ୍ଦାର ସାହେବଙ୍କୁ କିଛି କହିଛନ୍ତି କି ? ସେ ବମ୍ବେ କ୍ୟାଡରରେ ଥିବାରୁ ଏପରି ପ୍ରଶ୍ନ କରିବାର ମୋର ଅଧିକାର ଥିଲା । ଅଫିସର ଜଣକ ସମସ୍ତ ସାହସ

Digitized by srujanika@gmail.com

ହରାଇବସିଲେ । ସେ ମନା କରି ପାରିଲେ ନାହିଁ କିନ୍ତୁ ନିଜକୁ ରକ୍ଷା କରିବା ପାଇଁ ଗ୍ରହଣ ଅଯୋଗ୍ୟ କାରଣ ଦର୍ଶାଇଲେ । ମୁଁ ତାଙ୍କୁ କହିଲି ତାଙ୍କ "କାରଣ"ରେ କୌଣସି ଶକ୍ତିନାହିଁ । ଏବଂ ସେ ପୁଣି ଏପରି ବ୍ୟବହାର ଦେଖାଇଲେ ତାଙ୍କୁ ଚାକିରୀରୁ ବରଖାସ୍ତ କରି ଦିଆଯିବ । ଏପରି ସିଧା କଥା ଶୁଣି ଅଫିସର ଜଣକ ଅବାକ୍ ହୋଇଗଲେ ଏବଂ ତୁରନ୍ତ ପରେ ଅବସର ନେଲେ ।

୧୯୪୬ରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଢ଼ିବା ବେଳେ ଆମେ ବିଶ୍ୱାସ କରୁଥିଲୁ ଯେ ମୃତ୍ୟୁଦଣ୍ଡ ଏକ ଅମାନୁଷିକ ଦଣ୍ଡ ଅଟେ ତେଣୁ ଏ ଦଣ୍ଡ ପ୍ରତ୍ୟାହାର କରିନେବା ଉଚିତ୍ । ଏଇ ଉଦ୍ଦେଶ୍ୟରେ ଆମେ ଡ୍ରାଫ୍ଟ୍ ବିଲ୍ ତିଆରି କରୁଥିଲୁ । ଏ ଦିଗରେ ପ୍ରକୃତ ପଦକ୍ଷେପ ନେବା ପୂର୍ବରୁ ସେପ୍ଟେମ୍ବର ମାସରେ ସାଂଘାତିକ ସାମ୍ପ୍ରଦାୟିକ ଦଙ୍ଗା ଦେଖା ଦେଲା । ସେଇ କାରଣରୁ ଆମେ ମୃତ୍ୟୁଦଣ୍ଡ ଉଠାଇ ଦେବା ଉଦ୍ୟମରୁ ନିବୃତ୍ତ ହେଲୁ । ଦଙ୍ଗା ହଙ୍ଗାମାରେ ଯୋଗ ଦେଉଥିବା ବ୍ୟକ୍ତିଙ୍କୁ ଏ ଦୁଷ୍କର୍ମରୁ ନିବୃତ୍ତ କରିବା ପାଇଁ ଆମେ ଭାବିଲୁ ମୃତ୍ୟୁ ଦଣ୍ଡର ଆବଶ୍ୟକତା ଅଛି । ଆମେ ଆଉ ଗୋଟିଏ ଆଇନ ପ୍ରଣୟନ କଲୁ । ସେଥିରେ ସାମ୍ପ୍ରଦାୟିକ ଗଣ୍ଡଗୋଳ ସମୟରେ, ନୀରିହ ଲୋକକୁ ଛୁରାଘାତରେ, ନୀରିହ ଲୋକଟି ମରୁ ବା ନ ମରୁ, ଘାତକକୁ ପ୍ରାଣଦଣ୍ଡର ବ୍ୟବସ୍ଥା ରଖାଯାଇଥିଲା । ଆମକୁ 'ଚାବୁକ' ଦଣ୍ଡ ଭଲ ଲାଗୁନଥିଲା କିନ୍ତୁ ଆମେ ସ୍ଥିରକଲୁ ଯେ ଗଣ୍ଡଗୋଳ କାରୀଙ୍କ ବିରୁଦ୍ଧରେ ଏ ଦଣ୍ଡର ମଧ୍ୟ ଉପଯୋଗ କରାଯିବା ଉଚିତ୍ ।

ମୋର କେତେଜଣ ମନ୍ତ୍ରୀପରିଷଦ ବଂଧୁମାନେ, କଠିନ କାର୍ଯ୍ୟକ୍ରମ ସତ୍ତ୍ୱେ, ଦଙ୍ଗା ଶୀଘ୍ର ବନ୍ଦ ନ ହେବାରୁ ଚିନ୍ତିତ ହୋଇପଡିଲେ । ସେମାନଙ୍କ ଚିନ୍ତାଧାରା ଏଠାରେ ବର୍ଣ୍ଣନା କରିବା ଉଚିତ ହେବ । ମୁଖ୍ୟମନ୍ତ୍ରୀ ବିଶେଷ କରି ବହୁତ ଚିନ୍ତିତ ଥିଲେ । ଅନେକ ସମୟରେ ଭୋରରୁ ଏହାର ସମାପ୍ତି ପାଇଁ ଆଲୋଚନା କରିବାକୁ ସେ ମତେ ଟେଲିଫୋନ କରୁଥିଲେ । ମୁଁ ତାଙ୍କୁ ବୁଝାଉଥିଲି ଯେ ଆମ କ୍ଷମତାନୁଯାୟୀ ଯଥାସମ୍ଭବ ପଦକ୍ଷେପ ଆମେ ନେଉଛୁ ଏବଂ ବ୍ୟସ୍ତ ହେଲେ ଅବସ୍ଥା ସୁଧୁରିବ ନାହିଁ । ତାଙ୍କ ମନକୁ ଆଉକିଛି ଉପାୟ ଆସିଲେ ମତେ କହିବାକୁ ମୁଁ ତାଙ୍କୁ ଅନୁରୋଧ କଲି ।

ଥରେ ମନ୍ତ୍ରୀମାନଙ୍କ ସଭାରେ ଏ ବିଷୟ ଆମେ ଆଲୋଚନା କରୁଥିଲୁ । କେତେକ ବଂଧୁମାନଙ୍କର ଅସ୍ପଷ୍ଟ ଧାରଣା ଥିଲା ଯେ ଆମେ ସମସ୍ତ ସମ୍ଭବ ପଦକ୍ଷେପ ନେଇ ନାହୁଁ ଏବଂ ଆହୁରି ଫଳପ୍ରଦ ବନ୍ଦୋବସ୍ତ କରାଯିବା ଉଚିତ୍ । ଏ ବିଷୟ ସମ୍ପୂର୍ଣ୍ଣ ରୂପେ ମୋ ଦାୟିତ୍ୱରେ କିନ୍ତୁ ମୋର ସାଙ୍ଗମାନଙ୍କର ମଧ୍ୟ ଯୁଗ୍ମ ଦାୟିତ୍ୱ ଅଛି । ସର୍ବସାଧାରଣରେ କଡା ସମାଲୋଚନା ଦୃଷ୍ଟିରୁ ସେମାନେ ଚିନ୍ତିତ ହେବା ସ୍ୱାଭାବିକ । ବେଳେ ବେଳେ ସେମାନେ ଭାବୁଥିଲେ ଯେ ଯେତେ ପ୍ରଚାର କରାଯିବା ଦରକାର ତାହା ଆମେମାନେ କରୁନାହୁଁ । ଏ ବିଷୟରେ ଆଲୋଚନା ବାରମ୍ବାର ବଢ଼ିବାରୁ ମୁଁ ମୋ ସାଙ୍ଗମାନଙ୍କୁ କହିଲି ଯେ ମୋର ଯଥାସମ୍ଭବ ଶକ୍ତି ଓ ବୁଦ୍ଧି ପ୍ରୟୋଗ କରି ମୁଁ କାମ କରୁଛି । ତା' ମାନେ ନୁହେଁ ଯେ ଆହୁରି ଉନ୍ନତ କାମ କରିବାର ଅବକାଶ ନାହିଁ । ମୁଁ କିନ୍ତୁ ସ୍ପଷ୍ଟ କରିଦେଲି, ଏହା ଅପେକ୍ଷା ଉନ୍ନତ ଧରଣର ପଦକ୍ଷେପ ମୋ ସୀମା ଭିତରେ ମୁଁ ଦେଖିପାରୁ ନାହିଁ, ସେମାନଙ୍କ ମନକୁ ଉନ୍ନତ ଉପାୟ ଆସିଲେ ମୁଁ ଧନ୍ୟବାଦ ସହକାରେ ତାହା ଗ୍ରହଣ କରିବି । ମୁଁ ମୋର କାର୍ଯ୍ୟ ଦାୟିତ୍ୱ ଇଚ୍ଛୁକ ଥିବା ସହକର୍ମୀଙ୍କୁ ଦେବାକୁ ପ୍ରସ୍ତୁତ ଥିଲି । ମୁଁ ଏହା ମଧ୍ୟ କହିଲି ଯେ ଯଦି କେହି ସହକର୍ମୀ ସମ୍ପୂର୍ଣ୍ଣ ଦାୟିତ୍ୱ ନ ନେଇ, କୌଣସି ବିଶେଷ ଏକ ଦାୟିତ୍ୱ ନେବାକୁ ଇଚ୍ଛା କରନ୍ତି ମୋର ତାଙ୍କୁ ସେ ଦାୟିତ୍ୱ ଅର୍ପଣ କରିବାରେ ଆଦୌ ସଙ୍କୋଚ ନାହିଁ । ମୋ ସହକର୍ମୀ ମାନେ ଚିନ୍ତିତ ଥିଲେ ସତ କିନ୍ତୁ ସମସ୍ୟାର ଉନ୍ନତ ସମାଧାନ ପାଇଁ ପ୍ରସ୍ତାବ ଦେଇପାରିବେ ନାହିଁ ବୋଲି ହୃଦୟଙ୍ଗମ କଲେ । ସେମାନେ ଶେଷରେ ମୋ କାର୍ଯ୍ୟକ୍ରମରେ ସନ୍ତୁଷ୍ଟ ବୋଲି ପ୍ରକାଶ କଲେ । ଦଙ୍ଗା ହଙ୍ଗାମା ଚିନ୍ତାଜନକ ହୋଇଥିବାରୁ ସେମାନେ ଏ ପ୍ରଶ୍ନ ଉଠାଇଥିଲେ । ସେମାନେ

Digitized by srujanika@gmail.com

ଅନୁଭବ କଲେ ଯେ ମୋ ପଛରେ ଏପରି ଲାଗି, ମତେ କେତେକ ପରିମାଣରେ ଦୁର୍ବଳ କରି ଦେଉଛନ୍ତି । ମୋ ଉପରେ ସେମାନଙ୍କର ପୂର୍ଣ୍ଣ ବିଶ୍ୱାସ ଅଛି ବୋଲି କହିଲେ ଓ ପରେ ଆଉ ଅଧୈର୍ଯ୍ୟ ଓ ଅସନ୍ତୋଷ ପ୍ରକାଶ କଲେ ନାହିଁ । ତାପରେ ଅତିଶୀଘ୍ର, ଆଗରୁ ବର୍ଣ୍ଣନା କରିଥିବା ପୋଲିସ୍ ଅଫିସରଙ୍କ ଅବସର ପରେ ଦଙ୍ଗା ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣାଧୀନ ହୋଇ ବନ୍ଦ ହୋଇଗଲା ।

ଏଇ ଗଣ୍ଡଗୋଳ ସମ୍ବନ୍ଧୀୟ ଶାନ୍ତି କମିଟି ସହିତ ମୋର ଗୋଟିଏ ବିଶେଷ ଅଭିଜ୍ଞତା ହୋଇଥିଲା । ଗଣ୍ଡଗୋଳ ସ୍ଥାନରେ ଦୁଇପକ୍ଷରୁ ସଭ୍ୟନେଇ ଶାନ୍ତି କମିଟି ଗଠନ କରିବା ଏକ ସାଧାରଣ ପ୍ରଥା ଥିଲା କିନ୍ତୁ ଏଇ ସଭ୍ୟମାନଙ୍କର ସାମ୍ପ୍ରଦାୟକ ମନୋଭାବ ଅଛିକି ନାହିଁ କେହି ଯତ୍ନର ସହିତ ଦେଖୁନଥିଲେ । ଫଳରେ କେତେକ ସମୟରେ ଦେଖା ଯାଉଥିଲା ଯେ ଏହି ସଭ୍ୟମାନେ ନିଜେ ନିଜ ସମ୍ପ୍ରଦାୟର ଲୋକମାନଙ୍କୁ ଗଣ୍ଡଗୋଳ କରିବାକୁ ଉତ୍ସାହିତ କରୁଛନ୍ତି, ସୁତରାଂ ଶାନ୍ତି ପ୍ରତିଷ୍ଠାରେ ବାଧା ଆସୁଛି । ଶାନ୍ତି କମିଟି ବେଶି କିଛି କାମର ନୁହେଁ ଦେଖି ମୁଁ ତାଙ୍କ ଉପରେ ନିର୍ଭର ନକରିବାକୁ ସ୍ଥିର କଲି ।

ଦଙ୍ଗାରେ ଯୋଗ ଦେଉଥିବା ଲୋକଙ୍କ ପାଇଁ ମୃତ୍ୟୁଦଣ୍ଡର ବ୍ୟବସ୍ଥାର ଉତ୍ତମ ପ୍ରଭାବ ପଡିଲା । ମୁଁ ଦେଖିଲି ଯେ ସ୍ଥାନୀୟ ଲୋକମାନଙ୍କ ଉଦାସୀନତା ଛୁରୀକାଘାତ ପାଇଁ ଆଂଶିକ ଭାବେ ଦାୟୀ ଏବଂ ବେଳେ ବେଳେ ସେମାନେ ଗଣ୍ଡଗୋଳକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଉତ୍ସାହିତ କରୁଛନ୍ତି । ହିନ୍ଦୁ ଅଞ୍ଚଳରେ ମୁସଲମାନଙ୍କୁ ଛୁରୀରେ ଆଘାତ କରାଯାଉଥିଲା ଓ ମୁସଲମାନ ଅଞ୍ଚଳରେ ହିନ୍ଦୁଙ୍କୁ । ମୁଁ ଭାବିଲି ଲୋକମାନେ ସାବଧାନ ରହି ଦିନରେ ଆଘାତ କରିବା ବେଳେ ଦୋଷୀକୁ ଧରିଲେ ଏପରି ଦୁର୍ଘଟଣା ଘଟିବ ନାହିଁ । ତେଣୁ ମୁଁ ସାମୂହିକ ଜୋରିମାନା ଆଦାୟ କରିବାକୁ ସ୍ଥିର କଲି । ଏଭଳି ଦୁର୍ଘଟଣା ଅଞ୍ଚଳରେ ମୁଁ ପଚାଶ ହଜାରରୁ ଦୁଇଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବସାଇଲି ଓ ସ୍ଥାନୀୟ ଲୋକମାନଙ୍କଠାରୁ ଏହା ଆଦାୟ କଲି । ଏଇ ଜୋରିମାନା ବିରୁଦ୍ଧରେ ଅଭିଯୋଗର ଝଡ଼ ସୃଷ୍ଟି ହେଲା । ସଂପୃକ୍ତ ଅଞ୍ଚଳର ଲୋକମାନେ ଯୁକ୍ତି କଲେ ଯେ ଦଙ୍ଗାରେ ତାଙ୍କର ହାତ ନଥିବାରୁ ଏ ଜୋରିମାନା ଅନ୍ୟାୟ ଓ ଅନୁଚିତ ଅଟେ । ମୁଁ ତାଙ୍କୁ ବୁଝାଇଲି ଯେ ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ହେଉଛି ଆଇନ ଭାଙ୍ଗିବା ବନ୍ଦ କରିବା ଓ ଶାନ୍ତି ପ୍ରତିଷ୍ଠାରେ ସକ୍ରିୟ ଭାଗନେବା । ଯଦି ସେମାନେ ସରକାରଙ୍କୁ ଆଶ୍ୱାସନା ଦିଅନ୍ତି ଯେ ସେମାନେ ସତର୍କ ରହିବେ ଏବଂ ଦୁଇବର୍ଷ ପର୍ଯ୍ୟନ୍ତ କୌଣସି ଦଙ୍ଗା ସେ ଅଞ୍ଚଳରେ ନ ହୁଏ, ତେବେ ମୁଁ ସେ ଅଞ୍ଚଳକୁ ସ୍ଥାନୀୟ ମଙ୍ଗଳ କାମ ପାଇଁ ଟଙ୍କାତକ ଫେରାଇ ଦେବି । ଏହା ଦ୍ୱାରା ଲୋକମାନେ ସାବଧାନ ରହିଲେ ଓ ଏପରି ଦୁର୍ଘଟଣା ଘଟିଲା ନାହିଁ । ପଦକ୍ଷେପ ସଫଳ ହେଲା ଓ ଆଦାୟ ହୋଇଥିବା ଜୋରିମାନା ସେ ଅଞ୍ଚଳର ଭଲକାମରେ ଲାଗିଲା ।

ଦଙ୍ଗା ସମୟରେ ଯେଉଁଠାରେ ନିଆଁଲାଗି ବା ଜାଣିଶୁଣି ସମ୍ପତ୍ତି ନଷ୍ଟ ହେଉଥିଲା ଆମେ ସେଠାର ପୀଡ଼ିତ ଲୋକଙ୍କୁ ସାମୂହିକ ଜୋରିମାନା ଆଦାୟ ହୋଇଥିବା ଅର୍ଥରୁ କ୍ଷତି ପୂରଣ ଦେଲୁ । ଯେଉଁ ସମ୍ପ୍ରଦାୟର ଲୋକମାନେ ଗଣ୍ଡଗୋଳରେ ଭାଗ ନେଉଥିଲେ ସେଇମାନଙ୍କ ଉପରେ ଏ ସାମୂହିକ ଜୋରିମାନା ବସା ଯାଉଥିଲା । ଏହା ଦ୍ୱାରା ପରିସ୍ଥିତିରେ ଉନ୍ନତି ଘଟିଲା ଓ ଅସାମାଜିକ ବ୍ୟକ୍ତିମାନଙ୍କୁ ଆୟତ୍ତ କରାଯାଇ ପାରିଲା । ସରକାରୀ କର୍ମଚାରୀମାନଙ୍କୁ ବିଶେଷତଃ ଜିଲ୍ଲା ମାଜିଷ୍ଟ୍ରେଟ ଓ ପୁଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ସାବଧାନ କରି ଦିଆଯାଇ କୁହା ଯାଇଥିଲା ଯେ ତାଙ୍କ ଅଞ୍ଚଳରେ ଦଙ୍ଗା ବିରୁଦ୍ଧରେ ଫଳପ୍ରଦ ପଦକ୍ଷେପ ନ ନେଲେ ସେମାନଙ୍କ ଉପଯୁକ୍ତ ଦଣ୍ଡ ଦିଆଯିବ । ଏଇ 'ସାବଧାନ ବାଣୀ' ଯୋଗୁ ଅଫିସରମାନେ ଯତ୍ନବାନ ହେଲେ ଏବଂ ଅସାମାଜିକ ବ୍ୟକ୍ତିଙ୍କ ବିରୁଦ୍ଧରେ ସତର୍କତାମୂଳକ କାର୍ଯ୍ୟାନୁଷ୍ଠାନ କରିଥିଲେ ।

Digitized by srujanika@gmail.com

୧୯୪୭ରେ ଦେଶ ବିଭାଜିତ ହେବା ଫଳରେ ଦୁଇଟି ସ୍ୱାଧୀନ ଦେଶ ସଂଘଠିତ ହେଲା; ଭାରତ ଏବଂ ପାକିସ୍ଥାନ । ଏହା ଫଳରେ ହିନ୍ଦୁ-ମୁସ୍ଲିମ-ଶିଖଙ୍କ ମଧ୍ୟରେ ଦଙ୍ଗା ସୃଷ୍ଟି ହୋଇ ଉତ୍ତର ଭାରତ, ବିହାର ଓ ବେଙ୍ଗଲରେ ହଣାମରା ଲାଗିଥିଲା । ଶିଖମାନେ ପାକିସ୍ଥାନରୁ ଭାରତକୁ ପଳାଇ ଆସିଲେ ଏବଂ ଅନେକ ମୁସ୍ଲିମ ଭାରତ ଛାଡି ପାକିସ୍ଥାନ ପଳାଇଗଲେ । ବମ୍ବେରେ ଦୃଢ଼ କାର୍ଯ୍ୟପନ୍ଥା ଅନୁସରଣ କରାଯାଇ ଥିବାରୁ ଦେଶ ବିଭାଜନ ବେଳେ ସେଠାରେ ଶାନ୍ତି ବଜାୟ ରହିଥିଲା ଏବଂ ସ୍ୱାଧୀନତା ପ୍ରାପ୍ତି ପରେ କୌଣସି ଅପ୍ରୀତିକର ଘଟଣା ଘଟି ନଥିଲା । ଏଇ ସମୟରେ ପଞ୍ଜାବ ଅନ୍ୟଭାଗରୁ ଦୁଇ ତିନିଜଣ ହିନ୍ଦୁ ନେତା ଆସି ମୋ ସହିତ ସାକ୍ଷାତ କରି ପଞ୍ଜାବ ଓ ବେଙ୍ଗଲରେ ହିନ୍ଦୁମାନଙ୍କ ଉପରେ କରାଯାଇଥିବା ଅତ୍ୟାଚାରର ପ୍ରତିଶୋଧ ନେବା ପାଇଁ ମୋତେ ପରାମର୍ଶ ଦେଲେ । ସେମାନେ ମୋତେ ଏପରି ଆୟୋଜନ କରିବାକୁ କହିଲେ ଯାହାଫଳରେ ମୁସଲମାନମାନେ ବମ୍ବେ ଛାଡି ପାକିସ୍ଥାନ ପଳାଇ ଯିବେ । ମୋ ମନରେ ସନ୍ଦେହ ନ ଥିଲା ଯେ ଯଦି କୌଣସି ସଂଖ୍ୟାଲଘୁ ଧର୍ମର ଲୋକ ଭାରତରେ ବିଶ୍ୱାସ ସହିତ, ସମାନ ଅଧିକାର ଆଧାରରେ ରହି ନ ପାରିବେ ତେବେ ତାହା ଭାରତର ସଭ୍ୟତା ଓ ସଂସ୍କୃତି ବିରୁଦ୍ଧରେ ଯିବ ଏବଂ ଏପରି ଅବସ୍ଥା ଆସିଲେ ଭାରତର ସର୍ବନାଶ ହେବ । ମୁଁ ଅନୁଭବ କଲି ଯେ ଏପରି ବାତାବରଣ ସୃଷ୍ଟି ହେବା କଥା ଯଦ୍ୱାରା କୌଣସି ମୁସଲମାନ ବମ୍ବେ ବା ଭାରତ ଛାଡି ଯିବାକୁ ଇଚ୍ଛା କରିବେ ନାହିଁ, ଏପରି ସ୍ଥଳେ ସେଇ ନେତାମାନଙ୍କ କଥା ଶୁଣି ମୁଁ ମର୍ମାହତ ହେଲି । ମୁଁ ଧୈର୍ଯ୍ୟ ସହକାରେ ଏବଂ ଉତ୍ତେଜିତ ନ ହୋଇ, ସେମାନଙ୍କୁ କହିଲି ଯେ ସେମାନେ ପ୍ରଥମ ଥର ପାଇଁ ମୋ ଠାରୁ ସହାନୁଭୂତି ପାଇବା ଆଶାରେ ଆସିଥିବାରୁ ମୁଁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରୁନାହିଁ । ସେମାନଙ୍କୁ ସାବଧାନ କରି କହିଲି, ଆଉ କେବେ ମୋ ସହିତ ଏଭଳି କଥାବାର୍ତ୍ତା କରିବାକୁ ଆସିବେ ନାହିଁ ଏବଂ ଆସିଲେ ମୁଁ ତାଙ୍କୁ ଜେଲ ପଠାଇ ଦେବି । ସେମାନେ ମୋ କଥା ଭଲକରି ବୁଝି ବମ୍ବେ ଛାଡି ପଳାଇଲେ ।

ଦଙ୍ଗା ପୂର୍ବରୁ ଓ ଦଙ୍ଗା ବେଳେ ଅସ୍ତ୍ର ସାଙ୍ଗରେ ନେବା ନିଷେଧାଦେଶ ଜାରି କରିଥିଲୁ । ତେଣୁ ସାଧାରଣ ସ୍ଥାନରେ କେହି ଖଣ୍ଡା ବା ବର୍ଚ୍ଛା ନେଇ ଯାଇପାରୁ ନଥିଲେ । ଶିଖମାନେ ସାଥିରେ 'କିର୍ପାଣ' ନେବା ଧର୍ମଗତ କର୍ତ୍ତବ୍ୟ ବୋଲି ବିଚାର କରୁଥିଲେ । ସାଧାରଣତଃ ଶିଖମାନେ ଖଣ୍ଡା ଧରି ବାହାରକୁ ଯିବା ଦେଖାଯାଉ ନଥିଲା । କିନ୍ତୁ ଯେତେବେଳେ ନିଷେଧାଦେଶ ଜାରିହେଲା ସେମାନେ କିର୍ପାଣସାଙ୍ଗରେ ନେବା ଅଧିକାରକୁ ଦୃଢ଼ ଭାବରେ ଘୋଷଣା କରିବାକୁ ଆରମ୍ଭ କଲେ । ମୁଁ ଭାବିଲି ଯେତେଦିନ ଯାଏ ଶାନ୍ତି ଭଗ୍ନ ହେବା ଆଶଙ୍କା ଅଛି, ମରଣାତ୍ମକ ଅସ୍ତ୍ର ସାଙ୍ଗରେ ନେବାର କାହାରି ଅଧିକାର ନାହିଁ ଏବଂ ଯଦି ଶିଖମାନଙ୍କୁ ଅନୁମତି ଦିଆଯାଏ ତେବେ ଅନ୍ୟମାନଙ୍କୁ ସେଥିରୁ ନିବୃତ୍ତ କରାଯାଇ ପାରିବ ନାହିଁ । ମୁଁ ତେଣୁ ସେମାନଙ୍କୁ ଦୃଢ଼ ଭାବରେ କହିଲି, ପ୍ରତିରୋଧ ଯାହା ହେଲେ ବି ଏଇ ପରିସ୍ଥିତିରେ ସେମାନଙ୍କୁ ଅସ୍ତ୍ର ସାଙ୍ଗରେ ନେବା ପାଇଁ ଅନୁମତି ଦିଆଯିବ ନାହିଁ । ମୁଁ ଆଶ୍ୱାସନା ଦେଇ କହିଲି ଯେ ପରିସ୍ଥିତିରେ ଉନ୍ନତି ହେଲେ ଯେ କୌଣସି ବ୍ୟକ୍ତି ଅସ୍ତ୍ର ସାଙ୍ଗରେ ନେବାରେ କୌଣସି ଆପତ୍ତି ରହିବ ନାହିଁ ।

ଦଙ୍ଗା ସମୟରେ ଯେତେବେଳେ ପୂରା ବାତାବରଣ ସରଗରମ ଥିଲା, କେତେକ ଶିଖ ଗୋଟିଏ ଆଶ୍ଚର୍ଯ୍ୟଜନକ ଯୋଜନା ତିଆରି କରିଥିଲେ । ସେମାନେ ଭାବିଲେ ବମ୍ବେରୁ ମୁସ୍ଲିମମାନେ ପାକିସ୍ଥାନକୁ ପଳାଇଲେ ହିନ୍ଦୁ ଓ ଶିଖମାନଙ୍କର ମଙ୍ଗଳ ହେବ । ସେମାନେ ମୁସ୍ଲିମମାନଙ୍କୁ ବମ୍ବେ ଛାଡିଯିବା ପାଇଁ ବାଧ୍ୟ କରିବାକୁ ଗୋଟିଏ ବିଚିତ୍ର ପନ୍ଥା ସ୍ଥିର କଲେ । ଯୋଜନାନୁଯାୟୀ ସେମାନେ ଦଶ ବାରଜଣ ଶିଖଙ୍କୁ ନେଇ ଗୋଟିଏ ଆତ୍ମଘାତୀ ଦଳ ତିଆରି କରି ସେମାନଙ୍କୁ ମୁସଲମାନ ବହୁଳ ଅଞ୍ଚଳକୁ ଗଣ୍ଡଗୋଳ ଉତ୍ତେଜିତ କରିବା ପାଇଁ ପଠାଇବେ । ତେଣୁ ମୁସଲମାନମାନେ ଆତ୍ମଘାତୀ ଦଳକୁ ଆକ୍ରମଣ କରିବେ ଏବଂ ସେମାନେ ଆକ୍ରମଣ

Digitized by srujanika@gmail.com

କଲେ ସରକାର ତାଙ୍କ ବିରୁଦ୍ଧରେ କାର୍ଯ୍ୟକ୍ରମ କରିବାକୁ ବାଧ୍ୟ ହୋଇ ସେମାନଙ୍କୁ ବମ୍ବେ ଛାଡି ପଳାଇ ଯିବାକୁ କହିବେ । ଏ ବିଷୟ ଜାଣିବା ପରେ ମୁଁ ଆଠ ଦଶଜଣ ଶିଖ ନେତାଙ୍କୁ ଡାକି ଏ ବିଷୟରେ କଥାବାର୍ତ୍ତା କଲି ଏବଂ ଦେଖିଲି ଯେ ସେମାନେ ଏ ଯୋଜନା ସମ୍ବନ୍ଧରେ କିଛି ଜାଣିନାହାନ୍ତି । ମୁଁ କହିଲି ଏପରି ଘଟଣା ଘଟିଲେ ଶିଖମାନଙ୍କର ବେଶି କ୍ଷତି ହେବ କାରଣ ସେମାନଙ୍କୁ ପ୍ରଥମେ ବମ୍ବେରୁ ବାହାର କରି ଦିଆଯିବ । ସେମାନଙ୍କୁ ଏପରି ସାବଧାନ କରିବାରୁ ସେମାନେ କହିଲେ ଯେ ଯଦି କୌଣସି ବ୍ୟକ୍ତି ଏପରି ଯୋଜନା କରିଥାଏ ତେବେ ସେମାନେ ତାହା କରାଇ ଦେବେ ନାହିଁ । ଏ ବାଟାଳ ଯୋଜନା ଏହିପରି ବ୍ୟର୍ଥ ହେଲା ।

(୨୬) ହୋମ ଗାର୍ଡର ଜନ୍ମ

ସାମ୍ପ୍ରଦାୟିକ ଦଙ୍ଗା ଓ ଧର୍ମଘଟ ବେଳେ ଆମ୍ଭେମାନେ ଅନୁଭବ କଲୁ ଯେ ଏଉଳି ପରିସ୍ଥିତିକୁ କେବଳ ପୁଲିସ ପକ୍ଷରେ ସଫଳତାର ସହ ମୁକାବିଲା କରିବା ସମ୍ଭବ ନୁହେଁ, ତେଣୁ ୧୯୪୬ ଡ଼ିସେମ୍ବର ମାସରେ ଆମେ ହୋମ ଗାର୍ଡ ବ୍ୟବସ୍ଥା ଆରମ୍ଭ କଲୁ । ପୋଲିସ ବ୍ୟବସ୍ଥା ଦୁର୍ଘଟଣା ଘଟିବା ପରେ ହିଁ କରାଯାଇ ପାରେ । ଯେଉଁ ପରିସ୍ଥିତିରୁ ଦଙ୍ଗା ସୃଷ୍ଟିହୁଏ, ପୁଲିସ ସେ ପରିସ୍ଥିତି ବନ୍ଦ କରିପାରିବ ନାହିଁ । ଯେତେଦିନ ପର୍ଯ୍ୟନ୍ତ ସମାଜ ଏ ପରିସ୍ଥିତିର ନିନ୍ଦା ଓ ତିରସ୍କାର ନ କରିବ ଏବଂ ଏହି ଉଦ୍ଦେଶ୍ୟରେ ଗୋଟିଏ ଶକ୍ତ ଅଣ-ଆନୁଷ୍ଠାନିକ ସଂସ୍ଥା ସଂଗଠନ ନ କରିବ, ଅସାମାଜିକ ଶକ୍ତିମାନେ ଲୋକମାନଙ୍କର ଦୁର୍ବଳତାର ସୁଯୋଗ ନେଇ ହିଂସାତ୍ମକ କାମରେ ଲାଗିବେ । ମୁଁ, ତେଣୁ, ଗୋଟିଏ ସଂସ୍ଥା ତିଆରି କରିବାକୁ ସ୍ଥିର କଲି ଯାହାଦ୍ୱାରା ଲୋକମାନେ ହିଂସାକାଣ୍ଡ ବନ୍ଦ କରିବା ପାଇଁ ସର୍ବଦା ସତର୍କ ରହିବେ ଏବଂ ସେପରି ଦୁର୍ଘଟଣା ଦବେଇବା ପାଇଁ ସରକାରଙ୍କ ସହିତ ସହଯୋଗ କରିବେ ।

ମୁଁ ସ୍ଥିର କଲି ଯେ ଏଇ ସଂସ୍ଥାରେ ଆଇନ ମାନୁଥିବା ନାଗରିକମାନେ ସଭ୍ୟ ହୋଇପାରିବେ ଓ ପ୍ରଶିକ୍ଷଣ ମଧ୍ୟ ନେବେ । ସେମାନେ ତାଙ୍କ ଅଞ୍ଚଳରେ ଶାନ୍ତି ରକ୍ଷା କରିବାକୁ ଚେଷ୍ଟା କରିବେ । ଯଦି କୌଣସି ଅସାମାଜିକ ଶକ୍ତି ଶାନ୍ତି ଭଙ୍ଗ କରନ୍ତି ତେବେ ସେମାନେ ସ୍ଥାନୀୟ ଲୋକଙ୍କ ସାହାଯ୍ୟ ନେବେ । ପୋଲିସ ଶାସନ ଏପରି ସହଯୋଗ ପାଇଲେ ସେମାନଙ୍କ ପକ୍ଷରେ ଶାନ୍ତି ପ୍ରତିଷ୍ଠା କରିବା ସହଜ ହେବ ।

ମୁଖ୍ୟମନ୍ତ୍ରୀ ମୋ ପ୍ରସ୍ତାବକୁ ସ୍ୱାଗତ କଲେ । ହୋମଗାର୍ଡ ତିଆରି ପାଇଁ ଏକ ଅଧ୍ୟାଦେଶ ଜାରି କରାଗଲା । ଗୋଟିଏ କଲେଜର ପ୍ରିନ୍ସିପାଲ ପ୍ରଫେସର ଗଜେନ୍ଦ୍ର ଗାଡ଼କର ପ୍ରଥା ଅଧିନାୟକ ଭାବରେ ନିଯୁକ୍ତ ହେଲେ । ସମାଜର ବିଭିନ୍ନ ସ୍ତରରୁ ହୋମଗାର୍ଡମାନେ ନିଯୁକ୍ତ ହେଲେ । ସରକାର ସେମାନଙ୍କୁ ପୋଷାକ ଯୋଗାଇ ଦେଲେ ଏବଂ ପ୍ରତି ସପ୍ତାହରେ ଦୁଇ ତିନି ସକାଳେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଗଲା । ବନ୍ଧୁକ ଚାଳନା ସହ ପୁଲିସ ବା ମିଲଟାରୀରେ ଦିଆଯାଉଥିବା ପ୍ରଶିକ୍ଷଣ ଭଳି ପ୍ରଶିକ୍ଷଣ ଦିଆଗଲା । ବମ୍ବେ ସହରରେ ଦେଢ଼ହଜାରରୁ ଦୁଇହଜାର ହୋମ ଗାର୍ଡଙ୍କୁ ଟ୍ରେନିଂ ଦିଆଗଲା । ସେମାନଙ୍କୁ ଆହ୍ୱାନ କରିବା ମାତ୍ରେ ସେମାନେ କାମ କରିବାକୁ ସ୍ୱତଃପ୍ରବୃତ୍ତ ହୋଇ ଆସୁଥିଲେ । ବିଭିନ୍ନ କାର୍ଯ୍ୟାଳୟ, ସ୍କୁଲ, ବ୍ୟବସାୟ ଅନୁଷ୍ଠାନମାନଙ୍କୁ ହୋମଗାର୍ଡଙ୍କୁ ଏହି ଉଦ୍ଦେଶ୍ୟରେ ଦରମା ସହ ଛୁଟି ଦେବାକୁ ଅନୁରୋଧ କରାଗଲା ଓ ସେମାନେ ରାଜି ହେଲେ । ଏଇ ହୋମ ଗାର୍ଡମାନଙ୍କୁ ପୁଲିସ ସହଯୋଗରେ କାମ କରିବାକୁ ପଡୁଥିଲା । ପୁଲିସ ଅଫିସର କମାଣ୍ଡାଣ୍ଟଙ୍କ ଜରିଆରେ ହୋମଗାର୍ଡଙ୍କୁ ଆଦେଶ ଦେଉଥିଲେ କିନ୍ତୁ ସେମାନେ ପୁଲିସ୍ ଠାରୁ ସ୍ୱତନ୍ତ୍ର ଅନୁଷ୍ଠାନ ଥିଲେ । ସେମାନଙ୍କୁ ସ୍ୱତନ୍ତ୍ରତା ଦିଆଯାଇ ନଥିଲେ ସେମାନେ ଅଣଆନୁଷ୍ଠାନିକ ସଂସ୍ଥା ନ ହୋଇ ପୁଲିସ ଶାସନର ଗୋଟିଏ ଅଂଶ ହୋଇ ଯାଇଥାନ୍ତେ ।

Digitized by srujanika@gmail.com

ପୁଲିସ ହୋମଗାର୍ଡଙ୍କୁ ତାଙ୍କ ଅଧୀନରେ ରଖିବାକୁ ଇଚ୍ଛା କରୁଥିଲେ । ମୁଁ ତାଙ୍କ ଦାବୀ ଗ୍ରହଣ ନ କରି ନିର୍ଦ୍ଦେଶ ଦେଲି ଯେ ପୁଲିସ ଏବଂ ହୋମ ଗାର୍ଡର ମୁଖ୍ୟଙ୍କର ସମାନ ପଦ ମର୍ଯ୍ୟାଦା ରହିବ । ସମ୍ପୂର୍ଣ୍ଣ ସହଯୋଗୀତାର ବାତାବରଣ ତିଆରି ହେଲା ଓ ହୋମଗାର୍ଡ ସଂସ୍ଥା ଆଶାଜନକ କାମ କଲା ।

ପ୍ରଫେସର ଗଜେନ୍ଦ୍ର ଗାଡକର କିଛିମାସ ପରେ ପ୍ରାଣତ୍ୟାଗ କରିଥିଲେ ଏବଂ ଜଣେ ପୁଲିସ ଅଫିସର ଶ୍ରୀ ରାଣାଙ୍କୁ ତାଙ୍କ ପଦରେ ନିଯୁକ୍ତ କରାଯାଇଥିଲା । ତାର ଅଳ୍ପ ଦିନପରେ କ୍ୟାପଟେନ୍ ମାକେଞ୍ଜିଙ୍କୁ ସେଇ ପଦରେ ନିଯୁକ୍ତ କରାଯାଇଥିଲା ଓ ସେ ହୋମ ଗାର୍ଡ ପାଇଁ ବହୁତ ଭଲ କାମ କରିଥିଲେ । ବମ୍ବେ ସହରରେ ହୋମଗାର୍ଡ ସଂସ୍ଥା ଭଲକାମ କରିବାରୁ ବମ୍ବେ ରାଜ୍ୟର ଅନେକ ଜିଲାରେ ଏଇ ସଂସ୍ଥା ସଂଗଠନ କଲୁ । କ୍ୟାପ୍‌ଟେନ ମାକେଞ୍ଜିଙ୍କୁ (କମାଣ୍ଡାଣ୍ଟ ଜେନେରାଲ) ମୁଖ୍ୟ ଅଧିନାୟକ ପଦରେ ନିଯୁକ୍ତ କରାଯାଇଥିଲା । ସେ ନିଜର କର୍ତ୍ତବ୍ୟ, ଉଲ୍ଲେଖଯୋଗ୍ୟ ତ୍ୟାଗ,କୌଶଳ ଓ ଚତୁରତାର ସହ ସମ୍ପାଦନ କରିଥିଲେ । ଦୀର୍ଘ ଏକୋଇଶ ବର୍ଷ କାଳ, ମୃତ୍ୟୁ ପର୍ଯ୍ୟନ୍ତ ସେ ରାଜ୍ୟରେ ମୁଖ୍ୟ ଅଧିନାୟକ ପଦରେ କାର୍ଯ୍ୟ କରିଥିଲେ । ଏଇଥିରୁ ଜଣାପଡେ ତାଙ୍କର ସେବା ରାଜ୍ୟ ପାଇଁ କେତେ ପ୍ରୟୋଜନୀୟ ଓ ଫଳପ୍ରଦ ଥିଲା । ତାଙ୍କ ସହଧର୍ମିଣୀ ପିଲୁବେନ ହୋମ ଗାର୍ଡର ମହିଳା ବିଭାଗ ଦାୟିତ୍ୱରେ ଥାଇ କ୍ୟାପଟେନ ମାକେଞ୍ଜିଙ୍କର ସହକର୍ମୀ ଥିଲେ । ଉଭୟଙ୍କର ନିସ୍ୱାର୍ଥ ପ୍ରଚେଷ୍ଟାରେ ହୋମଗାର୍ଡ ସଂସ୍ଥା ଗୋଟିଏ ଫଳପ୍ରଦ, ସୁଦକ୍ଷ ଏବଂ ସୁନ୍ଦର ସଂସ୍ଥା ହୋଇଉଠିଥିଲା ।

ସଂସ୍ଥା ଗଠିତ ହେବାର କିଛିଦିନ ପରେ ମହିଳା ବିଭାଗ ସଂଗଠିତ ହୋଇଥିଲା ଏବଂ ଏହା ଖୁବ୍ ଭଲ କାମ କରିଆସୁଥିଲା ।

ଜନସାଧାରଣଙ୍କୁ ଓ ସରକାରଙ୍କୁ ମିଳିଥିବା ଅଶେଷ ସାହାଯ୍ୟରେ କ୍ୟାପ୍‌ଟେନ ମାକେଞ୍ଜିଙ୍କ ତ୍ୟାଗ ଓ କର୍ମକୁଶଳତାର ଅବଦାନ ଅଶେଷ । ହୋମଗାର୍ଡ ସଂସ୍ଥାକୁ ଅନ୍ୟ ରାଜ୍ୟ ପରେ ଗ୍ରହଣ କଲେ । କିଛି ବର୍ଷପରେ କେନ୍ଦ୍ର ସରକାର କ୍ୟାପ୍‌ଟେନ ମାକେଞ୍ଜିଙ୍କୁ ନିଯୁକ୍ତି ଦେଲେ । ସେ ସେଠାରେ ମଧ ନିଜର କର୍ମକୁଶଳତା ପ୍ରଦର୍ଶନ କରିଥିଲେ । ଶ୍ରୀ ଓ ଶ୍ରୀମତୀ ମାକେଞ୍ଜି ନିଜର ବ୍ୟବସାୟ ଓ ସ୍ୱାସ୍ଥ୍ୟରେ ଜଳାଞ୍ଜଳି ଦେଇ ଏଇ ସଂସ୍ଥାର ସର୍ବାଙ୍ଗୀନ ଉନ୍ନତି ପାଇଁ ଅନନ୍ୟ ତ୍ୟାଗ ପ୍ରଦର୍ଶନ କରିଥିଲେ । ତଥାପି ଏହି ସଂସ୍ଥାକୁ ବମ୍ବେ ଏବଂ ମହାରାଷ୍ଟ୍ର ବିଧାନସଭାରେ ସମାଲୋଚନା କରାଯାଇଥିଲା । ସମାଲୋଚନା ବେଳେ ମୁଖ୍ୟମନ୍ତ୍ରୀମାନେ ଯଥୋଚିତ ଉତ୍ତର ଦେଇଥିଲେ ।

ଜରୁରୀ ସମୟରେ ହୋମ ଗାର୍ଡମାନେ ଜନସାଧାରଣଙ୍କ ସେବାରେ ଖୁବ ଭଲ କାମ କରୁଥିଲେ । ଧର୍ମଘଟ ବେଳେ ଗମନାଗମନରେ ବାଧା ନ ଆଣିବା ପାଇଁ ବସ, ଟ୍ରାମ ଚଳାଇବା, ଅଗ୍ନି ନିର୍ବାପକ, ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ ପ୍ରଶିକ୍ଷଣ ନେଇଥିଲେ । ରାଜ୍ୟରେ ଶାନ୍ତି ସ୍ଥାପନା ପାଇଁ ସେମାନେ ବିଶେଷ ସହାୟକ ହୋଇଥିଲେ । ୧୯୫୬ ରେ ରାଜ୍ୟ ପୁନର୍ଗଠନ ଫଳରେ ବମ୍ବେରେ ଦଙ୍ଗା ଦେଖା ଦେଇଥିଲା । ସେତେବେଳେ ଉଭୟ ସ୍ତ୍ରୀ ଓ ପୁରୁଷ ହୋମ ଗାର୍ଡମାନେ,ସମସ୍ତ ଭେଦ ଭାବ ଭୁଲି, ସମସ୍ତ କଠିନତାର ସମ୍ମୁଖୀନ କରି, ଅନେକ ଦିନ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଥିଲେ । ତେଣୁ ଯେଉଁ ଉଦ୍ଦେଶ୍ୟରେ ଏଇ ସଂସ୍ଥା ସଂଗଠନ କରାଯାଇଥିଲା ସେ ଉଦ୍ଦେଶ୍ୟ ସାଧନ ଦିଗରେ ହୋମ ଗାର୍ଡମାନେ ଯେ ଜନତାର ସେବା କରିଥିଲେ ଏଥିରେ ସନ୍ଦେହ ନାହିଁ ।

ବମ୍ବେ ରାଜ୍ୟରେ ପ୍ରଥମେ ଦୁଇଟି ଛୋଟ ଉଡାଜାହାଜ ଓ ଗୋଟିଏ ହେଲିକପ୍ଟର ଥିଲା । କାପ୍ଟେନ ମାକେଞ୍ଜି ତାର ଦାୟିତ୍ୱରେ ଥିଲେ । କାପ୍ଟେନ ମାକେଞ୍ଜିଙ୍କ କର୍ତ୍ତବ୍ୟନିଷ୍ଠ ସେବା ପାଇ ନଥିଲେ ରାଜ୍ୟ ସରକାର ଏ ବାୟୁଯାନକୁ କାର୍ଯ୍ୟକ୍ଷମ ଅବସ୍ଥାରେ ରଖି ପାରି ନଥାନ୍ତେ । ୧୯୬୯ ରେ ସେ ପ୍ରାଣତ୍ୟାଗ କରିଥିଲେ । ମୃତ୍ୟୁ ପୂର୍ବରୁ ତିନି ଚାରି ବର୍ଷ ସେ କର୍କଟ ରୋଗରେ ପୀଡିତ ଥିଲେ । ସେ ଚିକିତ୍ସା ପାଇଁ ଆମେରିକା ଦୁଇ ତିନିଥର

Digitized by srujanika@gmail.com

ଯାଉଥିଲେ କିନ୍ତୁ ପରିଶେଷରେ ଏଇ କରାଳ ବ୍ୟାଧି ଜଣେ ତ୍ୟାଗୀ, ଦେଶ ଭକ୍ତଙ୍କ ଉଚ୍ଚକୋଟୀର ସେବାରୁ ଜନସାଧାରଣଙ୍କୁ ବଞ୍ଚିତ କରି ସବୁଦିନ ପାଇଁ ସଂସାରର ଆରପାରିକୁ ନେଇଗଲା ।

୧୯୫୦ରେ କମିଶନରଙ୍କ ପଦବୀ ମୁଁ ଉଠାଇ ଦେଲି । ମନ୍ତ୍ରୀମଣ୍ଡଳ ଏ ପ୍ରଶ୍ନ ଅନେକ ଦିନ ବିଚାର କରିବା ପରେ ଏଇ ପଦବୀ ଦ୍ୱାରା ରାଜ୍ୟର ବିଶେଷ କିଛି ଉପକାର ହେଉ ନାହିଁ କହି ମୁଖ୍ୟମନ୍ତ୍ରୀ ବାଲା ସାହେବଙ୍କୁ ପ୍ରବର୍ତ୍ତାଇଥିଲି । ମନ୍ତ୍ରୀମଣ୍ଡଳ ମୋ ପ୍ରସ୍ତାବ ଗ୍ରହଣ କରିଥିଲେ । ମୁଁ ଦେଖିଲି ନୂତନ ବ୍ୟବସ୍ଥା ଶାସନକୁ ସରଳ କିନ୍ତୁ ଉନ୍ନତ ଓ ଦ୍ରୁତଗତିରେ ଚଳାଇବାରେ ସହାୟକ ହେଉଛି ।

୧୯୪୫ରେ ଖେଡ଼ାର କୃଷକମାନେ ସେଇ ଜିଲା ସଦର ମହକୁମା ଆନନ୍ଦଠାରେ ଥିବା "ପୋଲସନ" ଦୁଗ୍ଧ ଓ ଦୁଗ୍ଧଜାତ ପ୍ରସ୍ତୁତି କେନ୍ଦ୍ର ଉପରେ ବିଶେଷ ଅସନ୍ତୋଷ ପ୍ରକାଶ କରୁଥିଲେ । ଏହି କେନ୍ଦ୍ର ପାଖାପାଖି ଗାଁରୁ ଦୁଗ୍ଧ ସଂଗ୍ରହ କରି ସେଥିରୁ ସର ଓ ଲହୁଣୀ ଉତ୍ପାଦନ କରୁଥିଲା । ସରକାର ତାଙ୍କୁ ଦୁଗ୍ଧ ସଂଗ୍ରହ ପାଇଁ ପ୍ରାୟ ଏକ ଚାଟିଆ ଅଧିକାର ଦେଇଥିଲେ । ଦୁଗ୍ଧ ଯୋଗାଣକାରୀ ମାନେ ଅନୁଭବ କଲେ ଯେ ସେମାନଙ୍କୁ ଠିକ୍ ଦାମ ଦିଆଯାଉନାହିଁ । ସେମାନେ ତେଣୁ କେନ୍ଦ୍ର ବିରୁଦ୍ଧରେ ପ୍ରତିବାଦ କରି ଲଢ଼ିବାକୁ ସ୍ଥିର କଲେ । ସେମାନେ ମୋ ଉପଦେଶ ପାଇଁ ଆସିଲେ ମୁଁ ସେମାନଙ୍କୁ କହିଲି, ଯେପର୍ଯ୍ୟନ୍ତ ଦୁଗ୍ଧ ଚଢ଼ା ଦରରେ ସେମାନେ ଅନ୍ୟ କାହାକୁ ବିକ୍ରୀ ନକରି ପାରନ୍ତି ସେ ପର୍ଯ୍ୟନ୍ତ ଏପରି ଲଢ଼ିଲେ କିଛି ଫଳ ହେବ ନାହିଁ । ସମବାୟ ସୂତ୍ରରେ ସଂଗଠିତ ହୋଇ ଦୁଗ୍ଧ ବିକ୍ରି କରିବା ପାଇଁ ମୁଁ ତାଙ୍କୁ କହିଲି । ଏପରି ଏକ ସମବାୟ ସଂସ୍ଥା ଗଢ଼ିବାରେ ମୁଁ ତାଙ୍କୁ ସାହାଯ୍ୟ କରିବି ବୋଲି ଆଶ୍ୱାସନା ଦେଲି ।

ଦୁଗ୍ଧ ଉତ୍ପାଦନକାରୀଙ୍କ ସଭାରେ ମୁଁ ସେମାନଙ୍କ ସମବାୟ ସଂଗଠନ ବିଷୟ ବୁଝାଇବା ପରେ ସେମାନେ ମୋ ପ୍ରସ୍ତାବ ଗ୍ରହଣ କଲେ । ଛତିଶ ଜଣ ସଭ୍ୟଙ୍କୁ ନେଇ ଗୋଟିଏ ସମବାୟ ସଂସ୍ଥା ଆରମ୍ଭ ହେଲା । ତ୍ୟାଗୀ କର୍ମୀଙ୍କ ହାତରେ ଦାୟିତ୍ୱ ସମର୍ପଣ କରିବା ଉଚିତ ହେବ ବୋଲି ମୁଁ ସେମାନଙ୍କୁ ବୁଝାଇଲି । ଖେଡ଼ା ଜିଲାର ବିଶିଷ୍ଟ ସମାଜ ସେବକ ଶ୍ରୀ ତ୍ରିଭୁବନ ଦାସ ପଟେଲଙ୍କୁ ଏହି ଦାୟିତ୍ୱ ନେବା ପାଇଁ ଅନୁରୋଧ କଲି । କିଛି ସମୟ ପ୍ରବର୍ତ୍ତାଇବା ପରେ ସେ ମୋ ପ୍ରସ୍ତାବ ଗ୍ରହଣ କଲେ । ଏଇପରି ଭାବେ 'ଅମୂଲ ଡାଏରୀ' ଆରମ୍ଭ ହୋଇଥିଲା । ସଂସ୍ଥା ଦ୍ରୁତ ଗତିରେ ଉନ୍ନତି ଲାଭ କଲା ଏବଂ ଆଜି ଏହା ସାରା ଭାରତରେ ସୁପରିଚିତ। ଛତିଶ ଜଣ ସଭ୍ୟଙ୍କ ଦ୍ୱାରା ଆରମ୍ଭ ହୋଇ ଏଇ ସଂସ୍ଥାର ଲକ୍ଷରୁ ଅଧିକ ସଭ୍ୟ ସାତଶହ ଗ୍ରାମରେ ରହୁଛନ୍ତି । ଏହାର ବାର୍ଷିକ ଉତ୍ପାଦନର ମୂଲ୍ୟ ତିରିଶରୁ ତେତିଶ କୋଟି ଟଙ୍କା ହେବ ।

ପ୍ରଥମେ ୟୁନିସେଫ୍ କୋଡ଼ିଏ ଲକ୍ଷ ଟଙ୍କା ସାହାଯ୍ୟ ଏହି କେନ୍ଦ୍ରକୁ ଦେଇଥିଲା, କିନ୍ତୁ କେନ୍ଦ୍ର ଏହାକୁ ଦାନ ପରିବର୍ତ୍ତେ ଋଣ ଭାବରେ ଗ୍ରହଣ କରିଥିଲା । ୟୁନିସେଫ୍‌କୁ ଟଙ୍କା ଫେରାଇବା ଦରକାର ନ ପଡିବାରୁ ଏଇ ପଚିଶ ଲକ୍ଷ ଟଙ୍କାର ଦୁଧ ସେଇ ଅଞ୍ଚଳର ପିଲାମାନଙ୍କୁ ମାଗଣାରେ ଯୋଗାଇ ଦିଆଯାଇଥିଲା । ଏହିପରି ଡାଏରୀ ପ୍ରାଥମିକ ଆର୍ଥିକ ସାହାଯ୍ୟ ପାଇଲା ଓ ପିଲାମାନେ ଉପକୃତ ହୋଇଥିଲେ । ସଂସ୍ଥାର ଅଧକ୍ଷ ଶ୍ରୀ ତ୍ରିଭୁବନ ଦାସ ପଟେଲ ଜଣେ ସୁଦକ୍ଷ ଓ ସମବାୟ ଆନ୍ଦୋଳନରେ ଦୃଢ଼ ବିଶ୍ୱାସ କରୁଥିବା ବ୍ୟକ୍ତି ଶ୍ରୀ ଭି.କୁରିଆନଙ୍କ ସେବା ଉପଲବ୍ଧି କରିବାକୁ ସକ୍ଷମ ହୋଇଥିଲେ । ଏହି ଦୁଗ୍ଧ କେନ୍ଦ୍ରର ଉଲ୍ଲେଖଯୋଗ୍ୟ ସଫଳତା କେବଳ ଏଇ ଦୁଇ ତ୍ୟାଗପୂର୍ଣ୍ଣ ସାଧାରଣ ସେବକଙ୍କ ଯୋଗୁଁହିଁ ହାସଲ ହୋଇଛି । ଏହାର ସଫଳତା ଫଳରେ ଗୁଜରାଟରେ ଆଉ ପାଞ୍ଚଟି ଦୁଗ୍ଧ ଓ ଦୁଗ୍ଧଜାତ ପଦାର୍ଥ ଯୋଗାଣ କେନ୍ଦ୍ର ସଂଗଠିତ ହେଲା । ଅମୂଲ ଡାଏରୀ ଅନ୍ୟ ରାଜ୍ୟମାନଙ୍କୁ କାର୍ଯ୍ୟକୌଶଳ ଯୋଗାଇ ଦେଇଛି । ସମବାୟ କ୍ଷେତ୍ରରେ ଗୁଜରାଟ ସୁଦୂର ପ୍ରସାରିତ କାର୍ଯ୍ୟକ୍ରମ ହାତକୁ ନେଇ କୃତକାର୍ଯ୍ୟ ଲାଭ କରିଛି । ଫଳରେ ଗୁଜରାଟର ପ୍ରାୟ ସବୁ କପାରୁ ମଞ୍ଜି ଛଡାଇବା କାରଖାନା ସମବାୟ ସୂତ୍ରରେ ଚାଲୁଛି ।

Digitized by srujanika@gmail.com

(୨୭) ଗୁଜରାଟ ବିଦ୍ୟାପୀଠର ପୁନର୍ଗଠନ

୧୯୪୫ରେ ମୋ ଆଗରୁ ଜେଲରୁ ଖଲାସ ହୋଇ ଆସିଥିବା ଅନେକ ସହକର୍ମୀ ସ୍ଥିର କରିଥିଲେ ଯେ ସ୍ୱର୍ଗତ ମହାଦେବ ଦେଶାଇଙ୍କ ସ୍ମାରକ ଫଣ୍ଡ ପାଇଁ ଦଶଲକ୍ଷ ଟଙ୍କା ଚାନ୍ଦା ସଂଗ୍ରହ କରିବେ, କିନ୍ତୁ ୧୯୪୫ ଜୁଲାଇ ମାସରେ ମୁଁ ଜେଲରୁ ଆସିବା ପର୍ଯ୍ୟନ୍ତ କୌଣସି କାମ ହୋଇନଥିଲା ।

ମହାଦେବଭାଇ ଦେଶ ପାଇଁ ଯାହା କରିଯାଇଛନ୍ତି ତାହା ଅନନ୍ୟ । ସେ ବାସ୍ତବରେ ବାପୁଙ୍କ ଜୀବନରେ ମିଶି ଯାଇଥିଲେ । ତାଙ୍କ ବିନା ସାହାଯ୍ୟରେ ବାପୁଙ୍କ କାମ ଆହୁରି କଷ୍ଟକର ହୋଇଥାନ୍ତା ଏଥିରେ ମୋର ସନ୍ଦେହ ନାହିଁ । ଏହି ନିର୍ଭୟ ଏବଂ ଆଦର୍ଶ ଜାତୀୟ କର୍ମୀ ଜେଲରେ ଅପ୍ରାପ୍ତ ବୟସରେ ପ୍ରାଣତ୍ୟାଗ କରିଥିଲେ । ତାଙ୍କ ସ୍ମୃତିରକ୍ଷା ପାଇଁ ଅର୍ଥ ସଂଗ୍ରହ କରିବା ଏକ ଉପଯୁକ୍ତ ନିର୍ଣ୍ଣୟ ନିଆଯାଇ ଥିଲା । ମୁଁ ପ୍ରଥମେ ଜଣେ ସମ୍ପତ୍ତିଶାଳୀ ବ୍ୟକ୍ତିଙ୍କ ପାଖକୁ ଯାଇ ଏହି ମେମୋରିଆଲ୍ ଫଣ୍ଡକୁ ଦାନ କରିବାକୁ ଅନୁରୋଧ କରିଥିଲି । ସେ ଅଧିକ ଦେବାକୁ ଇଚ୍ଛୁକ ନ ଥିଲେ । ଏବଂ କହିଲେ ମହାଦେବଭାଇଙ୍କ ସ୍ମୃତି ପାଇଁ ଦଶଲକ୍ଷ ଟଙ୍କା ବହୁତ ବେଶି ହୋଇ ଯାଇଛି ଏବଂ ତାଙ୍କ ବିଚାରରେ ଏତେ ଟଙ୍କା ଆଦାୟ କରିବା ସମ୍ଭବ ନୁହେଁ ।

''ମୋତେ କଷ୍ଟ ଏବଂ ଦୁଃଖ ଲାଗୁଛି,'' ମୁଁ କହିଲି ''ଆପଣ ମହାଦେବଭାଇଙ୍କୁ ଭଲକରି ଜାଣିଥିଲେ ତଥାପି ଆପଣ ତାଙ୍କର ଦେଶପାଇଁ ଅନନ୍ୟ ସେବାର ମୂଲ୍ୟ ଓ ବିଶେଷତ୍ୱ ବୁଝି ନାହାନ୍ତି । ମୁଁ ଆପଣଙ୍କୁ ଦାନ କରିବାକୁ ବାଧ କରିବି ନାହିଁ କି ମୁଁ କହିଥିବା ଅଙ୍କରୁ କମ୍‌ଦାନ ଗ୍ରହଣ କରିବି ନାହିଁ ।'' ମୁଁ ପୁଣି କହିଲି, ଅଳ୍ପଦିନ ଭିତରେ ସମସ୍ତ ଅର୍ଥ ସଂଗ୍ରହ କରି ଜନସାଧାରଣ ତାଙ୍କ ଅନନ୍ୟ ସେବା ମୂଲ୍ୟ କିପରି ହୃଦୟଙ୍ଗମ କରିଛନ୍ତି ତାହା ଦେଖାଇଦେବି ।

ମୋ ଜଣାଶୁଣା ମାଧ୍ୟମରେ ଅହମଦାବାଦ ଓ ଗୁଜରାଟର ଅନ୍ୟ ସ୍ଥାନରୁ ଅର୍ଥ ସଂଗ୍ରହ କରିବାର ବନ୍ଦୋବସ୍ତ କଲିି । ଛ'ସପ୍ତାହ ମଧ୍ୟରେ ଦଶଲକ୍ଷ ଟଙ୍କା ସଂଗ୍ରହ କଲୁ । ତା'ପରେ ସେ ଅନିଚ୍ଛୁକ ଦାତାକୁ ଟେଲିଫୋନରେ କହିଲି ଯେ ଦଶଲକ୍ଷରୁ ଅଧିକ ଟଙ୍କା ସଂଗ୍ରହ କରିଛି ତେଣୁ ସେ ବୁଝିବା ଉଚିତ ଯେ ଲୋକମାନଙ୍କର ମହାଦେବଭାଇଙ୍କ ପ୍ରତି ପ୍ରତିକ୍ରିୟା ତାଙ୍କ ପ୍ରତିକ୍ରିୟା ଠାରୁ ଅଲଗା । ଏ ପରିସ୍ଥିତିରେ ସେ, ମୁଁ କହିଥିବା ଅଙ୍କ, ପଠାଇବା ଉଚିତ୍ । ସେ ସେଇ ପରିମାଣ ଅର୍ଥ ପଠାଇଥିଲେ ।

ଗୁଜରାଟ ବିଦ୍ୟାପୀଠରେ 'ମହାଦେବ ସ୍ମାରକ ସମାଜ ବିଦ୍ୟାଳୟ' ଖୋଲିବା ପାଇଁ ଆମେ ସ୍ଥିରକଲୁ । ସେତେବେଳେ ବିଦ୍ୟାପୀଠ ଗୋଟିଏ ହାଇସ୍କୁଲ ଚଲାଉଥିଲା । ତା' ସହିତ ସମାଜସେବକମାନଙ୍କ ପାଇଁ 'ମହାଦେବଭାଇ ସର୍ଭାଣ୍ଟସ୍ ସୋସାଇଟି' ଆରମ୍ଭ କରିବାକୁ ଯୋଜନା କଲୁ । ୧୯୩୦ରେ ସତ୍ୟାଗ୍ରହ ଆନ୍ଦୋଳନ ବେଳେ କଲେଜ ବନ୍ଦ ହୋଇ ଯାଇଥିଲା । ବାପୁ ଛାତ୍ରମାନଙ୍କୁ ଅସହଯୋଗ ଆନ୍ଦୋଳନରେ ଯୋଗ ଦେବାକୁ ଆହ୍ୱାନ ଦେବାପରେ ୧୯୨୦ ଅକ୍ଟୋବର ୧୮ରେ ଗୁଜରାଟ ବିଦ୍ୟାପୀଠ ଆରମ୍ଭ କରିଥିଲେ । ଜାତୀୟ ଶିକ୍ଷା ପାଇଁ ତାଙ୍କ ମନରେ ଥିବା ଯୋଜନାକୁ ପ୍ରକୃତ ରୂପ ଦେବାପାଇଁ ଏହି ଅନୁଷ୍ଠାନ ଉଦ୍ଦିଷ୍ଟ ଥିଲା । ଅନେକ ମେଧାବୀ ଛାତ୍ର ଓ ଅଧ୍ୟାପକ ସରକାର ଅନୁମୋଦିତ ଅନୁଷ୍ଠାନ ତ୍ୟାଗ କରି ଏହି ବିଦ୍ୟାପୀଠରେ ଯୋଗ ଦେଇଥିଲେ । ସେମାନେ ମଧ୍ୟ ସ୍ୱାଧୀନତା ସଂଗ୍ରାମରେ ବିଶେଷ ଅଂଶଗ୍ରହଣ କରିଥିଲେ । ୧୯୨୧ରୁ ୧୯୩୦ ମଧ୍ୟରେ ଗଠନ ମୂଳକ କାର୍ଯ୍ୟକ୍ରମରେ ବିଦ୍ୟାପୀଠର ସାହାଯ୍ୟ ଉଚ୍ଚକୋଟୀର ଥିଲା ।

ବିଦ୍ୟାପୀଠରେ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମ, ମୋ ମତରେ, ସବୁ ଶିକ୍ଷାନୁଷ୍ଠାନ ପାଇଁ ଏକ ଜ୍ୱଳନ୍ତ ଉଦାହରଣ ଥିଲା । ବାପୁ ଏହାର ପ୍ରଥମ କୁଳପତି ଓ ସର୍ଦ୍ଦାର ସାହେବ ଉପକୁଳପତି ଥିଲେ । ଶିକ୍ଷାର ମାଧ୍ୟମ ଥିଲା ଗୁଜରାଟୀ ଅର୍ଥାତ ମାତୃଭାଷା । ଜାତୀୟ ଶିକ୍ଷା ପାଇଁ ଏହାଥିଲା ମୌଳିକ ତଥ୍ୟ । ଉତ୍ସାହୀ, ସୁପ୍ରଶିକ୍ଷିତ,

Digitized by srujanika@gmail.com

ଜାତୀୟ ମନୋବୃତ୍ତି ଓ ଉତ୍ତମ ଚରିତ୍ର ବିଶିଷ୍ଟ ଲୋକ ସେବକ ସମୂହ ତିଆରି କରିବା ଜାତୀୟ ଶିକ୍ଷାର ଉଦ୍ଦେଶ୍ୟ ଥିଲା । ସେଠାରେ ଉଚ୍ଚ ସ୍ତରରେ ମୌଳିକ ଶିକ୍ଷା ଦିଆଯାଉଥିଲା । ଛାତ୍ରମାନେ ନିଜ କାମ ନିଜେ କରୁଥିଲେ, ଫଳରେ ସେମାନେ ଆତ୍ମନିର୍ଭରଶୀଳ ହୋଇପାରିଲେ ଏବଂ ନିଜକାମରେ ବ୍ୟସ୍ତ ରହିବା ଦ୍ୱାରା ଭ୍ରାନ୍ତ ଆନ୍ଦୋଳନରେ ଯୋଗ ଦେବାକୁ ସମୟ ରହିଲା ନାହିଁ ।

୧୯୪୬ରେ ଜାତୀୟ ଶିକ୍ଷାର ଆଦର୍ଶକୁ କାର୍ଯ୍ୟକାରୀ କରିବା ପାଇଁ ଆମେ ସମାଜ ବିଜ୍ଞାନ ମହାବିଦ୍ୟାଳୟ ନୂଆ କରି ବିଦ୍ୟାପୀଠରେ ଆରମ୍ଭ କଲୁ । ମହାଦେବଭାଇ ମେମୋରିଆଲ୍ ଫଣ୍ଡରୁ ଆବଶ୍ୟକ ଅର୍ଥ ଆସିଲା । ବିଦ୍ୟାପୀଠ ସରକାରୀ ଅନୁମୋଦନ ପାଇ ନଥିବାରୁ ଅନେକ ଛାତ୍ର ଆସିବାକୁ ଇଚ୍ଛା କରୁନଥିଲେ । ଆମେ ତିରିଶ ଜଣ ଛାତ୍ରଙ୍କୁ ନେଇ କଲେଜ ଆରମ୍ଭ କଲୁ । ପ୍ରତ୍ୟେକ ଛାତ୍ରଙ୍କୁ ତିରିଶ ଟଙ୍କା ମାସିକ ବୃତ୍ତି ଦିଆଯାଉଥିଲା । ଆଜିକାଲି ଏକଶହ ଛାତ୍ର ଗ୍ରହଣ କରାଯାଉଛି ଏବଂ ସେଥିମଧ୍ୟରୁ ଖୁବ୍ କମ୍ ଛାତ୍ରଙ୍କୁ ବୃତ୍ତି ଦିଆଯାଉଛି ।

ପରେ ବିଦ୍ୟାପୀଠର ସମାଜ ବିଜ୍ଞାନ ବିଶାରଦ ଡିଗ୍ରୀକୁ ବମ୍ବେ ସରକାର ଅନୁମୋଦନ କରି ବି.ଏ. ସହିତ ସମାନ ବୋଲି ଘୋଷଣା କଲେ । ଅନୁଷ୍ଠାନର ଶତକଡ଼ା ଅଶୀ ଭାଗ ଗ୍ରାଜୁଏଟ୍ ସମାଜ ସେବାରେ ଜଡ଼ିତ । ଏହା ଅନୁଷ୍ଠାନର ଅନନ୍ୟ କୃତୀତ୍ୱ । ଏହି ଅନୁଷ୍ଠାନର କେବଳ ଦଶରୁ ପନ୍ଦର ଶତାଂଶ ଗ୍ରାଜୁଏଟ୍‌ମାନେ ଅର୍ଥ ରୋଜଗାର ଧନ୍ଦାରେ ଜଡ଼ିତ ଅଛନ୍ତି । ଅନୁଷ୍ଠାନ କିପରି ନିଜର ଆଦର୍ଶ ଓ ଉଦ୍ଦେଶ୍ୟ ହାସଲ କରିପାରିଛି ଏଥିରୁ ପ୍ରତୀୟମାନ ହୁଏ । ୧୯୬୨ରେ କେନ୍ଦ୍ର ସରକାର ବିଦ୍ୟାପୀଠକୁ ଅନୁମୋଦନ କଲେ ଏବଂ ଏହା ଅନ୍ୟାନ୍ୟ ଆଇନଗତ ବିଶ୍ୱବିଦ୍ୟାଳୟ ସହିତ ସମାନ ବିବେଚିତ ହେଲା । ୧୯୬୧ରେ ତତ୍‌କାଳୀନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଡ. ଶ୍ରୀମାଳୀ ବିଦ୍ୟାପୀଠ ଅନୁମୋଦନ ପାଇଁ କେନ୍ଦ୍ର ସରକାରକୁ ଆବେଦନ କରିବାକୁ ମୋତେ ସୂଚନା ଦେଲେ । ବାପୁଙ୍କ ଦ୍ୱାରା ଲିଖିତ ସମ୍ବିଧାନରେ ଉଲେଖ ଅଛି ଯେ ବିଦ୍ୟାପୀଠ ସରକାରଙ୍କ ଠାରୁ କୌଣସି ଅନୁଗ୍ରହ ଗ୍ରହଣ କରିବ ନାହିଁ । ସ୍ୱାଧୀନତା ପାଇବା ପର୍ଯ୍ୟନ୍ତ ଏ ସର୍ତ୍ତର ଆବଶ୍ୟକତା ଥିଲା କାରଣ ସରକାରୀ ଚାପରେ ଅନୁଷ୍ଠାନର ଶିକ୍ଷା ଜାତୀୟ ଶିକ୍ଷା ହୋଇ ରହିବ ନାହିଁ । ଟ୍ରଷ୍ଟିମାନେ ନିର୍ଣ୍ଣୟ ନେଲେ ଯେ ବର୍ତ୍ତମାନ ସରକାରଙ୍କଠାରୁ ବିନା ସର୍ତ୍ତରେ ଅନୁଦାନ ନେବାରେ ଆପତ୍ତି ନାହିଁ । ସମ୍ବିଧାନରେ ପରିବର୍ତ୍ତନ ଅଣାଗଲା ଏବଂ ମନ୍ତ୍ରୀଙ୍କ ସୂଚନାନୁଯାୟୀ କେନ୍ଦ୍ର ସରକାର ଓ ଶିକ୍ଷା ବିଭାଗକୁ ଆବେଦନ କରାଗଲା । ଗୁଜରାଟ ବିଦ୍ୟାପୀଠର ରେଜିଷ୍ଟ୍ରାର ବିଶ୍ୱ ବିଦ୍ୟାଳୟ ମଂଜୁରୀ କମିଶନ୍ ଏବଂ ଶିକ୍ଷାମନ୍ତ୍ରୀଙ୍କ ସହିତ ବିଚାର ବିମର୍ଷ କରୁଥିଲେ ।

ଦିନେ ରେଜଷ୍ଟ୍ରାର ମୋତେ ଜଣାଇଲେ ଯେ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଅନେକ ଅଗ୍ରହଣୀୟ ସର୍ତ୍ତ ରଖିଛନ୍ତି । ସେମାନେ ପ୍ରସ୍ତାବ ଦେଇଥିଲେ ଯେ ଶିକ୍ଷାର ମାଧ୍ୟମ ଗୁଜରାଟୀ ଛଡ଼ା ହିନ୍ଦି ଏବଂ ଇଂଲିଶ ହେବ । ଛାତ୍ର, ଅଧ୍ୟାପକ ଓ ଟ୍ରଷ୍ଟିମାନେ ଖଦି ପିନ୍ଧିବା ନିୟମ ଉଠାଇ ଦିଆଯିବ ଏବଂ ଉପକୁଳପତି ସରକାରୀ ଅନୁମୋଦନ ପାଇ ନିଯୁକ୍ତ ହେବା ଉଚିତ । ଶିକ୍ଷା ମନ୍ତ୍ରାଳୟ ଟ୍ରଷ୍ଟି ବୋର୍ଡରେ ସଭ୍ୟ ମନୋନୟନ କରିବା ଅଧିକାର ରଖିବାକୁ ଚାହୁଁଥିଲେ । ମୁଁ ରେଜିଷ୍ଟ୍ରାରଙ୍କୁ କହିଲି ଯେ ଆମେ ସର୍ତ୍ତସବୁ ଗ୍ରହଣ କରିପାରିବୁ ନାହିଁ; ତେଣୁ ଅନୁମୋଦନ ପାଇବୁ ନାହିଁ । ମୁଁ କହିଲି, ବର୍ତ୍ତମାନ ଏ ବିଷୟ ମୁଁ ବୁଝିବି । ମୁଁ ଶିକ୍ଷାମନ୍ତ୍ରୀଙ୍କୁ କହିଲି ଯେ ଏ ସବୁ ସର୍ତ୍ତ ସମୂହ ବିଦ୍ୟାପୀଠ ଗ୍ରହଣ କରିବ ନାହିଁ । ଏ ସବୁ ସର୍ତ୍ତ ଛଡ଼ା ଅନୁମୋଦନ ଦେବା ଆପଣଙ୍କ ପକ୍ଷେ କଷ୍ଟକର ହେଲେ ଅନୁମୋଦନ କଥା ଉଭୟ ପକ୍ଷ ଭୁଲିଗଲେ ଉଭୟଙ୍କ ପାଇଁ ସୁବିଧାଜନକ ହେବ । ମୁଁ ପରିଷ୍କାର ଭାବେ କହିଲି ଯେ ବିଦ୍ୟାପୀଠ କୌଣସି ସର୍ତ୍ତ ଗ୍ରହଣ କରିବ ନାହିଁ । ବିନା ସର୍ତ୍ତରେ ଅନୁମୋଦନ ଦେଇପାରିବେ ଯଦି ସେ ତାହା କରିପାରନ୍ତି ।

Digitized by srujanika@gmail.com

ମୁଁ ଦେଖିଲି ଯେ ଶିକ୍ଷାମନ୍ତ୍ରୀ ଏ ସର୍ତ୍ତ ସମ୍ବନ୍ଧରେ ବେଶି କିଛି ଜାଣି ନ ଥିଲେ, କିନ୍ତୁ ମୋତେ କହିଲେ ଯେ ଗୁରୁକୁଳ ଓ ଜାମିଆ ମିଲିଆ ଭଳି ଅନୁଷ୍ଠାନ ଏହି ସର୍ତ୍ତସବୁ ଗ୍ରହଣ କରିଛନ୍ତି । ମୁଁ କହିଲି ଗୁଜୁରାଟ ବିଦ୍ୟାପୀଠର ସିଦ୍ଧାନ୍ତ ଅନ୍ୟ ଶିକ୍ଷା ଅନୁଷ୍ଠାନ ଉପରେ ନିର୍ଭର କରେ ନାହିଁ । ମହାତ୍ମାଗାନ୍ଧୀଙ୍କ ଆଦର୍ଶକୁ ପାଳନ କରିପାରିଲେ ବିଦ୍ୟାପୀଠ ନିଜର ଅସ୍ତିତ୍ୱ ପ୍ରତିପାଦନ କରିପାରିବ । ଯଦି ବିଦ୍ୟାପୀଠ ତାହା କରି ନ ପାରେ ତେବେ ଏହା ବନ୍ଦ ହୋଇଯିବା ଶ୍ରେୟସ୍କର ହେବ । ବିଦ୍ୟାପୀଠର ଏହି ବକ୍ତବ୍ୟ ଗ୍ରହଣୀୟ ହେଲେ ଆଲୋଚନା ଚାଲୁରହିବ ନଚେତ୍ ଏହିଠାରେ ଆଲୋଚନା ବନ୍ଦ କରାଯାଉ । ଶିକ୍ଷାମନ୍ତ୍ରୀ ବିଶ୍ୱବିଦ୍ୟାଳୟ ମଂଜୁରୀ କମିଶନ୍ ସହିତ ଏ ବିଷୟରେ ଆଲୋଚନା କଲେ ଓ ଆମ ବକ୍ତବ୍ୟ ଗ୍ରହଣ କଲେ । ଗୁଜୁରାଟ ବିଦ୍ୟାପୀଠ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଲା । କେନ୍ଦ୍ର ସରକାର ଠାରୁ ଅନୁଦାନ ପାଇବା ଆରମ୍ଭ ହେଲା ।

ବାପୁଜୀଙ୍କ ତିରୋଧାନ ପରେ ସର୍ଦ୍ଦାର ସାହେବ ଗୁଜରାଟ ବିଦ୍ୟାପୀଠର କୁଳପତି ହେଲେ । ତାଙ୍କ ମୃତ୍ୟୁ ପରେ ରାଜେନ୍ଦ୍ରବାବୁ ଦାୟିତ୍ୱ ନେଲେ । ୧୯୪୮ରେ ମୁଁ ଉପକୁଳପତି ହେଲି । ରାଜେନ୍ଦ୍ର ବାବୁଙ୍କ ସ୍ୱର୍ଗବାସପରେ ବୋର୍ଡ଼ ଅଫ୍ ଟ୍ରଷ୍ଟିଙ୍କୁ ଜଣେ କୁଳପତି ନିର୍ବାଚନ କରିବାକୁ ପଡ଼ିଲା । ସ୍ୱର୍ଗତଃ ଶ୍ରୀ ମଗନଭାଇ ଦେଶାଇ ଯେ କି ଜଣେ ଟ୍ରଷ୍ଟି ଥିଲେ ମୋତେ ଚିଠି ଲେଖିଥିଲେ ଯେ ମୁଁ କୁଳପତି ହେବି ନାହିଁ କାରଣ, ତାଙ୍କ ମତରେ, ସେ ପଦ ପାଇଁ ମୁଁ ଅନୁପଯୁକ୍ତ । ମୁଁ ଟ୍ରଷ୍ଟି ବୋର୍ଡଙ୍କ ସମ୍ମୁଖରେ ଚିଠିଟି ରଖି କହିଲି ଯେ ଅନ୍ୟ କାହାକୁ କୁଳପତି ନିର୍ବାଚନ କଲେ ମୁଁ ଖୁସି ହେବି । ୧୯୬୧ ରେ ମଗନଭାଇ ସ୍ୱଇଚ୍ଛାରେ ବିଦ୍ୟାପୀଠ ଛାଡ଼ିବା ବେଳେ ମୋ ପ୍ରତି କ୍ଷୁବ୍ଧ ଥିଲେ । ତେଣୁ ସେ ଏପରି ଚିଠି ଲେଖିଥିଲେ । ମଗନଭାଇ ସଭ୍ୟ ଥାଇ ମଧ୍ୟ ଟ୍ରଷ୍ଟ ବୋର୍ଡ ସଭାରେ ଉପସ୍ଥିତ ନ ଥିଲେ । ଟ୍ରଷ୍ଟ ବୋର୍ଡ ମୋତେ ସର୍ବସମ୍ମତି କ୍ରମେ କୁଳପତି ପଦରେ ନିର୍ବାଚନ କଲେ । ସଙ୍ଗେ ସଙ୍ଗେ ଶ୍ରୀଠାକୋର ଭାଇ ଉପକୁଳପତି ପଦରେ ନିର୍ବାଚିତ ହେଲେ । ଗତବର୍ଷ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ସେ ଉପକୁଳପତି ରହିଥିଲେ ତାପରେ ଶ୍ରୀ ରମନଲାଲ ପାରିଖ ସେ ପଦରେ ନିର୍ବାଚିତ ହେଲେ ।

କୁଳପତି ନିର୍ବାଚିତ ହେବା ପରେ ମୁଁ ଗୋଟିଏ ନୂଆ ପ୍ରଥା ଆରମ୍ଭ କଲି । ଅକ୍ଟୋବର ଅଠର ତାରିଖରେ ପ୍ରତିବର୍ଷ ବିଦ୍ୟାପୀଠର ସମାବର୍ତ୍ତନ ଉତ୍ସବ ସମ୍ପାଦିତ ହୁଏ । ସେଇ ସମୟରେ ମୁଁ ସେଠାରେ ଗୋଟିଏ ସପ୍ତାହ ରହେ । ଏଇ ସମୟରେ ମୁଁ ଛାତ୍ର ଓ ପ୍ରଫେସରଙ୍କ ସହିତ ସେମାନଙ୍କର ସମସ୍ୟା ଆଲୋଚନା କରେ । ଏହା ଦ୍ୱାରା ସଭ୍ୟମାନଙ୍କର ବିଦ୍ୟାପୀଠ ପରିବାର ଉପରେ ବିଶ୍ୱାସ ଓ ଭକ୍ତି ବଢ଼ିଯାଇଛି । ଗତ କିଛି ବର୍ଷ ହେଲା ଆମେ କିଛି ଆମେରିକାର ଛାତ୍ର ଗ୍ରହଣ କରୁଛୁ । ସେମାନେ ଦୁଇତିନି ମାସ ପ୍ରଶିକ୍ଷଣ ପାଇଁ ଆସନ୍ତି । ସେଠାରେ ଥିବାବେଳେ ପ୍ରତିଦିନ ମୁଁ, ସେମାନଙ୍କୁ ସହିତ ଆଲୋଚନା କରିବାକୁ ପ୍ରାୟ ଦେଢ଼ ଘଣ୍ଟା ସମୟ ଦିଏ । ବିଦ୍ୟାପୀଠର ନିୟମ ଅନ୍ୟ ବିଶ୍ୱବିଦ୍ୟାଳୟ ନିୟମ ଅପେକ୍ଷା କଠିନ । ଛାତ୍ରମାନେ ଏତେ କଠିନ କାମ କରନ୍ତି ଯେ ସେମାନଙ୍କୁ ଖାଲି ସମୟ ମିଳେ ନାହିଁ । ସେମାନଙ୍କୁ ଅନେକ ପରିଶ୍ରମ କରିବାକୁ ହୁଏ । ଛାତ୍ର ଓ ଅଧ୍ୟାପକ ମାନେ ସ୍ୱଇଚ୍ଛାରେ ନିୟମ କାନୁନ ମାନିଲେ ବିଦ୍ୟାପୀଠର କାର୍ଯ୍ୟ ଚାଲୁରହିବ । ବିଦ୍ୟାପୀଠରେ ମୋର ବାର୍ଷିକ ଅଧିବାସ, ଛାତ୍ର ଓ ଅଧ୍ୟାପକଙ୍କୁ ପ୍ରକୃତ ରାସ୍ତାରେ ଚାଲିବାକୁ ବାତାବରଣ ସୃଷ୍ଟି କରେ । ମୁଁ ଅନୁଭବ କରେ ଯେ ଏହା ବିଦ୍ୟାପୀଠ ପରିବାରକୁ ଅଶେଷ ସନ୍ତୋଷ ପ୍ରଦାନ କରେ ।

Digitized by srujanika@gmail.com

(୨୮) ଭ୍ରଷ୍ଟାଚାର ବିରୋଧୀ ଅଭିଯାନ

ସମାଜ ଓ ଶାସନରୁ ଭ୍ରଷ୍ଟାଚାର ମୂଳୋତ୍ପାଟନ ପାଇଁ ଆମେ ୧୯୩୭ ଓ ୧୯୩୯ ମଧ୍ୟରେ ଯେଉଁ ପଦକ୍ଷେପ ନେଇଥିଲୁ ତାହା ୧୯୩୯ରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେବାପରେ ବନ୍ଦ ହୋଇଯାଇଥିଲା । ୧୯୪୬ରେ ଆମେ ଭ୍ରଷ୍ଟାଚାର ବିରୁଦ୍ଧରେ ରଣାଭିଯାନ ପୁଣି ଆରମ୍ଭ କଲୁ । ଶାସନର ସବୁ ବିଭାଗରେ ପୁଲିସ୍‌ର ଭ୍ରଷ୍ଟାଚାର ବିରୋଧି ୟୁନିଟ୍ ଖୋଲିଲୁ । ଏଇ ୟୁନିଟ ଗୁଡିକ ସରକାରଙ୍କ ପ୍ରତ୍ୟକ୍ଷ ଅଧୀନରେ କାମ କଲା । ଏହିପରି ଆମେ ଗୁଜରାଟ, କର୍ଣ୍ଣାଟକ, ମହାରାଷ୍ଟ୍ର ଓ ବମ୍ବେ ସହରରେ ଚାରିଟି ଆଣ୍ଟି କରପଶନ୍ ୟୁନିଟ୍ ଖୋଲିଲୁ । ସେମାନେ ସମସ୍ତେ ଗୃହମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାମକଲେ । ଉତ୍କୋଚ ଦେବା ବ୍ୟକ୍ତି ସୂଚନା ଦେଲେ ଉତ୍କୋଚ ନେବା ବ୍ୟକ୍ତିଙ୍କୁ ଧରିବା ସହଜ ହେଉଥିଲା । ନୂଆ ସଂସ୍ଥା ଦକ୍ଷତାର ସହିତ କାର୍ଯ୍ୟ କରୁଥିବାରୁ ଆମେ ଅନେକ ସୂଚନା ପାଇଲୁ ଓ ଅନେକ ସରକାରୀ କର୍ମଚାରୀ ଆରେଷ୍ଟ ହେଲେ । ଆରେଷ୍ଟ ହୋଇଥିବା ବ୍ୟକ୍ତିଙ୍କ ନାମ ସହିତ ବିହିତ ଦଣ୍ଡ ପ୍ରତି ଛ'ମାସରେ ପ୍ରକାଶିତ ହେଲା ।

ଏହାଛଡ଼ା ପ୍ରତିଜିଲାରେ ଭ୍ରଷ୍ଟାଚାର ବିରୋଧି କମିଟି ନିଯୁକ୍ତ କରାଗଲା । ଏଥିରେ ଅଧ୍ୟକ୍ଷ ଭାବେ ଜିଲା ମାଜିଷ୍ଟ୍ରେଟ, ଓ ସଭ୍ୟଭାବେ ଜିଲା ପୁଲିସ ସୁପରିଣ୍ଟେଣ୍ଡେଣ୍ଟ୍ ଓ ଦୁଇଜଣ ବେସରକାରୀ ସଭ୍ୟ ରହିଲେ । ସୂଚନା ପାଇବା ପରେ ପ୍ରାଥମିକ ତଦନ୍ତ ଦାୟିତ୍ୱ ଏହି କମିଟିକୁ ଦିଆଯାଉଥିଲା । ଅଧିକାଂଶ କମିଟି ବେଶ୍ ଭଲ କାମ କରିଥିଲେ ଏବଂ ସରକାର ଭ୍ରଷ୍ଟାଚାର କମାଇବାରେ ବେଶ୍ ସଫଳତା ଲାଭ କରିଥିଲେ । ଭ୍ରଷ୍ଟାଚାର ବିରୋଧି ବିଭାଗର ମୁଖ୍ୟ କାର୍ଯ୍ୟାଳୟ ବମ୍ବେରେ ଥିଲା । ମୁଁ ଯେତେବେଳେ ଏଇ ବିଭାଗ ମୁଖ୍ୟଙ୍କ ବିରୁଦ୍ଧରେ ସୂଚନା ପାଇଲି ତାହାର ତଦନ୍ତ ସ୍ୱତନ୍ତ୍ର ଭାବେ କରାଇ ଓ ଅପରାଧ ହୃଦୟଙ୍ଗମ ହେବାରୁ ତାଙ୍କୁ କାର୍ଯ୍ୟରୁ ବରଖାସ୍ତ କରିଥିଲି । ଏ ଘଟଣା ସାରା ଶାସନକଳକୁ ସାବଧାନ କରାଇଦେଲା । ମୁଁ ଯାହା ଶୁଣିଛି, ଏଇ ସଂସ୍ଥା ଲୋକମାନଙ୍କର ବିଶେଷ ବିଶ୍ୱାସଭାଜନ ହୋଇ ପାରିଥିଲା ।

ଉଭୟ ଲାଞ୍ଚନେବା ଓ ଦେବା ବ୍ୟକ୍ତିଙ୍କୁ କୌଶଳ କ୍ରମେ ଧରିବା ପାଇଁ ଜାଲ ବିଛା ଯାଇଥିଲା । ସରକାରଙ୍କୁ ସାହାଯ୍ୟ କରିବା ପାଇଁ ଲୋକମାନଙ୍କର ଉତ୍ସାହ ବଢ଼ିଲା । ଆମେ ସୂଚନା ଦେଉଥିବା ବ୍ୟକ୍ତିର ନାମ ଗୋପନ ରଖିବାକୁ ସମସ୍ତ ଯତ୍ନ ନେଲୁ, ଫଳରେ ଆମେ ଅନେକ ସୂଚନା ପାଇଲୁ । ପୁଲିସ୍ ମଧ୍ୟ ସିଧା ଖବର ପାଇଲେ। ମୁଁ ଆବିଷ୍କାର କଲି ଯେ କେତେ ଲୋକ ଭୟ ଦେଖାଇ ଅର୍ଥ ଉପାର୍ଜନ କରିବାକୁ ଆଣ୍ଟିକରପ୍‌ଶନ ବିଭାଗକୁ ବ୍ୟବହାର କରୁଛନ୍ତି । ସେମାନେ ସରକାରଙ୍କୁ ଖବର ଦେଇ ସଂପୃକ୍ତ ବ୍ୟକ୍ତିଙ୍କ ଠାରୁ ଭୟ ଦେଖାଇ ଟଙ୍କା ଆଦାୟ କରୁଥିଲେ । ଏପରି କରୁଥିବା ଦୁଇ ତିନିଜଣ ଧରା ହେଲେ, ଆଇନଗତ କାର୍ଯ୍ୟାନୁଷ୍ଠାନ ପରେ ଦଣ୍ଡ ପାଇଲେ । ଫଳରେ ଭୟ ଦେଖାଇ ଅର୍ଥ ଉପାର୍ଜନ ଧନ୍ଦା ବନ୍ଦ ହୋଇଗଲା । କେତେକ ବ୍ୟବସାୟୀ ଲାଞ୍ଚ ଦେବାବେଳେ ଧରା ପଡିଲେ । ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରାଯିବାରୁ ସୁସ୍ଥ ପ୍ରଭାବ ପଡିଲା ଓ ଏ ଦୁଷ୍କର୍ମ ବହୁତ ପରିମାଣରେ କମ୍ ହୋଇଗଲା ।

ଅନେକ ଅବାଞ୍ଛନୀୟ ଶକ୍ତିଙ୍କୁ ପୁଲିସ ଫୋର୍ସରୁ ଓ ଶାସନରୁ ବାହାର କରି ଦିଆଗଲା, ଏବଂ ଅନେକ ପୁଲିସ ଓ ଅନ୍ୟ ସରକାରୀ କର୍ମଚାରୀ ଚାକିରି ହରାଇଲେ । କେତେକଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ କରାଗଲା ।

ଜୁଆ ଖେଳ ବିରୁଦ୍ଧରେ ଧର୍ମଯୁଦ୍ଧ ଚଳାଗଲା ଏବଂ ଏ ଅପରାଧ ବିରୁଦ୍ଧରେ ପ୍ରତିରୋଧକ ପଦକ୍ଷେପ ନିଆଗଲା ।

Digitized by srujanika@gmail.com

୧୯୪୯ ପର୍ଯ୍ୟନ୍ତ ରାଜ୍ୟର ଇନ୍‌ସପେକ୍ଟର ଜେନେରାଲ ଅଫ ପୁଲିସ୍ (ଆଇ.ଜି.ପି.)ଙ୍କର ବମ୍ବେ ସହର ପୁଲିସମାନଙ୍କ ଉପରେ କୌଣସି ଅଧିକାର ନଥିଲା ଏବଂ ବମ୍ବେ ପୁଲିସ କମିଶନର ଆଇ.ଜି.ପି.ଙ୍କ ଠାରୁ ସ୍ୱତନ୍ତ୍ର ଥିଲେ । ପୂରା ରାଜ୍ୟର ପୁଲିସ କ୍ଷମତା ଭାଗ ଭାଗ ହୋଇଥିବାରୁ ଅନେକ ସମୟରେ ଅସ୍ୱାଭାବିକ୍ ପରିସ୍ଥିତି ସୃଷ୍ଟି ହେଉଥିଲା । ମୁଁ ତେଣୁ ପ୍ରଚଳିତ ବିଧି ପରିବର୍ତ୍ତନ କରିଲି । ଆଇ.ଜି.ପି. ସମ୍ପୂର୍ଣ୍ଣ ବମ୍ବେ ରାଜ୍ୟର ପୁଲିସମାନଙ୍କର ମୁଖ୍ୟ ହେଲେ ଏବଂ ତାଙ୍କ ମୁଖ୍ୟ କାର୍ଯ୍ୟାଳୟ ପୂନାରୁ ବମ୍ବେ ସ୍ଥାନାନ୍ତରିତ ହେଲା । ଆଇ.ଜି.ପି. ବମ୍ବେ ପୁଲିସ କମିଶନରଙ୍କ ଦୈନନ୍ଦିନ କାମରେ ହସ୍ତକ୍ଷେପ ନକରି, କାର୍ଯ୍ୟ ନିରୀକ୍ଷଣ ବେଳେ ସହାୟକ ହେବା ପାଇଁ ଆୟୋଜନ କରାଯାଇଥିଲା ।

ମୁଁ ଆଇ. ଜି.ପି.ମାନଙ୍କ ମଧ୍ୟରେ କାର୍ଯ୍ୟ ପୁନର୍ବଣ୍ଟନ କରିଥିଲି ଫଳରେ ପାରସ୍ପରିକ ସମ୍ପର୍କରେ ଉନ୍ନତି ଘଟିଲା ଓ କାମ ସହଜସାଧ୍ୟ ହେଲା । ମୁଁ ପୁଲିସ ଅଫିସର, ପୁରୁଷ ଓ ସ୍ତ୍ରୀ ପୁଲିସ କର୍ମୀଙ୍କୁ ସାକ୍ଷାତ କରି ସ୍ୱାଧୀନ ଭାରତର ପରିବର୍ତ୍ତିତ ପରିସ୍ଥିତିରେ ପୁଲିସରକାମ କିପରି ସଫଳ ହେବ ଏବଂ ଜନସାଧାରଣସେବାଭିମୁଖୀ ହେବ ତାହା ଆଲୋଚନା କରୁଥିଲି । କର୍ମଚାରୀମାନେ ଉତ୍ସାହିତ ହୋଇ ଆଲୋଚନାରେ ଭାଗ ନେଉଥିଲେ ଓ ଆଲୋଚନା ପରେ ନିଆଯାଇଥିବା ନିର୍ଣ୍ଣୟ କାର୍ଯ୍ୟରେ ପରିଣତ କରୁଥିଲେ । ସହରରେ ଜନସାଧାରଣଙ୍କ ମଧ୍ୟରେ ଏହା ଅନୁଭୂତ ହେଉଥିଲା ଯେ ଏ ଆଲୋଚନା ଫଳରେ ପୁଲିସ ଶାସନ ଅଧିକ ଦକ୍ଷତା ହାସଲ କରିଛି ।

ପୁଲିସ ଫୋର୍ସରେ ସାଧାରଣ କର୍ମଚାରୀମାନେ ଅଧିକ ଦକ୍ଷତାର ସହ କାମ କରିବା ପାଇଁ ମୁଁ ସେମାନଙ୍କ ନିମନ୍ତେ କେତେକ କଲ୍ୟାଣମୂଳକ ପ୍ରକଳ୍ପ ଆରମ୍ଭ କଲି । ପ୍ରତି ଜିଲାରେ କଲ୍ୟାଣ କେନ୍ଦ୍ର ଖୋଲାଗଲା । ଏସବୁ କାମ ପାଇଁ ପୁଲିସ କଲ୍ୟାଣ ଫଣ୍ଡ ତିଆରି କଲୁ । ତନ୍ମଧ୍ୟରେ ଗୋଟିଏ କାମ ହେଲା ପରିବାରର ଆୟ ବଢ଼ାଇବାକୁ ପୁଲିସ କର୍ମଚାରୀଙ୍କ ସ୍ତ୍ରୀଙ୍କ ପାଇଁ ପାରିଶ୍ରମିକ ଯୁକ୍ତ କାର୍ଯ୍ୟ ଦେଖିବା । ଏ ସମସ୍ତ ଆୟୋଜନ ଦ୍ୱାରା ପୁଲିସ ଶାସନ ବହୁତ ଉପକୃତ ହେଲା ।

ବ୍ରିଟିଶ୍ ସରକାରଙ୍କ ସମୟରେ ବମ୍ବେ ସହର ପୁଲିସମାନେ ହଳଦିଆ ପଗଡି ପିନ୍ଧୁଥିଲେ ଏବଂ ଏହି ପଗଡି ସତ୍ୟାଗ୍ରହ ଆନ୍ଦୋଳନ ବେଳେ ବହୁତ ବଦନାମ ହୋଇଯାଇଥିଲା । ଏ ପଗଡି କାହିଁକି ପୁଲିସ ପୋଷାକର ଅଙ୍ଗୀଭୂତ ହୋଇଥିଲା ମୁଁ ବୁଝିପାରିଲି ନାହିଁ । ମୁଁ ତେଣୁ ପଗଡି ବଦଳାଇ ଟୋପିର ବନ୍ଦୋବସ୍ତ କରିଲି ।

ସାରା ଦେଶରେ ବମ୍ବେ ପୋଲିସଙ୍କୁ କାର୍ଯ୍ୟଦକ୍ଷ ବୋଲି ବିଚାର କରାଯାଉଥିଲା । ଦକ୍ଷତା ଆହୁରି ବଢ଼ାଇବା ପାଇଁ, ଭଲକାମ ପାଇଁ ଉତ୍ସାହିତ କରିବାକୁ, ସେମାନଙ୍କୁ ଉପହାର ଦେବାର ବ୍ୟବସ୍ଥା କଲୁ ।

ଆମେ ଅବଶ୍ୟ ଭ୍ରଷ୍ଟାଚାର ଦୂର କରିବା ପାଇଁ ବଦ୍ଧପରିକର ଥିଲୁ । ରାଜ୍ୟରେ ନିଶା ନିଷେଧ ଲାଗୁ କରିବା ଆଗରୁ ପୁଲିସ ବିଭାଗରେ ମାଦକ ଦ୍ରବ୍ୟ ସମସ୍ୟା ପ୍ରଥମେ ସମାଧାନ କଲୁ । ନିଶାନିଷେଧ ପୂର୍ବରୁ ପୁଲିସ ବିଭାଗରେ ମାଦକ ଦ୍ରବ୍ୟ ପ୍ରେମୀ ବହୁତ ଥିଲେ । ନିଶା ନିବାରଣ ଚାଲୁହେବା ପରେ, କେତେକ ସତର୍କତା ଅବଲମ୍ବନ ଫଳରେ ଏହି ଦୂରାଚାର ପୁଲିସ ବିଭାଗରୁ ପ୍ରାୟ ଅଦୃଶ୍ୟ ହୋଇଗଲା । ଏହାଦ୍ୱାରା ପୁଲିସ ଶାସନରେ ଉନ୍ନତି ଘଟିଲା ଓ ଲୋକମାନଙ୍କ ବିଶ୍ୱାସ ମଧ୍ୟ ବଢ଼ିଲା । ସାମ୍ପ୍ରଦାୟିକ ଗଣ୍ଡଗୋଳ ବେଳେ କେତେକ ପ୍ରଶଂସନୀୟ କାର୍ଯ୍ୟକରି ଏହାର ପ୍ରମାଣ ଦେଇଥିଲେ । ମୁଁ ଆଗରୁ ଉଲ୍ଲେଖ କରିଛି ଯେ ମୁଁ ଅନେକ ସମୟରେ ସେମାନଙ୍କ ସହିତ ମିଶି ଜନସାଧାରଣଙ୍କ ବନ୍ଧୁ ଓ ସେବକ ରୂପେ କାମ କରିବାକୁ ନିର୍ଦ୍ଦେଶ ଦେଉଥିଲି ।

ପୁରସ୍କାର ଓ ଦଣ୍ଡ ପଦ୍ଧତି ଲୋକପ୍ରିୟତା ଅର୍ଜନ କଲା । ଉତ୍ତମ କାମ ପାଇଁ ଅଧିକ ପଦୋନ୍ନତି ଓ ଦୋଷୀମାନଙ୍କୁ ଦଣ୍ଡ ଦିଆଯାଉଥିଲା । ଏହାଦ୍ୱାରା ଲୋକମାନେ ଉତ୍ସାହିତ ହୋଇ ମୋତେ ଭ୍ରଷ୍ଟାଚାର ସମ୍ବନ୍ଧରେ

Digitized by srujanika@gmail.com

ସୂଚନା ଦେବାକୁ ଲାଗିଲେ । ଖବର ପାଇବା ପରେ, କାହାକୁ ନ କହି, ମୁଁ ସୂଚନାର ବିଷୟବସ୍ତୁ ଉପରେ, ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ତଦନ୍ତ କରି, ସୂଚନାର ସତ୍ୟତା ବୁଝି, ଆଗକୁ ତଦନ୍ତ କରିବାକୁ ସଂପୃକ୍ତ ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଉଥିଲି । ମୁଁ ତଦନ୍ତର ପ୍ରାଥମିକ କର୍ମୀ ବୋଲି କାହାକୁ କହୁ ନଥିଲି । ତେଣୁ ତଦନ୍ତର ସଫଳତା ପାଇଁ ପ୍ରଶଂସା ପୁଲିସକୁ ଯାଉଥିଲା । ପୋଲିସ ଅଫିସରମାନେ ମୋତେ ସହଯୋଗ କରୁଥିଲେ ଏବଂ ମୁଁ ମଧ୍ୟ ତାଙ୍କୁ କେତେକ ଅସୁବିଧା କାମରେ ସୁରକ୍ଷା ପ୍ରଦାନ କରୁଥିଲି । ଏଦ୍ୱାରା ପୁଲିସର ବିଶ୍ୱାସ ବଢ଼ିଲା ଏବଂ ସେମାନେ ଉତ୍ସାହର ସହିତ କାମ କଲେ । ନିଶା ନିବାରଣ ଲାଗୁ କରିବା ଆଗରୁ ଏହା ପୁଲିସ କ୍ଲବରେ ପ୍ରଥମେ ଲାଗୁ କରାଗଲା ଏବଂ ଅଫିସରମାନଙ୍କୁ ମାଦକ ଦ୍ରବ୍ୟ ସେବନ ନ କରିବାକୁ ନିର୍ଦ୍ଦେଶ ଦିଆଗଲା । ଯେଉଁମାନେ ନିଶାରେ ପ୍ରଭାବିତ ଅବସ୍ଥାରେ କାମକୁ ଆସିଲେ ସେମାନଙ୍କୁ ଚାକିରିରୁ ବାହାର କରି ଦିଆଗଲା । ଅଧିକାଂଶ କର୍ମଚାରୀ ନିଶାଭ୍ୟାସର ଦୂରରେ ରହିଲେ ଏବଂ ପୁଲିସ ଶାସନ ସୁଦକ୍ଷ ଓ ସଚୋଟ ହୋଇ ଉଠିଲା ।

ପୁଲିସର ସଚେତନତା ପରୀକ୍ଷା କରିବା ପାଇଁ ମୁଁ ବିନା ପତାକା ଗାଡିରେ, କେବେ କେବେ ଅଚିହ୍ନା ଗାଡିରେ, ସହରରେ ବୁଲୁଥିଲି । ମୁଁ ଅଧିକ ଗତିରେ ଯାଉଥିବା କାର ଓ ଟ୍ରକର ନମ୍ବର ଟିପି ରଖୁଥିଲି ଓ ଗାଡିଚାଳକ ଦଣ୍ଡ ପାଉଥିଲେ । ପୁଲିସ ମଧ୍ୟ କର୍ତ୍ତବ୍ୟରେ ବେଶ ସାବଧାନ ରହୁଥିଲେ । ବମ୍ବେ ପୁଲିସର ବାହାରେ ବେଶ୍ ସୁଖ୍ୟାତି ଥିଲା । ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଯୋଗୁ ବମ୍ବେ ପୋଲିସ ଆହୁରି ସୁଦକ୍ଷ ହୋଇପାରିଲେ । ଲୋକମାନେ କହିଲେ ଯେ ସେମାନଙ୍କର ପୁଲିସ ଉପରେ ବହୁତ ବିଶ୍ୱାସ ଅଛି ।

ଲୋକମାନେ ରାତିରେ ଦୁଷ୍କର୍ମ କରନ୍ତି ଏବଂ ସାଧାରଣତଃ ରେଷ୍ଟୁରାଣ୍ଟରେ ବସନ୍ତି । କେତେକ ଶିଳ୍ପାଞ୍ଚଳ ଛାଡିଦେଇ ସମସ୍ତ ରେଷ୍ଟୁରାଣ୍ଟ ରାତିଅଧ ପରେ ବନ୍ଦକରିବାକୁ ନିର୍ଦ୍ଦେଶ ଦେଲି । ନୂଆ ନିୟମାନୁସାରେ ସିନେମା ଘର ରାତି ସାଢ଼େ ଏଗାରଟା ବେଳେ ବନ୍ଦ ହେଲା । ଏହା ଦ୍ୱାରା ରାତିରେ ଶାନ୍ତ ବାତାବରଣ ତିଆରି ହୋଇପାରିଲା ଏବଂ ଆଇନ ଭଙ୍ଗ କରୁଥିବା ବ୍ୟକ୍ତି ସହଜରେ ଧରାପଡିଲେ । ଆନନ୍ଦ ଅନ୍ୱେଷଣକାରୀ କେତେକ ବ୍ୟକ୍ତି ତାଙ୍କ ଗମନାଗମନରେ ବାଧା ପଡିବାରୁ ଅଭିଯୋଗ କଲେ । କିନ୍ତୁ ବମ୍ବେର ଅଧିକାଂଶ ନାଗରିକ ଏ ଆୟୋଜନ ଦ୍ୱାରା ଉପକୃତ ହେଲେ । ମୁଁ ରାତିରେ ବି ଟେଲିଫୋନରେ ଖବର ପାଇଲେ, ସଂପୃକ୍ତ ପୋଲିସ ଅଫିସରଙ୍କୁ, ଖବରଦାତାର ନାମ ନ କହି, ଟେଲିଫୋନରେ ନିର୍ଦ୍ଦେଶ ଦେଉଥିଲି ।

ମୁଁ ପୁଲିସ କର୍ମଚାରୀ ଓ ସେମାନଙ୍କ ପରିବାର ସହିତ ନିକଟ ସମ୍ପର୍କ ରଖୁଥିଲି । ତଦ୍ୱାରା ସେମାନଙ୍କର ଅଶେଷ ଆନୁଗତ୍ୟ ଓ ଶୁଭେଚ୍ଛା ଲାଭ କଲି । ଏହାଦ୍ୱାରା ସରକାରୀ ଶାସନରେ ବହୁତ ଉନ୍ନତି ଘଟିଲା । ଦିନେ ଜଣେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ସ୍ତ୍ରୀ କାନ୍ଦି କାନ୍ଦି ମୋ ପାଖକୁ ଆସି ସ୍ୱାମୀଙ୍କ ବିରୁଦ୍ଧରେ ଅଭିଯୋଗ କରି କହିଲେ ଯେ ତାଙ୍କ ସ୍ୱାମୀ ତାଙ୍କୁ ହଇରାଣ କରୁଛନ୍ତି । ସେ ନିଜର ସୁନାମ ହରାଉଛନ୍ତି । ସେ, ତାଙ୍କ ସ୍ୱାମୀଙ୍କୁ ସଂସ୍କାର କରିବାକୁ ମତେ ଅନୁରୋଧ କଲେ ଓ ସେ ଖବର ଦେଇଥିବା କଥା ସ୍ୱାମୀଙ୍କୁ ଜଣା ନ ପଡିବା ପାଇଁ ଅନୁରୋଧ କରିଥିଲେ, କାରଣ ତାଙ୍କର ଭୟଥିଲା ଯେ ସେ ଏକଥା ଜାଣିପାରିଲେ ତାଙ୍କୁ ହତ୍ୟା କରାଯାଇ ପାରେ । ମୁଁ ଆଶ୍ୱାସନା ଦେଲି ଯେ ତାଙ୍କ ନାମ କେହି ଜାଣିବେ ନାହିଁ ଏବଂ ମୁଁ ଏ ଅଭିଯୋଗ ଦେଖିବି ।

ଅଫିସର ଜଣକ କାର୍ଯ୍ୟରେ ବେଶ୍ ସୁଦକ୍ଷ ଥିଲେ ଏବଂ ମୋର ତାଙ୍କ ପ୍ରତି ଉଚ୍ଚ ଧାରଣା ଥିଲା । ମୁଁ କିନ୍ତୁ ଜାଣି ନଥିଲି ଯେ ସେ ଅବାଞ୍ଛିତ କର୍ମରେ ଲିପ୍ତ ଅଛନ୍ତି । ମୁଁ ବ୍ୟକ୍ତିଗତ ଭାବେ ତାଙ୍କ ଚାଲିଚଳନ ଉପରେ ନଜର ରଖିଲି ଏବଂ ତାଙ୍କ କୁକର୍ମ ଜାଣିପାରିଲି । ତା' ପରଦିନ ସେ ମତେ ଦେଖା କରିବାକୁ ଆସିବା ବେଳେ ମୁଁ ପୂର୍ବଦିନର ଚାଲିଚଳନ ବିଷୟ ପଚାରିଲି । ସେ ମୋତେ ମିଛ କହିଲେ; ମୁଁ କିନ୍ତୁ ଯାହା ଜାଣିଥିଲି କହିଲି । ସେ ଜାଣିପାରିଲେ ଯେ ମୁଁ ବ୍ୟକ୍ତିଗତ ଭାବରେ ଜାଣିଛି । ତେଣୁ ସେ ନିଜ ଭୁଲ ମାନିଲେ । ସେ ଅନୁତାପ କଲେ. କ୍ଷମା ମାଗିଲେ ଏବଂ ମତେ ଆଶ୍ୱାସନା ଦେଲେ ଯେ ସେପରି ଭୁଲ ଆଉ କରିବେ ନାହିଁ । ମୁଁ ତାଙ୍କୁ କ୍ଷମା କରି

Digitized by srujanika@gmail.com

କହିଲି ଏ ଭୁଲ ପୁଣି କଲେ ସେ ଚାକିରୀରେ ରହିବେ ନାହିଁ । ମୁଁ ତାଙ୍କୁ ବମ୍ବେ ସହରରୁ ଗୋଟିଏ ଜିଲାକୁ ବଦଳି କଲି ଏବଂ ସେ ସେଠାରେ ଖୁବ୍ ଭଲ କାମ କରିଥିଲେ ଏବଂ ନିଜକୁ ସୁଧାରି ନେଇଥିଲେ । ତାଙ୍କ ସ୍ତ୍ରୀ ସ୍ୱାମୀର ଭଲ ବ୍ୟବହାର ବିଷୟ କହି କୃତଜ୍ଞତା ଜଣାଇଥିଲେ ।

ପୁଲିସ ଓ ଅନ୍ୟ ବିଭାଗକୁ ମୁଁ ନିର୍ଦ୍ଦେଶ ଦେଇଥିଲି ଯେ ମୋର ଜଣାଶୁଣା କୌଣସି ବ୍ୟକ୍ତି ମୋ ନାମରେ ଭୁଲ କାମ କରିବାକୁ କହିଲେ ପ୍ରଥମେ ତାଙ୍କ ବିରୁଦ୍ଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ କରି ପରେ ମୋତେ ଜଣାଇବେ । ମୁଁ ସ୍ପଷ୍ଟଭାବେ କହିଥିଲି ଯେ ଯଦି ସେମାନେ ସେପରି ବ୍ୟକ୍ତି କଥାରେ ପ୍ରଭାବିତ ହୋଇ ଭୁଲ କାମ କରନ୍ତି ମୁଁ ସେମାନଙ୍କୁ କ୍ଷମାକରିବି ନାହିଁ; ଏହା ଦ୍ୱାରା ସରକାରୀ ଶାସନରେ ପ୍ରଭାବର ପ୍ରଭାବ କମିଗଲା ।

କୌଣସି ମନ୍ତ୍ରୀଙ୍କ ବିରୁଦ୍ଧରେ କିଛି ଗୁଜବ ହେଲେ ବାଲାସାହେବ ଓ ମୁଁ ସାବଧାନସହ ଖବର ନେଉଥିଲୁ ଏବଂ ଖବର ନେବାପରେ ସମ୍ପୃକ୍ତ ମନ୍ତ୍ରୀଙ୍କ ସହିତ ଆଲୋଚନା କରୁଥିଲୁ । ଫଳରେ ଲୋକଚକ୍ଷୁରେ ମନ୍ତ୍ରୀମଣ୍ଡଳର ସମ୍ମାନ ଓ ବିଶ୍ୱାସ ବଢ଼ିଲା । ସଚିବାଳୟରେ କାମରେ ପ୍ରଭାବ ଓ ଭ୍ରଷ୍ଟାଚାର ସମ୍ବନ୍ଧରେ କିଛି ଅଭିଯୋଗ ନ ଥିଲା । ମନ୍ତ୍ରୀମାନେ ଏ ବିଷୟରେ ସାବଧାନ ଥିଲେ । ବମ୍ବେରେ ଓ ଜିଲାମାନଙ୍କରେ ନିୟମିତ ମିଟିଙ୍ଗ୍‌ରେ ଅଫିସରମାନଙ୍କୁ ସରକାରଙ୍କ ସୁନାମ ପ୍ରତି ସତର୍କ ରହିବାକୁ କହୁଥିଲି । ଭ୍ରଷ୍ଟାଚାର ଓ ପ୍ରଭାବ ସମ୍ବନ୍ଧୀୟ ଅଭିଯୋଗ ପାଇଲେ ଆମେ ତୁରନ୍ତ ତଦନ୍ତ କରି, ସମ୍ପୃକ୍ତ ଅଫିସରଙ୍କୁ ଦୋଷୀ ପାଇଲେ, ଯଥାବିଧି ଶାସ୍ତି ଦେଉଥିଲୁ ।

ପୁଲିସକୁ କଠିନ ଓ ଅପ୍ରୀତିକର କାମ କରିବାକୁ ପଡ଼େ । ତେଣୁ ଅନେକ ଲୋକ ଅସନ୍ତୁଷ୍ଟ ହୁଅନ୍ତି । ମୁଁ, କିନ୍ତୁ, ଅଯଥା ଅଭିଯୋଗ ହେଲେ ସେମାନଙ୍କୁ ସୁରକ୍ଷା ଦେଉଥିଲି; ତେଣୁ ସେମାନେ ନିର୍ଭୟରେ ଓ ସଫଳତାର ସହ କାମ କରିପାରୁଥିଲେ । ମୁଁ ରେଭିନ୍ୟୁ ଅଫିସରମାନଙ୍କ ମିଟିଙ୍ଗରେ ମଧ୍ୟ ଗଣତାନ୍ତ୍ରିକ ଶାସନରେ ଲୋକମାନଙ୍କ ସହିତ କିପରି ବ୍ୟବହାର କରିବାକୁ ହୁଏ ଏବଂ ସେମାନେ କିପରି କର୍ତ୍ତବ୍ୟ ପାଳନ କରିବେ, ଏ ବିଷୟରେ କହୁଥିଲି । ଏ ବିଷୟ ସେମାନଙ୍କ ସହିତ ଆଲୋଚନା କରୁଥିଲି । ସରକାରଙ୍କ ଶାସନ ନୀତି ଏବଂ କାର୍ଯ୍ୟପଦ୍ଧତି ବଦଳିବା ଫଳରେ ଶାସନରେ ଉତ୍ସାହଜନକ ପରିବର୍ତ୍ତନ ଦେଖାଗଲା । ୧୯୪୬ ପରେ ବମ୍ବେ ପୁଲିସଙ୍କ ଦକ୍ଷତା ବୃଦ୍ଧି ପାଇବାରୁ ସାରା ଦେଶରେ ସେମାନଙ୍କର ସୁନାମ ବଢ଼ିଲା ଓ ସେଥିରେ ଆମକୁ ବହୁତ ସନ୍ତୋଷ ମିଳିଲା ।

ଆମେ ମହିଳା ଦୋଷୀଙ୍କୁ ଶାସନ କରିବା ପାଇଁ ମହିଳା ପୋଲିସ ନିଯୁକ୍ତି କଲୁ । ଭଲ ଆକାରରେ ମହିଳା ପୁଲିସ ଫୋର୍ସ ଆମ ପାଖରେ ରହିଲେ । କର୍ତ୍ତବ୍ୟ ପାଳନ ପାଇଁ ସେମାନଙ୍କୁ ପୂର୍ଣ୍ଣ ପ୍ରଶିକ୍ଷିତ କରାଯାଇଥିଲା । ମୁଁ ଆଗରୁ କହିଛି, ହୋମ୍‌ଗାର୍ଡର ମହିଳା ବିଭାଗ ମଧ୍ୟ ସମକ୍ଷମତାର ସହିତ ସରକାରଙ୍କୁ ସାହାଯ୍ୟ କରୁଥିଲେ ।

ପୋଲିସଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଅପରାଧ ଅଟକାଇବା ପାଇଁ ପୂର୍ବ ସୂଚନା ପାଇବା ମାତ୍ରେ ସେମାନେ ଶୀଘ୍ର ତଦନ୍ତ ଇତ୍ୟାଦି କାମ ଆରମ୍ଭ କରିବେ । ପ୍ରୟୋଜନୀୟ ଟ୍ରେନିଂ ମଧ୍ୟ ଦିଆଯାଇଥିଲା । ସହରର ବିଭିନ୍ନ ଅଞ୍ଚଳରେ ଜରୁରୀକାଳୀନ ଟେଲିଫୋନ ଦିଆଯାଇଥିଲା । ଜିଲା ସଦର ମହକୁମାମାନଙ୍କରେ ମଧ୍ୟ ସେପରି ବନ୍ଦୋବସ୍ତ କରାଯାଇଥିଲା । ଆବଶ୍ୟକବେଳେ ଯେକୌଣସି ବ୍ୟକ୍ତି ଏଇ ସୁବିଧାର ଉପଯୋଗ କରୁଥିଲେ ଓ ପୁଲିସ ତୁରନ୍ତ ସେମାନଙ୍କୁ ସାହାଯ୍ୟ କରୁଥିଲେ । ଜିଲା ଅଫିସରଙ୍କୁ ବହୁତ କ୍ଷମତା ଦିଆଯାଇଥିଲା । ସେମାନେ ନିଜେ ଅନେକ ବିଷୟ ନିଷ୍ପତ୍ତି କରୁଥିଲେ । ଏ ବିକେନ୍ଦ୍ରୀକରଣ ଦ୍ୱାରା ପୁଲିସ ଆହୁରି ତତ୍ପର ହୋଇପାରିଥିଲେ ।

ସହରରେ ହୋମଗାର୍ଡ ଭଳି ଗ୍ରାମମାନଙ୍କରେ ଗ୍ରାମ ରକ୍ଷୀ ପ୍ରଥା ଆରମ୍ଭ କଲୁ । ଫଳରେ ଲୋକମାନେ ନିଜକୁ ଅପରାଧୀଙ୍କ ଠାରୁ ରକ୍ଷା କରିପାରିଲେ । ଗ୍ରାମାଞ୍ଚଳରେ ଅପରାଧ କମ୍ ହେଲା । ଚାରିପାଞ୍ଚ ଲକ୍ଷ ବ୍ୟକ୍ତି

Digitized by srujanika@gmail.com

ଏଉ ଅନୁଷ୍ଠାନରେ ନାମ ଲେଖାଇଲେ ଓ ପ୍ରଶିକ୍ଷଣ ପାଇଲେ । ନିର୍ଭୟତାର ବାତାବରଣ ଗ୍ରାମମାନଙ୍କରେ ସୃଷ୍ଟିହେଲା । ଗ୍ରାମରକ୍ଷୀମାନଙ୍କ କାମ ଅବୈତନିକ ଥିଲା କିନ୍ତୁ ଲମ୍ବା କାମ ପଡିଲେ ସେମାନଙ୍କୁ ଦୈନିକ ଭତ୍ତା ଦିଆଯାଉଥିଲା ଏବଂ କୌଣସି ଘରୋଇ ଅନୁଷ୍ଠାନରେ କାମ କରୁଥିଲେ ବେତନ ସହ ଛୁଟିର ବନ୍ଦୋବସ୍ତ କରାଯାଉଥିଲା । ସରକାରୀ ଶାସନ ଓ ପୁଲିସ ଏଉ ଆୟୋଜନରୁ ବିଶେଷ ସହାୟତା ଲାଭକଲେ ।

ବମ୍ବେ ସହରରେ କେତେକାଂଶରେ, ବିଶେଷତଃ ଗାଡି ହର୍ଣ୍ଣରୁ, ବହୁତ ଶବ୍ଦ ହେଉଥିଲା । ମୁଁ ଗୋଟିଏ ଉପାୟ ପାଞ୍ଚିଲି । ମୁଁ ନିଜେ ଗାଡି ବିଭିନ୍ନ ଅଞ୍ଚଳରେ ଚଲାଉ ଦେଖିଲି ଯେ ଏତେ ହର୍ଣ୍ଣ ଦେବା ଦରକାର ନାହିଁ । ତେଣୁ ମୁଁ ଜନବହୁଳ ଅଞ୍ଚଳରେ ନୀରବ ଅଞ୍ଚଳ ଲାଗୁକଲି । କାର ଡ୍ରାଇଭରମାନେ ଏଉ ସାଇଲେନ୍ସ ଜୋନ୍‌ରେ ଯିବା ଆସିବା କରି ବେଶି ହର୍ଣ୍ଣ ଦେବା ଅଭ୍ୟାସ ଛାଡିଲେ । ପ୍ରଥମରୁ ଏ ଆଦେଶ ସଫଳ ହୋଇ, ଶବ୍ଦ କମାଇବାରୁ ଲୋକମାନେ ଆଶ୍ୱସ୍ତ ହେଲେ ।

୧୯୪୬ରେ ବମ୍ବେ ପ୍ରଦେଶ ମନ୍ତ୍ରୀମଣ୍ଡଳ କାମ ଆରମ୍ଭ କଲାବେଳେ ମୁଁ ଦେଖିଲି ଥରକେ ଏକାବେଳେ ପନ୍ଦର କୋଡିଏ ଜଣ ବ୍ୟକ୍ତି ଟ୍ରାମରେ ଲଟକି କରି ବିନା ପଇସାରେ ଯାତ୍ରା କରୁଛନ୍ତି । ଏହା ଦ୍ୱାରା ଟ୍ରାମରେ ବୋଝ ବଢ଼ି ଯିବାରୁ ଅନେକ ଟ୍ରାମ ଖରାପ ହୋଇ ଯାଉଥିଲା ଓ ଅଳ୍ପ ଟ୍ରାମ ରାସ୍ତାରେ ଚାଲୁଥିଲା । ଏହାଦ୍ୱାରା ଗମନାଗମନ ସମସ୍ୟା ଉପୁଜିଲା । ଏ ସବୁ ଦେଖି ଟ୍ରାମର ଅଫିସର ଏବଂ ପୁଲିସ କମିଶନରଙ୍କୁ ଜନସାଧାରଣଙ୍କ ଅସୁବିଧା ଦୂର କରିବାକୁ କହିଲି । ଉଭୟ କହିଲେ ଯେ ଲୋକମାନଙ୍କର ଏପରି ଅଭ୍ୟାସ ବନ୍ଦ କରିବା ପାଇଁ ସେମାନଙ୍କର କ୍ଷମତା ନାହିଁ । କିନ୍ତୁ ଏ ଅଭ୍ୟାସ ଲୋକମାନଙ୍କ ପାଇଁ, ବିପଦ ଶଙ୍କୁଳ ଅବସ୍ଥା ସୃଷ୍ଟି କଲା ଓ ଅନେକ ଦୁର୍ଘଟଣା ମଧ୍ୟ ହେଲା । ଟ୍ରାମ ଖରାପ ହୋଇଯିବାରୁ ଲୋକଙ୍କର ଗମନାଗମନରେ ବାଧା ପଡିଲା । ତେଣୁ ମୁଁ ଏ କୁଅଭ୍ୟାସ ବନ୍ଦ କରିବା ପାଇଁ ରାସ୍ତା ବାହାର କରିବାକୁ ସ୍ଥିରକଲି ।

ଜନ ସ୍ୱାର୍ଥ ପାଇଁ ପ୍ରୟୋଜନୀୟ କାମ କରିବାକୁ କ୍ଷମତାର ଅଭାବ ଆଳରେ ମୁଁ କେବେ ବିଶ୍ୱାସ କରୁନଥିଲି । ଏ ବିଷୟରେ ଗଭୀର ଚିନ୍ତା କଲାବେଳେ ଗୋଟିଏ ଉପାୟ ମୋତେ ମିଳିଲା । ମୁଁ ବେଶୀ ଲୋକ ଯାଉଥିବା ଟ୍ରାମକୁ ବନ୍ଦକରି, ଲଟକି କରି ଯାଉଥିବା ଲୋକମାନଙ୍କୁ ଆରେଷ୍ଟ କରି ଥାନାରେ ସଂଧ୍ୟା ପର୍ଯ୍ୟନ୍ତ ଅଟକ ରଖିବାକୁ ପୁଲିସ କମିଶନରଙ୍କୁ କହିଲି । ଜନସାଧାରଣଙ୍କୁ ଅସୁବିଧାରେ ପକାଉ, ସାଧାରଣ ସୁରକ୍ଷାକୁ ବିପଦଶଙ୍କୁଳ କରୁଥିବା ଲୋକଙ୍କୁ ଆରେଷ୍ଟ କରାଯାଇ ପାରିବ ବୋଲି ମୋର ସନ୍ଦେହ ନଥିଲା । କିନ୍ତୁ ଶାସନ କଳ ଏହାକୁ କିଛି ସମୟ ପାଇଁ ଅନୁମତି ଦେଉଥିବାରୁ, ସେମାନଙ୍କ ବିରୁଦ୍ଧରେ ମୋକଦମା କରିବା ଠିକ୍ ହେବ ନାହିଁ ବୋଲି ଭାବିଲି । ଥାନାରେ ଆଠଦଶ ଘଣ୍ଟା ବସିବା ଦ୍ୱାରା କାମକୁ ନ ଯାଇ, ମଜୁରୀ ନ ପାଇବା ବା ଦିନେ ଛୁଟି ହରାଇବା, ମୁଁ ଭାବିଲି, ନିଶ୍ଚୟ ଗୋଟାଏ ବଡ ଦଣ୍ଡ । କେହି ପୁଲିସର ଏ ହସ୍ତକ୍ଷେପ ବିରୁଦ୍ଧରେ କିଛି କହିଲେ, ଏହା ଗୃହମନ୍ତ୍ରୀଙ୍କ ଆଦେଶ ବୋଲି କହିବାକୁ ମୁଁ ପୋଲିସ କମିଶନରଙ୍କୁ କହିଲି । ସେ ନିଜେ ନିର୍ଭୟ ରହିବାକୁ କହିଲି । ପୁଲିସ କମିଶନର ମୋ ଆଦେଶ ସାଙ୍ଗେ ସାଙ୍ଗେ ପାଳନ କଲେ । ଫଳରେ ଟ୍ରାମ ପଛରେ ଲଟକି କରି ଯିବା ଦୃଶ୍ୟ ଦୁଇଦିନରେ ଅଦୃଶ୍ୟ ହୋଇଗଲା । ପୁଲିସ କମିଶନର ହୃଦୟଙ୍ଗମ କଲେ ଯେ ମୋ ଉପାୟ ଠିକ୍ କାମ ଦେଲା ଓ କ୍ଷମତାର ଅଭାବ ତାଙ୍କର ଏକ ଭ୍ରାନ୍ତ ଧାରଣା ଥିଲା ।

୧୯୪୬ ରେ ଗୃହମନ୍ତ୍ରୀ ହୋଇସାରିବା ପରେ ମୁଁ ଦେଖିଲି ଯେ ସବୁ ଟ୍ରାମ ଓ ବସଷ୍ଟପ୍‌ରେ ଭୀଷଣ ଭିଡ ହେଉଛି ଏବଂ ବଳିଆ ଲୋକମାନେ ଡେରିରେ ଆସି ମହିଳା, ପିଲା, ବୃଦ୍ଧ ସମେତ ସମସ୍ତଙ୍କୁ ଠେଲି ଆଗରେ ଗାଡି ଚଢ଼ି ଚାଲିଯାଉଛନ୍ତି । ଏ ବିଶୃଙ୍ଖଳା ଦୂର କରିବାକୁ କେହି ଚେଷ୍ଟାକରି ନଥିଲେ । ନାଗରିକ

Digitized by srujanika@gmail.com

ଜ୍ଞାନାଭାବରୁ ଏହା ଘଟୁଥିଲା । ମୁଁ ଦେଖିଲି ଯେ ଧାଡି ହୋଇ ଛିଡ଼ା ହେଲେ ଏ ବିଶୃଙ୍ଖଳା ଦୂର ହେବ । ମୁଁ ତେଣୁ ଦୁଇଜଣ ପୋଲିସ ପ୍ରତି ଭିଡ ଟ୍ରାମ, ବସ ଷ୍ଟପରେ ଛିଡା କରାଇ କହିଲି ଯେ ସେମାନେ ଦେଖିବେ ଯେ ସମସ୍ତେ ଶୃଙ୍ଖଳିତ ଭାବେ ଟ୍ରାମରେ ଓ ବସରେ ଚଢୁଛନ୍ତି । ଯଦି କୌଣସି ବ୍ୟକ୍ତି ଧାଡ଼ିରେ ଛିଡା ହେବା ନିର୍ଦ୍ଦେଶ ନ ମାନନ୍ତି ତାଙ୍କୁ ଧାଡ଼ି ପଛରେ ଛିଡା କରାଇଦେବେ । ଲୋକମାନଙ୍କୁ ଏ ବ୍ୟବସ୍ଥା ଜଣାଇ ଦିଆଗଲା ଏବଂ କୁହାଗଲା ଯେ ପୁଲିସକୁ ଆବଶ୍ୟକୀୟ ଆଦେଶ ଦିଆଯାଇଛି । ଲୋକମାନେ ପାଞ୍ଚ ଛ' ଦିନ ମଧ୍ୟରେ ଏଇ ବ୍ୟବସ୍ଥା ବୁଝିପାରି ସବୁ ଷ୍ଟପ୍‌ରେ ଧାଡ଼ିରେ ଛିଡା ହେବା ଆରମ୍ଭ କଲେ । ଏଇ ପଦ୍ଧତି ସାଧାରଣ ଜୀବନର ଅନ୍ୟକ୍ଷେତ୍ରରେ ଆରମ୍ଭ ହେଲା । ସିନେମା ହଲ ଓ ଅନ୍ୟାନ୍ୟ ସ୍ଥାନରେ ଯେଉଁଠି ଲୋକମାନେ ଅନେକ ସଂଖ୍ୟାରେ କୌଣସି ଜିନିଷ ଖରିଦ କରିବା ପାଇଁ ଯାଉଥିଲେ ସେଠାରେ ଏହି ପ୍ରଥା ଆରମ୍ଭ ହେଲା । କାହାକୁ ବେଶୀ ସମୟ ଅପେକ୍ଷା କରିବାକୁ ପଡିଲା ନାହିଁ, ପ୍ରତ୍ୟେକ ବ୍ୟକ୍ତି ଧାଡ଼ିରେ ନିଜ ସ୍ଥାନ ଅନୁସାରେ ସୁବିଧା ପାଇଲେ ଏବଂ ବିଶୃଙ୍ଖଳା ଦୂର ହୋଇଗଲା । ଟ୍ରାମ ଓ ବସ୍ ଚାଳକମାନେ ଏହାକୁ ସ୍ୱାଗତ କଲେ କାରଣ ତାଙ୍କୁ ଗାଡି ଚଳାଇବା ସହଜ ବୋଧ ହେଲା ।

୧୯୫୦ ରେ ନାସିକ କଂଗ୍ରେସ ଅଧିବେଶନ ସମୟରେ ମୋର ଗୋଟିଏ ଭଲ ଅଭିଜ୍ଞତା ହୋଇଥିଲା । ଏ.ଆଇ.ସି.ସି.ର କେତେକ ବିଶିଷ୍ଟ ସଭ୍ୟ ତୀର୍ଥ ଦର୍ଶନ ପାଇଁ ନାସିକରୁ ତ୍ରିମ୍ବକ ଯାଇ ଦର୍ଶନ ପରେ ନାସିକକୁ ଫେରି ଆସିବାକୁ ବସ୍ ଷ୍ଟେସନ ଗଲେ । ସେମାନେ ଆଗରୁ ଅପେକ୍ଷା କରିଥିବା ଯାତ୍ରୀଙ୍କ ଆଗକୁ ଯାଇ ବସରେ ଚଢ଼ିବାକୁ ଚେଷ୍ଟାକଲେ । କର୍ତ୍ତବ୍ୟରେ ଥିବା ପୁଲିସ କନଷ୍ଟବଳ ସେମାନଙ୍କୁ ମନାକରି ନିୟମାନୁସାରେ ଧାଡ଼ିରେ ଆସିବାକୁ କହିଲେ କିନ୍ତୁ ଏହା ଏ.ଆଇ.ସି.ସି. ସଭ୍ୟଙ୍କୁ ଭଲ ଲାଗିଲା ନାହିଁ । ତାଙ୍କ ମଧ୍ୟରୁ କେହିଜଣେ ରାଗିଯାଇ ପୁଲିସ ସହିତ କଥାବାର୍ତ୍ତାକଲେ; ଅନ୍ୟଜଣେ ଗୃହମନ୍ତ୍ରୀଙ୍କୁ ଅଭିଯୋଗ କରିବାକୁ ଧମକ ଦେଲେ । କନିଷ୍ଟବଳ ଜଣକ କହିଲେ ଗୃହମନ୍ତ୍ରୀଙ୍କ ଆଦେଶାନୁସାରେ ହିଁ ଏହି ଶୃଙ୍ଖଳା ରକ୍ଷାକରିବାକୁ ସେ ଏଠାରେ ଅଛି ଏବଂ ସେମାନେ ଯାହା ଚାହାନ୍ତି ତାହା ଅଭିଯୋଗ କରିପାରନ୍ତି । ଏଇ ବଂଧୁମାନେ ଅବସ୍ଥା ସାଙ୍ଗେ ସାଙ୍ଗେ ବୁଝିପାରି ଧାଡ଼ିରେ ଛିଡା ହୋଇ ନିଜ ପାଳିଅନୁସାରେ ବସରେ ଚଢ଼ିଲେ । ସେମାନେ ନାସିକ ଫେରି ମତେ ସମସ୍ତ ଘଟଣା କହି କନିଷ୍ଟବଳର କାମରେ ସନ୍ତୋଷ ପ୍ରକାଶ କଲେ; ମତେ ଶୁଣିବାକୁ ଭଲ ଲାଗିଲା ।

ଭାରତର ଅନ୍ୟ ପ୍ରଦେଶ ତୁଳନାରେ ବମ୍ବେରେ କମ୍ ହାତଟଣା ରିକ୍ସା ଥିଲା । କିନ୍ତୁ ପ୍ରଦେଶର କେତେକ ଭାଗରେ ସାଇକ୍ଲରିକ୍ସା ବହୁ ସଂଖ୍ୟାରେ ଆରମ୍ଭ ହୋଇଥିଲା । ମୁଁ ଦେଖିଲି ଏଗୁଡ଼ିକ ମଧ୍ୟ ପୁରଣା ରିକ୍ସା ଭଳି ଅବାଞ୍ଛନୀୟ । ଏ ପ୍ରକାର ଯାନ ପୂରାପୂରି ବନ୍ଦ କରିବାକୁ ସ୍ଥିର କଲି । ଦୁଇ ତିନିବର୍ଷରେ ଆମେ ସମ୍ପୂର୍ଣ୍ଣରୂପେ ଏହା ବନ୍ଦକରି ଦେଲୁ । ଅନେକ ଲୋକ ଆମର ଏ ଆୟୋଜନକୁ ଭଲ କହିଲେ କିନ୍ତୁ ଆମେ ସେମାନଙ୍କ ରୋଜଗାର ପନ୍ଥା ଛଡ଼ାଇନେଲୁ କହି ସମାଲୋଚନା କଲେ । ମୁଁ ସେମାନଙ୍କୁ ବୁଝାଇଲି ଯେ ୯୦ଲୋକମାନେ କଠିନ ପରିଶ୍ରମୀ ତେଣୁ ସେମାନଙ୍କୁ ଏହା ଅପେକ୍ଷା ଅଧିକ ଆତ୍ମସମ୍ମାନ ଜନକ କାମ ମିଳିଯିବ । ଏହି ଯାନ ବନ୍ଦ ହୋଇଯିବା ପରେ ଏହା ପୁନଃସ୍ଥାପନା ପାଇଁ କେହି ଚେଷ୍ଟା କରିନାହାନ୍ତି । ଆମେ ଅଟୋରିକ୍ସା ଲାଇସେନ୍ସ ଦେବା ଆରମ୍ଭ କଲୁ, ଫଳରେ ଲୋକମାନେ ଶସ୍ତାରେ ଯାତାୟାତ କରିପାରିଲେ ।

ଲୋକମାନଙ୍କର ଯାତାୟାତ ସେବାର ଉନ୍ନତିପାଇଁ ଆମେ 'ଟ୍ୟାକ୍ସି' ସେବାକୁ ପୁନର୍ଗଠନ କରି ନିୟମ ତିଆରି କଲୁ ଯଦ୍ୱାରା ଏ ଯାନ ବ୍ୟବହାର କରିବାକୁ ଲୋକମାନଙ୍କୁ ସୁବିଧା ହେଲା । ସହଜରେ ଚିହ୍ନିବା ପାଇଁ ଆମେ ଟ୍ୟାକ୍ସିର ଉପର ଭାଗ ହଳଦିଆ ଓ ବାକି ତଳଭାଗ କଳା ରଙ୍ଗ ବ୍ୟବସ୍ଥା କଲୁ । ଏଇ ରଙ୍ଗ ପ୍ରଣାଳୀ ସାରା ଭାରତରେ ଗ୍ରହଣ କରାଯାଇଛି ।

Digitized by srujanika@gmail.com

ଚଳଚ୍ଚିତ୍ର ନିୟନ୍ତ୍ରଣ (ଚଳଚ୍ଚିତ୍ର ପ୍ରଦର୍ଶନକୁ ଯିବାପୂର୍ବରୁ ତାକୁ ଦେଖି ଆପତ୍ତିଜନକ ଅଂଶବାଦ ନେବା) ପ୍ରାଦେଶିକ ଗୃହ ମନ୍ତ୍ରାଳୟାଧୀନ ଥିଲା; ମୋତେ ଚଳଚ୍ଚିତ୍ର ନିୟନ୍ତ୍ରକ ପରିଷଦ ନିଯୁକ୍ତ କରିବାକୁ ପଡୁଥିଲା । ମୁଁ ଏଥିରେ ସକ୍ରିୟ ଭାଗନେଲି । ତିଆରି ହେଉଥିବା ଅନେକ ଚଳଚ୍ଚିତ୍ର ସମାଜକୁ ଅବାଟରେ ନେଇ ପାରିଥାନ୍ତା ଓ ସାମାଜିକ ନୈତିକତା ଉପରେ କୁପ୍ରଭାବ ପକାଇ ପାରିଥାଆନ୍ତା । ସମାଜରେ ଦଣ୍ଡନୀୟ ଅପରାଧ ଉତ୍ସାହ କରିବା ଭଳି କେତେ ଚଳଚ୍ଚିତ୍ର ତିଆରି ହୋଇଥିଲା । ଚଳଚ୍ଚିତ୍ରରେ ସଂଗୀତ ମଧ୍ୟ ନିମ୍ନମାନର ଥିଲା । ମୁଁ ନିଜେ ଏ ଚଳଚ୍ଚିତ୍ର ପରୀକ୍ଷାକରି ଆପତ୍ତିଜନକ ଦୃଶ୍ୟ କାଟିବାକୁ ନିର୍ଦ୍ଦେଶ ଦେଉଥିଲି ।

ଚଳଚ୍ଚିତ୍ର ନିର୍ମାତାମାନେ ଏହାର ବିରୋଧ କଲେ । ମୁଁ ସେମାନଙ୍କ ସହିତ ଦୀର୍ଘ ଆଲୋଚନା କରି ମୋ ଉଦ୍ଦେଶ୍ୟ ବୁଝାଇବାକୁ ଚେଷ୍ଟାକଲି; କିନ୍ତୁ ସେମାନେ ବୁଝିବାକୁ ନାରାଜ କାରଣ ତାଙ୍କ ଆଖିରେ ସାମାଜିକ ମୂଲ୍ୟବୋଧ ଅପେକ୍ଷା ଅର୍ଥ ଲାଭ ବଡ଼ । ମୁଁ କଠିନ କାର୍ଯ୍ୟାନୁଷ୍ଠାନ କରିବାକୁ ସ୍ଥିରକଲି । ଭାରତରେ ବମ୍ବେ ସହରରେ ସବୁଠାରୁ ଅଧିକ ଚଳଚ୍ଚିତ୍ର ନିର୍ମାଣ ହେଉଥିଲା । ବମ୍ବେରେ ନିର୍ମିତ ଚଳଚ୍ଚିତ୍ରର ମାନ ଭଲ ରହିଲେ ଅନ୍ୟସ୍ଥାନ ଉପରେ ଏହାର ସୁପ୍ରଭାବ ପଡିବ। ମୁଁ ଚଳଚ୍ଚିତ୍ର ମାଧ୍ୟମରେ ଉପଦେଶ ଦେଇ ଦର୍ଶକମାନଙ୍କୁ ନୀତିବାନ ତିଆରି କରିବାକୁ ଇଚ୍ଛା କରୁନଥିଲି । ଚଳଚ୍ଚିତ୍ର ଆମୋଦ ପ୍ରମୋଦ ପାଇଁ ଉଦ୍ଦିଷ୍ଟ । ଆମୋଦ ପ୍ରମୋଦର ଅବକାଶ ନଥିଲେ ଚଳଚ୍ଚିତ୍ର ଲୋକପ୍ରିୟ ହୋଇପାରିବ ନାହିଁ । ସମାଜ ମଙ୍ଗଳ ପାଇଁ ପ୍ରତ୍ୟକ୍ଷ ଉପଦେଶ ଗୃହୀତ ହୁଏ ନାହିଁ କି ସଫଳ ହୁଏ ନାହିଁ । ନୈତିକ ଶିକ୍ଷାର ମାଧ୍ୟମ ରୂପ ଦେବାପାଇଁ ଚଳଚ୍ଚିତ୍ର ନିୟନ୍ତ୍ରଣର ଉଦ୍ଦେଶ୍ୟ ନ ଥିଲା; ଏହାର ଏକମାତ୍ର ଉଦ୍ଦେଶ୍ୟ ଥିଲା ଲୋକମାନଙ୍କୁ ନିରପରାଧ ଆମୋଦ ପ୍ରମୋଦ ଯୋଗାଇବା । ଆମ ନିୟନ୍ତ୍ରଣର ନୀତି ହେଲା, ଚଳଚ୍ଚିତ୍ରରେ ନୈତିକ ମାନ ଥାଉ ନ ଥାଉ ଯଦି ଅସାମାଜିକ ସନ୍ଦେଶ ନଥାଏ ଆମେ ତାକୁ ଗ୍ରହଣ କରିବୁ । ବର୍ଷକ ମଧ୍ୟରେ ମୁଁ ଏ କ୍ଷେତ୍ରରେ ବେଶ ସୁଫଳ ଲାଭ କରିଥିଲି ।

ଚଳଚ୍ଚିତ୍ର ନିୟନ୍ତ୍ରଣ କାମ ଦେଖିଲା ବେଳେ, ସିନେମା ଗୃହରେ ନିର୍ବିଚାରିତ ଧୂମପାନ ପ୍ରତି ମୋର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସିନେମା ଏବଂ ଥିଏଟ୍ ଘର ଗୁଡିକ ଚାରିଦିଗରୁ ବନ୍ଦ ଥାଏ । ତେଣୁ ଧୂମପାନ ଶ୍ୱାସରୁଦ୍ଧକନକ ହୋଇପାରେ ଏବଂ ଏହାଦ୍ୱାରା ଦର୍ଶକଙ୍କ ପୋଷାକ ଦୁର୍ଗନ୍ଧମୟ ହୁଏ । ଲୋକମାନେ ଆରାମରେ ଟ୍ରାମ ଏବଂ ବସରେ ଧୂମପାନ କରୁଥିଲେ । ମୁଁ ଅନେକ ବ୍ୟକ୍ତିଙ୍କ ଠାରୁ ଅଭିଯୋଗ ପାଇଲି । ଆମେ ସିନେମା ଗୃହରେ, ବସ୍ ଓ ଟ୍ରାମରେ ଧୂମପାନ ନିଷେଧ କରିବାକୁ ସ୍ଥିର କରି ନିୟମ ତିଆରି କଲୁ । ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବାକୁ ମୁଁ ଆବଶ୍ୟକୀୟ ନିର୍ଦ୍ଦେଶ ଦେଲି । ମୁଁ ଏହାକୁ କଡାକଡି ଭାବେ ଲାଗୁ କରାଇ ପାରିଲି କାରଣ ଏହା ଜନକଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ଥିଲା ଏବଂ ଏଥିରେ ମୋର କିଛି ବ୍ୟକ୍ତିଗତ ଉଦ୍ଦେଶ୍ୟ ନଥିଲା ।

ଏହା ଉପରେ ଛ' ମାସକାଳ ସମାଲୋଚନା ଚାଲିଲା । ଶେଷରେ ସମସ୍ତେ ଏହାକୁ ସ୍ୱାଗତ କଲେ ଓ ମତେ ଧନ୍ୟବାଦ ଦେଲେ । କେତେ ବର୍ଷପରେ ବିଦେଶ ଯାତ୍ରାରେ ଦେଖିଲି ଯେ "ଧୂମପାନ ନିଷେଧ" ନୀତି ସେଠାରେ ବହୁ ବର୍ଷ ଆଗରୁ ଚାଲୁରହିଛି । ଏହା ଆଗରୁ ଜାଣିଥିଲେ ମୁଁ ବମ୍ବେବାସୀଙ୍କୁ ଏହାର ଉଦାହରଣ ଦେଇ ପ୍ରଥମରୁ ଧୂମପାନ ବନ୍ଦ କରିବାକୁ ମତାଇ ପାରିଥାଆନ୍ତି । ମୁଁ ପୋଲିସଙ୍କୁ ନିର୍ଦ୍ଦେଶ ଦେଇଥିଲି ଯେ ସେମାନେ ଏ ନିୟମ ପାଳନ ପ୍ରତି ଯତ୍ନବାନ ରହିବେ ଏବଂ କାହାରି ସୁପାରିଶରେ ମଧ୍ୟ ଏଥିରେ ଢ଼ିଲା କରିବେ ନାହିଁ ।

୧୯୪୭ ଅଗଷ୍ଟ ୧୫ରେ ସ୍ୱାଧୀନତା ଘୋଷଣା ହେବାର ଥିଲା । ଏହି ତାରିଖ ପୂର୍ବରୁ ନିଜ ଇଚ୍ଛାରେ ଅବସର ନେବାକୁ ଇଂରେଜୀ ଆଇ.ସି.ଏସ୍ ଓ ଆଇ.ପି.ଏସ. ଅଫିସରମାନଙ୍କୁ ସୁବିଧା ଦିଆଯାଇଥିଲା । ଆମେ ତାଙ୍କୁ ଆଶ୍ୱସନା ଦେଇଥିଲୁ ଯେ ଯେଉଁମାନେ ଭାରତରେ ଚାକିରିରେ ରହିବାକୁ ଚାହାନ୍ତି ସେମାନଙ୍କୁ ସ୍ୱାଗତ କରାଯିବ । ପ୍ରାୟ ଚାଳିଶ ଜଣ ଅଫିସର ଅବସର ନେବାକୁ ଇଚ୍ଛା ପ୍ରକାଶ କଲେ ।

Digitized by srujanika@gmail.com

ମୁଁ ଏ ବିଷୟ ଗଭର୍ଣ୍ଣରଙ୍କ ସହିତ ଆଲୋଚନା କରିବା ବେଳେ ସେ କହିଲେ ଯଦି ଏମାନେ ସମସ୍ତେ ଅବସର ନିଅନ୍ତି ତେବେ ସେ ପଦବୀରେ ଶୀଘ୍ର ପୁନଃସ୍ଥାପନ ସମ୍ଭବପର ନୁହେଁ ଏବଂ ଅନଭିଜ୍ଞ ବ୍ୟକ୍ତିଙ୍କ ହାତରେ 'ଲଗାମ' ରହିଲେ ଶାସନ ଗ୍ରନ୍ଥିଚ୍ୟୁତ ହୋଇଯିବ । ମୁଁ କହିଲି, ଆମେ ଏହି ବ୍ୟକ୍ତିମାନଙ୍କୁ ଆଶ୍ୱାସନା ଦେଇଛୁ ଯେ ସ୍ୱାଧୀନ ଭାରତ ସେମାନଙ୍କ ସେବାକୁ ସ୍ୱାଗତ କରିବ ଏବଂ ସେମାନେ ରହିବାକୁ ଇଚ୍ଛାକଲେ ଆତ୍ମମର୍ଯ୍ୟାଦା ଓ ସମ୍ମାନ ସହିତ କାମ କରିପାରିବେ। ମୁଁ ମଧ କହିଥିଲି ଯେ ଅନିଚ୍ଛୁକ ବ୍ୟକ୍ତିଙ୍କୁ ରହିବାକୁ ଆମେ ଅନୁରୋଧ କରିବୁ ନାହିଁ । ଗଭର୍ଣ୍ଣର ମୋତେ ସେମାନଙ୍କୁ କିଛି ଅନୁଗ୍ରହ ଦେଇ ରହିବାକୁ ପ୍ରବର୍ତ୍ତାଇବା ପାଇଁ କହିଲେ ଫଳରେ ଆମେ ସାଙ୍ଗେ ସାଙ୍ଗେ ଅଭିଜ୍ଞ କଲେକ୍ଟର ଏବଂ ଏସ.ପି. ପାଇପାରିବୁ । ମୁଁ କହିଲି, ମୁଁ ସେଥିପାଇଁ ବ୍ୟସ୍ତ ହେଉନାହିଁ । ଅନିଚ୍ଛୁକ ଅଫିସରଙ୍କୁ ଅନୁଗ୍ରହ ଦେଇ ରହିବାକୁ ମୁଁ ପ୍ରବର୍ତ୍ତାଇବି ନାହିଁ । ମୁଁ ଏହା କଲେ, ଏ ଅଫିସରମାନେ ନିଜକୁ ଅପରିହାର୍ଯ୍ୟ ଭାବି ଶାସନ କ୍ଷେତ୍ରରେ ପ୍ରଭୁତ୍ୱ ପ୍ରଦର୍ଶନ କରିବେ, ଫଳରେ ଏହାର ପ୍ରତିକୂଳ ପ୍ରଭାବ ଶାସନ ଉପରେ ପଡିବ । ମୁଁ ଆଶ୍ୱାସନା ଦେଲି ଯେ ଅନଭିଜ୍ଞ ଅଫିସରମାନଙ୍କ ସହିତ କାମ କରିବାକୁ ପଡିଲେ ସୁଦ୍ଧା ମୁଁ ଶାସନରେ ବିଭ୍ରାନ୍ତ ଘଟିବାକୁ ଦେବି ନାହିଁ । ଏପରିକି ମୁଁ ଆଶାବ୍ୟକ୍ତ କଲି ଯେ ଏହାଦ୍ୱାରା କାମ ବରଂ ଆହୁରି ଭଲ ଭାବରେ ଚାଲିବ । ନିଜର ଭାବନା ମୋ ଉପରେ ନ ଲଦିବାକୁ ମୁଁ ଗଭର୍ଣ୍ଣରଙ୍କୁ ଅନୁରୋଧ କଲି ।

ଗଭର୍ଣ୍ଣରଙ୍କୁ ମୋ କଥା ଭଲ ଲାଗିଲା ନାହିଁ । କିନ୍ତୁ ସେ ଜାଣିପାରିଲେ ଯେ ମୁଁ ତାଙ୍କ ସହିତ ଏକମତ ହେବି ନାହିଁ; ତେଣୁ ସେ ଆଉ କିଛି ଏ ବିଷୟରେ କହିଲେ ନାହିଁ । ଆମର ଏହି ନୀତି ଯୋଗୁଁ ଭାରତୀୟମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଲା ଏବଂ ନୂଆ ସରକାରଙ୍କ ପ୍ରତି ସମ୍ମାନ ଓ ଆନୁଗତ୍ୟ ମଧ୍ୟ । ଗଭର୍ଣ୍ଣରଙ୍କ ଉପଦେଶ ନ୍ୟାୟଯୁକ୍ତ ଥିଲା କିନ୍ତୁ ବିଦେଶୀ ଶାସକ ହିସାବରେ ସେ ଖାଲି ନିଜ ଦୃଷ୍ଟିକୋଣରୁ ଦେଖୁଥିଲେ । ପରେ ସେ ମୋ ନୀତିର ଉପାଦେୟତା ଅନୁଭବ କରିଥିଲେ ।

୧୯୪୬ ରେ ବମ୍ବେ ସହର ପାଖ ଥାନା ଜିଲାରେ କାମ କରୁଥିବା କମ୍ୟୁନିଷ୍ଟମାନେ ସେ ଅଞ୍ଚଳରେ ରହୁଥିବା ଜନଜାତିଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି କରିବାପାଇଁ ଚେଷ୍ଟା କରୁଥିଲେ । ସେମାନେ କିଷାନ ସଭା ନାମକ ଏକ ସଂସ୍ଥା ଜରିଆରେ ଅନ୍ୟମାନଙ୍କ ମଧ୍ୟରେ ଗଣ୍ଡଗୋଳ କରି ଲୋକଙ୍କୁ ଡରାଇବାକୁ ଚେଷ୍ଟା କରୁଥିଲେ । ଏହାଦ୍ୱାରା ଜଙ୍ଗଲାଞ୍ଚଳ ଓ ଜିଲାର ଗ୍ରାମମାନଙ୍କରେ ଅନିଶ୍ଚୟତା ଓ ଭୟର ବାତାବରଣ ସୃଷ୍ଟି ହେଲା । ମୁଁ ଏ ପ୍ରକାର ଉତ୍ତେଜନା ସୃଷ୍ଟି କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ପ୍ରତିଷେଧମୂଳକ ପଦକ୍ଷେପ ନେଲି । ମୁଁ ସେ ଅଞ୍ଚଳକୁ ଯାଇ ଲୋକମାନଙ୍କୁ ଆଶ୍ୱାସନା ଦେଲି ଯେ ସରକାର ଏପରି ଉତ୍ତେଜନାକୁ ପ୍ରଶ୍ରୟ ଦେବେ ନାହିଁ ଏବଂ ଏହା ମୂଳରେ ଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କଠିନ କାର୍ଯ୍ୟକ୍ରମ କରିବେ । ସେଠାରେ କେତେକ ଗ୍ରାମରେ ଜନଜାତି ସେବା ସଂଘ କାମ କରୁଥିଲା । ସେମାନେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଲେ ଏବଂ ଫଳରେ ଅଳ୍ପଦିନ ଭିତରେ କମ୍ୟୁନିଷ୍ଟ ଆନ୍ଦୋଳନ ଶାନ୍ତ ହୋଇଗଲା ।

ଅମାଲ୍‌ନର ସହରରେ ଏହି ସମୟରେ କମ୍ୟୁନିଷ୍ଟ ଶ୍ରମିକ ୟୁନିୟନ ଗଣ୍ଡଗୋଳ ସୃଷ୍ଟି କରିଥିଲେ ଏବଂ ଏହାକୁ ଦବାଇବା ପାଇଁ ପୁଲିସକୁ ଗୁଳି ପ୍ରୟୋଗ କରିବାକୁ ପଡିଥିଲା । ପୁଲିସ ଗୁଳିରେ ଆଠ ନଅଜଣ ବ୍ୟକ୍ତି ପ୍ରାଣତ୍ୟାଗ କରିଥିଲେ । ମୁଁ ମୋର ସହକର୍ମୀ, ତତ୍‌କାଳୀନ ବମ୍ବେର ଶ୍ରମ ମନ୍ତ୍ରୀ ଶ୍ରୀ ଗୁଲଜାରିଲାଲ ନନ୍ଦାଙ୍କୁ ଅତିଶୀଘ୍ର ଅମାଲ୍‌ନର ସହରକୁଯାଇ ନିଜେ ଘଟଣାର ତଦନ୍ତ କରିବାକୁ ଅନୁରୋଧ କରିଥିଲି । ସେ ପୁଲିସର ଗୁଳିଚାଳନାର ଉପଯୋଗିତା ତଦନ୍ତ ଓ ଘଟଣାର ତଥ୍ୟ ସଂଗ୍ରହ କରିବାକୁ ଯାଇଥିଲେ । ଶ୍ରୀ ନନ୍ଦା ସେହି ରାତିରେ ଯାଇ ପରଦିନ ତଦନ୍ତ କରିଥିଲେ । ସେ ଦୁଇଦିନ ପରେ ଫେରି ବାଲାସାହେବ ଓ ମୋତେ ସାକ୍ଷାତ କରି କହିଥିଲେ ଯେ ପୁଲିସ୍ ଗୁଳି ଚାଳନା ଉପଯୁକ୍ତ ବିବେଚିତ ହୋଇଥିଲା । କମ୍ୟୁନିଷ୍ଟ କର୍ମୀମାନଙ୍କ ଦ୍ୱାରା ଏପରି

Digitized by srujanika@gmail.com

ପରିସ୍ଥିତି ସୃଷ୍ଟି ହୋଇଥିଲା ଯେ ଗୁଳିଚାଳନା କରିନଥିଲେ ଅନେକ ପୁଲିସ ମୃତ୍ୟୁମୁଖରେ ପଡ଼ିଥାନ୍ତେ । ଆମର ହୃଦବୋଧ ହେବାରୁ ଆମେ ଆଉ ତଦନ୍ତର ଆବଶ୍ୟକତା ଅନୁଭବ କଲୁନାହିଁ ।

ବ୍ରିଟିଶ୍ ଶାସନ ଅମଳରୁ ଅନେକ ଲୋକଙ୍କର ମତଥିଲା ଯେ ପୁଲିସ ଗୁଳିଚାଳନାର ସାର୍ବଜନୀନ ତଦନ୍ତ ହେବା ନିହାତି ଉଚିତ । ମହାରାଷ୍ଟ୍ର କଂଗ୍ରେସ କମିଟି ଏବଂ ତାର ଅଧ୍ୟକ୍ଷ ଅମାଲନର ଗୁଳିକାଣ୍ଡର ସାର୍ବଜନୀନ ତଦନ୍ତ ପାଇଁ ଦାବୀ କଲେ । କମ୍ୟୁନିଷ୍ଟ ଓ ଅନ୍ୟ କେତେଜଣ ସେ ଦାବୀ ଆଗରୁ କରିସାରିଥିଲେ । ଏ ବିଷୟ ଉପରେ ପ୍ରଦେଶ କଂଗ୍ରେସ କମିଟିରେ କଡ଼ା ଆଲୋଚନା ହୋଇଥିଲା । ତେଣୁ ପରିସ୍ଥିତି ଟିକିଏ ଅଧିକ ଦୁରୁହ ହୋଇପଡ଼ିଲା । ଆମେ କିନ୍ତୁ ସାଙ୍ଗେ ସାଙ୍ଗେ ଉପଯୁକ୍ତ ତଦନ୍ତ କରିଥିଲୁ । ହୃଦୟଙ୍ଗମ କରିଥିଲୁ ଯେ ପୁଲିସ ଗୁଳିଚାଳନାର ଆବଶ୍ୟକତା ଥିଲା । ତେଣୁ ସାର୍ବଜନୀନ ତଦନ୍ତର ଆବଶ୍ୟକତା ନ ଥିଲା । ପୁଲିସଙ୍କୁ ଏପରି ଘନେ ସୁରକ୍ଷା ଦିଆନଗଲେ ଆନ୍ଦୋଳନକାରୀମାନେ ନିଜର ମନ୍ଦ ଉଦ୍ଦେଶ୍ୟ ସାଧନରେ ସଫଳ ହେବେ । ପୁଲିସ ନିରୁତ୍ସାହ ହେଲେ ଏପରି ଗଣ୍ଡଗୋଳକୁ ଆୟତ୍ତ କରିବା ପ୍ରାୟ ଅସମ୍ଭବ ହୋଇପଡ଼ିବ । ମୁଁ ଅଧିକ ପଦକ୍ଷେପ ନେବାକୁ ମନାକଲି ।

ତଦନ୍ତ ପାଇଁ ଆନ୍ଦୋଳନ ଲାଗି ରହିଲା । ପ୍ରଦେଶ କଂଗ୍ରେସ କମିଟି ଏ ଦାବୀ ପାଇଁ ଶ୍ରୀ ଜବାହରଲାଲ ନେହେରୁ ଓ ସର୍ଦ୍ଦାର ସାହେବଙ୍କ ଅନୁମୋଦନ ପାଇଥିଲା । ଉଭୟ ବାଲାସାହେବଙ୍କୁ ଏ ବିଷୟରେ ଲେଖିଥିଲେ । ସର୍ଦ୍ଦାର ସାହେବ ଆମକୁ ଲେଖିଥିଲେ ଯେ ଅନେକ ବ୍ୟକ୍ତି ତଦନ୍ତ ପାଇଁ ଦାବି କରୁଥିବାରୁ ଆମେ ତଦନ୍ତ କରିବାକୁ ବିଚାର କରିବା ଉପଯୁକ୍ତ ହେବ ଏବଂ ଯେହେତୁ ପୁଲିସ ତରଫରୁ କୌଣସି ତ୍ରୁଟି ହୋଇନାହିଁ, ଆମେମାନେ ତଦନ୍ତର ଫଳାଫଳ ପାଇଁ ବ୍ୟସ୍ତ ହେବାର ଅବକାଶ ନାହିଁ । ବାଲାସାହେବ ବ୍ୟସ୍ତ ହୋଇ ନେତାମାନଙ୍କୁ କ'ଣ ଜବାବ ଦେବାକୁ ହେବ ବୋଲି ମୋତେ ପଚାରିଲେ । ମୁଁ ତାଙ୍କୁ କହିଲି ଏହାର ଦୁଇଟି ସମ୍ଭାବ୍ୟ ସମାଧାନ ଅଛି । ସେ ଦିଲ୍ଲୀ ଚିଠି ଦେବେ ଯେ "ସେଭଳି ତଦନ୍ତର ପ୍ରୟୋଜନ ନାହିଁ ଓ ତଦ୍ୱାରା ବହୁତ କ୍ଷତି ହେବ, ବା ମୁଁ ଇସ୍ତଫା ଦେବି ଏବଂ ତାପରେ ସେମାନେ ତଦନ୍ତ କରିପାରିବେ ।" ତଦନ୍ତର ଆବଶ୍ୟକତା ନାହିଁ ବୋଲି ଲେଖିବାକୁ ବାଲାବାହେବ କୁଣ୍ଠାବୋଧ କରୁଥିଲେ । ମୁଁ ତାଙ୍କୁ କହିଲି "ତଦନ୍ତ କରିବାକୁ ସ୍ଥିରକଲେ, ପ୍ରଥମେ ମୋର ଇସ୍ତଫା ଗ୍ରହଣ କରିବେ କାରଣ ମୁଁ ସେ ପରିସ୍ଥିତିରେ କାମ ନେଇପାରିବି ନାହିଁ; ସେମାନଙ୍କ ଠାରୁ ଦକ୍ଷତା ସହକାରେ କାମ ନେବା ମୋ ପକ୍ଷରେ ଅସମ୍ଭବ ହେବ ।" ମୁଁ ତାଙ୍କୁ ଆଶ୍ୱାସନା ଦେଲି ଯେ ମୁଁ ତାଙ୍କ ବିରୁଦ୍ଧରେ ଇସ୍ତଫା ଦେବି ନାହିଁ । ସେ ଯାହା ଠିକ୍ ଭାବୁଛନ୍ତି ତାହା ନିଃଶଙ୍କୋଚରେ କରିବାକୁ ମୁଁ କହିଲି ।

ବାଲାସାହେବ ସ୍ଥିରକଲେ ଯେ ସେ ପରିସ୍ଥିତିରେ ସେ ତଦନ୍ତ ଆଦେଶ ଦେଇପାରିବେ ନାହିଁ କି ମତେ ଛାଡି ପାରିବେନାହିଁ । ମୁଁ ତେଣୁ ତାଙ୍କୁ ଜବାହରଲାଲ ନେହେରୁ ଓ ସର୍ଦ୍ଦାର ସାହେବଙ୍କୁ ସ୍ପଷ୍ଟ ଭାବେ ସବୁ ଲେଖିବାକୁ କହିଲି ।

ସେ ତଦନୁଯାୟୀ ଲେଖିଲେ । ଚିଠିରେ ବର୍ଣ୍ଣନା କଲେ ଯେ ସେ ମୁହୂର୍ତ୍ତରେ ଆମେ କଠିନ ପରିସ୍ଥିତି ମଧ୍ୟରେ କାମ କରୁଥିଲୁ ଓ କଂଗ୍ରେସର ଆଦର୍ଶ ଓ ନିୟମାନୁସାରେ ସରକାର ଚଳାଇବାକୁ ନିଷ୍ଠାପର ଉଦ୍ୟମ କରୁଛୁ । ପୁଲିସ ଯେଉଁ ପଦକ୍ଷେପ ନେଇଛନ୍ତି ତାହା କରି ନଥିଲେ ସେମାନେ ନିଜର କର୍ତ୍ତବ୍ୟ ସାଧନ କରପାରି ନଥାନ୍ତେ । ତଦନ୍ତ ହେଲେ ଅନେକ ଅସୁବିଧା ହେବ । ଲୋକମାନେ ଦାୟିତ୍ୱହୀନ ଭାବେ ବୟାନ ଦେବେ ଏବଂ ଏପରି ତଦନ୍ତରେ, ସବୁ ବେଳେ ଘଟୁଥିବା ଭଳି, କିଛି ନା କିଛି ଆପତ୍ତି ଜନକ କଥା ବାହାରିବ । ଏହା ପୁଲିସ୍ ପାଇଁ ଅତ୍ୟନ୍ତ କଷ୍ଟସାଧ ହେବ ଏବଂ ଶାସନ କାର୍ଯ୍ୟ ଅତ୍ୟନ୍ତ ଦୁରୂହ ହେବ । ଆମ ବିଚାରରେ ପୁଲିସକୁ ଦୁର୍ବଳ କରିବା ଉଚିତ ହେବ ନାହିଁ । ସେମାନେ କର୍ତ୍ତବ୍ୟ ପାଳନ କରି ଭଲ କାମକଲେ ସେମାନଙ୍କୁ ସୁରକ୍ଷା ଦେବା ଓ ଭୁଲ କାମ କଲେ ଦଣ୍ଡ ବିଧାନ କରିବା ଆମର କର୍ତ୍ତବ୍ୟ । ପୁଣି ଲେଖିଥିଲେ ସେ କେନ୍ଦ୍ରଠାରୁ ସମର୍ଥନ ଓ

Digitized by srujanika@gmail.com

ସହାନୁଭୂତି ପାଇବାକୁ ଆଶା କରିଥିଲେ / କିନ୍ତୁ ତା ପରିବର୍ତ୍ତେ କେନ୍ଦ୍ର ବିପକ୍ଷ ମତକୁ ସମର୍ଥନ କଲେ ସରକାର ଚଳାଇବା କାମ କଷ୍ଟସାଧ ହେବ । ସେମାନେ ଯଦି ଇଚ୍ଛା କରୁଛନ୍ତି ଯେ ଆମେ କେବଳ କେନ୍ଦ୍ର ନିର୍ଦ୍ଦେଶ ପାଳନ କରିବୁ, ତା' ଅର୍ଥ ହେବ ଯେ ସେମାନଙ୍କ ମତରେ ଆମେ ଆମ କର୍ତ୍ତବ୍ୟ କିପରି ପାଳନ କରିବୁ ଜାଣିନାହୁଁ । ଯଦି ସେମାନେ ଅନୁଭବ କରୁଛନ୍ତି ମନ୍ତ୍ରୀମଣ୍ଡଳ ଠିକ୍ କାମ କରୁନାହିଁ ତେବେ ମନ୍ତ୍ରୀମାନଙ୍କୁ ସାଙ୍ଗେ ସାଙ୍ଗେ ଇସ୍ତଫା ଦେବାକୁ ସେ କହିବାକୁ ପ୍ରସ୍ତୁତ ଅଛନ୍ତି । ବାଲାସାହେବ ଦୃଢ଼ତାର ସହିତ ଯୁକ୍ତି କରିଥିଲେ ଯେ କାର୍ଯ୍ୟ କିପରି ଚଳାଇବାକୁ ହେବ ସେ ଜାଣନ୍ତି ।

ଚିଠି ପାଇ ଜବାହରଲାଲଜୀ ଏବଂ ସର୍ଦ୍ଦାର ସାହେବ ଜଣାଇଲେ ଯେ ଆମ ନିର୍ଣ୍ଣୟ ନେବା ଅଧିକାରରେ ହସ୍ତକ୍ଷେପ କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା । ତାଙ୍କ ଦୃଷ୍ଟିକୁ ଆସିଥିବା ବିଷୟ ଆମକୁ କହିବା ତାଙ୍କର ଉଦ୍ଦେଶ୍ୟ ଥିଲା । ତେଣୁ ସେ ନିର୍ଣ୍ଣୟ ଆମ ଉପରେ ଛାଡି ଦେଇଛନ୍ତି । ଆମ ଦୃଢ ନୀତିକୁ ଧନ୍ୟବାଦ, ବିପକ୍ଷ ଦାବି ଶୀଘ୍ର ଉଭେଇଗଲା ।

୧୯୫୬ ପର୍ଯ୍ୟନ୍ତ ବମ୍ବେ ଷ୍ଟେଟ୍‌ରେ ମୁଁ ଗୃହମନ୍ତ୍ରୀ ଥିବାବେଳେ ସରକାର ବିରୋଧୀ ଗଣ୍ଡଗୋଳ ଶାନ୍ତ କରିବା ପାଇଁ ଅନେକ ଅପ୍ରୀତିକର ପରିସ୍ଥିତିରେ ଗୁଳି ଚଳାଇବାକୁ ପଡିଥିଲା । କିନ୍ତୁ ଏ ଘଟଣା ପରେ କେନ୍ଦ୍ର ସରକାର କେବେହେଲେ ସ୍ୱତନ୍ତ୍ର ବିଚାର ବିଭାଗୀୟ ତଦନ୍ତ ପାଇଁ ପ୍ରସ୍ତାବ ଦେଇ ନ ଥିଲେ ।

ମୁଁ ବାପୁଙ୍କଠାରୁ ଜାଣିଥିଲି ଯେ ସ୍ୱାଧୀନତା ଆନ୍ଦୋଳନ ସମୟରେ ସରକାରୀ ଚାକିରୀ ତ୍ୟାଗ କରିଥିବା ବ୍ୟକ୍ତିମାନେ ପେନ୍‌ସନ୍ ହରାଇବେ ନାହିଁ ବୋଲି ଗାନ୍ଧୀ ଇରଉଇନ୍ ସନ୍ଧିରେ ଥିବା ସର୍ତ୍ତକୁ ଭାଇସରାୟ ଗ୍ରହଣ କରିଛନ୍ତି । ବମ୍ବେ ଗଭର୍ଣ୍ଣର ଏଇ ସର୍ତ୍ତ ସମେତ ସନ୍ଧିରେ ଥିବା ଅନେକ ସର୍ତ୍ତ ଗ୍ରହଣ କରୁ ନଥିଲେ । ସେ ସରକାରୀ କର୍ମଚାରୀଙ୍କ ପୁନଃସ୍ଥାପନ ସମ୍ବନ୍ଧୀୟ କୌଣସି ପ୍ରସ୍ତାବ ଗ୍ରହଣ କରୁ ନଥିଲେ । ଆମେ ୧୯୩୭ ରେ ମନ୍ତ୍ରୀମଣ୍ଡଳ ଗଢିବା ବେଳେ ସ୍ୱାଧୀନତା ଆନ୍ଦୋଳନ ସମୟରେ ଇସ୍ତଫା ଦେଇଥିବା ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁନଃ ନିୟୋଜନ ଦେବାକୁ ଭାବିଥିଲୁ । କିନ୍ତୁ ସ୍ୱାଧୀନତା ନ ମିଳିଥିବାରୁ ଆମେ ପ୍ରକୃତ ପଦକ୍ଷେପ ନେଇ ପାରିନଥିଲୁ । ୧୯୪୭ ରେ ଦ୍ୱିତୀୟ ମନ୍ତ୍ରିମଣ୍ଡଳ ଗଢ଼ିବା ବେଳେ, ସତ୍ୟାଗ୍ରହ ଆନ୍ଦୋଳନ ସମୟରେ ଇସ୍ତଫା ଦେଇଥିବା ସମସ୍ତ ସରକାରୀ କର୍ମଚାରୀକୁ ପୁନଃସ୍ଥାପନ କରିବାକୁ ସ୍ଥିର କରିଥିଲୁ । ଯେଉଁ ସରକାରୀ କର୍ମଚାରୀ ବୟସ ସୀମା ଟପି ଯାଇଥିଲେ ବା ପୁନଃ ନିଯୁକ୍ତି ଇଚ୍ଛା କରୁନଥିଲେ ସେମାନଙ୍କୁ ପେନ୍‌ସନ୍ ଦେବା ସ୍ଥିରକରି ସେଇ ଉଦ୍ଦେଶ୍ୟରେ ନିୟମ ତିଆରି କଲୁ । କୌଣସି ପଦକ୍ଷେପ ନେବା ପୂର୍ବରୁ ମୁଁ ଘୋଷଣା କରିଥିଲି ଯେ ଗାନ୍ଧୀ-ଇର୍‌ଉଇନ ସନ୍ଧି ଅନୁଯାୟୀ ମୋର ପ୍ରାପ୍ୟ ପେନ୍‌ସନ୍ ମୁଁ ଗ୍ରହଣ କରିବି ନାହିଁ । ମୋ ନିର୍ଣ୍ଣୟ ଲିପିବଦ୍ଧ କରିବା ପରେ ୧୯୪୯ ଜୁନ ମାସରେ ମୁଁ ଅନ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଆଦେଶନାମା ଜାରି କରିଥିଲି ।

Digitized by srujanika@gmail.com

(୨୯) ଗୁଜରାଟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା

୧୯୪୭ରେ ପ୍ରାଥମିକ ଶିକ୍ଷା ବାଧ୍ୟତାମୂଳକ କରିବାକୁ ଆମେ ନିର୍ଣ୍ଣୟ ନେଲୁ । ଏକ ହଜାରରୁ ଅଧିକ ଲୋକସଂଖ୍ୟା ଗ୍ରାମମାନଙ୍କରେ କାମ ଆରମ୍ଭ କଲୁ । ଅଧିକ ବଢ଼ାଇବା ଆମ କ୍ଷମତା ଭିତରେ ନଥିବାରୁ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ପ୍ରଥମରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ସୀମିତ ଥିଲା ।

ବମ୍ବେ ପ୍ରଦେଶରେ ସେତେବେଳେ ମଞ୍ଜୁରୀପ୍ରାପ୍ତ ବମ୍ବେ ବିଶ୍ୱବିଦ୍ୟାଳୟ ଥିଲା । ମହର୍ଷି କାର୍ଭେ ଓ ଶ୍ରୀମତୀ ନାଥିବାଇ ଦାମୋଦର ଥାକର୍ସେଙ୍କ ନାମରେ ଗୋଟିଏ ମହିଳା ବିଶ୍ୱବିଦ୍ୟାଳୟ ଥିଲା । ଏହା କିନ୍ତୁ ସରକାରୀ ଅନୁମୋଦନ ପାଇ ନଥିଲା । ମନ୍ତ୍ରୀମଣ୍ଡଳ ଗଢ଼ିବା ପରେ ପରେ ଏହାକୁ ଅନୁମୋଦନ ଦେବା ପାଇଁ ଆବଶ୍ୟକୀୟ ଆଇନ ତିଆରି କଲୁ । ତା' ଛଡ଼ା ଗୁଜରାଟ, ମହାରାଷ୍ଟ୍ର ଓ କର୍ଣ୍ଣାଟକ - ପ୍ରତ୍ୟେକ ରାଜ୍ୟରେ ଗୋଟିଏ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ପାଇଁ ଅଲଗା ଅଲଗା କମିଟି ନିଯୁକ୍ତ କଲୁ । ଶ୍ରୀ ଏମ୍.ସି.ଚଗ୍ଲାଙ୍କ ଅଧ୍ୟକ୍ଷତାରେ ଗୁଜରାଟ ବିଶ୍ୱବିଦ୍ୟାଳୟ ପାଇଁ କମିଟି ୧୯୪୭ରେ ନିଯୁକ୍ତ ହୋଇଥିଲା । ସେ ଇସ୍ତଫା ଦେଲେ ଏବଂ କେନ୍ଦ୍ର ବିଧାନସଭା ବାଚସ୍ପତି ଶ୍ରୀ ଗଣେଶ ବାସୁଦେବ ମାଭ୍ଲଙ୍କର୍ ତାଙ୍କ ସ୍ଥାନରେ ନିଯୁକ୍ତ ହେଲେ । ସେ କମିଟି ରିପୋର୍ଟ ଦାଖଲ କରିବା ପରେ ଗୁଜରାଟ ବିଶ୍ୱବିଦ୍ୟାଳୟ ସ୍ଥାପିତ ହେଲା । ସେଇ ସମୟରେ ପୁନା ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଇଥିଲା । ବମ୍ବେ ପ୍ରଦେଶରେ ରହୁଥିବା 'କନ୍ନଡ଼' ଭାଷା ଭାଷୀ ଲୋକମାନଙ୍କ ସୁବିଧା ପାଇଁ କର୍ଣ୍ଣାଟକ ବିଶ୍ୱବିଦ୍ୟାଳୟ ୧୯୪୯ରେ ସ୍ଥାପିତ ହୋଇଥିଲା ।

ପ୍ରଶ୍ନ ଉଠିଲା, ଗୁଜରାଟ ବିଶ୍ୱବିଦ୍ୟାଳୟରେ କିଏ ଉପକୁଳପତି ପଦରେ ନିଯୁକ୍ତ ହେବେ । ଏ ସମ୍ବନ୍ଧରେ କିଛି ତିକ୍ତତା ଦେଖା ଦେଇଥିଲା । ଶ୍ରୀ ମାଭ୍ଲଙ୍କର୍ ପ୍ରଥମ ଉପକୁଳପତି ହେବାକୁ ଇଚ୍ଛା କରିଥିଲେ । କିନ୍ତୁ କେତେକ କର୍ମୀ ଏହାର ବିରୋଧ କରି ସର୍ଦ୍ଦାର ସାହେବଙ୍କୁ ପ୍ରତିବାଦ ଜଣାଇବାକୁ ମୋତେ କହିଲେ । ମୁଁ ମନାକରି କହିଲି, ସେମାନେ ଚାହିଁଲେ ନିଜେ ପ୍ରତିବାଦ ଜଣାନ୍ତୁ । ମୁଁ ସର୍ଦ୍ଦାର ସାହେବଙ୍କ ଠାରୁ ଖବର ପାଇଲି ଯେ ମୁଁ ରାଜି ହେଲେ ଶ୍ରୀ କନ୍ହୈୟାଲାଲ ମୁନସୀଙ୍କ ନାମ ଉପକୁଳପତି ପାଇଁ ବିଚାର କରାଯିବ । କିଛିଦିନ ପରେ ସର୍ଦ୍ଦାର ବମ୍ବେ ଆସିଥିଲେ ଏବଂ ମୁଁ ପ୍ରଶ୍ନ ଉଠାଇ କହିଲି ଶ୍ରୀ ମୁନ୍‌ସୀଙ୍କୁ ଉପକୁଳପତି ରୂପେ ନିଯୁକ୍ତ କରାଗଲେ ମୋର କୌଣସି ଆପତ୍ତି ନାହିଁ । କିନ୍ତୁ ଏହା ମଧ୍ୟ କହିଲି ଯେ ଶ୍ରୀ ମୁନ୍‌ସୀ ଗୁଜରାଟରେ କୌଣସି ଲୋକ ହିତକର କାମ କରି ନଥିବାରୁ ଗୁଜରାଟରେ ଅନେକ ଏ ନିଯୁକ୍ତି ପ୍ରତି ଆଗ୍ରହ ପ୍ରକାଶ କରି ନପାରନ୍ତି ଏବଂ ସେପରି ସ୍ଥଳେ ବିପକ୍ଷଙ୍କୁ ସଫଳତାର ସହ ବୁଝାଇବା ମୋ ପକ୍ଷରେ କଷ୍ଟ ହେବ ।

ସର୍ଦ୍ଦାର ସାହେବ ମୋତେ ଅନ୍ୟଜଣଙ୍କ ନାମ ପ୍ରସ୍ତାବ କରିବାକୁ କହିଲେ । ମୁଁ କହିଲି ସୁପାରିଶ କରିବା ଭଳି ନାମ ମୋ ପାଖରେ ନାହିଁ ଏବଂ ଯଦି ସେ ଇଚ୍ଛା କରନ୍ତି ମୁଁ କେତେଜଣଙ୍କ ନାମ ପ୍ରସ୍ତାବ କରିପାରେ ଓ ସେଥିରୁ ସେ ଜଣଙ୍କୁ ବାଛିବେ । ତଦନୁଯାୟୀ ମୁଁ ଛ' ଜଣଙ୍କ ନାମ ଦେଲି : ସର୍ବଶ୍ରୀ ଜି.ଭି. ମାଭ୍ଲଙ୍କର୍, କାକାସାହେବ କେଲ୍‌କାର୍, କେ.ଜି. ନାୟକ, ଏନ୍.ଏମ୍,ସାହା, ନାନାଭାଇ ଭଟ୍ଟ, ଶ୍ରୀ ହର୍ଷିଦଭାଇ ଦିବେତୀୟା । ସର୍ଦ୍ଦାର ସାହେବ ଅନୁଭବ କଲେ ଯେ ଶ୍ରୀ ମାଭ୍ଲଙ୍କର୍ ଏବଂ ଶ୍ରୀ କାକା ସାହେବ ଅନୁପଯୁକ୍ତ । ମୁଁ କହିଲି ଏ ନାମ ନାମଞ୍ଜୁର କଲେ ମିଥ୍ୟା ଅଭିଯୋଗ ହେବ ଯେ ମୁଁ ସେମାନଙ୍କର ମନୋନୟନକୁ ବିରୋଧ କରିଛି । କିନ୍ତୁ ଅନ୍ୟ କେହି ବୋଧହୁଏ ତାଙ୍କୁ କହିଥିବେ କାରଣ ସେ ମୋତେ କହିଲେ ଯେ ସେ ଏଇ ଦୁଇ ବଂଧୁଙ୍କୁ ଏ ପଦବୀପାଇଁ "ଅଭିଲାଷ ରଖିବେ ନାହିଁ "ବୋଲି କହିବେ ।

Digitized by srujanika@gmail.com

ବାକି ନାମ ମଧ୍ୟରୁ ସର୍ଦ୍ଦାର ସାହେବ ଶ୍ରୀ ଦିବେତୀୟାଙ୍କ ନାମ ସ୍ଥିର କରି ମୋତେ ସେ ଇଚ୍ଛୁକ କି ନାହିଁ ବୁଝିବାକୁ କହିଲେ । ଶ୍ରୀ ଦିବେତୀୟାଙ୍କୁ ପଚାରିବା ପୂର୍ବରୁ ମୁଁ ଶ୍ରୀ ବାଲାସାହେବ ଖେରଙ୍କ ଅନୁମୋଦନ ଚାହିଁଲି, କାରଣ ଶିକ୍ଷା ମନ୍ତ୍ରୀ ହିସାବରେ ସେ ନିଯୁକ୍ତ କରିବେ । ସେ ନାମ ମଞ୍ଜୁର କଲେ । ମୁଁ ଶ୍ରୀ ଦିବେତୀୟାଙ୍କ ସହିତ କଥାବାର୍ତ୍ତା କରି, ତାଙ୍କର ସମ୍ମତି ସର୍ଦ୍ଦାର ସାହେବଙ୍କୁ ଜଣାଇ, ପରେ ଅବୁଝାମଣା ଦୂର କରିବାକୁ ଶ୍ରୀ ଦିବେତୀୟାଙ୍କ ସହିତ ସିଧା କଥାହେବାକୁ ମୁଁ ସର୍ଦ୍ଦାର ସାହବଙ୍କୁ ଅନୁରୋଧ କରିଥିଲି । ସର୍ଦ୍ଦାର ସାହେବ ଶ୍ରୀ ଦିବେତୀୟାଙ୍କୁ ପଚାରିଲେ ଓ ସେ 'ହଁ' କହିବାରୁ ତାଙ୍କୁ ନିଯୁକ୍ତି ଦେବା ସ୍ଥିର କରାଗଲା ।

ଶ୍ରୀ ମାଭ୍‌ଲଙ୍କର୍ ଏ ନିଷ୍ପତ୍ତି ବିଷୟ ଜାଣି ସର୍ଦ୍ଦାର ସାହେବଙ୍କ ପାଖରେ ପ୍ରତିବାଦ କଲେ । ଶ୍ରୀ ମାଭ୍‌ଲଙ୍କରରଙ୍କ କେତେକ ବଂଧୁ ସର୍ଦ୍ଦାର ସାହେବଙ୍କୁ ଏ ସମ୍ବନ୍ଧରେ ଚିଠି ଲେଖିଥିଲେ । ମୋର ଯାହା ଆଶଙ୍କା ଥିଲା, ମାଭ୍‌ଲଙ୍କର୍ ମନୋନୀତ ନ ହେଲେ ମୋତେ ଦୋଷ ଦେବେ, ତାହା ସତ ଘଟିଲା । ସେ ମୋ ଦୋଷ ଦେଲେ । ସର୍ଦ୍ଦାର ସାହେବ ଏ ପ୍ରତିବାଦରେ ଟିକିଏ ବିଚଳିତ ହୋଇ ଦିନେ ଶ୍ରୀ କହ୍ନେୟାଲାଲ ଦେଶାଇ (କାଞ୍ଜିଭାଇ) ସହିତ ଆଲୋଚନା କଲେ । ସେତେବେଳେ ଶ୍ରୀ ଦେଶାଇ ଗୁଜରାଟ ପ୍ରଦେଶ କଂଗ୍ରେସ କମିଟିର ଅଧ୍ୟକ୍ଷ ଓ ସମ୍ବିଧାନ ପ୍ରଣୟନ ସଭାର ସଭ୍ୟ ଥିଲେ । ସର୍ଦ୍ଦାର ସାହେବ ତାଙ୍କୁ କହିଲେ, ମୁଁ ରାଜି ହେଲେ ସେ ଶ୍ରୀ ଦିବେତୀୟାଙ୍କ ସ୍ଥାନରେ ଶ୍ରୀ ମାଭ୍‌ଲଙ୍କର୍‌ଙ୍କୁ ନିଯୁକ୍ତି ଦେବେ । ମତେ ଏ ଖବର କାଞ୍ଜିଭାଇ ଯେତେବେଳେ କହିଲେ, ମୁଁ କହିଲି ସେ କାହିଁକି ମତେ ଦାୟୀ କରୁଛନ୍ତି । ଶ୍ରୀ ମାଭ୍‌ଲଙ୍କର୍‌ଙ୍କ ନିଯୁକ୍ତିର ବିରୋଧ ସେ ନିଜେ ଓ ଅନ୍ୟମାନେ କରିଥିଲେ, ମୁଁ ନୁହେଁ । ମୁଁ କହିଲି, ମୋତେ ସଂପୃକ୍ତ ନକରି ସେ ସର୍ଦ୍ଦାରଙ୍କ ସହିତ ଏ ବିଷୟ ଆଲୋଚନା କରିଥାନ୍ତେ ।

କାଞ୍ଜିଭାଇ ନିଜର ଦୋଷ ମାନିଲେ ଏବଂ ଅଧିକ ଆଲୋଚନା କରି ଶ୍ରୀ ମାଭ୍‌ଲଙ୍କର୍‌ଙ୍କ ନିଯୁକ୍ତିରେ ନିଜର ଓ ଅନ୍ୟମାନଙ୍କର ବିରୁଦ୍ଧତା ସର୍ଦ୍ଦାର ସାହେବଙ୍କୁ ଜଣାଇଲେ । ସର୍ଦ୍ଦାର ସାହେବ ଶ୍ରୀ ଦିବେତୀୟାଙ୍କୁ ଉପକୁଳପତି ପଦରେ ନିଯୁକ୍ତି ଅନୁମୋଦନ କଲେ ।

ମୁଁ ବାଲା ସାହେବଙ୍କୁ କାଞ୍ଜିଭାଇ ଓ ମୋ ମଧ୍ୟରେ ହୋଇଥିବା ଆଲୋଚନା କଥା କହିଲି । ବାଲାସାହେବ ଟିକିଏ ଚିନ୍ତିତ ହୋଇପଡିଲେ, କାରଣ ଶ୍ରୀ ମାଭ୍‌ଲଙ୍କର୍‌ଙ୍କ ନିଯୁକ୍ତି ସପକ୍ଷରେ ସେ ନିଜେ ନଥିଲେ ଓ ଶ୍ରୀ ଦିବେତୀୟାଙ୍କ ନିଯୁକ୍ତିରେ ତାଙ୍କ ହାତଥିଲା । ମୁଁ କହିଲି, ସେ ଇଚ୍ଛାକଲେ ସର୍ଦ୍ଦାର ସାହେବଙ୍କ ସଂଶୋଧିତ ପ୍ରସ୍ତାବାନୁଯାୟୀ ଶ୍ରୀ ମାଭ୍‌ଲଙ୍କର୍‌ଙ୍କୁ ନିଯୁକ୍ତି ଦେଇ ପାରିବେ । ମୁଁ ସେମାନଙ୍କ କହିବାନୁସାରେ ଶ୍ରୀ ଦିବେତୀୟାଙ୍କୁ କଥାଦେଇଛି, ତେଣୁ ବର୍ତ୍ତମାନ ତାଙ୍କୁ ଏକଥା କହିପାରିବି ନାହିଁ । ବାଲାସାହେବ ମୋ କଥାରେ ରାଜି ହୋଇ ଶ୍ରୀ ଦିବେତୀୟାଙ୍କୁ ନିଯୁକ୍ତ କଲେ ।

ଶ୍ରୀ ମାଭ୍‌ଲଙ୍କର୍‌ଙ୍କ ମନରେ ମୋ ବିରୁଦ୍ଧରେ ଥିବା ଅବୁଝାମଣା ବହୁତ ଦିନ ରହିଲା । ମୁଁ ତାଙ୍କ ପାଖ ବଂଧୁମାନଙ୍କୁ ସବୁ ବୁଝାଇ କହିଲାପରେ ସେ ପରିଶେଷରେ ଜାଣିଲେ ଯେ ସେଥିରେ ମୋ ହାତ ନଥିଲା । ମୁଁ ତାଙ୍କ ନିଯୁକ୍ତିକୁ ବିରୋଧ କରିଥିବା ସମାଲୋଚନା, କିନ୍ତୁ, କିଛିଦିନ ପର୍ଯ୍ୟନ୍ତ ଲାଗି ରହିଲା ।

Digitized by srujanika@gmail.com

(୩୦) ନିଶା ନିବାରଣ ଓ ଅସ୍ପୃଶ୍ୟତା ଅପସାରଣ

୧୯୩୭-୩୯ରେ ଆମର ପ୍ରଥମ ମନ୍ତ୍ରୀମଣ୍ଡଳର କେତେକ ଜିଲାରେ ନିଶା ନିବାରଣ ଲାଗୁ କରିବା ଗୋଟିଏ ବିଶେଷ ପଦକ୍ଷେପ ଥିଲା । କିନ୍ତୁ ଅଭିଜ୍ଞତାରୁ ଆମେ ଶିଖିଲୁ ଯେ ପର୍ଯ୍ୟାୟକ୍ରମେ ଜିଲାମାନଙ୍କରେ ଏହାକୁ ଲାଗୁକଲେ ଏହା ଉପଯୁକ୍ତ ଭାବରେ ଓ ସଫଳତାର ସହ କାମ କରିବ ନାହିଁ । ୧୯୪୬ ଶେଷଭାଗରେ ଆମେ ସ୍ଥିରକଲୁ ଯେ ସମଗ୍ର ରାଜ୍ୟରେ ପ୍ରତି ସପ୍ତାହରେ ଦୁଇଦିନ ଏବଂ ପରବର୍ତ୍ତୀ ବର୍ଷରେ ସପ୍ତାହକୁ ଅଧିକ ଦୁଇଦିନ ସବୁ ମଦ ଦୋକାନ ବନ୍ଦକରି ନିଶା ନିବାରଣ ଲାଗୁକରିବୁ । ଏହା ଦ୍ୱାରା ଚାରିବର୍ଷରେ ସମଗ୍ର ରାଜ୍ୟରେ ସମ୍ପୂର୍ଣ୍ଣ ରୂପେ ନିଶା ନିବାରଣ ହୋଇପାରିବ । ତଦନୁସାରେ ଆମେ କାର୍ଯ୍ୟକ୍ରମ ତିଆରି କଲୁ । ଆମେ ପରୋକ୍ଷରେ ଜାଣିଲୁ ଯେ କେନ୍ଦ୍ର ନିଶା ନିବାରଣ ସପକ୍ଷରେ ନାହିଁ । ତେଣୁ ସମସ୍ତ ବିଷୟ ଆମେ ମନ୍ତ୍ରୀ ପରିଷଦ ସଭାରେ ଆଲୋଚନା କଲୁ । ମୁଁ ମୋର ସମସ୍ତ ସହକର୍ମୀଙ୍କୁ ଅତି ସାବଧାନତାର ସହ ଏ ପ୍ରଶ୍ନ ବିଚାର କରି ଟିକିଏ ସନ୍ଦେହ ହେଲେ ପ୍ରସ୍ତାବକୁ ନାକଚ କରିବାକୁ କହିଥିଲି । କାରଣ, ଥରେ ଲାଗୁକରି ପୁଣି ଉଠାଇ ଦେଲେ ଅଶେଷ କ୍ଷତି ହେବ । ଥରେ ଲାଗୁ ହୋଇଗଲେ, ଦରକାର ପଡିଲେ ଆମେ ପଛକେ ସମସ୍ତେ ଇସ୍ତଫା ଦେବା କିନ୍ତୁ ଏହାକୁ ଉଠାଇବା ନାହିଁ । ତେଣୁ ପୂର୍ଣ୍ଣ ଯୁକ୍ତିତର୍କ ପରେ ଏ ଅପରିବର୍ତ୍ତନୀୟ ନିର୍ଣ୍ଣୟ ନେବା ଠିକ୍ ହେବ ।

ମନ୍ତ୍ରୀ ପରିଷଦ ସର୍ବସମ୍ମତି କ୍ରମେ ନିଶା ନିବାରଣ ଲାଗୁ କରିବାକୁ ସ୍ଥିର କଲେ ଏବଂ ମୋର ଯାହା ମନେହୁଏ ବିଧାନସଭାରେ କେହି ଏହାର ବିରୋଧ କରିନଥିଲେ । ଆମେ ସମସ୍ତ ସରକାରୀ ଅଫିସରଙ୍କୁ ଏହାକୁ ମାନିବାକୁ ନିର୍ଦ୍ଦେଶ ଦେଲୁ ଏବଂ ବିଶେଷ ଭାବେ ସୂଚାଇ ଦେଲୁ ଯେ କୌଣସି ସରକାରୀ ଅଫିସର ବା କର୍ମଚାରୀଙ୍କୁ ମଦ୍ୟପାନ କରିବା ଜାଣିଲେ ତାଙ୍କୁ ଚାକିରୀରୁ ବରଖାସ୍ତ କରିଦିଆଯିବ । ୧୯୫୦ରୁ ସମଗ୍ର ରାଜ୍ୟରେ ସମ୍ପୂର୍ଣ୍ଣ ରୂପେ ନିଶା ନିବାରଣ ଲାଗୁ ହୋଇଗଲା । ଏହା ଦ୍ୱାରା ରାଜ୍ୟର ଆୟରେ ଘଟିଥିବା କ୍ଷତି ପୂରଣ କରିବାକୁ ବିକ୍ରୀ କର ବଢ଼ାଇଲୁ । ଆମ କ୍ଷତି ପରିମାଣରୁ ଅଧିକ ଆୟ ପାଇଲୁ, ଶ୍ରମିକମାନଙ୍କ ଉପରେ ଏହାର ସୁପ୍ରଭାବ ଦେଖାଗଲା ।

ଲୁଗାକଳର ଦୁଇ ତିନିଜଣ ଇଂରେଜୀ ଅଫିସର ନିଶା ନିବାରଣ ପୂରା ଲାଗୁ ହେବାର ଏକ ବର୍ଷପରେ ଆସି ମୋତେ ତାଙ୍କ ଅଭିଜ୍ଞତା କହିଥିଲେ । ନିଶା ନିବାରଣ ପୂର୍ବରୁ ଯେଉଁ ସ୍ତ୍ରୀ ଲୋକମାନେ ଶ୍ରମିକମାନଙ୍କ ପାଇଁ ଖାଇବାକୁ ଆଣୁଥିଲେ ସେମାନେ ପୁରୁଣା ଲୁଗା ପିନ୍ଧି ଆସୁଥିଲେ ଓ ସ୍ୱାମୀମାନଙ୍କ ସହିତ ଝଗଡ଼ା କରୁଥିଲେ । ଆୟର ଅଧିକ ଭାଗ ମଦପିଆରେ ଖର୍ଚ୍ଚ ହୋଇଯାଉ ଥିବାରୁ ଦରକାରୀ ଜିନିଷ ପାଇଁ ପଇସା ନଥାଏ । ତେଣୁ ଝଗଡ଼ା ହେଉଥାଏ । ନିଶା ନିଷେଧ ପୂର୍ବରୁ ଶ୍ରମିକମାନଙ୍କର କାର୍ଯ୍ୟ ଦକ୍ଷତା କମ୍‌ଥିଲା ଓ କାମରୁ ଅନୁପସ୍ଥିତ ରହିବାର ଅଭ୍ୟାସ ବେଶି ଥିଲା । ନିଶା ନିଷେଧ ଜାରିହେବାର କିଛି ମାସ ପରେ, ଏ ସବୁରେ ଦ୍ରୁତ ଗତିରେ ପରିବର୍ତ୍ତନ ଦେଖାଦେଲା । ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଝଗଡ଼ା ଉଭେଇଗଲା । ଖାଦ୍ୟ ଓ ପୋଷାକରେ ଗୁଣାତ୍ମକ ଉନ୍ନତି ଦେଖା ଦେଲା । ଶ୍ରମିକମାନେ ଅଧିକ ମନଯୋଗ ଦେଇ ଭଲକାମ କରିବା ଦେଖାଗଲା । ଶ୍ରମିକମାନେ ରହୁଥିବା ସ୍ଥାନରେ ଝଗଡ଼ା କମ୍ ଦେଖା ଦେଉଛି ଏବଂ ଘରମାନଙ୍କରେ ଭଲ ଭଲ ଜିନିଷପତ୍ର ଦେଖା ଦେଉଛି । ନିଶା ନିଷେଧ ଜାରି ହେବା ଫଳରେ ସେମାନଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଦେଖାଦେଲାଣି । ଇଂରେଜୀ ଅଫିସରମାନେ କହିଲେ, ଏହା ଆଗରୁ ସେମାନଙ୍କର ନିଶା ନିବାରଣରେ ବିଶ୍ୱାସ ନଥିଲା କିନ୍ତୁ ବର୍ତ୍ତମାନ ସେମାନେ ଦେଖୁଛନ୍ତି ଯେ ଶ୍ରମିକମାନଙ୍କ ଉପରେ ଏହାର ବେଶ୍ ଭଲ ପଭାବ ପଡିଛି ।

ଅସ୍ପୃଶ୍ୟତା ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଥିଲା । ୧୯୪୭ରେ ଏହି କୁପ୍ରଥାକୁ ସମ୍ପୂର୍ଣ୍ଣ ରୂପେ ଦୂର କରିବାକୁ ଆଇନର ପ୍ରଶ୍ରୟ ନେବାକୁ ଭାବିଲୁ । ଗାନ୍ଧିଜୀଙ୍କ ଆନ୍ଦୋଳନ ଫଳରେ ଯେଉଁ ସୀମିତ ସଫଳତା

Digitized by srujanika@gmail.com

ହାସଲ ହୋଇଥିଲା ତାହା ଥିଲା ବିଶେଷ ଉଲ୍ଲେଖଯୋଗ୍ୟ । ଦୀର୍ଘ ଦୁଇହଜାର ବର୍ଷ ଧରି ଆମ ସମାଜ ଦେହରେ ଲାଗିଯାଇଥିବା ଏ ସମସ୍ୟାକୁ ଦୂର କରିବା ସହଜ ନଥିଲା । ଅନେକ ଭାରତୀୟ ସାଧୁସନ୍ଥମାନେ ଅସ୍ପୃଶ୍ୟତା ଉଠାଇଦେବା ଦିଗରେ ବହୁତ ଚେଷ୍ଟା କରିଥିଲେ କିନ୍ତୁ ଫଳ ଓଲଟା ହୋଇଥିଲା । ଅହମଦାବାଦରେ ଆଶ୍ରମ ଆରମ୍ଭ କରି ଗାନ୍ଧିଜୀ ଏହି କୁପ୍ରଥାକୁ ଦୂର କରିବାକୁ ଯଥା ସମ୍ଭବ ଚେଷ୍ଟା କରିଥିଲେ । ସ୍ୱାଧୀନତା ହାସଲ କରିବା ପାଇଁ ଯଦିଓ ସର୍ବସାଧାରଣଙ୍କର ସହଯୋଗ ଏକାନ୍ତ ଆବଶ୍ୟକ ଥିଲା, ଏବଂ ଯଦିଓ ତାଙ୍କ ଅସ୍ପୃଶ୍ୟତା ନିବାରଣ ଅଭିଯାନ ଯୋଗୁଁ ମୌଳିକବାଦୀମାନେ ତାଙ୍କଠାରୁ ଅଲଗା ହୋଇଯିବାର ଆଶଙ୍କା ଥିଲା, ତଥାପି ସେ ସ୍ଥିର କରିଥିଲେ ଯେ ଅସ୍ପୃଶ୍ୟତା ନିବାରଣକୁ ପ୍ରାଥମିକତା ଦିଆଯିବା ଉଚିତ । ତଦନୁଯାୟୀ ସେ ଜଣେ ହରିଜନ ଝିଅକୁ ପୋଷ୍ୟକନ୍ୟା ରୂପେ ଆଶ୍ରମରେ ରଖିଥିଲେ । ସେ କଂଗ୍ରେସ କର୍ମୀମାନଙ୍କୁ ସଫଳତାର ସହିତ ବୁଝାଇ ପାରିଲେ ଯେ ଅସ୍ପୃଶ୍ୟତା ଏକ ସାମାଜିକ କଳଙ୍କ ଏବଂ ସେମାନେ ଏହା ବିରୁଦ୍ଧରେ ଦୃଢ଼ କାର୍ଯ୍ୟପନ୍ଥା ଅବଲମ୍ବନ କରିବା ଉଚିତ । ତା'ପର ଠାରୁ ଅସ୍ପୃଷ୍ୟତା ନିବାରଣ ଆନ୍ଦୋଳନ ଜୋର୍‌ରେ ଚାଲୁହେଲା ।

କେହି କହିପାରିବେ ନାହିଁ ଯେ ବର୍ତ୍ତମାନ ଅସ୍ପୃଶ୍ୟତା ସମ୍ପୂର୍ଣ୍ଣ ରୂପେ ଉଠିଯାଇଛି କିନ୍ତୁ ଏହା ସତ ଯେ ଏ ପ୍ରଥା ଉଠିଯିବା ଦିଗରେ ବହୁତ ଅଗ୍ରଗତି ହୋଇଛି । ଏଇ ଆନ୍ଦୋଳନକୁ ବଳବତ୍ତର କରିବା ପାଇଁ ଆମେ ବିଧାନସଭାରେ ଗୋଟିଏ ବିଲ୍ ଆଣିଲୁ ଯାହା ଫଳରେ ହରିଜନମାନଙ୍କୁ ଆଗରୁ ବନ୍ଦ କରାଯାଇଥିବା ମନ୍ଦିରରେ ପୂଜା କରିବା ସହଜ ହେଲା । ଏଇ ବିଲ୍, ପରେ ଆଇନରେ ପରିଣତ ହେଲା ।

ଅନେକ ଗାଁ ଓ ସହର ମ୍ୟୁନିସିପାଲିଟି ସ୍କୁଲରେ ହରିଜନ ଓ ଅନ୍ୟଜାତିର ପିଲାମାନଙ୍କୁ ଏକାଠି ବସିବାକୁ ଦିଆଯାଉ ନଥିଲା । ଗାଁରେ ଅନ୍ୟଜାତିର ଲୋକମାନେ ଏପରି ବାତାବରଣ ତିଆରି କରିଥିଲେ ଯେ ହରିଜନ ପିଲାମାନେ ମନକୁ ସ୍କୁଲକୁ ଆସୁନଥିଲେ । ଶିକ୍ଷା ବିଭାଗ ଅଫିସରମାନଙ୍କୁ ପଚାରିଲେ ସେ କହୁଥିଲେ ଯେ ହରିଜନ ପିଲାମାନେ ସ୍କୁଲକୁ ଆସୁନାହାନ୍ତି । ସେମାନଙ୍କ ଅନୁରୋଧ ସତ୍ତ୍ୱେ ହରିଜନମାନେ ତାଙ୍କ ପିଲାମାନଙ୍କୁ ସ୍କୁଲକୁ ପଠାଇବାକୁ ଇଚ୍ଛାକରୁ ନଥିଲେ । ଖେଡ଼ା ଜିଲାରେ ସେପରି ଘଟଣା ବହୁତ ଦେଖା ଯାଇଥିଲା ।

ପ୍ରାୟ ସବୁ ସ୍ଥାନରେ ଉଚ୍ଚ ଜାତୀୟ ହିନ୍ଦୁମାନେ ହରିଜନ ପିଲାମାନଙ୍କୁ ସ୍କୁଲକୁ ନ ପଠାଇବାକୁ ଭୟ ଦେଖାଉଥିଲେ । ଏମାନଙ୍କର ରୀତି ଓ କାମ ଦେଖି ମୁଁ ବାଲାସାହେବଙ୍କୁ କହିଲି ଗାଁରେ ହରିଜନ ପିଲାମାନେ ସ୍କୁଲ ଆସିବା ଉପରେ ସରକାର ଗୁରୁତ୍ୱ ଦେବା ଉଚିତ । ସଫଳତା ଲାଭ ପାଇଁ ପ୍ରସ୍ତାବ ଦେଲି ଯେ ହରିଜନ ଥିବା ଗ୍ରାମମାନଙ୍କୁ ଜଣାଇ ଦିଆଯିବା ଦରକାର ଯେ ଯଦି ଗ୍ରାମବାସୀମାନେ ହରିଜନମାନଙ୍କୁ ସେମାନଙ୍କ ପିଲାଙ୍କୁ ସ୍କୁଲ ପଠାଇବାକୁ ନ ପ୍ରବର୍ତ୍ତାନ୍ତି ବା ଆସିଲେ ତାଙ୍କୁ ସ୍କୁଲରେ ଅଲଗା ବସାନ୍ତି ତେବେ ସେ ଗାଁରେ ସ୍କୁଲବନ୍ଦ କରିଦିଆଯିବ । ବାଲାସାହେବ ମୋ ପ୍ରସ୍ତାବ ଗ୍ରହଣ କଲେ ଓ ତଦନୁଯାୟୀ ଆଦେଶ ଜାରିକଲେ । ଏଇ ଆଦେଶ ଦ୍ୱାରା ଉଚ୍ଚ ଜାତିର ହିନ୍ଦୁ ଲୋକମାନେ, ଗାଁରେ ସ୍କୁଲ ରଖିବା ପାଇଁ, ହରିଜନ ପିଲାମାନଙ୍କ ସହିତ ସେମାନଙ୍କ ପିଲାଙ୍କୁ ବସାଇବାକୁ ବାଧ ହେଲେ । ଗୋଟାଏ ଦୁଇଟା ଗାଁର ଲୋକମାନେ ଏ ଆଦେଶ ବିରୁଦ୍ଧରେ ଅଦାଲତରେ ମକଦ୍ଦମା କଲେ । ସେମାନେ କିନ୍ତୁ ହାରିଗଲେ ଏବଂ ସରକାରୀ ଆଦେଶ ମାନିବାକୁ ବାଧ ହେଲେ । ହରିଜନ ପିଲାମାନେ ସ୍କୁଲ ଆସିଲେ ଓ ଅନ୍ୟ ପିଲାମାନଙ୍କ ସହିତ ବସିଲେ ।

Digitized by srujanika@gmail.com

(୩୧) ବସ୍ ଜାତୀୟକରଣ

ଘରୋଇ ବସ୍ ଚଳାଚଳକୁ ଜାତୀୟକରଣ କରିବାକୁ ଆମେ ସ୍ଥିରକଲୁ । ଆମେ ଦେଖିଲୁ ଯେ ବସ୍ ସେବାରେ କୌଣସି ଉନ୍ନତି ହେଉନାହିଁ । ଲୋକମାନଙ୍କୁ ବହୁତ କଷ୍ଟ ହେଉଛି ଏବଂ ଲୋକମାନଙ୍କ ସୁବିଧାରେ କୋଣସି ଉନ୍ନତି ହେଉନାହିଁ । ମୁଁ ଏହି ସିଦ୍ଧାନ୍ତରେ ପହଞ୍ଚିଲି ଯେ ରେଲବାଇ ପରି ସରକାର ଏ ଦାୟିତ୍ୱ ନେବା ଉଚିତ । ଏହା ମୁଁ ମୋ ସହକର୍ମୀମାନଙ୍କୁ ବୁଝାଇଲି ଏବଂ ସେମାନେ ଏହାକୁ ଗ୍ରହଣ କଲେ ।

ଆମେ ଯେତେବେଳେ ଏଇ ନିର୍ଣ୍ଣୟକୁ କାର୍ଯ୍ୟରେ ପରିଣତ କରିବାକୁ ବିଧାନ ସଭାରେ ବିଲ୍ ଆଣିଲୁ, ଆମରି ଦଳର ଅନେକ ସଭ୍ୟ ଏହାର ବିରୋଧ କଲେ । ଆମେ କିନ୍ତୁ ଅଟଳ ରହି ଅନେକ ଆଲୋଚନା ପରେ ସେମାନଙ୍କୁ ଆମ ସହିତ ଏକମତ କରାଇ ସଡକ ଯାନବାହାନକୁ ଜାତୀୟକରଣ କରିବାକୁ ଆଗେଇଲୁ । କେତେକ ମାସ ଭିତରେ ସରକାର ସମଗ୍ର ରାଜ୍ୟରେ ବସ୍ ସେବା ହାତକୁ ନେଇଗଲେ । ଏହାକୁ ଚଳାଇବା ପାଇଁ ରାଜ୍ୟ ପରିବହନ ନିଗମ ତିଆରି କଲୁ । ରେଲବାଇ ସହିତ ଅପ୍ରୀତିକର ପ୍ରତିଯୋଗିତାରୁ ଦୂରରେ ରହିବାକୁ ଆମେ ଶେୟାର କ୍ୟାପିଟାଲର ଏକ ଚତୁର୍ଥାଂଶ ସେମାନଙ୍କୁ ଦେଲୁ । ଆମେ ଆବଶ୍ୟକୀୟ ଅର୍ଥ ଆୟୋଜନ କରିପାରିଲୁ ଏବଂ ରେଲବାଇ ଠାରୁ ଏକ ଚତୁର୍ଥାଂଶ ଅର୍ଥ ପାଇଲୁ । କେନ୍ଦ୍ର ସରକାର ପୂର୍ଣ୍ଣ ସହଯୋଗ ଦେଲେ । ପରିବହନ ଜାତୀୟକରଣ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗ ଦ୍ୱାରା ହିଁ ସଫଳ ହେଲା ।

ମୁଁ ସାଧାରଣ ଲୋକ ଓ ବ୍ୟବସ୍ଥାପକଙ୍କଠାରୁ ପରିବହନ ବିରୁଦ୍ଧରେ ଅନକେ ଅଭିଯୋଗ ପାଉଥିଲି । ସେମାନେ ଅଭିଯୋଗ କରୁଥିଲେ ଯେ ବସ୍ ଠିକଭାବରେ ଚାଲୁନାହିଁ ଏବଂ ସାଧାରଣ ଲୋକମାନଙ୍କୁ ବହୁ ଅସୁବିଧା ଭୋଗିବାକୁ ପଡୁଛି । ପ୍ରଥମେ ନିଗମର ମଧ୍ୟ କେତେ ଦୋଷ ରହିଯାଉଥିଲା କିନ୍ତୁ ଘରୋଇ ବସ୍ ଅପେକ୍ଷା ଅନେକ ସୁବିଧା ହୋଇଥିଲା । ମୁଁ ସମ୍ପୃକ୍ତ ଅଫିସରଙ୍କୁ ସମସ୍ତ ଅଭିଯୋଗର ପ୍ରତିକାର ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲି ।

ଅହମଦାବଦାର ଜଣେ ବିଶିଷ୍ଟ ଶିଳ୍ପପତି ଶ୍ରୀ ଭଡିଲାଲ ଲାଲୁଭାଇ ମେହେଟାଙ୍କୁ ରାଜ୍ୟ ପରିବହନ ନିଗମର ଅଧକ୍ଷତା ଗ୍ରହଣ କରିବାକୁ ପ୍ରବର୍ତ୍ତାଇଲି ଓ ଜଣେ ସରକାରୀ ଅଫିସରଙ୍କୁ ଭାଇସ ଚେୟାରମ୍ୟାନ୍ ଭାବେ ନିଯୁକ୍ତ କଲି । ପ୍ରଥମେ ଚେୟାର୍‌ମ୍ୟାନ୍ ଓ ଭାଇସ୍ ଚେୟାର୍‌ମ୍ୟାନ୍‌ଙ୍କ ମଧ୍ୟରେ ମତ ପାର୍ଥକ୍ୟ ଦେଖାଦେଲା । ମୁଁ କେତେକ ପରିବର୍ତ୍ତନ ଆଣିବାରୁ ଦୁହିଁଙ୍କ ଆତ୍ମମର୍ଯ୍ୟାଦା ରକ୍ଷାକରାଗଲା । କିଛି ମାସ ମଧ୍ୟରେ ରାଜ୍ୟ ପରିବହନ ସୁଚାରୁ ରୂପେ ଚାଲିଲା ।

ବର୍ଷକ ପରେ, ବିଧାନ ସଭାରେ ବିରୋଧ କରୁଥିବା ବିଧାୟକ ମାନଙ୍କୁ କହିଲି ବର୍ତ୍ତମାନ ଆଗପରି ଘରୋଇ ବସ୍ ସେବା, ସେମାନେ ଚାହିଁଲେ, ସରକାର ସେଥିରେ ରାଜି ହେବେ। ପ୍ରାଇଭେଟ ବସ୍ ଅପେକ୍ଷା ବର୍ତ୍ତମାନ ବସ୍ ସେବା ବେଶ ଉନ୍ନତ ଧରଣ ହୋଇଛି ବୋଲି ସମସ୍ତେ ହୃଦୟଙ୍ଗମ କରିଥିଲେ । ବିଧାୟକମାନେ ସାଙ୍ଗେ ସାଙ୍ଗେ ମୋତେ କହିଲେ ଯେ ସେମାନେ ଘରୋଇ ବସ ସେବା ଚାହାନ୍ତି ନାହିଁ, ବର୍ତ୍ତମାନର ସେବା ଆଗ ଅପେକ୍ଷା ବହୁତ ଭଲ ଏବଂ ଆହୁରି ଉନ୍ନତି ପାଇଁ ସେମାନେ ଅଭିଯୋଗ କରିଥିଲେ । ମୁଁ କହିଲି ଅଭିଯୋଗ ନ କରି ସେମାନେ ସହଯୋଗ କଲେ ଅନେକ ଉନ୍ନତି ହୋଇପାରିବ । ବିଧାୟକଙ୍କ ପ୍ରତିନିଧିଙ୍କୁ ନିଗମ ବୋର୍ଡ ନିଯୁକ୍ତି ଦେଇଥିବାରୁ ସେମାନେ ବେଶ୍ ସହଯୋଗ କଲେ । ଲୋକମାନେ ଅଧିକରୁ ଅଧିକ ସନ୍ତୋଷ ଲାଭ କଲେ ।

Digitized by srujanika@gmail.com

କିଛିଦିନ ପରେ ଆମେ ଅନୁଭବ କଲୁ ଯେ ମାଲବାହୀ ଟ୍ରକ ଜାତୀୟକରଣ କରାଯିବା ଉଚିତ କାରଣ ଏଥିରେ ଅନେକ ଅନିୟମତା ଦେଖା ଯାଉଥିଲା । ଟ୍ରକ ଗୁଡିକରେ ଅତ୍ୟଧିକ ବୋଝେଇ ହେଉଥିଲା ଏବଂ ଏହା ଚୋରା କାରବାରରେ ଲାଗୁଥିଲା । ଟ୍ରକ ଚାଳନା ଜାତୀୟକରଣ କରାଗଲେ ଟ୍ରକର ଅନୁପଯୁକ୍ତ ବ୍ୟବହାର ବନ୍ଦ ହୋଇ ଯିବ ଓ ଲୋକମାନେ ଲାଭବାନ ହେବେ । ରେଳବାଇ ସହିତ ଅପ୍ରୀତିକର ପ୍ରତିଯୋଗିତା ବନ୍ଦ ହୋଇଯିବ । କିନ୍ତୁ କେନ୍ଦ୍ର ସରକାରଙ୍କ ଅନୁମତି ନପାଇ ପ୍ରସ୍ତାବ ବନ୍ଦ କରିଦେଲୁ । ଆଜି ମଧ୍ୟ ମୁଁ ଅନୁଭବ କରୁଛି ଯେ ମାଲ ପରିବହନ ବ୍ୟବସ୍ଥା ଜାତୀୟ କରଣ ହେଲେ ଲୋକମାନେ, ସରକାର ଓ ପରିବହନ ସଂପୃକ୍ତ ସମସ୍ତେ ଲାଭବାନ ହେବେ । ଏହା ଦ୍ୱାରା ଚୋରା କାରବାର କମ୍ ହୋଇଯିବ ।

ଆମେ ପ୍ରଶାସନ ଓ ନ୍ୟାୟ ବ୍ୟବସ୍ଥାକୁ ଅଲଗା କରିବା କାମ ହାତକୁ ନେଲୁ । କଂଗେସର ହୃଦବୋଧ ହୋଇଥିଲା ଯେ ଏ ଦୁଇ ବିଭାଗ ଅଲଗା ନ ହେଲେ ପ୍ରଶାସନ ବିଚାର ବିଭାଗ କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ପ୍ରଲୋଭିତ ହେବ, ତେଣୁ ଲୋକମାନଙ୍କୁ ନ୍ୟାୟ ମିଳିବ ନାହିଁ । କଂଗ୍ରେସ ଏହି ସଂସ୍କାର ଆଣିବାକୁ ଇଂରେଜୀ ଶାସନଠାରେ ଦାବି କରି ଆସୁଥିଲା । ଦୁଇ ବିଭାଗ ପୃଥକ ନ ହେଲେ ବିଚାର ବିଭାଗ ପ୍ରଶାସନ କାମ ନିରପେକ୍ଷ ଭାବେ ଦେଖିପାରିବ ନାହିଁ, ବିଚାର ବିଭାଗକୁ ଅସୁବିଧା ହେବ ଏବଂ ଏହା ଦୁର୍ବଳ ହୋଇପଡିବ । ଆମେ ବିଚାର ବିଭାଗକୁ ପୂର୍ଣ୍ଣ ସ୍ୱତନ୍ତ୍ରତା ଦେବାକୁ ସ୍ଥିର କଲୁ ।

ଏ ପ୍ରସ୍ତାବ ବିଚାର କରି ସୁପାରିଶ କରିବା ପାଇଁ ଜଷ୍ଟିସ ଲୋକୁରଙ୍କ ଅଧ୍ୟକ୍ଷତାରେ ଗୋଟିଏ କମିଟି ନିଯୁକ୍ତ କଲୁ । ସୁପାରିଶ ପାଇସାରି ଆମେ ଏ ସମ୍ବନ୍ଧରେ ଆଇନ ତିଆରି କରିବା ପାଇଁ କେନ୍ଦ୍ର ସରକାରଙ୍କ ଅନୁମତି ପାଇଁ ଲେଖିଲୁ । ପ୍ରାୟ ଏକ ବର୍ଷ ହେବ ଅନୁମତି ପାଇଲୁ ନାହିଁ । ମୁଁ, ତେଣୁ, ଏ ବିଷୟ ସର୍ଦ୍ଦାର ସାହେବଙ୍କ ସହିତ ଆଲୋଚନା କଲି । ସେ ସାଧାରଣ ଜନ ଜୀବନରେ ଜଟିଳତା ଏବଂ ତତ୍‌କାଳୀନ ସାମ୍ପ୍ରଦାୟିକ ଗଣ୍ଡଗୋଳ ବିଷୟରେ ଚିନ୍ତିତ ଥିଲେ । ସରକାରଙ୍କୁ ସୁଦୃଢ କରିବା ପାଇଁ ଏହାର ଆବଶ୍ୟକତା ଥିବା ଦୃଷ୍ଟିରୁ ସେ ପ୍ରଚଳିତ ପ୍ରଥାରେ ପରିବର୍ତ୍ତନ ଆଣିବାକୁ କୌଣସି ତରବରିଆ ପଦକ୍ଷେପ ନ ନେବାକୁ କହିଲେ । ଏ ସଂସ୍କାର ପାଇଁ ଅନ୍ୟ ରାଜ୍ୟରୁ କୌଣସି ଦାବୀ ଆସୁ ନ ଥିଲା । ମୁଁ ବିସ୍ତାର ଭାବରେ ତାଙ୍କ ସହିତ ଆଲୋଚନା କରି ତାଙ୍କୁ ରାଜି କରାଇଲି । ସେ ରାଜି ହେବା ମାତ୍ରେ ଆମେ ଦୁଇ ବିଭାଗକୁ ଅଲଗା କରି ସେଥିପାଇଁ ଆବଶ୍ୟକୀୟ ଆଇନ ତିଆରି କଲୁ । ବମ୍ବେ ହାଇକୋର୍ଟ ମୁଖ୍ୟ ନ୍ୟାୟାଧୀଶ ଶ୍ରୀ ଏମ୍. ସି. ଚଗଲା ପ୍ରଥମେ ଏ ସମ୍ବନ୍ଧରେ ସନ୍ଦେହ ପ୍ରକାଶ କରୁଥିଲେ । କିନ୍ତୁ ଆଇନ ପାସ ହୋଇଯିବା ପରେ ତାଙ୍କୁ ଜଣାଇବାରୁ ସେ ବିଶେଷ ଖୁସିହେଲେ ଏବଂ ତାଙ୍କର ପ୍ରଶାସନ ଉପରେ ବିଶ୍ୱାସ ବଢ଼ିଲା ।

ଆମେ ଏ ବିଷୟରେ ନିର୍ଣ୍ଣୟ ନେବାପରେ ବିଚାର ବିଭାଗକୁ ଅଣୋପଚାରିକ ଭାବେ ଗୋଟିଏ ପୃଥକ ଓ ସ୍ୱତନ୍ତ୍ର ବିଭାଗ ରୂପେ ଦେଖୁଥିଲୁ । ହାଇକୋର୍ଟର ବିନାନୁମତିରେ କୌଣସି ମାଜିଷ୍ଟ୍ରେଟ ବା ଅଧସ୍ତନ ଜଜଙ୍କର ନିଯୁକ୍ତି ବା ବଦଳି କରୁନଥିଲୁ । ତେଣୁ ଏଇ ଆଇନର କାର୍ଯ୍ୟକାରିଣି ସହଜ ହେଲା ।

Digitized by srujanika@gmail.com

(୩୨) ଜନଜାତି କଲ୍ୟାଣ

ଆଗରୁ ଲେଖିଛି ଯେ ୧୯୩୭-୩୮ରେ ଜଙ୍ଗଲ ବିଭାଗ ମୋ ଦାୟିତ୍ୱରେ ଆସିବା ପରେ ମୁଁ ସେ ବିଭାଗରେ ଅନେକ ପରିବର୍ତ୍ତନ ଆଣିଥିଲି । ବିଭାଗର କାମ ନିରୀକ୍ଷଣ କରି ଜଙ୍ଗଲ ଠିକାଦାରମାନେ କିପରି କାମ କରୁଛନ୍ତି ମୁଁ ଜାଣିପାରିଲି । କାମ ସହଜ ହୋଇ ନଥିବାରୁ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ଜଙ୍ଗଲ ଠିକା ନେଉଥିଲେ । ଠିକା ଅନୁଯାୟୀ ଜଂଗଲ କଟା ହେଉଥିଲା ଏବଂ ଜଙ୍ଗଲରେ ରହୁଥିବା ଜନଜାତି ମାନେ ଏଇକାମ କରୁଥିଲେ । ଖୁବ୍ କମ ମଜୁରି ଦିଆ ଯାଉଥିଲା ଓ କେତେକ ସ୍ଥାନରେ ଅତ୍ୟାଚାର କରାଯାଉ ଥିଲା । ମଜୁରିଆଙ୍କ କଥା କେହି ଶୁଣୁ ନଥିଲେ । ଫରେଷ୍ଟ ଅଫିସରମାନେ ଠିକାଦାରଙ୍କୁ ହିଁ ସହାନୁଭୂତି ଦେଖାଉଥିଲେ । ୧୯୪୬-୪୭ରେ ଆରମ୍ଭ କରିବାକୁ ଯାଇ ଆମେ ଶ୍ରମିକମାନଙ୍କ ମଜୁରି ବଢ଼ାଇଲୁ ଓ ସରକାରୀ ହାରରେ ମଜୁରି ନଦେଲେ କଣ୍ଟ୍ରାକ୍ଟରଙ୍କୁ ଦୋଷୀ ସାବ୍ୟସ୍ତ କଲୁ ।

ଆମକୁ ସବୁବେଳେ ଗରିବ ଏବଂ ଦଳିତ ଜନଜାତିଙ୍କ ଅବସ୍ଥାରେ ଉନ୍ନତି ଆଣିବା ସମସ୍ୟା ବ୍ୟଥିତ କରୁଥିଲା । ଆମେ ଦେଖିଲୁ ଯେ ଯେତେଦିନ ପର୍ଯ୍ୟନ୍ତ ଜଙ୍ଗଲର ପରିଚାଳନା ଘରୋଇ କଣ୍ଟ୍ରାକ୍ଟରଙ୍କ ହାତରେ ରହିବ ସେତେଦିନ ପର୍ଯ୍ୟନ୍ତ ଫରେଷ୍ଟ ଅଫିସର ଓ ତାଙ୍କ ଷ୍ଟାଫ୍ କାର୍ଯ୍ୟନୀତି ବା ଜନଜାତିଙ୍କର ଅବସ୍ଥାରେ ପରିବର୍ତ୍ତନ ଆଣିବା କଷ୍ଟକର ହେବ । ଯଦି ଜନଜାତି ସମବାୟ ସମିତିକୁ ଜଙ୍ଗଲ ଠିକା ଦିଆଯାଏ ତେବେ ସେମାନେ ଉପଯୁକ୍ତ ପାରିଶ୍ରମିକ ପାଇବେ ତାଛଡ଼ା ସମବାୟ ସମିତିକୁ ଆସୁଥିବା ଲାଭରେ ଭାଗଦାୟକ ହେବେ । ଏହାଦ୍ୱାରା ତାଙ୍କର ମଜୁରି ବଢ଼ିବ ଏବଂ ଉନ୍ନତି ସାଧିତ ହେବ । ନିଜେ ପରିଚାଳନା କରୁଥିବାରୁ ଆଉ ଅତ୍ୟାଚାରିତ ହେବେ ନାହିଁ । ଏ ପରିସ୍ଥିତିରେ ସରକାରୀ କର୍ମଚାରୀ ତାଙ୍କୁ ଦମନ କରିପାରିବେ ନାହିଁ । ଏହାଦ୍ୱାରା ଜନଜାତିମାନେ ତାଙ୍କ ନିଜର ସମସ୍ୟା ବୁଝିପାରିବେ ଓ ସାହସୀ ମଧ୍ୟ ହେବେ ।

ସେମାନେ ଶିକ୍ଷା ପାଇ ନଥିବାରୁ ସମବାୟ ସମିତି ଚଳାଇ ପାରୁନଥିଲେ । ସେତେବେଳେ ତାଙ୍କର ଶିକ୍ଷା ପାଇଁ କିଛି ବନ୍ଦୋବସ୍ତ ନଥିଲା । ମୁଁ ଦେଖିଲି ଶିଷ୍ଟ, ଅଣସରକାର ତ୍ୟାଗ ମନୋବୃତ୍ତି ଥିବା ସମାଜ ସେବକ କେବଳ ପରିବର୍ତ୍ତନ ଆଣିପାରିବେ ଓ ସେହିପରି ଅନେକ ବ୍ୟକ୍ତି ରାଜ୍ୟର ବିଭିନ୍ନ ସ୍ଥାନରେ କାମ କରୁଥିବାରୁ ପରିବର୍ତ୍ତନ ଆଣିବା ଅଧିକ କଷ୍ଟସାଧ୍ୟ ହେବ ନାହିଁ । ତେଣୁ ମୁଁ ବାଲାସାହେବଙ୍କ ସହିତ ଆଲୋଚନା କରି ସ୍କିମ୍‌କୁ ବିଚାର କରିବାକୁ ଅନୁରୋଧ କଲି । ବାଲା ସାହେବ ଥାନା ଜିଲାର ଆଦିବାସୀ ସେବାମଣ୍ଡଳର ସଭାପତି ଥିଲେ । ସେ ଜନଜାତିଙ୍କ ଉନ୍ନତିରେ ସଂପୃକ୍ତ ଥିଲେ । ସେ ଏ ସ୍କିମ୍‌କୁ ବହୁତ ଭଲ ପାଇଲେ ଏବଂ ମନ୍ତ୍ରୀ ପରିଷଦଙ୍କ ଦ୍ୱାରା ଅନୁମୋଦନ କରାଇଲେ ।

ପ୍ରଥମେ ସେଇ ସ୍ଥାନର ସମାଜ ସେବକଙ୍କ ଜରିଆରେ ସମବାୟ ସମିତିକୁ ଠିକା କାମ ଦେଲୁ । ଘରୋଇ ଠିକାଦାରମାନେ ଅଭିଯୋଗ କଲେ, ଆମେ ଶୁଣିଲୁ ନାହିଁ । ବିଭାଗର କେତେକ ଅଫିସରଙ୍କର ସହାନୁଭୂତି ନଥିଲା କିନ୍ତୁ ସହଯୋଗ ନ କରି ଆଉ ବାଟ ନଥିଲା । ଏହାଦ୍ୱାରା ପ୍ରଥମେ କାମରେ ବାଧା ପଡିଲା । ସମବାୟ ସମିତି ଅର୍ଥ କିଛି ହଡପ ହେଲା । ଏହା ଦ୍ୱାରା ଅଭିଯୋଗକାରୀମାନେ ଉତ୍ସାହିତ ହେଲେ । ଆମେ ଜାଣିଥିଲୁ, ପ୍ରଥମେ ଏପରି ଗଣ୍ଡଗୋଳ ହେବ । ତେଣୁ ଆମେ ନିରାଶ ନ ହୋଇ ସ୍କିମ୍ କାମରେ ଆଗେଇ ଚାଲିଲୁ । ଆମେ କାର୍ଯ୍ୟକ୍ଷେତ୍ର ବଢ଼ାଇ ସବୁ ଜିଲାରେ ଏ ସ୍କିମ୍ ଲାଗୁକଲୁ । ଅନେକ ଜିଲାରେ ଏ ସ୍କିମ୍ ଭଲ ଭାବରେ କାମ କରୁଥିବାରୁ ମୁଁ ଓ ମୋ ସାଥୀ ବହୁତ ଖୁସି ହେଲୁ ।

Digitized by srujanika@gmail.com

ସାଧାରଣ ନିଲାମ ହେଲେ, ସମବାୟ ସମିତି ଘରୋଇ ଠିକାଦାରଙ୍କ ସାମନାରେ ତିଷ୍ଠିପାରିବ ନାହିଁ । ଏହା ଜଣାଶୁଣା କଥା । ସରକାର ତେଣୁ ଆନୁଷ୍ଠାନିକ ଭାବେ ଦାମ୍ ଠିକ୍ କଲେ । ସମବାୟ ସମିତିଙ୍କୁ କାମ ଦେଲେ । ଆମେ ଏପରି ନୀତି କଲୁ ଯେ ସରକାର ଲାଭରେ ଭାଗୀଦାର ହେବେ । ଏହା ଦ୍ୱାରା ସମବାୟ ସମିତି କାମରେ ଉନ୍ନତି ଘଟିଲା ଓ ପ୍ରଗତି ମଧ୍ୟ । ଏଇ କର୍ମୀମାନଙ୍କୁ ଜନଜାତି ଲୋକମାନଙ୍କୁ ପ୍ରଶିକ୍ଷଣ ଦେବା ଦାୟିତ୍ୱ ଦିଆଯାଇଥିଲା, ଫଳରେ ପରେ ସେମାନେ ସମିତି ଚଳାଇଲେ । ସ୍କିମ୍ ଆରମ୍ଭରୁ ଆମେ ଜନଜାତି ଲୋକଙ୍କୁ ଏ ବିଷୟରେ ପ୍ରଶିକ୍ଷଣ ଦେଲୁ ଏବଂ ଅନେକ ଆଦିବାସୀ ଲୋକ ଶିକ୍ଷା ପାଇଲେ । ପ୍ରଶିକ୍ଷଣ ପ୍ରୋଗ୍ରାମ ଆଲୋଚନା କରିବାକୁ ଥରେ ଆମେ ଗୋଟିଏ କନଫରେନ୍ସ ଡାକିଲୁ । ଫରେଷ୍ଟ ବିଭାଗର ଜଣେ ଉଚ୍ଚ କର୍ମଚାରୀ ଆଦିବାସୀଙ୍କୁ ଡାକିବାକୁ ଅଭିଯୋଗ କଲେ । ମୁଁ ସଭାରେ କହିଲି ଯେ ସେମାନେ ନିଜର ରୀତି ବଦଳାଇବା ଦରକାର କାରଣ ଜଙ୍ଗଲ ବିଭାଗ ତାଙ୍କ ଲାଭ ପାଇଁ କାମ କରୁନାହିଁ; କାମ କରୁଛି ସେଠାରେ ରହୁଥିବା ଲୋକମାନଙ୍କର ସୁବିଧା ପାଇଁ । ଜଙ୍ଗଲ ବିଭାଗ ଦ୍ୱାରା ଆଦିବାସୀଙ୍କ ଉପକାର ହେଲେ ସେମାନେ ନିଶ୍ଚୟ ସରକାରଙ୍କ ସହିତ ସହଯୋଗ କରିବେ । ମୁଁ ତାଙ୍କୁ ଜଙ୍ଗଲରେ ରହୁଥିବା ଲୋକମାନଙ୍କ ସହ ମିଶି କାମ କରିବାକୁ କହିଲି । କର୍ମଚାରୀମାନେ ମୋ କଥା ବୁଝିଲେ, ନିଜର ଭୁଲ ମାନିଲେ, ଏବଂ ସେମାନଙ୍କର ଚିନ୍ତାଧାରା ବଦଳାଇଲେ ।

ସାମାଜିକ ପରିବର୍ତ୍ତନ ଓ ଶିକ୍ଷାଦାନ ଆଦିବାସୀମାନଙ୍କର ଯେତିକି ଆବଶ୍ୟକ ସେତିକି ପ୍ରୟୋଜନ ତାଙ୍କ ଅର୍ଥାବସ୍ଥାରେ ଉନ୍ନତି ଆଣିବା, ସେତିକି ଜରୁରୀ ମଧ୍ୟ ତାଙ୍କ ସାମାଜିକ ଓ ଆର୍ଥିକ ଅବସ୍ଥା ନଷ୍ଟ କରୁଥିବା ମଦ୍ୟପାନଠାରୁ ତାଙ୍କୁ ଦୂରେଇ ନେବା । ବାହାରର ଲୋକ ତାଙ୍କର ଏଇ ଦୁର୍ବଳତାର ସୁଯୋଗ ନେଇ ସେମାନଙ୍କୁ କ୍ରୀତଦାସ ଭଳିଆ ରଖୁଥିଲେ । ଅଭିଜ୍ଞତା ଦ୍ୱାରା ମୁଁ ଜାଣିଛି ଯେ ବୟେରେ ନିଶା ନିଷେଧ ଆଦିବାସୀମାନଙ୍କର ଉପକାର କରିଛି । ଅବଶ୍ୟ କେତେକ ଆଦିବାସୀ ନିଶା ନିଷେଧ ସତ୍ତ୍ୱେ ମଦ୍ୟପାନ କରନ୍ତି; କିନ୍ତୁ ଅଧିକାଂଶ ଆଦିବାସୀଙ୍କୁ ମଦଠାରୁ ଦୂରେଇ ନିଆଯାଇଛି ।

ଆମେ ଭାବିଲୁ, ଆଦିବାସୀଙ୍କୁ ଏପରି ଶିକ୍ଷା ଦିଆଯିବା ଉଚିତ ଯଦ୍ୱାରା ସେମାନେ ନିଜର ମୌଳିକ ଗୁଣର ମାନରେ ଜଳାଞ୍ଜଳି ନ ଦେଇ ଭଲ ମ୍ୟାନେଜର ଓ ଜନସେବକ ହୋଇ ନିଜ ଭିତରେ ପରିବର୍ତ୍ତନ ଆଣିପାରିବେ । ଏଇ ଉଦ୍ଦେଶ୍ୟରେ ଆମେ ଜଙ୍ଗଲ ଅଞ୍ଚଳରେ ଆଶ୍ରମ ସ୍କୁଲ ଖୋଲିଲୁ । ଏଗୁଡିକ ଆଜି ମଧ୍ୟ ଚାଲୁଛି । ପ୍ରାୟ ଛ' ବର୍ଷ ବୟସରେ ପୁଅ ଓ ଝିଅ ଏଇ ସ୍କୁଲରେ ନାମ ଲେଖାଉଛନ୍ତି । ସ୍କୁଲ ସେମାନଙ୍କୁ ତାଙ୍କର ସଂସ୍କୃତି ଓ ପାରମ୍ପରିକ ମୂଲ୍ୟବୋଧ ଶିକ୍ଷାଦାନ କରନ୍ତି । ଛାତ୍ରମାନେ ହସ୍ତକଳା ଓ ବାଣିଜ୍ୟ ଆଦିରେ ଶିକ୍ଷାଲାଭ କରି ଭଲ ଅର୍ଥ ଉପାର୍ଜନ କରନ୍ତି । ପ୍ରଥମେ ଆମେ ଅଳ୍ପ ଆଶ୍ରମ ଆରମ୍ଭ କରିଥିଲୁ । ସେ ସଂଖ୍ୟା କ୍ରମେ କ୍ରମେ ବଢ଼ିଲା; ଫଳରେ ଅଦିବାସୀଙ୍କ ସାମାଜିକ ଜୀବନରେ ଉନ୍ନତି ଘଟିଲା ।

Digitized by srujanika@gmail.com

(୩୩) ସ୍ୱତନ୍ତ୍ରତାର ଉଦୟ ଓ ରାଜାମାନଙ୍କ ରାଜ୍ୟର ମିଶ୍ରଣ

୧୯୪୭ ଅଗଷ୍ଟ ୧୫ରେ ଇଂରେଜମାନେ ଭାରତ ଛାଡି ଗଲେ । ବ୍ରିଟିଶ୍ ସରକାରଙ୍କର ୟୁନିୟନ୍ ଜ୍ୟାକ୍କୁ ଓହ୍ଲାଇ ଦିଆଗଲା ଏବଂ ସ୍ୱତନ୍ତ୍ର ଭାରତର ତ୍ରିରଙ୍ଗା ପତାକା ସ୍ୱତନ୍ତ୍ରତାକୁ ସସମ୍ମାନେ ସ୍ୱାଗତ କରି ଲାଲ କିଲା ଓ ଦେଶର ଅନେକ ସ୍ଥାନରେ ଉଡିଲା । ସାରା ଦେଶରେ ଅଭୂତପୂର୍ବ ଉତ୍ସାହ ଦେଖାଗଲା । ସାରାଦିନର କାର୍ଯ୍ୟକ୍ରମରେ କି ସହର ଅଧିବାସୀ କି ଗ୍ରାମବାସୀ ସମସ୍ତେ ଉଦ୍ଦୀପନାର ସହିତ ଭାଗନେଲେ । ରାସ୍ତାରେ ଏତେ ଜନସମାଗମ ହେଲା ଯେ ଲୋକେ ଚାଲିବା କଷ୍ଟକର ହେଲା । ଲୋକମାନେ ଶାନ୍ତି ଓ ସମ୍ମାନ ସହକାରେ ଉତ୍ସବ ପାଳନ କଲେ । ଅଭୂତପୂର୍ବ ଜନସମାଗମ ସତ୍ତ୍ୱେ ଅପ୍ରୀତିକର ଘଟଣା ଗୋଟିଏ ବି ଘଟିଲା ନାହିଁ ।

ଭାରତର ଦୀର୍ଘ ଇତିହାସରେ ଏଥିଲା ସମ୍ପୂର୍ଣ୍ଣ ଦେଶର ପ୍ରଥମ ସ୍ୱାଧୀନ ସରକାର । ଆନନ୍ଦ ଓ ଉତ୍ସାହର ଢେଉ ସାରା ଦେଶରେ ଖେଳିଗଲା । କେବଳ ମହାତ୍ମା ଗାନ୍ଧୀ ସେଦିନ ଖୁସି ହୋଇନଥିଲେ କାରଣ ଦେଶ ବିଭାଜନର ଦୁଃଖ ତାଙ୍କ ହୃଦୟକୁ ବିଚଳିତ କରୁଥିଲା । ଆମସମସ୍ତଙ୍କୁ ବିଭାଜନ ଭଲ ଲାଗିଲା ନାହିଁ କିନ୍ତୁ ଅନ୍ୟ ଉପାୟ ନଥିଲା, କାରଣ ବ୍ରିଟିଶ୍ ଶାସନରେ ବିଭିନ୍ନ ଭାରତୀୟ ସମ୍ପ୍ରଦାୟକୁ ମିଶ୍ରଣ କରିବା ସମ୍ଭବ ନ ଥିଲା । ଅନ୍ୟପକ୍ଷରେ ଦେଶର ଆହୁରି ବିଭାଜନର ସଙ୍କେତ ମିଳୁଥିଲା । ମୁସଲମାନ୍‌ମାନଙ୍କୁ ପୃଥକ ନିର୍ବାଚନ ମଣ୍ଡଳୀ ଦେବା ପରେ ହରିଜନମାନଙ୍କୁ ୧୯୩୩ ରେ ପୃଥକ୍ ନିର୍ବାଚନ ମଣ୍ଡଳୀ ଦେବାକୁ ବ୍ରିଟିଶ୍ ସରକାର ନିର୍ଣ୍ଣୟ କରିଥିଲେ । କିନ୍ତୁ ବାପୁଜୀ ନିଜ ଜୀବନ ବାଜି ଲଗାଇ ନିର୍ଣ୍ଣୟ ବଦଳାଇ ଦେଇଥିଲେ । ସେ ଡା. ଆମ୍ବେଦକରଙ୍କ ସହିତ ବିଚାର ବିମର୍ଷ କରି ହରିଜନମାନଙ୍କୁ ଅଲଗା ନିର୍ବାଚନ ମଣ୍ଡଳୀ ଅପେକ୍ଷା ମିଶ୍ରିତ ନିର୍ବାଚନ ମଣ୍ଡଳୀରେ ଅଧିକ ସ୍ଥାନ ଦେବାର ପ୍ରତିଶ୍ରୁତି ଦେବା ପରେ ଡ. ଆମ୍ବେଦକର ବାପୁଜୀଙ୍କ ମତକୁ ସମ୍ମାନ ଦେଖାଇ, ସେଥିସହ ଏକମତ ହୋଇ, ଦେଶର ମହାନ ସେବା କରିଥିଲେ ।

ଦେଶରେ ଏକତା ଅଭାବର ପୂର୍ଣ୍ଣ ସୁଯୋଗ ନେବାକୁ ବ୍ରିଟିଶ୍ ସରକାର ଇଚ୍ଛା କରିଥିଲେ । ଆହୁରି ଅଧିକ ବିଭାଜନ ଆମ ସ୍ୱାଧୀନତା ସଂଗ୍ରାମର କ୍ଷତି କରିଥାଆନ୍ତା, ତେଣୁ, ଖାଲି ଆନୁଷ୍ଠାନିକ ଭାବେ ଏକତ୍ର ରହି ଗୋଲାମ ଦେଶ ଭାବେ ରହିବା ଅପେକ୍ଷା ଗୋଟିଏ ସ୍ୱାଧୀନ ଦେଶ ଦୁଇଖଣ୍ଡ ଭାବେ ଗ୍ରହଣକରିବା ଶ୍ରେୟସ୍କର ବୋଲି ବିଚାର କରାଗଲା । ଏହି କାରଣ ଯୋଗୁଁ ବିଭାଜନର ବିରୋଧାଭାବ ଆମେ ତ୍ୟାଗକଲୁ ।

କିନ୍ତୁ ବିଭାଜନ ଫଳରେ ଦେଶର ଭବିଷ୍ୟତ ଅନ୍ଧକାରମୟ ବୋଲି ବାପୁ ଭାବିଲେ । ତଥାପି ଯେତେବେଳେ ଏ.ଆଇ.ସି.ସି. ଦିଲ୍ଲୀରେ ବସିଲା, ସେ ସଭ୍ୟମାନଙ୍କୁ ଦେଶର ସ୍ୱାର୍ଥ ଆଗରେ ରଖିବାକୁ ଉପଦେଶ ଦେଇ, ଦେଶର ବିଭାଜନ ଗ୍ରହଣ କରି, କାର୍ଯ୍ୟକାରୀ କମିଟିର ପ୍ରସ୍ତାବକୁ ଅନୁମୋଦନ କରିବାକୁ କହିଲେ । ବିରୋଧାଭାସକୁ ନିଜ ମଧ୍ୟରେ ସୀମିତ ରଖିଲେ ।

କଂଗ୍ରେସ ଦୁର୍ବଳ ହୋଇପଡିଲେ ଦେଶର ସ୍ୱତନ୍ତ୍ରତା ଲାଭ କରିବା ଅସମ୍ଭବହୋଇପଡିବ । ସେଥିଯୋଗୁଁ ସେ ଉପରୋକ୍ତ ନୀତି ଅବଲମ୍ବନ କରିଥିଲେ । ଯେତେ ବଡ ହେଲେ ବି କେହି ବୃହତ ସମାଜସେବା ଏକା କରିପାରିବ ନାହିଁ । ୧୯୧୫ରେ ବାପୁ ଦକ୍ଷିଣ ଆଫ୍ରିକାରୁ ଫେରି ଦେଶ ସାରା ଭ୍ରମଣ କରି ପରିସ୍ଥିତିର ପୂରା ଅଧ୍ୟୟନ କରି କଂଗ୍ରେସ ଜରିଆରେ କାମ କରିବାକୁ ସ୍ଥିର କରିଥିଲେ । ଯଦିଓ ବିଭାଜନ ପ୍ରଶ୍ନଉପରେ କଂଗ୍ରେସ ସହିତ ତାଙ୍କର ତୀବ୍ର ମତଭେଦ ହୋଇଥିଲା, ସେ ନିଜର ଶେଷ ନିଶ୍ୱାସ ପର୍ଯ୍ୟନ୍ତ କଂଗ୍ରେସ୍କୁ ସମର୍ଥନ କରୁଥିଲେ । କଂଗ୍ରେସର ଅପୂର୍ଣ୍ଣତା ସେ ଜାଣିଥିଲେ ସୁଦ୍ଧା କଂଗ୍ରେସକୁ ଦୁର୍ବଳ କରିବା ଭଳି କୌଣସି କଥା କହୁନଥିଲେ କି କରୁନଥିଲେ । କୌଣସି ଅନୁଷ୍ଠାନରେ ଯୋଗ ଦେବାପରେ ସାର୍ବଜନୀନ ଜୀବନରେ କିପରି ଆନୁଗତ୍ୟ ପ୍ରଦର୍ଶନ କରିବା ଉଚିତ ତାହାର ଉଦାହରଣ ଦେଖାଇଥିଲେ । ଆଉ ଗୋଟିଏ ଅନୁଷ୍ଠାନ ଆରମ୍ଭ କରିବାର କ୍ଷମତା ତାଙ୍କର

Digitized by srujanika@gmail.com

ଥିଲା । କିନ୍ତୁ କଂଗ୍ରେସ ଅପେକ୍ଷା ଅଧିକ ଶକ୍ତିଶାଳୀ ଅନୁଷ୍ଠାନ ଗଠନ କରିବା କେତେ କଠିନ ସେ ଜାଣିଥିଲେ । ସେ, ବୋଧହୁଏ, ଭାବିଲେ ଯେ ନୂଆ ଅନୁଷ୍ଠାନକୁ ଅଧିକ ଲୋକ ବିରୋଧ କରିବେ । ସମସ୍ୟାର ସମସ୍ତ ବିଷୟ ଜାଣି ସେ ନୂଆ ଦଳ ତିଆରି କରିବା ବିଷୟ ଚିନ୍ତା ନକରି କଂଗ୍ରେସକୁ ସୁଦୃଢ଼ କରିବାକୁ ବିଭିନ୍ନ ପଦକ୍ଷେପ ନେଇଥିଲେ ।

୧୯୪୭ ଅଗଷ୍ଟ ୧୫ରେ ବ୍ରିଟିଶ୍ ଭାରତ ଛାଡି ଚାଲିଗଲା । ଅନେକ ଇଂରେଜୀ ଅଫିସର ଅବସର ନେଲେ ଓ କେତେଜଣ ସ୍ୱାଧୀନ ଭାରତ ଶାସନ କରିବାକୁ ରହିଲେ । ବ୍ରିଟିଶ ସରକାର ଯେ କେବଳ ଦୁଇଟି ଦେଶ ତିଆରି କଲେ ତା ନୁହେଁ, ତା ସାଙ୍ଗେ ସାଙ୍ଗେ ପ୍ରାୟ ଛଅଶହ ଦେଶୀ ରାଜ୍ୟ (ଦେଶରେ ଆଗରୁଥିବା ରାଜାମାନଙ୍କ ରାଜ୍ୟ)କୁ ସ୍ୱତନ୍ତ୍ରତା ଦେଇଗଲେ । ସେମାନଙ୍କ ମଧ୍ୟରୁ ପ୍ରାୟ ୫୪୭ଟି ରାଜ୍ୟ ଭାରତୀୟ ସୀମା ଭିତରେ ଥିଲା । ଏମାନେ ଅଲଗା ଅଲଗା ସ୍ୱତନ୍ତ୍ର ହୋଇ ରହିଲେ ଦେଶର ଉନ୍ନତି ପ୍ରାୟ ଅସମ୍ଭବ । କଂଗ୍ରେସର ନେତାମାନେ ସ୍ଥିରକଲେ ଯେ ସବୁ ଦେଶୀ ରାଜ୍ୟକୁ ଭାରତ ସହିତ ମିଶାଇ ଗୋଟିଏ ଶାସନ ଅଧୀନକୁ ଆଣିବା ସର୍ବୋତ୍କୃଷ୍ଟ ପନ୍ଥା ହେବ । ସେମାନେ ପ୍ରଥମେ ଦେଶୀ ରାଜ୍ୟମାନଙ୍କୁ ଭାରତ ସରକାରଙ୍କ ସହିତ ଚୁକ୍ତି କରି, ନିଜର ବୈଦେଶିକ ସମ୍ପର୍କ, ସୁରକ୍ଷା; ଯାତାୟତ ଦାୟିତ୍ୱ ଭାରତକୁ ଦେଇ ତା ସହିତ ମିଶିଯିବାକୁ ନିମନ୍ତ୍ରଣ କଲେ । ତିନି ଥରରେ ମିଶିବାର ଯୋଜନା କରାଯାଇଥିଲା । ସମସ୍ତେ ଭଲ ଭାବେ ଜାଣିଥିଲେ ରାଜାମାନଙ୍କର ସହଯୋଗ ଉପରେ ଏ ସଂମିଶ୍ରଣ ନିର୍ଭର କରୁଛି ।

ଆଗରୁ ଭାରତ ଗୋଟିଏ ସରକାର ଅଧୀନରେ ସ୍ୱତନ୍ତ୍ର ହୋଇନଥିବାରୁ ସବୁ ନାଗରିକମାନଙ୍କ ହୃଦୟରେ ଜ୍ୱଳନ୍ତ ଦେଶଭକ୍ତି ଆବଶ୍ୟକୀୟ ପରିମାଣରେ ସୃଷ୍ଟି ହୋଇପାରି ନଥିଲା । ହଜାର ହଜାର ବର୍ଷ ଧରି ଦେଶ ଅନେକ ଛୋଟ ଛୋଟ ରାଜ୍ୟରେ ବିଭାଜିତ ହୋଇ ଯାଇଥିଲା ଓ ପ୍ରତ୍ୟେକ ନିଜର ସ୍ୱାର୍ଥ ବୃଦ୍ଧି କରିବାରେ ଲାଗିଥିଲେ । ଅନୁକୂଳ ବାତାବରଣରେ ରାଜଦ୍ରୋହୀମାନେ ବଢ଼ି ଚାଲିଥିଲେ । ଏ ପରିସ୍ଥିତିରେ ପ୍ରଥମେ, ସ୍ୱାଧୀନ ଦେଶୀ ରାଜ୍ୟମାନେ କେନ୍ଦ୍ର ସରକାର ଅଧୀନରେ ରହିବାକୁ ନାରାଜ ହେଲେ, ଏବଂ କେତେକ ନିଜର ଲୋକପ୍ରିୟ ମନ୍ତ୍ରାଳୟ ଗଢ଼ିଲେ । କେତେକ ଦେଶୀ ରାଜ୍ୟରେ ଲୋକମାନେ ସ୍ୱତନ୍ତ୍ର ମନ୍ତ୍ରୀପରିଷଦ ତିଆରି କରିବାକୁ ଉଦ୍ୟମ କଲେ । ପରିସ୍ଥିତିର ସୁଯୋଗ ନେଇ ନିଜର ସୀମିତ ସ୍ୱାର୍ଥ ସାଧନ କରିବାକୁ ଅନେକ ଚିନ୍ତା କଲେ । ଯଦି ଏଇ ଦେଶୀ ରାଜ୍ୟମାନେ ସ୍ୱାଧୀନ ହେବା ଚିନ୍ତାଧାରାରେ ଶକ୍ତ ହୋଇ ବଢ଼ିଥାଆନ୍ତେ ତେବେ ଗୋଟିଏ କେନ୍ଦ୍ର ସରକାର ତିଆରି କରିବା ଅସମ୍ଭବ ହୋଇ ଥାଆନ୍ତା । ତେଣୁ, ସ୍ୱତନ୍ତ୍ର ଦେଶୀ ରାଜ୍ୟମାନଙ୍କରେ ସ୍ୱାଧୀନତା ବାତାବରଣ ସ୍ଥାୟୀ ରୂପ ନେବା ପୂର୍ବରୁ ସମସ୍ତଙ୍କୁ ଭାରତ ସହିତ ସଂମିଶ୍ରଣ କରିବା ଅତି ଆବଶ୍ୟକ ହୋଇପଡିଲା ।

ସର୍ଦ୍ଦାର୍ ବଲ୍ଲଭଭାଇ ପଟେଲ୍ କେନ୍ଦ୍ରରେ ରାଜ୍ୟ ବିଭାଗ ଦାୟିତ୍ୱରେ ଥିଲେ । ସେ ଏ ସମସ୍ୟାର ସମାଧାନ ଶୀଘ୍ର କରିବାକୁ ସ୍ଥିର କଲେ । ସେ ନିଜର ସ୍ୱାଭାବିକ କାର୍ଯ୍ୟକୁଶଳତା, ମହାନୁଭାବତା ଏବଂ ଦୂରଦର୍ଶିତା ସହକାରେ ରାଜାମାନଙ୍କ ସହିତ ରାଜ୍ୟକୁ ପାଖ ପ୍ରଦେଶରେ ମିଶାଇବା ପାଇଁ ବିଚାର ବିମର୍ଶ ଆରମ୍ଭ କଲେ ।

ସୌରାଷ୍ଟ୍ରରେ ଜୁନାଗଡ଼ ଗୋଟିଏ ରାଜ୍ୟଥିଲା । ଅଧିକାଂଶ ଲୋକ ହିନ୍ଦୁ ଥିଲେ କିନ୍ତୁ ଶାସନକର୍ତ୍ତା ଥିଲେ ଜଣେ ମୁସ୍ଲିମ୍ ନବାବ । ପାକିସ୍ଥାନ ତାଙ୍କୁ ପାକିସ୍ଥାନରେ ମିଶୁଛି ବୋଲି ଘୋଷଣା କରିବାକୁ ଉତ୍ସାହିତ କଲା । ଏ ରାଜ୍ୟ ପାକିସ୍ଥାନ ସହିତ ଲାଗିନାହିଁ ବା ଏହା ସହିତ କୌଣସି ସମ୍ପର୍କ ମଧ୍ୟନାହିଁ - ଏକଥା ପାକିସ୍ଥାନ ଦେଖିଲା ନାହିଁ । ଜୁନାଗଡ଼ ଲୋକମାନେ ଏ ଘୋଷଣା ବିରୁଦ୍ଧରେ ରାଜ୍ୟରେ ବିଦ୍ରୋହ କଲେ ଏବଂ ନବାବଙ୍କ ବିରୁଦ୍ଧରେ ସଂଗ୍ରାମ କଲେ । ଆମର ସହାନୁଭୂତି ଓ ସହଯୋଗ ଲୋକମାନଙ୍କ ସହିତ ଥିଲା । ଲୋକମାନେ

Digitized by srujanika@gmail.com

ଯେତେବେଳେ ସଂଗ୍ରାମ କଲେ ଜୁନାଗଡ଼ ନବାବ ପାକିସ୍ଥାନ ପଳାଇଲେ । ଲୋକମାନେ ସେମାନଙ୍କର ନିଜର ସରକାର ତିଆରି କରି ଭାରତ ସହିତ ମିଶିଗଲେ । ପାକିସ୍ଥାନ ଜାଣିପାରୁ ନଥିଲା ଯେ ସେ ଦେଶ ସହିତ ଜୁନାଗଡର ମିଶ୍ରଣ ଅନୁପଯୁକ୍ତ ଓ ଅସମ୍ଭବ । ପାକିସ୍ଥାନ ସମୟ ସମୟରେ ଘୋଷଣା କରିଚାଲିଲା ଯେ ଭାରତ ସହିତ ଜୁନାଗଡ଼ର ମିଶ୍ରଣ ଅନ୍ୟାୟ ।

ସେହିପରି ହାଇଦ୍ରାବାଦ ଭାରତ ଭୂଖଣ୍ଡର ମଧ୍ୟଭାଗରେ ଅବସ୍ଥିତ । କିନ୍ତୁ ଶାସନ କରୁଥିଲେ ନିଜାମ୍ । ପାକିସ୍ଥାନ ଏହି ରାଜ୍ୟକୁ ନିଜ ଦେଶରେ ମିଶାଇବାକୁ ନିଜାମ୍‌ଙ୍କୁ ପ୍ରବର୍ତ୍ତାଇବା ଆରମ୍ଭ କଲା । ନିଜାମ୍‌ର ମନ୍ତ୍ରୀମାନେ ବିଚାର ବିମର୍ଷରେ ଲାଗିପଡିଲେ । ନିଜାମ୍ ପାକିସ୍ଥାନକୁ ଖବର ଦେଲେ ଯେ ସେ ପାକିସ୍ଥାନ ସହିତ ମିଶିଲେ ଭାରତ ନିଶ୍ଚୟ ଲଢ଼େଇ କରିବ ଓ ଯଦି ପାକିସ୍ଥାନ ସେ ଲଢ଼େଇରେ ତାଙ୍କ ସହିତ ଯୋଗ ଦେବ ତେବେ ସେ ତାଙ୍କ ସହିତ ମିଶିବ । ପାକିସ୍ଥାନ ସେପରି ସ୍ଥିତିରେ ନଥିବାରୁ ଏ ସର୍ତ୍ତରେ ରାଜି ହେଲା ନାହିଁ । ହାଇଦ୍ରାବାଦ ରାଜ୍ୟ ତେଣୁ ପାକିସ୍ଥାନରେ ମିଶିବା ପ୍ରସ୍ତାବ ବନ୍ଦ କରି ଦେଲା; କିନ୍ତୁ ଭାରତ ସହିତ ମିଶିବାକୁ ଅନିଚ୍ଛୁକ ଥିଲା ।

ରାଜ୍ୟରେ ସଂଖ୍ୟାଧିକ ହିନ୍ଦୁ ଓ ମୁସଲ୍‌ମାନ୍‌ଙ୍କ ସଂଖ୍ୟା କେବଳ ଦଶ ପ୍ରତିଶତ ଥିବା ସତ୍ତ୍ୱେ କେତେକ ମୁସଲ୍‌ମାନ୍ ରଜାକର ନାମକ ଗୋଟିଏ ଦଳ ସୃଷ୍ଟି କରି ଆନ୍ଦୋଳନ ଆରମ୍ଭ କଲେ । ସରକାରଙ୍କୁ ସୁଦୃଢ଼ କରିବାକୁ ଏବଂ ହାଇଦ୍ରାବାଦରେ ଥିବା ହିନ୍ଦୁମାନଙ୍କୁ ଭୟଭୀତ କରି ଭାରତ ଉପରେ ଚାପ ପକାଇବା ପାଇଁ ଏହି ଦଳ ତିଆରି ହୋଇଥିଲା । ହାଇଦ୍ରାବାଦ ରାଜ୍ୟ ବମ୍ବେ ପ୍ରଦେଶ ସହିତ ଲାଗିକରି ଥିଲା । ଏଇ ରଜାକରମାନେ ବମ୍ବେ ପ୍ରଦେଶ ଭିତରେ ଲୁଚିକରି ପଶି, ଲୋକମାନଙ୍କୁ ଆକ୍ରମଣ କରି, ଭୟ ଦେଖାଇ, ନିଜ ରାଜ୍ୟକୁ ପଳାଇ ଯାଉଥିଲେ । ଏହା ବମ୍ବେ ପ୍ରଦେଶରେ ବଡ଼ ବିରକ୍ତିକର ପରିସ୍ଥିତି ସୃଷ୍ଟିକରୁଥିଲା । ମୁଁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ଏ ସମସ୍ତ ସମସ୍ୟାର ସପୂର୍ଣ୍ଣ ବିବରଣୀ ଦେଇ ରଜାକରଙ୍କ ବିରୁଦ୍ଧରେ ସେନା ବ୍ୟବହାର କରିବାକୁ ପ୍ରସ୍ତାବ ଦେଲି । ସର୍ଦ୍ଦାର ସାହେବ ସେନା ମୁଖ୍ୟଙ୍କ ସହିତ ପରାମର୍ଶ କରି, ଏ ଅବସ୍ଥାରେ, ସେନାର ସାହାଯ୍ୟ ନେବାକୁ ପ୍ରସ୍ତୁତ ନଥିଲେ । ମୁଁ ତେଣୁ ପୁଲିସର ସହାୟତା ନେବାକୁ ଅନୁମତି ମାଗିଲି । ରଜାକରମାନେ ଆମ ପ୍ରଦେଶରେ ପଶି, ଲୋକମାନଙ୍କୁ ଆକ୍ରମଣ କରି, ସମ୍ପତ୍ତି ଲୁଟତରାଜ କରି, ନିଜ ରାଜ୍ୟକୁ ପଳାଇ ଯାଉଥିଲେ, ତେଣୁ ତାଙ୍କୁ ଧରିବା କଷ୍ଟକର ହେଉଥିଲା । କେତେକ ବ୍ୟକ୍ତି ମତେ ପରାମର୍ଶ ଦେଲେ ଯେ ଆମେ ହାଇଦ୍ରାବାଦରେ ଥିବା ଲୋକମାନଙ୍କୁ ରଜାକରଙ୍କ ବିରୁଦ୍ଧରେ ଲଢ଼ାଇ କରିବାକୁ ଅସ୍ତ୍ରଯୋଗାଇ ଦେବା, କିନ୍ତୁ ମୁଁ ଦେଖିଲି ଭବିଷ୍ୟତରେ ଏହାର ଫଳ ବିପଦଜନକ ହେବ । ତେଣୁ ସେଥିରେ ମନଦେଲି ନାହିଁ । ମୁଁ ସର୍ଦ୍ଦାର ସାହେବଙ୍କୁ କହିଲି ଯେ ମୋତେ ଅନୁମତି ଦେଲେ ମୁଁ, ରଜାକରମାନେ ଆମ ସୀମା ଭିତରକୁ ଆସିଲେ, ସେମାନଙ୍କୁ ଏମିତି ବୁଦ୍ଧି ଶିଖାଇ, ଗୋଡାଇ ଅଡାଇ ପ୍ରଦେଶ ବାହାରକୁ ଘଉଡାଇ ଦେବି ଯେ ସେମାନେ ଆଉ ଆସିବେ ନାହିଁ । ଏହା ଦ୍ୱାରା କେନ୍ଦ୍ର ସରକାରଙ୍କୁ କେହି ଦୋଷ ଦେବେ ନାହିଁ ଏବଂ ମୁଁ ପୂରା ଦାୟିତ୍ୱ ନେବି । ସେ ରାଜି ହୋଇ ଆମ ସୀମା ପୁଲିସ ଓ ହୋମଗାର୍ଡ ସାହାଯ୍ୟରେ ରକ୍ଷାକରିବାକୁ ଅନୁମତି ଦେଲେ । ମୁଁ ଅନେକ ହୋମଗାର୍ଡ ତାଲିକାଭୁକ୍ତ କଲି ଓ ପୁଲିସ ମାନଙ୍କୁ ହାଇଦ୍ରାବାଦ ସଂଲଗ୍ନ ସୀମା ରକ୍ଷା କରିବାକୁ ପଠାଇଲି । ସେମାନଙ୍କୁ ନିର୍ଦ୍ଦେଶ ଦେଇଥିଲି ଯେ ରଜାକରମାନେ ଆମ ସୀମାଭିତରକୁ ଆସିଲେ ତାଙ୍କୁ ଏପରି ଦଣ୍ଡଦେଇ ତାଙ୍କ ରାଜ୍ୟକୁ ଘଉଡାଇ ଦେବେ ଯେ ସେମାନେ ଆଉ ଆସିବେ ନାହିଁ । ଏହା ଦ୍ୱାରା ରଜାକରଙ୍କର କାଣ୍ଡ ଆଠଦଶ ଦିନ ମଧ୍ୟରେ ବନ୍ଦ ହୋଇଗଲା । ଆମ ହୋମଗାର୍ଡ ଓ ପୁଲିସ ଫୋର୍ସ ସେମାନଙ୍କର ସାହସ ଭାଙ୍ଗି ଦେଲେ ।

ବମ୍ବେ ବନ୍ଦର ବାଟେ ହାଇଦ୍ରାବାଦ ରାଜ୍ୟ ସେମାନଙ୍କର ଜିନିଷପତ୍ର ଆମଦାନୀ କରୁଥିଲେ । ମତେ ବୁଝାଇ ଦିଆଯାଇଥିଲା ଯେ ଏଇ ଆମଦାନୀ ଦ୍ରବ୍ୟ ଭିତରେ ନିଜାମର ପୁଲିସ ଓ ସୈନ୍ୟମାନଙ୍କ ପାଇଁ ଅସ୍ତ୍ରଶସ୍ତ୍ର ଥିଲା । ଆମେ ଏଇ ଦ୍ରବ୍ୟ ହାଇଦ୍ରାବାଦ ଯିବାରେ ବାଧାଦେଲୁ । ମୁଁ ପୋର୍ଟ ଅଫିସରଙ୍କୁ ନିର୍ଦ୍ଦେଶ ଦେଲି ଯେ

Digitized by srujanika@gmail.com

ନିଜାମର ଲୋକମାନେ ବମ୍ବେ ବନ୍ଦରରୁ ନିଜାମ ଜିନିଷ ନେବେ ନାହିଁ । ମୁଁ ଜାଣିଥିଲି ଯେ ଏ ନିର୍ଦ୍ଦେଶ ନିୟମସଂଗତ ନୁହେଁ, ତେଣୁ ଏ ନିର୍ଦ୍ଦେଶ ଦେବା ଆଗରୁ ସର୍ଦ୍ଦାର ସାହେବଙ୍କ ସହିତ ପରାମର୍ଶ କରିଥିଲି । ମୁଁ କହିଥିଲି କେନ୍ଦ୍ର ଅସୁବିଧାରେ ପଡିଲେ ପୂରାପୂରି ଦୋଷ ମୋ ଉପରେ ଲଦିଦେବେ । ମୋର କେବଳ ଉଦ୍ଦେଶ୍ୟ ହେଲା ଯେ ତାଙ୍କ ତରଫରୁ କୌଣସି ବାଧା ନ ଆସୁ । ଏହି ବୁଝାମଣା ପରେ ମୁଁ ଆମଦାନୀ ଦ୍ରବ୍ୟ ବମ୍ବେରୁ ହାଇଦ୍ରାବାଦ ଛାଡିଲି ନାହିଁ ।

ହାଇଦ୍ରାବାଦରେ ରଜାକରଙ୍କ ଦ୍ୱାରା ଆତଙ୍କବାଦ ବଢ଼ିବାକୁ ଲାଗିଲା । ଲୋକମାନଙ୍କ ପାଖକୁ ସାହାଯ୍ୟ ପଠାଇବା କେନ୍ଦ୍ର ପକ୍ଷରେ ଆବଶ୍ୟକ ପଡିଲା । ସେନାବାହିନୀଙ୍କ ବିନା ସାହାଯ୍ୟରେ ସମସ୍ୟାର ସମାଧାନ ଅସମ୍ଭବ ଥିଲା । କେନ୍ଦ୍ର ସେନାବାହିନୀ ପଠାଇବାକୁ ସ୍ଥିର କଲାବେଳେ ସେନାମୁଖ୍ୟ ବାଧାସୃଷ୍ଟି କରି କହିଲେ ଯେ ସୀମା ସୁରକ୍ଷା ପାଇଁ ବାହିନୀର ଅଧିକ ଭାଗ ମୁତୟନ କରାଯାଇଛି । ତେଣୁ ହାଇଦ୍ରାବାଦକୁ କିଛି ସେନା ପଠାଇଲେ, ବମ୍ବେ ସହରରେ କୌଣସି ଗଣ୍ଡଗୋଳ ହେଲେ ଅବସ୍ଥା ସମ୍ଭାଳିବା ପାଇଁ ସେନା ମିଳିବେ ନାହିଁ । ତେଣୁ ହାଇଦ୍ରାବାଦକୁ ସେନା ସାହାଯ୍ୟ ପଠାଇବା ସମ୍ଭବ ନୁହେଁ । ମୁଁ କିନ୍ତୁ ଅଧିକା ବିଶେଷ ପୁଲିସ ଓ ହୋମଗାର୍ଡ ବ୍ୟବସ୍ଥା କରିଥିଲି । ମୁଁ ସର୍ଦ୍ଦାର ସାହେବଙ୍କୁ କହିଲି ଯେ ବମ୍ବେରେ ଗଣ୍ଡଗୋଳ ଶାନ୍ତ କରିବାକୁ ମୋର ସେନା ଦରକାର ହେବେ ନାହିଁ । ତେଣୁ ବମ୍ବେରୁ ସମସ୍ତ ସେନାବାହିନୀ ପ୍ରତ୍ୟାହାର କରି ନେବାକୁ ସେ ସେନା ମୁଖ୍ୟଙ୍କୁ କହିପାରିନ୍ତି । ଫଳରେ ମୁଖ୍ୟଙ୍କର ଆପତ୍ତି କରିବାର ବାଟ ନଥିଲା ଓ ହାଇଦ୍ରାବାଦରେ ଅତ୍ୟାଚାରିତ ଲୋକମାନଙ୍କ ସାହାର୍ଯ୍ୟର୍ଥେ "ପୁଲିସ ଆକ୍‌ସନ" ନେବା ନିର୍ଣ୍ଣୟ କରାଗଲା ।

ସାମରିକ କାର୍ଯ୍ୟର ତାରିଖ କେବଳ ସଂପୃକ୍ତ ବାହିନୀର ମୁଖ୍ୟମାନଙ୍କୁ, ସର୍ଦ୍ଦାର ସାହେବଙ୍କୁ ଓ ମତେ ଜଣାଥିଲା । ନିର୍ଣ୍ଣୟ ନେବାର ତିନିମାସ ପରେ ତାରିଖ ନିର୍ଦ୍ଧାରିତ ହୋଇଥିଲା । ନିର୍ଦ୍ଧାରିତ ତାରିଖ ଦିନ ସେନାମାନେ କାର୍ଯ୍ୟାରମ୍ଭ କଲେ । ଏଇ ବାହିନୀ ଯେତେବେଳେ ହାଇଦ୍ରାବାଦ ସହର ପାଖରେ ପହଞ୍ଚିଲେ, ନିଜାମ୍ ଜାଣିପାରିଲେ ଯେ ସେ ମୁକାବିଲା କରିପାରିବେ ନାହିଁ । ତେଣୁ ସେ କେନ୍ଦ୍ରଠାରେ ଆତ୍ମ ସମର୍ପଣ କଲେ । ଏହି ପରି ଭାବେ ହାଇଦ୍ରାବାଦ କେନ୍ଦ୍ର ସହିତ ମିଶିଥିଲା । ଜାମ୍ମୁ କାଶ୍ମୀର ବ୍ୟତୀତ ସବୁ ଭାରତୀୟ ରାଜ୍ୟ ଭାରତ ସହିତ ଯୋଗଦେବାକୁ ରାଜିନାମାରେ ସ୍ୱାକ୍ଷର କରିଥିଲେ ।

ଜାମ୍ମୁ ଏବଂ କାଶ୍ମୀରରେ ଅଧିକ ଲୋକ ମୁସଲମାନ ଥିଲେ, କିନ୍ତୁ ଶାସକ ଥିଲେ ମହାରାଜା ହରିସିଂହ-ଜଣେ ହିନ୍ଦୁ । ଭାରତୀୟ ଉପମହାଦେଶର ଉତ୍ତରରେ ଅବସ୍ଥିତ ଓ ବିଭାଜନ ପରେ ଏହା ଉଭୟ ଭାରତ ଓ ପାକିସ୍ଥାନ ସହିତ ଲାଗିକରି ଅଛି । ଶାସକ ସ୍ୱତନ୍ତ୍ର ଭାବେ ରହିବାକୁ ଇଚ୍ଛା କରିଥିଲେ । ସର୍ଦ୍ଦାର ସାହେବ ସର୍ବସାଧାରଣରେ ଘୋଷଣା କରିଥିଲେ ଯେ ଜାମ୍ମୁକାଶ୍ମୀର ଭାରତ ବା ପାକିସ୍ଥାନ ସହିତ ନିଜ ସ୍ୱାଧୀନ ଇଚ୍ଛାରେ ଯୋଗ ଦେଇପାରେ । ପାକିସ୍ଥାନ ସହିତ ଯୋଗ ଦେଲେ ଭାରତର କୌଣସି ଆପତ୍ତି ନାହିଁ । ଭାରତ ଜାମ୍ମୁକାଶ୍ମୀରକୁ ଭାରତ ସହିତ ମିଶିବାକୁ ଚାପ ଦେଇନାହିଁ । ମହାରାଜା ଉଭୟ ଭାରତ ଓ ପାକିସ୍ତାନକୁ ଖବର ପଠାଇଲେ ଯେ ସେ ଉଭୟଙ୍କ ସହିତ "ଷ୍ଟାଣ୍ଡ ଷ୍ଟିଲ୍" ରାଜିନାମା କରିବାବକୁ ପ୍ରସ୍ତୁତ ଅଛନ୍ତି । ସେ ଉଭୟଙ୍କ ମତ ପଚାରିଲେ । ଭାରତ କେତେକ ତଥ୍ୟ ମାଗିଲା ଏବଂ ଏହି ତଥ୍ୟ ନ ପାଇବା ପର୍ଯ୍ୟନ୍ତ ରାଜିନାମାରେ ଦସ୍ତଖତ କରିବ ନାହିଁ ବୋଲି କହିଲା, କିନ୍ତୁ ପାକିସ୍ତାନ ଟେଲିଗ୍ରାମ ଦ୍ୱାରା ସମ୍ମତି ଦେଲା । ଅଳ୍ପଦିନ ପରେ ମହାରାଜାଙ୍କୁ ପାକିସ୍ତାନ ତା' ସହିତ ମିଶିବାକୁ କହିଲା । ମହାରାଜା ପ୍ରସ୍ତାବକୁ କିନ୍ତୁ ପ୍ରତ୍ୟାଖାନ କଲେ । ମିଷ୍ଟର ମହମ୍ମଦ ଅଲ୍ଲୀ ଜୀନ୍ନା ଶ୍ରୀନଗର ଯାଇ ମହାରାଜାଙ୍କ ସହିତ ସମସ୍ୟା ଆଲୋଚନା କରିବାକୁ ପ୍ରସ୍ତାବ ଦେଲେ । କିନ୍ତୁ ମହାରାଜା ମି. ଜୀନ୍ନାଙ୍କୁ ତାଙ୍କ ରାଜ୍ୟରେ ପ୍ରବେଶ କରିବାକୁ ଅନୁମତି ଦେଲେ ନାହିଁ ଓ ତାଙ୍କ ସହିତ ଆଉ

Digitized by srujanika@gmail.com

କିଛି ଆଲୋଚନା କରିବାକୁ ମନା କଲେ । ମିଃ ଜୀନ୍ନା ରାଓ୍ଵଲପିଣ୍ଡିରେ ରହି ସେନାମାନଙ୍କୁ ଆଦିବାସୀ ଆକ୍ରମଣକାରୀ (ରେଡ଼ର୍) ବେଶରେ ଜାମୁକାଶ୍ମୀରକୁ ଅଧିକାର କରିବାକୁ ପଠାଇଲେ ।

ଏହି ''ରେଡର୍'' ମାନେ ଜାମ୍ମୁକାଶ୍ମୀରକୁ ଜିତିନେବା ଉଦ୍ଦେଶ୍ୟରେ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହୋଇଥିଲେ । ମହାରାଜା ଆତଙ୍କିତ ହୋଇ ଦିଲ୍ଲୀକୁ ସାହାଯ୍ୟ ମାଗିଲେ । କେନ୍ଦ୍ର ତାଙ୍କୁ ଜଣାଇଲେ ଯେ ଜାମୁକାଶ୍ମୀର ଦେଶର ଅଙ୍ଗ ନହେବା ପର୍ଯ୍ୟନ୍ତ ସାମରୀକ ସାହାଯ୍ୟ ଦେବା ଅସମ୍ଭବ । ଯେତେବେଳେ ଏହି ପାକିସ୍ଥାନୀ ଯାଯାବର ମାନେ ଅନେକ ସ୍ଥାନ ଅଧିକାର କରି ରାଜ୍ୟର ରାଜଧାନୀ ଶ୍ରୀନଗରର ପନ୍ଦର କୋଡ଼ିଏ ମାଇଲ ଭିତରେ ପହଞ୍ଚିଲେ, ମହାରାଜା ଭାରତ ସହିତ ଜାମୁକାଶ୍ମୀର ମିଶ୍ରଣ ପ୍ରସ୍ତାବ ପଠାଇ ତାହା ଗ୍ରହଣକରିବାକୁ ଭାରତକୁ ଅନୁରୋଧ କଲେ । ଲୋକମାନଙ୍କ ନେତା, ଶେଖ ଅବଦୁଲ୍ଲା ଜବାହରଲାଲ ନେହେରୁଙ୍କୁ ଅନୁରୋଧ କଲେ । ତା'ପରେ ଏହା ଗ୍ରହଣ କରାଗଲା ଏବଂ ଦୁଇଶହରୁ ତିନିଶହ ଲୋକଙ୍କୁ ଉଡ଼ାଜାହାଜରେ ମହାରାଜାଙ୍କୁ ସାହାଯ୍ୟ କରିବା ପାଇଁ ଶ୍ରୀନଗର ପଠାଗଲା । ସଡକ ରାସ୍ତା ଭଲ ନ ଥିବାରୁ ଅଧିକ ସେନା ପଠାଇବା ଅସମ୍ଭବ ଥିଲା । ତେଣେ ପାକିସ୍ଥାନୀ ଯାଯାବରମାନେ ବରମୁଲ୍ଲା ଓ ଆଖପାଖ ଅଞ୍ଚଳରେ ଲୁଟତରାଜ ଆରମ୍ଭ କରିଦେଇଥିଲେ । ଏଇ ସମୟରେ ଶ୍ରୀନଗରରେ ଦିଲ୍ଲୀର ସାହାଯ୍ୟ ପହୁଞ୍ଚିଲା । ଆଉ ମାତ୍ର ଦୁଇଘଣ୍ଟା ଡେରି ହୋଇ ଯାଇଥିଲେ ପାକିସ୍ଥାନୀ ସୈନ୍ୟମାନେ ଶୀନଗର ଓ ଏହାର ବିମାନ ଘାଟୀ ଅଧିକାର କରି ନେଇଥାନ୍ତେ ଓ ଜାମ୍ମୁକାଶ୍ମୀରକୁ ସାମରିକ ସାହାଯ୍ୟ ପଠାଇବାକୁ ଭାରତ ପକ୍ଷେ କଷ୍ଟସାଧ ହୋଇଥାଆନ୍ତା ।

ଯେଉଁ କେତେକ ଭାରତୀୟ ଶ୍ରୀନଗରରେ ପହଞ୍ଚିଲେ ସେମାନେ ଲୋକମାନଙ୍କୁ ସଂଗଠିତ କରି ସେମାନଙ୍କର ସହଯୋଗରେ ପାକିସ୍ତାନୀ ଆକ୍ରମଣକାରୀମାନଙ୍କୁ ତଡିଦେଲେ । ଅଧିକ ସେନା ଭାରତରୁ ପଠାଯାଇଥିଲା । ଫଳରେ ପାକିସ୍ତାନୀ ସୈନ୍ୟମାନେ ଜାମ୍ମୁକାଶ୍ମୀର ଉପତ୍ୟକା ଛାଡି ସୀମାନ୍ତ ପାହାଡକୁ ପଳାଇଗଲେ । ପଣ୍ଡିତ ଜବାହରଲାଲ ନେହେରୁ ଦେଖିଲେ ଯେ ଯୁଦ୍ଧ ଚାଲିଲେ ଭାରତ, ପାକିସ୍ଥାନ ଓ କାଶ୍ମୀରର ବହୁତ କ୍ଷତି ହେବ । ସେ ଯୁକ୍ତରାଷ୍ଟ୍ର ନିରାପତ୍ତା ପରିଷଦକୁ ପାକିସ୍ଥାନକୁ ଗୋଟିଏ ଆକ୍ରମଣକାରୀ ଦେଶ ଘୋଷଣା କରିବାକୁ କହିଲେ । ନିରାପତ୍ତା ପରିଷଦ ଯୁଦ୍ଧ ବନ୍ଦ ଘୋଷଣା କରି ଭାରତୀୟ ସେନା ଓ ପାକିସ୍ତାନୀ ଆକ୍ରମଣକାରୀଙ୍କୁ ଯେଉଁଠି ଅଛନ୍ତି ସେଠାରେ ରହିବାକୁ କହିଲେ । ଯୁଦ୍ଧ ବନ୍ଦ ହେଲା ।

ନିରାପତ୍ତା ପରିଷଦ ନିଜ ପର୍ଯ୍ୟବେକ୍ଷକ ଦ୍ୱାରା ଯେତେ ପ୍ରମାଣ ପାଇଥିଲେ ମଧ୍ୟ ଆଜିଯାଏ ପାକିସ୍ଥାନକୁ ଆକ୍ରମଣକାରୀ ଦେଶ ଘୋଷଣା କରିନାହିଁ । ଭାରତର ଦୋଷଥିଲେ ସେମାନେ ସାଙ୍ଗେ ସାଙ୍ଗେ ଘୋଷଣା କରିଥାନ୍ତେ, ଏଥିରେ ମୋର ସନ୍ଦେହ ନାହିଁ । ନିରାପତ୍ତା ପରିଷଦ ପ୍ରସ୍ତାବ ଗ୍ରହଣ କଲେ ଯେ ପାକିସ୍ଥାନ ଅଧିକାର କରିଥିବା କାଶ୍ମୀରର ଅଂଶକୁ ଖାଲି କରିବା ପରେ ଓ ଭାରତ କାଶ୍ମୀରରେ କେବଳ ନିୟମ ବିଧାନ ବଜାୟ ରଖିବାକୁ ସାମରିକ ବାହିନୀ ସୀମିତ କରିବାପରେ ଜାମ୍ମୁକାଶ୍ମୀରରେ ଜନମତ ନିଆଯାଇ ସେମାନେ କେଉଁ ଦେଶ ସହିତ ମିଶିବେ ସ୍ଥିର କରାଯିବ । ଭାରତ ନିରାପତ୍ତା ପରିଷଦ ପ୍ରସ୍ତାବକୁ ଏଇ ସର୍ତ୍ତରେ ଗ୍ରହଣ କଲା ଯେ ପାକିସ୍ଥାନ ପ୍ରଥମେ ଏହା ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରି କାର୍ଯ୍ୟରେ ପରିଣତ କରୁ । ଆଜି ପର୍ଯ୍ୟନ୍ତ ପାକିସ୍ଥାନ ତଥାକଥିତ ଆଜାଦ କାଶ୍ମୀର ଛାଡିଯାଇ ନାହିଁ । ବରଂ ସେମାନଙ୍କର ସଂଖ୍ୟା ସେଠାରେ ବଢ଼ାଇଛି । ତେଣୁ ଭାରତକୁ ଅଧିକ ସୁରକ୍ଷା ମୂଳକ ପଦକ୍ଷେପ ନେବାକୁ ପଡୁଛି ।

ପାକିସ୍ତାନ ତା'ର ସର୍ତ୍ତ ପୂରଣ କରିବା ପାଇଁ ଭାରତ ସରକାର ୧୯୫୬ ପର୍ଯ୍ୟନ୍ତ ଅପେକ୍ଷା କଲେ । କିନ୍ତୁ ପାକିସ୍ତାନ ନିଜର କର୍ତ୍ତବ୍ୟ ପାଳନ କଲାନାହିଁ କି ନିରାପତ୍ତା ପରିଷଦ ତାହା କରାଇଲା ନାହିଁ । ପାକିସ୍ତାନ ଚାଳିଶ ବୟାଳିଶ ଲକ୍ଷ ହିନ୍ଦୁମାନଙ୍କୁ ପାକିସ୍ଥାନ ଛାଡି ଭାରତରେ ଶରଣ ନେବାକୁ ବାଧକଲା । ଭାରତ ସରକାରଙ୍କୁ,

Digitized by srujanika@gmail.com

ପଶ୍ଚିମ ବଙ୍ଗଳା ଓ ପାଖ ଅଞ୍ଚଳରେ, ସେମାନଙ୍କୁ ଥଇଥାନ କରିବାକୁ ପଡିଥିଲା । ଏଇ ଘଟଣାର ପ୍ରତିକୂଳ ପ୍ରଭାବ କାଶ୍ମୀର ସମସ୍ୟାକୁ ଆହୁରି ଜଟିଳ କରି ଦେଇଛି । ୧୯୫୬ ପରେ, ଭାରତ ସରକାର ଜନମତ ଗ୍ରହଣ ପ୍ରସ୍ତାବକୁ ପତ୍ୟାଖାନ କରି ଘୋଷଣା କରିଛନ୍ତି ଯେ ସେପରି ପଦକ୍ଷେପ ଦ୍ୱାରା କାଶ୍ମୀର ସମସ୍ୟା ସମାଧାନ ହେବ ନାହିଁ । ଅଧିକନ୍ତୁ କାଶ୍ମୀରେ ଦୁଇଥର ସାଧାରଣ ନିର୍ବାଚନ ହୋଇ ସାରିଲାଣି । ତଦ୍ୱାରା କାଶ୍ମୀରୀମାନେ ସୁସ୍ପଷ୍ଟଭାବେ ଘୋଷଣା କରିଛନ୍ତି ଯେ କାଶ୍ମୀର ଭାରତ ସହିତ ସବୁଦିନ ପାଇଁ ମିଶିଯାଇଛି ଏବଂ ଏହା ଆଉ ପରିବର୍ତ୍ତନ କରାଯାଇ ପାରିବ ନାହିଁ । ଜନମତ ଗ୍ରହଣ, ପ୍ରକୃତରେ ଦେଖିଲେ, ହୋଇଯାଇଛି । ପାକିସ୍ତାନ, କୌଣସି ଯୁକ୍ତି ନଥିବା ସତ୍ତ୍ୱେ, କାଶ୍ମୀର ଉପରେ ଦାବି କରିବାରେ ଲାଗିଛି । ୧୯୬୫ରେ ପାକିସ୍ତାନ ଭାରତକୁ ଆକ୍ରମଣ କରିଥିଲା । ମୁଁ ପରେ ଏବିଷୟକୁ ଆସିବି ।

୧୯୪୮ ଶେଷ ସୁଦ୍ଧା ଭାରତ ସହିତ ଦେଶୀ ରାଜ୍ୟ ସବୁ ମିଶିବା ଫଳରେ, ଅନେକ ପାଖ ରାଜ୍ୟ ବମ୍ବେ ସହିତ ମିଶିଲା, ସର୍ଦ୍ଦାର ସାହେବଙ୍କ ନିର୍ଦ୍ଦେଶାନୁସାରେ ମୁଁ ବରୋଦା ମିଶ୍ରଣ ବିଚାର ବିମର୍ଷରେ ଭାଗ ନେଇଥିଲି । ମିଶିଯିବା ପରେ ଡା. ଜୀବରାଜ ମେହେଟ୍ଟା ବରୋଦା ରାଜ୍ୟର ପ୍ରତିନିଧି ଭାବେ ବମ୍ବେ ମନ୍ତ୍ରୀ ପରିଷଦରେ ଯୋଗ ଦେଇଥିଲେ । ସେଇପରି ମହାରାଷ୍ଟ୍ରରେ ରାଜାମାନଙ୍କ ରାଜ୍ୟର ପ୍ରତିନିଧି ହିସାବରେ ଶ୍ରୀ ନାଏକ ନିମ୍ବଲକର ମନ୍ତ୍ରୀ ପରିଷଦରେ ଯୋଗ ଦେଇଥିଲେ । ଶ୍ରୀ ନାଏକ ନିମ୍ବଲକର ଫଲ୍‌ଟନ୍ ସ୍ଥାନର ଶାସକ ଥିଲେ । ମିଶ୍ରଣ ବେଳେ ସେ କେବଳ ବ୍ୟକ୍ତିଗତ ସମ୍ପତ୍ତି ନିଜ ପାଖରେ ରଖି ନିଜ ରାଜ୍ୟର ଟ୍ରେଜେରୀ ବମ୍ବେ ରାଜ୍ୟକୁ ଦେଇଥିଲେ ।

ବମ୍ବେ ପ୍ରଦେଶର ଗୁଜରାଟ ଅଞ୍ଚଳରେ ଯୋଗ ଦେଇଥିବା ରାଜ୍ୟମାନଙ୍କୁ ନେଇ ସାବରକଣ୍ଠା ଓ ବନସ୍କଣ୍ଠା ଦୁଇଟି ଜିଲା ତିଆରି ହେଲା । ଇଦାର ଷ୍ଟେଟ ସାବରକଣ୍ଠାରେ ରହିଲା ଓ ବନସ୍କଣ୍ଠା ଜିଲାରେ ରହିଲା ପାଲାନପୁର ଓ ରାଧାନପୁର ରାଜ୍ୟ । ସୌରାଷ୍ଟ୍ର ଅଲଗା 'ଖ' ଶ୍ରେଣୀ ରାଜ୍ୟରେ ପରିଣତ ହେଲା । ଏଇ ରାଜ୍ୟର ଅନେକ ଲୋକଙ୍କ ପାଖରେ ଅସ୍ତ୍ରଶସ୍ତ୍ର ଥିଲା । ସରକାର ଲୋକମାନଙ୍କୁ ଏଇ ଅସ୍ତ୍ରଶସ୍ତ୍ର ସରକାରଙ୍କୁ ସମର୍ପଣ କରିବାକୁ ଅନୁରୋଧ କରିଥିଲେ ଓ ଅନେକ ଲୋକ ସମର୍ପଣ କରିଥିଲେ ମଧ୍ୟ । ଆମେ ରାଇଫ୍ଲ କ୍ଲବ ରାଜ୍ୟର ଅନେକ ସ୍ଥାନରେ ଆରମ୍ଭ କରିଥିଲୁ । କାରଣ ଲୋକମାନେ ବନ୍ଧୁକ ଚାଳନା ଶିଖି ନିଜଭିତରେ ଆତ୍ମବିଶ୍ୱାସ ସ୍ଥାପନ କରିପାରିବେ । ଲୋକମାନେ ସେମାନଙ୍କୁ ଜାଣିବା ପାଇଁ ଓ ପୁଲିସ ସେମାନଙ୍କୁ ସାହାଯ୍ୟ ଦେବା ପାଇଁ ସେମାନଙ୍କୁ କର୍ତ୍ତବ୍ୟ ସୂଚକ ବ୍ୟାଣ୍ଡ ଦିଆଯାଇଥିଲା ।

Digitized by srujanika@gmail.com

(୩୪) ଗାନ୍ଧିଜୀଙ୍କ ହତ୍ୟା

୧୯୪୮ ଜାନୁୟାରୀରେ, ଭାରତରୁ ପାକିସ୍ତାନକୁ ନେବାକୁ ଥିବା ତେପନ କୋଟି ଟଙ୍କାକୁ ନେଇ ପାକିସ୍ଥାନ ଓ ଭାରତ ମଧ୍ୟରେ ମତଭେଦ ଦେଖା ଦେଇଥିଲା । ପାକିସ୍ତାନର ଭାରତ ପ୍ରତି ଶତ୍ରୁତାଚରଣକୁ ଦେଖି ଭାରତ ସରକାର ଏଇ ଅର୍ଥ ଦେବାକୁ ଅନିଚ୍ଛୁକ ଥିଲେ । କିନ୍ତୁ ବାପୁ ଜିଦ୍ ଧରିଲେ ଯେ ପାକିସ୍ତାନ ଯାହା ନୀତି ଅବଲମ୍ବନ କରୁନା କାହିଁକି ତାକୁ ଅର୍ଥ ଦେଇ ଦେବା ଉଚିତ । ଏବଂ ଏହି ଅର୍ଥ ଦେବା ପାଇଁ ଭାରତ ସରକାରଙ୍କୁ ପ୍ରବର୍ତ୍ତାଇବାକୁ ସେ ଅନଶନ କଲେ । ଭାରତ ସରକାର ତାଙ୍କ ଅନୁରୋଧ ରକ୍ଷା କରିବା ପରେ ସେ ଅନଶନ ଭାଙ୍ଗିଲେ ।

ଏ ଘଟଣା ପରେ ପରେ ଗାନ୍ଧିଜୀଙ୍କ ପ୍ରାର୍ଥନା ସଭାରେ ଗୋଟାଏ ବୋମା ଫୋପଡ଼ା ଯାଇଥିଲା । ଏହି ବୋମା ବିସ୍ଫୋରଣ ପାଇଁ ଦାୟୀ ମଦନଲାଲଙ୍କୁ ଆରେଷ୍ଟ କରାଯାଇଥିଲା । ଅନେକ ଲୋକ ଭାବିଲେ ଯେ ଗାନ୍ଧିଜୀଙ୍କୁ ହତ୍ୟା କରିବା ପାଇଁ କିଛି ଗୁପ୍ତ ଷଡଯନ୍ତ୍ର ଚାଲିଛି । ଆରେଷ୍ଟ ପରେ ମଦନଲାଲର ବୟାନ ଏହାର ସତ୍ୟତା ପ୍ରତିପାଦନ କଲା । ଶ୍ରୀ ଜଗଦୀଶ ଚନ୍ଦ୍ର ଜୈନ ନାମକ ଜଣେ ବ୍ୟକ୍ତି ମୋତେ ସେଇଭଳି ଖବର ଦେଇଥିଲେ । ସେ କିନ୍ତୁ କୌଣସି ଷଡଯନ୍ତ୍ରକାରୀଙ୍କ ନାମ ମୋତେ କହିନଥିଲେ । ସେ ମୋତେ କେବଳ କହିଥିଲେ ଯେ ସେ କେତେକ ଲୋକଙ୍କ ଠାରୁ ଏ ଗୁଜବ ଶୁଣିଛନ୍ତି । ଶ୍ରୀ ବାଲୁକାକା କାନିଟକର ଶ୍ରୀ ଖେରଙ୍କ ସହିତ ଏଇ ବିଷୟରେ କଥା ହୋଇଥିଲେ; ସେ ମଧ୍ୟ କାହା ନାମ କହିନଥିଲେ । ଶ୍ରୀ ଜୈନଙ୍କ ଠାରୁ ଏ ଅସ୍ପଷ୍ଟ ଖବର ପାଇ ମୁଁ ସାଙ୍ଗେ ସାଙ୍ଗେ ବମ୍ବେ ଡି.ଆଇ.ଜି. ଶ୍ରୀନଗରୱାଲାଙ୍କୁ ଡାକି ଏ ଖବର ଦେଲି । ସେ ଶ୍ରୀ ଜୈନଙ୍କ ସହିତ ଏ ବିଷୟରେ ଆଲୋଚନା କରି କେତେଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଆରେଷ୍ଟ କଲେ । ସର୍ଦ୍ଦାର ସାହେବ ଅହମଦାବାଦରେ ଥିଲେ । ସେଇ ରାତିରେ ମୁଁ ଅହମଦାବାଦ ଯାଇ ତାଙ୍କୁ ଏ ଖବର ଦେବାକୁ ମନସ୍ଥ କଲି । ଶ୍ରୀ ନଗରୱାଲା ଦିନରେ ମୋ ସହିତ ଦେଖାକରି ପାରି ନଥିଲେ । ମୁଁ ତାଙ୍କୁ ରେଲୱେ ଷ୍ଟେସନକୁ ଡାକି ଆବଶ୍ୟକୀୟ ନିର୍ଦ୍ଦେଶ ଦେଲି ।

ଅହମଦାବାଦରେ ସର୍ଦ୍ଦାର ସାହେବଙ୍କୁ ମୁଁ ଜାଣିଥିବା ସବୁ ଖବର ଦେଲି । ସର୍ଦ୍ଦାର ସାହେବ ମଧ୍ୟ ଏ କଥା ଶୁଣିଥିଲେ କିନ୍ତୁ ଷଡଯନ୍ତ୍ରକାରୀଙ୍କର ନାମ ଶୁଣିନଥିଲେ । ଆମେ ଦୁଇଜଣ ସ୍ଥିରକଲୁ ଯେ ସମସ୍ତ ସମ୍ଭବ ସାବଧାନତା ଅବଲମ୍ବନ କରିବାକୁ ହେବ ।

ଦିଲ୍ଲୀରେ ପହଞ୍ଚି ସର୍ଦ୍ଦାର ସାହେବ ବାପୁଙ୍କୁ କହିଲେ ଯେ ତାଙ୍କୁ ହତ୍ୟା କରିବାର ଏକ ଷଡଯନ୍ତ୍ର ଚାଲିଛି । ସେ କହିଲେ ଯେ ଏ ପରିସ୍ଥିତିରେ ଯେଉଁମାନେ ବାପୁଙ୍କୁ ଦେଖା କରିବାକୁ ଆସୁଛନ୍ତି ବିଶେଷତଃ ଯେଉଁମାନେ ପ୍ରାର୍ଥନା ସଭାକୁ ଆସୁଛନ୍ତି ସେମାନେ ସମସ୍ତଙ୍କର ତଲାସ ନେଇ ଭିତରକୁ ଛାଡିବାର ବ୍ୟବସ୍ଥା କରିବାକୁ ହେବ । ବାପୁ ଏହି ପ୍ରସ୍ତାବର ଦୃଢ଼ ପ୍ରତିବାଦ କଲେ ଏବଂ ସର୍ଦ୍ଦାର ସାହେବ ଜିଦ୍ ଧରିବାରୁ ସେ କହିଲେ ଯେ ତାଙ୍କ ମତରେ ପ୍ରାର୍ଥନା ସଭାକୁ ଆସୁଥିବା ବ୍ୟକ୍ତିର ତଲାସ ନିଆଗଲେ ସେ ବ୍ୟକ୍ତି ଅପମାନିତ ହେବେ ଏବଂ ସଭା ପ୍ରକୃତ ପ୍ରାର୍ଥନା ସଭା ହୋଇ ରହିବ ନାହିଁ । ତେଣୁ ସେ ପ୍ରାର୍ଥନା ସଭା ବନ୍ଦ କରିଦେବେ । ବାପୁଙ୍କ ଦୃଢ଼ ନୀତି ଯୋଗୁଁ ସର୍ଦ୍ଦାର ସାହେବ ତାଙ୍କ କଥାରେ ରାଜି ହେଲେ । ଅନ୍ୟ କେହି ସେ ପରିସ୍ଥିତିରେ ସର୍ଦ୍ଦାର ସାହେବ ଯାହା କରିଥିଲେ ତାହାହିଁ କରିଥାଆନ୍ତେ । ବାପୁଙ୍କ ଜୀବନ ଦର୍ଶନକୁ ଅନୁଧ୍ୟାନ କଲେ ବାପୁଙ୍କ ନିର୍ଣ୍ଣୟ କେହି ବଦଳାଇ ପାରି ନଥାନ୍ତେ ।

ଏହି ସମୟରେ ମୁଁ ମଧ୍ୟ କେତେ ଧମକପୂର୍ଣ୍ଣ ଚିଠି ପାଇଲି । ମୋ ଜୀବନକୁ ବିପଦ ସଙ୍କେତ ସୂଚକ କେତେ ବୁଲେଟ୍ ମଧ୍ୟ ପାଇଥିଲି । ବମ୍ବେ ପୋଲିସ ବ୍ୟସ୍ତ ହୋଇପଡି ମୋତେ ଦେଖା କରିବାକୁ ଆସୁଥିବା

Digitized by srujanika@gmail.com

ବ୍ୟକ୍ତିଙ୍କର ତଲାସ ନେବାକୁ ମୋର ଅନୁମତି ମାଗିଲେ । ମୁଁ ଅନୁମତି ଦେଲି ନାହିଁ କାରଣ ଗାନ୍ଧିଜୀଙ୍କ ଭାବନା ପରି ଏହା ଦ୍ୱାରା ମୋ ପାଖକୁ ଆସୁଥିବା ବ୍ୟକ୍ତିମାନେ ଅପମାନିତ ହେବେ ବୋଲି ମୁଁ ଭାବିଲି । ମୁଁ କହିଲି ଯଦି ମୋ ଜୀବନ ପ୍ରତି ମୋର ଏତେ ଆଶଙ୍କା ରହିବ, ତେବେ ଗୃହମନ୍ତ୍ରୀ ଭାବେ ରହିବା ମୋର ଅଧିକାର ନାହିଁ ।

ପ୍ରାର୍ଥନା ସଭାକୁ ଆସୁଥିବା ବ୍ୟକ୍ତିମାନଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟିରଖିବା ପାଇଁ ସର୍ଦ୍ଦାର ସାହେବ ସାଧାରଣ ପୋଷାକରେ ଅନେକ ଗୁପ୍ତଚରକୁ ମୁତୟନ କଲେ । ଜାନୁୟାରୀ ୩୦ରେ ବାପୁ ପ୍ରାର୍ଥନା ସଭାକୁ ଯାଉଥିବା ରାସ୍ତାରେ ତାଙ୍କୁ ଲକ୍ଷ୍ୟକରି ରିଭଲଭରରୁ ତିନିଥର ଗୁଳି ଫୁଟିଥିଲା । ବାପୁ ପଡିଗଲେ ଓ ସାଙ୍ଗେ ସାଙ୍ଗେ ପ୍ରାଣତ୍ୟାଗ କଲେ । ନାଥୁରାମ ଗଡ୍‌ସେ ନାମକ ଜଣେ ବ୍ୟକ୍ତି ବାପୁଙ୍କ ହତ୍ୟା ପାଇଁ ଦାୟୀ ହୋଇଥିଲେ । ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜଣେ କର୍ମୀଥିଲେ ଓ ଗୋଟିଏ ସମ୍ବାଦପତ୍ରର ସମ୍ପାଦକ ଥିଲେ ।

ସାଧାରଣ ପୋଷାକ ଧାରୀମାନେ ଘଟଣାସ୍ଥଳରେ ତାଙ୍କୁ ଆରେଷ୍ଟ କଲେ । ହିନ୍ଦୁଧର୍ମରେ ଅଯୌକ୍ତିକ ଆଗ୍ରହାତିଶଯ୍ୟ ବ୍ୟକ୍ତି ଗଡ୍‌ସେ ବିଶ୍ୱାସ କରୁଥିଲେ ଯେ ବାପୁ ମୁସଲମାନଙ୍କ ସପକ୍ଷରେ ରହି ହିନ୍ଦୁମାନଙ୍କ ପ୍ରତି ଅନ୍ୟାୟ କରୁଥିଲେ ଓ ତାଙ୍କର ଭ୍ରାନ୍ତ ଧାରଣା ଥିଲା ଯେ ସେ ବାପୁଙ୍କୁ ହତ୍ୟାକରି ହିନ୍ଦୁ ସମାଜର ହିତସେବା କରିଥିଲେ । ମୋର ଯେତେଦୂର ମନେହୁଏ, କେଶ୍ ବିଚାର ବେଳେ ସେ ଏହି ବୟାନ ଦେଇଥିଲେ ।

ଏ ଘଟଣା ଘଟିବାର ଅଧଘଣ୍ଟା ମଧ୍ୟରେ ଖବରପାଇ ମର୍ମାହତ ହେଲି । ମୁଁ ସେତେବେଳେ କିଏ ହତ୍ୟା କରିଛି ଜାଣି ପାରିନଥିଲି ଏବଂ ଗୋଟିଏ ଅଶାଙ୍କା ମୋତେ ବ୍ୟସ୍ତ କରୁଥିଲା । ମୋର ଆଶଙ୍କା ହେଲା ଯଦି କୌଣସି ମୁସଲମାନ ହତ୍ୟା କରିଥାଏ ତେବେ ଭୀଷଣ ଆନ୍ଦୋଳନ ହେବ ଓ ହିନ୍ଦୁମାନେ ଅପ୍ରୀତିକର ଓ ବିପଦଜନକ ପଦକ୍ଷେପ ନେବେ । ମୁଁ ଯେତେବେଳେ ଜାଣିଲି ଏଇ ନାରକୀୟ କର୍ମ ପାଇଁ ଜଣେ ହିନ୍ଦୁ ଦାୟୀ ମୋର ଏ ଚିନ୍ତା ଦୂର ହୋଇଗଲା ।

ବାଲାସାହେବ ଖେର ବାପୁଙ୍କ ଶେଷ ଦର୍ଶନ କରିବାକୁ ଓ ଅନ୍ତ୍ୟେଷ୍ଟି କ୍ରିୟାରେ ଯୋଗଦେବାକୁ ପରଦିନ ଦିଲ୍ଲୀ ଗଲେ । ଆମେ ଦୁଇଜଣ ଏକା ସମୟରେ ବମ୍ବେ ଛାଡିବା ସମ୍ଭବ ନଥିବାରୁ ମୁଁ ବମ୍ବେରେ ରହିଲି । ଗଡ୍‌ସେ କୋଙ୍କଣସ୍ଥ ବ୍ରାହ୍ମଣ ହୋଇଥିବାରୁ ମହାରାଷ୍ଟ୍ରୀୟ ବ୍ରାହ୍ମଣମାନଙ୍କ ବିରୁଦ୍ଧରେ ହିଂସାତ୍ମକ ତୋଫାନ ଦେଖାଦେଲା । ଏହି ଭୟଙ୍କର ଘଟଣା ଫଳରେ ମହାରାଷ୍ଟ୍ରରେ ବ୍ରାହ୍ମଣ ଓ ଅନ୍ୟ ଜାତି ମଧ୍ୟରେ ତିକ୍ତତା ଓ ସାଧାରଣତଃ ବ୍ରାହ୍ମଣମାନଙ୍କ ବିରୁଦ୍ଧରେ ହିଂସାତ୍ମକ କ୍ରୋଧ ଦେଖା ଦେଇଥିଲା । ପୁନା, ସତାରା ଓ ସାଙ୍ଗ୍ଲୀ ଭଳି ଅନେକ ସ୍ଥାନରେ ବ୍ରାହ୍ମଣମାନଙ୍କୁ ଆକ୍ରମଣ କରାଯାଇଥିଲା ଏବଂ ସେମାନଙ୍କର ସମ୍ପତ୍ତି ନଷ୍ଟ କରି ଦିଆଯାଇଥିଲା । ମୁଁ ଦୃଢ଼ ପଦକ୍ଷେପ ନେଇ ଏଇ କ୍ରୋଧର ତୋଫାନକୁ ଅଳ୍ପ ସମୟ ମଧ୍ୟରେ ବନ୍ଦ କରି ଦେଇଥିଲି । ଯେଉଁ ବ୍ରାହ୍ମଣମାନଙ୍କର ବେଶୀ କ୍ଷତି ହୋଇଥିଲା ସେମାନଙ୍କୁ ଋଣ ମାଧ୍ୟମରେ ଆର୍ଥିକ ସାହାଯ୍ୟ ଦେଇଥଲି ଏବଂ କଟୁ ଭାଷାରେ ହିଂସାତ୍ମକ କାମର ନିନ୍ଦା କରିଥିଲି ।

ବ୍ରାହ୍ମଣମାନଙ୍କ ଉପରେ ଆକ୍ରମଣକୁ ଆମେ ନିନ୍ଦା କରିବା କେତେକ ବ୍ୟକ୍ତିଙ୍କୁ ଭଲ ଲାଗିନଥିଲା । ସତାରାର ଶ୍ରୀ ଭାଉରାଓ ପଟିଲ ମୋତେ ସତାରା ଆସି ସେଇକଥା ସର୍ବସାଧାରଣରେ କହିବାକୁ ଆହ୍ୱାନ କରିଥିଲେ । ମୁଁ ଆହ୍ୱାନ ଗ୍ରହଣ କରି ସତାରା ସହରରେ ସଭାର ଆୟୋଜନ କଲି । ମୋର ନିରାପତ୍ତା ପାଇଁ ଅନେକ ବନ୍ଧୁଙ୍କ ମନରେ ଆଶଙ୍କା ଥିଲା ଏବଂ ମୋତେ ଯିବାକୁ ମନା କରୁଥିଲେ । ମୁଁ ତାଙ୍କୁ କହିଲି ଗୃହମନ୍ତ୍ରୀ ହିସାବରେ ସେ ଆହ୍ୱାନକୁ ଗ୍ରହଣ କରିବା ମୋର କର୍ତ୍ତବ୍ୟ । ''ଏଭଳି ପରିସ୍ଥିତିରେ,'' ମୁଁ କହିଲି, ''ନିଜର ଜୀବନ ପ୍ରତି ଭୟ କରିବା ଓ ନିଜକୁ ରକ୍ଷା କରିବା ପାଇଁ ଚିନ୍ତା କରିବା ଉଚିତ ନୁହେଁ ।''

ମୁଁ ସତାରାରେ ମିଟିଙ୍ଗ୍ ଗଲି । ମୋତେ କୁହାଗଲା ଯେ ଶ୍ରୀ ଭାଉରାଓ ପଟିଲ ପାଖ ଘରେ ଉପସ୍ଥିତ ଅଛନ୍ତି । ମିଟିଙ୍ଗ୍‌ରେ ବହୁତ ଭିଡ ହୋଇଥିଲା । ମୁଁ ହିନ୍ଦିରେ କହିବା ଆରମ୍ଭ କରିବାରୁ ଆଗରୁ ମତାଇ ଦିଆଯାଇ

Digitized by srujanika@gmail.com

ଥିବା ଲୋକମାନେ ମୋତେ ମରାଠୀରେ ଭାଷଣ ଦେବାକୁ କହିଲେ । ମୁଁ ମରାଠୀରେ ବ୍ରାହ୍ମଣମାନଙ୍କ ଉପରେ ଆକ୍ରମଣକୁ ନିନ୍ଦା କରି ଏକଘଣ୍ଟା କହିଲି । ଶ୍ରୀ ଭାଉରାଓ ପଟିଲଙ୍କ ନାମ ଉଲ୍ଲେଖ କରି କହିଲି ଯେ ତାଙ୍କ ପରି ଶିକ୍ଷାବିତ୍ ବ୍ୟକ୍ତି ଅସାମାଜିକ ମତକୁ ଯଦି ସମର୍ଥନ କରନ୍ତି ତେବେ ସେ ଦେଉଥିବା ଶିକ୍ଷା ଅଭିଶାପରେ ପରିଣତ ହେବ ଏବଂ ସରକାର ସେପରି ଶିକ୍ଷା ଅନୁମୋଦନ କରିବେ ନାହିଁ । ମୁଁ ଶ୍ରୋତାମାନଙ୍କୁ ଏପରି ଘଟଣାର ନିନ୍ଦାକରି ବିପଥଗାମୀ ନ ହେବାକୁ ଅନୁରୋଧ କଲି ।

ମୋର ପୂରା ଭାଷଣ ଶ୍ରୋତାମାନେ ଧ୍ୟାନ ଦେଇ ନୀରବରେ ଶୁଣୁଥିଲେ । ସେମାନେ ମୋ ଅନୁରୋଧ ଦ୍ୱାରା ପ୍ରଭାବିତ ହେଲେ ଓ ମୋ ଭାଷଣ ଅନୁମୋଦନ କଲେ । ଶ୍ରୀ ଭାଉରାଓ ପଟିଲଙ୍କର ଗଣ୍ଡଗୋଳ କରିବାକୁ ସାହସ ନଥିଲା ଓ ସେ ଚୁପ୍‌ଚାପ ସ୍ଥାନ ଛାଡି ଚାଲିଯାଇ ଥିଲେ ।

ବାପୁଙ୍କ ହତ୍ୟାପରେ କେତେକ ବିଶିଷ୍ଟ ବ୍ୟକ୍ତି ବାପୁଙ୍କ ନିରାପତ୍ତାରେ ଅବହେଳା ପାଇଁ ସର୍ଦ୍ଦାର ସାହେବଙ୍କୁ ଦାୟୀ କଲେ । ସେମାନଙ୍କର ଅଭିଯୋଗ ହେଲା ବାପୁ ପଞ୍ଚାବନ କୋଟି ଟଙ୍କା ପାକିସ୍ଥାନକୁ ଦେବାକୁ ବାଧ କରିଥିବାରୁ ସର୍ଦ୍ଦାର ସାହେବ କିଛି ପ୍ରତିରୋଧ ମୂଳକ ବ୍ୟବସ୍ଥା କରିନଥିଲେ । ମୁଁ ଜାଣିଥିଲି ଯେ ଏଭଳି ଅଭିଯୋଗ ଭିତିହୀନ ଅଟେ । ବାପୁଙ୍କ ପ୍ରତି ସର୍ଦ୍ଦାର ସାହେବଙ୍କ ଭକ୍ତି ଓ ଅନୁରକ୍ତି ଅନ୍ୟ ସମସ୍ତଙ୍କ ଅପେକ୍ଷା ଗଭୀରତର ଏବଂ ଆବଶ୍ୟକ ପଡିଥିଲେ ବାପୁଙ୍କ ସୁରକ୍ଷା ପାଇଁ ସେ ନିଜ ଜୀବନ ଦେଇ ଥାଆନ୍ତେ । ପ୍ରାୟ ତେଇଶି ବର୍ଷ ପୂର୍ବ ମକଦ୍ଦମାର ବିବରଣୀ ମୋର ମନେ ନାହିଁ, କିନ୍ତୁ ମୋର ମନେ ଅଛି ସାକ୍ଷୀ ହିସାବରେ ତିନିଦିନ ଧରି ମୋତେ ଜେରା କରାଯାଇଥିଲା । ବୀର ସଭାରକାର ଜଣେ ଦୋଷୀ ଥିଲେ ଏବଂ ତାଙ୍କ ଓକିଲ ମୋତେ ଜେରା କରିଥିଲେ । ଶ୍ରୀ ସଭାରକାରଙ୍କ ଓକିଲ ପଚାରିଥିବା ପ୍ରଶ୍ନର ପୂର୍ଣ୍ଣ ବିବରଣୀ ମୋର ମନେନାହିଁ । କିନ୍ତୁ ମୋର ଯାହା ଖିଆଲ ଅଛି ସେ ଗୁଡିକ ଏ ମାମଲାରେ ମୋର ବ୍ୟକ୍ତିଗତ ବିଶ୍ୱାସ ସମ୍ବନ୍ଧରେ ପଚରା ଯାଇଥିଲା । ନ୍ୟାୟଧୀଶ ମୋତେ କହିଥିଲେ ଯେ ମୁଁ ସେ ପ୍ରଶ୍ନଉତ୍ତର ଦେବାକୁ ବାଧ ନୁହେଁ । ମୁଁ ନ୍ୟାୟଧୀଶଙ୍କୁ କହିଥିଲି ମୋର ଉତ୍ତର ଦେବାରେ କୌଣସି ଆପତ୍ତି ନାହିଁ ଓ ତାଙ୍କୁ ଅନୁରୋଧ କରିଥିଲି ଅଭିଯୁକ୍ତଙ୍କୁ ପଚାରିବାକୁ ଯଦି ସେ ପ୍ରକୃତରେ ସ୍ୱତନ୍ତ୍ର ଜାବବ ଜାଣିବାକୁ ଇଚ୍ଛା କରନ୍ତି । ସେ ଇଚ୍ଛାକଲେ ମୁଁ ଉତ୍ତର ଦେବାକୁ ପ୍ରସ୍ତୁତ ଅଛି । ଏହା କହିବା ପରେ ଓକିଲ ପ୍ରଶ୍ନ ପ୍ରତ୍ୟାହାର କଲେ ଓ ମତେ ଜେରା କଲେ ନାହିଁ । ନ୍ୟାୟାଧୀଶ ପରିଷ୍କାର ଭାବେ ରାୟରେ ଉଲ୍ଲେଖ କରିଛନ୍ତି ଯେ ଏହି ହୀନ ଘଟଣା ପାଇଁ ମୁଁ ଯଥାସମ୍ଭବ ସାବଧାନତା ଅବଲମ୍ବନ କରିଥିଲି କିନ୍ତୁ ପୋଲିସ ବିରୁଦ୍ଧରେ କିଛି ମନ୍ତବ୍ୟ ପ୍ରକାଶ କରି ଉଲ୍ଲେଖ କରିଛନ୍ତି ଯେ ସେମାନେ ଆହୁରି ଅଧିକ ସାବଧାନ ହୋଇଥିଲେ ବୋଧହୁଏ ଗାନ୍ଧିଜୀଙ୍କ ଜୀବନ ରକ୍ଷା ହୋଇଥାଆନ୍ତା । ହାଇକୋର୍ଟକୁ ଅପିଲରେ ନ୍ୟାୟଧୀଶମାନେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ଯେ ପୋଲିସମାନେ ସମସ୍ତ ସମ୍ଭବ ପଦକ୍ଷେପ ନେଇଛନ୍ତି ଏବଂ ତଳ କୋର୍ଟ ମନ୍ତବ୍ୟ ଉପଯୁକ୍ତ ବୋଲି କୌଣସି ପ୍ରମାଣ ଉପସ୍ଥାପନ କରା ହୋଇନାହିଁ । ହାଇକୋର୍ଟ ବିଶେଷ ଭାବରେ ଉଲ୍ଲେଖ କରିଛନ୍ତି ଯେ ମୁଁ ସମସ୍ତ ପଦକ୍ଷେପ ଯେତେ ଶୀଘ୍ର ସମ୍ଭବ ନେଇଥିଲି ।

ଗଡ୍‌ସେଙ୍କ ଭଳି ମତ ପୋଷଣ କରୁଥିବା ଲୋକମାନଙ୍କ ବ୍ୟତୀତ ସବୁ ଭାରତୀୟମାନେ ମର୍ମାହତ ହୋଇଥିଲେ ଏବଂ ବ୍ୟକ୍ତିଗତ ବିୟୋଗ ଭଳି ଶୋକସନ୍ତପ୍ତ ହୋଇଥିଲେ । ଦିଲ୍ଲୀ ବିର୍ଲା ଭବନରେ ବାପୁଙ୍କ ମରଶରୀର ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ରଖା ଯାଇଥିବାବେଳେ ଲକ୍ଷ ଲକ୍ଷ ଲୋକ ଆସି ଅନ୍ତ୍ୟେଷ୍ଟିକ୍ରିୟା ଶୋକ ଯାତ୍ରାରେ ଯୋଗ ଦେଇଥିଲେ । ବାଲାସାହେବ ମୋତେ କହିଥିଲେ ଯେ ଅଧିକାଂଶ ଆଖି ଲୁହରେ ଛଳ ଛଳ ହୋଇଥିଲା । ବାଲାସାହେବ ବହୁତ କଷ୍ଟରେ ଭିଡ ମଧ୍ୟ ଦେଇ ଶବଦାହ ସ୍ଥାନରେ ପହଞ୍ଚିଥିଲେ । ଜଣଙ୍କ ମୃତ୍ୟୁରେ ଲକ୍ଷ ଲକ୍ଷ ଲୋକ ଏତେ ବିଷର୍ଣ୍ଣ ଓ ଅସ୍ୱସ୍ତିକର ହେବାର ଦୃଷ୍ଟାନ୍ତ ଇତିହାସରେ ବିରଳ । ଏ ଘଟଣା ପୂର୍ବରୁ ବାପୁ ଏକାଧିକବାର କହିଥିଲେ ଯଦି ସେ ହସି ହସି ରାମ ନାମ ତୁଣ୍ଡରେ ଧରି ହତ୍ୟାକାରୀ ପ୍ରତି

Digitized by srujanika@gmail.com

ଶୁଭେଚ୍ଛା ମନୋଭାବରେ ମୃତ୍ୟୁବରଣ କରନ୍ତି ତେବେ ଲୋକମାନଙ୍କର ମହାତ୍ମା ସମ୍ବୋଧନ ସାର୍ଥକ ହେବ ଏବଂ ଏ ଭବିଷ୍ୟତ ବାଣୀ ସତ୍ୟରେ ପ୍ରମାଣିତ ହେଲା । ସମଗ୍ର ଭାରତର ସମସ୍ତ ଜନତା ସ୍ୱତଃସ୍ଫୂର୍ତ୍ତ ଭାବରେ ତାଙ୍କୁ ଜାତିର ପିତା ବୋଲି ସମ୍ମାନିତ କରିଥିଲେ । ସେ ଦେଶ ସେବାରେ ଓ ଦେଶକୁ ସ୍ୱତନ୍ତ୍ରଭାବେ ଉନ୍ନତଶାଳୀ କରିବାକୁ ନିଜର ଜୀବନକୁ ବଳି ଦେଇଥିଲେ । ଜୀବିତ ଅପେକ୍ଷା ମୃତ୍ୟୁରେ ସେ ଦେଶର ସେବା ଅଧିକ କରିଥିଲେ । ବାପୁ ହସ ହସ ମୁହଁରେ ଓ ଓଠରେ ରାମନାମ ଧରି ପ୍ରାଣତ୍ୟାଗ କରିଥିଲେ । ତାଙ୍କ ମୃତ୍ୟୁ, ଦେଶର ବିଭାଜନ ଫଳରେ ହିନ୍ଦୁ, ମୁସଲମାନ ଓ ଶିଖମାନଙ୍କ ମଧ୍ୟରେ ପ୍ରତିଶୋଧମୂଳକ ଓ ଘୃଣ୍ୟ ବାତାବରଣ ଉପରେ ଆଶ୍ଚର୍ଯ୍ୟଜନକ ପ୍ରଭାବ ପକାଇଥିଲା । ହିନ୍ଦୁ ଓ ଶିଖମାନେ ଅନୁଭବ କରିଥିଲେ ଯେ ସେମାନଙ୍କ ଘୃଣା ଓ ଶତ୍ରୁତା ଭାବନା ଯୋଗୁଁ ବାପୁଙ୍କର ହତ୍ୟା ଘଟିଲା । ଦେଶକୁ ଘେରି ରହିଥିବା ଘୃଣାତ୍ମକ ବାତାବରଣ ଏହି ଭାବନା ଯୋଗୁ ଦୂର ହୋଇଗଲା । ବାପୁଙ୍କ ମୃତ୍ୟୁ ଦେଶର ଏହିପରି ଅନନ୍ୟ ସେବାରେ ଲାଗିଲା ।

ବିଭାଜନ ଏବଂ ତା ଫଳରେ ହିନ୍ଦୁ ମୁସଲମାନ ଏବଂ ଶିଖମାନଙ୍କ ମଧ୍ୟରେ ଘଟିଥିବା ମୃତାହତ ବାପୁଙ୍କ ମନରେ ଦୁଃଖ ଓ ନିରାଶ ଜାତ କରିଥିଲା । ୧୨୫ ବର୍ଷ ବଞ୍ଚି ଏକ ଆଦର୍ଶ ଦେଶ ଗଢ଼ିବାର ଇଚ୍ଛା, ସେ ଅନେକ ଥର ପ୍ରକାଶ କରିଥିଲେ । ବର୍ତ୍ତମାନ ତାଙ୍କର ସେ ଅଭିଳାଷ ଆଉ ନଥିଲା ଏବଂ ବେଶୀଦିନ ବଞ୍ଚିବାକୁ ଇଚ୍ଛା କରୁନଥିଲେ । ବାପୁ ସାଧାରଣ ବେମାରିରେ ପଡି ପ୍ରାଣତ୍ୟାଗ କରିଥିଲେ ତାଙ୍କ ଜୀବନର ପ୍ରାଧାନ୍ୟ ଓ ଅନନ୍ୟ ବୈଶିଷ୍ଟ୍ୟ କେହି ଅନୁଭବ କରିନଥାନ୍ତେ । ତାଙ୍କ ମୃତ୍ୟୁ ତାଙ୍କ ଜୀବନ ଭଳି ଥିଲା । ଯେଉଁ ଧର୍ମାନ୍ଧ ବ୍ୟକ୍ତି ଏହି ଜଘନ୍ୟ କର୍ମ କଲେ ସେ ନିଶ୍ଚୟ ଅନୁଭବ କରିଥିବେ ଯେ ଏହା ଲୋକଙ୍କ ଉପରେ ବିପରୀତ ପ୍ରଭାବ ପକାଇଲା ।

ଏ ଘଟଣା ପୂର୍ବରୁ ଗଡ଼ସେ ହିନ୍ଦୁମାନଙ୍କ ଉଦ୍ଦେଶ୍ୟରେ ଉତ୍ତେଜନା ମୂଳକ ଲେଖା ଲେଖୁଥିଲେ । ମୁଁ କିନ୍ତୁ ଥରେ ବି ଭାବି ନଥିଲି ଯେ ସେ ବାପୁଙ୍କୁ ଆକ୍ରମଣ କରିବେ । ମୋ ପାଖକୁ ସେ ଯେତେବେଳେ ଆସିଥିଲେ ମୁଁ ତାଙ୍କ କର୍ମ ପ୍ରତି ଅସମର୍ଥନ ପ୍ରକାଶ କରିଥିଲି । ହିଂସାକୁ ଉତ୍ତେଜିତ କରି ଲେଖିବା ବିରୁଦ୍ଧରେ ମୁଁ ପାଶ୍ କରିଥିବା ସୁରକ୍ଷା ଆଦେଶ ବିଷୟରେ ଆଲୋଚନା କରିବାକୁ ସେ ଆସିଥିଲେ । ମୁଁ ତାଙ୍କ ସୁରକ୍ଷାକୁ ବାତିଲ କରି ଦେଇଥିଲି ।

ଚାରି ପାଞ୍ଚ ବର୍ଷ ପୂର୍ବେ ପୂନାର ଜଣେ ନାଗରିକ ବୟାନ ଦେଇଥିଲେ ଯେ ଶ୍ରୀ ବାଲୁକାକା କାନିଟ୍‌କର ବାଲାସାହେବ ଖେରଙ୍କୁ ବାପୁଙ୍କ ବିରୁଦ୍ଧରେ ଷଡଯନ୍ତ୍ରକାରୀଙ୍କ ନାମ ଦେଇଥିଲେ । ଏଇ ବୟାନର ସତ୍ୟତା ତଦନ୍ତ କରିବା ପାଇଁ ଶ୍ରୀ ଗୁଲଜାରିଲାଲ ନନ୍ଦା ଗୋଟିଏ କମିଶନ ନିଯୁକ୍ତି କରିଥିଲେ । ବାଲାସାହେବ ଏବଂ ମୋ ଭିତରେ କିଛି ଗୋପନୀୟତା ନଥିଲା । ଶ୍ରୀ କାନିଟକର ଯାହା ତାଙ୍କୁ କହିଥିଲେ ସେ ମୋତେ କହିଥିଲେ । ଶ୍ରୀ କାନିଟକର କୌଣସି ନାଁ ଦେଇ ନଥିଲେ କି ଗୁପ୍ତ ମନ୍ତ୍ରଣାର ବିବରଣୀ ଦେଇ ନଥିଲେ । ସେ କେବଳ କହିଥିଲେ ଯେ ଗୋଟିଏ ମନ୍ତ୍ରଣା ଚାଲିଛି । ୨୩ ବର୍ଷ ତଳର ଘଟଣା ବିଷୟରେ ଅଧିକ ବିବରରଣୀ ମୋର ମନେ ନାହିଁ ।

ବାପୁଙ୍କ ହତ୍ୟା ତଦନ୍ତ ଆରମ୍ଭ ପୂର୍ବରୁ ମୁଁ ସନ୍ଦିଗ୍ଧ ଷଡଯନ୍ତ୍ରର ତଦନ୍ତ କରିବାକୁ ଶ୍ରୀ ନଗରୱାଲାଙ୍କୁ କହିଥିଲି । ଏତେ ବଡ଼ ଗୁରୁତର ତଦନ୍ତରେ ବେଶୀ ଲୋକଙ୍କୁ ସଂପୃକ୍ତ କଲେ ଫଳପ୍ରଦ ହେବ ନାହିଁ, ତେଣୁ ମୁଁ ନାଗରୱାଲଙ୍କୁ, ଏହାର ତଦନ୍ତ ଆଇ.ଜି.ପି. ବା ପୋଲିସ କମିଶନରଙ୍କ ଦ୍ୱାରା ନ କରାଇ ନିଜେ କରିବାକୁ ନିର୍ଦ୍ଦେଶ ଦେଇଥିଲି । ମୁଁ ଭାବିଲି ଯେ ନିଜେ ସ୍ୱତନ୍ତ୍ର ଭାବେ ତଦନ୍ତ କଲେ ଏହା ଶୀଘ୍ର ଶେଷ ହେବ । ପରେ ମୁଁ ଆଇ.ଜି.ପି ଏବଂ କମିଶନରଙ୍କୁ ଜଣାଇଥିଲି । ରିପୋର୍ଟ ମୋ ପାଖକୁ ସିଧା ପଠାଇବାକୁ ନିର୍ଦ୍ଦେଶ ଦେଇଥିଲି ।

ସୂଚନାକାରୀମାନେ ଜାଣିଥିଲେ ଯେ ତାଙ୍କ ନାମ କାହାକୁ କୁହାଯିବ ନାହିଁ । ତେଣୁ ମୋ ପାଖକୁ ସିଧା ସୂଚନା ଆସୁଥିଲା । ମୁଁ ସଂପୃକ୍ତ ପୁଲିସ ଅଫିସରଙ୍କୁ ସୂଚନା ଦେଉଥିଲି କାରଣ ତଦ୍ୱାରା ଶୀଘ୍ର କାରବାର ଆରମ୍ଭ

Digitized by srujanika@gmail.com

ହୋଇପାରିବ । ପୁଲିସ ଅଫିସର ଓ ମୋ ବ୍ୟତୀତ କେହି ଏକଥା ଜାଣି ନଥିଲେ । ପୁଲିସ୍ ଅଫିସର କାମ ବିଶ୍ୱାସ ସହକାରେ କରୁଥିଲେ ଓ ସ୍ୱୀକୃତି ପାଉଥିଲେ । ଏଇଥି ପାଇଁ ଲୋକମାନେ ସ୍ୱଇଚ୍ଛାରେ ମୋତେ ସୂଚନା ଦେଉଥିଲେ । ମୁଁ ଗୃହ ସଚୀବଙ୍କୁ ଜଣାଇ ରଖୁଥିଲି, ତେଣୁ ପରସ୍ପର ବିରୋଧୀ ନିର୍ଦ୍ଦେଶ ଦିଆଯାଇ ପାରୁ ନଥିଲା । ୧୯୪୮ ପ୍ରଥମ ଚତୁର୍ଥାଂଶରେ ସାମ୍ପ୍ରଦାୟିକ ସ୍ୱେଚ୍ଛାସେବୀ ସଂସ୍ଥାଗୁଡିକୁ ବେଆଇନ ଘୋଷଣା କରାଗଲା । ସେମାନେ ହେଲେ ଖାକ୍‌ସର୍ସ, ଜାତୀୟ ମୁସ୍ଲିମ୍ ଗାର୍ଡ଼ ଏବଂ ଆର୍. ଏସ୍.ଏସ୍. । ଅସାମାଜିକ ଓ ସାମ୍ପ୍ରଦାୟିକ ଶକ୍ତିକୁ ନିୟନ୍ତ୍ରଣରେ ରଖିବା ପାଇଁ ବମ୍ବେ ପବ୍ଲିକ୍ ସେକ୍ୟୁରିଟି ମେଜରର୍ସ ଆକ୍ଟ ଭରିଆରେ ଉପରୋକ୍ତ ନିର୍ଦ୍ଦେଶ ଦିଆଗଲା । ଏହା ଦ୍ୱାରା ଦଙ୍ଗା ବନ୍ଦ ହୋଇଗଲା । ଏଇ ଆଇନରେ ସରକାରଙ୍କ ବହୁତ କ୍ଷମତା ଥିଲା । ଆମେ କ୍ଷୋଭର ସହିତ, ଅତି ସାବଧାନତା ସହକାରେ, ଏହି କ୍ଷମତା ବ୍ୟବହାର କରୁଥିଲୁ । ସାମ୍ପ୍ରଦାୟକ ଉତ୍ତେଜନା ଓ ଭ୍ରାନ୍ତ ଗୁଜବ ବନ୍ଦ କରିବା ଏଇ ପଦକ୍ଷେପର ଉଦ୍ଦେଶ୍ୟ ଥିଲା । ଏଇ ଆଇନ ବଳରେ ଅଟକ ବନ୍ଦୀ, ସମୂହ ଜୋରିମାନା ଓ ଚାବୁକ ଦିଆଯାଇ ପାରୁଥିଲା । ଦଙ୍ଗା ନିୟନ୍ତ୍ରଣ କରିବା ପାଇଁ ଏଇ ଆଇନରେ ବ୍ୟବସ୍ଥା ଥିଲା ।

(୩୫) ମୋ ଦୃଷ୍ଟିରେ ମହାତ୍ମାଗାନ୍ଧୀ

୧୯୪୭ ନଭେମ୍ବରରେ ଯେତେବେଳେ ଶେଷଥର ପାଇଁ ମୁଁ ଗାନ୍ଧିଜୀଙ୍କୁ ସାକ୍ଷାତ କରିଥିଲି ସେତେବେଳେ ଦେଖିଲି ଯେ କେତେକ ସହକର୍ମୀଙ୍କ ଅବହେଳା ବା ଉପେକ୍ଷା କାରଣରୁ ଅନାଶକ୍ତ ଜୀବନର ପ୍ରାୟ ଚରମ ସୀମାରେ ପହଞ୍ଚିଥିବା ଗାନ୍ଧିଜୀ ମଧ ନିଜର ଶେଷ ଜୀବନରେ ନିରାଶା ଓ ନିରୁତ୍ସାହରେ ବୁଡିଥିଲେ । ଏହା ଦେଖି ମୋତେ ଅତ୍ୟନ୍ତ ଦୁଃଖ ଲାଗିଲା । ବାଲାସାହେବ ଖେର ଓ ମୁଁ ୧୯୪୭ ନଭେମ୍ବର ଦ୍ୱିତୀୟ ସପ୍ତାହରେ ଦିଲ୍ଲୀ ଯାଇଥିଲୁ ଓ ବମ୍ବେ ଫେରିବା ଆଗରୁ ମହାତ୍ମା ଗାନ୍ଧୀଙ୍କୁ ସାକ୍ଷାତ କରିଥିଲୁ । ସେତେବେଳେ ଆମେ ଜାଣିନଥିଲୁଁ ଯେ ଏହା ଆମର ଶେଷ ସାକ୍ଷାତ ହେବ ।

ମହାତ୍ମାଗାନ୍ଧୀ ବିରଳା ଭବନରେ ରହୁଥିଲେ । ତାଙ୍କୁ ଦେଖା କରିବାକୁ ଆମେ ସକାଳ ସାଢ଼େ ସାତଟାରେ ଗଲୁ । ଆମେ ଦେଖିଲୁ ଗାନ୍ଧିଜୀ ଏକା ଅଛନ୍ତି ଏବଂ ସୌଭାଗ୍ୟତଃ କିଛି ସମୟ ତାଙ୍କ ସହିତ କଟାଇଲୁ । ଆମେ ବସିବା ମାତ୍ରେ ସେ କହିଲେ, ''ମୋରାରଜୀ, ଆମେ ସବୁ ଛାଡିଦେଇ ଅବସର ନେବା ଉଚିତ ।'' ମୁଁ ଆଶ୍ଚର୍ଯ୍ୟ ହୋଇଗଲି ଯେ ବାପୁଙ୍କ ମନରେ ଏ ଧାରଣା ଆସିଛି । ମୁଁ ବିନୟ ସହକାରେ କହିଲି, ''ମୋର ଅବସର ନେବାରେ କୌଣସି ଅସୁବିଧା ନାହିଁ । ମୁଁ ଏଇ ମୁହୂର୍ତ୍ତରେ ଇସ୍ତଫା ଦେଇପାରେ । କିନ୍ତୁ ମୁଁ ଜାଣିବାକୁ ଚାହେଁ ଅବସର ନେବାପରେ, ଜଣେ ଆପଣଙ୍କ ପ୍ରଚାରିତ ନୀତି 'ମଣିଷ ସବୁବେଳେ ମାନବ ସମାଜର ମଙ୍ଗଳ ପାଇଁ କାମ କରିବା ଉଚିତ' କିପରି ପାଳନ କରିବ ।'' ବାପୁ ଉତ୍ତରରେ କହିଲେ,''ଯେତେବେଳେ ଆମକୁ କେହି ଶୁଣୁ ନାହାନ୍ତି, ଆମେ ତାଙ୍କ ଉପରେ ବୋଝ ନ ହେବା ଉଚିତ ଓ କେବଳ ଗୋଟିଏ ରାସ୍ତା ଆମ ପାଇଁ ରହିଲା, ନିବୃତ୍ତ ହୋଇ ରହିବା ।''

ମୁଁ ତାପରେ କହିଲି, ''ଦିଲ୍ଲୀରେ ଆପଣଙ୍କ କଥା କେହି ଶୁଣୁନାହାନ୍ତି ଶୁଣି ମୁଁ ଆଶ୍ଚର୍ଯ୍ୟ ହେଉନାହିଁ । କିନ୍ତୁ ଦିଲ୍ଲୀ ଭାରତ ନୁହେଁ, ମୁଁ ଜାଣେ ଆଜି ମଧ ଆମ ଦେଶର ଲୋକ ଅନ୍ୟ କୌଣସି ବ୍ୟକ୍ତି ଅପେକ୍ଷା ଆପଣଙ୍କ ଉପରେ ଅଧିକ ବିଶ୍ୱାସ ରଖିଛନ୍ତି । ମୁଁ ଓ ବାଲାସାହେବ ବମ୍ବେରେ ଯେଉଁପରି କାମ କରୁଛୁ ସେଥିରେ ଆପଣ ଅସନ୍ତୋଷ ଅନୁଭବ କରୁଛନ୍ତି କି ?'' ସେ କହିଲେ, ''ବମ୍ବେରେ ଯାହା ହେଉଛି ସେଥିରେ ତାଙ୍କର କିଛି ଅଭିଯୋଗ

Digitized by srujanika@gmail.com

ନାହିଁ ।'' ମୁଁ କହିଲି, ''ଆମେ ବମ୍ବେରେ ଯାହାକିଛି କରିପାରିଛୁ ସବୁ ଆପଣଙ୍କ ରାସ୍ତାରେ ଚାଲି କରିଛୁ । ସେଇଥି ପାଇଁ କେବଳ ଲୋକମାନେ ଆମକୁ ଶୁଣୁଛନ୍ତି ଓ ଆମ ନେତୃତ୍ୱ ଗ୍ରହଣ କରିଛନ୍ତି । ବମ୍ବେରେ ଚାରିଆଡେ ଯେଉଁ ଶାନ୍ତି ରହିଛି, ତାହା ପୋଲିସ ବିଭାଗର ପରିକ୍ରମ ଯୋଗୁଁ ନୁହେଁ; ତାହା ସମ୍ଭବ ହୋଇଛି କାରଣ ଉଭୟ ହିନ୍ଦୁ ଓ ମୁସଲ୍‌ମାନ୍-ଅସଂଖ୍ୟଲୋକ ଆମେ ଯାହା କହୁଛୁ ତାହା ମାନୁଛନ୍ତି । ଲୋକମାନଙ୍କର ଏ ସ୍ୱଭାବ ଯୋଗୁଁ ପୁଲିସ କାମରେ ସଫଳତା ଲାଭ ହୋଇଛି । ଜନତା ଆମ କଥା ନ ଶୁଣି ଯଦି ଅନ୍ୟ ରାସ୍ତାରେ ଯାଉଥାଆନ୍ତେ ତେବେ ବମ୍ବେରେ ମାତ୍ର ତେରହଜାର ପୋଲିସ ତିନି ଲକ୍ଷ ଲୋକଙ୍କୁ ସମ୍ଭାଳି ପାରନ୍ତେ ନାହିଁ । ଗାଁର ଲୋକମାନେ କହୁଛନ୍ତି ଯେ ଆମ କଥାରେ ତାଙ୍କର ବିଶ୍ୱାସ ଅଛି କିନ୍ତୁ ସ୍ୱୀକାର କରୁଛନ୍ତି ଯେ କାର୍ଯ୍ୟରେ ପରିଣତ କରିବା ପାଇଁ ସେମାନଙ୍କର କ୍ଷମତା ନାହିଁ । ଯଦି ଆପଣ ଆଗଭଳି ସାରା ଦେଶ ଭ୍ରମଣ କରି ପାରନ୍ତି ତେବେ ଆପଣଙ୍କର ହୃଦବୋଧ ହେବ ଯେ ଏ ଦେଶର ଜନତା ଅନ୍ୟ କୌଣସି ବ୍ୟକ୍ତି ଅପେକ୍ଷା ଆପଣଙ୍କ ଉପରେ ଅଧିକ ବଶ୍ୱାସ ରଖିଛନ୍ତି । ଆମମାନଙ୍କ ମନରେ ସନ୍ଦେହ ନାହିଁ ଯେ ଆମେ ଆପଣଙ୍କ ଶିକ୍ଷା ଓ ନୀତି ଲୋକମାନଙ୍କୁ ବୁଝାଉଥିବାରୁ ସେମାନେ ଆମକୁ ଗ୍ରହଣ କରୁଛନ୍ତି ।'' ଆମେ ଯାହା କହିଲୁ ସେଥିରେ ବାପୁ ସନ୍ତୁଷ୍ଟ ହେଲେ । ଆମେ ତାଙ୍କୁ ଛାଡି ଆସିବା ପରେ ଦୁଇ ତିନିଜଣ ସହକର୍ମୀ ଆମକୁ କହିଲେ ଯେ ପୂର୍ବ ରାତିରେ ବାପୁ ଦେବ ପ୍ରୟାଗ ବା ଉତ୍ତର କାଶୀରେ ଯାଇ ଅବସର ନେବା ପାଇଁ ପ୍ରାୟ ସ୍ଥିର କରିଥିଲେ । ଆମ କଥାବାର୍ତ୍ତାପରେ ସେ ଚିନ୍ତା ଛାଡି ଦେଇଛନ୍ତି ।

ଆମେ ଗାନ୍ଧିଜୀଙ୍କ କଥା ମନେ ପକାଇବା ବେଳେ ତାଙ୍କର ଗାରିମାମୟ ଚିତ୍ର ଆମ ଆଖି ଆଗକୁ ଆସେ । ତାଙ୍କ ବାଲ୍ୟ ଓ ଯୌବନାବସ୍ଥାରେ ସେପରି କିଛି ଚିତ୍ତାକର୍ଷକ ଜିନିଷ ନଥିଲା । ସେ ସ୍କୁଲରେ ଚାଲାଖ ଛାତ୍ର ବି ନଥିଲେ । ଆଇନ ପଢ଼ିବା ବେଳେ ବୁଦ୍ଧିର କିଛି ବିଚିତ୍ରତା ଦେଖାଇ ନଥିଲେ । ସେ କିନ୍ତୁ ପିଲା ଦିନୁ ସତ୍ୟ ନୀତିକୁ ଗ୍ରହଣ କରିଥିଲେ ଓ ପିତାମାତାଙ୍କ ପ୍ରତି ତାଙ୍କର ଅଗାଧ ଭକ୍ତିଥିଲା । ଏଇ ଦୁଇ ସଦ୍‌ଗୁଣ ଯୋଗୁଁ ସେ ନିର୍ଭୟ ହୋଇ ସାଧାରଣ ବ୍ୟକ୍ତିରୁ ଅସାଧାରଣ ବ୍ୟକ୍ତି ହୋଇପାରିଥିଲେ ।

ବମ୍ବେରେ ଆଇନ ବ୍ୟବସାୟ କରିବା ବେଳେ ସେ ଆତ୍ମପ୍ରତ୍ୟୟହୀନ ଥିଲେ । ଫଳରେ ସେ ନିରାଶ ହୋଇଯାଇଥିଲେ । ଦକ୍ଷିଣ ଆଫ୍ରିକାର ବ୍ୟବସାୟୀ ଯୁବରାଜ ଶେଖ ଅବଦୁଲାଙ୍କ ଠାରୁ ତାଙ୍କ ମକଦ୍ଦମା ଲଢ଼ିବା ପାଇଁ ନିମନ୍ତ୍ରଣ ପାଇ ଆଫ୍ରିକା ଯାଇଥିଲେ ।

ଦକ୍ଷିଣ ଆଫ୍ରିକାରେ ହିଁ ସେ ନିଜର ପ୍ରକୃତ ପ୍ରେରଣା ପାଇଲେ । ସେଠାରେ ବର୍ଣ୍ଣ ଓ ଜାତି ଭେଦ ଜନିତ ତିକ୍ତ ଅଭିଜ୍ଞତା ଜରିଆରେ ନିଜର ଲକ୍ଷ୍ୟ ଦେଖିପାରିଲେ । ସେ ଏସବୁ ଓ ଅନ୍ୟାନ୍ୟ ଅନ୍ୟାୟରେ ବାଧା ଦେବାକୁ ଦୃଢ଼ ପ୍ରତିଜ୍ଞ ହେଲେ । ସେ ଭାରତୀୟମାନଙ୍କୁ ସଂଗଠନ କରି ସତ୍ୟାଗ୍ରହକୁ ପ୍ରଥମେ ଅସ୍ତ୍ରରୂପେ ବ୍ୟବହାର କରିଥିଲେ । ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀଙ୍କ ଲଢ଼େଇ ଇତିହାସ ସମସ୍ତଙ୍କୁ ଜଣାଅଛି ତେଣୁ ବର୍ଣ୍ଣନା ଅନାବଶ୍ୟକ । ସେହିସବୁ କାମ ଯୋଗୁ ଭାରତରେ ଲୋକମାନେ ତାଙ୍କୁ ଚିହ୍ନିଲେ ଓ ସମ୍ମାନ ମଧ୍ୟ ଦେଲେ । ଶ୍ରୀ ଗୋପାଳ କୃଷ୍ଣ ଗୋଖଲେ ଦକ୍ଷିଣ ଆଫ୍ରିକା ଯାଇଥିଲେ ଓ ଗାନ୍ଧିଜୀ ବିନୟ ଭାବେ ତାଙ୍କୁ ଗୁରୁ ମାନିଥିଲେ ।

ଦକ୍ଷିଣ ଆଫ୍ରିକା ଲଢ଼େଇରେ ବହୁ ପରିମାଣରେ କୃତକାର୍ଯ୍ୟ ହେବାବେଳେ ସେ ଅନୁଭବ କଲେ, ଏଭଳି ଅନ୍ୟାୟର ପ୍ରକୃତ ପ୍ରତିକାର ଭାରତ ସ୍ୱାଧୀନତା ସଂଗ୍ରାମର ଅନ୍ତର୍ଗତ । ସେ ୧୯୧୫ରେ ଭାରତ ଫେରିଲେ ଏବଂ ଭାରତ ସାରା ବୁଲି ସମସ୍ତ ପରିସ୍ଥିତି ଅଧ୍ୟୟନ କରି ସ୍ଥିର କରିଥିଲେ ଯେ ଭାରତୀୟ ଜାତୀୟ କଂଗ୍ରେସ ଜରିଆରେ ଦେଶର ସ୍ୱାଧୀନତା ସଂଗ୍ରାମରେ ନିଜକୁ ନିୟୋଜିତ କରିବେ । ସ୍ୱାଧୀନତା ପ୍ରାପ୍ତି ସକାଶେ ଯେଉଁ ମାର୍ଗ ଅବଲମ୍ବନ କରାଯିବ ତାହା ସତ୍ୟ ଉପରେ ଆଧାରିତ ହେବା ଉଚିତ ବୋଲି ସେ ନିର୍ଣ୍ଣୟ ନେଇଥିଲେ ।

Digitized by srujanika@gmail.com

ସେ ସମୟରେ ତାଙ୍କ ପାଖରେ କହି ନଥିଲେ, ସେ ଏକାଥିଲେ । କିନ୍ତୁ ଧର୍ମରେ ତାଙ୍କର ଆସ୍ଥା ଥିଲା ଓ ଶୁଦ୍ଧ ସାଧନାରେ ତାଙ୍କର ଅଟଳ ବିଶ୍ୱାସ ଥିଲା ଯାହା ଫଳରେ ସେ ଏକା ଏ କାମ ଆରମ୍ଭ କରି ଦେଲେ ଓ ଚାରିପାଞ୍ଚ ବର୍ଷରେ ସେ କଂଗ୍ରେସର କର୍ଣ୍ଣଧାର ହୋଇଗଲେ । କଂଗ୍ରେସକୁ ସେ ଜନତାର ସଂସ୍ଥା ରୂପେ ତିଆରି କଲେ ଓ ଲୋକତାନ୍ତ୍ରିକ ଢ଼ାଞ୍ଚାରେ ଗଢ଼ିଲେ ।

୧୯୧୫ରେ କଂଗ୍ରେସ ଅଧିବେଶନରେ ଯେତେବେଳେ ପ୍ରଥମ ଥର ମୁଁ ତାଙ୍କର ଦର୍ଶନ କରିଥିଲି ଓ ଉତ୍ତର ପ୍ରଦେଶ, ବଙ୍ଗଳା, ତଥା ଅନ୍ୟ ପ୍ରଦେଶ ପ୍ରତିନିଧିମାନଙ୍କ ସହିତ ତାଙ୍କ କଥାବାର୍ତ୍ତା ଶୁଣିଥିଲି, ସେତେବେଳେ ମୁଁ ବହୁତ ପ୍ରଭାବିତ ହୋଇଥିଲି । ତାଙ୍କର 'ୟଂଗ ଇଣ୍ଡିୟା' ଏବଂ 'ନବଜୀବନ ପ୍ରତିକା'କୁ ମୁଁ ନିୟମିତ ଭାବେ ପଢୁଥିଲି ଏବଂ ବ୍ରିଟିଶ ସରକାରଙ୍କ ପାଖରେ ନିଜର ବାରବର୍ଷ ଚାକିରୀ ଶେଷ ତିନିବର୍ଷରେ ଖଦି ଲୁଗା ପିନ୍ଧୁଥିଲି । ଧର୍ମ ପ୍ରତି ବିଶେଷକରି ଗୀତା ପ୍ରତି ମୋର ପ୍ରଥମରୁ ବହୁତ ବିଶ୍ୱାସଥିଲା । ମହାତ୍ମା ଗାନ୍ଧୀଙ୍କ ଲେଖା ପଢ଼ିଲି ଏବଂ ବିଶ୍ୱାସ ଆହୁରି ବଢ଼ିଲା । ତାଙ୍କ ସିଦ୍ଧାନ୍ତ ଉପରେ ମୋର ପ୍ରଥମରୁ ବହୁତ ରୁଚି ଥିବାରୁ ଏ ସିଦ୍ଧାନ୍ତ ମୋର ଜୀବନରେ ବେଶ୍ ସୁଦୃଢ଼ ହେଲା ।

୧୯୩୦ରେ ମୁଁ ଯେତେବେଳେ ସରକାରୀ ଚାକିରି ଛାଡିଥିଲି ସେତେବେଳେ ଗାନ୍ଧିଜୀଙ୍କ ଆଶ୍ରମରେ ଯୋଗଦେବାକୁ ବିଚାର କରିଥିଲି । ସେତେବେଳେ ମୁଁ ତାଙ୍କୁ ଖଣ୍ଡେ ଚିଠି ଲେଖିଥିଲି । କିନ୍ତୁ ସେତେବେଳେ ସେ ଜେଲରେ ଥିଲେ । ତେଣୁ ମୋ ଚିଠି ତାଙ୍କୁ ମିଳି ନଥିଲା । ଯାହାଙ୍କୁ ଏ ଚିଠି ମିଳିଥିବ ସେ ମୋତେ କିଛି ପ୍ରୋତ୍ସାହନ ଦେଇ ନଥିଲେ । ସୁତରାଂ, ମୁଁ ଏ ସମ୍ବନ୍ଧରେ ଆଉ ଚେଷ୍ଟା କଲିନାହିଁ ଏବଂ ସେ ସମୟରେ ଚାଲୁଥିବା ସ୍ୱାଧୀନତା ସଂଗ୍ରାମରେ ଯୋଗଦେଲି ।

ମହାତ୍ମା ଗାନ୍ଧୀ ଦେଶର ପରିସ୍ଥିତିକୁ ଦେଖି ଯେଉଁ ପ୍ରକାର କାମ କଲେ ତାହା ଏକ ନୂଆ ଇତିହାସ ସୃଷ୍ଟିକଲା । ମୁଁ ଭାବେ ଯେ ଆମ ଦେଶର ଇତିହାସରେ ପୁରାଣର ଯେଉଁ ମହତ୍ୱ ଅଛି, ଏ ଇତିହାସର ମହତ୍ୱ ତାଠାରୁ କୌଣସି ଗୁଣରେ କମ୍ ହେବନାହିଁ । ସେତେବେଳେ ସ୍ୱରାଜ କିପରି ମିଳିବ ତାର ସ୍ପଷ୍ଟ କଳ୍ପନା କାହାର ନଥିଲା । କିଛି ତରୁଣ ବିଦ୍ରୋହୀମାନେ ହିଂସାର ରାସ୍ତା ଧରିଥିଲେ । ତାଙ୍କ ଆନ୍ଦୋଳନ ବଡ଼ି ସଫଳ ହାସଲ କରିବାର ସମ୍ଭାବନା ନ ଥିଲା । ଅନ୍ୟ ଚରମ ପଦକ୍ଷେପରେ କେତେକ ନେତା ବ୍ରିଟିଶ ଶାସନଙ୍କୁ ପ୍ରାର୍ଥନା କରି, ଅନୁରୋଧ କରି ସ୍ୱାଧୀନତା ହାସଲ କରିବାରେ ବିଶ୍ୱାସ କରୁଥିଲେ । ଏ ରାସ୍ତାରେ ସଫଳତା ମିଳିବା ମଧ୍ୟ ସମ୍ଭବପର ନଥିଲା । ଏଥିରୁ କେହି କଳ୍ପନା କରିପାରୁ ନଥିଲେ କି ସ୍ୱାଧୀନତା କିପରି ମିଳିବ । ଏଇ ସମୟରେ ମହାତ୍ମା ଗାନ୍ଧୀ ଦେଶକୁ ସତ୍ୟାଗ୍ରହ ସଂଦେଶ ଦେଲେ । ଚମ୍ପାରନ, ଖେଡା ଏବଂ ବିରମଗାମରେ ତଥା ଭାରତରେ ରାଓଲେଟ ଆକ୍ଟ ବିରୁଦ୍ଧରେ ସତ୍ୟାଗ୍ରହ କରି ସେ ଲୋକ ଜାଗରଣ ଆଣିଥିଲେ । କେବଳ ଏତିକି ନୁହେଁ, ଅନେକ ଶକ୍ତିଶାଳୀ ବ୍ୟକ୍ତିଙ୍କୁ ଏଥିପ୍ରତି ଆକର୍ଷିତ କରି ସେ କଂଗ୍ରେସ ତଥା ଦେଶର ସାର୍ବଜନିକ ଜୀବନକୁ ସମୃଦ୍ଧ କରିଥିଲେ ।

ପଣ୍ଡିତ ମୋତିଲାଲ ନେହେରୁ, ହାକିମ ଅଜମଲ୍ ଖାଁ, ଡା. ଅନସାରୀ, ଦେଶବନ୍ଧୁ ଚିତ୍ତରଞ୍ଜନଦାସ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଜବାହରଲାଲ ନେହରୁ, ଡା. ରାଜନ୍ଦ୍ରେ ପ୍ରସାଦ, ଶ୍ରୀ ରାଜଗୋପାଳଚାରୀ ଓ ଶ୍ରୀମତୀ ସରୋଜିନୀ ନାଇଡୁ ପରି ମହାରଥୀଙ୍କୁ ସେ ତିଆରି କରିଛନ୍ତି । ଏ ସମସ୍ତଙ୍କ ଠାରେ ଅନ୍ତର୍ନିହିତ ଶକ୍ତି ତ ପ୍ରଥମରୁ ହିଁ ଥିଲା କିନ୍ତୁ ଏମାନଙ୍କର ଯେଉଁ ନୂଆ ପ୍ରତିଭା ସାମନାକୁ ଆସିଲା ସେଥିରେ ମହାତ୍ମା ଗାନ୍ଧୀଙ୍କର ବହୁତ ଅବଦାନ ଥିଲା । ସ୍ୱୟଂ ନିଜପାଇଁ ତାଙ୍କର କିଛି ଆକାଙ୍କ୍ଷା ନଥିଲା କାରଣ ସେ ସରଳ ଜୀବନ ଓ ନିସ୍ୱାର୍ଥ ସେବାରେ ବିଶ୍ୱାସ କରୁଥିଲେ । ସେଥିପାଇଁ ସେ ମଣିଷ ତିଆରି କରିବାରେ ସଫଳ ହୋଇଥିଲେ । ତାଙ୍କ ସହିତ କେତେଥର କଥାବାର୍ତ୍ତାରେ ଓ ତାଙ୍କ ସମ୍ବନ୍ଧରେ ଅନୁଭବରୁ ମୋର ବିଶ୍ୱାସ ହେଲା ଯେ ସେ ଏକ ଧାର୍ମିକ

Digitized by srujanika@gmail.com

ମହାପୁରୁଷ ଥିଲେ । ସେ "ସର୍ବଧର୍ମ ସମଭାବ"ରେ ବିଶ୍ୱାସ ରଖୁଥିଲେ ଓ ତାର ପ୍ରଚାର କରୁଥିଲେ । ଶୁଦ୍ଧ ସାଧନାରେ ତାଙ୍କର ଆସ୍ଥାଥିଲା, ସତ୍ୟ ଓ ଅହିଂସାରେ ତାଙ୍କର ବିଶ୍ୱାସ ଏତେ ଗଭୀର ଥିଲା ଯେ ଏହି ଦୁଇ ନୀତିରେ ବିଶ୍ୱାସ ରଖୁନଥିବା ବ୍ୟକ୍ତିଙ୍କୁ ଆକର୍ଷଣ କରୁଥିଲେ ଓ ସେମାନେ ପରେ ଶୁଦ୍ଧ ସାଧନାରେ ବିଶ୍ୱାସ କରୁଥିଲେ । ଭାରତର ଜନତା ପ୍ରଥମରୁ ନିର୍ଭୟ ନଥିଲେ, ଶତାବ୍ଦୀ ଧରି ପରାଧୀନତାରେ ସେମାନେ ଦୁର୍ବଳ ହୋଇଯାଇଥିଲେ, ସେଇଥି ପାଇଁ ତାଙ୍କ ନୀତି ପୂରା ସ୍ୱୀକାର କରି ମଧ୍ୟ ସେମାନେ ସମ୍ପୂର୍ଣ୍ଣ ରୂପେ ତାଙ୍କ ନୀତି ଅନୁସାରେ ଚଳିପାରୁ ନଥିଲେ । କିନ୍ତୁ ଗାନ୍ଧିଜୀ ଜନତାକୁ ମାର୍ଗ ପ୍ରଦର୍ଶନରେ କୃତକାର୍ଯ୍ୟ ହେଲେ, ଯାହାଫଳରେ ଦେଶ ସ୍ୱତନ୍ତ୍ର ହେଲା ।

ଜବାହରଲାଲଜୀଙ୍କର ଈଶ୍ୱରଙ୍କ ପ୍ରତି ଶ୍ରଦ୍ଧା ନଥିଲା ଏବଂ ତାଙ୍କ ଉପରେଆଧୁନିକ ବିଜ୍ଞାନର ବହୁତ ପ୍ରଭାବ ଥିଲା । ତାଙ୍କର ବିଶ୍ୱାସ କେତେ ପ୍ରସଙ୍ଗରେ ମହାତ୍ମା ଗାନ୍ଧୀଙ୍କ ବିଶ୍ୱାସ ଠାରୁ ଅଲଗା ଥିଲା; କିନ୍ତୁ ମହାତ୍ମା ଗାନ୍ଧୀଙ୍କ ସତ୍ୟ ଏବଂ ଅହିଂସାର ପ୍ରଖର ସାଧନାର ଅଦ୍ଭୁତ ତେଜସ୍ୱୀତାରେ ଆକର୍ଷିତ ହୋଇ ଜବାହରଲାଲଜୀ ତାଙ୍କ ଅନୁଗତ ହୋଇଗଲେ । ତାଙ୍କ ଭିତରେ ଥିବା ଶକ୍ତିକୁ ବଢ଼ାଇବାରେ ମହାତ୍ମା ଗାନ୍ଧୀଙ୍କ ହାତ ଥିଲା । ସର୍ଦ୍ଦାର ବଲ୍ଲଭଭାଇ ପଟେଲ ମଧ୍ୟ ମହତ୍ମା ଗାନ୍ଧୀଙ୍କ ଆକର୍ଷଣରେ ସାର୍ବଜନିକ ଜୀବନରେ ତାଙ୍କ ଭକ୍ତ ହୋଇଗଲେ । ସେ ଗାନ୍ଧିଜୀଙ୍କ ସହିତ କଥାବାର୍ତ୍ତାରେ ନିଜ ମତ ସ୍ପଷ୍ଟଭାବରେ ପ୍ରକାଶ କରୁଥିଲେ କିନ୍ତୁ ଶେଷରେ ତାଙ୍କ କଥା ମାନି ନେଉଥିଲେ । କେବଳ ୧୯୪୦ରେ ଅଖିଳ ଭାରତ କଂଗ୍ରେସ କମିଟି ଅଧିବେଶନରେ ଗୋଟିଏ ପ୍ରସ୍ତାବ ବ୍ୟତୀତ ସେ ଗାନ୍ଧିଜୀଙ୍କ ସମସ୍ତ ପ୍ରସ୍ତାବ ଗ୍ରହଣ କରିଥିଲେ । ୧୯୪୦ରେ ପୂନା ଅଧିବେଶନରେ ଗୃହୀତ ପ୍ରସ୍ତାବରେ ଲିଖିତ ଥିଲା କି ଭାରତକୁ ସ୍ୱରାଜ ଦିଆଗଲେ ସେ ଯୁଦ୍ଧରେ ମିତ୍ର ଦେଶ ସହିତ ଯୋଗ ଦେଇପାରିବ । କେବଳ ଏହି ଏକ ପ୍ରସ୍ତାବରେ ସେ ମହାତ୍ମା ଗାନ୍ଧୀଙ୍କ ବିରୁଦ୍ଧରେ ମତ ଦେଇଥିଲେ । କିନ୍ତୁ ୧୯୪୧ରେ ସେ ସ୍ୱୀକାର କରିଥିଲେ ଯେ ଏହା ତାଙ୍କର ଭୁଲ ଥିଲା ଏବଂ ମହାତ୍ମା ଗାନ୍ଧୀଙ୍କ ଭାରତ ଛାଡ ପ୍ରସ୍ତାବ ସେ ମାନି ନେଇଥିଲେ । ସର୍ଦ୍ଦାର ସାହେବ କେବେ କେବେ ଏପରି କହୁଥିଲେ ଯେ, "ମୁଁ ମୋ ଦିମାକରେ ତାଲାଦେଇ ତା ଚାବି ଗାନ୍ଧିଜୀଙ୍କୁ ସମର୍ପି ଦେଇଛି । ସର୍ଦ୍ଦାର ସବୁ ବିଷୟରେ ନିଜର ମତ ନିର୍ଭୟତା ପୂର୍ବକ ପ୍ରକାଶ କରି ପରେ ଗାନ୍ଧିଜୀଙ୍କ ନିର୍ଣ୍ଣୟ ତୁରନ୍ତ ସ୍ୱୀକାର କରୁଥିଲେ ଏବଂ ପରେ ନିଜ ନିର୍ଣ୍ଣୟ ପରି କାମ କରୁଥିଲେ ।

୧୯୪୬ରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ କେନ୍ଦ୍ର ମନ୍ତ୍ରୀପରିଷଦରେ ଉପ-ପ୍ରଧାନ ମନ୍ତ୍ରୀ ପଦରେ ଯୋଗଦେବା ପରେ କେତେକ ବିଷୟରେ ମହାତ୍ମା ଗାନ୍ଧୀଙ୍କ ସହିତ ତାଙ୍କର ମତଭେଦ ହୋଇଥିଲା । କିନ୍ତୁ ମହାତ୍ମାଙ୍କ ହତ୍ୟାର ଦେଢ଼ଘଣ୍ଟା ପୂର୍ବରୁ ସର୍ଦ୍ଦାର ତାଙ୍କ ସହିତ ସ୍ୱାକ୍ଷାତ କରିଥିଲେ ଓ ଦୁହିଁଙ୍କ ମଧ୍ୟରେ ଦୀର୍ଘ ଓ ଅମାୟିକ ଆଲୋଚନା ଫଳରେ ସବୁ ମତଭେଦ ଦୂର ହୋଇ ଯାଇଥିଲା । ଏହା ପରେ ସର୍ଦ୍ଦାର ସାହେବ ଜୀବିତ ଥିବା ପର୍ଯ୍ୟନ୍ତ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ଗାନ୍ଧିଜୀ ସେହି ପରିସ୍ଥିତିରେ କ'ଣ କରିଥାନ୍ତେ ଭାବି ସମସ୍ୟାର ସମାଧାନ କରୁଥିଲେ ।

ମହାତ୍ମା ଗାନ୍ଧୀ ନିଜେ ଉଦାହରଣ ଦେଖାଇ ସତ୍ୟ ଓ ଅହିଂସାରେ ଲୋକମାନଙ୍କର ବିଶ୍ୱାସ ପୁନରୁଦ୍ଧାର କରିଥିଲେ । କୌଣସି ଧର୍ମଦୂତ ବା ଐଶୀ ଶକ୍ତି ସମ୍ପନ୍ନ ମହାପୁରୁଷଙ୍କ ଦ୍ୱାରା ଯେତେ ଲୋକେ ପ୍ରଭାବିତ ହୋଇଥିଲେ ତା'ଠାରୁ ବହୁତ ଅଧିକ ଲୋକ ଗାନ୍ଧିଜୀଙ୍କ ଉଦାହରଣପୂର୍ଣ୍ଣ ଜୀବନ ଦ୍ୱାରା ପ୍ରଭାବିତ ହେଉଥିଲେ । ମହାପୁରୁଷ ଓ ଧର୍ମାତ୍ମା ବ୍ୟକ୍ତିମାନେ ସଂସାର ତ୍ୟାଗ କରି ଲୋକମାନଙ୍କୁ ଶୂନ୍ୟରେ ଉପଦେଶ ଦେଉ ଥିଲେ ତେଣୁ ସେମାନଙ୍କର ଦୈନନ୍ଦିନ ସମସ୍ୟା ସମାଧାନ କରିପାରୁ ନଥିଲେ । କିନ୍ତୁ ଗାନ୍ଧିଜୀ ଗରିବମାନଙ୍କ ସହିତ ନିଜକୁ ସମ୍ପୂର୍ଣ୍ଣଭାବେ ମିଶାଇ ଦେଇଥିଲେ । ସେ ଲୋକମାନଙ୍କ ସହିତ ରହି ସେମାନଙ୍କୁ ବୁଝୁଥିଲେ । ସେ ନିଜେ ନିଜ ଉପରେ ପରୀକ୍ଷା କରିବା ପରେ ହିଁ ନୂତନ କର୍ମ ପନ୍ଥା ଲୋକଙ୍କୁ ବତାଉଥିଲେ । ତାଙ୍କ ଆକର୍ଷଣର ଏ ଥିଲା ଗୁପ୍ତ କାରଣ । ତାଙ୍କ

Digitized by srujanika@gmail.com

ପାଖକୁ ଆସୁଥିବା ଲୋକେ ତାଙ୍କ ସହିତ ଏକ ହୋଇ ଯାଉଥିଲେ ଏବଂ ଖୁବ୍ କମ ବ୍ୟକ୍ତି ତାଙ୍କ ସହିତ ଝଗଡ଼ା କରୁଥିଲେ । ନିଜେ କରିବାକୁ ପ୍ରସ୍ତୁତ ନ ଥିବା କାମକୁ କାହାକୁ କରିବାକୁ କହୁ ନଥିଲେ । ନିଜର କ୍ଷମତା ବାହାରେ କାମ ସେ କାହା ଠାରୁ ଆଶା କରୁନଥିଲେ, ଯଦିଓ ଅଧିକ ଚେଷ୍ଟା କରିବାକୁ ସେ ଉତ୍ସାହିତ କରୁଥିଲେ । ଏଇ ସବୁ କାରଣ ଯୋଗୁ ଲୋକେ ତାଙ୍କୁ 'ବାପୁ' ବୋଲି ବିଚାର କରୁଥିଲେ ।

ଆଜିକାଲି ଅନେକ ସମୟରେ କୁହାଯାଉଛି ଯେ ଗାନ୍ଧିଜୀଙ୍କ ଭାବନା ଓ କାର୍ଯ୍ୟ ପ୍ରଣାଳୀ ଲୋକମାନେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଓ ତାହାର ଆଉ ପ୍ରାସଙ୍ଗିକତା ନାହିଁ । କିନ୍ତୁ ଏହା ଏକ ଉପର ଠାଉରିଆ ବିଚାର । ମହାତ୍ମା ଗାନ୍ଧୀଙ୍କ ଶିକ୍ଷା ଶାଶ୍ୱତ ନୀତି ଉପରେ ଆଧାରିତ ଏବଂ ସର୍ବଦା କଲ୍ୟାଣକର । ସେସବୁ ପୃଥିବୀରୁ କେବେହେଲେ ବିଲୀନ ହେବନାହିଁ ।

ଧାର୍ମିକ ଭାବନା ଆଜିକାଲି ଦୁର୍ବଳ ହୋଇ ପଡିଛି ଏବଂ ମୁଁ ବର୍ତ୍ତମାନ ସମୟକୁ ଧର୍ମ ଓ ଅଧର୍ମ ମଧ୍ୟରେ ଲଢ଼େଇର ଯୁଗ ବୋଲି ବିଚାର କରେ । ବସ୍ତୁବାଦ ଅଧିକାଂଶ ଲୋକଙ୍କୁ ଆକର୍ଷଣ କରିଛି । ଯେତେ ଦିନଯାଏ ଲୋକମାନେ ଆଧାତ୍ମିକତାର ଦୂରରେ ରହି ବସ୍ତୁବାଦରେ ଜଡିତ ରହିବେ ସେତେ ଦିନ ଯାଏ କମ୍ୟୁନିଜ୍‌ମ୍, ଯାହାକି ବସ୍ତୁବାଦର ଚରମ ଚିନ୍ତାଧାରା ଅଟେ, ନିଶ୍ଚୟ ପ୍ରଭାବ ବିସ୍ତାର କରି ରହିବ । କିନ୍ତୁ ଆମେମାନେ ଜାଣୁ ଯେ ମଣିଷ ଶରୀରରେ ଆତ୍ମା ଥିବା ପର୍ଯ୍ୟନ୍ତ ମଣିଷ ଶରୀର କାମ କରେ । ତେଣୁ ମଣିଷର ପ୍ରକୃତ ଶକ୍ତି ତାର ଆଧାତ୍ମିକ ଶକ୍ତିରେ ନିହିତ ଅଛି ଏବଂ ଏହି ଆଧାତ୍ମିକ ଶକ୍ତି କେବଳ ଧର୍ମହିଁ ଦେଇପାରେ ।

ସତ୍ୟ ଶିକ୍ଷା ଦେବା ସବୁ ଧର୍ମର ଲକ୍ଷ୍ୟ । କିନ୍ତୁ ବିଭିନ୍ନ ଧର୍ମର ଅନେକ ଧର୍ମଯାଜକମାନେ ନିଜର ଦୁର୍ବଳତା ଯୋଗୁଁ ନିଜ ନିଜ ଭିତରେ କଳି କରନ୍ତି । ଏହାଦ୍ୱାରା ସତ୍ୟ ଓ ଧର୍ମର ଜାଗରଣ ବାଧାପ୍ରାପ୍ତ ହୁଏ ।

ମହାତ୍ମା ଗାନ୍ଧୀ ସମସ୍ତ ଚିନ୍ତାଧାରା ଓ କର୍ମନୀତିକୁ ଧାର୍ମିକ ଚେତନା ସାହାଯ୍ୟରେ ଉଦ୍‌ବୁଦ୍ଧ କରିବାର ସାହସିକ ଉଦ୍ୟମ କରିଥିଲେ । ତାଙ୍କୁ ଜାତିର ପିତା ବୋଲି ଲୋକେ ସମ୍ବୋଧନ କରୁଛନ୍ତି; ସେଥିରୁ ପ୍ରମାଣିତ ହୁଏ ଯେ ଲୋକେ ତାଙ୍କୁ ଭୁଲିନାହାନ୍ତି । ମୋର ଦୃଢ଼ ବିଶ୍ୱାସ ଯେ ଲୋକମାନେ ତାଙ୍କୁ ଭୁଲିଗଲେ ଦେଶ ଧ୍ୱଂସ ହୋଇଯିବ ।

Digitized by srujanika@gmail.com

(୩୬) ଦୁର୍ଭିକ୍ଷର ପ୍ରତିକାର ଏବଂ ଅନ୍ୟ ବିଷୟବସ୍ତୁ

୧୯୪୮ ଓ ୧୯୫୦ ମଧ୍ୟରେ ଘଟିଥିବା କିଛି ଘଟଣା ବର୍ଣ୍ଣନା କରିବା ଠିକ୍ ହେବ । ୧୯୪୮ରେ ଘଣ୍ଟାପ୍ରତି ୭୫ ମାଇଲ ବେଗରେ ବମ୍ବେରେ ତୋଫାନ ହୋଇଥିଲା, ଫଳରେ ଅନେକ ଇଲେକ୍ଟ୍ରିକ୍ ଖୁଣ୍ଟ ଉପୁଡି ପଡିବାରୁ ବିଜୁଳି ଯୋଗାଣରେ ବାଧା ପଡି ବମ୍ବେ ଅନ୍ଧକାରମୟ ହୋଇଗଲା । ବିଜୁଳି ଯୋଗାଣରେ ସଂପୃକ୍ତ ଅଫିସରମାନଙ୍କୁ ଡାକି ବିଜୁଳି ପୁନଃ ସ୍ଥାପନ ପାଇଁ କେତେ ସମୟ ଲାଗିବ ପଚାରିଲି । ସେମାନେ କହିଲେ ମରାମତି କାମ କୋଡିଏ ଦିନରୁ ଏକ ମାସ ଲାଗିବ ଓ ତା ଠାରୁ କମ୍ ଦିନରେ କେବେ ହେଲେ ହୋଇପାରିବ ନାହିଁ । ମୁଁ ତାଙ୍କୁ କିନ୍ତୁ ଦୁଇଦିନରେ ଶେଷ କରିବାକୁ ନିର୍ଦ୍ଦେଶ ଦେଲି କାରଣ ନ ହେଲେ ଚୋରୀ ଓ ଡକାୟତି ଆଦି କୁକର୍ମ ବଢିବାର ଆଶଙ୍କା ଥିଲା । ମୁଁ ତାଙ୍କୁ କହିଲି ସେମାନେ ଇଚ୍ଛାକଲେ ପୁଲିସ ବା ସେନାଙ୍କ ସାହାଯ୍ୟ ଦେବାକୁ ସରକାର ପ୍ରସ୍ତୁତ ଅଛନ୍ତି, କିନ୍ତୁ ସାବଧାନ କରାଇ ଦେଲି ଯେ ଦୁଇଦିନରେ ମରାମତି କାମ ଶେଷ ନ ହେଲେ ସରକାର ନିଜେ ମରାମତି କାମ କରିବେ । ବମ୍ବେରେ ବିଜୁଳି ଦୁଇଦିନରେ ଆସିଲା ଓ ଆମେ ଗୁରୁତର ବିପଦରୁ ରକ୍ଷା ପାଇଲୁ ।

୧୯୪୯ରେ ଆମେ ଜଜମାନଙ୍କର ଗୋଟିଏ କମିଟି ନିଯୁକ୍ତ କଲୁ । ତାଙ୍କ କାମ ହେଲା ବିନା ମକଦ୍ଦମାରେ ଭୁଲକ୍ରମେ ଜେଲରେ ଥିବା ନିରପରାଧୀଙ୍କୁ ବାହାର କରିବା । ସରକାରୀ ଖର୍ଚ୍ଚରେ ଗରିବମାନଙ୍କୁ ଆଇନଗତ ସାହାଯ୍ୟ ବିଚାର କରି ପ୍ରସ୍ତାବ ଦେବା ପାଇଁ ନ୍ୟାୟାଧୀଶ ଭଗବତୀଙ୍କ ଅଧ୍ୟକ୍ଷତାରେ ଆଉ ଗୋଟିଏ କମିଟି ନିଯୁକ୍ତ କଲୁ । ଆମର ଉଦ୍ଦେଶ୍ୟ ହେଲା ଯେ କୌଣସି ଗରିବ ବ୍ୟକ୍ତି ଅର୍ଥାଭାବ ଯୋଗୁ ଓକିଲ ନିଯୁକ୍ତି କରିନପାରି ଅନ୍ୟାୟର ଶିକାର ନ ହେଉ ।

୧୯୪୯ରେ କର୍ଣ୍ଣାଟକ ଜିଲାପାଇଁ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଗଲା, ତଦ୍ଦ୍ୱାରା କନ୍ନଡ ଭାଷୀ ଲୋକେ ସନ୍ତୁଷ୍ଟ ହେଲେ ।

ଯେତେବେଳେ ସୌରାଷ୍ଟ୍ର ରାଜ୍ୟ ଗଠନ ହେଲା ସେଠାରେ କାମ କରୁଥିବା କାଥିୟାୱାର୍ଡ ପଲିଟିକାଲ କନଫରେନ୍ସ ଗୁଜରାଟ ପ୍ରଦେଶ କଂଗ୍ରେସ କମିଟି ସହିତ ସାମିଲ ହେଲା । ପୂରା ଗୁଜରାଟ ଗୁଜରାଟ ପ୍ରଦେଶ କଂଗ୍ରେସ କମିଟି ଅଧୀନରେ ରହିଲା । ସୌରାଷ୍ଟ୍ର ଅଲଗା ରାଜ୍ୟ ଥିବାରୁ କେତେକ ଲୋକ ଅଲଗା କମିଟି ରଖିବାକୁ ଇଚ୍ଛା କରୁଥିଲେ । କିନ୍ତୁ ସେମାନେ ବେଶି କିଛି କହିଲେ ନାହିଁ ଓ ନୂଆ ବନ୍ଦୋବସ୍ତ ଠିକ୍ ଭାବରେ ଚାଲିଲା ।

ଘରୋଇ ଓ ସରକାରୀ ଶିଳ୍ପମାନଙ୍କ ସମ୍ବନ୍ଧରେ ୧୯୪୮ରେ ଭାରତ ସରକାର ଶିଳ୍ପନୀତି ପ୍ରସ୍ତାବ ଗ୍ରହଣ କରିଥିଲେ । ସେ ନୀତି ଆଜି ପର୍ଯ୍ୟନ୍ତ ଚାଲିଛି କିନ୍ତୁ ଅବଶ୍ୟ ତାର ସଫଳତାରେ ପାର୍ଥକ୍ୟ ଦେଖା ଦେଇଛି ।

୧୯୪୯ରେ ବମ୍ବେ ପ୍ରଦେଶର ଅନେକ ଭାଗରେ ଅଭାବ ଅନାଟନ ଦେଖା ଦେଇଥିଲା । ଲୋକମାନେ ଏହାକୁ ଦୁର୍ଭିକ୍ଷ ବୋଲି କହୁଥିଲେ କିନ୍ତୁ ସରକାରରୀ ଭାଷାରେ ଏହାକୁ 'ଅଭାବ ଅନାଟନ' କୁହାଯାଉଥିଲା । ମୁଁ ସେତେବେଳେ ସଂପୃକ୍ତ ବିଭାଗର ଦାୟିତ୍ୱରେ ଥିଲି । ମୋର ପୂର୍ବ ଅଭିଜ୍ଞତାକୁ ଭିତ୍ତିକରି ମୁଁ ସହାୟତା ପାଇଁ ଯୋଜନା କରିଥିଲି । ତଦ୍ଦ୍ୱାରା ଦୂରାବସ୍ଥା ଲୋକମାନଙ୍କୁ କାମ ଜରିଆରେ ରୋଜଗାର ଦେବାର ବନ୍ଦୋବସ୍ତ ଥିଲା । ଆଗରୁ ବଡ ପୋଖରୀ ଖୋଳିବା, ରାସ୍ତା ନିର୍ମାଣ ଏବଂ ରାସ୍ତା ତିଆରି ପାଇଁ ପଥର ଭାଙ୍ଗିବା କାମ ସହାୟକ କର୍ମଯୋଜନାର ଅନ୍ତର୍ଭୁକ୍ତ ଥିଲା । ଏଥିରେ ଖର୍ଚ୍ଚ ଦ୍ୱାରା କିଛି ଉପକାର ହେଉନଥିଲା କାରଣ ବଡ ବଡ ପୋଖରୀ ବର୍ଷକ ମଧ୍ୟରେ ଶେଷ ହେଉନଥିଲା । ଅନେକ କାମ ଏପରି ଥିଲା ଯେ ତାକୁ ଶେଷ କରିବାକୁ

Digitized by srujanika@gmail.com

ବର୍ଷ ବର୍ଷ ସମୟ ଲାଗୁଥିଲା । ରାସ୍ତା ତିଆରି ଅଧାରହି ପରବର୍ଷ ବର୍ଷାଋତୁରେ ଧୋଇ ହୋଇଯାଉଥିଲା । କାମରେ ଲଗାଇ ପାରିବା ଠାରୁ ଅଧିକ ମେଟାଲ ସଂଗ୍ରହ କରାଯାଉଥିଲା । ତା' ଛଡ଼ା ଏ କାମରେ ଲଗାଯାଇଥିବା ଲୋକମାନଙ୍କୁ କାମ କରିବାକୁ କଷ୍ଟ ଲାଗୁଥିଲା । ମୁଁ ତେଣୁ ସ୍ଥିର କଲି ଯେ ସହାୟକ କାମ ଏପରି ହେବା ଦରକାର ଯେ କାମ ବର୍ଷକ ବା ତା'ର ଅଳ୍ପ ସମୟରେ ସମ୍ପୂର୍ଣ୍ଣ ହେବ । ସୁତରାଂ, ଲୋକମାନେ ତା'କୁ ବ୍ୟବହାର କରି ପାରିବେ । କାମ କରୁଥିବା ଲୋକମାନଙ୍କ ଗାଁ ପାଖରେ ଜଳ ଯୋଗାଣ, ଜଳସେଚନ ଓ ସୀମିତ ରାସ୍ତା ନିର୍ମାଣ କାମ କରିଥିଲୁ । ଜମିର ଉନ୍ନତି ପାଇଁ ବନ୍ଧ ନିର୍ମାଣ, ଚାଷୋପଯୋଗୀ ମୃତ୍ତିକା ସଂରକ୍ଷଣ ଏବଂ ଜଳ ସଂରକ୍ଷଣ କାମ ମଧ୍ୟ ହାତକୁ ନେଇଥିଲୁ ।

ଆମେ କଲେକ୍ଟରମାନଙ୍କୁ ଦୁର୍ଭିକ୍ଷ ଲକ୍ଷଣ ଦେଖିବା ମାତ୍ରେ ଆବଶ୍ୟକୀୟ କାମ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲୁ । ଫଳରେ ମହାରାଷ୍ଟ୍ର ଓ ଗୁଜରାଟରେ ଅଭାବ ଅନାଟନ ପୀଡ଼ିତ ଲୋକମାନେ ଯଥା ଶୀଘ୍ର ସାହାଯ୍ୟ ପାଇଲେ, ଏବଂ ଖୁବ୍ କମ୍ ଅଭିଯୋଗ ଆସିଥିଲା । ଅଭାବ ଅନାଟନ ବର୍ଷରେ ଚାଷୀମାନଙ୍କୁ ପାଣି ସୁବିଧା ସ୍ଥାନରେ ଖାଦ୍ୟଶସ୍ୟ ଉତ୍ପାଦନ କରିବାକୁ ଉତ୍ସାହିତ କରାଗଲା । ଏହା ଦ୍ୱାରା ପୀଡ଼ିତ ଲୋକମାନଙ୍କୁ କାମ ମିଳିଲା ।

୧୯୪୭ରୁ ୧୯୫୧ ମଧ୍ୟରେ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ସମ୍ବନ୍ଧରେ ସମସ୍ୟା ଦେଖାଯାଇଥିଲା । ଜବାହରଲାଲଜୀ ମଧ୍ୟବର୍ତ୍ତୀକାଳୀନ କେନ୍ଦ୍ର ସରକାରରେ ପ୍ରଧାନମନ୍ତ୍ରୀ ହୋଇଥିଲେ । ଆଗରୁ ଅଧ୍ୟକ୍ଷ ଥିବା ମୌଲାନା ଆଜାଦ ମଧ୍ୟ ସେଇ ସରକାରରେ ଯୋଗ ଦେଇଥିଲେ । ତେଣୁ ଜଣେ ନୂଆ ଅଧ୍ୟକ୍ଷ ନିର୍ବାଚନ ହେବାର ଥିଲା । ଆଚାର୍ଯ୍ୟ କୃପାଳନୀ ଅଧ୍ୟକ୍ଷ ନିର୍ବାଚିତ ହେଲେ । ଅଳ୍ପମାସ ଭିତରେ ସେ ଓ ଜବାହରଲାଲଜୀଙ୍କ ମଧ୍ୟରେ ମତଭେଦ ଦେଖାଗଲା । ଏ ମତଭେଦ କଂଗ୍ରେସ ଅଧ୍ୟକ୍ଷ ଓ ପ୍ରଧାନମନ୍ତ୍ରୀଙ୍କ କ୍ଷମତା ଓ ସମ୍ପର୍କ ସମ୍ବନ୍ଧରେ ଦେଖା ଦେଇଥିଲା । ଏହାର ସମାଧାନ ହୋଇ ପାରିଲାନାହିଁ । କୃପାଳନୀଜୀ ଇସ୍ତଫା ଦେବାକୁ ଜିଦ୍ ଧରିଲେ । ଗାନ୍ଧିଜୀ ତାଙ୍କୁ ଅନୁମତି ଦେଲେ । ତାଙ୍କ ପରେ ରାଜେନ୍ଦ୍ରବାବୁ ନିର୍ବାଚିତ ହେଲେ ।

୧୯୫୦ରେ କଂଗ୍ରେସ ଅଧ୍ୟକ୍ଷ ପଦ ପାଇଁ ତୀବ୍ର ପ୍ରତିଯୋଗିତା ଚାଲିଥିଲା । ତିନିଜଣ ପ୍ରାର୍ଥୀ ଥିଲେ । ସେମାନେ ହେଲେ ଶ୍ରୀ ଶଙ୍କର ରାଓ ଦେଓ, ଶ୍ରୀ ପୁରୁଷୋତ୍ତମ ଦାସ ଟଣ୍ଡନ ଏବଂ ଆଚାର୍ଯ୍ୟ କୃପାଳନୀ । ଶ୍ରୀ ଶଙ୍କର ରାଓ ନିର୍ବାଚନରେ ପ୍ରତିଯୋଗିତା କରିବାକୁ ସ୍ଥିର କରିବା ସମୟରେ ମୋ ସହିତ ଆଲୋଚନା କରିଥିଲେ । ମୁଁ ସର୍ଦ୍ଦାର ସାହେବଙ୍କ ସହିତ ଆଲୋଚନା କରିଥିଲି ଏବଂ ଶ୍ରୀ ଶଙ୍କର ରାଓଙ୍କୁ ସମର୍ଥନ କରିବାକୁ ତାଙ୍କୁ ଅନୁରୋଧ କରିଥିଲି । ସର୍ଦ୍ଦାର ସାହେବ ସମର୍ଥନ ଦେବାକୁ ଆଗ୍ରହ ପ୍ରକାଶ କରିଥିଲେ କିନ୍ତୁ ନିର୍ଦ୍ଦିଷ୍ଟ ମତ ଦେଇନଥିଲେ । ଇତିମଧ୍ୟରେ ଶ୍ରୀ ଶଙ୍କର ରାଓ ଜବାହରଲାଲଜୀଙ୍କ ସମର୍ଥନ ଲାଭ କରି ସର୍ଦ୍ଦାର ସାହେବ ପ୍ରତି ଉଦାସୀନତା ଅବଲମ୍ବନ କଲେ । ଫଳରେ ସର୍ଦ୍ଦାର ସାହେବ ତାଙ୍କ ପାର୍ଥୀତ୍ୱକୁ ବିରୋଧ କରି ଶ୍ର ପୁରୁଷୋତ୍ତମ ଦାସ ଟଣ୍ଡନଙ୍କୁ ଅନୁମୋଦନ କଲେ । ଶ୍ରୀ ପୁରୁଷୋତ୍ତମ ଦାସ ଟଣ୍ଡନ ଓ ଜବାହରଲାଲଜୀଙ୍କ ମଧ୍ୟରେ ସୁସମ୍ପର୍କ ନଥିବାରୁ ଜବାହରଲାଲଜୀ ତାଙ୍କ ପ୍ରାର୍ଥିତ୍ୱରେ ସନ୍ତୁଷ୍ଟ ନଥିଲେ । ମୁଁ ସର୍ଦ୍ଦାର ସାହେବଙ୍କ ଠାରୁ ବୁଝିଥିଲି ଯେ ସେ ଆଶା କରୁଥିଲେ ଜବାହରଲାଲଜୀ ତାଙ୍କ ସହିତ ଏ ବିଷୟରେ ଆଲୋଚନା କରିବେ । ସେ ଆଲୋଚନା ପାଇଁ ଅପେକ୍ଷା କରିଥିଲେ । କିନ୍ତୁ ଜବାହରଲାଲଜୀ ଏ ସମ୍ବନ୍ଧରେ କିଛି ନ କହିବାରୁ ପରିଶେଷରେ ସେ ଶ୍ରୀ ପୁରୁଷୋତ୍ତମ ଦାସ ଟଣ୍ଡନଙ୍କୁ ସମର୍ଥନ କଲେ । ଜବାହରଲାଲଜୀ ଦେଖିଲେ ଯେ ଟଣ୍ଡନଜୀଙ୍କ ବିରୁଦ୍ଧରେ ଶ୍ରୀ ଶଙ୍କର ରାଓ ଜଣେ ଦୁର୍ବଳ ପ୍ରାର୍ଥୀ । ସେ ଶେଷରେ ଆଚାର୍ଯ୍ୟ କୃପାଳନୀଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ କଲେ । ଉଭୟ ପକ୍ଷ ନିଜ ନିଜର ପ୍ରାର୍ଥୀ ସପକ୍ଷରେ ବେଶ୍ ପ୍ରଚାର କଲେ ଏବଂ ଏଥିରେ କେତେକ ମହଲରେ ତିକ୍ତତା ସୃଷ୍ଟି ହେଲା । ଭୋଟ

Digitized by srujanika@gmail.com

ଗଣତିରେ ଟଣ୍ଡନଜୀ ବିଜୟୀ ହେଲେ । ମୋ ଛଡ଼ା ଗୁଜରାଟର ସବୁ ପ୍ରତିନିଧି ଟଣ୍ଡନଜୀଙ୍କୁ ସମର୍ଥନ କରିଥିଲେ । ମୁଁ ଏ ବିଷୟରେ ସର୍ଦ୍ଦାର ସାହେବଙ୍କ ସହିତ କଥାବାର୍ତ୍ତା ହୋଇଥିଲି କିନ୍ତୁ ଶ୍ରୀ ଶଙ୍କର ରାଓଙ୍କୁ ଭୋଟ ଦେବାକୁ କାହାକୁ କହିନଥିଲି ।

ନାସିକ ଅଧିବେଶନରେ ବାତାବରଣ ବହୁତ ଉତ୍ତେଜନା ପୂର୍ଣ୍ଣ ଥିଲା । ଶ୍ରୀ ପୁରୁଷୋତ୍ତମ ଦାସ ଟଣ୍ଡନଙ୍କ ଅଧକ୍ଷତାରେ କାର୍ଯ୍ୟ ବାହି କମିଟିରେ ଯୋଗ ଦେବାକୁ ଜବାହରଲାଲଜୀ ପ୍ରଥମେ ମନା କରିଥିଲେ; ପରେ କିନ୍ତୁ ସେ ଟଳିଲେ । ଶ୍ରୀଟଣ୍ଡନଜୀ ମଣିବେନ ପଟେଲଙ୍କୁ କୋଷାଧକ୍ଷ ଭାବେ ନିଯୁକ୍ତ କରିଥିଲେ ।

କୃପାଳନୀଜୀଙ୍କ ପ୍ରଥମ ତିକ୍ତ ଅଭିଜ୍ଞତା ସତ୍ତ୍ୱେ ସେ କାହିଁକି ପୁଣି ପ୍ରତିଯୋଗିତା କରିଥିଲେ ମୁଁ ବୁଝି ପାରିଲି ନାହିଁ । ବୋଧହୁଏ ଜବାହରଲାଲଜୀ ଟଣ୍ଡନଜୀଙ୍କ ବିରୁଦ୍ଧରେ ତାଙ୍କୁ ସମର୍ଥନ କରିବାକୁ କଥା ଦେଇ ଥିବାରୁ ଏହା ସମ୍ଭବ ହୋଇଥିଲା । ପରାଜୟ ପରେ କଂଗ୍ରେସ ପ୍ରତି ତାଙ୍କ ଆସକ୍ତି କମିଗଲା । କେତେ ସମୟ ପରେ ସେ କଂଗେସ ପାର୍ଟି ତ୍ୟାଗକରି କିଷାନ ମଜଦୂର ପ୍ରଜାପାର୍ଟି ଆରମ୍ଭ କଲେ ଏବଂ କଂଗ୍ରେସ ସୋସାଲିଷ୍ଟ ପାର୍ଟି ତା ସହିତ ମିଶି ପ୍ରଜା ସୋସାଲିଷ୍ଟ ପାର୍ଟି ତିଆରି ହେଲା । କୃପାଳନୀଜୀ ପରେ ଏ ଦଳ ପରିତ୍ୟାଗ କରିଥିଲେ । ୧୯୫୨ ରେ କଂଗ୍ରେସ ଦଳ ପ୍ରାର୍ଥୀ ବିରୁଦ୍ଧରେ ପାର୍ଲାମେଣ୍ଟ ପାଇଁ ପ୍ରତିଯୋଗିତା କରିଥିଲେ । କିନ୍ତୁ ଜିତିଲେ ନାହିଁ । ଶ୍ରୀମତୀ ସୁଚେତା ବେନ କୃପାଳନୀ ପରେ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିଲେ । ୧୯୫୨ରେ କୃପାଳନୀଜୀ କଂଗ୍ରେସ ଛାଡିବା ସତ୍ତ୍ୱେ କଂଗ୍ରେସ ବେଶ୍ ସଂଖ୍ୟାଧିକରେ ନିର୍ବାଚନରେ ଜିତିଥିଲେ । ଏଣୁ କୁହାଯାଇପାରେ ଯେ କଂ ଗ୍ରେସ ତ୍ୟାଗ କରିବା ଦ୍ୱାରା କଂଗ୍ରେସ ଦୁର୍ବଳ ହୋଇ ନଥିଲା । ଅନେକ ସମୟରେ କେତେକ କଂଗ୍ରେସ ନେତା କଂଗ୍ରେସ ପରିତ୍ୟାଗ କରି ବିପକ୍ଷ ଦଳରେ ଯୋଗ ଦେଇଥିଲେ । ଏହା ଦ୍ୱାରା କଂଗ୍ରେସକୁ ଲୋକମାନଙ୍କର ସମର୍ଥନ ବ୍ୟାଘାତ ହୋଇନଥିଲା ।

୧୯୫୦ରେ ଶ୍ରୀ ପୁରୁଷୋତ୍ତମ ଦାସ ଟଣ୍ଡନ ଅଧକ୍ଷ ନିର୍ବାଚିତ ହେବାପରେ ଜବାହରଲାଲଜୀ ଓ ତାଙ୍କ ମଧ୍ୟରେ ମତଭେଦ ବଢ଼ିବାକୁ ଲାଗିଲା । କାର୍ଯ୍ୟକାରୀ କମିଟିର ଅନେକ ସଭ୍ୟ କାମ କରିବାକୁ ଅସୁବିଧା ଅନୁଭବ କଲେ । ୧୯୫୧ ପର୍ଯ୍ୟନ୍ତ ମତଭେଦ ବଢ଼ି ସର୍ଦ୍ଦାର ସାହେବଙ୍କ ମୃତ୍ୟୁପରେ ଖରାପ ଆଡକୁ ଗତିକଲା । ୧୯୫୧ରେ କଂଗ୍ରେସର ବାଙ୍ଗାଲୋର ଅଧିବେଶନ ବେଳକୁ ଟଣ୍ଡନଜୀଙ୍କ ଅଧକ୍ଷ ଭାବେ କାମକରିବା ଅସମ୍ଭବ ହୋଇପଡିଲା ଓ ସେ ଇସ୍ତଫା ଦେବାକୁ ସ୍ଥିର କରିଥିଲେ । ସେ ସେପ୍ଟେମ୍ବରରେ ଇସ୍ତଫା ଦେଲେ ଓ ଜବାହରଲାଲଜୀ ଅକ୍ଟୋବରରେ ଦିଲ୍ଲୀରେ ନିର୍ବାଚିତ ହେଲେ । ୧୯୫୪ରେ ଧେବରଭାଇ ନିର୍ବାଚିତ ହେବା ପର୍ଯ୍ୟନ୍ତ ସେ ଅଧକ୍ଷ ଭାବେ କାମ କରୁଥିଲେ । ସେ ପର୍ଯ୍ୟନ୍ତ, ଜଣେ ବ୍ୟକ୍ତି ଉଭୟ କଂଗ୍ରେସ ପ୍ରେସିଡେଣ୍ଟ ଓ ପ୍ରଧାନମନ୍ତ୍ରୀ ହୋଇ ପାରିବ ନାହିଁ, ଏହି ନୀତି ଥିଲା । ଅନ୍ୟ ରାସ୍ତା ନଥିବାରୁ ଜବାହରଲାଲଜୀଙ୍କ ନିର୍ବାଚନ ଏକ ବ୍ୟତିକ୍ରମ ଥିଲା । ପରେ ଦେଖାଗଲା ଯେ ସଂସ୍ଥାର ମୁଖ୍ୟ ଓ ସରକାରଙ୍କ ମୁଖ୍ୟଙ୍କ ମଧ୍ୟରେ ସମ୍ପର୍କ ଅତ୍ୟନ୍ତ କଷ୍ଟସାଧ ଏବଂ ଅନେକ ବାଦ ବିବାଦର ମୂଳ କାରଣ ହୋଇଛି ।

Digitized by srujanika@gmail.com

(୩୭) ଜନାଭିମୁଖୀ ପ୍ରଶାସନ

ମୋର ବ୍ରିଟିଶ୍ ସରକାର ଅଧୀନରେ ଚାକିରିର ଅଭିଜ୍ଞତା, ଲୋକମାନଙ୍କ ନିକଟ ସମ୍ପର୍କରେ ଆସିବାବେଳେ ଓ ଜେଲରେ ଥିବାବେଳେ ମଣିଷର ପ୍ରକୃତି ବିଷୟରେ ଅଭିଜ୍ଞତା, ୧୯୩୭-୩୯ରେ ବମ୍ବେରେ ମନ୍ତ୍ରୀ ଭାବରେ ଥିବାବେଳର ଅଭିଜ୍ଞତା, ଏଇ ସମସ୍ତ ଅଭିଜ୍ଞତା ନେଇ ମୋର କାମ କରିବାର ଗୋଟିଏ ବିଶେଷ ପଦ୍ଧତି ତିଆରି ହୋଇଯାଇଥିଲା । ଲୋକମାନଙ୍କ ମଙ୍ଗଳ କିପରି ହେବ; ସରକାରୀ ଶାସନ କିପରି ଫଳପ୍ରଦ ଓ ନିଷ୍ପାପର ହେବ, ଏବଂ ଶାସନ ଓ ସମାଜରେ କିପରି ସଂସ୍କାର ଅଣାଯାଇ ପାରିବ, ଇତ୍ୟାଦି ବିଷୟରେ ମୁଁ ବହୁତ ଚିନ୍ତା କରିଛି ।

ସ୍ୱାଧୀନତା ପରେ ସରକାରଙ୍କ ଶାସନ ଲୋକ ପ୍ରତିନିଧିମାନଙ୍କ ହାତରେ ରହିଲା ଏବଂ ସାଧାରଣ ଲୋକ ତାର ଶାସକ ସହିତ ସାକ୍ଷାତ କରିବାକୁ ମନ ବଳାଇଲେ । ଅସୁବିଧାରେ ଥିବା ବ୍ୟକ୍ତିମାନେ ଆଶାକଲେ ଯେ ଲୋକପ୍ରିୟ ସରକାର ତାଙ୍କର କଷ୍ଟ ଦୂର କରିବ । ସେମାନେ ସ୍ୱଭାବତଃ ମନ୍ତ୍ରୀ ଓ ସରକାରୀ ଅଫିସରଙ୍କୁ ସାକ୍ଷାତ କରିବାକୁ ବ୍ୟଗ୍ର ଥିଲେ । ସରକାରୀ ଶାସନରେ କିନ୍ତୁ ବିଚିତ୍ର ପରିବର୍ତ୍ତନ ଦେଖାଗଲା । ଶାସନ ଦାୟିତ୍ୱରେ ଥିବା ବ୍ୟକ୍ତିମାନଙ୍କର ପରିବର୍ତ୍ତନ ହୋଇଥିବା ବେଳେ ଶାସନ କଳ ଆଗପରି ଅପରିବର୍ତ୍ତିତ ଥିଲା । ବ୍ରିଟିଶ ଶାସନ ଦାୟିତ୍ୱରେ ଥିବା ବ୍ୟକ୍ତିମାନେ ତିଆରି କରିଥିବା ପଦ୍ଧତି ତାଙ୍କରି ଶାସନ ପାଇଁ ଉପଯୁକ୍ତ ଥିଲା । କିନ୍ତୁ ସ୍ୱାଧୀନତା ପରେ ନୂଆ ଶାସନ ପାଇଁ ଏହା ଫଳପ୍ରଦ ହୋଇନଥିଲା । ସ୍ୱାଧୀନତା ପରେ ବେସାମରିକ ସେବାରୁ ବହୁ ଇଂରେଜୀ ଲୋକ ଅବସର ନେଇଗଲେ । ସ୍ୱାଧୀନ ଭାରତରେ କାମ କରିବାକୁ କେବଳ କେତେଜଣ ରହିଲେ । ଭାରତୀୟ ଅଫିସରମାନେ ପୁରୁଣା ଢ଼ଙ୍ଗରେ କାମ କରିବାକୁ ଅଭ୍ୟସ୍ତ ଥିଲେ । ଏମାନଙ୍କ ମଧ୍ୟରୁ ଅନେକ ଦକ୍ଷ କର୍ମଚାରୀ ସଫଳତାର ସହ କାମ କରିବାକୁ ବ୍ୟଗ୍ର ଥିଲେ କିନ୍ତୁ ଜନତାର ଦୃଷ୍ଟିକୋଣରୁ ସମସ୍ୟା ଦେଖୁନଥିଲେ । ଆଇନ ଓ ଶୃଙ୍ଖଳାକୁ ଆଗରେ ରଖି ସେହି ଦୃଷ୍ଟି କୋଣରୁ ଶାସନ କାମ କରୁଥିଲେ । ତେଣୁ ଲୋକମାନଙ୍କର କଷ୍ଟ ବା ଅସୁବିଧା ବୁଝିବାର କ୍ଷମତା ତାଙ୍କର ନଥିଲା । ଲୋକପ୍ରିୟ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ହେଲା ଲୋକମାନଙ୍କର କଷ୍ଟ ବୁଝି ତାକୁ ଦୂର କରିବା, ସ୍ୱାଧୀନତା ସଂଗ୍ରାମ ବେଳେ ଗ୍ରହଣ କରିଥିବା ଆଦର୍ଶ ଅନୁସାରେ ସମାଜ ଓ ଅର୍ଥନୈତିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା । ଶାସନ ବିରୋଧକୁ ଦମନ କରିବାରେ ସବୁ ବେସାମରିକ ସେବା କର୍ମଚାରୀମାନେ କିଛି ନା କିଛି ଅଂଶଗ୍ରହଣ କରିଥିଲେ । ଫଳରେ ସରକାରୀ ଅଫିସର ଓ ବେସରକାରୀ ଲୋକସେବକଙ୍କ ମଧ୍ୟରେ ଘୃଣା ଓ ସନ୍ଦେହ ଜାତ ହୋଇଥିଲା ।

ମୋ ମତରେ ପରିବର୍ତ୍ତିତ ପରିସ୍ଥିତିରେ ମନ୍ତ୍ରୀମାନଙ୍କର ଗୋଟିଏ କାମ ହେଲା ସରକାରୀ ଶାସନରେ ଏତାଦୃଶ ପୁରୁଣା ପ୍ରଥାରେ ପରିବର୍ତ୍ତନ ଆଣିବା, ଏକ ପକ୍ଷରେ ବେସରକାରୀ ଜନସେବକଙ୍କ ମନରେ ସରକାରୀ ଅଫିସରଙ୍କ ବିରୁଦ୍ଧରେ ଥିବା ସନ୍ଦେହ ଦୂର କରି ସେମାନଙ୍କ ସହଯୋଗରେ କାମ କରିବାକୁ ପ୍ରବର୍ତ୍ତାଇବା ଏବଂ ଅନ୍ୟ ପକ୍ଷରେ ସରକାରୀ ଅଫିସରଙ୍କର ଧାରଣା ବା କାମ କରିବା ନୀତି ପରିବର୍ତ୍ତନ କରାଇ ଲୋକସେବାଭିମୁଖୀ କରିବା । ମଣିଷ ପ୍ରକୃତିରେ ପରିବର୍ତ୍ତନ ଆଣିବା ଆବଶ୍ୟକ ପଡିଲା । କେବଳ ଆଇନ ପ୍ରଣୟନ ବା କାର୍ଯ୍ୟକାରୀ ଆଦେଶ ବଳରେ ଏଠି ପରିବର୍ତ୍ତନ ଆଣିବା ଅସମ୍ଭବ । ଅଭିଜ୍ଞତା ଦୃଷ୍ଟିରୁ, ପ୍ରକୃତ କର୍ମକ୍ଷେତ୍ରରେ ଅଫିସର ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଦ୍ୱାରା ହିଁ ଏହା ଫଳପ୍ରଦ ହେବ ।

ମୋ ସହିତ ସାକ୍ଷାତ କରିବାକୁ ଆସୁଥିବା ସମସ୍ତଙ୍କୁ ସାକ୍ଷାତ ଦେଇ ଧୈର୍ଯ୍ୟର ସହିତ ସେମାନଙ୍କୁ ଶୁଣୁଥିଲି । କେତେକ ବ୍ୟକ୍ତି ବହୁତ ସମୟ ଲମ୍ବା କଥା କହିବାକୁ ଇଚ୍ଛା କରୁଥିଲେ । ତାଙ୍କୁ ଲମ୍ବା ସମୟ ଦେଲେ

Digitized by srujanika@gmail.com

ସମସ୍ତଙ୍କୁ ଶୁଣିବା ଅସମ୍ଭବ ହୋଇପଡି ଥାଆନ୍ତା । ମୁଁ ତାଙ୍କୁ କୌଣସି ରକମର ଅପମାନିତ ନ କରି ମତେ ସଂକ୍ଷେପରେ କହିବା ପ୍ରଥା ଆରମ୍ଭ କଲି । ସାକ୍ଷାତକାରୀମାନେ ବୁଝିପାରି ସନ୍ତୋଷ ପ୍ରକାଶ କରୁଥିଲେ ।

କେତେଜଣ ଆଗରୁ ମୋ ସହିତ ସମୟ ସ୍ଥିର କରି ଆସୁଥିଲେ ଓ କେତେକ ସେମିତି ଆସୁଥିଲେ । ମୁଁ ସାବଧାନ ସହକାରେ ଆଗରୁ ନିର୍ଦ୍ଧାରିତ ସମୟାନୁସାରେ ସଂପୃକ୍ତ ପରିଦର୍ଶକଙ୍କୁ ଦେଖୁଥିଲି ଏବଂ ତା'ଭିତରେ ଯେଉଁ ସମୟ ମିଳୁଥିଲା ଅନ୍ୟମାନଙ୍କୁ ଦେଖୁଥିଲି । ମୁଁ ପରିଦର୍ଶକଙ୍କର ଅସୁବିଧା ଓ ମତ ବୁଝିବାକୁ ଚେଷ୍ଟା କରୁଥିଲି, ତାଙ୍କ ଅସୁବିଧା ଦୂର କରିବା ସମ୍ଭବ ହେଲେ ମୁଁ ସେଠାରେ ହିଁ ତାଙ୍କୁ କହି ଦେଉଥିଲି । ଯେଉଁ ଅନୁରୋଧ ରକ୍ଷା କରିବା ଅସମ୍ଭବ ହେଉଥିଲା ମୁଁ ସେମାନଙ୍କୁ ଯଥା ସମ୍ଭବ ବୁଝେଇ ଦେଉଥିଲି । ସେଭଳି ପରିସ୍ଥିତିରେ ମଧ୍ୟ ଯଦି ପରେ କୌଣସି କଥା ସମ୍ଭବ ହେଉଥିଲା, ମୁଁ କରୁଥିଲି । ଫଳରେ ମୋଠାରୁ 'ନାହିଁ' ଶୁଣିବା ପରେ ମଧ୍ୟ ଲୋକମାନଙ୍କର ବିଶ୍ୱାସ ହୋଉଥିଲା ଯେ ପରେ ସମ୍ଭବ ହେଲେ ତାଙ୍କ କାମ ହୋଇଯିବ । ଏହାଦ୍ୱାରା ସରକାରଙ୍କ ଉପରେ ଲୋକମାନଙ୍କର ଆସ୍ଥାର ଗୋଟିଏ ବାତାବରଣ ସୃଷ୍ଟି ହେଲା ।

ଫାଇଲରେ ଲମ୍ବା ନୋଟ ନଲେଖି କରି ମୋ ଦୃଷ୍ଟିକୋଣ ବୁଝାଇବା ଦରକାର ପଡୁଥିଲା । ଅଫିସରଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚନା ଦ୍ୱାରା କାର୍ଯ୍ୟ ତ୍ୱରାନ୍ୱିତ ହେଉଥିଲା । ମୋ ମନ୍ତ୍ରାଳୟର ସବୁ ଫାଇଲ ମୋ ପାଖକୁ ଆସିବା ପ୍ରଥା ଆରମ୍ଭ କଲି । ଦିନକୁ ଦେଢ଼ଶହରୁ ଦୁଇଶହ ନଥି ମୋ ପାଖକୁ ଆସୁଥିଲା । ମୁଁ ନିଜେ ସବୁ ଚିଠି ଦେଖୁଥିଲି ଏବଂ ବର୍ତ୍ତମାନ ମଧ୍ୟ ଦେଖୁଛି । ଦୀର୍ଘ ଶାସକୀୟ ଅଭିଜ୍ଞତା ଯୋଗୁ ମୁଁ ସବୁକାମ ଶୀଘ୍ର କରିପାରୁଥିଲି । ମୋ ନିର୍ଦ୍ଦେଶ ଓ ଆଲୋଚନାରୁ ଅଫିସରମାନେ ମୋ ଦୃଷ୍ଟିକୋଣ ବୁଝିନେଇଥିଲେ । ନିର୍ଦ୍ଦିଷ୍ଟ କାମ ପାଇଁ ଆସିଥିବା ପରିଦର୍ଶନକାରୀଙ୍କୁ ମୁଁ ସମ୍ପୃକ୍ତ ଅଫିସର ପାଖକୁ ପଠାଇ କାର୍ଯ୍ୟକରି ଶେଷରେ ମୋତେ ପରିଣାମ ଜଣାଇବାକୁ କହି ନୋଟ ଦେଉଥିଲି । ଅଫିସରମାନେ ଅନୁଭବ କଲେ ମୋ ଜରିଆ ନ ଦେଇ ସିଧା ଅଭିଯୋଗକାରୀଙ୍କୁ ଦେଖିବା ଶ୍ରେୟସ୍କର । ଏହା ଦ୍ୱାରା ମୋ ପାଖକୁ ଅଭିଯୋଗ ଇତ୍ୟାଦି ଆସିବା କମ୍ ହୋଇଗଲା । ଲୋକଙ୍କ କାମ ସିଧା ସେମାନେ କଲେ ମୁଁ ଖୁସି ହେବି ବୋଲି ଅଫିସରମାନଙ୍କୁ ବୁଝାଇ କହୁଥିଲି ।

ମୋ ମନ୍ତ୍ରୀତ୍ୱର ପ୍ରାରମ୍ଭରେ ମୋ ପାଖକୁ ସିଧା ଆସିଲେ ଦେଖିନେବେ ବୋଲି ଧମକ ଅଭିଯୋଗ କେତେକ ଅଫିସରଙ୍କ ବିରୁଦ୍ଧରେ ମୋ ପାଖକୁ ଆସିଥିଲା । ମୁଁ ଲୋକମାନଙ୍କୁ ମୋ ପାଖକୁ ନିର୍ଭୟରେ ଆସି କହିବାକୁ ଉତ୍ସାହିତ କରିଥିବାରୁ ମୋ ପାଖରେ ଏପରି ଅଭିଯୋଗ ଆସି ପହଞ୍ଚୁଥିଲା । ଅଫିସରଙ୍କ ବ୍ୟବହାରରେ ସଂଶୋଧନ ଅଣାଯାଇଥିଲା ।

ବ୍ୟକ୍ତିଗତ ଭାବେ ଗସ୍ତରେ ନଗଲେ ଲୋକମାନଙ୍କ ଅବସ୍ଥା ବୁଝି ହେବନାହିଁ ବୋଲି ମୁଁ ଯଥେଷ୍ଟ ସମୟ ଗସ୍ତରେ କଟାଉଥିଲି । ବମ୍ବେ ଆସି ମୋତେ ଜଣାଇବା ଲୋକମାନଙ୍କ ପକ୍ଷେ କଷ୍ଟ ଓ ବ୍ୟୟସାଧ୍ୟ । ତେଣୁ ମୋ ଗସ୍ତ ଦ୍ୱାରା ସେମାନେ ମୋତେ ତାଙ୍କ ଦୁଃଖ ବ୍ୟକ୍ତିଗତ ଭାବେ ଜଣାଇ ପାରିଲେ । ଏହା ଦ୍ୱାରା ଜିଲ୍ଲା ଶାସନରେ ଭଲ ଓ ମନ୍ଦ ବିଷୟ ମୁଁ ଜାଣି ପାରିଲି ଓ ଲୋକମାନଙ୍କ କଷ୍ଟ ଦୂର କରିପାରିଲି । ବର୍ଷକୁ ଅନ୍ତତ ଥରେ ପ୍ରତି ଜିଲ୍ଲାକୁ ଗସ୍ତରେ ଯାଉଥିଲି । ମୁଁ ଗସ୍ତରେ ଗଲେ ସଚିବାଳୟରୁ ନଥିପତ୍ର ମୋ ପାଖକୁ ପହଞ୍ଚାଇବାର ବନ୍ଦୋବସ୍ତ କରିଥିଲି ତେଣୁ କାମ ବାକି ପଡେ ନାହିଁ । ଦିନକରୁ ଅଧିକ ସମୟ ମୋ ଟେବୁଲ୍‌ରେ ନଥି ପଡିରହେ ନାହିଁ । ଅଫିସରମାନେ ମଧ୍ୟ ସାବଧାନ ହୋଇଯାଇଥିଲେ । ମୁଁ ଜିଲ୍ଲା ଅଫିସରେ ସପ୍ତାହରୁ ବେଶୀଦିନ ପଡିରହିଥିବା କାମର ସାପ୍ତାହିକ ଓ ପାକ୍ଷିକ ରିପୋର୍ଟ ପାଉଥିଲି । ଫଳରେ କାମ ଶୀଘ୍ର ହେଲା ଓ ଶାସନ ଓ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ସ୍ୱଚ୍ଛନ୍ଦ ହେଲା ।

Digitized by srujanika@gmail.com

ଆମେ ଦେଖୁଥିଲୁ ଯେ ଆମ ଗସ୍ତ ଖର୍ଚ୍ଚ ଖୁବ୍ କମ୍ ଯେପରି ହୁଏ, ଏବଂ ମୁଁ କମ୍ ଗସ୍ତ ଖର୍ଚ୍ଚ ନେଉଥିଲି । ବର୍ଷା କାଳରେ ପୂନାରେ ଅଫିସ ହେଉଥିବା ସମୟ ଛଡ଼ା ମୁଁ ଦୈନିକ ଭତ୍ତା ନେଉନଥିଲି । ମୋତେ ବମ୍ବେ ଓ ପୂନାରେ ଘର ଚଳାଇବାକୁ ପଡୁଥିବାରୁ ମୁଁ ଚାରିମାସ ପାଇଁ ଦୈନିକ ଭତ୍ତା ନେଉଥିଲି । ଗସ୍ତବେଳେ ଯାହା ଖର୍ଚ୍ଚ ହେଉଥିଲା ତାହାହିଁ ନେଉଥିଲି । ବର୍ଷ ବର୍ଷ ଧରି ମୁଁ ଦ୍ୱିତୀୟ ଶ୍ରେଣୀରେ ଯାତ୍ରାକରୁଥିଲି । ଯେତେବେଳେ ପ୍ରଥମ ଶ୍ରେଣୀ ସୁବିଧା ପୁରୁଣା ଦ୍ୱିତୀୟ ଶ୍ରେଣୀକୁ ଖସିଲା ମୁଁ ପ୍ରଥମ ଶ୍ରେଣୀରେ ଯାତ୍ରାକଲି । ମୁଁ ସରକାରୀ ପିଅନକୁ ଘରକାମରେ ଲଗାଉ ନଥିଲି । ଫଳରେ ଏ ସମ୍ବନ୍ଧୀୟ ଅପବ୍ୟବହାର ପୂରା ବନ୍ଦ କରିଦେଲି ।

ମୋ ସହକର୍ମୀ ମନ୍ତ୍ରୀ ଯେତେବେଳେ ମୋ ସାହାଯ୍ୟ ଚାହୁଁଥିଲେ ମୁଁ ଦେଉଥିଲି । ଆମେ ଗ୍ରହଣ କରିଥିବା ପ୍ରଥା ଓ ଉପରବର୍ଣ୍ଣିତ ପ୍ରଥା ଦ୍ୱାରା କାମ ଶୀଘ୍ର ହେଉଥିଲା । ପାଳିକରି ମଧ୍ୟାହ୍ନ ଭୋଜନ ପାଇଁ ପ୍ରତ୍ୟେକ ମନ୍ତ୍ରୀଙ୍କ ଘରେ ସପ୍ତାହରେ ଥରେ ଏକାଠି ହେଉଥିଲୁ । ଔପଚାରିକ ଭାବେ ମନ୍ତ୍ରୀପରିଷଦ ବୈଠକ ପୂର୍ବରୁ ଆମେ ଭେଟୁଥିଲୁ । ମଧ୍ୟାହ୍ନ ଭୋଜନ ପୂର୍ବରୁ ମନ୍ତ୍ରୀ ଓ ଉପମନ୍ତ୍ରୀ ମନ୍ତ୍ରୀପରିଷଦ କାର୍ଯ୍ୟସୂଚୀ ନିର୍ଭୟରେ ଆଲୋଚନା କରୁଥିଲେ । ଆମ ଆଲୋଚନା ଶେଷ ହୋଇଗଲେ ଆମମାନଙ୍କର ଧର୍ମପତ୍ନୀମାନେ ମଧ୍ୟାହ୍ନ ଭୋଜନରେ ଯୋଗ ଦେଉଥିଲେ । ଫଳରେ ମନ୍ତ୍ରୀପରିଷଦ ମିଟିଂ ତିରିଶ ଚାଳିଶ ମିନିଟ୍‌ରୁ ଅଧିକା ସମୟ ହେଉନଥିଲା । ଆମ ନିଷ୍ପତ୍ତି ନିରପକ୍ଷ ଭାବେ ନିଆଯାଉଥିଲା । କୌଣସି ଭୋଟ ନିଆଯାଉ ନଥିଲା । ସର୍ବସମ୍ମତ ନିଷ୍ପତ୍ତି ଉପରେ ଭଲ ଭାବରେ କାର୍ଯ୍ୟ କରାଯାଉଥିଲା । ସମସ୍ତେ ଆଲୋଚନାରେ ସନ୍ତୁଷ୍ଟ ଥିବାରୁ କୌଣସି କଥା ପଦାରେ ପଡୁନଥିଲା । କୌଣସି ମନ୍ତ୍ରୀ ଅନ୍ୟ ମନ୍ତ୍ରୀଙ୍କ କାମରେ ମୁଣ୍ଡ ପୁରାଉନଥିଲେ । ମନ୍ତ୍ରୀମାନଙ୍କ ମଧ୍ୟରେ ହାର୍ଦ୍ଦିକ ସମ୍ପର୍କ ଥିଲା ଏବଂ ପରସ୍ପର ପ୍ରତି ବିଶ୍ୱାସ ମଧ୍ୟ ଥିଲା । ସାପ୍ତାହିକ ମିଟିଂ ଫଳରେ ମନ୍ତ୍ରୀମାନଙ୍କ ପରିବାର ମଧ୍ୟରେ ସାନ୍ନିଧ୍ୟତା ଆସିଲା । ଆମେ ଔପଚାରିକ ବା ଅଣଔପଚାରିକ ଆଲୋଚନା ବେଳେ ମନ୍ତ୍ରୀ ଓ ଉପମନ୍ତ୍ରୀଙ୍କ ମଧ୍ୟରେ ପାର୍ଥକ୍ୟ ରଖୁନଥିଲୁ । ବିଧାନସଭା ବାଚସ୍ପତି ଓ କାଉନସିଲ ଚେୟାରମ୍ୟାନ ଆମ ସହିତ ସାପ୍ତାହିକ ମଧ୍ୟାହ୍ନ ଭୋଜନରେ ଯୋଗ ଦେଉଥିଲେ; ତା' ପୂର୍ବ ଆଲୋଚନାରେ ନୁହେଁ ।

ମନ୍ତ୍ରୀମାନଙ୍କ ମଧ୍ୟରେ ମତପାର୍ଥକ୍ୟ ହେଲେ ନଥିରେ ଲେଖିବା ଆଗରୁ ସେମାନେ ଏକାଠି ବସି ଆଲୋଚନା କରୁଥିଲେ । କୌଣସି ରାଜିନାମାରେ ନ ପହଞ୍ଚିଲେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଉଥିଲେ ଏବଂ ତାଙ୍କ ମତ ଗ୍ରହଣ କରୁଥିଲେ । ଫଳରେ ଉତ୍ତେଜନା ଓ ବିବାଦର ସମ୍ଭାବନା ଦୂର ହୋଇଯାଉଥିଲା ।

ମୁଁ ଅଫିସର ମାନଙ୍କୁ ବିନା ଦ୍ୱିଧା ଓ ନିର୍ଭୟରେ ମତ ଦେବାକୁ ଉତ୍ସାହିତ କରୁଥିଲି । କୌଣସି ଅଫିସର ବା ସଚିବଙ୍କୁ ମୋ ସହିତ ଏକମତ ନ ହେଲେ ମଧ୍ୟ ନଥିରେ ନିଜ ମତ ଛଡ଼ା ଅନ୍ୟକଥା ଲେଖିବାକୁ କେବେହେଲେ କହୁନଥିଲି । ମୁଁ ଅଫିସରଙ୍କ ସହିତ ଏକମତ ନ ହେଲେ, କାରଣ ସହ ମୋ ମତ ଲେଖୁଥିଲି । ଆମେ ସମ୍ପୃକ୍ତ ଅଫିସରମାନଙ୍କର ସ୍ୱାଧୀନତା ଓ ପ୍ରଥମ-ପଦକ୍ଷେପ-ନେତୃତ୍ୱରେ ଆଘାତ ଦେଉନଥିଲୁ । ତେଣୁ ସେମାନେ ନିଜର ନିଷ୍ପାପର ଓ ନିରପକ୍ଷ ବିଚାର ଦେଉଥିଲେ । ମୁଁ ଅଫିସରମାନଙ୍କ ସହିତ ଏକା ବା ସାମୂହିକ ଭାବେ ବିଶେଷ ପ୍ରଶ୍ନସବୁ ଆଲୋଚନା କରି ସେମାନଙ୍କ ବିଭିନ୍ନ ବିଚାର ବିଚାରକୁ ନେଇ ନିଷ୍ପତ୍ତି ନେଉଥିଲି । ମୁଁ ଯଦି କୌଣସି ଅଫିସରଙ୍କୁ ମୋ ବିଚାର ଧାରାରେ ଏକମତ କରାଇ ପାରୁନଥିଲି, ଅଫିସର ଜଣକ ନିଜମତରେ କାମ କରିବାକୁ ସୁଯୋଗ ଦେଇ ତଦନୁସାରେ ଆଦେଶ ଦେବାକୁ ଅନୁମତି ଦେଉଥିଲି । ବାସ୍ତବ ଅଭିଜ୍ଞତାରେ ସେ ମୋ ବିଚାରଧାରାକୁ ନର୍ଭୁଲ ଦେଖିଲେ ମୋ ବିଚାରକୁ ଗ୍ରହଣ କରୁଥିଲେ । ସେଇପରି ଅଭିଜ୍ଞତା ଦୃଷ୍ଟିରୁ ମୋ ବିଚାର ଭୁଲ ଜଣା ପଡିଲେ, ମୁଁ ଅକୁଣ୍ଠିତ ଭାବେ ମୋର ଭୁଲ ମାନୁଥିଲି ।

ଆମେ ଗୋଟିଏ ବ୍ୟବସ୍ଥା କରିଥିଲୁ ଯେଉଁଥିରେ ପ୍ରତି ମନ୍ତ୍ରୀଙ୍କୁ ଦୁଇଟି ଜିଲ୍ଲା ବଣ୍ଟାଯାଇଥିଲା । ସେ ଦୁଇଟି ଜିଲ୍ଲାର ଲୋକମାନଙ୍କ ସହିତ ସମ୍ପର୍କ ରଖି ସମସ୍ତ ଖବର, ବିବାଦ, ଅଭିଯୋଗ ଇତ୍ୟାଦି ବୁଝୁଥିଲେ ।

Digitized by srujanika@gmail.com

ଜଣେ ମନ୍ତ୍ରୀ ଜିଲାକୁ ଗସ୍ତରେ ଗଲେ ସେ ସମସ୍ତ ବିଭାଗର ଅଭାବ ଅସୁବିଧା ଶୁଣି ସମ୍ପୃକ୍ତ ମନ୍ତ୍ରୀଙ୍କୁ ଜଣାଇ ଦେଉଥିଲେ । ଫଳରେ ଜନସାଧାରଣଙ୍କ ଦୁଃଖ, ଅଭିଯୋଗ ଯଥାଶୀଘ୍ର ଦୂର ହେଉଥିଲା । ଏହା ଦ୍ୱାରା ଜଣେ ମନ୍ତ୍ରୀ ଅନ୍ୟ ମନ୍ତ୍ରୀଙ୍କ କାମ ଜାଣିପାରୁଥିଲେ ଓ ଫଳରେ ବିଭିନ୍ନ ସମସ୍ୟା ଉପରେ ଆମମାନଙ୍କର ବିଚାର, ଆଲୋଚନା ଖୁବ୍ ଫଳପ୍ରଦ ହେଉଥିଲା ।

୧୯୪୭ ଅଗଷ୍ଟ ୧୫ରୁ ଗଭର୍ଣ୍ଣର କେବଳ ସାମ୍ବିଧାନିକ ମୁଖ୍ୟ ହୋଇ ରହିଲେ । ଆମେ ଅଫିସ କାମରେ ଆଉ ତାଙ୍କ ପରାମର୍ଶ ନେଉନଥିଲୁ । ମନ୍ତ୍ରୀମାନେ ପ୍ରାୟ ପ୍ରତି ସପ୍ତାହରେ ତାଙ୍କୁ ସାକ୍ଷାତ କରି ପରିସ୍ଥିତି ଓ ସରକାରଙ୍କ ସମସ୍ୟାଦି ବିଷୟ ତାଙ୍କୁ ଜଣାଉଥିଲେ । ତାଙ୍କ ଉପାଦେୟ ଉପଦେଶ ଆମେ ଗ୍ରହଣ କରୁଥିଲୁ ଓ ଉପକୃତ ହେଉଥିଲୁ ମଧ୍ୟ । ଏହାଦ୍ୱାରା ଆମ ସମ୍ପର୍କ ମର୍ଯ୍ୟାଦାପୂର୍ଣ୍ଣ ହୋଇଥିଲା ।

ବ୍ରିଟିଶ ଶାସନ ସମୟରେ ସରକାରୀ ଅଫିସରମାନେ ପୂରା ସମୟ ପାଇଁ ଅଫିସରରେ ରହୁନଥିଲେ ଓ ଅପରାହ୍ନ ଚାରିଟା ପରେ ସେମାନଙ୍କୁ ଅଫିସରେ ଦେଖିବା ପ୍ରାୟ ଅସମ୍ଭବ ହେଉଥିଲା । ଲୋକପ୍ରିୟ ସରକାର ଆସିବା ପରେ ମନ୍ତ୍ରୀମାନେ ସକାଳ ଏଗାରଟା ଠାରୁ ସଂଧ୍ୟା ପାଞ୍ଚଟା ଛ'ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ରହୁଥିଲେ । ତେଣୁ ଅଫିସରମାନେ ସାଢ଼େଛ'ରୁ ସାତଟା ପର୍ଯ୍ୟନ୍ତ ଅଫିସରେ ରହୁଥିଲେ । ସେମାନେ ଘରକୁ କାମ ନେଉଥିଲେ । ଉଚ୍ଚପଦସ୍ଥ କର୍ମଚାରୀମାନେ ଆନ୍ତରିକତା ସହକାରେ କାମ କରୁଥିଲେ । ବଯେରେ ମନ୍ତ୍ରୀ ପଦରେ ଥିବା ଦଶ ବର୍ଷ ମଧ୍ୟରେ କୌଣସି ଅଫିସରଙ୍କର ଅନୁପଯୁକ୍ତ ବା ଭୁଲ ବ୍ୟବହାର ସମ୍ବନ୍ଧରେ ଅଭିଯୋଗ ପାଇ ନଥିଲି । ମନ୍ତ୍ରୀମାନଙ୍କୁ ଫର୍ଣ୍ଣିଚର ସମେତ ଘର ଓ ଗୋଟିଏ କାର ମିଳୁଥିଲା । ସେମାନଙ୍କୁ ମାସକୁ ଦୁଇଶହ ଟଙ୍କା ଗସ୍ତଖର୍ଚ୍ଚ, ଗାଡିରେ ଛୋଟ ମୋଟ ମରାମତି ଓ ତେଲ, ଇତ୍ୟାଦି ଖର୍ଚ୍ଚ ଦିଆଯାଉଥିଲା । ମନ୍ତ୍ରୀମାନଙ୍କ ଘରେ ଫର୍ଣ୍ଣିଚର ପାଇଁ ନଅ ହଜାର ଟଙ୍କା ନିର୍ଦ୍ଧାରିତ କରାଯାଇ ଥିଲା । ଘରମାନଙ୍କରେ ସାଧାରଣ ଫର୍ଣ୍ଣିଚର ଥଲା । ୧୯୪୬ରୁ ୧୯୫୬ ପର୍ଯ୍ୟନ୍ତ ଦଶବର୍ଷରେ ମାମୁଲି ମରାମତି ବାବଦକୁ ଖର୍ଚ୍ଚ କରିଥିଲୁ । ମୁଁ ରହୁଥିବା ବଡ ଘରେ ବିରାଟ ଖାଇବା ଓ ବସିବା ଘରଥିଲା ଏବଂ ଫର୍ଣ୍ଣିଚର ନଅହଜାର ଟଙ୍କା ମଧ୍ୟରେ ଥିବାରୁ ଏହା ସ୍ୱଭାବତଃ ଅତି ସାଧାରଣ ଧରଣର ଥିଲା ।

Digitized by srujanika@gmail.com

(୩୮) ଭାରତୀୟ ଗଣତାନ୍ତ୍ରିକ ସମ୍ବିଧାନ

୧୯୪୯ ଶେଷ ଭାଗରେ ସମ୍ବିଧାନ ପ୍ରଣୟନ ପରିଷଦ ଦ୍ୱାରା ଭାରତର ନୂଆ ସମ୍ବିଧାନ ଗ୍ରହଣ କରାଯାଇଥିଲା । ସମ୍ବିଧାନ ପରିଷଦର ସମସ୍ତ ସଭ୍ୟ ସମ୍ବିଧାନରେ ହସ୍ତାକ୍ଷର କରିଥିଲେ । ୧୯୫୦ ଜାନୁଆରୀ ୨୬ରୁ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସ୍ଥିର କରାଗଲା । ରାଜେନ୍ଦ୍ରବାବୁ ପ୍ରଥମ ରାଷ୍ଟ୍ରପତି ହେଲେ । ଲର୍ଡ ମାଉଣ୍ଟବ୍ୟାଟେନଙ୍କ ଅବସର ପରେ ଭାରତ ସ୍ୱାଧୀନ ହେବା ଦିନଠାରୁ ନୂଆ ସମ୍ବିଧାନ ଗ୍ରହଣ ପର୍ଯ୍ୟନ୍ତ ମଧ୍ୟବର୍ତ୍ତୀ ସମୟରେ ରାଜାଜୀ ପ୍ରଥମ ଭାରତୀୟ ଗଭର୍ଣ୍ଣର ଜେନେରାଲ ହୋଇଥିଲେ । ରାଜାଜୀ ପ୍ରଥମ ରାଷ୍ଟ୍ରପତି ହେବା ପାଇଁ ଶ୍ରୀ ଜବାହରଲାଲ ନେହେରୁ ଇଚ୍ଛା କରିଥିଲେ । ନୂଆ ସମ୍ବିଧାନରେ ଗଭର୍ଣ୍ଣର ଜେନେରାଲ ପଦବୀ ଉଠିଯାଇ ରାଷ୍ଟ୍ରର ମୁଖ୍ୟଙ୍କୁ ରାଷ୍ଟ୍ରପତି କୁହାଗଲା । ପାର୍ଲାମେଣ୍ଟର ସଂଖ୍ୟାଧିକ ସଭ୍ୟ ରାଜେନ୍ଦ୍ରବାବୁଙ୍କୁ ରାଷ୍ଟ୍ରପତି କରିବା ସପକ୍ଷରେ ଥିଲେ । ଶ୍ରୀ ନେହେରୁ ଶେଷରେ ସଂଖ୍ୟାଧିକ ନିର୍ଣ୍ଣୟ ଗ୍ରହଣ କଲେ ଏବଂ ରାଜେନ୍ଦ୍ର ବାବୁ ଭାରତର ପ୍ରଥମ ରାଷ୍ଟ୍ରପତି ହେଲେ ।

ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହେବାପରେ ମଧ୍ୟ ବ୍ରିଟିଶ୍ କମନ୍ ୱେଲ୍‌ଥ୍ ଅଫ୍ ନେଶନ୍ସରେ ଥିଲା । ସ୍ୱାଧୀନତା ପୂର୍ବରୁ ଶ୍ରୀ ଜବାହରଲାଲ ନେହେରୁ ବ୍ରିଟିଶ୍ ରାଷ୍ଟ୍ରମଣ୍ଡଳରର ତୀବ୍ର ବିରୋଧ କରୁଥିଲେ କିନ୍ତୁ ୧୯୪୭ରେ ଦେଶର ଅବସ୍ଥା ଓ ପରିସ୍ଥିତିକୁ ବିଚାର କରି ସେ ରାଷ୍ଟ୍ରମଣ୍ଡଳରେ ରହିବାକୁ ସ୍ଥିରକଲେ । ଅଧିକାଂଶ ଭାରତୀୟଙ୍କର ସେଇ ମତ ଥିଲା ।

କୌଣସି ବ୍ୟକ୍ତି ପ୍ରତି ଅନ୍ୟାୟ ନ ହେବା ପାଇଁ ସମ୍ବିଧାନରେ ଏତେ ସାବଧାନତା ଅବଲମ୍ବନ କରାଯାଇଥିଲା ଯେ ସରକାର ଚଳାଇବା ବେଳେ ବେଳେ କଷ୍ଟ ହେଉଥିଲା । ସମ୍ବିଧାନ ପ୍ରଣୟନ କରୁଥିବା ସଭ୍ୟମାନଙ୍କ ବ୍ରିଟିଶ ସରକାରଙ୍କ ଅଧୀନରେ ଅଭିଜ୍ଞତା ଓ ବ୍ରିଟିଶ ସରକାରଙ୍କ ନୀତି, ସମସ୍ତ ପ୍ରକାର ସରକାର, ଏପରିକି ଲୋକପ୍ରିୟ ସରକାରଙ୍କ ବିରୁଦ୍ଧରେ ସନ୍ଦେହ ସୃଷ୍ଟି କରିଥିଲା । ତେଣୁ ସରକାର ବିରୁଦ୍ଧରେ ଲୋକମାନଙ୍କୁ ସମସ୍ତ ପ୍ରକାର ସୁରକ୍ଷା ଦେବା ଅତ୍ୟନ୍ତ ଆବଶ୍ୟକ ବୋଲି ସେମାନେ ଅନୁଭବ କରିଥିଲେ । ନାଗରିକମାନଙ୍କ ସାମ୍ବିଧାନିକ ଅଧିକାର ଯୋଗୁଁ ଅନେକ ମକଦ୍ଦମା ବିଶେଷତଃ ହାଇକୋର୍ଟ ଓ ସୁପ୍ରିମକୋର୍ଟକୁ ଗଲା । ଆଇନଜୀବିମାନଙ୍କ ପାଇଁ ଏହା ନିଶ୍ଚୟ ଭଲ କିନ୍ତୁ ଏହାଦ୍ୱାରା କେତେଦୂର ଦେଶ ଓ ସରକାର ଦୃଢ଼ୀଭୂତ ହୋଇଛନ୍ତି ମୁଁ ଜାଣେନାହିଁ । ମୁଁ ଅଧିକାଂଶ ସମୟରେ ଭାବେ ସମ୍ବିଧାନରେ ଏସବୁ ବ୍ୟବସ୍ଥା ଦ୍ୱାରା ଦେଶ ଦୁର୍ବଳ ହୋଇପଡିଛି । ଗଣତନ୍ତ୍ରରେ ବିଚାର ବିଭାଗ ସ୍ୱତନ୍ତ୍ର ରହିବା ଅତ୍ୟାବଶ୍ୟକ । ଏହି କାରଣ ଯୋଗୁ ବିଚାର ବିଭାଗର କ୍ଷମତା କମାଇବା ପାଇଁ ଲୋକମାନେ ରାଜି ହେବେନାହିଁ । ଏ ଦିଗରେ ସମ୍ବିଧାନରେ ପରିବର୍ତ୍ତନ ଆଣିବା ସମ୍ଭବ ନୁହେଁ ବୋଲି ମୁଁ ମତ ପୋଷଣ କରେ ।

ଆମ ସମ୍ବିଧାନ ବିଶଦୀକୃତ । ରାଜ୍ୟ ଓ କେନ୍ଦ୍ର ବ୍ୟବସ୍ଥାପକ ଦ୍ୱାରା ଗୃହୀତ ଆଇନ ଅନେକ ସମୟରେ ପ୍ରତିଦ୍ୱନ୍ଦିତାର ସମ୍ମୁଖୀନ ହୋଇଛି । ୟୁନାଇଟେଡ୍ କିଙ୍ଗଡ଼ମ୍‌ର ଲିଖିତ ସମ୍ବିଧାନ ନାହିଁ, ଏହା ପ୍ରଥା ସମ୍ମତ ଆଚରଣ ଉପରେ ଆଧାରିତ । କୌଣସି କୋର୍ଟ ବ୍ରିଟିଶ ହାଉସ ଅଫ କମନ୍ସ ବା ପାର୍ଲାମେଣ୍ଟର ନିଷ୍ପତ୍ତିର ବିରୋଧାଚରଣ କରିପାରେ ନାହିଁ । ଆମର ବିଶଦୀକୃତ ଲିଖିତ ସମ୍ବିଧାନ ଥିବାରୁ ଆମ କଥା ଅଲଗା । ଏହାର ଉଭୟ ସୁବିଧା ଓ ଅସୁବିଧା ଅଛି । ତେଣୁ ସୁବିଧାକୁ ରଖି ଅସୁବିଧା କମାଇବା ଆମର ଉଚିତ ହେବ ।

ସୋସାଲିଷ୍ଟ୍ ଷ୍ଟେଟ ଅଫ୍ ସୋସାଇଟି ପାଇଁ ଏବଂ ମୌଳିକ ଅଧିକାର ସୁରକ୍ଷା ପାଇଁ ବହୁତ ବ୍ୟବସ୍ଥା କରାଯାଇଛି । ସମ୍ବିଧାନରେ ଉଲ୍ଲିଖିତ ଅନେକ ଡାଇରେକ୍ଟିଭ୍ ପ୍ରିନ୍ସିପ୍ଲସ୍ ଅଫ୍ ଷ୍ଟେଟ୍ ପଲିସି କାର୍ଯ୍ୟରେ ପରିଣତ କରିବା ସମ୍ଭବ ହୋଇନାହିଁ । ସେ ସବୁକୁ କାର୍ଯ୍ୟକାରୀ କରିବାକୁ ସର୍ବାଧିକ ପ୍ରୟାସ କରାଯିବା ଉଚିତ । ରାଜନୈତିକ

Digitized by srujanika@gmail.com

ନେତାମାନେ ଆବଶ୍ୟକୀୟ ପଦକ୍ଷେପ ନେଲେ ଏହା କରାଯାଇ ପାରିବ । ଏହା କେବେ ସଫଳ ହେବ କହିବା କଷ୍ଟକର ।

ନିଶା ନିବାରଣ ପାଇଁ ସମ୍ବିଧାନରେ ପରିଷ୍କାର ନିର୍ଦ୍ଦେଶ ଅଛି । ଏହା ସବୁ ରାଜ୍ୟ ପାଇଁ ପ୍ରଯୁଜ୍ୟ ହୋଇଥିଲେ ମଧ୍ୟ କେତେକ ରାଜ୍ୟ ଏହାକୁ କାର୍ଯ୍ୟରେ ପରିଣତ କରିବାକୁ ବ୍ୟଗ୍ରତା ଦେଖାଉନାହାନ୍ତି । ଯଦି ଅଧିକାଂଶ ଜନତା ନିଶା ନିଷେଧରେ ବିଶ୍ୱାସ ନ କରନ୍ତି ତେବେ ସମ୍ବିଧାନରୁ ଏହାକୁ ଉଠାଇ ଦେବା ଉଚିତ ହେବ । କିନ୍ତୁ ମୋ ମତରେ ନିଶା ନିବାରଣ ବିରୋଧିମାନଙ୍କର ସମ୍ବିଧାନରେ ପରିବର୍ତ୍ତନ ଆଣିବାକୁ ସାହସ ବା ଶକ୍ତି ନାହିଁ । ମୋର ବିଶ୍ୱାସ ଏ ଦେଶର ଅଧିକାଂଶ ଲୋକ ନିଶା ନିବାରଣ ସପକ୍ଷରେ ଅଛନ୍ତି । ମୁଁ ତେଣୁ ସମସ୍ତଙ୍କ ଆଗରେ କହିଆସୁଛି ଯେ ଏ ସମ୍ପର୍କରେ ଜନମତ ନିଆଯାଉ, ସୁତରାଂ ଆନୁଷ୍ଠାନିକ ଭାବେ ସଂଖ୍ୟାଧିକ ଲୋକମାନଙ୍କର ମତ ଜଣାପଡିବ । ଅଧିକାଂଶ ବ୍ୟକ୍ତି ନିଶା ନିବାରଣ ସପକ୍ଷରେ ମତ ଦେଲେ ସମ୍ବିଧାନରେ ପରିବର୍ତ୍ତନ ଆଣିବା ସହଜ ହେବ । ଯଦି ବହୁମତ ନିଶା ନିବାରଣ ସପକ୍ଷରେ ଆସେ ତେବେ ରାଜ୍ୟମାନେ ଆବଶ୍ୟକୀୟ ଆଇନ ପ୍ରଣୟନ କରିବାକୁ ବାଧ୍ୟ ହେବେ । ଏଇ କେବଳ ଗୋଟିଏ ରାସ୍ତା ଯଦ୍ୱାରା ବର୍ତ୍ତମାନର ଅନିଶ୍ଚିତ ପରିସ୍ଥିତିରେ ପରିବର୍ତ୍ତନ ହୋଇପାରିବ ।

୧୯୪୮-୪୯ରେ ବମ୍ବେରେ ସର୍ବୋଦୟ ଯୋଜନା ଆରମ୍ଭ କରିଥିଲୁ । ଯୋଜନାନୁଯାୟୀ ପ୍ରତ୍ୟେକ ଜିଲାରେ ସର୍ବୋଦୟ କେନ୍ଦ୍ର ଖୋଲିଲୁ ଏବଂ ପ୍ରତ୍ୟେକ କେନ୍ଦ୍ର ଅଧୀନରେ ଚାଳିଶ ପଚାଶ ଗାଁ ଥିଲା । ଉଦ୍ଦେଶ୍ୟ ଥିଲା ଯେ ଗାନ୍ଧିଜୀଙ୍କ ନୀତି ଅନୁସାରେ ଏଇ ଅଞ୍ଚଳର ଉନ୍ନତି ସାଧନ କରିବା । ପ୍ରତ୍ୟେକ ସର୍ବୋଦୟ ୟୁନିଟରେ ଜଣେ ଲେଖାଏଁ ନିର୍ଦ୍ଦେଶକ ନିଯୁକ୍ତ ହେଲେ । ସେମାନଙ୍କୁ ସଞ୍ଚାଳକ କୁହାଯାଉଥିଲା । ଯେଉଁ ଜନସେବକମାନଙ୍କର ଗଠନ ମୂଳକ କାର୍ଯ୍ୟରେ ଅଭିଜ୍ଞତା ଥିଲା ଓ ସେମାନେ ଗାନ୍ଧିଜୀଙ୍କ ଆଦର୍ଶରେ ବିଶ୍ୱାସ କରୁଥିଲେ, ସେଇମାନଙ୍କୁ ହିଁ ସଞ୍ଚାଳକଭାବେ ମନୋନୀତ କରାଯାଉଥିଲା । ପ୍ରତ୍ୟେକଙ୍କର ଉପଦେଷ୍ଟା ମଣ୍ଡଳୀ ନିଯୁକ୍ତ ହୋଇଥିଲା । ଶ୍ରୀ ବାଲାସାହେବ ଖେର, ଶ୍ରୀ ବୈକୁଣ୍ଠଲାଲ ମେହେଟା ଏବଂ ମୁଁ ଏ କାମରେ ଜଡିତ ଥିଲୁ । ପ୍ରତ୍ୟେକ କେନ୍ଦ୍ର ପାଇଁ ପ୍ରାଦେଶିକ ସରକାର ବର୍ଷକୁ ପଚିଶ ହଜାରରୁ ପଚାଶ ହଜାର ଟଙ୍କା ଖର୍ଚ୍ଚ କରୁଥିଲେ । ଲୋକଙ୍କ ମଧ୍ୟରେ ସଚେତନତା ଜାଗ୍ରତ ହେଲା ଏବଂ ଅନେକ କ୍ଷେତ୍ରରେ ଗ୍ରାମ୍ୟଶିଳ୍ପ ଏବଂ କୃଷିରେ ଉନ୍ନତି ଲାଭ ହୋଇ ପାରିଲା ।

୧୯୫୦ ଆରମ୍ଭରେ ମହାଗୁଜରାଟ ସୁଟିଙ୍ଗ୍ ଚାମ୍ପିୟନ୍‌ଶିପ୍ ପାଇଁ ଅହମଦାବାଦରେ ଗୋଟିଏ ସଭା ବସି ଥିଲା । ମୁଁ ଏହାର ଅଧ୍ୟକ୍ଷ ଭାବେ ଏଇ ଖେଳର ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲି । ମୁଁ ଅହିଂସାରେ ବିଶ୍ୱାସ କରୁଥିବାରୁ ଏ ଖେଳକୁ କିପରି ଉତ୍ସାହିତ କରୁଛି ବୋଲି ମୋତେ ଲୋକେ ପଚାରିଥିଲେ । ପୁଣି ପଚାରିଥିଲେ ଯେ ପୁଲିସର ଗୁଳିଚାଳନା ଓ ଅହିଂସାର ସମନ୍ୱୟ କିପରି ହୋଇପାରେ । ଏ ପ୍ରଶ୍ନଗୁଡିକ ଗୁରୁତର ପ୍ରଶ୍ନ ଅଟେ । ମୁଁ ପ୍ରଶ୍ନକାରୀମାନଙ୍କ ସହିତ ଆଲୋଚନା କରି ମୋ ବିଚାର ବୁଝାଇଥିଲି ।

ସତ୍ୟର ଅନ୍ୱେଷଣରେ ଥିବା ବ୍ୟକ୍ତି ଅହିଂସା ପଥରେ ନ ଚାଲିଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ ନାହିଁ, କିନ୍ତୁ ହିଂସା ଓ ଅହିଂସା ମଣିଷର ପ୍ରକୃତିଗତ ଅଟେ । ହିଂସା ପୂର୍ଣ୍ଣଭାବରେ ପୃଥିବୀ ପୃଷ୍ଠରୁ ଚାଲିଯିବ ବୋଲି ମୁଁ ବିଶ୍ୱାସ କରେନାହିଁ । ଆମେ ଯଦି ହିଂସାତ୍ମକ କର୍ମ ବା ବ୍ୟବହାର ବନ୍ଦ ନ କରୁ ଏବଂ ସବୁ କାମକୁ ହିଂସାତ୍ମକ ଭାବରେ କରୁ ତେବେ ସଂସାରରେ ହିଂସା ବଢ଼ିବ । ଖୁବ କମ୍‌ଲୋକ ସତ୍ ବାଟରେ ଯିବେ । ସମସ୍ତେ ସତ୍ୟକୁ ଆଗ୍ରହ କରନ୍ତି ଏବଂ ଅସତ୍ୟକୁ ସୁରକ୍ଷା ଦିଅନ୍ତି ନାହିଁ । ଆମେ ସତ୍ୟର ଆବଶ୍ୟକତା ପ୍ରଚାର ନ କଲେ ଅସତ୍ୟର ବାତାବରଣ ଚାରିଆଡେ ଖେଳିଯିବ । ପ୍ରତ୍ୟେକ ବ୍ୟକ୍ତି ତେଣୁ ନିଜର ବ୍ୟବହାରରେ ଏବଂ ସମାଜରେ ସତ୍ୟ ଆଚରଣ କରିବା ଅତ୍ୟନ୍ତ ଆବଶ୍ୟକ ।

Digitized by srujanika@gmail.com

ସେଇପରି ସାରା ସମାଜରେ ଅହିଂସା ଗୃହୀତ ନ ହେଲେ ମଧ୍ୟ ଯେଉଁମାନେ ଅହିଂସାରେ ବିଶ୍ୱାସ କରନ୍ତି ସେମାନେ ସର୍ବଦା ସତର୍କ ରହି, ଅହିଂସା ମାର୍ଗରେ ଯାଇ, ସମସ୍ତ ସମସ୍ୟା ସମାଧାନ କରିବା ଉଚିତ । ଏହା ନ ହେଲେ ହିଂସାର ବାତାବରଣ ଚାରିଆଡେ ମାଡିଯିବ ଏବଂ ଶେଷରେ ମଣିଷ ସମାଜ ଧ୍ୱଂସ ହେବ । ମୁଁ ଅହିଂସାରେ ବିଶ୍ୱାସ କରେ । ମତେ କେହି ହିଂସାତ୍ମକ ଭାବେ ଆକ୍ରମଣ କଲେ ମୁଁ ହିଂସାତ୍ମକ ପନ୍ଥାରେ ନିଜକୁ ରକ୍ଷା କରିବି ନାହିଁ । ମୋ ଉପରେ ଯେକୌଣସି ହିଂସାତ୍ମକ ଆକ୍ରମଣକୁ ଅହିଂସା ରାସ୍ତାରେ ବାଧା ଦେବାକୁ ମୁଁ ବଦ୍ଧପରିକର । ସେପରି ଦୁର୍ଯୋଗ ଆସିଲେ ମୁଁ କିନ୍ତୁ ପୂରାପୂରି ଭାବେ ଅହିଂସା ରହିବାକୁ ଦାବି କରିପାରିବି ନାହିଁ । ମଣିଷର ବିଶ୍ୱାସ ଏବଂ ନିଷ୍ଠା, ଅବସ୍ଥା ଆସିଲେ ଜଣାପଡେ । ଦୁର୍ଯୋଗ ପରିସ୍ଥିତି ସଫଳତାର ସହ ସମ୍ମୁଖୀନ ହୋଇପାରିଲେ କୁହାଯାଇ ପାରିବ ଯେ ସେ ନିଜର ବିଶ୍ୱାସ ଓ ଆସ୍ଥା ଉପରେ କାମ କରିଛି ।

ଭୁଲ କାମ କରିଥିବା ଲୋକମାନଙ୍କୁ ଦଣ୍ଡ ନ ଦେଇ ସରକାର ରହିପାରିବେ ନାହିଁ । ଦଣ୍ଡ ବିଧାନ ଉପରେ ସରକାର ଚାଲେ, ତେଣୁ ଏହା ପ୍ରକୃତରେ ଅହିଂସାତ୍ମକ ହୋଇପାରିବ ନାହିଁ । କିନ୍ତୁ ଶାସକମାନେ ଯଦି ଅହିଂସାରେ ବିଶ୍ୱାସ ନ କରି ହିଂସାରେ ବିଶ୍ୱାସ କରନ୍ତି ତେବେ ହିଂସା ସରକାରକୁ ପ୍ରଭାବିତ କରିବ ଏବଂ ସମାଜ ମଧ୍ୟ ପ୍ରଭାବିତ ହେବ । ଅନ୍ୟପକ୍ଷରେ, ଯଦି ଶାସକମାନେ ଅହିଂସାରେ ବିଶ୍ୱାସ କରନ୍ତି ତେବେ ସମାଜରେ ହିଂସାର ପ୍ରଭାବ କମିବ । ଯଦି କିଛିଲୋକ ନିଜର ଦୁଷ୍କର୍ମ ଦ୍ୱାରା ସମାଜକୁ ପ୍ରଭାବିତ କରିବାକୁ ଚେଷ୍ଟା କରନ୍ତି ତେବେ ସରକାରଙ୍କର କର୍ତ୍ତବ୍ୟ ହେଉଛି, ସେ ଦୁଷ୍କର୍ମ ବନ୍ଦକରି ଲୋକମାନଙ୍କୁ ସୁରକ୍ଷା ପ୍ରଦାନ କରିବା । ମୋ ମତରେ ଦୁର୍ବଳକୁ ସୁରକ୍ଷା ଦେବାକୁ କମ୍ ଶକ୍ତି ପ୍ରୟୋଗ କରିବା ସରକାରଙ୍କର କର୍ତ୍ତବ୍ୟ । ଦରକାର ବେଳେ ବଳ ପ୍ରୟୋଗ ନ କଲେ ସରକାର କାମ କରିପାରିବେ ନାହିଁ । ମୋ ପ୍ରଶ୍ନକର୍ତ୍ତାଙ୍କୁ ମୁଁ ଏହା ବୁଝାଇଥିଲି ।

୧୯୫୦ରେ ମୁଁ ବମ୍ବେ ରାଜ୍ୟରେ ତାଲୁକ୍‌ଦାରୀ, ଜାଗିରୀଦାରୀ, ଏବଂ ଏଇପରି ଇନାମି ଜମିଦାରୀ ପ୍ରଥା ଉଠାଇ ଦେଇଥିଲି । ସାଧାରଣତଃ ଜମିର ମାଲିକାନା ରୟତୱାରୀ ଉପରେ ନିର୍ଦ୍ଧାରିତ ଥିଲା । ଅର୍ଥାତ ଜମିର ମାଲିକ କୃଷକମାନେ ସରକାରଙ୍କୁ ସିଧା ଖଜଣା ଦେଉଥିଲେ । ଏଇ ପ୍ରଥାନୁସାରେ ଚାଷୀ ଜମି ଚାଷ କରିବ ଓ ଇଚ୍ଛାକଲେ ବିକ୍ରି କରିପାରିବ । ରାଜ୍ୟରେ କେତେକ ଜମି ସ୍ପେସିୟାଲ୍ ଇନାମ୍‌ଦାରୀ ପ୍ରଥାରେ ଚାଲୁଥିଲା । ମାଲିକ ସରକାରଙ୍କୁ ନାମମାତ୍ର ଖଜଣା ଦେଉଥଲେ ଏବଂ ଜମିର ବ୍ୟବହାର ନିଜ ଇଚ୍ଛାରେ କରୁଥିଲେ । ରୟତୱାରୀ ପ୍ରଥାରେ ଜମି ମାଲିକକୁ ଚାଷ ଛଡ଼ା ଅନ୍ୟ କୌଣସି ଉଦ୍ଦେଶ୍ୟରେ ଜମି ବ୍ୟବହାର କରିବାକୁ ସରକାରଙ୍କର ଅନୁମତି ନେବାକୁ ପଡୁଥିଲା ।

ଆମେ ଇନାମୀ ଜମିଦାରୀ ଉଠାଇ ଦେବା ଫଳରେ ରାଜ୍ୟର ସବୁ କୃଷକମାନେ ଗୋଟିଏ ଆଇନ ପରିସରକୁ ଆସିଲେ । ଏ ଆଇନ ଫଳରେ ଇନାମ୍‌ଦାରୀ ଜମିସବୁ ରୟତୱାରି ଜମି ହୋଇଗଲା । ଚାଷୀଙ୍କ ଅବସ୍ଥାରେ ଉନ୍ନତି ଆଣିବାକୁ ଆମେ ଆଗରୁ ଆଇନ ପ୍ରଣୟନ କରିଥିଲୁ । ଆମେ ବର୍ତ୍ତମାନ ଆଇନ କଲୁ ଯେ ଛ ବର୍ଷ କାଳ ଚାଷ କରୁଥିବା ଚାଷୀ ନିର୍ଦ୍ଧାରିତ ଦାମରେ ମାଲିକଠାରୁ ଜମି ଖରିଦ କରିପାରିବ । ଚାଷ କରୁଥିବା କୃଷକକୁ ଜମିର ମାଲିକ ହେବାର ସୁଯୋଗ ଦେଲୁ ।

୧୯୫୦ ଶେଷ ଭାଗରେ ସରକାରଙ୍କର ଧର୍ମ ନିରପକ୍ଷ ନୀତି ବର୍ଣ୍ଣନା କରି ଆକାଶବାଣୀରେ ଭାଷଣ ଦେଇଥିଲି । ସେଥିରେ ସବୁ ଧର୍ମକୁ ସମାନ ସମ୍ମାନ ଦେବା କଥା କହିଥିଲି । କେତେକ ସମାଲୋଚନାର ଉତ୍ତରରେ ମୁଁ ଏ ଭାଷଣ ଦେଇଥିଲି ।·

Digitized by srujanika@gmail.com

(୩୯) ସର୍ଦ୍ଦାର ପଟେଲଙ୍କ ଶରୀର ତ୍ୟାଗ

ବାପୁଙ୍କ ହତ୍ୟାର ଅଳ୍ପଦିନ ମଧ୍ୟରେ ସର୍ଦ୍ଦାର ପଟେଲ ହୃଦରୋଗରେ ପୀଡ଼ିତ ହୋଇ ଅସୁସ୍ଥତା ମଧ୍ୟରେ ବଞ୍ଚିଥିଲେ । ବାପୁଙ୍କ ହତ୍ୟାର ଠିକ୍ ପୂର୍ବରୁ ସର୍ଦ୍ଦାର ସାହେବ ତାଙ୍କ ପାଖରେ ଥିଲେ ଏବଂ ଅନେକ ବିଷୟରେ ଆଲୋଚନା କରିଥିଲେ । ଦୁହିଁଙ୍କ ମଧ୍ୟରେ ଯାହା ମତଭେଦ ବା ଭୁଲ୍ ବୁଝାମଣା ଥିଲା ସବୁ ଦୂର ହୋଇଯାଇଥିଲା । ବାପୁଙ୍କ ହତ୍ୟାରେ ସେ ଭୀଷଣ ଆଘାତ ପାଇଥିଲେ । ପାକିସ୍ଥାନକୁ ଦିଆଯାଇଥିବା ଅର୍ଥ ସମ୍ପର୍କୀୟ ଭୁଲ ବୁଝାମଣା ତାଙ୍କୁ ଅତ୍ୟନ୍ତ ଦୁଃଖୀ କରିଥିଲା । ବାପୁଙ୍କ ସହିତ କାମ କରିବା ଦିନଠାରୁ ସେ ନିଜ ମତ ଅକୁଣ୍ଠ ଚିତ୍ତରେ ବ୍ୟକ୍ତ କରୁଥିଲେ କିନ୍ତୁ ତାଙ୍କ ମତ ଅଲଗା ହୋଇଥିଲେ ସୁଦ୍ଧା ବାପୁଙ୍କ ମତ ସର୍ବଦା ଗ୍ରହଣ କରୁଥିଲେ । ସର୍ଦ୍ଦାର ସାହେବ ମଧ୍ୟବର୍ତ୍ତିକାଳୀନ ସରକାରରେ ଯୋଗଦେବା ପରେ, ୧୯୪୬ର ଶେଷଭାଗକୁ ଗାନ୍ଧିଜୀଙ୍କ ମନରେ ସର୍ଦ୍ଦାର ସାହେବଙ୍କ ପ୍ରତି ଭୁଲ ବୁଝାମଣା ଜାତ ହୋଇଥିଲା । ଏହି ମନାନ୍ତର ଯୋଗୁ ସର୍ଦ୍ଦାର ସାହେବ ଅତ୍ୟନ୍ତ ଦୁଃଖିତ ଥିଲେ । ଏ ଅବସ୍ଥା ଓ ବାପୁଙ୍କ ହତ୍ୟା ତାଙ୍କ ହୃଦରୋଗ ବଢାଇଥିଲା ବୋଲି ମୋ ମନରେ ସନ୍ଦେହ ନାହିଁ ।

ବାପୁଙ୍କ ଦେହତ୍ୟାଗ ପରେ ସର୍ଦ୍ଦାର ସାହେବଙ୍କ ସହିତ ମୁଁ କୌଣସି ବିଷୟ ଆଲୋଚନା କରିବା ବେଳେ ସେ ସବୁବେଳେ ବାପୁ ଏ ସମସ୍ୟାର କିପରି ସମାଧାନ କରିଥାନ୍ତେ ଚିନ୍ତା କରି ତଦନୁଯାୟୀ ନିର୍ଣ୍ଣୟ ନେଉଥିଲେ । ବାପୁଙ୍କ ମୃତ୍ୟୁ ପରେ ଘଟୁଥିବା ଭୟଙ୍କର ଘଟଣାର ପ୍ରଭାବ ତାଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଥିଲା ଓ ସେ ସବୁବେଳେ ଅସୁସ୍ଥ ରହୁଥିଲେ । ୧୯୫୦ ଡିସେମ୍ବର ଆରମ୍ଭରେ ସେ ଯେତେବେଳେ ହୃଦରୋଗରେ ତୃତୀୟ ଥର ପାଇଁ ପୀଡ଼ିତ ହେଲେ, ଚିକିତ୍ସା ପାଇଁ ବମ୍ବେ ଆସିଥିଲେ । ସେ ବିର୍ଲା ଭବନରେ ରହୁଥିଲେ କାରଣ ଚିକିତ୍ସା ପାଇଁ ଏ ସ୍ଥାନ ଉପଯୋଗୀ ଓ୍ ସୁବିଧାଜନକ ଥିଲା ।

ତୃତୀୟ ଆକ୍ରମଣ ତାଙ୍କ ପାଇଁ ଶେଷ ଆକ୍ରମଣ ଥିଲା । ଡିସେମ୍ବର ଚଉଦ ତାରିଖ ମଧ୍ୟରାତ୍ରିରେ ମୁଁ ଗୋଟିଏ ଟେଲିଫୋନ କଲ୍ ପାଇଲି ଯେ ସର୍ଦ୍ଦାର ସାହେବଙ୍କ ଅବସ୍ଥା ଅତି ଶୋଚନୀୟ । ମତେ 'ଲୁମ୍ବାଗୋ' ବେମାରୀ ହୋଇଥିଲା । ଉଭୟ ଚାଲିବା ଓ ବସିବା ମୋ ପକ୍ଷରେ ଯନ୍ତ୍ରଣାଦାୟକ ଥିଲା । ଏ ଦୁଃସମ୍ବାଦ ଶୁଣିବା ମାତ୍ରେ ମୋ ଯନ୍ତ୍ରଣା ଉଭେଇଗଲା ଏବଂ ମୁଁ ବିର୍ଲା ଭବନକୁ ସାଙ୍ଗେ ସାଙ୍ଗେ ଗଲି । ସର୍ଦ୍ଦାର ସାହେବ ବେହୋସ ହୋଇଯାଇଥିଲେ ଏବଂ ଅକ୍ସିଜେନ୍ ଦିଆଯାଉଥିଲା । ତାଙ୍କର ହୋସ ଆସିଲା ନାହିଁ ଏବଂ ସେ ପନ୍ଦର ତାରିଖ ସକାଳେ ଇହଲୀଳା ସମ୍ବରଣ କଲେ । ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମୁଁ ତାଙ୍କ ପାଖରେ ଥିଲି । ଶବଯାତ୍ରା ଆୟୋଜନରେ ବ୍ୟସ୍ତ ରହି ମୋ ବେମାରୀ ବିଷୟରେ ଚିନ୍ତା କରିବାକୁ ଫୁରୁସତ ମିଳିଲା ନାହିଁ । ପରେ ଝିନଝଟ୍ ସରିବାବେଳକୁ ମୋର ଆଉ ଯନ୍ତ୍ରଣା ନଥିଲା ।

ସର୍ଦ୍ଦାର ସାହେବଙ୍କ ଶେଷ ଦର୍ଶନ ପାଇଁ ଜନତା ବିର୍ଲା ଭବନ ଆଡେ ମାଡି ଆସିଲେ । ପୁଲିସଙ୍କୁ ଅସୁବିଧା ଅବସ୍ଥାର ସମ୍ମୁଖୀନ ନ ହେବାପାଇଁ ଓ ଶୃଙ୍ଖଳା ରକ୍ଷା କରିବା ପାଇଁ ମୋତେ କଷ୍ଟ କରିବାକୁ ପଡିଥିଲା । ବମ୍ବେ ଜନତାର ସର୍ଦ୍ଦାର ସାହେବଙ୍କ ପ୍ରତି ଅଶେଷ ସ୍ନେହ ଓ ବିଶ୍ୱାସ ଥିଲା ଏବଂ ତାଙ୍କ ପ୍ରୟାଣରେ ସେମାନଙ୍କୁ ଅବର୍ଣ୍ଣନୀୟ ଦୁଃଖ ଲାଗିଥିଲା । ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମ୍ବନ୍ଧରେ ଦୁଃଖଦାୟକ ମତଭେଦ ଦେଖା ଦେଇଥିଲା । ତିରିଶ ବର୍ଷ ପୂର୍ବେ ଲୋକମାନ୍ୟ ତିଳକଙ୍କ ଅନ୍ତ୍ୟେଷ୍ଟିକ୍ରିୟା ବମ୍ବେ ଚୌପାଟିରେ ସମାହିତ ହୋଇଥିଲା । ସର୍ଦ୍ଦାରଙ୍କ ପୁଅ ଦୟାଭାଇ ଓ କେତେଜଣ ବନ୍ଧୁ ଚୌପାଟିରେ ଅନ୍ତେଷ୍ଟିକ୍ରିୟା କରିବାକୁ ଇଚ୍ଛା କରୁଥିଲେ । ଶ୍ରୀ ବାଲାସାହେବ ଖେର, ମୁଁ ଓ ଅନ୍ୟ କେତେଜଣ ବନ୍ଧୁ ଏ ବିଷୟ ଚିନ୍ତାକରି ସ୍ଥିରକରିଲୁ ଯେ ଚୌପାଟିରେ ଅନ୍ତେଷ୍ଟିକ୍ରିୟା କରିବା ଠିକ୍ ହେବ ନାହିଁ । ଲୋକମାନ୍ୟ ତିଳକଙ୍କ ଉଦାହରଣ ଏଠାରେ ପ୍ରଯୁଜ୍ୟ ନୁହେଁ ବୋଲି ଆମେ ଚିନ୍ତାକଲୁ, କାରଣ ସେତେବେଳେ ବିଦେଶୀ ସରକାରଙ୍କ ବିରୁଦ୍ଧରେ ଚୌପାଟିରେ ଅନ୍ତ୍ୟେଷ୍ଟି କ୍ରିୟା ଅନୁଷ୍ଠିତ ହୋଇଥିଲା ।

Digitized by srujanika@gmail.com

ଚୌପାଟି ଗୋଟିଏ ସର୍ବ ସାଧାରଣ ସ୍ଥାନ । ଏଠାରେ ସକାଳେ ଓ ସଂଧ୍ୟାରେ ବହୁତ ଜନସମାଗମ ହୁଏ । ଏଠାରେ ଏବେ ଅନ୍ତ୍ୟେଷ୍ଟିକ୍ରିୟା ହେଲେ ଅନ୍ୟମାନଙ୍କୁ ମନାକରି ହେବ ନାହିଁ । ଫଳରେ ଚୌପାଟି ଶ୍ମଶାନ ଘାଟରେ ପରିଣତ ହୋଇଯିବ । ଆମେ ତେଣୁ ଚୌପାଟି ପ୍ରସ୍ତାବ ଦୃଢ଼ଭାବରେ ପ୍ରତ୍ୟାଖାନ କରି ସୋନାପୁରରେ ଶବଦାହ କରିବାକୁ ସ୍ଥିରକଲୁ । ଘଟଣା କ୍ରମେ ଉଲ୍ଲେଖ କରାଯାଇପାରେ ଯେ ଭୁଲାଭାଇ ଦେଶାଇଙ୍କ ମୃତ୍ୟୁ ସମୟରେ ଏତାଦୃଶ୍ୟ ପ୍ରସ୍ତାବ ଆସିଥିଲା କିନ୍ତୁ ଆମେ ତାହା ଦୃଢ଼ଭାବେ ପ୍ରତ୍ୟାଖାନ କରିଥିଲୁ ।

ଦୟାଭାଇ ପ୍ରଥମେ ଆମ ନିଷ୍ପତ୍ତିରେ ଅସନ୍ତୁଷ୍ଟ ଥିଲେ କିନ୍ତୁ ଆମେ ବୁଝାଇବା ପରେ ସେ ଆମ ନିଷ୍ପତ୍ତି ଗ୍ରହଣ କରିଥିଲେ । ଆମ ସହିତ ରାଜି ହୋଇଥିବାରୁ ଆମେ ତାଙ୍କୁ ଧନ୍ୟବାଦ ଦେଲୁ । ଅପରାହ୍ନରେ ଶବଯାତ୍ରା ଆରମ୍ଭ ହେଲା । ରାଷ୍ଟ୍ରପତି ରାଜେନ୍ଦ୍ରବାବୁ ଓ ପ୍ରଧାନମନ୍ତ୍ରୀ ଜବାହରଲାଲନେହେରୁ ଉଭୟେ ଆସିଥିଲେ । ସେମାନେ ଓ ବମ୍ବେବାସୀମାନେ ଜାତିସ୍ୱାର୍ଥ ପାଇଁ ତାଙ୍କର ସେବାର ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିଥିଲେ ।

ସର୍ଦ୍ଦାର ସାହେବଙ୍କ ବିଚାର ଓ ନୀତି ଯୋଗୁ ଉପୁଜିଥିବା ଭୁଲ ବୁଝାମଣା ଦୂର କରିବାକୁ ମୁଁ ତତ୍‌ସଂଲଗ୍ନ କେତେକ ବିଷୟ ଆଲୋଚନା କରିବା ଆବଶ୍ୟକ ମନେ କରୁଛି ।

୧୯୪୭ ଅଗଷ୍ଟରେ ଶ୍ରୀ ମହମ୍ମଦ ଅଲ୍ଲୀ ଜୀନା ଦ୍ୱାରା ଦିଆଯାଇଥିବା "ଡାଇରେକ୍ଟ ଆକ୍‌ଶନ୍" ଆହ୍ୱାନ ଫଳରେ ଅନେକ ସ୍ଥାନରେ ଦଙ୍ଗା ଦେଖାଯାଇଥିଲା । ହିଂସାତ୍ମକ କାମକୁ ଉତ୍ତେଜିତ କରାଯାଉଥିଲା । ଭାରତର ଭାଇସରୟ ଲର୍ଡ ୱାଭେଲ ମୁସ୍ଲିମ୍ ଲୀଗ୍‌କୁ ମନ୍ତ୍ରୀ ପରିଷଦରେ ଯୋଗ ଦେବାକୁ ପ୍ରବର୍ତ୍ତାଉଥିଲେ କାରଣ ସେ ଭାବୁଥିଲେ ତଦ୍ୱାରା ଦଙ୍ଗା ବନ୍ଦ ହୋଇଯିବ । ଶ୍ରୀ ଜବାହରଲାଲ ନେହେରୁ ମନ୍ତ୍ରୀ ପରିଷଦରେ ଯୋଗ ଦେଇ ସାରିଥିଲେ । ଲର୍ଡ ୱାଭେଲ ମୁସ୍ଲିମ୍ ଲିଗ୍‌ର ପ୍ରତିନିଧି ମନ୍ତ୍ରୀ ପରିଷଦ କାମରେ ଆନ୍ତରିକତା ସହକାରେ ସହଯୋଗ କରିବେ ବୋଲି ଆଶ୍ୱାସନା ଦେବାରୁ ଶ୍ରୀ ଜବାହରଲାଲ ନେହେରୁ ତାଙ୍କ ପ୍ରସ୍ତାବ ଗ୍ରହଣ କରିଥିଲେ । ଜବାହରଲାଲଜୀ ଲର୍ଡ ୱାଭେଲଙ୍କ ଠାରୁ ଔପଚାରିକ ଭାବେ କୌଣସି ଆଶ୍ୱାସନା ନେଇ ନଥିଲେ । ଏଇ ତୃଟି ଯୋଗୁ କଂଗ୍ରେସକୁ ପରେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା । ମୁସ୍ଲିମ୍ ଲିଗ୍‌ର ଚାରିଜଣ ପ୍ରତିନିଧି ଯେତେବେଳେ ମନ୍ତ୍ରୀ ପରିଷଦରେ ଯୋଗଦେଲେ ଜୀନା ସେମାନଙ୍କୁ ଘରୋଇ ବିଭାଗ ସମେତ ଦୁଇଟି ବିଶେଷ ବିଭାଗ ଦେବାକୁ ଦାବି କଲେ । ସର୍ଦ୍ଦାର ସାହେବ ସେମାନଙ୍କୁ ଘରୋଇ ବିଭାଗ ଦେବାର ବିରୋଧ କଲେ କାରଣ ସେ ନିଶ୍ଚିତ ଥିଲେ ଯେ ମୁସ୍ଲିମ୍ ଲିଗ୍ ପ୍ରତିନିଧିଙ୍କ ହାତକୁ ଏ ବିଭାଗ ଗଲେ ଦଙ୍ଗା ଆହୁରି ହିଂସାତ୍ମକ ହୋଇଉଠିବ । ଏଠାରେ ସ୍ମରଣ କରିଦିଆ ଯାଇପାରେ ଯେ ମୁସ୍ଲିମ୍ ଲିଗ୍‌ର ଉତ୍ତେଜନାର ଫଳ ସ୍ୱରୂପ ଦଙ୍ଗା ସୃଷ୍ଟି ହୋଇଥିଲା ଏବଂ ତାଫଳରେ ଭାରତ ଧ୍ୱଂସ ହୋଇଗଲେ ମଧ୍ୟ ସେମାନଙ୍କର ଚିନ୍ତା ନ ଥିଲା ।

"ଇଣ୍ଡିଆ ଉଇନ୍ସ ଫ୍ରିଡମ୍" ପୁସ୍ତକରେ ମୌଲାନା ଆଜାଦଙ୍କର ସର୍ଦ୍ଦାର ସାହେବଙ୍କ ଏ ସମ୍ପର୍କରେ ସମାଲୋଚନାର କୌଣସି ଯୌକ୍ତିକତା ନାହିଁ । ମୋ ମତରେ ଏ ସମାଲୋଚନାରେ ମୌଲାନା ସାହେବଙ୍କର ସର୍ଦ୍ଦାର ସାହେବଙ୍କ ଉପରେ ଭୁଲ ଧାରଣା ପ୍ରତିଫଳିତ ହୋଇଛି । ସର୍ଦ୍ଦାର ସାହେବ ମୁସ୍ଲିମ୍ ଲିଗ୍ ପ୍ରତିନିଧିଙ୍କୁ ଘରୋଇ ବିଭାଗ ଦେବା ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିଲେ ଏଥିପାଇଁ ନୁହେଁ ଯେ ସେ ଘରୋଇ ବିଭାଗ ନିଜେ ରଖିବାକୁ ଇଚ୍ଛା କରୁଥଲେ, ଏଇଥି ପାଇଁ ଯେ ଘରୋଇ ବିଭାଗ ଗୋଟିଏ ବିଶେଷ ବିଭାଗ ଏବଂ ତାହା ମୁସ୍ଲିମ୍ ଲିଗ୍ ପ୍ରତିନିଧିଙ୍କ ହାତକୁ ଗଲେ ଭାରତ ସୁରକ୍ଷିତ ରହିବ ନାହିଁ । ପରେ ଯେଉଁ ଘଟଣା ଘଟିଲା ସେଥିରୁ ସର୍ଦ୍ଦାର ସାହେବଙ୍କ ଦୂରଦର୍ଶିତା ଓ ତାଙ୍କ ମତର ସତ୍ୟତା ପ୍ରମାଣିତ ହେଲା । ତା' ବଦଳରେ ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଅର୍ଥ ବିଭାଗ ଦିଆଗଲା । ଅର୍ଥ ବିଭାଗରେ ସେମାନେ କିଛି ସମସ୍ୟା ସୃଷ୍ଟି କରିଥିଲେ କିନ୍ତୁ ତଦ୍ୱାରା ଭାରତ ନିରାପତ୍ତାରେ ବାଧା ଆସିନଥିଲା ଏବଂ ତାହା ଠିକ୍ କରିଦିଆଯାଇ ପାରିଥିଲା । ମୌଲାନା ସାହେବଙ୍କ ସମାଲୋଚନାରୁ ପ୍ରତୀୟ ହୁଏ ଯେ ସର୍ଦ୍ଦାର ସାହେବ ମୁସଲମାନ ସମ୍ପ୍ରଦାୟର ବିରୁଦ୍ଧରେ ଥିଲେ । ଏହା ମଧ୍ୟ

Digitized by srujanika@gmail.com

ତାଙ୍କର ଭୁଲ ଧାରଣା ଥିଲା; ଆଦୌ ସତ ନଥିଲା । ମୋର ସର୍ଦ୍ଦାର ସାହେବଙ୍କ ସହିତ ଦୀର୍ଘ ଦିନ ସମ୍ପର୍କରୁ ମୁଁ ଭଲରୂପେ ହୃଦୟଙ୍ଗମ କରିଥିଲି ଯେ ସର୍ଦ୍ଦାର ସାହେବ ଜଣେ ନିଷ୍ଠାପର ଜାତୀୟବାଦୀ ଥିଲେ ଏବଂ ତାଙ୍କର ସାମ୍ପ୍ରଦାୟିକତା ଚିନ୍ତାଧାରା ଆଦୌ ନଥିଲା । ସେ ବିଶ୍ୱାସ କରୁଥିଲେ ଯେ ମୁସ୍ଲିମ୍ ଲିଗ୍‌କୁ ବେଶୀ ପ୍ରଶ୍ରୟ ଦେବା ଉଚିତ ନୁହେଁ କାରଣ ତଦ୍ୱାରା ସେମାନଙ୍କର ମନ୍ଦ ମାର୍ଗରେ ଯାତ୍ରା ଉତ୍ସାହିତ ହେବ । ସେମାନଙ୍କର ଅବାସ୍ତବ ଦାବୀକୁ ଗ୍ରହଣ କରାଯିବା ଉଚିତ ହେବ ନାହିଁ । ସର୍ଦ୍ଦାର ସାହେବଙ୍କ ନୀତିଥିଲା ହିଂସାତ୍ମକ କାଣ୍ଡ, ସେଥିରେ ମୁସଲମାନ୍ ମାନଙ୍କର ହାତ ଥାଉ ବା ହିନ୍ଦୁମାନଙ୍କର ହାତଥାଉ, ତାକୁ ଦୃଢ଼ ହସ୍ତରେ ଦମନ କରାଯିବା ଉଚିତ । ମୁସଲମାନମାନଙ୍କୁ ଖୁସି କରିବା ପାଇଁ ଭୁଲ ପଦକ୍ଷେପ ନିଆଗଲେ, ସେ ପ୍ରତିବାଦ କରୁଥିଲେ । ସର୍ଦ୍ଦାର ସାହେବଙ୍କୁ ସାମ୍ପ୍ରଦାୟିକତା ଦୋଷରେ ଦୋଷୀ କରିବା ବ୍ୟକ୍ତି ତାଙ୍କ ପ୍ରତି ଘୋର ଅନ୍ୟାୟ କରିବ ।

ବାପୁଙ୍କ ମୃତ୍ୟୁପରେ ସର୍ଦ୍ଦାର ସାହେବଙ୍କ ସହିତ ଅନେକ ଆଲୋଚନାରୁ ମୁଁ ଦେଖିପାରୁଥିଲି ଯେ ସେ ଏଇ ପ୍ରକାର ସବୁ ବିଷୟରେ ବାପୁଙ୍କ ଚିନ୍ତାଧାରା ଆପଣାଇ କାମ କରୁଥିଲେ । ଅଭିଯୋଗ ଅନୁଯାୟୀ ଯଦି ସମ୍ପ୍ରଦାୟିକତା ତାଙ୍କ ଠାରେ ଥାଆନ୍ତା ମୁଁ ନିଶ୍ଚୟ ତାହା ଦେଖିଥାଆନ୍ତି ଓ ଜାଣିଥାଆନ୍ତି । ମୁସ୍ଲିମ୍ ଲିଗ୍ ପ୍ରତି କୌଣସି ଅନ୍ୟାୟ ଯେପରି ନ ହୁଏ ସେଥିପାଇଁ ସେ ଯତ୍ନଶୀଳ ଥିଲେ । ସେମାନଙ୍କ ଉପଯୁକ୍ତ ଓ ବିଚାର ସମ୍ପନ୍ନ ମତକୁ ସେ ଗ୍ରହଣ କରୁଥିଲେ । କିନ୍ତୁ ସେମାନେ ସଂଖ୍ୟାଲଘୁ ନାମରେ କରୁଥିବା ଅସଂଗତ ବା ଅଯୌକ୍ତିକ ଦାବୀ ଓ ହିଂସାକୁ, ସେମାନଙ୍କୁ ଖୁସି କରିବା ପାଇଁ, ଗ୍ରହଣ କରୁନଥିଲେ । ସେ କ୍ଷେତ୍ରରେ ସମସ୍ତ ଦୋଷୀ ବିରୁଦ୍ଧରେ ସେ ଦୃଢ଼ ପଦକ୍ଷେପ ନେଉଥିଲେ ।

୧୯୫୧ ଆରମ୍ଭରେ ଅହମଦାବାଦ କଂଗ୍ରେସ ଅଧିବେଶନରେ ଶ୍ରୀରଫି ଅହମ୍ମଦ କିଦ୍‌ୱାଇଙ୍କ କଂଗ୍ରେସ ପାର୍ଲାମେଣ୍ଟାରୀ ବୋର୍ଡରେ ନିଯୁକ୍ତିକୁ ସମର୍ଥନ କରିବା ପାଇଁ ଜବାହରଲାଲଜୀଙ୍କ ତରଫରୁ ମତେ ପ୍ରସ୍ତାବ ଦିଆଯାଇଥିଲା । ଅନେକ କାରଣ ଯୋଗୁଁ ମୁଁ ପ୍ରସ୍ତାବକୁ ଗ୍ରହଣ କରିନଥିଲି ତେଣୁ ମୁଁ ଶ୍ରୀକିଦ୍‌ୱାଇଙ୍କୁ ଅନୁମୋଦନ କରିନଥିଲି । ଏଥିରେ ଜବାହରଲାଲଜୀ ଅସନ୍ତୁଷ୍ଟ ହୋଇଥିଲେ । କିନ୍ତୁ ସେ ଏ ବିଷୟରେ ମୋତେ କେବେ କିଛି କହି ନଥିଲେ । ସେ ମୋତେ ନିଜେ ସିଧାସଳଖ କହିନଥିଲେ, ଜଣେ ବନ୍ଧୁ ତାଙ୍କ ତରଫରୁ କହିଥିଲେ । ସେ ମୋତେ ସିଧା କହିଥିଲେ ମୁଁ ତାଙ୍କୁ ମୋ ଦୃଷ୍ଟିକୋଣ ସ୍ପଷ୍ଟ କରିଥାଆନ୍ତି ଓ ଆଲୋଚନା ମଧ୍ୟ କରିଥାଆନ୍ତି । ସେ ମୋତେ ବୁଝାଇ ପାରିଥିଲେ ମୁଁ କଦ୍‌ୱାଇଙ୍କୁ ସମର୍ଥନ କରିଥା'ନ୍ତି । ମୋର କିଦ୍‌ୱାଇ ସାହେବଙ୍କୁ ବିରୋଧ କରିବାର କାରଣ ହେଲା ଯେ ସେ ସର୍ଦ୍ଦାର ସାହେବଙ୍କୁ ଭୁଲ ବୁଝୁଥିଲେ । ଏଇ ଘଟଣାର ଅଳ୍ପଦିନପରେ ମୁଁ ଜବାହରଲାଲଜୀଙ୍କୁ ଅହମଦାବାଦରେ ଗୋଟିଏ ସାଧାରଣ ସଭାକୁ ନେଇଥିଲି । ସେଠାରେ ସେ ବହୁତ ପୁଲିସ ବନ୍ଦୋବସ୍ତ ଦେଖି ଅସନ୍ତୁଷ୍ଟ ହୋଇ ରାଗି ଯାଇ ଥିଲେ । କେନ୍ଦ୍ର ଘରୋଇ ବିଭାଗ ନିର୍ଦ୍ଦେଶରେ ପୁଲିସ ବନ୍ଦୋବସ୍ତ କରାଯାଇଥିଲା ଏବଂ ଘରୋଇ ବିଭାଗ ନିର୍ଦ୍ଦେଶ ତାଙ୍କର ଅନୁମୋଦନ ପାଇଥିଲା । ତାଙ୍କ ଅସନ୍ତୋଷ ଓ ରାଗ ବୋଧହୁଏ ଶ୍ରୀ କିଦ୍‌ୱାଇଙ୍କୁ ସମର୍ଥନ ନ କରିବା ଯୋଗୁଁ ହୋଇଥିଲା । ସେ ଯେତେବେଳେ ମୋତେ ରାଗିକରି ପଚାରିଲେ କାହିଁକି ଏ ବନ୍ଦୋବସ୍ତ କରାଯାଇଛି ମୁଁ ତାଙ୍କୁ ଦିଲ୍ଲୀରୁ ଆସିଥିବା ନିର୍ଦ୍ଦେଶ ଦେଖାଇଲି ଏବଂ କହିଲି ତାଙ୍କର ପ୍ରତିବାଦ ଅନୁପଯୁକ୍ତ ଥିଲା । ଜବାହରଲାଲଜୀ ସାଙ୍ଗେ ସାଙ୍ଗେ ନରମି ଗଲେ ଓ ଆଉକିଛି ମନ୍ତବ୍ୟ ଦେଲେ ନାହିଁ ।

ଏହାର କିଛିଦିନ ପରେ ଜବାହରଲାଲଜୀ କାର୍ଯ୍ୟକାରୀ କମିଟିର, ମୋତେ ମିଶାଇ, ପାଞ୍ଚଛ'ଜଣ ସଭ୍ୟଙ୍କୁ ଏକ ଅଣଔପଚାରିକ ମିଟିଂକୁ ଡକାଇଥିଲେ । ସର୍ଦ୍ଦାର ସାହେବଙ୍କ ମୃତ୍ୟୁପରେ କଂଗ୍ରେସ ଅନୁଷ୍ଠାନକୁ ସୁଦୃଢ଼ କରିବା ବିଷୟ ମୁଖ୍ୟତଃ ଆଲୋଚନା ହୋଇଥିଲା । ତାଙ୍କର ଧାରଣା ଥିଲା ଯେ ସର୍ଦ୍ଦାର ସାହେବଙ୍କ ସମର୍ଥକ, ଯେଉଁମାନେ କଂଗ୍ରେସରେ ସଂଖ୍ୟାଧିକ ଥିଲେ, ସେମାନେ ସମସ୍ତେ ତାଙ୍କୁ ସମର୍ଥନ୍ କରି ନ ପାରନ୍ତି ।

Digitized by srujanika@gmail.com

ମୁଁ ତାଙ୍କୁ ସ୍ପଷ୍ଟ ଭାବରେ କହିଲି ଯେ ତାଙ୍କର ଭୟ ଅମୂଳକ ଏବଂ ସେ ସମସ୍ତ କଂଗ୍ରେସ କର୍ମୀଙ୍କୁ କିପରି କାମ କରିବାକୁ ହେବ ବୁଝାଇ କହିବା ଉଚିତ । ଏସମ୍ପର୍କରେ କି ବ୍ୟବସ୍ଥା କରାଯିବ ବୁଝାଇ କହିଲେ ସେମାନେ ତାଙ୍କୁ ନିଶ୍ଚୟ ସମର୍ଥନ ଦେବେ ବୋଲି ମୋ ମନରେ କୌଣସି ସନ୍ଦେହ ନାହିଁ ବୋଲି କହିଲି । କୌଣସି କାରଣରୁ ଆଲୋଚନା ବେଳେ ସେ ରାଗିଗଲେ । ତାଙ୍କର ରାଗ ମୋ ପାଇଁ ହୋଇନଥିଲା କିନ୍ତୁ ମୁଁ ଭଦ୍ରତା ସହକାରେ କହିଲି ଯେ ସେ ଏପରି ରାଗିଲେ ମୁଁ ଆଲୋଚନାରେ ଭାଗ ନେଇପାରିବି ନାହିଁ । ପାରସ୍ପରିକ ସମ୍ବନ୍ଧରେ ତିକ୍ତତା ଆସିବାର ଆଶଙ୍କା ରହୁଛି ଏବଂ ମୋ ମତରେ ଏପରି ପରିସ୍ଥିତିରେ ଆଲୋଚନା କରିବା ଠିକ୍ ହେବ ନାହିଁ । ସେ ସାଙ୍ଗେ ସାଙ୍ଗେ ଶାନ୍ତ ହୋଇ କହିଲେ ଯେ ମୋ ଉପରେ ସେ ରାଗିନଥିଲେ । ମୁଁ କହିଲି ମୁଁ ତାହା ଜାଣିଥିଲି କିନ୍ତୁ ଆମ ଆଲୋଚନା ଫଳପ୍ରଦ ହେବାକୁ ହେଲେ ଆଲୋଚନାରେ କ୍ରୋଧର ସ୍ଥାନ ରହିବା ଉଚିତ ନୁହେଁ; ଆଲୋଚନା ଯେତେ ମୂଲ୍ୟହୀନ ବା ଉତ୍ତେଜନା ମୂଳକ ହେଉନା କାହିଁକି ।

ଏ ଘଟଣା ପରେ ମୁଁ ଜବାହରଲାଲଜୀଙ୍କ ସହିତ ଆଲୋଚନା କରୁଥିବା ବେଳେ ସେ କେବେ କ୍ରୋଧ ବା ଅସନ୍ତୋଷ ପ୍ରକାଶ କରୁନଥିଲେ । ଜବାହରଲାଲଜୀଙ୍କ ଦ୍ୱାରା ପ୍ରକାଶିତ କ୍ରୋଧ ସବୁବେଳେ ବାସ୍ତବରେ କ୍ରୋଧ ନ ଥାଏ । ଅନେକ ସମୟରେ ସେ ରାଗିବା ସାଙ୍ଗେ ସାଙ୍ଗେ ଥଣ୍ଡା ହୋଇ ଯାଉଥିଲେ । ସେ ଯେଉଁ ବ୍ୟକ୍ତି ଉପରେ ରାଗୁଥିଲେ ତାଙ୍କ ବକ୍ତବ୍ୟ ଗ୍ରହଣ କରି ତାଙ୍କୁ ସନ୍ତୁଷ୍ଟ, ଶାନ୍ତ କରୁଥିଲେ । ଅନ୍ୟବ୍ୟକ୍ତିଙ୍କୁ ଦବାଇବା ପାଇଁ କ୍ରୋଧର ଅଭିନୟ କରୁଥିଲେ କିନ୍ତୁ ସେ ବ୍ୟକ୍ତି ଦୃଢ଼ ରହିଲେ ସେ ସାଙ୍ଗେ ସାଙ୍ଗେ ଶାନ୍ତହୋଇଯାଉଥିଲେ । ସେ ପ୍ରକୃତରେ ରାଗିଥିଲେ ବି, ଅନ୍ୟ ବ୍ୟକ୍ତି ଧୀରସ୍ଥିର ଓ ବିନୟ ସହକାରେ ଜବାବ ଦେଲେ ସେ ଶାନ୍ତ ହୋଇଯାଉଥିଲେ । ମୋର ଧାରଣା ଥିଲା ଯେ ତାଙ୍କର ପ୍ରତିଶୋଧ ମୂଳକ ଚିନ୍ତାଧାରା ନ ଥିଲା । କେତେକ କ୍ଷେତ୍ରରେ ତାଙ୍କ ସହିତ ବିରୋଧାଚରଣ କରୁଥିବା ବ୍ୟକ୍ତିଙ୍କ ସହିତ ତାଙ୍କର ବନ୍ଧୁତା ଭାବନା ଥିଲା । ଯଦି ସେ ଦେଖୁଥିଲେ ଯେ କୌଣସି ବ୍ୟକ୍ତି କେବଳ ବିରୁଦ୍ଧ ସକାଶେ ବିରୋଧାଚରଣ କରୁଛି, ସେ ତାଙ୍କୁ ଭଦ୍ରତା ସହ ବ୍ୟବହାର ଦେଖାଉଥିଲେ କିନ୍ତୁ ମନରେ ତାଙ୍କ ପ୍ରତି ସଦ୍‌ଭାବନା ରଖିପାରୁ ନଥିଲେ; ଏହା ବି ମୁଁ ଦେଖିଛି ।

ମୋର ତାଙ୍କ ସହିତ ସମ୍ପର୍କ ବହୁତ ସ୍ନେହପୂର୍ଣ୍ଣ ଥିଲା, ବିଶେଷତଃ ମୁଁ ବମ୍ବେରେ ଥିବା ପର୍ଯ୍ୟନ୍ତ । ସେ ସମୟରେ ଅନେକ ବିଷୟରେ ମୋ ସହିତ ପରାମର୍ଶ କରୁଥିଲେ ଏବଂ ନିଷ୍କପଟ ଆଲୋଚନା କରୁଥିଲେ ।

୧୯୫୦ରେ ଶ୍ରୀ ବାଲାସାହେବଙ୍କୁ ହୃଦରୋଗ ଆକ୍ରମଣ କରିଥିଲା ଏବଂ ସେ ଅନେକ ସପ୍ତାହ ଧରି ଶଯ୍ୟାଶାୟୀ ଥିଲେ । ସେ ଏତେ ଭାବ ବିହ୍ୱଳ, ଚିନ୍ତାଶୀଳ ଓ ସ୍ନେହୀ ଥିଲେ ଯେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ଚିନ୍ତାକରୁଥିଲେ କାରଣ ସେ ଭାବୁଥିଲେ ଯେ ସେ ଠିକ୍ ରୂପେ କାମ କରିପାରିବେ ନାହିଁ । ମୁଁ କାର୍ଯ୍ୟତ୍ୟାଗ କରିବାକୁ ବାରଣ କରି କହିଲି, ''ଆପଣ ଏ ଅସୁସ୍ଥତାରୁ ଖୁବ୍ ଶୀଘ୍ର ଆରୋଗ୍ୟ ଲାଭ କରିବେ । ତେଣୁ ଆପଣ ପୂର୍ଣ୍ଣ ବିଶ୍ରାମ ନିଅନ୍ତୁ ଏବଂ ଚିନ୍ତା କରନ୍ତୁ ନାହିଁ । ଆପଣ ଅଫିସ ଛାଡନ୍ତୁ ନାହିଁ । ଛାଡିଲେ ବହୁତ ଅସୁବିଧା ହେବ ଏବଂ ମୁଁ ଆପଣଙ୍କ ସ୍ଥାନ ନେଇ ପାରିବି ନାହିଁ ।'' ତାଙ୍କୁ ପ୍ରବର୍ତ୍ତାଇବା ସହଜ ନଥିଲା । କିନ୍ତୁ ମୁଁ କରିପାରିଲି କାରଣ ସେ ମତେ ଭଲ ପାଉଥିଲେ । ସେତେବେଳେ ସେ ସ୍ଥିର କରିଥିଲେ ଯେ ସେ ଅବସର ନେବେ ଏବଂ ୧୯୫୨ ନିର୍ବାଚନରେ ଭାଗ ନେବେ ନାହିଁ ।

ବେମାରୀରୁ ଆରୋଗ୍ୟ ଲାଭକରି ଶ୍ରୀଖେର ପୁଣି ମତେ କହିଲେ ଯେ ସେ ଅବସର ନେବା ଉଚିତ ଓ ମୁଁ ତାଙ୍କ ପରେ ମୁଖ୍ୟମନ୍ତ୍ରୀ ହେବି । ''ମୁଁ ରାଜି ନୁହେଁ,'' ମୁଁ ତାଙ୍କୁ କହିଲି, ''ବମ୍ବେ ମନ୍ତ୍ରୀପରିଷଦରେ ପ୍ରଥମ ନମ୍ବର ହେବାକୁ ମୋର ଅଭିଳାଷ ନାହିଁ । ମୁଁ ଆପଣଙ୍କ ସହିତ କାମ କଲେ ଖୁସି ହେବି ।'' ସେ ସାମାନ୍ୟ ହାଲୁକା ଢଙ୍ଗରେ କହିଲେ ଯେ ମୁଁ ଜନତାଙ୍କୁ ସନ୍ତୁଷ୍ଟ କରିବାକୁ ବୋଧହୁଏ କିଛି କଷ୍ଟ ଅନୁଭବ କରିବି । ''ଆପଣ ମସ୍ତବଡ଼ ଭୁଲ କରୁଛନ୍ତି'' ମୁଁ ଜବାବରେ କହିଲି, ''ଆମ ଦୁଇଜଣଙ୍କ ମଧ୍ୟରେ କାମ ବଣ୍ଟା ହୋଇଛି ଯଦ୍ୱାରା

Digitized by srujanika@gmail.com

ଆପଣ ଲୋକପ୍ରିୟତା ଅର୍ଜନ କରିବା କାମ କରିବେ ଓ ମୁଁ ଅପ୍ରିୟ କାମର ଦାୟିତ୍ୱ ନେବି । ଆମର ଏଇ ଅଣଔପଚାରିକ ବ୍ୟବସ୍ଥା ରହିଛି କାରଣ ଆପଣ ଲୋକମାନଙ୍କ ଅପ୍ରିୟତା ସହ୍ୟ କରିପାରିବେ ନାହିଁ ଏବଂ ମୋ କର୍ମ କ୍ଷେତ୍ରରେ ଅପ୍ରିୟତାପାଇଁ ମୁଁ ଚିନ୍ତିତ ନୁହେଁ । ତା'ମାନେ ନୁହେଁ ଯେ ମୁଁ ଅପ୍ରିୟ ହେବାକୁ ଭଲପାଏ ଓ ଆପଣ ଲୋକପ୍ରିୟ ହେବା ଜାଣନ୍ତି ନାହିଁ । ଯେ କୌଣସି ବ୍ୟକ୍ତି ଲୋକପ୍ରିୟ ହୋଇପାରେ । ଆପଣ ଯଦି ଭାବନ୍ତି ମୋତେ ଅପ୍ରିୟ କାର୍ଯ୍ୟରେ ଆନନ୍ଦ ମିଳେ ତେବେ ଆପଣ ମୋ ପ୍ରତି ଅନ୍ୟାୟ କରିବେ । ମୋର ଆଶା, ଆପଣଙ୍କର ସେପରି ଇଚ୍ଛାନାହିଁ । ମୁଁ ଅପ୍ରିୟ କାର୍ଯ୍ୟର ଦାୟିତ୍ୱ ଏଇଥିପାଇଁ ନିଏ ଯେ ଆପଣ ଅପ୍ରିୟତାରୁ ରକ୍ଷା ପାଇବେ ଏବଂ ଆମକାମ ସୁରୁଖୁରୁରେ ଚାଲିବ । ତା'ମାନେ ନୁହେଁ ଯେ ଆପଣ କରୁଥିବା ଲୋକପ୍ରିୟ କାମ କରିବା ମୋ ପକ୍ଷରେ ଅସୁବିଧା ଜନକ ହେବ । ଅନ୍ୟପକ୍ଷରେ, ସେ ଭଳି କାମ ସହଜରେ କରିହୁଏ ।'' ଶ୍ରୀଖେର ସାଙ୍ଗେ ସାଙ୍ଗେ ମୋ ସହିତ ରାଜି ହେଲେ । ଏ ଘଟଣା ପରେ ମୁଁ ଦେଖିଲି ଯେ ଅନେକ ସମୟରେ ମୁଁ ଅପ୍ରିୟ ପଦକ୍ଷେପ ନେଲେ ସେ ସେ କାମର ଦାୟିତ୍ୱ ନିଜ ଉପରକୁ ନେଉଥିଲେ ।

(୪୦) ମୋ ଦୃଷ୍ଟିରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ

ଆଗରୁ ଉଲ୍ଲେଖ କରିଛି ଯେ ଅହମଦାବାଦ ମ୍ୟୁନିସିପାଲିଟି ଚିଫ୍ ଅଫିସର ପଦବୀ ପାଇଁ ୧୯୨୭-୨୮ରେ ଆବେଦନ କରିଥିବା ବେଳେ ମୁଁ ପ୍ରଥମେ ସର୍ଦ୍ଦାର ପଟେଲଙ୍କୁ ଭେଟିଥିଲି । ମ୍ୟୁନିସିପାଲିଟିର ଅନ୍ୟ ସଭ୍ୟମାନେ ସେଠାରେ ଉପସ୍ଥିତ ଥିଲେ । ଗୋଟିଏ କମିଟି ମୋର ସାକ୍ଷାତକାର ନେଇଥିଲେ । ୧୯୧୯ରେ ମୁଁ ଯେତେବେଳେ ଅହମଦାବାଦରେ ଦ୍ୱିତୀୟ ଶ୍ରେଣୀ ମାଜିଷ୍ଟ୍ରେଟ ଥିଲି କେତେକ ଅଭିଯୁକ୍ତଙ୍କ ତରଫରୁ ସର୍ଦ୍ଦାର ମୋ କୋର୍ଟକୁ ଆସିଥିଲେ । ସେତେବେଳେ ମୁଁ ଦେଖିଥିଲି ଯେ କୌଣସି ବ୍ୟକ୍ତିର କ୍ଷମତାକୁ ମାପିବାର ବିଶେଷ କ୍ଷମତା ତାଙ୍କର ଥିଲା । ଆବଶ୍ୟକରୁ ବେଶୀ କଥା କହୁନଥିଲେ, ସେ ଥିଲେ ନିର୍ଭୀକ ଓ ବଦ୍ଧ ପରିକର ବ୍ୟକ୍ତି । ମୋର ବିଶ୍ୱାସ ହୋଇଯାଇଥିଲା ଯେ ତାଙ୍କୁ କେହି ଦୁର୍ବଳ କରିପାରିବେ ନାହିଁ । ତା'ପରେ ସେ ଯେତେବେଳେ ଜେଲରେ କେତେକ ସହକର୍ମୀକୁ ଦେଖିବାକୁ ଆସିଥିଲେ, ମୋର ତାଙ୍କ ସହିତ ସାକ୍ଷାତ ହୋଇଥିଲା । ଗୁଜରାଟ ପ୍ରଦେଶ କଂଗ୍ରେସ କମିଟିର ସେକ୍ରେଟେରୀ ପଦରେ ଥିବା ବେଳେ ତାଙ୍କ ନିକଟ ସମ୍ପର୍କରେ ଆସିଥିଲି ଏବଂ ମୋର ତାଙ୍କର କ୍ଷମତା ବିଷୟରେ ଯେଉଁ ଧାରଣା ଥିଲା ତାହା ସୁଦୃଢ଼ ହୋଇଥିଲା । ମୋର ତାଙ୍କ ସହିତ ମତଭେଦ ହୋଇଛି । ମୁଁ ଖୁବ୍ ନିକଟରୁ ବନ୍ଧୁମାନଙ୍କ ସହିତ ତାଙ୍କର ବ୍ୟବହାର ଦେଖିଛି । ମୋର ଏଇ ଅଭିଜ୍ଞତାରୁ ମୁଁ କହିପାରେ ଯେ ସେ ନିଜ ସହକର୍ମୀ ଓ ବଂଧୁମାନଙ୍କ ଠାରୁ ଉଚ୍ଚମାନର କାମ ଆଦାୟ କରିପାରୁଥିଲେ । କୌଣସି କର୍ମୀର ଚାରିତ୍ରିକ ଦୋଷଦେଖିଲେ ଏବଂ ସେ ତାଙ୍କ ବିରୁଦ୍ଧରେ କାମକଲେ, ସର୍ଦ୍ଦାର ସାହେବ ଖୁବ୍ଶୀଘ୍ର ତାକୁ ଠିକଣା ଜାଗାରେ ବସାଇ ଦେଉଥିଲେ । କିନ୍ତୁ କୌଣସି ନିଷ୍ଠାପର ସହକର୍ମୀ ସହିତ ମତଭେଦ ହେଲେ ତାଙ୍କର କୌଣସି କ୍ଷତି କରୁନଥିଲେ କି ତାଙ୍କୁ ଦୁର୍ବଳ କରୁନଥିଲେ ।

ସେ ଗୁଜରାଟୀ ଲୋକମାନଙ୍କର ନେତା ଓ ସେବକ ଥିଲେ । ତାଙ୍କ କଥା କେହି ଅମାନ୍ୟ କରୁନଥିଲେ । ସମ୍ପତ୍ତିଶାଳୀ ବ୍ୟକ୍ତିଙ୍କ ସହିତ ତାଙ୍କର ସୁସମ୍ପର୍କ ଥିଲା ଏବଂ ଶ୍ରମିକ ଓ ଶ୍ରମିକ ନେତାଙ୍କ ସହିତ ମଧ୍ୟ ନିକଟ ସମ୍ପର୍କ ଥିଲା । ସେ ସବୁବେଳେ ଛୋଟ କୃଷକମାନଙ୍କ ସପକ୍ଷରେ ଥିଲେ ଏବଂ ଗ୍ରାମୀଣ ଜୀବନ ଭଲ ପାଉଥିଲେ । ସେ

Digitized by srujanika@gmail.com

ଅନେକ ଲୋକଙ୍କ ଠାରୁ କାମ ଆଦାୟ କରିଥିଲେ କିନ୍ତୁ କେହି ତାଙ୍କ ଠାରୁ ଅଯଥା ସୁଯୋଗ ନେଇ ପାରିନଥିଲେ । ସେ ଅନୁଗତ ଲୋକମାନଙ୍କର ଅନୁଗତ ଥିଲେ । ଅସୁବିଧାରେ ପଡିଥିବା ସହକର୍ମୀମାନଙ୍କର, ଅନ୍ୟ ନେତା ମାନଙ୍କ ଅପେକ୍ଷା, ଅଧିକ ଯତ୍ନ ହେଉଥିଲେ । ନିଜର ଏହି ଗୁଣକୁ ସେ ଲୁଚାଇ କରି ରଖୁଥିଲେ । ନିଜ ପରିବାର ପ୍ରତି ଯଥେଷ୍ଟ ଧ୍ୟାନ ଦେଉ ନଥିଲେ । ମୃତ୍ୟୁବେଳେ ପୁଅ ଦୟାଭାଇ ଓ ଝିଅ ମଣିବେନଙ୍କ ଯତ୍ନନେବାକୁ କାହାକୁ କହି ନଥିଲେ । ଗାନ୍ଧିଜୀଙ୍କ ସଂସ୍ପର୍ଶରେ ଆସିବା ପରେ ସେ ନିଜେ ଜୀବନକୁ ଦେଶ ସେବାରେ ଉତ୍ସର୍ଗ କରି ଦେଇଥିଲେ ।

ସର୍ଦ୍ଦାରଙ୍କ ଝିଅ ମଣିବେନ ଯେଉଁ ତ୍ୟାଗ ଓ ସେବା ମନୋଭାବ ଏବଂ ଆନ୍ତରିକତାର ସହ ବାପାଙ୍କର ସେବା କରିଥିଲେ କୌଣସି ପୁଅ ବା ଝିଅ ବାପାଙ୍କର ଏପରି ସେବା କରିବେ ନାହିଁ । ସର୍ଦ୍ଦାରଙ୍କୁ ସେବା କରିବା ବେଳେ ସେ ନିଜର ସୁବିଧା ବା ଆବଶ୍ୟକତା ପ୍ରତି ଦୃଷ୍ଟି ଦେଉନଥିଲେ । ସର୍ଦ୍ଦାରଙ୍କ ସେବାରେ ସେ ନିଜର ପୂରାଜୀବନ ଉତ୍ସର୍ଗ କରିଦେଇଥିଲେ । ମଣିବେନ ଯେପରି ଦକ୍ଷତା ଓ ନିଷ୍ଠାର ସହ ସେବା କରିଥିଲେ, ମୁଁ ଭାବୁ ନାହିଁ ଯେ ସେପରି କୌଣସି ପ୍ରାଇଭେଟ ସେକ୍ରେଟେରୀ କରିପାରିବ । ସର୍ଦ୍ଦାରଙ୍କ ସହିତ ସବୁ ମିଟିଂରେ, କାର୍ଯ୍ୟକାରୀ କମିଟି ମିଟିଂରେ, ସେ ସବୁବେଳେ ଉପସ୍ଥିତ ରହୁଥିଲେ କିନ୍ତୁ ତାଙ୍କଠାରୁ ପଦେ କଥା କେହି ଆଦାୟ କରିପାରୁନଥିଲେ । ତେଣୁ ସର୍ଦ୍ଦାର ସାହେବଙ୍କ ସବୁଠାରୁ ବେଶୀ ବିଶ୍ୱାସ ମଣିବେନ ଉପରେ ଥିଲା ।

ସର୍ଦ୍ଦାର ସାହେବ ନିଜ ଦେହର ଯତ୍ନ ନେଉ ନଥିବାରୁ ଜୀବନର ଶେଷ ଆଡକୁ ତାଙ୍କ ସ୍ୱାସ୍ଥ୍ୟ ଖରାପ ଆଡକୁ ଗତି କଲା । ମଣିବେନ ତାଙ୍କ ସ୍ୱାସ୍ଥ୍ୟର ଯତ୍ନ ନେଉଥିଲେ କିନ୍ତୁ ସର୍ଦ୍ଦାର ତାଙ୍କଠାରୁ ମଧ୍ୟ କୌଣସି ସାହାଯ୍ୟ ଚାହୁଁନଥିଲେ ।

୧୯୪୦-୪୧ରେ ଆମେ ଜେଲରେ ଥିବାବେଳେ ସେ ଅନ୍ତନଳୀ ଜନିତ ବେମାରିରେ ପୀଡିତ ଥିଲେ । ତାଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ଜଣେ ବାହାରେ ତାଙ୍କ ଅନ୍ତନଳୀର ଗତିବିଧି ଦେଖି ପାରୁଥିଲା । ତଥାପି ସେ କୌଣସି ସହକର୍ମୀଙ୍କ ଠାରୁ କୌଣସି ସାହାଯ୍ୟ ନେଉନଥିଲେ । ସେ ଅନ୍ୟମାନଙ୍କ ଅପେକ୍ଷା ସକାଳୁ ଆଗ ଉଠି ସମସ୍ତଙ୍କ ପାଇଁ ଚା' ତିଆରି କରୁଥିଲେ । ପାରିପାର୍ଶ୍ୱିକ ପରିସ୍ଥିତି ଉପରେ ତାଙ୍କର ଦୃଷ୍ଟି ଏତେ ତୀକ୍ଷ୍ଣ ଥିଲା ଯେ କୌଣସି ଘଟଣା ତାଙ୍କୁ ଅଜଣା ରହୁ ନଥିଲା ।

କଂଗ୍ରେସ ଉପରେ ତାଙ୍କର ନିୟନ୍ତ୍ରଣ ଭଳି ଆଉ କୌଣସି ନେତାଙ୍କର ନଥିଲା । ସେ ସବୁ କର୍ମୀଙ୍କୁ ସାହାଯ୍ୟ କରୁଥିଲେ ଏବଂ ସେମାନଙ୍କ କାର୍ଯ୍ୟ ଭଲ ରୂପେ ଜାଣିଥିଲେ । ଏଥିପାଇଁ କଂଗ୍ରେସ ଉପରେ ତାଙ୍କ କର୍ତ୍ତୃତ୍ୱ ଅଧିକ ଥିଲା । ତାଙ୍କ ବାହାର ବ୍ୟବହାର ବହୁତ ଟାଣ ଜଣା ପଡୁଥିଲା । କୌଣସି କାମରେ, ଦୟା,ସ୍ନେହ ଆଦି ଭାବନା ପ୍ରତିବନ୍ଧକ ସୃଷ୍ଟି କରି ନଥିଲା । କିନ୍ତୁ ତାଙ୍କର ହୃଦୟ ଦୟାପୂର୍ଣ୍ଣ ଓ ନରମ ଥିଲା । ତାଙ୍କ ସହିତ କାମକରୁଥିବା ସମସ୍ତଙ୍କର ସର୍ବଦା ଏଇ ଅଭିଜ୍ଞତା ଥିଲା । ସେ ନିରବଚ୍ଛିନ୍ନ ଭାବେ, ଅସୁସ୍ଥତା ସତ୍ତ୍ୱେ, ମୃତ୍ୟୁ ପର୍ଯ୍ୟନ୍ତ କାମ କରୁଥିଲେ ଏବଂ କର୍ମରତ ଥିବାବେଳେ ଦେହତ୍ୟାଗ କରିଥିଲେ । ଧୈର୍ଯ୍ୟର ସହ ସମସ୍ତ ଯନ୍ତ୍ରଣା ସହ୍ୟ କରୁଥିଲେ ଓ ବାହାରକୁ କିଛି ଦେଖାଉ ନଥଲେ । ପିଲାଦିନୁ ଏଗୁଣ ସେ ଅଭ୍ୟାସ କରିଥିଲେ । କୌଣସି ସହକର୍ମୀ ଅସୁସ୍ଥ ହେଲେ ସେ ନିଷ୍ଠାର ସହିତ ତାଙ୍କର ଯତ୍ନ ନେଉଥିଲେ ଓ ଯନ୍ତ୍ରଣା ଦୂରକରିବାକୁ ବ୍ୟାକୁଳ ହେଉଥିଲେ । ଆବଶ୍ୟକ ବେଳେ ସେ ସର୍ବଦା ସାହାଯ୍ୟ କରୁଥିଲେ ।

ଭାରତ ସହିତ ୫୫୦ ରାଜାମାନଙ୍କ ରାଜ୍ୟ ମିଶିବା କାର୍ଯ୍ୟ ଯେପରି ସମ୍ପାଦିତ ହୋଇଥିଲା, ଇତିହାସରେ ତାର ପଟାନ୍ତର ନାହିଁ । ବିସମାର୍କ ଜର୍ମାନୀ ଏକତ୍ରୀକରଣ କରିଥିଲେ କିନ୍ତୁ ଏହା ଖୁବ୍ ଛୋଟ ଦେଶ ଥିଲା, କମ୍ ସଂଖ୍ୟକ ରାଜ୍ୟ ମିଶ୍ରଣ ହୋଇଥିଲା ଏବଂ ସମସ୍ତେ ଗୋଟିଏ ସମ୍ପ୍ରଦାୟର ଥିଲେ । ତେଣୁ ତାଙ୍କ କାମ ଅତି

Digitized by srujanika@gmail.com

ସହଜ ହୋଇଥିଲା । ଅନ୍ୟପକ୍ଷରେ ଭାରତ, ପୃଥିବୀରେ ଦ୍ୱିତୀୟ ଜନବହୁଳ ଦେଶ, ଏବଂ ଜର୍ମାନୀରେ ମିଶ୍ରଣ ରାଜ୍ୟ ସଂଖ୍ୟାର କୋଡ଼ିଏ ପଚିଶଗୁଣ ରାଜ୍ୟର ମିଶ୍ରଣ ଏଠାରେ ହୋଇଥିଲା । ଲୋକମାନେ ବିଭିନ୍ନ ଧର୍ମାବଲମ୍ବୀ ଥିଲେ । କିନ୍ତୁ ସର୍ଦ୍ଦାର ସାହେବ ଏଇ ବିରାଟ କାମକୁ ମାତ୍ର ଦେଢ଼ ବର୍ଷରେ ଶେଷ କରିଥିଲେ । ଦେଶର ଶତାବ୍ଦୀ ବ୍ୟାପୀ ଇତିହାସରେ ଏଇ ରାଜ୍ୟମାନଙ୍କ ପରସ୍ପର ସହିତ କମ୍ ସମ୍ପର୍କ ଥିଲା ତଥାପି ସେ ସେମାନଙ୍କୁ ଗୋଟିଏ ସରକାର ସହିତ ଏତେ କମ୍ ସମୟରେ ମିଶାଇ ପାରିଥିଲେ । ଅନ୍ୟ କେହି ଏତେ ସୁନ୍ଦର ଭାବରେ ଓ ଏତେ ଶୀଘ୍ର ଏ କାମ କରିପାରି ନଥାନ୍ତେ ଏଥିରେ ମୋର ସନ୍ଦେହ ନାହିଁ ।

ସାବଧାନ କରାଇ ସର୍ଦ୍ଦାର ସାହେବ ଚାଇନା ଓ ତିବ୍ବତ ସମ୍ବନ୍ଧରେ ଯେଉଁ ଚିଠି ଜବାହରଲାଲଜୀଙ୍କ ପାଖକୁ ଲେଖିଥିଲେ ସେଥିରୁ ତାଙ୍କ ଦୂରଦର୍ଶିତାର ପରିଚୟ ମିଳେ । ସେ ବିପଦ ଆଶଙ୍କା କରିଥିଲେ । ସେତେବେଳେ ଏ ଚିଠି ଉପରେ ଯେତିକି ଧ୍ୟାନ ଦେବା କଥା ତାହା ଜବାହରଲାଲଜୀ ନ ଦେବାରୁ ପରବର୍ତ୍ତୀ କାଳରେ ତାହା ଆମମାନଙ୍କୁ ଭୋଗ କରିବାକୁ ପଡିଥିଲା । ଯଦି ଜାମ୍ମୁ ଓ କାଶ୍ମୀର ଦାୟିତ୍ୱ ପ୍ରଥମରୁ ସର୍ଦ୍ଦାର ସାହେବକୁ ଦିଆଯାଇ ଥାଆନ୍ତା, ତେବେ ସେ ଦୁଇ ତିନିବର୍ଷ ମଧ୍ୟରେ ତାହାର ସନ୍ତୋଷଜନକ ସମାଧାନ କରିପାରି ଥାଆନ୍ତେ । ଏହାଥିଲା ସର୍ଦ୍ଦାର ସାହେବଙ୍କ କ୍ଷମତା ଓ ଦୂରଦର୍ଶିତା । ୧୯୩୧ରୁ ୧୯୫୦ ପର୍ଯ୍ୟନ୍ତ ଦୀର୍ଘ କୋଡ଼ିଏ ବର୍ଷ ତାଙ୍କ ସହ କାମ କରିବାର ସୌଭାଗ୍ୟରେ ମୁଁ ତାଙ୍କ ଠାରୁ ଅନେକ ଜିନିଷ ଶିଖିଛି । ସାଧାରଣ ଜୀବନରେ ତାଙ୍କ ମାନସିକତା ଓ କର୍ମକ୍ଷେତ୍ରରେ ଶୁଦ୍ଧତା, ଖୁବ୍ କମ୍ ଲୋକଙ୍କ ଜୀବନରେ ଦେଖାଯାଇଥାଏ । ଏଇଥିପାଇଁ ଜନତାର ତାଙ୍କ ଉପରେ ଅଗାଧ ବିଶ୍ୱାସ ଥିଲା । ମୋ ପ୍ରତି ତାଙ୍କର ବିଶ୍ୱାସ ଓ ସ୍ନେହ ବିଶେଷ କରି ତାଙ୍କ ଜୀବନର ଶେଷ ତିନିବର୍ଷରେ, ମୁଁ କେବେହେଲେ ଭୁଲି ପାରିବି ନିହିଁ । ତାଙ୍କ ଶରୀର ତ୍ୟାଗରେ ଯେଉଁ ''ଶୂନ୍ୟ'' ସୃଷ୍ଟି ହୋଇଛି କେହି ତାହା ପୂରଣ କରିପାରିବେ ନାହିଁ । ସମସ୍ତେ ଅସୁବିଧା ବେଳେ ତାଙ୍କୁ ମନେ ପକାଉଛନ୍ତି ।

ଦୁଇ ପ୍ରକାର ବିଶିଷ୍ଟ ବ୍ୟକ୍ତି ଅଛନ୍ତି । କେତେକ ବିଶିଷ୍ଟ ଲୋକଙ୍କ ମତ୍ୟୁପରେ ଲୋକେ କ୍ରମଶଃ କମ୍ ମନେ ପକାନ୍ତି ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କୁ ମୃତ୍ୟୁପରେ ଲୋକେ କ୍ରମଶଃ ବେଶି ମନେ ପକାନ୍ତି । ସର୍ଦ୍ଦାର ସାହେବ ଦ୍ୱିତୀୟ ଶ୍ରେଣୀର ବିଶିଷ୍ଟ ବ୍ୟକ୍ତି ଥିଲେ ।

Digitized by srujanika@gmail.com

Oriya edition
of
an Autobiography of Morarji Desai

Navajivan Publishing House
Ahmedabad - 380014

Rs. **250**/- For set of two volumes

ISBN 81-7229-334-8 (Set)

Digitized by srujanika@gmail.com